# ମନୀଷୀ ନୀଳକଣ୍ଠ

ଅଧ୍ୟାପକ ଚିନ୍ତାମଣି ଦାଶ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

Digitized by PPRACHIN, SOA

# ମନୀଷୀ ନୀଳକଣ୍ଠ

ଅଧ୍ୟାପକ ଚନ୍ଦ୍ରମଣି ଦାଶ

॥ ସଂପାଦନା ॥

ଡ଼କ୍ଟର ଭକ୍ତଗ୍ରାହୀ ମିଶ୍ର

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି
୩୦୩, ଖାରବେଳ ନଗର ଭୁବନେଶ୍ୱର-୧

Digitized by PPRACHIN, SOA

॥ ମନୀଷୀ ନୀଳକଣ୍ଠ ॥

ଅଧ୍ୟାପକ ଚିନ୍ତାମଣି ଦାଶ

ସଂପାଦନା : ଡକ୍ଟର ଭବଗ୍ରାହୀ ମିଶ୍ର

ପ୍ରକାଶକ : ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧

ପ୍ରଥମ ସଂସ୍କରଣ : ୧୯୮୨

ମୁଦ୍ରାକର : ଏକାମ୍ର ପ୍ରେସ

ପ୍ରଚ୍ଛଦପଟ : ଉଦୟ ନାରାୟଣ ଜେନା

ମୂଲ୍ୟ : ସାଧା ବନ୍ଧାଇ—ତିରିଶ ଟଙ୍କା
ବୋର୍ଡ ବନ୍ଧାଇ—ଛତିଶ ଟଙ୍କା

MANISI NILAKANTHA

LATE CHINTAMANI DASH

Editor :
DR. BHABAGRAHI MISRA

Publisher :
PANDIT NILAKANTHA SMRUTI SAMITI
303, Kharabela Nagar
Bhubaneswar-751001

First Edition : 1982

Printed at :
Ekamra Press
Bhubaneswar-751001

Cover Design :
Udaya Narayan Jena

Price : Paper Pack—Rupees Thirty only
Hard Bound—Rupees Thirty Six only

Digitized by PPRACHIN, SOA

# ଗ୍ରନ୍ଥ ପ୍ରବେଶ

ଅଧ୍ୟାପକ ଚିନ୍ତାମଣି ଦାଶ ସତ୍ୟବାଦୀ ସାହିତ୍ୟ ଏବଂ ସତ୍ୟବାଦୀ ପଞ୍ଚସଖାଙ୍କ ବିଷୟରେ ବହୁ ପୁସ୍ତକ ପ୍ରଣୟନ କରିଛନ୍ତି । "ମନୀଷୀ ନୀଳକଣ୍ଠ" ତାଙ୍କର ଶେଷ ନିବନ୍ଧ । ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଏ ନିବନ୍ଧଟି ପ୍ରକାଶ କରିବାର ସୁଯୋଗ ଲଭ କରିଛି ।

ଅଧ୍ୟାପକ ଦାଶ ସତ୍ୟବାଦୀ ସ୍କୁଲର ଛାତ୍ର ଥିଲେ । ଛାତ୍ର ଭାବରେ ସେ ସତ୍ୟବାଦୀର ଶିକ୍ଷା, ସାହିତ୍ୟ ଏବଂ ପରିବେଶରେ ଦୀକ୍ଷିତ ହୋଇଥିଲେ । ସତ୍ୟବାଦୀର ପ୍ରଖ୍ୟାତ ପଞ୍ଚ ଶିକ୍ଷାରଥୀଙ୍କର ସାନ୍ନିଧ୍ୟ ଲଭ କରିଥିଲେ । କିଶୋର ଜୀବନର ସେ ସ୍ମୃତି ତାଙ୍କୁ ଜୀବନବ୍ୟାପୀ ପ୍ରେରଣା ଦେଇଥିଲା । ତା'ପରେ ସାରା ଜୀବନ ସତ୍ୟବାଦୀର ଅବଦାନ ବିଷୟରେ ଗଭୀର ଅନୁଧ୍ୟାନ କଲେ । ତାଙ୍କର ସମସ୍ତ ପୁସ୍ତକରେ ସେ ସମାଲୋଚନା ସାହିତ୍ୟରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଶେଷ ଜୀବନରେ ଲିଖିତ "ମନୀଷୀ ନୀଳକଣ୍ଠ" ନିବନ୍ଧରେ ସେ ଉତ୍କର୍ଷ ଅକ୍ଷୁର୍ଣ୍ଣ ରହିଛି । ପଣ୍ଡିତ ନୀଳକଣ୍ଠଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ଲିଖିତ ହୋଇନାହିଁ । ଏ ନିବନ୍ଧ ତାଙ୍କର ଜୀବନ ଚରିତ ନୁହେ । ଏହା ତାଙ୍କର ସକଳ ସାହିତ୍ୟିକ କୃତିର ବିଶ୍ଳେଷଣ ଏକ ମୂଲ୍ୟାୟନ ।

ନିବନ୍ଧର ଉପକ୍ରମରେ ଲେଖକ ଗୋଟିଏ ମୌଳିକ ବିଚାର ଉପସ୍ଥାପନ କରିଛନ୍ତି । ନୀଳକଣ୍ଠଙ୍କୁ ସାହିତ୍ୟିକ, ସଂସ୍କାରକ, ରାଜନୀତିକ ଇତ୍ୟାଦି ବିଭିନ୍ନ ଭାବରେ ବିଭକ୍ତ କରିବା ନିତାନ୍ତ ଅସଙ୍ଗତ । ସେ ସମସ୍ତ ଅବିଭାଜ୍ୟ । ନୀଳକଣ୍ଠଙ୍କର ମନୀଷା ଏକ ସମନ୍ୱିତ ପ୍ରସୂନ । ଶିକ୍ଷାର ଅଭିବ୍ୟକ୍ତି ସାହିତ୍ୟରେ ।ସାହିତ୍ୟ ଶିକ୍ଷାର ମାଧ୍ୟମ । ସଂସ୍କୃତି ଏବଂ ଦେଶପ୍ରେମ ଅବିଭାଜ୍ୟ । ଶିକ୍ଷା ଏବଂ ସାହିତ୍ୟ ସହିତ ଏ ସମସ୍ତ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ସେବା ଏବଂ ସଂସ୍କାର ଶିକ୍ଷାର ଦୀକ୍ଷାଧାମ । ମଡ଼େଲ ଡ୍ରଇଁଠାରୁ ଗୀତାଭାଷ୍ୟ ପର୍ଯ୍ୟନ୍ତ ଅଧ୍ୟାପନା, ସଂଗଠନ, ବିଧାନସଭା, କାରାବାସ – ସକଳ କ୍ଷେତ୍ରରେ ସାହିତ୍ୟ ମାଧ୍ୟମରେ ନୀଳକଣ୍ଠଙ୍କର ମନୀଷା ପ୍ରବାହିତ ହୋଇଥିଲା । ସତ୍ୟବାଦୀ ଥିଲା ତାଙ୍କର ସାଧନା କ୍ଷେତ୍ର । ଜୀବନର ସାୟାହ୍ନରେ ସେ ଲେଖିଛନ୍ତି, "ସତ୍ୟବାଦୀ ସ୍କୁଲ ଏବେ ମଧ୍ୟ ମୋ ପାଇଁ ଇତିହାସ ନୋହେ ।" ଏହି ଭିତ୍ତିଭୂମି ଉପରେ ନିବନ୍ଧର ବିଚାର ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କର ସଂସ୍କୃତରେ ଅଗାଧ ଜ୍ଞାନ । ଇଂରେଜୀ ସାହିତ୍ୟରେ ବ୍ୟାପକ ଅଧ୍ୟୟନ । ଭାଷା ତାଙ୍କର କ୍ରୀଡନକ । ସଂସ୍କୃତ ଶବ୍ଦ ବହୁଳ "ପ୍ରଣୟିନୀ"-ଠାରୁ ଗାଉଁଲି ଭାଷାରେ ବିକଶିତ "ଦାସ ନାୟକ" ପର୍ଯ୍ୟନ୍ତ ରଚନା ତାଙ୍କ ପକ୍ଷରେ ହିଁ ସମ୍ଭବ । ନୀଳକଣ୍ଠ ଯଥାର୍ଥରେ ଦାର୍ଶନିକ ! ବି. ଏ. ପାଠ୍ୟ ଭାବରେ ସେ ନେଇଥିଲେ ଦର୍ଶନ ଏବଂ ରସାୟନ । ତାଙ୍କର ଚିନ୍ତାଧାରାର ଦିଗ୍‌ବଳୟ ଥିଲା ସୁଦୂର ପ୍ରସାରିତ । 'କୋଣାର୍କେ' କାବ୍ୟର ଅପୂର୍ବ ପ୍ରଥମ ଭାଗ, 'ରାମଚଣ୍ଡୀଠାରେ ରାତି' ଓ 'ସକାଳ' ସେ ସାତ ଦିନ ମଧ୍ୟରେ ଶେଷ କରିଥିଲେ । କିଛି ଦିନ ପରେ, ଅପରୂପ ଦ୍ୱିତୀୟ ଭାଗ 'ମାୟାଦେବୀ' ପୁଣି ମାତ୍ର ଏକ ସପ୍ତାହ ମଧ୍ୟରେ ସମାପ୍ତ କଲେ । ଅସାମାନ୍ୟ ତାଙ୍କର ପ୍ରତିଭା ।

ଐତିହାସିକ କାବ୍ୟ ଖାରବେଳର 'ନମସ୍କ୍ରିୟା' ପାଠକକୁ ଅଭିଭୂତ କରିଦିଏ ।

କାହା ଘେନି ଏ ଜୀବନ-ମରଣ ମନ୍ଦିରେ
ଫୁଟେ ବିଶ୍ୱକଳା ବଇଭବ ?
କାହାଘେନି ନିଷ୍କଳ ଏ ଶୂନ୍ୟ ମହାକାଳେ
ନାଚିଯାଏ ଅନନ୍ତ ବିଭବ ?

ଖାଲି ଆବୃତ୍ତି କଲେ ଜଣାଯାଏ, ଯେପରି ପଣ୍ଡିତ ନୀଳକଣ୍ଠଙ୍କର ଗୁରୁଗମ୍ଭୀର ଭାଷଣ । ବିଶ୍ୱର ମହନୀୟ ପରିପ୍ରକାଶ କଳ୍ପନାର ଶିଖରରେ ଉପନୀତ ହୋଇ ପାରିଛି । ପାଠକର ଜ୍ଞାନବୁଦ୍ଧି ପରାହତ ହୋଇପଡ଼େ । ରବୀନ୍ଦ୍ରନାଥ ତାଜମହଲ ବିଷୟରେ କବିତା ଲେଖି ନଥିଲେ । ଲେଖିଥିଲେ ସାହାଜାହାନଙ୍କ ବିଷୟରେ । "ତୋମାର କୀର୍ତ୍ତିର ଚେୟେ ତୁମି ଯେ ମହାନ୍ ।"

ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ସେଇ ଉକ୍ତି ପ୍ରଯୁଜ୍ୟ ।

ସଦାଶିବ ମିଶ୍ର
୨୪-୧୧-୮୧

Digitized by PPRACHIN, SOA

ସଂପାଦକୀୟ –

# "ମନୀଷୀ ନୀଳକଣ୍ଠ" ସଂପର୍କରେ.........

ଡକ୍ଟର ଭାବଗ୍ରାହୀ ମିଶ୍ର

ସେତେବେଳକୁ ଦେଶ ସ୍ୱାଧୀନ ହୋଇ ନଥାଏ । ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶର ଅୟମାରମ୍ଭ ହୋଇଥାଏ । ପାଶ୍ଚାତ୍ୟ ସାହିତ୍ୟ ଆଡ଼କୁ ସମସ୍ତଙ୍କର ଦୃଷ୍ଟି । ରାଜନୈତିକ ଚେତନା ଓ ମୁକ୍ତି ଚେତନାର ମନ୍ତ୍ର ସାଧାରଣ ଜନ ମାନସକୁ ଅନୁପ୍ରାଣିତ କରି ନଥାଏ । କେତେ ଜଣ ମୁଷ୍ଟିମେୟ ସାଧକ 'କର୍ମଯୋଗ'ରେ ବ୍ୟାପୃତ ଥାନ୍ତି । ଭକ୍ତି, ଜ୍ଞାନ ଓ କର୍ମଯୋଗର ସମନ୍ୱୟ ସାଧନ ଥାଏ ଏହି ମନୀଷୀ ମାନଙ୍କର ଜୀବନ ବ୍ରତ । ପାଶ୍ଚାତ୍ୟ ଦୃଷ୍ଟିରେ ଯାହା ସେତେବେଳେ ଭାରତୀୟ ସମାଜରେ ଅପାଂକ୍ତେୟ ଓ ସାମାଜିକ ରକ୍ଷଣଶୀଳତା ଯେପରି ଭାରତୀୟ ସାମାଜିକ ବିକାଶକୁ ପ୍ରତି ପଦେ ପଦେ ପ୍ରତିହତ କରି ଚାଲିଥାଏ, ତା'ରି ବିରୁଦ୍ଧରେ ସଂଗ୍ରାମ କରିଥିଲେ ପଣ୍ଡିତ ନୀଳକଣ୍ଠ । 'ଭକ୍ତି କ୍ଷେତ୍ରରେ ସେ "ଜାତୀୟତାବାଦ"ର ("ରାଷ୍ଟ୍ରୀୟତାବାଦ' ଶବ୍ଦ ଅଧିକ ସମୀଚୀନ ମନେହୁଏ) ପୂଜାରୀ ଓ ଉପାସକ । କିନ୍ତୁ ସେଥିପାଇଁ "ପ୍ରାର୍ଥନା"ର, "ନିବେଦନ"ର ଆବଶ୍ୟକତା ସେ କେବେ ଅନୁଭବ କରି ନାହାନ୍ତି — "ଉପାସନା" ହିଁ ତାଙ୍କ ଭକ୍ତି ମାର୍ଗର ପ୍ରଧାନ ଅଙ୍ଗ । ଆଉ ଏଇ "ଉପାସନା" ଥିଲା ଜ୍ଞାନ-ଗର୍ଭକ । ଏଥିପାଇଁ ରାଶି ରାଶି ଗ୍ରନ୍ଥ ଅଧ୍ୟୟନ କରି ପାରିଥିଲେ ପଣ୍ଡିତ ନୀଳକଣ୍ଠ । କିନ୍ତୁ ଏହି ଜ୍ଞାନାର୍ଜନକୁ ସାହିତ୍ୟ, ରାଜନୈତିକ ଆଲୋଚନା, ସାମ୍ବାଦିକତା କ୍ଷେତ୍ରରେ ପ୍ରୟୋଗ କଲାବେଳେ ସେ ମୌଳିକତା ପ୍ରଦର୍ଶନ କରି ପାରିଥିଲେ — ଏହି ମୌଳିକ ଚିନ୍ତାର ଉତ୍ସ ଥିଲା ଜାତିର ସାମାଜିକ, ରାଜନୈତିକ ଓ ସଂସ୍କୃତିକ ଗତି ପ୍ରବାହ ସଂପର୍କରେ ତାଙ୍କର ସ୍ୱକୀୟ ଦୃଷ୍ଟିଭଙ୍ଗୀ । ଚଳଣି, ଚମକ, ଗ୍ରହଣି — ଏଇ ତିନୋଟି ଦିଗରୁ ପଣ୍ଡିତ ନୀଳକଣ୍ଠଙ୍କର ରଚନାବଳୀକୁ ବିଭିନ୍ନ ଦୃଷ୍ଟିଭଙ୍ଗୀରୁ ମୂଲ୍ୟାୟନ କରିବା ଆବଶ୍ୟକ ।

କାଳକ୍ରମେ ସତ୍ୟବାଦୀ–ସାହିତ୍ୟ–ସାଧକମାନଙ୍କର ଜୀବନଧାରା, ରଚନା ଓ ରାଜନୈତିକ ଚିନ୍ତାଧାରା ସଂପର୍କରେ ଯେଉଁଭଳି ବ୍ୟାପକ ଓ ଗଭୀର ଅନୁଶୀଳନ ହେବା କାମ୍ୟ, ତାହା ହୋଇପାରି ନାହିଁ । ବ୍ୟକ୍ତିଗତ ଜୀବନର ବହୁ ଛୋଟ ବଡ଼ ଘଟଣାର ପ୍ରତିଲିପି ସଂଗୃହୀତ ହୋଇନାହିଁ । ପଣ୍ଡିତ ନୀଳକଣ୍ଠଙ୍କ ସଂପର୍କରେ ଆସିଥିବା ବହୁ ଲୋକଙ୍କର ସ୍ମୃତି, ଅନୁଭୂତି ଓ ଅଭିଜ୍ଞତା ସଂକଳିତ ହୋଇନାହିଁ । ତାଙ୍କର ସମସ୍ତ ରଚନାବଳୀ ଏବେ ବି ମୁଦ୍ରିତ ହୋଇନାହିଁ । ତେଣୁ ନୀଳକଣ୍ଠ ମାନସକୁ ଅନୁଧ୍ୟାନ କରିବାକୁ ଯିବାବେଳେ "ସମାଲୋଚନା" ଅପେକ୍ଷା "ବିବରଣୀର ସଂକଳନ" ପ୍ରଥମେ ଆବଶ୍ୟକ ।

Digitized by PPRACHIN, SOA

ଅଧ୍ୟାପକ ଚିନ୍ତାମଣି ଦାଶ 'ସତ୍ୟବାଦୀ–ସାହିତ୍ୟ ସାଧକମାନଙ୍କର ଜଣେ 'ଭକ୍ତ' କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୁରୁ–ଶିଷ୍ୟ ପରଂପରାରେ କଦବା କ୍ୱଚିତ୍ ଶିଷ୍ୟମାନେ ଗୁରୁଙ୍କୁ ଟପି ଯାଇଥାନ୍ତି । କିନ୍ତୁ ଅଧିକାଂଶ ସମୟରେ ଶିଷ୍ୟ-ମାନେ ଗୁରୁଙ୍କର ପଦାଙ୍କ ଅନୁସରଣ କରିଥାନ୍ତି ଓ "ଗୁରୁଭକ୍ତି"ର ଦୃଷ୍ଟିଭଙ୍ଗୀରୁ "ସମାଲୋଚନା" ଲେଖିବାରେ ଆଗ୍ରହ ପ୍ରକାଶ କରିଥାନ୍ତି । ଓଡ଼ିଆ ସାହିତ୍ୟର ସମାଲୋଚନା ଦିଗନ୍ତ ଏବେ ବିସ୍ତୃତି ଲାଭ କରିଛି ସତ, କିନ୍ତୁ ଗଭୀର ମନନଶୀଳତା ଏବେ ବି ସମ୍ଭବ ହୋଇପାରି ନାହିଁ । ସେ ଦୃଷ୍ଟିରୁ ଅଧ୍ୟାପକ ଦାଶଙ୍କର ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀକୁ ନୀଳକଣ୍ଠ ମାନସ ଅଧ୍ୟୟନ କ୍ଷେତ୍ରରେ ଅବହେଳା କରାଯାଇ ପାରିବ ନାହିଁ, କାରଣ "ମନୀଷୀ ନୀଳକଣ୍ଠ" ପୁସ୍ତକରେ ନୀଳକଣ୍ଠଙ୍କୁ ନୂଆ ଭାବରେ ଚିହ୍ନିବାରେ, ପ୍ରଚଳିତ ସମାଲୋଚନାର ଧାରାରୁ ଭିନ୍ନ ଭାବରେ ବିଚାର କରିବା ପାଇଁ ପ୍ରଚୁର ଉପାଦାନ ରହିଛି । ଅଧ୍ୟାପକ ଦାଶ ଜୀବିତ ଥିଲେ ତାଙ୍କର ପାଣ୍ଡୁଲିପି ହୁଏତ ଭିନ୍ନ ଭାବରେ ପ୍ରକାଶ ପାଇଥାନ୍ତା । କିନ୍ତୁ ତାଙ୍କର ମୃତ୍ୟୁ ପରେ ତାଙ୍କର ପାଣ୍ଡୁଲିପିର ସଂପାଦନା କାର୍ଯ୍ୟ ହାତକୁ ନେଲାବେଳେ, ମୋର ଦାୟିତ୍ୱ ସଂପର୍କରେ ମୁଁ ସଚେତନ । ଅଧ୍ୟାପକ ଦାଶଙ୍କର ରଚନାବଳୀ ଓ ବର୍ଣ୍ଣନା ପ୍ରକ୍ରିୟାରେ ବିଶେଷ କୌଣସି ପରିବର୍ତ୍ତନ କରା ଯାଇନାହିଁ । କେବଳ ବହୁ ବିଜ୍ଞ ଲୋକଙ୍କର ସହାୟତାରେ ଜୀର୍ଣ୍ଣ ପାଣ୍ଡୁଲିପିକୁ ଉଦ୍ଧାର କରି, ବିଷୟ ବିନ୍ୟାସ ପ୍ରତି ବିଶେଷ ଲକ୍ଷ୍ୟ ରଖି ଅଧ୍ୟାପକ ଦାଶଙ୍କର ଅନ୍ତିମ ଇଚ୍ଛା ପୂରଣ କ୍ଷେତ୍ରରେ ମୁଁ ସାମାନ୍ୟ ସାହାଯ୍ୟ କରି ପାରିଥିବାରୁ ଆନନ୍ଦିତ । "ଭକ୍ତିକତା"ର ଧାରା ତାଙ୍କ ରଚନାଶୈଳୀକୁ ଏଭଳି ପ୍ରଭାବାନ୍ୱିତ କରିଛି ଯେ କେବଳ ସାମାନ୍ୟ ସଂଶୋଧନ ଓ ସଂଯୋଜନା ବ୍ୟତୀତ ତହିଁରେ ଅଧିକ କିଛି କରିବା ଆବଶ୍ୟକ ନ ଥିଲା କିମ୍ବା ସମ୍ଭବ ମଧ୍ୟ ନୁହେଁ ।

ଆଶା କରୁଛି, ଅଧ୍ୟାପକ ଦାଶଂକର ଏହି ବିରାଟ ଗ୍ରନ୍ଥ ଭବିଷ୍ୟତ ନୀଳକଣ୍ଠ–ମାନସ ଅଧ୍ୟୟନ କ୍ଷେତ୍ରରେ ନୂତନ ଉପାଦାନ ଯୋଗାଇବାରେ ସମର୍ଥ ହେବ । ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ମତେ ଏହି ସଂପାଦନା କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିବାରୁ ମୁଁ ସମିତିର କର୍ମକର୍ତ୍ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।

ନଭେମ୍ବର ୨୬, ୧୯୮୨

ଭୁବନେଶ୍ୱର

Digitized by PPRACHIN, SOA

# ପ୍ରକାଶନ ଅବସରରେ ଦୁ'ପଦ

୧୯୭୮ ନଭେମ୍ବରରେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଗଠିତ ହେବା ବେଳକୁ ସତ୍ୟବାଦୀ ବନ ବିଦ୍ୟାଳୟର ପୂର୍ବତନ ଛାତ୍ର ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାଶ 'ମନୀଷୀ ନୀଳକଣ୍ଠ' ପୁସ୍ତକଟିର ରଚନା ଆରମ୍ଭ କରିଥିଲେ । ପରେ ପରେ ସେ ସ୍ମୃତି ସମିତିର ସଭ୍ୟ ଶ୍ରେଣୀ ଭୁକ୍ତ ହୋଇ ପୁସ୍ତକଟିର ଲେଖାରେ ଓ ପ୍ରକାଶନରେ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେବହୁଁ ମତେ ଅନୁରୋଧ ଜଣାଇଥିଲେ । ଲେଖାଟିକୁ ଶେଷ କରିବାକୁ ତାଙ୍କୁ ପ୍ରାୟ ତିନି ବର୍ଷ ଲାଗିଲା । ଅବଶ୍ୟ ତା' ଭିତରେ ସେ ଆଚାର୍ଯ୍ୟ ହରିହରଙ୍କ ଜୀବନୀ, "ଭଲ ମଣିଷ ହୁଅ" ପୁସ୍ତକଟି ମଧ୍ୟ ରଚନା କରିଥିଲେ । ଅଧ୍ୟାପକ ଦାଶଙ୍କର ମୃତ୍ୟୁର ପ୍ରାୟ ତିନି ମାସ ପୂର୍ବରୁ ତାଙ୍କ ସହିତ ମୋର ଏ ସମ୍ବନ୍ଧରେ ଶେଷ ଆଲୋଚନା ହୋଇଥିଲା । ରଚନାର ସମାପ୍ତି ପରେ ପାଣ୍ଡୁଲିପିଟି ଦେଇ ଦେବା ପାଇଁ ଯେତେବେଳେ ସେ ମୋ ପାଖକୁ ଖବର ଦେଲେ, ତା' ପାଇ ମୁଁ ତାଙ୍କ ନିକଟକୁ ଯିବା ପୂର୍ବରୁ ସେ ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିଲେ ଓ ତହିଁର ଦୁଇ ସପ୍ତାହ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଗଲା ।

ତାଙ୍କ ଦଶାହରେ ଯୋଗ ଦେବାର ସୁଯୋଗ ମୁଁ ପାଇଥିଲି ଏବଂ ସେଇଦିନ ପିତାଙ୍କର ଅଭିଳାଷ କ୍ରମେ ତାଙ୍କ ସୁଯୋଗ୍ୟ ପୁତ୍ର ଅଧ୍ୟାପକ ଶ୍ରୀ ସୁଧୀର କୁମାର ଦାଶ ପୁସ୍ତକଟି ପ୍ରକାଶ କରିବା ଲାଗି ପାଣ୍ଡୁଲିପିଟି ସ୍ମୃତି ସମିତିକୁ ଦେଇ ଦେବେ ବୋଲି ମତେ ପ୍ରତିଶ୍ରୁତି ଦେଲେ । ଯଥା ସମୟରେ ଏହା ମୋର ହସ୍ତଗତ ହେବା ପରେ ସ୍ମୃତି ସମିତି କାର୍ଯ୍ୟକାରୀ କମିଟି ପାଣ୍ଡୁଲିପିର ସଂପାଦନା ଭାର କମିଟିର ଅନ୍ୟତମ ସଭ୍ୟ ସୁସାହିତ୍ୟିକ ଡ଼ଃ. ଭବଗ୍ରାହୀ ମିଶ୍ରଙ୍କ ଉପରେ ନ୍ୟସ୍ତ କଲେ । ସେ ବହୁ ଶ୍ରମ ସ୍ୱୀକାର କରି ଏହାର ସଂପାଦନ କରିଥିବାରୁ ସ୍ମୃତିସମିତି ତରଫରୁ ତାଙ୍କ ନିକଟରେ ମୁଁ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି । ସ୍ମୃତି ସମିତିର ସଭାପତି, ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଛାତ୍ର ଡ଼ଃ ସଦାଶିବ ମିଶ୍ର ପୁସ୍ତକଟିର 'ଗ୍ରନ୍ଥ ପ୍ରବେଶ' ଲେଖି ଆମମାନଙ୍କୁ ଚିର କୃତଜ୍ଞତା ପାଶରେ ଆବଦ୍ଧ କରିଛନ୍ତି । ପୁସ୍ତକର ସଂପାଦନା କାର୍ଯ୍ୟରେ ଅକୁଣ୍ଠ ସାହାଯ୍ୟ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା, ଶ୍ରୀ ସାତକଡ଼ି ହୋତା, ଶ୍ରୀ ବନମାଳୀ

Digitized by PPRACHIN, SOA

ମିଶ୍ର, ଅଧ୍ୟାପିକା କୁମୁଦିନୀ ମିଶ୍ର, ଅଧ୍ୟାପକ ଦେବରାଜ ପାଠୀ ଓ ଶ୍ରୀମତୀ ଇଂଦିରା ଦେବୀଙ୍କ ନାମ ବିଶେଷ ଉଲ୍ଲେଖ ଯୋଗ୍ୟ । ଏ ଅବସରରେ ସେମାନଙ୍କୁ ମଧ୍ୟ ଆମର କୃତଜ୍ଞତା ଜ୍ଞାପନ କରୁଚି ।

ସ୍ୱର୍ଗତ ଚିନ୍ତାମଣି ଦାଶଙ୍କ ପତ୍ନୀ ସମ୍ମାନନୀୟା ହେମଲତା ଦାଶ ଏ ପୁସ୍ତକ ପ୍ରକାଶନରେ ଅତ୍ୟନ୍ତ ଆନ୍ତରିକତା ଓ ଉତ୍ସାହ ପ୍ରକାଶ କରି ଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ, ସ୍ମୃତି ସମିତି ଏହି ପୁସ୍ତକର ବିକ୍ରୟ ଲବ୍ଧ ଧନରୁ କିୟଦଂଶ ତାଙ୍କୁ ଦେବା ପାଇଁ ମଧ୍ୟ ସ୍ଥିର କରିଛନ୍ତି ।

ପୁସ୍ତକର ମୁଦ୍ରଣରେ ବହୁ ତ୍ରୁଟି ରହି ଯାଇଛି — ଏଥିପାଇଁ ସହୃଦୟ ପାଠକମାନେ ଦୋଷ ମାର୍ଜନ କରିବାକୁ ଅନୁରୋଧ କରୁଚୁ ଏବଂ ଆମକୁ ଯେ ବିଷୟ ଜଣାଇଲେ ତାହା ଦୂର କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିବୁ ବୋଲି ପ୍ରତିଶ୍ରୁତି ଦେଉଛୁ ।

ପୁସ୍ତକଟିର ବିଷୟ ବସ୍ତୁ ମୁଖ୍ୟତଃ ପଣ୍ଡିତ ନୀଳକଣ୍ଠଙ୍କର ସତ୍ୟବାଦୀ ବିଦ୍ୟାଳୟରେ ଅବସ୍ଥାନ କାଳୀନ କୃତି ଉପରେ ଆଧାରିତ । ସାହିତିକ ତଥା ଜନ ସମାଜରେ ଏହା ଆଦୃତ ହେଲେ, ଆମମାନଙ୍କର ପ୍ରୟାସ ଓ ଶ୍ରମ ସାର୍ଥକ ମଣିବୁ ।

ମଧୁସୂଦନ ଦାଶ
ସଂପାଦକ
ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର
୨୮-୧୧-୮୨

Digitized by PPRACHIN, SOA

'ମନୀଷୀ ନୀଳକଣ୍ଠ'ର ଲେଖକ

# ଅଧ୍ୟାପକ ଚିନ୍ତାମଣି ଦାଶ

(୧୯୦୩-୧୯୮୧)



ଓଡ଼ିଶାର ଜଣେ ପ୍ରବୀଣ ସାହିତ୍ୟିକ, ସତ୍ୟବାଦୀ ସାହିତ୍ୟର ଖ୍ୟାତନାମା ଆଲୋଚକ, ଅଧ୍ୟାପକ ଚିନ୍ତାମଣି ଦାଶଙ୍କର ଜନ୍ମ ୧୯୦୩ ମସିହାରେ, ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ । ତତ୍କାଳୀନ ସତ୍ୟବାଦୀ ସ୍କୁଲର ଛାତ୍ର ହିସାବରେ ସେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ କୃପାସିନ୍ଧୁ ଏବଂ ଆଚାର୍ଯ୍ୟ ହରିହରଙ୍କର ଶ୍ରଦ୍ଧା ଓ ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ଲାଭ କରିଥିଲେ । ଚିକିଟି, ବାଙ୍କି ପ୍ରଭୃତି ସ୍ଥାନରେ କିଛି ଦିନ ଶିକ୍ଷକତା କରିବା ପରେ, ଏମ୍. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁର, ଖଲ୍ଲିକୋଟ କଲେଜରେ ଦୀର୍ଘ ୨୧ ବର୍ଷ ଓଡ଼ିଆ ବିଭାଗର ମୁଖ୍ୟ ଭାବରେ ଅଧ୍ୟାପନା କରି ୧୯୬୭ ମସିହାରେ ସେ ଅବସର ଗ୍ରହଣ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ସ୍ତରରେ ସେ ଓଡ଼ିଆ ଭାଷାର ପ୍ରସାର ଓ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ବହୁବିଧ ଉଦ୍ୟମ କରିଥିଲେ । ମୃତ୍ୟୁର ଅଳ୍ପଦିନ ପୂର୍ବରୁ ନବ ପ୍ରତିଷ୍ଠିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ରୂପେ କିଛି ଦିନ କାର୍ଯ୍ୟଭାର ଗ୍ରହଣ କରି ତାହାକୁ ସୁସ୍ଥ ରୂପେ ପରିଚାଳନା କରିଥିଲେ । ଏ ମହାବିଦ୍ୟାଳୟ ଗଠନରେ ସେ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ ।

୧୯୩୨ ମସିହାରୁ ୧୯୮୧ ପର୍ଯ୍ୟନ୍ତ ତାଙ୍କର ବିଭିନ୍ନ ସାହିତ୍ୟିକ କୃତିଗୁଡ଼ିକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି ; ଜଣେ ପ୍ରତିଭାବାନ ଲେଖକ ଓ ନୈଷ୍ଠି

Digitized by PPRACHIN, SOA

ସମାଲୋଚକ ଭବରେ ସେ ସୁନାମ ଅର୍ଜନ କରିଛନ୍ତି । ସେ ଜଣେ ଆଜନ୍ମ ସାହିତ୍ୟ ସାଧକ । ସତ୍ୟବାଦୀ ଗୋଷ୍ଠୀକୁ ପୂର୍ଣ୍ଣ ଭବରେ ଓ ମର୍ଯ୍ୟାଦା ସହକାରେ ପ୍ରକାଶ କରିବାରେ ସେ ପ୍ରତିଷ୍ଠା ଲଭ କରିଛନ୍ତି ।

୧୯୩୨ ମସିହାରେ "ଭଷା", ୧୯୩୩ରେ "ସୁଲେଖା" ଓ ୧୯୪୬ରେ "ସେ ପଥର ଯାତ୍ରୀ"—ଏହିପରି ତିନିଗୋଟି ଉପନ୍ୟାସ ସେ ରଚନା କରିଥିଲେ । ୧୯୩୫ରେ "ଇତିହାସ ପ୍ରସୂନ", ୧୯୫୪ରେ "ବଡ଼ ମଣିଷଙ୍କ ପିଲଦିନ" ୧୯୫୬ରେ "ଜୀବନୀ କଥା" ଓ "ବିଶ୍ୱସାହିତ୍ୟର କଥା", ୧୯୫୮ରେ "ଆମଦେଶର କବି", "ପରୀ କଥା" (ଆଣ୍ଡରସେନ୍‌ଙ୍କ Fairy Talesର ଅନୁବାଦ), ଟଲ୍‌ଷ୍ଟୟଙ୍କ ଗଳ୍ପମାଳା (୧ମଠାରୁ ୮ମ ପର୍ଯ୍ୟନ୍ତ), ୧୯୬୦ରେ "ଓଡ଼ିଆ ଉପନ୍ୟାସ ସାହିତ୍ୟ" (ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ) ୧୯୬୧ରେ "କବି ଗୋଦାବରୀଶ" ୧୯୬୨ରେ "ଐତିହାସିକ କୃପାସିନ୍ଧୁ", ୧୯୬୩ରେ "ସାହିତ୍ୟ ସାଧକ ଫକୀର ମୋହନ", ୧୯୬୪ରେ "ଭକ୍ତକବି ଜୀବନ ସମୀକ୍ଷା", ୧୯୬୬ରେ "ମଥୁର ମଙ୍ଗଳ ଓ ଭକ୍ତଚରଣ" ଓ "କବି ଗୋପବନ୍ଧୁ", ୧୯୭୮ରେ ଐତିହାସିକ କୃପାସିନ୍ଧୁଙ୍କ "ବାରବାଟୀ" ପୁସ୍ତକର ଇଂରେଜି ଅନୁବାଦ ଓ ୧୯୮୦ରେ ଆଚାର୍ଯ୍ୟ ହରିହରଙ୍କ ଜୀବନୀ "ଭଲ ମଣିଷ ହୁଅ" ଆଦି ତାଙ୍କର ବହୁ ମୂଲ୍ୟବାନ ପୁସ୍ତକ ପ୍ରକାଶିତ ହୋଇଛି। "ମନୀଷୀ ନୀଳକଣ୍ଠ" ତାଙ୍କର ଶେଷ ଆଲୋଚନା ସନ୍ଦର୍ଭ । ଏ ପୁସ୍ତକଟି ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଦ୍ୱାରା ପ୍ରକାଶିତ ହେଉଛି । ଆଉ କିଛି ପାଣ୍ଡୁଲିପି ମଧ୍ୟ ପ୍ରକାଶ ଅପେକ୍ଷାରେ ଅଛି । ଏହା ବ୍ୟତୀତ ୧୯୩୦ ମସିହାରୁ ସେ ଧାରାବାହିକ ଭବରେ ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ସତ୍ୟବାଦୀ ଯୁଗର ସାହିତ୍ୟ ସମ୍ବନ୍ଧରେ ନାନା ଗବେଷଣା ମୂଳକ ପ୍ରବନ୍ଧ ପ୍ରକାଶ କରି ଅଛନ୍ତି ।

ସତ୍ୟବାଦୀ ସାହିତ୍ୟର ପ୍ରଗାଢ଼ ଅଧ୍ୟୟନ ଓ ଅନୁଶୀଳନରେ ଅଧ୍ୟାପକ ଚିନ୍ତାମଣି ଦାଶଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିବ ।

Digitized by PPRACHIN, SOA

# ।। ସୂଚୀପତ୍ର ।।


## ଉପକ୍ରମ ପୃ-୧

ରବୀନ୍ଦ୍ରନାଥଙ୍କ ମତବାଦ — ସତ୍ୟବାଦୀ ଗୋଷ୍ଠୀର ମତବାଦ—ବିଦ୍ୟାମୃତ ମନ୍ତ୍ର ତେ ନୀଳକଣ୍ଠଙ୍କର ଜ୍ଞାନ ପିପାସା ଓ ଜିଜ୍ଞାସାବାଦ —Class Library ପ୍ରଥା ପ୍ରଚଳନ ନୀଳକଣ୍ଠଙ୍କ ଦାନ — ସଂସ୍କୃତରେ ନୀଳକଣ୍ଠଙ୍କର ପ୍ରବେଶ — ଫକୀର ମୋହନଙ୍କ ମତ — ସୁରେଶ ଚନ୍ଦ୍ର ଦାସଗୁପ୍ତଙ୍କ ମନ୍ତବ୍ୟ ।

## ୨ୟ ଅଧ୍ୟାୟ ପୃ-୨୯

## ସତ୍ୟବାଦୀ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟରେ ନୀଳକଣ୍ଠ

ସତ୍ୟବାଦୀରେ ଯୋଗଦେବା ପୂର୍ବରୁ – ସତ୍ୟବାଦୀରେ ନୀଳକଣ୍ଠଙ୍କର ସାହିତ୍ୟ ସାଧନା —ଜ୍ଞାନଗର୍ଭ, ବିପ୍ଳବୀ ନୀଳକଣ୍ଠ — ଗୁଣ ଚିହ୍ନେ ଗୁଣିଆ — ନୀଳକଣ୍ଠଙ୍କ ଭାଷାତତ୍ତ୍ୱ —ଓଡ଼ିଆ ଲିପି ସଂସ୍କାର — ନୀଳକଣ୍ଠଙ୍କ ସାହିତ୍ୟିକ କୃତି— ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ —ଆର୍ଯ୍ୟ ଜୀବନ— ଉଭିଦବିତ୍ ନୀଳକଣ୍ଠ — ଯୌବନର ପ୍ରଭବ ଓ ପ୍ରତିଷ୍ଠା — ଇଂରେଜି ଶିକ୍ଷାର ମୋହ — କର୍ମ ବିବେକ ବା ବ୍ୟବହାର ବିଚକ୍ଷଣତା (Practical wisdom) — ନୀଳକଣ୍ଠଙ୍କ କାବ୍ୟିକ କୃତି ରଚନା ଭଙ୍ଗୀ ଜ୍ଞାନର ଗଭୀରତା— ପ୍ରେଟଶୋର ଅଫୁରନ୍ତ ଉତ୍ସ ନୀଳକଂଠ— ମଡ଼େଲ ଡ୍ରଇଁ ପୁସ୍ତକ— Passages for Translation – ନୈତିକ ଶିକ୍ଷା ଦାନ ଏ ମଧ୍ୟରେ ନିହିତ – ପ୍ରବନ୍ଧ ପ୍ରବେଶ – ନୀଳକଂଠ ଓ ବିଦ୍ୟାଳୟ ତଥା ଶ୍ରେଣୀ ପାଠାଗାର— ସ୍କୁଲର ସୁନାମ ଓ ସତ୍ୟବାଦୀ ଗୋଷ୍ଠୀର ପ୍ରଶଂସା— A Star of Utkal Radha Ballav Mishra M.A.B.L. — Mr. J. Maclean B. A — Rai Madhusudan Rao Bahadur — The Hon'ble Mr. M. S Das, C.I.E.—ସତ୍ୟବାଦୀ ସାହିତ୍ୟର ସାର୍ଥକତା ଉତ୍କଳ ଗୌରବ ମଧୁସୂଦନ ଦାସ — ସତ୍ୟବାଦୀ ଯୁଗ ଓ ତାହାର ବିଜୟ ।

## ସତ୍ୟବାଦୀ ପରେ

ନବ ଭାରତର ଆବିର୍ଭାବ — ଶ୍ରୀମଦ୍ ଭଗବଦ୍ ଗୀତା — ଗୀତାରେ ଆତ୍ମ ଧର୍ମର ପ୍ରାଧାନ୍ୟ —ପୁରୀ, ପୁରୁଷୋତ୍ତମ କ୍ଷେତ୍ର — ଜଗନ୍ନାଥହିଁ ଶ୍ରୀକୃଷ୍ଣ — ରାଧାକୃଷ୍ଣ ଧର୍ମକୁ ନୀଳକଂଠଙ୍କ କଟୁ ସମାଲୋଚନା —ଗୀତାଭାଷ୍ୟ ନୀଳକଂଠଙ୍କ ମନୀଷାର


Digitized by PPRACHIN, SOA

ପ୍ରତୀକ—'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' —ଓଡ଼ିଆ ସାହିତ୍ୟିକଂକ ବୈଶିଷ୍ୟ ଓଡ଼ିଆ ପର୍ବ, ରଜ ପାଳଣା – ପରକୀୟା ପ୍ରେମ ପ୍ରତି ତାତ୍ପର୍ଯ୍ୟ—ପରିଣାମରେ ଗତି – ଜଗନ୍ନାଥଙ୍କ ମୈତ୍ରୀ ଧର୍ମ—ଛେଉ ପହଁର—କାଂଚି ବିଜୟ—ସତ୍ୟବାଦୀର 'ସାକ୍ଷୀଗୋପାଳ' ନାମକରଣ—ଲକ୍ଷ୍ମୀ ଉପାଖ୍ୟାନ ଓ ରାଧିକାଙ୍କ ପ୍ରତିଷ୍ଠା – ମାଣିକ ଗଉଡୁଣୀ ଉପାଖ୍ୟାନ—ଏକମାତ୍ର ଦାର୍ଶନିକ ଧର୍ମ, ଜୈନ ଧର୍ମ—ଶାରଳା ସାହିତ୍ୟର ବିଶେଷତ୍ୱ—ସେ କାଳରେ ବଙ୍ଗରେ ବଜ୍ରଜ୍ଞାନୀ ମାନଙ୍କର ବିଭତ୍ସ କ୍ରିୟା– ଚୈତନ୍ୟଙ୍କ ଆଗମନ ପରେ ଓଡ଼ିଆ ସାହିତ୍ୟ କଳୁଷିତ ହେବା – ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବଂଚିଛି—ବିଦ୍ରୋହୀ ଉପେନ୍ଦ୍ର, ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ– ଆତ୍ମ ଜୀବନୀ – ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କ ସ୍ଥାନ—ଓଡ଼ିଆ ସାହିତ୍ୟ ଏକାଡ଼େମୀର୍ ମାନପତ୍ର – ଅଧ୍ୟାପକ କୁଞ୍ଜବିହାରୀ ଦାଶଙ୍କ ଦୃଷ୍ଟିରେ ।

## ୩ୟ ଅଧ୍ୟାୟ – ନୀଳକଣ୍ଠଙ୍କ ଦର୍ଶନ ଓ ବିଜ୍ଞାନ ପ୍ରତିଭା

ପୃ–୧୧୦

ଭକ୍ତି ଓ ଅଭକ୍ତି — ନୀଳକଣ୍ଠ ଆତ୍ମଶକ୍ତିରେହିଁ ପରିପୂର୍ଣ୍ଣ— ଜଗନ୍ନାଥ ସଂସ୍କୃତି– ନୀଳକଣ୍ଠଙ୍କର ଏକେଶ୍ୱରବାଦ—ନୀଳକଣ୍ଠଙ୍କର ଧର୍ମ ବିଶ୍ୱାସ – ଈଶ୍ୱର ଭକ୍ତି– ବିଭିନ୍ନ ଶକ୍ତିରେ ମହା ବିଶ୍ୱ ଶକ୍ତିର ସନ୍ଧାନ—ଜଗନ୍ନାଥ ଧର୍ମର ଐତିହ୍ୟ– ଅନିସନ୍ଧିତ୍ସୁ ନୀଳକଣ୍ଠ – ଭକ୍ତିକ ମିଥ୍ୟା – ଭକ୍ତିକ ମିଥ୍ୟାର ପୁରୋଦ୍‌ଘାତ —'ଆର୍ଯ୍ୟ ଜୀବନ'ରେ ନୀଳକଣ୍ଠଙ୍କର ମାନସ ଓ ମନୀଷା —'ଆର୍ଯ୍ୟ ଜୀବନ' ଗୋଟିଏ ପ୍ରବନ୍ଧାତ୍ମକ ସାହିତ୍ୟ— ପ୍ରବନ୍ଧର ନାମକରଣ ଓ ଆର୍ଯ୍ୟ ସଭ୍ୟତା—'ଆର୍ଯ୍ୟ ଜୀବନ'ରେ ନୀଳକଣ୍ଠଙ୍କର ଚିନ୍ତାଧାରା– ଆର୍ଯ୍ୟ ସଭ୍ୟତାରେ ବିଜାତୀୟ ପ୍ରଭାବ—ନାନା ପ୍ରତିଘାତ ସତ୍ତ୍ୱେ ଆର୍ଯ୍ୟ ସଭ୍ୟତା ଏବେ ବି ଦଣ୍ଡାୟମାନ—'ଆର୍ଯ୍ୟ ଜୀବନ' ଲେଖିବାର ଉଦ୍ଦେଶ୍ୟ ସତ୍ୟବାଦୀ ବନ ବିଦ୍ୟାଳୟରେ ନୀଳକଣ୍ଠଙ୍କର ବକ୍ତୃତାମାଳା—ଚନ୍ଦ୍ରଶେଖରଙ୍କୁ ନୀଳକଂଠଙ୍କ ଉପଦେଶ—ଶିକ୍ଷା କଅଣ—ନୀଳକଂଠଙ୍କ ଭାଷାର ସାବଲୀଳତା ବିଷୟର ତାତ୍ପର୍ଯ୍ୟ ବୁଝାଇବା ନିମନ୍ତେ ସହଜ ଉପମା—ଆତ୍ମ ସମର୍ପଣ ପାଇଁ ଉପଦେଶ—ଛାତ୍ରଙ୍କ ନୈତିକ ବୋଧର ଏକ ଦୃଷ୍ଟାନ୍ତ—'ଚରିତ୍ରହିଁ ପରମ ବଳ'– ମନ ଭିତରର ତିନୋଟି ବିଭାଗ– ଇଚ୍ଛାକୁ ଅଧୀନ କରିବାହିଁ ଚରିତ୍ର ଗଠନର ମୂଳ ମନ୍ତ୍ର ଉର୍ଦ୍ଧଦବିତ୍ ନୀଳକଂଠ ।

## ୪ର୍ଥ ଅଧ୍ୟାୟ – କବି ଓ କାବ୍ୟ ପୃ–୧୬୯

କବିତା ଗୋଟିଏ କୋମଳ ଶିଳ୍ପକଳା—ରବୀନ୍ଦ୍ରନାଥ ଓ ସେଲିଂଙ୍କ ମତ ଡ଼ଃ ମାୟାଧର ମାନସିଂହଙ୍କ ମତ—କୁନ୍ତକଙ୍କ ବିଗ୍ଧରରେ କାବ୍ୟ—ନୀଳକଂଠଙ୍କ

Digitized by PPRACHIN, SOA

କାବ୍ୟର ଉତ୍କର୍ଷ—ଶବ୍ଦ ବିନ୍ୟାସ—ରସ ବିନ୍ୟାସ—ପୂଜା ଉପଲକ୍ଷେ ରଚିତ କବିତାବଳୀ - ସତ୍ୟବାଦୀର ପୂଜା — ଗଣେଶ ପୂଜା — ସରସ୍ୱତୀ ବନ୍ଦନା "କୋଣାର୍କେ" ଓ "ଖାରବେଳ" କାବ୍ୟର ଉତ୍କର୍ଷ— ପଣ୍ଡିତ ନୀଳକଂଠଙ୍କ ଅନ୍ୟାନ୍ୟ କାବ୍ୟ କବିତା—'ପ୍ରଣୟିନୀ'—'ଦାସ ନାଏକ' ।

**"କୋଣାର୍କେ" ଏକ ଅଦ୍ୱିତୀୟ ଓ ଅଭିନବ କାବ୍ୟ ପୃ·୧୯୩**

(୧ ରାମଚଣ୍ଡିଠାରେ ରାତ୍ରି ଓ ସକାଳ—କବି ନୀଳକଂଠ ଜଣେ ଉଚ୍ଚକୋଟୀର ସ୍ଥପତି—ଅତୀତର ଇତିହାସରେ ନୀଳକଂଠଙ୍କର ମମତା— ''କୋଣାର୍କେ''ରେ ଭୌମ ରସ – ବାତ୍ସଲ୍ୟ ତଥା କରୁଣ ରସ—କୁନ୍ତକଙ୍କର ମତ ସହ ତୁଳନା—କାବ୍ୟର ମନ୍ତ୍ର ଶକ୍ତି ଓ ପ୍ରାଣ ପ୍ରାଚୁର୍ଯ୍ୟତା – ଶବ୍ଦ ବିନ୍ୟାସର ବୈଶିଷ୍ଟ୍ୟ—'କୋଣାର୍କେ' ପ୍ରାଚୀନ ଗୌରବ ବିମଣ୍ଡିତ ରତ୍ନଗର୍ଭ–'କୋଣାର୍କେ' ଓଡ଼ିଶାର ଇତିହାସ ଗାଥା ।

(୨) ମାୟାଦେବୀ — ଅଧ୍ୟାପକ ଶତପଥୀଙ୍କ ସମାଲୋଚନା— ସହୃଦୟ ପାଠକ କିଏ ?—କାବ୍ୟର ବିଷୟ ବସ୍ତୁ—ନୀଳକଣ୍ଠଙ୍କ କାଶ୍ମୀର ବର୍ଣ୍ଣନା ଅଦ୍ୱିତୀୟ—ରାଧାନାଥଙ୍କ ଅନୁକୃତି ନୁହେଁ – ନୀଳକଣ୍ଠ ପ୍ରାଚୀନ ପରମ୍ପରାକୁ ଗ୍ରହଣ କରିଛନ୍ତି—ନୀଳକଣ୍ଠଙ୍କର 'ଚିନ୍ତା ଦୈନ୍ୟ'ର ଚିନ୍ତା ହିଁ ଦୀନତା—ନୀଳକଣ୍ଠଙ୍କ ବିଜ୍ଞାନ ଚେତନା – ପ୍ରୀତିର ସ୍ୱରୂପ ଓ କାବ୍ୟରେ ମନୋବୈଜ୍ଞାନିକ ଉପମା— କାବ୍ୟରେ ସଙ୍ଗୀତର ପ୍ରୟୋଗ - 'କୋଣାର୍କେ' ଏକ ଅଦ୍ଭୁତ କାବ୍ୟ—ଅଧ୍ୟାପକ ଶତପଥୀଙ୍କ ସମାଲୋଚନାର ଉତ୍ତର—ଉତ୍କଳର ବୈଭବ ବର୍ଣ୍ଣନା—ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ପ୍ରୀତି–ସ୍ନିଗ୍ଧ - 'କୋଣାର୍କେ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାଇ ।

**ଖାରବେଳ —**

**ଏହାର ଐତିହାସିକ ପରିକଳ୍ପନା ଓ ମୂଲ୍ୟାୟନ ପୃ–୨୪୮**

ଜୟସ୍ୱାଲଂକ ପାଠ—କବିଙ୍କର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା ଅଦ୍ୱିତୀୟ —ପ୍ରଭାତର ବର୍ଣ୍ଣନା—ଜୈନ ଧର୍ମ ପ୍ରତି ନୀଳକଣ୍ଠଙ୍କର ଆଗ୍ରହ—ପଶ୍ଚିମ ସଭ୍ୟତା ଅହିଂସା ନୀତି ବୁଝିବାରେ ନୀଳକଣ୍ଠଙ୍କର ସନ୍ଦେହ—ନୀଳକଣ୍ଠଙ୍କର ଅପୂର୍ବ ମନୀଷା ଓ କବିତ୍ୱ—'ଖାରବେଳ' କାବ୍ୟରେ ପ୍ରଣୟର ଗଭୀର ଦାର୍ଶନିକ ରହସ୍ୟ— ଖାରବେଳ ଏକ ଜାତୀୟ କାବ୍ୟ ।

**୪ମ—ଅଧ୍ୟାୟ –**

**ନୀଳକଣ୍ଠଙ୍କ ସାହିତ୍ୟରେ କ୍ଲାସିସିଜିମ୍ ଓ ରୋମାଣ୍ଟିସିଜିମ୍— ପୃ ୨୮୭**

କ୍ଲାସିକ୍ ସାହିତ୍ୟ କଣ ? ରୋମାଣ୍ଟିସିଜିମ୍—କ୍ଲାସିସିଜିମ୍—ନୀଳକଣ୍ଠଙ୍କ ସାହିତ୍ୟର ବିଭାଗ

Digitized by PPRACHIN, SOA

**ସାହିତ୍ୟ ସମାଲୋଚନା – ନୀଳକଣ୍ଠ ଦୃଷ୍ଟିରେ ରାଧାନାଥ, ମଧୁସୂଦନ, ଫକୀର ମୋହନ ଓ ଉପେନ୍ଦ୍ର ଭଞ୍ଜ—** ପୃ ୩୦୬

ନୀଳକଣ୍ଠଙ୍କ ଦୃଷ୍ଟିରେ ରାଧାନାଥ— ମଧୁସୂଦନ – ସାହିତ୍ୟର ସମାଲୋଚନା ଗୋପବନ୍ଧୁଙ୍କ ଦୃଷ୍ଟିରେ – ଉପନ୍ୟାସ ସାହିତ୍ୟ ଫକୀର ମୋହନଙ୍କ ଉପନ୍ୟାସ — ଲଛମା— ଉପେନ୍ଦ୍ର ଭଞ୍ଜ ।

**ରାଧାନାଥ ଓ ନୀଳକଣ୍ଠ –** ପୃ ୩୧୯

ନୀଳକଣ୍ଠଙ୍କର ରାଧାନାଥଙ୍କୁ ସମାଲୋଚନା— ନୀଳକଣ୍ଠ ରାଧାନାଥଙ୍କ ପ୍ରତି ବିମନା ହେବାର କାରଣ—ସତ୍ୟବାଦୀ ସାହିତ୍ୟର ଆଭିମୁଖ୍ୟ —ରାଧାନାଥଙ୍କର ସ୍ୱଦେଶ ପ୍ରୀତି – "ଚିଲିକା" ରାଧନାଥଙ୍କର ଏକମାତ୍ର ମୌଳିକ କାବ୍ୟ—Sri S.N. Rathଙ୍କ ମତ – ନୀଳକଣ୍ଠ ୧୯୦୮ ମସିହାରୁ ହିଁ ଦର୍ଶାଇଥିବା ରାଧାନାଥଙ୍କର ଦୋଷ ତ୍ରୁଟି ।

**ନୀଳକଣ୍ଠଙ୍କର ଜାତୀୟଭାବ ଚେତନା –** ପୃ ୩୨୭

ଅଧ୍ୟାପକ ଦାଶରଥୀ ଦାଶଙ୍କ ପ୍ରବନ୍ଧ – ନୀଳକଣ୍ଠଙ୍କର ଜାତୀୟଭାବ ଚେତନା ରାଧାନାଥଙ୍କଠାରୁ ଉଦ୍‌ଭୂତ ନୁହେ – ସତ୍ୟବାଦୀ ଗୋପବନ୍ଧୁଙ୍କ ମାନସ ପ୍ରସୂତ ଓ ନୀଳକଣ୍ଠଙ୍କ ପ୍ରଚେଷ୍ଟାର ଫଳ – ନୀଳକଣ୍ଠ ତଥା ସତ୍ୟବାଦୀର ସଙ୍କୀର୍ଣ୍ଣ ଜାତୀୟତା ବାଦ – ସତ୍ୟବାଦୀର ଐତିହ୍ୟବୋଧ ବିରାଟ ଓ ମହାନ୍ – ସତ୍ୟବାଦୀ ଗୋଷ୍ଠୀ ରାଧାନାଥଙ୍କ ପରି ଭୀରୁ ବା ତୋଷାମଦକାରୀ ନ ଥିଲେ – ରାଧାନାଥଙ୍କ ରଚନାରେ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ଓ ବିଭତ୍ସତା – ନୀଳକଣ୍ଠଙ୍କର ବୈଶିଷ୍ଟ୍ୟ – ରାଧାନାଥ ଓ ସତ୍ୟବାଦୀ ଗୋଷ୍ଠୀଙ୍କର ଜାତୀୟଭାବ ଚେତନାରେ ପାର୍ଥକ୍ୟ – ଅଧ୍ୟାପକ ଦାସଙ୍କୁ କେତୋଟି ଉତ୍ତର ।

—●—

ଭାରତ ସରକାର ରିହାତି ଦରରେ ଯୋଗାଇ ଦେଉଥିବା କାଗଜରେ ପୁସ୍ତକଟି ମୁଦ୍ରିତ ହୋଇଅଛି ।

Digitized by PPRACHIN, SOA

ଯେଉଁ ଦୂରଦର୍ଶୀ ମହାପୁରୁଷ ନୂତନ ପ୍ରଦେଶ ଗଠନ ବେଳେ

"ବିଶ୍ୱବିଦ୍ୟାଳୟଟିଏ ନ ହେଲେ ଶିକ୍ଷକ ମିଳିବେ କାହୁଁ"

ବୋଲି ବଳିଷ୍ଠ ଯୁକ୍ତି ଦେଖାଇ ଓଡ଼ିଆ ଭାଷା ଭାଷୀ ଲୋକମାନଙ୍କର

ଶିକ୍ଷା, ସଂସ୍କୃତି ଓ ସାହିତ୍ୟର ବିକାଶ ପାଇଁ

ଓଡ଼ିଶାର ଏହି ପ୍ରଥମ ଓ ପ୍ରଧାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ

ଏକ ବିଶିଷ୍ଟ ଅଂଶ ଗ୍ରହଣ କରିଥିଲେ,

ତାଙ୍କର ସେଇ ଆକାଂକ୍ଷାକୁ ବହୁରୂପରେ ରୂପାୟିତ କରି

ଦୃଢ ପଦକ୍ଷେପ ସହିତ ଶିକ୍ଷା ଓ ସଂସ୍କୃତିର ମଶାଲ ଜାଳି

**ଉତ୍କଳ ବିଶ୍ୱବିଦ୍ୟାଳୟ** ଆଗେଇ ଚାଲିଛି ।

ଆଜି ସେଇ ବିଶ୍ୱବିଦ୍ୟାଳୟ ୪୦ଶ ବର୍ଷରେ ପଦାର୍ପଣ କଲାବେଳେ

ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ

ଗୋଦାବରୀଶ ପ୍ରଭୃତି ଦେଶସେବୀମାନଙ୍କର ଦେଶ ପ୍ରୀତିରେ

ଉଦ୍‌ବୁଦ୍ଧ ହେବା ପାଇଁ ଛାତ୍ର ସମାଜକୁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ

ମହାନ୍ ଶିକ୍ଷାବିତ, କୃତବିଦ୍ୟ ସାହିତ୍ୟିକ, କବି ଓ ପ୍ରବୀଣ ଜନନେତା,

**ପଣ୍ଡିତ ନୀଳକଣ୍ଠଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ**

**ଭକ୍ତି-ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି,**

**ଉତ୍କଳ ବିଶ୍ୱବିଦ୍ୟାଳୟ**

**ବାଣୀ ବିହାର**

**ଭୁବନେଶ୍ୱର – ୪**

Digitized by PPRACHIN, SOA

ଦେଶର ଘୋର ଦୁର୍ଦ୍ଦିନରେ ମହାପୁରୁଷମାନେ ଜନ୍ମ ନିଅନ୍ତି, — ଦେଶବାସିଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରିବା ପାଇଁ । ଓଡ଼ିଶାରେ ଏହିପରି ଏକ ଅସମୟରେ ପୁରୀ ଜିଲ୍ଲାରେ ଯେଉଁ ପଞ୍ଚସଖା ଜନ୍ମଗ୍ରହଣ କରିଥିଲେ ଓ ଜାତିର ଜନକ ମହାତ୍ମା ଗାନ୍ଧୀଂକ ସତ୍ୟ ଓ ଅହିଂସା ପ୍ରଚାରର ବହୁ ପୂର୍ବରୁ ଯେଉଁମାନେ ଦେଶସେବା ବ୍ରତ ଗ୍ରହଣ କରି ନିଜର ସମସ୍ତ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ପରିହାର ପୂର୍ବକ ଓଡ଼ିଶାରୁ ଦୁଃଖ, ଦୈନ୍ୟ, ଅଶିକ୍ଷା ଓ ସମାଜରୁ କୁସଂସ୍କାରମାନେ ଦୂର କରିବାରେ ଅଗ୍ରଣୀ ହୋଇଥିଲେ, ସେମାନଂକ ଆଦର୍ଶରେ ଅନୁପ୍ରାଣୀତ ହୋଇ"ବାଣିଜ୍ୟ ବିକାଶ" ରାଜ୍ୟରେ ଶିଳ୍ପ ବାଣିଜ୍ୟର ଉନ୍ନତିକଳ୍ପେ ଆଗେଇ ଚାଲିଛି । ସେହି ପଞ୍ଚସଖାଂକ ମଧ୍ୟରୁ ଅନ୍ୟତମ ସଖା, ମଧ୍ୟମ ପାଣ୍ଡବ **ପଣ୍ଡିତ ନୀଳକଣ୍ଠଂକ** ବିରାଟ ବ୍ୟକ୍ତିତ୍ୱ ଓ ଅଗାଧ ପାଣ୍ଡିତ୍ୟ ନିକଟରେ ସ୍ମୃତି ତର୍ପଣ କରୁଛୁ—

**ବାଣିଜ୍ୟ ବିକାଶ**

**ଭୁବନେଶ୍ୱର- ୭୫୧୦୦୫**

Digitized by PPRACHIN, SOA

# ଉପକ୍ରମ

ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ଜଣେ ଅଦ୍ୱିତୀୟ ଓ ଅନନ୍ୟସାଧାରଣ ପ୍ରତିଭଶାଳୀ କବି, ମନୀଷୀ, ରାଜନୀତିଜ୍ଞ ଓ ଅସାଧାରଣ ବାଗ୍ମୀ । ଏହା ନବ୍ୟ ଉତ୍କଳର ଯେ କୌଣସି ଯୁବକ ସ୍ୱୀକାର କରିବେ । ସେ ରାଜନୀତିରେ ଯେଉଁ ଦିନ ଠାରୁ ମନ ପ୍ରାଣ ଢ଼ାଳି ଦେଲେ, ସେହି ଦିନଠାରୁ ସାରସ୍ୱତ ସାଧନା କ୍ରମେ ଲଘୁ ହୋଇଗଲା ବୋଲି ଲୋକେ ବିଶ୍ୱାସ କରନ୍ତି । ଅବଶ୍ୟ କଥାରେ କୁହାଯାଏ "ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସଦାବେଳେ ମନୋମାଳିନ୍ୟ" । ରାଜନୀତିରେ ମନୋମାଳିନ୍ୟ ସ୍ୱାଭାବିକ ଧର୍ମ । ଅନ୍ତର୍ବିବାଦରେ ଏହା ସଦା ସର୍ବଦା କଳୁଷିତ ହୋଇଥାଏ । ପୁଣି ଲକ୍ଷ୍ମୀ ହେଉଛନ୍ତି ରାଜନୀତିର ଉତ୍ସାହଦାତ୍ରୀ । ତେଣୁ ପଣ୍ଡିତ ନୀଳକଣ୍ଠ ଯେଉଁଦିନଠାରୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ହେଲେ ଓ ବିଶ୍ୱନାଥ ଦାସଙ୍କର ମୁଖ୍ୟମନ୍ତ୍ରୀତ୍ୱ ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱ ଆସନ ଅଳଂକୃତ କରିବାକୁ ଆଗ୍ରହ ଓ ବ୍ୟଗ୍ରତା ପ୍ରକାଶ କଲେ, ସେହି ଦିନଠାରୁ ତାଙ୍କର ସାରସ୍ୱତ ସାଧନା ଶିଥିଳ ହୋଇଥିବ ବୋଲି ଲୋକମାନଙ୍କର ଧାରଣା ଜନ୍ମିବା ସ୍ୱାଭବିକ । କିନ୍ତୁ କବି ଓ ମନୀଷୀ ନୀଳକଣ୍ଠଙ୍କ ପକ୍ଷରେ ଏ କଥା ସ୍ୱାଭବିକ ନ ଥିଲା ।

ରାଜନୈତିକ ଘନଘଟାର ରୂପରେ ସେ ସାହିତ୍ୟ ସାଧନାରୁ କ୍ଷଣକାଳ ନିମନ୍ତେ ବିଚ୍ୟୁତ ହୋଇଥିଲେ ସତ, କିନ୍ତୁ ଯାହାଙ୍କର ଜୀବନର ପ୍ରତ୍ୟେକ ରକ୍ତ କଣିକା ସହିତ ସାହିତ୍ୟ ସାଧନା ଓତଃପ୍ରୋତ ଭବରେ ମିଶି ଯାଇଥିଲା, ସେ କଦାପି ସାହିତ୍ୟକୁ ସଂପୂର୍ଣ୍ଣରୂପେ ପରିହାର କରିପାରି ନାହାନ୍ତି ।

ସାହିତ୍ୟ ଥିଲା ନୀଳକଣ୍ଠଙ୍କ ଜୀବନର ଅତି ସ୍ପୃହଣୀୟ ଓ ଶ୍ଲାଘନୀୟ ପନ୍ଥା । ଏହି ପନ୍ଥାରେ ସେ ଅଗ୍ରସର ହୋଇ ଜୀବନର ମହତ୍ତ୍ୱ ପ୍ରକଟିତ କରିବା ନିମନ୍ତେ ଦୃଢ଼ପରିକର ଥିଲେ । ତେଣୁ ସେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ୧୩୨୪ ସାଲରେ ସରସ୍ୱତୀ ପୂଜା ଉପଲକ୍ଷ୍ୟରେ 'ବାଣୀ ବିଦାୟ' ଗୀତ ରଚନା କରି ଲେଖିଥିଲେ—

Digitized by PPRACHIN, SOA

"ଭବ ବିମଳ ଉନ୍ନତ ଛବି    ବିଶ୍ୱ ବିକଶି ଗୌରବ ରବି
ଜ୍ୟୋତି ଉଠିବ ଭାଗ୍ୟ ଫୁଟିବ
ଘଟିବ ଉଚ୍ଚ ମାନ ରେ । ୭ ।

କୁଞ୍ଜ କୁହର ବିଜନ ଗହନ    ମୁଖରି ଉଠିବ ସାମ ଗାନ
ଭାରତ ଶିଶୁ ଉଠିବ ଚମକି
ଆମ୍ଭ ବିଘେର ମାନ ରେ । ୮ ।

ହୃଦ ଶତଦଳ ରହିଅଛି ଫୁଟି    ଧ୍ୱାନ୍ତ ତାମସ ଯାଇଛି ତୁଟି
ସୋମ ସୁରସ ମାନସ ରସ
ବିଶ୍ୱ କରଇ ପାନରେ । ୯ ।"

କିମ୍ବା ୧୩୨୩ ସାଲରେ ବିଦ୍ୟାଳୟର ଗଣେଶ ଚତୁର୍ଥୀ ଉପଲକ୍ଷ୍ୟରେ ସେ ସଂସ୍କୃତରେ ବିନାୟକ ସ୍ତୋତ୍ର ରଚନା କରି ସେଥିରେ ଉଲ୍ଲେଖ କରିଥିଲେ —

"ଭବବିନୋଦନ ଭବମୁତେ
ଭବ ନଭବତିବିହିତ ବିଧାନଂ
ଶଙ୍କା ସଲିଳ ମିବ ସୁରସରିତ ସ୍ତବ
ନିର୍ମଳ ମାନସ ଦାନଂ । ୪ ।

ଭାରତ ସୁଚରିତ ଲେଖନମିହ ତବ
କିଳ ଶୁଭଦେହନିଜାତଂ
ଆଶ୍ରିତ ବତ୍ସଳ ଶିଷ୍ୟ-ଜନେ ବଡ଼
କୁରୁ କୃପୟେ କ୍ଷଣ-ପାତଂ । ୫ ।"

କିମ୍ବା ଓଡ଼ିଆରେ ସେହି ଉପଲକ୍ଷ୍ୟରେ ଯେଉଁ ସଂକୀର୍ତ୍ତନଟି ରଚନା କରିଥିଲେ ସେଥିରେ ସେ ଉଲ୍ଲେଖ କରିଥିଲେ —

"ପ୍ରାଣ ପଣେ କର ଜ୍ଞାନ ପ୍ରତିଷ୍ଠା
ଭାରତ ମହିମା କର୍ମର ନିଷ୍ଠା

Digitized by PPRACHIN, SOA

ରଖ ହେ ପ୍ରତ୍ୟୟ ଧମନୀ ରକ୍ତେ
ଅଣିତବସ୍ଥଳ ଶୁଣିବେ ଭକ୍ତେ
ନ ଭଜ ହେ ବିଶ୍ୱାସୀ । ୪ ।

× × ×

କର୍ମ ନିମନ୍ତ୍ରଣ ସୁରବର ଦେଶୁ
ପ୍ରାଣ ପରଶି ଉଠୁ, ଜ୍ଞାନ ବିକାଶୁ
ଜଡ଼ତା ବନ୍ଧନ ଫିଙ୍ଗି ଣ ଦୂରେ
ଉଠି ଶୁଣ ସେ ଧ୍ୱନି ହୃଦୟ ଦୁଆରେ
କହ ଜୟ ଗଣପତି ଭରତବାସୀ । ୬ ।

ଋଷି ମୁଖନିଃସୃତ କାବ୍ୟ ପୁରାଣ ଜଗତ ବିମୋହନ ବିଜୟ ନିଶାଣ
ଭୁବନୋନ୍ମାଦନ କର୍ମର ଗୀତ ଉଠିବ ଉତାଳ ତବ ପଣ୍ୟ ଅତୀତ
ବିଘ୍ନ ତୁଟିବ କହ ଭରତବାସୀ । ୭ ।"

ଏହି ସଂକୀର୍ତ୍ତନ ଓ ଆବାହନରେ ତାଙ୍କର ଯେଉଁ ଭବ ମୂର୍ତ୍ତି ପରିସ୍ଫୁଟ ହୋଇଛି, ତାହା କେବଳ ଉତ୍କଳର ଚତୁଃସୀମା ମଧ୍ୟରେ ଆବଦ୍ଧ ହୋଇ ରହି ନାହିଁ । ତାଙ୍କର ବିଶାଳ ଆତ୍ମା ଏହି ଭବକୁ କିପରି ଭରତୀୟତାରେ ଉଦବୁଦ୍ଧ କରିଅଛି, ତାହାର ପ୍ରମାଣ ଉକ୍ତ କବିତାଂଶମାନଙ୍କର କେତୋଟି ଶବ୍ଦ—ଚିତ୍ର ଓ କଳ୍ପନା ଚିତ୍ର ମଧ୍ୟରେ ପ୍ରତିଭତ ହୋଇଅଛି ।

ନୀଳକଣ୍ଠ ୧୯ ୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାଶ୍ କରି ବିଦ୍ୟାଳୟର ସମଗ୍ର ଦାୟିତ୍ୱ ନେବା ଦିନ ଠାରୁ ତାଙ୍କ ହୃଦୟରେ ଏହିପରି ଭରତୀୟ ଭବନାମାନ ଅତି ଜୀବନ୍ତ ଭବରେ ପ୍ରକାଶ ପାଇଥିଲା । ସେତେବେଳେ ଓଡ଼ିଶାର ପଣ୍ଡିତମାନଙ୍କ ନିକଟରେ ସେ ଯେଉଁ ପ୍ରାଚୀନ ଢଙ୍ଗ ଓ ପରମ୍ପରା ଦେଖିଲେ ସେଥିରେ ବ୍ୟଥିତ ହୋଇ ନବ୍ୟ ସଭ୍ୟ ପାଶ୍ଚାତ୍ୟ ଭବଧାରରେ ଏହି ପଣ୍ଡିତମଣ୍ଡଳୀକୁ ଅନୁପ୍ରାଣିତ କରିବା ନିମନ୍ତେ ନିଜେ ଦାଢ଼ି କାଟି କେବଳ ନିଶ ରଖିଲେ । ଏହି ନିଶ ଦେଖି ପଣ୍ଡିତମାନଙ୍କର ଗାତ୍ରଦାହ ହେଲା । ସେମାନେ ମନସ୍ଥ କଲେ ଯେ ଏହି ସତ୍ୟବାଦୀଆ ନବ୍ୟ ଯୁବକ ଦଳ ଆଉ ଧର୍ମ, ସମାଜ ଓ ସାମାଜିକ ପରମ୍ପରାକୁ ରକ୍ଷା କରିବେ ନାହିଁ । ସତ୍ୟବାଦୀ ବ୍ରାହ୍ମଣ ଶାସନମାନଙ୍କର କେନ୍ଦ୍ରସ୍ଥଳୀ । ସେମାନେ ଭବିଲେ ଯେ ଏହି ପବିତ୍ର ପୀଠଭୂମିକୁ ନୀଳକଣ୍ଠ ଦାସ ପୋଡ଼ି ଛାରଖାର କରିଦେବ । ଏତିକିବେଳୁ ହିଁ ନୀଳକଣ୍ଠ ସମାଜ ସଂସ୍କାର

Digitized by PPRACHIN, SOA

କାର୍ଯ୍ୟରେ ମନୋନିବେଶ କରିଥିଲେ । "ନିଶ" ଓ "ମୋ ନିଶ" ନାମକ ଦୁଇଟି ପ୍ରବନ୍ଧ ପ୍ରକାଶ କରି ବ୍ରାହ୍ମଣମାନଙ୍କ ଦୌରାତ୍ମ୍ୟରୁ କିପରି ସମାଜକୁ ରକ୍ଷା କରି ହେବ, ସେହି ଚିନ୍ତାରେ ସେ ସତ୍ୟବାଦୀର ସହକର୍ମୀମାନଙ୍କ ସହିତ ସମାଜ ସଂସ୍କାର ନିମନ୍ତେ ଅଗ୍ରସର ହେଲେ । ପୁରୀ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିରରେ ଏଥିପାଇଁ ବ୍ରାହ୍ମଣ ପଣ୍ଡିତ ଓ ନୀଳକଣ୍ଠଙ୍କ ମଧ୍ୟରେ ତୁମୁଳ ବିବାଦ ଉପସ୍ଥିତ ହେଲା । ନିଶଟା ଥିଲା କେବଳ ନୀଳକଣ୍ଠ ଦାସଙ୍କ ସଂସ୍କାର ପ୍ରବଣତାର ଏକ ଜୀବନ୍ତ ପ୍ରତୀକ । କିନ୍ତୁ ବ୍ରାହ୍ମଣମାନେ ତାଙ୍କର ଏହି ଦୁଃସାହସରେ ବିଚଳିତ ହୋଇ ତାଙ୍କର ୮୦ ବର୍ଷ ବୟସ୍କ ପିତାଙ୍କୁ ଗୋଟିଏ ଭୋଜି ସଭାରୁ ଅଧିକ ରାତ୍ରିରେ ଅଣାଇ ବହିଷ୍କୃତ କରିଦେଲେ । ସତ୍ୟବାଦୀ ବିଦ୍ୟାଳୟରେ ଅଗ୍ନି ସଂଯୋଗ କଲେ । ତଥାପି ଗୋପବନ୍ଧୁ ଓ ନୀଳକଣ୍ଠ ଧୀର ସ୍ଥିର ଭାବରେ ସମାଜ ସଂସ୍କାର କାର୍ଯ୍ୟରେ ଆଗେଇ ଚାଲିଲେ ।

କେହି ସମାଲୋଚକ ନୀଳକଣ୍ଠଙ୍କ ସମ୍ବନ୍ଧରେ ପ୍ରବନ୍ଧ ଲେଖିବାକୁ ଯାଇ ତାଙ୍କୁ ତିନି ଭାଗରେ ବ୍ୟବଚ୍ଛେଦ କରି ଲେଖିଛନ୍ତି । ଏ ହେଲେ ସଂସ୍କାରକ ନୀଳକଣ୍ଠ, ସେ ହେଲେ ସାହିତ୍ୟିକ ନୀଳକଣ୍ଠ । କିନ୍ତୁ ମହାପୁରୁଷମାନଙ୍କୁ ଏପରି ଖଣ୍ଡ ବିଖଣ୍ଡ କରିବା ବିଜ୍ଞତାର ପରିଚାୟକ ନୁହେଁ ବୋଲି ଆମ୍ଭେମାନେ ମନେ କରୁ । ମହାପୁରୁଷ-ମାନଙ୍କର ଜୀବନୀ ଏକକ ଓ ଏହାକୁ ସମଗ୍ର ରୂପେ ଅବଧାରଣ ନକଲେ ସେମାନଙ୍କର ମହତ୍ତ୍ୱ କ୍ଷୁଣ୍ଣ ହେବ । ଇଂରାଜୀରେ ଗୋଟିଏ କଥା ଅଛି—

> "The universal History is the
> History of its Great Men."

'ସାର୍ବଜନୀନ ଇତିହାସ ପ୍ରତ୍ୟେକ ମହାପୁରୁଷଙ୍କ ଜୀବନ ଇତିହାସର ସମଷ୍ଟି ମାତ୍ର ।' ସେ ଇତିହାସରେ ଗୋଟିଏ ଜୀବନର ଧାରା ଆମୂଳଚୂଳ ପ୍ରବାହିତ । ସେହି ଜୀବନ ଇତିହାସରେ ଉତ୍‌ଥାନ ପତନ ଓ ବିବର୍ତ୍ତନ ଲୀଳାର କ୍ରମବିକାଶ ଦେଖିବାକୁ ମିଳେ । ତେଣୁ ତାଙ୍କ ଜୀବନରେ କୌଣସି ବିଷୟକୁ ଖଣ୍ଡ ବିଖଣ୍ଡ କରି ଦେଖେଇବା କୌଣସି ସମାଲୋଚକଙ୍କର କର୍ତ୍ତବ୍ୟ ହେବ ଉଚିତ ନୁହେଁ । ସେହି ସମାଲୋଚକ ମହାଶୟ ପୁଣି ଲେଖିଛନ୍ତି, 'ନୀଳକଣ୍ଠଙ୍କ ପୂର୍ବରୁ ବହୁ ସଂସ୍କାରକ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ।" କିନ୍ତୁ ମୁଁ ଦୃଢ଼ତାର ସହିତ ବ୍ୟକ୍ତ କରିପାରେ ଯେ, ତାଙ୍କ ପରି ଅକୁତୋଭୟ ଓ ନିର୍ଭୀକଚେତା ସଂସ୍କାରକ ତାଙ୍କ ପୂର୍ବରୁ ଓଡ଼ିଶାରେ ଆଉ କେହି ନଥିଲେ ।

Digitized by PPRACHIN, SOA

ଏହିପରି ଭବରେ ବର୍ତ୍ତମାନ ଦେଖାଯାଏ ଯେ କୌଣସି କୌଣସି କବି ଓ ସାହିତ୍ୟିକ ନୀଳକଣ୍ଠଙ୍କ ଉପରେ ବିନା ଦ୍ୱିଧାରେ ସମାଲୋଚନାର ଶାଣିତ କରବାଳ ଚଳାଇବାକୁ ପ୍ରସ୍ତୁତ । ତାଙ୍କର ପ୍ରଧାନ ଯୁକ୍ତି ହେଲା, ସେ ରାଧାନାଥଙ୍କୁ ଅନୁସରଣ କରି, ରାଧାନାଥଙ୍କ 'ଉଷା' କାବ୍ୟ ପରି ତାଙ୍କ 'କୋଣାର୍କେ' କାବ୍ୟରେ ଶାପଗ୍ରସ୍ତ ଦେବତାମାନଙ୍କୁ ଉପସ୍ଥାପନ କରିଅଛନ୍ତି । କିନ୍ତୁ ଏଣେ 'କୋଣାର୍କେ' କାବ୍ୟରୁ ନିମ୍ନଲିଖିତ ପଙ୍କ୍ତିମାନ ଉଦ୍ଧାର କରି କହନ୍ତି, ନୀଳକଣ୍ଠ ରାଧାନାଥଙ୍କ ଉପରେ ଏପରି ବିମନ କାହିଁକି ହେଲେ ?

"କବି ରାଧାନାଥ ଆସିବେ କି ସେ ଯଯାତି ପାଶେ
ରାଣୀମାନେ ସେ କି ହସିବେ ବିଦ୍ୟା ସୁନ୍ଦର ହାସେ ।
କବିଙ୍କ କେଦାର ଗଉରୀ ଆସି ଯବନ ଦେଶୁ
ନାଚି ଯିବେ ତିଳେ ଗୋପନେ ତବ ଅଭ୍ୟାସ ବଶୁ ।
ସୁବର୍ଣ୍ଣ ଦୁହିତା ବରିବେ ଚୈରଗଙ୍ଗ ରାଜନ
କେରଳ ମହଲେ ଉହଳ ଭେରୀ ଶୁଭିବ ପୁଣ ।
ଘର ଛାଡ଼ି କିଂପା ଯିବେ ସେ ବୀର-ବାଳା ନଂଦିକା
ସହକାର-ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଉଶଲ୍ୟ ଲାଗଂଗ ଧ୍ୱଜଙ୍କ ଏହି ନୟନେ ନାଚେ
କବିଂକି ସୁମରି ବିରାଗେ ମୁଖ ଫେରଥ ପଛେ ।"

ଦୁଃଖର କଥା, ନୀଳକଣ୍ଠ ବର୍ତ୍ତମାନ ଜୀବିତ ନାହାନ୍ତି । ସେ ଜୀବିତ ଥିଲେ ଏହି ସମାଲୋଚକମାନଙ୍କୁ ଯଥାଯଥ ଉତ୍ତର ଦେଇଥାନ୍ତେ ।

ମହାତ୍ମା ଗାନ୍ଧୀ ଯାହା ୧୯୨୧ ପରେ ସାଧନ କରିବାକୁ ଚେଷ୍ଟା କରିଥିଲେ ତାହା ସଂସ୍କାରକ ଗୋପବନ୍ଧୁ ଓ ନୀଳକଣ୍ଠ ପ୍ରଭୃତି ୧୯୦୧ ଠାରୁ ୧୯୧୫ ମଧ୍ୟରେ ସହଜ ଭବରେ ସମାଧାନ କରିପାରିଥିଲେ । ତାହା ହେଉଛି ଅସ୍ପୃଶ୍ୟତା ନିବାରଣ ଓ ହରିଜନ ଆନ୍ଦୋଳନ । ହରି ମଲିକ ନାମକ ଗୋଟିଏ କଣ୍ଡରା ଛାତ୍ରକୁ ଛାତ୍ରାବାସରେ ଅନ୍ୟ ସହପାଠୀମାନଙ୍କ ସହିତ ଏକତ୍ର ବସାଇ ଏକ ପଂକ୍ତି ଭୋଜନର ସେ ବ୍ୟବସ୍ଥା କରାଇଥିଲେ । ଏପରି ସାହସିକତା ପୂର୍ଣ୍ଣ କାର୍ଯ୍ୟ ଏମାନଙ୍କ ପୂର୍ବରୁ କେଉଁ ସଂସ୍କାରକ ସାଧନ କରିଥିଲେ କି ? କିଏ ନିରନ୍ନ ବୁଭୁକ୍ଷୁ ଓ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଲୋକମାନଙ୍କ ସହିତ ହୃଦୟର ପୂର୍ଣ୍ଣ ସହାନୁଭୂତି ଓ ସମବେଦନା ସହ

Digitized by PPRACHIN, SOA

ସେମାନଙ୍କୁ ଚୁଡ଼ା ଗୁଡ଼ଙ୍କ ବାଣ୍ଟିଥିଲେ କି ? କାହାର କଣ୍ଠରୁ ସର୍ବପ୍ରଥମେ ବଜ୍ରଗମ୍ଭୀର ସ୍ୱରରେ ଧ୍ୱନିତ ହୋଇ ଉଠିଥିଲା, " ଛାତ୍ରଗଣ, ପ୍ରଥମେ ଉଠ, ଏ ଦେଶର ଅଖଣ୍ଡ ସ୍ୱାଧୀନତା ଆଣ, ତା ପରେ ଅନ୍ୟ ସବୁ କଥା—"Liberty, equality and fraternity × × without liberty there is no literature." ଏହିପରି ଭାବରେ ଦେଶ ଜନନୀର ମୁକ୍ତିବାର୍ତ୍ତା କାହା କଣ୍ଠରେ ପ୍ରତିଧ୍ୱନିତ ହୋଇଥିଲା ? ସେତେବେଳେ ପୁରୀ ଏବଂ ନିକଟସ୍ଥ ଗ୍ରାମମାନଙ୍କରେ ରଥଯାତ୍ରା ସମୟରେ ଯେଉଁ ବିସୂଚିକା ରୋଗ ସର୍ବତ୍ର ପ୍ରବଳ ବେଗରେ ବ୍ୟାପି ଯାଉଥିଲା ଏବଂ ଯାହା ଫଳରେ ଶହ ଶହ ଗ୍ରାମବାସୀ ଏଥିରେ ଆକ୍ରାନ୍ତ ହୋଇ ନିଃସହାୟ ଭାବରେ ମୃତ୍ୟୁବରଣ କରୁଥିଲେ, ସେତେବେଳେ ନୀଳକଣ୍ଠ ଏବଂ ସତ୍ୟବାଦୀ ବିଦ୍ୟାଳୟର କେତେଜଣ ଛାତ୍ରଙ୍କ ବ୍ୟତୀତ ଆଉ କେହି ସେମାନଙ୍କର ସହାୟକ ହେଉଥିଲେ କି ? ଯେତେବେଳେ ନୀଳକଣ୍ଠ ଦାସଙ୍କ ନିଜ ଗ୍ରାମରେ ୧୯୧୬ ଖ୍ରୀଷ୍ଟାବ୍ଦରେ ଗୋଟିଏ ଦିନରେ ୧୦୦ ଲୋକରୁ ଅଧିକ ହଇଜାରେ ଆକ୍ରାନ୍ତ ହୋଇ-ପଡ଼ିଲେ, ସେତେବେଳେ ଏହି ନୀଳକଣ୍ଠ ସେମାନଙ୍କର ଅହର୍ନିଶ ସେବା କରି ସେମାନଙ୍କୁ ଅତି କଷ୍ଟରେ ବଞ୍ଚାଇଥିଲେ । ସେ ସମୟରେ ବିସୂଚିକାର ଏତେ ପ୍ରାଦୁର୍ଭାବ ହୋଇ ପଡ଼ିଥିଲା ଯେ, ଲୋକେ ସଂଧ୍ୟା ହେଲେ ଘରୁ ଭୟରେ ବାହାରକୁ ବାହାରୁ ନଥିଲେ । ସେ ବେଳାରେ ନୀଳକଂଠଙ୍କର ଏକମାତ୍ର ସହାୟକ ଥିଲେ ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଆଦର୍ଶ ଶିକ୍ଷକ ବିଶ୍ୱନାଥ ପୁରର ସାମନ୍ତ ବ୍ରାହ୍ମଣ ରାମଚନ୍ଦ୍ର ରଥ ଏବଂ ଶ୍ରୀରାମଚନ୍ଦ୍ରପୁର ଭର୍ଣ୍ଣାକୁଲର ସ୍କୁଲର ହେଡ୍ ପଣ୍ଡିତ ଶ୍ରୀ ମଧୁସୂଦନ ମିଶ୍ର । ଶ୍ରୀରାମଚନ୍ଦ୍ରପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ହରଚଣ୍ଡୀ ଠାକୁରାଣୀ । ତାଙ୍କଠାରେ ବ୍ରାହ୍ମଣମାନଙ୍କର ଅଟଳ ବିଶ୍ୱାସ । ଏଇ ହରଚଣ୍ଡୀଙ୍କର କାଳିସୀ ବିଜେହୋଇ ଆଜ୍ଞାଦେଲେ, 'ମୁଁ ଏ ଘରୁ ଏତେ ମୁଣ୍ଡ ଖାଇବି । ସେ ଘରୁ ସେତେ ମୁଣ୍ଡ ଖାଇବି । ଗାଁ ବୁଝାମଣା କରୁଥିବା ମାଧି ମିଶ୍ରଙ୍କୁ ଖାଇବି ।" ଏହିପରି ନାନା ପ୍ରକାର ଭୀତିପୂର୍ଣ୍ଣ କଥା କାଳିସୀ ମୁହଁରୁ ଶୁଣି ଲୋକେ ଭୟରେ ତ୍ରସ୍ତ ବିବ୍ରସ୍ତ ହୋଇ ପଡୁଥିଲେ । ଦିନେ ଏହି ବିସୂଚିକା ରୋଗର ପ୍ରାବଲ୍ୟ ସମୟରେ କାଳିସୀ ଦଣ୍ଡା-ମୁଣ୍ଡେ ବିଜେ ହୋଇ ଏହିପରି ନାନା ଭୟପୂର୍ଣ୍ଣ କଥା କହିଲା । ସମ୍ବାଦ ନୀଳକଣ୍ଠ ଦାସଂକ କାନରେ ଯାଇ ପହଞ୍ଚିଲା । ସେ ସଙ୍ଗେ ସଙ୍ଗେ କାଳେସୀ ନିକଟକୁ ଯାଇ କାଳେସୀଙ୍କୁ ଶକ୍ତ ଗୋଇଠାଏ ଦେଲେ, କାଳେସୀ ତଳେ ପଡ଼ିଗଲା । ତା'ପରେ

Digitized by PPRACHIN, SOA

ତାପରେ ବଡ଼ ଆପଣେ ମଧୁସୂଦନ ମିଶ୍ରେ କାଳେସୀର ବେତ ଛଡାଇ ତାଙ୍କୁ ନିସ୍ତୁକ ମାଡ ମାଇଲେ । ସଂଜ୍ଞା ପାଇବା ପରେ ପରେ କାଳେସୀ ଏମାନଙ୍କ ଗୋଡ଼ତଳେ ପଡ଼ି କହିଁଲା— "ଏ ସବୁ ମିଥ୍ୟା, ମୁଁ କାଳେସୀ ନୁହେଁ, ହରଚଣ୍ଡୀ ମୋତେ ପଠାଇ ନାହାନ୍ତି । ମୁଁ ଖାଲି ଲୋକଙ୍କୁ ଭୟଭୀତ କରିବା ନିମନ୍ତେ ଏପରି ଅଯଥା ଆଡ଼ମ୍ବର ଓ ଆୟୋଜନ କରି ଅଛି ।" ଆଛା, ଦେଖି କହନ୍ତୁ ତ ପାଠକ-ମାନେ, ନୀଳକଣ୍ଠଙ୍କ ବ୍ୟତୀତ ଓଡ଼ିଶାରେ ଆଉ କାହାର କୁସଂସ୍କାର ବିରୁଦ୍ଧରେ ନିର୍ଭୀକ ଭାବରେ ଏପରି ଦୁଃସାହସିକ କାର୍ଯ୍ୟ କରିବାର ସାହସ ଥିଲା ? ତାଙ୍କ ପୂର୍ବରୁ ଯେଉଁ ସମାଜ ସଂସ୍କାରକମାନେ ଆମ ଓଡ଼ିଶାରେ ଥିଲେ, ସେମାନେ ମଦନିଶା, ବେଶ୍ୟାପ୍ରଥା ଏବଂ ବିଧବା ବିବାହ ସମ୍ବନ୍ଧରେ କେବଳ ଘରେ ବସି ନାଟକ ଓ ଗଳ୍ପ ରଚନା କରୁଥିଲେ । କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବାର ସାହସ ଏମାନଙ୍କର ଥିଲା କି ? ଏଥିରେ ଯଦି ଆମ୍ଭେମାନେ କହିବା ଯେ ନୀଳକଂଠଙ୍କ ପୂର୍ବରୁ କେତେକ ସଂସ୍କାରକ ଆମ ଉତ୍କଳରେ ଥିଲେ, ତା'ହେଲେ ଆମ୍ଭେମାନେ ସତ୍ୟର ଅପଳାପ କରିବା ନାହିଁକି ? "ମୋ ନିଶ" ଆନ୍ଦୋଳନ ମଧ୍ୟରେ ନୀଳକଣ୍ଠ ବ୍ରାହ୍ମଣମାନଙ୍କର ପ୍ରତି ସଂଧ୍ୟାରେ ଭାଙ୍ଗଖିଆ ଅଭ୍ୟାସକୁ ଘୋର ନିନ୍ଦା କରିଥିଲେ ।


ନୀଳକଣ୍ଠ ଅତି ଅଳ୍ପ ବୟସରୁ ଯେପରି ସମାଜ ସଂସ୍କାର କରିଥିଲେ, ସେହିପରି ମଧ୍ୟ ସେ ଜଣେ ପ୍ରବୀଣ ଓ ପ୍ରତିଭାଶାଳୀ ଲେଖକ ଥିଲେ । ଏପରି ବିଚିତ୍ରକର୍ମା ସାଧକ ଓ ପ୍ରଜ୍ଞାବାନ ପୁରୁଷ ଓଡ଼ିଶାରେ ସେତେବେଳେ ପ୍ରାୟ ନଥିଲେ କହିଲେ ଚଳେ । ନୀଳକଂଠ ଏସବୁ କଥା ମଧ୍ୟ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଅଛନ୍ତି । କଟକରେ କଲଜିଏଟ ସ୍କୁଲର ଏକାଦଶ ଶ୍ରେଣୀରେ ପଢୁଥିବା ସମୟରେ ଲଣ୍ଡା ଦେଉଳ ପାଖରେ କିପରି ଗୋଟିଏ ଛାତ୍ର ବିସୂଚିକା ରୋଗରେ ଆକ୍ରାନ୍ତ ହେଲା, ନୀଳକଂଠ ବୋଡ଼ିଙ୍ଗ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ କିପରି ସେହି ଛାତ୍ରର ସେବା ଶୁଶ୍ରୂଷା କରିଥିଲେ ତାହାର ବିବରଣୀ ସେ ନିଜେ ଉଲ୍ଲେଖ କରି ଅଛନ୍ତି । ସେ ଲେଖିଚନ୍ତି, " ସୁପରିଣ୍ଟେଣ୍ଡେଣ୍ଟ ମୋତେ ପଚାରିଲେ 'ନୀଳକଂଠ ତୁମେ କାହା ଅନୁମତିରେ ଲଣ୍ଡା ଦେଉଳକୁ ଯାଇ ସେଇ ବିସୂଚିକା ଆକ୍ରାନ୍ତ ପିଲାର ସେବା କଲ ? ତୁମେ ଜାଣ, ତୁମର ବାପ, ମା ତୁମକୁ ଆମ ଜିମା ଛାଡ଼ି ଯାଇଛନ୍ତି । ତୁମର ଭଲ ମନ୍ଦ ହୋଇଥିଲେ ସେମାନେ ଆମକୁ ଦାୟୀ

Digitized by PPRACHIN, SOA

କରନ୍ତେ । ତୁମେ ଏଥିପାଇଁ ଦଣ୍ଡନୀୟ ହେବା ଉଚିତ ।' ଏହି କଥା ଶୁଣି ନୀଳକଣ୍ଠ କହିଲେ, 'ଆଜ୍ଞା, ଆପଣଙ୍କ କଥାର ଉତ୍ତର ଦେବାର ବେଳ ଏ ନୁହେଁ, ସେ ପିଲା ବର୍ତ୍ତମାନ ମରିଛି କି ବଞ୍ଚିଛି ସନ୍ଦେହ । ମୋତେ ଛାଡ଼ିଦିଅନ୍ତୁ ମୁଁ ଯାଇ ତାର ସେବା କରେଁ ।' ନୀଳକଂଠଙ୍କର ନୈତିକ ସାହସ, ଚରିତ୍ରବତ୍ତା ଏବଂ କର୍ତ୍ତବ୍ୟରେ ନିଷ୍ଠାପରତା ଏହି ଘଟଣାରୁ ଅନୁମେୟ ।

ନୀଳକଂଠ କେବଳ ଶିକ୍ଷକ କିମ୍ବା ସେବକ ନଥିଲେ । ସେ ଥିଲେ ଜଣେ ପରମ ଦେଶଭକ୍ତ । ସେ ଥିଲେ କବି, ମନୀଷୀ ଓ ଦାର୍ଶନିକ । ଗଦ୍ୟ ଓ ପଦ୍ୟ ଉଭୟ ରଚନାରେ ତାଙ୍କ ପ୍ରତିଭାର ପଟାନ୍ତର ନଥିଲା ' ସେ ଜର୍ମାନୀର ଦର୍ଶନାଗ୍ରର୍ଯ୍ୟ ମହାତ୍ମା ଫିକ୍‌ଟେଙ୍କର ପଟ୍ଟଶିଷ୍ୟ ଥିଲେ । ଫିକ୍‌ଟେ କହିଛନ୍ତି– 'Liberty ! without equality, there is no liberty. All men are equal. ଅର୍ଥାତ୍ ସମଜ୍ଞାନ ବ୍ୟତିରେକ ସ୍ୱାଧୀନତା ଅସମ୍ଭବ । ମାନବ ମାତ୍ରେ ହିଁ ସମାନ । ଏହି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକର ଭାର ଗ୍ରହଣ କରି ଛାତ୍ରମାନଙ୍କୁ ସ୍ୱଦେଶପ୍ରାଣତାରେ ଅନୁପ୍ରାଣିତ କରିଥିଲେ । ତାଙ୍କର ଏହି ମନୋଭାବ ଓ ଉଦାର ଦୃଷ୍ଟିଭଙ୍ଗି ଏବେ ମଧ୍ୟ ଲୋକଙ୍କ ମନରେ ବିଦ୍ୟମାନ ଅଛି । ୧୯୭୭ ମସିହା ଜୁନ 'ଉତ୍କଳମଣି ଗୋପବନ୍ଧୁ ଜନ୍ମ ଶତବାର୍ଷିକ ସଂଖ୍ୟା'ରେ ମନୋରଞ୍ଜନ ଦାସ "Social ideals and patriotism in Oriya literature" ଶୀର୍ଷକ ପ୍ରବନ୍ଧରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀରୁ ପ୍ରକାଶ ପାଉଥିବା Indian Literature ପତ୍ରିକାରେ ନୀଳକଣ୍ଠ ଦାସଙ୍କ ବିଷୟ ଉଲ୍ଲେଖ କରି କହିଅଛନ୍ତି, 'Pandit Nilakantha Dash, the erudite scholar and literateur of the Satyabadi School, is a notable poet and essayist. His celebrated kabya "Konark" is vibrated with the spirit of patriotism and is variegated with glimpses from the glorious history of Orissa, The prose literature of Nilakantha bears a Renaisance spirit and is noted for its outspoken character.' ଅର୍ଥାତ୍ "ସତ୍ୟବାଦୀ ବିଦ୍ୟାଳୟର ପଣ୍ଡିତ ନୀଳକଣ୍ଠ ଦାସ ଜଣେ ବିଖ୍ୟାତ ପଣ୍ଡିତ, ବିଦଗ୍ଧ ସାହିତ୍ୟିକ ଏବଂ ପ୍ରସିଦ୍ଧ କବି ଏବଂ ପ୍ରାବନ୍ଧିକ ଥିଲେ । ତାଙ୍କର ସୁପ୍ରସିଦ୍ଧ କାବ୍ୟ "କୋଣାର୍କେ"ର ପ୍ରତ୍ୟେକ ପତ୍ରରେ ତାଙ୍କର ଦେଶାତ୍ମବୋଧ ଅନୁରଞ୍ଜିତ ହୋଇ ଉଠିଛି, ଏବଂ ଓଡ଼ିଶାର ଅତୀତ ଇତିହାସର ଚିତ୍ର ପ୍ରତି ପୃଷ୍ଠାରେ ଜ୍ୱଳନ୍ତ ଓ ଜୀବନ୍ତ ହୋଇଛି । ନୀଳକଂଠ

Digitized by PPRACHIN, SOA



ଆବିର୍ଭାବ—୫।୮।୧୮୮୪ ତିରୋଭାବ—୬।୧୧।୧୯୬୭

Digitized by PPRACHIN, SOA

ଦାସଙ୍କର ଗଦ୍ୟ ସାହିତ୍ୟରେ ନବଜାଗ୍ରତିର ସ୍ପନ୍ଦନ ଦେଖିବାକୁ ମିଳେ । ଏଥିରେ ସତ୍ୟର ଅଭିବ୍ୟକ୍ତି ପରିସ୍ଫୁଟ ।" ୧୯୬୭ ମସିହାର ଜଣେ ଅତ୍ୟାଧୁନିକ ଲେଖକଙ୍କ ପକ୍ଷରେ କବି ଓ ମନୀଷୀ ନୀଳକଣ୍ଠଙ୍କ ସମ୍ପର୍କରେ ଏପରି ଶ୍ଲାଘନୀୟ ମନ୍ତବ୍ୟ ଦେବା ନୀଳକଣ୍ଠଙ୍କର କବି ପ୍ରତିଭା ଓ ସାହିତ୍ୟ ସାଧନା ଉପରେ ଯଥେଷ୍ଟ ଆଲୋକପାତ କରେ ।

ନୀଳକଣ୍ଠଙ୍କର ପ୍ରଥମ ଲେଖା ହେଉଛି, ସ୍ୱର୍ଗତ ଚନ୍ଦ୍ରଶେଖର ସାମନ୍ତଙ୍କର ଏକ କ୍ଷୁଦ୍ର ଜୀବନୀ । ଲେଖା ହେବାର ଦୁଇବର୍ଷ ପରେ ସେହି ପ୍ରବନ୍ଧଟି ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା । ଏହି ଲେଖାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ନିଜର ପୁଅ ପ୍ରଶାନ୍ତଙ୍କ ହାତରେ ତାଙ୍କୁ ଯେଉଁ ଉତ୍ସାହ ପ୍ରଦାନ କରିଥିଲେ, ତାହା ଅନେକ ଦିନ ପର୍ଯ୍ୟନ୍ତ ତାଙ୍କୁ ସାହିତ୍ୟ ସାଧନାରେ ବ୍ରତୀ କରାଇ ଥିଲା । ସେତେବେଳର ଉମାକାନ୍ତ ମହାପାତ୍ର ଯେ କି ଦିନେ ଇଂରେଜ ସରକାରଙ୍କର Translator ହୋଇଥିଲେ, ସେ ଏହି ପ୍ରବନ୍ଧଟି ପଢ଼ି ନୀଳକଣ୍ଠଙ୍କ ପାଖକୁ ଗୋଟିଏ ଚିଠିରେ ଲେଖିଥିଲେ, " I read it with much gusto, It is very good. ' "gusto" ଶବ୍ଦଟି ନୀଳକଣ୍ଠ ଉମାକାନ୍ତ ବାବୁଙ୍କ ଚିଠିରୁ ପ୍ରଥମେ ଦେଖିଲେ ; Chambers's twentieth century Dictionaryରେ 'gusto' ଶବ୍ଦର ଅର୍ଥ ହେଲା 'Taste', 'Zest' ଏହିଠାରେ ହିଁ ହେଲା ନୀଳକଣ୍ଠଙ୍କ ମନୀଷାର ପ୍ରଥମ ମୂଲ୍ୟାୟନ ।

ଏହି ପ୍ରତିଭା କ୍ରମେ କ୍ରମେ ତାଙ୍କର ଗଦ୍ୟ ଓ ପଦ୍ୟ ସାହିତ୍ୟ ଆଲୋଚନାରେ ପରିସ୍ଫୁଟ ହେବ । କିନ୍ତୁ ଏହି ଆଲୋଚନାରେ ତାଙ୍କର 'ଆତ୍ମ ଜୀବନୀ' ବିଶେଷ ସାହାଯ୍ୟ କରିବ ନାହିଁ । ସେଥିରେ ନୀଳକଣ୍ଠଙ୍କର ସମଗ୍ର କବିତା କାବ୍ୟ ଓ ଗଦ୍ୟ ସାହିତ୍ୟର ବିଶେଷ କିଛି ଉଲ୍ଲେଖ ନାହିଁ । ୧୯୬୨ ମସିହା ମାର୍ଚ୍ଚ ୩୦ ତାରିଖରେ ଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଯେଉଁ ଅଧିବେଶନ ବସିଥିଲା, ସେଥିରେ ପୁରସ୍କୃତ ହୋଇଥିବା ଲେଖକମାନଙ୍କୁ ଉଦ୍‌ବୋଧନ ଦେଇ ତତ୍‌କାଳୀନ ରାଷ୍ଟ୍ରପତି ସ୍ୱର୍ଗତ ଡ଼କ୍ଟର ରାଧାକ୍ରିଷ୍ଣନ କହିଥିଲେ "Every generation is charged with the duty to attempt to remake the world" ଅର୍ଥାତ ପ୍ରତ୍ୟେକ ଯୁଗର ଲେଖକମାନେ ଏହି ପୃଥିବୀର ପୁନର୍ଗଠନ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବେ । ସାମ୍ରାଜ୍ୟର ଉତ୍‌ଥାନ ଓ ପତନ ଅଛି, କିନ୍ତୁ ଖଣ୍ଡିଏ ସତ୍ୟପୂର୍ଣ୍ଣ ସାହିତ୍ୟ ଚିରନ୍ତନ ମୂଲ୍ୟରେ ବିମଣ୍ଡିତ । ସାହିତ୍ୟ ଶିଳ୍ପର ଭୂମିକା ପୃଥିବୀରେ ଅପରିହାର୍ଯ୍ୟ ଓ ଦୁର୍ଲଂଘନୀୟ । ଏହି ଭୂମିକାରେ ନୀଳକଣ୍ଠ ଅବତୀର୍ଣ୍ଣ ହୋଇ ସାହିତ୍ୟର କି କଲ୍ୟାଣ ସାଧନ କରିଛନ୍ତି, ତାହା ଏହି ଗ୍ରନ୍ଥରେ ଯଥା ସ୍ଥାନରେ ଆଲୋଚିତ ହେବ ।

Digitized by PPRACHIN, SOA

**ରବୀନ୍ଦ୍ରନାଥଙ୍କ ମତବାଦ**— ସାହିତ୍ୟ ଯୁଗପତ୍ ପ୍ରୟୋଜନ ସାଧନ ଏବଂ ଶିକ୍ଷାଦାନ ଉଦ୍ଦେଶ୍ୟର ଉର୍ଦ୍ଧ୍ୱରେ । ବର୍ତ୍ତମାନ ଦେଖିବାର କଥା ସାହିତ୍ୟ କିପରି ଭାବରେ ଆମ୍ଭମାନଙ୍କର ମଙ୍ଗଳ ସାଧନ କରେ ଏବଂ ତାହାର ସାର୍ଥକତା ମାନବ ସମାଜର କେଉଁଠାରେ । ଏ ବିଷୟରେ ବିଶ୍ୱକବି ଏବଂ ପ୍ରାଚ୍ୟ ସଭ୍ୟତା ଓ ସଂସ୍କୃତିର ଜାଗ୍ରତ ପ୍ରହରୀ ରବୀନ୍ଦ୍ରନାଥ ଠାକୁର ଥରେ ଉଲ୍ଲେଖ କରିଥିଲେ, "ସହିତ" ଶବ୍ଦରୁ "ସାହିତ୍ୟ" ଶବ୍ଦର ଉତ୍ପତ୍ତି । ଅତଏବ ଧାତୁଗତ ଅର୍ଥ ଧରିଲେ ସାହିତ୍ୟ ଶବ୍ଦ ମଧ୍ୟରେ ଗୋଟିଏ ମିଳନର ଭାବ ଦେଖିବାକୁ ମିଳେ । ସେ ଯେ କେବଳ ଭାବ ସହିତ ଭାବର, ଭାଷା ସହିତ ଭାଷାର, ଗ୍ରନ୍ଥ ସହିତ ଗ୍ରନ୍ଥର ମିଳନ ତାହା ନୁହେଁ— ମନୁଷ୍ୟ ସହିତ ମନୁଷ୍ୟର, ଅତୀତ ସହିତ ବର୍ତ୍ତମାନର, ଦୂର ସହିତ ନିକଟର ଅତ୍ୟନ୍ତ ଅନ୍ତରଙ୍ଗ ସଂଯୋଗ ସାଧନ ସାହିତ୍ୟ ବ୍ୟତୀତ ଆଉ କାହାରି ଦ୍ୱାରା ସମ୍ଭବପର ନୁହେଁ । ଯେଉଁ ଦେଶରେ ସାହିତ୍ୟର ଅଭାବ, ସେ ଦେଶର ଲୋକ ପରସ୍ପର ସଜୀବ ବନ୍ଧନରେ ସଂଯୁକ୍ତ ନୁହନ୍ତି । ସେମାନେ ବିଚ୍ଛିନ୍ନ । ରବୀନ୍ଦ୍ର ନାଥ କଳା କୈବଲ୍ୟ ବାଦରେ ବିଶ୍ୱାସ ସ୍ଥାପନ କରିଥିଲେ । ସାହିତ୍ୟର ଉପକାର ସମ୍ବନ୍ଧରେ ସେ ତାଙ୍କର 'ଏବାର ଫିରାଓ ମୋରେ' କବିତାରେ ତା ପରବର୍ତ୍ତୀକାଳରେ ସାହିତ୍ୟର ଅପ୍ରୟୋଜନୀୟ ଆନନ୍ଦକୁ ଧିକ୍କାର ଦେବାକୁ ଯାଇ ଲେଖିଅଛନ୍ତି—

"ଆମି ଗାନ୍ଥି ଆପନାର ଚାରି ଦିକ୍ ଘିରେ
ସୂକ୍ଷ୍ମ ରେଶମେର ଜାଲ କି ତାର ମତନ
ମଗନ ଥାକି ଆପନାର ମଧୁର ତିମିରେ
ଦେଖିନା ଏ ଜଗତେର୍ ପ୍ରକାଣ୍ଡ ଜୀବନ
କେନ ଆମି ଆପନାର ଅନ୍ତରାଳେ ଥାକି
ମୁଦ୍ରିତ ପାତାର, ମାଝେ କାନ୍ଦେ ଅନ୍ଧ ଆତ୍ମା ।"

"ଏ ବାର ଫିରାଓ ମୋରେ" କବିତାରେ ଏହି ଆତ୍ମ ପ୍ରତିକ୍ରିୟା ଓ ଆତ୍ମ ପ୍ରତିବାଦର ସ୍ୱର ଝଙ୍କାର ଲାଭ କରିଅଛି । ତେଣୁ ସେ ଦୁଃଖରେ ବ୍ୟଥିତ ହୋଇ ଉଲ୍ଲେଖ କରି ଅଛନ୍ତି, "ଏ ଜୀବନଟା ମୋର ବୃଥାରେ କଟିଗଲା । ବୃଥାରେ ମୁଁ ନିଜର ମଧୁର ଅନ୍ଧକାରରେ ମଗ୍ନ ହୋଇ ରହିଲି । ଏହି ଆଳସ୍ୟପୂର୍ଣ୍ଣ କବି କଳ୍ପନାର କୌଣସି ମୂଲ୍ୟ ନାହିଁ । ମୋର ସମ୍ମୁଖରେ ଯେଉଁ ବିରାଟ ସଂସାର ଦୁଃଖ, ବେଦନା, କ୍ଷୁଧା ଓ ତୃଷାରେ ବିଷଣ୍ଣ ହୋଇ ପଡ଼ିଛି, ସେହି ସଂସାର ପ୍ରତି ମୁଁ ଦୃଷ୍ଟି ଦେଇ ନାହିଁ । ବର୍ତ୍ତମାନ ସେ ସମୟ ଆସିଛି, ତେଣୁ ସେ ଗଭୀର ଅନ୍ତର୍ବ୍ୟଥାର ସହିତ ଲେଖିଛନ୍ତି—

Digitized by PPRACHIN, SOA

"କର୍ମହୀନ ଜୀବନେର ଏକ ପ୍ରାନ୍ତ ପାରି ତରଙ୍ଗିତେ
ଶୁଧୁ ମୁହୂର୍ତ୍ତେର ତରେ, ଦୁଃଖ ଯଦି ପାୟ ତାର ଭଷା,
ସୁପ୍ତିହତେ ଜେଗେ ଉଠେ ଅନ୍ତରେର ଗଭୀର ପିପାସା
ସ୍ୱର୍ଗେର ଅମୃତ ଲଗି ତବେ ଧନ୍ୟ ହବେ ମୋର ଗାନ୍ ।"

ଏହିପରି ଭାବରେ ମନୋବେଦନା ପ୍ରକାଶ କରି ରବୀନ୍ଦ୍ରନାଥ ଏପର୍ଯ୍ୟନ୍ତ ଅହୋୟଜନୀୟ ଆନନ୍ଦପୂର୍ଣ୍ଣ ଯେଉଁ କବିତାମାନ ରଚନା କରିଥିଲେ, ତାକୁ ଧିକ୍କାର କରି ଉଲ୍ଲେଖ କରି ଅଛନ୍ତି, "ଚଷା ନିଜ ଜମିରେ ଚାଷ କରୁଛି । ହଳ ବୁଲଉଛି । ତନ୍ତୀ ଘରେ ବସି ତନ୍ତରେ ଲୁଗା ବୁଣୁଛି । କେଉଟ ପୋଖରୀରେ ଜାଲ ପକାଉଛି । ଏ ଜୀବନ ବଡ଼ କର୍ମମୟ । ଏହି କର୍ମର ଭାର ଉପରେ ନିର୍ଭର କରି ସମଗ୍ର ସଂସାର ସୁଃଖ ଦୁଃଖରେ ଆଗେଇ ଚାଲିଛି । ମୁଁ ଅନେକଥର ଚେଷ୍ଟା କରିଛି ସେମାନଙ୍କର ସଂସ୍ପର୍ଶରେ ଆସିବାକୁ । ସେମାନଙ୍କ ମଧ୍ୟରେ ପ୍ରବେଶ କରି ସେମାନଙ୍କ ସହିତ ନିଜକୁ ଏକାକାର କରିଦେବାର ପ୍ରୟାସ ବହୁବାର ମୋ ହୃଦୟରେ ପ୍ରବେଶ କରିଛି, କିନ୍ତୁ ମୁଁ ସେମାନଙ୍କ ସହିତ ମିଶି ପାରିନି । ସେମାନଙ୍କର ପ୍ରାଙ୍ଗଣର ଧାର ପର୍ଯ୍ୟନ୍ତ ମୁଁ କେବଳ ପ୍ରବେଶ କରିଛି । ସେମାନଙ୍କ ମଧ୍ୟରେ ମିଶି ସେମାନଙ୍କ ସହିତ ଘନିଷ୍ଠତା ସଞ୍ଚୟ କରିବାର ଶକ୍ତି ମୋର ନଥିଲା । ତେଣୁ କବି ଆନ୍ତରିକ କ୍ଷୋଭର ସହିତ ଲେଖିଛନ୍ତି—

"ଜୀବନେ ଜୀବନ ଯୋଗ କର ।
ନାହଲେ, କୃତ୍ରିମ ପଣ୍ୟେ ବ୍ୟର୍ଥ ହୟେ
ଗାନେର ପସରା ।
ତାଇ ଆମି ମେନେ ନିୟେ ସେ ନିନ୍ଦାର କଥା
ଆମାର ସୁରେର ଅପୂର୍ଣ୍ଣତା
ଆମାର କବିତା ଜାନି ଆମି ।
ଗେଲେଓ ବିଚିତ୍ର ପଥେ,
ହୟ ନାଇଁ ସେ ସର୍ବତ୍ରଗାମୀ ।

ଅର୍ଥାତ୍ ତାଙ୍କର କବିତା ବିଚିତ୍ର ରଙ୍ଗ ଢ଼ଙ୍ଗରେ ବିନ୍ୟସ୍ତ ହେଲେ ସୁଦ୍ଧା ତାହା ସର୍ବବ୍ୟାପକ ହୋଇ ପାରିନାହିଁ । "ଆର୍ଟ" ପ୍ରୟୋଜନ ଓ ଅପ୍ରୟୋଜନ ସମ୍ବନ୍ଧରେ ସେ ଉଲ୍ଲେଖ କରି କହିଛନ୍ତି । "ଆରେ ସୌନ୍ଦର୍ଯ୍ୟଶିଳ୍ପୀ କବି, ତୁ

Digitized by PPRACHIN, SOA

ମନୁଷ୍ୟର କି ଉପକାରରେ ଲଗିବୁ ? ଯେତେକ ଅକାର୍ଯ୍ୟ ସବୁ ତ ତୋରି କରଣୀ । ଆଳସ୍ୟର ସହସ୍ର ସଞ୍ଚୟ ତୋହରି ଠାରେ ।" ରବୀନ୍ଦ୍ରନାଥ ତାଙ୍କର ଅନ୍ୟ ଗୋଟିଏ କବିତାରେ କହିଛନ୍ତି ସୌନ୍ଦର୍ଯ୍ୟ ପୂଜାରୀର ସକଳ ସୌନ୍ଦର୍ଯ୍ୟ ସୃଷ୍ଟି ଏହିପରି ଅକାରଣରେ ଭସିଯାଏ । ଆମ୍ଭମାନଙ୍କର ଏହି କର୍ମ ଜଗତର କୌଣସି କର୍ମରେ ତାହା ଆସେନାହିଁ । ଏହି ହେଲା ଆନନ୍ଦବାଦୀ ରବୀନ୍ଦ୍ରନାଥଙ୍କର କବିତା ରଚନାର ପ୍ରଥମ ପର୍ଯ୍ୟାୟର ମତବାଦ ।

## ସତ୍ୟବାଦୀ ଗୋଷ୍ଠୀର ମତବାଦ—

ନୀଳକଣ୍ଠ, ଗୋପବନ୍ଧୁ ପ୍ରଭୃତିଙ୍କର ଏପରି ମତବାଦ ନ ଥିଲା । ସତ୍ୟବାଦୀ ଗୋଷ୍ଠୀର କବିମାନେ ଥିଲେ ପର-ଦୁଃଖ-ତତ୍‌ପର ଓ ଜନ-ହିତୈଷୀ । ଏମାନେ ଯଦିଓ କବିତାର ଗଭୀର ଅନୁପ୍ରେରଣାରେ କାବ୍ୟ କବିତା ରଚନା କରିଛନ୍ତି ତଥାପି ଅଜ୍ଞାତ ଭାବରେ ତାଙ୍କ କବିତାରୁ ଶିକ୍ଷା, ଆଦର୍ଶ ଓ ଉପଦେଶର ମହୀୟସୀ ଚିନ୍ତା ଉଦ୍ରେକ ହୋଇ ଛାତ୍ରମାନଙ୍କୁ ଏହି ଆଦର୍ଶରେ ଉଦ୍‌ବୁଦ୍ଧ କରିଅଛି । ଉଦାହରଣ ସ୍ୱରୂପ ଏଠାରେ ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ ସ୍ୱଭାବ କବି ଏବଂ ନୀଳକଣ୍ଠଙ୍କର ଅନ୍ତରଙ୍ଗ ବନ୍ଧୁ ଓ ସହକର୍ମୀ ଗୋଦାବରୀଶ ମିଶ୍ରଙ୍କର ଗୋଟିଏ କବିତା ଦୃଷ୍ଟାନ୍ତ ସ୍ୱରୂପ ନିଆଯାଉ । ଥରେ ଗ୍ରୀଷ୍ମ ଋତୁରେ ସତ୍ୟବାଦୀ ବିଦ୍ୟାଳୟ ନିକଟସ୍ଥ ସେବକ ସାହିରେ ନିଆଁ ଲଗିଗଲା । ଏଥିରେ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରାବାସର ସମସ୍ତ ଛାତ୍ର ନିଜ ନିଜ ପ୍ରାଣ ଉତ୍ସର୍ଗ କରି ନିଆଁ ଲିଭାଇବାରେ ଲଗି ପଡ଼ିଲେ । ଏପରି ନିଆଁ ଲିଭା ଦୃଶ୍ୟ ସତ୍ୟବାଦୀର ପାଖ ଆଖ ଲୋକେ କେବେ ଦେଖିନଥିଲେ । ନିଆଁ ଲିଭିଗଲା; କିନ୍ତୁ ଲୋକେ ଏହି ଅଭୂତପୂର୍ବ ଘଟଣାକୁ ବହୁକାଳ ପର୍ଯ୍ୟନ୍ତ ପାଶୋରି ପାରି ନଥିଲେ । ଏହି ନିଆଁ ଲିଭା କାର୍ଯ୍ୟରେ କବି ଗୋଦାବରୀଶ ମଧ୍ୟ ନିବିଡ଼ ଭାବରେ ଜଡ଼ିତ ଥିଲେ । ତାର ଅଳ୍ପଦିନ ମଧ୍ୟରେ ତାଙ୍କର "ମାଗୁଣୀ" ଶୀର୍ଷକ କବିତାଟି ୧୩୨୩ ଓ ୨୪ ସାଲର 'ସତ୍ୟବାଦୀ'ର ପଞ୍ଚମ ଓ ଷଷ୍ଠ ସଂଖ୍ୟାରେ ପ୍ରକାଶ ପାଇଥିଲା । ସେହି କବିତାରେ କବି ଏହି ନିଆଁ ଲିଭାକୁ ଲକ୍ଷ୍ୟ କରି ଲେଖିଛନ୍ତି—

ଗୁରୁ ଆସନରେ କି ଭଳି ବୋସର
ବସି ସେ ନିକୁଞ୍ଜ ବନେ
କଠୋର ଶାସନୀ ବଚନେ ବାବୁହେ
ତିଆରି ପାରିବି କିନେ ?

Digitized by PPRACHIN, SOA

ଏ ଯେ ମଧୁଭବ ସେନେହ ପୀରତି
ରଖିଛ ହୃଦୟେ ଭରି
କେଣିକାଏ ତହୁଁ ଦିଅନ୍ତ ଯେବେ ଏ
ପରଣ ଯାଆନ୍ତା ପୂରି ।
ତୁମଠାରୁ ବାବୁ ଲଭି ଏ ସମ୍ପଦ
ଜୀବନ ଅମୂଲ୍ୟ ମଣି
ସାର୍ଥକ କରନ୍ତି ଏ ମୋର ଜନମ
ଧନୀରୁ ହୁଅନ୍ତି ଧନୀ ।

ଧନମାନେ ଯେହି ତୁମ ମଧୁ ମେଳେ
ବିହରି ହରଷ ଭରେ
ତୁମ ଭଳି ଜଣେ ଦୋସର ବାବୁ ହେ
ହୋଇ ମୁଁ ଯାଆନ୍ତି ହେଳେ ।

ଏହା କବିଙ୍କର ଅନ୍ତରର ଗଭୀର ପ୍ରଦେଶକୁ ମଥିତ କରି ଉଚ୍ଚାରିତ ହୋଇ ଉଠିଛି । ଏହା ତାଙ୍କର ଅନ୍ତରର ସ୍ପନ୍ଦନର ବାଣୀ । ଏଥିରେ ମାନବ ସମାଜ ପ୍ରତି ଛାତ୍ରମାନଙ୍କର ବ୍ୟାକୁଳତାର ଚିତ୍ର ଅଙ୍କିତ ହୋଇଅଛି । ଏହା ରବି ଠାକୁରଙ୍କର ଅପ୍ରୟୋଜନୀୟ ଆନନ୍ଦର ବାଣୀ ବହନ କରି ନାଇ । ଏଥିରେ ହୃଦୟର ଗଭୀର ଉଚ୍ଛ୍ୱାସ ସହିତ କବିଙ୍କର ଛାତ୍ରଙ୍କ ପ୍ରତି ଯେଉଁ ଉପଦେଶ ପ୍ରକଟିତ ହୋଇଅଛି, ତାହା ହେଉଛି ପ୍ରାଚୀନ ଆର୍ଯ୍ୟ ଋଷିମାନଙ୍କର ଶିଷ୍ୟମାନଙ୍କ ପ୍ରତି ଗୋଟିଏ ମହାନ ଉପଦେଶର ପ୍ରତିଛାୟା । ସେହି ଉପଦେଶଟି ହେଉଛି "ସର୍ବତ୍ର ଜୟ ମନ୍ବିଚ୍ଛେତ୍, ଶିଷ୍ୟାଦିଚ୍ଛେତ୍ ପରାଜୟମ" - ଅର୍ଥାତ୍ ସବୁଠାରେ ଜୟ ଅର୍ଜନ କରିବାକୁ ଚେଷ୍ଟା କରିବ । କିନ୍ତୁ ଶିଷ୍ୟ ଠାରୁ ପରାଜିତ ହେବାରେ ଆନନ୍ଦ ଅତି ଅପରିସୀମ । ଅର୍ଥାତ୍ କବି ଗୋଦାବରୀଶ କହନ୍ତି, "ହେ ଛାତ୍ରଗଣ, ତୁମେ ଯେଉଁ ପର ଉପକାରର ସୁମହାନ୍ ଆଦର୍ଶ ଦେଖାଇଲ, ସେହି ଆଦର୍ଶ ତୁମ ଶିକ୍ଷକଙ୍କ ଜୀବନରେ ପ୍ରତି ମୁହୂର୍ତ୍ତରେ ଫୁଟି ଉଠୁ । ଆମ୍ଭମାନଙ୍କର ଜୀବନ ଧନ୍ୟ ହେଉ । ତୁମ୍ଭମାନଙ୍କର ଜୀବନ ସାର୍ଥକ ହେଉ ।" ସେହି ଗୋଦାବରୀଶ ତାଙ୍କର ଅନନ୍ୟ ସୃଷ୍ଟି "ସତ୍ୟବାଦୀ"ରେ ପ୍ରକାଶିତ "ସତ୍ୟବାଦୀର ପତ୍ର" କବିତାର ସଂଜ୍ଞା ସ୍ୱରୂପ ପରିସର ଓ ଲିଖନ ଶୈଳୀ ସମ୍ବନ୍ଧରେ ଛାତ୍ରମାନଙ୍କୁ ଉପଦେଶ ଦେଇ ଥରେ

Digitized by PPRACHIN, SOA

ଲେଖିଥିଲେ ଯେ ସମସ୍ତେ ସମାନ ଭବରେ କାଳିଦାସ କିମ୍ବା ରବୀନ୍ଦ୍ରନାଥଙ୍କ ପରି ବିଶ୍ୱ କବି ହୋଇ ପାରିବେ ନାହିଁ । ଏମାନେ ହେଲେ ଥାଆନ୍ତୁ ପ୍ରତିଭଶାଳୀ କବି, କିନ୍ତୁ ଏଥିପାଇଁ ସାଧନା କରିବାରେ କ୍ଷତି କଣ ? ସେ ସେହି 'ପତ୍ର'ରେ ଲେଖିଥିଲେ,

"ଅଭ୍ୟାସରେ, ପଠନରେ, ସାଧନା ଦ୍ୱାରା, ଅନୁସନ୍ଧାନ କରି ଚିତ୍ତର ଉନ୍ନତି ବିଧାନ କରିବାକୁ ହେବ । ମନୁଷ୍ୟର ଜୀବନ ବହୁଳ ସମ୍ଭାବନା ରାଶିରେ ପୂର୍ଣ୍ଣ । ତା ସବୁ ପାଇବାକୁ ହେବ । କଳ୍ପନାକୁ ସଂଯତ କରି ମାର୍ଗରେ ପକାଇବାକୁ ହେବ । ଚନ୍ଦ୍ରର ହିଲେ ଳ ନ ଦେଖି ପ୍ରେମର ପ୍ରତିମା ଉପଲବ୍ଧି ନ କରି, ତହିଁରେ କୋପର୍ନିକସ୍ ହ୍ରଦ, ଗାଲିଲିଓ ପର୍ବତ ଦେଖିବାକୁ ଗଲେ ବିଶ୍ୱଜଗତର ଗୂଢ଼ନୀତି ଉପଲବ୍ଧି କରି ହେବ । ଏଥିପାଇଁ ଲେଖାପଢାର ପ୍ରୟୋଜନ । ଏଣ୍ଟ୍ରାନ୍ସ ଫେଲ ହୋଇ, ଦ୍ୱିତୀୟ ଶ୍ରେଣୀରୁ ଯାଇ ଗୀତ ଲେଖି କବି ବୋଲାଇଲେ ଚଳିବ ନାହିଁ । ଦେଶରେ ମନୁଷ୍ୟ ଲୋଡ଼ା, ଲେଖା ପଢା ନକଲେ ମନୁଷ୍ୟ ହେବେ କୁଆଡୁ ? ବର୍ତ୍ତମାନ ଲୋଡା ନାନା ଗ୍ରନ୍ଥ ପଢି ତହିଁରୁ ଉପଲବ୍ଧ ଜ୍ଞାନ ସରଳ ସୁନ୍ଦର ପ୍ରବନ୍ଧ-ମାନଙ୍କରେ ଦେଶର ଜାତୀୟ ସାହିତ୍ୟ ଭଣ୍ଡାରକୁ ଦେବା । ଏ ଯୁଗରେ ବାସଗୃହ ଇଟା, ଚୂନ, ନଡ଼ା, ପଥର ଘେନି ତିଆରି କରିବାକୁ ହେବ । ବୁଢିଆଣି ପରି ପେଟ ଭିତରୁ ବାହାରିବାର କିଛି ନାହିଁ । ଯାହା ବାହାରୁଛି ବୋଲି ତୁମେ ମୁଁ ବିଗୁରୁଛୁ ସେ ଖାଲି ଶୂନ୍ୟ । ଦେଶରେ ସହସ୍ର କବିର ପ୍ରୟୋଜନ ନାହିଁ । ଜଣେ କବି ଆପଣା ପ୍ରାଣର ସଙ୍ଗୀତରେ ସମଗ୍ର ପୃଥିବୀ ପ୍ଲାବନ କରିବାକୁ ସକ୍ଷମ । କିନ୍ତୁ ସେ ମହା ବନ୍ୟାରେ ରସ ସଂଗ୍ରହ କରିବା ନିମନ୍ତେ ଦେଶର ଭୂମିକୁ ଆଗରୁ କୋମଳ କରିବା ଆବଶ୍ୟକ । କବିଙ୍କ ପ୍ରାଣର କଥା ବୁଝିବାକୁ ଲୋକଙ୍କ ଆଗରୁ ପ୍ରସ୍ତୁତ ହେବାକୁ ହେବ । ସେଥିପାଇଁ କର୍ଷଣ ପ୍ରୟୋଜନ । ଲେଖା ପଢ଼ା କର । ଭଇ, ମୋର ଇଚ୍ଛା ତୁମେ ଜଣେ ପଣ୍ଡିତ ହେବ । ମୋ ନିଜ ଜୀବନଟା ବୃଥା ଯାଉଛି । ଓଡ଼ିଆ ଯୁବକର ଦୁର୍ନାମ ଅଛି ଯେ ସେ ଅଳସୁଆ, ନିର୍ବୁଦ୍ଧିଆ । ସେ ଅପବାଦ ଦୂର କର, ମୋର ଆଶା ତୁମେ ପରୀକ୍ଷାରେ ପ୍ରଥମ ସାତଜଣଙ୍କ ମଧ୍ୟରେ ରହିବ । ବୃଥା ସମୟ ନଷ୍ଟ କରନାହିଁ । ପଢା ଶୁଣା ବାଦ୍ ଯେଉଁ ସମୟ ରହିବ, ସେଥିରେ ପ୍ରବନ୍ଧ ଆଦି ଲେଖି ମାସିକ ପତ୍ରରେ ପ୍ରକାଶ କରି ପାରିବ ।"

ପଣ୍ଡିତ ନୀଳକଣ୍ଠ ଛାତ୍ରାବସ୍ଥାରେ ଚପଳମତି ବାଳକମାନଙ୍କ ମନରେ କିପରି ସାମ୍ୟଭବର ଉଦ୍ରେକ କରାଇବାର ଚେଷ୍ଟା କରୁଥିଲେ, ତାହା ତାଙ୍କ ରଚିତ ଶ୍ମଶାନକବିତାରୁ ପରିସ୍ଫୁଟ ହେବ । କବିତାଟି ହେଲା —

Digitized by PPRACHIN, SOA

ନଦୀ ତୀରେ ଗ୍ରାମ୍ୟ ଶ୍ମଶାନ
ଗଢେ ରଚନା ମୃତ୍ୟେ ,
ଦେଖି ଚିନ୍ତାକୁଳ ଭାବୁକ
ଭାବେ ଆପଣା ମୁଖେ ।
ଭବ ଧାମେ ବହି କରାଳ
କାଳ ପବନ ଝଡ଼େ,
ଲିଭଏ ମନୁଷ୍ୟ ଜୀବନ
ଦୀପ ପ୍ରତି କ୍ଷଣରେ ।
କାହିଁ ସେ ଅଯୋଧ୍ୟା କାହାନ୍ତି—
ରାମ ରାବଣ-ଅରି,
ମିଶିଛନ୍ତି କାଳ ସାଗରେ
କ୍ଷୁଦ୍ର ବୁଦ୍ ବୁଦ ପରି ।
କାହିଁ ଗଲେ ଯଦୁନନ୍ଦନ
କାହିଁ ମଥୁରା ପୁରୀ,
ନିନ୍ଦୁଥିଲେ ଯେଉଁ ଗରବେ
ସୁନା ସ୍ୱର୍ଗ ମାଧୁରୀ ।
କେହି ରହିନାହିଁ ରହିବେ
ନାହିଁ ଏ ଧରା ଧାମେ,
ଅଭିନୟ ସାରି ଶେଷରେ
ମିଶି ଯିବେ ଶ୍ମଶାନେ ।
ମୋ ଭାଇ ଭଉଣୀ ଆତ୍ମୀୟ
ଭ୍ରାତା ଭଗିନୀ ମାନେ,
ଭବ ଲୀଳା ସାରି ଅକାଳେ
ମିଶିଛନ୍ତି ଏ ସ୍ଥାନେ ।
କେତେ ପୁଣ୍ୟ ସ୍ମୃତି ତାଙ୍କର
ଆଜି ନାଚେ ଆଖିରେ,
ବୁହାଇ ବିଭ୍ରାନ୍ତ ମାନସ
ମନ ପ୍ରତି କ୍ଷଣରେ ।

Digitized by PPRACHIN, SOA

ଏହି ଯେ ସମ୍ମୁଖେ ଜଳୁଛି
ଚିତାନଳ ପ୍ରବଳ,
ଅନଳ ନୁହେ ସେ ପ୍ରତ୍ୟକ୍ଷେ
କ୍ରୂର କାଳ କବଳ ॥

ଶତ ନର ଶିର କଙ୍କାଳେ
ଧବଳିତ ଶ୍ମଶାନ,
ଶ୍ୱାନ, ଶିବା, ଗୃଧ ଚିତ୍କାରେ
ନିତ୍ୟ ଶବାୟ ମାନ ॥

ଭେଦ ଜ୍ଞାନ ଶୂନ୍ୟ ପବିତ୍ର
ପୀଠ ତୁହି ଶ୍ମଶାନ,
ଶିଖାଅ ମୋତେ ଏ ଜୀବନେ
ଭବେ ସର୍ବେ ସମାନ ॥

ତୋର ଆଶୀର୍ବାଦେ ସାଧିବି
ସାମ୍ୟ ନୀତି ଜୀବନେ,
ଅନ୍ତେ ତୋର ଅଙ୍କେ ଆଶ୍ରିବି
ଶାନ୍ତିମୟ କାନନେ ॥

ନୀଳକଣ୍ଠ ଓ ସତ୍ୟବାଦୀ ଗୋଷ୍ଠୀର କବିମାନଙ୍କର କାବ୍ୟ କବିତାରେ ଏହି ଦୁଇଟି ବିଷୟର ସମ୍ମେଳନ ଦେଖିବାକୁ ମିଳେ । ପ୍ରଥମଟି ହେଉଛି କବିର ସ୍ୱତଃସ୍ଫୂର୍ତ୍ତ ସ୍ପନ୍ଦନ କିମ୍ବା ଆବେଗ ଏବଂ ଦ୍ୱିତୀୟଟି ହେଉଛି ଏହା ସହିତ ଜଡ଼ିତ ହୋଇଥିବା କବିର ମନୀଷା, ଚିନ୍ତା, ସାଧନା ଓ ବିଭିନ୍ନ ସାହିତ୍ୟରେ ତାର ପାଣ୍ଡିତ୍ୟ । ତେଣୁ ଭକ୍ତ ଭଗବାନଙ୍କୁ ଉପାସନା କଲା ସମୟରେ କହିଛି :

କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ
ଯାଥାତଥ୍ୟ ତୋଽର୍ଥାନ ବ୍ୟଦଧାତ
ଶାଶ୍ୱତୀଭ୍ୟଃ ସମାଭ୍ୟଃ

Digitized by PPRACHIN, SOA

ଏହାର ଓଡ଼ିଆ ଅନୁବାଦ କରି ନୀଳକଣ୍ଠ ଉତ୍କଳ ସାହିତ୍ୟରେ ତାହା ପ୍ରକାଶ କରିଥିଲେ ଏବଂ ସେହି ଅନୁବାଦଟି ଦୈନିକ ଗର୍ଡ଼ି କାଳରେ ପ୍ରତ୍ୟେକ ଛାତ୍ରଙ୍କର ଆବୃତ୍ତି ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେହି ଓଡ଼ିଆ ଅନୁବାଦ ହେଲା—

"ତ୍ରିକାଳ ଦ୍ରଷ୍ଟା ତୁମ୍ଭେ, ସର୍ବୋପରି ଅଧିଷ୍ଠାନ ତବ
ଅନାଦି କାରଣ ନିଜେ ନିଜ ସଂଭବ ପ୍ରଣ୍ଣେ
ସନାତନ କାଳଯାଏଁ ତତ୍ତ୍ୱାର୍ଥ ସକଳ
ଧରିଛ ହେ ଶାଶ୍ୱତ ଶରୀରେ ।"

ତେଣୁ ପ୍ରାଚୀନ ଆଳଙ୍କାରିକମାନେ କବିଙ୍କୁ ପ୍ରଜାପତି ଆଖ୍ୟା ଦେଇଚନ୍ତି ; ଅର୍ଥାତ୍ ବ୍ରହ୍ମାଙ୍କ ପରି କବି ଜଣେ ସୃଷ୍ଟିକର୍ତ୍ତା । ତାର ସୃଜନ ଶକ୍ତି, କଳ୍ପନା, ପ୍ରଜ୍ଞା ଓ ନବ ନବ ଉନ୍ମେଷଶାଳୀନୀ ପ୍ରତିଭା ବ୍ରହ୍ମାଙ୍କ ଠାରୁ ଅଧିକ । ସେ ତାର ଜ୍ଞାନ ଚକ୍ଷୁରେ ଏହି ସଂସାର ମଧ୍ୟରେ ଯେଉଁ ଅନୁଭୂତି ଓ ଉପଲବ୍ଧି ଲାଭ କରେ, ତାକୁ ତାର ରୁଚି ଅନୁଯାୟୀ ପ୍ରକାଶ କରେ ।

—o—

ଚିର ପ୍ରଣୟର ମଧୁର ବନ୍ଧନୀ
ଛିଡ଼ିଯିବ ଯେବେ କାଳର ବଳେ
ପ୍ରଣୟ ସ୍ତବକୁଁ ରୁଚିର ସୁମନ
ପଡ଼ିଯିବ ଯେବେ ଅକାଳେ ତଳେ ।

ବନ୍ଧୁବର୍ଗୁଁ ମୋର ବାଛି ବାଛି ରନ୍
କାଢିନେବ ଯେବେ ଆଗେ ଶମନ,
ପଡ଼ିଯାଉ ଝଡ଼ି ଛାଡ଼ି ଦେହ ବୃନ୍ତ
ସୁମନ ସମ ଏ ମୋର ଜୀବନ ।

( ନୀଳକଣ୍ଠ—ବର୍ଷର ଶେଷ ଗୋଲାପ )

Digitized by PPRACHIN, SOA

## ( ୨ )
## ବିଦ୍ୟସ୍ନାମୃତମଶ୍ନୁତେ

ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ବିଦ୍ୟାସାଗର । ବିଦ୍ୟାଧ୍ୟୟନର ଜୀବନ୍ତ ପ୍ରତୀକ । ଶେଷ ନିଶ୍ୱାସ ଯିବା ପର୍ଯ୍ୟନ୍ତ ସେ ବିଦ୍ୟାର ଉପାସକ ଥିଲେ । ତାଙ୍କ ହାତରୁ ବହି କାଗଜ ଓ କଲମ କଦାପି ଛାଡୁନଥିଲା । ସେ ମନେହୁଏ, ପ୍ରାଚୀନ ଯୁଗର ମୁନି ଋଷିମାନଙ୍କର ତପଶ୍ଚର୍ଯ୍ୟା ପରି ବିଦ୍ୟାନୁଶୀଳନକୁ ଆଜୀବନ ତାଙ୍କର ତପୋବ୍ରତ କରିଥିଲେ । ସଂସ୍କୃତ, ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟ ଓ ବିପୁଳ ଇଂରାଜୀ ସାହିତ୍ୟ ସାମ୍ରାଜ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ସେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ସ୍ତୁପୀକୃତ ରାଶି ରାଶି ବହି ମଧ୍ୟରେ ରାତ୍ରି ଯାପନ କରୁଥିଲେ । ରାତିରେ ମାତ୍ର ପ୍ରାୟ ଗୋଟିଏ ଘଣ୍ଟା ଶୋଉଥିଲେ । ଅନ୍ୟ ସମୟତକ ତାଙ୍କର ଲେଖାପଢ଼ାରେ କଟିଯାଉଥିଲା । ସେ ସ୍କୁଲ ବୋର୍ଡ଼ିଂରେ ରହୁଥିଲେ– ଯେତେବେଳେ ଗ୍ରାମକୁ ଯାଉଥିଲେ, କୌଣସି ଦିନ ଗ୍ରାମରୁ ଆସି ବିଦ୍ୟାଳୟରେ ସାଢ଼େ ଦଶଟା ପରେ ସେ ଉପସ୍ଥିତ ହୋଇନାହାନ୍ତି । କେବଳ ଯେ ଠିକ୍ ସମୟରେ ସେ ସ୍କୁଲରେ ଉପସ୍ଥିତ ହେଉଥିଲେ, ତା ନୁହେଁ, କେହି ତାଙ୍କୁ ଦେଖି କହିବ ନାହିଁ ଯେ ରାତି ଜାଗରଣ ଜନିତ କୌଣସି ଅସୁସ୍ଥତା ବା କ୍ଳାନ୍ତି ତାଙ୍କ ଠାରେ ଅଛି । ସେ ବିଦ୍ୟାକୁ ସକଳ ଆଗରୁ ସମଗ୍ର ଭାବରେ ଆୟତ୍ତ କରିବାକୁ ପ୍ରବଳ ପ୍ରୟାସୀ ଥିଲେ ଓ ସକଳ ବିଦ୍ୟାକୁ ସେ କରାୟତ୍ତ କରିବା ନିମନ୍ତେ ବଦ୍ଧ-ପରିକର ଥିଲେ । ଏପରିକି ଛାତ୍ରମାନଙ୍କୁ ନେଇ ଗଭୀର ନିଶୀଥରେ ସେ ଅନନ୍ତ ଆକାଶର ଗ୍ରହ, ନକ୍ଷତ୍ର ଇତ୍ୟାଦିର ଗତିବିଧି ପର୍ଯ୍ୟାଲୋଚନା କରି ଛାତ୍ରମାନଙ୍କୁ ଗ୍ରହ, ନକ୍ଷତ୍ର ସମ୍ବନ୍ଧରେ ବହୁ କଥା ଶିକ୍ଷା ଦେଉଥିଲେ ।

ଗଣିତ ଶାସ୍ତ୍ରରେ ମଧ୍ୟ ତାଙ୍କର ଅଗାଧ ବ୍ୟୁତ୍ପତ୍ତି ଥିଲା । ସେ ଥରେ ସପ୍ତମ ଶ୍ରେଣୀରେ ଛାତ୍ରମାନଙ୍କୁ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପାଞ୍ଚୋଟି ପ୍ରଶ୍ନ ଥିଲା ଅତ୍ୟନ୍ତ ଜଟିଳ । ଏହା ଅତି ବୁଦ୍ଧିମାନ ଛାତ୍ରମାନଙ୍କ ସକାଶେ ଉଦ୍ଦିଷ୍ଟ ଥିଲା । ଶେଷରେ ଦେଖାଗଲା ଏହି ପାଞ୍ଚଟି ଯାକ ଅଙ୍କର ଉତ୍ତର କେହି କରି ପାରି ନାହାନ୍ତି । ଏହା ଦେଖି ସେ ତହିଁ ଆରଦିନ ହସ ହସ ମୁହଁରେ କ୍ଲାସକୁ ଆସି କହିଲେ, "ଆରେ ଗଧଗୁଡ଼ାକ, ତୁମର ତ ଏହି ଅଙ୍କ କଷିବାକୁ ବୁଦ୍ଧି ନାହିଁ, ତୁମେ ସତ୍ୟବାଦୀ ସ୍କୁଲକୁ କାହିଁକି ଆସିଲ ?" ଏହା କହି ପାଞ୍ଚୋଟିଯାକ ଅଙ୍କର ଉତ୍ତର ଅତି ଅଳ୍ପ ସମୟ ମଧ୍ୟରେ ଛାତ୍ରମାନଙ୍କୁ ବୁଝାଇ ଦେଲେ ।

Digitized by PPRACHIN, SOA

**ନୀଳକଣ୍ଠଙ୍କର ଜ୍ଞାନ ପିପାସା ଓ ଜିଜ୍ଞାସାବାଦ — Class Library ପ୍ରଥା ପ୍ରଚଳନ ନୀଳକଣ୍ଠଙ୍କ ଦାନ** — ନୀଳକଣ୍ଠଙ୍କ ଜ୍ଞାନ ପିପାସା ଓ ଜିଜ୍ଞାସାବାଦର ଅନ୍ୟତମ ପ୍ରମାଣ ହେଉଛି ସେ ସର୍ବ ପ୍ରଥମେ ଓଡ଼ିଶାରେ Class Library ପ୍ରଥା ପ୍ରଚଳନ କରିଥିଲେ । ପ୍ରତ୍ୟେକ ଶ୍ରେଣୀର ଛାତ୍ରମାନଙ୍କର ଉପଯୋଗୀ କେତେକ ବହି ଆଣି ପ୍ରତ୍ୟେକ ଶ୍ରେଣୀରେ ଗୋଟିଏ ଗୋଟିଏ ଛୋଟ ଆଲମାରୀରେ ରଖିଲେ । ବହି ଆଦାନ ପ୍ରଦାନର ସମୟ ନିର୍ଦ୍ଦିଷ୍ଟ ହେଲା ସ୍କୁଲ ଛୁଟି ପରେ । ନୀଳକଣ୍ଠ ବାବୁ ଏହି ପ୍ରଥାର ପ୍ରବର୍ତ୍ତକରୂପେ ପ୍ରତି କ୍ଲାସ ପାଇଁ ଅଣା ଯାଇଥିବା ପ୍ରାୟ ପ୍ରତ୍ୟେକ ବହି ନିଜେ ପାଠ କରିଥିଲେ । ଅନ୍ୟାନ୍ୟ ସ୍କୁଲ ପରି ବହି ଦେବା ନେବାରେ ଶିକ୍ଷକମାନଙ୍କର କର୍ତ୍ତବ୍ୟ ନିଃଶେଷ ହୋଇ ଯାଉ ନଥିଲା । ବହିର ଆକାର ପ୍ରକାର ଦେଖି ଛାତ୍ରକୁ ନିର୍ଦ୍ଦିଷ୍ଟ ସମୟରେ ବହି ଫେରାଇବାକୁ କଠୋର ନିର୍ଦ୍ଦେଶ ଥିଲା । ଯେ ଯେଉଁ ଦିନ ବହି ଆଣି ଫେରାଇବ, ତାଙ୍କୁ ନୀଳକଣ୍ଠ ବାବୁ ସେ ବହିରୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନମାନ ପଚାରିବେ । ଯଦି କେହି କହି ନ ପାରିଲା, ତାହାହେଲେ ବହିଟି ତାକୁ ଆହୁରି ଦଶ ଦିନ ନିମନ୍ତେ ପଢିବା ପାଇଁ ଫେରସ୍ତ ଦିଆ ଯାଉଥିଲା । ପ୍ରତ୍ୟେକ ଶ୍ରେଣୀ ପାଇଁ ଜଣେ ଜଣେ ଶିକ୍ଷକ ତତ୍ତ୍ୱାବଧାରକ ଥିଲେ । କିନ୍ତୁ ସେହି ତତ୍ତ୍ୱାବଧାରକମାନଙ୍କର ପ୍ରଧାନ ତତ୍ତ୍ୱାବଧାରକ ଥିଲେ ପ୍ରଧାନ ଶିକ୍ଷକ ନୀଳକଣ୍ଠ ଦାସ । ଆମ୍ଭେମାନେ ଯେତେବେଳେ ବର୍ତ୍ତମାନର ଦ୍ୱିତୀୟ ଶ୍ରେଣୀରେ ଥିଲୁ, ସେତେବେଳେ ଆମ ପାଇଁ ଜ୍ଞାନ ପୀପାସୁ ନୀଳକଣ୍ଠ ଯେଉଁ ବହି ସବୁ ଅଣାଇ ଥିଲେ, ଷାଠିଏ ବର୍ଷ ପରେ ସୁଦ୍ଧା ସେ ବହିମାନଙ୍କର ନାମ ଓ ସେମାନଙ୍କର ପାଠ୍ୟସୂଚୀ ଆମମାନଙ୍କ ମନରେ ଦେଦୀପ୍ୟମାନ ଅଛି । ରାତ୍ରି ଅନିଦ୍ରା ହୋଇ ନୀଳକଣ୍ଠ ସେହି ବହିସବୁ ପଢି ଆମ୍ଭମାନଙ୍କର ଜ୍ଞାନର ଉନ୍ନତି ଓ ବିକାଶ ନିମନ୍ତେ କି ଅକ୍ଳାନ୍ତ ଓ ଅକାଟ୍ୟ ସାଧନା କରୁଥିଲେ, ତାହା ପୃଥିବୀର ଶିକ୍ଷା ଇତିହାସରେ ଦୁର୍ଲ୍ଲଭ ବୋଲି କହିଲେ ଚଳେ । ଇଂଲଣ୍ଡର ରୁଗ୍‌ବି ସ୍କୁଲର ସ୍ୱାର୍ଥତ୍ୟାଗୀ ହେଡ଼ମାଷ୍ଟର କବି Arnoldଙ୍କ ପିତା Thomas Arnold କେଜାଣି ଛାତ୍ରମାନଙ୍କ ନିମନ୍ତେ ଏପରି କଠୋର ପରିଶ୍ରମ କରୁଥିବେ ! ସେହି ବହିଗୁଡ଼ିକ ମଧ୍ୟରେ ଥିଲା, Todd's Students' manual, I smell character, The life of Benjamin Franklin ଓ Up from slavery. ବଙ୍ଗଳାରେ ଲିଖିତ ବାମଣ୍ଡର ରାଜା ସାର ବାସୁଦେବ ସୁଢଳ ଦେବଙ୍କର ବିରାଟକାୟ ଜୀବନୀ ଗ୍ରନ୍ଥ । ଏହି ଗ୍ରନ୍ଥ ସବୁ ଆମକୁ ପଢିବାକୁ ଦିଆ ଯାଉଥିଲା । ଆମେ ପଢିଲୁ କି ନାହିଁ ସେ କଥା ମଧ୍ୟ ପରୀକ୍ଷା କରା ଯାଉଥିଲା । ପରୀକ୍ଷା କରିବା ସମୟରେ ଗୋପବନ୍ଧୁ ବାବୁ ସମୟେ ସମୟେ

Digitized by PPRACHIN, SOA

ନିଜେ ଉପସ୍ଥିତ ରହି ଆମମାନଙ୍କୁ ବହି ପଢିବା ବିଷୟରେ ନାନା ସାରଗର୍ଭକ ଉପଦେଶ ଦେଉଥାନ୍ତି । ଏହି କ୍ଲାସ ଲାଇବ୍ରେରୀ ପ୍ରଥା ସତ୍ୟବାଦୀ ସ୍କୁଲରେ ନୂତନ ଭାବରେ ପ୍ରବର୍ତ୍ତନ ହେବାରେ ତତ୍କାଳୀନ ବିହାର ଓଡ଼ିଶାର ଶିକ୍ଷା ବିଭାଗର ଡ଼ିରେକଟର ଡ଼େନିଙ୍ଗ ସାହେବ ନିଜେ ବିମୋହିତ ଓ ବିସ୍ମିତ ହୋଇ ବିହାର ଓଡ଼ିଶାର ଅନ୍ୟାନ୍ୟ ସ୍କୁଲରେ ଏହି ପ୍ରଥା ପ୍ରଚଳନ କରିବା ନିମନ୍ତେ କଠୋର ନିର୍ଦ୍ଦେଶନାମା ଜାରି କରିଥିଲେ ।

ଡ୍ରଇଁ ବିଦ୍ୟାରେ ନୀଳକଣ୍ଠଙ୍କର ଅପରିସୀମ ଜ୍ଞାନ ଥିଲା । ସେ ନିଜେ ଡ୍ରଇଁ ଅଙ୍କନ କରି ପାରୁଥିଲେ ଏବଂ ଇନିସ୍‌ପେକ୍‌ଟରଙ୍କ ନିର୍ଦ୍ଦେଶରେ ସେ ଯେଉଁ ଡ୍ରଇଁ ପୁସ୍ତକ ରଚନା କରିଥିଲେ, ତାହା କେତେ କାଳ ସବାଶେ ସ୍କୁଲମାନଙ୍କରେ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଥିଲା । କେହି କେହି ପଗ୍ଚରି ପାରନ୍ତି, ଏହାଦ୍ୱାରା ଛାତ୍ରମାନଙ୍କର କି ଲାଭ ହେଲା ? ଲାଭ ସୁସ୍ପଷ୍ଟ ଓ ଉଲ୍ଲେଖନୀୟ । ପୂର୍ବରୁ ଯେଉଁ Todds Students' manual କଥା କୁହାଯାଉଛି, ତାକୁ ଓଡ଼ିଆରେ ଅନୁବାଦ କରି ସତ୍ୟବାଦୀ ବିଦ୍ୟାଳୟର ଜଣେ ପ୍ରତିଭାଶାଳୀ ଛାତ୍ର ସାରା ଓଡ଼ିଶାରେ ପ୍ରଶଂସା ଲାଭ କରିଥିଲେ ଏବଂ ସେ ଛାତ୍ର ଜଣକ ହେଉଛନ୍ତି "ସତ୍ୟବାଦୀରେ ସାତ ବର୍ଷ" ପୁସ୍ତକର ପ୍ରଣେତା ସ୍ୱର୍ଗତ ଚନ୍ଦ୍ରଶେଖର ମିଶ୍ର ।

ଇତିହାସ ଓ ଭୂଗୋଳ ଶିକ୍ଷା ଦେବା ନିମନ୍ତେ ସେ ଏ ବିଷୟ ଦ୍ୱୟର ସଂପୃକ୍ତ ପ୍ରକାଣ୍ଡ ପ୍ରକାଣ୍ଡ ଗ୍ରନ୍ଥମାନ ପାଠ କରୁଥିଲେ ଏବଂ ଛାତ୍ରମାନଙ୍କୁ ମଧ୍ୟ ଏହିପରି ପୁସ୍ତକସବୁ ଅଧ୍ୟୟନ ଓ ଅନୁଶୀଳନ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ Vincent Smithଙ୍କ ପ୍ରଣୀତ 'Indian History' ତାଙ୍କର ଅତି ଆଦରର ବହି ଥିଲା । ସେ ଏ ବହିକୁ ଆମ ଶ୍ରେଣୀରେ ତନ୍ନ ତନ୍ନ କରି ପ୍ରତ୍ୟେକ ଧାଡ଼ି ବୁଝାଇ ପଢାଉଥିଲେ । ସେହିପରି Morrison ସାହେବଙ୍କ କୃତ ଭୂଗୋଳ ପୁସ୍ତକ ଯେ ନ କିଣିଛି ତାର ଆଉ ରକ୍ଷା ନାହିଁ । ତାଙ୍କର ଦୃଢ ବିଶ୍ୱାସ ଥିଲା ଇତିହାସ, ଭୂଗୋଳ ନ ପଢିଲେ ପିଲେ ପୃଥିବୀର ସମଗ୍ର ଚିତ୍ର ମାନସ ରାଜ୍ୟରେ ଧାରଣା କରିପାରିବେ ନାହିଁ ।

## ସଂସ୍କୃତରେ ନୀଳକଣ୍ଠଙ୍କ ପ୍ରବେଶ

ସଂସ୍କୃତ ସାହିତ୍ୟରେ ମଧ୍ୟ ତାଙ୍କର ଅପୂର୍ବ ପ୍ରବେଶ ଥିଲା । ସତ୍ୟବାଦୀର ପ୍ରଧାନ ଶିକ୍ଷକ ହେବାର ବହୁ ଦିନ ଆଗରୁ ସେ ସଂସ୍କୃତ ସାହିତ୍ୟରେ ଦକ୍ଷତା ଲାଭ କରିଥିଲେ ।

Digitized by PPRACHIN, SOA

ସେ ପୁରୀ ଜିଲା ସ୍କୁଲର ତୃତୀୟ (ନବମ) ଶ୍ରେଣୀର ଛାତ୍ର ଥିବା ବେଳେ ଯେଉଁ ସଂସ୍କୃତ ଶ୍ଲୋକଟି ରଚନା କରିଥିଲେ ତାହା ହେଉଛି ଏହି —

"ଅବଟା ବସିତୈ ଭୁଜଙ୍ଗମୈଃ
ସ୍ୱତନୋଃ ସୁନ୍ଦରତା ପ୍ରବର୍ଦ୍ଧିତା ।"

ହେଡ୍ ପଣ୍ଡିତ ସଦାଶିବ ମିଶ୍ର କାବ୍ୟକଣ୍ଠ କ୍ଲାସରେ ସଂସ୍କୃତ ପଢ଼ାଉଥିଲାବେଳେ ନୀଳକଣ୍ଠ, ମହାଦେବଙ୍କୁ ବର୍ଣ୍ଣନା କରି ଏହି ଶ୍ଲୋକଟି ରଚନା କରିଥିଲେ । ହଠାତ୍ ପଣ୍ଡିତ ମହାଶୟ ତାଙ୍କ ହାତରୁ ଖାତା ଛଡ଼ାଇ ନେଇ ଦେଖନ୍ତି, ଏହି ଶ୍ଲୋକଟି ଲେଖାଯାଇଛି । ସେ ନୀଳକଣ୍ଠଙ୍କୁ କହିଲେ, "ଏ ଶ୍ଲୋକ କଣ ତୁମେ ଲେଖିଛ ? ଏହାର ଅର୍ଥ ବୁଝାଅ ।" ନୀଳକଣ୍ଠ ନିର୍ଭୀକ ଚିତ୍ତରେ ଠିଆହୋଇ ଏହାର ଅର୍ଥ କଲେ । ଅବଟା କି ଅବଟୁ ଅର୍ଥାତ୍ ବେକରେ, ଅସିତ ବୋଇଲେ କଳା, ଭୁଜଙ୍ଗମ କି ସର୍ପ, ଥିବା ହେତୁରୁ ଯାହାଙ୍କର ସ୍ୱତନୋଃ କି ନିଜ ଶରୀରର, ସୁନ୍ଦରତା ପ୍ରବର୍ଦ୍ଧିତା କି ବିଶେଷରେ ବଢ଼ିଛି ।" ପଣ୍ଡିତ ମହାଶୟ କହିଲେ "ଅବଟୁ ବୋଇଲେ ବେକ ଏ ଅର୍ଥ ଡ଼ିକ୍‌ସନାରିରେ ଅଛି ସତ, କିନ୍ତୁ ଏପରି ଅପ୍ରଚଳିତ ଶବ୍ଦ ଲେଖାରେ ପ୍ରୟୋଗ କରିବା ଗୋଟାଏ ଦୋଷ ।" ନୀଳକଣ୍ଠଙ୍କର କିପରି ଏହି 'ଦୋଷ' ତାଙ୍କର ଭବିଷ୍ୟତ କାଳରେ ରଚିତ ବହୁ କାବ୍ୟ କବିତା ପ୍ରବନ୍ଧ ସନ୍ଦର୍ଭରେ ଦେଖିବାକୁ ମିଳେ, ତାହାର ସର୍ବଶେଷ ଆଲୋଚନା ପରେ ଗୋଟିଏ ଅଧ୍ୟାୟରେ ଦିଆଯିବ । ଏଠି ଏତିକି କହିଲେ ଯଥେଷ୍ଟ ହେବ ଯେ ବହୁ ଅପ୍ରଚଳିତ ଶବ୍ଦକୁ ପ୍ରଚଳନ କରି ଓଡ଼ିଆ ଶବ୍ଦ କୋଷକୁ ବଢ଼ାଇବା ତାଙ୍କର ଆନ୍ତରିକ ଉଦ୍ଦେଶ୍ୟ ଥିଲା । ଯାହାହେଉ ସତ୍ୟବାଦୀରେ ଥିବାବେଳେ ସେ ସଂସ୍କୃତ ଭାଷାରେ 'କାଳିଦାସ', 'ଭବଭୂତି' ଓ 'ନୈଷଧ' ପ୍ରଭୃତି କାବ୍ୟ ଅତ୍ୟନ୍ତ ସାବଧାନତାର ସହିତ ପଢ଼ିଥିଲେ ଏବଂ ପରେ ସମ୍ବଲପୁରରେ ଥିବା ସମୟରେ 'ନୈଷଧ' କାବ୍ୟକୁ ଓଡ଼ିଆରେ ଅନୁବାଦ କରିଥିଲେ ।

ପଞ୍ଚସଖା ସମାଧି ପୀଠରେ ଯେଉଁ ଶ୍ଲୋକଟି ଗୋପବନ୍ଧୁଙ୍କ ସମାଧିରେ ଉତ୍କୀର୍ଣ୍ଣ ହୋଇ ରହିଛି, ସେହି ଶ୍ଲୋକଟି ମଧ୍ୟ ନୀଳକଣ୍ଠ ସାଙ୍ଗେ ସାଙ୍ଗେ ରଚନା କରିଥିଲେ । ତାହା ହେଉଛି,

"ଯସ୍ୟୋପଲଭ୍ୟ କୃତିନୋ ବହୁଧା ପ୍ରଯତ୍ନ
ସନ୍ତାପିତା ଭୂମିହୋତ୍କଳ ଭୂମିରେଷା
ତେଜ୍ୱୋଃବସାଦ—ମଚିରେଣ ବିରୋଧିତାଃସିତ୍
ବିଶ୍ରାମ୍ୟତୀବ ଚିରମତ୍ର ସ ଗୋପବନ୍ଧୁଃ ।"

Digitized by PPRACHIN, SOA

ସେ ଯେଉଁ 'ନବ ଭରତ' ମାସିକ ପତ୍ରିକା ପ୍ରତିଷ୍ଠାକରି ସମ୍ପାଦନା କରୁଥିଲେ, ତାର ପ୍ରାରମ୍ଭରେ ମଙ୍ଗଳସୂଚକ ଗୀତିକା ରୂପେ ନିମ୍ନ ଶ୍ଳୋକଟି ମଧ୍ୟ ସେ ରଚନା କରିଥିଲେ ।

"ଯସ୍ୟାକ୍ଷରସ୍ୟ ତପସାଽପି ବିଭତି ବିଶ୍ୱଂ
ସ୍ୱଷ୍ଟଂ କ୍ଷରଜ୍ଜଗଦଦଂ ଖଲୁ ଭୂତ ସଂଘୈଃ ।
ଆଶା ସ୍ଥଳେ ପ୍ରତି ପଦଂ ପ୍ରବିଭତୁ ତସ୍ୟ
ବିଶ୍ୱ ପ୍ରକାଶ ବିଧିନା ନବ ଭରତୋଽୟମ୍ ।"

ଯେ କେହି ସଂସ୍କୃତଜ୍ଞ ପଣ୍ଡିତ ଶ୍ଳୋକ ଲେଖି ପାରନ୍ତି—ମାତ୍ର ଏ ସବୁ ଶ୍ଳୋକର ଭବ ଓ ଭଷା ସ୍ୱତନ୍ତ୍ର ।

ସତ୍ୟବାଦୀ ସ୍କୁଲର ପ୍ରଥମ ଶ୍ରେଣୀର ଭଲ ଭଲ ଛାତ୍ରମାନଙ୍କୁ ସତ୍ୟବାଦୀ ବିଦ୍ୟାଳୟ ଅନ୍ତର୍ଗତ ସଂସ୍କୃତ ଟୋଲରେ ନାମ ଲେଖାଇ ମାଟ୍ରିକ୍ୟୁଲେସନ ପାଶ୍ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ପ୍ରଥମା, ଦ୍ୱିତୀୟା ଓ କାବ୍ୟତୀର୍ଥ ପରୀକ୍ଷା ଦେବା ସକାଶେ ସେ ଅନୁପ୍ରାଣୀତ କରୁଥିଲେ । ନିଜେ ମଧ୍ୟ ଆମ୍ଭମାନଙ୍କୁ ପ୍ରଥମେ ଶ୍ରେଣୀରେ ସଂସ୍କୃତ ପଢାଉଥିଲେ । ସଂସ୍କୃତ ବ୍ୟାକରଣ 'ସିଦ୍ଧାନ୍ତ କୌମୁଦୀ' ପ୍ରଭୃତି ଗ୍ରନ୍ଥରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ସେ ବ୍ୟାକରଣ ଗତ ନିୟମ ସବୁ ଆମକୁ ଅନାୟାସରେ ବୁଝାଇ ଦେଉଥିଲେ । ସତ୍ୟବାଦୀ ସ୍କୁଲ ଶ୍ଳୋକାନ୍ତ ପ୍ରତିଯୋଗିତା ଏକ ନବଜୀବନ ଓ ମୂଲ୍ୟାୟନ ଲାଭ କରିଥିଲା । ଏହି ଶ୍ଳୋକାନ୍ତ ଦୁଇଟି ଶ୍ରେଣୀ ଭିତରେ ପ୍ରତିଯୋଗିତା ସୂତ୍ରରେ ବହୁ ଦିନ ପର୍ଯ୍ୟନ୍ତ ଲାଗି ରହୁଥିଲା ।

## ଫକୀର ମୋହନଙ୍କ ମତ

୧୯୧୮ ମସିହାରେ ସ୍ୱର୍ଗାରୋହଣର କିଛି ଦିନ ପୂର୍ବରୁ ବୃଦ୍ଧ କବି ଔପନ୍ୟାସିକ ଫକୀର ମୋହନ ସେନାପତିଙ୍କ ସଭାପତିତ୍ୱରେ ବକୁଳ ବନ ଭିତରେ ଥରେ ଏହି ଶ୍ଳୋକାନ୍ତ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଛାତ୍ରମାନଙ୍କ ଉତ୍ସାହ ଓ କର୍ମତତ୍ପରତା ଦେଖି ଫକୀର ମୋହନ ପିଲାମାନଙ୍କୁ କହିଲେ, "ଆରେ ପିଲେ, ମୋର ଇଚ୍ଛା ମୁଁ ଏ ବୟସରେ ହେଲେ ତୁମରି ପରି ଯୁବକ ହୋଇ ତୁମରି ସାଙ୍ଗରେ ଏହି ଛାତ୍ରାବାସରେ ରହି ତୁମରି ସାଙ୍ଗେ ଏହି ଡାଇନିଂ ହଲ୍‌ରେ ବସି ଭାତ, ଡାଲମା ଖାଇ ଦିନ କାଟୁଥାନ୍ତି । ସେହି ମୋର ହୁଅନ୍ତା ଜୀବନର ପରମ ସୌଭାଗ୍ୟ ।" ନୀଳକଣ୍ଠଙ୍କର ମନୀଷା ଓ ବୁଦ୍ଧିମତ୍ତାର ପରିଚୟ ଦିନେ ଏହି

Digitized by PPRACHIN, SOA

ଶ୍ଳୋକାନ୍ତ ପ୍ରତିଯୋଗିତାରେ ଦେଖା ଯାଇଥିଲା । ଦ୍ୱିତୀୟ ଶ୍ରେଣୀର କେତେଜଣ ବୁଦ୍ଧିମାନ ଛାତ୍ର ଏହି ପ୍ରତିଯୋଗିତାରେ ବିଜୟ ହାସଲ କରିବେ ବୋଲି ସ୍କୁଲର ହେଡ୍‌ପଣ୍ଡିତ ଓ ସୁପ୍ରସିଦ୍ଧ ସଂସ୍କୃତ କବି ଶ୍ରୀ ଭୁବନେଶ୍ୱର ରଥଙ୍କଠାରୁ କେତୋଟି ଶ୍ଳୋକ ଲେଖାଇ ଆଣି ତାହା ମୁଖସ୍ଥ କଲେ ଏବଂ ନିଜେ ନିଜେ ମଧ୍ୟ କେତେକ ଶ୍ଳୋକ ରଚନା କଲେ । ଏହିସବୁ ଶ୍ଳୋକ ଯେତେବେଳେ ଶ୍ଳୋକାନ୍ତ ପ୍ରତି-ଯୋଗୀତାରେ ଆବୃତ୍ତି କରଗଲା, ସେତେବେଳେ ନୀଳକଣ୍ଠ ଯୁକ୍ତି ଦେଖାଇ କହିଲେ, "ଏ ଶ୍ଳୋକ ତୁମେମାନେ କେଉଁଠାରୁ ପାଇଲ ? ଏ ଶ୍ଳୋକ ସବୁ କୌଣସି ପ୍ରାଚୀନ କବିଙ୍କର ନୁହେଁ । ଅତଏବ ଏହି ଶ୍ଳୋକ ସବୁ ମୁଁ ଏଠାରେ ବୋଲିବାକୁ ତୁମ୍ଭମାନଙ୍କୁ ଅନୁମତି ଦେବି ନାହିଁ । ଏପରି ଅର୍ବାଚୀନ ପ୍ରଥାର ପ୍ରଚଳନ ସତ୍ୟବାଦୀ ସ୍କୁଲରେ ଅସମ୍ଭବ ।" ଏହା ହେଉଛି ତାଙ୍କର ଜ୍ଞାନଗରିମାର ପରିଚୟକ ।

ବୃଦ୍ଧାବସ୍ଥାରେ ତାଙ୍କ ପାଖେ ରହିଥିବା ଜଣେ ସେବକ (ଗଣେଶ୍ୱର ମିଶ୍ର) ନୀଳକଣ୍ଠଙ୍କର ଏହି ନିବିଡ଼ ଜ୍ଞାନ-ଚର୍ଚ୍ଚା ସମ୍ବନ୍ଧରେ ଲେଖିଛନ୍ତି 'ପଢ଼ାପଢ଼ି ପଣ୍ଡିତଜୀଙ୍କ ଜୀବନରେ ବଡ଼ ସଉକ ଥିଲା । ସଦାବେଳେ ପଢ଼ାରେ ବ୍ୟସ୍ତ । ତାଙ୍କର ଗାଧୋଇବା ଖାଇବା ଓ ଔଷଧ ଇଂଜେକ୍‌ସନ ଆଦି ମୁଁ ଠିକ୍ ସମୟରେ କରି ଯାଉଥାଏ । କିନ୍ତୁ ସେ ପଢ଼ାରେ ବ୍ୟସ୍ତ ଥାଇ ଏ ସବୁ ଜାଣି ପାରନ୍ତି ନାହିଁ । ହଠାତ ନିଦ ଭାଙ୍ଗି ଯିବା ପରେ ଗାଧୋଇବା, ଖାଇବା କଥା ମନେ ପଡ଼ିଲେ, ସେ ମୋତେ ଡ଼ାକ ଛାଡ଼ନ୍ତି । ଲମ୍ବା ଲହରିଆ ଡ଼ାକ । ପୁଣି ପହଞ୍ଚିଲେ ଅତି ଆଗ୍ରହରେ ପଚାରନ୍ତି— ମୁଁ ଖାଇବିନି ? ଔଷଧ କି ଇଂଜେକ୍‌ସନ ମୋତେ ଦେବୁନି ? ମୁଁ କହେ 'ଆଜ୍ଞା' ସବୁ ପ୍ରସ୍ତୁତ କରିଛି ।' ସେଠୁ କହନ୍ତି 'ମୁଁ ଜାଣିନି ଏସବୁ କେତେବେଳୁ ତୁ ସାରି ଦେଇଛୁ ?' ରାତିରେ ସେ ପ୍ରାୟ ୪ଟା ପର୍ଯ୍ୟନ୍ତ ପଢ଼ନ୍ତି । ଦେଖିଛି ଦିନେ ଦିନେ ପୂରା ରାତି ପାହାନ୍ତା । ଡ଼ାକ୍ତରମାନେ ବେଶୀ ସମୟ ନରହିଁବାକୁ ପଣ୍ଡିତଜୀଙ୍କୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ସେ କହନ୍ତି – ମୁଁ ନ ପଢ଼ିଲେ ରହି ପାରିବି ନାହିଁ । ସେ ଯେ ପର୍ଯ୍ୟନ୍ତ ପଢ଼ୁଥାନ୍ତି, ମୁଁ ମଧ୍ୟ ସେ ପର୍ଯ୍ୟନ୍ତ ପ୍ରାୟ ଅନିଦ୍ରା ରହିଥାଏ । ଏ ବହି ଆଣେ, ତାକୁ ରଖି ସେ ବହି ଦେ' ଏହିପରି ରାତି ପାହିବା ଯାଏ ଚାଲିଥାଏ । ଶେଷକୁ ତାଙ୍କ ଦେହ ବେଶୀ ଖରାପ ହେଲା । ଆଉ ପଢ଼ାପଢ଼ି କରି ପାରିଲେ ନାହିଁ । ଏପରି ହେଲା, କିଛି ଜାଣି ପାରିଲେ ନାହିଁ । ତାଙ୍କର ନିତ୍ୟକର୍ମ ସବୁ ମୁଁ କରାଇ ଦେଉଥାଏ । ସେ ଜାଣି ପାରନ୍ତି ନାହିଁ । ତାଙ୍କ ଲେଖା ବହିରୁ କିଛି ଅଂଶ ଯଦି କେହି ପଢ଼ି ଶୁଣାନ୍ତି, ତାକୁ ଶୁଣି ଭାରି ହସନ୍ତି । ହସି ହସି କାନ୍ଦି ପକାନ୍ତି ; ପଚାରନ୍ତି 'ଆରେ ଏସବୁ ମୁଁ ଲେଖିଥିଲି ?'

Digitized by PPRACHIN, SOA

ଏହି ଆତ୍ମବିସ୍ମୃତି ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ନିହିତ ଥିଲା, ତାଙ୍କର ଜୀବନର ଅନନ୍ତ ସାଧନା । ସେ ସାଧନାର ଶେଷ ନାହିଁ । ତାଙ୍କର ଜ୍ଞାନ ତୃଷା ଏପରି ପ୍ରବଳ ଥିଲା ଯେ ସେ ତାଙ୍କର ସକଳ ଦୁଃଖ, ଗ୍ଲାନି, ରୋଗ, କ୍ଳେଶକୁ ହେୟ ମନେ କରି ସେ ଦିନ ଗତି ଜ୍ଞାନ ଅର୍ଜନ କରିବାର ପିପାସାକୁ ଜାଗ୍ରତ କରି ରଖିଥିଲେ । ସେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ହୁଏତ ସେହି ଅଦ୍ୱିତୀୟ ବ୍ରହ୍ମଙ୍କୁ ସ୍ମରଣ କରି କହୁଥିଲେ ।

ଏହି ସେ ପୀରତି ଭବେ ଏହି ସେ ବିଶ୍ୱାସ
ଏହି ମୃତ୍ୟୁ ବିଶ୍ୱ-ବଇଭବ,
ଏହି ତବ କୃତୀ ତେବେ ମାନବର ଜ୍ଞାନ
ଏହି ତ ତା ଅଦ୍ଭୁତ ଗରବ !
କ୍ଷୁଦ୍ର ଇନ୍ଦ୍ରିୟ ଦୁଆରେ ଧରି ରଖେ ଜ୍ଞାନ ତାରେ
ଜ୍ଞାନେ ଜ୍ଞାନେ ବିଶ୍ୱ ପିତା ତୁମ୍ଭେ ମୂଳାଧାର
ବନ୍ଧ ତୁମେ ଜ୍ୟୋତିସମ ଲଭେ ତା ପ୍ରସ୍ତର ।
ଅହଂକାରେ ଜ୍ଞାନ ତେଜି ବିଶ୍ୱାସେ ଆତ୍ମାନ ଭଜି
ଆତ୍ମାର ସେ ଦେଖ ନର ମହା ବିଶ୍ୱପୁର । ୧୮ ।

(ଭକ୍ତିଗାଥା—ଆତ୍ମବାଣୀ)

ଅବଶ୍ୟ ତାଙ୍କର ଏହି ଅପରିମେୟ ତୃଷା ଚରିତାର୍ଥ ହେଲା ନାହିଁ । ଚକ୍ଷୁ କ୍ରମେ ନିମୀଳିତ ହୋଇ ଆସିଲା । ଶେଷରେ ପ୍ରାଣର ଶେଷ ନିଃଶ୍ୱାସ ତ୍ୟାଗ କରି ସେ ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସୋଦର ମାନଙ୍କ ଠାରୁ ଚିର ବିଦାୟ ନେଇଗଲେ । ହେଲେହେଁ, ପରବର୍ତ୍ତୀ ଯୁଗର ଲୋକମାନଙ୍କ ନିମନ୍ତେ ଯେଉଁ ଜ୍ଞାନ ପିପାସା ଅନିର୍ବାଣ କରି ରଖିଗଲେ, ତାହା ଏବେ ସୁଦ୍ଧା ଜନ ସମାଜରେ ପ୍ରଜ୍ଜ୍ୱଳିତ ଅଛି । ତାଙ୍କର ଜ୍ଞାନ ପିପାସା ଓ ଜିଜ୍ଞାସାବାଦ ଥିଲା—ତୈତ୍ତିରୀୟ ଉପନିଷଦର ଭୃଗୁ ଋଷିଙ୍କର ତପସ୍ୟା ଓ ବ୍ରହ୍ମଜ୍ଞାନ ସଦୃଶ । ଏହି ଉପନିଷଦରେ ଉଲ୍ଲେଖ ଅଛି, "ପିତା ଆପଣଙ୍କର ଏତେ ପ୍ରଚେଷ୍ଟା ଓ ପ୍ରଯତ୍ନ ସତ୍ତ୍ୱେ ମୁଁ ଏ ପର୍ଯ୍ୟନ୍ତ ସେହି ଜଗତବ୍ୟାପୀ ବ୍ରହ୍ମଙ୍କୁ ଉପଲବ୍ଧି କରି ପାରିଲି ନାହିଁ । ମୋତେ ଅନୁଗ୍ରହ ପୂର୍ବକ ଆହୁରି ଉପଦେଶ ଦିଅନ୍ତୁ । କଠୋର ତପଶ୍ଚାରଣ ପରେ ଲାଭ କରିଥିବା ବ୍ରହ୍ମଜ୍ଞାନକୁ ପୁତ୍ର

Digitized by PPRACHIN, SOA

ଅଗ୍ରସର ହେଲେ ତୁମ୍ଭେ ବ୍ରହ୍ମଙ୍କୁ ପାଇ ପାରିବ ।" ବରୁଣ ଭୃଗୁର ନୟନରେ ବ୍ରହ୍ମ-ଦୀପ୍ତି ଦେଖୁଥିଲେ ଏବଂ ଦେଖୁଥିଲେ ଶାନ୍ତି-ହୀନ ଅବସାଦ-ହୀନ ଭୟ-ହୀନ ପୁତ୍ରର ବ୍ରହ୍ମ ସାଧନାର ଆଶ୍ଚର୍ଯ୍ୟନିଷ୍ଠା । ବରୁଣ ତେଣୁ ଶେଷ ଥର କହିଲେ, "ବତ୍ସ ତପସ୍ୟା ହିଁ ବ୍ରହ୍ମ । ଯାଅ ବତ୍ସ ଯାଅ । ତପସ୍ୟା ଦ୍ୱାରା ବ୍ରହ୍ମଙ୍କୁ ବିଶେଷ ଭବରେ ଜାଣ । ତପସ୍ୟା ବ୍ରହ୍ମ ବିଜିଜ୍ଞାସସ୍ୱ ତପୋ ବ୍ରହ୍ମେତି ।" ତପସ୍ୟାହିଁ ଭୃଗୁର ସ୍ୱଭବ ହୋଇ ଯାଇ ଥିଲା । ଭୃଗୁ ବ୍ରହ୍ମଜ୍ଞାନୀର ଆଶାର ବାଣୀ ପାଇ ପୁଣି ଅପେଖାଇ ଗଲିଲେ । ବାରମ୍ବାର ସଫଳ ହୋଇ ବି ସେ ବିଫଳ ହୋଇଥିଲେ ଏବଂ ବିଫଳ ହୋଇ ଶେଷରେ ସଫଳ ହୋଇ ପାରିଥିଲେ । ଭୃଗୁ ପୁଣି ତପସ୍ୟାରେ ନିମଗ୍ନ ହେଲେ । "ସତପୋଽ ତପତ୍ୟ ଓ ଆନନ୍ଦୋ ବ୍ରହ୍ମ ଆନୋନ୍ଦଧ୍ୟେବ ଖଲ୍ୱ୍ୟ ମାନି ଭୂତାନି ଯାୟନ୍ତେ ଆନନ୍ଦେନ ଜାତାନି ଜୀବନ୍ତି ।" ସହସା ଦିନେ ତପସ୍ୟାରୁ ଉଠି ପରମ ପରିପୂର୍ଣ୍ଣ ଆନନ୍ଦ ମୂର୍ତ୍ତି ଭୃଗୁ କହି ଉଠିଲେ "ହଁ ପିତଃ ! ମୁଁ ବର୍ତ୍ତମାନ ବ୍ରହ୍ମକୁ ଜାଣି ଅଛି । ଏହି ବ୍ରହ୍ମ ହେଉଛି ଅନନ୍ଦ । ଆନନ୍ଦରୁ ତାର ଉତ୍ପତ୍ତି ଏବଂ ଆନନ୍ଦରେ ତାହାର ଶେଷ ।' ଭୃଗୁର ସକଳ ସଂଶୟ ଛିନ୍ନ ହୋଇଛି । ଭୃଗୁ ବର୍ତ୍ତମାନ ଶାନ୍ତ, ତୃପ୍ତ, ପରମ ପରିତୃପ୍ତ ଏବଂ ଆନନ୍ଦ-ଜ୍ଞାନ ହୋଇ ଅଛି । ଭୃଗୁ ଜାଣିପାରି ଅଛି ଆନନ୍ଦହିଁ ବ୍ରହ୍ମ ଓ ତପସ୍ୟାହିଁ ଗୁରୁ । ତପସ୍ୟାହିଁ ଆଗ୍ରହ ।"

ଶ୍ରଦ୍ଧାବାନ ଏକ ନିଷ୍ଠ ତପସ୍ୱୀ ସାଧକର ସ୍ୱୟଂ ବ୍ରହ୍ମହିଁ ଗୁରୁ, ବ୍ରହ୍ମ ତାହାରି ନିକଟରେ ପ୍ରକାଶ ପାଉଥାନ୍ତି—ଏହି ବିଦ୍ୟା ଭୃଗୁ ଜାଣିଥିଲେ ଏବଂ ବରୁଣ ଉପଦେଶ ଦେଇ ଏହା କହିଥିବାରୁ ଏହାକୁ ଭର୍ଗବୀ ବାରୁଣୀ ବିଦ୍ୟା କୁହାଯାଏ । ଆନନ୍ଦ ବ୍ରହ୍ମ ଏବଂ ତପସ୍ୟା ବ୍ରହ୍ମ ଏହାହିଁ ଏହି ବିଦ୍ୟାର ମର୍ମ ।" *

ଏହି ଆନନ୍ଦ ବ୍ରହ୍ମ ଓ କଠୋର ତପସ୍ୟା ବ୍ରହ୍ମ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟର ତାଙ୍କ ନିଜ ପ୍ରକୋଷ୍ଠ ମଧ୍ୟରେ ବସି ଲଭ କରିଥିଲେ । ସେ ଜ୍ଞାନ ରୂପକ ତପସ୍ୟାରେ ନିମଗ୍ନ ଥିବା ବେଳେ ଜଗତର ଅନ୍ୟ କୌଣସି କଥା ତାଙ୍କ ହୃଦୟ କିମ୍ବା ମାନସ ପ୍ରବୃତ୍ତିକୁ ସ୍ପର୍ଶ କରି ପାରୁ ନଥିଲା । ସେ ସେତେବେଳେ କଠୋର ତପଶ୍ଚର୍ଯ୍ୟାରେ ନିମଗ୍ନ । କିନ୍ତୁ ଏ ଜ୍ଞାନ ରୂପୀ ତପସ୍ୟା କେବଳ ତାଙ୍କର ନିଜର ଆନନ୍ଦର ଆସ୍ୱାଦନ ପାଇଁ ନଥିଲା । ଏହି ଆନନ୍ଦ ଛାତ୍ରମାନଙ୍କ ମଧ୍ୟରେ ପରିବେଷଣ କରିବା ନିମନ୍ତେ ସେ ଅତ୍ୟନ୍ତ ଉଦ୍‌ଗ୍ରୀବ ଥିଲେ । ନିଜର ସ୍ୱଚ୍ଛଳତା ଓ ସୁଖ ବିଳାସ

* (୧) ସୁଧୀର କୁମାର ଦାସଗୁପ୍ତ— "ଭୃଗୁର ତପସ୍ୟା"—ଘଞ୍ଚେ ଉପନିଷଦା

Digitized by PPRACHIN, SOA

କାମନା ରୂପକ ଗୃହ ସଂସାରରୁ ଦୂରରେ ରହି ସେ ତପସ୍ୱୀ ରୂପେ ଜ୍ଞାନ ବ୍ରହ୍ମର ଆରାଧନା ନିମନ୍ତେ ଯେଉଁ ଚେଷ୍ଟା କରିଥିଲେ, ଯେଉଁ ସାଧନାରେ ବ୍ରତୀ ହୋଇଥିଲେ, ଯେଉଁ ଅଧ୍ୟବସାୟରେ ଜଗତ ପ୍ରତି ଉଦାସୀନ ହୋଇ ପଡ଼ିଥିଲେ, କେବଳ ସେହି ବିଦ୍ୟା ଓ ଛାତ୍ରଙ୍କ ବ୍ୟତୀତ କେହି ତାଙ୍କ ସମୀପରେ ନଥିଲେ । ଆଉ ସେ କାହାକୁ ଦେଖି ପାରୁନଥିଲେ । ସେହି ଅନୁଶୀଳନ, ଅଧ୍ୟୟନ ଓ ଶିକ୍ଷା ବିଧାନ ସତ୍ୟବାଦୀ ବିଦ୍ୟାଳୟକୁ ଗୋଟିଏ ମନୋହର କବିତା କୁଞ୍ଜ ଓ ସାଧନାର ପରମ ପୀଠ ରୂପେ ପରିଣତ କରିଥିଲା ।

## ସୁରେଶ ଚନ୍ଦ୍ର ଦାସଗୁପ୍ତଙ୍କ ମନ୍ତବ୍ୟ

୧୩୨୧ ସାଲରେ ସୁରେଶ ଚନ୍ଦ୍ର ଦାସଗୁପ୍ତ ନାମକ ଜଣେ ସାହିତ୍ୟିକ "ବିଜୟ" ପତ୍ରିକାର ତୃତୀୟ ଖଣ୍ଡ ସପ୍ତମ ସଂଖ୍ୟାରେ ନୀଳକଣ୍ଠଙ୍କ ସମ୍ବନ୍ଧରେ ନିଜର ପ୍ରତ୍ୟକ୍ଷ ଅନୁଭୂତି ଉଲ୍ଲେଖ କରି କହି ଅଛନ୍ତି, "ଶିକ୍ଷକ ମହାଶୟ ଯୁବକ, ବେଶଭୂଷାରେ କୌଣସି ପାରିପାଟୀ ନାହିଁ ! ପରିଧାନ ସାଧା ଧୋତି – କେଶ ଅସଂସ୍କୃତ । ଦେହରେ ସାମାନ୍ୟ ମାତ୍ର ଗୋଟିଏ ଟ୍ୱିଇଲ୍‌ର ସାର୍ଟ । ନାମ ନୀଳକଣ୍ଠ ଦାସ । ଦାସ ମହାଶୟ ପୁରୀ ଜିଲ୍ଲାର ସର୍ବ ପ୍ରଥମ ଏମ.ଏ. । ସ୍ୱେଚ୍ଛାରେ ନିଜକୁ ଓଡ଼ିଶାର ଶିକ୍ଷା ବିସ୍ତାର କଳ୍ପେ ଉତ୍ସର୍ଗ କରିବାର ପ୍ରବଳ ଆକାଂକ୍ଷାର ବଶବର୍ତ୍ତୀ ହୋଇ ସହଯୋଗୀ ଆଉ କେତେ ଜଣ ତ୍ୟାଗଶୀଳ ଶିକ୍ଷିତ ଯୁବକଙ୍କର ସାହାଚର୍ଯ୍ୟରେ ଭାରତର ସନାତନ ତ୍ୟାଗ ଧର୍ମର ମହାନ ସତ୍ୟ ପ୍ରଚାର କରିବା ନିମନ୍ତେ ଦାସ ମହାଶୟ ସତ୍ୟବାଦୀରେ ଏହି ନିଭୃତ ପଲ୍ଲୀରେ ଏହି ବିଦ୍ୟାଳୟ ସ୍ଥାପନ ଓ ପରିଚାଳନା କରୁ ଅଛନ୍ତି ।" ସେହି ମହାଶୟ ଏତିକିରେ ନିବୃତ୍ତ ନ ରହି ଜ୍ଞାନ ତପସ୍ୱୀ ଓ ତ୍ୟାଗୀ ଶିକ୍ଷକ ନୀଳକଣ୍ଠଙ୍କ ସମ୍ବନ୍ଧରେ ପୁଣି ଲେଖିଛନ୍ତି "ତାଙ୍କର ଗୃହରେ ପ୍ରବେଶ କରି ଦେଖିଲି କ୍ଷୁଦ୍ର ଗୋଟିଏ ମୃଣ୍ମୟ ପ୍ରକୋଷ୍ଠ । ଉପରେ ଗୁହ୍ଳ ଛପର । ଖଣ୍ଡିଏ ଚୌକି ଉପରେ ଶିକ୍ଷକ ମହାଶୟ (ନୀଳକଣ୍ଠ) ଉପବିଷ୍ଟ । ତାଙ୍କର ଚାରି ଦିଗରେ ଏବଂ ସମ୍ମୁଖସ୍ଥ ଟେବୁଲ ଉପରେ ସ୍ତୁପୀକୃତ ପୁସ୍ତକ ରାଶି । ତାହା ମଧ୍ୟରେ ବଙ୍ଗାଳୀ ମାସିକ ପତ୍ର କେତେ ଖଣ୍ଡ ଦେଖିଲି ଏବଂ ଦେଖିଲି ଘର ଭିତର କାନ୍ଥରେ ଟଙ୍ଗା ହୋଇଛି ବର୍ତ୍ତମାନ ଭାରତର ସର୍ବ ପ୍ରଧାନ କର୍ମଯୋଗୀ ସ୍ୱାମୀ ବିବେକାନନ୍ଦଙ୍କର ଚିତ୍ର ।" ସେ ପୁଣି ଲେଖିଛନ୍ତି, "ଦେଖିଲି ଶିକ୍ଷକବର୍ଗ ମାତୃଭାଷାର ଉନ୍ନତି ପ୍ରୟାସୀ ଏବଂ ଭାଷା ଜନନୀର ଏକନିଷ୍ଠ ସାଧକ । ବିଦ୍ୟାଳୟର

Digitized by PPRACHIN, SOA

ପ୍ରଧାନ ଶିକ୍ଷକ ମହାଶୟଙ୍କୁ ଦେଖିଲି । ସେ କବିତା ବି ଲେଖନ୍ତି ଏବଂ କବିତା ପରି ମଧ୍ୟ ବାସ କରନ୍ତି । ସୁଗନ୍ଧି ପୁଷ୍ପ ଯେପରି ଆପଣାର ସୌରଭ ବିତରଣ କରି ସକଳର ଆନନ୍ଦ ବର୍ଦ୍ଧନ କରେ, ଶିକ୍ଷକ (ନୀଳକଣ୍ଠ) ମଧ୍ୟ ସର୍ବ ପ୍ରକାର ଆମୋଦ ପ୍ରମୋଦ ପରିତ୍ୟାଗ କରି ଉତ୍କଳ ଜନନୀର ଅଜ୍ଞାନାନ୍ଧକାର ଦୂର କରିବା ନିମନ୍ତେ ସେହିପରି ଜୀବନ ଉତ୍ସର୍ଗ କରି ଅଛନ୍ତି । ମୁଁ ଉତ୍କଳ ଜନନୀର ଶ୍ୟାମଳ ସୌନ୍ଦର୍ଯ୍ୟ ଭାଷାରେ ପ୍ରକାଶ କରି ଜଗତ୍ ସମକ୍ଷରେ ତାହାର ଗୌରବମୟ ଆସନ ସ୍ଥାପନ କରିବା ନିମନ୍ତେ ସେ ସଯତ୍ନ ପ୍ରୟାସୀ । ଭଗବାନ ତାହାଙ୍କର ସର୍ବବିଧ ବାସନାକୁ ଜୟଯୁକ୍ତ କରନ୍ତୁ ।" (୨)

## ବିଦ୍ୟୟାମୃତମଶ୍ନୁତେ

ଆମ୍ଭେମାନେ ଥରେ ଉତ୍ତର ଭାରତ ପରିଭ୍ରମଣ କରିବାକୁ ଯାଇଥିଲୁ । ଯେତେବେଳେ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ Banaras Hindu University ବୁଲି ଦେଖିଲୁ ସେଠାରେ ସବୁ ଶ୍ରେଣୀର କାନ୍ଥ ଉପରେ ଉତ୍କୀର୍ଣ୍ଣ ହୋଇଛି 'ବିଦ୍ୟୟାମୃତମଶ୍ନୁତେ", ସେତେବେଳେ ମନେହେଲା ଏହି ବିଶ୍ୱ ବିଦ୍ୟାଳୟ ସହିତ ସତ୍ୟବାଦୀ ବିଦ୍ୟାଳୟର କିଛି ନିଗୂଢ଼ ସମ୍ପର୍କ ଅଛି । ଦୁଇ ବିଦ୍ୟାପୀଠ ମଧ୍ୟରେ ବିଶେଷ କିଛି ସାମଞ୍ଜସ୍ୟ ଦେଖିବାକୁ ମିଳେ ।

## ମଧୁସୂଦନଙ୍କ ମତ

ଥରେ ଓଡ଼ିଶାର କୁଳବୃଦ୍ଧ ମନସ୍ୱୀ ମଧୁସୂଦନ ଦାସ ସତ୍ୟବାଦୀକୁ ଆସି ବିଦ୍ୟାଳୟର ପ୍ରାଙ୍ଗଣରେ ଗୋଟିଏ ସଭାରେ ସଭାପତିତ୍ୱ କରିଥିଲେ । ସେହି ସଭାରେ ସେ ଏହି ବିଦ୍ୟାପୀଠର ବହୁମୁଖୀ କାର୍ଯ୍ୟକଳାପରେ ଅତ୍ୟନ୍ତ ବିମୋହିତ ହୋଇ ଗୋପବନ୍ଧୁଙ୍କୁ କୁଣ୍ଢାଇ ପକାଇ ଆନନ୍ଦ ଗଦ୍‌ଗଦ୍ କଣ୍ଠରେ କହିଲେ, "ଗୋପବନ୍ଧୁ ତୁ ଏଠାରେ ଗୋଟାଏ ନାଳନ୍ଦା ବିଶ୍ୱବିଦ୍ୟାଳୟ ଗଢିଦେଲୁ ।" ଗୋପବନ୍ଧୁ ତାର ଉତ୍ତରରେ ସଙ୍ଗେ ସଙ୍ଗେ କହିଲେ, "ମୁଁ ନୁହେଁ, ନୀଳକଣ୍ଠ ।" ପ୍ରାଚୀନ ଯୁଗର ନାଳନ୍ଦା ବିଶ୍ୱବିଦ୍ୟାଳୟ ପରି ନୀଳକଣ୍ଠ ଏଠାରେ କେବଳ ଏକ ଶିକ୍ଷା ପଦ୍ଧତି

(୨) Satyabadi Report - Page 66-68

Digitized by PPRACHIN, SOA

ପ୍ରଚଳନ କରି ନଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଯେପରି ବ୍ରହ୍ମଚର୍ଯ୍ୟ ଶିକ୍ଷା ଦିଆଯାଉଥିଲା ଶିବ, ସତ୍ୟ, ସୁନ୍ଦରର ଆଦର୍ଶ ଉପସ୍ଥାପନ କରଯାଇଥିଲା, ଯେପରି ଜ୍ଞାନାନୁଶୀଳନର ପରାକାଷ୍ଠା ସେଠାରେ ଦେଖା ଯାଇଥିଲା, ଜ୍ଞାନ ପିପାସୁ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟରେ ସେହିପରି ଆଦର୍ଶ ପ୍ରତିଷ୍ଠା କରିଥିଲେ । ସେଇଥିଲାଗି ସେଦିନ ମଧୁବାବୁଙ୍କର ଥିଲା ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପ୍ରତି ଏହି ପ୍ରଶଂସାର ବାଣୀ ।

ପରାଣେ ପରାଣ ବାନ୍ଧି ଯାଙ୍କ ତୁଲେ
ରହିଛି ଏ ମର ଜୀବନ ଧରି,
ବନ୍ଧୁତାରେ ଯାଙ୍କ ଭୁଲାଇ ଜୀବନ
ଭସାଇ ଦେଉଛି ଜୀବନ ତରୀ ।
ଛାଡ଼ି ଯେବେ ମୋତେ ଯିବେ ସେ ସରବେ
ମରୁମୟ ସିନା ହେବ ସଂସାର,
ଜୀବନ୍ତ ମରଣେ ସେ ଘୋର ବିପଦେ
କେମନେ ସହିବ ଜୀବନ ଭାର ।

( ନୀଳକଣ୍ଠ — ବର୍ଷର ଶେଷ ଗୋଲାପ )

Digitized by PPRACHIN, SOA

## ୨ୟ ଅଧ୍ୟାୟ

# ସତ୍ୟବାଦୀ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟରେ ନୀଳକଣ୍ଠ

ନୀଳକଣ୍ଠ ଥିଲେ ଆମରଣ ଜ୍ଞାନ ପୀପାସୁ ଜ୍ଞାନ ଅର୍ଜନ କରି ତାକୁ ଦେଶବାସୀଙ୍କୁ ଦେଇ ଯିବାଇ ତାଙ୍କର ଏକାନ୍ତ କାମନା ଥିଲା । ଅସୀମ ଥିଲା ତାଙ୍କର ଜିଜ୍ଞାସା । ସେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲା ବେଳେ ଆମ୍ଭେମାନେ ଏହା ବାରମ୍ବାର ଲକ୍ଷ୍ୟ କରିଅଛୁ । ଗୋଟିଏ ଗତିରେ ସେ ସଂସ୍କୃତ ପରୀକ୍ଷାର୍ଥୀ କେତେକ ଛାତ୍ରଙ୍କୁ 'ଶ୍ରୁତିବୋଧ' ପଢ଼ାଇ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇ ଦେଇଥିଲେ । ଏହି ସଂସ୍କୃତରେ ରହିଥିବା ପ୍ରାଚୀନ ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ସେ ବିଦ୍ୟାଳୟରେ ଶ୍ଳୋକାନ୍ତ ଆରମ୍ଭ କରିଥିଲେ । ତାଙ୍କ ଦୃଷ୍ଟିରେ ଶିକ୍ଷା ଓ ସାହିତ୍ୟ ମଧ୍ୟରେ ବିଶେଷ କିଛି ପ୍ରଭେଦ ନଥିଲା । ସାହିତ୍ୟ ମାଧ୍ୟମରେ ଶିକ୍ଷାର ପ୍ରଚାର ଓ ପ୍ରସାର କରିବାକୁ ସେ ବ୍ୟାକୁଳ ଥିଲେ । ତାଙ୍କର ଇଚ୍ଛା ଥିଲା, "ଏହି ସତ୍ୟବାଦୀ ବିଦ୍ୟାଳୟରୁ ଯେପରି ଆଦର୍ଶ ଶିକ୍ଷକ, ବିପ୍ଳବୀ ଦେଶ ସେବକ ଓ ବିଦ୍ରୋହୀ କର୍ମବୀର ବାହାରିବେ, ସେହିପରି ଆଦର୍ଶ ସାହିତ୍ୟିକ ମଧ୍ୟ ବାହାରିବେ ।" ଗୋପବନ୍ଧୁ ସେଥିପାଇଁ ଥରେ ସତ୍ୟବାଦୀ ମାସିକ ପତ୍ରିକାରେ ଲେଖିଥିଲେ "ଜାତୀୟ ଉନ୍ନତି ପକ୍ଷେ ସାହିତ୍ୟ ଏକ ପ୍ରଧାନ ଉପାଦାନ, ଏହା ଆମ୍ଭମାନଙ୍କର ବିଶ୍ୱାସ । ପ୍ରଥମେ ଲୋକ ସାଧାରଣଙ୍କ ଭାବନାରେ ପରିବର୍ତ୍ତନ ଘଟାଇବା ଆବଶ୍ୟକ । ଶାରୀରିକ ଶକ୍ତି ସଞ୍ଚୟ ନିମନ୍ତେ ମନୁଷ୍ୟ ଯେପରି ଆହାର ଲୋଡ଼େ, ମାନସିକ ଭାବର ବିକାଶ ନିମନ୍ତେ ସେଇପରି ନୂତନ ଚିନ୍ତା ଓ ଜ୍ଞାନର ପ୍ରୟୋଜନ ।"

### ସତ୍ୟବାଦୀରେ ଯୋଗ ଦେବା ପୂର୍ବରୁ

ଗୋପବନ୍ଧୁଙ୍କର ଏଇ ଉଦ୍ଦେଶ୍ୟ ଓ ଏହାଠାରୁ ମହତ୍ତର ଅଭୀପ୍ସାରେ ପ୍ରଣୋଦିତ ହୋଇ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟକୁ ୧୯୧୧ ମସିହାରେ ଆସିବା ପୂର୍ବରୁ ଯେଉଁ ସାହିତ୍ୟ ରଚନା କରିଥିଲେ, ତାହା ଭାବ ଓ ଭାଷାର ଗାମ୍ଭୀର୍ଯ୍ୟରେ ଓଡ଼ିଆ ସାହିତ୍ୟରେ କିପରି ସ୍ଥାନ ଲାଭ କରିଥିଲା, ତାହା ଏବେ ସୁଦ୍ଧା ଆମ୍ଭମାନଙ୍କ

Digitized by PPRACHIN, SOA

ମନରେ ଚିର ଜାଗ୍ରତ ହୋଇ ରହିଛି । 'ମୁକୁର', 'ଉତ୍କଳ ସାହିତ୍ୟ' ଥିଲା ସେତେବେଳେ ନୀଳକଣ୍ଠଙ୍କର ପ୍ରଧାନ ସହାୟ । ଏହି ପତ୍ରିକାଦ୍ୱୟ ମାଧ୍ୟମରେ ପ୍ରଥମେ ଜଣେ ଘୋର ସମାଜ ବିପ୍ଳବୀ ଓ ପ୍ରଥମ ସକ୍ରିୟ ସମାଜ ସଂସ୍କାରକ ରୂପେ ନୀଳକଣ୍ଠ ଆତ୍ମ ପ୍ରକାଶ କରି ଓଡ଼ିଶାର ପଣ୍ଡିତ ମଣ୍ଡଳୀକୁ ବିସ୍ମୟରେ ଅଭିଭୂତ କରି ଦେଇଥିଲେ । 'ନିଶ', 'ମୋ ନିଶ', 'ଆମେ ଅଛୁ ଓ ହେବୁ', ' ପ୍ରତିଭା ପୂଜା ଓ ପ୍ରତିମା ପୂଜା'' ପ୍ରଭୃତି ତାଙ୍କ ଲେଖାମାନ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ, ୧୯୦୮ ଓ ୧୯୧୨ ମସିହାରେ 'ମୁକୁର', 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଇଥିଲା । 'ରାଧାନାଥ ଓ ଉତ୍କଳ ସାହିତ୍ୟ'' ଏବଂ ''ଓଡ଼ିଆ ସାହିତ୍ୟରେ ମଧୁସୂଦନ'' ଏହି ଦୁଇଟି ସମାଲୋଚନାମୂଳକ ପ୍ରବନ୍ଧ ସେତେବେଳେ ନୀଳକଣ୍ଠଙ୍କୁ ଓଡ଼ିଆ ସାହିତ୍ୟ ରାଜ୍ୟରେ ଅନନ୍ୟ ପ୍ରତିଭାଶାଳୀ ସାହିତ୍ୟିକ ରୂପେ ଚିହ୍ନିତ କରିଥିଲା । ସେ ଉତ୍କଳ ସାହିତ୍ୟ ସମାଜରୁ ନିମନ୍ତ୍ରଣ ପାଇଁ 'ବିକ୍ରମାଦିତ୍ୟ ଓ କାଳି ଦାସ' ପରି ଗବେଷଣାମୂଳକ ଓ ମନୀଷା ମଣ୍ଡିତ ପ୍ରବନ୍ଧ ପାଠ କରିଥିଲେ । ଏପରି ଐତିହାସିକ ତଥ୍ୟ ସମ୍ବଳିତ ପ୍ରବନ୍ଧ ଏହା ପୂର୍ବରୁ ଆଉ କେହି ଉତ୍କଳ ସାହିତ୍ୟ ସମାଜରେ ପାଠ କରିଥିବାର ଜଣା ନାଇ ।

## ସତ୍ୟବାଦୀରେ ନୀଳକଣ୍ଠଙ୍କର ସାହିତ୍ୟ ସାଧନା

ତାଙ୍କର ଏହି ଜ୍ଞାନ ତୃଷ୍ଣା ସତ୍ୟବାଦୀ ଜୀବନର ପ୍ରାକ୍ କାଳରୁ ଜଣା ପଡ଼ିଥିଲା । କେହି ତାଙ୍କୁ ଏପରି ଜ୍ଞାନ ଲାଭ କରିବାକୁ ଶିକ୍ଷା ଦେଇ ନଥିଲେ । ଏହା ତାଙ୍କର ପୂର୍ବ ଜନ୍ମ ତପସ୍ୟାର ଫଳ । ପିତା ମାତାଙ୍କର କଠୋର ଶିବ ଉପାସନା ଓ ନିଷ୍ପାପର ସାଧନାର ଫଳ ନୀଳକଣ୍ଠଙ୍କର ଜନ୍ମ ବୃତ୍ତାନ୍ତ ଯେଉଁମାନେ ଜାଣିଚନ୍ତି, ସେମାନେ ଏ କଥାର ସତ୍ୟତା ଉପଲବ୍ଧି କରି ପାରିବେ । ଆମ୍ଭର ଏହି ଉତ୍କଳ ଭୂମିରେ କେତେଜଣ ତାଙ୍କ ପରି ଜ୍ଞାନବାନ ହୋଇ ଜନ୍ମଲାଭ କରିଛନ୍ତି, ତାହା ସନ୍ଦେହର ବିଷୟ ।

ବୃହଦାରଣ୍ୟକ ଉପନିଷଦରେ ଯେପରି ମୈତ୍ରେୟୀ ତାଙ୍କର ସ୍ୱାମୀ ଯାଜ୍ଞବଲ୍କ୍ୟଙ୍କୁ କହିଥିଲେ "ଯେ ନାହଁ ନାଽମୃତ ସ୍ୟାଂ କି ମହଂ ତେନଂ କୁର୍ଯ୍ୟାଂ । ଅର୍ଥାତ୍ ଯାହାଦ୍ୱାରା ମୁଁ ଅମୃତ ହୋଇ ପାରିବି ନାହିଁ, ତାକୁ ନେଇ ମୁଁ କଣ କରିବି ?'' ସେହିପରି ବିଦ୍ୟାର ବିରାଟ ବିସ୍ତୃତ କ୍ଷେତ୍ରରେ ବିଚରଣ କରୁଥିବା ନୀଳକଣ୍ଠ କହୁଥିଲେ, ଆରେ ଏ ଆଲୁଅ କାହିଁକି ଲିଭାଇ ଦେଲ, ମୋତେ କଣ ମୂର୍ଖ କରି ଦେବ ?''

Digitized by PPRACHIN, SOA

ସତ୍ୟବାଦୀ ବିଦ୍ୟାଳୟର ଛାତ୍ରାବାସ ମଧ୍ୟରେ ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠ ନୀଳକଣ୍ଠଙ୍କର ଆବାସ ସ୍ଥଳ । ସେଥିରେ ଗୋପବନ୍ଧୁ କେଉଁଠୁ ବୁଲି ବୁଲି ଆସି କିଛି ଦିନ ପାଇଁ ମଝିରେ ମଝିରେ ରହନ୍ତି ।ତାଙ୍କର ରହିବା ଜାଗା ତ କିଛି ନିର୍ଦ୍ଦିଷ୍ଟ ନଥାଏ । ସେ ଆଜି କେଉଁଠାରେ ବନ୍ୟା ତ୍ରସ୍ତ ଅଞ୍ଚଳରେ ତ କାଲି ପାଟନା ବିହାର ଓଡ଼ିଶା ବ୍ୟବସ୍ଥା ସଭରେ । ମାତ୍ର ସତ୍ୟବାଦୀ ଆସିଲେ ଏଇଟାଇ ତାଙ୍କର ରହଣୀର ସ୍ଥାନ ହୁଏ । ଏହି କୋଠରୀରେ ସ୍ୱାମୀ ବିବେକାନନ୍ଦଙ୍କର ଖଣ୍ଡିଏ ଫଟୋ ଗୋଟିଏ କାନ୍ଥରେ ଝୁଲୁଥାଏ । ଗୋଟିଏ ଆଲମାରୀରେ କେତେ ବଡ ବଡ ବହି ଗଦା ହୋଇଥାଏ । ରାତି ପାହନ୍ତିଆ ପର୍ଯ୍ୟନ୍ତ ନୀଳକଣ୍ଠ ଗୋଟିଏ ଲଣ୍ଠନ ଜାଳି କଲମ ଧରି ବହି ପଢୁଥାନ୍ତି । ଗୋପବନ୍ଧୁ ପାହାନ୍ତିଆରୁ ଉଠି ତାଙ୍କ ପ୍ରାତଃକର୍ମରେ ଲାଗନ୍ତି । ନୀଳକଣ୍ଠ ତାଙ୍କ 'ଆତ୍ମ ଜୀବନୀ'ରେ ଲେଖିଛନ୍ତି, "ଠିକ୍ ରାତି ପାହିଲା ବେଳକୁ ଗୋପବନ୍ଧୁ ନିଜ ଖଟ ଉପରେ ବସି ଈଶ୍ୱରଙ୍କୁ ପ୍ରାର୍ଥନା କରୁ କରୁ କାନ୍ଦି କାନ୍ଦି ନିଜର ତତ୍କାଳୀନ ରଚିତ ଗୋଟିଏ ଅତି ସୁନ୍ଦର ଭାବୋଦ୍ରେକ ଗର୍ଭକ ଗୀତଟିଏ ବୋଲି ଗଲେ ଓ ତାର ସ୍ୱରୋଚ୍ଛ୍ୱାସରେ ମୋର ଓ ଅନ୍ୟ ଖଟରେ ଶୋଇଥିବା ଶଶୀଭୂଷଣ ରଥଙ୍କର ନିଦ ଭାଜିଗଲା । ଗୀତଟି ସଙ୍ଗେ ସଙ୍ଗେ ଟିପି ନେବା ପାଇଁ ମୁଁ ଶଶୀ ବାବୁଙ୍କୁ କହିଲି । ତାହାପରେ ଗୋଦାବରୀଶ ବାବୁଙ୍କୁ ଡକାଇ ପୁରୁଷୋତ୍ତମ ଦେବ ନାଟକରେ ସ୍ୱଗତ ଶେଷକୁ ଏହା ଯୋଡ଼ି ଦେବାପାଇଁ କହିଲି ଓ ସେ ତାହା କଲେ ।" ଏଥିରୁ ନୀଳକଣ୍ଠଙ୍କର ଜ୍ଞାନ ଆହରଣ ଲିପ୍ସା ଏବଂ ଆହରଣର ଯଥାର୍ଥ ଉପଯୋଗ ସହଜରେ ଅନୁମେୟ ।

ସେ କୋଠରୀରେ ଥିବା ବହି ଗୁଡ଼ିକ ମଧ୍ୟରେ ଥାଏ History of Nations ସିରିଜର ସମସ୍ତ ବହି, ସଂସ୍କୃତରେ କାଳିଦାସଙ୍କର କାବ୍ୟ ସମୂହ ଓ ନୈଷଧ, ଭାରବୀ ପ୍ରଭୃତିଙ୍କର ବଡ଼ ବଡ଼ କାବ୍ୟ ବଙ୍ଗଳାରେ ବାମଣ୍ଡାର ରାଜସୁତ କବି ଓ ସାହିତ୍ୟିକ ବାସୁଦେବ ସୁଢ଼ଳ ଦେବଙ୍କ ଜୀବନୀ ଏବଂ ବଂକିମ ଚନ୍ଦ୍ର ଓ ରବୀନ୍ଦ୍ରନାଥଙ୍କର କେତେକ ଉପାଦେୟ ପୁସ୍ତକ । ନାନା ଗ୍ରନ୍ଥରେ ଏହି ଆଲମାରୀ ଭର୍ତ୍ତି ହୋଇଥାଏ । ଇତିହାସ ଓ ଐତିହାସିକ ଗବେଷଣା ପ୍ରତି ତାଙ୍କର ପ୍ରଗାଢ଼ ମମତା ଥିବା କଥା ୧୯୨୪ କିମ୍ବା ୧୯୧୫ ମସିହାରୁ ଜଣା ପଡ଼ିଥିଲା । ସେ ଆଲମାରୀରେ ଜାଗା ନ ହେବାରୁ ତାଙ୍କର ଶୋଇବା ଖଟର ଅଧିକାଂଶ ସ୍ଥାନରେ ଭାରତ ଇତିହାସର ବହି ଗଦା ହୋଇ ଥାଏ । ଏମାନଙ୍କ ମଧ୍ୟରେ ଥାଏ Vincent Smithଙ୍କର ପ୍ରକାଣ୍ଡ ଭାରତ ଇତିହାସ । ଏହି ବହି ନେଇ, ଏହାର

Digitized by PPRACHIN, SOA

କେତେକାଂଶ ସେ ଛାତ୍ରମାନଙ୍କୁ ପଢାନ୍ତି । ଯଥା—"ଜାତି ବିଭଗର ଉପକାରିତା ଓ 'ଅପକାରିତା' । ଓଡ଼ିଶାର ଇତିହାସ ସମ୍ବନ୍ଧରେ Hunter, Sterling ଏବଂ ରାଜେନ୍ଦ୍ର ଲାଲ ମିତ୍ର ମନ ମୋହନ ଗାଙ୍ଗୁଲି ପ୍ରଭୃତିଙ୍କର ଗ୍ରନ୍ଥ ରାଜି ଯଥା— Orissa and her remains, Antiquities of Orissa, ପ୍ରମଥ ନାଥ ବାନାର୍ଜିଙ୍କ Public Administration in ancient India ଏବଂ ରାଧା ମୁକୁନ୍ଦ ମୁଖାର୍ଜିଙ୍କର History of Indian Shipping and maritime activity ପ୍ରଭୃତି ।

ବିଦ୍ୟାଯାମୃତମଣ୍ଡିତେ ଅଧ୍ୟାୟରେ ନୀଳକଣ୍ଠଙ୍କର ଜ୍ଞାନ ପିପାସା ସଂପର୍କରେ ଆଲୋଚନା କରା ଯାଇଅଛି । ତେଣୁ ଏହି ଅଧ୍ୟାୟରେ କେବଳ ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟରେ ତାଙ୍କ ସ୍ଥାନ କେଉଁଠି ତାହା ଆଲୋଚନା କରାଯିବ ।

ସମସ୍ତେ ଗୋଟିଏ ବିଷୟରେ ଏକମତ ଯେ ଅଭିନବ ଜାତୀୟ ଚେତନା, ସଂସ୍କାର ଲିପ୍‌ସା ଓ ଭାରତୀୟ ସଂସ୍କୃତି ପ୍ରତି ଏକ ପ୍ରକାଣ୍ଡ ମମତା ନିମନ୍ତେ ସତ୍ୟବାଦୀ ଦଳ ସାରା ଭାରତରେ ଖ୍ୟାତି ଲାଭ କରିଥିଲେ ।

## ଜ୍ଞାନଗର୍ଭ, ବିପ୍ଳବୀ ନୀଳକଣ୍ଠ

ନୀଳକଣ୍ଠ ପୂର୍ଣ୍ଣ ମାତ୍ରାରେ ଜଣେ ବିପ୍ଳବୀ । କି ସମାଜ ସଂସ୍କାର, କି ସାହିତ୍ୟିକ ପ୍ରଚେଷ୍ଟା, କି ଶିକ୍ଷା ପଦ୍ଧତିରେ ଆମୂଳଚୂଳ ପରିବର୍ତ୍ତନ ଏବଂ ପରବର୍ତ୍ତୀ କାଳରେ କି ରାଜନୈତିକ ଆନ୍ଦୋଳନ, ସକଳ କ୍ଷେତ୍ରରେ ସେ ଉତ୍କଳରେ ଏକ ନବ-ଚେତନା ଓ ଜାଗରଣ ସୃଷ୍ଟି କରିଥିଲେ । ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ହଜାରିବାଗ ଜେଲରେ ଥିବା ସମୟରେ ବନାରସରେ ଗୋଟିଏ ଶିକ୍ଷା ସମ୍ମିଳନୀ Asiatic educational Conference ଅନୁଷ୍ଠିତ ହୋଇଥିଲା । ହିନ୍ଦୁ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ମଦନ ମୋହନ ମାଲବ୍ୟ ଏହି ସମ୍ମିଳନୀର ଉଦ୍ୟୋକ୍ତା ଥିଲେ । ସେତେବେଳେ ଶିକ୍ଷାବିତ୍ ନୀଳକଣ୍ଠଙ୍କୁ ଏହି ସମ୍ମିଳନୀରେ "ଭାରତୀୟ ଶିକ୍ଷା" ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିବାକୁ ଅନୁରୋଧ କରାଯାଇ ଥିଲା । କାରାଗାରର ପ୍ରାଚୀର ମଧ୍ୟରେ ନୀଳକଣ୍ଠ ଏହି ସମ୍ମିଳନୀ ନିମନ୍ତେ ଗୋଟିଏ ଅତି ଉପାଦେୟ ପ୍ରବନ୍ଧ ଲେଖି ତାହା ସମ୍ମିଳନୀରେ ପାଠ କରିବା ନିମନ୍ତେ ବ୍ରିଟିଶ ସରକାରଙ୍କ ଠାରୁ ଅନୁମତି ପାଇଥିଲେ । ସେହି

Digitized by PPRACHIN, SOA

ପ୍ରବନ୍ଧରେ ଶିକ୍ଷା ଓ ସାହିତ୍ୟ କିପରି ଅବିଚ୍ଛେଦ୍ୟ ଭାବେ ସଂପୃକ୍ତ ତାହା ପ୍ରମାଣ ସହ ନୀଳକଣ୍ଠ ଯେପରି ଉପସ୍ଥାପିତ କରିଥିଲେ, ସେଥିରେ ଦର୍ଶକ ମଣ୍ଡଳୀ ଆଚମ୍ଭିତ ହୋଇ ଯାଇଥିଲେ । ସେ ପ୍ରବନ୍ଧଟି ବର୍ତ୍ତମାନ ଦୁଷ୍ପ୍ରାପ୍ୟ ।

ଏହା ନୀଳକଣ୍ଠଙ୍କର ପାଣ୍ଡିତ୍ୟ, ପ୍ରଜ୍ଞା, ବିଚକ୍ଷଣତା ଓ ଅଦ୍ଭୁତ ବୁଦ୍ଧିମତ୍ତାର ଏକ ନିଦର୍ଶନ ମାତ୍ର ।

## ଗୁଣ ଚଟ୍ଟେ ଗୁଣିଆ

କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସ୍ୱର୍ଗତ ଆଶୁତୋଷ ମୁଖାର୍ଜି ନିଜର ଗୁଣ ଗ୍ରାହିତା ବଳରେ ନୀଳକଣ୍ଠଙ୍କର ବିଶେଷ ବୁଦ୍ଧି ଓ ବିଚକ୍ଷଣତାର ପରିଚୟ ପାଇଥିଲେ । ସେ ୧୯୧୭ ମସିହା ଜୁନ୍ ୨ ତାରିଖରେ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସି ଗୋପବନ୍ଧୁ ଓ ନୀଳକଣ୍ଠ ପ୍ରଭୃତି ତ୍ୟାଗନିଷ୍ଠ ବ୍ୟକ୍ତିମାନଙ୍କର ଶିକ୍ଷା ଦିଗରେ ଅକ୍ଲାନ୍ତ ଉଦ୍ୟମ ଓ ଆଗ୍ରହ ଦେଖି ମୁଗ୍ଧ ହୋଇ ଲେଖିଥିଲେ --

I have visited the Satyavadi School with great interest. The School possesses many remarkable features. It is managed by well educated Oriyas, who have realised the great truth that spread of education amongst their people can be effected on the surest and soundest lines by persons, who are prepared to make a great sacrefice It is obivious to me that the School is backed by more than one such devoted and enthusiastic young man. They have further realised that true education is possibie without expensive and luxurious equipments, indead such equlpments are rather a hindrance than an assistance to the cause of the spread of education among an essentially poor people. Indians in the old days were accustomed to receive sound education and culture without appreciable expenditure of money. Under altered conditions, that may no longer be possible, but it can not be denied that many well meaning people labour under the delusion thet expensive buildings and other like agencies are essential for the spread of education. The promoters of this school have set a laudable example to the contrary. Their ideals are high;

Digitized by PPRACHIN, SOA

they understand true value of discipline and culture mental, moral and physical. The result of their labour is likely to be great for the very reason, that the beginnings are so humble, I can not but wish that every village in Bengal should possess a genuire place of instruction like Satyabadi Scoool."

ଅର୍ଥାତ୍ ପ୍ରାଚୀନ ଭାରତରେ ଆଜି କାଲି ପରି ଅର୍ଥ ବ୍ୟୟ ନ କରି ଛାତ୍ରମାନଙ୍କୁ ଉଚ୍ଚ ଧରଣର ଶିକ୍ଷା ଓ ସଂସ୍କୃତିର ଜ୍ଞାନ ଦିଆ ଯାଉଥିଲା । ସେ କଥା ବର୍ତ୍ତମାନର ପରିବର୍ତ୍ତିତ ଅବସ୍ଥାରେ ଚଳି ନ ପାରେ । କିନ୍ତୁ ଅନେକ ଶିକ୍ଷିତ ବ୍ୟକ୍ତି ଭ୍ରମରେ ପଡ଼ି ସନ୍ଦେହ କରନ୍ତି ଯେ ପକ୍କା ଘର ଏବଂ ଏହି ସମ୍ପର୍କୀୟ ଜିନିଷ ପତ୍ରର ଅଭାବରେ ଶିକ୍ଷା ଦାନ ଏକାବେଳକେ ଅସମ୍ଭବ । ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାତାମାନେ ତାହାର ବୈପରିତ୍ୟ ଏଠାରେ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ସେମାନଙ୍କର ଆଦର୍ଶ ବଡ ମହନୀୟ, ସେମାନେ ଶାରୀରିକ, ମାନସିକ ଓ ନୈତିକ ଶୃଙ୍ଖଳାର ମୂଲ୍ୟ ବୁଝନ୍ତି । ମୋର ଏକାନ୍ତ ଇଚ୍ଛା ଯେପରି ବଙ୍ଗ ଦେଶରେ ପ୍ରତି ଗାଁରେ ଏହିପରି ଗୋଟିଏ ଗୋଟିଏ ସ୍କୁଲ ହୁଅନ୍ତା କି !

ସେହି ଗୁଣଗ୍ରାହୀ ଆଶୁତୋଷ ୧୯୨୦ ମସିହାରେ ନୀଳକଣ୍ଠଙ୍କୁ କଲିକତା ବିଶ୍ୱବିଦ୍ୟାଳୟର Oriya-cum-comparative philolcgy (ଓଡ଼ିଆ ସାହିତ୍ୟ ଏବଂ ତୁଳନାତ୍ମକ ଭାଷାତତ୍ତ୍ୱ) ବିଷୟରେ ଅଧ୍ୟାପକ ଭାବେ ନିଯୁକ୍ତ କରିଥିଲେ । ନୀଳକଣ୍ଠଙ୍କ ବିପ୍ଳବୀ ମନ ଏହି "ଚାକିରୀ" ବିରୁଦ୍ଧରେ ବିଦ୍ରୋହ କରି ଉଠିଲେ ହେଁ ସେ ବାଧ୍ୟ ହୋଇ ଗୋପବନ୍ଧୁଙ୍କ ପରାମର୍ଶ ଅନୁସାରେ ଏହାଦ୍ୱାରା ତାଙ୍କ ମହନୀୟ ଆଦର୍ଶ ବ୍ୟାହତ ହେବନାହିଁ, ବୁଝି ଆଶୁତୋଷଙ୍କ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । କିନ୍ତୁ ତିନି ମାସ ପରେ ଅସହଯୋଗ ଆନ୍ଦୋଳନ ଫଳରେ ସେ ଏଥିରୁ ଅବ୍ୟାହତି ନେଇ ସମ୍ବଲପୁରରେ ଗଣ ଆନ୍ଦୋଳନ ଚଳାଇ ଥିଲେ ।

ଏଠାରେ ଲକ୍ଷ୍ୟ କରିବାର କଥା ନୀଳକଣ୍ଠ ସେ ବିଷୟରେ କୌଣସି ବିଶ୍ୱବିଦ୍ୟାଳୟରୁ ଏମ ଏ. ପାଶ୍ କରି ନଥିଲେ କି Ph.D, ପାଇ ନଥିଲେ । ତାଙ୍କୁ କିପରି ସାର୍ ଆଶୁତୋଷ କଲିକତା ପରି ସୁବିଖ୍ୟାତ ବିଶ୍ୱବିଦ୍ୟାଳୟରେ ଏପରି କଠିନ ବିଷୟର ଅଧ୍ୟାପକ ନିଯୁକ୍ତ କଲେ, ତା' ଭାବନାର ବିଷୟ । ଏବେ ଓଡ଼ିଶାର କେଉଁ ବିଶ୍ୱବିଦ୍ୟାଳୟରେ କେତେ ଜଣ ଅଧ୍ୟାପକଙ୍କର ଭାଷାତତ୍ତ୍ୱରେ ସେପରି ବିଚକ୍ଷଣତା ଓ ପାଣ୍ଡିତ୍ୟ ଅଛି ? କେବଳ ଓଡ଼ିଆ ସାହିତ୍ୟରେ ଐତିହାସିକ

Digitized by PPRACHIN, SOA

ବହୁତ ଅଛନ୍ତି— ଯେଉଁମାନେ ସାରଳା ଯୁଗ ଠାରୁ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ଘଟନା ପ୍ରବାହରେ ବିଶେଷ ପ୍ରବୀଣତାର ପ୍ରମାଣ ଦେଇ ପାରନ୍ତି । କିନ୍ତୁ ଭାରତର ବିଭିନ୍ନ ଭାଷା ସହିତ ତୁଳନା କରି ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ କେତେଜଣ ନିରୂପଣ କରି ପାରିବେ ?

ନୀଳକଣ୍ଠ ଥିଲେ କବି, ମନୀଷୀ । ସେ ଥିଲେ ସ୍ୱୟମ୍ଭୁ । ଯେ କବି, ସେ ମନୀଷୀ । ସେ ନିଜର ବିଶାଳ ମାନସ–ଚକ୍ଷୁରେ ସବୁ ଦେଖିପାରନ୍ତି । ସେ ନିଜ କଳ୍ପନାରୁ ଅନେକ ଜିନିଷର ଅବତାରଣା କରି ପାରନ୍ତି । ସେଥିପାଇଁ ନୀଳକଣ୍ଠଙ୍କ ସଙ୍ଗେ, ଅଧ ଘଣ୍ଟେ, ଘଣ୍ଟେ କଥା ବାର୍ତ୍ତା କରି ଆଶୁତୋଷ ବୁଝି ପାରିଲେ ଯେ ସେ ଜଣେ ମହାଜ୍ଞାନୀ ପୁରୁଷ; ଓଡ଼ିଆ ଭାଷାରେ ଏବଂ ଭାଷାତତ୍ତ୍ୱର ତୁଳନାତ୍ମକ ଆଲୋଚନାରେ ମଧ୍ୟ ବିଶେଷ ବ୍ୟୁତ୍ପତ୍ତି ଲାଭ କରି ଅଛନ୍ତି । ତେଣୁ ଏହି ପଦବୀ ନିମନ୍ତେ ସେ ସଂପୂର୍ଣ୍ଣ ଅଭିଜ୍ଞ ଓ ଉପଯୁକ୍ତ ।

## ନୀଳକଣ୍ଠଙ୍କ ଭାଷାତତ୍ତ୍ୱ

ନୀଳକଣ୍ଠ "ଭାଷାତତ୍ତ୍ୱ ପ୍ରବେଶ" ପ୍ରବନ୍ଧରେ ପ୍ରଥମରୁ ଲେଖିଛନ୍ତି "ଭାବ ଚିନ୍ତା ଓ ଅନୁଭୂତି ବ୍ୟକ୍ତ କରିବା ଉପାଦାନ ମାନବର ଭାଷା । ତେଣୁ ଭାଷାର ବ୍ୟବହାରରେ ଗୋଟିଏ ଶିଳ୍ପ ଫୁଟି ଉଠେ । ଶିଳ୍ପର ସାମାନ୍ୟ ବା ସାର୍ବଜନୀନ ବିଭବ ଯେପରି ଲୋକସାଧାରଣଙ୍କର ପ୍ରୀତି ଓ ଆଦର ଜନ୍ମାଏ, ସ୍ୱାତନ୍ତ୍ର୍ୟ ମଧ୍ୟ ସେହିପରି ତାହାର ଗୋଟିଏ ବିଶେଷତ୍ୱ, ରଚନାରେ ବ୍ୟକ୍ତିତ୍ୱ, ଭାଷା ବିନ୍ୟାସରେ ଭାଷା- ବିଶେଷତ୍ୱ ଏବଂ ଭାବ ବିକାଶରେ ସେହି ଶିଳ୍ପର ସାର୍ବଜନୀନତା ପ୍ରକାଶିତ ହୁଏ । ଏହି ତିନୋଟି ଘେନି ଶିଳ୍ପ ସର୍ବାଙ୍ଗ ସୁନ୍ଦର ହୁଏ ସତ; ମାତ୍ର କୌଣସିଟିରେ ଆଧିକ୍ୟ ବା ଯଥେଚ୍ଛାଚାରିତା ଶିଳ୍ପର ସୌନ୍ଦର୍ଯ୍ୟ ନିମନ୍ତେ ସ୍ପୃହଣୀୟ ନୁହେଁ । ଭାଷାରେ ଲେଖକର ବିଶେଷତ୍ୱ ଯେପରି ଗୋଟିଏ ଉପାଦାନ, ଭାଷାର ସ୍ୱାତନ୍ତ୍ର୍ୟ ଓ ସଜୀବତା ସେହିପରି ଆବଶ୍ୟକ । ତୃତୀୟତଃ ଭାଷାର ସାର୍ବଜନୀନତା ସ୍ୱାତନ୍ତ୍ର୍ୟରେ ନଷ୍ଟ ହେଲେ ଭାଷାର ବିଶେଷତ୍ୱ ନାହିଁ ଏବଂ ସମୟରେ ଅସ୍ତିତ୍ୱ ମଧ୍ୟ ଅସମ୍ଭବ ହୁଏ ।

ସମସ୍ତ ଶିଳ୍ପର ସଂରକ୍ଷଣ ନିମନ୍ତେ ସଭ୍ୟତାର ବିକାଶ ସଙ୍ଗେ ବିଜ୍ଞାନ ବିକାଶ ଲଭେ । ଭାଷାରେ ସେହିପରି ବିଜ୍ଞାନ, ଅର୍ଥାତ୍, ସମାଲୋଚନା ବା ତତ୍ତ୍ୱ ବିଗ୍ରହ, ଉପରେ କୁହା ଯାଇଥିବା ତିନୋଟି ବିଭାଗ ପ୍ରତି ଲକ୍ଷ୍ୟ ରଖି ସର୍ବଦା ଗତି କରିବା ଉଚିତ । ସେଥି ମଧ୍ୟରୁ ରଚନାରେ ବ୍ୟକ୍ତିର ବିଶେଷତ୍ୱ ସମୂହ ଭାଷାତତ୍ତ୍ୱ

Digitized by PPRACHIN, SOA

ଆଲୋଚନାର ଅଂଗୀଭୂତ ନୁହେଁ । ତାହା ସାହିତ୍ୟର ସମାଲୋଚନାରେ ସ୍ଥାନ ପାଏ । ବାକି ଦୁଇଟି ବିଭାବ ଭାଷାତତ୍ତ୍ୱ ବିଷୟରେ ଆଲୋଚନୀୟ । ସେ ଦୁଇଟି ଭାଷାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତା । ଏ ଦୁଇଟିର ସ୍ୱତନ୍ତ୍ର ବିଷୟ ବଡ଼ ଜଟିଳ । ଗୋଟିଏ ଅପରଟିକୁ ଗ୍ରାସ କରିବାର ଆଶଙ୍କା ଅଛି । ଭାଷାର ସ୍ୱାତନ୍ତ୍ର୍ୟ ବଢ଼ାଇବାକୁ ଯାଇ ସାର୍ବଜନୀନତା ପ୍ରତି ଦୃଷ୍ଟି ନ ଦେଲେ ଭାଷା ଗ୍ରାମ୍ୟ ହୁଏ ଏବଂ ବରବର ସାର୍ବଜନୀନତା ଦେଖିବାରେ ଆତ୍ମ ବିସ୍ମୃତ ହେଲେ ଭାଷା କୃତ୍ରିମ ହୁଏ । ଭାଷାତତ୍ତ୍ୱ ବିଷୟରେ ଏ କଥା ପ୍ରତି ସମ୍ୟକ ଦୃଷ୍ଟି ଦେଇ ପଦେ, ପଦେ ଅଗ୍ରସର ହେବାକୁ ହେବ ।"

## ଓଡ଼ିଆ ଲିପି ସଂସ୍କାର

ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ସେ ଓଡ଼ିଆ ଲିପି ସଂସ୍କାର ଆରମ୍ଭ କରିଥିଲେ । ଅବଶ୍ୟ ଅନେକ ଏହାକୁ ଗ୍ରହଣ କଲେ ନାହିଁ । ଆଜି ପର୍ଯ୍ୟନ୍ତ ବି କରି ନାହାନ୍ତି । ନୀଳକଣ୍ଠ ମଧ୍ୟ ସେ କଥା ବୁଝିଥିଲେ । ସେ "ଓଡ଼ିଆ ବର୍ଣ୍ଣ ଓ ଲିପି" ପ୍ରବନ୍ଧରେ ୧୯୩୯ ଜୁଲାଇ ମାସ 'ନବ ଭାରତ'ରେ ଲେଖିଥିଲେ, "ତେଣୁ ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆ ଭାଷାଭାଷୀ ମୂଳକରେ ସାଧାରଣ ସାକ୍ଷର ଲୋକେ ବୁଝି ଏଥିପାଇଁ ମତ ଦେବା ଉଚିତ । କେହି ଜଣେ ହଠାତ ଲିପିର ଘୋର ସଂସ୍କାର ଆରମ୍ଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ତୁମୁଳ ବିପ୍ଳବ ସୃଷ୍ଟି କରିବ । ସ୍କୁଲ କଲେଜରେ ଭର୍ତ୍ତି କଲେ ମଧ୍ୟ ହୁଏତ ଦୁର୍ଲଂଘ୍ୟ ପ୍ରତିବାଦ ହେବ ।" କିନ୍ତୁ ଏହାର ବହୁ ପୂର୍ବରୁ ୧୯୧୫ ମସିହାରେ ସେ ଏ ଲିପି ସଂସ୍କାରକୁ ନିଜେ କାର୍ଯ୍ୟକାରୀ କରିଥିଲେ । ଏହା ତାଙ୍କର ଦୃଢ଼ ମନୋବଳର ପରିଚାୟକ, ଶକ୍ତିମତ୍ତାର ଚୂଡ଼ାନ୍ତ ନିଦର୍ଶନ । ଲିପି ସଂସ୍କାର ସମ୍ବନ୍ଧରେ ନୀଳକଣ୍ଠ ଉଲ୍ଲେଖ କରି ଅଛନ୍ତି, "ସତ୍ୟବାଦୀ ସ୍କୁଲ ସମୟର ଆଉ ଗୋଟିଏ ବିଶେଷ କଥା ମନେ ପଡୁଛି, ତାହା ହେଉଛି ଲିପି ସଂସ୍କାର । ମୁଁ ପ୍ରଥମେ ସେ କାଳ ଉତ୍କଳ ସାହିତ୍ୟରେ ଓଡ଼ିଆରେ ଅନୁସ୍ୱାର ଦେଇ ସମସ୍ତ ବର୍ଗୀୟ ପଞ୍ଚମ ବର୍ଣ୍ଣ ପ୍ରକାଶ କରିବାର ଲିପି ସଂସ୍କାର ଆରମ୍ଭ କରି ଦେଇଥିଲି । ଏ ବିଷୟରେ କିନ୍ତୁ ସେ କାଳର ପ୍ରସିଦ୍ଧ ସାହିତ୍ୟିକ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ମୃତ୍ୟୁଞ୍ଜୟ ରଥଙ୍କ ନେତୃତ୍ୱରେ ଉତ୍କଳ ସାହିତ୍ୟ ପ୍ରଭୃତିରେ ଖୁବ୍ ପ୍ରତିବାଦ ଆରମ୍ଭ ହୋଇ ଯାଇଥିଲା । ପରେ ସେହି ଆନ୍ଦୋଳନ ଫଳରେ ବିହାର ଓଡ଼ିଶାର ଶିକ୍ଷା

Digitized by PPRACHIN, SOA

ବିଭାଗ (ସେତେବେଳେ ବିହାର ଓଡ଼ିଶା ଏକ ପ୍ରଦେଶ ଥିଲା) ମୋ ନୀତିକୁ ଅତି ଆଗ୍ରହର ସହିତ ଶିକ୍ଷା ବିଭାଗ ପାଇଁ ଗ୍ରହଣ କରିନେଲେ, କିନ୍ତୁ ଏବେ ମଧ୍ୟ ତାହା ପୂରାପୂରି ପ୍ରଚଳିତ ହୋଇନାହିଁ।"

## ନୀଳକଣ୍ଠଙ୍କ ସାହିତ୍ୟିକ କୃତୀ

ତା ପରେ ତାଙ୍କର ପ୍ରଦତ୍ତ ଭାଷଣ "ସଂସ୍କୃତ ଓ ସଂସ୍କୃତି" ପୁସ୍ତକ ଆକାରରେ ପ୍ରକାଶିତ ହେଲା । ସେଥିରେ ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ ସହିତ ପୁରୀ ସଂସ୍କୃତ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ମନସ୍ୱୀ ପଣ୍ଡିତ ହରିହର ଦାଶଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଅଛି । ତାହା ଅବଶ୍ୟ କେହି କେହି ପଢିଥିବେ । ଆମେ ଜାଣୁ ହରିହରଙ୍କ ଜୀବନ ଚରିତ ଲେଖିବାକୁ ବହୁତ ଲେଖକ ବ୍ରତୀ ହେଲେ— କିନ୍ତୁ କାହିଁ ? ଏତେ ବଡ ପ୍ରତିଭାବାନ, କର୍ମପ୍ରାଣ ଓ ଯଶସ୍ୱୀ ବ୍ୟକ୍ତିଙ୍କ ବିଷୟରେ ଏ ଦେଶର କିଛି ତ କେହି ଅନୁଧ୍ୟାନ କରିପାରିଲେ ନାହିଁ ।

ସେହିପରି ଜଗନ୍ନାଥ ଧର୍ମ ସମ୍ବନ୍ଧରେ ନୀଳକଣ୍ଠଙ୍କର କେତେ ଗୁଡ଼ିଏ ପ୍ରବନ୍ଧ ପ୍ରକାଶ ପାଇଛି । କିନ୍ତୁ ଡ଼କ୍ଟର ନବୀନ କୁମାର ସାହୁ ଓ ସେହିଭଳି ଜଣେ ଦୁଇଜଣ ବ୍ୟକ୍ତିଙ୍କ ବ୍ୟତୀତ କେତେ ଜଣ ଓଡ଼ିଆ ମନୀଷୀ ଏ ବିଷୟରେ ଲେଖନୀ ଚାଳନା କରି ଅଛନ୍ତି ? ନୀଳକଣ୍ଠ The Orissa Historical Research Journalର ୨ୟ ସଂଖ୍ୟା ସପ୍ତମ ଖଣ୍ଡରେ ( April 1958) ୩୬ ପୃଷ୍ଠା ବ୍ୟାପୀ ଏକ ଗବେଷଣାତ୍ମକ ପ୍ରବନ୍ଧ ଲେଖିଥିଲେ । ପ୍ରବନ୍ଧର ନାମ ଦିଆ ଯାଇଥିଲା "Hints on the significance and History of Jagannath" ଏହି ପ୍ରବନ୍ଧଟି ଲେଖିବା ନିମନ୍ତେ ତାଙ୍କୁ ପ୍ରାୟ ବିଭିନ୍ନ ଭାଷାରେ ଲିଖିତ ୧୦୦ ଖଣ୍ଡ ପର୍ଯ୍ୟନ୍ତ ବହି ପଢିବାକୁ ପଡ଼ିଥିଲା । ସେ ଏହି ସୁଦୀର୍ଘ ପ୍ରବନ୍ଧର ଉପସଂହାରରେ ଲେଖିଥିଲେ "Thus it is that Orissa is the holiest of lands in the Hindu world for its Jagannatha, whose History and significance as the Purusha, representing the entire universe both monumental and phenomenal has no parallel in the religious conception of humanity" ଏ ଲେଖାର ତୁଳନୀୟ ପ୍ରବନ୍ଧ ଆଉ କାହିଁ ?

Digitized by PPRACHIN, SOA

# ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ

"ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ" ସମ୍ବନ୍ଧରେ ବହୁ ସମାଲୋଚନା ମୂଳକ ଲେଖାରେ ନୀଳକଣ୍ଠ 'ସତ୍ୟବାଦୀ' ମାସିକ ପତ୍ରିକାରେ ଯାହା ଉଲ୍ଲେଖ କରିଥିଲେ ଏବଂ ୧୯୫୦ ମସିହାରେ ପ୍ରକାଶିତ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର ମୋହନ' ପୁସ୍ତକର ଉପୋଦ୍‌ଘାତ ରୂପେ ଯେଉଁ ମନ୍ତବ୍ୟ ବ୍ୟକ୍ତ କରିଥିଲେ, ତାହା ଓଡ଼ିଆ ଉପନ୍ୟାସ ସାହିତ୍ୟ ସମ୍ବନ୍ଧରେ ଅନୁପମ ଓ ଅନିର୍ବଚନୀୟ । ଏବେ ପ୍ରତି ମାସରେ ନାନା ସୁଲଭ ଉପନ୍ୟାସ ପ୍ରକାଶ ପାଉଛି । ମନ ତଳର କେତେ ଅନ୍ଧକାରପୂର୍ଣ୍ଣ ରହସ୍ୟ ଉଦ୍‌ଘାଟିତ ହେଉଛି । ସେ ସବୁ ବହିର ସମାଲୋଚନା ସମ୍ବାଦ ପତ୍ରରେ ଏବଂ ରେଡ଼ିଓରେ ମଧ୍ୟ ଶୁଣିବାକୁ ମିଳୁଛି, କିନ୍ତୁ ଏ ସମାଲୋଚନାର ମୂଲ୍ୟ ଚିରନ୍ତନ କି ?

ଏହି ଉପନ୍ୟାସ ସାହିତ୍ୟ ସମ୍ବନ୍ଧରେ ୧୯୧୪-୧୯୧୫ ମସିହାରେ ନୀଳକଣ୍ଠ ଉପରୋକ୍ତ "ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ" ପୁସ୍ତକରେ ଲେଖିଥିଲେ, "ଗୋଟିଏ କଥାରେ କହିଲେ ପ୍ରାକୃତିକତାହିଁ ଏହି ଆଦର୍ଶର ସର୍ବସ୍ୱ । ଘଟନାର ଆଂଶିକ ସମୂହ କଳ୍ପନା ଓ ଘଟଣା ବିଶେଷ ମାନଙ୍କର ବର୍ଣ୍ଣନାରେ ସ୍ୱାଭାବିକତାହିଁ ଏହି ଆଦର୍ଶର ଏକମାତ୍ର ଲକ୍ଷ୍ୟ । ଏଣୁ ଆଦର୍ଶର ଏହି ପ୍ରାକୃତିକତା ଉପନ୍ୟାସରେ ସ୍ଥୂଳତଃ ଦୁଇ ବିଭାଗରେ ଅନୁସରଣ କରାଯାଇ ପାରେ । ତହିଁ ମଧ୍ୟରୁ ଗୋଟିଏ ଘଟନାବଳିର ସମାଧାନରେ, କଳ୍ପିତ ବିଷୟାଂଶମାନଙ୍କର ସମନ୍ୱୟରେ ବିଚିତ୍ରତା ଓ ଚାତୁରୀ । ଅଦ୍ଭୁତ ବିଚିତ୍ର ଜଟିଳ ଘଟଣା କଳ୍ପନା କରିବାରେ ଆପତ୍ତି ନାହିଁ କିନ୍ତୁ ସଂସାରରେ ଯାହା ସମ୍ଭବ, କଳ୍ପନା ତାହାକୁ ଛାଡ଼ିବା ଉଚିତ ନୁହେଁ । ଅନୁମାନ ଓ ବାସ୍ତବ୍ୟତାରେ ବିରୋଧ ଏ ଆଦର୍ଶର ଉଦ୍ଦେଶ୍ୟ ନୁହେଁ । ଦ୍ୱିତୀୟଟି ଘଟଣା ବିଶେଷ ମାନଙ୍କର ବର୍ଣ୍ଣନାରେ ଦକ୍ଷତା । ସେ ବର୍ଣ୍ଣନା ଯଥାସମ୍ଭବ କଳ୍ପିତ ଘଟଣାକୁ ସଂସାରରେ ପ୍ରକୃତ ଘଟୁଥିବା ଘଟଣା ସଙ୍ଗେ ସମାନ କରି ଦେଖାଇବା ଉଚିତ । ଉପନ୍ୟାସର କଳ୍ପିତ ଘଟନା ପଢ଼ିଲା ବେଳେ ପାଠକ ପ୍ରକୃତ ଘଟିଥିବା ଘଟନାର କଥା ପଢୁଛି ବୋଲି ଭ୍ରମ କରିବା ଉଚିତ । କଳ୍ପନା ଓ ବର୍ଣ୍ଣନାର ଏହି ଦୁଇଟି ବିଭାଗ ଦୁଇଟି ଦିଗରେ ଚାଲେ । ଗୋଟିଏ ଗଠନ କରେ, ଅନ୍ୟଟି ବ୍ୟାଖ୍ୟା କରେ । ଗୋଟିକର ପ୍ରକୃତି ସଂଶ୍ଳେଷଣ, ବିଶ୍ଳେଷଣ କରି ଦେଖାଇ ଦେବା ଅନ୍ୟଟିର କାର୍ଯ୍ୟ ।"

Digitized by PPRACHIN, SOA

ସେହିପରି ୧୯୫୦ ମସିହାରେ ଲିଖିତ ଓଡ଼ିଶାର ବିଶିଷ୍ଟ ଓ ଲବ୍ଧପ୍ରତିଷ୍ଠ ଔପନ୍ୟାସିକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର ମୋହନ' ବହି ଉପରେ ମନ୍ତବ୍ୟ ଦେଇ ସେ ଲେଖିଛନ୍ତି, 'ପ୍ରାୟଶ୍ଚିତ୍ତ'ରେ ଜଗତ ପ୍ରତି ତଥା ସମାଜ ପ୍ରତି ଫକୀର ମୋହନ ସନ୍ଦେଶର ଆଭାସ ପାଇ ତା ଦେଖାଇବାରେ ସୁନ୍ଦର ଚେଷ୍ଟା କରି ଅଛନ୍ତି । କିନ୍ତୁ ଏ ସନ୍ଦେଶ ଖାଲି 'ପ୍ରାୟଶ୍ଚିତ' ଉପନ୍ୟାସରେ ନୁହେଁ । ବ୍ୟାସ କବିଙ୍କ ଲେଖାରେ ସର୍ବତ୍ର ଏହାର ସଙ୍କେତ ସ୍ପଷ୍ଟ । ଫକୀର ମୋହନଙ୍କ ବିଶେଷତ୍ୱ ଓ ଅନନ୍ୟ ସାଧାରଣ ବିଶେଷତ୍ୱ ହେଉଚି, ଥଟ୍ଟାରେ କହିବା, ରସିକତାର ସଙ୍କେତରେ ବିଷୟବସ୍ତୁର ବର୍ଣ୍ଣନା ବା ଆଲୋଚନା କରିବା ।"

## ଆର୍ଯ୍ୟ ଜୀବନ

'ଆର୍ଯ୍ୟ ଜୀବନ' ନୀଳକଣ୍ଠଙ୍କର ଏକ ଦୀର୍ଘ ପ୍ରବନ୍ଧ ବା ପ୍ରବନ୍ଧମାଳା । ଏହି ଜ୍ଞାନ ଗୌରବ ମଣ୍ଡିତ ପ୍ରବନ୍ଧମାଳାରେ ପ୍ରାଚୀନ ଭାରତର ସାମାଜିକ ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ଅତି ଚମତ୍କାର ଭାବରେ ଉପସ୍ଥାପିତ ହୋଇଅଛି । ଓଡ଼ିଶାର ଆଉ କେହି ଏପରି ପ୍ରାଚୀନ ଭାରତୀୟ ସଂସ୍କୃତି ବିଜଡ଼ିତ ପ୍ରବନ୍ଧ ଲେଖିଅଛି ବୋଲି ଆମମାନଙ୍କର ମନେ ହେଉନାହିଁ । ଏହାକୁ ପଣ୍ଡିତ ଗୋପବନ୍ଧୁଙ୍କୁ ଉତ୍ସର୍ଗ କରିବାକୁ ଯାଇ ନୀଳକଣ୍ଠ ଲେଖିଛନ୍ତି "ଯାହାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ପୁଣ୍ୟ ପ୍ରଭାବରେ ଏ ଗ୍ରନ୍ଥକାରର ବିଶୃଙ୍ଖଳ ବିକ୍ଷୋଭିତ ଜୀବନରେ ବିଶୁଦ୍ଧ ଆର୍ଯ୍ୟନୀତି ଓ ଆର୍ଯ୍ୟ-ଭାବର ପ୍ରଭାବ ଫୁଟିଥିଛି, ଏହାକୁ ତାଙ୍କ ଚିର ସଖା ଆର୍ଯ୍ୟପ୍ରାଣ ସେହି ଗୋପବନ୍ଧୁ ଦାସଙ୍କ ତ୍ୟାଗପୂତ ନିଷ୍କଳଙ୍କ ନାମ ଗ୍ରହଣ କରି ଏ 'ଆର୍ଯ୍ୟଜୀବନ' ପାଠକଙ୍କୁ ଦିଆଗଲା ।" ଏଥିରୁ ନୀଳକଣ୍ଠ ଓ ଗୋପବନ୍ଧୁ କିପରି ଆର୍ଯ୍ୟର ତ୍ୟାଗପୂତ ଜୀବନ ଯାପନରେ ବ୍ରତୀ ଥିଲେ ତାହା ଅନୁମେୟ । ଆର୍ଯ୍ୟ ଜୀବନରେ ନୀଳକଣ୍ଠ ଉଲ୍ଲେଖ କରିଥିଲେ, "ଆଜି ଭାରତର ନବ ଯୁଗରେ ଆମ୍ଭେମାନେ ସାଧାରଣତଃ ୟୁରୋପୀୟମାନଙ୍କର ମୁଖରେ ଆର୍ଯ୍ୟ ସଭ୍ୟତା ଓ ଭାରତୀୟ ଆର୍ଯ୍ୟର ପ୍ରାଚୀନ ଗୌରବ ଶୁଣି ଶିଖୁଅଛୁ । ନିଜର ଶିଳ୍ପ ସାହିତ୍ୟାଦି ସଂଚିତ ପୁରାଣ ସମ୍ପଦକୁ ସ୍ୱଜାତିଭ ଗୌରବ ଖୋଲି ଦେବାର ଗବେଷଣା ପ୍ରବୃତ୍ତି ଆମ୍ଭମାନଙ୍କର ବିକଶି ନାହିଁ । ୟୁରୋପର ପଣ୍ଡିତମାନେ ଅବଶ୍ୟ ଗବେଷଣା ଫଳରେ ଯାହା ସିଦ୍ଧାନ୍ତ କରୁଛନ୍ତି ତାହାହିଁ ଆମ୍ଭେମାନେ ସତ୍ୟ ବୋଲି ଧରି ନେଇ ତାହାରି ଉପରେ ନିଜର ମତ ଗଠନ କରୁଛୁ । କିନ୍ତୁ ଯେତେ ସାଧୁ ଓ ସହାନୁଭୂତି ପ୍ରବଣ ହେଲେ ମଧ୍ୟ ପାଶ୍ଚାତ୍ୟ ପଣ୍ଡିତମାନଙ୍କ ପକ୍ଷରେ ଆର୍ଯ୍ୟ ଭାବ, ଭାରତୀୟ ଆର୍ଯ୍ୟର ଜୀବନ ବିକାଶ, କର୍ମ ନିଷ୍ଠା

Digitized by PPRACHIN, SOA

କର୍ତ୍ତବ୍ୟ ପରାୟଣତା ଓ ଧର୍ମ ନିଷ୍ଠା ଅନୁଭବ କରିବା ସୁସାଧ୍ୟ ନୁହେଁ । ଏକ ପ୍ରକାର ବିଚାର କଲେ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୁଇ ଦେଶରେ ଜୀବନ ବିକାଶର ପନ୍ଥା ପରସ୍ପର ବିରୋଧୀ । ଗୋଟିଏ ଧର୍ମ ସମ୍ପର୍କିତ କର୍ତ୍ତବ୍ୟ ନିଷ୍ଠାର କ୍ରାମିକ ଉଦ୍ଭବ । ଅନ୍ୟଟି ଅଧିକାର ଦାବୀର ସଂଘାତରେ ପର୍ଯ୍ୟବସିତ । ଜୀବନରେ କୃତ୍ରିମ ଗଠନ, ଏଥିରେ ଅତ୍ୟନ୍ତ ସାଧୁଶୀଳ ଗଭୀର ସହାନୁଭୂତି ପରାୟଣ ଗବେଷଣା ପରେ ପାଶ୍ଚାତ୍ୟ ମନୀଷୀମାନେ ଆର୍ଯ୍ୟ ଜୀବନର ସ୍ଥାୟୀ ଭାବ ବିକାଶ ଅନୁସନ୍ଧାନ କରିବାରେ ବେଳେ ବେଳେ ପଥଭ୍ରାନ୍ତ ହେବେ ଏଥିରେ ସନ୍ଦେହ କଅଣ ? ତଥାପି ସେମାନଙ୍କ ମୁଖରେ ବେଳେ ବେଳେ ଆର୍ଯ୍ୟ ଜୀବନର ତଥ୍ୟ ସମ୍ବନ୍ଧରେ ସାର ସତ୍ୟ ଶୁଣିବାକୁ ମିଳେ—ତାହା ସେମାନଙ୍କର ଅଦ୍ଭୁତ ମନୀଷାର ପରିଚାୟକ ।

'ଆର୍ଯ୍ୟ ଜୀବନ'ର ନୀଳକଣ୍ଠ ଏପରି ଜାତୀୟ ଭାବାପନ୍ନ ହୋଇ ୟୁରୋପୀୟ ମନୀଷୀମାନଙ୍କର ନିନ୍ଦା ଓ ପ୍ରଶଂସା କରିବା ପରେ ଆଉ କେତେ ଜଣ ଓଡ଼ିଆ ସାହିତ୍ୟ ରଥୀ ଆର୍ଯ୍ୟ ଜୀବନ ଏବଂ ଏହାର ସଂସ୍କୃତି ଉପରେ ଦୀର୍ଘ ଓ ବିସ୍ତୃତ ତଥା ନିଜ ଗବେଷଣା ଉପରେ ପ୍ରତିଷ୍ଠିତ ଲେଖା ପ୍ରକାଶ କରି ଅଛନ୍ତି । ନୀଳକଣ୍ଠ ଆର୍ଯ୍ୟ ଜୀବନ ଉପରେ ଯେତିକି ତଥ୍ୟ ପ୍ରକାଶ କରିଥିଲେ, ସେତିକି କଣ ଯଥେଷ୍ଟ ? ଏହି ଆର୍ଯ୍ୟ ଜୀବନର ସୁଦୀର୍ଘ ଗବେଷଣା ପ୍ରସୂତ ଆଉ କେତେ ବିଭବର ସ୍ୱରୂପ ନିର୍ଣ୍ଣୟ କରିବା କଣ ପରବର୍ତ୍ତୀ ପଣ୍ଡିତମାନଙ୍କର କର୍ତ୍ତବ୍ୟ ନୁହେଁ ? ଯାହା ନୀଳକଣ୍ଠ ଦେଇ ଅଛନ୍ତି, ସେତକ ବିରାଟ ଆର୍ଯ୍ୟ ଜୀବନର ସୂଚନା ମାତ୍ର । ଏହା ଉପରେ କିଏ ଆଉ ଅଧିକ ଆଲୋକପାତ କରିଛି କି ? "ଆର୍ଯ୍ୟ ଜୀବନ" ପୁସ୍ତକଟି କେହି ଯଦି ଉପେକ୍ଷା କରି ପଢି ନଥାନ୍ତି, ସେମାନଙ୍କୁ ବିନୀତ ଅନୁରୋଧ. ସେମାନେ ନିଜର ଧୀ ଓ ପ୍ରଜ୍ଞା ପ୍ରୟୋଗ କରି ଏହାର ନବ ମୂଲ୍ୟାୟନ କରନ୍ତୁ । ଏ ବିଷୟରେ ନବ ନବ ଚିନ୍ତାର ପନ୍ଥା ଫିଟୁ । କେଉଁ କାଳର ପୁରୁଣା କାଳିଆ ବହି କହି ନାକ କୁଞ୍ଚନ କରିବାର ବସ୍ତୁ ବା ବେଳ ଏ ନୁହେଁ । (ପରେ ଅନ୍ୟ ଏକ ଅଧ୍ୟାୟରେ ଏ ସମ୍ବନ୍ଧରେ ଆଲୋଚନା କରାଯିବ । )

## ଉଦ୍ଭିଦବିତ୍ ନୀଳକଣ୍ଠ

ନୀଳକଣ୍ଠ ଉଦ୍ଭିଦ ଜଗତ ସମ୍ବନ୍ଧରେ ସର୍ବ ପ୍ରଥମେ ବୈଜ୍ଞାନିକ ତତ୍ତ୍ୱ ଅନୁସରଣ କରି 'ସତ୍ୟବାଦୀ' ମାସିକ ପତ୍ରିକାରେ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲେ । ଆଜି କାଲି ନାନା ବୈଜ୍ଞାନିକ ଅନୁସନ୍ଧାନ ଏବଂ ଗବେଷଣା ପରେ ଉଦ୍ଭିଦ

Digitized by PPRACHIN, SOA

ଜଗତ ସମ୍ବନ୍ଧରେ ନାନା ତତ୍ତ୍ୱ ଆବିଷ୍କୃତ ହୋଇ ଅଛି ଏବଂ ହେଉଅଛି । କିନ୍ତୁ ନୀଳକଣ୍ଠ କି ଦୂରଦୃଷ୍ଟି ଓ ମନୀଷାର ସହିତ 'ଉଦ୍ଭିଦ ରହସ୍ୟ' ପ୍ରବନ୍ଧ ଧାରାବାହିକ ଭାବରେ ଲେଖି ବସିଲେ, ତାହା ଏକ ଅଦ୍ଭୁତ ବ୍ୟାପାର । Plant life ନାମକ କେତେ ଖଣ୍ଡ କ୍ଷୁଦ୍ର, କ୍ଷୁଦ୍ର ପୁସ୍ତକ ହେଲା ତାଙ୍କର ଉଦ୍ଭିଦ ବିଦ୍ୟା ସମ୍ବନ୍ଧରେ ଜ୍ଞାନର ଉତ୍ସ । କେବଳ ପୁସ୍ତକଗତ ଶିକ୍ଷା ଉପରେ ନିର୍ଭର ନ କରି ସେ ଯେପରି ଭାବରେ ଏହି ବହିର୍ଜଗତକୁ ଦେଖୁଥିଲେ, ସେହି ପ୍ରତ୍ୟକ୍ଷ ଜ୍ଞାନ, ପୁସ୍ତକଗତ ପରୋକ୍ଷ ଜ୍ଞାନ ସହିତ ମଣ୍ଡିତ ହୋଇ କିପରି ବୈଜ୍ଞାନିକ ରୂପ ପରିଗ୍ରହ କରିଅଛି, ତାହା ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ବିଚାରିବାର କଥା ।

## ନୀଳକଣ୍ଠଙ୍କର ବିକ୍ଷିପ୍ତ ପ୍ରବନ୍ଧ

ନୀଳକଣ୍ଠଙ୍କ ଲେଖନୀରୁ କେତେ ଯେ ଅସାମାନ୍ୟ ଓ ଅଦ୍ୱିତୀୟ ଚିନ୍ତାଧାରା ସମ୍ବଳିତ ଓ ମନୀଷାମଣ୍ଡିତ ପ୍ରବନ୍ଧ 'ସତ୍ୟବାଦୀ' ମାସିକ ପତ୍ରିକାରେ ପ୍ରକାଶ ପାଇଛି ତାହାର ସଂଖ୍ୟା ନାହିଁ ।

''ମନୀଷା'' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି—''ମନିସ୍ + ଈଷା''; ଈଷା ଅର୍ଥାତ୍ ଲଙ୍ଗଳକୁ ଚଳାଇଲା ପରି ଯାହା ମନକୁ ଚଳାଉଛି, ତାହା ହେଉଛି ମନୀଷା, ବୁଦ୍ଧି, ପ୍ରଜ୍ଞା ମନୀଷା ଥିବା ଲୋକଙ୍କୁ ଅର୍ଥାତ୍ ବୁଦ୍ଧିମାନ୍, ପ୍ରଜ୍ଞାବାନ୍, ଜ୍ଞାନୀ ଲୋକଙ୍କୁ ମନୀଷୀ କୁହାଯାଏ ।

ଏହି ବିରାଟ ମନୀଷା କିମ୍ବା ପ୍ରଜ୍ଞାର ପରିଚୟ ମିଳେ ତାଙ୍କର ବିକ୍ଷିପ୍ତ ପ୍ରବନ୍ଧ ମାନଙ୍କରୁ । ସେତେବେଳେ ଏପରି ବୁଦ୍ଧି ଓ ଚିନ୍ତା ଗର୍ଭକ ପ୍ରବନ୍ଧ ଉତ୍କଳ ସାହିତ୍ୟରେ ବିରଳ ଥିଲା କହିଲେ ଚଳେ । ରାଧାନାଥଙ୍କ 'ବିବେକୀ' ଏବଂ ମଧୁସୂଦନଙ୍କ 'ପ୍ରବନ୍ଧାବଳୀ' ଭାବ ଓ ଭାଷାରେ ନୀଳକଣ୍ଠଙ୍କର ପ୍ରବନ୍ଧ ସହିତ ତୁଳନୀୟ ହୋଇ ନ ପାରେ । ନୀଳକଣ୍ଠଙ୍କ ପ୍ରବନ୍ଧ ଧାରା ଇତିହାସମୁଖୀ, ବିଜ୍ଞାନ ସମ୍ମତ, ସଂସ୍କାରାଭିମୁଖୀ । ଏହା ଓଡ଼ିଆଙ୍କ ପ୍ରାଣରେ ଉତ୍ତୁଙ୍ଗ ଭାବ–ଲହରୀ ଘନ ଘନ ସୃଷ୍ଟି କରିବାର ସାହିତ୍ୟିକ ପ୍ରଚେଷ୍ଟା ।

## ବିକ୍ରମାଦିତ୍ୟ ଓ କାଳିଦାସ

ମେଷ ୧୩୨୪ ସାଲର 'ସତ୍ୟବାଦୀ' ତୃତୀୟ ଖଣ୍ଡ ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ 'ବିକ୍ରମାଦିତ୍ୟ ଓ କାଳିଦାସ' ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ଏବଂ

Digitized by PPRACHIN, SOA

ଉତ୍କଳ ସାହିତ୍ୟ ସମାଜର ୧୫-୪-୧୯୧୭ ତାରିଖ ଅଧିବେଶନରେ ପଠିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା ।

ରାଜା ବିକ୍ରମାଦିତ୍ୟ ଓ ନବରତ୍ନଙ୍କ ସମ୍ବନ୍ଧ ଐତିହାସିକ ଦୃଷ୍ଟିକୋଣରୁ ସ୍ଥିର କରିବା ହେଉଛି, ଏ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ଧନ୍ୱନ୍ତରୀ କ୍ଷପଣକ ଅମର ସିଂହ ଶଙ୍କୁ ବେତାଳ ଭଟ୍ଟ ଘଟ କର୍ପର
କାଳି ଦାସାଃ । ଖ୍ୟାତୋ ବିଗ୍ରହ ମିହିରେ ନୃପତେଃ ସଭାୟାଂ ରତ୍ନାନିବୈ
ବରରୁଚି ନବ ବିକ୍ରମସ୍ୟ ।

ଅର୍ଥାତ୍ ଧନ୍ୱନ୍ତରୀ, କ୍ଷପଣକ, ଅମର ସିଂହ, ଶଙ୍କୁ, ବେତାଳ ଭଟ୍ଟ, ଘଟ କର୍ପର, କାଳି ଦାସ, ବରାହ ମିହିର ଓ ବରରୁଚି ବିକ୍ରମାଦିତ୍ୟଙ୍କ ରାଜ ସଭାରେ ଏହି ନଅଟି ରତ୍ନ ଥିଲେ ।

ଐତିହାସିକ ତଥ୍ୟ ଉଲ୍ଲେଖ କରି ନୀଳକଣ୍ଠ ପ୍ରମାଣ କରି ଅଛନ୍ତି ଯେ ଏହି ବିକ୍ରମାଦିତ୍ୟ ଓ ନବ ରତ୍ନ ସମ୍ବନ୍ଧୀୟ ପରମ୍ପରାରେ ମଧ୍ୟ ବହୁ ଆଲୋଚ୍ୟ ବିଷୟ ଅଛି । ଲୋକେ ବିକ୍ରମାଦିତ୍ୟ ବୋଇଲେ ବାସ୍ତବିକ କାହାକୁ ବୁଝନ୍ତି କହି ହେବ ନାହିଁ । ନବରତ୍ନ ସମ୍ବନ୍ଧରେ କିମ୍ବଦନ୍ତୀ ମଧ୍ୟ ନିର୍ଭର ଦୃଢ ନୁହେ । ଭୋଜରାଜାଙ୍କ ସଙ୍ଗେ କାଳି ଦ ସଙ୍କର ନିତ୍ୟ ସମ୍ବନ୍ଧ ପରମ୍ପରାରେ କୀର୍ତ୍ତିତ ହୁଏ । ଭୋଜ ପ୍ରବନ୍ଧ ପାଠ କଲେ ମଧ୍ୟ ଏ ପ୍ରମାଣ ସମର୍ଥିତ ହୁଏ । ଭୋଜ ପ୍ରବନ୍ଧରେ କାଳି ଦାସ ଭୋଜସଭାର ପ୍ରସିଦ୍ଧ କବି ବୋଲି ଲେଖା ଅଛି । ସେହି ଭୋଜ କି ତେବେ ବିକ୍ରମାଦିତ୍ୟ । ବିକ୍ରମାଦିତ୍ୟଙ୍କ ନାମ କୌଣସି ଠାରେ ବିକ୍ରମାର୍କ ଓ ବିକ୍ରମାଙ୍କ ବୋଲି ଶୁଣାଯାଏ । ଭୋଜ ପ୍ରବନ୍ଧହିଁ ଏହାର ପ୍ରମାଣ । ଦ୍ୱାତ୍ରିଂଶ ପୁତ୍ତଳିକାରେ ମଧ୍ୟ ତାହାହିଁ ଦେଖିବାକୁ ମିଳେ । ମାତ୍ର ସେହି ଭୋଜ ପ୍ରବନ୍ଧରେ ଓ ଦ୍ୱାତ୍ରିଂଶ ପୁତ୍ତଳିକାରେ ବିକ୍ରମାଦିତ୍ୟଙ୍କର ସମାନ ହେବା ପାଇଁ ଭୋଜ ରାଜା ସର୍ବଦା ଉଦ୍‌ବିଗ୍ନ ଏବଂ ସେଥିପାଇଁ ତାଙ୍କର କ୍ରିୟା କଳାପ ସର୍ବଦା ଅନୁକରଣ କରିବାରେ ତତ୍ପର ଥିବା ଦେଖାଯାଏ । ତେବେ ବିକ୍ରମାଦିତ୍ୟ ଯେ ଭୋଜ ନୁହନ୍ତି ଏବଂ ସେ ଯେ ଭୋଜଙ୍କର ପୂର୍ବରୁ, ବହୁ ପୂର୍ବରୁ ଲୋକାନ୍ତର ହୋଇଥିଲେ ତାହା ଅନାୟସରେ ସ୍ଥିର କରି ହୁଏ । କାଳିଦାସ ଯେବେ ଭୋଜ ରାଜାଙ୍କର ସଭାସଦ୍ ହୁଅନ୍ତି, ତେବେ ନବରତ୍ନଙ୍କ ମଧ୍ୟରୁ ଅନ୍ୟତମ ହେବେ କିପରି ?

ସ୍ପଷ୍ଟ ଐତିହାସିକ ପ୍ରମାଣ ମିଳିଅଛି ଯେ ଧାରା ନଗରର ଭୋଜରାଜ ଶକ ୧୦ମ ଶତାବ୍ଦୀରେ ମାଳବରେ ବିସ୍ତୀର୍ଣ୍ଣ ରାଜ୍ୟ ଶାସନ କରୁଥିଲେ । ଏହି

Digitized by PPRACHIN, SOA

ଭୋଜହିଁ ଭୋଜ ପ୍ରବନ୍ଧ କୀର୍ତ୍ତିତ ଭ୍ରାତୃସୁତ କିମ୍ବଦନ୍ତୀ ପ୍ରସିଦ୍ଧ ଭୋଜରାଜ । ତେବେ ତାଙ୍କରି କଣ ନବରତ୍ନ ଥିଲେ । ତାହା ଅସମ୍ଭବ ମନେ ହୁଏ । ଅନ୍ୟମାନଙ୍କ କଥା ଯାହା ହେଉ, ବରାହ ମିହିରଙ୍କ କାର୍ଯ୍ୟକାଳ ଏକ ପ୍ରକାର ନିଶ୍ଚିତ । ଶକ ୫୫୦ ବର୍ଷରେ ବ୍ରହ୍ମଗୁପ୍ତ ତାଙ୍କର ପ୍ରସିଦ୍ଧ ଜ୍ୟୋତିଷ ଗ୍ରନ୍ଥ "ଗ୍ରହସ୍ଫୁଟ ସିଦ୍ଧାନ୍ତ" ପ୍ରଣୟନ କରନ୍ତି । ସେହି ବ୍ରହ୍ମଗୁପ୍ତଙ୍କର ଅନ୍ୟତମ କୃତି 'ଖଣ୍ଡଖାଦ୍ୟ' ନାମକ ଗ୍ରନ୍ଥଟୀକାରେ ସମ୍ଭବତଃ ତାଙ୍କର ଅଳ୍ପକାଳବର୍ତ୍ତୀ ଟୀକାକାର ଲେଖି ଅଛନ୍ତି—

"ନବଧିକ ପଞ୍ଚଶତ ସଂଖ୍ୟାଶତକ ବରାହ ମିହିର । ଗୁର୍ଯ୍ୟ ଚ ଦିବଂଗତଃ ଅର୍ଥାତ୍ – ଶକାବ୍ଦ ୫୦୯ ବର୍ଷରେ ବରାହ ମିହିରାଚାର୍ଯ୍ୟ ପରଲୋକ ହୋଇଥିଲେ । ପୁଣି ସେହି ଭୋଜ ପ୍ରବନ୍ଧରେ ଲେଖାଅଛି ଅନ୍ୟାନ୍ୟ କବି ଓ ପଣ୍ଡିତମାନଙ୍କ ମଧ୍ୟରେ କବି କାଳିଦାସ ଓ ଭବଭୂତି ଦୁହେଁ ଭୋଜରାଜାଙ୍କ ସଭା ମଣ୍ଡନ କରୁଥିଲେ ।"

ଏହିପରି ନାନା ପ୍ରକାର ଐତିହାସିକ ପ୍ରମାଣ ଦେଇ ନୀଳକଣ୍ଠ ଶେଷରେ ପ୍ରତିପାଦନ କରି ଅଛନ୍ତି ଯେ କାଳିଦାସ ମଗଧର ଗୁପ୍ତବଂଶୀୟ ତୃତୀୟ ସମ୍ରାଟ ୨ୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ କାଳରେ ଜୀବିତ ଥିଲେ । ଅନେକ ବିକ୍ରମାଦିତ୍ୟ ଉପାଧି-ଧାରୀ ରାଜା ଭାରତ ବର୍ଷରେ ବିଭିନ୍ନ ସମୟରେ ରାଜତ୍ୱ କରୁଥିଲେ । ୨ୟ ଚନ୍ଦ୍ରଗୁପ୍ତ ମଧ୍ୟ ଏହି ଉପାଧିରେ ଭୂଷିତ ହୋଇଥିଲେ । ନୀଳକଣ୍ଠଙ୍କର ଐତିହାସିକ ଜିଜ୍ଞାସା ଓ ଅନୁସନ୍ଧିତ୍ସା ପ୍ରବଳ ଥିଲା ।

ପ୍ରବନ୍ଧର ଉପସଂହାରରେ ସେ ଲେଖି ଅଛନ୍ତି, "ରାମାୟଣକୁ ଲୋକେ କଳ୍ପନା ବୋଲି କହି ପାରନ୍ତି । କିନ୍ତୁ ଗୁପ୍ତ ବଂଶର ସମ୍ରାଟ ଆଉ ସେମାନଙ୍କର ଶାସନ ପଦ୍ଧତି ପ୍ରଜାନୁରଞ୍ଜନ ବ୍ରତ, ବିଦ୍ୟାନୁରାଗ, ବିଦ୍ୱତ୍‌ଜନାଦିର ଗୁଣଗ୍ରାହିତା ଓ ନିଷ୍ଠା ଏବଂ ପ୍ରତାପରେ ପ୍ରେମ, ସୌଭାଗ୍ୟରେ ସୌଜନ୍ୟ ଏବଂ ବିଭବରେ ବିନୟ ଆଉ କଳ୍ପନାର କଥା ନୁହେଁ । ଜୀବନ୍ତ ଇତିହାସ ଏହାର ସାକ୍ଷୀ । କାଳିଦାସଙ୍କର ବିଶାଳ ଶିଳ୍ପ ଏହାର ଫଳ । ଏ କଥା ଭାବିଲେ ଆଜି ମଧ୍ୟ ଆମ୍ଭର ସୁପ୍ତ ପ୍ରାଣ ସୁଖ ସ୍ୱପ୍ନରେ କାଳ–ପ୍ରତିଲୋମରେ ଜାଗ୍ରତ ହୁଏ । ବେଳେ ବେଳେ ପୁଣି ବାସ୍ତବିକ ପ୍ରାଣ କାନ୍ଦି ଉଠେ ।

"ଯଦୁପତେଃ କ୍ୱଗତା ମଥୁରାପୁରୀ
ରଘୁପତେଃ କ୍ୱଗତୋତ୍ତର କୋଶଳକଃ ।"

Digitized by PPRACHIN, SOA

## 'ଓଡ଼ିଆ ବର୍ଣ୍ଣ ବିଗ୍ରହର ସଂକ୍ଷିପ୍ତ ସୂଚନା' —

ନୀଳକଣ୍ଠଙ୍କର ଗଦ୍ୟ ଶୈଳୀର ଉଜ୍ଜ୍ୱଳ ନିଦର୍ଶନ ସ୍ୱରୂପ ଆଉ ଗୋଟିଏ ଚିନ୍ତାଶୀଳ ପ୍ରବନ୍ଧ ହେଲା "ଓଡ଼ିଆ ବର୍ଣ୍ଣ ବିଗ୍ରହର ସଂକ୍ଷିପ୍ତ ସୂଚନା ।" ସେ ପ୍ରଥମେ ସୂଚାଇ ଅଛନ୍ତି ଯେ ବର୍ଣ୍ଣ କହିଲେ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟ ବୁଝାଏ । ମାତ୍ର ଭଲ କରି ବୁଝିଲେ ଦେଖାଯିବ ମୁଖର ଉଚ୍ଚାରଣହିଁ ବର୍ଣ୍ଣ । ଲିଖିତ ଅକ୍ଷର ସଙ୍ଗେ ତାହାର କୌଣସି ଦୃଷ୍ଟ ବା ସାକ୍ଷାତ୍ ସମ୍ବନ୍ଧ ନାହିଁ । ଲିଖିତ ଅକ୍ଷର ବର୍ଣ୍ଣର ଗୋଟିଏ ସଂକେତ ବା ଚିହ୍ନ । ଲିଖିତ ଅକ୍ଷରରେ ଉଚ୍ଚାରଣ ନଥାଏ । ଉଚ୍ଚାରଣ ଲୋକ ମୁଖରେ । ସେହି ଲୋକ ମୁଖରେ ଉଚ୍ଚାରଣ ସବୁ ବ୍ୟକ୍ତିଙ୍କ ମୁଖରେ ସମାନ କରିବା ପାଇଁ ବର୍ଣ୍ଣର ସଙ୍କେତ ସ୍ୱରୂପ ଲିଖିତ ଅକ୍ଷରର ସୃଷ୍ଟି । ଗୋଟିଏ ଗୋଟିଏ ଅକ୍ଷରକୁ ଗୋଟିଏ ଗୋଟିଏ ବିଶିଷ୍ଟ ଉଚ୍ଚାରଣରେ ନାମିତ କରି ସମସ୍ତେ ସେହି ଲିଖିତ ଚିହ୍ନ ଦେଖିଲେ, ସେହି ଉଚ୍ଚାରଣ ପ୍ରକାଶ କରିବେ ବୋଲି ଧରି ନିଆଯାଏ । ଏଥିରେ ଭାଷାର ସାର୍ବଜନୀନତା ଓ ସ୍ଥାୟୀତ୍ୱ ଦୃଢ଼ ହୁଏ ।

ଏସବୁ ବିଷୟରେ ମନୀଷୀ ଓ ପ୍ରଜ୍ଞାଶାଳୀ ନୀଳକଣ୍ଠ ଥିଲେ ଅଗ୍ରଣୀ, ନାୟକ, ନେତା । ସେ ଥିଲେ ସକ୍ରିୟ ସଂସ୍କାରକ ଓ ସଂଗଠନଶୀଳ ବିପ୍ଳବୀ । ଲୋକଙ୍କ ମତାମତକୁ ନିର୍ଭୀକ ଭାବରେ ଉପେକ୍ଷା କରି ଯାହା ଜାତୀୟ ଭାବୋଦ୍ଦୀପକ ଓ ସମଗ୍ର ଜାତି ପାଇଁ ଯାହା କଲ୍ୟାଣକର ତାହା କହିବା, ଗାଇବା, ଲେଖିବା ଏବଂ କାର୍ଯ୍ୟରେ ପରିଣତ କରିବା ଥିଲା ତାଙ୍କର ଲକ୍ଷ୍ୟ । ତେଣୁ ସକଳ ଥଟ୍ଟା ପରିହାସ ଓ ବିଦ୍ରୂପ ସତ୍ତ୍ୱେ ସେ ଲିପି ସଂସ୍କାର କରି ଲେଖୁଥିଲେ—ପଂଡିତ, ଲଂଘ, ସଂକୀର୍ଣ୍ଣ ଇତ୍ୟାଦି ।

ସେ ଏହି ପ୍ରବନ୍ଧରେ ଅନ୍ୟତ୍ର କହି ଅଛନ୍ତି— "ଭାଷା ବିଷୟରେ ଘୋର ନିୟମ ବଦ୍ଧତା ଆଉ ଚଳିବ କି ? ଅତଏବ କଥା ଯାହାହେବ, ଲେଖା ତାହାହିଁ ପ୍ରକାଶ କରିବା ଉଚିତ୍ । ଲେଖାର ଉଚ୍ଚାରଣ ଲୋକ ସାଧାରଣଙ୍କର ଉଚ୍ଚାରଣ ଠାରୁ ଭିନ୍ନ ହେଲେ ଲୋକେ ଲେଖକଙ୍କ ଭାବରେ ପ୍ରଭାବିତ ହେବେ କିପରି ? ଆଜି ଭାଷାର ଯେଉଁ ସାହିତ୍ୟ ହେବ ସେ ଆଉ ସ୍ମୃତି ନୁହଁ ଯେ କେତେକ ମାତ୍ର ଲୋକେ ବୁଝି ତାହାର ବ୍ୟବସ୍ଥା ଦେବେ । ସେ ଆଉ ବେଦାନ୍ତ ନୁହେଁ ଯେ ଅନଧିକାରୀର ତହିଁରେ ପ୍ରବେଶ ରହିବ ନାହିଁ । ଶାସ୍ତ୍ର ନୁହେଁ ଯେ କେବଳ କେତେକ ପଣ୍ଡିତଙ୍କର ସ୍ଥିର ସମ୍ପଦ ହୋଇ ରହିବ । ତାହା ମଧ୍ୟ ପୁରାଣ ପରି ହେବା ଉଚିତ ନୁହେଁ ।

Digitized by PPRACHIN, SOA

ଓଡ଼ିଆ ଉପନ୍ୟାସ ଓଡ଼ିଆଙ୍କୁ ବୁଝାଇବା ପାଇଁ ଆଉ କଥକ ନିଯୁକ୍ତ ହେବା ଉଚିତ କି ? ଜାତୀୟ ସାହିତ୍ୟ ଆଜି ଜାତୀୟ ଲୋକସାଧାରଣଙ୍କର ସମ୍ପଦ, ଏବଂ ଜାତିର କଥିତ ଭାଷାରେ ତାହା ପ୍ରକାଶିତ ହେବା ଉଚିତ । ଲୋକ ବ୍ୟବହାର ନିମନ୍ତେ ମଧ୍ୟ ଏହାହିଁ କରଣୀୟ । "ମୂଷା ଜନ୍ତା" ଲେଖାରେ ପଢ଼ି ସଂସ୍କୃତ ଅକ୍ଷର ନିୟମରେ 'ମୂଷାୟନ୍ତା" ଉଚ୍ଚାରଣ କରି ବଜାରରେ 'ମୂଷାଜନ୍ତା' ନ ମାଗି "ମୂଷାୟନ୍ତା" ମାଗିଲେ ଦୋକାନୀ ଦେବ କି ?"

ପରିଶେଷରେ ସେ ଲେଖିଛନ୍ତି, "ସେଥିପାଇଁ ଭାଷାର ଆଦର୍ଶ ରହିବା ଉଚିତ, ସେ ଆଦର୍ଶ କଦାପି ସଂସ୍କୃତ ହେବ ନାହିଁ । ଆଦର୍ଶ ଭାଷା ମଧ୍ୟ ଓଡ଼ିଆ ହେବ । ପୃଥିବୀର ଯେ କୌଣସି ଶ୍ରୀ ସମ୍ପନ୍ନ ଲୋକ ମୁଖର ଭାଷା ଆଦର୍ଶହୀନ ହୋଇ ନ ପାରେ । ଓଡ଼ିଆ ଭାଷା କ୍ଷେତ୍ରରେ ଏହି ଆଦର୍ଶ ବିଚାର କରିବାରେ ଅନେକ ଗୁଡ଼ିଏ ସମସ୍ୟାର ସମାଧାନ ଆବଶ୍ୟକ ହେବ । ଏ ସୂଚନାରେ କେବଳ ସମସ୍ୟା ଗୁଡ଼ିକର ଯତ୍‌କିଂଚିତ ଇଙ୍ଗିତ ମାତ୍ର ଦିଆ ଯାଉଅଛି । ସେମାନଙ୍କର ସମାଧାନ ବହୁ ବିଚାର ସାପେକ୍ଷ । ଉତ୍କଳ ସୁଧୀମଣ୍ଡଳ ସେ ସବୁ ପ୍ରତି ପ୍ରଣିଧାନ ଦେବେ ବୋଲି ଆଶା କରାଯାଏ ।"

## ସମାଲୋଚ୍ୟ ବିଷୟର ସୂଚନା

୧ । ଉତ୍କଳ ଜାତୀୟ ଜୀବନର କେନ୍ଦ୍ର କେଉଁଠାରେ ? ଅର୍ଥାତ କେଉଁ ସ୍ଥାନର ରୀତି ଓ ବ୍ୟବହାରାଦି ଉତ୍କଳ ପ୍ରାଣକୁ ପ୍ରଭାବିତ କରିବାରେ ଅଧିକ ସମ୍ଭବ ।

୨ । କେଉଁ ସ୍ଥାନର ଭାଷାରେ ବିଦେଶୀ ସଂସ୍ରବ ସବୁଠାରୁ ଊଣା ।

୩ । କେଉଁ ଶ୍ରେଣୀର ଲୋକେ ସମାଜରେ ସମୂହ ଭାବରେ ସମ୍ମାନିତ ।

୪ । ପ୍ରାଚୀନ ଉତ୍କଳର ଗରିମାଦି କେଉଁ ସ୍ଥାନରେ ଲୋକଙ୍କୁ ଅଧିକ ପ୍ରଭାବିତ କରି ରଖିଅଛି । ଐତିହାସିକ ଉତ୍କଳର ପରମ୍ପରା କେଉଁଠାରେ ଅଧିକ ରହିଅଛି । ଇତିହାସ-ସମ୍ମାନିତ ଉତ୍କଳର ବଂଶଧର କେଉଁଠାରେ ଅଧିକ ଅଛନ୍ତି ।

୫ । ପ୍ରାଚୀନ ସାହିତ୍ୟରେ କେଉଁ ସ୍ଥାନର ଭାଷା ଓ କେଉଁ ଲୋକଙ୍କ ଭାଷା ବହୁଳ ପ୍ରଚାର ଲଭିଅଛି ।

୬ । କେଉଁ ସ୍ଥାନର କେଉଁ ଲୋକଙ୍କ ଭାଷାକୁ ଅଦ୍ୟାପି ଲୋକେ ବିଶେଷ ଆଦର ଓ ସମ୍ମାନ କରନ୍ତି ।

Digitized by PPRACHIN, SOA

୬ । ଭୌଗଳିକ ଓ ରାଜନୈତିକ ସ୍ତରରେ କେଉଁଠାରେ ବାହାରର ଶକ୍ତି ଓ ପ୍ରଭାବ ଅଧିକ ପ୍ରବେଶ କରୁନାହିଁ ।

ନୀଳକଣ୍ଠ ଯେଉଁ ଅତି ଆବଶ୍ୟକୀୟ ସୂଚନାମାନ ୬୦ ବର୍ଷ ତଳେ ଦେଇ ଥିଲେ ତାହା ଏବେ ସୁଦ୍ଧା ଅସମାହିତ ହୋଇ ରହିଛି କହିଲେ ଅସଙ୍ଗତ ହେବ ନାହିଁ ।

## "ଚିତ୍ର ଓ କବିତାରେ କଳାର ସ୍ଥାନ"

ଆଉ ଗୋଟିଏ ପ୍ରବନ୍ଧ ହେଲା 'ଚିତ୍ର ଓ କବିତାରେ କଳାର ସ୍ଥାନ ।" ଏହା ସତ୍ୟବାଦୀର ୩ୟ ଖଣ୍ଡ, ୩ୟ ଓ ୪ର୍ଥ ସଂଖ୍ୟାମାନଙ୍କରେ କ୍ରମଶଃ ଦୁଇ ଭାଗରେ ପ୍ରକାଶିତ ହୋଇଥିଲା । ପ୍ରଥମ ସଂଖ୍ୟାରେ ଚିତ୍ରର କଥା ଓ ପରବର୍ତ୍ତୀ ସଂଖ୍ୟାରେ କବିତାର କଥା ।

ଚିତ୍ର ଓ କବିତାରେ ସାମଞ୍ଜସ୍ୟ ଦେଖାଇବାକୁ ଯାଇ ଉପସଂହାରରେ ମନୀଷୀ କହିଛନ୍ତି, "କି କବିତା, କି ଚିତ୍ର, କି ସ୍ଥାପତ୍ୟ ସବୁଥିରେ ଆମ୍ଭେମାନେ ଭାବବିଳାସର ବିଭିନ୍ନ ସୋପାନ ଦେଖୁଅଛୁ । ପ୍ରଥମେ ଭାବର ତରଳ ଇଙ୍ଗିତର ବିକାଶ ଓ ପରେ ଘୋର ନିୟମତନ୍ତ୍ରତା । ଶେଷରେ ଉଚ୍ଛୃଙ୍ଖଳତାରେ ଇଙ୍ଗିତର ପୁନଃସ୍ଫୁରଣ । କିନ୍ତୁ ଏ ସବୁଥିରେ ଇଙ୍ଗିତ ହିଁ ଭାବର ପ୍ରାଣ ଓ କଳାର ମୂଳ ସ୍ଥାନ । ଅନନ୍ତ ଉନ୍ମୁକ୍ତ ଭାବକୁ, ନିୟମାଧୀନ କରିବା ସକଳ ଶକ୍ତିର ଅତୀତ । ସେଥିପାଇଁ ଶିଳ୍ପର ଏ ସମସ୍ତ ସୋପାନ ବିକାଶ ମଧ୍ୟରେ ଇଙ୍ଗିତର ସ୍ଫୁରଣ ଅନିବାର୍ଯ୍ୟ । ତାହାହେଲେ ଶିଳ୍ପର ଶିଳ୍ପତ୍ୱ ରହିବ ନାହିଁ । ଆମ୍ଭ ଦେଶର ଚିତ୍ରକାର ମାନଙ୍କର ଚିତ୍ର ସମସ୍ତେ ଦେଖିଥିବେ ।"

"ସେ ଚିତ୍ର ସର୍ବଦା ଘୋର ନିୟମାବଦ୍ଧ ଏବଂ ସେ ନିୟମ ପିତୃ ପୁତ୍ର ପରମ୍ପରାରେ ଚାଲିଛି । ମାତ୍ର ସେଥିରେ ମଧ୍ୟ ଇଙ୍ଗିତ ସ୍ପଷ୍ଟ । ମହୀୟାନ ପଶୁରାଜ ସିଂହର ଚିତ୍ରରେ ପ୍ରକୃତି ନ ଥାଇପାରେ, କିନ୍ତୁ ତାହାର ଚକ୍ଷୁର ସ୍ଥିର ପ୍ରଶାନ୍ତ ଦୃଢ଼ ଜ୍ୟୋତି ଦେଖାଇବାକୁ ଯାଇ ଶିଳ୍ପରେ ଆଖିଡୋଳା ଅତି ବିସ୍ତୀର୍ଣ୍ଣ କରା ହୋଇଅଛି । ଦନ୍ତ, ନାସାପୁଟ ଅନୈସର୍ଗିକ ସତ୍ୟ । କିନ୍ତୁ ତାହା ଭୀଷଣତାର ଗୋଟିଏ ଭୌତିକ ବିକାଶ ନୁହେଁ କି ? ପ୍ରାକୃତିକ ସିଂହର ଚୂଳ ବା କେଶର ବିନ୍ୟାସରେ ନିୟମ ନାହିଁ । କିନ୍ତୁ ଚିତ୍ରରେ ତାହା ଯେପରିକି ମହତ୍ୱ ଓ ଗରିମାର ଅବତାର । ଆମ୍ଭମାନଙ୍କର ପ୍ରାଚୀନ ମନ୍ଦିରମାନଙ୍କରେ ଥିବା ସିଂହ ସବୁ ମଧ୍ୟ ଏହିପରି ।

Digitized by PPRACHIN, SOA

କେବଳ ସିଂହ ନୁହେଁ, ସମସ୍ତ ପ୍ରାଚ୍ୟ ଶିଳ୍ପ ସ୍ଥାପତ୍ୟରେ ଏହି ଅତି ପ୍ରାକୃତ ରୁଚି ଦେଖିବାକୁ ମିଳେ । ସେ ଚିତ୍ରରେ ସିଂହ ଗୋଟିଏ ବନସ୍ଥ ପଶୁ ନୁହେଁ । ସିଂହ ଯେପରିକି ଗୋଟିଏ ଭାବ ଏବଂ ସେହି ହିସାବରେ ସମସ୍ତ ପ୍ରାଚ୍ୟଶିଳ୍ପ ଭାବମୟ । ସମସ୍ତ ଦେବଦେବୀ ଧ୍ୟାନମୟ, ଭାବରେ ଭୌତିକତା ନାହିଁ । ତେଣୁ ପ୍ରାଚ୍ୟଶିଳ୍ପ ଅତି ପ୍ରାକୃତ ନିୟମବଦ୍ଧ ହେଲେହେଁ ତାହା ଭାବର ଗୋଟିଏ ଭୌତିକ ବିକାଶ ମାତ୍ର । ନିୟମ କେବଳ ପ୍ରକୃତିର ଅନୁସରଣ କରିଥିଲେ ଶିଳ୍ପ ଭାବହୀନ ଓ ନୀରସ ହୋଇ ବିଲୁପ୍ତ ହୋଇଥାନ୍ତା ।"

"କବିତାରେ ମଧ୍ୟ ସେହି କଥା । ଅଳଙ୍କାର ଶାସ୍ତ୍ରକାବ୍ୟର ସମସ୍ତ ନିୟମ ସ୍ଥିର କରିଥିଲେ ମଧ୍ୟ ଶେଷରେ "ବ୍ୟଞ୍ଜନା" ବା "ଧ୍ୱନି" ଗୌରବରେ କାବ୍ୟର ମହତ୍ତ୍ୱ ବୁଝିବାକୁ ଉପଦେଶ ଦେଇଅଛନ୍ତି । ଧ୍ୱନିର ବିଶ୍ଳେଷଣ କରଯାଇଅଛି ସତ୍ୟ, କିନ୍ତୁ ସେହିଠାରେ ହିଁ କବିର ସ୍ୱାଧୀନତା ଉନ୍ମୁକ୍ତ । କିନ୍ତୁ କବି ସେ ବିଶ୍ଳେଷଣରେ ଆବଦ୍ଧ ନୁହଁନ୍ତି । ଏହି ଧ୍ୱନି ହିଁ କାବ୍ୟକଳାର ଇଙ୍ଗିତ, ଏହି ଧ୍ୱନି କବିତାର ପ୍ରାଣ । ଏହି ଧ୍ୱନିର ଗୌରବରେ କାଳିଦାସ ସୁନ୍ଦର ଓ ସୁକୁମାର, ଏହି ଧ୍ୱନିର ମହିମାରେ ଭବଭୂତି ଗମ୍ଭୀର ଓ ମହୀୟାନ ।"

Plutarch ଏହି ମତର ସମର୍ଥକ ଥିଲେ । ସେ କହନ୍ତି, "Poetry" is a speaking picture, and picture a mute poetry." କବିତା କଥା କହିବାର ଚିତ୍ର ଏବଂ ଚିତ୍ର ହେଉଛି ନୀରବ କବିତା । ଦାର୍ଶନିକ Croce କହନ୍ତି, "Painter and poet express not the material detail of the practical world, but their own single states of mind." ଚିତ୍ରଶିଳ୍ପୀ ଏବଂ କବି ଏହି ଭୌତିକ ଜଗତର ଦୃଶ୍ୟମାନ ବିଷୟବସ୍ତୁ ସବୁକୁ କେବଳ ପ୍ରକାଶ କରନ୍ତି ନାହିଁ, ସେମାନେ ସେମାନଙ୍କର ମାନସିକ ଅବସ୍ଥାର ଚିତ୍ର ଅଙ୍କନ କରନ୍ତି । ନୀଳକଣ୍ଠ ଯେଉଁ 'ଇଙ୍ଗିତ" କଥା ବାରମ୍ବାର ତାଙ୍କ ପ୍ରବନ୍ଧରେ କହିଅଛନ୍ତି, ଏହା ସେହି ଚିତ୍ରିତ ତଥା ପ୍ରସ୍ତରରେ ଖୋଦିତ ପଶୁରାଜ ସିଂହର ଦୃପ୍ତ ଚକ୍ଷୁର ରହସ୍ୟ ନୁହେଁ କି ?

Scott James ତାଙ୍କ "The making of literature" ପୁସ୍ତକରେ "Painting and Poetry" ଅଧ୍ୟାୟରେ କହନ୍ତି, "Same were disposed to release the artist from all restrictions of rule, and to see in the painter, the poet, the philosopher and the historian, men

Digitized by PPRACHIN, SOA

engaged on the one common task of expressing universal truth, even at the expense of beauty" କଳାକାରମାନେ ସକଳ ଶୃଙ୍ଖଳାରୁ ମୁକ୍ତ । ଚିତ୍ରକର, କବି, ଦାର୍ଶନିକ ଏବଂ ଐତିହାସିକ, ଏ ସମସ୍ତଙ୍କର ଗୋଟିଏ ସାର୍ବଜନୀନ ସତ୍ୟ ଉପସ୍ଥାପନ କରିବା ବିଧେୟ । ସେହି ସାର୍ବଜନୀନତା ଉପରେ ନୀଳକଣ୍ଠ ବିଶେଷ ଗୁରୁତ୍ୱ ଆରୋପ କରିଅଛନ୍ତି ।

ଏହି ପ୍ରବନ୍ଧରେ ନୀଳକଣ୍ଠଙ୍କ ବୈଶିଷ୍ଟ୍ୟ ହେଉଛି, ସେ କିପରି ଭାବରେ ଅବନୀନ୍ଦ୍ରନାଥ ଠାକୁର ଏବଂ ରବି ବର୍ମାଙ୍କୁ ତୁଳନା କରିଅଛନ୍ତି । ତାହା ଯେ କୌଣସି ପାଠକ ଆଗ୍ରହର ସହିତ ଗ୍ରହଣ କରିବ । "ରବି ବର୍ମାଙ୍କ ଚିତ୍ରରେ ଭାବର ଯେଉଁ ଅଭିବ୍ୟକ୍ତି ଦେଖାଯାଏ, ଚିତ୍ରଶିଳ୍ପର ନିୟମ ଭିତରେ ସେମାନେ ଯେଉଁ ବ୍ୟକ୍ତିତ୍ୱ ଦେଖାନ୍ତି, ସେଥିରେ ଭାବ ପରିସ୍ଫୁଟ ଓ ପ୍ରାଞ୍ଜଳ କଳାର ଚତୁରୀରେ ଭାବର ସାର୍ବଜନୀନତା ଉଦ୍ଭିନ୍ନ ଓ ସ୍ପଷ୍ଟ । ମାତ୍ର ଅବନୀନ୍ଦ୍ରନାଥଙ୍କର ଶିଳ୍ପରେ ଭାବର ଯେ ସାର୍ବଜନୀନତା ଅଛି ତାହା ଭାବର ସ୍ପଷ୍ଟତାରେ ନୁହେଁ, ତାହା ଗଭୀରତର—ସ୍ପଷ୍ଟତର ନୁହେଁ । କବିତା ସମ୍ବନ୍ଧରେ ତାଙ୍କର ମତ—'ଭାଷା କବିତାର ବହିଃରଙ୍ଗ, ମାତ୍ର ଭାବ ତାହାର ପ୍ରାଣ । ଭାଷାରେ ଏହି ନିୟମ ତନ୍ତ୍ର ଚଳିଲା କିନ୍ତୁ ପ୍ରତିଭା ବିଷୟରେ ଭାବର ଉନ୍ମୁକ୍ତ ବୃତ୍ତି ରୋଧ ଅସମ୍ଭବ । କାଳିଦାସ ଓ ଭବଭୂତି ଏହାର ଉଦାହରଣ ସ୍ଥଳ । ଶୃଙ୍ଖଳା ମଧ୍ୟରେ ଭାବ ପ୍ରକାଶ କରି ମଧ୍ୟ ସେମାନେ ଯେ ମହୀୟାନ ଇଙ୍ଗିତପରାୟଣତା ଦେଖାଇ ଅଛନ୍ତି, ତାହା ସଂସ୍କୃତ ସାହିତ୍ୟର ଗୌରବ । ଶକୁନ୍ତଳା ନାଟକରୁ "ଅଭିମୁଖେ ମୟି ସଂହୃତମୀକ୍ଷିତଂ" ଶ୍ଳୋକଟି ଉଦ୍ଧାର କରି ସେ ଲେଖିଅଛନ୍ତି, "ଶ୍ଳୋକ ଯେତିକି ପ୍ରକାଶ କରୁଛି ପାଠକ ଠିକ ଏଥିରୁ ଏତିକି ବୁଝନ୍ତି କି ? କାଳିଦାସଙ୍କ ଲେଖାରେ ଏହି ଇଙ୍ଗିତ କଳାର ବିକାଶ ଭୂରି ଭୂରି ମିଳିବ । ସେ ନିୟମ ତନ୍ତ୍ର ଛାଡ଼ି ନାହାନ୍ତି ସତ୍ୟ— ନାନା କାରଣରୁ ଏହା ଛାଡ଼ି ପାରି ନାହାନ୍ତି । ପାରିଥିଲେ ପୃଥିବୀର ସାହିତ୍ୟରେ ସେ କି ଅଦ୍ଭୁତ ଆଲେଖ୍ୟ ଫୁଟାଇ-ଥାନ୍ତେ, ତାହା କିଏ କହିପାରେ ? କିନ୍ତୁ ସେ ମହାକବି— ତାଙ୍କର ପ୍ରତିଭା ସମସ୍ତ ଅଙ୍କୁଶ ଭେଦ କରି ଦିଶୁଅଛି ।

ଭବଭୂତିଙ୍କର ଏ ମହତ୍ୱ ଆହୁରି ବିଚିତ୍ର । ମାତ୍ର ଅନ୍ୟ ପ୍ରକାରର । ସମସ୍ତ ନିୟମର (ଆଳଙ୍କାରିକ) ଦାସତ୍ୱ ସେ ସ୍ୱୀକାର କରି ଅଛନ୍ତି । କିନ୍ତୁ ପ୍ରତିଭା ବଳରେ ସେ ସବୁ ନିୟମ ଯେପରିକି ତାଙ୍କ ନିଜ କବିତାର ସ୍ୱଭାବ ବିକାଶ ପରି ଦିଶୁଅଛି । ତାଙ୍କ କବିତା ପଢିଲେ ବୋଧହୁଏ ଯେପରି କି ସେ କବିତା ଲେଖିବାକୁ

Digitized by PPRACHIN, SOA

ଯାଇ ବାଲ୍ମୀକିଙ୍କ ପରି ଛନ୍ଦୋବଦ୍ଧ ଓ କାବ୍ୟରୀତି ନିୟମବଦ୍ଧ ପ୍ରୟୋଗ କରିଗଲେ । ଉନ୍ମୁକ୍ତ ଭାବ-ବିକାଶ ବେଳେ ମଧ୍ୟ ସେ ନିୟମବଦ୍ଧ ସତ୍ୟ, କିନ୍ତୁ ତାଙ୍କ କବିତା ପଢ଼ିଲା ବେଳେ ସେ ନିୟମମାନ ମନେ ପଡ଼େ ନାହିଁ ।

"ଏତେ ତେ କୁହରେଷୁ ଗଦ୍‌ଦନଦଦ୍‌ଗୋଦାବରୀ ବାରୟଃ" ପ୍ରଭୃତି ପଂକ୍ତି ଓ ପଦମାନଙ୍କରେ ଭାବ, ଭାଷା ଓ ଆଲେଖ୍ୟ, ସବୁ ଏକାକାର ।

## ଯୌବନର ପ୍ରଭାବ ଓ ପ୍ରତିଷ୍ଠା

ପ୍ରବନ୍ଧ ସାମ୍ରାଜ୍ୟର ସମ୍ରାଟ "ଯୌବନର ପ୍ରଭାବ ଓ ପ୍ରତିଷ୍ଠା" ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠ୍ୟ ରୂପେ ପ୍ରଚଳିତ । ଏହା ଯୁବକ ଓ ଯୁବତୀମାନଙ୍କ ନିମନ୍ତେ ଗୋଟିଏ ଶିକ୍ଷଣୀୟ ପ୍ରବନ୍ଧ । ମନୁଷ୍ୟ ଜୀବନରେ ଯୌବନର ପ୍ରଭାବ ସମ୍ବନ୍ଧରେ ସେ ବହୁ ତଥ୍ୟର ଅବତାରଣା ଏଥିରେ କରିଛନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନର ମିଶ୍ରଣରେ ଏହି ପ୍ରବନ୍ଧଟି ରଚିତ ହୋଇଛି ବୋଲି କାହାରି କାହାରି ମତ । ସେମାନେ ପ୍ରଥମେ ନୀଳକଣ୍ଠଙ୍କର ମୌଳିକ ଚିନ୍ତାର ଦ୍ୱାର ଉଦ୍‌ଘାଟନ ନ କରି ସେ କେଉଁଠାରୁ ଏ ତଥ୍ୟସବୁ ଆହରଣ କରିଛନ୍ତି, ସେ ବିଷୟରେ ବଡ଼ ଆଗ୍ରହୀ । ସେଥିରେ ମଧ୍ୟ ସେକ୍‌ସପିଅରଙ୍କର "Romeo and Juliet"ର ପ୍ରଭାବ ପଡ଼ିଛି ବୋଲି କେହି କେହି ଦର୍ଶାଇଛନ୍ତି । କିନ୍ତୁ ଆମ୍ଭମାନଙ୍କର ବିଶ୍ୱାସ ଏହି ପ୍ରବନ୍ଧ ନୀଳକଣ୍ଠଙ୍କର ସ୍ୱାଧୀନ ଚିନ୍ତା ପ୍ରସୂତ । ସେ କାହାରି ପ୍ରଭାବରେ ନ ପଡ଼ି ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କର ନୈତିକ ଉତ୍କର୍ଷ ନିମନ୍ତେ ଏହି ଉପାଦେୟ ରଚନାଟି ପ୍ରକାଶ କରିଥିଲେ । ଗୋପବନ୍ଧୁଙ୍କ 'ଦୟା' ଶୀର୍ଷକ ବକ୍ତୃତାର ଏହା ପ୍ରତିଧ୍ୱନି ନୁହେଁ । ଏହାର ଆଦି, ମଧ୍ୟ ଓ ଅନ୍ତ କିଛି ନ ବୁଝି ସ୍ଥିର କରି ବସିବା ଆମ୍ଭମାନଙ୍କ ପକ୍ଷରେ ବାଗ୍‌ଜାଲତା ମାତ୍ର ।

ଏହା ପୂର୍ବରୁ କୃପାସିନ୍ଧୁ ଛାତ୍ରମାନଙ୍କର କ୍ଲବ୍ ମିଟିଂରେ ଦିନେ "ନବ ଯୌବନର ବିପଦ" ସମ୍ବନ୍ଧରେ ଗୋଟିଏ ଅନିନ୍ଦ୍ୟ ସୁନ୍ଦର ବକ୍ତୃତା ଦେଇଥିଲେ । ମନେହୁଏ "ନୀଳକଣ୍ଠଙ୍କ ଯୌବନର ପ୍ରଭାବ ଓ ପ୍ରତିଷ୍ଠା" ତା'ର ପରିପୂରକ ମାତ୍ର, କୃପାସିନ୍ଧୁଙ୍କ ବକ୍ତୃତାରେ ଏତେ ବ୍ୟାପକତା, ତେଜପୁଞ୍ଜ ଓ ଓଜଃ ନଥିଲା । ସେ ଯୌବନକୁ ସକଳ ଦିଗରୁ ଆଲୋଚନା କରିଥିଲେ । କିନ୍ତୁ ଉଭୟେ ଦାର୍ଶନିକ — ଜଣେ ବିପଦ ସମ୍ବନ୍ଧରେ ସଚେତନ କରିବା ବେଳକୁ ଅନ୍ୟ ଜଣେ ଏହାର ସମ୍ପଦ ସମ୍ବନ୍ଧରେ ଛାତ୍ରମାନଙ୍କର ଦୃଷ୍ଟି ଆକର୍ଷଣ କରି ଅଛନ୍ତି । ଉଭୟରେ ପାଶ୍ଚାତ୍ୟ

Digitized by PPRACHIN, SOA

ଦାର୍ଶନିକ ଚିନ୍ତା ଅପେକ୍ଷା ପ୍ରାଚ୍ୟ ଅର୍ଥାତ୍ ଭରତୀୟ ଚିନ୍ତାର ମୌଳିକତା ଅଧିକ ପରିସ୍ଫୁଟ । ନବ ଯୌବନର ପ୍ରଭବ ଓ ପ୍ରତିଷ୍ଠାରେ ଅନୁପ୍ରେରଣା ଓ ଉଦ୍ଦୀପନା ଅଧିକ । ଏହି ପ୍ରବନ୍ଧର ସଂକ୍ଷିପ୍ତସାର ହେଲା —

୧ । ଯୌବନ ବିଷମ କାଳ ।

୨ । ତିତିକ୍ଷୁ ଦର୍ଶନବାଦୀଙ୍କ ମତରେ ଜୀବନ ଗୋଟିଏ ସଂଯମର ପରମ୍ପରା ମାତ୍ର । ଅନନ୍ତ ନିରୋଧହିଁ ଜୀବନର ପରମ କର୍ତ୍ତବ୍ୟ ।

୩ । ଆତ୍ମାରେ ବିକାଶର ବୀଜ ପ୍ରତି ଲକ୍ଷ୍ୟ ରଖିବାକୁ ହେବ ।

୪ । ଜୀବନର ଅସାରତାରେ ଅନ୍ଧକାର ନ ଦେଖି ଆଲୋକର ଇଙ୍ଗିତ ଅନୁଭବ କରିବାକୁ ହେବ ।

୫ । ଯୌବନର ବିଶାଳ ସାଧନାରେ ଜୀବନର ଆଗ୍ନେୟ ସ୍ଫୂର୍ତ୍ତି ପ୍ରକଟିତ ହୁଏ । ବିଶ୍ୱସିଦ୍ଧିର ପରମ ବୀଜ ଏହି ଠାରେ ।

୬ । ଜୀବନ ପରି ଗୋଟିଏ ଶକ୍ତି ଦେଖି ଆମ୍ଭେମାନେ ବିଶ୍ୱାତ୍ମାର ଧାରଣା କରିପାରୁ ।

୭ । ଜଗତର ବସ୍ତୁରାଶିର ପରସ୍ପର ଅପେକ୍ଷାରେ ମହାବିଶ୍ୱର ଏକତ୍ୱ ରକ୍ଷି ଅଛନ୍ତି । ଏହି ଅପେକ୍ଷା, ଏହି ପ୍ରୀତି ଲୀଳା ମୁହୂର୍ତ୍ତକ ପାଇଁ ଅବିଚ୍ଛିନ୍ନ ହେଲେ ସମସ୍ତ ବିଶ୍ୱ ଜଗତ ବାସ୍ତବିକ ବିଶୃଙ୍ଖଳ ହେବ । ଜଗତର ସମସ୍ତ ଆପାତ ବିଶୃଙ୍ଖଳତା ମଧ୍ୟରେ ଏହି ବିଶ୍ୱ ମୈତ୍ରୀ ଆଦର୍ଶର ସଂଯମ ରଖିଅଛି ।

୮ । ପ୍ରବୀଣ ଇନ୍ଦ୍ରିୟାସକ୍ତ ହେଲେ ହିସାବ କରି ସୁଯୋଗ ଖୋଜିବୁଲେ; ମାତ୍ର ଯୁବକ ଅନନ୍ତ ଉନ୍ମାଦନରେ ବିଶ୍ୱପ୍ରୀତିର ପ୍ରେରଣାରେ ପ୍ରାଣ ଭସାଇ ଦିଏ । ବିଳାସୀ ପ୍ରବୀଣର କାର୍ଯ୍ୟ ଭୋଗ ପରମାରାଧ୍ୟ ବିଶ୍ୱପ୍ରାଣ ଯୁବକର କାର୍ଯ୍ୟ ସ୍ଥଳ । ପ୍ରବୀଣ ଭୋଗରେ ପ୍ରବୃତ୍ତି ଚରିତାର୍ଥ କରି ଆତ୍ମରକ୍ଷା କରେ । ପ୍ରବୃତ୍ତିର ବିଶାଳ ଇଙ୍ଗିତରେ ପ୍ରାଣ ଦାନ କରିବାକୁ ଯୁବକହିଁ ସମର୍ଥ ।

୯ । ଯୁବ ପ୍ରାଣର ବିଶ୍ୱ ଇଙ୍ଗିତ ବିଧାତାଙ୍କର ଶୁଭ ଅବତାର । ଏକଥା ଜାଣି ଯୁବକକୁ ଶାସନ କଲାବେଳେ ମଧ୍ୟ ପୂଜା କରିବାକୁ ହେବ ।

Digitized by PPRACHIN, SOA

୧୦ । ପ୍ରୌଢ଼ମାନେ ଯାହା କହନ୍ତୁ ପଛକେ ଯୁବକ ନ ଥିଲେ ଉନ୍ନତି ନଥାନ୍ତା, ସ୍ୱାଧୀନତା ନଥାନ୍ତା, ସାମର୍ଥ୍ୟ ନଥାନ୍ତା, ସାହସ ନଥାନ୍ତା, ବିଶ୍ୱାସ ନଥାନ୍ତା । ଫଳତଃ ଯୁବକ ବିନା ଈଶ୍ୱର ସତ୍ତା ରହନ୍ତା କି ନାହିଁ ସନ୍ଦେହ ।

୧୧ । ଯୌବନର ଏହି ବିଶ୍ୱରୂପ ପ୍ରାଣରେ ଥରେ ଧାରଣା କରି ପାରିଲେ ସମସ୍ତ ଦର୍ଶନ ଶାସ୍ତ୍ର ମୂକ ହେବ ।

ଏ ସମସ୍ତ ସୂଚନାଗୁଡ଼ିକ ନୀଳକଣ୍ଠଙ୍କର ଭାଷାରୁ ସଂଗୃହୀତ । ଏ ପ୍ରତ୍ୟେକ ସୂଚନାକୁ ଘେନି ଖଣ୍ଡିଏ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ରଚିତ ହୋଇ ପାରେ କିମ୍ବା ଗୋଟିଏ ଗୋଟିଏ ଦୀର୍ଘ ବକ୍ତୃତା ହୋଇ ପାରେ । କେଉଁ ଦର୍ଶନ ଶାସ୍ତ୍ରର ପ୍ରଭାବ ଏହି ପ୍ରବନ୍ଧ ଉପରେ ପଡ଼ିଛି ତାହା ଅବାନ୍ତର । ଯୌବନ ସହିତ ଈଶ୍ୱର ସତ୍ତାକୁ ଯେ ତୁଳନା କରିପାରେ, ସେ କି ପ୍ରଚଣ୍ଡ ପ୍ରତିଭାର ମନୀଷୀ, ଏକଥା ବୁଝାଇ କହିବା ନିଷ୍ପ୍ରୟୋଜନ । ଯେଉଁମାନେ କହନ୍ତି 'ସତ୍ୟବାଦୀ' ସାହିତ୍ୟରେ ଅନେକ ଭୁଲ ଏବଂ ତାର କାମ ଶେଷ ହୋଇ ଯାଇଛି, ସେମାନେ ସାହିତ୍ୟ ବିଷୟରେ କି ଅନଭିଜ୍ଞ ?

## ଇଂରେଜୀ ଶିକ୍ଷାର ମୋହ

ଏ ପ୍ରବନ୍ଧଟି ସତ୍ୟବାଦୀରେ ଲେଖା ତାଙ୍କର ଶେଷ ପ୍ରବନ୍ଧ । ଏହା ସନ, ୧୩୨୮ ସାଲ ୬ଷ୍ଠ ଖଣ୍ଡ ୫ମ ସଂଖ୍ୟାରେ 'ସତ୍ୟବାଦୀ''ରେ ପ୍ରକାଶ ପାଇଥିଲା ।

ଏହି ପ୍ରବନ୍ଧର ଭାଷା, ଭାବ ଓ ରଚନା ଶୈଳୀ ''ଯୌବନର ପ୍ରଭାବ ଓ ପ୍ରତିଷ୍ଠା'' ଠାରୁ ଅନେକ ପୃଥକ୍ । ଏହା ଯଥାର୍ଥରେ ଲୌକିକ ସାହିତ୍ୟ କିମ୍ବା ଜାତୀୟ ସାହିତ୍ୟ । ଗୋପବନ୍ଧୁ ଥରେ ଏହି 'ସତ୍ୟବାଦୀ'ରେ ଲେଖିଥିଲେ, ''ସାହିତ୍ୟ ଜାତୀୟ ଭାବର ବିକାଶ । ଜାତୀୟ ଚେତନାର ବିବୃତ୍ତି ଏବଂ ଜାତୀୟ ଆକାଂକ୍ଷାର ଇଙ୍ଗିତ । ଜାତିର ସକଳ ଲେଖକଙ୍କ ମଧ୍ୟରେ ଏହାର ଯେତେ ଅଧିକ ପ୍ରଚାର ହୋଇ ପାରେ ତେତେ ଭଲ । ଚିନ୍ତା ଶକ୍ତି ଓ ଭାବ ଗ୍ରହଣ କ୍ଷମତା ସମାନ ନୁହେଁ । ସୁତରାଂ ଯେ କୌଣସି ପୁସ୍ତକ ସମସ୍ତଙ୍କ ଦ୍ୱାରା ସମାନ ଭାବରେ ଆଦୃତ ହେବା ଅସମ୍ଭବ । ତେଣୁ ସାହିତ୍ୟରେ ଲୋକସାଧାରଣ ଉପଯୋଗୀ ପୁସ୍ତକ ଥିବା ଆବଶ୍ୟକ ।''

ଗୋପବନ୍ଧୁଙ୍କର ଏହି ଉକ୍ତିର ପରିପ୍ରେକ୍ଷୀରେ ବିଚାର କଲେ ଦେଖାଯାଏ, ନୀଳକଣ୍ଠ ''ଯୌବନର ପ୍ରଭାବ ଓ ପ୍ରତିଷ୍ଠା'' ଓ ଅନ୍ୟାନ୍ୟ ଆଲୋଚିତ ପ୍ରବନ୍ଧ-

Digitized by PPRACHIN, SOA

ମାନଙ୍କରେ ଅଲୌକିକ ସାହିତ୍ୟ ସୃଷ୍ଟି କରୁଥିଲେ, ଉଚ୍ଚ ଭାବ ଓ ଉଚ୍ଚ ଭାଷାରେ ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନଙ୍କର ପ୍ରାଣକୁ ସ୍ପନ୍ଦିତ କରୁଥିଲେ "ଇଂରେଜୀ ଶିକ୍ଷାର ମୋହ" ପ୍ରବନ୍ଧରେ ସେ ଯଥାର୍ଥ ଲୌକିକ ସାହିତ୍ୟ ସୃଷ୍ଟି କରି ଅଛନ୍ତି । ତାଙ୍କର ସମଗ୍ର ସାହିତ୍ୟ ସୃଷ୍ଟି ଏହି ଦୁଇ ଉପାଦାନରେ ଗଠିତ । କାହାର ଭାଷା, ଶୈଳୀ ଓ ଭାବ ଅତି ଗମ୍ଭୀର, ବେଳେ ବେଳେ ଦୁର୍ବୋଧ୍ୟ, ଚିନ୍ତାଗର୍ଭକ ଓ ମହୀୟାନ୍; କାହାର ଭାଷା ସରଳ, ସହଜ ଓ ସାବଲୀଳ । "ଇଂରେଜୀ ଶିକ୍ଷାର ମୋହ" ପ୍ରବନ୍ଧଟି ସର୍ବଜନବୋଧ୍ୟ ଲୌକିକ ସାହିତ୍ୟ । ଯେତେବେଳେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗର ଆହ୍ୱାନ ଭାରତର ଚତୁର୍ଦ୍ଦିଗରେ ନିନାଦିତ, ଯେତେବେଳେ ଲୋକଙ୍କ ମନ ଅସହଯୋଗ ଆନ୍ଦୋଳନରେ ଆନ୍ଦୋଳିତ, ଯେତେବେଳେ ସ୍କୁଲ, କଲେଜ, କଚେରୀ, କାଉନ୍‌ସିଲ ବର୍ଜନ କରି ଏହି ମହାମନ୍ତ୍ରରେ ଭାରତର ଆବାଳବୃଦ୍ଧବନିତା ଦୀକ୍ଷିତ ହେବାର ପ୍ରଚେଷ୍ଟା ଦେଶରେ ପ୍ରବାହିତ, ସେହି ସମୟରେ ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଗୋପବନ୍ଧୁଙ୍କ ସହକର୍ମୀ ନୀଳକଣ୍ଠ ଏହି ପ୍ରବନ୍ଧଟି ଇଂରେଜୀ ଶିକ୍ଷାର ମୋହରୁ ମୁକ୍ତି ଲାଭ କରିବା ନିମନ୍ତେ ଲେଖିଥିଲେ । ପ୍ରବନ୍ଧଟି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ।

ପ୍ରବନ୍ଧର ଗୋଟିଏ କ୍ଷୁଦ୍ର ଅଂଶ ଏଠାରେ ଉଦ୍ଧାର କରାଗଲା – 'ସ୍କୁଲ, କଚେରୀ, କାଉନ୍‌ସିଲ ଏହି ତିନୋଟି ଇଂରେଜ ଶାସନର ମାୟା ବୋଲି କୁହାଯାଇ ଅଛି । କାଉନ୍‌ସିଲ୍ ସମ୍ବନ୍ଧରେ ବିଶେଷ କହିବା ନିଷ୍ପ୍ରୟୋଜନ । ଭିକ ମାଗି ଏ ଜଗତରେ କେହି ସମୃଦ୍ଧିରୁ ଭାଗ ପାଇ ନାହିଁ । କାଉନ୍‌ସିଲ୍ ଗୋଟିଏ ଦାନ । ସେଥିରେ ଇଂରେଜ ସରକାର ଭାରତବାସୀଙ୍କ ପାଇଁ ସ୍ୱାଧୀନ କର୍ମକ୍ଷେତ୍ର ଓ ସ୍ୱାୟତ୍ତ ଶାସନ ଫିଟାଇ ଦେବେ, ଏକଥା ଆଶା କରିବା ବିଡମ୍ବନା । ମୁଣ୍ଡି କାଉନ୍‌ସିଲର କାର୍ଯ୍ୟ ଦେଖିଲେ, ତାହାର ପ୍ରକୃତି ବିଚାର କଲେ କେହି କହିବେ ନାହିଁ ଯେ ଏହି ସୂତ୍ରରେ ଭାରତବାସୀ ସ୍ୱାଧୀନତା ପାଇବେ ଏବଂ ଭାରତରେ ଚିରଶାନ୍ତି ବିରାଜିତ ହେବ । ପୁଣି କାଉନ୍‌ସିଲ ଗୋଟିଏ ୟୁରୋପୀୟ ଅନୁଷ୍ଠାନ, ଭାରତୀୟ ଭାବର ଭିତ୍ତିରେ ତାହାର ପ୍ରତିଷ୍ଠା ନୁହେ ।"

ଏହି ଦିଗରୁ ପର୍ଯ୍ୟାଲୋଚନା କଲେ ଓ ଭାଷା ବିନ୍ୟାସ ଭଙ୍ଗୀକୁ ଲକ୍ଷ୍ୟ କଲେ ନୀଳକଣ୍ଠଙ୍କ ପ୍ରବନ୍ଧ କେବଳ ଯେ ଭାବ ସାହିତ୍ୟ ନୁହେଁ, ଜ୍ଞାନ ସାହିତ୍ୟ—ଏକଥା କିଏ ବା ନ କହିବ ? "A truly literary essay is broadly speaking a lyric in prose"— ଏହି ଉକ୍ତିର ସମୀଚୀନତା

Digitized by PPRACHIN, SOA

'ସତ୍ୟବାଦୀର ପ୍ରବନ୍ଧ, ସାହିତ୍ୟ, କାବ୍ୟ, କବିତା ଓ ବକ୍ତୃତାମାଳା ପ୍ରମାଣ କରେ ନାହିଁ କି ? ନୀଳକଣ୍ଠ ଏ ସବୁରେ ପ୍ରଧାନ ଅଂଶ ଗ୍ରହଣ କରିଥିଲେ ।

## କର୍ମ ବିବେକ ବା ବ୍ୟବହାର ବିଚକ୍ଷଣତା—Practical wisdom

ଆଉ ଗୋଟିଏ ନିଜର ଅନୁଭୂତିର କଥା । ଆମ୍ଭେମାନେ ସେତେବେଳେ ସତ୍ୟବାଦୀ ବିଦ୍ୟାଳୟରୁ ମାଟ୍ରିକୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାର ସେତେବେଳର ଏକମାତ୍ର ରେଭେନ୍ସା କଲେଜରେ ପଢୁଥିଲୁ । ସେ ୧୯୧୯ ମସିହା କଥା । ସେତେବେଳେ ଆମର ପ୍ରଥମ ବାର୍ଷିକ ଶ୍ରେଣୀରେ Helps ସାହେବଙ୍କ ପ୍ରବନ୍ଧ ପୁସ୍ତକ "Helps Essays" ଗଦ୍ୟ ସାହିତ୍ୟ ଭାବରେ ପଢା ଯାଉ ଥାଏ । ଏହାର ଭାଷା ଅତି କ୍ଲିଷ୍ଟ, ଭାବ ବୁଝିବା କଷ୍ଟ । ପ୍ରତି ବାକ୍ୟ ଉଦାହରଣ ସାହାଯ୍ୟରେ ବୁଝାଇ ଦିଆଯାଇ ଥାଏ । ତଥାପି କେତେକାଂଶ ସେହି ପ୍ରବନ୍ଧ-ମାନଙ୍କରୁ ଅବୋଧ୍ୟ ରହିଯାଏ । ଇଂରେଜୀ ଅଧ୍ୟାପକ ବରଦାକାନ୍ତ ଘଟାର୍ଜି ସେ ବହିଟି ପଢ଼ାଉଥାନ୍ତି । ସେହି ବର୍ଷ ପୂଜା ଛୁଟୀରେ ଆମେ କେତେଜଣ ଛାତ୍ର ସତ୍ୟବାଦୀ ଯାଇଥାଉ । ନୀଳକଣ୍ଠ ପଚାରିଲେ ଇଂରେଜୀରେ କି କି ବହି ତୁମର ପଢ଼ା ଯାଉଛି ? ଆମ୍ଭେମାନେ ଅତ୍ୟନ୍ତ ସନ୍ତର୍ପଣରେ ଉତ୍ତର ଦେଲୁ—Helps Essays ବହି ଆମ୍ଭମାନଙ୍କ ପ୍ରତି ଅତି କଷ୍ଟ ଓ ଦୁଃସାଧ୍ୟ ହୋଇ ପଡ଼ିଛି । ସେ ସାଙ୍ଗେ ସାଙ୍ଗେ ଆମକୁ କହିଲେ ବହି ଆଣିଛ ? ତହିଁ ପରଦିନ ଆମ୍ଭେମାନେ ବହିଟି ନେଇ ତାଙ୍କ ପାଖକୁ ଗଲୁ । ସେ ବହିର ପ୍ରଥମ ପ୍ରବନ୍ଧଟି ପଢି ତାର ଆକ୍ଷରିକ ଅନୁବାଦ ଆମ୍ଭମାନଙ୍କୁ ଡ଼ାକି ଦେଲେ । ସେ ସାଙ୍ଗେ ସାଙ୍ଗେ "Practical wisdom ।" ପ୍ରବନ୍ଧର ଓଡ଼ିଆ ନାମକରଣ କଲେ, "କର୍ମ ବିବେକ ବା ବ୍ୟବହାର ବିଚକ୍ଷଣତା ।" 'ସତ୍ୟବାଦୀ'ର ୫ମ ଭାଗ ୮ମ ୯ମ ସଂଖ୍ୟାରେ ଏହା ପ୍ରକାଶିତ ହୋଇଥିଲା । କହିବା ନିଷ୍ପ୍ରୟୋଜନ, ଏହି ଅନୁବାଦ ଆମର ଓ ବହୁ ସଙ୍ଗୀଙ୍କର ମହୋପକାର ସାଧନ କରିଥିଲା ।

ଏହା ବ୍ୟତୀତ ଆଉ କେତେ ଯେ ପ୍ରବନ୍ଧ ନୀଳକଣ୍ଠଙ୍କର ସତ୍ୟବାଦୀ ପତ୍ରିକାରେ ପ୍ରକାଶ ପାଇଥିଲା, ତାହାର ସବିଶେଷ ଆଲୋଚନା ଏଠାରେ କରାଯିବା ସମ୍ଭବ ନୁହେଁ । ସେ ସବୁ ହେଲା "ପୃଥିବୀର ଚାରି ପ୍ରଧାନ ଯୁଗ", "ଲୌକିକ ବିଜ୍ଞାନ', 'ଶିକ୍ଷାର ଭବିଷ୍ୟତ' ଏବଂ 'ଜାତୀୟତାର ଭିତ୍ତିଭୂମି' ପ୍ରଭୃତି ।

Digitized by PPRACHIN, SOA

## ନୀଳକଣ୍ଠଙ୍କ କାବ୍ୟକ କୃତି

କାବ୍ୟ କବିତା ସଂପର୍କରେ ଅନେକ କଥା କୁହାଯିବାର ଅଛି—ତାହା "କବି ଓ କାବ୍ୟ" ନାମକ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବର୍ଣ୍ଣିତ ହେବ । ଏଠାରେ ସୂଚନାରେ ଏତିକି କହିବା ଯେ, 'କୋଣାର୍କେ', ଓ 'ଖାରବେଳ' କାବ୍ୟଦ୍ୱୟ ତାର ବିଷୟବସ୍ତୁ ଆତ୍ମିକ ଓ ଆଙ୍ଗିକ ବିଭବ, ସୌଷ୍ଠବ ଓ ରଚନା ଚାତୁରୀ ଲାଗି କାଳ କାଳକୁ ନୀଳକଣ୍ଠଙ୍କ ଜ୍ଞାନ ସାଗରର ପ୍ରତୀକ ରୂପେ ବିରାଜମାନ ଥିବ । Style is the man—ରଚନାର ଭଙ୍ଗୀ ହେଉଛି ମନୁଷ୍ୟ ପ୍ରକୃତିର ଅବିଚ୍ଛେଦ୍ୟ ଅଙ୍ଗ । ଭାରତ ଇତିହାସରୁ ନାନା ଉପମା ଓ ଆଳଙ୍କାରିକ ବିନ୍ୟାସ କବି ଓ ମନୀଷୀଙ୍କର କାବ୍ୟ ରଚନାରେ ଅପୂର୍ବ ଗୁରୁତା ସମ୍ପାଦନ କରିଅଛି ।

## ରଚନା ଭଙ୍ଗୀ

ପ୍ରେମର ବିଶ୍ୱ ରହସ୍ୟଲୀଳା ଅତି ଅଦ୍ଭୁତ ଭାବରେ ତାଙ୍କ କାବ୍ୟରେ ଅଭିବ୍ୟକ୍ତ ହୋଇଅଛି । ଯଥା—

"ଭାଜି ଯାଉଥାଏ ଅଟ୍ଟାଳିକା ପୁଣି
ଉଠୁଥାଏ ହୃଦେ ବିଷାଦ ଭରି,
ସେ ବିଷାଦେ ଆଶା ଉଠଇ ପଲକେ
ପ୍ରଭାତ-କୁହେଳୀ-ତପନ-ପରି ।
ବିଷାଦଟି ସିନା ପୀରତି-ଜୀବନ
ମରଣ-ବିଷାଦେ ପୀରତି ଶୋହେ,
ଦୁର୍ଦ୍ଦିନେ ବଢ଼ଇ ଧରଣୀ-ସମ୍ପଦ,
ଶିଶିର-ବିପିନେ ମଳୟ ବହେ ।
ସନ୍ତାପେ ମୃଦୁଳ ହୁଅଇ ପରାଣ
ଅଶ୍ରୁ-ଧାରେ ପଡେ କବିତା ଝରି;
ରଜନୀରେ ସିନା ବିକଶେ ଜୋଛନା
କର୍ଦ୍ଦମେ ଉଠଇ କମଳ-ଶିରୀ ।

( ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ଭାଗ-ପୃ-୩୭୮ )

## ଜ୍ଞାନର ଗଭୀରତା

ତାଙ୍କର ବିପୁଳ, ବିରାଟ ଓ ବିସ୍ତୀର୍ଣ୍ଣ ଅଧ୍ୟୟନର ପ୍ରଭାବ ପଡ଼ିଛି ତାଙ୍କ କାବ୍ୟ କବିତା ଉପରେ । ଯଥା—

ପଠାଣ-ବିଭବ ପଡ଼ି ଦେଶେ ଦେଶେ
ଲିଭାଇଛି ତୁଙ୍ଗ-କୀରତି-କଳା;

Digitized by PPRACHIN, SOA

ନିଜସ୍ୱ ହରଇ, ପଠାଣ-ବିଭବେ
ପୂରିଅଛି ଅର୍ଦ୍ଧ-ଧରଣୀ ସାସ୍ଥ ।
'ବାଲୁକାରେ ଯଥା ଇନ୍ଦ୍ରଦ୍ୟୁମ୍ନ-ଯଶ,
ତେସନେ ଯାଇଛି ମିଶର-ଶିରୀ,
'ଭୃଙ୍ଗ ବାବିଲନ ଯାଇଛି ପଲକେ,
ଗ୍ରୁଷ୍ଟ ପତଙ୍ଗମେ ପ୍ରଦୀପ-ସରି ।
ଆରବ-ଇରାଣ- ତୁରସ୍କ ତାତାର
କଦଳୀ ବିପିନେ ପଠାଣ-ଝଂଜ୍ଞା
ବହି. ନାରଖାର କରି ସେ ଗଇଛେ
ଶୋହୁଅଛି ତହିଁ ପଠାଣ ଧ୍ୱଜା ।"

(ଏଜନ୍—ପୃଷ୍ଠା ପୃ : ୩୭୯)

ଆଫ୍ରିକା ମହାଦେଶର ମିଶର ଦେଶରେ ପ୍ରାଚୀନ ସଭ୍ୟତାର ପରଂପରା ମୁସଲମାନ ବିଜୟରେ ଛିନ୍ନ ହୋଇଅଛି । ମାତ୍ର ପ୍ରାଚୀନ କୀର୍ତ୍ତି ପିରାମିଡ଼ ଓ ରକ୍ଷିତ ଶବ ସବୁ ବର୍ତ୍ତମାନ ଆବିଷ୍କୃତ ହେବାରୁ ପ୍ରାଚୀନ ମିଶର କଥା ଲୋକେ ଜାଣୁଛନ୍ତି ।

"ପୁଣ୍ୟ ଆର୍ଯ୍ୟଭୂମି— ଲଲାଟ—ତପନେ
ଫୁଟିଅଛି କେତେ ବିପ୍ଳବ-ମସୀ;
ଗ୍ରହ-ପାତେ ଯଥା ଦୀପ୍ତ ରବି ବିମ୍ବେ
ଫୁଟଇ ବିପ୍ଳବ, ତମସେ ଦିଶି ।"

( ଏଜନ୍—ପୃ. ୩୮୦ )

ଗ୍ରହମାନଙ୍କ ଆକର୍ଷଣରେ ସୂର୍ଯ୍ୟର ଉପରିସ୍ଥ ବାଷ୍ପମଣ୍ଡଳ ଇତସ୍ତତଃ ହେବାରେ ସୂର୍ଯ୍ୟରେ କୃଷ୍ଣ ଚିହ୍ନ ପ୍ରକାଶ ପାଏ । ଦୂରବୀକ୍ଷଣରେ ଦେଖିଲେ ଏସବୁ ସୌର କଳଙ୍କ ସ୍ପଷ୍ଟ ଦେଖାଯାଏ । ଚନ୍ଦ୍ରରେ କଳଙ୍କ ଥିବା ସମସ୍ତେ ଜାଣନ୍ତି । "ନୈଷଧକାର" ଏହା ବର୍ଣ୍ଣନା କରି ଅଛନ୍ତି । ଦମୟନ୍ତୀଙ୍କ ବଦନକୁ ଅଧିକ ସୁନ୍ଦର କରିବାକୁ ବିଧାତା ଚନ୍ଦ୍ର ଦେହରୁ ମେଞ୍ଚେ ଖଣ୍ଡେ ଅମୃତ ନେଇ ତାଙ୍କ ମୁହଁରେ

Digitized by PPRACHIN, SOA

ଘଷି ଦେଲେ । ତହୁଁ ଚନ୍ଦ୍ର ବିମ୍ବରେ ଯେଉଁ ଗାତ ଖୋଳା ହେଲା, ତାରି ଭିତର ଦେଇ ଆକାଶର ନୀଳିମା ଦେଖା ଯାଉଅଛି । ଏହାକୁ ଲୋକେ ଚନ୍ଦ୍ରର କଳଙ୍କ ବୋଲି ବର୍ଣ୍ଣନା କରନ୍ତି । କିନ୍ତୁ ନୀଳକଣ୍ଠ ଏସବୁ ପ୍ରାଚୀନ ଧରଣର ଉପମାମାନଙ୍କର ସଂପୂର୍ଣ୍ଣ ବିରୋଧୀ । ସେ ଅବଶ୍ୟ ସୋନପୁର ରଜାଙ୍କ ଆର୍ଥିକ ଆନୁକୂଲ୍ୟରେ ନୈଷଧକୁ ଓଡ଼ିଆରେ ଅନୁବାଦ କରିଥିଲେ । ମାତ୍ର ନୀଳକଣ୍ଠ ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ସୌର କଳଙ୍କର ଉପମା ଏଠି ଦେବାରେ ନିଜର ବୈଶିଷ୍ଟ୍ୟ ଦେଖାଇ ନାହାନ୍ତି କି ?

ଏହିପରି ଭାବରେ ଦ୍ୟୁଲୋକ ଓ ଗଗନ ରାଜ୍ୟରୁ ବିଚିତ୍ର ଉପମା ଓ ବୈଜ୍ଞାନିକ ତଥ୍ୟ ଦେଇ କାବ୍ୟ ରଚନା କରିବାରେ ନୀଳକଣ୍ଠଙ୍କ ଲେଖନୀ ଅଦ୍ୱିତୀୟ । ଏଥିରେ ତାଙ୍କର ପ୍ରତିଭା ଓ ପ୍ରଜ୍ଞା ଜାଜ୍ୱଲ୍ୟମାନ ।

ପୁଣି କରୁଣ ରସ କାବ୍ୟ, କବିତାର ଏକ ପ୍ରଧାନ ଅଙ୍ଗ—ତାହାର ଏକ ଉଦାହରଣ ଦେବା ଏଠି ଅସଙ୍ଗତ ହେବ ନାହିଁ । ତାଙ୍କର ବନ୍ଧୁ, ସଖା ପୁଣି କର୍ଣ୍ଣଧାର ପଣ୍ଡିତ ଗୋପବନ୍ଧୁଙ୍କ ବିୟୋଗରେ ନୀଳକଣ୍ଠ ଲେଖିଥିଲେ—

"ଏ ଦେଶେ ଆହେ କରମ ବୀର
 କି ଭାଷେ ଗାଇବୁ ତବ କୀରତି ଚିର ।
ଏଇ ତବ କର୍ମ ଭୂଇଁ
ଏଥି ତ ହେ ଅଛ ଶୋଇ
 କାହିଁକି ନୀରବ ଥରେ ଫିଟାଅ ଗୀର ।
ସେ ଗୀରେ ନାଚୁ ଏ ମହୀ
ଭାବ ବିଂଚି ଯାଉ ବହି
 କରମ ମନ୍ତରେ ପୂରି ଉଠୁ ଗ୍ରାମ ନଗର ।
ସ୍ମୃତିରେ ପ୍ରତୀତି ମିଶୁ
ଯୁବ ଭାବେ ଧରା ହସୁ
 ଆହେ ଗୋପବନ୍ଧୁ ତୁମେ ଚିର ଅମର ।"

ବନ୍ଧୁ ବିଛେଦରେ ବାହୁନି କାନ୍ଦିଲା ପରି ପ୍ରାଣର କି ମୂର୍ଚ୍ଛନା ଏଥିରେ ପ୍ରକାଶିତ—ଥରେ ହେଲେ ପାଟି ଫିଟାଅ କଥା ପଦେ କହ ବୋଲି କି କାତର ମିନତି !

Digitized by PPRACHIN, SOA

ଏଇଠି ଓଡ଼ିଶାର ବିଶିଷ୍ଟ କବି, ଯାହାଙ୍କ ଲେଖନୀ-ନିଃସୃତ ସଙ୍ଗୀତରେ ଦେଶବାସୀ ତନ୍ମୟ ହୋଇ ଉଠୁଥିଲେ, ସେଇ ଜାତୀୟ କବି, ନୀଳକଣ୍ଠଙ୍କ ଗୁରୁ-ଭକ୍ତ ଛାତ୍ର ବୀରକିଶୋର ତାଙ୍କ ବିୟୋଗରେ ବ୍ୟଥିତ ହୋଇ ଯେଉଁ କବିତା ଲେଖିଥିଲେ, ତହିଁରେ ପ୍ରଥମ ଦୁଇ ପଂକ୍ତି ଉଲ୍ଲେଖନୀୟ । ତାହାହେଲା,

"ଯେତେ ଭୁଲାଇଲେ ନ ଭୁଲେ ମୋ ମନ
ଆଖି ଆଗେ ତୁମେ ଯାଉଚ ଦିଶି,
କାହିଁ ଆସି ତୁମେ କାହିଁ ଚାଲିଗଲ
କାହା ସାଥେ ଗୁରୁ ରହିଲ ମିଶି ।
ଥିଲ ତୁମେ ଆମ ଦେଶ ଅଭିଧାନ
ହେତୁ ହେଲ ବିନୁ ସଦା ଦେଶ ପ୍ରାଣ
ଉଆଁସ ନିଶିରେ ମଶାଲ ଜଳାଇ
ଆଗୁଆ ହୋଇଲ ଯୁଗ ମନୀଷୀ ।"

କବିତା ଦୁଇଟିର ତୁଳନା ଆମର ଉଦ୍ଦେଶ୍ୟ ନୁହେଁ—ମାତ୍ର ଧୈର୍ଯ୍ୟଶାଳୀ, ସ୍ଥିତପ୍ରଜ୍ଞ ନୀଳକଣ୍ଠଙ୍କ ଚିନ୍ତାର ଉତ୍କର୍ଷ ଓ ଭାଷା ବିନ୍ୟାସର ଚମତ୍କାରିତା ଉପରୋକ୍ତ କବିତାରେ ଅଧିକ ସୁସ୍ପଷ୍ଟ ନୁହେଁ କି ?

ପଣ୍ଡିତ ନୀଳକଣ୍ଠଙ୍କ ସମଗ୍ର ସାହିତ୍ୟ ସୃଷ୍ଟିର ଅନୁଧ୍ୟାନ କଲେ ଜଣାଯାଏ, ଗବେଷଣା ମୂଳକ ପ୍ରବନ୍ଧ ହେଉ ବା ଆଲୋଚନାତ୍ମକ ଗ୍ରନ୍ଥ ହେଉ, ସୃଷ୍ଟି ଧର୍ମୀ କାବ୍ୟ କବିତା ହେଉ ବା ଅନୁବାଦ ମୂଳକ ରଚନା ହେଉ, ପ୍ରତ୍ୟେକ ସୃଷ୍ଟିରେ ତାଙ୍କର ମନୀଷା ଅନନ୍ୟ ସାଧାରଣ ।

## ପ୍ରେରଣାର ଅଫୁରନ୍ତ ଉତ୍ସ ନୀଳକଣ୍ଠ

ନୀଳକଣ୍ଠ କେବଳ 'ସତ୍ୟବାଦୀ' ମାସିକ ପତ୍ରିକାର ମୁଖ୍ୟ ଲେଖକ ନଥିଲେ, ସେ ଥିଲେ ସତ୍ୟବାଦୀ ସ୍କୁଲର ଶିକ୍ଷକମାନଙ୍କର ବିରଚିତ ପୁସ୍ତକମାନଙ୍କର ଉତ୍ସାହଦାତା ଓ ପୃଷ୍ଠପୋଷକ । ୧୯୧୮ ମସିହା ବେଳକୁ ସ୍କୁଲର ଶିକ୍ଷକମାନେ ଯେଉଁ ବହି ସବୁ ପ୍ରଣୟନ କରିଥିଲେ, ତାହାର ଗୋଟିଏ ତାଲିକା ନିମ୍ନରେ ପ୍ରଦତ୍ତ ହେଲା—

Digitized by PPRACHIN, SOA

୧ । ପୁରୁଷୋତ୍ତମ ଦେବ (ନାଟକ) ।

୨ । ବାରବାଟୀ (ଇତିହାସ) ।

୩ । ମଡେଲ ଡ୍ରଇଁ ପୁସ୍ତକ (ପାଠ୍ୟପୁସ୍ତକ ରୂପେ ନିର୍ବାଚିତ)

୪ । Passages for Translation (with copious hints and Instructions) Sole Agent-- Students' Stores, Saiyabadi.

୫ । ପ୍ରବନ୍ଧ ପ୍ରବେଶ ।

କିନ୍ତୁ ଏ ପୁସ୍ତକମାନଙ୍କର ପ୍ରଣେତା ଭିନ୍ନ ଭିନ୍ନ ଶିକ୍ଷକ ହେଲେ ମଧ୍ୟ ନୀଳକଣ୍ଠଙ୍କର ଅମୀୟ ଅଙ୍ଗୁଳି ସ୍ପର୍ଶରେ—ତାଙ୍କର ଅନନ୍ୟ ସାଧାରଣ ମନୀଷାରେ କିପରି ପ୍ରଭବିବ, ତାହା ଅନେକ ପାଠକ ଜାଣନ୍ତି ନାହିଁ । ନୀଳକଣ୍ଠଙ୍କ ବିନା ପରାମର୍ଶରେ କେହି କୌଣସି ବହି ଲେଖନ୍ତି ନାହିଁ । ନୀଳକଣ୍ଠଙ୍କର ବିନ ଶୁଭ ସୂଚନାରେ କୌଣସି ଗ୍ରନ୍ଥ ବାହାରର ଆଲୋକ ଦେଖି ପାରେ ନାହିଁ । ଏହାହିଁ ସେତେବେଳର ସତ୍ୟବାଦୀ ବନ ବିଦ୍ୟାଳୟର ରୀତି ଥିଲା ।

ପ୍ରଥମେ ଗୋଦାବରୀଶ ମିଶ୍ରଙ୍କ "ପୁରୁଷୋତ୍ତମ ଦେବ" ନାଟକ କଥା ବିଚାର କରଯାଉ । ଗୋଦାବରୀଶ ସତ୍ୟବାଦୀ ବିଦ୍ୟାଳୟରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ବାଚିତ ହୋଇ କଲିକତାର David Hare Training Collegeକୁ B.T. ପଢିବା ପାଇଁ ପଠାହେଲେ । ସେ ସେଠାରେ ଅବସ୍ଥାନ କରିବା ସମୟରେ ପୁରୁଷୋତ୍ତମ ଦେବ ନାଟକ ଲେଖିଥିଲେ । ବହିଟି ଉତ୍ସର୍ଗ କରିଥିଲେ "ଉତ୍କଳ ସାହିତ୍ୟ"ର ପ୍ରବୀଣ ସଂପାଦକ ଶ୍ରୀ ବିଶ୍ୱନାଥ କରଙ୍କୁ । ଏ ବିଷୟରେ ଗୋଦାବରୀଶ ଯାହା ଉଲ୍ଲେଖ କରି ଅଛନ୍ତି, ତାହା ଉଦ୍ଧାର କରଯାଉ । "ମୁଁ କଲିକତାରେ ପୁରୁଷୋତ୍ତମ ଦେବ ନାଟକ ଲେଖିଥିଲି । ମୋର ଧାରଣା ଜନ୍ମିଥିଲା ଯେ, ସାହିତ୍ୟ ଲେଖା ମୁଁ ଉତ୍କଳ ସାହିତ୍ୟ ସଂପାଦକ ବିଶ୍ୱନାଥ କରଙ୍କ ଠାରୁ ଶିଖିଥିଲି । ତେଣୁପାଇଁ ମୋର ପ୍ରଥମ ସାହିତ୍ୟ ଲେଖା ନାଟକ ଖଣ୍ଡି 'କର' ମହାଶୟଙ୍କୁ ଉତ୍ସର୍ଗ କରିବାକୁ ବସିଲି । ମୁଁ ଭାବି ନଥିଲି ଯେ, ନୀଳକଣ୍ଠ ବାବୁଙ୍କ ଅନ୍ତରୁ ସେଥିରେ ଆପତ୍ତି ହେବ । ମୋର ଯେ ପୂର୍ଣ୍ଣ ସ୍ୱାଧୀନତା ନାହିଁ, ମୁଁ ସେଦିନ ଅନୁଭବ କଲି । ମୁଁ କଲିକତାରେ ଖଣ୍ଡିଏ ଛୋଟିଆ ଇଂରେଜୀ ପଦ୍ୟ ବହି ସଂକଳନ କରିଥିଲି । ମୁଁ ଟ୍ରେନିଂ ପଢି ସାରି ସତ୍ୟବାଦୀରେ ପହଂଚିଲା ପରେ ତାହା ଛପା

Digitized by PPRACHIN, SOA

ହୋଇ ଆସିଲା । ମୁଁ ସେଥିରୁ ଖଣ୍ଡିଏ ନେଇ ନୀଳକଣ୍ଠ ବାବୁଙ୍କୁ ଆଗ୍ରହରେ ଉପହାର ଦେବାକୁ ଗଲି; କିନ୍ତୁ ସେ ଦେଖୁ ଦେଖୁ ଫିଙ୍ଗି ଦେଲେ । ମୁଁ ଅପରାଧୀ ପରି ମୁହ କଳା ପକାଇ ଫେରି ଆସିଲି ।"

କେହି କେହି ନୀଳକଣ୍ଠ ବାବୁଙ୍କୁ ସେଥିପାଇଁ ପରଶ୍ରୀକାତରର ଦୋଷରେ ଦୁଷ୍ଟ କରି ପାରନ୍ତି । କିନ୍ତୁ ଯେଉଁମାନେ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷା ଓ ସାହିତ୍ୟ ସାଧନା କଥା ଜାଣନ୍ତି, ସେମାନେ କହିବେ—ଏହା ପରଶ୍ରୀକାତରତା ନୁହେଁ । ପରନ୍ତୁ ପରମଂଗଳ ତତ୍ପରତା । କାରଣ ବିଶ୍ୱନାଥ କର ଖାଣ୍ଟି ଓଡ଼ିଆ ଜାଣନ୍ତି ନାହିଁ । ସେ ଓଡ଼ିଆ ସହିତ ବଙ୍ଗ ଭାଷା ମିଶାଇ କହନ୍ତି । ତାଙ୍କୁ ନ ପଚାରି କରଙ୍କୁ ଉତ୍ସର୍ଗ କରିବା ଠିକ୍ ହୋଇନାହିଁ । ପରହିତୈଷିଣୀ ବିଶ୍ୱନାଥ କରଙ୍କ ପାଖରେ ଦମ ଥିଲା ବୋଲି ନୀଳକଣ୍ଠଙ୍କର ବିଶ୍ୱାସ ଥିଲା । ଥରେ ଦୁର୍ଭିକ୍ଷ ସକାଶେ ଚାନ୍ଦା ଆଦାୟ କରିବା ନିମନ୍ତେ ନୀଳକଣ୍ଠ ପ୍ରଭୃତି ଉତ୍ସାହୀ ଛାତ୍ରମାନେ କରଙ୍କ ପାଖକୁ ଯାଇଥିଲେ । ସେତେବେଳେ ବର୍ଷା ହେଉଥାଏ । ବିଶ୍ୱନାଥ କର ଭଲ ଧୋତି ଓ ପଞ୍ଜାବି ପିନ୍ଧିଥିଲେ । ସେ ନୀଳକଣ୍ଠଙ୍କୁ କହିଲେ, "ତୁମେ ସବୁ ପିଲେ ଯାଅ, ମୁଁ ଏ ବର୍ଷାରେ ଯାଇ ପାରିବି ନାହିଁ ।" ଇଂରେଜୀ କବିତା ବହି ଏପରି ଉପେକ୍ଷାର ସହିତ ଫିଙ୍ଗି ଦେବା'ର ଯଥାର୍ଥ କାରଣ ନଥିଲା । ହୁଏତ ନୀଳକଣ୍ଠ ବାବୁ ଯେଉଁ କବିତାକୁ ପସନ୍ଦ କରନ୍ତି ନାହିଁ, ଭାବବିଳାସୀ ଗୋଦାବରୀଶ କେତେକ ବାକ୍ୟ ସେ ବହିରେ ଦେଇଥିବେ । ସେ ଯାହାହେଉ, ଏ ସମସ୍ତ ସତ୍ତ୍ୱେ ନୀଳକଣ୍ଠ ଯେ ସ୍ୱଭାବତଃ ପ୍ରଚଣ୍ଡ କ୍ରୋଧୀ ଥିଲେ ଏ କଥା କେହି ଅସ୍ୱୀକାର କରିବେ ନାହିଁ ।

କିନ୍ତୁ ଏହାର ଅପର ପାର୍ଶ୍ୱ ଏଠାରେ ଆଲୋଚନା କରଯାଉ । ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ଉଲ୍ଲେଖ କରିଛନ୍ତି, "ପୁରୁଷୋତ୍ତମ ଦେବ"ରୁ ବିଷୟାଂଶ-ମାନ ବାଛି ଗଣେଶ ଓ ସରସ୍ୱତୀ ପୂଜାରେ ପିଲାଙ୍କ ଅଭିନୟ କରାହୁଏ । ଦରକାର ଅନୁସାରେ ସେହି ଅଭିନୟ ଦେଖି ଭାଷା ଓ ପ୍ରକାଶ୍ୟ ଭଙ୍ଗୀରେ ସଂଶୋଧନମାନ ମଧ୍ୟ କରାଯାଏ । ଥରେ ଏହିପରି ଗୋଟିଏ ଅଭିନୟର ଆବୃତ୍ତି (Rehearsal) ଦେଖୁ ଦେଖୁ ମତେ ଲାଗିଲା, ସେଠାରେ ଗୋଟିଏ ସୈନିକ ପଦନିକ୍ଷେପଗତ ଗୀତ (Marching song) ଯୋଡ଼ା ହେବା ଦରକାର । ସେକଥା ମୁଁ କହିଲି । ଗୋଦାବରୀଶ ମୋତେ ଅନୁରୋଧ କଲେ । ଏଇପରି ଗର୍ଣ୍ଣି ସର୍ଣ୍ଣି ବେଳମାନଙ୍କରେ ଯେତେବେଳେ ମତେ ନୂଆ କଥା କରିବାର ହୁଏ, ସେତେବେଳେ ମୁଁ ପାଇଖାନା

Digitized by PPRACHIN, SOA

ଗ୍ଲିଯାଏ । ମୁଁ ଗଲି । ତାପରେ ମୋ ମନେ ଅଛି, ସେ ଆଉ ଆସି ହଠାତ୍ ଡାକି ଦେଲି,

"ରଂଜିତ ଅସିଧାରେ
ଶତ୍ରୁ ରକ୍ତ ଗାରେ
ଲେଖ ଆଜି ବିଜୟ ବିଭବ ଜନ୍ମ ଭୂମି ଭାଲେ
ନିର୍ମଳ ଦିଶୁ ଧ୍ୱାଂତ ଗଗନ
ବର୍ଷୁ ତପନ ପୁଣ୍ୟ କିରଣ ।"

ଏତିକି କହୁ କହୁ ସ୍ୱାଧୀନଚେତା – ବିଶେଷତଃ ଭାଷାରେ ସେହି ସ୍ୱାଧୀନତାର ଅବତାର— ଗୋଦାବରୀଶ କହି ଉଠିଲେ, "ଭାଇନା (ମେତେ ସେ ଭାଇନା ବୋଲି ଡ଼ାକୁଥିଲେ ।) ତମେ ସଂସ୍କୃତ ଗୁରୁ ଲଘୁରେ ଏତେ ଜୋର ଦିଅ ନାହିଁ । ଓଡ଼ିଆ ଲୋକେ କହିବେ, ଓଡ଼ିଆରେ କହିବେ ।" ସେଠାରୁ ସେ ତୃତୀୟ ଧାଡ଼ିରେ ଗୋଟିଏ 'ହେ' ଲଗାଇ କହିଲେ,– 'ଲେଖ ହେ ଆଜି ବିଜୟ ବିଭବ ଜନ୍ମଭୂମି ଭାଲେ ।" ଏଥିରେ 'ହେ' ଓ 'ଆ' ଦୁଇଟି ଯାକ ଉଚ୍ଚାରଣରେ ହ୍ରସ୍ୱ ହୋଇଗଲା । ଓଡ଼ିଆରେ ତାହ ହିଁ ହେବା କଥା । ସେଠାରୁ ସେ ଓ ମୁଁ ଦୁହେଁ ମିଶି ଲେଖିଲୁ,

"ନିର୍ମଳ ଆଜି ଧ୍ୱାଂତ ଗଗନ
ବର୍ଷେ ତପନ ପୁଣ୍ୟ କିରଣ,
ଶତ୍ରୁ ଆଜି ଦଳିତ ଚରଣେ ଛିନ୍ନ ଏ କରବାଳେ ।"

× × ×

ସାହିତ୍ୟ ଚର୍ଚ୍ଚା ଓ ସାହିତ୍ୟର ଏ ଖାତିରି ସଙ୍ଗେ ଏ ପ୍ରତିଭା ଅସାମାନ୍ୟ ନୁହେଁ କି ?

ଏ ବିରୋଧ ମଧ୍ୟରେ ଯେଉଁ ସମନ୍ୱୟ ଘଟେ, ତାହା ନୀଳକଣ୍ଠଙ୍କର ସାହିତ୍ୟିକ ମହତ୍ତ୍ୱର ପରିଚୟ ଦିଏ । ଯେଉଁ ଆଧୁନିକ ସଭ୍ୟ ଲୋକଗଣ କହନ୍ତି, 'ଏ ସତ୍ୟବାଦୀର ପଞ୍ଚସଖା'ର ଅର୍ଥ କଣ ? ଏହାଙ୍କ ମଧ୍ୟରେ କାହାରି କାହାରି ସହିତ ସମନ୍ୱୟ ନ ଥିଲା । ଯାହା ମନକୁ ଯାହା ଆସିଲା ସେ ତାହା ଲେଖିଗଲେ । ଗୋଦାବରୀଶଙ୍କ 'ଆଲେଖିକା', ନୀଳକଣ୍ଠଙ୍କ 'କୋଣାର୍କେ' ଏବଂ କୃପାସିନ୍ଧୁଙ୍କ 'କୋଣାର୍କ' ଏମାନଙ୍କ ମଧ୍ୟରେ କି ସାମଞ୍ଜସ୍ୟ ଅଛି ? ସେମାନଙ୍କୁ ଆମର ଉତ୍ତର ହେଉଚି, ଅଛି— ବିରାଟ ସାମଞ୍ଜସ୍ୟ ଏହି ସାହିତ୍ୟ-ସାଧନାର ପଶ୍ଚାତରେ ବିଦ୍ୟମାନ । ପୁଞ୍ଜିଭୂତ ସାହିତ୍ୟ-ସାଧନାରୁ ଏହି ସାହିତ୍ୟିକ ସାଧନାର ଉନ୍ମେଷ । ସର୍ବତ୍ର ଏହି

Digitized by PPRACHIN, SOA

ଉଦ୍ୟମରେ ନୀଳକଣ୍ଠ ଅଗ୍ରଗାମୀ । ସେ ନ ଥିଲେ ହୁଏତ 'ସତ୍ୟବାଦୀ' ମାସିକ ପତ୍ରିକାର ଅଭ୍ୟୁଦୟ ହୋଇ ନ ଥାନ୍ତା, କି ସତ୍ୟବାଦୀ ସାହିତ୍ୟ ବୋଲି ଗୋଟିଏ ସାଂସ୍କୃତିକ ଅନୁଷ୍ଠାନ ନଥାନ୍ତା ।

ପୁଣି ନୀଳକଣ୍ଠ ତାଙ୍କ 'ଆତ୍ମ ଜୀବନୀ'ର ପରିଶିଷ୍ଟରେ ଲେଖି ଅଛନ୍ତି, "ଗୋଦାବରୀଶ ଓ କୃପାସିନ୍ଧୁ ଯାହା ଲେଖନ୍ତି, ସେ ଦୁହେଁ ମୋତେ ଦେଖାଇ ମୋ ସଙ୍ଗେ ଆଲୋଚନା କରି ତାକୁ ବେଳେ ବେଳେ ପୂର୍ଣ୍ଣାଙ୍ଗ କରନ୍ତି । ଆଜି ମଧ୍ୟ ମନେ ଅଛି, କୃପାସିନ୍ଧୁ ବିଶନ୍ ସ୍ୱରୂପଙ୍କ 'କୋଣାର୍କ' ପୁସ୍ତକରେ ଅର୍କକୋଣ ସଂପର୍କରେ ସୂର୍ଯ୍ୟଙ୍କର ଗତି ଓ ସ୍ଥିତି ବିଷୟରେ ସୂର୍ଯ୍ୟର ଯେଉଁ ପଶ୍ଚିମରୁ ପୂର୍ବକୁ ଗତି (Law of Precession) ବିଷୟ ହିସାବ କରଯାଇଥିଲା, ତା ବୁଝି ନ ପାରି ମୋ ପାଖକୁ ଆସିଥିଲେ । ମୁଁ ବୁଝାଇ ଦେବା ପରେ ସେ, ସେ ଅଂଶଟି ଲେଖି ତାଙ୍କ ନିଜ ପୁସ୍ତକରେ ସଂଶୋଧନ କରି ପୁଣି ଲେଖିଥିଲେ ।"

ଏହି ପରିଶିଷ୍ଟରେ ସେ ପୂର୍ବରୁ ଲେଖି ଅଛନ୍ତି, "ସୂଚନାରେ କହିଚି, ସତ୍ୟବାଦୀରେ ସେତେବେଳେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ ଶୈଳୀ ବାହାର କରିବା ଆମ କଳ୍ପନାରେ ଖୁବ୍ ଥିଲା ।" 'ବାଟବୋଟୀ' ପୁସ୍ତକଟି ଶ୍ରୀ କୃପାସିନ୍ଧୁ ମିଶ୍ର ସତ୍ୟବାଦୀ ସ୍କୁଲକୁ ଆସିବା ପୂର୍ବରୁ ଲେଖି ଥିଲେ ।

## ମଡ଼େଲ ଡ୍ରଇଁ ପୁସ୍ତକ

ଏହା ଉତ୍କଳର ଶିକ୍ଷା-ପ୍ରଣାଳୀ ପ୍ରତି ନୀଳକଣ୍ଠଙ୍କର ଗୋଟିଏ ଆକସ୍ମିକ ଅବଦାନ । ମାତ୍ର ସେଥିରେ ସେତେବେଳର ଛାତ୍ର ସମାଜ ଯେ ବିଶେଷ ଉପକୃତ ହୋଇଥିଲେ, କହିବାବାହୁଲ୍ୟ ମାତ୍ର । ତାଙ୍କର ନିଜ ଭଷାରେ ଏହା ବ୍ୟକ୍ତ କରଯାଉ, ଇନସପେକ୍ଟର ମାକୋଂବି ସାହେବ କ୍ଲାସ ଦେଖୁ ଦେଖୁ ମାଇନର ଶେଷ କ୍ଲାସର ଜଣେ ଛାତ୍ରର ମଡ଼େଲ ଡ୍ରଇଁ ଦେଖି ବଡ଼ ଆଗ୍ରହ ପ୍ରକାଶ କରିଥିଲେ । ଏ ମଡ଼େଲ ଡ୍ରଇଁ ଶିକ୍ଷାର ଗୋଟିଏ କ୍ଷୁଦ୍ର ଇତିହାସ ଅଛି । ଦିନେ ସ୍କୁଲର ହେଡ ପଣ୍ଡିତ କହିଲେ, "ମାଇନର କ୍ଲାସରେ ମଡେଲ ଡ୍ରଇଁ ପରୀକ୍ଷା ଦେବାର ଗୋଟିଏ ବ୍ୟବସ୍ଥା ହେଲାଣି. ମଡ଼େଲ ଡ୍ରଇଁ ଶିଖିବା ପାଇଁ ଆମକୁ ଆପଣ କଟକ ନରମାଲ ସ୍କୁଲକୁ ପଠାନ୍ତୁ । ନୋହିଲେ ଆମେ ଶିଖାଇ ପାରିବୁ ନାହିଁ ।

ମୁଁ ଟିକିଏ ଚୁପ ରହିଲି ଓ ତା ପରେ କହିଲି, 'ହଉ ମୁଁ ନିଜେ ଶିଖାଇବି ।" ତା' ପରେ ମୁଁ ଚକ୍ଷୁ ବିଜ୍ଞାନ ସମ୍ବନ୍ଧୀୟ ବହି (Optics) ମଗାଇ ସେହି ବହିରୁ

Digitized by PPRACHIN, SOA

ଦେଖି ପନ୍ଦରଟି ପାଠ ଦେଲି । ସେହି ପନ୍ଦରଟି ପାଠର ଫଳରେ ଛାତ୍ରମାନେ ଭଲ ମଡ଼େଲ ଡ୍ରଇଁ କରି ପାରୁଥିଲେ । ମୁଁ ସେ କଥାଟି ଇନସ୍‌ପେକ୍‌ଟର ମାକେଂଜି ସାହେବଙ୍କ ବର୍ଣ୍ଣନା କରି କହିଦେଲି । ସେ ଟିକିଏ ଆଶ୍ଚର୍ଯ୍ୟ ହେଲା ପରି ମୋତେ କହିଲେ, "ଆପଣ ଏ ପନ୍ଦରଟି ପାଠ ପୁସ୍ତକରେ ଛପାଇ ଦିଅନ୍ତୁ, ଦରକାରରେ ଆସିବ ।"

"ମୁଁ ସେଇ ପନ୍ଦରଟି ପାଠ ସମ୍ବଳିତ ପୁସ୍ତକକୁ 'A hand book of model Drawing' ନାମରେ ଛପାଇ ଦେଲି । ପରେ ସେହି ପୁସ୍ତକ ସବୁ ସ୍କୁଲ ପାଇଁ ପାଠ୍ୟ ରୂପେ ମନୋନୀତ ହୋଇଥିଲା ।"

ସତ୍ୟବାଦୀର 'Satyabadi store'ରେ ୧୯୧୮ରେ ଯେଉଁ ସବୁ ପୁସ୍ତକ ବିକ୍ରି ହେବା ନିମନ୍ତେ ରଖିତ ହୋଇଥିଲା, ତାହାର ସଂଖ୍ୟା କ୍ରମେ ବୃଦ୍ଧି ପାଇବାକୁ ଲାଗିଲା । ୧୯୧୯ରେ ନୀଳକଣ୍ଠଙ୍କର ଅନୁବାଦିତ କାବ୍ୟଗ୍ରନ୍ଥ 'ପ୍ରଣୟିନୀ' କୃପାସିନ୍ଧୁ ମିଶ୍ରଙ୍କର 'କୋଣାର୍କ' ଏବଂ A short history of England ଏବଂ ଗୋଦାବରୀଶଙ୍କ 'ମୁକୁନ୍ଦଦେବ' ନାଟକ ପ୍ରଭୃତି ବିକ୍ରି ନିମନ୍ତେ ବିଜ୍ଞାପନ ଦିଆଗଲା ।

## Passages for Translation

୧୯୧୮ରେ ଆଚାର୍ଯ୍ୟ ହରିହରଙ୍କ ଦ୍ୱାରା ପ୍ରକାଶିତ "Passage for Translation" ବହି ମୁଦ୍ରିତ ହେଲା । ଏଥିର ଗ୍ରନ୍ଥକର୍ତ୍ତା କିଏ, ତାଙ୍କର ନାମୋଲ୍ଲେଖ ପର୍ଯ୍ୟନ୍ତ ନାହିଁ । ଏହାର ମୁଖ୍ୟ କର୍ତ୍ତା ଅବଶ୍ୟ ନୀଳକଣ୍ଠ । କିନ୍ତୁ ଉପର ଶ୍ରେଣୀମାନଙ୍କରେ Translation ନେଉଥିବା ଶିକ୍ଷକ ଗୋଦାବରୀଶ ଓ କୃପାସିନ୍ଧୁଙ୍କର ଏଥିରେ ସକ୍ରିୟ ସହଯୋଗ ଥିଲା । ତିନିହେଁ ଏକତ୍ର ମିଳିତ ହୋଇ ଇଂରେଜୀ କରିବାକୁ ଦିଆ ଯାଇଥିବା ଓଡ଼ିଆ ଅନୁଚ୍ଛେଦ ଗୁଡ଼ିକ ଠିକ୍ କରୁଥିଲେ । ତେବେ ଲୋକଲୋଚନ ଅଗୋଚରରେ ଯେତିକି ଛପା ଯାଇଥିଲା ସେତିକି । ବାକି ତକ Dining Hall ପାଖରେ ଥିବା ଗୋଟିଏ ଘର ଘରେ ରଖିତ ଥିଲା । କିନ୍ତୁ ଦୈବ ଦୁର୍ବିପାକରୁ ସେ ଘରେ ନିଆଁ ଲାଗି ସମସ୍ତ ପୁସ୍ତକ ପୋଡ଼ି ଭସ୍ମସାତ୍ ହୋଇଗଲା । ଏବେ କାହ ରି କାହାରି ପାଖେ ଖଣ୍ଡେ ଅଧେ ଥାଇପାରେ ।

ଏ ପୁସ୍ତକ ପ୍ରକାଶର ଇତିହାସ ହେଲା - ୧୯୧୮ କିମ୍ବା ୧୯୧୯ ମସିହା ବେଳକୁ ଓଡ଼ିଶାର ମାଟ୍ରିକ ପରୀକ୍ଷା ପାଟନା ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ହେଉଥିଲା ।

Digitized by PPRACHIN, SOA

ଏବପରି ସେତେବେଳେ ମାଟ୍ରିକ ପରୀକ୍ଷା ପାଇଁ କୌଣସି ଇଂରେଜୀ ପାଠ୍ୟ ପୁସ୍ତକ ନ ଥିଲା । ପ୍ରଥମ ପେପରରେ କେବଳ Translationରେ ଥିଲା ୭୦ ନମ୍ବର । ୨୦୦ରୁ କେବଳ ୭୦ ନମ୍ବର Translationରେ; ତେଣୁ ଛାତ୍ରମାନଙ୍କର ଶିରୋବ୍ୟଥା ଏବଂ ଶିକ୍ଷକମାନଙ୍କର ଗୁରୁ ଦାୟିତ୍ୱ । ପ୍ରଥମେ ପ୍ରଥମେ ଛାତ୍ରମାନଙ୍କୁ ଶିକ୍ଷକମାନେ ଗୋଟିଏ ଓଡ଼ିଆ ଅନୁଚ୍ଛେଦ ଡ଼ାକି ଦିଅନ୍ତି । ଛାତ୍ରମାନେ ଖାତା ଦେଖାଇଲା ବେଳେ ଶିକ୍ଷକମାନେ ଠିକ୍ ଠିକ ଶବ୍ଦ କାଟି ସେମାନଙ୍କ ଖାତାରେ ଲେଖି ଦିଅନ୍ତି । ଏହାଦ୍ୱାରା ଛାତ୍ରମାନଙ୍କର ବିଶେଷ କିଛି ଉପକାର ହେଉ ନଥିଲା । Passages for Translation ବହିର ସଂକଳନ ସମ୍ବନ୍ଧରେ ଜୁନ୍ ପହିଲା ୧୯୧୮ ମସିହାରେ ହରିହର ଦାସଙ୍କର ସ୍ୱାକ୍ଷରର ଲେଖା ଅଛି,

"This is a new book in Orissa, meant for high r class Students of High Schools. The general method found in Bengali Translation books has not been followed in this. We suppose, on this account, the book will be more helpful to students. It embodies the class notes of our teachers, who, it must be acknowledged, had taken great pains to make those suitable to them. It was found that our boys profited very much by the adoption of this plan. The boys were given the passages to translate; and after they did so, hints and instruction were given to them. They corrected their work in the light of these hints and then submitted their paper to be looked over. As this plan of translation succeeced so well with our boys, our desire is that student who use the books will follow our plan and resist the temptation of turning to the hints before they have finished a para "

ଏହି ଅନୁଚ୍ଛେଦର ଅନୁବାଦ ନିଷ୍ପ୍ରୟୋଜନ ।

ସତ୍ୟବାଦୀ ବିଦ୍ୟାଳୟରେ ପ୍ରଚଳିତ ଶିକ୍ଷା ପଦ୍ଧତିର ଏ ଗୋଟିଏ ଅଂଶ ମାତ୍ର । ଏହାର ଅଭିନବତ୍ୱ ପ୍ରଧାନ ଶିକ୍ଷକ ନୀଳକଣ୍ଠଙ୍କର ଶିକ୍ଷାର ଆଭିମୁଖ୍ୟରୁ ପ୍ରସୂତ । 'Passages for Translation'ଗୋଟିଏ ଅତି ଶ୍ଳାଘନୀୟ,

Digitized by PPRACHIN, SOA

ଆକର୍ଷଣୀୟ ଓ ମନୋଜ୍ଞ ସାହିତ୍ୟ ପୁସ୍ତକ । ଏଥିରେ ଅବଶ୍ୟ କେଉଁ ଅନୁଚ୍ଛେଦ ସହିତ ଅନ୍ୟ କୌଣସି ଅନୁଚ୍ଛେଦର ମୌଳିକ ସମ୍ବନ୍ଧ ନାହିଁ । ତଥାପି ସାହିତ୍ୟ ଜିଜ୍ଞାସୁ ଓ ପିପଠିଷୁ ଛାତ୍ରମାନଙ୍କର ଜ୍ଞାନ-କୋଷ ଅଭିବୃଦ୍ଧି କରିବାରେ ଏହା ଯେ ଯଥେଷ୍ଟ ସାହାଯ୍ୟ କରିବ, ଏଥିରେ ଆମ୍ଭର ଅଣୁ ମାତ୍ର ସନ୍ଦେହ ନାହିଁ । ସତ୍ୟବାଦୀ ସ୍କୁଲର ଚିନ୍ତା, ଆଦର୍ଶ ଓ ଶିକ୍ଷା ପଦ୍ଧତି ସଂପର୍କୀୟ ବହୁ ଅନୁଚ୍ଛେଦ ଏ ବହିରେ ଅଛି । ସତ୍ୟବାଦୀ ସ୍କୁଲର ନବ ନବ ଚିନ୍ତାଧାର ସହିତ ଇତିହାସ, ଭୂଗୋଳ, ବିଜ୍ଞାନ, ସୌର ଜଗତ ଓ କୋଣାର୍କର ସ୍ଥାପତ୍ୟ ବିଷୟକ ଅନୁଚ୍ଛେଦ ଗୁଡ଼ିକ ଛାତ୍ରମାନଙ୍କୁ ଅଲକ୍ଷିତ ଭାବରେ ଏହାର ଆଦର୍ଶ-ପ୍ରଣାଳୀ ସହିତ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ଇଂରେଜୀ ଭାଷାର ଅଭିବୃଦ୍ଧି ସାଧନ କରିବ । ଏହି ବହିର Passage ସବୁ ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ', ଗୋଦାବରୀଶଙ୍କ 'ମୁକୁନ୍ଦ ଦେବ' ନାଟକର ସଂଳାପ, କୃପାସିନ୍ଧୁ ମିଶ୍ରଙ୍କ 'କୋଣାର୍କ' ଏବଂ ବ୍ୟାସକବି ଫକିର ମୋହନ ସେନାପତିଙ୍କ 'ମାମୁଁ' ଉପନ୍ୟାସରୁ ଗ୍ରହଣ କରଯାଇ ଅଛି । ଅନୁଚ୍ଛେଦମାନଙ୍କର ଗୋଟିଏ ସ୍ତର ଅଛି । ଶେଷରେ ଅପେକ୍ଷାକୃତ କଷ୍ଟକର ଅନୁଚ୍ଛେଦମାନ (Passages) ଓ ପ୍ରଥମର ସହଜ ଅନୁଚ୍ଛେଦମାନ ଦିଆ ଯାଇଛି ।

## ନୈତିକ ଶିକ୍ଷାଦାନ ଏ ମଧ୍ୟରେ ନିହିତ

ନୈତିକ ଶିକ୍ଷା ଦେବା ସକାଶେ ସତ୍ୟବାଦୀ ବିଦ୍ୟାଳୟ ପ୍ରସିଦ୍ଧି ଲାଭ କରିଥିଲା । ତେଣୁ ଏହି ପୁସ୍ତକରେ ନୈତିକ ଶିକ୍ଷା ସମ୍ବଳିତ କେତୋଟି ଅନୁଚ୍ଛେଦ ଅଛି । ଉଦାହରଣ ସ୍ୱରୂପ XXIII ରେ ଦିଆ ଯାଇଥିବା 'ଗୁରୁଭକ୍ତି' ବିଷୟକ ଅନୁଚ୍ଛେଦ, ଆଦର୍ଶ-ସାହିତ୍ୟ ସମ୍ବନ୍ଧରେ IV ଅନୁଚ୍ଛେଦ । ଅଶୋକଙ୍କ ବିଶ୍ୱ-ମୈତ୍ରୀ ପ୍ରଚାର ସମ୍ବନ୍ଧରେ ସୁନ୍ଦର ଅନୁଚ୍ଛେଦ, କୁସଙ୍ଗ ସମ୍ବନ୍ଧରେ ସାତଟି ବାକ୍ୟ ଯେପରି ଅନୁଚ୍ଛେଦର ପରିଶେଷରେ ଅଛି, "ଆଜି କାଲି ପଣ୍ଡିତମାନେ କହୁ ଅଛନ୍ତି, ପ୍ରତ୍ୟେକ ମନୁଷ୍ୟକୁ ଦେଶ ଓ ଜାତିର କଲ୍ୟାଣ ନିମନ୍ତେ କେତେକ କାର୍ଯ୍ୟ କରିବାକୁ ହେବ । ଆଜି କାଲି ମନୁଷ୍ୟତା ବୋଇଲେ, "ସ୍ୱଦେଶବତ୍ସଳତା ଓ ମାନବ ପ୍ରେମିକତା" ଏବଂ ସର୍ବଶେଷରେ "ବାରବାଟୀ କିଲା ପଡ଼ିଆ"ର ଯେଉଁ ପାଗଳ ଯୁବକର କଥା କୁହ ଯାଇଚି, ତାହା କି ଚମତ୍କାର ! XIV ବାରବାଟୀରେ ଜଣେ ସାହେବ ଥିଲେ । ସେ କୌଣସି କାରଣରୁ କେତେ ବର୍ଷ ତଳେ ଜଣେ ଯୁବକର କିଛି ଅନିଷ୍ଟ କରିଥିଲେ । ତାରି ଫଳରେ ଯୁବକଟି ଉଦ୍‌ଭ୍ରାନ୍ତ ହୋଇଗଲା, ସେ ଦିନେ ବନ୍ଧୁକ ଧରି ସେହି ସାହେବଙ୍କ ପାଖକୁ ଆସିଲା । "ତତ୍‌ପରେ ଯୁବକ ଅକସ୍ମାତ

Digitized by PPRACHIN, SOA

ତୁଆଡେ ଆସିଛନ୍ତି ବୋଲି ସାହେବ ପଚାରିରୁ ସେ ଉତ୍ତର କଲା, ମୁଁ ତୁମ୍ଭ ନିକଟକୁ ଆସିଅଛି ? ତୁମ୍ଭେ ଜାଣ, ମୁଁ ଏବେ ବାୟା । ତୁମ୍ଭକୁ ଏହି ବନ୍ଧୁକରେ ଗୁଳି କରି ମାରି ଦେଲେ ମୋର ବାୟା ପଣ ଛାଡ଼ିଯିବ ବୋଲି ମୁଁ ଆଶା କରେ ।" ଏହା ଶୁଣି କେତେ ଅତୀତ ସ୍ମୃତି ସାହେବଙ୍କ ମନରେ ଜାଗି ଉଠିଲା, ଆଖିରେ ଉଲ୍ଲାସର ଜ୍ୟୋତି ଦେଖାଗଲା, ବଦନ ମଣ୍ଡଳ ସୁନ୍ଦର ହୋଇ ଆସିଲା । ସେ ଆଉ ପଦେ କଥା କହିଲେ ନାହିଁ । କେବଳ ଧୀର ଭାବରେ ବୁକୁ ପତାଇ ଦେଲେ ।

ଏହିପରି ତୁଙ୍ଗ ଓ ମହନୀୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟବାଦୀ ସ୍କୁଲରେ ମଣିଷ ତିଆରି କରଯାଉଥିଲା ଏବଂ ସେ ଆଦର୍ଶକୁ କାର୍ଯ୍ୟରେ ଅବଲମ୍ବନ କରୁଥିଲେ ପ୍ରଥମତଃ ନୀଳକଣ୍ଠ । ତେଣୁ ଏହି ଅନୁଚ୍ଛେଦ ଗୁଡ଼ିକ ଯେ ତାଙ୍କରି ପ୍ରେରଣାର ଫଳ, ଏଥିରେ ସନ୍ଦେହ ନାହିଁ ।

ଏଠାରେ ଶେଷ ଦୁଇ ଅନୁଚ୍ଛେଦ ଏବଂ ଏହାର Copious hints and Instructionsର ଉଦାହରଣ ଦେବାର ଲୋଭ ସମ୍ବରଣ କରି ହେଉନାହିଁ ।

## LXXI

ସୌର ଜଗତ କିପରି ବିଧି ନିର୍ଦ୍ଦିଷ୍ଟ ନିୟମାଧୀନ ରହି ସୁଶୃଙ୍ଖଳ ଭାବରେ ଚାଲିଅଛି, ତାହା ଚିନ୍ତା କଲେ ଉଚ୍ଛୃଙ୍ଖଳ ଜୀବନ ନିୟମିତ ହୁଏ । ଚାରିଆଡେ ଏହି ପ୍ରକାଣ୍ଡ ବିଶ୍ୱ କି ସୁନ୍ଦର ସୁଶୃଙ୍ଖଳ ଭାବରେ ଚାଲିଅଛି, ସୂର୍ଯ୍ୟ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ ଉଦିତ ହୋଇ ଅସ୍ତ ଯାଉଅଛି, ଚନ୍ଦ୍ର ଷୋଳକଳା ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ବୃଦ୍ଧି ଓ କ୍ଷୟ ପାଉଅଛି, ଅନ୍ୟାନ୍ୟ ଗ୍ରହ ନକ୍ଷତ୍ରାଦି ଯାହାର ଯେଉଁ ଦିନ ଯେଉଁ ଭାବରେ ଯେତେ ଗତି କରିବାର ନିୟମ ଅଛି, ସେ ସେହିଦିନ ସେହି ଭାବରେ ସେତିକି ଗତି କରୁ ଅଛନ୍ତି । ଏହା ସବୁ ଚିନ୍ତା କଲେ, ନିର୍ଦ୍ଦିଷ୍ଟ ନିୟମ ତ୍ୟାଗ କରି କର୍ଣ୍ଣହୀନ ନୌକା ପରି କିଏ ଆପଣା ଜୀବନକୁ ଉଚ୍ଛୃଙ୍ଖଳ କରିବ ? ଯେ କିଂଚିନ୍ମାତ୍ର ଅନୁଧାବନ କରି ଦେଖେ, ସେ ଦେଖି ପାରିବ, ସମସ୍ତ ବ୍ରହ୍ମାଣ୍ଡରେ ଗୋଟିଏ ସୁନ୍ଦର ବିଧି କାର୍ଯ୍ୟ କରୁଅଛି । ସେ ବିଧିର ନିକଟରେ ମସ୍ତକ ଅବନତ କରି ଯେ ଆପଣା ଜୀବନକୁ ଶୃଙ୍ଖଳିତ କରିପାରେ, ସେହି କେବଳ ଭାଗ୍ୟବାନ । ତାହାର ବୟସ ଯେତେ ବୃଦ୍ଧି ହୁଏ, ସେ ସେତେ ଜୀବନକୁ ଉନ୍ନତ କରି ଆନନ୍ଦ ସଞ୍ଚୟ କରିପାରେ । ଯେ କିନ୍ତୁ ତାହା ନ ପାରେ ସେ ତରଙ୍ଗତାଡ଼ିତ କାଷ୍ଠ ଖଣ୍ଡ ପରି ଆପଣାର ଜୀବନ ଉଚ୍ଛୃଙ୍ଖଳ କରି ପକାଏ, ସେ ହତଭାଗ୍ୟ । ତାହାର ବୟସ

Digitized by PPRACHIN, SOA

ଯେତେ ବୃଦ୍ଧି ହୁଏ, ସେ ସେତେ ଅନୁତାପରେ ଦଗ୍ଧ ହେଉଥାଏ ଏବଂ ଭବିଷ୍ୟତ କେବଳ ଅନ୍ଧକାରମୟ ଦେଖି ହତାଶ ହୋଇପଡ଼େ । ଆପଣମାନେ ଯେପରି ସମସ୍ତ ଉଚ୍ଛୃଙ୍ଖଳତା ଦୂର କରି ନିଜ ନିଜ ଜୀବନର ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ସମର୍ଥ ହେବେ, ସେଥିପାଇଁ ହୃଦୟରେ ସାହସ ଓ ଭଗବାନଙ୍କ ସୃଷ୍ଟିରେ ବିଶ୍ୱାସ ରଖିବା ଉଚିତ ।

ଏହା ଗୋପବନ୍ଧୁଙ୍କର ପ୍ରତିଷ୍ଠିତ ବାଣୀ । ସତ୍ୟବାଦୀ ବିଦ୍ୟାଳୟରେ ପ୍ରଦତ୍ତ ବକ୍ତୃତାମାଳା ମଧ୍ୟରେ ଏହି ବାଣୀ ପ୍ରତିଧ୍ୱନିତ । ତେଣୁ ନୀଳକଣ୍ଠଙ୍କ ପ୍ରଣୀତ Passages for Translation ବହିରେ ଏପରି ଗୋଟିଏ ଉଲ୍ଲେଖଯୋଗ୍ୟ ଅନୁଚ୍ଛେଦ ରହିବାରେ ସଂପାତ । ଏହି ଅନୁଚ୍ଛେଦର Hints ତଳେ ଉଦାହରଣ ସ୍ୱରୂପ ଦିଆଗଲା ।

ବିଧି ନିର୍ଦ୍ଦିଷ୍ଟ ନିୟମାଧୀନ ରହି
In accordance with Devine Works

ସୁଶୃଙ୍ଖଳ ଭାବରେ ଚାଲିଅଛି
Runs in a very systematic ord-r

ଉଚ୍ଛୃଙ୍ଖଳ ଜୀବନ ନିୟନ୍ତ୍ରିତ ହୁଏ
Restive life comes under control

ଚନ୍ଦ୍ରର ଷୋଳକଳା
Phases of the moon

ବୃଦ୍ଧି ଓ କ୍ଷୟ ହେଉଥାଏ
Wakes and Wanes.

ଯେ କିଂଚିନ୍ମାତ୍ର ଅନୁଧାବନ କରି ଦେଖେ
Whoever makes a little investigation
( looks deeper )

ସୁନ୍ଦର ସାରା ଜୀବନ ବିଧି କାର୍ଯ୍ୟ କରୁଛି
Sublime law working throughout life.

ଆମ୍ଭେମାନେ ସମସ୍ତେ..........ବିଶ୍ୱାସ ରଖିବା ଉଚିତ

We should have courage in our hearts . ...so that we may be able to fulfil the object of our life by getting the better of our restivement.

Digitized by PPRACHIN, SOA

ସର୍ବଶେଷରେ ଗୋଟିଏ ଅନୁଚ୍ଛେଦର ଗୋଟିଏ ସଂପୂର୍ଣ୍ଣ ଅନୁବାଦ ଦିଆଯାଉଅଛି, ଯଥା —

ହେ ମଙ୍ଗଳମୟ ବିଶ୍ୱ ବିଧାତା ପରମ ପୁରୁଷ ! ତୁମ୍ଭେ ଆମ୍ଭମାନଙ୍କର ସ୍ତୁତିର ଅପେକ୍ଷା କରନାହିଁ; ଏବଂ ଆମ୍ଭମାନଙ୍କର ଏହି କ୍ଷୁଦ୍ର ରସନା ଏପରି କିଛି ଉଚ୍ଚାରଣ କରି ନ ପାରେ, ଯହିଁରେ ତୁମ୍ଭର ମହିମା ଆଂଶିକ ରୂପେ ହେଲେ ପ୍ରକାଶ ପାଇବ; ଏକଥା ଆମ୍ଭେମାନେ ଜାଣିଲେ ସୁଦ୍ଧା, ହେ ବିଭୋ, ତୁମ୍ଭର ସ୍ମରଣହିଁ ଆମ୍ଭମାନଙ୍କର ଆନନ୍ଦ । ଆମ୍ଭେମାନେ କିଛି ନିଜ ଇଚ୍ଛାରେ ଜଗତକୁ ଆସିନାହୁଁ । ତୁମେ ଆମମାନଙ୍କୁ ଜନ୍ମ ଦେଇଛ ବୋଲି ଆମ୍ଭେମାନେ ବର୍ତ୍ତିଅଛୁ । ଯେଉଁ ସବୁ ବସ୍ତୁଦ୍ବାରା ହିଁ ଆମ୍ଭମାନଙ୍କର ଜୀବନ ରକ୍ଷା ହେଉଅଛି, ହେ ପରମେଶ୍ବର, ସେ ସମସ୍ତ ଆମ୍ଭେମାନେ ସୃଷ୍ଟି କରି ନାହୁଁ । ତମର ଅନୁଗ୍ରହରେ ଆମ୍ଭେମାନେ ସେ ସମସ୍ତ ପାଇଅଛୁ । ତୁମ୍ଭେ ଆମ୍ଭମାନଙ୍କୁ ତୁମ୍ଭର ଏହି ସୁନ୍ଦର ଜଗତରେ ରଖି, ଆମ୍ଭମାନଙ୍କର ଦେହ, ମନ, ଆତ୍ମା ସବୁ ସ୍ନେହର ସହିତ ଆମ୍ଭମାନଙ୍କର ନିଜ ନିଜର ପିତା ପରି ପ୍ରତିପାଳନ କରୁଅଛ । ଆମମାନଙ୍କୁ ଯେପରି ଚକ୍ଷୁ, କର୍ଣ୍ଣ ପ୍ରଭୃତି ଇନ୍ଦ୍ରିୟମାନ ଦେଇଅଛ, ସେହିପରି ସେହି ଇନ୍ଦ୍ରିୟମାନଙ୍କର ପରିତୃପ୍ତି ନିମନ୍ତେ କେତେ ଶସ୍ୟ, କେତେ ଗଛ, କେତେ ଗନ୍ଧରେ ଏହି ଜଗତକୁ ପରିପୂର୍ଣ୍ଣ କରିଅଛ । ଯେପରି ଆମ୍ଭମାନଙ୍କୁ ଜ୍ଞାନ ଓ ବିଗ୍ରହର ଶକ୍ତି ଦେଇଅଛ, ସେହିପରି ହେ ଜଗତପତେ, ଜ୍ଞାନର ସାମଗ୍ରୀମାନ ଜଳ, ସ୍ଥଳ, ଶୂନ୍ୟ ସର୍ବତ୍ର ପ୍ରସାରିତ କରି ରଖିଅଛ । ଯେପରି ଆମ୍ଭମାନଙ୍କୁ ହୃଦୟ ଦେଇଅଛ, ସେହିପରି ସ୍ନେହ, ଦୟା, ଦାମ୍ପତ୍ୟ ପ୍ରେମ, ବନ୍ଧୁତା ପ୍ରଭୃତି ନାନା ସଦ୍‌ଭାବରେ ମନୁଷ୍ୟ ସମାଜକୁ ବୁଡ଼ାଇ ରଖିଅଛ । ଆମ୍ଭେମାନେ ତୁମ୍ଭକୁ ଯେ ଚିହ୍ନି ପାରୁଅଛୁ ଏବଂ ତୁମ୍ଭର ଅନନ୍ତ ପ୍ରାଣରେ କିଂଚିନ୍ମାତ୍ର ଆନନ୍ଦ ଦେଇ ପାରୁଅଛୁ ବୋଲି ମଣୁଛୁ, ଏଥିରେହିଁ ଆମ୍ଭମାନଙ୍କର ମନୁଷ୍ୟତ୍ୱ, ମହତ୍ତ୍ୱ ଆମ୍ଭେମାନେ ଅନୁକ୍ଷଣ ଉପଲବ୍ଧି କରୁଅଛୁ । ଏଥିରେହିଁ ଆମ୍ଭମାନଙ୍କ ଆତ୍ମାର ଜୀବନ... ........... ।

ଏହାର ସମ୍ପୂର୍ଣ୍ଣ ଇଂରେଜୀ ଅନୁବାଦଟି ଏଠାରେ ଦିଆଗଲା,

O, thou the God, the creator of the universe, the highest, holiest manhood, our prayer thou awaitest .., and then our humble tongue can utter nothing like what they glow

Digitized by PPRACHIN, SOA

with, but partly express: even though we are concious of thee, Almighty. the thought is our delight. We have not come to the world by our own will. We are as thou hast given us birth. The things of Lord by which our life has been, and is being supported, are not our own creation. It is by thy grace that wa have got them. Thou hast kept us in this thy beautiful world and like our very father, ait lovingly fostering our body, mind and soul, just as thou hast endeared us with eye, ear and other senses, so also hast thou made world replete with sights and smells for their satisfaction. Just as thou hast bestowed up on us knowledge and discretion, so also Almighty father harst thou spread the 'objects of knowledge every where on water, on land and in the sky. Just as thou hast given us hearts, so also hast thou kept mankind plunged, as it were, in affection, charity, love, friendship and other noble feelings. That we have been able to know thee and think that we can create even a little [satisfaction to thou infinite soul—Here in also we constantly realise our manhood and axcellance; here in is thevery life of our souls.

ଏହି ଓଡ଼ିଆ ଅନୁଛେଦ ହିଏତ ଗୋପବନ୍ଧୁଙ୍କର ହୋଇପାରେ ଓ ଇଂରେଜୀ ଅନୁବାଦ ହୁଏତ ସେତେବେଳେ ଉଚ୍ଚ ଇଂରେଜୀ ଜାଣିଥିବା ଗୋଦାବରୀଶ ମିଶ୍ରଙ୍କର ହୋଇପାରେ । କିନ୍ତୁ ଶିକ୍ଷାଦାନ ଓ ସାହିତ୍ୟିକ ପ୍ରେରଣାର ଅଫୁରନ୍ତ ଉତ୍ସ ନୀଳକଣ୍ଠଙ୍କର ଶାଣିତ ବୁଦ୍ଧି ଓ ମନୀଷା ଏହି Passages for Translation ବହିରେ ବିଦ୍ୟମାନ— ଏଥିରେ ଲବ ମାତ୍ର ସନ୍ଦେହ ନାହିଁ । ଏଥିରେ ଯେଉଁ ଇଂରେଜୀ ଅଂଶତକ ଅଛି ସେତକ ବାଦ୍ ଦେଇ ଓଡ଼ିଶାର ଯେ କୌଣସି ବିଶ୍ୱ-ବିଦ୍ୟାଳୟ ଏହାକୁ ଆଇ ଏ୍ କିମ୍ବା ବି.ଏ. ଶ୍ରେଣୀର ଅତିରିକ୍ତ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ କରି ପାରନ୍ତି ।

Digitized by PPRACHIN, SOA

## ପ୍ରବନ୍ଧ ପ୍ରବେଶ

ଏହା ସେହି ୧୯୨୮ ମସିହାରେ ପ୍ରକାଶିତ । ଏବେ ମଧ୍ୟ ବଡ ବଡ଼ ପ୍ରବନ୍ଧ ବହି ଯୁଗର ଗ୍ରହିଦାକୁ ଗ୍ରହି ଲେଖା ହେଉଛି । କିନ୍ତୁ ସେତେବେଳେ ମାଟ୍ରିକ ପରୀକ୍ଷାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଯେଉଁ ପ୍ରବନ୍ଧମାନ ପୁସ୍ତକାକାରରେ ପ୍ରକାଶିତ ହେଉଥିଲା ସେମାନଙ୍କ ମଧ୍ୟରେ ଏହି 'ପ୍ରବନ୍ଧ ପ୍ରବେଶ'ର ଯେ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ଥିଲା ଏହା ବୁଝାଉ କହିବା ନିଷ୍ପ୍ରୟୋଜନ । ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରବନ୍ଧ ରଚନା ପାଇଁ ସାଧାରଣ ଉପଦେଶ ହେଲା ନିଜର ଉନ୍ନତ ଚିନ୍ତାକୁ ଶୃଙ୍ଖଳିତ ଭଷାରେ ପ୍ରକାଶ କରିବା । ପ୍ରବନ୍ଧ ନିମନ୍ତେ ଚିନ୍ତା ଏକାନ୍ତ ପ୍ରୟୋଜନୀୟ । ତାହା ପ୍ରବନ୍ଧର ସର୍ବସ୍ୱ । ଭଷା ତାହା ପ୍ରକାଶନର ମାଧ୍ୟମ ମାତ୍ର । ଅବଶ୍ୟ ଭଷାର ସୌଷ୍ଠବ ଉପରେ ପ୍ରବନ୍ଧର ସୌନ୍ଦର୍ଯ୍ୟ ନିର୍ଭର କରେ । ଚିତ୍ରକାରର ମୂର୍ତ୍ତି ଗଠନ ପରିପକ୍ୱତା ସଙ୍ଗେ ରଚନା କୌଶଳର ଅନେକ ସୌସାଦୃଶ୍ୟ ଅଛି । ପୁଣି ଚିତ୍ରକର ମୂର୍ତ୍ତିର କଙ୍କାଳ ପ୍ରତି ବିଶେଷ ସାବଧାନ । ଏହି କଙ୍କାଳ ଗଠନରେ କୌଣସି ତ୍ରୁଟି ଘଟିଲେ ମୂର୍ତ୍ତିଟି ପରିଶେଷରେ ଅସୁନ୍ଦର ହେବାର କଥା । କଙ୍କାଳ ଗଠନ ପରେ ଚିତ୍ରକାର ମାଟି ଗୋବର ପ୍ରଭୃତି ଦ୍ରବ୍ୟ ଦେଇ ଆସ୍ତେ ଆସ୍ତେ ପ୍ରତିମାର ଉପଯୁକ୍ତ ଆକାର ଗଠନ କରେ । ସର୍ବଶେଷରେ ବେଶ, ଭୂଷଣ ବିନ୍ୟାସ ପରିପାଟି ଦ୍ୱାରା ପ୍ରତିମାର ସୌନ୍ଦର୍ଯ୍ୟ ଫୁଟି ଉଠେ । ପ୍ରବନ୍ଧ ଲେଖିବା ଅନେକ ପରିମାଣରେ ଏହିପରି । କୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖିବାକୁ ଗଲେ ପ୍ରଥମରେ ବିଶେଷ ଚିନ୍ତା ଓ ସାବଧାନତାର ସହିତ କଙ୍କାଳ ଗଠନ କରିବାକୁ ହେବ । ଏହି କଙ୍କାଳ ପ୍ରବନ୍ଧର ବିଶିଷ୍ଟ ସଙ୍କେତ (point)ମାନଙ୍କରେ ରଚିତ ।

ଏହା କେତେକାଂଶରେ ପ୍ରଧାନ ଶିକ୍ଷକ ନୀଳକଣ୍ଠଙ୍କର ପ୍ରବନ୍ଧ "ଚିତ୍ର ଓ କବିତାରେ କଳାର କ୍ରମ" ଯାହା ଦୁଇ ଭଗରେ 'ସତ୍ୟବାଦୀ'ର ମିଥୁନ ଓ କର୍କଟ-୧୩୨୪ ସାଲରେ ପ୍ରକାଶ ପାଇଥିଲା, ତାହା ସହିତ ତୁଳନୀୟ । 'ପ୍ରବନ୍ଧ ପ୍ରବେଶ'ରେ ଏହି ଉପକ୍ରମର ବହୁ ସାଦୃଶ୍ୟ ଥିବାର ଦେଖିବାକୁ ମିଳେ ।

'ଚିତ୍ର ଓ କବିତାରେ କଳାର କ୍ରମ" ପ୍ରବନ୍ଧରେ ନୀଳକଣ୍ଠ ପ୍ରଥମତଃ ଉଲ୍ଲେଖ କରି ଅଛନ୍ତି, "ଚିତ୍ର ଜଗତ୍ ବିଧାତାଙ୍କର ଗୋଟିଏ କଳାଶାଳ ବା ଶିଳ୍ପ ସଦନ । ଛବି ଲକ୍ଷ୍ମୀର ଜୀବନ୍ତ ମୋହନ ଛବିଠାରୁ ପତତ୍ରି ନୀସ୍ୱନର ମଧୁମୟ ସ୍ୱର ଲହରୀ ପର୍ଯ୍ୟନ୍ତ, ପ୍ରାତସାଳ ସ୍ୱର୍ଣ୍ଣିତ ଗଗନ ପଟର ସ୍ତବ୍ଧ ଚିତ୍ରଠାରୁ ମନୁଷ୍ୟର

Digitized by PPRACHIN, SOA

ଘୋର ଝଟିକାକୁର୍ଲିତ ବୀଚିବିଶୋଭିତ ନୀଳାମ୍ବୁବାରିର ଭୀମକାନ୍ତି ପର୍ଯ୍ୟନ୍ତ, ଓ ଉଚ୍ଚତର ବାଲି, ଗୁଚ୍ଛ ନୀଳବେଣୀଠାରୁ ପ୍ରସ୍ଫୁଟିତ ପୁଷ୍ପର ମନୋରମ ମାଧୁରୀ ପର୍ଯ୍ୟନ୍ତ, ପତ୍ରର ମର୍ମର ଓ ଗିରି ନଦୀର ନିର୍ଝର ଠାରୁ କାଦମ୍ବିନୀର ତଡ଼ିତ୍‌କ୍ରୀଡ଼ା ଓ ବଜ୍ରନିନାଦ ପର୍ଯ୍ୟନ୍ତ ସବୁ ବିଶ୍ୱକର୍ତ୍ତାଙ୍କର ଶିଳ୍ପ ସଂଗ୍ରାମ । ଏ ସବୁ ବିଶ୍ୱ-ଶିଳ୍ପରେ ମନ ମୁଗ୍ଧ ହୁଏ ଓ ଚିତ୍ତବୃତ୍ତି ଦୃଢ଼ ହୁଏ ।"

ଏ ଦୁଇଟି ଉଦ୍ଧୃତାଂଶ ମଧ୍ୟରେ ସାମଞ୍ଜସ୍ୟ ଏତିକି ଯେ, ଚିନ୍ତାଶକ୍ତିର ପ୍ରସାର ନ ଘଟିଲେ, ଚିତ୍ତବୃତ୍ତିର ଦୃଢ଼ତା ଲାଭ ନ କଲେ, ପ୍ରବନ୍ଧ ଶିଳ୍ପ ରଚନା କରିବା ଅସମ୍ଭବ ।

'ସତ୍ୟବାଦୀ'ର ମାସିକ ପତ୍ରିକାରେ ୧୯୧୫ ମସିହାରୁ ଗୋପବନ୍ଧୁ ଛାତ୍ର-ମାନଙ୍କର ପ୍ରବନ୍ଧ-ଲିଖନ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ । କେତୋଟି ପ୍ରବନ୍ଧର ସଙ୍କେତ ମଧ୍ୟ ସେ ବିଜ୍ଞାପନ ଆକାରରେ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧ ପ୍ରକାଶ କରିବା ଉଦ୍ଦେଶ୍ୟରେ 'ଛାତ୍ର ବିଭାଗ' ବୋଲି ଗୋଟିଏ ସ୍ୱତନ୍ତ୍ର ବିଭାଗ ଖୋଲା ଯାଇଥିଲା । ଏଥିରେ କେବଳ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ନୁହନ୍ତି, ଓଡ଼ିଶାର ସବୁ ସ୍କୁଲର ଛାତ୍ରମାନଙ୍କୁ ଏହି ବିଭାଗ ନିମନ୍ତେ ପ୍ରବନ୍ଧ ଦେବାକୁ ନିବେଦନ କରାଯାଇଥିଲା । ଏହି ନିବେଦନ ଫଳରେ 'ବନ ବିଦ୍ୟାଳୟ', 'ଉତ୍ସବ', 'ଅଶୋକ', 'ଜାତି ବିଭାଗ', 'ସତ୍ୟବାଦୀ ବନ ବିଦ୍ୟାଳୟରେ ଶୋକର ଛାୟା', 'ଭାରତର ଗ୍ରୀଷ୍ମ ଋତୁ', ପ୍ରଭୃତି ପ୍ରବନ୍ଧମାନ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ଲେଖି ପ୍ରକାଶ କରିଥିଲେ ।

'ପ୍ରବନ୍ଧ ପ୍ରବେଶ' ରଚନା କରିବାରେ ନୀଳକଣ୍ଠଙ୍କୁ ଏହି ପ୍ରବନ୍ଧ ମାନଙ୍କରୁ ପ୍ରେରଣା ନିଶ୍ଚୟ ମିଳିଥିବ । ପ୍ରକାଶକ ହରିହର ଦାସ । କିନ୍ତୁ ରଚୟିତାଙ୍କର ନାମ ଗନ୍ଧ ଏଥିରେ ନାହିଁ । କେହି କେହି କହନ୍ତି—ଏହାର ପ୍ରଣେତା ଶିକ୍ଷକ ଶ୍ରୀ ଗୋଦା-ବରୀଶ ମିଶ୍ର ଏବଂ ଶ୍ରୀ ବାସୁଦେବ ମହାପାତ୍ର । ଦୁଇଜଣଙ୍କ ମିଳିତ ଉଦ୍ୟମରେ ଏହି ବହିର ପ୍ରକାଶ । କେହି କେହି ସନ୍ଦେହ କରନ୍ତି ପ୍ରବନ୍ଧ ରଚନାର ବିଭିନ୍ନ ତର୍ଜ୍ଜଣା ଯଥା କ୍ଲିଷ୍ଟତା, ଅସ୍ୱଷ୍ଟତା ଏବଂ ଅନୁପମ, ବ୍ୟାହତି ଓ ଶତତ-ପ୍ରକର୍ଷଣ ପ୍ରଭୃତି ଦୋଷ ଓ ସୌନ୍ଦର୍ଯ୍ୟ ଯଥା, ଉଚ୍ଚାରୋହଣ (Climax), ଉଚ୍ଚାବରୋହଣ (Bathasi) ଓ ଭାବ ବିବର୍ତ୍ତନ (Apostropic) ଏବଂ ନାନା ପ୍ରକାର ଅଳଙ୍କାର ଯୋଜନା ପ୍ରଭୃତି ଦୃଷ୍ଟିରୁ ଏହା ଗୋଦାବରୀଶଙ୍କର ନୁହେ କି

Digitized by PPRACHIN, SOA

ବାସୁଦେବଙ୍କର ନୁହେ, ଏହା ନାନା ଶାସ୍ତ୍ରବିଶାରଦ ମନୀଷୀ ନୀଳକଣ୍ଠଙ୍କର । ନୀଳକଣ୍ଠ ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି, "ଯେତେବେଳେ ସତ୍ୟବାଦୀର ଲିଖିତ ବହିସବୁ ହରି ଭାଇନାଙ୍କ ନାମରେ ପ୍ରେସରେ ଛପା ହେଲା, × × × ସେତେବେଳେ ମୁଁ ଇଂରାଜିରୁ ଅନୁବାଦ ବହିଟି ଲେଖିଥିଲି । 'ପ୍ରବନ୍ଧ ପ୍ରବେଶ'ର ବହୁତ ଅଂଶ ମଧ୍ୟ ମୁଁ ନିଜେ ଲେଖିଥିଲି ।" ପୁଣି ଆଭ୍ୟନ୍ତରୀଣ ପ୍ରମାଣ ବଳରେ କୁହାଯାଇ ପାରେ କେତେକ ପ୍ରବନ୍ଧ ଗୋଦାବରୀଶଙ୍କର ଏବଂ କେତେକ ପ୍ରବନ୍ଧ ବାସୁଦେବଙ୍କର । 'ରେଳପଥରେ ଭ୍ରମଣ' ପ୍ରବନ୍ଧଟିକୁ ଭାଷା ବିନ୍ୟାସ ଓ ଭାବ ସନ୍ନିବେଶ ଦିଗରୁ ବିଚାର କଲେ ଏହା ଯେ ଗୋଦାବରୀଶଙ୍କର ଏଥିରେ ସନ୍ଦେହ ନାହିଁ । ଏ ପ୍ରବନ୍ଧରେ ମୌଳିକତା ଅଛି । କବିତ୍ୱ ଅଛି । ବର୍ଣ୍ଣନାର ସାବଲୀଳ ଭଙ୍ଗୀ ଅଛି । ଗୋଦାବରୀଶ ନିଜେ ତାଙ୍କ ଆତ୍ମ ଚରିତରେ ଉଲ୍ଲେଖ କରି ଅଛନ୍ତି, ବାସୁଦେବ ମହାପାତ୍ର ତାଙ୍କୁ ଅନୁରୋଧ କରିବାରୁ ସେ ତାଙ୍କୁ ଏ ବହିଟି ଦାନ କରି ଦେଇଥିଲେ ।

'ଶିକ୍ଷା', 'ଆଦର୍ଶ', 'କୋଣାର୍କ', 'ବନ ବିଦ୍ୟାଳୟ', 'ଆତ୍ମ ତ୍ୟାଗ', 'ଆକାଳ ବର୍ଜିତ'—ଓ ପ୍ରଥମ ପ୍ରବନ୍ଧ 'ଚନ୍ଦ୍ରଶେଖର' ପ୍ରଭୃତିଙ୍କ ଉପରେ ଗୋପବନ୍ଧୁ, ନୀଳକଣ୍ଠ ଓ କୃପାସିନ୍ଧୁଙ୍କର ପ୍ରଭାବ ପଡ଼ିଅଛି । ଯଥାର୍ଥରେ ଏହି ବହିଟି ପଞ୍ଚସଖାଙ୍କର ସଂକଳିତ ସାହିତ୍ୟ ।

'ଆଦର୍ଶ' ପ୍ରବନ୍ଧର ସଙ୍କେତରେ ଅଛି,—'ପ୍ରତ୍ୟେକ ଶିକ୍ଷାର ଉଦ୍ଦେଶ୍ୟ ଅଛି - ଏହି ଉଦ୍ଦେଶ୍ୟକୁ ସ୍ଥଳ ବିଶେଷରେ ଆଦର୍ଶ କୁହାଯାଏ – ଆଦର୍ଶ ଉପରେ ଦୃଷ୍ଟି ନ ରହିଲେ କର୍ମରେ ପରଂପରା କିମ୍ବା ପଦ୍ଧତି ରହେନାହିଁ । ଜୀବନ ସର୍ବଦା ଆଦର୍ଶରେ ଗ୍ରଥିତ – ଆଦର୍ଶ ବଦଳି ଯାଏ, କିନ୍ତୁ ଲୋପ ପାଏନାହିଁ ।"

'ପ୍ରବନ୍ଧ ପ୍ରବେଶ' ବହିଟି ଉତ୍ସର୍ଗ କରା ଯାଇଥିଲା, ତତ୍କାଳୀନ ସ୍କୁଲ ଇନ୍‌ସପେକଟର ଏମ୍. ଭି. ଡ଼ିଉକ ସାହେବଙ୍କୁ । ଉତ୍ସର୍ଗ ପତ୍ରରେ ଥିଲା, "This book is dedicated as a token of gratitude for his "genuine sympathy for our humble educational endeavour"— "ଆମର ଏଇ କ୍ଷୁଦ୍ର ଶିକ୍ଷାଗତ ପ୍ରଚେଷ୍ଟା ପ୍ରତି ଆପଣଙ୍କର ବାସ୍ତବ ସହାନୁଭୂତି ପାଇଁ ଆମ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏଇ ପୁସ୍ତକଟି ଉତ୍ସୃଷ୍ଟ ହେଲା ।" କହିବା ନିଷ୍ପ୍ରୟୋଜନ ଯେ ଏଇ ଡ଼ିଉକ ସାହେବ ସତ୍ୟବାଦୀ ସ୍କୁଲର କାର୍ଯ୍ୟ କଳାପରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରୁଥିଲେ । ସେତେବେଳେ ଯେତେ ଜଣ ଇଂରେଜ ଇନସ୍‌ପେକ୍‌ଟର ଥିଲେ, ସେମାନଙ୍କ ମଧ୍ୟରେ ପରିଦର୍ଶନ ପ୍ରଣାଳୀରେ ସେ ସର୍ବ ଶ୍ରେଷ୍ଠ ଥିଲେ । ସେ ଓଡ଼ିଆ ବୁଝୁଥିଲେ -- ଓଡ଼ିଆ ଭାଷା ସେ ଜାଣିଥିଲେ । ସେ ଦୁଇଥର ସତ୍ୟବାଦୀ ସ୍କୁଲ ପରିଦର୍ଶନ କରିଥିଲେ । ପିଲାମାନଙ୍କର ଓଡ଼ିଆ ରଚନା

Digitized by PPRACHIN, SOA

ଖାତା ତନ୍ନ ତନ୍ନ କରି ପରିଦର୍ଶନ ବେଳେ ଦେଖି, ସେଥିରେ ମନ୍ତବ୍ୟମାନ ପ୍ରକାଶ କରୁଥିଲେ । ସେ ଯେ କେବଳ ସତ୍ୟବାଦୀ ସ୍କୁଲର ଶିକ୍ଷା ପ୍ରଣାଳୀରେ ମୁଗ୍ଧ ହୋଇ ପଡ଼ିଥିଲେ, ତାହା ନୁହେଁ, ସ୍କୁଲ ପ୍ରତି ତାଙ୍କର ଆନ୍ତରିକ ସହାନୁଭୂତି ମଧ୍ୟ ଥିଲା ଓ ହେ: ମା. ନୀଳକଣ୍ଠଙ୍କୁ ସେ ଅତ୍ୟଧିକ ଶ୍ରଦ୍ଧା କରୁଥିଲେ । ଏଇ ନୀତିବାନ ଇନ୍‌ସ୍‌ପେକ୍‌ଟର ସତ୍ୟବାଦୀ ସ୍କୁଲ ସମ୍ବନ୍ଧରେ ନିଜର ଅଭିମତ ଦେଇ ଲେଖିଥିଲେ,

"I was favourably impressed with the general air of cheerfulness and vivacity reflected from the school and its surroundings. The teachers were earnest. They seemed to really love the boys and their feeling was duly reciprocated, I congratulate the Headmaster on the success, the school has so far achieved."

ଅର୍ଥାତ୍ "ସ୍କୁଲରେ ଓ ଚତୁପାର୍ଶ୍ୱରେ ପ୍ରଫୁଲ୍ଲତା ଓ ସଜୀବତାର ବାତାବରଣ ଫୁଟି ଉଠୁଥିବାର ଦେଖି ମୁଁ ଅତ୍ୟନ୍ତ ପ୍ରୀତ ହେଲି । ଶିକ୍ଷକମାନେ ବଡ଼ ନିଷ୍ଠାପର । ପିଲମାନଙ୍କୁ ସେମାନେ ଯେପରି ଅତ୍ୟଧିକ ସ୍ନେହ କରୁଚନ୍ତି, ଛାତ୍ରମାନଙ୍କର ମଧ୍ୟ ସେମାନଙ୍କ ପ୍ରତି ସେଇପରି ଶ୍ରଦ୍ଧା ଓ ଭକ୍ତି ଥିବାର ଲକ୍ଷ୍ୟ କଲି । ଏ ପର୍ଯ୍ୟନ୍ତ ସ୍କୁଲ ଯେଉଁ ସାଫଲ୍ୟ ଅର୍ଜନ କରିଚି, ସେଥିପାଇଁ ମୁଁ ସ୍କୁଲର ହେଡ୍ ମାଷ୍ଟରଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଚି ।"

## ନୀଳକଣ୍ଠ ଓ ବିଦ୍ୟାଳୟ ତଥା ଶ୍ରେଣୀ ପାଠାଗାର

ଛାତ୍ରମାନଙ୍କର ଶିକ୍ଷାର ପରିସର ବୃଦ୍ଧି ଲାଗି ନୀଳକଣ୍ଠଙ୍କର ସ୍କୁଲରେ ଓ ଶ୍ରେଣୀମାନଙ୍କରେ ଲାଇବ୍ରେରୀ ସ୍ଥାପନ ପ୍ରଥାକୁ ଇନ୍‌ସ୍‌ପେକ୍‌ଟର ଡ଼ିଉକ ସାହେବ ବିଶେଷ ପ୍ରଶଂସା କରିଥିଲେ । ପ୍ରଥମ ଥର ସେ ୧୯୧୫ ନଭେମ୍ବର ମାସ ପହିଲା ଓ ଦୁଇ ତାରିଖରେ ବିଦ୍ୟାଳୟ ଦେଖି ଲେଖିଥିଲେ, "The school Library contains 1425 books, 16 maps and 3 globes. Thus it has increased during the last 7 months at the rate of 40 volumes per month, a satisfactory rate, which I trust will be maintained for some time to come. Some of the books are very good and very interesting, specially those in the Science section.

Digitized by PPRACHIN, SOA



ସତ୍ୟବାଦୀ ସ୍କୁଲ ହେଡ଼ ମା:—ପଣ୍ଡିତ ନୀଳକଣ୍ଠ
(୧୯୧୧-୧୯୨୮)

Digitized by PPRACHIN, SOA

ଅର୍ଥାତ ବିଦ୍ୟାଳୟର ପାଠାଗାରରେ ୧୪୨୫ଟି ପୁସ୍ତକ ଅଛି । ୧୬ଟି ମାନଚିତ୍ର ଓ ୩ ଗୋଟି ଗ୍ଲୋବ ଅଛି । ବିଗତ ସାତ ମାସ ମଧ୍ୟରେ ପ୍ରତି ମାସରେ ୪୦ ଖଣ୍ଡ ନୂଆ ବହି ଆସିଛି । ଏହା ଅତ୍ୟନ୍ତ ସନ୍ତୋଷଜନକ କଥା । ମୋର ବିଶ୍ୱାସ ଏହି ଧାରକୁ ସେମାନେ କେତେ ଦିନ ସକାଶେ ଅବ୍ୟାହତ ରଖିବେ । କେତେକ ପୁସ୍ତକ, ବିଶେଷତଃ ବିଜ୍ଞାନ ବିଭଗର ପୁସ୍ତକଗୁଡ଼ିକ ଅତି ସୁନ୍ଦର ଓ ଚିତ୍ତାକର୍ଷକ ।

ପୁନର୍ବାର ୧୯୧୭ ଅକ୍‌ଟୋବର ୨୨ ତାରିଖରେ ସେ ଉଲ୍ଲେଖ କରିଥିଲେ,—
"Each of the first five classes now, has its own class Library, issue Register, catalogue etc. in charge of the class teacher. I am informed they have proved a success. Special hours have been appointed for the issue of books and a code of rules have been drafted."

"ଅର୍ଥାତ୍ ପ୍ରତ୍ୟେକ ଉପର ପାଞ୍ଚ ଶ୍ରେଣୀରେ ଶ୍ରେଣୀ ପାଠାଗାରର ବ୍ୟବସ୍ଥା କରାଯାଇଅଛି । ପ୍ରତ୍ୟେକ ଶ୍ରେଣୀ ପାଠାଗାରର ଦାୟିତ୍ୱ ସେହି ଶ୍ରେଣୀର ଶିକ୍ଷକଙ୍କ ଉପରେ ନ୍ୟସ୍ତ । ପାଠାଗାର ପାଇଁ ନିର୍ଦ୍ଦିଷ୍ଟ ସମୟର ବ୍ୟବସ୍ଥା ଅଛି । ମୁଁ ଶୁଣି ସୁଖୀ ହେଲି, ଏହି ପାଠାଗାର ଚଳାଇବାରେ ଶିକ୍ଷକମାନେ କୃତକାର୍ଯ୍ୟ ହୋଇଅଛନ୍ତି । ଏଥିପାଇଁ କେତୋଟି ନିୟମ ମଧ୍ୟ ପ୍ରଣୟନ କରଯାଇଛି ।" ସେତେବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଉଛନ୍ତି ନୀଳକଣ୍ଠ । ତାଙ୍କରି ପ୍ରେରଣା ଓ ପ୍ରଚେଷ୍ଟାରେ Class Library ମାନ ପ୍ରତିଷ୍ଠିତ ହୋଇଥିଲ ଏବଂ ଇନସ୍‌ପେକ୍‌ଟରମାନେ ଏହି ପ୍ରଥା ପ୍ରଚଳନ କରିବା ନିମନ୍ତେ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁଣି ଡ଼ିରେକଟର ଡ୍ରେନିଂଗ୍ ସାହେବ ଏହି ପ୍ରଥା ସାରା ବିହାର ଓଡ଼ିଶାରେ ପ୍ରଚଳନ କରିବାରେ ନିର୍ଦ୍ଦେଶ ମଧ୍ୟ ଦେଇଥିବା କଥା ପୂର୍ବ ଅଧ୍ୟାୟରେ କୁହାଯାଇଛି ।

## ସ୍କୁଲର ସୁନାମ ଓ ସତ୍ୟବାଦୀ ଗୋଷ୍ଠୀର ପ୍ରଶଂସା

କେବଳ ଡ଼ିଉକ୍ ସାହେବ ବା ଡ୍ରେନିଂଗ୍ ସାହେବ ନୁହନ୍ତି, ଓଡ଼ିଶା ଏବଂ ଓଡ଼ିଶା ବାହାରର ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି, ପଦସ୍ଥ ଅଫିସର୍ ଏବଂ ବିଭିନ୍ନ ପତ୍ର ପତ୍ରିକା ମଧ୍ୟ ନୀଳକଣ୍ଠ ସତ୍ୟବାଦୀ ସ୍କୁଲର ହେ. ମା. ଥିବା ବେଳେ ସ୍କୁଲ କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ନାନା ଭବରେ ଏହାର ପ୍ରଶଂସା କରିଛନ୍ତି । ମାନନୀୟ ମି. ଏମ୍. ଏସ୍. ଦାସ, ସି.ଆଇ.ଇ. (ମଧୁ ବାବୁ) ସ୍କୁଲର ପ୍ରତିଷ୍ଠା ଓ ପରିଚାଳନା ବିଷୟରେ ବିଭିନ୍ନ ଦିଗରୁ

Digitized by PPRACHIN, SOA

ଆଲୋଚନା କରି ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ଭୂୟସୀ ପ୍ରଶଂସା କରିଥିବା ବେଳେ, ସେବର ଇନ୍‌ସପେକଟର ଶ୍ରୀ ମଧୁସୂଦନ ରାଓ ଏଇ ମହତ ଅନୁଷ୍ଠାନ ନିକଟରେ ନତ-ମସ୍ତକ ବୋଲି ଉଲ୍ଲେଖ କରିଚନ୍ତି । ଆମ୍ଭେମାନେ ଯେସବୁରୁ କିଛି ଅଂଶ ଏଠାରେ ଉଦ୍ଧୃତ କରି ଏ ବିଷୟଶେଷ କରିବୁ, ଯେହେତୁ ମଣିଷ ଗଢିବା ବ୍ୟତୀତ ସତ୍ୟବାଦୀ ସ୍କୁଲ ସାହିତ୍ୟ ସାଧନାର ପ୍ରଧାନ ପୀଠ ଥିଲା ଏବଂ ଗୋପବନ୍ଧୁଙ୍କ ସହିତ ନୀଳକଣ୍ଠ ଏହି ଯଜ୍ଞବେଦୀର ପ୍ରଧାନ ହୋତା ଥିଲେ ।

ବଙ୍ଗଳାର ସେତେବେଳର ଖ୍ୟାତନାମା ମାସିକ ପତ୍ରିକା 'ନବ୍ୟ ଭରତ' ତାର ଜ୍ୟେଷ୍ଠ ୧୩୨୦ ସାଲ ଏକତ୍ରିଂଶ ଖଣ୍ଡ ଦ୍ୱିତୀୟ ସଂଖ୍ୟାରେ ସତ୍ୟବାଦୀ ସ୍କୁଲ ବିଷୟରେ ଗୋଟିଏ ଦୀର୍ଘ ଲେଖା ପ୍ରକାଶ କରି ଦର୍ଶାଇଥିଲେ ଯେ, ଦେଶ ସେବାର ମହାନ୍ ବ୍ରତ ନେଇ ଗୋପବନ୍ଧୁ ଓ ନୀଳକଣ୍ଠ ପ୍ରଭୃତି କେତେକ ଉଚ୍ଚ ଶିକ୍ଷିତ ବ୍ୟକ୍ତି ସତ୍ୟବାଦୀ ଠାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ସ୍ୱଳ୍ପ ବେତନ ନେଇ ସ୍କୁଲରେ ବାସ୍ତବ ଶିକ୍ଷା ଦେବା ବ୍ୟତୀତ, ଏମାନେ ସାହିତ୍ୟ ସାଧନା ଏବଂ ରୋଗୀ ସେବା ତଥା ସମାଜ ସେବାରେ ନିଜ ନିଜକୁ ନିୟୋଜିତ କରିଥିଲେ । ସମାଜରେ ଥିବା କୁସଂସ୍କାର ବିରୁଦ୍ଧରେ ରୀତିମତ ସଂଗ୍ରାମ କରିବାକୁ ଯିବାରେ ପାଖ ଅଞ୍ଚଳର ବ୍ରାହ୍ମଣମାନେ ଉତ୍ୟକ୍ତ ହୋଇ ସ୍କୁଲ ଘରେ ଓ ଲାଇବ୍ରେରୀରେ ନିଆଁ ଲଗାଇ ତାକୁ ପୋଡ଼ି ଦେଲେ । 'ନବ୍ୟ ଭରତ' ସ୍କୁଲ ସଂପର୍କରେ ଗୋଟିଏ ଦୀର୍ଘ ବିବରଣୀ ଦେଇ ସ୍କୁଲ ଘର ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ନିବେଦନ କରି ଉକ୍ତ ସଂଖ୍ୟାରେ ଲେଖିଥିଲେ, ''ଲୋକେରା ଠାଟା କରିୟା ବଲିତ, 'ଇଁହାରା ଆବାର ଉତ୍‌କଲେ ଫାର୍ଗୁଶନ କଲେଜ କରିବେନ ।' ଏଖନ ଇଁହାଦେର ସ୍ୱାର୍ଥତ୍ୟାଗେର ଦୃଷ୍ଟାନ୍ତ ଦେଖିୟା, ସକଲେ ଅବାକ୍ ହଇୟା ଯାଇତେଛେନ । ନିନ୍ଦୁକେରା ଓ ଆତ୍ମଜ ଦିଗକେ ଏଖନ ଏ ସ୍କୁଲେ ଦିତେଛେନ୍ । ସାମାଜିକ ଶାସନକେ ବୁକ ପାତିୟା ଲଇୟା ବୀରେର ନ୍ୟାୟ ତାଁହା ଦିଗକେ ଅଗ୍ରସର ହଇତେ ଆମରା ପରାମର୍ଶ ଦିୟାଛି । ଯାଁହାରା ପ୍ରହାର କରିବେନ, ତାଁହାଦିଗକେ ଆଲିଙ୍ଗନ କରିତେ ଉତ୍‌ସାହିତ କରିୟାଛି ଏବଂ ଭିକ୍ଷାର ଝୁଲି କାନ୍ଧେ କରିୟା, ଦନ୍ତେ ତୃଣ ଲଇୟା ଦ୍ୱାରେ ଦ୍ୱାରେ ଘୁରିତେ ବଲିୟା ଆସିୟାଛି । ସାକ୍ଷୀଗୋପାଲ, ସତ୍ୟବାଦୀ, ତୋମାର କଥା ତ କିଛୁତେଇ ଭୁଲିତେ ପାରିତେଛି ନା । ତୁମି ଏଖନ ଆମାଦେର ନିଭୃତେର ଚିନ୍ତା, ଦିବସେର ଉଦ୍ୟମ, ଶୋକେର ସାନ୍ତ୍ୱନା ହଇୟାଛ । ତୋମାର କଥା କି ଉତକଲ ଭୁଲିବେ ? ତୋମାର ଦୃଷ୍ଟାନ୍ତ କି ବଙ୍ଗେ ଅନୁପ୍ରାଣନ ଆନୟନ କରିବେ ନା ? ଶୁନିୟାଛି, ପାଟନାର ରାଜେନ୍ଦ୍ର ପ୍ରସାଦ ବିହାରେର ଉନ୍ନତିର ଜନ୍ୟ ଉନ୍ମତ୍ତ । କିନ୍ତୁ ତିନି ଯଦି ଗୋପବନ୍ଧୁ ଓ ନୀଳକଣ୍ଠେର ହୃଦୟ ପାଇତେନ,

Digitized by PPRACHIN, SOA

ଯଦି ତାର ଦରିଦ୍ରେର ପ୍ରତି ଦରଦ ଥାକିତ, ଯଦି ତିନି ଭେଦାଭେଦେର କୁହକ ଭୁଲିତେ ପାରିତେନ, ବୁଝିବା ଏକ ଦିନ୍ ବିହାର, ଉତ୍କଲ ଓ ବଙ୍ଗ ଆବାର ଏକତ୍ର ହଇୟା ଉଠିତ । ସାକ୍ଷୀଗୋପାଲ ଷ୍ଟେସନେ ଟ୍ରେଣ ଥାମିଲେ ଭୀଖାରୀର ବେଶେ ବନ୍ଧୁଦିଗକେ ଷ୍ଟେସନେ ଉପସ୍ଥିତ ଥାକିତେ ଆମରା ବଲିୟା ଆସିୟାଛି;—ଆଶାକରି, ଯାଁହାର ହୃଦୟେ ଏକ ବିନ୍ଦୁ ଦୟା ଆଛେ, ତିନିଇ ସାକ୍ଷୀଗୋପାଲ ସ୍କୁଲେ କିଛୁ କିଛୁ ଦିୟା ଆସିବେନ । ବଲିତେ ହୃଦୟ ଫାଟିୟା ଯାୟ ଝଡ଼େ ବୋର୍ଡ଼ିଂ ଗୃହ ପଡ଼ିୟା ଗିୟାଛେ । ସ୍କୁଲ ଘରଖାନି, ସାମାଜିକ ଶାସନେର ଚକ୍ରାନ୍ତେ କି ନା, କେ ଜାନେ, ଅଗ୍ନିତେ ଭସ୍ମୀଭୂତ ହଇୟାଛେ ! ଏଖନ ବୃକ୍ଷ ତଲେ ସ୍କୁଲେର କାଜ ହଇତେଛେ । କିନ୍ତୁ ଇହାତେଓ ସ୍ୱାର୍ଥତ୍ୟାଗୀ ଦଲ ଦମିୟା ଯାନ ନାଇ । ସ୍କୁଲ ଘର ନିର୍ମାଣେର ଆୟୋଜନ ହଇତେଛେ - ଇଟ କାଟା ହଇତେଛେ, କିନ୍ତୁ ଅର୍ଥେର ବଡ଼ଇ ଅଭାବ । ଟାକାର ଅଭାବେ ଆଗାଛାର ଦ୍ୱାରା ନବନିର୍ମିତ ବୋର୍ଡ଼ିଂୟେର ଦରଜା ଜାନାଲା ପ୍ରସ୍ତୁତ ହଇତେଛେ । ଡ଼େପୁଟୀ ଅକ୍ଷୟ ବାବୁ ନିଜ ପୁତ୍ରେର ଜନ୍ୟ ପାକା ଘର କରିୟା ଦିତେଛେନ । ବଙ୍ଗେ ଏବଂ ଏଇ ଭାରତେ ଅନେକ ସତ୍ କାଜେର ସହାୟ ଆଛେନ, କତ ରାଜା ମହାରାଜା ଆଛେନ, ତାଁହାରା କି ସତ୍ୟବାଦୀ ସ୍କୁଲେର କଥା ଏକବାର ଭାବିବେନ ନା ? ଯିନି ଯାହା ଦିବେନ, ତାହାଇ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ମହାଶୟେର ଦ୍ୱାରା କୃତଜ୍ଞତାର ସହିତ ଗୃହୀତ ହଇବେ । ଦୁର୍ବଲେର ସହାୟ ଭଗବାନ, ଅସହାୟେର ଚିର ଆଶ୍ରୟ ଦୟାଲ ହରି—ତିନି କି ଏଇ ସ୍କୁଲକେ ଭୁଲିବେନ ? ବିଧାତାର ଅଜସ୍ର କୃପା ବର୍ଷିତ ହଉକ,—ଏଇ ସ୍କୁଲ ତାଁହାର ପ୍ରେରଣାୟ ସହୃଦୟ ବ୍ୟକ୍ତିଗଣେର ସାହାଯ୍ୟେ ମହାବଲଶାଲୀ ହଇୟା ଉଠୁକ । ବିନୀତ ଭାବେ ନିବେଦନ, ସାକ୍ଷୀଗୋପାଲ-ଷ୍ଟେସନେ ଏବଂ ମନ୍ଦିରେ ଯାଁହାରା ଯାଇବେନ, ତାଁହାରା କିଛୁ କିଛୁ ଏଇ ସ୍କୁଲେର ପୁଣ୍ୟମୟ କାର୍ଯ୍ୟେ ଦିୟା ଆସିବେନ । ସ୍କୁଲେର ସଂକ୍ଷିପ୍ତ ଉଦ୍ଦେଶ୍ୟ ଏଇ ସ୍ଥଲେ ଉଦ୍ଧୃତ କରିଲାମ ।

"Satyabadi, better-known as Sakhigopal, is an important place of Hindu Pilgrimage in the District of Puri, only ten miles to the North of the Holy city of Jagannath. The tradition connected with Sakhigopal, the Presiding Deity of the place, is well known to every reader of the Chaitanya Charitamrita. It is surrounded by many large and populous Brahman villages

Digitized by PPRACHIN, SOA

called shasans, of great antiquity, where learning and culture once largely flourished.

Some 3 years ago a small band of young men opened a middle English school here with but 19 pupils on the rolls. They have devoted much of their energy and income to the up-keep and progress of the institution which now boasts of a population of 190 of whom nearly half reside in the Hostel attached to the School.* The fourth class of a High English School was attached to the school last year and second and third classes have been opened in the present session.

The organisers are yet a handful of young men who are divided into two classes—working members and earning members. The duty of an earning member is to finance the scheme as best as he can by earning money either by service, profession or by any other honest means; while a working member has to do the actual teaching work with a nominal allowance just sufficient to meet the ordinary necessaries of life. A member of one class, if he likes, may come to the other class. Some of the young men who have made up their minds to join the organisation are still in college and after they complete their aducation will join one class or the other.

The school receives no aid either from the Government or from the District Board. Self-help and self-sacrifice are its guiding principles. The spirit of the workers has been well recognised by the public as well as the authorities.

A. THE STAR OF UTKAL SAYS :—

"We are extremely glad to hear that the Satyabadi Higher class English School is making steady progress year

Digitized by PPRACHIN, SOA

after year. The authorities of the school are composed of young men who know how much they have to sacrifice for the improvement of their country and their pockets from one fourth to one-eighth of their income every months. Babu Nilakantha Das an M.A. is headmastering the school now without any remuneration. Such noble efforts remind us of the self-sacrificing professors of the Furgusson College, Poona, where Hon'ble Mr. Gokhale one day apprenticed as a school master.

B. PANDIT RAMA BALLAVE MISRA, M.A.,B.L. the District Magistrate of Puri who was pleased to visit the school on the 24th April, 1912 shortly after the school was destroyed by fire observes ;

"I was pleased to notice the spirit of self-help among the executive of the school. The classes are now being held under the shade of the trees near the school house and the work of teaching is going on as if nothing has happened. The institution is a refreshing example of self-sacrifice on the part of the Superintendent (Babu Nilakantha Das) and his assistants and fully deserves support and encouragement."

C. MR. J. MACLEAN B.A. (Oxon) Inspector of Schools in his recent visit to the school remarks :

"The school has suffered a series of misfortunes during the past year. On the 22nd March the furniture. roof and, other parts of the building were destroyed by fire. The walls that remained standing were razed to the ground by the cyclone of the 31st October. The school is now being held under the trees of the compound. The institution is an unaided one. Over Rs. 2000 has been already collected for a new building which, it is intended, should be completed before

Digitized by PPRACHIN, SOA

April. The zeal of the promoters and teachers of the school is highly commendable."

D. The late lamented RAI MADHUSUDAN RAO BAHADUR, the late inspector of schools, Orissa, in his presidential address which was in Oriya at the last session of the Puri District Educational Conference held at Satyabadi said; "Some sacrificing and patriotic young men have set up a school here (at Satyabadi). I bow down my head before that institution, which I consider to be a noble example of self-sacrifice and burning faith and I hope it will stand as a temple of learning for the advancement and edification of our people."

E. The Hon'ble MR. M. S. DAS, C.I E. while presiding over the distribution of prizes of the school in 1911 spoke of this educational endeavour in a highly appreciative tone.

The school is not local in its aim and interests. Before they started the work the organisers looked out for a suitable place at different centres in the moffusil of Orissa and the choice fell on Satyabadi for the following reasons :

(1) It is very close to Puri and is within easy reach of Cuttack.

(2) It has a Railway Station (the school is only 10 minutes walk from the Sakhigopal Station, B. N. Ry), Post Office, Telegraph Office, Hospital and Police Station.

(3) Blessed with all the advantages of a town it has the country calmness and repose so necessary and beneficial for study and for the healthy development of body and chatacter.

(4) The place is healtny; living comparatively cheep; and the site, extremely picturesque.

Digitized by PPRACHIN, SOA

(5) About all the pilgrims to Puri from different parts of India pay a visit fo this place and this gives an opportunity to the students to observe and study the various Indian races and their manners etc.

(6) It is the centre of many important populous Brahaman Villages where the people are extremely conservative but their opinions and sentiments more or less influence the social life of Orissa.

(7) The first batch of workers mostly belong to this locality and can, therefore, work at a sacrifice.

After the scool is established on a firm footing the work will be extended to other moffusil centres. It is hoped that at least some of the students who will be in this school for over 7 years under the direct care and training of sacrificing teachers may be inspired by their spirit and example and join this educational movement when they become properly qualified.

The object is purely educational. Orjssa is yet very backward in education. University education has become so costly that the right of being properly educated is almost denied to many intelligent but poor lads. It is to give proper and efficient education to these children specially that the school is primarily meant.

The organisers include in their programme the physical and moral training of the boys under their care. No opportunity is missed to give the boys an idea of the duty they owe to their neighbours. Shortly after the last car-festival there was a violent outbreak of cholera at Satyabadi and in its neighbourhood. Four of the teachers treated the patients by Homeo-

Digitized by PPRACHIN, SOA

pathy with marvellous success. A number of elderly boys were trained in attending the patients which they did admirably well. In seasons of festival, the teachers with their pupils help the pilgrims in various ways.

It is also under contemplation that while the H E. School is properly equipped and organised, a techhnical branch will be opened with classes for weaving, carpentry lock-making and gardening. Boys will be trained in one or more of these subjects best suited to their genius and capacity.

The school is open to all classes of students without any distinction of caste, creed, colour or race. For, the promoters sincerely hold that education, in its true sense, is not a matter of provincial, sectarian, or racial interest. It is a necessity of man who is endowed with immense possibilities for infinite progress.

Before the school was destroyed by fire in last March it had been well-equipped with all necessary furniture and appliances. There was a decent collection of volumes in the library worth over Rs. 1000. The loss caused by fire and the cyclone is estimated at about Rs. 5000. The present staff consits of 9 efficient teachers including Babu Nilakantha Das M.A. Headmaster, who works on a nominal allowance of Re. 30 a month. Babu Godavarish Mishra, M.A. will join very soon on a similar allowance. The school has now standards upto the 2nd class of a High English School. The promoters are anxious to get it affiliated to the University of Calcutta in the session for 1914. But classes are now being held under trees in the school compound. A permanent building is urgently needed. A plan and estimate of the building

Digitized by PPRACHIN, SOA

satisfying the conditions for affiliation of the institution as a High English School has been prepared by an Engineer of experience The cost is estimated at over Rs. 12000.

It can not be too emphatically said that education is the crying need for our people. It is the right of man to be properly educated and those who have it in their power to render any help to its cause are under a deep moral obligation to their brethren who go without it. The young organisers of the school at Satyabadi have done all they could and are still exerting their utmost for the success of their efforts in spreading education in a backward part of the country. And they earnestly hope that the generous public will come to their help and give heartly unstinted support to their humble endeavour which has unfortunately met during its infancy with a series of calamities."

ଏଥିର ଅନୁବାଦ ନିଷ୍ପ୍ରୟୋଜନ ।

## ସତ୍ୟବାଦୀ ସାହିତ୍ୟର ସାର୍ଥକତା

ସମାଜର ମଙ୍ଗଳ ସାଧନ ସାହିତ୍ୟର ଲକ୍ଷ୍ୟ । ସତ୍ୟବାଦୀ ସାହିତ୍ୟ ଓ ତାର ଅଫୁରନ୍ତ ଉତ୍ସ ନୀଳକଣ୍ଠ ତାଙ୍କ ପରିଗ୍ରହିତ ସତ୍ୟବାଦୀ ବିଦ୍ୟାଳୟ ସାହାଯ୍ୟରେ ଏଇ ଲକ୍ଷ୍ୟ ସାଧନରେ ବିରାଟ ସାଫଲ୍ୟ ଅର୍ଜନ କରିଥିଲେ । ସତ୍ୟବାଦୀ ଗୋଷ୍ଠୀଙ୍କ କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ବ୍ୟାସକବି ଫକୀର ମୋହନ ତାଙ୍କ "ଉତ୍କଳ ଭ୍ରମଣ"ରେ ଲେଖଥିଲେ,

"ସଦାଶିବ ନୀଳକଂଠ ସତତ ସନ୍ୟାସୀ,
ଜଗତ୍ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ,
ଗୋଦାବରୀ ଉପକୂଳ ନିୟତ ଉର୍ବର
କୃପାମୟ କୃପାସିନ୍ଧୁ ଜନ ହିତକର·
କାର୍ଯ୍ୟ ସାଧନରେ ଅବତୀର୍ଣ୍ଣ ଧରା ଧାମେ,
ସମବେତ ସେମାନେ ତ ସତ୍ୟବାଦୀ ଗ୍ରାମେ ।
ଜ୍ଞାନ ରଶ୍ମି ପବିତ୍ରତା ଉଭୟେ ତ ଠୁଳେ,
ଉଦ୍ଧାରିବେ ଭଗୀରଥ ସମାନରେ କୂଳ ।"

Digitized by PPRACHIN, SOA

## ଉତ୍କଳ ଗୌରବ ମଧୁସୂଦନ ଦାସ

ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନ ନୀଳକଣ୍ଠଙ୍କର ସଭାପତି ଭୂୟସୀ ପ୍ରଶଂସା କରି କହିଥିଲେ, "ମୁଁ ନୀଳକଣ୍ଠଙ୍କୁ ବହୁ ଦିନରୁ ଚିହ୍ନେ—ପୂର୍ବେ ମୋହର ତାଙ୍କ ପ୍ରତି ଅନେକ ପ୍ରକାର ସନ୍ଦେହାତ୍ମକ ଧାରଣା ଥିଲା, ଏବଂ ତାଙ୍କ ବିଷୟରେ ମୋର ନାନା ପ୍ରକାର ଆଶଙ୍କା ମଧ୍ୟ ହୋଇଥିଲା । କିନ୍ତୁ ସୁଖର କଥା, ସେ ସବୁ ବର୍ତ୍ତମାନ ମୋ ମନରୁ ସଂପୂର୍ଣ୍ଣ ରୂପେ ଘୁଞ୍ଚିଅଛି । ଦୁଇ ଘଡି ତାଙ୍କ ସହିତ ୬ଟା ଠାରୁ ୮ଟା ପର୍ଯ୍ୟନ୍ତ କଥୋପକଥନ କରି ମୋର ଭ୍ରାନ୍ତି ଗୁଲି ଯାଇଅଛି । ତାଙ୍କ ସହିତ ମୋର ସେହି କଥୋପକଥନରୁ ମୁଁ ତାଙ୍କ ବିଷୟରେ ବହୁ ଉଚ୍ଚ ଭାବ ମନରେ ପୋଷିଅଛି । ଏମାନଙ୍କ ଦ୍ୱାରା ବାସ୍ତବିକ ଜାତୀୟ ଉନ୍ନତି ସାଧିତ ହେବ, ଏଥିରେ ସନ୍ଦେହ ନାହିଁ । ଏମାନଙ୍କୁ ଦେଖି କୀଟ, ପତଙ୍ଗ ଦୀପରେ ପଡ଼ିଲା ପରି ଶତ ଶତ ରାଜା ମହାରାଜାମାନେ ମଧ୍ୟ ଆଜି ସେମାନଙ୍କର ଧର୍ମ ଗ୍ରହଣ ଓ ସମର୍ଥନ କଲେ । ମୁଁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିଥାଏ ଏବଂ ବରାବର କରିବି । ସେମାନେ ମନୁଷ୍ୟ ଗଢିବା ପାଇଁ କୃତସଙ୍କଳ୍ପ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢି ପାରିବେ, କିନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛି, ତାକୁ କେହି ଗଢି ପାରନ୍ତି ନାହିଁ । ଯେତେବେଳେ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ହୃଦୟରେ ପ୍ରାଣ ବ୍ରହ୍ମ ପ୍ରତିଷ୍ଠା ହୋଇ ସେମାନଙ୍କୁ ପବିତ୍ର ମନୁଷ୍ୟତାରେ ଜାଜ୍ୱଲ୍ୟମାନ କରିବେ, ସେତେବେଳେ ଗଭର୍ଣ୍ଣମେଣ୍ଟ ବା ଅନ୍ୟ ଯେ କେହି ସେମାନଙ୍କୁ ଅବଶ୍ୟ ସମ୍ମାନ କରିବେ । ଆତ୍ମ ସାହାଯ୍ୟ ଇଚ୍ଛାର ଫଳ ଅତି ଉଚ୍ଚ । ନାଉରୀକୁ ଭଡ଼ା ନ ଦେଇ ପାଣିରେ ଡ଼େଇଁ ପଡ଼ିଲେ, ସେଇ ନାଉରୀ ଲୁଗା ପକାଇ ତାହାକୁ ପାଣିରୁ ଓଟାରି ଆଣି, ପିନ୍ଧିବାକୁ ଲୁଗା ଦେଇ ତାତ୍ପର୍ଯ୍ୟ କରି ମନକୁ ପାରି କରିଦିଏ । ଗୋପବନ୍ଧୁ, ନୀଳକଣ୍ଠ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ସେମାନଙ୍କ କାର୍ଯ୍ୟ ଦେଖି ଦେଶବାସୀ ତଥା ଗଭର୍ଣ୍ଣମେଣ୍ଟ ଯଥା ସମୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହେବେ । ସନ୍ଦେହ ନାହିଁ । ସେମାନେ ଯେ ଭାବରେ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ନାନାବିଧ ବିଘ୍ନ ସତ୍ତ୍ୱେ ଅବିଚଳିତ ଚିତ୍ତରେ ଉକ୍ତ କାର୍ଯ୍ୟରେ ଲାଗି ରହିଛନ୍ତି, ସେଥିରେ ସେମାନେ ଯେ ସମସ୍ତଙ୍କର ପ୍ରଶଂସାଭାଜନ ଏହା ବୋଲିବା ବାହୁଲ୍ୟ । ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି ।"

## ସତ୍ୟବାଦୀ ଯୁଗ ଓ ତାହାର ବଳୟ

ଆଦ୍ୟର ଅନ୍ତ ଥାଏ, ଉତ୍‌ଥାନର ପତନ ଥାଏ, ଉତ୍ପତ୍ତିର ବିଲୟ ଥାଏ— ଏହା ଏକ ଚିରନ୍ତନ ସତ୍ୟ । ଗଛ ଘର ପରିବର୍ତ୍ତେ ସ୍କୁଲ ପାଇଁ କୋଠା ଘର ତିଆର ହେଲା । ସ୍କୁଲ ଲାଇବ୍ରେରୀ ପୂର୍ଣ୍ଣ ଗଢି ଉଠି, ସ୍କୁଲ ତଥା ଶ୍ରେଣୀ ଲାଇବ୍ରେରୀମାନ ଖୋଲା ହେଲା । ସମାଜ ସଂସ୍କାର ରୂପକ 'ନିଶ ଆନ୍ଦୋଳନ' ପୂର୍ଣ୍ଣାଙ୍ଗ ହୋଇ ପୂର୍ଣ୍ଣତଃ ଜୟଯୁକ୍ତ ହେଲା । ସତ୍ୟବାଦୀ ସାହିତ୍ୟ ସାଧନାର ଶୀର୍ଷ ସ୍ଥାନ ଅଧିକାର

Digitized by PPRACHIN, SOA

କଲା । ସାରା ଦେଶରେ ସତ୍ୟବାଦୀର ଜୟଗାନ ଉଚ୍ଛୁରିତ ହେଲା । ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ଯୁଗର କବି ଓ ଲେଖକମାନଙ୍କର କୃତିତ୍ୱର ପରାକାଷ୍ଠା ବିଗ୍ରହକୁ ଆଣିଲେ ମନେ ହୁଏ ନୀଳକଣ୍ଠ ହେଉଛନ୍ତି ଏମାନଙ୍କ ମଧ୍ୟରେ ଅଗ୍ରଣୀ । ଏହାଙ୍କର ସାହିତ୍ୟ ସକଳ କୋଟୀ ସ୍ପର୍ଶ କରି ଉର୍ଜସ୍ୱଳ ହୋଇ ରହିଛି । ଗୋଦାବରୀଶ ସତ୍ୟବାଦୀ ଯୁଗର ଜଣେ ପ୍ରତିଭଶାଳୀ କବି । ସତ୍ୟବାଦୀ ଯୁଗ କହାଇଲେ କେବଳ ୧୯୦୯ ଠାରୁ ୧୯୨୧ ମସିହା ପର୍ଯ୍ୟନ୍ତ ଏହି ବାର ବର୍ଷର ବୁଝିବାକୁ ହେବ । ଅବଶ୍ୟ ଏହା ମଧ୍ୟରେ ପଣ୍ଡିତ ନୀଳକଣ୍ଠ ହେ: ମା. ପଦରୁ ଅବ୍ୟାହତି ନେବା ପରେ ସ୍କୁଲର ଅଗ୍ରଗତିରେ କେତେକ ବାଧା ଉପୁଜି ଥିଲେହେଁ, ସାହିତ୍ୟ ସାଧନା ପ୍ରାୟ ସେହିପରି ଅକ୍ଷୂର୍ଣ୍ଣ ଥିଲା । ମାତ୍ର ୧୯୨୦ ପରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସମେତ ଏହି ସାହିତ୍ୟିକମାନେ ରାଜନୀତିରେ ପଶି ବିକ୍ଷିପ୍ତ ଓ ଛିନ୍ନ ଭିନ୍ନ ହୋଇଗଲେ । ସତ୍ୟବାଦୀରେ ଥିବା ସମୟରେ ସେମାନଙ୍କର ସାହିତ୍ୟ ସାଧନା ଯେପରି ନାନା ମାଧୁର୍ଯ୍ୟ, ବୈଚିତ୍ର୍ୟ ଓ ସୌନ୍ଦର୍ଯ୍ୟ ମଧ୍ୟ ଦେଇ ଆତ୍ମପ୍ରକାଶ କରିଥିଲା, ଆଉ ସେପରି ହୋଇ ପାରିଲା ନାହିଁ । ସତ୍ୟବାଦୀ ଯୁଗର ବସ୍ତୁତଃ ବିଲୟ ଘଟିଲା ।

ଅବଶ୍ୟ ନୀଳକଣ୍ଠ ରାଜନୀତିରେ ଯୋଗ ଦେଇ ସୁଦ୍ଧା 'ନବ ଭାରତ' ପ୍ରତିଷ୍ଠା କରି ତହିଁ ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, (ଦୁଇଭାଗ) ଏବଂ 'ସଂସ୍କୃତ ଓ ସଂସ୍କୃତି' ପରି ଉନ୍ନତ ଚିନ୍ତାଧାରାର ପୁସ୍ତକମାନ ଲେଖିଲେ । ମାତ୍ର କାବ୍ୟ ଲେଖିବାର ଅବକାଶ ଆଉ ତାଙ୍କୁ ମିଳିଲା ନାହିଁ । ଗୋଦାବରୀଶଙ୍କର 'କିଶଳୟ' 'କଳିକା' ଏବଂ ଗାଥା କବିତା 'ଆଲେଖିକା', ଐତିହାସିକ ନାଟକ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦ ଦେବ' ଯେପରି ବଳିଷ୍ଠ ଓ ଜାତୀୟ ଚେତନା ଏବଂ ଐତିହାସିକ ପ୍ରୀତି ଉପରେ ପ୍ରତିଷ୍ଠିତ ହୋଇ ଆତ୍ମପ୍ରକାଶ କରିଥିଲା, ରାଜନୀତିରେ ଯୋଗ ଦେଇ ସେଭଳି କବିତା ଓ ନାଟକ ଆଉ ସେ ଲେଖି ପାରିଲେ ନାହିଁ । କୃପାସିନ୍ଧୁ ଏହି ସତ୍ୟବାଦୀ ସ୍କୁଲରେ 'କୋଣାର୍କ' ଓ 'ଓଡ଼ିଶାର ଇତିହାସ' ଲେଖିଥିଲେ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଜାତୀୟ ମହାବିଦ୍ୟାଳୟରେ ପୃଥିବୀର ବିଭିନ୍ନ ଦେଶର ସ୍ୱାଧୀନତାର ଇତିହାସ ଲେଖି ଛାତ୍ରମାନଙ୍କୁ ଯାହା ପଢ଼ାଉଥିଲେ, ଅଳ୍ପଦିନ ପରେ ୧୯୨୬ରେ, ସେ ମଧ୍ୟ ଏହି ଜଗତରୁ ଚିର ବିଦାୟ ନେଇଗଲେ । ଗୋପବନ୍ଧୁ ଥିଲେ ସ୍କୁଲର ପ୍ରାଣ ପ୍ରତିଷ୍ଠାତା । ସେ ଦେଶର ନାନା ହିତକର କାର୍ଯ୍ୟରେ ଓ ଓଡ଼ିଶାର ଅସହଯୋଗ ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି ୧୯୨୮ରେ ଇହଲୀଳା ସମ୍ବରଣ କଲେ । ସତ୍ୟବାଦୀ ସ୍କୁଲ ଭାଙ୍ଗିଗଲା । ଏହାର ସାରସ୍ୱତ ସାଧନାରେ ଚିର ଦିନ ସକାଶେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଗୋପବନ୍ଧୁ ସମ୍ପାଦକ ଥାଇ ଯେଉଁ 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶ ପାଉଥିଲା ଓ ନୀଳକଣ୍ଠ ଯାହାର ମୁଖ୍ୟ ଚାଳକ ଥିଲେ, ତାହା ବି କାଳକ୍ରମେ ଅନ୍ତର୍ହିତ ହୋଇଗଲା । ସତ୍ୟବାଦୀ ଯୁଗ କାର୍ଯ୍ୟକ୍ରମରେ ଯବନିକା ପଡ଼ିଲା ।

Digitized by PPRACHIN, SOA

ନୀଳକଣ୍ଠ, ଗୋଦାବରୀଶ ଓ ଆଚାର୍ଯ୍ୟ ହରିହର ବିଭିନ୍ନ ମାର୍ଗରେ ଯେଉଁ ଆଲୋକ ବର୍ତ୍ତିକା ଜଳାଇ ରଖିଲେ, ତାହା ସତ୍ୟବାଦୀ ଯୁଗର ସେ ମହନୀୟତା ପରିବର୍ତ୍ତେ ରାଜନୀତିକ ଝଡ଼ଝଞ୍ଜାରେ ବିଶେଷ ଭାବେ ମଥିତ ହେବାକୁ ଲାଗିଲା ପରେ ଆଚାର୍ଯ୍ୟ ହରିହର କ୍ରମେ ତହିଁରୁ ଦୂରେଇ ଗଲେ ।

# ସତ୍ୟବାଦୀ ପରେ

## 'ନବ ଭାରତ'ର ଆବିର୍ଭାବ

ଅସହଯୋଗ ଆନ୍ଦୋଳନ, ରାଜନୀତିର ନାନା ଘନଘଟା ଏବଂ ଓଡ଼ିଶାର ସମସ୍ତ ରାଜନୈତିକ ଦାୟିତ୍ୱ ବହନ ଫଳରେ ବାଣୀପ୍ରେମୀ ନୀଳକଣ୍ଠ ସତ୍ୟବାଦୀ ସ୍କୁଲ ଛାଡ଼ିବା ପରେ ସାରସ୍ୱତ ସାଧନାରୁ କିଛି କାଳ ପାଇଁ ବିଚ୍ୟୁତ ହୋଇଥିଲେ ସତ, ମାତ୍ର ତାର ଏକ ଦଶନ୍ଧି ଭିତରେ କର୍ମପ୍ରାଣ ନୀଳକଣ୍ଠ ଏଥିପାଇଁ ଏକ ବିସ୍ତୀର୍ଣ୍ଣ ପରିବେଶ ସୃଷ୍ଟି କରି ଓଡ଼ିଶାର ଚିନ୍ତାଶୀଳ ସାହିତ୍ୟ ସାଧକମାନଙ୍କୁ ଏଥିପ୍ରତି ଆକୃଷ୍ଟ କରାଇଲେ । 'ନବ ଭାରତ' ପ୍ରେସ ପ୍ରତିଷ୍ଠା କରି ମାସିକ 'ନବ ଭାରତ' ପ୍ରକାଶ କଲେ । ତଦ୍ୱାରା ନିଜର ସାହିତ୍ୟ ସାଧନା ଅକ୍ଷୁର୍ଣ୍ଣ ରଖି ପାରିବା ବ୍ୟତୀତ ନୀଳକଣ୍ଠ ଓଡ଼ିଶାରେ ବହୁ ସାହିତ୍ୟିକ, ଦାର୍ଶନିକ, କବି ଓ ଭାବୁକ ସୃଷ୍ଟି କରି ଯାଇ ଅଛନ୍ତି । ଦୁର୍ଭାଗ୍ୟକୁ ଅବଶ୍ୟ ତାଙ୍କର ଅବିରମ ଉଦ୍ୟମ ସତ୍ତ୍ୱେ 'ନବ ଭାରତ' ଯଥା ସମୟରେ ପ୍ରକାଶ ପାଇ ପାରୁ ନ ଥିଲା ଏବଂ ଶେଷରେ ତାଙ୍କ ଜରା ରୁଗ୍ଣ ଅବସ୍ଥାରେ ଏହା ପୁରା ବନ୍ଦ ହୋଇଗଲା । ଏ ସମ୍ପର୍କରେ ଡ଼ଃ ଶ୍ରୀରାମ ଚନ୍ଦ୍ର ଦାଶ 'ନୀଳକଣ୍ଠ ସ୍ମାରକୀ ଗ୍ରନ୍ଥରେ ପଣ୍ଡିତ ନୀଳକଣ୍ଠଙ୍କ ସାମ୍ବାଦିକତା' ଶୀର୍ଷକ ପ୍ରବନ୍ଧରେ ଲେଖି ଅଛନ୍ତି, "ଆଦର୍ଶବାଦୀ ଭାବରେ କୌଣସି ବ୍ୟବସାୟୀ ଅନୁଷ୍ଠାନ ଚଳେ ନାହିଁ । ତେଣୁ କ୍ରମ ବ୍ୟୟ କ୍ଷତିଗ୍ରସ୍ତ ହେବା ଫଳରେ ଦୈନିକ 'ନବ ଭାରତ' ବନ୍ଦ ହୋଇଗଲା । ସେତେବେଳେ ନୀଳକଣ୍ଠଙ୍କୁ କଲମ ଚାଳନା କରିବା ଲାଗି ଅନ୍ୟ କୌଣସି ସୁବିଧା ନ ମିଳିବାରୁ ସେ ମାସିକ 'ନବ ଭାରତ'ର ପୁନଃ ପ୍ରକାଶନରେ ମନୋନିବେଶ କଲେ । ଓଡ଼ିଶାର ପ୍ରତ୍ୟେକ ବର୍ଷୀୟାନ ସାହିତ୍ୟିକ ଜାଣନ୍ତି ଯେ, ଯାହାଙ୍କ ଲେଖା 'ଉତ୍କଳ ସାହିତ୍ୟ'ର ପ୍ରଖ୍ୟାତ ସଂପାଦକ ବିଶ୍ୱନାଥ କରଙ୍କ ନାଲି ପେନ୍‌ସିଲ୍‌କୁ ଅତିକ୍ରମ କରି ପ୍ରକାଶିତ ହେଉଥିଲା, ସେ ସାହିତ୍ୟିକ ଶ୍ରେଣୀରେ ସ୍ଥାନ ପାଉଥିଲା । ସେତେବେଳେ ପ୍ରକାଶ ପାଉଥିବା 'ମୁକୁର'ର ସଂପାଦକ ବ୍ରଜସୁନ୍ଦର-

Digitized by PPRACHIN, SOA

ଦାସଙ୍କର ମଧ୍ୟ ଏଭଳି ସମ୍ପାଦକୀୟ ଖ୍ୟାତି ନ ଥିଲା । 'ଉତ୍କଳ ସାହିତ୍ୟ'ର ତିରୋଧାନ ପରେ 'ନବ ଭାରତ' ହେଲା ଗୋଟିଏ ଅଭିଜାତ ମାସିକ । ମାତ୍ର ନୀଳକଣ୍ଠ ଆଧୁନିକ କବିତାର ତୀବ୍ର ବିରୋଧୀ ଥିଲେ । ଉପଧା ମିଳନ କରି କେହି କବିତା ଲେଖିଲେ ସେ ସେଥିପ୍ରତି ଦୃଷ୍ଟି ନିକ୍ଷେପ ବି କରୁ ନଥିଲେ । ବିଶିଷ୍ଟ ସାହିତ୍ୟିକ ରୂପେ ବିବେଚିତ ଲେଖକ ବୃନ୍ଦ 'ନବ ଭାରତ' ଲାଗି ପ୍ରବନ୍ଧ ପଠାଇ ତାହା ପ୍ରକାଶିତ ହେବା ପର୍ଯ୍ୟନ୍ତ ଅଣନିଃଶ୍ୱାସୀ ହୋଇ ପ୍ରତୀକ୍ଷା କରୁଥିଲେ, କାରଣ ନୀଳକଣ୍ଠ ଲେଖା ଉପରେ ଗୁରୁତ୍ୱ ଦେଉଥିଲେ, ଲେଖକ ଉପରେ ନୁହେଁ । ଅନେକ ଲେଖାକୁ ସେ ଆମୂଳଚୂଳ ପରିବର୍ତ୍ତନ କରି ଦେଉଥିଲେ, ବେଳେବେଳେ ଲେଖକମାନଙ୍କୁ ମୁଦ୍ରଣାଳୟକୁ ନିମନ୍ତ୍ରଣ କରି ତାଙ୍କ ଲେଖାର ଦୋଷ ଗୁଣ ବିଷୟରେ ମିଠା କଡ଼ା ଶୁଣାଇ ଦେଉଥିଲେ । ବିଶ୍ୱନାଥ କରଙ୍କ ପରେ ସେ ଏକମାତ୍ର ସାହସୀ ସଂପାଦକ ଥିଲେ, ଯେ କି ଆତ୍ମାଭିମାନୀ ଲେଖକମାନଙ୍କୁ ଶିକ୍ଷା ଦେଇ ପାରୁଥିଲେ । ତାଙ୍କ ବାର୍ଦ୍ଧକ୍ୟ ହେତୁ କାଳକ୍ରମେ ମାସିକ 'ନବ ଭାରତ' ମଧ୍ୟ ବନ୍ଦ ହୋଇଗଲା ।"

'ନବ ଭାରତ'ରେ ପ୍ରକାଶିତ ସନ୍ଦର୍ଭମାନ ଅତି ଉଚ୍ଚକୋଟୀର ହେଉଥିଲା; ଉଲ୍ଲିଖିତ ବିବରଣୀରୁ ତାହା ସୁସ୍ପଷ୍ଟ । ପୁଣି ଏଇ ଅଳ୍ପକାଳ (ପ୍ରାୟ ଦୁଇ ଦଶନ୍ଧି)ର ସ୍ଥାୟୀତ୍ୱ ଭିତରେ ନୀଳକଣ୍ଠ ଏହି 'ନବ ଭାରତ' ମାଧ୍ୟମରେ ଓଡ଼ିଶାର ସାରସ୍ୱତ ଗଗନାଙ୍ଗନକୁ ଯେଉଁ ଅବଦାନ ଦେଇ ଯାଇ ଅଛନ୍ତି, ସେଥିପାଇଁ ସେ କାଳ କାଳକୁ ଓଡ଼ିଆ ଜାତିର ଚିର ସ୍ମରଣୀୟ ହୋଇ ରହିଥିବେ । 'ନବ ଭାରତ' ପତ୍ରିକା ସହିତ ସେ ପ୍ରାୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସାପ୍ତାହିକ 'ଲୋକମତ' ଓ ଦୈନିକ 'ନବ ଭାରତ'ର ମଧ୍ୟ ସମ୍ପାଦନା କରିଥିଲେ । ସେ ସବୁର ସମୀକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ପରିଚ୍ଛେଦ ଆବଶ୍ୟକ ।କର କଳେବର ମଧ୍ୟରେ ତାହା ସମ୍ଭବ ହେଉ ନ ଥିବାରୁ ଏଠି ଏତିକି କହିଲେ ଯଥେଷ୍ଟ ହେବ ଯେ, ଏ ସବୁ ଦ୍ୱାରା ନୀଳକଣ୍ଠ ଉଭୟ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ କେବଳ ନିଜର ତୀକ୍ଷ୍ଣ ପୁରୋଦୃଷ୍ଟି ଓ ପାଣ୍ଡିତ୍ୟପୂର୍ଣ୍ଣ ମନୀଷାର ଯଥେଷ୍ଟ ପରିଚୟ ଦେଇ ଯାଇ ନାହାନ୍ତି, ଓଡ଼ିଶାରେ ସାହିତ୍ୟିକ ଓ ସାହିତ୍ୟ ସୃଷ୍ଟିର ଏକ ବିରାଟ ପରିବେଶ ସୃଷ୍ଟି କରି ଯାଇଛନ୍ତି ଏବଂ ସେଥିପାଇଁ ସେ କାଳ କାଳକୁ ଓଡ଼ିଆ ଜାତିର ଚିର ନମସ୍ୟ ହୋଇ ରହିଥିବେ ।

Digitized by PPRACHIN, SOA

## ଶ୍ରୀମଦ୍ ଭଗବଦ୍ ଗୀତା

ନୀଳକଣ୍ଠଙ୍କ ମୌଳିକ ଚିନ୍ତା ପ୍ରସୂତ 'ଗୀତା ଭାଷ୍ୟ' ସହିତ ଶ୍ରୀମଦ୍-ଭଗବଦ୍ ଗୀତା ପ୍ରକାଶିତ ହେଲା, ୧୯୩୬ ମସିହା ପୂଜା ଅବକାଶରେ । ଏହାର ତାତ୍ତ୍ୱିକ ଆଲୋଚନା ଏପରି ଗବେଷଣା ମୂଳକ ଯେ ସେଥିରେ ଥିବା କେତେକ ବିଷୟରେ ମତାନୈକ୍ୟ ପ୍ରକାଶ ପାଉଥିଲେହେଁ, ତାହା ସୁଧୀ ଓ ଜ୍ଞାନୀ ସମାଜରେ ବିଶେଷ ଆଦୃତ ହୋଇ ଆସୁଚି । ଏହାର ପ୍ରଥମ ସଂସ୍କରଣରେ ନୀଳକଣ୍ଠ ଲେଖିଥିଲେ, "କ୍ଷେତ୍ର ଓ କ୍ଷେତ୍ରଜ୍ଞ, ପ୍ରକୃତି ପୁରୁଷ, କ୍ଷର ଅକ୍ଷର ପ୍ରଭୃତି ତତ୍ତ୍ୱର ସମାଧାନ ପ୍ରତି ସଙ୍କେତ ଥିଲେ ମଧ୍ୟ ସେ ସବୁର ଦାର୍ଶନିକ ବିକାଶ ବିଶ୍ଳେଷଣ ଓ ସଂଶ୍ଳେଷଣ ଭଲ ରୂପେ ଅଲଗା କରି ବୁଝାଇ ଦିଆ ହୋଇ ନାଇ । ସାଂଖ୍ୟ ବେଦାନ୍ତ ବୌଦ୍ଧ ଦର୍ଶନାଦିର ବିଷୟ ସବୁ ନ ଜାଣିଥିବା ଲୋକଙ୍କୁ ସେଥିପାଇଁ କଦାଚିତ ବୁଝିବାରେ ଟିକିଏ ଅସୁବିଧା ହୋଇପାରେ । ପାଠକମାନେ କ୍ଷମା କରିବେ । ଦ୍ୱିତୀୟ ସଂସ୍କରଣ ପାଇଁ ଅବକାଶ ମିଳିଲେ ମୁଁ ସେ ସବୁର ଯଥାଶକ୍ତି ପ୍ରତିକାର କରିବି ବୋଲି ଆଶା କରେ ।" ତାଙ୍କର ସେହି ଆଶା ପୂରଣ ହେଲା ଏହାର ୨୨ ବର୍ଷ ପରେ । ସେତେବେଳକୁ ବିଶ୍ୱ ଜଗତରେ ବହୁ ପରିବର୍ତ୍ତନ ଘଟି ଯାଇଥିଲା । ଏ ସବୁର ବିଶ୍ଳେଷଣ ଓ ତାତ୍ତ୍ୱିକ ବ୍ୟାଖ୍ୟା ସହିତ ପୂରାପୂରି ନୂତନ ସଂସ୍କରଣଟିଏ ସେ ତାଙ୍କ ଶେଷ ଜୀବନରେ ସୃଷ୍ଟି କରି ଯାଇଥିଲେ, ଯାହା ପ୍ରକାଶ ପାଇଲା, ତାଙ୍କ ମୃତ୍ୟୁର ପ୍ରାୟ ଦଶ ବର୍ଷ ପୂର୍ବରୁ ୧୯୫୯ ମସିହାରେ । ଆଲୋଚକ ନୀଳକଣ୍ଠ ଏ ସଂସ୍କରଣର ମୁଖବନ୍ଧରେ ଲେଖିଅଛନ୍ତି, "ଏ ମଧ୍ୟରେ ଏଟମ୍‌ବମ୍ ସମସ୍ତ ପୃଥିବୀକୁ ଧ୍ୱଂସ କରିବାର ଆଶଙ୍କା କରିବାର ଦେଖାଯାଇଚି । ସେଥିରେ ପରସ୍ପର ବଳ କଷାକଷି ଦେଶମାନଙ୍କ ଭିତରେ ଖୁବ୍ ଆବେଗ ବଢାଇଚି । ଭାରତ ଓ ଅନ୍ୟାନ୍ୟ କେତେକ ଦେଶର ନିରପେକ୍ଷମାନେ ଏଥିରୁ ଅଲଗା ରହିବାକୁ ଚାହିଁ ନିରସ୍ତ୍ରୀକରଣ ବିଷୟରେ ବହୁ ପରାମର୍ଶରେ ଲାଗିଚନ୍ତି । ମଧ୍ୟେ ମଧ୍ୟେ ଏଇ ନିରସ୍ତ୍ରୀକରଣର ପ୍ରଲୋଭନ ଦେଖାଇ ଶାନ୍ତି ଓ ମୈତ୍ରୀ ବୋଲି କଥାଟି ମଧ୍ୟ ବେଳେ ବେଳେ ବାହାରି ପଡୁଚି । କିନ୍ତୁ ଏ 'ପ୍ରକାଶ ଧର୍ମ'ରେ କେତେ ନୀତି ଶୁଣାଯାଉଚି, ସମସ୍ତେ ପର ପାଇଁ କର, ଜାତି ପାଇଁ କର ଇତ୍ୟାଦି । ଯେପରିକି ବ୍ୟକ୍ତିକୁ ଭୁଲି ଯିବାକୁ ହେବ । କିନ୍ତୁ ବ୍ୟକ୍ତି ନଥିଲେ ଗୋଷ୍ଠୀ ନାଇ, ସମାଜ ନାଇ ।" 'ପ୍ରକାଶ ଧର୍ମ'ରେ ଭ୍ରାନ୍ତିର ଅନୁଶୀଳନ ନୀଳକଣ୍ଠଙ୍କର ଏକ ମୌଳିକ ଚିନ୍ତା, ଯେହେତୁ ବ୍ୟକ୍ତି ଓ ଗୋଷ୍ଠୀ ଉପରେ ସମାଜ ପ୍ରତିଷ୍ଠିତ ହୁଏ ।

Digitized by PPRACHIN, SOA

## ଗୀତାରେ ଆତ୍ମ ଧର୍ମର ପ୍ରାଧାନ୍ୟ

ପୁସ୍ତକଟିରେ ଗୀତାର ଶ୍ଳୋକ, ପଦ ଟୀକା, ଅର୍ଥ ଓ ତହିଁର ବ୍ୟାଖ୍ୟା ସମସ୍ତ ମିଶି ପ୍ରାୟ ୪୫୦ ପୃଷ୍ଠାରେ ସୀମିତ ହୋଇଥିବା ବେଳେ ଭାଷ୍ୟକାର ନୀଳକଣ୍ଠଙ୍କ ପ୍ରଜ୍ଞା ପ୍ରସୂତ 'ଗୀତା ପ୍ରବେଶ' ୩୫୦ ପୃଷ୍ଠାକୁ ବ୍ୟାପି ଯାଇଛି । ତହିଁକୁ ପୁଣି ଦ୍ୱିତୀୟ ସଂସ୍କରଣର 'ମୁଖବନ୍ଧ' ରୂପେ ଆଉରି ୧୫୦ ପୃଷ୍ଠାରୁ ଊର୍ଦ୍ଧ୍ୱର ବିଶ୍ଳେଷଣ ଏଥିରେ ସଂଯୁକ୍ତ ହୋଇଚି । ଏଇ ବିରାଟ 'ଗୀତା ଭାଷ୍ୟ'ରେ ନୀଳକଣ୍ଠ ଗୀତାକୁ ବୈଦିକ ଧର୍ମ ଧାରଣାର ବିକାଶ ରୂପେ ଗ୍ରହଣ ନ କରି ଆତ୍ମ ଧର୍ମର ପ୍ରାଧାନ୍ୟ ବହୁ ଭାବରେ ପ୍ରତିପାଦନ କରି ଅଛନ୍ତି । ପୁରୁଷକାରରେ ବିଶ୍ୱାସ ରଖିବାରେ ନୀଳକଣ୍ଠ ହେଉଛନ୍ତି ଜଣେ ମହାରଥୀ । "ଭାଗ୍ୟଂ ଫଳତି ସର୍ବତ୍ର" ବୋଲି ଯେଉଁମାନେ କହନ୍ତି, ନୀଳକଣ୍ଠ ତାଙ୍କ ଉପରେ କ୍ରୁଦ୍ଧ ହୋଇ ଉଠନ୍ତି । ସେ ଗୀତା ପ୍ରବେଶ (ପୃ-୩୪୩)ରେ ଲେଖିଛନ୍ତି, "ସମସ୍ତେ ନିଜର ଅଧିକାରରେ ଠିକ୍ ରହି କର୍ମ କଲେ ସମାଜ, ଶୃଙ୍ଖଳାରେ ବିକାଶ ପାଏ ଓ ଏଇ ସ୍ୱଧର୍ମ ଆତ୍ମଜ୍ଞାନ ଲାଭର ବିକାଶରେ କ୍ରମେ ବିକଶିତ ହୁଏ । ସ୍ୱଧର୍ମ ଛାଡ଼ିବା ଠିକ୍ ନୁହେଁ, ସ୍ୱଧର୍ମରେ ଆତ୍ମ ତତ୍ତ୍ୱର ଏଇ ବିକାଶ ଶୃଙ୍ଖଳା ହୃଦୟଙ୍ଗମ କରି ବେଦନାର ପାଠ ଓ ପ୍ରକୃତି କ୍ରମେ ବଦଳାଇବାକୁ ହୁଏ । ଏହାହିଁ ସ୍ୱଧର୍ମରେ ପୁରୁଷୋତ୍ତମଙ୍କର ଅର୍ଚ୍ଚନା ନୀଳକଣ୍ଠଙ୍କର ଏହି ସୁଚିନ୍ତିତ ଦୃଷ୍ଟିଭଙ୍ଗୀ ଜୀବୀର ଆତ୍ମ ଦର୍ଶନ ଓ କର୍ମରେ ପୂର୍ଣ୍ଣ ଆସ୍ଥା ପ୍ରକାଶ କରୁ ନାହିଁ କି ?

ପ୍ରାଚ୍ୟ ସଂସ୍କୃତିର ସୁଯୋଗ୍ୟ ଦାୟାଦ ନୀଳକଣ୍ଠ ଲେଖିଅଛନ୍ତି, "ସ୍ୱଧର୍ମରେ ବିଶ୍ୱର ସମସ୍ତ ବସ୍ତୁ, ଜନ୍ତୁ ନିୟମିତ । ସେଇ ବିଶ୍ୱ ପ୍ରକାଶ ଓ ତହିଁରେ ପ୍ରକାଶ ପାଉଥିବା ସ୍ୱଧର୍ମହିଁ ମାନବର ଚରମ ଆଦର୍ଶ । ଏଇ ଆଦର୍ଶରେ କର୍ମନିଷ୍ଠ ହେବାହିଁ ମନୁଷ୍ୟର ଧର୍ମ । ଆର୍ଯ୍ୟମାନେ ଏହା ଦେଖିଥିଲେ, ଏହା ଆର୍ଯ୍ୟଧର୍ମ (ଗୀତା ପ୍ରବେଶ ପୃ-୨୪) ସ୍ୱଧର୍ମ ସମ୍ପର୍କରେ ନୀଳକଣ୍ଠ ପୁଣି ଲେଖି ଅଛନ୍ତି, "ଏଇ ବିଶ୍ୱ ଯଜ୍ଞରେ ବ୍ୟକ୍ତିର ସ୍ୱଧର୍ମ ବା ନିୟତ କର୍ମହିଁ ଆତ୍ମ ସାଧନ ଓ ଆତ୍ମ ବିକାଶର ପ୍ରତୀକ । ଏଇ ଧର୍ମ ପ୍ରକୃତି ନିଜର କର୍ତ୍ତବ୍ୟ ମାତ୍ରରେ ଆତ୍ମୋତ୍ସର୍ଗ ବା ଯଜ୍ଞ । ଏଇ ଆତ୍ମୋ-ତ୍ସର୍ଗରେ ନିଜର ଲାଭାଲାଭ ବିଚାର ନାହିଁ—ଏହା ଏକ ଦାନ କର୍ମର ଯେପରି କି ଅବିଚ୍ଛିନ୍ନ ଧାରା । ଏହା କାମନାହୀନ—ନିଷ୍କାମ । ଏଥିରେ ପୁଣି କାମନା ନାହିଁ ବୋଲି ହଦେଇ ଥକି ଯିବାର ନାହିଁ । ଏଇ ଧର୍ମ ସର୍ବଦା 'ତପ' ବା ପ୍ରଯତ୍ନରେ

Digitized by PPRACHIN, SOA

ଜାଗ୍ରତ । ପୁଣି ଏଥିରେ ସୁଖ ଦୁଃଖ ଲାଭାଲାଭାଦିର ଗଣନା ବା କଳ୍ପନା, କି କଳନା ନାହିଁ ।” (ଗୀତା ପ୍ରବେଶ ପୃ ୯୫) । ମାନବକୁ କାମନା ବିହୀନ କର୍ମପ୍ରାଣ ହେବା ପାଇଁ ନୀଳକଣ୍ଠଙ୍କର କି ପ୍ରାଞ୍ଜଳ ନିର୍ଦ୍ଦେଶ ! ତାଙ୍କ ମତରେ ସ୍ୱଧର୍ମ ପାଳନ ହିଁ ଗୀତାର ସାର ତତ୍ତ୍ୱ । ସେ କହି ଅଛନ୍ତି, “ଗୀତା ଧର୍ମ ମାନବ ଧର୍ମ । ଏଥିରେ ଅପମାନୁଷ, ଅମାନୁଷ ବା ଅତି ମାନୁଷ କିଛି ନାହିଁ । ସରଳ ସାଧାରଣ ଜୀବନରୁ କର୍ମରେ ସ୍ୱଧର୍ମ-ନିରତ ରହିବାଇ ଗୀତା ଧର୍ମ । ଏ ଧର୍ମରେ କୌଣସି କୁହୁକ ବା ହଟଚମଟ ନାହିଁ, ଏହାର ଆଦର୍ଶ ଶାନ୍ତି ।”

ଗୀତାର ପଦ ଟୀକା ଓ ଅର୍ଥ ପ୍ରକାଶ କରିବାରେ ନୀଳକଣ୍ଠ ମୁଖ୍ୟତଃ ଶ୍ରୀଧର ସ୍ୱାମୀଙ୍କର ‘ସୁବୋଧିନୀ ଟୀକା’ର ଅନୁସରଣ କରିଥିବା କଥା ଉଲ୍ଲେଖ କରି ଅଛନ୍ତି, ମାତ୍ର ଶ୍ଳୋକମାନଙ୍କର ବ୍ୟାଖ୍ୟା ସମସ୍ତ ତାଙ୍କର ନିଜସ୍ୱ ଓ ମନୀଷା ମଣ୍ଡିତ । ଏହା ଯେ କେହି ପାଠକ ହୃଦୟଙ୍ଗମ କରି ପାରିବେ ।

## ପୁରୀ, ପୁରୁଷୋତ୍ତମ କ୍ଷେତ୍ର—ଜଗନ୍ନାଥହିଁ ଶ୍ରୀକୃଷ୍ଣ

ନୀଳକଣ୍ଠ ଥିଲେ ଜଗନ୍ନାଥ ସଂସ୍କୃତିର ଜଣେ ପ୍ରଧାନ ପ୍ରବର୍ତ୍ତକ । ଗୀତା ଭାଷ୍ୟରେ ଓଡ଼ିଶାର ପୁରୀ ଗୀତାର ପୁରୁଷୋତ୍ତମ କ୍ଷେତ୍ର ଓ ଆମ ଜଗନ୍ନାଥ ମହାଭାରତର ଶ୍ରୀକୃଷ୍ଣ ବୋଲି ନୀଳକଣ୍ଠ ପ୍ରତିପାଦନ କରି ଅଛନ୍ତି । ସେ କହି ଅଛନ୍ତି, “ଏଇ ବିଭୁଧର୍ମ ବା କୃଷ୍ଣ ଧର୍ମ ପୁଣି ଗୀତା ବେଳକୁ ପ୍ରତିଷ୍ଠିତ ହୋଇ ସାରିଲାଣି । ଖୁବ ସମ୍ଭବ, ଏହା ପ୍ରାୟ ଖ୍ରୀଷ୍ଟପୂର୍ବ ୩ୟ ବା ୪ର୍ଥ ଶତାବ୍ଦୀର କଥା । ସେତେ-ବେଳକୁ ପୁରୀ ପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ ହୋଇ ସାରିଲାଣି । କାରଣ, ଗୀତା ୧୫ଶହ ଅଧ୍ୟାୟର ଅଷ୍ଟାଦଶ ଶ୍ଳୋକରେ ଅଛି “ଅତୋଽହଂ ଲୋକେ ବେଦେ ଚ, ପ୍ରଥିତଃ ପୁରୁଷୋତ୍ତମଃ ।” ଅର୍ଥାତ୍ ଏଣୁ ମୁଁ ବେଦରେ ଅର୍ଥାତ୍ ଜ୍ଞାନର ଯୁକ୍ତିରେ ତଥା ଲୋକରେ, ବୋଇଲେ ଲୋକର ଉପାସ୍ୟ ରୂପରେ, ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ଅଛି । କେବଳ ଲୋକରେ ପୁରୁଷୋତ୍ତମ ରୂପେ ନୁହେଁ । ଏହା ଠିକ୍ ପୁରୀର ପୁରୁଷୋତ୍ତମ କ୍ଷେତ୍ରକୁ ବୁଝାଉଚି । (ଗୀତା-୨ୟ ସଂସ୍କରଣର ମୁଖବନ୍ଧ ପୃ-୩୯)

ପୁଣି ଏଥିରେ ନୀଳକଣ୍ଠଙ୍କର ଆଉ ଯେଉଁ ବିଶେଷତ୍ୱମାନ ରହିଛି, ତାହା ହେଲା ଗୀତାରେ ‘ଉତ୍କଳୀୟ ସଂସ୍କୃତିର ଅନୁଧ୍ୟାନ’, ଧର୍ମ କ୍ଷେତ୍ରରେ ଜାତୀୟ

Digitized by PPRACHIN, SOA

ସଂସ୍କୃତିକୁ ଓଡ଼ିଶାର ଦାନ', 'ଜଗନ୍ନାଥଙ୍କ ମହାପ୍ରସାଦ', 'ଓଡ଼ିଶା ଜୈନ ଭୂମି' ଓ 'ଜଗନ୍ନାଥ, ଜୈନ ଦେବ ପ୍ରଭୃତିର ବିସ୍ତୃତ ଆଲୋଚନା ।

## "ରାଧାକୃଷ୍ଣ ଧର୍ମ"କୁ ନୀଳକଣ୍ଠଙ୍କ କଟୁ ସମାଲୋଚନା

ଆଉ ଗୋଟିଏ ବିଶେଷ କଥା ଲକ୍ଷ୍ୟ କରିବାର ଅଛି—ନୀଳକଣ୍ଠଙ୍କର ଗୌଡ଼ୀୟ ବୈଷ୍ଣବ ଧର୍ମ ପ୍ରତି ବିରାଗ, ଖାଲି ବିରାଗ ନୁହେଁ, ବିତୃଷ୍ଣା ଓ ଏହାର ବିଭତ୍ସତା ପ୍ରତି ତାଙ୍କର ଭୀଷଣ ଘୃଣାଭାବ । ନୀଳକଣ୍ଠ 'ବାବାଜୀ ମାତା' ଧର୍ମକୁ ନିର୍ଭୀକ ଓ ନିଷ୍ଠୁର ଭାବରେ କଟୁ ସମାଲୋଚନା କରି 'ରାଧା କୃଷ୍ଣ ଧର୍ମ' ବିଷୟରେ ଏଇ ଗୀତା ଭାଷ୍ୟରେ ଦର୍ଶାଇ ଅଛନ୍ତି—"ସ୍ୱର୍ଗତ ପଣ୍ଡିତ ଭଣ୍ଡାରକର ସାହେବ ବହୁ ଗବେଷଣା କରି ଲେଖିଛନ୍ତି; ଦକ୍ଷିଣର ତାମିଲମାନଙ୍କ ମଧ୍ୟରେ ଗଉଡ଼ୁଣୀ ଟୋକିଙ୍କ ଭିତରେ ହଲ୍ଲିସକ ବୋଲି ଏବର ରାସଯାତ୍ରା ପରି ଗୋଟିଏ ଯାତ୍ରା ବହୁ ପୂର୍ବରୁ ହେଉଥିଲା । ସେଥିରେ ପହିଲେ ନାରୀମାନେ ପୁରୁଷ ବେଶ ଧରି ଯାତ୍ରାକୁ ବାହାରୁଥିଲେ । କାଳକ୍ରମେ ଏହା ପୁରୁଷ ନାରୀର ଏକତ୍ରାବସ୍ଥିତିରେ ଯାତ୍ରା ହେବାରେ ପର୍ଯ୍ୟବସିତ ହେଲା । ଖ୍ରୀଷ୍ଟ ନବମ ଶତାବ୍ଦୀରେ ତଞ୍ଜୋର ରାଜସଭା ପଣ୍ଡିତ ବୋପଦେବ ଯେଉଁ ଭାଗବତ ଶାସ୍ତ୍ର ଲେଖିଥିଲେ, ସେଇ ପୁରାଣ ସେଇ ତାମିଲି ଦେଶରେ ଲେଖା ଯାଇଥିଲା । ତା'ପରେ ୧୨ଶ ଶତାବ୍ଦୀରେ ଆନ୍ଧ୍ର ନିମ୍ବାର୍କ ବୃନ୍ଦାବନରେ ଆସି କୃଷ୍ଣଙ୍କର ଓ ରାଧାଙ୍କର ସମ୍ପର୍କରେ ଧର୍ମ ମାର୍ଗ ତିଆରି କଲେ । ତା'ପରେ ବଙ୍ଗଳାର ଗୋସ୍ୱାମୀମାନେ ତାକୁ ନାନା ଦାର୍ଶନିକ ବ୍ୟାଖ୍ୟା ଦେଇ ଭକ୍ତିର ଘୋର ପ୍ରଗ୍ରହରେ ମାତିଗଲେ ।" (ଗୀତା ଭାଷ୍ୟ ପୃ-୫୦)

## 'ଗୀତାଭାଷ୍ୟ' ନୀଳକଣ୍ଠଙ୍କ ମନୀଷାର ପ୍ରତୀକ

ଏଇ ଗୀତା ଭାଷ୍ୟର ପ୍ରତ୍ୟେକ ସ୍ତରରେ ପ୍ରଜ୍ଞାବାନ ନୀଳକଣ୍ଠଙ୍କର ମନୀଷା ଓ ବିଚାରର ସ୍ୱାତନ୍ତ୍ର୍ୟ ପରିସ୍ଫୁଟ । ଗୀତା ଧର୍ମ ଓ ତାହାର ମୂଳ ତତ୍ତ୍ୱ, ଗୀତାରେ ଆର୍ଯ୍ୟ ଧର୍ମର ପରମ୍ପରା, ମାନବ ଧର୍ମ, ବ୍ୟକ୍ତିର ପ୍ରାଧାନ୍ୟ, ଗୀତାରେ ବେଦ ତତ୍ତ୍ୱ, ଗୀତାର କୃଷ୍ଣ ବା ପୁରୁଷୋତ୍ତମ ପ୍ରଭୃତି ବିଷୟ ମାନଙ୍କରେ ନୀଳକଣ୍ଠ ଯେପରି ଅଦ୍ଭୁତ ଦୃଷ୍ଟିକୋଣରୁ ବିଚାର କରି ଅଛନ୍ତି, ତାହା ଅସାମାନ୍ୟ ଓ ଅନନ୍ୟ ସାଧାରଣ । ଜ୍ଞାନୀ ଓ ଜ୍ଞାନ ଆହରଣକାରୀମାନଙ୍କ ପକ୍ଷରେ ନୀଳକଣ୍ଠଙ୍କର 'ଗୀତା ପ୍ରବେଶ' ଅବଶ୍ୟ ପ୍ରଣିଧାନ ଯୋଗ୍ୟ । ଯଥାର୍ଥରେ ଗୀତାର ଭାଷ୍ୟ ନୀଳକଣ୍ଠଙ୍କର ମନୀଷା ଓ ପାଣ୍ଡିତ୍ୟର ପ୍ରତୀକ ।

Digitized by PPRACHIN, SOA

## ଓଡ଼ିଆ ସାହିତ୍ୟର କ୍ରମ ପରିଣାମ

ସତ୍ୟବାଦୀ ଯୁଗର ବହୁ ପରେ ନୀଳକଣ୍ଠ ଲେଖିଥିଲେ, "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ।" ଏହା ୧୯୪୮ ମସିହାରେ ତାଙ୍କ 'ନବ ଭାରତ' ପ୍ରେସରୁ ପ୍ରଥମେ ପ୍ରକାଶିତ ହେଲା । ପରେ ଦ୍ୱିତୀୟ ଭାଗ ପ୍ରକାଶିତ ହୋଇ ପୁସ୍ତକଟି ସମାପ୍ତ ହୋଇଛି । ଶୁଣିବାରେ ୩ୟ ଭାଗ ପାଇଁ ବହୁ ତଥ୍ୟ ସମ୍ବଳିତ ଲେଖା ମୁଦ୍ରଣ ନିମନ୍ତେ କୌଣସି ପ୍ରକାଶକଙ୍କ ନିକଟରେ ଅଛି । ଯେଉଁ ପୁସ୍ତକ ଦୁଇଟି ପ୍ରକାଶ ପାଇଛି, ତାହା କ୍ରାଉନ୍ ସାଇଜ୍‌ର ୪୦୦ ପୃଷ୍ଠାକୁ ଅତିକ୍ରମ କରି ଯାଇଛି । ଏହି ଗବେଷଣାମୂଳକ ନୀଳକଣ୍ଠଙ୍କର ମନୀଷା ପ୍ରସୂତ ଗ୍ରନ୍ଥ ଦୁଇଟି ଅଭିନବ ପ୍ରକାଶ ଭଙ୍ଗୀରେ ଲିଖିତ । ଆମ୍ଭେମାନେ ଶୁଣିଛୁ, ଏ ବହି ସାହିତ୍ୟ ଏକାଡେମୀର ପୁରସ୍କାର ପ୍ରାପ୍ତି ନିମନ୍ତେ ଯଥା ସମୟରେ ଦାଖଲ କରା ଯାଇଥିଲା, କିନ୍ତୁ ଓଡ଼ିଆ ସାହିତ୍ୟ ପକ୍ଷରୁ ସଭ୍ୟ ଥିବା ଭଦ୍ରବ୍ୟକ୍ତି ଏହାର ଘୋର ପ୍ରତିବାଦ କଲେ, ଯେହେତୁ ଗୌଡ଼ୀୟ ବୈଷ୍ଣବ ଧର୍ମ ସମ୍ବନ୍ଧରେ ବହୁ ଅରୁଚିକର ବିଷୟ ଏ ବହିର ଦ୍ୱିତୀୟ ଭାଗରେ ପ୍ରକାଶ ପାଇଥିଲା । ଅବଶ୍ୟ ନୀଳକଣ୍ଠ କେନ୍ଦ୍ର ସାହିତ୍ୟ ଏକାଡେମୀରୁ ପୁରସ୍କାର ଲାଭ କରିଥିଲେ, କିନ୍ତୁ ତାହା ତାଙ୍କର 'ଆତ୍ମ ଜୀବନୀ' ପାଇଁ । ଯାହା ହେଉ, ଉକ୍ତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ବା Evolution of Oriya Literature ଯେ ଓଡ଼ିଆ ସାହିତ୍ୟ ଗନ୍ତାଘରର ଏକ ଅମୂଲ୍ୟ ସମ୍ପଦ ଓ ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କର ସ୍ଥାନ ନିରୂପଣ କରିବାରେ ଯଥେଷ୍ଟ ସହାୟକ, ଏଥିରେ ସନ୍ଦେହ ନାହିଁ । ଏହା କେବଳ ପଣ୍ଡିତ ନୀଳକଣ୍ଠଙ୍କ ଜ୍ଞାନର ଗଭୀରତାର ପରିଚୟ ଦିଏ ନାହିଁ । ଏହା ଯେ ଏ ସମ୍ବନ୍ଧରେ ପ୍ରକାଶିତ ଯେ କୌଣସି ପୁସ୍ତକ ଠାରୁ ଅଧିକ ଗବେଷଣ ମୂଳକ ଓ ତଥ୍ୟ ସଂବଳିତ, ଏଥିରେ ତିଳେ ମାତ୍ର ଅତ୍ୟୁକ୍ତି ନାହିଁ ।

ପୁସ୍ତକର ପ୍ରାରଂଭିକ ସୂଚନାରେ ନୀଳକଣ୍ଠ ଉଲ୍ଲେଖ କରିଥିଲେ, "ବ୍ୟାପକ ଭାବରେ ବୁଝିଲେ ସମାଜ ବିକାଶର ପ୍ରକାଶ ହେଉଛି, ସାହିତ୍ୟ । ଏହି ବିକାଶର 'ଚଳଣି' ସଂସ୍କୃତିରେ ଧରା ହୁଏ । ସାହିତ୍ୟରେ ଏହି ସଂସ୍କୃତି ମପା ହୁଏ । ତେଣୁ ସମାଜର ଚଳଣି ଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସାହିତ୍ୟର ଅନ୍ତର୍ଗତ । × × × ଏସବୁ ଭିତରେ ଚିନ୍ତା ଓ ଦର୍ଶନ, ସାଧନା ଓ ସୃଷ୍ଟି, ଭାବ ଓ ଅନୁଭୂତିର କଳନାରେ ସଂସ୍କୃତିକୁ ଧରି ସାହିତ୍ୟର କ୍ରମ ପରିଣାମ ଦେଖିବାର କଥା । କଅଁା ଓଡ଼ିଆରେ କହିଲେ, ଗୃହାଣି,

Digitized by PPRACHIN, SOA

ଚଳଣି ଓ ଚମକ ଏଇ ତିନୋଟିରେ ସମାଜର ସଂସ୍କୃତି ଦେଖା ପଡ଼େ, 'ଗହାଣି' ବୋଇଲେ ଦର୍ଶନ ଓ ଦୃଷ୍ଟିଭଙ୍ଗୀ, ଏଥିରେ ତତ୍ତ୍ୱକଥା ଆଲୋଚନା ଓ ଆବିଷ୍କ୍ରିୟା ସବୁ ରହିଲା । 'ଚଳଣି' ବୋଇଲେ ସମାଜରେ ଆଦାନ-ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି, ତଥା କଳାର ସୃଷ୍ଟି – ସବୁ ବୁଝାଯିବ । 'ଚମକ' ବୋଇଲେ ସଙ୍କେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ । ଗହାଣି ଓ ଚଳଣି ଭିତରେ ଏଇ ଚମକ ସର୍ବତ୍ର ପ୍ରକାଶ ପାଏ । ଏହାଇ କଳା, କବିତା, ସୌଷ୍ଠବ ଓ ସୌନ୍ଦର୍ଯ୍ୟ ଭିତରେ ମନୁଷ୍ୟକୁ ଆନନ୍ଦ ଆଡକୁ ଆକର୍ଷଣ କରେ । ଗହାଣି ଓ ଚଳଣି ସାହିତ୍ୟର ଶରୀର—ଚମକ ହେଉଚି ତାର ପ୍ରାଣ ।" ସେ ପୁଣି କହିଛନ୍ତି, "ଭାଷା ଓ ସାହିତ୍ୟ ସମାଜର ପୀଠ—ତାକୁଇ ଧରି ସମାଜ ବିକାଶର ସ୍ୱାଧୀନତା କଳନା କରାଯାଏ ।" ନୀଳକଣ୍ଠ ଓଡ଼ିଶାର ଶବର ସଭ୍ୟତା, କଳିଙ୍ଗର ଆୟତନ ଓ ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ ଓ ସାହିତ୍ୟର ଧାରା, ଯଥା, ଶବର ସଭ୍ୟତା, କଳିଙ୍ଗ ଓ ଶେଷରେ ଆର୍ଯ୍ୟ ସଭ୍ୟତା ଏ ସବୁର ପ୍ରାରମ୍ଭିକ ସୂଚନା ଦେଇ ତାଙ୍କ ୪୦୦ ପୃଷ୍ଠା ବ୍ୟାପୀ ବିରାଟ ଗ୍ରନ୍ଥ ଦୁଇଟିରେ ଓଡ଼ିଆ ସାହିତ୍ୟର ବିକାଶ ଧାରାର ଅବତାରଣା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସଂସ୍କୃତି ଓ ଓଡ଼ିଆଙ୍କ ବିଶେଷତ୍ୱ ସମ୍ବନ୍ଧରେ ବହୁ ତଥ୍ୟ ଉପସ୍ଥାପିତ କରି ଅଛନ୍ତି ।

## ଓଡ଼ିଆ ସାହିତ୍ୟକଙ୍କ ବୈଶିଷ୍ଟ୍ୟ

ନୀଳକଣ୍ଠଙ୍କ ପାଣ୍ଡିତ୍ୟ, ବହୁ ଶାସ୍ତ୍ର ଦର୍ଶିତା, ଜାତୀୟତା ବୋଧ ଓ ନୈତିକ ଉନ୍ମାଦନାର ଚିତ୍ର ଏ ଗ୍ରନ୍ଥର ଛତ୍ରେ ଛତ୍ରେ ପରିସ୍ଫୁଟ । ଓଡ଼ିଆ ସାହିତ୍ୟିକଙ୍କର ବିଶେଷତ୍ୱ ପ୍ରତିପାଦନ କରିବାକୁ ଯାଇ ଏଥିରେ ସେ ଦର୍ଶାଇଛନ୍ତି, "ଓଡ଼ିଆ ସାହିତ୍ୟ ଓ କାବ୍ୟ ସଂସ୍କୃତର ଛାଞ୍ଚରେ ଏପରିକି ଅନୁବାଦରେ ରଚିତ ହୋଇଥିଲେହେଁ, ଓଡ଼ିଆ ଯୁଗେ ଯୁଗେ ତାର ବୈଶିଷ୍ଟ୍ୟ ରଖି ଆସିଛି । କବି ଉପେନ୍ଦ୍ର ଭଞ୍ଜଙ୍କ 'ଚିତ୍ର ଗୋଟିଏ କାବ୍ୟ ବନ୍ଧୋଦୟ' ଓ 'ଲାବଣ୍ୟବତୀ'ରୁ ବହୁ ଉଦାହରଣ ଦେଇ ସେ କହିଛନ୍ତି, "ଯଥାର୍ଥ ସାହିତ୍ୟ ତତ୍ତ୍ୱ ଘାଣ୍ଟିଲେ ଦେଖିଲେ ଦେଖାଯିବ, ନୈଷଧରେ ଯେଉଁ ପ୍ରକାଶରୀତି ଫୁଟିଚି, ତାର ମୂଳ କଳିଙ୍ଗ ସାହିତ୍ୟରେ ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୫୦) ସେ ପୁଣି ଲେଖି ଅଛନ୍ତି,— "ଓଡ଼ିଆ କାବ୍ୟ ସାହିତ୍ୟରେ ସଂସ୍କୃତ ସାହିତ୍ୟର ବହୁତ ଲେଖା, ଅନୁକରଣ ଏପରିକି ଅନୁବାଦ ହେଲା ପରି ଜଣା ପଡେ । ସାଧାରଣ ପରମ୍ପରାଗତ ଦୃଷ୍ଟିରେ ଲୋକେ ମନେ କରନ୍ତି, ସେ ସବୁ ରୀତି ଓ ପ୍ରକାର,

Digitized by PPRACHIN, SOA

ସଂସ୍କୃତରୁ ଆସିଚି; କିନ୍ତୁ ତା' ନୁହେଁ । ଓଡ଼ିଆ ପ୍ରାକୃତ ସାହିତ୍ୟରୁ ଯାହା ସଂସ୍କୃତକୁ ଯାଇଥିଲା, ସେଇଥିରୁଇ ଆମକୁ କେତେକ ସଙ୍କେତ ମିଳୁଚି । କାହିଁକି ନା, ସେ କାଳର ପ୍ରାକୃତ ଲେଖା, ଲୋକ ସାହିତ୍ୟ ମିଳୁନାଇ । ପୁଣି ସଂସ୍କୃତଇ ଆଦିମ ଓ ମୌଳିକ ବୋଲି ଗୋଟିଏ ଧାରଣା ପ୍ରଗ୍ଭର କରା ହୋଇ ଆସିଚି ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୬୨)

## ଓଡ଼ିଆ ପର୍ବ, ରଜ ପାଳଣା

ଓଡ଼ିଶା ଓ ଓଡ଼ିଆଙ୍କ ପର୍ବ ପର୍ବାଣୀ ସବୁର ଐତିହ୍ୟ ଓ ବିଶେଷତ୍ୱ ବାହାର କରି ଆର୍ଯ୍ୟ ସଭ୍ୟତା ଏବଂ ଅସୁର ସଭ୍ୟତାର ସଂପର୍କ ଦେଖାଇବାରେ ନୀଳକଣ୍ଠଙ୍କ ପରି ଧୁରୀଣ ବ୍ୟକ୍ତି ଆଉ ଥିବାର ଆମର ମନେ ହୁଏ ନାହିଁ । ବାଲି ତୃତୀୟା, ହରିତାଳିକା, (ଗଣେଶ ଚତୁର୍ଥୀ) ରଜ ପାଳଣା ଇତ୍ୟାଦିର ତାତ୍ତ୍ୱିକ ଆଲୋଚନା ଏ ଗ୍ରନ୍ଥରେ ଦେଖିବାକୁ ମିଳେ । ସେ ଲେଖି ଅଛନ୍ତି, "ରଜ ପାଳଣା ଓଡ଼ିଆର ଗୋଟିଏ ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ । ମେଷ, ବୃଷାଦି ମାସ ଗଣନାର ମୂଳ ଯା ହେଉ, ମିଥୁନ ମାସରେ ବର୍ଷା ଋତୁ ଆରମ୍ଭ ହୁଏ । କଳ୍ପନାରେ ଟିକିଏ କବିତା ପଶି ଯାହା ହେଲା, ସେ ହେଉଚି, 'ପୃଥିବୀ' ଦେବୀ, 'ପର୍ଜନ୍ୟ' ଦେବଙ୍କ ସଙ୍ଗେ 'ମିଥୁନ' ହେବାର ମାସ ବା ସଙ୍ଗମ ମାସ । ସେଇ ସଙ୍ଗମ ଫଳରେ ପୃଥିବୀ 'ନିଷିକ୍ତ' ହୋଇ ଶସ୍ୟାଦି ଜନ୍ମ କରିବେ । ତେଣୁ ମିଥୁନ ହେବା ବେଳକୁ ପୃଥିବୀ ରଜସ୍ୱଳା ହେବା ଦରକାର । ଏଠାରେ ପୃଥିବୀ ଓ ପର୍ଜନ୍ୟ (ମେଘ)ଙ୍କୁ ଗୃହିଣୀ ଓ ଗୃହସ୍ଥ ରୂପେ କଳ୍ପନା କରା ହୋଇଚି ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୩ୟ ଖଣ୍ଡ, ପୃ·୭୦-୭୧)

ପୃଥିବୀ ରଜସ୍ୱଳା ହେବା ସହିତ ତତ୍ତ୍ୱଦର୍ଶୀ ନୀଳକଣ୍ଠ ଓଡ଼ିଆ ନାରୀର ଋତୁ ପାଳଣାର ସାମଞ୍ଜସ୍ୟ ଦେଖାଇବାକୁ ଯାଇ କହିଛନ୍ତି, "ସମସ୍ତେ ଜାଣନ୍ତି, ଆର୍ଯ୍ୟ ସାହିତ୍ୟରେ ଗୃହସ୍ଥତାର ସୁସଂଯତ ବ୍ରହ୍ମଚର୍ଯ୍ୟ ସଙ୍ଗେ ପତ୍ନୀର 'ଋତୁରକ୍ଷା'ଟି ଗୋଟିଏ ବଡ଼ କଥା; ମାତ୍ର ଯଥାର୍ଥରେ ଏହାର ମୂଳ କଳିଙ୍ଗର ଅସୁର ସଭ୍ୟତାରେ । ଯଥାର୍ଥ ନିର୍ବାଣ ସାଧନାର ପ୍ରତିଷ୍ଠା ହେଉଚି, ବ୍ରହ୍ମଚର୍ଯ୍ୟ – ବିଶେଷରେ ଯୌନ ବ୍ରହ୍ମଚର୍ଯ୍ୟ – ଉପରେ । ତେଣୁ ଗୃହସ୍ଥ ସମାଜରେ ମଧ୍ୟ ନିଗୁଢ଼ା ଯୌନ ଶୃଙ୍ଖଳା ଓ ଯୌନ ସଙ୍ଗମ । 'ଋତୁ ରକ୍ଷା' ବିଧିଟି ଏହାରି ଗୋଟିଏ ପ୍ରକାଶ ।" ସେ ପୁଣି ଲେଖି ଅଛନ୍ତି, "ଓଡ଼ିଆ ନାରୀଙ୍କର ଋତୁ ପାଳଣା ବା ରଜ ପାଳଣା ବଡ଼ ନିଷ୍ଠାରେ

Digitized by PPRACHIN, SOA

କରା ହୁଏ । ମାଇପେ ରଜସ୍ୱଳା! ହେଲେ କହନ୍ତି, ସେ 'ଅସୁଦି' (ଅସୁଦ୍ଧି) ହୋଇଚି । ତିନି ଦିନ ଯାଏ ତାକୁ କେହି ଛୁଅନ୍ତି ନାହିଁ । ସେ କିଛି ଛୁଏଁ ନାଇ, ରାତିରେ ଖାଏ ନାଇ, ଥରେ ଖାଏ । ତାକୁ କୌଣସି କାମ କରିବାକୁ ଦିଆ ହୁଏ ନାଇ । ତା ଦେହକୁ କଷ୍ଟ ଦବା ମନା । ଚତୁର୍ଥୀ ଦିନ ସେ ଅତି ପରିଷ୍କାର ହୋଇ ସ୍ନାନ କରେ । ତାକୁ କହନ୍ତି, 'ଚୁରିଦିନିଆ ଗାଧୁଆ' । ସେ ଦିନ ମଧ୍ୟ ସେ 'ହାଣ୍ଡି ଛୁଏଁ' ନାଇ, ଅର୍ଥାତ୍, ରନ୍ଧନାଦି କାର୍ଯ୍ୟ କରେନାଇ । ସେଇ ଅନୁକ୍ରମେ ପୃଥିବୀର 'ରଜ ପାଳଣା' ଓଡ଼ିଆ ଚଳଣିରେ ଗୋଟିଏ ଅତି ପବିତ୍ର ଓ ନିଷ୍ପାପର ଅନୁଷ୍ଠାନ ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୭୯-୮୦)

## ପରକୀୟା ପ୍ରେମ ପ୍ରତି ତାଚ୍ଛଲ୍ୟ

ଏଇଠି ପୁଣି ନୀଳକଣ୍ଠ ଆର୍ଯ୍ୟ ସାହିତ୍ୟ ଓ ସଂସ୍କୃତି ସହିତ ସହଜିଆ ଧର୍ମ 'ସଂଧ୍ୟା ଭାଷ' ଏବଂ ବଙ୍ଗଳା ଧର୍ମ ଓ ବଜ୍ର ଯାନରେ ଥିବା ତାରତମ୍ୟମାନ ପ୍ରତିପାଦନ କରି ବଙ୍ଗର ପୂର୍ବସୂରୀମାନେ ମଧ୍ୟ କିପରି ପରକୀୟା ପ୍ରେମର ଘୋର ବିରୋଧ କରୁଥିଲେ, ତାହାର ବହୁ ଉଦାହରଣ ଦେଇ ଏଥି ପ୍ରତି ଘୋର ତାଚ୍ଛଲ୍ୟ ପ୍ରକାଶ କରି ଅଛନ୍ତି । ରଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ଲେଖାର ଓଡ଼ିଆ ଅନୁବାଦ କରି ସେ ଦର୍ଶାଇ ଅଛନ୍ତି, "ସେଇ ସବୁ ଲେଖା ପୁଣି ସେଇ ଭାଷାରେ ହିନ୍ଦୁ ତନ୍ତ୍ରରେ ଦେଖାଯାଏ । ସେ ସବୁ ତନ୍ତ୍ର ପୂର୍ଣ୍ଣ ଯାହାଙ୍କ ଧର୍ମଗ୍ରନ୍ଥ, ତାଙ୍କ ବୁଦ୍ଧି ବିଚାର-ଶକ୍ତି ବି ଯେ ସେ ରକମର ନୁହେ, ଏହା ଦେଖିଲେ, ଖାଲି ଦୁଃଖ ହେଉଚି, ମନୁଷ୍ୟର ବୋଧ ଶକ୍ତି କେତେ ହୀନ । ସେ ପୁଣି ଧର୍ମ ବୋଲି ଏଡ଼େ ଭ୍ରମରେ ପଡ଼େ । ଧର୍ମ ଗୁରୁ ହୋଇ ଲୋକେ ପୁଣି ତା କରାଇ କୃତୀ ହୁଅନ୍ତି । ଏ ଧର୍ମ ଗୁରୁମାନେ ବି କି ବଦମାସ ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୮୩)

## ପରିଣାମରେ ଗତି

ଆଧୁନିକ ଜଗତର ଗତିରେ ନୀଳକଣ୍ଠ ଓଡ଼ିଆଙ୍କୁ ମାର୍ଗ ଦେଖାଇବା ନିମନ୍ତେ କ୍ରମ ପରିଣାମର ଧ୍ୟେୟ ଭିତିରିରେ 'ଜୀବ' 'ଅଜୀବ'ର ସଂପର୍କ କଥା ଚେତାଇ ଦେଇ 'ଆଦ୍ୟ କଥନୀ'ରେ ଲେଖିଅଛନ୍ତି, "ଆଜି ପୃଥିବୀରେ କରୁଣାମୟ ପତିତ ପାବନ, ଅର୍ଥାତ୍ ଭକ୍ତି ଧର୍ମର ଈଶ୍ୱର ଆଉ ରହି ପାରୁ ନାହାନ୍ତି । ନିରୀଶ୍ୱର ହେବା ସଙ୍ଗେ ସଙ୍ଗେ ପୃଥିବୀ ଆଧ୍ୟାତ୍ମିକତା ହରଉଚି; ମାତ୍ର କେବଳ ଭୌତିକତା ସମାଜର

Digitized by PPRACHIN, SOA

କର୍ମ ନୀତିର ନିୟାମକ ହୋଇ ପାରିବ ନାଇ । ମାନବ କେବଳ ଶରୀର ବା 'ଅଜୀବ' ନୁହେ । ତାହାର ଆତ୍ମା ବା 'ଜୀବ' ଅଛି । 'ଜୀବ', 'ଅଜୀବ'ର ଏଇ ସମାଧାନର ଆଦର୍ଶ, ସମାଜର ଚଳଣିକୁ ପ୍ରଭାବିତ ନ କଲେ, ମାନବ ସମାଜର ଚିର କାମ୍ୟ ଶାନ୍ତି, ସନ୍ତୋଷ ବା ଏକ କଥାରେ କହିଲେ ସମାଧାନର ଶୃଙ୍ଖଳା ଓ ସୌନ୍ଦର୍ଯ୍ୟ–ବେଦ ଭଷାରେ ସତ୍ୟରେ ଋତ–ଫୁଟିବ ନାଇ । ମ ନବ ସମାଜ ଆଜି ସେଇ ସମାଧାନକୁ ଗ୍ରହିଁ ବସିଚି । ଓଡ଼ିଆର ସଂସ୍କୃତି ଓ ସାହିତ୍ୟର ମଜ୍ଜା ରୂପେ ସେଇ ଦର୍ଶନ–ଧର୍ମ ପାଠ ଅତି କ୍ଷୀଣ ହେଲେ ମଧ୍ୟ ଜୀବନ୍ତ ଅଛି । ସେଇ ଦୃଷ୍ଟିରେ ଆମ ସାହିତ୍ୟର 'ପରିଣାମରେ ଗତି' ଫିଟାଇ ନ ଦେଖିଲେ ବିଷୟାଂଶ-ମାନଙ୍କର ଆଲୋଚନା ଭିତ୍ତିହୀନ ହୋଇ ଭ୍ରଷ୍ଟ ହେବ । ଏଇ ଆଲୋଚନା ପ୍ରାଣବନ୍ତ ହୋଇ ଫୁଟିଲେ, ଓଡ଼ିଆ ଏକା ଆଜି ପୃଥିବୀର ସଂଘର୍ଷ-ସମାଧାନରେ ଦୀପସ୍ତମ୍ଭ ରୂପେ ବାଟ ଦେଖାଇ ପାରିବେ ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ୨ୟ ଭାଗ, ପୃ ୨ ରୁ ୩)

ପରିଣାମରେ ଗତି କିପରି ହେଉଛି, ତାହା ଦର୍ଶାଇବା ନିମନ୍ତେ ନୀଳକଣ୍ଠ ମୋଗଲ ପୂର୍ବ ଅବସ୍ଥା ଠାରୁ ମରହଟ୍ଟା କାଳ ଓ ଏବ କାଳର ଦୁର୍ଗତି ସମ୍ବନ୍ଧରେ ବହୁ ବିଷୟର ସୂଚନା ଦେଇଅଛନ୍ତି – ସାହିତ୍ୟର କ୍ରମିକ ଗତିର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଯାଇ ସେ ମୁସଲମାନ କାଳ, କଳିଙ୍ଗର ପରମ୍ପରା, ଖାରବେଳ ଜୈନ ଥିବା, ଅଶୋକଙ୍କ କଳିଙ୍ଗ ବିଜୟ, କେଶରୀ ଓ ଗଙ୍ଗକାଳ, କପିଳେନ୍ଦ୍ର-ଦେବଙ୍କ ସୁଶାସନର ଅବତାରଣା କରି ଅଛନ୍ତି ।

## ଜଗନ୍ନାଥଙ୍କ ମୈତ୍ରୀ ଧର୍ମ– ଛେରା ପହଁରା

ଜଗନ୍ନାଥଙ୍କ ମୈତ୍ରୀ ଧର୍ମର ତତ୍ତ୍ୱ ଦର୍ଶନରେ ନୀଳକଣ୍ଠ ପ୍ରବୀଣ । ସେ କହିଅଛନ୍ତି, "ମୋରି ମଙ୍ଗଳ ପାଇଁ ଅଛି ଯେଉଁ ଜଗତ, × × × ସମାଜ ହେଉଛି ମାନବ ବ୍ୟକ୍ତିର ସେଇ ଜଗତ । ସେଇ ସମାଜ ଜଗତର କର୍ମ ଶୃଙ୍ଖଳା ଭିତରେ ନିଜକୁ ନିର୍ବିକଳ୍ପ ଭାବରେ ଓ ଅବାଧରେ ମିଶାଇ ଦେବାର କର୍ମ ହେଉଚି, ଜଗନ୍ନାଥ ଧର୍ମ । ଏହା ମୈତ୍ରୀ ଧର୍ମ । × × ଜଗନ୍ନାଥଙ୍କ ମୈତ୍ରୀ ଧର୍ମରେ ଏହା ବ୍ୟକ୍ତି କର୍ମର ସଙ୍କେତ । × × × ଛେରା ପହଁରା ଭଳି ମାହାରକୁ ଯୋଗ୍ୟ ବୋଲି କୁହା ଯାଉଥିବା କର୍ମକୁ ନିଜେ ରଜା ନିଜର ବୋଲି ଗ୍ରହଣ କରି ଏଇ ମୈତ୍ରୀର ପ୍ରତିଷ୍ଠା କିପରି ସଙ୍ଗତ ଓ ଦୃଢ଼ କରିଥିଲେ ତା କୁହାଯାଉଛି । ଏଇ କ୍ରିୟାଟିର ସଙ୍କେତ ମାତ୍ରରେ ସେଇ ବିଶ୍ୱ ମୈତ୍ରୀ ବା ଜଗନ୍ନାଥ ଧର୍ମର କି କର୍ମ ଓ

Digitized by PPRACHIN, SOA

କି ଦର୍ଶନ ସଙ୍କେତରେ ପ୍ରକାଶ ପାଉଚି ତା ଭବି ତାର ଉପାସନା ବା ଭଜନା କଲେ ବିଶ୍ୱ କର୍ମ ବିଶ୍ୱ ଧର୍ମରେ ମାନବ ଅଭିଭୂତ ହେବାର କଥା । (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୧୯୦-୧୯୧)

ପ୍ରତ୍ନତାତ୍ତ୍ୱିକ ନୀଳକଣ୍ଠ ଜଗନ୍ନାଥଙ୍କର ଏଇ ଛେଉ ପହଁରର ପରବର୍ତ୍ତୀ ଘଟଣାର ଏକ ବିଶଦ ବିବରଣୀ ଏ ପୁସ୍ତକରେ ଦେଇ ଅଛନ୍ତି । ବହୁ ଦିଗରୁ ବିଷୟଟିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓ ନାନା ଗଳ୍ପ ଏବଂ ଗୌଡ଼ୀୟ ବୈଷ୍ଣବଙ୍କ ଦ୍ୱାରା କିପରି ଅଦ୍ଭୁତ କ୍ରିୟାର ସୃଷ୍ଟି ହୁଏ, ବିଶେଷତଃ ରଧାଙ୍କ ବିଷୟରେ, ତାହା ଦେଖାଇବା ଲାଗି ଏଠି ଆମେ ବିଷୟଟି ଠିକେ ଠିକେ ବର୍ଣ୍ଣନା କରୁଛୁ । ପାଠକ· ମାନେ ନୀଳକଣ୍ଠଙ୍କ ପୂରା ବର୍ଣ୍ଣନାଟି ପଢିଲେ ପରିଣାମର ଧାରଟି ପରିସ୍ଫୁଟ ହେବ । ନୀଳକଣ୍ଠ ଲେଖି ଅଛନ୍ତି, "କାଞ୍ଚି ରଜା ପୁରୁଷୋତ୍ତମ ଦେବଙ୍କୁ କନ୍ୟାଦାନ ଦେବା ଠିକ୍ କରି ସାରିଥିଲେ । ମାତ୍ର ତାଙ୍କ ଭେଦ ଧର୍ମୀ ସ୍ମାର୍ତ ମନ୍ତ୍ରୀ ଓଡ଼ିଆ ଦେଶକୁ ଆସି ଦେଖିଲେ ଯେ. ସମ୍ରାଟ ପୁରୁଷୋତ୍ତମ ରଥଯାତ୍ରାର ଘୋର ଜନତା ଭିତରେ ନିଜର ମାନ ମହତ୍ୱରେ ଜଳାଞ୍ଜଳି ଦେଇ, ଖଡ଼ିକା ମୁଠା ବା ଝାଡୁ ମୁଠା ଧରି, × × × ବାଟ ଓଳାଉଚନ୍ତି । ଏହା ଦେଖି ସେ ଯେପରି ଭେଟଣା ହୋଇଗଲେ; × × ବିଗ୍ରିଲେ ଏ ରଜା, ନା ହାଡ଼ି ? × × × ସେଇଥିପାଇଁ ଏକା କାଞ୍ଚି ରଜାଙ୍କ ଘୃଣା ଓ କନ୍ୟାଦାନରେ ଅସମ୍ମତି ।"

## କାଞ୍ଚି ବିଜୟ

ନୀଳକଣ୍ଠ ଲେଖି ଅଛନ୍ତି, "କନ୍ୟାଟିକୁ ପାଇବା ନ ପାଇବାରେ ପୁରୁଷୋତ୍ତମଙ୍କର ଅବଶ୍ୟ ବିଶେଷ ପ୍ରୀତି, ବିରକ୍ତି ଥିବା ପରି ଜଣା ପଡୁନାଇ । ଓଡ଼ିଆଙ୍କ ସମାଜରେ କେବେ ବହୁ ବିବାହ ଥିଲା ପରି ଲାଗୁନାଇ । ରଜାଏ ବି ପ୍ରାୟଶଃ ହେଉଥିଲେ ଏକ ପତ୍ନୀକ । ଗଙ୍ଗମାନଙ୍କ ଉତ୍ତାରୁ ଓ ତାଙ୍କରି ପ୍ରଭାବରେ ଖାଲି ଚିହ୍ନାଇ ହେବା ପାଇଁ କପିଳେନ୍ଦ୍ର ସମ୍ରାଟ ହେଲା ପରେ, କେତେକ ବଡ଼ ବଡ ରଜା ସମ୍ରାଟଙ୍କ ଝିଅଙ୍କୁ ବିଭା ହୋଇଥିଲେ । ପୁରୁଷୋତ୍ତମଙ୍କର ସେଇ ରୀତି × × × କାଞ୍ଚି ରଜା ଯାହା କଲେ, ସେଥିରେ ଇଜ୍ଜତରେ ବାଧା ପଡ଼ିଲା । ଜଗନ୍ନାଥଙ୍କ ସେବା ଯେତୁ ପୁଣି ଏହା ହେଲା । × × × ଏ ଧର୍ମର ଅପଳାପ, ଅସହ୍ୟ । ଏଇଥିପାଇଁ, ଏହାଇ ବୁଝାଇ କାଞ୍ଚି ରଜାଙ୍କୁ ମନାଇବା ପାଇଁ ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନ । × × × ପୁଣି ଏଇଥିପାଇଁ ସେ କାଞ୍ଚିରୁ

Digitized by PPRACHIN, SOA

ଓଡ଼ିଶାକୁ ଘେନି ଆସିଥିଲେ ନିଜ ଜଗନ୍ନାଥଙ୍କ ପାଇଁ ସେଠା ଦେବତାଙ୍କ ରତ୍ନ ସିଂହାସନ ସଙ୍ଗେ ସେଠାର ଇଷ୍ଟଦେବ, ଯୋନି ଚୁମ୍ବୀ ଗଣେଶ ଓ ସେଠା ଭେଦ ଧର୍ମର ସାକ୍ଷୀ, 'ସାକ୍ଷୀଗୋପାଳ' ।

ଅମାନିଆଁକୁ ଜିଣି x x x ତାଙ୍କ ଦେବ ଦେବୀଙ୍କୁ x x x ନିଜ ଦେଶ ବା ଦେବ ସ୍ଥଳୀକୁ ଘେନି ଆସିବା ପୃଥିବୀର ସଭ୍ୟତାରେ ଗୋଟିଏ ପ୍ରାଚୀନ ରୀତି । x x x (କାଞ୍ଚୀରେ ତାଙ୍କ x x ନାମ ଥିଲା 'ଗୋପାଳ' ।) ଗଣେଶ ଆସିଥିଲେ, ଯେଉଁ ରୂପ ଧରି, ସେଇ ରୂପରେ ସେ ଏବେ ବସିଚନ୍ତି । କିନ୍ତୁ ଓଡ଼ିଆ ସଂସ୍କୃତିର ଧାର ଧରି ସାକ୍ଷୀଗୋପାଳଙ୍କୁ ଏବେ, ପୂର୍ବ ଚିହ୍ନିବା ଦୁର୍ଘଟ । ଏ 'ଗୋପାଳ' ପୁଣ କାହାର କି ସାକ୍ଷୀ । x x x ଏ ଏବେ ହେଉଚନ୍ତି, ଚୈତନ୍ୟଙ୍କ ତତ୍‌କାଳିକ କାବ୍ୟକଳାର ପ୍ରତୀକ, ଅଯଥା ଜଗନ୍ନାଥରେ ଆରୋପିତ, x x x "ପୀନ ପୟୋଧର– ପରିସର ମର୍ଦ୍ଦନ– ଚଞ୍ଚଳ କରଯୁଗଶାଳୀ", "ବନମାଳୀ" । ତଦନୁକ୍ରମେ କିମ୍ବଦନ୍ତୀ ପୁଣି ତିଆରି ହୋଇଚି X X X ପୁରୁଷୋତ୍ତମ ଏଇ କମନୀୟ 'ଗୋପାଳ' ମୂର୍ତ୍ତିଟି ରଖିଥିଲେ, ଘର ଦିଅଁ କରି । X X X ରଜାଙ୍କ ଘର ଦିଅଁ ରୂପେ ମୁସଲମାନ ଭୟରେ ନାନା ସ୍ଥାନରେ ରହି ରହି ଶେଷକୁ ପୁରୀ ରଜା ଭୋଇ ବଂଶୀୟ ତୃତୀୟ ରାମଚନ୍ଦ୍ର ଦେବଙ୍କ (୧୮୧୭-୧୮୫୬) ସାନ ପୁଅ ପଦ୍ମନାଭ ରାୟସାହେବଙ୍କ ଘର ଦିଅଁ ରୂପେ ବଉଳ ଛୁରୀଅନାରେ ଅତି ଯତ୍ନରେ ତିଆରି ହୋଇଥିବା ସତ୍ୟବାଦୀର 'ଗୁପ୍ତ ବୃନ୍ଦାବନ'କୁ ଅଣା ହୋଇଥିଲେ । X X X 'ସତ୍ୟବାଦୀ' ସାକ୍ଷୀ ରୂପେ 'ସାକ୍ଷୀଗୋପାଳ' ହୋଇ ବକୁଳ ପୁନ୍ନାଗ କୁଞ୍ଜ ମଣ୍ଡିତ 'ବୃନ୍ଦାବନ'ରେ ରାସଲୀଳାରେ ମାତିଚନ୍ତି ।" (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୨୦୬ ରୁ ୨୧୦)

## 'ସତ୍ୟବାଦୀ'ର 'ସାକ୍ଷୀଗୋପାଳ' ନାମକରଣ

ନୀଳକଣ୍ଠ 'ସତ୍ୟବାଦୀ' ନାମ କିପରି 'ସାକ୍ଷୀଗୋପାଳ' ହେଲା, ତାହାର ପ୍ରାମାଣିକ ତଥ୍ୟ ଦର୍ଶାଇ କହିଛନ୍ତି, "ପୁରୀ ଆଡ଼ର ଲୋକେ ଏହାକୁ ସଂକ୍ଷେପରେ କହୁଥିଲେ 'ସତ୍ୟବାଦୀ' । ଗୌଡ଼ୀୟମାନେ କହିଲେ 'ସାକ୍ଷୀଗୋପାଳ' । ପୁରୀର ରାମଚନ୍ଦ୍ର ଦେବ ବଉଳ ଛୁରିଅନା କେତକୀ ପ୍ରଭୃତି ଫୁଲ ଗଛ ଲଗାଇ ଗୁପ୍ତବୃନ୍ଦାବନ ତିଆରି କରିଥିଲେ । "ଲକ୍ଷ୍ମୀ ନାରାୟଣ ବ୍ରହ୍ମଚାରୀ ସେଇପରି ବଙ୍ଗ ଓ ଉତ୍ତର

Digitized by PPRACHIN, SOA

ଘରତରୁ ଗ୍ରନ୍ଦା ଆଣି ଅନ୍ଦାଜ ୧୮୬୨ରେ ଏଇ ମନ୍ଦିର ପ୍ରତିଷ୍ଠା କରି ଗୋପାଳଙ୍କୁ ସେଠାରେ ଆଣି ରଖାଇଥିଲେ । ତ.ଙ୍କ ସ୍ଥାନୀୟ ନାମ ଥିଲା. ସତ୍ୟବାଦୀ ।'' 'ଥାନା, ଡ଼ାକଘର, ରେଲ୍ବ ଷ୍ଟେସନ୍, ସବୁ ଥିଲା ସତ୍ୟବାଦୀ । ରେଲ୍ବ ଷ୍ଟେସନ ମୋଟେ ଦୁଇ ବର୍ଷ ପରେ ଖ୍ରୀ ୧୮୯୯ରେ ସାକ୍ଷୀଗୋପାଳ ହେଲା । ଡାକ ଘର ତା'ର ପ୍ରାୟ ୨୫ ବର୍ଷ ପରେ ସାକ୍ଷୀଗୋପାଳ ହେଲା, ଥାନାଟି ଏବେ ଅଛି, ସତ୍ୟବାଦୀ ।'' (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୨.୨.୨୧୩)

## ଲକ୍ଷ୍ମୀ ଉପାଖ୍ୟାନ ଓ ରାଧିକାଙ୍କର ପ୍ରତିଷ୍ଠା

ସାକ୍ଷୀଗୋପାଳ ମନ୍ଦିରରେ ରାଧିକା କିପରି ପରେ ପ୍ରତିଷ୍ଠିତ ହେଲେ, ତାର ଏକ କୌତୁହଳପ୍ରଦ ବିବରଣୀ ଦେବାକୁ ଯାଇ ଏଇଠି ଲକ୍ଷ୍ମୀ ଉପାଖ୍ୟାନରେ ନୀଳକଣ୍ଠ ଲେଖିଅଛନ୍ତି ''କିନ୍ତୁ ଗୌଡ଼ୀୟ କୃଷ୍ଣଙ୍କର ଆଉରି ଗୋଟିଏ ଦିଗରେ ଆଦର୍ଶ ଦେଖାଇବାର ଅଛି । ସେ ହେଉଚି, ରାଧିକାରେ କୃଷ୍ଣଙ୍କ ପରକୀୟା ପ୍ରେମ । .. ... ... ... କଥାଟି ହେଉଚି ଏଇ :–ସତ୍ୟବାଦୀ ମନ୍ଦିର ପାଖ ସେବକ ସାଇରେ ଲକ୍ଷ୍ମୀ ବୋଲି ଗୋଟିଏ ବ୍ରାହ୍ମଣ ସେବକର ଗୋଟିଏ ବାଳାସ୍ତ୍ରୀ ବିଧବା ଝିଅ ଥିଲା । ତାର ପେଟ ହୋଇ ଯିବାର ଜଣା ପଡ଼ିଲା । ରାତିରେ ସାକ୍ଷୀଗୋପାଳ ଲୁଆଡେ ସେ ଯୁବତୀର ବାପକୁ ସପନେଇ କହିଲେ :–...... (ଗଳ୍ପ ସୃଷ୍ଟି ହେଲା ।) ''ମୋର ଏଠି ରାଧା ନାଇ । ଏକାରେ ବଂଶୀ ଧରି ରାତି ଦିନ ସିଂହାସନରେ ବଉଳ ଛୁରିଅନା କୁଞ୍ଜ ଭିତରେ ଠିଆ ହୋଇଚି । ତୋ ଝିଅ ଲକ୍ଷ୍ମୀ ହେଉଚି, ମୋ ରାଧା । ମୁଁ ତା ପେଟ କରିଚି ।'' ଭକ୍ତ ତେଣୁ ସେଇ ସ୍ୱପ୍ନରେ କହିଲେ, ''ମହାପ୍ରଭୁ, ମୁଁ ଯେତେ ଯାହା କହିଲେ, ଲୋକେ ବିଶ୍ୱାସ ଯିବେ କିଆଁ ?'' ଗୋପାଳ କହିଲେ, ''ଆଛା, ଆଜି ମୁଁ ରାତିବେଳେ ତୋ ଝିଅ ଶେଯରେ ମୋ ବଂଶୀଟା ପକାଇ ଦେଇଯିବି ।'' ସେ ସକାଳୁ ଦେଖିଲା ଝିଅ ଶୋଇଲା ଘରେ ଶେଯରେ ଗୋପାଳଙ୍କ ହାତର ବଂଶୀଟି ପଡ଼ିଚି । ତେଣେ ଦେଉଳରେ ଗୋପାଳଙ୍କ ହାତରେ ବଂଶୀଟି ନାଇ । ସେ ଯା ହଉ, କଥା ଅଛି, ରାଧା ମୂର୍ତ୍ତି ତିଆରି ଆରମ୍ଭ ହେଲା ବେଳକୁ ଲକ୍ଷ୍ମୀକି ହେଲା ଜର । × × × ମୂର୍ତ୍ତିଟି ସିଂହାସନରେ ପ୍ରତିଷ୍ଠା କରା ହେଲା ବେଳକୁ ତେଣେ ଲକ୍ଷ୍ମୀର ପ୍ରାଣ ଛାଡ଼ିଗଲା × × × ଗୋଟାଏ ଆଲୁଅ ଲକ୍ଷ୍ମୀ ଦେହରୁ ବାହାରି ଶୂନ୍ୟରେ ଯାଇ ଯାଇ ସିଂହାସନରେ ରାଧା ମୂର୍ତ୍ତି ଦେହରେ ମିଶିଗଲା । ବର୍ତ୍ତମାନ ପ୍ରଚଳିତ ଗଳ୍ପଟି ଏଇପରି । (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୨୧୭ ରୁ ୨୧୯)

Digitized by PPRACHIN, SOA

ମୁଁ ମଧ୍ୟ ଏ ଉପାଖ୍ୟାନ ମୋ ପିଲା ଦିନେ ଆମ ଗାଁରେ ଶୁଣିଥିଲି । ପାଠଶାଳୀରେ ପଢିବା କାଳରେ, ଅର୍ଥାତ୍ ଖ୍ରୀ. ୧୮୯୧।୯୨ରେ, ସେତେବେଳକୁ ଉପାଖ୍ୟାନଟି ସତ୍ୟ ବୋଲି ପ୍ରଚାରିତ ହୋଇଥିଲା ।” ପରେ କବି ରାଧାନାଥ ଲେଖିଲେ,

"ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ନାନେ ପୂତନୀର ।
ସୌଗନ୍ଧିକ ଗନ୍ଧେ ଗୃହ୍ଣ ରତ୍ନ ଚିର ।"

ଏହିପରି କବି ରାଧାନାଥଙ୍କ ଦ୍ୱାରା ଏହା ଓଡ଼ିଆ ସାହିତ୍ୟର ବିଷୟ ହୋଇଗଲା ।

ଏହା ନୀଳକଣ୍ଠଙ୍କ ଗ୍ରାମ ପାଖର କଥା ଓ ନୀଳକଣ୍ଠ ଯେଉଁ ସତ୍ୟବାଦୀ ସ୍କୁଲରେ ୭ ବର୍ଷ କାଳ ହେ.ମା. ଥିଲେ, ତାରି ପାଚେରୀ ଆରପଟର କଥା । ସେତେବେଳେ ପୁଣି ଯେଉଁ ସବୁ କାହାଣୀ ଶୁଣା ନ ଥିଲା, ଏବକୁ ସେଥିରେ କେତେ ମନ ଗଢା କଥା ମିଶି ସେ ସବୁ କିମ୍ବଦନ୍ତୀ ପାଲଟି ଗଲଣି, ତାର କୌତୂହଳପ୍ରଦ ଉଦାହରଣମାନ ଦେଇଚନ୍ତି । ସେଥିରୁ ଗୋଟିଏ ହେଉଛି, ମନ୍ଦିର ପାଖରେ କୁହାଯାଉଥିବା ଶ୍ୟାମ କୁଣ୍ଡ ଓ ଟିକିଏ ଛାଡ଼ି ରାଧା କୁଣ୍ଡ । ଏବେ ବି ସେବକମାନେ ଯାତ୍ରୀଙ୍କୁ ଦେଖାଉଥିବା ଶ୍ୟାମ କୁଣ୍ଡ'କୁ ସେଠା ସାଧାରଣ ଲୋକେ ଗୁଡଲ ଧୁଆ ବା ଥାଳି ଧୁଆ ପୋଖରୀ ଓ 'ରାଧା କୁଣ୍ଡ'କୁ କେତକୀ ଝର କହନ୍ତି । ନୀଳକଣ୍ଠ ଏହିପରି ଭାବରେ ବହୁ ବିଷୟରେ ତନ୍ନ ତନ୍ନ ଅନୁସନ୍ଧାନ କରି ପ୍ରକୃତ ତଥ୍ୟ ଓ ଘଟଣାମାନ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସମାଜରେ ଧର୍ମଧ୍ୱଜୀମାନେ ଓ ଭକ୍ତମାନେ ଯେପରି ବିଭତ୍ସ କାଣ୍ଡମାନ ଘଟାନ୍ତି ଓ ପ୍ରଚାର କରନ୍ତି, ତାହାର ନିର୍ଭୀକ ସମାଲୋଚନା କରି ଯାଇ ଅଛନ୍ତି । ସେପରି ଦୃଷ୍ଟାନ୍ତ ଆମ୍ଭେମାନେ ଆଉ କୌଣସି ସାହିତ୍ୟରଥୀଙ୍କ ଲେଖାରେ ଦେଖିବାକୁ ପାଉନାହୁଁ ।

## ମାଣିକ ଗଉଡୁଣୀ ଉପାଖ୍ୟାନ

ପୁଣି ଭକ୍ତମାନେ କିପରି ଜନଶ୍ରୁତିର କଥାମାନ ଅତି ଅଦ୍‌ଭୁତ ଭାବରେ ସମାଜରେ ଚଳାଇ ଦିଅନ୍ତି, ତାର ଆଉ ଏକ ଦୃଷ୍ଟାନ୍ତ ନୀଳକଣ୍ଠ ଜଗନ୍ନାଥଙ୍କ କାଞ୍ଚି ଅଭିଯାନ ବେଳର ସୁପ୍ରସିଦ୍ଧ ମାଣିକ ଗଉଡୁଣୀ ଉପାଖ୍ୟାନରେ ଦର୍ଶାଇ ଅଛନ୍ତି । ସେ ଲେଖି ଅଛନ୍ତି, "ସହଜିଆ ଓ ଗୌଡ଼ୀୟ ବୈଷ୍ଣବେ" ବହୁ ଚେଷ୍ଟା କରି ମଧ୍ୟ ଜଗନ୍ନାଥଙ୍କୁ କୃଷ୍ଣ କରି ପାରି ନାହାନ୍ତି; ତେଣୁ ପରକୀୟା ପ୍ରେମ ଧର୍ମ ଜଗନ୍ନାଥରେ ପଶି ପାରି ନାହିଁ । ମାହାରୀଏ 'ବଡ଼ ସିଂଘାର ବେଳେ ପ୍ରତି ଦିନ ବହୁ କାଳରୁ

Digitized by PPRACHIN, SOA

ଜୟଦେବଙ୍କ ଗୀତଗୋବିନ୍ଦ ବୋଲୁଚନ୍ତି, ସହଜିଆ ଓ ଗୌଡ଼ୀୟମାନେ 'ମାତା' ଧରି ଦେଉଳରେ ପବିତ୍ର ଭକ୍ତ ବୋଲି ବଗବଗ ପଶୁଚନ୍ତି, ଲୋକେ ସେହି ଚକ୍ରରେ ଭଲ 'ପତିତ ପାବନାଷ୍ଟକ' ଜଗନ୍ନାଥଙ୍କ ଆଗେ ବୋଲି ସ୍ତୁତି କରୁଚନ୍ତି । କିନ୍ତୁ ପୁରୀ ଏବେ ବି ବୃନ୍ଦାବନ ବା ନବଦ୍ୱୀପ ହୋଇନାଇ. କିମ୍ବା ଜଗନ୍ନାଥେ ଗୋପୀ ଓ ରାଧାଙ୍କ ବିଟୋଳ କୃଷ୍ଣ ହୋଇ ନାହାନ୍ତି । ଶ୍ରୀମଦ ଭଗବଦ୍ ଗୀତାର କୃଷ୍ଣଙ୍କ ସଙ୍ଗେ ତାଙ୍କୁ ଏକ ବୋଲି ଦେଖାଇବାର ଚେଷ୍ଟା ହୋଇଚି । କିନ୍ତୁ ସେ ଚେଷ୍ଟାର ଫଳରେ କୃଷ୍ଣ ହୋଇଛନ୍ତି, ପୁରୁଷୋତ୍ତମ ବା ଜଗନ୍ନାଥ; ପୁରୁଷୋତ୍ତମ କୃଷ୍ଣ ହୋଇ ନାହାନ୍ତି । (ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୨୨୯)

ଭକ୍ତମାନେ ଜନଶ୍ରୁତି ମାଧ୍ୟମରେ ସମାଜରେ ଏଭଳି ଅଦ୍‌ଭୁତ କଥମାନ ଚଳାଇ ଦେବା କେବଳ ଏ ଦେଶରେ ନୁହେଁ ବହୁ ପୁରାତନ କାଳରୁ ଅନ୍ୟଦେଶରେ ମଧ୍ୟ ଦେଖାଯାଏ । ଏହାର ଦୃଷ୍ଟାନ୍ତ ଦେଇ ସେ କହିଛନ୍ତି, ଏପରି ଅବମାନନା ବା ଅପମାନର ପ୍ରତିଶୋଧ ନେବା ପାଇଁ ଇଜିପ୍‌ଟରେ ସମ୍ରାଟଙ୍କର ଅଭିଯାନ ହେଉଥିଲା ଏବଂ ସମ୍ରାଟ ଅଭିଯାନରେ ଗଲା ବେଳେ ତାଙ୍କର ଉପାସ୍ୟ (ଅସୁର) ଘୋଡାରେ ଚଢି କାହାକୁ ଦେଖା ନ ଦେଇ ଯାଉଥିଲେ ଏବଂ ବେଳେ ବେଳେ ମଧ୍ୟ ତାଙ୍କୁ ଦର୍ଶନ ଦେବା ପାଇଁ ବାଟରେ ସମ୍ରାଟଙ୍କୁ ଜଣାଇ ଦେଇ ଯାଉଥିଲେ । ଏଇ ଅସୁର ସଭ୍ୟତା ସହିତ ଆମ ରାଜାଙ୍କର କାଞ୍ଚି ଅଭିଯାନ ବେଳେ ମାଣିକ ଗଉଡୁଣୀ ଉପାଖ୍ୟାନଟି ତୁଳନା କରିବାରେ ଆଦୌ ପରିଶ୍ରମ ପଡୁନାଇ । ମାତ୍ର ଏଥିରେ ସତ୍ୟତା ନାହିଁ । ସେ ଲେଖି ଅଛନ୍ତି, "ଏଥିରେ ସତ୍ୟ ନାହିଁ ବୋଲି କହିଲେ କଥାଟି ପୂରା କୁହା ହେଲା ନାଇ । ଏପରି କୌଣସି ଅଦ୍‌ଭୁତ କ୍ରିୟାରେ ସତ୍ୟ ନାଇ; ଥାଇ ନ ପାରେ । ଏହା ସ୍ଥୂଳ ଭାବରେ ଆଗରୁ କୁହା ଯାଇଚି । × × × ଏଠି ତାର କାରଣ ଓ କ୍ରିୟା ଗତି ଧରି ଆଉ ଟିକିଏ ବିଚାର କରାଯାଉ । କାହିଁକି ନା, ଏ ବିଚାରରେ ବିରାମ ନାଇ । ବିଶେଷରେ ପୁଣି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଏସବୁ ଭିତରୁ କାଢି ସଫା କରି ଦେଖିବା ଦରକାର । ବିଚାର କରି ଦେଖିଲେ, ଦେଖାଯିବ, ଅତି ଆଦିମ କାଳରୁ ମନୁଷ୍ୟ ନିଜର ଅତି ସୀମାବଦ୍ଧ ଶକ୍ତିରେ କାତର ହୋଇ ସର୍ବଦା ଆଶ୍ରା ଖୋଜି ଆସିଚି । ସେଇଥିରୁ ବାହାରିଚି, ଅରେକ୍ଲ ( Oracle ) ପ୍ରଭୃତି ଅତିମାନବ ଜ୍ଞାନ, ଦେବ, ଦେବୀ, ସିଦ୍ଧ, ଗୁରୁ, କାଳେସୀ, ଅବତାର, ପ୍ରଫେଟ, ପୀର, କୃଷ୍ଣ, ମୂଷା, ଯୀଶୁ, ମହମ୍ମଦ,

Digitized by PPRACHIN, SOA

ଦନ୍ଥ ଇତ୍ୟାଦି ନାନା ଅବଲମ୍ବନ । ଏହା ଦିନକେ ନୁହେ, ଯୁଗ ଯୁଗ ଧରି ବିକାଶ ପାଇଚି । ସେଇଥିରୁ ପୁଣି ବିକାଶ ପାଇଚି, ଅଦ୍‌ଭୁତ କ୍ରିୟାର ପଦମ୍ପରା 'ଭକ୍ତର ଭଗବାନ' ମଧ୍ୟ ଏଇ ଦୁର୍ବଳ ଓ ଅସଙ୍ଗତ ଚିତ୍ତବୃତ୍ତିର ଏକ ସ୍ଵାଭାବିକ ବିକାଶ । ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ର ବସ୍ତୁ । ଚିନ୍ତାରେ, ଦର୍ଶନରେ, ଯୁକ୍ତିରେ ବା ଆଲୋଚନାରେ ଏହାର ସ୍ଥାନ ନାଇ ।

## ଏକମାତ୍ର ଦାର୍ଶନିକ ଧର୍ମ, ଜୈନ ଧର୍ମ

ଜଗତର ଏକମାତ୍ର ଦାର୍ଶନିକ ଧର୍ମ, ଜୈନ ଧର୍ମରେ ଏଇ ଭକ୍ତି ଚର୍ଯ୍ୟା, ଅର୍ଥାତ୍, ଭକ୍ତି ଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ବଡ଼ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଚି । ସେମାନେ ଏହାର ନାମ ଦେଇଚନ୍ତି 'ମିଥ୍ୟା ଦର୍ଶନ ଶଲ୍ୟ ।' ଏଥିରେ ଦିଅଁଙ୍କ ପାଖେ, ଗୁରୁଙ୍କ ପାଖେ, ବା ସାଧୁଙ୍କ ପାଖେ ପ୍ରାର୍ଥନା କରିବା, 'ମାନସିକ କରିବା' ପ୍ରଭୃତି ମନା । ତାଙ୍କର ସେ ସବୁ 'ଲୋକୋତ୍ତର ମିଥ୍ୟାତ୍ଵ' (Stevenson's 'Heart of Jainism' — P P. 130-31) ନୀଳକଣ୍ଠ ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ ୨୩୩-୨୩୪ ।

## ଶାରଳା ସାହିତ୍ୟର ବିଶେଷତ୍ଵ

ତତ୍ତ୍ଵଦର୍ଶୀ ନୀଳକଣ୍ଠ ମିଥ୍ୟା ମିଥ୍ୟାର ଐତିହ୍ୟ, ଭକ୍ତିକ ମିଥ୍ୟା ଏବଂ ପୌରାଣିକ ମିଥ୍ୟା ବିଷୟମାନ ବହୁ ଦିଗରୁ ବିଶ୍ଳେଷଣ ଓ ଆଲୋଚନା କରି, ସାହିତ୍ୟରେ କେବଳ ଏଇ ଦେଶରେ ନୁହେ, ବିଭିନ୍ନ ଦେଶରେ ଓ ଖ୍ରୀଷ୍ଟିୟାନ ଧର୍ମରେ ମଧ୍ୟ ଭକ୍ତିକ ମିଥ୍ୟା ଓ ପୌରାଣିକ ମିଥ୍ୟା କିପରି ଲୋକରେ ଚଳି ଆସିଛି, ତାହାର ଦୃଷ୍ଟାନ୍ତ ଦେଇ ଅଛନ୍ତି । ସେ କହିଅଛନ୍ତି, "ପୌରାଣିକ ମିଥ୍ୟାରେ ଅସ୍ଵାଭାବିକ କିଛି ନାହିଁ । ସାରଳା ମହାଭାରତ ଓ ସାରଳା ଦାସଙ୍କ ସାହିତ୍ୟରେ କେତେକ ଅଦ୍‌ଭୁତ କ୍ରିୟାର ପ୍ରସାର ଥିଲେହେଁ ବଜ୍ରଯାନୀ ବା ଗୋରଖ ପନ୍ଥୀ ସିଦ୍ଧମାନଙ୍କ ପରି ଭକ୍ତିକ ମିଥ୍ୟାର ବିଭତ୍ସ ଲୀଳା ସାରଳା ସାହିତ୍ୟକୁ ବିକୃତ ଚିତ୍ତରେ କଳଙ୍କିତ କରି ନାଇ ।" (ଏନ୍ମ ୩ୟ ଖଣ୍ଡ ପୃ ୩୩)

ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ ଦେଖାଇବାରେ ନୀଳକଣ୍ଠ ଚିର ଗର୍ବିତ ଓ ଗବେଷଣା କାର୍ଯ୍ୟରେ କୌଣସି ସ୍ଥଳରେ ଏହା ଦେଖିଲେ, ତାଙ୍କ ଛାତି ଯେପରି ଗର୍ବରେ ଫୁଲି ଉଠେ । ବହୁ କାଳର ବହୁ ପୁସ୍ତକରୁ ବହୁ ପ୍ରକ୍ଷେପର ବର୍ଣ୍ଣନା ଦେଇ

Digitized by PPRACHIN, SOA

ଓ ସେ ସବୁ କ୍ଷେତ୍ରରେ ସାରଳା ଦାସଙ୍କ ବୈଶିଷ୍ଟ୍ୟ ଦେଖାଇ ନୀଳକଣ୍ଠ କହିଅଛନ୍ତି, "ସାରଳା ସାହିତ୍ୟର ତାର୍ତ୍ତିକ ଆଲୋଚନାରେ ଓଡ଼ିଆ ସାହିତ୍ୟର ପ୍ରକୃତ ରୂପ ବରଂ ସ୍ପଷ୍ଟତର ଓ ସୁନ୍ଦରତର ଭାବରେ ପ୍ରକାଶିତ ହେବ ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୩୪୩) । ଏହାର ଇଙ୍ଗିତ ହେଲା ଓଡ଼ିଆ ସାହିତ୍ୟିକମାନେ ସାରଳା ସାହିତ୍ୟର ଗବେଷଣାରେ ଅଧିକ ବ୍ରତୀ ହୁଅନ୍ତୁ । ଓଡ଼ିଆ ସାହିତ୍ୟ, ସଭ୍ୟତା ଓ ସଂସ୍କୃତିର ଆଲୋଚନାରେ ନୀଳକଣ୍ଠଙ୍କର ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର ଓ ଅନନ୍ୟସାଧାରଣ । ଆମର ମନେହୁଏ, ସେପରି ଭାବରେ ପ୍ରକ୍ଷେପମାନଙ୍କୁ ଫେଡ଼ି ସାରଳାଙ୍କ ବୈଶିଷ୍ଟ୍ୟ ଏ ଦେଶର ସାହିତ୍ୟିକମାନେ ଏବେ ବି ଦେଖାଇ ପାରି ନାହାନ୍ତି । ଏ ସମସ୍ତ କ୍ଷେତ୍ରରେ ଓଡ଼ିଆର ସ୍ୱାତନ୍ତ୍ର୍ୟ ଫେଡ଼ି ଦେଖାଇବାରେ ନୀଳକଣ୍ଠ ଏବେ ମଧ୍ୟ ଅପ୍ରତିଦ୍ୱନ୍ଦ୍ୱୀ ମନୀଷୀ ହୋଇ ରହିଚନ୍ତି ।

## ସେ କାଳରେ ବଙ୍ଗରେ ବଜ୍ରଯାନୀମାନଙ୍କର ବୀଭତ୍ସ କ୍ରିୟା

ନୀଳକଣ୍ଠ ବଜ୍ରଯାନୀମାନଙ୍କ କ୍ରିୟାର ବହୁ ତାତ୍ତ୍ୱିକ ଆଲୋଚନା କରି ଦର୍ଶାଇ ଅଛନ୍ତି, ବଙ୍ଗଳାରେ ପ୍ରାୟ ୨୦୦୦ ବର୍ଷ ପୂର୍ବେ ବଜ୍ରଯାନୀମାନେ ନାରୀକୁ ଉପଭୋଗ କରିବା ତାଙ୍କ ତନ୍ତ୍ର ସାଧନାର ପ୍ରକୃଷ୍ଟ ପନ୍ଥା ରୂପେ ଧରି ନେଇଥିଲେ । ଏବଂ ଯେଉଁ ତନ୍ତ୍ର ସାଧକ କୌଣସି ଦେଶ କାଳ ପାତ୍ର ବାଛ ବିଚାର ନ କରି ଯେ କୌଣସି ନାରୀକୁ ଯେ କୌଣସି ଅବସ୍ଥାରେ ଭୋଗ କରିବାରେ ଯେତେ ସିଦ୍ଧହସ୍ତ ହୋଇ ପାରିବ, ତାର ସିଦ୍ଧି ସେତେ ସହଜ ବୋଲି ଏମାନେ ପ୍ରଚାର କରୁଥିଲେ । ସଂଧ୍ୟାଭାଷାରେ ଏମାନେ ବଡ଼ ବିଭତ୍ସ କଥାମାନ ଗାନ କରୁଥିଲେ । ଏ ସଂପର୍କରେ ଓଡ଼ିଶାର ଭାସ୍କୁଦେବ ଚରିତ୍ର-ସଂଯମର ପ୍ରତୀକ ନୀଳକଣ୍ଠ ଓଡ଼ିଆମାନେ କିନ୍ତୁ ଏଥିପ୍ରତି ସତର୍କ ଥିବାର ଦର୍ଶାଇ କହି ଅଛନ୍ତି, "ତଥାପି ଆଦିମ ତନ୍ତ୍ର ସାହିତ୍ୟର ଅନେକ ପରିଭାଷା ଓଡ଼ିଆ ସାଧନାରେ ଅଛି । ବଙ୍ଗଳାର ସହଜ ଧର୍ମ ପୁଣି ଦୁଆର ମୁହଁରେ ପଡ଼ିଶା ଘରେ ଥିବାରୁ ଓ ଅତି ସୁଖସେବ୍ୟ ହୋଇଥିବାରୁ କମ ପ୍ରଭାବ ପକାଇ ନଥିଲା । ସେଥିକୁ କିନ୍ତୁ ଓଡ଼ିଆ ସର୍ବଦା ସାବଧାନ । ଓଡ଼ିଆ ସାଧନାର ପନ୍ଥା ଓ ପ୍ରକାର ଭିନ୍ନ । × × × ବ୍ୟବହାରରେ ସଂଯମ, ସାବଧାନତା ଓ ପବିତ୍ରତା ସ୍ପଷ୍ଟ ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୩ୟ ଖଣ୍ଡ ପୃ-୮୬)

Digitized by PPRACHIN, SOA

## ଚୈତନ୍ୟଙ୍କ ଆଗମନ ପରେ ଓଡ଼ିଆ ସାହିତ୍ୟ କଳୁଷିତ ହେବା

ନୀଳକଣ୍ଠ କହିଅଛନ୍ତି, "ଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାର ବହୁ କଷ୍ଟ ରକ୍ଷିତ ସ୍ୱାଧୀନତା ଲୋପ ପାଇଥିଲା ଓ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଧାରା କ୍ରମେ ଅତ୍ୟନ୍ତ କଳୁଷିତ ହୋଇ ଅନୁକରଣରେ ପ୍ରାୟ ଲୁପ୍ତ ହେଲା । × × × ଯଥାର୍ଥ ଆଲୋଚନାରେ ଦେଖାଯାଏ ଓଡ଼ିଶାରେ ଚୈତନ୍ୟ ପ୍ରେରିତ ଗୌଡ଼ୀୟ ବୈଷ୍ଣବ ଯୁଗଟି କେବଳ ଓଡ଼ିଆ ରାଜନୀତି ଓ ରାଷ୍ଟ୍ରଗତିରେ ନୁହେଁ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ମଧ୍ୟ ଘୋର ଅପଗତିର କାଳ ଅତି ଦୂଷଣୀୟ ।" (ଏକ୍ଲ ପୃ-୩୮୮) । ଏହାର ଦୃଷ୍ଟାନ୍ତ ଦେବାକୁ ଯାଇ ନୀଳକଣ୍ଠ ଦର୍ଶାଇ ଅଛନ୍ତି, "ପୁରୀ ମନ୍ଦିରରେ ଜଗନ୍ନାଥଙ୍କୁ ପ୍ରଥମେ ଦର୍ଶନ କରିବା ମାତ୍ରେ ଚୈତନ୍ୟ ତତ୍‌କାଳିକ କବିତାରେ ଯେଉଁ ଜଗନ୍ନାଥାଷ୍ଟକଟି ବୋଲି ଯାଇଥିଲେ, ତାହାର ପ୍ରଥମ ଧାଡ଼ି ଦିଓଟି ହେଉଚି,

"କଦାଚିତ୍ କାଳିନ୍ଦି-ତଟ-ବିପିନ ସଙ୍ଗୀତ କବରୋ
ମୁଦା ଭୀରୀ ନାରୀ ବଦନ କମଳାସ୍ୱାଦ ମଧୁପଃ ।"

ଅର୍ଥାତ, (ଜଗନ୍ନାଥ ତାଙ୍କୁ ଦିଶିଲେ) ଯମୁନା କୂଳରେ ସଙ୍ଗୀତ କରି କରି ଗଉଡୁଣୀଙ୍କ ମୁହଁରେ ରସିକତାର ଆମୋଦରେ ଚୁମ୍ବନ ଦେଇ ଦେଇ ବୁଲୁଥିବା ଗୋଟାଏ ଟୋକା ପରି । ଏଥିରୁ ସ୍ପଷ୍ଟ ହେଉଚି, ସେ ଯଥାର୍ଥ 'ଦର୍ଶନ' କରିବାର ଶକ୍ତି ହରାଇଥିଲେ । ସହଜିଆ ବୈଷ୍ଣବ ଜୟଦେବଙ୍କ "ପୀନ-ପୟୋଧର-ପରିସର ମର୍ଦ୍ଦନ ଚଞ୍ଚଳକର ଯୁଗଶାଳୀ" "ବନମାଳୀ"ଙ୍କ ଛଡ଼ା ଆଉ କିଛି ଦେଖିବାର ଅଧିକାର ବା ଆଭିମୁଖ୍ୟ ତାଙ୍କର ଲୋପ ପାଇଥିଲା ।" (ଏକ୍ଲ ପୃ ୩୮୯-୩୯୦)

## ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବଞ୍ଚିଛି

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କିପରି ବଞ୍ଚି ରହିଚି, ତାର ଉଦାହରଣ ଦେଇ ନୀଳକଣ୍ଠ ଲେଖିଛନ୍ତି "ଏସବୁ ଭିତରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବଞ୍ଚିଚି— ମଧ୍ୟେ ମଧ୍ୟେ ପରମ୍ପରାର ଭୀତ ମନ୍ଥର ଆତ୍ମ ପ୍ରକାଶରେ । ସେଥିରୁ ଗୋଟିଏ ହେଲା, 'ମନବୋଧ ଚଉତିଶା'

"କହଇ ମନ ଆରେ ମୋ ବୋଲ କର
କଳା ଶ୍ରୀମୁଖ ବାରେ ଦେଖିବୁ ଗଲ
× × ×

Digitized by PPRACHIN, SOA

ଚର୍ମ ବେଢିଚି ସିନା ଚଉରଶିକି
ଚିତ୍ତ ତୁ ଦିଅ ନୀଳଗିରୀ ବାସୀକି ।"

ସହଜିଆ ବୈଷ୍ଣବମାନେ ତାଙ୍କୁ ସୁହାଇଲା ପରି ଏ ପଦମାନଙ୍କର ମଧ୍ୟ ଅର୍ଥ କରି ପାରନ୍ତି ଅର୍ଥାତ୍ "ସମସ୍ତ ବୃନ୍ଦାବନରେ ବିହାର କରି ସେଇ ଗୁପ୍ତ ବୃନ୍ଦାବନରେ ଭଜନ କଲେ ସାକ୍ଷାତ୍ କୃଷ୍ଣ ପ୍ରାପ୍ତି ହୁଏ । ଧର୍ମ ତଥା ସାଧନ, ଭଜନ ଓ ଧର୍ମାଗ୍ରର ନାମରେ ଏ ସବୁ ବିଜ୍ଞତା ଅତି ସ୍ୱାଦ୍ୟ ହେଲେହେଁ ଓଡ଼ିଆଙ୍କ ଭିତରେ ପୂରାଇବା କି କଷ୍ଟ, ତା ଚଳଣି ନ ଦେଖି ଖାଲି ଅନୁମାନ ମଧ୍ୟ କରାଯାଇ ପାରେ । ଓଡ଼ିଆର ଆଗ୍ରହରେ ଏ ପରଂପରା ନାଇ ।" (ପୃ ୧୫୩)

ଏଇ ଶେଷ ଦୁଇ ପଦର ପ୍ରକୃତ ଅର୍ଥ ବୁଝାଇବାକୁ ଯାଇ ମନୀଷୀ ନୀଳକଣ୍ଠ ଚଉରଶୀ, ୮୪ର ବିସ୍ତୃତ ଅର୍ଥ ଓ ବ୍ୟାଖ୍ୟା କରି କହିଚନ୍ତି, "ନୀଳଗିରୀ ବାସୀ ବା ଜଗନ୍ନାଥ ପୁରୁଷୋତ୍ତମରେ ମନ ଦେଲେ, ବିଶ୍ୱ ମୈତ୍ରୀରେ ତନ୍ମୟ ହେଲେ ଏଇ ଚର୍ମ ବେଢିଥିବା ବା ଚର୍ମ ବେଢି ପ୍ରେୟର ଭୂମି ହୋଇଥିବା ଚଉରଅଶିରୁ ତ୍ରାହି ମିଳିବ ।" (ଏକ୍ସ ପୃ ୩ ୪)

## ବିଦ୍ରୋହୀ ଉପେନ୍ଦ୍ର

ତେବେ ଏପରି ଅର୍ଥ କରିବା ଓ ସାହସର ସହିତ କହିବା ପରିସ୍ଥିତି ଦୃଷ୍ଟିରୁ ସମ୍ଭବ ହେଉ ନ ଥିବା କଥା ସୂଚାଇ, ନୀଳକଣ୍ଠ ଦେଖାଇଚନ୍ତି ଯେ ଏପରି ଏକ ପରିସ୍ଥିତି ବେଳେ ଓ ଓଡ଼ିଆ ସାହିତ୍ୟରେ ଘୋର ସଙ୍କଟ ବେଳେ ରାଜ୍ୟହୀନ ରାଜପୁତ୍ର ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟରେ ପ୍ରକାଶ କଲେ ଏକ ବିଚିତ୍ର ଯୌନ ସାହିତ୍ୟ ଧାରା । ସେଥିରେ ଧର୍ମ ସଙ୍ଗେ ସମ୍ପର୍କ ନାଇ କି ପରକୀୟାର ଆଦର ନାଇ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଏପରି ଏକ ଉନ୍ନତ ଚିନ୍ତାଧାରାର ପଥ ଦେଖାଇବାରେ ଭଞ୍ଜ କିପରି ସଫଳ ହୋଇଥିଲେ, ତାହା ଦର୍ଶାଇ ନୀଳକଣ୍ଠ ତାଙ୍କ ବହୁ ଚିନ୍ତା ପ୍ରସୂତ ମୂଲ୍ୟବାନ ଗ୍ରନ୍ଥଟିଏ ଉପସଂହାର କରି ଅଛନ୍ତି । ସେ ଲେଖି ଅଛନ୍ତି, "ଉପେନ୍ଦ୍ର ସାହିତ୍ୟର ଫଳ ହେଉଚି, ଅଦ୍ଭୁତ ଓ ଅନନ୍ୟସାଧାରଣ । ଓଡ଼ିଆ ଜନତାରେ ଉପେନ୍ଦ୍ର ନାମରେ ପଶିଗଲେ । କୃଷ୍ଣଙ୍କ ଗୋପ ଭ୍ରମଣରେ 'ବାଙ୍ଗାରବୋଲି'ର ଆଦିକର୍ତ୍ତା ହୋଇ ମଧ୍ୟ ଅଭିମନ୍ୟୁ ସେତେ ପଶିପାରି ନାହାନ୍ତି । ରାଧାଙ୍କୁ 'ଉଜ୍ଜ୍ୱଳରତି'ର ଉଦ୍‌ଭ୍ରାନ୍ତ କରାଇ ମଧ୍ୟ ବଳଦେବ ବ୍ରହ୍ମା, ବିପରୀତ ରତିରେ

Digitized by PPRACHIN, SOA

ଏକାନ୍ତ ପଗଡ଼ମୁଣ୍ଡୀ ଲାବଣ୍ୟବତୀକୁ ହଟାଇ ପାରି ନାହାନ୍ତି । ଓଡ଼ିଆ ସମାଜରେ ସହଜିଆ-ବୈଷ୍ଣବ-ଲୀଳା ପଶିନାଇ, 'କିଶୋରୀ ପୂଜା' ଓ ଭୈରବୀ ଚକ୍ର ପ୍ରଭୃତିର ସଞ୍ଚାର ପର୍ଯ୍ୟନ୍ତ ଓଡ଼ିଆ କେବେ ଦେଖି ନାହାନ୍ତି । ଗୌଡ଼ୀୟ ବୈଷ୍ଣବମାନେ କେବେ କେବେ ନିଜ ଭକ୍ତମାନଙ୍କ ସଙ୍ଗେ ଭକ୍ତାଙ୍କ ସେବା ମଧ୍ୟ ଗ୍ରହଣ କରନ୍ତି; ସେଇ ବୈଷ୍ଣବମାନେ କଦାଚିତ୍ ବୈଷ୍ଣବୀ ଖୋଜି ମାତା କରି ନିଅନ୍ତି । ପୁଣି ଏବେ ବୈଷ୍ଣବୀ ବା ମାତାମାନେ ଆସି ଅଦଭୁତ କ୍ରିୟା ଦେଖାଇ ଶିଷ୍ୟଙ୍କ ସଙ୍ଗେ ନାନା ଲୀଳା ଲଗାଉଛନ୍ତି ତଥାପି ଓଡ଼ିଆ ସାମାଜିକ ଭାବରେ ଆତ୍ମ ଜ୍ଞାନ ହରାଇ ନାହିଁ ।" ପୁଣି ଭଞ୍ଜ ସାହିତ୍ୟ କିପରି ଓ ସ୍ୱାଦ୍ୟ ବୈଷ୍ଣବ ସାହିତ୍ୟକୁ ଟପି ଏତେ ଲୋକପ୍ରିୟ ହୋଇ ପାରିଥିଲା, ତାହାର କାରଣ ବୁଝାଇବାକୁ ଯାଇ ନୀଳକଣ୍ଠ ଲେଖିଅଛନ୍ତି, "ଉପେନ୍ଦ୍ରଙ୍କ ବେଳକୁ ଦୀନକୃଷ୍ଣ ଭଳି ଅନେକ କୃଷ୍ଣ-ଗୋପୀ-ଲୀଳା-ବେଦିତ ବୈଷ୍ଣବ ଏଇ ଛାନ୍ଦର ମଧୁର, ସରସ ଓ ସ୍ୱାଦ୍ୟ ବ୍ୟବହାରରେ ଲାଗି ସାରିଥିଲେ; ତେଣୁ ସେଇ ଧାରା ଧରି ଉପେନ୍ଦ୍ର ନିଜର ପ୍ରବୃତ୍ତିପର ପ୍ରତିବାଦମୂଳକ ସାହିତ୍ୟର ଧାରା ଫିଟାଇବାରେ ଲାଗିଗଲେ ଓ ସେଥିରେ ବିଶେଷ ଭାବରେ ଗୌଡ଼ୀୟ ବା ଭୌମୀ ରୀତି ଓ ଅଳଙ୍କାର ଛଟା ଦେଖାଇଥିଲେ, କାହିଁକି ନା, କାବ୍ୟ କଳାର ବ୍ୟାଖ୍ୟା ଓ ଅଳଙ୍କାର ଛଟା, ଖୋଦନ ଶିଳ୍ପ ପରି ଓଡ଼ିଆର ଥିଲା ଚିରଚରିତ ପରମ୍ପରା । ଶ୍ଳେଷାଦି ଶବ୍ଦାଳଙ୍କାର ମଧ୍ୟ ଭୌମ କାଳରୁ ଲେଖାମାନଙ୍କରେ ଦେଖାଯାଏ । ଏଇ ସବୁ ପରିଚିତ ରୀତି ଓ ଅଳଙ୍କାରାଦିରେ ଅତି ପୁଷ୍କଳ ଭଞ୍ଜ ସାହିତ୍ୟ ସମସ୍ତ ବୈଷ୍ଣବ ସାହିତ୍ୟକୁ ବୁଡ଼ାଇ ଦେଶରେ ବ୍ୟାପିଗଲା । ପରମ୍ପରାର ଏପରି ଜ୍ଞାନ, ପରିସ୍ଥିତିର ଏପରି କଳନାରେ କାବ୍ୟର ପ୍ରୟୋଗ ବିଜ୍ଞାନକୁ କାର୍ଯ୍ୟରେ ଅନୁବର୍ତ୍ତନ କରିବା ଉପେନ୍ଦ୍ର ସାହିତ୍ୟର ବିଶେଷତ୍ୱ ।"

ନୀଳକଣ୍ଠ ପୁଣି ଭଞ୍ଜ ପ୍ରେମୀ ସାହିତ୍ୟିକମାନଙ୍କୁ ଏ ସମସ୍ତର ଅଧିକ ଅନୁଶୀଳନ କରିବାକୁ ଆହ୍ୱାନ ଦେଇ ଅଛନ୍ତି ଓ ମତ ପ୍ରକାଶ କରିଚନ୍ତି ଯେ "ବିଶ୍ୱ ସାହିତ୍ୟରେ ଏହାର ଆଦର ଅଛି ଓ ସ୍ଥାନ ଅଛି ।" (ଏଜ୍ଞ ପୃ ୩୯୬ ୩୯୭)

## ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ

ମୋଟ ଉପରେ ଆମେ ଦର୍ଶାଇବାର କଥା ଯେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକଟି ପ୍ରକାଶ ପାଇବାର ପ୍ରାୟ ୩୦ ବର୍ଷ ବିତି ଯାଇଥିଲେହେଁ ଆମ ବିଚାରରେ ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସାହିତ୍ୟିକ ସେପରି ମନୀଷା ମଣ୍ଡିତ,

Digitized by PPRACHIN, SOA

ବଳିଷ୍ଠ ଓ ତଥ୍ୟ ମୂଳକ ଲେଖନୀ ଗ୍ଳନା କରି ନାହାନ୍ତି । "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"ରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିବର୍ତ୍ତନର ଇତିହାସ ଓ ଜଗନ୍ନାଥ ଧାମର ପ୍ରାଚୀନତା ଠାରୁ ଜଗନ୍ନାଥ, ମୈତ୍ରୀଦେବ, ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଗ୍ଭର, ସାକ୍ଷୀଗୋପାଳଙ୍କ ପରିଚୟ, ଭକ୍ତି ମାର୍ଗ ଓ ଭକ୍ତିକ ମିଥ୍ୟା, ସାରଳା ଦାସଙ୍କ ତନ୍ତ୍ର ସାଧନା ଓ ବୈଶିଷ୍ଟ୍ୟ ତାଙ୍କ ଦାଣ୍ଡି ବୃତ, ପ୍ରଭୃତି ବିଷୟରେ ନୀଳକଣ୍ଠ ଯେଉଁ ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋକପାତ କରିଅଛନ୍ତି ଏବଂ ଓଡ଼ିଆ ଗୀତ ଓ ଛାନ୍ଦ ବିକାଶର ଆଲୋଚନା, କେଶବ କୋଇଲିର କାଳଠାରୁ ବାଦୀପାଲ୍ଲ ସାଂର୍ଗଦେବଙ୍କ ସଙ୍ଗୀତ ରତ୍ନାକର ପର୍ଯ୍ୟନ୍ତ ବହୁ ବିଷୟରେ ଯେପରି ତାତ୍ତ୍ୱିକ ଆଲୋଚନା କରି ଯାଇ ଅଛନ୍ତି ଓ ସାରଳା ସାହିତ୍ୟ ଠାରୁ ଭଞ୍ଜ ସାହିତ୍ୟ ପର୍ଯ୍ୟନ୍ତ ଖାଣ୍ଟି ଓଡ଼ିଆ ସାହିତ୍ୟ ବିଷୟରେ ଯେଉଁ ତତ୍ତ୍ୱମାନ ଉପସ୍ଥାପିତ କରି ଅଛନ୍ତି, ତାହା ଓଡ଼ିଆ ସମାଲୋଚନା ସାହିତ୍ୟ ପାଇଁ ଯଥେଷ୍ଟ ଦିଗ୍‌ଦର୍ଶନ ଦେବ ଓ ଏହା ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ ହୋଇ ରହିବ, ଏଥିରେ ସଂଦେହ ନାହିଁ ।

## ଆତ୍ମ ଜୀବନୀ

ଶେଷ ଜୀବନରେ ନୀଳକଣ୍ଠ ଲେଖିଲେ ତାଙ୍କ ଆତ୍ମ ଜୀବନୀ । ଏହା ଓଡ଼ିଶାର ସାହିତ୍ୟିକ ଓ ଐତିହାସିକ ଗନ୍ତା ଘରକୁ ତାଙ୍କର ଏକ ବଳିଷ୍ଠ ଅବଦାନ । ଏଥିରେ ଜୀବନ ଚରିତ ସହିତ ଉନବିଂଶ ଶତାବ୍ଦୀର ଶେଷ ଭଗଠାରୁ ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ପର୍ଯ୍ୟନ୍ତ କାଳରର ଏକ ସାମାଜିକ, ଐତିହାସିକ ଓ ରାଜନୈତିକ ଚିତ୍ର ନିଖୁଣ ଭବରେ ଦର୍ଶାଯାଇଅଛି । ତେଣୁ କାଳ କାଳକୁ ଏହା ଏକ ରେଫରେନ୍‌ସ ଗ୍ରନ୍ଥ ରୂପେ ବିବେଚିତ ହେବ । ନୀଳକଣ୍ଠଙ୍କ ଜନ୍ମ କାଳର ରକ୍ଷଣଶୀଳ ସମାଜର ଚିତ୍ର ସେତେବେଳର ବିବାହ ପ୍ରଥା, ବଙ୍ଗାଳୀଙ୍କର ବୈଭବ, ଓଡ଼ିଶାରେ ଓଡ଼ିଆ ଭଷା ଚର୍ଚ୍ଚା, ଉତ୍କଳ ସମ୍ମିଳନୀ ଠାରୁ ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱାଧୀନତା ସଂଗ୍ରାମର ଚିତ୍ର ଏବଂ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କର ଜୀବନ କାହାଣୀ ସହିତ ଭରତ ତଥା ଓଡ଼ିଶାର ରାଜନୀତିର ଗତିର ସୂଚନା ଏଥିରୁ ମିଳେ । ତେଣୁ ଏହାକୁ Year book ଭଳି Century book ବା ଶତକ-ଗ୍ରନ୍ଥ ଭବେ ଗ୍ରହଣ କରାଯାଇପାରେ । ଏଥି ପାଇଁ ସେ ୧୯୬୩ ମସହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ ହୋଇଥିବା କଥା ଆଗରୁ କୁହା ଯାଇଛି । ଜାତୀୟ ଐତିହ୍ୟ ଫେଡ଼ି ଦେଖାଇବାରେ ନୀଳକଣ୍ଠ ଥିଲେ ଅଗ୍ରଣୀ । ଏ "ଆତ୍ମ ଜୀବନୀ" ମାଧ୍ୟମରେ ସେ

Digitized by PPRACHIN, SOA

ଅତୀତରେ ଯେତେ ସବୁ ଘଟଣା ଓ ତଥ୍ୟ ମାନ ପ୍ରକାଶ କରି ଯାଇଛନ୍ତି, ସେଥିପାଇଁ ଏ ଜାତି ତାଙ୍କ ନିକଟରେ ଚିର ଋଣୀ ରହିବ ।

## ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କ ସ୍ଥାନ

ସତ୍ୟବାଦୀ ଯୁଗର ନୀଳକଣ୍ଠଙ୍କର କୃତୀ ଓ ନୀଳକଣ୍ଠ ଯେ ସତ୍ୟବାଦୀ ସାହିତ୍ୟରେ ଅଗ୍ରଣୀ ଥିଲେ ତାହା, ପୂର୍ବରୁ ଦର୍ଶାଯାଇଛି ଏବଂ ପରେ ବିଭିନ୍ନ ପର୍ଯ୍ୟାୟରେ ତାହାର ବିଶଦ ଆଲୋଚନା କରଯିବ । ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କ ସ୍ଥାନ ବିଗ୍ଚରେ, ତହିଁରୁ ଗୋଟିଏ ମାତ୍ର ବିଷୟର ଏଠି ଅବତାରଣା କରିବୁ । ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କ ସ୍ଥାନ ନିରୂପଣ କରିବା ସହଜ ସାଧ୍ୟ ବ୍ୟାପାର ନୁହେଁ । ତାଙ୍କ ପୂର୍ବରୁ କେତେ କ୍ଷଣଜନ୍ମା କବି ଜନ୍ମ ଗ୍ରହଣ କରି କାବ୍ୟ ସାହିତ୍ୟରେ ବିପୁଳ କୃତିତ୍ୱ ଦେଖାଇ ଅଛନ୍ତି । ତାଙ୍କ ସମୟରେ ମଧ୍ୟ ରାଧାନାଥ, ମଧୁସୂଦନ, ଗଙ୍ଗାଧର, ନନ୍ଦ କିଶୋର ପ୍ରଭୃତି କବିମାନେ ବହୁ ମନୋଜ୍ଞ କାବ୍ୟ କବିତା ରଚନା କରି ଅଛନ୍ତି । ଓଡ଼ିଆ ସାହିତ୍ୟ ବର୍ତ୍ତମାନ ଗତିଶୀଳ ଓ ବର୍ଦ୍ଧିଷ୍ଣୁ । ତେବେ ଏଥି ମଧ୍ୟରେ ନୀଳକଣ୍ଠଙ୍କର ବୈଚିତ୍ର୍ୟ କଅଣ ? ସେ କଥା ବୁଝିବାକୁ ହେଲେ ଆମ୍ଭେମାନେ ପ୍ରଥମେ ତାଙ୍କର ପ୍ରଥମାବସ୍ଥାର ଲେଖା ପ୍ରତି ଆଗେ ଦୃଷ୍ଟି ନିକ୍ଷେପ କରିବା । ତାହାହେଲା "ଓଡ଼ିଆ ସାହିତ୍ୟରେ ମଧୁସୂଦନ" ଶୀର୍ଷକ ନୀଳକଣ୍ଠଙ୍କର ପ୍ରବନ୍ଧ । ସେଥିରେ ନୀଳକଣ୍ଠ ମଧୁସୂଦନଙ୍କ ସମ୍ବନ୍ଧରେ କହିଥିଲେ, "ଭକ୍ତ କବି ମଧୁସୂଦନ ବିଶ୍ୱ ପ୍ରାଣରେ ନିଜର କ୍ଷୁଦ୍ର ଜୀବନର ପ୍ରତିଫଳନ ଦେଖୁଥିଲେ । ଅନନ୍ତରେ ନିଜର ଜୀବନ ଶାନ୍ତ ଅନୁଭବ କରୁଥିଲେ । ଜଡ଼ ପିଣ୍ଡରେ କ୍ଷୁଦ୍ର ବିଶ୍ୱରେ ଆବଦ୍ଧ ରହି ମଧ୍ୟ ଭବ ରଜିରେ ଅନନ୍ତ ମଙ୍ଗଳାଳୟରେ ନିଜର ମହାୟାନ ଅଧିଷ୍ଠାନ ଦେଖୁଥିଲେ । ତାଙ୍କର ସମସ୍ତ କାବ୍ୟ ମଧ୍ୟରେ ଏହି ଭବହିଁ ତାଙ୍କ ଜୀବନର ଧାର । 'ଋଷି ପ୍ରାଣେ ଦେବାବତରଣ'—ଏହା ବେଳେ-ବେଳେ ପୂର୍ଣ୍ଣଗର୍ଭା ଭଗିରଥୀ ପରି ଉଚ୍ଛ୍ୱଳିତ । ବେଳେ ବେଳେ ବା 'ନଦୀ ପ୍ରତି' ବା ଶୋକ ଶ୍ଳୋକ ପ୍ରଭୃତି ଅତି ସାଧାରଣ ଅବଲମ୍ବନ ମଧ୍ୟରେ ଅନ୍ତଃସଲୀଳା ଫଲ୍‌ଗୁ ପରି ପ୍ରବାହିତ । ଏହିପରି ସାଧାରଣ ବିଷୟର ଅବଲମ୍ବନରେ ଯେଉଁ କବିତା ସବୁ ଲେଖିଥିଲେ, ତାହା ଭଷାର ବିନ୍ୟାସରେ ବେଳେ ବେଳେ ଏହି ଭୂମା ନାଦର ସ୍ଥାୟୀ ଭବ ସ୍ପଷ୍ଟ ହେଉଥିଲେହେଁ ସେ ସବୁ କବିତାର ସମୂହ ଆଲୋଚନା ବେଳେ କବିଙ୍କର ଏହି ଗୂଢ଼ ଭବ ଲକ୍ଷ୍ୟ କରିବାର କାହାରି କାହାରି ଅସୁବିଧା

Digitized by PPRACHIN, SOA

ହୋଇ ପାରେ । କିନ୍ତୁ ଆଶଙ୍କାର କଥା କିଛି ନାହିଁ । ବିଭୁ ପ୍ରେମରେ ମଧୁସୂଦନଙ୍କ ପ୍ରାଣ ସର୍ବଦା ପ୍ଲାବିତ ହେଉଥିଲା । ଜୀବନର ଘୋର ବାଧା ବିଘ୍ନ ମଧ୍ୟରେ ସଂସାରର ନାନା ଆବିଳତା ଓ ଅସୁବିଧା ମଧ୍ୟରେ ତାଙ୍କର ସ୍ଥାୟୀ ଭାବ ବିଲୁପ୍ତ ହେଉ ନଥିଲା । ବନ୍ଧୁ ସଙ୍ଗେ ଆଳାପ କରିବାରେ, ପ୍ରେୟସୀର ପ୍ରଣୟରେ ସନ୍ତାନର ବାତ୍ସଲ୍ୟରେ, ପିତା ମାତାଙ୍କର ଭକ୍ତିରେ, ରିପୁର ତାଡ଼ନାରେ, ପ୍ରତିଦ୍ୱନ୍ଦୀର ପ୍ରତିଯୋଗିତାରେ, ନିନ୍ଦୁକଙ୍କର ବାଗ୍ମିତାରେ, ସ୍ତାବକର ମଧୁର ବାଣୀରେ ସର୍ବତ୍ର ଓ ସର୍ବଦା ସେ ସେହି ବିଭୁକୃପା ଦେଖୁଥିଲେ । ତାଙ୍କର ପ୍ରାଣ ଅନନ୍ତ ସହାନୁଭୂତିରେ ଭସି ଯାଉଥିଲା । ନିଜର ମାତୃହୀନତାରେ ସେ ବ୍ୟାକୁଳ ହୋଇ ବିଶ୍ୱବିଧାତାଙ୍କର ମଙ୍ଗଳମୟ ବାତ୍ସଲ୍ୟ ଅନୁଭବ କରି ଅଛନ୍ତି ।" —"(ଓଡ଼ିଆ ଭାଷା ଓ ସାହିତ୍ୟ" ଓଡ଼ିଆ ସହିତ୍ୟରେ ମଧୁସୂଦନ)

ମଧୁସୂଦନଙ୍କ ସମ୍ବନ୍ଧରେ ଆମ୍ଭମାନଙ୍କର ଆଉ ବିଶେଷ କଅଣ ଜାଣିବା ଆବଶ୍ୟକ ? ଯାହା ତାଙ୍କ ଜୀବନର ପରମାଦର୍ଶ ? "ଯ ବୈ ଭୁମା ତତ୍ ସୁଖମ୍ ନାଲ୍ପେ ସୁଖମସ୍ତି"—ଏହି ଉକ୍ତିରେ ଆତ୍ମପ୍ରକାଶ କରିଅଛି । ମଧୁସୂଦନ ଗ୍ରନ୍ଥାବଳୀରେ ପ୍ରକାଶିତ, ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମୁଖବନ୍ଧରେ ତତ୍ପୂର୍ବରୁ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଲିଖିତ ଉତ୍କଳ ସାହିତ୍ୟରେ ଧାରବାହିକ ଭାବରେ ପ୍ରକାଶିତ 'ବ୍ରହ୍ମଜ୍ଞ ମଧୁସୂଦନ' ପ୍ରବନ୍ଧରେ ଏହିପରି ଚିନ୍ତା ଅଭିବ୍ୟକ୍ତି ଲାଭ କରିଛି କି ? ମଧୁସୂଦନଙ୍କ କନ୍ୟା ଅବନ୍ତୀରାୟ ବଙ୍ଗଳାରେ କବି 'ମଧୁସୂଦନ ରାୟ' ନାମରେ ତାଙ୍କର ଯେଉଁ ଜୀବନୀ ଲେଖିଅଛନ୍ତି, ସେଥିରେ ବ୍ରାହ୍ମ ଧର୍ମର ମହତ୍ୱ ପ୍ରଖ୍ୟାପନ ହୋଇଥିଲେ ମଧ୍ୟ, ମଧୁସୂଦନଂକର ଜୀବନୀ ଓ ସାହିତ୍ୟର ସଂପର୍କ ନୀଳକଣ୍ଠକଂ ପରି ଏପରି କିଏ, କେଉଁଠାରେ ବ୍ୟକ୍ତ କରି ଅଛନ୍ତି କି ? ଏହିଠାରେହିଁ ନୀଳକଂଠଂକର ବୈଚିତ୍ର୍ୟ ! ଏହିପରି ପୁସ୍ତକର କଳେବର ବୃଦ୍ଧି ଦୃଷ୍ଟିରୁ ଆମ୍ଭେମାନେ ଗଣି ଗଣି ଉଦାହରଣ ଦେବାରୁ କ୍ଷାନ୍ତ ହୋଇ ଗୋଟିଏ ମାତ୍ର ଦୃଷ୍ଟାନ୍ତ ଦେଲୁ ।

## ଓଡ଼ିଆ ସାହିତ୍ୟ ଏକାଡେମୀରୁ ମାନପତ୍ର

ଓଡ଼ିଆ ସାହିତ୍ୟ ଏକାଡ଼େମୀ ନୀଳକଣ୍ଠଙ୍କୁ ୧୯୬୧ ମସିହାରେ ତାଙ୍କର ସାହିତ୍ୟ ସାଧନା ସକାଶେ ସମ୍ବର୍ଦ୍ଧନା ଜଣାଇ ଯେଉଁ ମାନପତ୍ର ପ୍ରଦାନ କରିଥିଲେ ସେଥିରେ ଏହାର ତତ୍କାଳୀନ ସଭାପତି ଡଃ ହରେକୃଷ୍ଣ ମହତାବ ଉଲ୍ଲେଖ କରିଥିଲେ,

Digitized by PPRACHIN, SOA

"ମାନନୀୟ ଶ୍ରୀଯୁକ୍ତ ନୀଳକଂଠ ଦାସ ମହୋଦୟ,

ଭବଦୀୟ ବହୁମୁଖୀ କର୍ମମୟ ଜୀବନ ମଧ୍ୟରେ ସାହିତ୍ୟ ସାଧନା ବିଶିଷ୍ଟ ସ୍ଥାନ ଅଧିକାର କରିଛି । ମାତୃଭାଷାର ସାହିତ୍ୟିକ ଉତ୍କର୍ଷ ବିଧାନରେ ବ୍ରତୀ ହୋଇ ଆପଣ ବିବିଧ ଉପାଦେୟ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି । ଆପଣଙ୍କର 'ଖାରବେଳ', 'କୋଣାର୍କେ' ପ୍ରଭୃତି କାବ୍ୟ ଓ ଗୀତା ଭୂମିକା, 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପ୍ରଭୃତି ଆଲୋଚନା ଗ୍ରନ୍ଥ ଓ 'ନବଭାରତ' ଭଳି ମାସିକ ପତ୍ର, ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟର ଶ୍ରୀ ସଂପାଦନ କରିଅଛି । ଆପଣ ସ୍ୱୀୟ କର୍ମମୟ ଜୀବନର ପ୍ରାରମ୍ଭରୁ ସମାଜ ସଂସ୍କାର ରୂପୀ ବରେଣ୍ୟ ଆଦର୍ଶର ଅନୁଧାବନ କରି ସାହିତ୍ୟସେବା କ୍ଷେତ୍ରରେ ମଧ୍ୟ ସେହି ଆଭିମୁଖ୍ୟ ଗ୍ରହଣ କରି ଅଛନ୍ତି । ଆପଣଙ୍କର ବହୁ ଆଲୋଚନା, ସମସାମୟିକ ସାହିତ୍ୟିକ ଓ ସାମାଜିକ ସମସ୍ୟା ଉପରେ ନୂତନ ଆଲୋକପାତ କରି ଅନୁରାଗୀ ପାଠକ ମଣ୍ଡଳୀର ପରମ ଶ୍ରେୟ ସାଧନ କରିଅଛି । ସଂସ୍କୃତ ସାହିତ୍ୟ ତଥା ଇଂରାଜୀ ସାହିତ୍ୟର ଚିନ୍ତା, ବୈଭବ ଓ ରସ ସଂପଦକୁ ଉତ୍କଳର ପାଠକ-ପାଠିକାଙ୍କର ଉପଭୋଗ୍ୟ କରାଇବା ଲାଗି ଆପଣ ଯେଉଁ ପ୍ରଶଂସନୀୟ ଉଦ୍ୟମ କରିଅଛନ୍ତି, ଭଗବଦ ଗୀତାର ଓଡ଼ିଆ ଭାଷ୍ୟ 'ପ୍ରଣୟିନୀ' ଓ 'ଦାସନାୟକ' ସେହି ଉଦ୍ୟମର ସୁମିଷ୍ଟ ଫଳରୂପେ ଅଗଣିତ ପାଠକଙ୍କର ତୁଷ୍ଟି ବିଧାନ କରୁଅଛି । ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ବଳରେ ବିଶ୍ୱ ସଭ୍ୟତା ସଙ୍ଗେ ଭାରତୀୟ ସଭ୍ୟତାର ଯୋଗସୂତ୍ର ସ୍ଥାପନ କରି ଓ ଭାରତୀୟ ସଭ୍ୟତାର ଅଖଣ୍ଡତା ସଙ୍ଗେ ଉତ୍କଳୀୟ ସଭ୍ୟତାର ସାମୀପ୍ୟ ଓ ସୌସାଦୃଶ୍ୟ ସ୍ଥାପନ କରି, ଆପଣ ସାମୂହିକ ଭାବରେ ଉତ୍କଳର ତଥା ଭାରତର ଗୌରବ ପ୍ରତିପାଦନରେ ଯତ୍ନଶୀଳ ହୋଇଅଛନ୍ତି । ଓଡ଼ିଆ ଆଲୋଚନା ସାହିତ୍ୟକୁ ଆପଣଙ୍କର ପୁଷ୍କଳ ଦାନ ଅବିସ୍ମରଣୀୟ । ଆଜି ଏହି ନିଖିଳ ଉତ୍କଳ ଲେଖକ ସମ୍ମିଳନରେ ଆପଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି, ଓଡ଼ିଆ ସାହିତ୍ୟ ଏକାଡେମୀ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।"

ଏହା ନୀଳକଂଠଙ୍କର ପାଣ୍ଡିତ୍ୟ ଏବଂ ବୈଶିଷ୍ଟ୍ୟର ପୂର୍ଣ୍ଣାଙ୍ଗ ଚିତ୍ର ବୋଲି କୁହାଯାଇ ନ ପାରେ । ତାହାର ସୂଚନା ମାତ୍ର । ବହୁ ସଭାସମିତିରେ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ମାନଙ୍କରୁ ନୀଳକଣ୍ଠଙ୍କର ବହୁମୁଖୀ ପ୍ରତିଭା ନିମନ୍ତେ ତାଙ୍କୁ ଅନେକ ମାନ ସମ୍ମାନ ମିଳିଛି – ତାଙ୍କର ଅନ୍ୟତମ ସୃଷ୍ଟି ଉତ୍କଳ ବିଶ୍ୱବିଦ୍ୟାଳୟର

Digitized by PPRACHIN, SOA

ଦସ ୭ବର୍ଷ ଧରି ଉପାଗ୍ରର୍ଯ୍ୟ (Proochancellr) ଥିଲେଓ ସେଥିରୁ ମଧ୍ୟ ସେ ଡ଼କ୍ଟରେଟ ଉପାଧି ପାଇଥିଲେ । ୧୯୫୭ରେ ଭରତ ସରକାରଙ୍କ ପକ୍ଷରୁ ତାଙ୍କର ପୁରାତନ ବନ୍ଧୁ ଭରତର ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ ଭୁବନେଶ୍ୱର ଆସି ତାଙ୍କୁ ପଦ୍ମଭୂଷଣ ଉପାଧିରେ ମଣ୍ଡିତ କରିଥିଲେ ।

ଆମ୍ଭେମାନେ ଏହି ଅଧ୍ୟାୟରେ ପୂର୍ବରୁ ସାହିତ୍ୟ ସୃଷ୍ଟିର ବିଭିନ୍ନ ଦିଗରେ ନୀଳକଣ୍ଠଙ୍କର ମନୀଷା ଅନନ୍ୟସାଧାରଣ ବୋଲି ଦର୍ଶାଇଥିଲୁ । ଆମର ଆଶା ଓ ବିଶ୍ୱାସ ଏବେ ଯାହା ସବୁ କୁହାଗଲା, ସେଥିରେ ପାଠକ ମାନଙ୍କର ଉକ୍ତ ଧାରଣା ବଦ୍ଧମୂଳ ହୋଇ ପାରିବ । ସାହିତ୍ୟ କ୍ଷେତ୍ରରେ ନୀଳକଣ୍ଠଙ୍କର ସ୍ଥାନ ଅତୁଳନୀୟ ଦେଖାଇବା ନିମନ୍ତେ ପରବର୍ତ୍ତି ଅଧ୍ୟାୟମାନଙ୍କରେ ନୀଳକଂଠଙ୍କର ସାହିତ୍ୟିକ, ଦାର୍ଶନିକ, ବୈଜ୍ଞାନିକ ଏବଂ କାବ୍ୟିକ କୃତି ସମ୍ବନ୍ଧରେ ବିଶଦ ଆଲୋଚନା ଓ ସମାଲୋଚନା କରିବୁ ।

## ଅଧ୍ୟାପକ କୃଞ୍ଜ ବିହାରୀ ଦାଶଙ୍କ ଦୃଷ୍ଟିରେ

ଏ ବିଷୟଟି ସମାପ୍ତ କରିବା ପୂର୍ବରୁ, ନୀଳକଣ୍ଠଙ୍କ ତିରୋଧାନ ପରେ ତାଙ୍କ ସ୍ମୃତିରେ ପ୍ରକାଶିତ 'ନୀଳକଣ୍ଠ ସ୍ମରଣିକା''ରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ତଥା 'ଓଡ଼ିଶା ପୂର୍ବ୍ୟ ପୂଜା ସଂସଦ'ର ସଭାପତି ଡ଼ଃ କୁଞ୍ଜ ବିହାରୀ ଦାଶ, ନୀଳକଣ୍ଠଂକ ସମ୍ବନ୍ଧରେ ଯାହା କହିଥିଲେ, ତାହା ଉଲ୍ଲେଖ କରିବା ସମୀଚୀନ ମନେ କରୁଛି । ସେ ଲେଖିଥିଲେ ପତ୍ରିକା ହିସାବରେ 'ନବ ଭରତ' ସର୍ବ ଶୀର୍ଷରେ ରହିଥିଲା - 'କୋଣାର୍କେ', 'ଖାରବେଳ', 'ସଂସ୍କୃତ ଓ ସଂସ୍କୃତି', 'ଓଡ଼ିଆ ଭଷାର କ୍ରମ ପରିଣାମ' ଓଡ଼ିଆ ଭଷା ଓ ସାହିତ୍ୟ', 'ଗୀତାଭଷ୍ୟ'. ଓ ବହୁ ଉପାଦେୟ ପ୍ରବନ୍ଧ ନୀଳକଣ୍ଠ ରଚନା କରି ଯାଇ ଅଛନ୍ତି । ''ସାହିତ୍ୟ ତାଂକ ଅବସର ବାସରର ସଖୀ ଥିଲା; ରାଜନୀତି ଥିଲା ସାଧନା ପଥର ଉର୍ବଶୀ, ତାଙ୍କୁ ଯୋଗଭ୍ରଷ୍ଟ କରିବାରେ ତାର ପ୍ରୟାସ ଥିଲା ପଦେ ପଦେ; ସେ ଦିଗରେ ବୈଫଲ୍ୟ ହୁଏତ ପରିପୂରକ ହୋଇଥିଲା ସାହିତ୍ୟର । ନାନା ଦିଗରୁ ବିବେଚନା କଲେ ନୀଳକଣ୍ଠ ଏ ଯୁଗର ଜଣେ ଋଷି, ଅବଶ୍ୟ ସକ୍ରେଟିସ୍‌ଂକ ପରି ଦାର୍ଶନିକ, ବ୍ୟାସ, ବାଲ୍ମିକିଂକ ପରି ବାଣୀ ବିଳାସୀ । ଭରତର ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ ଭବରେ, ଉତ୍କଳର ଜଣେ ଅଗ୍ରଯାୟୀ ନେତା ଭବରେ ବନ ବିଦ୍ୟାଳୟର ଜଣେ ଶିକ୍ଷକ ଭବରେ ନୀଳକଣ୍ଠ ଯୁଗ ପ୍ରବାହରେ ମଜ୍ଜିନ ହୋଇ ଯାଇ ପାରନ୍ତି, କିନ୍ତୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଚିର ଭାସ୍ୱର ହୋଇ ରହିବେ ।''

୦

Digitized by PPRACHIN, SOA

### ୩ୟ ଅଧ୍ୟାୟ

# ନୀଳକଣ୍ଠଙ୍କ ଦର୍ଶନ ଓ ବଜ୍ଞାନ ପ୍ରତିଭା

## ଭକ୍ତ ଓ ଅଭକ୍ତ

ନୀଳକଣ୍ଠଙ୍କର ବହିଗବଚଣ ଅତ୍ୟନ୍ତ ଶୁଷ୍କ ଓ ନିରସ ଥିବାରୁ ଏବଂ କେବେ ଅଲକ୍ଷିତ ଭାବରେ ମଧ୍ୟ ତାଙ୍କ ତୁଣ୍ଡରୁ 'ଈଶ୍ୱର ଯାହା କରିବେ' ଏହିପରି ନିଟଣ ବାଣୀ ଶୁଣା ନ ଯାଇଥିବାରୁ କେତେକ ଲୋକ କହନ୍ତି ଆସ୍ତିକତା ତାଙ୍କଠାରେ ମୋଟେ କିଛି ନାହିଁ । କେବଳ ନାସ୍ତିକତାରେ ତାଙ୍କର ହୃଦୟ ପରିପୂର୍ଣ୍ଣ । ସେ ଭାଗ୍ୟ ଦେବୀଙ୍କର ଉପାସକ ନୁହନ୍ତି । କେବଳ ପୌରୁଷ ତାଙ୍କ ଜୀବନର ଏକମାତ୍ର ମାନଦଣ୍ଡ । ସଂସ୍କୃତରେ ଗୋଟିଏ କଥାଅଛି, "ଭାଗ୍ୟଂ ଫଳତି ସର୍ବତ୍ର" । କିନ୍ତୁ ଶକ୍ତି କିମ୍ବା ପୌରୁଷ ମନୁଷ୍ୟ ଜୀବନରେ ସର୍ବଦା ଅବଲମ୍ବନୀୟ । ଯଦି ଏହି ପୌରୁଷ କିମ୍ବା ଶକ୍ତିର ପରାଭବ ହେଲା, ତେବେ ଶେଷରେ ଭାଗ୍ୟ ଉପରେ ହିଁ ନିର୍ଭର କରିବାକୁ ହେବ । କିନ୍ତୁ ନୀଳକଣ୍ଠଙ୍କୁ ଯେଉଁମାନେ ଦେଖିଅଛନ୍ତି, ସେମାନେ ଭଲ ଭାବରେ ଜାଣନ୍ତି ସେ ସ୍ୱାଧୀନଚେତା ଓ ପୁରୁଷକାରରେ ବିଶ୍ୱାସୀ । ସେ କୌଣସି ଈଶ୍ୱର ଓ ଦେବାଦେବୀ ଉପରେ ନିର୍ଭର କରି ଚଳିବା ଲୋକ ନୁହନ୍ତି । ଏ କଥାରେ କୌଣସି ଅସତ୍ୟ ନାହିଁ ।

## ନୀଳକଂଠ ଆତ୍ମ ଶକ୍ତିରେ ହିଁ ପରିପୂର୍ଣ୍ଣ

ନୀଳକଂଠ ଆତ୍ମଶକ୍ତିରେ ହିଁ ପରିପୂର୍ଣ୍ଣ ଥିଲେ । ତାହାର ପ୍ରମାଣ ଅନେକ-ଠାରେ ଦେଖିବାକୁ ମିଳେ । ବିଶେଷତଃ ୧୯୨୧ ପରେ ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ଅସହଯୋଗରେ ଯୋଗଦେବା ପରଠାରୁ ତାଙ୍କର ଏହି ଆଧ୍ୟାତ୍ମିକ ପ୍ରେରଣାର ପତନ ଘଟିଲା ବୋଲି ବୁଝିବାକୁ ହେବ ।

ସତ୍ୟବାଦୀରେ ଗାନ୍ଧୀଙ୍କ ସହିତ ତାଙ୍କର ସୂତାକଟା ବିଷୟରେ ଆଲୋଚନା ହେଲା । ଯେତେବେଳେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ପାଠ୍ୟକ୍ରମ ବନ୍ଦ

Digitized by PPRACHIN, SOA

କରଯାଇ, ସୂତାକଟା ପାଠ୍ୟ ରୂପେ ପ୍ରଚଳନ କରଯିବାର କଥାହେଲା, ନୀଳକଣ୍ଠ ଗାନ୍ଧିଜୀଙ୍କ ଠାରୁ ସୂତା କଟାର ଯଥାର୍ଥତା ବିଷୟ ବୁଝି ନପାରି ଅର୍ଥାତ୍ ଗାନ୍ଧିଜୀ ନୀଳକଣ୍ଠଙ୍କୁ ଯେତେବେଳେ ସୂତାକଟାର ଯଥାର୍ଥତା ବୁଝାଇ ପାରିଲେ ନାହିଁ ନୀଳକଂଠ ସେତେବେଳେ ଇଂଲଣ୍ଡର ଯେଉଁ ଭିକ୍ଟୋରିଆ ଯୁଗର କବି ଟେନିସନ୍‌ଙ୍କର ସେ ଜଣେ ଅତି ଅନୁରକ୍ତ ଶିଷ୍ୟ ଥିଲେ, ତାଙ୍କରି "Inmemoriumରୁ ଏହି ଧାଡ଼ିଟି ଆବୃତ୍ତି କରି କହିଲେ :

"By faith and faith alone
Believing when we cannot Prove"

ଅର୍ଥାତ ଯେଉଁଠାରେ ପ୍ରମାଣ କରିବାର ଦୃଢ଼ତା ନାହିଁ, ସେଠାରେ କେବଳ ବିଶ୍ୱାସରେ କାମ କରିବାକୁ ମୋର ମନ ହେଉନାହିଁ । ଗାନ୍ଧିଜୀ କିନ୍ତୁ ଥିଲେ ପରମ ଆଧ୍ୟାତ୍ମ୍ୟବାଦୀ । ପଦେ ପଦେ ଈଶ୍ୱରଙ୍କ ବାଣୀ ଏବଂ ପଦ-ଯେପରି ପ୍ରତିଧ୍ୱନି ଶୁଣିପାରୁ ଥିଲେ । ଏ କ୍ଷେତ୍ରରେ ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ଗାନ୍ଧୀ ତୁଳନୀୟ । ନୀଳକଂଠ ନୁହଂତି । ନୀଳକଣ୍ଠଙ୍କ ସହିତ କେବଳ ତୁଳନୀୟ ତାଙ୍କର ସତ୍ୟବାଦୀର ସହକର୍ମୀ ଗୋଦାବରୀଶ । ଗୋଦାବରୀଶ ଆଜୀବନ ନାସ୍ତିକ ଥିଲେ ବୋଲି କହିବାକୁ ହେବ । ପିଲାଦିନେ ସେ ଅବଶ୍ୟ ତାଙ୍କ ପିତାଙ୍କଠାରୁ ଅନେକ ସ୍ତୋତ୍ର ଶିକ୍ଷା କରି ବଡ଼ ଦିନରେ ସେ ସବୁ ଆବୃତ୍ତି କରୁଥିଲେ– କିନ୍ତୁ ତାଙ୍କର "ବ୍ରାହ୍ମଣତ୍ୱ" ହୋଇ କିଛି ନଥିଲା । ସେତବେଳର ବ୍ରାହ୍ମଣର ଚଳଣି ଅନୁସାରେ ସେ ପୂଜା କରିବା ପାଇଁ କଛା ଫିଟାଉ ନ ଥିଲେ । କାନ୍ଧରୁ ପଇତା ଛିଣ୍ଡାଇ ପକାଇ ଦେଇଥିଲେ । ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ଅଛନ୍ତି "ଏହି ଅସହଯୋଗ ଆନ୍ଦୋଳନ ଇଂରେଜ ଓ ଭାରତବାସୀଙ୍କ ମଧ୍ୟରେ ଗୋଟିଏ ଧର୍ମଯୁଦ୍ଧ । ଏଥିରେ କେହି ନେତା ବା ନୀତ ନୁହନ୍ତି । ଏହି ଧର୍ମ ନାବକୁ ସତ୍ୟ ଓ ବିଶ୍ୱାସରେ, ଚଳାଇବାକୁ ହେବ ।" କିନ୍ତୁ ନୀଳକଣ୍ଠ ଏଥିରେ ବିଶ୍ୱାସୀ ନଥିଲେ । ସେ ଏହି ଅସହଯୋଗ ଆନ୍ଦୋଳନରେ ଆଜୀବନ କର୍ମରେ ପ୍ରବୃତ୍ତ ହେଲେ ମଧ୍ୟ ସେ ଦିନେ ହେଲେ ଧର୍ମନାବ ବିଷୟରେ କାହାକୁ କହି ନାହାନ୍ତି । ଏହି ଅସହଯୋଗ ଆନ୍ଦୋଳନ ଆଧ୍ୟାତ୍ମିକତାର ଶକ୍ତିରେ ପ୍ରବହମାନ । ଏଥିରେ କେବଳ କର୍ମ କରିବାହିଁ ମଣିଷର ଏକମାତ୍ର

Digitized by PPRACHIN, SOA

ପନ୍ଥା । ଏହି ସାଧନାରେ ସିଦ୍ଧିଲାଭ କରିବା ନିମନ୍ତେ ଆତ୍ମୋତ୍ସର୍ଗ ବ୍ୟତୀତ ଅନ୍ୟପନ୍ଥା ନାହିଁ ।

## ଜଗନ୍ନାଥ ସଂସ୍କୃତି

ନୀଳକଣ୍ଠ ବାର୍ଦ୍ଧକ୍ୟରେ ଯେତେବେଳେ କେତେକାଂଶରେ ରାଜନୀତିରୁ ବିଚ୍ଛିନ୍ନ ହୋଇଗଲେ, ସେତେବେଳେ ସେ ଅନେକ ପ୍ରବନ୍ଧ "ଜଗନ୍ନାଥ ସଂସ୍କୃତି" ଉପରେ ଲେଖିଅଛନ୍ତି । ସେ The Orissa Historical Journalର ୧୯୧୮ ଅପ୍ରେଲ ସଂଖ୍ୟାରେ "Hints on the significance of Jagannath" ପ୍ରବନ୍ଧରେ ବହୁ ତତ୍ତ୍ୱ ଅନୁସନ୍ଧାନ କରି ପ୍ରମାଣ କରି ଅଛନ୍ତି, Man himself, and he alone, is responsible for all that is, what is, Jainism, good or bad in his life. ୩୬ ପୃଷ୍ଠା ବ୍ୟାପୀ ଏହି ଦୀର୍ଘ ପ୍ରବନ୍ଧରେ ତାଙ୍କର ଜଗନ୍ନାଥ 'ଭକ୍ତି' କେଉଁଠାରେ ହେଲେ ପରିଲକ୍ଷିତ ହୁଏ ନାହିଁ । ଏହି ପ୍ରବନ୍ଧଟି ଗୋଟିଏ ପ୍ରଥମ ଶ୍ରେଣୀୟ ଗବେଷଣା ମୂଳକ ପ୍ରବନ୍ଧ ଓ ତାଙ୍କର ତୀକ୍ଷ୍ଣ ମନୀଷାର ପରିଚାୟକ । ଏଥିରେ ଜଗନ୍ନାଥଙ୍କଠାରେ ଆତ୍ମନିବେଦନ କେଉଁଠାରେ ଦେଖାଯାଏ ନାହିଁ । କିନ୍ତୁ ତାଙ୍କ ମତରେ ଏହି ଜଗନ୍ନାଥ ମାନବ ଜାତିର ପ୍ରତୀକ ରୂପେ ଏ ସଂସାରରେ କାଳେ କାଳେ ପୂଜା ଓ ଅର୍ଚ୍ଚନା ଲଭ କରୁ ଅଛନ୍ତି । ପ୍ରବନ୍ଧର ଶେଷରେ ସେ ଉଲ୍ଲେଖ କରିଅଛନ୍ତି—(ଯାହା ପୂର୍ବ ଅଧ୍ୟାୟରେ ସୂଚନା ଦର୍ଶାଇ ଦିଆଯାଇଛି) 'As a religious institution, it is a symbol of mono theism, yet with all, Jaina or Indian Philosophy attached to it. Thus it is that Orissa is the holiest of lands in the Hindu world for its Jagannath whose history and significance as the Purusha, representing the entire universe both monumental and phenomenal, has no parallel in religious conception of humanity."

ଏଥିରୁ ଅନୁମିତ ହୁଏ ଜଗନ୍ନାଥ ଧର୍ମରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଧର୍ମୀୟ ଅନୁଷ୍ଠାନ ଭବରେ ଏହା "ଏକେଶ୍ୱର ବାଦର" ଜୀବନ୍ତ ପ୍ରତୀକ ଓ ଏହା ସହିତ ମିଶି କରି ରହିଛି ଜୈନ ଏବଂ ଭରତୀୟ ଦର୍ଶନ ।

Digitized by PPRACHIN, SOA

## ନୀଳକଣ୍ଠଙ୍କର ଏକେଶ୍ୱରବାଦ

ପୂର୍ବରୁ ଯାହା ସୂଚାଇ ଦିଆ ଯାଇଛି, ସେଥିରୁ ଅନୁମିତ ହୁଏ ଯେ ନୀଳକଣ୍ଠଙ୍କର ଏକେଶ୍ୱରବାଦ ବା ଅଦ୍ୱିତୀୟ ବ୍ରହ୍ମଙ୍କ ଠାରେ ଅଖଣ୍ଡ ବିଶ୍ୱାସ ଥିଲା । ସେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ଛାତ୍ରମାନଙ୍କର ଦୈନନ୍ଦିନ ଆବୃତ୍ତି ନିମନ୍ତେ ଯେଉଁ 'ଉପାସନା' ନାମକ କ୍ଷୁଦ୍ର ପୁସ୍ତକଟି ରଚନା କରିଥିଲେ, ସେଥିରେ ତାଙ୍କର ଏକେଶ୍ୱର ବିଶ୍ୱାସର ସୂଚନା ମଧ୍ୟ ମିଳେ । କ୍ଷୁଦ୍ର ପୁସ୍ତକଟି ସେତେବେଳର 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଇଥିଲା । ମୂଳ ସଂସ୍କୃତ ଶ୍ଳୋକର ଏହି ଓଡ଼ିଆ ଅନୁବାଦ ପ୍ରତ୍ୟେକ ଶିଷ୍ୟ ଓ ଶିକ୍ଷକମାନଙ୍କର ପ୍ରାଣକୁ ବିମୋହିତ କରିଥିଲା ।

ବ୍ରହ୍ମ ମୁହୂର୍ତ୍ତରେ "କେତେକୀଝର"ରେ ସ୍ନାନ ସାରି ଗ୍ରିଶହ ଛାତ୍ର, ଛାତ୍ରାବାସକୁ ଆସି ନିଜ ନିଜ ସ୍ଥାନରେ ବସି ଯେତେବେଳେ ବୋଲନ୍ତି :

୧ । ଓଁ ଏଷହ ଦ୍ରଷ୍ଟା ସ୍ପ୍ରଷ୍ଟା ଶ୍ରୋତା ଘ୍ରାତା ରସୟିତା ମନ୍ତା ବୋଦ୍ଧା । ବିଜ୍ଞାନାତ୍ମା ପୁରୁଷଃ ସ ପରେଽକ୍ଷରେ ଆତ୍ମନି ସମ୍ପ୍ରତିଷ୍ଠତେ ସ ସର୍ବଜ୍ଞଃ ସର୍ବୋ ଭବତି ।

୨ । ବିଶ୍ୱରୂପଂ ହରିଣଂ ଜାତ ବେଦସଂ ପରାୟଣଂ ଜ୍ୟୋତିରେକଂ ତପନ୍ତଂ ସହସ୍ର ରଶ୍ମିଃ ଶତଧା ବର୍ତ୍ତମାନଃ ପ୍ରାଣଃ ପ୍ରଜାନାମୁଦୟ ତ୍ୟେଷ ସୂର୍ଯ୍ୟଃ ।

ଓଡ଼ିଆରେ ଅନୁବାଦ କଲେ ଏ ଦୁଇଟି ଶ୍ଳୋକ ଏହିପରି ରୂପାନ୍ତରିତ ହେବ –

ଜ୍ଞାନମୟ ହେ ଆତ୍ମ ପୁରୁଷ । ଦର୍ଶନ
ସ୍ପର୍ଶନ ଘ୍ରାଣ ଶ୍ରବଣ ସ୍ୱାଦନ ଜ୍ଞାନ
ଏ ଜଗତେ ତବ କର୍ମ ଦେବ
ପରାତ୍ପର କ୍ଷୟହୀନ ଆତ୍ମା ତବ ଅଧିଷ୍ଠାନ
ସର୍ବଜ୍ଞାତା ଅଟ ସର୍ବଭବ ।

ଏକ ଜ୍ୟୋତିର ରଶ୍ମିମୟ ହେ ସର୍ଗସବିତା ବିଶ୍ୱରୂପ, ବିଶ୍ୱପ୍ରାଣ ପରମେ ଆଶ୍ରୟ ସର୍ବଶକ୍ତି ମୂଳାଧାର ଚୈତନ୍ୟ ନିଦାନ ସହସ୍ର ରଶ୍ମି ହେ ତବ ଶତଧା ପ୍ରକଟି ଚରାଚର ଲୋକ ପ୍ରାଣ ପ୍ରକାଶ ଭୁବନେ ।

Digitized by PPRACHIN, SOA

ଅଥଚ ଏହି ଉପାସନାର, ଅନୁବାଦ ପ୍ରାର୍ଥନାର ମନ୍ଦ୍ର ନିନାଦରେ ସମଗ୍ର ଛାତ୍ରାବାସ ପ୍ରାଙ୍ଗଣ ମୁଖରିତ ହୋଇ ଉଠିଲା ବେଳେ ନିଜେ ଗଭୀର ନିଦ୍ରାରେ ସୁଷୁପ୍ତ । ହୁଏତ ସେତେବେଳେ ସେ ଯେଉଁ ବେଦ କିମ୍ବା ଉପନିଷଦମାନ ଗମ୍ଭୀର ରାତ୍ରି ପର୍ଯ୍ୟନ୍ତ ଅଧ୍ୟୟନ କରୁଥିଲେ, ତାହାର ଟୀକା ତାଙ୍କୁ ସ୍ୱପ୍ନରେ ଶୁଣା ଯାଉଥିଲା । ତେବେ ହଷ୍ଟେଲର ଆଚାର୍ଯ୍ୟ ଏହି ଉପାସନାରେ ନେତା ଥିଲେ ।

ନୀଳକଣ୍ଠ ଛାତ୍ରାବସ୍ଥାରେ ବଡ଼ ନୈଷ୍ଠିକ ଥିଲେ । ସେ ତାଙ୍କର ଆତ୍ମଚରିତରେ ଲେଖିଛନ୍ତି, 'ମୁଁ ସେତେବେଳେ କଲେଜିଏଟ୍ ସ୍କୁଲବୋର୍ଡରେ ଥିବ ବେଳେ ବଡ଼ ନୈଷ୍ଠିକ ଥିଲି, ଅତି ପ୍ରତ୍ୟୁଷରୁ କାଠଯୋଡ଼ିରେ ସ୍ନାନ କରି ମଠା ପିନ୍ଧି ତନ୍ମୟ ହୋଇ ଗୀତା ପଢ଼େ । କେତେଦିନ ମଧ୍ୟରେ ଗୀତା ଶେଷ କରି ଉପନିଷଦ ଆରମ୍ଭ କରି ଦେଲି । ସେତେବେଳେ ସୀତାନାଥ ତତ୍ତ୍ୱଭୂଷଣଙ୍କ "ସଂସ୍କୃତ ଟୀକା ଓ ଇଂରାଜୀ ଅର୍ଥଥିବା ଉପନିଷଦ ତିନିଖଣ୍ଡ କିଣିଥିଲି ଓ ପଢ଼ୁଥିଲି । ଯେହି ସମୟରେ ନିଷ୍ଠା ଏବଂ ଏକ ଈଶ୍ୱରଂକଠାରେ ଅଗାଧ ବିଶ୍ୱାସ ତାଂକୁ ଯେପରି ମନୀଷୀ ରୂପରେ ବିକାଶିତ କରିଥିଲା ସେହିପରି ଆଧ୍ୟାତ୍ମିକ ବିଶ୍ୱାସରେ ବି ବଳୀୟାନ କରିଥିଲା ।

## ନୀଳକଣ୍ଠଙ୍କର ଧର୍ମ ବିଶ୍ୱାସ

ଏହା ବୋଲି ନୀଳକଣ୍ଠଙ୍କର ଯେପରି ଧର୍ମ ବିଶ୍ୱାସ ଥିଲା ବୋଲି ବିଗ୍ରହିବା ଠିକ୍ ହେବ ନାହିଁ – ଅପରନ୍ତୁ ତାହା ନଥିଲା ବୋଲି କୁହାଯାଇ ପାରେ । ସେ ଏ ବିଷୟ ତାଙ୍କ ଆତ୍ମ ଜୀବନୀରେ ନିଜେ ବଡ଼ ସୁନ୍ଦର ଓ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଚନ୍ତି । ସେଥିରୁ ଗୋଟିଏ କୌତୁହଳୋଦ୍ଦୀପକ ଘଟଣା ଏଠି ଉଲ୍ଲେଖଯୋଗ୍ୟ । ସେ ଲେଖିଚନ୍ତି,

ପିଲା ଦିନୁ ଧର୍ମ ବିଶ୍ୱାସ ଓ ତଦନୁଗତ କ୍ରିୟା ସବୁ ପ୍ରତି ମୋର ବୋଧହୁଏ ଟିକିଏ ସମାଲୋଚନା ଦୃଷ୍ଟି ଥାଏ । ମନେ ଅଛି ଗାଁରେ ପଢ଼ିଲା ବେଳେ ଥରେ ବୋଉ ଭଲ ପାଚିଲା କଦଳୀ ପେଣ୍ଡାଟାଏ ଆମ ଗାଁର ଅଧିଷ୍ଠାତ୍ରୀ ଦେବୀ ହରଚଣ୍ଡୀ ଠାକୁରାଣୀଙ୍କ ପାଇଁ ରଖିଥାଏ । ଗାଁରେ ସମସ୍ତେ ଜାଣନ୍ତି, ଆମ ହରଚଣ୍ଡୀଙ୍କ ଠାରେ ଜନ୍ତାଳ (ଭେଜି) ହୁଏ । ହରଚଣ୍ଡୀଙ୍କ ଆଜ୍ଞା ମାଳ (ଲାଗି ହୋଇଥିବା ଫୁଲମାଳ) ସେବକମାନେ ଥାଳିରେ ଧରି ଆଣି ଘଣ୍ଟ ବଜାଇ ଘାଁରେ ବୁଲାଇ

Digitized by PPRACHIN, SOA

ନିଅନ୍ତି । ଲୋକେ କହନ୍ତି, ସେତିକିରେ ହଇଜା ଠକ୍ କିନି ବନ୍ଦ ହୋଇଯାଏ । ହରଚଣ୍ଡୀ ରାତିରେ ଶାଢ଼ିଟିଏ ପିନ୍ଧି, ଦୀପଟିଏ ଧରି ଗାଁରେ ବୁଲି ଯାଉଥିବା ବେଳେ କେତେ ବୁଢ଼ା ଆଖିରେ ଦେଖିଥିବାର ମୋତେ କହିଚନ୍ତି । ତାଙ୍କ ଦେଖିବାରେ ପୁଣି ହରଚଣ୍ଡୀଙ୍କ ଗୋଡ଼ ତଳେ ଲାଗେ ନାହିଁ । ବୁଲିଲା ବେଳେ ପାଦ ତଳ ଗୋଟିଏ ଖଣ୍ଡେ ଛାଡ଼ି କରି ଥାଏ । ବୁଢ଼ା ପ୍ରସା କରିବା ପାଇଁ ଦାଣ୍ଡକୁ ବାହାରିବା ବେଳକୁ ହଠାତ୍ ଠାକୁରାଣୀ ଦୀପଟା ଲିଭାଇ ଦେଇ ଅଦୃଶ୍ୟ ହୋଇ ଯାଆନ୍ତି । ବୁଢ଼ା ପ୍ରସା କରି ସାରି ଘରକୁ ଆସି ପଞ୍ଜର ବାଟେ ଚାହାନ୍ତି । ଠାକୁରାଣୀ ପୁଣି ସେହିପରି ଦୀପ ଧରି ଚାଲିଯିବାର ସେ ଦେଖନ୍ତି । ହରଚଣ୍ଡୀ ମଧ୍ୟ କାଳସୀଙ୍କଠି ବିଜେ ହୁଅନ୍ତି; ସବୁ ଆଗତ ଭବିଷ୍ୟ କଥା କହନ୍ତି । କାହା ଗାଈ ହଜିଥିଲେ ମଧ୍ୟ କେଉଁ ଆଡକୁ ମୁହଁ କରି ଗଲେ ଗାଈ ମିଳିବ, ତାହା ସେ ବତାଇ ଦିଅନ୍ତି । ଶୁଣିଚି, ଗାଈ ମଧ୍ୟ ମିଳେ । ହରଚଣ୍ଡୀଙ୍କ ଯୋଗେ ଆମ ଗାଁରେ ବାଡ଼ି, ବସନ୍ତ ପ୍ରଭୃତିର ଯୋଗିନୀମାନେ ପଶି ପାରନ୍ତି ନାଇ । ସେମାନେ ଆଗ ପୁନେଇରେ ବଡ ଠାକୁରଙ୍କ ପାଖେ ଠୁଳ ହୁଅନ୍ତି । ବଡ ଠାକୁରଙ୍କୁ ମଣିଷ ଖାଇବାକୁ ମାଗନ୍ତି । ବଡ଼ ଠାକୁରେ ସବୁ ଗ୍ରାମ ଦେବତୀମାନଙ୍କୁ ଠୁଳ କରନ୍ତି । ସେଠାରୁ କାହା ଗାଁକୁ କେଉଁ ଦେବୀ ଯିବ, କେତେ ମୁଣ୍ଡ ଖାଇବ, ସବୁ ଠିକଣା କରି ବଡ ଠାକୁରେ ଯୋଗିନୀମାନଙ୍କୁ ବରଗି ଦିଅନ୍ତି । ଶୁଣିଚି, ଆମ ହରଚଣ୍ଡୀ ବଗବର ସାବଧାନ । ସେ କୌଣସିମତେ ବଡ ଠାକୁରଙ୍କ ଗୋଡ ତଳେ ପଡ଼ି ତାଙ୍କୁ ଦଇନା କରି ବିଶ୍ୱାସ କରାଇ ଦିଅନ୍ତି ଯେ ତାଙ୍କ ଗାଁରେ ଯୋଗିନୀ ଖାଇବା ପାଇଁ ମଣିଷ ନାହାନ୍ତି । ସେ କହନ୍ତି ମଲା ମରୁଡ଼ିଆ ପିଲା ଗୋଟିଖଣ୍ଡ ଧରି ମୁଁ ଗାଁ କରିଚି । ମୋ ଗାଁକୁ ଯୋଗିନୀ ପଠାଅ ନାଇ । ବଡ଼ ଠାକୁରଙ୍କ ପ୍ରାଣ ତରଳି ଯାଏ । ସେ ଆମ ଗାଁକୁ ଯୋଗିନୀ ପଠାନ୍ତି ନାଇ । ଆମ ଗାଁରେ ଯେ ବାଡ଼ି, ବସନ୍ତ ପଡ଼େ, ତା'ର କାରଣ ହେଉଚି, ଯୋଗିନୀମାନେ ଅନ୍ୟ ଗାଁକୁ ଗଲାବେଳେ କେବେ କେବେ ଆମ ଗାଁରେ ପଶିଯାନ୍ତି । ତା' ପୁଣି ହରଚଣ୍ଡୀଙ୍କ ଅଜଣାରେ । ଜନ୍ତାଳ କରି ହରଚଣ୍ଡୀଙ୍କୁ ଗୋଟାଏ ପେଡ଼ା ଖାଇବାକୁ ଦେଇ ଆଜ୍ଞା ମାଳ ରୂପରେ ତାଙ୍କୁ ଗାଁରେ ବୁଲାଇ ଦେଖାଇ ଦେଲେ ସେ ସେଇଦିନ ରାତିରେ ଯାଇ ବଡ ଠାକୁରଙ୍କୁ କହି ଦିଅନ୍ତି । ବଡ଼ ଠାକୁରେ ଦୂତ ପଠାଇ ଯୋଗିନୀଙ୍କୁ ଜବତ କରି ଦିଅନ୍ତି । ଏହାହିଁ ବଗବର ହୁଏ ବୋଲି ମୁଁ ବୁଢ଼ାମାନଙ୍କ ଠାରୁ ନିର୍ଭର କରି ଶୁଣିଚି । ତଥାପି ବୋଉ ଯେଉଁ ପାଚିଲା କଦଳୀ

Digitized by PPRACHIN, SOA

ପେଣ୍ଡାଟି ରଖିଥିଲୁ, ମୁଁ ସେଥିରୁ ଦିଓଟି ଖାଇ ଦେଲି । ବୋଉ କେତେ ଦିଅଁ ଦେବତା କରି ଗୋଟିଏ ବୋଲି ମୋତେ ପୂଅ କରି ପାଇଚି । ତାକୁ ଅନ୍ଧାର ଦେଖ ଗଲା । ସେ ନନାଙ୍କୁ ଡ଼ାକିଲା । ସଭା ବସିଗଲା ।

ତା' ପୂର୍ବରୁ ଗୋଟିଏ ଘଟଣା ମଧ୍ୟ ଘଟି ଯାଇଥିଲା । ଗ୍ରପରେ ଦିଅଙ୍କ ଜନ୍ତଲ ପାଇଁ ବେତାଏ ଚୂଡ଼ା ଯାଉଥିଲା । ବଳିଆ ବୋଲି ଗୋଟାଏ ପିଲା ସେ ବେତାରୁ ଗଣ୍ଡାଏ ପାଟିକି ପକାଇ ଖାଇଦେଲା । ସଙ୍ଗେ ସଙ୍ଗେ ଗ୍ରପଟି ନଇ ମଝିରେ ଟୁବ୍‌କିନି ବୁଡ଼ିଗଲା । ଲୋକେ କିଏ ପହଁରି କିଏ ଛଣା ହୋଇ ଉପକୂଳକୁ ଆସିଲେ । ଜନ୍ତଲ ହେଲା । ହରଚଣ୍ଡୀ ବିଜେ ହୋଇ କହିଲେ 'ବଳିଆ ଚୂଡ଼ା ଖାଇଯିବାରୁ ସେ ଚୂଡ଼ା ଅଇଁଠା ହୋଇଗଲା । ସେ ଜନ୍ତାଳ ଭୋଗରେ ଲଗନ୍ତା କିପରି ? ସେଥିପାଇଁ ସେ ନାଆଟି ବୁଡ଼ାଇ ଦେଇଥିଲେ । ସେଇଦିନ ଠାରୁ ଆମ ଗାଁରେ ସେଇ ପିଲଟିର ନାମ ହେଲା "ଚୁଡ଼ାଖିଆ ବଳିଆ" । ପରେ ମଧ୍ୟ ସେ ହେଲେ ଚୁଡ଼ାଖିଆ ବଳଭଦ୍ର ମିଶ୍ରେ । ଏବେ ସେ ପନ୍ଦର କୋଡ଼ିଏ ବର୍ଷ ହେଲା ମଲେଣି । ଏସବୁ ପ୍ରମାଣ ବ ହାରିଲା । ମୁଁ କହିଲି 'ଚୁଡ଼ାଖିଆ ବଳିଆ' କଥା ଅଲଗା । କିନ୍ତୁ ବିଗ୍ରର ଭଲ, ବୋଉ, ତୋ' ପାଇଁ କଦଳୀ ଥୁଆ ହୋଇଥାନ୍ତା, ମୁଁ ଯଦି ଦି'ଟା ଖାଇ ଦେଇଥାନ୍ତି, ତୁ ଖୁସି ହୁଅନ୍ତୁ ନା, ମୋର ଅନିଷ୍ଟ କରନ୍ତୁ ? ହରଚଣ୍ଡୀ ତ ଆମର ମା । ସେ ଜାଣିଲେ ଖୁସି ହେବେ । ମୋର ଏ କଥାକୁ ସେ ଥଟ୍ଟା ବିଗ୍ରରି ଆହୁରି ବ୍ୟସ୍ତ ହେଲା । ନନା ସେଠାରୁ ମୀମାଂସା କରିଦେଲେ, ଏ କଦଳୀ ପେଂଡ଼ା ଅଇଁଠା ହୋଇଗଲା । ଯାକୁ ଘରେ ଖର୍ଚ୍ଚ କର । ଆଉ ଏଡ଼ିକି ପେଂଡ଼ାଏ କଦଳୀ ଆଣି, ହରଚଂଡୀକି ଦେବା । × × । ତା' ପରେ ମଧ୍ୟ ମୋର ମନେ ଅଛି, ମୁଁ ଗାଁ ସ୍କୁଲରୁ ବୃତ୍ତି ପାଇଲେ, ବୋଉ ହରଚଂଡ଼ୀକୁ ଡ଼ାହାଣ ମାହାଣ ହଳେ ବୋଦା ଦେବ ବୋଲି ଯାଚିଥିଲା । ମୁଁ ତା' କରଇ ଦେଇ ନ ଥିଲି । ନନା ମଧ୍ୟ ମୋ କଥାରେ ମତ ଦେଇଥିଲେ ।"

ନୀଳକଣ୍ଠ ଛାତ୍ରାବସ୍ଥାରୁ ୧୯୧୧ ମସିହାରେ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେବା ପର୍ଯ୍ୟନ୍ତ ଯେ ଯେ ସଂପୂର୍ଣ୍ଣ ରୂପେ ଏକେଶ୍ୱରବାଦୀ ଥିଲେ, ଏହା ନିଃସନ୍ଦେହରେ କୁହାଯାଇ ପାରେ । ଏହି ଏକେଶ୍ୱରବାଦର ଅନନ୍ତ ଲୀଳା ଓ ମହାତ୍ମ୍ୟ ସେ ୧୯୨୦ରେ ସତ୍ୟବାଦୀ ବିଦ୍ୟାଳୟ ଛାଡ଼ିବା ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଭବରେ ଜାଜୁଲ୍ୟମାନ ଥିଲା । କିନ୍ତୁ ପ୍ରକାଶ୍ୟ ଭବରେ ଗୋପବନ୍ଧୁ କିମ୍ବା ତାଙ୍କର ଅନ୍ତରଙ୍ଗ ବନ୍ଧୁମାନେ, କାର୍ଯ୍ୟତଃ ଏହାର ପରିପ୍ରକାଶ ନୀଳକଣ୍ଠଙ୍କ ଠାରେ ଦେଖୁ ନଥିଲେ ।

Digitized by PPRACHIN, SOA

ନୀଳକଣ୍ଠଙ୍କ ମାନସିକ ଅବସ୍ଥା ଓ ମନୀଷାର କ୍ରମ ବିକାଶ ସଙ୍ଗେ ସଙ୍ଗେ ଏହି ଏକେଶ୍ୱରବାଦ କ୍ରମେ କ୍ରମେ ଜଗନ୍ନାଥ ଧର୍ମରେ ଆସି ପରିଣତ ହେଲା ।

## ଈଶ୍ୱର ଭକ୍ତି

ଏହି ଆଧ୍ୟାତ୍ମିକ ପରିସ୍ପନ୍ଦନର ବିଶାଳ ଅଭିବ୍ୟକ୍ତି ଆମ୍ଭେମାନେ ନୀଳକଣ୍ଠଙ୍କର ଭକ୍ତି ଗାଥାରେ ସନ୍ନିବେଶିତ କବିତାମାନଙ୍କରେ ଦେଖିବାକୁ ପାଉ । "ଭସେ ବିଶ୍ୱ ତବ ସେ ଅମୃତ ରସେ ।" କବିତାରେ କବିଙ୍କ ପ୍ରତିପାଦ୍ୟ ବିଷୟ କଅଣ ଏହା ଅବବୋଧ କରିବା ସାଧାରଣପାଠକ ପକ୍ଷରେ ଅସମ୍ଭବ ବୋଲି ପ୍ରତୀୟମାନ ହେଲେ ସୁଦ୍ଧା ଏହା ଦୁଃସାଧ୍ୟ ନୁହେଁ । ଏହି କବିତାରେ :

"ଉଠଇ ପରାଣେ ନାଚି ପୁଲକରେ କି ବିଶ୍ୱାସେ
ରଜନୀ ବାସର ଯାଏ
ସ୍ୱପନ ଜାଗରେ ରହେଁ,
କିବା ଏ ପରାଣେ ସେହୁ ନିୟତିର କି ନିର୍ଦ୍ଦେଶେ
କାହିଁ ସେ ନିୟତି ପିତା ?
କି ପାଇଁ ଏତେ ମମତା ?
ମୁକତିର ମହା ପଥ ମହା ନିଦ୍ରା ସତେ କି ସେ ?
କି ନିମିତ୍ତ ସୃଜି ତେବେ,
କି ଇଙ୍ଗିତ ଦିଅ ଭବେ ?
ଜାଣ ତୁମ୍ଭେ ଭସେ ବିଶ୍ୱ ସେ ଅମୃତ ରସେ ।"

ଅର୍ଥାତ୍ ହେ ଭଗବାନ ତୁମ୍ଭରି ମହତ୍ତ୍ୱ ଯୋଗୁ ଅନନ୍ତର ମହାଲୀଳା ଏହି ପିଣ୍ଡରେ ଖେଳା କରେ । ମନୁଷ୍ୟ ଜୀବନ ଆନନ୍ଦ ମୋହରେ ଗଦ୍‌ଗଦ୍ ହୋଇଯାଏ । ତୁମ୍ଭର କି ମହାନିମନ୍ତ୍ରଣରେ ଏହି ପ୍ରାଣ ହସି ଉଠେ । ତୁମକୁ ମୁଁ ସ୍ୱପ୍ନ ଓ ଜାଗରଣରେ ରହିଁ ରହିଛି । ନିୟତିର ପିତା, ତୁମର ଏ ମାନବ ଜାତି ପାଇଁ ଏତେ ମମତା କାହିଁକି ? ମୁକ୍ତିର କି ମହାପଥ ତୁମ୍ଭେ ଏ ମାନବ ପାଇଁ ସଞ୍ଚି ରଖିଛ, ତାର ନାମ କଅଣ ମହାନିଦ୍ରା ? ହେ ପ୍ରଭୁ କି ଇଙ୍ଗିତ ଅଛି ମୋତେ ଦିଅ । ମୁଁ ଜାଣେ ତୁମ୍ଭେ ବିଶ୍ୱରର ଅମୃତ ରସରେ ବିଭସିତ ହେଉଅଛ ।

Digitized by PPRACHIN, SOA

ତା'ପରେ 'ଆର୍ତ୍ତବାଣୀ' କବିତାରେ :

"କେତେ ତ ବିଳାସେ ପୁଣି ସ୍ୱରଗ ବଖାଣି,
ସ୍ରକ୍ ଚନ୍ଦନ ନାରୀ ଲୋଭ ଦେଖାନ୍ତି ମାନବେ;
କି କହନ୍ତି ସେହୁ ନିଜେ ନ ପାରି କି ଜାଣି,
ଆପେ ଚକ୍ଷୁହୀନ, ଅନ୍ଧେ ଚଳାନ୍ତି ଏ ଭବେ !
ଅତନ୍ଦ୍ରିତ ଶ୍ରମ ବହି
ସେ ସ୍ୱରଗ ପଥ ଚାହିଁ
ଲଭିବି କି ସତେ ତବ ପୂର୍ଣ୍ଣ ପଦ ଲବେ ?"

ହେ ଭଗବାନ, ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ତୁମର ଅନନ୍ତ ମହିମା ଉପଲବ୍ଧି କରି ପାରିବ ଏପରି ଲୋକ କିଏ ଅଛି ? ଏପରି ମନୁଷ୍ୟ ସଂସାରରେ ଅଛନ୍ତି ଯେଉଁମାନେ ସ୍ୱର୍ଗ କଥା ବର୍ଣ୍ଣନା କରି ଏବଂ ସେଥିରେ ଲୋକମାନଙ୍କୁ ମୋହିତ କରି ଏଣେ ଜଗତର ସ୍ରକ୍ ଚନ୍ଦନ ନାରୀ ଲୋଭରେ ଆବଦ୍ଧ ହୁଅନ୍ତି । ଅନ୍ଧ ଅନ୍ଧକୁ ବାଟ ଚଲାଇଲା ପରି ଏମାନେ ହେଲେ ଅମନୁଷ୍ୟ । "ହେ ପ୍ରଭୁ ଅକ୍ଳାନ୍ତ ଓ ଅତନ୍ଦ୍ରିତ ଶ୍ରମ କରି ସେ ସ୍ୱର୍ଗ ପଥକୁ ମୁଁ ଚାହିଁ ବସିଛି । ତୁମର ପୁଣ୍ୟ ପଦ କେବେ ମୁଁ ଲାଭ କରିବି ? ମୁଁ ଚୈତନ୍ୟ, ଶଙ୍କର, ବୁଦ୍ଧ ହେବାକୁ ଚାହେଁ ନାହିଁ । ମୋର ପୁରାଣ ବାଣୀରେ ଆବଶ୍ୟକତା ନାହିଁ । ମୋର ପତଞ୍ଜଳି ଓ ଚାର୍ବାକ ପ୍ରଭୃତି ଦାର୍ଶନିକମାନଙ୍କର ଯୁକ୍ତି ତର୍କ ଲୋଡ଼ା ନାହିଁ । ମୁଁ ସମାଜର ବିଧିବଦ୍ଧ ଧର୍ମାନୁଷ୍ଠାନ ମଧ୍ୟ ଚାହେଁ ନାହିଁ । ତୁମର ଯେଉଁ ଅମୃତ ଆଲୋକରେ ଏ ପୃଥିବୀ ବିଭାସିତ ହେଉଅଛି, ସେଇ ସୁନ୍ଦର ସଂସାରକୁ କିପରି ଦେଖିବି ?

"ତୁମ୍ଭରି ଜଗତ ଭାସେ
ପ୍ରକୃତିର ଚାରୁ ହାସେ;
କେମନ୍ତେ ଦେଖିବି, କହ
ସେ ହାସ ନିଦାନ ?"

ଆଉ ଏହାଠାରୁ ପରମ ବ୍ରହ୍ମଙ୍କ ଠାରେ ଐକାନ୍ତିକନିଷ୍ଠା ଅଧିକ ପ୍ରୟୋଜନ ବା କଅଣ ? ପୁଣି ସେଇଠି କବି ତାଙ୍କ ଆତ୍ମ ନିବେଦନ କରି କହି ଅଛନ୍ତି —

"ନିସର୍ଗ କରମ ତବ, ତୁମ୍ଭରି ଏ ନର,
ଏ ଚିତ୍ତ ଏ ପରାଣର ତୁମ୍ଭେ ହେ ବିଧାତା;

Digitized by PPRACHIN, SOA

ତୁମ୍ଭେ ହେ ଶରଣ ମମ ସ୍ଥିତି ବିଶ୍ୱାସର,
ତୁମ୍ଭେ ପିତା, ତୁମ୍ଭେ ମାତା ତୁମ୍ଭେ ହେ ନିୟନ୍ତା
ନାହିଁ ଆଉ କେହି ମୋର
ଏ ଗନ୍ତବ୍ୟେ ସହଚର
ତୁମ୍ଭ ବିନା ଏ ଜଗତେ ହେ ସର୍ଗ ସବିତା ।

ଅର୍ଥାର୍ଥୀ ଓ ଜିଜ୍ଞାସୁ ଧ୍ୟାନରତ ପ୍ରାଚୀନ ତପୋବନର ତପୋନିଷ୍ଠ ମୁନି-ମାନଙ୍କ ପରି ସେ ବାରମ୍ବାର ଭଗବାନଙ୍କର ଐଶ୍ୱର୍ଯ୍ୟ ଅନୁଭବ କରିବା ନିମନ୍ତେ ଅନ୍ତରର ବ୍ୟାକୁଳତା ପ୍ରକାଶ କରି ଅଛନ୍ତି । ସେ କହି ଅଛନ୍ତି, "(ପ୍ରଶ୍ନ ବାଣୀ"ରେ)

କାହିଁ ଅଛ ତେବେ, କହ, କି ପୂଣ୍ୟ ନିଦେଶେ ?
ଏ ପରାଣେ ଅହଂକାର ଉଠଇ କି ରସେ ?
ଏ କାହା ନିଦେଶ ଘୋର ?
କାହାର ଏ ଅହଂକାର ?
କାହାର ମହିମା ତେବେ ଅନ୍ତରେ ବିକାଶେ ?
କାହିଁ ଅଛ କହ ତେବେ କେଉଁ ଶୂନ୍ୟ ଦେଶେ ?"

## ବିଭିନ୍ନ ଶକ୍ତିରେ ମହା ବିଶ୍ୱ ଶକ୍ତିର ସନ୍ଧାନ

ତେବେ ସତ୍ୟବାଦୀ ବନ ବିଦ୍ୟାଳୟର ସରସ୍ୱତୀ ଓ ଗଣେଶ ମୂର୍ତ୍ତିଙ୍କର ପୂଜା ଉପଲକ୍ଷେ ଏବେ କବିତା ସେ କାହିଁକି ରଚନା କରିଥିଲେ ଏହା କ'ଣ ତାଙ୍କ ପାଠକ ସମାଜ ପ୍ରତି ଏକ ପ୍ରବଞ୍ଚନା ? ନା, ତା ନୁହେଁ । ସେ ତ ଗୋପବନ୍ଧୁଙ୍କର ଶିବରାତ୍ରି କବିତାର ଏହି ଚାରି ଧାଡ଼ିର ବ୍ୟାଖ୍ୟା ତାଙ୍କ 'ଆର୍ଯ୍ୟ ଜୀବନ'ରେ ଦେଇ ଅଛନ୍ତି । ସେହି ଚାରି ଧାଡ଼ି ହେଉଛି—

"ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ
ନିଜ ଅଭ୍ୟନ୍ତର ଦେଖ ଫେଡ଼ିଣ ନୟନ
ହୃଦ କପିଳାସେ ତୋର ବହେ ପ୍ରେମ ଝର
ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୁ ଶଙ୍କର ।"

ଯେ ନିଜର ଅନ୍ତର ଭିତରେ ସେହି ପରମାତ୍ମା ବିରାଜମାନ କରିଛନ୍ତି ବୋଲି ବ୍ୟାଖ୍ୟାନ ଦେଇ ଅଛନ୍ତି ଏବଂ ଯାହାକୁ ଦୃଢ଼ ଭାବରେ ସମର୍ଥନ କରିବା ନିମନ୍ତେ

Digitized by PPRACHIN, SOA

ନିଜ ଆତ୍ମାରେ ସେହି ଭଗବତ୍ ଶକ୍ତିର ସତ୍ତା ଉପଲବ୍ଧି କରି ଅଛନ୍ତି, ସେ କିପରି ବା କାହିଁକି ଗଣେଶ ଏବଂ ସରସ୍ୱତୀଙ୍କର ପୂଜା ସକାଶେ ହୃଦୟର ପୁଲକରେ ନାଚି ଉଠି ଗାଇବେ :

"ଶୁଭ୍ର ମହତ-ହିମ ଗିରି ଶିର
ଭାରତ ଚିର-ଜ୍ଞାନ ଧବଳ
ବ୍ରହ୍ମମନ୍ତ୍ର-କର୍ମତନ୍ତ୍ର
ଉଠୁ ଭାରତ ଧାମରେ
ଉଲ୍ଲସି ଉଠୁ ପ୍ରାଣରେ
ବାଜୁ ନିଗମ ଗାନରେ ।

ଟିକିଏ ଗଭୀର ଦୃଷ୍ଟି ନିକ୍ଷେପ କଲେ ଜଣାଯିବ, ଏହି ପୂଜା ଉପଲକ୍ଷେ ରଚିତ ସଂକୀର୍ତ୍ତନ ଓ ସ୍ତୋତ୍ରମାନେ ଓ ଉପରୋକ୍ତ ଏକେଶ୍ୱରବାଦିତା-ପୂର୍ଣ୍ଣ କବିତାମାନଙ୍କ ମଧ୍ୟରେ କୌଣସି ଭାବଗତ ପାର୍ଥକ୍ୟ ନାହିଁ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବରୁଣ ଇତ୍ୟାଦି ସେହି ସୃଷ୍ଟିକର୍ତ୍ତାଙ୍କର ଭିନ୍ନ ଭିନ୍ନ ବିଭବ ରୂପେ ବେଦରେ ବର୍ଣ୍ଣିତ ହୋଇ ଅଛନ୍ତି । ଏ ସମ୍ପର୍କରେ ତାଙ୍କର ଆର୍ଯ୍ୟ ଜୀବନ ଗ୍ରନ୍ଥରୁ ନାନା ଉଦାହରଣ ଦେଇ ନୀଳକଣ୍ଠ ଦୁର୍ଭେଦ୍ୟ ବିଷୟର ସାରଲ୍ୟ ପ୍ରତିପାଦନ କରି ଅଛନ୍ତି ।

"ଋଗ୍ ବେଦ-ସଂହିତାର ମନ୍ତ୍ର ସବୁ ଦେଖିଲେ ହଠାତ୍ ବୋଧହୁଏ, ଋଷି-ମାନେ ସ୍ୱତନ୍ତ୍ର ଭାବରେ ଭିନ୍ନ ଭିନ୍ନ ଶକ୍ତିର ପୂଜା କରି ଅଛନ୍ତି । କିନ୍ତୁ ଅନୁସନ୍ଧାନ କଲେ ଦେଖାଯାଏ, ପ୍ରତ୍ୟେକ ଶକ୍ତିରେ ସେମାନେ ଦେଖି ଅଛନ୍ତି ସେହି ମହା ବିଶ୍ୱ ଶକ୍ତି । ଇନ୍ଦ୍ର, ଅଗ୍ନି ପ୍ରଭୃତି ନାନା ନାମରେ ସେମାନେ ସେହି ମହ ବିଶ୍ୱୈକ ଶକ୍ତିର ଧାରଣା କରି ଅଛନ୍ତି । ସ୍ୱତନ୍ତ୍ର ଭାବରେ ସେମାନେ ଇନ୍ଦ୍ର, ଅଗ୍ନି ପ୍ରଭୃତିର ପୂଜା କରି ଅଛନ୍ତି ସତ, କିନ୍ତୁ ଯେତେବେଳେ ଯାହାକୁ ପୂଜା କରି ଅଛନ୍ତି, ସେଥିରେ ଅନନ୍ତ ବିଶ୍ୱ ଶକ୍ତି କଳ୍ପନା କରି ଅଛନ୍ତି । ଉଦାହରଣ ସ୍ୱରୂପ ଋଷି ପୁରୁଚ୍ଛେପ ଅଗ୍ନିକୁ ଆରାଧନା କରି କହିଛନ୍ତି "(ବିଶ୍ୱୋ ବିହାୟ)" (ଋଗ୍ ବେଦ ମଣ୍ଡଳ ୧, ସୁକ୍ତ -୧୨୪, ମଂତ୍ର) ।

ଅର୍ଥାତ୍ ଅଗ୍ନିହିଁ ସର୍ବବ୍ୟାପୀ ଶକ୍ତି । ପୁଣି ମଣ୍ଡଳ ୩, ସୁକ୍ତ ୪୬, ମଂତ୍ର ୩ରେ ବିଶ୍ୱାମିତ୍ର ଋଷି ଇନ୍ଦ୍ରକୁ କହୁ ଅଛନ୍ତି,

Digitized by PPRACHIN, SOA

ପ୍ରମ ତ୍ଵାଭିରି ଗିରେ ଯେଚମାନଃ
ପ୍ରଦେବେଭିଃ ବିଶ୍ଵତୋ ଅପ୍ରତୀତଃ
ପ୍ରମଜ୍ମନା ଦିବ ଇନ୍ଦ୍ରଃ ପୃଥିବ୍ୟ ।
ପ୍ରରେମିହୋ ଅନ୍ତରୀକ୍ଷା ଦ୍ବୃଜୀଷୀ

ଅର୍ଥାତ୍ ତୁମ୍ଭେ ପର୍ବତ ଠାରୁ ବଡ଼ । କୌଣସି ପ୍ରକାରେ ତୁମ୍ଭର ଇୟତ୍ତା ନାହିଁ । ତୁମ୍ଭେ ଶକ୍ତିରେ ସ୍ଵର୍ଗ, ମର୍ତ୍ତ୍ୟ ସବୁ ଅଭିଭୂତ କରିଅଛ ଇତ୍ୟାଦି । ପୁଣି ପ୍ରଥମ ମଣ୍ଡଳ ସୁକ୍ତ ୧୬, ୧ମ ସୂତ୍ରରେ କଶ୍ୟପ ପୁତ୍ର ମୋଧତିଥି କହୁଅଛନ୍ତି —

"ଇନ୍ଦ୍ର ବରୁଣୟୋ ଗୁହମ୍ ସମ୍ରାଜୋରବ
ଆବୃଣେ ତାନୋମୃଳାତ ଇଦୃଂଶ ।"

ଅର୍ଥାତ ମୁଁ ଇନ୍ଦ୍ର ବରୁଣଙ୍କୁ ଆରାଧନା କରୁଅଛି । ସେମାନେ ସମସ୍ତଙ୍କ ଉପରେ ଅଧିପତି । ଏହିପରି ଆର୍ଯ୍ୟ ଋଷିମାନେ ପ୍ରତ୍ୟେକ ଶକ୍ତିକୁ ଆବାହନ କରି ଅଛନ୍ତି । କିନ୍ତୁ ସେମାନେ ଯେ ଭିନ୍ନ ଭିନ୍ନ ଶକ୍ତିର ଅନ୍ତରାଳରେ ବିଶ୍ଵଶକ୍ତି ଦେଖି ଅଛନ୍ତି, ତାହା ମଧ୍ୟେ ମଧ୍ୟେ ସ୍ପଷ୍ଟ ହୋଇ ଉଠିଛି । ପ୍ରତ୍ୟେକ ଦେବତାର ସ୍ଵତନ୍ତ୍ର ଉପାସନା କଲବେଳେ ଆର୍ଯ୍ୟ ମୁନିମାନେ ବେଳେ ବେଳେ ବିଶ୍ଵେଦେବା ଶବ୍ଦ ବ୍ୟବହାର କରି ଉପାସନାବଦ୍ଧ କରି ଅଛନ୍ତି ଏବଂ ସେଥିରେ ତାଙ୍କର ବିଶ୍ଵ ଶକ୍ତିର ଧାରଣା ପରିସ୍ଫୁଟ ହୋଇ ଅଛି । ପ୍ରଥମ ମଣ୍ଡଳ ୧୬୪ ସୁକ୍ତର ୪୬ ମନ୍ତ୍ରରେ ସେହି ବିଶ୍ଵ ଦେବତାର ଆବାହନ କରି ଋଷି ଦୀର୍ଘତମା ସ୍ପଷ୍ଟ ଗାଇଛନ୍ତି,

ଇନ୍ଦ୍ରଂ ମିତ୍ରଂ ବରୁଣ ମଗ୍ନି ମ ହୁର
ତଥା ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍
ଏକସଦ୍ ବିପ୍ରା ବହୁଧା ବଦନ୍ତି
ଅଗ୍ନିଂ ଯମମାତରିଶ୍ଵାନ ମାହୁଃ

ଅର୍ଥାତ୍ ସେହି ବିଶ୍ଵଦେବୋ ବା ବିଶ୍ଵ ଶକ୍ତିକୁ ଋଷିମାନେ ଇନ୍ଦ୍ର ମିତ୍ର ବରୁଣ, ଅଗ୍ନି ବୋଲି କହନ୍ତି । ସୁପର୍ଣ ଅର୍ଥାତ୍ ସୁନ୍ଦର ପକ୍ଷଯୁକ୍ତ ଦୀର୍ଘ ଗରୁତ୍ମାନ ମଧ୍ୟ ସେହି । ସେ ଏକ ହେଲେ ମଧ୍ୟ (ଶକ୍ତି ବିକାଶର ପ୍ରକାର ଭେଦ ଅନୁସାରେ) ବିପ୍ର (ଋଷି)ମାନେ ତାଙ୍କୁ ଅଗ୍ନି, ଯମ, ମାତରିଶ୍ଵା ପ୍ରଭୃତି ନାମରେ କହନ୍ତି,

Digitized by PPRACHIN, SOA

"ସର୍ବ ଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି" ଅର୍ଥାତ୍ ସବୁ ଦେବତାଙ୍କୁ ନମସ୍କାର କଲେ, ସେହି ନମସ୍କାର ସବୁ ଯାଇ କେନ୍ଦ୍ରୀଭୂତ ହୁଏ ଶ୍ରୀକୃଷ୍ଣଙ୍କ ଠାରେ । କାରଣ "ଶ୍ରୀକୃଷ୍ଣୋସ୍ତୁ ଭଗବାନ ସ୍ୱୟଂ" ବା ଶ୍ରୀକୃଷ୍ଣ ନିଜେ ଭଗବାନ । ସେହିପରି ନୀଳକଣ୍ଠଙ୍କର ସକଳ ଦେବାର୍ଚ୍ଚନା, ସ୍ତୋତ୍ର ଓ ସଂକୀର୍ତ୍ତନ ଯାଇ ଠୁଳ ହୋଇଛି ସେହି ଭଗବାନଙ୍କ ଠାରେ ।

ଏହାହିଁ ହେଉଛି ସତ୍ୟବାଦୀ ଯୁଗରେ ନୀଳକଣ୍ଠଙ୍କର ଆଧ୍ୟାତ୍ମିକ କିମ୍ବା ଭକ୍ତି ମଣ୍ଡାର ପରିଚୟ ।

## ଜଗନ୍ନାଥ ଧର୍ମର ଐତିହ୍ୟ ଅନୁସନ୍ଧିତ୍ସୁ ନୀଳକଣ୍ଠ

ପାଠକମାନଙ୍କୁ ମନେ ରଖିବାକୁ ହେବ ଯେ 'ମନୀଷୀ ନୀଳକଣ୍ଠ" ପୁସ୍ତକ ମୁଖ୍ୟତ ୧୯୧୧ ଠାରୁ ୧୯୨୦ ପର୍ଯ୍ୟନ୍ତ ତାଙ୍କର ସାହିତ୍ୟ ସାଧନାକୁ କେନ୍ଦ୍ରୀଭୂତ କରି ରଚିତ ହୋଇଅଛି । ଅବଶ୍ୟ ବିଷୟମାନଙ୍କର ଆଲୋଚନା ପ୍ରସଙ୍ଗରେ କିଂବା ତୁଳନାତ୍ମକ ଚିତ୍ର ପ୍ରଦାନ କରିବାରେ ଓ ସାହିତ୍ୟ ଆଲୋଚନାରେ ମଧ୍ୟ ଏହି ପୁସ୍ତକ ସେହି ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରି ୧୯୫୯ କିମ୍ବା '୬୦ ପର୍ଯ୍ୟନ୍ତ ଯାଇଅଛି । ଏହି ପୁସ୍ତକରେ ତାଙ୍କର ରାଜନୈତିକ ଜୀବନର ଛାୟା ସ୍ଥାନେ ସ୍ଥାନେ ପଡ଼ିଅଛି । ମହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହେରୁ ଓ ଜହରଲାଲ ନେହେରୁଙ୍କ ପରି ମନୀଷୀମାନଙ୍କ ସହିତ ତାଙ୍କ ରାଜନୈତିକ ଚିତ୍ରର କ୍ଷୀଣ ଛାୟା ମଧ୍ୟ ପ୍ରଦତ୍ତ ହୋଇଅଛି । କିନ୍ତୁ ବୁମେରାଂ ବାଣ ଯେପରି ଲକ୍ଷ୍ୟ ଭେଦ କରି ପୁଣି ନିଜ ସ୍ଥାନକୁ ଫେରି ଆସେ, ସେହିପରି "ସତ୍ୟବାଦୀର ସାହିତ୍ୟ ଓ ସାଧନା"ର ବିଷୟବସ୍ତୁ ସତ୍ୟବାଦୀର ପରିବେଶ ମଧ୍ୟକୁ ଫେରି ଆସି ସେହିଠାରେ ଆବଦ୍ଧ ହୋଇଅଛି ।

ଏହି ଭକ୍ତି ମଣ୍ଡାର ମଧ୍ୟେ ମଧ୍ୟେ ରାଜନୈତିକ ଆନ୍ଦୋଳନ ଘୂପରେ ସେ ବିଚ୍ୟୁତ ହେଉଥିଲେ ମଧ୍ୟ ଶେଷରେ ଜଗନ୍ନାଥଙ୍କର ଐତିହ୍ୟ ଅନୁସନ୍ଧାନ କରିବାରେ ସେ ସାରା ଜୀବନ ସେହି ତ୍ରିଭୁବନକର୍ତ୍ତା ବିଶ୍ୱ ବ୍ରହ୍ମାଣ୍ଡର ପତି ଈଶ୍ୱରଙ୍କଠାରେ ମନ ଧ୍ୟାନ ସବୁ ନିବେଦନ କରିଥିଲେ ।

## ଭାକ୍ତିକ ମିଥ୍ୟା

ଧର୍ମରେ ପ୍ରଚଳିତ ଥିବା କଳ୍ପିତ କାହାଣୀରେ ନୀଳକଣ୍ଠଙ୍କର ମୋଟେ ବିଶ୍ୱାସ ନ ଥିଲା । ସେ ଲେଖିଛନ୍ତି, ସଂସ୍କୃତ ମିଥ୍ୟା ଶବ୍ଦ ସଙ୍ଗେ ଏହାର କି ଆଦିମ

Digitized by PPRACHIN, SOA

ବ୍ୟୁତ୍ପତ୍ତି ସମ୍ପର୍କ ଥିଲା, ତାହା ଅନୁସନ୍ଧାନ କରାଯାଇ ପାରେ । ଏହାକୁ ତାଙ୍କରି ଭାଷାରେ "ଭକ୍ତିକ ମିଥ୍ୟା" ବୋଲି କୁହାଯାଏ । ସେ ସତ୍ୟବାଦୀରେ ଗୋପବନ୍ଧୁଙ୍କ ସହିତ ବିଦ୍ୟାଳୟର ହେଡପଣ୍ଡିତ ଓ କବି ଶ୍ରୀ ଭୁବନେଶ୍ୱର ରଥଙ୍କ ଠାରୁ ସଂସ୍କୃତ ଭାଗବତ ପଢୁଥିଲେ । ଗୋପବନ୍ଧୁ ଭକ୍ତ ଭାବରେ ତନ୍ମୟ ହୋଇ ଭାଗବତର ସକଳ କଥାକୁ ସତ୍ୟ ରୂପେ ଗ୍ରହଣ କରି ଭକ୍ତୀୟ ପୁଲକରେ ସ୍ପନ୍ଦିତ ହେଉଥିଲା ବେଳେ, ନୀଳକଣ୍ଠ କେବଳ ମନେ ମନେ ଭାବୁ ଥାଆନ୍ତି ଭାଗବତର ଦାର୍ଶନିକ ତତ୍ତ୍ୱ ସବୁ Myth । ଏହିପରି ନାନା ଧର୍ମର ସେ ଭକ୍ତିକ ମିଥ୍ୟାର ବିଭିନ୍ନ ପରିଚୟ ପ୍ରଦାନ କରି ଅଛନ୍ତି । ସେ ଉଲ୍ଲେଖ କରି ଅଛନ୍ତି, "ସେ ଯାହାହେଉ ଅତି ଆଦିମ କାଳରେ ମନୁଷ୍ୟ କାର୍ଯ୍ୟ କାରଣ, ସମ୍ବନ୍ଧଯୁକ୍ତ ବୈଜ୍ଞାନିକ ଚିନ୍ତାଧାରା ସଙ୍ଗେ ପରିଚିତ ନଥିଲା ବେଳେ ବିଶ୍ୱ ରହସ୍ୟ ଓ ଘଟଣାମାନଙ୍କୁ ଏହିପରି କାହାଣୀ, କିମ୍ବଦନ୍ତୀରେ ବ୍ୟାଖ୍ୟା କରୁଥିଲା । ଦେବ ଦେବୀ ଓ ମହାପୁରୁଷମାନଙ୍କ ସମ୍ବନ୍ଧରେ ଏହିପରି କଳ୍ପନାମାନ ତିଆରି କରୁଥିଲା । ସେହିସବୁ କିମ୍ବଦନ୍ତୀମାନ ପରେ ପୁଣି ନାନା ଭାବରେ ଲୋକଙ୍କ ମନରେ ଭକ୍ତ ଓ ସ୍ତାବକମାନେ ଯୋଡ଼ି ଦେଇ ଥିଲେ । ଗୋଟିଏ ଉଦାହରଣ ଦେଖ—'ଭକ୍ତ ଖ୍ରୀଷ୍ଟାନମାନେ କହନ୍ତି ଓ ବିଶ୍ୱାସ କରନ୍ତି, ଈଶା ବା ଯୀଶୁଖ୍ରୀଷ୍ଟ ବିନା ବାପରେ ମାତାର ଗର୍ଭସ୍ଥ ହୋଇଥିଲେ ।"

ରାମାୟଣରେ ମଧ୍ୟ ଅଛି, ରାମ ଓ ତାଙ୍କ ଭାଇମାନେ ଗର୍ଭସ୍ଥ ହୋଇଥିଲେ ମାଆ ଯଜ୍ଞ ଚରୁ ଖାଇବା ଫଳରେ । ରାମକୃଷ୍ଣ ପରମହଂସଙ୍କ ଭକ୍ତମାନେ ଏବେ ଲେଖିଛନ୍ତି, ରାମକୃଷ୍ଣଙ୍କ ପିତା ଘରେ ନଥିବା ବେଳେ ତାଙ୍କ ମାଆ ଗର୍ଭରେ ଜଟା-ଜୁଟଧାରୀ ମହାଦେବଙ୍କୁ ସ୍ୱପ୍ନରେ ଦେଖି ତାଙ୍କଠାରୁ ଗୋଟିଏ ପାଚିଲା କଦଳୀ ପାଇଲେ । ନିଦରୁ ଉଠି ସେହି ପାଚିଲା କଦଳୀଟି ସ୍ୱପ୍ନାଦେଶ ମତେ ଖାଇବାରେ ରାମକୃଷ୍ଣ ଗର୍ଭସ୍ଥ ହେଲେ ।

ଏହିପରି ସେ କେବଳ ଗୋପବନ୍ଧୁ ନୁହନ୍ତି, ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରି ଅଛନ୍ତି । ସେ ଭକ୍ତ; କିନ୍ତୁ ତାଙ୍କର ଭକ୍ତିଭାବ, ତତ୍ତ୍ୱ ଯୁକ୍ତି ଓ ସତ୍ୟରେ ରସାଣିତ । ସେଠାରେ ଭକ୍ତିକ ମିଥ୍ୟାର ସ୍ଥାନ ନାହିଁ । ଗୋପବନ୍ଧୁଙ୍କର 'ଗୋ ମହାତ୍ମ୍ୟ' ପୁସ୍ତକ ପଢି ସେ କହିଥିଲେ, "ଏହା ଗୋଟିଏ ମରହଟ୍ଟୀଆ ପୁରାଣ" କାହାଣୀ ପରି ଶୁଣାଯାଉଛି । ଅତଏବ ଏହାର ପ୍ରକାଶ ବନ୍ଦ କରନ୍ତୁ । ଅବଶ୍ୟ

Digitized by PPRACHIN, SOA

ଗୋପବନ୍ଧୁ ଏହା ଗ୍ରହଣ କରି ନଥିଲେ । ଗୋ-ସେବା ଯାହାଙ୍କର ଆଦର୍ଶ ସେ ସେ ଏହାକୁ ପୌରାଣିକ ମିଥ୍ୟା ବୋଲି କିପରି କଳ୍ପନା କରନ୍ତେ ? 'ଗୀତ ଗୋବିନ୍ଦ' ରଚୟିତା ଜୟଦେବଙ୍କ ସମ୍ପର୍କରେ ସେହିପରି ନାନା ମିଥ୍ୟାପୂର୍ଣ୍ଣ କଳ୍ପନା ଜଳ୍ପନା ତାଙ୍କର ଭକ୍ତମାନେ ସୃଷ୍ଟି କରି ଅଛନ୍ତି । ଜୟଦେବଙ୍କ ଗୀତ ଗୋବିନ୍ଦକୁ ରାଜା ପୁରୁଷୋତ୍ତମ ଦେବ ନିନ୍ଦା କରି 'ଅଭିନବ ଗୀତ ଗୋବିନ୍ଦ' ନାମକ ପୁସ୍ତକ ନିଜେ ରଚନା କରି କୃଷ୍ଣ ଆଗେ ଜଗନ୍ନାଥ ବୋଲାଇ ଥିବାର କିମ୍ବଦନ୍ତୀ ଅଛି । ପୁଣି କିମ୍ବଦନ୍ତୀରୁ ଜଣା ଯାଏ, ଜୟଦେବ ଗୀତ ଗୋବିନ୍ଦ ଲେଖି ତାକୁ ଘରେ ଥୋଇ ଦେଇ ଗାଧୋଇବାକୁ ପୋଖରୀକି ଗଲେ । ଏଥି ମଧ୍ୟରେ ନିଜେ କୃଷ୍ଣ ଜୟ ଦେବଙ୍କ ବେଶ ଧାରଣ କରି ଆସି ତାଳପତ୍ର ଖେଦାରେ ଲେଖିଲେ "ଦେହିମେ ପଦ ପଲ୍ଲବ ମୁଦାରମ୍" । କାଞ୍ଚି କବେରୀ ଯୁଦ୍ଧରେ ପୁରୁଷୋତ୍ତମ ଦେବଙ୍କୁ ଜୟୀ କରାଇବା ନିମନ୍ତେ ନିଜେ ଜଗନ୍ନାଥ ଓ ବଳଭଦ୍ର କଳା ଘୋଡ଼ା ଓ ଧଳା ଘୋଡାରେ ଚଢି ମାଣିକ ଗୌଡ଼ୁଣୀ ଠାରୁ ଦହିଖାଇ ମୁଦିଦେଇ କାଞ୍ଚି ଯାତ୍ରା କଲେ । ଗୌଡ଼ୁଣୀ ସେହି ମୁଦି ପୁରୁଷୋତ୍ତମଙ୍କୁ ଦେଖାଇବାରୁ ସେ ସବୁ କଥା ଜାଣିଲେ । ନୀଳକଣ୍ଠ ଏଠାରେ କହି ଅଛନ୍ତି – ଚୈତନ୍ୟଙ୍କ ଭକ୍ତମାନେ ଏହାର ଚିତ୍ର,ପୁରୀ ମନ୍ଦିର ଭିତରେଥିବା ଜଗମୋହନ କାନ୍ଥରେ ମୂର୍ତ୍ତି ଖୋଳାଇବାର ବ୍ୟବସ୍ଥା କରିଥିଲେ । ନୀଳକଣ୍ଠଙ୍କ ମତରେ ଏସବୁ ମିଥ୍ୟା । ଏହାର ମୂଳ ହୁଏତ ସୁଦୂର ଅତୀତରେ । ପ୍ରାଚୀନ ବ୍ୟାବିଲନ୍‌ରେ ଏହି ପରି ଦେବତା ଘୋଡ଼ା ଚଢି ଭକ୍ତ ରାଜାଙ୍କ ସଂଗେ ଶତ୍ରୁ ବିଜୟରେ ଯାଇଥିବାର କିମ୍ବଦନ୍ତୀ ଲୋକମୁଖରେ ଶୁଣା-ଯାଏ । ଏହିପରି ଭକ୍ତିକ ମିଥ୍ୟାରେ ପୂର୍ଣ୍ଣ ଥିବାରୁ ଶ୍ରୀ ରାମଚନ୍ଦ୍ର ଦାଶଙ୍କ କୃତ ଦାର୍ଢ୍ୟତା ଭକ୍ତି ଗ୍ରନ୍ଥଟିକୁ ନୀଳକଣ୍ଠ ଅତି ଭୀଷଣ ଭାବରେ ଘୃଣା କରୁଥିଲେ । ସେ କହୁଥିଲେ ଏଥିରେ ଯେତେ ଗଳ୍ପ ଅଛି ସବୁ କବିଙ୍କର କଳ୍ପନା ପ୍ରସୂତ । ଏପରିକି ସତ୍ୟବାଦୀ ବିଦ୍ୟାଳୟରେ ଥିଲା ବେଳେ, ନୀଳକଣ୍ଠ ଦେଖିଲେ ଯେ ସ୍ଥାନୀୟ ସେବକ ମାନେ ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କୁ ଠକି ଓ ପଇସା ଦେବା ନିମନ୍ତେ କହୁଥିଲେ "ଏହି ପୋଖରୀ ନାମ ରାଧାକୁଣ୍ଡ । ଏହି ଠାରେ ରାଧା ପ୍ରତ୍ୟହ ସ୍ନାନ କରନ୍ତି । ଏହି ପୋଖରୀ ନାମ ଥାଳି ଧୁଆ ପୋଖରୀ । ରାଧାକୃଷ୍ଣ ଯେଉଁ ଥାଳିରେ ଭୋଜନ କରନ୍ତି ତାହା ଏଠାରେ ଧୁଆ ହୁଏ । ଛତ୍ରୀଅନା ବଣ ଭିତରେ ଉତ୍ତର ଦିଗ ରାସ୍ତାକୁ ଲାଗି ଗୋଟିଏ ବଡ ମାଟିକୁଦ ଥିଲା । ତାର ସାମାନ୍ୟ

Digitized by PPRACHIN, SOA

ଭଗ୍ନାବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ । ତାହାକୁ ଯାତ୍ରୀମାନଙ୍କୁ ଦେଖାଇ ପଣ୍ଡାମାନେ କହୁଥିଲେ "ଏହା ହେଉଛି ଗୋବର୍ଦ୍ଧନ ପର୍ବତ । ଏ ଗୋବର୍ଦ୍ଧନ ପର୍ବତକୁ ଆଙ୍ଗୁଠି ଉପରେ ଟେକି ଶ୍ରୀକୃଷ୍ଣ ଏହି ଗୁପ୍ତ ବୃନ୍ଦାବନକୁ ରକ୍ଷା କରିଥିଲେ" । ଏଇ ସବୁ ବିଷୟର ଅବତାରଣା ପୂର୍ବ ଅଧ୍ୟାୟରେ ମଧ୍ୟ କରାଯାଇଛି ।

ସେ ପୁଣି କହିଛନ୍ତି "ଏହିପରି କାହାଣୀ କିମ୍ବଦନ୍ତୀ ଆମ ପୁରାଣ ଲୋକ କଥାରେ ବହୁତ । ପୁଣି ଭକ୍ତମାନଙ୍କର ସର୍ବତ୍ର ସର୍ବଦା ଏହି ପରି ମିଥ୍ୟା ରଚନା-ମାନ ହେଉଛି ପାଣ୍ଡି । ଯେଉଁମାନେ ନିଜର ବା ପିଲାଙ୍କର ମଙ୍ଗଳ ପାଇଁ ସତ୍ୟପୀରଙ୍କୁ ଶିରିଣୀ ଯାଚି ପାଲା ବୋଲନ୍ତି ଓ ଶୁଣାନ୍ତି, ସେଭଳି ଭକ୍ତି ଓ ତାଙ୍କ ଭଳି ପରି ଭକ୍ତି ଏ ଯୁଗରେ ଆଉ ଚଳିବ ନାହିଁ । "ଦାର୍ଢ୍ୟତା ଭକ୍ତି"କୁ ଆମ ସାହିତ୍ୟ ବୋଲି କହି ନାଚିଲେ ଜାଣିବା ଲୋକେ ଉପହାସ କରିବେ । ସାଧୁ ଚିନ୍ତା ବା ସାହିତ୍ୟରେ ସେ ଭଳି ବୈଷ୍ଣବ-ଧର୍ମର ସ୍ଥାନ ନାହିଁ । ତେଣୁ କିମ୍ବଦନ୍ତୀ ଉପରେ ସାହିତ୍ୟ ବା ସତ୍ୟର ଆଲୋଚନା କଲାବେଳେ ଖୁବ୍ ସାବଧାନ ହେବାକୁ ହେବ । ସମାଲୋଚନା ସମୀକ୍ଷା ତଥା ରଚନାରେ କାର୍ଯ୍ୟ କାରଣ ସମ୍ବନ୍ଧର ବୈଜ୍ଞାନିକ ଯୁକ୍ତି ଯୁକ୍ତତା ସର୍ବଥା ଲୋଡ଼ା"।

## ଧାର୍ମିକ ମିଥ୍ୟାର ପୁରୋଦ୍‌ଘାତ

ନୀଳକଣ୍ଠ ଥରେ ଏହିପରି ଗୋଟିଏ ଧାର୍ମିକ ମିଥ୍ୟା ଲୋକ ଲୋଚନକୁ ଆଣି ଥିଲେ । ନୀଳକଣ୍ଠ ୧୯୧୨ ଖ୍ରୀଷ୍ଟାବ୍ଦରେ ତାଙ୍କ ନିଜ ଗ୍ରାମ ଶ୍ରୀରାମଚନ୍ଦ୍ର ପୁରରେ ଯେତେବେଳେ ପ୍ରବଳ ହଇଜା ଲାଗିଥିଲା, ସେତେବେଳେ ସେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କର "କାଳେସୀ"କୁ ନିର୍ମମ ଭାବରେ ପ୍ରହାର କରିଥିଲେ । କାଳେସୀ ଭୟରେ ଚିତ୍କାର କରି କହିଲା, "ଆଜ୍ଞା ମୁଁ ମିଛ କହୁଛି, ମୁଁ କାଳେସୀ ନୁହଁ । କେବଳ ଲୋକଙ୍କୁ ଡ଼ରାଇବା ଆଉ ଲୋକଙ୍କ ଠାରୁ ପଇସା ନେବା ପାଇଁ ଏହା ମୋର ଉପାୟ । ଆଉ ଜୀବନରେ ଏପରି କେବେ କରିବି ନାହିଁ । ମୋତେ କ୍ଷମା ଦିଅନ୍ତୁ ।"

ସେହିପରି ଥରେ ଗୋଦାବରୀଶ ( ପ୍ରାୟ ୧୯୧୪ ଖ୍ରୀଷ୍ଟାବ୍ଦ ହେବ ) ସତ୍ୟବାଦୀ ବିଦ୍ୟାଳୟରେ ଥିବା ସମୟରେ ଶୁଣି ପାରିଲେ ନିକଟସ୍ଥ ବୀର-ରାମଚନ୍ଦ୍ରପୁର ଶାସନରେ "ସ୍ୱୟଂଭୂ" ବିରାଜମାନ । ବହୁ ଲୋକ, ପଣ୍ଡା, କଦଳୀ ଓ

Digitized by PPRACHIN, SOA

ନାନା ପ୍ରକାର ଭୋଗ୍ୟ ସାମଗ୍ରୀ ଆଣି ତାଙ୍କର ପୂଜା କଲେ । ନାନା ଆଡ଼ୁ ଲୋକେ ଆସି ଜମା ହେଲେ । ଗୋଦାବରୀଶ ଓ ନୀଳକଣ୍ଠ ଦୁଇଜଣ ଯାକ ବିଗ୍ଭର କଲେ ଏ ମିଥ୍ୟାକୁ ଆବିଷ୍କାର କରିବାକୁ ହେବ । ଲୋକଙ୍କୁ ଦେଖାଇ ଦେବାକୁ ହେବ ଏମାନେ କିପରି ଘୋର କୁସଂସ୍କାରରେ ଆଛନ୍ନ ହୋଇ ରହିଛନ୍ତି । ଏହା ଶୁଣି ଗୋଦାବରୀଶ ତହିଁ ଆରଦିନ ସକାଳ ଦଶଟା ସମୟରେ ସେଠାରେ ପହଞ୍ଚି ଗୋଟିଏ ବାଡ଼ି ଧରି ଶିବ ଲିଙ୍ଗ ଉପରକୁ ଉଠାଇ ଦେଲେ । ଲୋକେ ଏଣେ ତ୍ରାହି-ତ୍ରାହି ଡ଼ାକ ଛାଡ଼ୁଥାନ୍ତି । "ଏକଥା କର ନି, ତୁମେ ଅଳ୍ପାୟୁଷ ହେବ ।" ଏହି ତିକ୍ତ କଟୁ ଓ ତୀବ୍ର ଭର୍ତ୍ସନା ମଧ୍ୟରେ ଗୋଦାବରୀଶ ୟଯନ୍ତ୍ରକୁ ବାଡ଼ିରେ ଟେକି ଧରି କହିଲେ "ଏହା କେବଳ ଗୋଟିଏ ଫୁଲମାଳ ଆଉ କିଛି ନୁହେଁ ।"

## 'ଆର୍ଯ୍ୟ ଜୀବନ'ରେ ନୀଳକଣ୍ଠଙ୍କର ମାନସ ଓ ମନୀଷା

ସାହିତ୍ୟ ଦୁଇ ଶ୍ରେଣୀରେ ବିଭକ୍ତ । ଇଂରେଜୀ ଲେଖକ De quiincy ଲେଖି ଅଛନ୍ତି, ଜ୍ଞାନ ଗର୍ଭକ ସାହିତ୍ୟର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ଉପଦେଶ ଦେବା । ତାର ତତ୍ତ୍ୱ-ଜିଜ୍ଞାସା ଚରିତାର୍ଥ କରିବା, ତାକୁ ଦେଶର ଅତୀତ ଓ ବର୍ତ୍ତମାନର ସଂସ୍କୃତିର ଚିତ୍ର ପ୍ରଦାନ କରି ତାର ଜ୍ଞାନ ଓ ମାନସିକ ଉତ୍କର୍ଷ ସାଧନ କରିବା । କିନ୍ତୁ ପ୍ରେରଣାତ୍ମକ ସାହିତ୍ୟର ମୂଲ୍ୟ ହେଉଛି ହୃଦୟର ନବ, ନବ ଭବ ଓ ସ୍ପନ୍ଦନ ସୃଷ୍ଟି କରି ମନକୁ ଦ୍ରବୀଭୂତ କରିବା । ତାଙ୍କର ଭଷାରେ— All that literature seeks to communicate is power. All that is not literature, is to communicate knowledge. The first is a rudder, the second an oar or a sail. The first speaks to the mere discursive understanding, the second speaks ultimately. It may happen to the higher understanding or reason, but always through affection of pleasure and sympathy. ଅର୍ଥାତ୍ ଜ୍ଞାନାତ୍ମକ ସାହିତ୍ୟ ଚିନ୍ତାଧାର ଯୁକ୍ତି ନିଷ୍ଠତା ଓ ବିଶ୍ଳେଷଣ ଉପରେ ନିର୍ଭର କରେ । କିନ୍ତୁ ଭବ ସାହିତ୍ୟ ଆମ୍ଭ ହୃଦୟର ସୂକ୍ଷ୍ମ ତନ୍ତ୍ରୀକୁ ଝଂକୃତ କରି ସ୍ନେହ, ପ୍ରୀତି, ଆନନ୍ଦ ଓ ସମ୍ବେଦନ ଦ୍ୱାରା ଆମର ପ୍ରାଣକୁ ପ୍ରସାରିତ କରେ । କେତେବେଳେ ଆମ ଚକ୍ଷୁରୁ ଲୋତକ ନିର୍ଗତ ହୁଏ; କେତେବେଳେ ଅବା ଆତ୍ମ ବିସ୍ମୃତିରେ ଆମେ ତନ୍ମୟ ହେଉ, କେତେବେଳେ ଅବା ମାନବ ପ୍ରୀତିରେ ଆମ୍ଭମାନଙ୍କ ହୃଦୟ ଉଦାର ଓ ପ୍ରଶସ୍ତ

Digitized by PPRACHIN, SOA

ହୁଏ ! କାବ୍ୟ ଓ କବିତା ପ୍ରଭୃତି ହୃଦୟରେ ନାନା ଭାବ ଉଦ୍ରେକ କରିଥାଏ ! ଏହା'ହିଁ ପ୍ରକୃତ ସମାଲୋଚକର ସମାଲୋଚନାର ସାମଗ୍ରୀ । କିନ୍ତୁ ଜ୍ଞାନ ପୂର୍ଣ୍ଣ ସାହିତ୍ୟରେ ଲେଖକର ମନୀଷାର ଆତ୍ମ ପରିଚୟ ଘଟେ । ଏହି ସାହିତ୍ୟରେ ତାର ଜ୍ଞାନର ଗଭୀରତା, ପାଣ୍ଡିତ୍ୟରୁ ପରିପ୍ରକାଶ ଏବଂ ସକଳ ଶାସ୍ତ୍ର ଅଧ୍ୟୟନ ଓ ଅନୁଶୀଳନରେ ତତ୍ପରତାର ପରିଚୟ ମିଳେ । କିନ୍ତୁ ସାହିତ୍ୟ ଏହିପରି ଜ୍ଞାନାତ୍ମକ ଓ ଭାବାତ୍ମକ, ଏହି ଦୁଇ ଶ୍ରେଣୀରେ ବିଭକ୍ତ ହେଲେ ମଧ୍ୟ ପ୍ରବନ୍ଧ କିମ୍ବା ଜ୍ଞାନଗର୍ଭକ ସାହିତ୍ୟ ଆମ୍ଭ ବୁଦ୍ଧିକୁ ଭେଦକ୍ଷଣିକରି ହୃଦୟ ରାଜ୍ୟକୁ ଅଧିକାର କରେ । ଜ୍ଞାନାତ୍ମକ ସାହିତ୍ୟ ସାଧାରଣତଃ ଗଦ୍ୟରେ ଲେଖା ହୋଇ ଥାଏ । ଭାବାତ୍ମକ ସାହିତ୍ୟ ପଦ୍ୟରେ ରଚିତ ହୋଇଥାଏ । ନୀଳକଣ୍ଠ ଏହି ଦୁଇ ଶ୍ରେଣୀର ସାହିତ୍ୟରେ ବ୍ୟୁତ୍ପତ୍ତି ଲାଭ କରିଥିବାର ପ୍ରମାଣ ମିଳେ !

## "ଆର୍ଯ୍ୟ ଜୀବନ" ଗୋଟିଏ ପ୍ରବନ୍ଧାତ୍ମକ ସାହିତ୍ୟ

'ଆର୍ଯ୍ୟ ଜୀବନ' ନୀଳକଣ୍ଠଙ୍କର ଗୋଟିଏ ଜ୍ଞାନାତ୍ମକ ପ୍ରବନ୍ଧମାଳାର ସମଷ୍ଟି । ତଥ୍ୟମୂଳକ ସାହିତ୍ୟରେ ଲେଖକର ବ୍ୟକ୍ତିଗତ ମତାମତ ପ୍ରକାଶ କରିବା ନିମନ୍ତେ ସୁଯୋଗ ଅଛି । କିନ୍ତୁ ତାହା କଦାପି ତାହାର ଅନୁଭୂତିର ରଙ୍ଗରେ ରଂଜିତ ହୋଇ ପାରିବ ନାହିଁ । ଯାହା ଆମ୍ଭମାନଙ୍କର ଜ୍ଞାନର ଭଣ୍ଡାରକୁ ପରିପୁଷ୍ଟ କରେ ତାହା ତଥ୍ୟମୂଳକ ସାହିତ୍ୟ, ଯେପରି ରବୀନ୍ଦ୍ରନାଥଙ୍କ "ବିଶ୍ୱ ପରିଚୟ" । ସତ୍ୟବାଦୀର ପ୍ରକାଶିତ ନୀଳକଣ୍ଠଙ୍କର 'ଉଦ୍ଭିଦ ରହସ୍ୟ", ଗୋଦାବରୀଶଙ୍କର "ଧନ ଓ ଶରୀର ଭେଦ" ଏବଂ ଗୋପବନ୍ଧୁଙ୍କର ସତ୍ୟବାଦୀରେ ନାନା ବିଷୟରେ ଆଲୋଚନା ଏ ସମସ୍ତ ଜ୍ଞାନମୂଳକ କିମ୍ବା ତଥ୍ୟ ମୂଳକ ସାହିତ୍ୟ । ଏଥିରେ ବୈଜ୍ଞାନିକ, ଐତିହାସିକ, ଭୌଗଳିକ, ରାଜନୈତିକ ଓ ସମସାମୟିକ ସାମାଜିକ ତତ୍ତ୍ୱର ସମବାୟ ଦେଖିବାକୁ ମିଳେ । କିନ୍ତୁ ନୀଳକଣ୍ଠଙ୍କର କୋଣାର୍କେ, ଖାରବେଳ, ପ୍ରଣୟିନୀ ଓ ଦାସନାୟକ, ଗୋଦାବରୀଶଙ୍କର କିଶଳୟ, କଳିକା, ଆଲେଖିକା ଏବଂ ଗୋପବନ୍ଧୁଙ୍କର ଅବକାଶ ଚିନ୍ତା, ଧର୍ମପଦ, ବନ୍ଦୀର ଆତ୍ମ କଥା ପ୍ରଭୃତି ଭାବ ସାହିତ୍ୟରେ କବିର ଉଚ୍ଛ୍ୱାସ ପ୍ରକାଶ ପାଇଥାଏ । ଏଥିରେ କବି ନିଜର ବ୍ୟକ୍ତିଗତ ଅନୁଭୂତି ଅଭିବ୍ୟକ୍ତ କରିବାକୁ ସୁବିଧା ପାଇଥାଏ । କିନ୍ତୁ ସମୟେ, ସମୟେ ଜ୍ଞାନ ସାହିତ୍ୟ ଭାବନା ଓ କଳ୍ପନାରେ ଭାବ-ସାହିତ୍ୟକୁ ଅତିକ୍ରମ କରିଥାଏ ଏବଂ ଭାବ ସାହିତ୍ୟ, କାବ୍ୟ, କବିତା, ଗଦ୍ୟ ସାହିତ୍ୟ ଠାରୁ ସମୟେ, ସମୟେ

Digitized by PPRACHIN, SOA

ନୀରସ ହୋଇଥିବାରୁ ଲୋକେ ଏପରି ଭାବ ସାହିତ୍ୟକୁ ସେତେ ଆଦର କରନ୍ତି ନାହିଁ । ଏହି ଭାବ ସାହିତ୍ୟର ଇଂରେଜୀ ନାମ ହେଉଛି, Creative Literature. ବା ସୃଷ୍ଟି ଧର୍ମୀ ସାହିତ୍ୟ । ଗଳ୍ପ, ଉପନ୍ୟାସ, ନାଟକ, କବିତା ଏମାନେ ସମସ୍ତେ ଭାବ ସାହିତ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ପ୍ରବନ୍ଧ ବା ସମାଲୋଚନା ସାହିତ୍ୟ ମଧ୍ୟ ସାହିତ୍ୟିକର ମୌଳିକ ଚିନ୍ତାଶୀଳତାର ପ୍ରଭାବ ଫଳରେ ଅନେକ ସମୟରେ ଭାବ-ସାହିତ୍ୟରେ ପରିଣତ ହୁଏ । ଯେପରି ରବୀନ୍ଦ୍ରନାଥଙ୍କର ପ୍ରାଚୀନ ସାହିତ୍ୟ, ସାହିତ୍ୟ, ଲୋକ ସାହିତ୍ୟ ଓ ସାହିତ୍ୟର ପଥେ ଇତ୍ୟାଦି ।

ଯେଉଁଠି ତଥ୍ୟମୂଳକ କିମ୍ବା ଜ୍ଞାନଗର୍ଭକ ସାହିତ୍ୟରେ କାବ୍ୟ କବିତାର ଆବେଗ, ଉଚ୍ଛ୍ୱାସ ଓ ସ୍ପନ୍ଦନ ପ୍ରବେଶ କରିଥାଏ, ସେଠି ଆମ୍ଭେମାନେ ଚମତ୍କୃତ ହୋଇ ଭାବାବେଗରେ କହୁ, ଏହା ଗଦ୍ୟ କି ପଦ୍ୟ ? ଏହା ଜ୍ଞାନମୟ ସାହିତ୍ୟ ନା ଭାବମୟ ସାହିତ୍ୟ । ସେହିପରି କବିତାରେ ଯେତେବେଳେ ଆମ୍ଭେମାନେ କେବଳ ଗଦ୍ୟାଭିମୁଖୀ ଯୁକ୍ତି ତତ୍ତ୍ୱ ଓ ମୀମାଂସା ଦେଖୁ, ସେତେବେଳେ ଆମ୍ଭେମାନେ ବିସ୍ମିତ ହୋଇ ଜିଜ୍ଞାସା କରୁ, ଏ କଥଣ ପଦ୍ୟ ନା ଗଦ୍ୟ ? ଏହାର ଉଦାହରଣ ଦେବା ନିଷ୍ପ୍ରୟୋଜନ । ବିଶେଷତଃ ସତ୍ୟବାଦୀ ଯୁଗ ସାହିତ୍ୟରେ ଏହିପରି ନୀରସ ଓ ଶୁଷ୍କ କବିତାଂଶର ଅବତାରଣା ବଡ଼ କ୍ୱଚିତ୍ ଦେଖିବାକୁ ମିଳେ ।

ଏହି ସାହିତ୍ୟ କେତେବେଳେ ସଂପୂର୍ଣ୍ଣ ଭାବରେ ତଥ୍ୟ ମୂଳକ ଓ ଜ୍ଞାନମୟ ଏବଂ ଲେଖକଙ୍କର ଜ୍ଞାନ ଓ ମନୀଷା ଉପରେ ନିର୍ଭରଶୀଳ, କେତେବେଳେ ଏହା ସାମାଗ୍ରିକ ଭାବରେ ଛନ୍ଦୋମୟ କବିତାରେ ରଚିତ ।

ନୀଳକଣ୍ଠଙ୍କର "ଆର୍ଯ୍ୟ ଜୀବନ" ଓଡ଼ିଆ ସାହିତ୍ୟର ସମୁଜ୍ଜ୍ୱଳ ମଣି—ଏହା ତାଙ୍କର ଅଧ୍ୟୟନଶୀଳତା ଓ ମନୀଷାର ଚୂଡ଼ାନ୍ତ ନିଦର୍ଶନ । ଏହିପରି ଖଣ୍ଡିଏ ବହି ଓଡ଼ିଶାରେ ନ ଥିଲା କି କେବେ ହୋଇନାହିଁ । କେହି କେବେ ଏପରି ଅସାଧ୍ୟ ସାଧନାରେ ପ୍ରବୃତ୍ତ ହେବାର ଚିନ୍ତା କରି ଅଛି କି ? ଏହା ଅବଶ୍ୟ ଗୋଟିଏ ପ୍ରବନ୍ଧ, ସୁଦୀର୍ଘ-ପ୍ରବନ୍ଧ । କିନ୍ତୁ ଏପରି ପ୍ରବନ୍ଧର ଚିନ୍ତା ଓ ଜ୍ଞାନ ଗର୍ଭତା କେହି ଲେଖକ କେବେ ପରିକଳ୍ପନା କରି ପାରି ଅଛନ୍ତି କି ? ଏହା କେତେବର୍ଷ ତଳେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ଏମ୍.ଏ. କ୍ଲାସରେ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା । ଏହା ପ୍ରଥମେ "ଆର୍ଯ୍ୟ ଜୀବନ" ନାମରେ ସତ୍ୟବାଦୀର ପ୍ରଥମ ଖଣ୍ଡ

Digitized by PPRACHIN, SOA

ଦ୍ୱିତୀୟ ସଂଖ୍ୟାରୁ ( ୩୨୨ ସାଲ) କ୍ରମାଗତ ଭବରେ ସତ୍ୟବାଦୀର ୪ର୍ଥ ଖଣ୍ଡର ୮ମରୁ ୧୨ଶ ସଂଖ୍ୟା ପର୍ଯ୍ୟନ୍ତ ଧାରାବାହିକ ଭବରେ ପ୍ରକାଶ ପାଇଥିଲା । ଦୂରଦୃଷ୍ଟି-ସଂପନ୍ନ ମନୀଷୀମାନଙ୍କର ଏ ଗ୍ରନ୍ଥ ପ୍ରତି ପ୍ରଗାଢ ମମତା ଓ ଆଗ୍ରହ ଦେଖି ନୀଳକଣ୍ଠ ଏହି ପ୍ରବନ୍ଧ ଗୁଡ଼ିକୁ ସମ୍ବଲପୁରଠାରେ ତା।୧୧ । ୯ । ୨୧ରେ ପ୍ରକାଶ କରି–ଥିଲେ । ଏହି ଗ୍ରନ୍ଥର ନିବେଦନରେ ସେ ଲେଖିଥିଲେ "ଏ ଗ୍ରନ୍ଥରେ ପ୍ରବନ୍ଧଗୁଡ଼ିକ ପୂର୍ବେ ସତ୍ୟବାଦୀ ମାସିକ ପତ୍ରିକାରେ ଟିକିଏ ଭିନ୍ନ ଆକାର ପ୍ରକାରରେ ବାହାରିଥିଲା । ବର୍ତ୍ତମାନ ସବୁ ପ୍ରବନ୍ଧର ସବୁ ଅଂଶ ପୁନର୍ବାର ଲେଖାହୋଇ ଏ ଗ୍ରନ୍ଥରେ ପ୍ରକାଶ କରଗଲା ।"

ସତ୍ୟବାଦୀ ପତ୍ରିକାରୁ ଯେଉଁମାନେ ଏହି ପ୍ରବନ୍ଧ ପାଠ କରି ଅଛନ୍ତି, ସେମାନଙ୍କୁ ଏହି ପୁସ୍ତକର ପରବର୍ତ୍ତୀ ଅଂଶ ସହିତ ପରିଚିତ ହେବାକୁ ହେବ । କାରଣ ନୀଳକଣ୍ଠଙ୍କର ମନୀଷା କ୍ରମବର୍ଦ୍ଧନଶୀଳ । ଏହା ଗୋଟିଏ ସ୍ଥାନରେ ଆବଦ୍ଧ ନ ରହି ବୃକ୍ଷ ବୃଦ୍ଧି ପାଇଲା ଭଳି ଚତୁର୍ଦ୍ଦିଗକୁ ଶାଖା, ପ୍ରଶାଖା ପ୍ରସାର କରି ବୃଦ୍ଧି ପାଇଥାଏ । ସାତ ଆଠବର୍ଷ ଭିତରେ ତାଙ୍କ ଚିନ୍ତା ଶକ୍ତିର କିପରି ଭୂୟୋବିକାଶ ହୋଇଅଛି, ତାହା ଯେଉଁମାନେ ସତ୍ୟବାଦୀରେ ପ୍ରକାଶିତ ପ୍ରବନ୍ଧମାନଙ୍କ ସହିତ ତାଙ୍କର ମୁଦ୍ରିତ ପୁସ୍ତକର ପ୍ରବନ୍ଧକୁ ତୁଳନାତ୍ମକ ଭବରେ ଅଧ୍ୟୟନ କରିଅଛନ୍ତି, ସେମାନେ ବେଶ୍ ବୁଝିପାରିବେ । ଏହି ପୁସ୍ତକରେ ମଣିକାଞ୍ଚନର ସଂଯୋଗ ହୋଇଅଛି ।

ନୀଳକଂଠ ପୁସ୍ତକଟିକୁ ଆର୍ଯ୍ୟ ଜୀବନର ପ୍ରକୃତ ଉତ୍ତରାଧୀକାରୀ ଓ ଧର୍ମ-ସର୍ବସ୍ୱ-ପ୍ରାଣ ଗୋପବଂଧୁଂକୁ ଉତ୍ସର୍ଗ କରିଥିବା କଥା ୨ୟ ଅଧ୍ୟାୟରେ ଦର୍ଶାଯାଇଚି ଏବଂ ସେଥିରେ ସେ ଗୋପବଂଧୁଂକୁ ଆର୍ଯ୍ୟ ପ୍ରାଣ ବୋଲି କହିଚଂତି । ଗୋପବଂଧୁ କିପରି ଆର୍ଯ୍ୟ-ପ୍ରାଣ ଥିଲେ, ଏଠାରେ ତାହାର କିଞ୍ଚିତ ପ୍ରମାଣ ଦେବାକୁ ଗ୍ରହୁଁ ।

ଆଦର୍ଶ, ଆକାଂକ୍ଷା ଓ ଏହି ଉପେୟପ୍ରାପ୍ତିର ଉପାୟ କ'ଣ ? ଅର୍ଥାତ୍ ସତ୍ୟଦ୍ୱାରା ପରମ ପଦ ଲଭ ହୁଏ । ଆମ୍ଭମାନଙ୍କର ବେଦ ଶାସ୍ତ୍ର, ବାକ୍ୟ ପୁରାଣମାନ ଅସଂଖ୍ୟ ଉଦାହରଣ ଓ ଆଲେଖ୍ୟ ଦ୍ୱାରା, ସତ୍ୟ ପନ୍ଥାର ସିଦ୍ଧି ଘୋଷଣା କରିଅଛନ୍ତି । ସତ୍ୟପାଳନ ନିମନ୍ତେ ଯେଉଁ ଅସାମାନ୍ୟ ତ୍ୟାଗ ଶ୍ରୀରାମ ଚରିତ୍ରରେ ପ୍ରକଟିତ ହୋଇଅଛି, ପୃଥିବୀର ସାହିତ୍ୟରେ ତାର ପଟାନ୍ତର ନାହିଁ ।

Digitized by PPRACHIN, SOA

କୁରୁ ପାଣ୍ଡବ ଓ ଅସଂଖ୍ୟ ସେନାନୀ ମଧ୍ୟରେ ଅଷ୍ଟାଦଶ ଭରତ ମହାସାଗରର ଏକମାତ୍ର ଦୀପ ସ୍ତମ୍ଭ ରୂପେ ସତ୍ୟସନ୍ଧ ଯୁଧିଷ୍ଠିର ଉଭା ହୋଇ ଜଗତ ସପକ୍ଷରେ ଯେଉଁ ଅତୁଳନୀୟ ଆଲେଖ୍ୟ ଦେଖାଇ ଅଛନ୍ତି, ତାହା ଆର୍ଯ୍ୟ ଓ ଆର୍ଯ୍ୟ ଜୀବନର ଗୌରବ । ଏସବୁ ସାହିତ୍ୟ ଚିତ୍ର ଛାଡ଼ିଦେଲେ ସୁଦ୍ଧା ଭରତୀୟ ଯୋଗୀ ଋଷିମାନେ ସର୍ବପ୍ରକାର ସାଂସାରିକ ସୁଖରେ ଜଳାଞ୍ଜଳି ଦେଇ କେବଳ ସତ୍ୟ ନିମନ୍ତେ ସତ୍ୟର ଅନୁସନ୍ଧାନରେ ଯେଉଁ ଅଦ୍ଭୁତ ଆତ୍ମୋତ୍ସର୍ଗ ନିଜ ଜୀବନରେ ଦେଖାଇ ଯାଇ ଅଛନ୍ତି, ତାହା ଆଜି ଆମ୍ଭମାନଙ୍କର ଭାଷା, ଭାବ, କ୍ରିୟା ଆଦି ସମସ୍ତରେ ଅନୁସରଣ କରିବା ଉଚିତ । ତାହା ଆଜି ଆମ୍ଭମାନଙ୍କ ହୃଦୟରେ ଆଶା ଜନ୍ମାଉ ଅଛି । ଆମ୍ଭମାନଙ୍କ ଗର୍ବ ଯେ ଏ ଉଚ୍ଚ ଆଦର୍ଶସବୁ ଆମ୍ଭମାନଙ୍କର ପୈତୃକ ସଂପତ୍ତି । ସେହିପରି ପ୍ରତ୍ୟେକ ବ୍ୟକ୍ତି ପରି ପ୍ରତ୍ୟେକ ଜାତିର ଆଦର୍ଶ ସ୍ୱତନ୍ତ୍ର । ଜାତୀୟ ଜୀବନର ନୀତି ପ୍ରକୃତି ଆଶା ଉଦ୍ଦେଶ୍ୟ ପ୍ରଭୃତିର ଅନୁସରଣରେ ଏହି ଆଦର୍ଶ ଗଠିତ । ଭରତୀୟ ଆର୍ଯ୍ୟ ପକ୍ଷରେ ଏ ସଂସାର କର୍ମଭୂମି । କର୍ମ କରିବା ନିମନ୍ତେ ମାନବ ଏଠାରେ ଜନ୍ମେ । କର୍ମ ସାଧନ ଏଠାରେ ତାହାର ଉଦ୍ଦେଶ୍ୟ । ତେଣୁ ଆର୍ଯ୍ୟଜୀବନ କର୍ମମୟ ହେବାର କଥା । ପାଶ୍ଚାତ୍ୟମାନଙ୍କ ପରି ଅନ୍ୟ ଠାରୁ ନିଜ ସତ୍ତ୍ୱ ଦାବୀ କରିବା ଭରତୀୟ ଜୀବନର ନିୟାମକ ନୀତି ନୁହେଁ । ଅନ୍ୟର ପ୍ରାପ୍ୟ ଦେବାକୁ ଭରତୀୟ ବ୍ୟସ୍ତ । ଅନ୍ୟଠାରୁ ନିଜର ପ୍ରାପ୍ୟ ପାଇବା ଲାଗି ଅନ୍ୟ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ଲାଗି ସେ ସେତେ ବ୍ୟସ୍ତ ନୁହେଁ । ସ୍ଥଳରେ ଅନ୍ୟର ଦେଣା ପରିଶୋଧ କରିବା ଅନ୍ୟପ୍ରତି ନିଜର କର୍ତ୍ତବ୍ୟ କରିବାହିଁ ଭରତୀୟ ଆର୍ଯ୍ୟଧର୍ମ । ସେ ଯେପରି ଏହି ଅସୀମ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମସ୍ତ ଚରଚର ପ୍ରତି ତାଙ୍କର କର୍ତ୍ତବ୍ୟ ରହିଛି । ଏହି ନୀତି ଓ ଆଦର୍ଶ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ରମାନଙ୍କୁ ଦେବା ନିମନ୍ତେ ଗୋପବନ୍ଧୁ ଯେପରି ବ୍ୟାକୁଳ ଥିଲେ, ମନୀଷୀ ନୀଳକଣ୍ଠ ମଧ୍ୟ ସେହିପରି ଉଦ୍‌ବିଗ୍ନ ଥିଲେ । ପ୍ରାଚୀନ ଗୁରୁକୁଳ ଆଶ୍ରମରେ ଏହି ନୀତି ଯଥାବିଧି ପ୍ରତିପାଳିତ ହେଉଥିଲା ବୋଲି ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ଅଗାଧ ବିଶ୍ୱାସ ଥିଲା । ସତ୍ୟବାଦୀର ପ୍ରଥମ ଖଣ୍ଡ ପ୍ରଥମ ସଂଖ୍ୟାରେ "ଗୁରୁକୁଳ" ଶୀର୍ଷକ ପ୍ରବନ୍ଧରେ ଏହାର ଉଲ୍ଲେଖ ଥିଲା । ସେତେବେଳେ ପ୍ରତ୍ୟେକ ବ୍ୟକ୍ତିର ଚତୁର୍ଦ୍ଦିଗରେ, ନିସ୍ତାର, ସତ୍ୟର, ଧର୍ମର, ଜ୍ଞାନର ଗୋଟିଏ କ୍ଷୁଦ୍ର ମଣ୍ଡଳୀ ।

Digitized by PPRACHIN, SOA

ଆହୁରି ପୁଣି ଅଧ୍ୟାପନାରେ ଅର୍ଥ ଗ୍ରହଣ ନଥିଲା । ଅଧ୍ୟୟନରେ ଅର୍ଥ ବ୍ୟୟ ହେଉ ନଥିଲା । ସୁତରାଂ ପ୍ରତ୍ୟେକ ବାଳକ ନିଜର ଇଚ୍ଛା ଅନୁଭୂତି ଅନୁସାରେ ଶିକ୍ଷା ପାଇ ପାରୁଥିଲେ । ନାନା ଆପଦ ବିପଦରେ ବାରମ୍ବାର ବିଜାତୀୟମାନଙ୍କର ଆକ୍ରମଣ ମଧ୍ୟରେ ଭାରତ ଏତେ କାଳ ନିଜର ଯେଉଁ ଆଦର୍ଶ ଓ ଜଗତର ଶିକ୍ଷଣୀୟ ବ୍ୟକ୍ତିତ୍ୱ ଅକ୍ଷୁର୍ଣ୍ଣ ରଖିଅଛି, ତାହା ଯେପରି ଲୋପ ନପାଏ, ସେଥିପାଇଁ ବର୍ତ୍ତମାନ ଭାରତବାସୀର କର୍ତ୍ତବ୍ୟ, ସେହି ପ୍ରାଚୀନ ଶିକ୍ଷା ପ୍ରଣାଳୀ ଓ ସେ ବିଷୟରେ ଯତ୍ନବାନ୍ ହେବା ।

ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ନୀଳକଣ୍ଠ ୧୩୨୨ ସାଲରେ ମୀନ ମାସରେ "ଆର୍ଯ୍ୟ ଜୀବନ" ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲେ ।

## ପ୍ରବନ୍ଧର ନାମକରଣ ଓ ଆର୍ଯ୍ୟ ସଭ୍ୟତା

ଏଠାରେ ପ୍ରଶ୍ନ ହୋଇପାରେ ଏ ପ୍ରବନ୍ଧମାଳା ବା ପୁସ୍ତକର ନାମ ହିନ୍ଦୁ ଜୀବନ ନଦେଇ ନୀଳକଣ୍ଠ "ଆର୍ଯ୍ୟ ଜୀବନ" କାହିଁକି ଦେଲେ । ପୃଥିବୀର ପ୍ରାଚୀନ ଇତିହାସ ସହିତ ଯେଉଁମାନଙ୍କର ସମ୍ପର୍କ ଅଛି, ସେମାନେ ଜାଣନ୍ତି ଏହି ଆର୍ଯ୍ୟ ସଭ୍ୟତା ଦିନେ ଏସିଆ ମାଇନର ବ୍ୟାବିଲୋନିଆ ଓ ପାରସ୍ୟ ଅତିକ୍ରମ କରି ସ୍ପେନ ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଥିଲା । ଆର୍ଯ୍ୟ ସଭ୍ୟତାର ବହୁ ଚିହ୍ନ ଏହି ଦେଶମାନଙ୍କରେ ଦେଖିବାକୁ ମିଳେ । ତେଣୁ ହିନ୍ଦୁ ନାମଠାରୁ ଆର୍ଯ୍ୟ ନାମରେ ବ୍ୟାପକତା ଯଥେଷ୍ଟ ଅଧିକ । ଏହା ନୀଳକଣ୍ଠଙ୍କର ବିଶ୍ୱବୋଧର ପରିଚାୟକ । ନୀଳକଣ୍ଠ ପୁସ୍ତକର ସୂଚନାରେ ଉଲ୍ଲେଖ କରିଅଛନ୍ତି "ପ୍ରାଚୀନ ଭାରତର ଧାରାବାହିକ ଇତିହାସ ଏ ପର୍ଯ୍ୟନ୍ତ ମିଳିନାଇ । କିନ୍ତୁ ଅତି ଆଦିମ ଯୁଗରୁ ଭାରତର ସଭ୍ୟତା ପୃଥିବୀରେ ସଭ୍ୟତାର ମୂଳମନ୍ତ୍ର ପ୍ରଚାର କରିଥିବାର ଭୂରି ଭୂରି ପ୍ରମାଣ ମିଳିଅଛି । ଅଙ୍କ ଗଣିବାର ପ୍ରଣାଳୀ, ଅର୍ଥାତ୍ ଏକ, ଦଶ, ଶତ, ସହସ୍ର ପ୍ରଭୃତି ଦଶ ଗୁଣତ୍ୱର ବିଧାନରେ ଅଙ୍କ ଗଣିବା ରୀତି ଭାରତରୁ ପୃଥିବୀ ଗ୍ରହଣ କରିଅଛି । ଏହା ସର୍ବବାଦୀ-ସମ୍ମତ । ବୀଜ ଗଣିତର ତତ୍ତ୍ୱ ଭାରତରେ ପ୍ରଥମେ ଆବିଷ୍କୃତ ହୋଇଥିଲା । ଇଉକ୍ଲିଡ୍‌ଙ୍କ ଜ୍ୟାମିତିର ମୂଳ ତତ୍ତ୍ୱ, ସିକନ୍ଦର ବାହିନୀ ଭାରତରୁ ଗ୍ରହଣ କରିଥିବାର ଆଭାସ ମିଳେ । ବୈଦ୍ୟ ଶାସ୍ତ୍ରରେ ଭାରତ ଜଗତର ଆଦି ଶିକ୍ଷା ଗୁରୁ । ରସାୟନ ତତ୍ତ୍ୱ ମଧ୍ୟ ଭାରତରେ ଅତି ପ୍ରାଚୀନ କାଳରୁ ଆବିଷ୍କୃତ ହୋଇଥିଲା ବୋଲି ପ୍ରମାଣ

Digitized by PPRACHIN, SOA

ମିଳିଅଛି । ଏଇ ସବୁ ଅନୁସନ୍ଧାନ ଜଣାଉଅଛି ଯେ ଭାରତର ମୌଳିକ ତତ୍ତ୍ୱଗୁଡ଼ି ଏହିପରି ଯୁଗେ ଯୁଗେ ପାରସ୍ୟ ଓ ଆରବ ବାଟେ ଇଉରୋପରେ ପ୍ରଚାର ଲଭିଥିଲା । ପ୍ରାଚୀନ କାଳରେ ପାରସ୍ୟ ଆରବ ଓ ଭାରତ ମଧ୍ୟରେ ବହୁତ ପ୍ରକାର ଆଦାନ, ପ୍ରଦାନ ଚାଲୁଥିଲା ଓ ଏ ସମସ୍ତ ପ୍ରାଚ୍ୟ ରାଜ୍ୟର ସଭ୍ୟତାର ପ୍ରକୃତି ପ୍ରାୟ ଏକ ଥିଲା । ଆର୍ଯ୍ୟ ଜୀବନ ଆଜି ଭାରତରେ ଯେଉଁ ସନାତନ ଆଦର୍ଶ ଅନୁସରଣ କରି ଚାଲିଅଛି, ସମସ୍ତ ପ୍ରାଚ୍ୟ ଦେଶରେ ଦିନେ ସେହି ଜାତୀୟ ଆଦର୍ଶ ଥିଲା । ଏ ସବୁ ଦେଶରେ ଏପରିକି ପ୍ରାଚୀନ ଗ୍ରୀସ୍‌ରେ ମଧ୍ୟ ଜୀବନ ସ୍ୱାଭାବିକ ବିକାଶରେ ବଢୁଥିଲା ।

ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ଏହି ପ୍ରାଚ୍ୟ ଜାତି ମଧ୍ୟରେ ଜନ୍ମିଥିଲେ ସତ୍ୟ, ମାତ୍ର ସେ ଶଙ୍କର ଚୈତନ୍ୟଙ୍କ ପରି ନିଜର ପ୍ରଚାରିତ ମତକୁ ଜାତିର ସନାତନ ପରମ୍ପରାର ଭିତ୍ତିରେ ସ୍ଥାପନ କରି ନାହାନ୍ତି । ସେମାନେ ଜାତିର ପାରମ୍ପରିକ ବିଧି ବିରୁଦ୍ଧରେ ନିଜର ବ୍ୟକ୍ତିଗତ ମତ ପ୍ରଚାର କରି ଜାତିର ସନାତନ ବ୍ୟକ୍ତିତ୍ୱ ପରମ୍ପରା ଛିଣ୍ଡାଇଦେଲେ । ସେମାନେ କହିଲେ, 'ପ୍ରାଚୀନ ପରମ୍ପରା ଛାଡ଼ି, ଆମ୍ଭର ପ୍ରଚାରିତ ସତ୍ ପନ୍ଥା ଗ୍ରହଣ କର । ଶଙ୍କର ଓ ଚୈତନ୍ୟାଦି କିନ୍ତୁ ତାହା କରି ନାହାନ୍ତି ।"

କିନ୍ତୁ ନୀଳକଣ୍ଠଙ୍କ ମତରେ ଭାରତର ଜାତୀୟତା ସଭ୍ୟତାର ଉତ୍ପତ୍ତି ଭାରତରେ, ବିକାଶ ମଧ୍ୟ ଭାରତରେ । ଏହା ଉପରେ ଅନ୍ୟ ଧର୍ମାବଲମ୍ବୀ ପ୍ରଚାରକ ମାନଙ୍କର ପ୍ରଭାବ ପଡ଼ି ଅଛି ଓ ଏହି ପ୍ରଭାବ ଆର୍ଯ୍ୟ ଜୀବନ ଓ ସଭ୍ୟତାକୁ ଛାରଖାର କରି ଧୂଳିସାତ୍ କରିବା ପର୍ଯ୍ୟନ୍ତ ଅପଚେଷ୍ଟା ବି କରି ଚାଲିଛି । କିନ୍ତୁ ଆର୍ଯ୍ୟ ସଭ୍ୟତାର କୌଣସି ଅଂଶ ଏମାନେ ଲୋପ କରି ପାରି ନାହାନ୍ତି । ଏବେ ମଧ୍ୟ ଆର୍ଯ୍ୟ ସନ୍ତାନ କହେ "ବ୍ରହ୍ମଣୋସ୍ୟ ମୁଖମାସୀତ୍, ବାହୁରାଜନ୍ୟଃ କୃତଃ, ଭିରୁସ୍ତଦସ୍ୟ, ଯଦ୍ ବୈଶ୍ୟଃ–ପଦଭ୍ୟାଂ ଶୂଦ୍ରୋଽଜାୟତା" ଅର୍ଥାତ୍ ବ୍ରାହ୍ମଣ ସେ ବିରାଟ ପୁରୁଷଙ୍କର ମୁଖରୁ ଜାତ, କ୍ଷତ୍ରିୟ ଉଭବ ତାଙ୍କ ବାହୁରୁ, ବୈଶ୍ୟ ଉରୁରୁ ଜାତ ଏବଂ ଶୂଦ୍ର ଏହାଙ୍କ ପାଦରୁ ଜାତ । ଅବଶ୍ୟ ନବୀନ ସଭ୍ୟ ଭାରତୀୟମାନେ ଏ କଥାରେ ବିଶ୍ୱାସ କରନ୍ତି ନାହିଁ ।

ସେମାନେ ଯୁକ୍ତି ଦେଖାଇ କହିବେ, ବର୍ତ୍ତମାନ ତ ମାନବ ସମାଜ ସକଳ ଦିଗରୁ ସାମ୍ୟ ଓ ଐକ୍ୟ ମନ୍ତ୍ରରେ ଉଦ୍‌ବୁଦ୍ଧ । ତେବେ ବ୍ରାହ୍ମଣ କାହିଁକି ସମସ୍ତଙ୍କଠାରୁ ଶ୍ରେଷ୍ଠ ହେବ । ତେଣୁ ମନିଷୀ ନୀଳକଣ୍ଠ କହିଅଛନ୍ତି ଯେ ଏହି ଜାତି ବିଭାଗ ପ୍ରଥା

Digitized by PPRACHIN, SOA

ମଧ୍ୟ ବୈଦିକ ମନ୍ତ୍ରରେ ଅଛି । ବେଦର ରଚୟିତା କେହି ନାହାନ୍ତି । ବେଦ ଅପୌରୁଷେୟ । ଭଗବାନ ସ୍ୱୟଂ ଆବେଗପୂର୍ଣ୍ଣ କଣ୍ଠରେ କହନ୍ତି—

"ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ
ଗୁଣ କର୍ମ ବିଭାଗଶଃ ।
ତସ୍ୟ କର୍ତାରମପିମାଂ
ବିଦ୍ଧ୍ୟକର୍ତାରମବ୍ୟୟଂ

ଅର୍ଥାତ ଗୁଣ, ତଥା କର୍ମର ବିଭାଗ କରି ସେହି ଅନୁସାରେ ଚାରିବର୍ଣ୍ଣ ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ମୁଁ ସୃଷ୍ଟି କରିଅଛି । ଅନାଦି ବିକାରହୀନ ଯେ ମୁଁ— ତାକୁଇ ତୁମ୍ଭେ ଏହାର କର୍ତା ବୋଲି ଜାଣ । ଗୀତାର ପ୍ରାରମ୍ଭରେ ଅଛି ଯେତେବେଳେ ମହାଭାରତ ଯୁଦ୍ଧ ଆରମ୍ଭ ହୁଏ, ଦୁଇ ପକ୍ଷର ଅକ୍ଷୌହିଣୀ ସୈନ୍ୟ ଯୁଦ୍ଧ କରିବାକୁ ସଜ୍ଜିତ । ପାଣ୍ଡବମାନଙ୍କ ପକ୍ଷରେ ରଥରେ ଯୋଦ୍ଧୃବେଶୀ ଅର୍ଜୁନ ଧନୁଶର ଧରି ଦଣ୍ଡାୟମାନ । ଭଗବାନ ଶ୍ରୀକୃଷ୍ଣ ତାଙ୍କର ସାରଥୀ । କିନ୍ତୁ ଅର୍ଜୁନଙ୍କ ଦେହ ଥରିଲା । ସମଗ୍ର ଶରୀର ଘର୍ମାକ୍ତ ହେଲା, ବଳ ଦେହରୁ ଖସିଗଲା । ସେ ଶ୍ରୀକୃଷ୍ଣଙ୍କୁ କହିଲେ "ନା ଏ ଯୁଦ୍ଧ ମୁଁ ଆଉ କରିବି ନାହିଁ । ଏପରି ଯୁଦ୍ଧ ଜୟ କରି ମୋର କି ଲାଭ ? ଏତେ ଜ୍ଞାତି, କୁଟୁମ୍ବ, ବନ୍ଧୁ, ବାନ୍ଧବମାନଙ୍କୁ ହତ୍ୟା କରି ମୁଁ କି ଯଶ ଲାଭ କରିବି ? କିନ୍ତୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ, ସୁଝାଇ କହିଲେ । ହେ ସବ୍ୟସାଚୀ ତୁମ୍ଭ ହାତରୁ ଏହି ଅବ୍ୟର୍ଥ ଗାଣ୍ଡିବ ଧନୁ କାହିଁକି ଖସି ପଡ଼ିଲା, ତୁମକୁ ଅବଶ୍ୟ ଯୁଦ୍ଧ କରିବାକୁ ହେବ ।

"ସ୍ୱ ଧର୍ମମପି ଚାବେକ୍ଷ୍ୟ, ନ ବିକଂପିତୁ ମର୍ହସୀ
ଧର୍ମ୍ୟାଦ୍ଧି ଯୁଦ୍ଧୋଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ"

ଅର୍ଥାତ ହେ ଅର୍ଜୁନ, ସ୍ୱଧର୍ମ ପାଳନ କଲାବେଳେ ତୁମ୍ଭର ନରହତ୍ୟା ବା ଭ୍ରାତୃହତ୍ୟା କରିବାକୁ ପଡ଼ିବ ବୋଲି ଭୀତ ବା ସଂକୁଚିତ ହେବା ଉଚିତ ନୁହେଁ । ଦୁଷ୍ଟ ଦମନ ନିମନ୍ତେ ଯୁଦ୍ଧ କରିବା କ୍ଷତ୍ରିୟର ଧର୍ମ । ଏପରି ଧର୍ମ ଯୁଦ୍ଧରୁ ବଳି ଅନ୍ୟ ଶ୍ରେୟ କ୍ଷତ୍ରିୟର ନାହିଁ । ଏହା ଉପରେ ମନ୍ତବ୍ୟ ପ୍ରକାଶ କରି ନୀଳକଣ୍ଠ କହିଅଛନ୍ତି "ଇଉରୋପୀୟମାନେ ଓ ଇଉରୋପୀୟ ମତାବଲମ୍ବୀ କେହି କେହି ଭାରତୀୟ, ଗୀତା ଯେ ଧର୍ମଶାସ୍ତ୍ର ଏ ବିଷୟରେ ଘୋର ପ୍ରତିବାଦ କରନ୍ତି ।

Digitized by PPRACHIN, SOA

ସେମାନେ କହନ୍ତି ଯେଉଁ ଶାସ୍ତ୍ରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ମତାଉ ଅଛନ୍ତି, ଯେଉଁ ଗ୍ରନ୍ଥରେ ନରହତ୍ୟା ଧର୍ମ ବୋଲି ଉପଦେଶ ଦିଆ ହୋଇଅଛି, ସେ କିପରି ଶ୍ରେଷ୍ଠ ଧର୍ମଶାସ୍ତ୍ର ହୋଇପାରେ ? ଏକଥା କହିଲା ବେଳେ ସେମାନେ ଅଧ୍ୟାତ୍ମପରାୟଣ ଆର୍ଯ୍ୟ ଧାରଣା ବୁଝନ୍ତି ନାହିଁ । ଆର୍ଯ୍ୟର ଧର୍ମଜ୍ଞାନରେ ଯୁଦ୍ଧ ଓ ଶାନ୍ତିର ଇତର ବିଶେଷ ନାହିଁ । ନରହତ୍ୟା ଗୋପାଳନର ତାରତମ୍ୟ ନାହିଁ । ଜନ୍ମ ମୃତ୍ୟୁର ଭେଦ ନାହିଁ । ସୃଷ୍ଟି ପ୍ରକ୍ରିୟା ଅନନ୍ତମୁଖୀ, ସେହିପରି ଅନନ୍ତ ପ୍ରକାରରେ ଧର୍ମ ନିର୍ଦ୍ଦିଷ୍ଟ ରହିଅଛି । ସୃଷ୍ଟିରେ ଜନ୍ମ ଯେପରି ଆବଶ୍ୟକ, ମୃତ୍ୟୁ ମଧ୍ୟ ସେହିପରି; ପାଳନ ଯେପରି, ନିଧନ ମଧ୍ୟ ସେହିପରି । କାହାର କର୍ତ୍ତବ୍ୟ ପୋଷଣ, କାହାର କର୍ତ୍ତବ୍ୟ ଭକ୍ଷଣ; କାହାର ଧର୍ମ ତ୍ୟାଗ, କାହାର ଧର୍ମ ଭୋଗ । ଏ ସବୁ ଭେଦ ଅଜ୍ଞାନ ମନୁଷ୍ୟର । ସନାତନ ଧର୍ମ ଧାରଣାରେ ଏ ଭେଦ ନାହିଁ । ଧର୍ମରେ ସୃଷ୍ଟିର ଉଦ୍ଦେଶ୍ୟ ସିଦ୍ଧ ହୁଏ— ବିଭୁଙ୍କର ଇଚ୍ଛା ପୂର୍ଣ୍ଣ ହୁଏ । ସେଥିରେ ଜନ୍ମ ଯାହା, ମରଣ ତାହା; ସେ ଭେଦ ବିଚାର କରିବାକୁ ମନୁଷ୍ୟ କିଏ ?” ଏହିପରି ଭାବରେ ନୀଳକଣ୍ଠ ଯେଉଁମାନେ ଭଗବଦ୍ ଗୀତାର ଆଧ୍ୟାତ୍ମିକ ମୂଲ୍ୟକୁ ହେୟ ମନେ କରନ୍ତି ସେହିମାନଙ୍କୁ ଉପଯୁକ୍ତ ଜବାବ ଦେଇଅଛନ୍ତି ।

ନୀଳକଣ୍ଠ ଭଗବଦ୍ ଗୀତାର ଏକ ପ୍ରକାଣ୍ଡ ଭାଷ୍ୟ ଏବଂ ବୈଜ୍ଞାନିକ ପ୍ରଣାଳୀରେ ଯୁକ୍ତି ତର୍କ ଉପରେ ନିର୍ଭର କରି ଏକ ବିରାଟ ମୁଖବନ୍ଧ ଲେଖିଅଛନ୍ତି । ଏହି ମୁଖବନ୍ଧ ଯେତେ ଆଧ୍ୟାତ୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ ନୁହେଁ, ସେତେ ଦାର୍ଶନିକତା ଉପରେ ନିର୍ଭରଶୀଳ । ଏହା ବୋଲି ନୀଳକଣ୍ଠ ଭଗବଦ୍ ଗୀତାକୁ ଭଗବାନଙ୍କର ମୁଖନିଃସୃତ ବାଣୀ ବୋଲି ଅବିଶ୍ୱାସ କରି ନାହାନ୍ତି । ଏହି ବହିଃ ପ୍ରକାଶ ପରେ କେହି, କେହି, ମତ ଦେଲେ ଏହା ବାଳ ଗଙ୍ଗାଧର ତିଳକଙ୍କ ଭାଷ୍ୟର ରୂପାନ୍ତର ମାତ୍ର । କିନ୍ତୁ ଏହା ଯଥାର୍ଥ ନୁହେଁ । ନୀଳକଣ୍ଠ ନାନା ଶାସ୍ତ୍ର ଅଧ୍ୟୟନ କରି ଭଗବଦ୍ ଗୀତାକୁ ଯେପରି ଭାବରେ ଅବବୋଧ କରିଥିଲେ, ତାହାରି ପରିପ୍ରକାଶ ଆମ୍ଭେମାନେ ତାଙ୍କ ଭଗବତ୍ ଗୀତାର ଭାଷ୍ୟରେ ଦେଖିବାକୁ ପାଉଁ । ଯେଉଁମାନେ ଭଗବଦ୍ ଗୀତାର ପ୍ରତ୍ୟେକ ଶ୍ଳୋକକୁ ବିଶ୍ଳେଷଣ କରି ଅଧ୍ୟୟନ କରିବାକୁ ଚାହାନ୍ତି, ସେମାନେ ତାଙ୍କ ଭଗବଦ୍ ଗୀତାର ମୁଖବନ୍ଧ ପାଠ କଲେ ଅବଶ୍ୟ ବିଶେଷ ଭାବରେ ଉପକୃତ ହେବେ । ଏହା ଆମର ଆଲୋଚନାର ସାମଗ୍ରୀ ନୁହେଁ । ନୀଳକଣ୍ଠ ଯେତେଦିନ ପର୍ଯ୍ୟନ୍ତ ସତ୍ୟବାଦୀ ବିଦ୍ୟାଳୟର ପରିଚାଳକ

Digitized by PPRACHIN, SOA

ଥିଲେ, ଯେତେବେଳେ ଗୋପବନ୍ଧୁଙ୍କର ସାହଚର୍ଯ୍ୟରେ ସେ ସାରା ଓଡ଼ିଶାରେ ଗୁରୁକୁଳ ଆଶ୍ରମର ପ୍ରାଚୀନ ଶିକ୍ଷାର ଆଭିମୁଖ୍ୟକୁ ପ୍ରବର୍ତ୍ତନ କଲେ ଏବଂ ଯେତେବେଳେ ସେ ଶିକ୍ଷା ଓ ସାହିତ୍ୟ ମଧ୍ୟରେ କି ଅବିଚ୍ଛେଦ୍ୟ ସମ୍ପର୍କ ବିଦ୍ୟମାନ, ଏହି କଥା ମର୍ମେ ମର୍ମେ ହୃଦୟଙ୍ଗମ କରି ଓ ଜନସାଧାରଣଙ୍କୁ ଏ ବିଷୟରେ ଅବହିତ କରିବା ନିମନ୍ତେ ଯତ୍ନଶୀଳ ହେଲେ, ଆମ୍ଭେମାନେ କେବଳ ସେହି କାଳର ସାହିତ୍ୟ ଉପରେ ଆଲୋକପାତ କରିବୁ ।

ସମ୍ବଲପୁରରେ ୧୯୨୧ ମସିହାରେ ଯେଉଁ "ଆର୍ଯ୍ୟ ଜୀବନ" ମୁଦ୍ରିତ ହୋଇଥିଲା, ତାହା ନିମ୍ନ ଲିଖିତ ଛଅ ଭାଗରେ ବିଭକ୍ତ ହୋଇଥିଲା ।

ପ୍ରଥମ ଅଧ୍ୟାୟ — ସୂଚନା
ଦ୍ୱିତୀୟ ଅଧ୍ୟାୟ — ଆର୍ଯ୍ୟ ଜୀବନର ବୀଜ — ଜୀବନ ସମ୍ଭୋଗ
ତୃତୀୟ ଅଧ୍ୟାୟ — ଆର୍ଯ୍ୟ ଜୀବନର ଅଧିଷ୍ଠାନ ଧର୍ମ
ଚତୁର୍ଥ ଅଧ୍ୟାୟ — ଆର୍ଯ୍ୟ ଜୀବନର ମୂଳାଧାର — ଆଧ୍ୟାତ୍ମିକତା
ପଞ୍ଚମ ଅଧ୍ୟାୟ - ଆର୍ଯ୍ୟ ଜୀବନର ସାଧନା – ଆତ୍ମ ପ୍ରସାର
ଷଷ୍ଠ ଅଧ୍ୟାୟ — ଆର୍ଯ୍ୟ ଜୀବନର ଆଦର୍ଶ — 'ସୋଽହଂ'

ସେ ମୁଦ୍ରିତ ବହିର ପ୍ରଥମ ସଂସ୍କରଣରେ ପ୍ରଥମ ଭାଗ ବୋଲି ଉଲ୍ଲେଖ କରିଥିଲେ । ବୋଧହୁଏ ଏହାର ଦ୍ୱିତୀୟ ଭାଗ ଲେଖିବାର ତାଙ୍କର ପରିକଳ୍ପନା ଥିଲା । କିନ୍ତୁ ନାନା ରାଜନୈତିକ ଘଟଣାରେ ବ୍ୟାପୃତ ରହିବାରେ ସେ ସତ୍ୟବାଦୀର ସାରସ୍ୱତ ତପୋବନରେ ଯାହା ଆରମ୍ଭ କରିଥିଲେ, ତାହା ଶେଷ ହୋଇ ପାରିଲା ନାହିଁ । (ଏଠାରେ ରଚିତ ଐତିହାସିକ କାବ୍ୟ 'ଖାରବେଳ'ର ମଧ୍ୟ ସେହି ଦୁର୍ଦ୍ଦଶା ।)

ଆର୍ଯ୍ୟ ଜୀବନରେ ସେ ବାରମ୍ବାର ଏହି ଆଦର୍ଶର ବ୍ୟାଖ୍ୟା କରି ଅଛନ୍ତି । ଯେଉଁ ଜାତିର ଇତିହାସ ନାହିଁ, ତାହାର ଭବିଷ୍ୟତ ନାହିଁ । ବର୍ତ୍ତମାନ ଉପରେ ଠିଆ ହୋଇ ସେ ଅତୀତ ଆଡକୁ ଦୃଷ୍ଟି ନ ଫେରାଇଲେ କେଉଁ ଆଦର୍ଶକୁ ଅନୁସରଣ କରି ସେ ବର୍ତ୍ତମାନ ଓ ଭବିଷ୍ୟତ ଗଢିବ ? ଆର୍ଯ୍ୟ ଜାତି ସେହି କଥା ଆମ୍ଭମାନଙ୍କୁ ଶିଖାଇ ଦେଇ ଯାଇଅଛନ୍ତି । ସେ ଗୋଟିଏ ସ୍ଥାନରେ ଲେଖିଅଛନ୍ତି, "ଆର୍ଯ୍ୟର ତାହା ହୋଇ ନାହିଁ । ସେ ଘଟଣାର ସ୍ୱାଭାବିକ ପ୍ରଭାବ ଉପରେ ନିର୍ଭର କରି

Digitized by PPRACHIN, SOA

ଚିରକାଳ ଇତିହାସର କ୍ରିୟା ଓ ପରୀକ୍ଷାର ଦେଖିଅଛି । ଆତ୍ମ ପ୍ରସାର ଛଡ଼ା ଅନ୍ୟ ସାଧନାରେ ସେ ପ୍ରବୃତ୍ତ ହୋଇନାହିଁ । ଏହି ଆତ୍ମ ପ୍ରସାର ଓ ତାହାର କ୍ରିୟା ଗଣି ବିଶ୍ୱ ବ୍ରହ୍ମାଣ୍ଡକୁ ଆପଣାର କରିଅଛି । ସେ ଅତିଥେୟ ହୋଇଅଛି ।

କିନ୍ତୁ ସେଠାରେ ମଧ୍ୟ କହିଅଛି—

ରତ୍ନାକରଃ କିଂ କୁରୁତେ ସ୍ୱରତ୍ନୈ
ର୍ବିନ୍ଧ୍ୟାଚଳଃ କିଂ କରିଭିଃ କରୋତି
ଶ୍ରୀଖଣ୍ଡଖଣ୍ଡୈଃ ମଳୟାଚଳଃ କିଂ
ପରୋପକାରାୟ ସତାଂ ବିଭୂତୟଃ ।

ଅର୍ଥାତ, ରତ୍ନାକର ନିଜପାଇଁ ରତ୍ନ ରଖି ନାହିଁ । ବିନ୍ଧ୍ୟାଞ୍ଚଳ ଆପଣାର ବ୍ୟବହାର ପାଇଁ ହାତୀ ପୋଷିନାଇ । ମଳୟ ଗିରି ଆପେ ଗ୍ରୀଷ୍ମ କାଳରେ ଚନ୍ଦନ ବୋଳି ହେବ ବୋଲି ଚନ୍ଦନ ଗଛ ବଢ଼ାଇ ନାହିଁ । ସାଧୁ ଲୋକମାନଙ୍କର ଯାହା ବିଭବ ଥାଏ, ତାହା କେବଳ ପର ପାଇଁ ।" ଏହିପରି ବିଶ୍ୱ ପ୍ରାଣରେ ନିଜର କ୍ଷୁଦ୍ର ପ୍ରାଣ ମିଶାଇ ଦେବା ଆର୍ଯ୍ୟ ସନାତନ ଧର୍ମ କର୍ତ୍ତବ୍ୟପରାୟଣତାର ବିଧି ନିର୍ଦ୍ଦିଷ୍ଟ । କର୍ମ ତା ଜୀବନର ବେଦନା; ସେ ମୂହୂର୍ତ୍ତେ କର୍ମ ନ କରି ରହି ପାରିବ ନାହିଁ । ସେ ନିଜେ ତ୍ୟାଗ ସ୍ୱୀକାର କରି ପରର ଉପକାର କରିବାରେ ଜୀବନ ଉତ୍ସର୍ଗ କରିବ ପଛେ ନିଜର ଅଧିକାର କାହାଠାରୁ ସାବ୍ୟସ୍ତ କରିବାକୁ ଯିବ ନାହିଁ । ନୀଳକଣ୍ଠ "ଆର୍ଯ୍ୟ ଜୀବନ"ର ଶେଷ ଭାଗରେ ଲେଖି ଅଛନ୍ତି :—"ସମସ୍ତ କର୍ମ ହିଁ ଏକ, ଏକ ସାଧନାର ଅଙ୍ଗ, ପୁଣି ଜଗତରେ କୌଣସି କର୍ମ ନିରୁଦ୍ଦେଶ୍ୟ ବା ଆଦର୍ଶହୀନ ନୁହେଁ. ଆଦର୍ଶ ବିନା ଜୀବନ ଅସମ୍ଭବ । ଜଗତରେ ପ୍ରତ୍ୟେକ କର୍ମର ଲକ୍ଷ୍ୟ ଅନୁସରଣ କରନ୍ତି । କାହାର ଲକ୍ଷ୍ୟ ଧନ, କାହାର ଧର୍ମ, କାହାର ଭୋଗ, କାହାର ତ୍ୟାଗ, କାହାର ଖ୍ୟାତି, କାହାର ପ୍ରୀତି, କାହାର ପୌରୁଷ, କାହାର ବିଶ୍ୱାସ, ଏହିପରି ପ୍ରତ୍ୟେକ ବ୍ୟକ୍ତିତ୍ୱବାନ୍ ଜୀବନ୍ତ ବସ୍ତୁର ଆଦର୍ଶ ଅଛି ଓ ନିଜ ନିଜର ଲକ୍ଷ୍ୟକୁ ଯିବାପାଇଁ, ଆଦର୍ଶ ପାଇବା ପାଇଁ ସମସ୍ତେ ନ୍ୟୁନାଧିକେ ସାଧନା କରୁ ଅଛନ୍ତି । ଏ ଲକ୍ଷ୍ୟ ସ୍ଥିର କରିବାରେ, ଏ ସାଧନା ଅବଲମ୍ବନ କରିବାରେ କାହାର ଗତି ପ୍ରକୃତି ମାର୍ଗରେ ଆପେ, ଆପେ ଫୁଟି ଉଠେ କିଏ ବା ଅନ୍ୟଠାରୁ ଦେଖି, ଶିଖେ ବା ଧାରଣା କରିବାକୁ ଚେଷ୍ଟା କରେ ।"

Digitized by PPRACHIN, SOA

## 'ଆର୍ଯ୍ୟ ଜୀବନ'ରେ ନୀଳକଣ୍ଠଙ୍କର ଚିନ୍ତାଧାରା :—

"ଆର୍ଯ୍ୟ ଜୀବନ"ରେ ନୀଳକଣ୍ଠଙ୍କର ଚିନ୍ତାଧାରା ଓ ମନୀଷା ନିମ୍ନୋକ୍ତ ଭାବରେ ପ୍ରକଟିତ ହୋଇଅଛି ।

୧—ଆର୍ଯ୍ୟ ଜୀବନ ଓ ସଭ୍ୟତା ତାର ଉଦ୍ଭବ, ପଲ୍ଲୀରୁ ନଗରରୁ ନୁହେଁ । ପଲ୍ଲୀ ତପୋବନର ସଭ୍ୟତାରେ ତାହାର କ୍ରମ ବିକାଶ ଦେଖିବାକୁ ମିଳିବ । ନୀଳକଣ୍ଠଙ୍କ ଭାଷାରେ କିନ୍ତୁ ଭାରତର ସନାତନ ଜାତୀୟ ସଭ୍ୟତାର ଉତ୍ପତ୍ତି ଭାରତରେ, ବିକାଶ ଭାରତରେ ।

୨—ଭାରତବାସୀ ଚିରକାଳ ଏକ ଜାତୀୟ ଆଦର୍ଶରେ ଜୀବନ ଚଳାଉ ଅଛନ୍ତି ।

୩—ଅନୁସନ୍ଧାନରେ ଜଣାଯାଏ ଭାରତର ମୌଳିକତା ଏହିପରି ଯୁଗେ, ଯୁଗେ, ପାରସ୍ୟ ଓ ଆରବ ବାଟେ ୟୁରୋପରେ ପ୍ରଚାରିତ ହୋଇଅଛି । ଆର୍ଯ୍ୟ ଜୀବନ ଆଜି ଭାରତରେ ଯେଉଁ ସନାତନ ଆଦର୍ଶ ଅନୁସରଣ କରି ଚାଲିଅଛି, ସମସ୍ତ ପ୍ରାଚ୍ୟ ଦେଶରେ ଦିନେ, ସେହି ଜାତୀୟ ଆଦର୍ଶ ଥିଲା । ଖ୍ରୀଷ୍ଟ ଓ ମହମ୍ମଦ ପ୍ରଭୃତି ଏହି ପ୍ରାଚ୍ୟ ଜାତି ମଧ୍ୟରେ ଜନ୍ମି ଥିଲେ ସତ୍ୟ । ମାତ୍ର ସେ ଶଙ୍କର ଓ ଚୈତନ୍ୟଙ୍କ ପରି ନିଜର ପ୍ରଚାରିତ ମତକୁ ଜାତିର ସନାତନ ପରମ୍ପରା ଭିତ୍ତିରେ ସ୍ଥାପନ କରି ନାହାନ୍ତି । ସେମାନେ ଜାତିର ପାରମ୍ପରିକ ବିଧି ବିରୁଦ୍ଧରେ ନିଜର ବ୍ୟକ୍ତିଗତ ମତ ପ୍ରଚାର କରି ଜାତିର ସନାତନ ବ୍ୟକ୍ତିତ୍ୱ ପରମ୍ପରା ଛିଣ୍ଡାଇଦେଲେ । ସେମାନେ କହିଲେ ପ୍ରାଚୀନ ପରମ୍ପରା ଛାଡ଼ । ଆମ୍ଭର ପ୍ରଚାରିତ ସତ୍‌ପନ୍ଥା ଗ୍ରହଣ କର । ଶଙ୍କର ଓ ଚୈତନ୍ୟ ଆଦି ଯେଉଁ ଧର୍ମ ମତ ପ୍ରଚାର କଲେ ତାହା ସନାତନ ବେଦ ଧର୍ମରୁ ବିଚ୍ଛିନ୍ନ ହୋଇ ନାହିଁ । ସେମାନେ ବେଦ ବେଦାନ୍ତର ବ୍ୟାଖ୍ୟା କରି ଅଛନ୍ତି ମାତ୍ର ।

୪—ଆଜି ପଶ୍ଚିମ ଜୀବନ ପ୍ରଭାବରେ ଲୋକେ ନଗର ଜୀବନ ଶ୍ଳାଘ୍ୟ ମନେ କରୁଛନ୍ତି । ନଗରର ଆଶ୍ରୟ କରୁଛନ୍ତି । କେହି, କେହି ଭାରତର ସେ ସୁଖର ଦିନ ଭୁଲି ଯିବାକୁ ଯତ୍ନ କରୁ ଅଛନ୍ତି । କିନ୍ତୁ ତଥାପି ପଲ୍ଲୀ, ସେ ସ୍ୱଭାବ ଓ ସେ

Digitized by PPRACHIN, SOA

ସୌରଭ ଅଦ୍ୟାପି ଅକ୍ଷୁର୍ଣ୍ଣ ରଖିଅଛି । ଆଜି ସଭ୍ୟତାର କୃତ୍ରିମ କେନ୍ଦ୍ର ନଗରକୁ ଉଠି ଯାଉଅଛି । ଦିନକୁ ଦିନ ପଲ୍ଲୀବାସୀର ଦୁରବସ୍ଥା ବଢୁଅଛି ।

୫—ସୃଷ୍ଟିର ମୂଳ ପଦାର୍ଥ ବା ଈଶ୍ୱର ଆଦି ବିଷୟକ ମତବାଦ ଆର୍ଯ୍ୟର ଧର୍ମ ନୁହେଁ । ଧର୍ମର ଧାରଣା ଆର୍ଯ୍ୟର ଦୃଢ ଓ ସ୍ଥିର । ଧର୍ମ ଧାରଣାର ଇତର ବିଶେଷ ନାହିଁ । ଆଧ୍ୟାତ୍ମିକ ଆର୍ଯ୍ୟର ଧର୍ମ ସନାତନ । ଏହାର ଚିରକାଳ ଈଶ୍ୱର ପରି ଏକ ରୂପ । ଭଗବାନ ଅପୌରୁଷେୟ ବେଦରେ ମନୁଷ୍ୟ ପାଇଁ ଧର୍ମ ତତ୍ତ୍ୱ ରଖି ଦେଇ ଅଛନ୍ତି । ବେଦର କେହି କର୍ତ୍ତା ନାହିଁ । ଈଶ୍ୱର ତାହା ସ୍ମରଣ କରି ଅଛନ୍ତି ମାତ୍ର । ଈଶ୍ୱର ସୃଷ୍ଟିର କାରଣ । ବେଦରେ ସେ ସୃଷ୍ଟିର ନିୟମ ରହିଛି । ଏହି ସୃଷ୍ଟି ନିୟମ ହିଁ ଧର୍ମ । ଈଶ୍ୱର ମଧ୍ୟ ଏହାର ପରିବର୍ତ୍ତନ କରି ପାରିବେ ନାହିଁ । କଲେ ସ୍ଥିର ସୃଷ୍ଟି ନିୟମର ବ୍ୟଭିଚାର ହେବ ।

୬—ଏ ଧର୍ମରୁ ଟିକିଏ ଜାଣିଲେ ମନୁଷ୍ୟ ମହା ଭୟରୁ ତ୍ରାଣ ପାଏ । ବାସ୍ତବିକ ଏ ଜ୍ଞାନ ଥରେ ଆସିଲେ ମନୁଷ୍ୟ ବିଶ୍ୱର ମହା ବ୍ୟାପକତାରେ ବୁଡ଼ିଯିବ । ବେଦ ଆର୍ଯ୍ୟର ଧର୍ମ ଗ୍ରନ୍ଥ । ସୃଷ୍ଟିର ବିଧାତା । ଈଶ୍ୱର ସମସ୍ତ ପଦାର୍ଥକୁ ନିଜ, ନିଜର, ଧର୍ମ ଦେବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ଦେଇ ଅଛନ୍ତି । ଆଦି ପୁରୁଷମାନେ ସେହି ନିର୍ଦ୍ଦିଷ୍ଟ ଧର୍ମ ଓ ସତ୍ୟ ଈଶ୍ୱରଙ୍କଠାରୁ ପାଇ ବେଦ ଋଷିଆରେ ଏହା ଗାନ କରିଯାଇ ଅଛନ୍ତି । ସେହି ହେତୁରୁ ବେଦ ଅପୌରୁଷେୟ ଅର୍ଥାତ୍ କୌଣସି ବ୍ୟକ୍ତି ଦ୍ୱାରା ରଚିତ ବା କଳ୍ପିତ ହୋଇ ନାହିଁ ।

୭—ଆର୍ଯ୍ୟ ଯେ ତାର୍କିକ ନୁହେଁ, ତା ନୁହେଁ । ତାହାର ତାର୍କିକତା ଅନ୍ୟାନ୍ୟ ଶାସ୍ତ୍ରରେ ପ୍ରକଟିତ ହୋଇଅଛି । କିନ୍ତୁ ବେଦ-ବିଶ୍ୱାସରେ ଆର୍ଯ୍ୟର ତର୍କ ନାହିଁ । ଆଧ୍ୟାତ୍ମିକ ଧର୍ମ ଭବରେ ସ୍ଥିର ରହି ଆର୍ଯ୍ୟ ସତ୍ୟର ଅନ୍ୱେଷଣ କରିଅଛି । ଅର୍ଥାତ ସୃଷ୍ଟି ତତ୍ତ୍ୱ ବ୍ୟାଖ୍ୟା କରିଅଛି । ତାହାହିଁ ତାହାର ତାର୍କିକତା, ସେଥିରୁ ହିଁ ଦର୍ଶନ ଶାସ୍ତ୍ରର ଉଦ୍ଭବ, ମତବାଦମାନଙ୍କର ସୃଷ୍ଟି । ଆହୁରି ପୁଣି ଆର୍ଯ୍ୟର ସ୍ଥିର ଧାରଣା ଯେ ଅଖଣ୍ଡ ବ୍ରହ୍ମ ଜ୍ୟୋତିରେ ଆପାମର ଚରାଚର ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ପ୍ରତିଭାତ ହେଉଅଛି । ସେହି ଅନନ୍ତ ଅନ୍ତଃଜ୍ୟୋତି ବ୍ୟତୀତ ବିଶ୍ୱ ଚରାଚରର ସତ୍ତା ନାହିଁ । ବିଧାତା ନିଜର ନିୟମରେ ସର୍ବ ସୃଷ୍ଟିରେ ବ୍ୟାପି ରହି ଅଛନ୍ତି । ତା'

Digitized by PPRACHIN, SOA

ନହେଲେ ସୃଷ୍ଟିସ୍ଥିତି ଅସମ୍ଭବ । ବିଶ୍ୱ ଶୃଙ୍ଖଳା ଅର୍ଥହୀନ ଓ ଜଗତ ଶୂନ୍ୟ ଏହି ବ୍ୟାପକ ଆଧ୍ୟାତ୍ମିକତାରୁ ଆର୍ଯ୍ୟର ଧର୍ମ ଭାବର ଉତ୍ପତ୍ତି ।

।—ବାସ୍ତବରେ ଜଗତ ପରମାତ୍ମ ଶକ୍ତିର ବିକାଶ । ସେଥିରେ ମରେ ବା କିଏ, ମାରେ ବା କିଏ ? ଆର୍ଯ୍ୟର ଧର୍ମ ଧାରଣାରେ ଏ ନୀତି, ଏ ବିଶ୍ୱାସ ସ୍ୱାଭାବିକ । ଅନନ୍ତ, ଜୀବନ୍ତ, ଚିନ୍ମୟ ବିଶ୍ୱତନ୍ତ୍ରରେ ସମସ୍ତେ ନିଜ, ନିଜର ନିର୍ଦ୍ଦିଷ୍ଟ ସ୍ଥାନ ପୂର୍ଣ୍ଣ କରନ୍ତି ମାତ୍ର; ତାହାହିଁ ଧର୍ମ । ସେହି ଧର୍ମରେ ବ୍ରାହ୍ମଣ ଲୋକ ସେବା ପାଇଁ ସନ୍ନ୍ୟାସୀ ହୁଏ । ସେହି ଧର୍ମରେ କ୍ଷତ୍ରୀୟ ଲୋକ ରକ୍ଷାପାଇଁ ଯୁଦ୍ଧ କରେ । ସେହି ଧର୍ମରେ ଅର୍ଜ୍ଜୁନ ଯୁଦ୍ଧ କରିବାକୁ ବାଧ୍ୟ । ଧର୍ମରେ ମନୁଷ୍ୟର ପ୍ରତିବାଦ କରିବାର କିଛି ନାହିଁ । × × × ସବୁବେଳେ ଆର୍ଯ୍ୟ ଅନୁଭବ କରେ— 'ଈଶାବାସ୍ୟମିଦଂ ସର୍ବଂ ଯତ୍ କିଂଚ ଜଗତ୍ୟାଂ ଜଗତ" ଅର୍ଥାତ ଏ ଜଗତରେ ଯାହା କିଛି ଅଛି, ସବୁ ପରମାତ୍ମାଙ୍କ ଦ୍ୱାରା ଆଚ୍ଛାଦିତ ରହିଅଛି । ମନୁଷ୍ୟ, ପଶୁ, ପକ୍ଷୀ, ଚରାଚର ସବୁଥିରେ ସେହି ପରମାତ୍ମା ବିରାଜିତ ରହି ଅଛନ୍ତି । ତେଣୁ ଜଗତର ପ୍ରତ୍ୟେକ କ୍ରିୟା, ତଥା ନିଜର ପ୍ରତ୍ୟେକ ଅଙ୍ଗ ଚାଳନାରେ ସେଇ ପରମାତ୍ମାଙ୍କୁ ବିଧାତା ଜ୍ଞାନରେ ଦେଖୁଅଛି । ତାହାର ଦୈନନ୍ଦିନ କାର୍ଯ୍ୟ ଅନୁସନ୍ଧାନ କଲେ ମଧ୍ୟ ତାହାହିଁ ଦେଖାଯାଏ । × × × ଈଶ୍ୱର ଭାବ ଛାଡ଼ି ସେ କୌଣସି କାର୍ଯ୍ୟ କରେ ନାହିଁ । ଜୀବନର ପ୍ରତି କାର୍ଯ୍ୟ ପ୍ରତ୍ୟେକ ନିଃଶ୍ୱାସରେ ସେ ଈଶ୍ୱର ସତ୍ତା, ପରମାତ୍ମାଙ୍କ ନିତ୍ୟ ଅସ୍ତିତ୍ୱ ଅନୁଭବ କରୁଅଛି, ଯାହାର ଜୀବନ ପ୍ରତି କ୍ଷଣରେ ଈଶ୍ୱର ଭାବମୟ ତାହାର ବନ୍ଧାଗତରେ ଈଶ୍ୱର ସ୍ମରଣ ବା ଉପାସନାର କି ଆବଶ୍ୟକ ? ତାହାର ଧାରଣା ଈଶ୍ୱର ସର୍ବବ୍ୟାପୀ, ତାଙ୍କର ସ୍ଥାନ, କାଳ, ନାମ, ରୂପ ନାହିଁ । ସମସ୍ତ ସ୍ଥାନ, କାଳ, ନାମ, ରୂପ ତାଙ୍କରି ଆଦର୍ଶରେ ବର୍ତ୍ତମାନ, ତାଙ୍କର ବ୍ରହ୍ମ ଜ୍ୟୋତିରେ ପୂର୍ଣ୍ଣ । କୌଣସି ଠାରେ ଭେଦ କରିବା ପାପ ।

"ଯଃ ସର୍ବଜ୍ଞଃ ସର୍ବବିତ
ଯସ୍ୟଜ୍ଞାନମୟଂ ତପଃ
ତସ୍ମାଦେତଦ୍ ବ୍ରହ୍ମନାମ,
ରୂପ ମନ୍ନଂ ଚ ଜାୟତେ"

ଅର୍ଥାତ୍ ଯେ ସବୁ ଜାଣନ୍ତି ସବୁ ଅନୁଭବ କରନ୍ତି । ଯାହାଙ୍କର କ୍ରିୟା ଜ୍ଞାନମୟ, ଏ ସବୁ ବ୍ରହ୍ମ ନାମର ରୂପାଦି ତାଙ୍କରି ଠାରୁ ଜାତ । ସବୁ ତାଙ୍କରି

Digitized by PPRACHIN, SOA

ସ୍ୱରୂପରେ ପୂର୍ଣ୍ଣ । ରଥୀ ଯେପରି ସାରଥୀ ଅଶ୍ୱ ପ୍ରଭୃତିର ସଂଯମ ଦ୍ୱାରା ପ୍ରକୃତ ପନ୍ଥାରେ ଗନ୍ତବ୍ୟ ସ୍ଥାନକୁ ଯାଏ, ସେହିପରି ଧର୍ମାଚରଣରେ "ଆତ୍ମାନଂ, ରଥିନଂ ବିଦ୍ଧି ।" ସେହିପରି ଧର୍ମାଚରଣରେ ଆତ୍ମାକୁ ରଥି ବୋଲି ଜାଣ । ଶରୀରଟି ରଥ ପରି, ବୁଦ୍ଧି ତହିଁରେ ସାରଥି । ଚକ୍ଷୁ, କର୍ଣ୍ଣ ଆଦି ଇନ୍ଦ୍ରିୟମାନେ ଅଶ୍ୱ, ମନ ପଘା, ଇନ୍ଦ୍ରିୟ ଗ୍ରାହ୍ୟ, ବା ଭୋଗ୍ୟ ବସ୍ତୁ (ବିଷୟ ମାନେ) ମାର୍ଗ । ଏହିପରି ଶରୀର ମନୋଯୁକ୍ତ ଯେ ଆତ୍ମା, ସେ ଭୋକ୍ତା, ଅର୍ଥାତ୍ ସୁଖ, ଦୁଃଖାଦି ଫଳର ଅଧିକାରୀ, ସେ ସବୁକୁ ସଂଯତ କରି ମୋକ୍ଷ ବା ଆତ୍ମଲାଭ କରିବାକୁ ହେବ । ଏ କଥା ଜ୍ଞାନୀମାନେ କହନ୍ତି ।

୯—ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ବାହାରି ଜୀବନକୁ ଜଗତରେ ମିଶାଇ ଦେବା ଆର୍ଯ୍ୟର ଚିର ଲକ୍ଷ୍ୟ । ଅନନ୍ତ କର୍ତ୍ତବ୍ୟ ମଧ୍ୟରେ ସେଥିପାଇଁ ସେ ଆତ୍ମୋତ୍ସର୍ଗ କରେ । ଏହି ସାଧନାରେ ତାହାର ଆତ୍ମ ପ୍ରସାଦ ଏତେ ଦୃଢ଼ ଯେ ସେ ଚରାଚର ସର୍ବତ୍ର ନିଜ ପରି ଦେଖେ, ଜୀବ, ପାଷାଣ, ଜଡ଼, ଚେତନ, ସର୍ବତ୍ର ନିଜ ପରି ଆତ୍ମା ଦେଖି ଅନନ୍ତ ପ୍ରେମରେ ପ୍ରାଣ ଭସାଇ ଦିଏ । ଜଗତରେ ଯେଉଁ ବିଶ୍ୱ ଆତ୍ମାର ଉଦ୍ଭବ ଦେଖେ ନିଜେ ସେହି ଆତ୍ମା ବୋଲି ଅନୁଭବ କରି ଆର୍ଯ୍ୟ କହେ— ସୋଽହଂ । ଏହି ଆତ୍ମପ୍ରସାଦ ତାହାର ସାଧନ, ଏବଂ ଏହି ଅନନ୍ୟ-ସାଧାରଣର ଆତ୍ମୋତ୍ସର୍ଗ ହିଁ ତାହାର ଆଦର୍ଶ । ଅନନ୍ତ କର୍ତ୍ତବ୍ୟ ଲୀଳା ମଧ୍ୟରେ ନିଜର ମହୀୟ ବିଶ୍ୱ ବ୍ୟକ୍ତିତ୍ୱ ଅନୁଭବ କରିବା ହିଁ ତାହାର ଜୀବନ । ସେଥିପାଇଁ ଭଗବତ୍ ଗୀତାରେ କୁହା ଯାଇଛି—

"ବିଦ୍ୟାବିନୟସଂପନ୍ନେ
ବ୍ରାହ୍ମଣେ ଗବି ହସ୍ତିନି
ଶୁନିଚୈବ ଶ୍ୱ ପାକେଚ
ପଣ୍ଡିତାଃ ସମଦର୍ଶିନଃ"

ଅର୍ଥାତ୍ ବିଦ୍ୟାବିନୟ ସଂପନ୍ନ ଲୋକ ବ୍ରାହ୍ମଣ, ଗୋରୁ, ହାତୀ, କୁକୁର ଚଣ୍ଡାଳ, ସବୁଠାରେ ପଣ୍ଡିତ ସମ ଜ୍ଞାନ କରେ । ଏହି ସମଜ୍ଞାନ ହିଁ ସାଧନାରେ ସିଦ୍ଧି । ଏହି ସମ ଜ୍ଞାନ ଆସିଲେ ମୁକ୍ତି ହୁଏ । ଏହି ସମଜ୍ଞାନ ଆସିବା ପାଇଁ କର୍ମ

Digitized by PPRACHIN, SOA

ଜ୍ଞାନ, ଭକ୍ତି ପ୍ରଭୃତି ନାନା ସାଧନା । ଏହି ସମଜ୍ଞାନ ହିଁ ବିଶ୍ୱତନ୍ତ୍ର ସମ୍ବନ୍ଧରେ ଯଥାର୍ଥ ଜ୍ଞାନର ଫଳ । ଏହାକୁ ହିଁ ଆର୍ଯ୍ୟମାନେ ଆତ୍ମଜ୍ଞାନ କହି ଅଛନ୍ତି ।"

## ଆର୍ଯ୍ୟ ସଭ୍ୟତାରେ ବିଜାତୀୟ ପ୍ରଭାବ—

ଆର୍ଯ୍ୟ ଜୀବନ ପରିଶିଷ୍ଟରେ ସେ ଯାହା ଉଲ୍ଲେଖ କରିଅଛନ୍ତି, ତାହା ତାଙ୍କର ବିଗଟ ଐତିହ୍ୟବୋଧ, ତୀକ୍ଷ୍ଣ ବୁଦ୍ଧିମତ୍ତା ଓ ଅସାମାନ୍ୟ ପାଣ୍ଡିତ୍ୟର ପରକାଷ୍ଠା । କିନ୍ତୁ ଦୁଃଖର କଥା ମୁଦ୍ରିତ ପୁସ୍ତକରେ ଏହାର ଲେଶ ମାତ୍ର ଆଭାସ ନାହିଁ । ଏହାର କାରଣ ଆମ୍ଭ ପକ୍ଷରେ ବୁଝିବା ଦୁଃସାଧ୍ୟ । ଏଥିର ବିଷୟବସ୍ତୁ ହେଉଛି ବିଜାତୀୟ ପ୍ରଭାବ ଓ ତାହାର ଫଳ । ଏଥିରୁ ତାଙ୍କର ଇତିହାସ ଅଧ୍ୟୟନରେ କିପରି ବ୍ୟାପକ ଅନୁସନ୍ଧାନ ଏବଂ ଗବେଷଣା ତତ୍ପରତା ଥିଲା—ତାହା ସହଜରେ ଅନୁମେୟ । ସେ ପ୍ରଥମତଃ ଉଲ୍ଲେଖ କରି ଅଛନ୍ତି– ପ୍ରବଳ ପ୍ରତାପୀ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ଯେତେବେଳେ ନାନା କୂଟନୀତି ପ୍ରୟୋଗ କରି ଆର୍ଯ୍ୟମାନଙ୍କୁ ପଞ୍ଜାବରେ ପରାସ୍ତ କଲେ, ସେତେବେଳେ ଆର୍ଯ୍ୟ ଗ୍ରୀକ୍‌ମାନଙ୍କର ଯୁଦ୍ଧରେ କୂଟନୈତିକତାକୁ ଅବଲମ୍ବନ କରି ନଥିଲେ । ସେ ଏଥିରେ ଧର୍ମ ଯୁଦ୍ଧର ଆଶ୍ରୟ ନେଇଥିଲେ । ବର୍ତ୍ତମାନ ଐତିହାସିକମାନଙ୍କ ଅନୁସନ୍ଧାନରୁ ଯାହା ବୁଝିଅଛୁ ଉତ୍ତର ଦେଶ ଆର୍ଯ୍ୟମାନଙ୍କର ଆଦିମ ଅଧିବାସୀ ସ୍ଥାନ ଥିଲା । ବେଦରେ ଯେଉଁ ସବୁ ମନ୍ତ୍ର ଅଛି ସେଥିରୁ ସମୟେ ସମୟେ ଆର୍ଯ୍ୟମାନଙ୍କର ଗୌରବ ବାସର ଶ୍ରୁତି ପ୍ରମାଣିତ ହୁଏ । ଋକ୍ ବେଦରେ ଉଷାର ଯେଉଁ ଉପାସନା କରା ଯାଉଅଛି, ସେଥିରୁ ଏହା ଅନୁମାନ କରିବା ଅସଙ୍ଗତ ନୁହେଁ । ସୂର୍ଯ୍ୟ ଉଷାର ଉପାସନା କରୁ ଅଛନ୍ତି । ସୂର୍ଯ୍ୟ ଦେବଙ୍କୁ ଦେଖାଇ ଦେବା ନିମନ୍ତେ ପ୍ରାର୍ଥନା କରୁଅଛନ୍ତି, ତଥାପି ଉଷା ସୂର୍ଯ୍ୟ ଦେବଙ୍କୁ ବାହାର କରୁ ନାହାନ୍ତି । ମୈରବ ପ୍ରବେଶ ଛଡ଼ା ଅନ୍ୟତ୍ର ଏ ଘଟଣା ସମ୍ଭବ କି ? ଶ୍ରାଦ୍ଧ ଓ ହୋମ୍ ପୂଜା ଆଦି ଅନୁଷ୍ଠାନମାନଙ୍କରେ ଆଜି ଆମ୍ଭେମାନେ ଦିନରେ ଦୀପ ଜାଳୁ । ଏହି ବିଧାନକୁ ମଧ୍ୟ ମୈରବ ବାସର ଶ୍ରୁତି ବୋଲି କୁହା ଯାଇପାରେ । ଅବଶ୍ୟ ବୈଦେଶିକ ଜାତିମାନେ ଭରତକୁ ଆକ୍ରମଣ କରି ଏହା ଉପରେ ଅଖଣ୍ଡ ପ୍ରଭାବ ବିସ୍ତାର କରି ଏହାର ସଂସ୍କୃତି ଓ ସଭ୍ୟତାରେ ଘୋର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଅଛନ୍ତି । କବିବର Matnew Arnold ଯଥାର୍ଥରେ ଅଛନ୍ତି—

Digitized by PPRACHIN, SOA

The cast bowed Low
before the blart
in patient, deep disdain.
She let the legions'
thunder past.
And plunged inthought again.

ଅର୍ଥାତ୍ ପ୍ରାଚ୍ୟ ଭୂମି (ଭାରତ) ଗ୍ରୀକ୍‌ମାନଙ୍କର ଜୟ ବା ତା' ନିକଟରେ ବିରାଗର ସହିତ ନତ ହୋଇଥିଲା ଏବଂ ବିଜୟର ବାତ୍ୟା ବହିଗଲା ପରେ ପୁନର୍ବାର ନିଜର ସ୍ୱାଭାବିକ ଆତ୍ମ ଚିନ୍ତାରେ ନିମଗ୍ନ ରହିଲା ।ପ୍ରସିଦ୍ଧ ଐତିହାସିକ Vincent Smi h ମଧ୍ୟ ଆର୍ଯ୍ୟ ସଭ୍ୟତା ଉପରେ ଗ୍ରୀକ ବିଜୟର ପ୍ରଭାବ ଘେନି ଲେଖି ଅଛନ୍ତି "ଭାରତ ଅପରିବର୍ତ୍ତିତ ରହିଲା, ଯୁଦ୍ଧରେ କ୍ଷତ ସବୁ ଶୀଘ୍ର ଲୁଚିଗଲା, ଧୈର୍ଯ୍ୟଶାଳୀ ଗୋ ମହୀଷାଦି ଓ କୃଷକମାନେ ନିଜ, ନିଜର ଆପାତ ବ୍ୟାହତ— କୃଷି କର୍ମରେ ଲାଗିଗଲେ, ଏବଂ ବିଧ୍ୱସ୍ତ କ୍ଷେତ୍ର ସବୁ ପୁନର୍ବାର ଶସ୍ୟ ପୂର୍ଣ୍ଣ ହେଲା । ଯେଉଁଠାରେ ଶତ ଶତ ଲୋକର ରକ୍ତ ନଦୀ ବହିଥିଲା । ସେ ସବୁ ସ୍ଥାନ ପୁଣି ସମୃଦ୍ଧିଶାଳୀ ଲୋକାଧିବାସରେ ପୂର୍ଣ୍ଣ ହେଲା । ଭାରତ ଗ୍ରୀକ୍ ସଭ୍ୟତାରେ ପ୍ରଭାବାନ୍ୱିତ ହେଲା ନାହିଁ । ଭାରତ ନିଜର ଚିରନ୍ତନ ବୈଚିତ୍ର୍ୟମୟ ଏକାକୀ ଜୀବନକୁ ଫେରି ଆସିଲା ଏବଂ ଅଳ୍ପଦିନ ମଧ୍ୟରେ ଗ୍ରୀକ୍ ବାତ୍ୟା ବିସ୍ମୃତ ହେଲା । ମାତ୍ର ମୁସଲମାନମାନେ ଅନେକ କାଳ ପର୍ଯ୍ୟନ୍ତ ଏ ଦେଶରେ ରାଜତ୍ୱ କରି ହିନ୍ଦୁମାନଙ୍କ ଉପରେ ପ୍ରଚଣ୍ଡ ପ୍ରଭାବ ବିସ୍ତାର କରିଥିଲେ । ଏହି ମହମ୍ମଦୀୟ ପ୍ରଭାବରେ ଆର୍ଯ୍ୟମାନେ କେତେକାଂଶରେ ବଶୀଭୂତ ହୋଇଥିଲେ । ରାଜପୁତ୍ ପରି ବୀର ଜାତି ମଧ୍ୟ ମୋଗଲ ସମ୍ରାଟ ଆକବରଙ୍କର ଅଧୀନତା ସ୍ୱୀକାର କରିଥିଲା । ମୋଗଲମାନଙ୍କ ସହ ବୈବାହିକ ସମ୍ବନ୍ଧ ସ୍ଥାପନ କରି ଦିନେ ନିଜକୁ ସୁଦ୍ଧା ପତିତ ମଣୁ ନଥିଲା । କିନ୍ତୁ ଏ ସମସ୍ତ ସତ୍ତ୍ୱେ ଆଶଙ୍କାର ଅନୁରୂପ କୁଫଳ ଫଳି ନାହିଁ । ପ୍ରକୃତ ଆଲୋଚନା କରି ଦେଖିଲେ ଦେଖାଯିବ ବରଂ ମହମ୍ମଦୀୟ ପ୍ରଭାବ ଫଳରେ ମ୍ରିୟମାଣ ଆର୍ଯ୍ୟର ମୌଳିକ ଜୀବନ କେତେ ପରିମାଣରେ ଶ୍ରୀ ବୃଦ୍ଧି ଲାଭ କରିଅଛି ଜୀବନ ସଂଗ୍ରାମର ଘୋର ପ୍ରତିଦ୍ୱନ୍ଦିତାରେ ଆର୍ଯ୍ୟ ସଙ୍କୁଚିତ ହେଲେ ହେଁ ନିଜର ସ୍ୱାତନ୍ତ୍ର୍ୟ ଦୃଢ ରଖିଅଛି । ଏବଂ ସେହି ଦୃଢ଼ତାରେ ଏତେଦିନ ସେ ଜୀବିତ ଅଛି ।

**ନାନା ପ୍ରତିଘାତ ସତ୍ତ୍ୱେ ଆର୍ଯ୍ୟ ସଭ୍ୟତା ଏବେ ବି ଦଣ୍ଡାୟମାନ —**

ଆର୍ଯ୍ୟ ଏହିପରି ଭାବରେ ପ୍ରବଳ ପ୍ରତିଘାତ ପ୍ରତିଦ୍ୱନ୍ଦିତା ସତ୍ତ୍ୱେ ଜୀବନ ସଂଗ୍ରାମରେ ବ୍ୟାପୃତ ରହି ପୁଣି ସ୍ୱତେଜ, ବୀର୍ଯ୍ୟରେ, ଆଜି ପର୍ଯ୍ୟନ୍ତ ଦଣ୍ଡାୟମାନ

Digitized by PPRACHIN, SOA

ହୋଇ ରହିଅଛି । ଯେତେବେଳେ ମୋଗଲମାନେ ବୀର ଜାତି ରାଜପୁତ୍‌ଙ୍କୁ ଅଧୀନ କଲେ, ସେତିକିବେଳେ ଆର୍ଯ୍ୟ ଜାତିର ଅଧଃପତନ ହେବାର ଯଥେଷ୍ଟ ସମ୍ଭାବନା ଥିଲା । କିନ୍ତୁ ତାଙ୍କରି ଭାଷାରେ ସେ ପତନ ହୋଇ ନାହିଁ । ଏ ଭୀରୁତା ସ୍ୱାଭାବିକ ବିକାଶରେ ସଙ୍ଗେ ସଙ୍ଗେ ରାମାନନ୍ଦ, କବୀର, ନାନକ, ଚୈତନ୍ୟ ପ୍ରଭୃତି ଆର୍ଯ୍ୟ ମନୀଷୀମାନଙ୍କୁ ସୃଷ୍ଟି କଲା । ସେମାନେ ନାନା ଭାବରେ ବୌଦ୍ଧ ପ୍ରଭାବ ସମ୍ବଳିତ ବେଦାନ୍ତ ଧର୍ମର ପ୍ରଚାର କଲେ । 'ଏବଂ ସଂକୋଚର ସମନ୍ୱୟ ଜାତୀୟ ଉଦାରତାରେ ପରିଣତ ହେଲା । ସେମାନେ ଜାତି ଧର୍ମ ନିର୍ବିଶେଷରେ ଶିଷ୍ୟ ଗ୍ରହଣ କଲେ, ଫଳରେ ସମସ୍ତ ସମନ୍ୱୟ ମଧ୍ୟରେ ଆର୍ଯ୍ୟର ବୈଦିକ ସନାତନ ମେରୁଦଣ୍ଡ ପ୍ରତିଷ୍ଠା ଲଭିଲା ।''

ବୈଦେଶିକ ପ୍ରଭାବର ତୃତୀୟ ଯୁଗ ହେଲା ୟୁରୋପୀୟ ସଭ୍ୟତାର ଯୁଗ । ଏ ଯୁଗରେ ଇଂରେଜମାନଙ୍କର ଚାକଚକ୍ୟରେ ଆର୍ଯ୍ୟ ସନ୍ତାନ ବିଭ୍ରାନ୍ତ ହୋଇ ପଡ଼ିଲେ, ଅନ୍ଧ ଅନୁକରଣର ଆତ୍ମଗ୍ଳାନି ଜାତ ହେଲା । କିନ୍ତୁ ଏ ଯୁଗରେ ମଧ୍ୟ ମହର୍ଷି ଦୟାନନ୍ଦ ସରସ୍ୱତୀ ଓ ରାମମୋହନ ରାୟଙ୍କ ପରି ସଂସ୍କାରକମାନେ ଆର୍ଯ୍ୟ ଜୀବନକୁ ସ୍ଥିର ଓ ଦୃଢ଼ କରି ରଖିବାକୁ ଚେଷ୍ଟା କରି ଅଛନ୍ତି । ଶ୍ରୀ ଶାନ୍ତି ରଞ୍ଜନ ବନ୍ଦୋପାଧ୍ୟାୟ ତାଙ୍କର 'ଆଧୁନିକ ଭାରତୀୟ ସାହିତ୍ୟ' ଗ୍ରନ୍ଥରେ ଉଲ୍ଲେଖ କରି ଅଛନ୍ତି ।

''ଶ୍ରୀ ନୀଳକଣ୍ଠ ଦାଶ ଓ ଗୋଦାବରୀଶ ମିଶ୍ର ଦୁଇ ଘନିଷ୍ଠ ସହକର୍ମୀ, ଓ ସମକର୍ମୀ ମଧ୍ୟ । ନୀଳକଣ୍ଠ ବିଦଗ୍ଧ ପଣ୍ଡିତ, କବି ଓ ସମାଲୋଚକ । ଶବ୍ଦ ଯୋଜନା, ଛାନ୍ଦ ବୈଚିତ୍ର୍ୟ ଓ ଉପମାର ଅଭିନବତ୍ୱ ଦିଗରୁ ଏହାଙ୍କର ''କୋଣାର୍କେ'' ଓ ''ପ୍ରଣୟିନୀ'' କାବ୍ୟର ନାମ ବିଶେଷ ଉଲ୍ଲେଖଯୋଗ୍ୟ । ତଦାନୀନ୍ତନ କାଳରେ ନବଭାରତ ସର୍ବଶ୍ରେଷ୍ଠ ସାହିତ୍ୟ ପତ୍ରିକାର ମର୍ଯ୍ୟାଦା ପାଇଥିଲା । ନୀଳକଣ୍ଠଙ୍କର 'ଆର୍ଯ୍ୟ ଜୀବନ' ଓ 'ଭଗବତ୍ ଗୀତା' ଭାରତୀୟ ସଂସ୍କୃତି ଓ ସଭ୍ୟତା ସମ୍ପର୍କରେ ଓଡ଼ିଆ ଭାଷାର ମୌଳିକ ଗବେଷଣା ମୂଳକ ଗ୍ରନ୍ଥ ଭାବରେ ସମାଦୃତ ।''

ଆର୍ଯ୍ୟ ଜୀବନର ଗତି ଓ ସ୍ଥିତି ସମ୍ପର୍କରେ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ଆର୍ଯ୍ୟମାନଙ୍କର ସଭ୍ୟତାର ଚରମ ଅବସ୍ଥାରେ ରାଜାମାନେ କିପରି ରାଜ୍ୟ ଶାସନ କରୁଥିଲେ ତାହାର ନିଦର୍ଶନ ଆମ୍ଭେମାନେ କାଳିଦାସଙ୍କ

Digitized by PPRACHIN, SOA

ରଘୁବଂଶରେ ବର୍ଣ୍ଣିତ ଥିବାର ଦେଖୁ ସେଥିରେ ରଘୁଙ୍କ ରାଜ୍ୟ ଶାସନ ସମ୍ପର୍କରେ କବି କାଳିଦାସ ଉଲ୍ଲେଖ କରି ଅଛନ୍ତି ।

" ପ୍ରଜାନାଂ ବିନୟାଧ୍ୟାନଦ୍ ରକ୍ଷଣାତ୍
ଭରଣା ଦପି
ସ ପିତା, ପିତରଂ ସ୍ତୁଷଂାର କେବଳଂ
ଜନ୍ମ ହେତୁତଃ ।"

ଅର୍ଥାତ୍ ପ୍ରଜାମାନଙ୍କର ଶିକ୍ଷା ବିଧାନ ଠାରୁ ସେମାନଙ୍କର ରକ୍ଷଣ ଓ ପ୍ରତିପୋଷଣର ସଂପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିଲେ ନିଜେ ରାଜା । ପ୍ରଜାମାନଙ୍କର ପିତାମାନେ କେବଳ ସନ୍ତାନମାନଙ୍କର ଜନକ ଥିଲେ । ମଲ୍ଲୀନାଥ ତାଙ୍କ ଟୀକାରେ ଲେଖିଛନ୍ତି "ସ ରାଜା ପିତାଭୂତ୍" ପିତାମାନେ କେବଳ ସନ୍ତାନ ଉତ୍ପାଦନ କରିଥିଲେ । ଏଥିରୁ ସେହିକାଳର ରାଜାମାନଙ୍କର ପ୍ରଜା ବତ୍ସଳ ବୃତ୍ତର ସୂଚନା ମିଳେ । ଆଜି ଅବଶ୍ୟ ସେ ରାଜା ନାହାନ୍ତି । ମଧ୍ୟ ଯୁଗରେ ରାଜାମାନେ ଅତ୍ୟନ୍ତ ଅତ୍ୟାଚାରୀ ଉତ୍ପୀଡକ ହୋଇ ଥିଲେ । ସେମାନଙ୍କ ଭୟରେ ପ୍ରଜାମାନେ ତ୍ରାହି ତ୍ରାହି ଡ଼ାକ ପକାଉ ଥିଲେ । ଏ ଥିଲା କେବଳ ବୈଦେଶିକ ଅତ୍ୟାଚାରୀ ରାଜାମାନଙ୍କର ଆର୍ଯଜୀବନ ଉପରେ ସ୍ପଷ୍ଟ ପ୍ରଭାବ ! ବର୍ତ୍ତମାନ ଗଣତନ୍ତ୍ର ଶାସନ ପ୍ରଚଳିତ ଅଛି ଏବଂ ତାର ଭବିଷ୍ୟତ କ'ଣ ହେବ ତାହା କେହି ଆଜି ଠାରୁ କଳ୍ପନା କରି ପାରିବେ ନାହିଁ । ଆର୍ଯ୍ୟ ଜୀବନର ଏଇ ଯେଉଁ ବିଶିଷ୍ଟ ଧାରା, ତାହା ଏବେ ସୁଦ୍ଧା ଭାରତର ସ୍ଥାନେ ସ୍ଥାନେ ପ୍ରତିଷ୍ଠିତ ଗୁରୁକୂଳ ଆଶ୍ରମରେ ଦେଖିବାକୁ ମିଳେ । ଆର୍ଯ ଜୀବନର ବୈଶିଷ୍ଟ୍ୟ ରକ୍ଷା କରିବା ନିମନ୍ତେ ସତ୍ୟବାଦୀ ବନ ବିଦ୍ୟାଳୟରେ ଗୋପବନ୍ଧୁ ନୀଳକଣ୍ଠ ପ୍ରଭୃତି କିପରି ସେହି ଆର୍ଯଙ୍କର ସଂସ୍କୃତିର ପ୍ରଭାବ ଅବ୍ୟାହତ ରଖିଥିଲେ, ତାହାର କେତେକ ଉଦାହରଣ "ନୀଳକଣ୍ଠଙ୍କର ବହୁତାମାଳା" ପରିଚ୍ଛେଦର ଜଣାପଡ଼ିବ ।

## "ଆର୍ଯ୍ୟ ଜୀବନ" ଲେଖିବାର ଉଦ୍ଦେଶ୍ୟ—

ବର୍ତ୍ତମାନ ପ୍ରଶ୍ନ ଉଠେ ନୀଳକଣ୍ଠ କେବଳ ପ୍ରତିଭା, ପାଣ୍ଡିତ୍ୟ ଓ ଲୌକିକ ମନୀଷାର ପରିଚାୟକ ସ୍ୱରୂପ 'ଆର୍ଯଜୀବନ' ପ୍ରବନ୍ଧଟି ସତ୍ୟବାଦୀରେ ଲେଖିଥିଲେ ନା, ସତ୍ୟବାଦୀ ସ୍କୁଲର ପରିଚାଳକ ରୂପେ ଛାତ୍ରମାନଙ୍କୁ ଏଥିରେ ପ୍ରଭାବାନ୍ୱିତ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ବାସ୍ତବିକ ସତ୍ୟବାଦୀ ବିଦ୍ୟାଳୟର ୧୦ବର୍ଷର

Digitized by PPRACHIN, SOA

ଇତିହାସ ଅନୁଶୀଳନ କଲେ ଜଣାପଡେ, ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ଆର୍ଯ୍ୟ ଜୀବନର ମହତ୍ତ୍ୱ ଓ ଗୌରବରେ ଦୀକ୍ଷିତ କରିବା ନିମନ୍ତେ ଏହି ପ୍ରବନ୍ଧ ନୀଳକଣ୍ଠ ଆରମ୍ଭ କରିଥିଲେ । ଛାତ୍ରଙ୍କ ପ୍ରାଣରେ ସୋଽହଂ ଭାବ ଅନୁପ୍ରାଣିତ କରି ସେମାନଙ୍କ ମନରେ ବିଶ୍ୱଜନୀନ ଭାବର ଉଦ୍ରେକ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । କାରଣ ଗୋପବନ୍ଧୁ ସତ୍ୟବାଦୀରେ ପ୍ରଥମ ଖଣ୍ଡ ପ୍ରଥମ ସଂଖ୍ୟାରେ "ଆଦର୍ଶ ଓ ଆକାଂକ୍ଷା" ଆଲୋଚନା ସ୍ତମ୍ଭରେ ସ୍ପଷ୍ଟ ଭାଷାରେ ଘୋଷଣା କରି ଅଛନ୍ତି । 'ଦେଶାନୁରାଗ ବିଶ୍ୱ ପ୍ରୀତିର ବିରୋଧୀ ନୁହେଁ । ବରଂ ପ୍ରୀତି ବିହୀନ ପ୍ରାଣରେ ଜାତୀୟତା ଏବଂ ସ୍ୱ-ଦେଶ ବାତ୍ସଲ୍ୟ ଅସମ୍ଭବ । କାରଣ ପୂର୍ବପୁରୁଷ-ମାନଙ୍କର ପଥ ଆମ୍ଭମାନଙ୍କର ଅନୁସରଣୀୟ ।"

ପୁଣି ସେଇ ସଂଖ୍ୟାରେ ଯେଉଁ 'ଗୁରୁକୁଳ' ଶୀର୍ଷକ ପ୍ରବନ୍ଧଟି ପ୍ରକାଶ ପାଇଥିଲା, ସେଥିରେ ଉଲ୍ଲେଖ ଥିଲା, "ଭାରତରେ ପାଶ୍ଚାତ୍ୟ ଅନୁଷ୍ଠାନମାନଙ୍କର ଅନୁକରଣ କରା ଯାଉଅଛି । କିନ୍ତୁ ଏ ଅନୁକରଣରେ କଦାପି ଭାରତର ମୁକ୍ତି ହେବ ନାହିଁ । ଭାରତ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କଠାରୁ ପୃଥକ୍ । ବର୍ତ୍ତମାନ କେବଳ ଅନୁକରଣ କରି ସେହି ଅନ୍ୟାନ୍ୟ ଦେଶମାନଙ୍କ ସଙ୍ଗେ ମିଶିଯିବା ଭାରତ ପକ୍ଷରେ ସହଜ ହୋଇପାରେ । କିନ୍ତୁ ତାହା ହେଲେ ଭାରତର ସେ ମହତ୍ତ୍ୱ, ସେ ବିଶେଷତ୍ତ୍ୱ ବହୁ ଯୁଗ ବ୍ୟାପୀ ସେ ସରସତା, କ୍ରିୟା କଳାପରେ, ଜୀବନ ନୀତିରେ ଅନ୍ୟାନ୍ୟ ଦେଶମାନଙ୍କଠାରୁ ଭିନ୍ନ ଥାଇ ସୁଦ୍ଧା ଅବଶେଷରେ ସେହି ଦେଶମାନଙ୍କର ଆଦର୍ଶ ନିଜର ସଭ୍ୟତା ମଧ୍ୟରୁ ଉଦ୍‌ଘାଟିତ କରିବାର ଭାରତର ଯେ ପୁଣ୍ୟ ଅଧିକାର, ତାହା ଆଉ ବେଶିଦିନ ରହିବ ନାହିଁ । ନାନା ଆପଦ ବିପଦରେ ବାରମ୍ବାର ବିଜାତୀୟମାନଙ୍କର ଆକ୍ରମଣ ମଧ୍ୟରେ ଭାରତ ଏତେ କାଳ ନିଜର ଯେଉଁ ଆଦର୍ଶ ଓ ଜଗତର ଶିକ୍ଷଣୀୟ, ବ୍ୟକ୍ତିତ୍ତ୍ୱ ଅକ୍ଷୁର୍ଣ୍ଣ ରଖିଅଛି; ତାହା ଲୋପ ପାଇଯିବ । ଏଥିପାଇଁ ବର୍ତ୍ତମାନ ଭାରତବାସୀର କର୍ତ୍ତବ୍ୟ – ସେହି ପ୍ରାଚୀନ ଶିକ୍ଷା ପ୍ରଣାଳୀ ପୁଣି ଯେପରି ଦେଶରେ ଚଳେ, ସେ ବିଷୟରେ ଯତ୍ନବାନ ହେବା ।

ଏହି ସବୁ ବକ୍ତୃତା ଓ ପ୍ରବନ୍ଧର ଉଦ୍ଦେଶ୍ୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାର ସମନ୍ୱୟ ବିଧାନ କରି, ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନଙ୍କୁ ଆର୍ଯ୍ୟ ଜୀବନର ଗୌରବ ଓ ଗରିମାରେ ଅନୁପ୍ରାଣିତ କରି, ସେମାନଙ୍କର ଜୀବନକୁ ସଂସ୍କୃତି ସମ୍ପନ୍ନ ଓ ମହୀୟାନ କରିବା । ଅବଶ୍ୟ 'ସତ୍ୟବାଦୀ'ର ସତ୍ୟବାଦୀ ବନବିଦ୍ୟାଳୟ ସହିତ ସେପରି ବିଶେଷ ସମ୍ପର୍କ ନଥିଲା କିନ୍ତୁ ସତ୍ୟବାଦୀ ବନବିଦ୍ୟାଳୟ

Digitized by PPRACHIN, SOA

ଶିକ୍ଷକମାନେ ଆର୍ଯ୍ୟମାନଙ୍କର ଆଦର୍ଶରେ ଉଦ୍‌ବୁଦ୍ଧ ଥିଲେ ଓ ବିଦ୍ୟାଳୟ ଛାତ୍ରମାନଙ୍କୁ ଯେଉଁ ଆଦେଶ, ଉପଦେଶ ପ୍ରଭୃତି ଦେଉଥିଲେ ସେଥିରେ ସତ୍ୟବାଦୀର ଛାତ୍ରମାନେ ବିଶେଷ ଭାବରେ ଉଦ୍‌ବୁଦ୍ଧ ହେଉଥିଲେ ।

## ସତ୍ୟବାଦୀ ବନବିଦ୍ୟାଳୟରେ ନୀଳକଣ୍ଠଙ୍କର ବକ୍ତୃତାମାଳା

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ବୈଶିଷ୍ଟ୍ୟ ଥିଲା ଏହାର ବକ୍ତୃତା ମାଳା । ପ୍ରତ୍ୟେକ ଶନିବାର ଦିନ ସନ୍ଧ୍ୟାବେଳେ ଭୋଜନାଗାରରେ ଯେଉଁ ବିରାଟ ଛାତ୍ର ସମାବେଶ ହୁଏ, ସେଥିରେ କେବଳ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ଅତି ଉଚ୍ଚ ଦରର ଶିକ୍ଷଣୀୟ ବକ୍ତୃତା ମୁହେଁ, ମହେଁ କହି ଯାଆନ୍ତି ନାହିଁ, ଛାତ୍ରମାନଙ୍କୁ କର୍ମ ତତ୍ପର କରିବା ନିମନ୍ତେ କଟକ, ଗଞ୍ଜାମ, ପୁରୀ ଓ ବାଲେଶ୍ୱରର ବହୁ ଖ୍ୟାତି ସମ୍ପନ୍ନ ବକ୍ତା ନିମନ୍ତ୍ରିତ ହୋଇ ଆସି ବକ୍ତୃତା ଦିଅନ୍ତି । ଏମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ମଧୁସୂଦନ ଦାସ ଅନ୍ୟତମ । ସେ ୧୯୧୩ ମସିହାରେ ପୁରୀରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ସଭାପତି ହିସାବରେ ନୀଳକଣ୍ଠ ଓ ସତ୍ୟବାଦୀ ବିଦ୍ୟାଳୟର ଭୂୟସୀ ପ୍ରଶଂସା କରି ଯାହା କହିଥିଲେ, ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । କେବଳ ମଧୁବାବୁ ନୁହନ୍ତି, ଏଥିରେ ଓଡ଼ିଶାର ମୁଖ୍ୟ, ମୁଖ୍ୟ, ବିଶିଷ୍ଟ ବ୍ୟକ୍ତିମାନେ ଯଥା ଫକୀର ମୋହନ ସେନାପତି, ବ୍ରଜ ସୁନ୍ଦର ଦାସ, ଏମାର ମଠ ମହନ୍ତ ରାମାନୁଜ ଦାଶ, ପ୍ରଭୃତି ମଧ୍ୟ ବିଦ୍ୟାଳୟ କାର୍ଯ୍ୟ କଳାପର ବହୁ ପ୍ରଶଂସା କରି ଏହାର ଉତ୍ତରୋତ୍ତର ଉନ୍ନତି ଓ ମଙ୍ଗଳ ବାଞ୍ଛା କରିଥିଲେ, ସେହି କୁଳବୃଦ୍ଧ ମଧୁସୂଦନ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଥରେ ସତ୍ୟବାଦୀରେ ଛାତ୍ରମାନଙ୍କୁ ପ୍ରାଣସ୍ପର୍ଶୀ ଭାଷାରେ ଓ ହୃଦୟର ଆବେଗରେ କହିଥିଲେ, "ଏ ବିଦ୍ୟାଳୟ ଧନରେ ଗଢ଼ା ହୋଇ ନାହିଁ । ରକ୍ତ ମାଂସ, ମସ୍ତିଷ୍କରେ ଗଢା ହୋଇଛି । ପୁଣି ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି କେବଳ ଏ ବିଦ୍ୟାଳୟ ସହିତ ସଂପୃକ୍ତ ନୁହନ୍ତି, ପରାଧୀନ ଭାରତର ଓ ଖଣ୍ଡ ବିଖଣ୍ଡିତ ଓଡ଼ିଆ ଜାତିର ମୁକ୍ତି ସାଧନା ପାଇଁ ଏମାନେ ପ୍ରାଣବଳି ଦେବାକୁ ପ୍ରସ୍ତୁତ । ତୁମ୍ଭେ ପିଲମାନେ ଏମାନଙ୍କ ପାଖରେ ବସି, ଶୋଇ କାମ କରି, ପଢି ଯେତେବେଳେ ଯୁବକ ହେବ, ସେତେବେଳେ ଉତ୍କଳ ଜନନୀର ଗୁଣୀ ସନ୍ତାନ ରୂପେ ଏ ଦେଶର ନାୟକ ହେବ ।" ଏହାର ଦୁଇବର୍ଷ ପୂର୍ବେ ନୀଳକଣ୍ଠ ବାବୁ ଯେ କି ଗୋପବନ୍ଧୁଙ୍କ ବ୍ୟତୀତ ଅନ୍ୟାନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବକ୍ତା

Digitized by PPRACHIN, SOA

ରୂପେ ପରିଚିତ ଥିଲେ, ଏବଂ ଯେ ଶନିବାର ଗତିର ବ୍ଲକ ମିଟିଙ୍ଗରେ ବହୁବାର ବହୁ ଶିକ୍ଷଣୀୟ ବିଷୟରେ ଛାତ୍ରମାନଙ୍କର ଘୋର ନିସ୍ତବ୍ଧତା ମଧ୍ୟରେ ଘଣ୍ଟା ଘଣ୍ଟା ଧରି "ଗୁରୁ ଶିଷ୍ୟ ସମ୍ବାଦ" "ଶିକ୍ଷକତା" "ଚରିତ୍ର ହିଁ ପରମ୍ ବଳଂ" ସମ୍ବନ୍ଧରେ ଅନର୍ଗଳ କହି ଯାଉଥିଲେ, ତାଙ୍କର ସେ ସବୁ ବକ୍ତୃତାକୁ ଆଗ୍ରହୀ ଛାତ୍ରମାନେ ଟିପ ରଖି ପରେ ତାଙ୍କୁ ପଚାରି, ଏହା ଠିକ୍ ଅଛି କି ନାହିଁ ବୁଝି, ସତ୍ୟବାଦୀ ପତ୍ରିକାରେ ପ୍ରକାଶ କରିବା ପାଇଁ ଦେଉଥିଲେ ଓ ସେ ସବୁ 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ହେଉଥିଲା ।

## ଚନ୍ଦ୍ରଶେଖରଙ୍କୁ ନୀଳକଣ୍ଠଙ୍କ ଉପଦେଶ—

ସ୍ୱର୍ଗତ ଚନ୍ଦ୍ରଶେଖର ମିଶ୍ର ଆମ୍ଭମାନଙ୍କର ଥିଲେ ଜଣେ ଅତି ପ୍ରିୟ ଓ ଅନ୍ତରଙ୍ଗ ସହପାଠୀ । ପିଲାଦିନରୁ ତାଙ୍କର କେହି ନଥିଲେ । ସେ ବଡ଼ ଦରିଦ୍ର । କିନ୍ତୁ ସେ ଜ୍ଞାନ ପିପାସୁ ଛାତ୍ର ଥିଲେ । ସେ ପ୍ରଥମେ ସ୍କୁଲର ଅନ୍ୟତମ ବୈଶିଷ୍ଟ୍ୟ କୋଚିଂ କ୍ଲାସରେ ଆସି ଯୋଗ ଦେଲେ ଓ ଛାତ୍ର ବାସରେ ରହିଲେ । ସେ ଉତ୍ତମ ଛାତ୍ର ଥିବାରୁ ଅନ୍ୟାନ୍ୟ ସଚ୍ଚରିତ୍ର ଛାତ୍ରଙ୍କ ପରି ଶିକ୍ଷକମାନେ, ସବୁ କାର୍ଯ୍ୟର ତାଙ୍କର ସାହଚର୍ଯ୍ୟ ଲୋଡୁଥିଲେ । ସେ ଅଳ୍ପଦିନ ବୋର୍ଡିଂରେ ରହିଛନ୍ତି । ଏହି ସମୟରେ ଖବର ମିଳିଲା, ତାଙ୍କର ପିତୃବ୍ୟ ହଇଜା ରୋଗରେ ପରଲୋକ ଗମନ କଲେ— ତାଙ୍କର ଘର ନିକଟସ୍ଥ ସୋମେଶ୍ୱରପୁର ଗ୍ରାମରେ, ମୃତ୍ୟୁ ବେଳକୁ ପରିବାରର ଏକମାତ୍ର ରକ୍ଷୟିତା ଚବିଶ ବର୍ଷର ଯୁବକ ପ୍ରାଣ ତ୍ୟାଗ କରି ଚାଲିଗଲା । ଏ ବିଷୟ ନୀଳକଣ୍ଠ ବାବୁ ଚନ୍ଦ୍ରକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜଣାଇ ନ ଥିଲେ । କିନ୍ତୁ ଯେତେବେଳେ ନ ଜଣାଇବାର ଆଉ ଉପାୟ ନ ଥିଲା, ସେତେବେଳେ ସେ ଚନ୍ଦ୍ରକୁ ପାଖରେ ବସାଇ ବୁଝାଇ କହିଲେ "ଚନ୍ଦ୍ର ତୁ ଭାଗ୍ୟବାନ, ଭଗବାନଙ୍କର ତୋ ପ୍ରତି ଏହା ଏକ ବଡ଼ ଦାନ । କାନ୍ଦନା, ଦୁଃଖ କରନା, ସିଂହ ବଳ ଘେନି ସଂସାରରେ ଅବତୀର୍ଣ୍ଣ ହେବାର ସୁଯୋଗ ତୋତେ ଭଗବାନ ଏବେ ଦେଇଅଛନ୍ତି । ମନୁଷ୍ୟ ଅନ୍ୟର ମରଣରେ ବିବ୍ରତ ହୁଏ, କାରଣ ମୃତ ବ୍ୟକ୍ତିଠାରୁ ସେ ଆଉ ସାହାଯ୍ୟ ପାଇବ ନାହିଁ । ସ୍ତ୍ରୀ ପୁରୁଷ ପାଇଁ, ପୁତ୍ର କନ୍ୟା ପିତାଙ୍କ ପାଇଁ ଏବଂ ବନ୍ଧୁ, ବନ୍ଧୁ ପାଇଁ ରୋଦନ କରେ, କେବଳ ସ୍ୱାର୍ଥ ଯୋଗୁ । କିନ୍ତୁ ସର୍ବହରା ବଜ୍ର ହୃଦୟ ଯେଉଁ ବ୍ୟକ୍ତି ନିଜ ପରିଶ୍ରମ ଓ ନିଜ ସମ୍ବଳ ଘେନି ନିଜ ପରିବାରର ବନ୍ଧୁ ବାନ୍ଧବମାନଙ୍କର ଓ ଆଶ୍ରିତ ଲୋକମାନଙ୍କର ପୋଷକ ହୋଇପାରେ, ସେହି ଏକା ବଡ଼ । ଦେଖ, ଆମ୍ଭେମାନେ କି ଦୁଃଖ, ଅଭାବ, ଅନାଟନ ଭିତରେ ଗଲି,

Digitized by PPRACHIN, SOA

ଘରପୋଡ଼ି, ଘରଭଙ୍ଗା, ଅର୍ଥାଭାବ ଇତ୍ୟାଦି ସମସ୍ତ ବିପଦକୁ ଭ୍ରୂକ୍ଷେପ ନକରି ଆମର ଗନ୍ତବ୍ୟ ପଥରେ ଚାଲିଚୁ । ପିଲା ହୋଇ ସୁଦ୍ଧା ତୋ' ଶୂନ୍ୟ ସଂସାରର ତୁ ପୋଷକ ଓ ପାଳକ, ଚନ୍ଦ୍ର, ଚୋର ଆଉ କାନ୍ଦିବାର ବେଳ ନାହିଁ । ଚାହିଁ ଦେଖି ଚାରିଆଡ଼େ, ତୋ କାମ କରିବାକୁ ଆଉ କେହି ନାହିଁ ।''

ଏହି ଉଦ୍‌ବୋଧନମୟୀ ବାଣୀ ଚନ୍ଦ୍ରଶେଖରଙ୍କର ହୃଦୟର ଅତଳ ପ୍ରଦେଶକୁ ସ୍ପର୍ଶ କଲା । ସେ ଚତୁର୍ଦ୍ଦିଗକୁ ଚାହିଁ ଦେଖିଲେ ତାଙ୍କ ପାଖରେ ନୈମିଷାରଣ୍ୟର ତପୋଧନ ପରି ବସିଛନ୍ତି ନୀଳକଣ୍ଠ ଓ ହରିହର । ସେ ସାଙ୍ଗେ, ସାଙ୍ଗେ ଆଖିରୁ ଲୁହ ପୋଛିଦେଇ ଶବ ସତ୍କାର ନିମନ୍ତେ ଗ୍ରାମକୁ ଚାଲିଗଲେ । ଏହାହିଁ ଥିଲା, ନୀଳକଣ୍ଠ ଓ ସତ୍ୟବାଦୀ ସ୍କୁଲର ନୈତିକ ଶିକ୍ଷାଦାନର ଫଳ ଓ ଛାତ୍ରମାନଙ୍କ ଉପରେ ଶିକ୍ଷକଙ୍କର ପ୍ରଭାବ ।

## ଶିକ୍ଷା କଅଣ—

ନୀଳକଂଠଙ୍କର 'ଶିକ୍ଷା କଅଣ'' ବକ୍ତୃତାଟି ସତ୍ୟବାଦୀର ପ୍ରଥମ ଖଣ୍ଡର ଅଷ୍ଟମ ଓ ନବମ ସଂଖ୍ୟାରେ ପ୍ରକାଶ ପାଇଥିଲା । ନୀଳକଂଠ ଶିକ୍ଷା ସମ୍ବନ୍ଧରେ ବହୁ ଶିକ୍ଷଣୀୟ ଦୀର୍ଘ ପ୍ରବନ୍ଧ ଓ ବକ୍ତୃତାମାନ ଦେଇ ଅଛନ୍ତି । ରାଧାକ୍ରିଷ୍ଣନଙ୍କ Reportରେ ଶିକ୍ଷା ସମ୍ପର୍କରେ ବହୁ ତଥ୍ୟ ଲିପିବଦ୍ଧ ହୋଇ ରହିଛି । ସତ୍ୟବାଦୀ ସ୍କୁଲ ଛାଡ଼ିବା ପରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ନୀଳକଂଠ ବାବୁ ହଜାରିବାଗ୍ ଜେଲରେ ଥିବା ସମୟରେ ବନାରସରେ ହେଉଥିବା All Asia Educational Conferenceରେ ''THE IDEAL AND OUT LOOK IN EDUCATION'' ଶୀର୍ଷକ ଏକ ଦୀର୍ଘ ବକ୍ତୃତା ଦେଇଥିଲେ । ସେ ତାହା ଲିପିବଦ୍ଧ କରି ସରକାରଙ୍କର ଅନୁମତି ନେଇ ସେହି ମହା ସମ୍ମିଳନୀରେ ୨୯ । ୧୨ । ୩୦ ତାରିଖରେ ପାଠ କରିଥିଲେ । ଦୁଃଖର ବିଷୟ ତାହା ବର୍ତ୍ତମାନ ସୁପ୍ରାପ୍ୟ ନୁହେଁ । ନୀଳକଂଠଙ୍କ ସ୍ମୃତି ରକ୍ଷା ପାଇଁ ଗଠିତ ସମିତି ତାହା ସଂଗ୍ରହ କରି ପ୍ରକାଶ କଲେ ଦେଶର ମହୋପକାର ସାଧିତ ହୁଅନ୍ତା । ଚାରିଆଡ଼େ ଶିକ୍ଷାରେ ନୂଆ ପଦ୍ଧତି ପ୍ରଚଳନ କରିବା ନିମନ୍ତେ ନାନା ଆନ୍ଦୋଳନ ଚାଲିଛି । କେତକ କହୁଛନ୍ତି ''ମହାତ୍ମା ଗାନ୍ଧୀଙ୍କ ମୌଳିକ ଶିକ୍ଷା ପଦ୍ଧତି ପ୍ରଚଳନ କରଯାଉ'' ଭାରତର ସୁବିଖ୍ୟାତ ପଣ୍ଡିତ ବିନୋବା ଭାବେ ଏହି ପଦ୍ଧତିର ପୃଷ୍ଟପୋଷକ । ଏହାର କେତେକାଂଶ ସତ୍ୟବାଦୀ ବନବିଦ୍ୟାଳୟରେ ଯେ ପ୍ରବର୍ତ୍ତିତ ହୋଇଥିଲା, ତାହା ଅକ୍ଷରେ, ଅକ୍ଷରେ ସତ୍ୟ । ୧୯୨୧ରେ ମହାତ୍ମା ଗାନ୍ଧୀ ଗୋପବନ୍ଧୁଙ୍କ ନିମନ୍ତ୍ରଣରେ ସତ୍ୟବାଦୀ ବିଦ୍ୟାଳୟର

Digitized by PPRACHIN, SOA

କାର୍ଯ୍ୟକଳାପ, ଏହାର ଭାରତୀୟ ଭିତ୍ତିଭୂମି, ଏବଂ ପାଶ୍ଚାତ୍ୟ ଶିକ୍ଷା ସହିତ ଏହାର ଯଥା ଯୋଗ୍ୟ ସଂମିଶ୍ରଣ ଦେଖି ବିମୁଗ୍ଧ ଓ ଚକିତ ହୋଇଥିଲେ । ଭାରତୀୟ ଶିକ୍ଷା ସମ୍ବନ୍ଧରେ ଏତେ ସୁଚିନ୍ତିତ, ଦୀର୍ଘ ପ୍ରବନ୍ଧ, ସନ୍ଦର୍ଭ ଓ ରିପୋର୍ଟ ଆଉ କ୍ୱଚିତ ଆମ ଆଖିରେ ପଡ଼ିଚି । 'ସତ୍ୟବାଦୀ' ୧୬୨୩ ସାଲର ୯ମ ଖଣ୍ଡ ୮ମ ଓ ୯ ସଂଖ୍ୟାରେ ଦିଆ ଯାଇଥିବା "ଶିକ୍ଷା କଅଣ" ବକ୍ତୃତାରେ ଶିକ୍ଷାର ପ୍ରୟୋଜନୀୟତା ବା ବୈଶିଷ୍ଟ୍ୟ କେଉଁଠାରେ ତାହାର ମନୋଜ୍ଞ ଚିତ୍ର ନୀଳକଂଠ ପ୍ରଦାନ କରିଅଛନ୍ତି ।

## ନୀଳକଂଠଙ୍କ ଭାଷା ସାବଲୀଳତା –

ନୀଳକଣ୍ଠଙ୍କର ଭାଷା ଆଡ଼ମ୍ବରପୂର୍ଣ୍ଣ ନୁହେ । କିନ୍ତୁ କଠିନ ଓ ଦୁର୍ବୋଧ୍ୟ । ଏକଥା ଅନେକଙ୍କ ମୁହଁରୁ ଶୁଣାଯାଏ । ଅବଶ୍ୟ କେହି ଯେ ତାଙ୍କର ଗଦ୍ୟ ପଦ୍ୟ ସମ୍ବଳିତ ସମସ୍ତ କାବ୍ୟ କବିତା ପ୍ରବନ୍ଧ ଓ ନିବନ୍ଧ ମାନ ପାଠ କରିଛନ୍ତି, ତାହା ନୁହେଁ । ତାଙ୍କ ନାମରେ ସାଧାରଣରେ ଗୋଟିଏ ଜନରବ ପ୍ରଚଳିତ ଅଛି ଯେ ନୀଳକଣ୍ଠ ଦାସଙ୍କ ଭାଷାରେ ଜନସାଧାରଣଙ୍କର ଦନ୍ତସ୍ଫୁଟ ହୁଏ ନାହିଁ । ଏହା ଯେପରି ଦୁର୍ବୋଧ୍ୟ, ସେହିପରି ଭାବ ଗମ୍ଭୀର । ଏ ବିଷୟକୁ ବିଚାର କରିବା ପୂର୍ବରୁ ଆମ୍ଭମାନଙ୍କୁ ଦେଖିବାକୁ ହେବ ଯେ ସ୍ଥଳ ବିଶେଷରେ ତାଙ୍କର ଭାଷା କିପରି ଅମୃତ ନିସ୍ୟନ୍ଦିନୀ ଓ ସାବଲୀଳ । ଗୋଟିଏ ହେଲେ ଦୁର୍ବୋଧ୍ୟ ଶବ୍ଦ କିମ୍ବା ବକ୍ର ବିନ୍ୟାସ ଭଙ୍ଗୀ କୌଣସି ବାକ୍ୟରେ ଦେଖିବାକୁ ମିଳେ ନାହିଁ । ଭାଷା ବିଷୟରେ ତାଙ୍କର ଅନୁପାତ ଜ୍ଞାନର ଅବବୋଧ ଯେପରି ଥିଲା, ଆଉ ସେପରି କାହାରି ଥିବାର ଆମ୍ଭମାନଙ୍କୁ ଜଣାନାହିଁ । ଗୋପବନ୍ଧୁଙ୍କ ଭାଷାରେ ସାର୍ବଜନୀନ ପଲ୍ଲୀ ସୁଲଭ ସାରଲ୍ୟ ଦେଖିବାକୁ ମିଳେ । ଗୋଦାବରୀଶଙ୍କ ସାହିତ୍ୟ ସରଳ ଓ ସାବଲୀଳ । କୃପାସିନ୍ଧୁଙ୍କର ଐତିହାସିକ ଗଦ୍ୟରେ କ୍ଲିଷ୍ଟତା ନାହିଁ । "ଶିକ୍ଷା କଅଣ" ଏହି ବକ୍ତୃତାରେ ନୀଳକଣ୍ଠଙ୍କର ଶ୍ରୋତା ହେଉଛନ୍ତି ସରଳ ମତି ଜିଜ୍ଞାସୁ ବାଳକ ବୃନ୍ଦ, ସେ ତାଙ୍କୁଇ ଲକ୍ଷ୍ୟ କରି ଅନର୍ଗଳ ଭାଷାରେ କହି ଚାଲିଛନ୍ତି । କେଉଁଠାରେ ଗୋଟିଏ ହେଲେ କ୍ଲିଷ୍ଟ ଶବ୍ଦର ପ୍ରୟୋଗ ନାହିଁ । ତା' ନହେଲେ ୫୦୦ ଛାତ୍ରଙ୍କର ନୀରବ, ନିସ୍ତବ୍ଧତା ସେହି ସଭାରେ ସମ୍ଭବ ହୁଅନ୍ତା କିପରି ? ଏହି "ଶିକ୍ଷା କଅଣ" ପ୍ରସଙ୍ଗରେ ସେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଅଛନ୍ତି, "କେବଳ ଛାତ୍ର ଜୀବନରେ ନୁହେଁ, ବଡ଼ ହେଲେ ଜାଣିବ, ଆଜିକାଲି ଯୁଗଟା ମନୁଷ୍ୟ ବୋଲି

Digitized by PPRACHIN, SOA

ଦେଖାଇ ହେବାର ଯୁଗ, ମନୁଷ୍ୟ ହେବାର ଯୁଗ ନୁହେଁ । ଯେଉଁ ଗୁଣ ଭଲ, ସେ ଗୁଣ ତୁମ୍ଭର ଅଛି ବୋଲି ଦେଖାଇ ପାରିଲେ ତୁମେ କୃତାର୍ଥ । ସତରେ ସେ ଗୁଣ ତୁମର ଅଛି କି ନା, ଭିତରକୁ ଚାହିଁ ସେ କଥା ଦେଖବାକୁ କାହାରି ଇଚ୍ଛା ନାହିଁ । ଲାଟ ସାହେବ ଆସିବେ ନା, ମ୍ୟୁନିସିପାଲିଟି ସେହିଦିନ ରାସ୍ତା ସଫା କରୁ ଅଛନ୍ତି । ମାଜିଷ୍ଟ୍ରେଟ ପାଖକୁ ରିପୋର୍ଟଗିରି ପାଇଁ ଦେଖା କରିବାକୁ ଯିବାକୁ ହେବ, ନା ସେହିଦିନ ପୋଷାକ ମଗା ହୋଇ ଆସୁଅଛି । ଚାକିରୀ ପାଇଁ ଦରଖାସ୍ତ ଦେବାକୁ ହେଲେ ନିତାନ୍ତ ପାଷାଣ୍ଡ ମଧ୍ୟ ଦୁଇଖଣ୍ଡ ପ୍ରଶଂସା ପତ୍ର ଯୋଗାଡ କରୁଅଛି । ଦେଖିବାକୁ ସୁନ୍ଦର ବୋଲି ତୁମ୍ଭ ଭଳି କେହି କେହି ଯୁବକ ମୁଣ୍ଡରେ କିପରି ତେଲ ଲଗାଇ ଚୁଲି କାଟନ୍ତି । କେତେ ଜାକଜମକରେ ଲୁଗା କୁର୍ତ୍ତା ପିନ୍ଧନ୍ତି । ସଚ୍ଚରିତ୍ର ବୋଲି ଦେଖାଇ ହେବା ପାଇଁ କେତେ ମନୋଭବ ଲୁଚାଇ ଥାଆନ୍ତି । ମୁଁ ପିଲାଦିନେ ଦେଖିଛି, ଯେଉଁ ଛାତ୍ର ଶିକ୍ଷକ ଭୁଲ କହିଲେ ମଧ୍ୟ କଥା କହନ୍ତି ନାହିଁ, ଅନ୍ୟାୟ କାର୍ଯ୍ୟରେ ପ୍ରବର୍ତ୍ତାଇଲେ ମଧ୍ୟ ନୀରବରେ ପ୍ରବର୍ତ୍ତି ଯାଆନ୍ତି ଭଲରେ ମନ୍ଦରେ କାହିଁରେ "ମଲ ମାଛିକୁ ମାର" ବୋଲି ବୋଲନ୍ତି ନାହିଁ, ସେହିମାନଙ୍କ ଭିତରୁ ଅନେକ ସଚ୍ଚରିତ୍ର ବୋଲି ପୁରସ୍କାର ପାଆନ୍ତି । ମୁଁ ଜାଣେ ସେମାନଙ୍କ ମଧ୍ୟରେ ପ୍ରାୟ କେହି ପ୍ରକୃତରେ ସଚ୍ଚରିତ୍ର ନୁହନ୍ତି । କେହି ସଚ୍ଚରିତ୍ର ବୋଲି ଦେଖାଇ ପାରନ୍ତି । ଯାହା କଲେ ଶିକ୍ଷକ ସଚ୍ଚରିତ୍ର ବୋଲି ମନେ କରିବେ ସେମାନେ ସେଇୟା କରନ୍ତି ।

ଏପରି ଯାହା ନୁହେଁ ତାହା ଦେଖାଇ ହେବା ବର୍ତ୍ତମାନ ଶିକ୍ଷାପ୍ରାପ୍ତ ବ୍ୟକ୍ତି-ମାନଙ୍କର ଲକ୍ଷଣ ହୋଇଅଛି, ଯେପରି କି ଆମ୍ଭମାନଙ୍କର ଆଜି ବିଭାଘର । ସୁନାର ହାର, ହୀରା ମୁଦି, ବ୍ରହ୍ମପୁରୀ ପାଟଯୋଡ଼, ବାଣ ସୁଆରୀ ସବୁ, କେତେ ଲୋକଙ୍କର କେବଳ ବିଭାଘର ଦିନ ଦରକାର ହୁଏ । କାରଣ ଶ୍ୱଶୁର ଘରେ ତାକୁ ଦେଖାଇ ସେମାନଙ୍କୁ ତାଜିବ୍ କରିଦେବାକୁ ହେବ । ଏ ଠିକ୍ ସେଇୟା । ମୋର ଯାହା ନାହିଁ ତାହା ଦେଖାଇ ହେବି କିପରି ? ମୁଁ ତ ଗରିବ । ବଡ଼ ଲୋକ ବୋଲି ଦେଖାଇ ହେବି ? କି ନୀଚତା, କି ଅସହ୍ୟ ଚରିତ୍ରହୀନତା । ତୁମର ନୀତିହୀନ ଶିକ୍ଷା ବିଭାଘର ଦିନ ପରି ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଏପରି କଥାକୁ ବଡ଼ ଘୃଣା କରୁଥିଲେ । ଏ ଶିକ୍ଷା ଛାଡ଼ି ପ୍ରକୃତ ଶିକ୍ଷା ନ ପାଇଲେ ଆମର ଗତି ନାହିଁ । ତେବେ ପ୍ରକୃତ ଶିକ୍ଷା କଅଣ, ତାହାର ଉଦ୍ଦେଶ୍ୟ ତୁମର ଜାଣିବା ଦରକାର ।

Digitized by PPRACHIN, SOA

ଏହିପରି କହୁ, କହୁ, ଅବିରାମ ଗତିରେ ଅନର୍ଗଳ ସ୍ୱରରେ ଛଳଦ୍ ଗମ୍ଭୀର ଭାବରେ ବକ୍ତୃତା ଚାଲିଥାଏ । "ପ୍ରଥମ କଥା ତୁମେ ଯାହା ନୁହଁ ତାହା ଦେଖାଇ ହେବାର ପ୍ରବୃତ୍ତି ପ୍ରକୃତ ଶିକ୍ଷାର ଫଳ ନୁହେଁ ।" "ପ୍ରକୃତ ଶିକ୍ଷାରେ ଆମ୍ଭେ ଠିକ୍ ଯାହା ତାହା ଜାଣିପାରୁ, ଏବଂ ଦରକାର ହେଲେ ଲୋକଙ୍କୁ ସେଇଯା ବୋଲି ଜଣାଉ ଆମର ଅଭାବ ବା ଦୋଷ ଥିଲେ ତାହା ପୂର୍ଣ୍ଣ କରିବାକୁ ଚେଷ୍ଟା କରୁ । ଲୋକେ ଜାଣିଲେ କି ଜାଣିଲେ ନାହିଁ ସେଥିପାଇଁ ଅପେକ୍ଷା ରଖୁ ନାହିଁ । କ୍ରମେ କ୍ରମେ ନିଜେ ଭଲ ହେବାକୁ ଚେଷ୍ଟା କରୁ । ଜ୍ଞାନରେ, ନୀତିରେ, ସ୍ୱାସ୍ଥ୍ୟରେ ବଡ ଓ ଭଲ ହେବା ଶିକ୍ଷାର ଉଦ୍ଦେଶ୍ୟ ଓ ଫଳ । ଏହାକୁ ହିଁ କହନ୍ତି ଆତ୍ମବିକାଶ । ଏହି ଆତ୍ମବିକାଶ ନହେଲେ ଶିକ୍ଷା ହେଲା ନାହିଁ ।"

## ବିଷୟର ତାତ୍ପର୍ଯ୍ୟ ବୁଝାଇବା ନିମନ୍ତେ ସହଜ ଉପମା—

ଏହି ଆତ୍ମ ବିକାଶର ତାତ୍ପର୍ଯ୍ୟ ଛାତ୍ରମାନଙ୍କୁ ବୁଝାଇବାକୁ ଯାଇ ଉଦ୍ଭିଦ ବିଶାରଦ ପଣ୍ଡିତ ନୀଳକଣ୍ଠ ପୁଣି ବକ୍ତୃତାରେ ବୁଝାଇ ଦେଇ ଅଛନ୍ତି, "ଗଛ ଚେର ଦ୍ୱାରା ମାଟି ଭିତରୁ ତାର ଯେଉଁ ରସ ଦରକାର ତାହା ଟାଣିନିଏ । ଆଲୁଅରୁ, ପବନରୁ ନିଜର ଖାଦ୍ୟ ସଂଗ୍ରହ କରେ, ଯାହା ଯେଉଁଠାରୁ ଆଣେ ତାହା ନିଜର ଖାଦ୍ୟରେ ପରିଣତ କରେ । ତୁମ୍ଭେ ନିଜେ ଏଠାରେ କେତେ ଗଛ ପୋତୁଅଛ, ବଢାଉଅଛ, ଦେଖିଥିବ ଗଛ ମୂଳରେ ତୁମେ ଖତ ଦିଅ, ପିଡ଼ିଆ ଦିଅ । ତାହା ଖାଇ ଗଛ ବଢିଯାଏ । କିପରି ବଢେ ତୁମେ ପାଠ ମୁଖସ୍ତ କରି ପରୀକ୍ଷାରେ ଅବିକଳ କାଢି ପକାଇଲା ପରି ନୁହେଁ । ଗଛ ପିଡ଼ିଆ ଖାଇ ପିଡ଼ିଆ କାଢେ ନାହିଁ । ଖାଏ ପିଡ଼ିଆ, କାଢ଼େ ସୁନ୍ଦର ପତ୍ରଟିଏ, ଫଳଟିଏ । ତୁମେ ମଧ୍ୟ ପ୍ରତିଦିନ ଭାତ, ଡାଲି, ପରିବା ଖାଉଅଛ, ତୁମ୍ଭ ଦେହ ବଢୁଅଛି । ଖାଇବାରୁ ଦେହ ଉପରେ ଭାତ, ଡ଼ାଲି ଲାଗି ଦେହ ବଢୁନାହିଁ । ଭାତ ଡାଲି ସବୁ ଶରୀରର ରକ୍ତ, ମାଂସ, ହାଡରେ ପରିଣତ ହେଉଅଛି ।" ଏହି ଉଦ୍ଭିଦ ଜଗତର ସାମଞ୍ଜସ୍ୟ ଉପମା ଦେବା କେଡ଼େ ଚମତ୍କାର ଓ ବାଳକମାନଙ୍କର କେଡ଼େ ପ୍ରାଣସ୍ପର୍ଶୀ ଏବଂ ବିଷୟଟିକୁ ହୃଦୟଙ୍ଗମ କରିବାରେ କେଡ଼େ ସହାୟକ ।

ଏହି ସମୟରେ ବଡ଼ଲାଟ ଗଜାଙ୍କ ଦ୍ୱାରା ବିତାଡ଼ିତ କୃଷି ବିଶାରଦ ସ୍ୱର୍ଗତ ଶ୍ରୀ ସୁମନ୍ତ ପଟ୍ଟନାୟକଙ୍କୁ ଗୋପବନ୍ଧୁ ଆଦରରେ ନିମନ୍ତ୍ରଣ କରି ଆଣି ସତ୍ୟବାଦୀ

Digitized by PPRACHIN, SOA

ବିଦ୍ୟାଳୟରକୃଷି କର୍ମର ପ୍ରବୀଣ ଅଧ୍ୟାପକ ରୂପେ ନିଯୁକ୍ତ କରିଥିଲେ । ସେତେ-ବେଳେ ପ୍ରତି କୋଠରୀ ପାଇଁ ଖଣ୍ଡିଏ ଖଣ୍ଡିଏ ଜମି ନିର୍ଦ୍ଦିଷ୍ଟ ଥିଲା, ସେହି ଜମିରେ Monitor ମାନଙ୍କ ସହିତ ଛାତ୍ରମାନେ ମିଳିମିଶି ସୁନ୍ଦର ସୁନ୍ଦର, ଶାଲଗମ୍, ପିଆଜ, କୋବି, ଧନିଆ, ଏବଂ ଅନ୍ୟାନ୍ୟ ଶାକ୍ ସବ୍‌ଜି ବଢାଉଥିଲେ । ସେହି ସାମଞ୍ଜସ୍ୟଟି ଏଠାରେ ନୀଳକଣ୍ଠ ଦେବାରେ ତାଙ୍କର ଲକ୍ଷ୍ୟ ହେଉଛି. ପିଲେ ତାଙ୍କର ଗୂଢ ଉପଦେଶର ଅନ୍ତର୍ନିହିତ ତତ୍ତ୍ୱ ଶୀଘ୍ର ହୃଦୟଙ୍ଗମ କରିବେ । ବହୁ ସଭାରେ ଆମ୍ଭେମାନେ ଦେଖୁ କେତେକ ବକ୍ତା ହାତ ଗୋଡ ହଲାଇ, ପ୍ରଗଳଭ ଭାବରେ ସଭାର କୋଳାହଳ ମଧ୍ୟରେ ନିର୍ବିଘ୍ନ ଭାବରେ କହି ଚାଲି ଥାଆନ୍ତି । ତାଙ୍କର ବକ୍ତୃତାର ସାର ମର୍ମ କିଏ ବୁଝନ୍ତି କି ନାହିଁ. ସେଥିପ୍ରତି ତାଙ୍କର ନଜର ନଥାଏ । କେହି, କେହି, ମଧ୍ୟ କହିବାର ଶୁଣାଅଛି, "ଆପଣମାନେ ଭାରି ଗୋଳମାଳ କରୁଛନ୍ତି । ଏପରି ଗୋଳମାଳ କଲେ ମୁଁ ଆଉ ଆସିବି ନାହିଁ, କି ବକ୍ତୃତା ଦେବି ନାହିଁ ।" ସତ୍ୟବାଦୀ ବିଦ୍ୟାଳୟର ସଭା ସେପରି ସଭା ନ ଥିଲା । ଏହା କେବଳ ବକ୍ତା ଓ ଶ୍ରୋତାଙ୍କ ମଧ୍ୟରେ କଥାର ଆଦାନ ପ୍ରଦାନ ନୁହେଁ, ଏହା ଥିଲା ଗୁରୁଙ୍କର ମର୍ମ ଭେଦୀ ଉପଦେଶ, ଏଥିରେ ଗୁରୁ କେବଳ ନାନା ମୂଲ୍ୟବାନ ଉପଦେଶ ଦେଇ ଛାତ୍ରକୁ ସତ୍ ଶିକ୍ଷା କଅଣ ଏହି ବିଷୟରେ ଗୂଢ ଇଙ୍ଗିତ ବା ସୂଚନା ଦେଉଥିଲେ ଏବଂ ଛାତ୍ର "ଶିକ୍ଷାଂ ଦେହି" ଏହି ଅନୁଶାସନର ବଶବର୍ତ୍ତୀ ହୋଇ ମନ, ପ୍ରାଣ ଓ ଚୈତନ୍ୟ ଲୀନ କରି ଶିକ୍ଷକଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ ।

## ଆତ୍ମ ସମର୍ପଣ ପାଇଁ ଉପଦେଶ –

ପୁଣି ବକ୍ତୃତା ଅନର୍ଗଳ ଭାବରେ ଚାଲିଲା, "ତୁମ୍ଭେମାନେ ବାଳକ ଅନନ୍ତ ସଂସାରରେ ପଡ଼ି ରହିଅଛ । ଅଶେଷ କର୍ତ୍ତବ୍ୟ ତୁମ ଆଗରେ ଅଛି, ସେଥିରୁ ଶିଖ, ତୁମର ମଙ୍ଗଳ ହେବ, ଦେଶର କଲ୍ୟାଣ ହେବ । ଏ ସବୁ କଥାରୁ ତୁମ୍ଭେମାନେ ହୁଏତ କିଛି ବୁଝି ପାରୁନାହଁ । ସେଥିପାଇଁ କହୁଥିଲି, ତୁମ୍ଭେମାନେ ଶିକ୍ଷକଙ୍କଠାରେ ଆତ୍ମ ସମର୍ପଣ କର, ତୁମ୍ଭେମାନେ ନିଜର ମଙ୍ଗଳ ବୁଝି ପାରିବ ନାହିଁ ବୋଲି ଆମ୍ଭେମାନେ ଅଛୁ । ବହୁତ ଚିନ୍ତା କରି ଆମ୍ଭେମାନେ ତୁମର ମଙ୍ଗଳ ନିମନ୍ତେ ବ୍ୟବସ୍ଥା କରୁଅଛୁ । ତୁମ୍ଭେମାନେ ଏ ଛାତ୍ର ଅବସ୍ଥାରେ ସର୍ବଦା ଯେଥିରେ ବାଧ୍ୟ ହୁଅ । ଆତ୍ମ ସମର୍ପଣ କର । କେବଳ ଶିକ୍ଷକ କହୁ ଅଛନ୍ତି ଯେତେ ଦିନ ଏଠାରେ ଥାଇଁ କୌଣସି ମତେ ଶିକ୍ଷକଙ୍କ କଥା ଅନୁସାରେ କାମ କରିଗଲେ ଯାଏ ।

Digitized by PPRACHIN, SOA

ଏଠାରେ ରହିଲେ ଏହିପରି କରିବାକୁ ହେବ, ଏପରି ଭାବି କାର୍ଯ୍ୟ କଲେ ତୁମ୍ଭର ଭିତରେ ଯାହା ଇଚ୍ଛା ନୁହେଁ ତୁମ୍ଭେ ତାହା କଲେ ମିଥ୍ୟାଚାରୀ ହେଲ ତୁମେ । ଆତ୍ମ ସମର୍ପଣ କଲ ନାହିଁ । ଶିକ୍ଷକ ଯାହା ତୁମର କର୍ତ୍ତବ୍ୟ ବୋଲି କହୁ ଅଛନ୍ତି, ତାହା ଆଗ୍ରହରେ ନିଜର କର୍ତ୍ତବ୍ୟ ବୋଲି ବିଚାର କର । ନିଜେ ନିଜର କଲ୍ୟାଣ ପାଇଁ କରୁଥିଲେ ଯେପରି ଆଗ୍ରହରେ କରନ୍ତ, ଠିକ୍ ସେହିପରି କର ।"

"ତୁମର ଆତ୍ମାକୁ ଶିକ୍ଷକଙ୍କ ଠାରେ, ଗୁରୁଙ୍କ ଠାରେ ସମର୍ପଣ କର । କଷ୍ଟ ବେଳେ ବେଳେ ହେଉଥିବ, ଅନିଚ୍ଛା ହେଉଥିବ । ତାହା ଯେପରି ନ ହୁଏ । ରୋଗୀ ବିରକ୍ତ ହୋଇ ଔଷଧ ଖାଇଲା ପରି, ତୁମ୍ଭେ ଯେପରି ଏଠାରେ କର୍ତ୍ତବ୍ୟ ନ କର, ସେ ପ୍ରତି ସାବଧାନ ହୁଅ । ତାହାହେଲେ ବୁଝାଯିବ ତୁମ୍ଭର ଆତ୍ମ ସମର୍ପଣ ହେଲା ।"

## ଛାତ୍ରଙ୍କ ନୈତିକବୋଧର ଏକ ଦୃଷ୍ଟାନ୍ତ—

ଏଠାରେ ଆଉ ଗୋଟିଏ କଥା କହିବା ଅବାନ୍ତର ହେଲେହେଁ ନ କହି ରହି ହେଉନାହିଁ । ଅନେକ ସ୍ଥାନରେ ଏହିପରି ନୀତିଗର୍ଭମୂଳକ ଓ ଉପଦେଶାତ୍ମକ ବକ୍ତୃତା ଶିକ୍ଷାବିତ୍‌ମାନେ ଦେଇ ଥାଆନ୍ତି । କିନ୍ତୁ ସଭା ଶେଷ ହେଉ ହେଉ ସମସ୍ତେ ତାଙ୍କ କଥାର ଗୁରୁତ୍ୱ ପାସୋରି ଯାଆନ୍ତି । କିନ୍ତୁ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ, କୃପାସିନ୍ଧୁ ଛାତ୍ରମାନଙ୍କ ମଧ୍ୟରେ ନୈତିକ ଶୃଙ୍ଖଳା ବିଧାନ କରିବା ନିମନ୍ତେ ଯେଉଁ ସରଳ, ସୁନ୍ଦର ଓ ସାବଲୀଳ ଏବଂ ଜ୍ଞାନ ଗର୍ଭକ ବକ୍ତୃତା ଦେଉଥିଲେ, ତାହା କିପରି ଭାବରେ ଛାତ୍ରମାନଙ୍କୁ ପ୍ରଭାବିତ କରିଥିଲା, ତାହାର ଜ୍ୱଳନ୍ତ ନିଦର୍ଶନ ସେମାନଙ୍କର କର୍ମମୟ ଜୀବନ ଭିତରେ ପ୍ରାଞ୍ଜଳ ଭାବରେ ଦେଖା ଯାଉଥିଲା । ଏହି ଯେଉଁ ଘଟଣା ଏଠାରେ କୁହା ଯାଉଛି ତାହା "ଶିକ୍ଷା କଅଣ" ବକ୍ତୃତା ପ୍ରଦତ୍ତ ହେବାର ପୂର୍ବବର୍ତ୍ତୀ ଘଟଣା । ସେତେବେଳକୁ ସ୍କୁଲ ଘର ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ଦୌରାତ୍ମ୍ୟରେ ପୋଡ଼ି ଯାଇଥାଏ । ଯେଉଁ ଇଟାରେ ତିଆରି ଚାଳ ଘର ଠିଆ ହୋଇଥିଲା, ତାହା ମଧ୍ୟ ଅଳ୍ପ ଦିନ ମଧ୍ୟରେ ଘୋର ବତା—ସରେ ଭାଜି ପଡ଼ିଲା । କେବଳ ଥାଏ ଦୁଇ ସାହାଲ ବୋର୍ଡିଂ ଘର । ସେ ଘରେ କାନ୍ଥ ନ ଥାଏ । କେବଳ ଖୁଣ୍ଟ ଓ ଚାଳ । ସ୍କୁଲରେ ଷାଣ୍ମାସିକ ପରୀକ୍ଷା ହେବାର କଥା, ପରୀକ୍ଷା ଆରମ୍ଭ ହେଲା ବେଳକୁ ଦେଖାଗଲା ବର୍ଷା ଖୁବ୍ ଜୋରରେ ଆସୁଛି । ସେଦିନ ଯଥା ସମୟରେ ଝଡ ବର୍ଷା ମଧ୍ୟରେ ପିଲେ ଆସି ପହଞ୍ଚିଗଲେ । ଯେଉଁଠାରେ ଛାତ୍ରମାନେ ପରୀକ୍ଷା ଦେବାର କଥା ସେଠାରେ ମଧ୍ୟ ପାଣି ପଡୁଥାଏ । ନୀଳକଣ୍ଠ ସବୁ ପିଲାଙ୍କୁ ଏକତ୍ର କରି ବୁଝାଇ ଦେଲେ । 'ଦେଖ ଦୁଃଖ,

Digitized by PPRACHIN, SOA

ବିପଦ, ଦୁର୍ଦ୍ଦିନ ମଧ୍ୟରେ ଧୈର୍ଯ୍ୟ ଧରି କାର୍ଯ୍ୟ କରିବା ସେମାନଙ୍କର ପଣ । ପରୀକ୍ଷା ହେବ । ମାତ୍ର ପିଲମାନେ ପ୍ରଶ୍ନ ନେଇ ବୋର୍ଡ଼ିଂ ଘରେ ବସି ଯେ ଯେଉଁଠି ପାରନ୍ତି, ଉତ୍ତର କରିବେ । ସତ୍ୟବାଦୀ ବିଦ୍ୟାଳୟର ଛାତ୍ର କଦାପି କପି କରିବେ ନାହିଁ ।” ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଏ ସମ୍ପର୍କରେ ଲେଖିଛନ୍ତି, “ଜଣାଥିଲା ଯେ ନୈତିକ ଚରିତ୍ରର ବିକାଶ ଲାଗି ସତ୍ୟବାଦୀ ବିଦ୍ୟାଳୟର କଳ୍ପନା, ଶୃଙ୍ଖଳା, ଧୈର୍ଯ୍ୟ ଓ ସଂଯମ ସ୍କୁଲର ମୂଳ ଭିତ୍ତି । ସବୁ ପିଲା ଗ୍ଲାଲିଗଲେ । ସେହି ବର୍ଷା ପାଣି ଛିଟିକା ପଡୁଥିବା ଘରେ ଆରାମରେ ବସି ପରୀକ୍ଷା ଦେଲେ । କେହି, କାହାକୁ ଗୋଟିଏ ପ୍ରଶ୍ନର ଉତ୍ତର ପଗ୍ଲରି ନାହାନ୍ତି । ସେତେବେଳେ ଜଣାଗଲା କପି ଶବ୍ଦ ବୋଧହୁଏ ଅଭିଧାନରୁ ଲୋପ ପାଇଯିବ । ଗୋଟାକ ପର୍ଯ୍ୟନ୍ତ କୌଣସି ଶିକ୍ଷକ ବୁଲି ଦେଖିଲେ ନାହିଁ । ପିଲମାନେ ନିଜେ, ନିଜେ, ଖାତା ଦେଇ ଆସିଲେ, ଯେପରି କରିବାର କଥା ସେପରି କଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ସତ୍ୟବାଦୀ ବିଦ୍ୟାଳୟର ପିଲେ କପି କରନ୍ତି ନାହିଁ ।

ବର୍ତ୍ତମାନ କୌଣସି କୌଣସି ବିପକ୍ଷ ସମାଲୋଚକ କହି ପାରନ୍ତି, ଇଏ ସେହି ଷାଠିଏ ବର୍ଷର ପୁରୁଣା କଥା । ବର୍ତ୍ତମାନ ଛାତ୍ର ସଂଖ୍ୟା ବର୍ଷା ଦିନର ସ୍ରୋତ ପରି ପ୍ରବଳ ବେଗରେ ମାଡ଼ି ଆସୁଛି । ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ସେମାନଙ୍କ ଚକ୍ଷୁରେ ତୁଚ୍ଛ । ତେଣୁ କପିକି ନିରୋଧ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ବ୍ୟାପାର । ପରୀକ୍ଷା ନିରାପଦ ଓ ନିର୍ଦ୍ଦିଷ୍ଟ ଭାବରେ ପରିଗ୍ଲଳନା କରିବା ନିମନ୍ତେ ବର୍ତ୍ତମାନ ନୈତିକ ଶୃଙ୍ଖଳା ଶିକ୍ଷା ଓ ସଂଯମ ବିଧାନ ଦେବାର ପ୍ରୟୋଜନୀୟତା ନାହିଁ । ବର୍ତ୍ତମାନ କେବଳ ଛାତ୍ର ଓ ଅଧ୍ୟାପକମାନଙ୍କ ମଧ୍ୟରେ ପରୀକ୍ଷାରେ କପିକୁ ସମର୍ଥନ କରିବା ନିମନ୍ତେ ବିପୁଳ ସଂଗ୍ରାମ କାଳ ଆସି ଉପସ୍ଥିତ ।” ନଚେତ୍ ନୀଳକଣ୍ଠ ‘ଶିକ୍ଷା କଅଣ” ବକ୍ତୃତାରେ କହିଲା ପରି “ଯେଉଁ ପିଲାକୁ ଇଂରଜୀ ମୋଟେ ଜଣା ନାହିଁ ସେ ଦଶଟା ବାଛି ବାଛି ଇଂରଜୀ ପ୍ରବନ୍ଧ ମୁଖସ୍ଥ କରିଦେଲେ ବି ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯିବ । ଏହାର ନାମ କଅଣ ଶିକ୍ଷା । ଏହି ଶିକ୍ଷା ପାଇବା ସକାଶେ ତୁମ୍ଭର ପିତା, ମାତା, ତୁମ୍ଭମାନଙ୍କୁ କ'ଣ ଆମ୍ଭରିଠାରେ ସମର୍ପଣ କରି ଯାଇଛନ୍ତି ?” ସେହିପରି କେହି କେହି ଆଧୁନିକ ଶିକ୍ଷା ପଦ୍ଧତିର ସମର୍ଥକ ଯୁକ୍ତି ଛଳରେ କହି ପାରନ୍ତି “ଏପରି ବକ୍ତୃତା ଶୁଣି ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆମ୍ଭମାନଙ୍କର ବେଳ କାହିଁ ?” ବେଶ୍ ବେଳ ନ ହେଲା, ନାହିଁ । କିନ୍ତୁ ଶିକ୍ଷା ବିଭାଗର ବିଜ୍ଞ, ନିର୍ଦ୍ଦେଶକମାନଙ୍କୁ ଅନୁରୋଧ, ସେମାନେ ସମସ୍ତେ ଆଉ ଥରେ ନୀଳକଣ୍ଠ ଓ ଗୋପବନ୍ଧୁଙ୍କର ଏହି

Digitized by PPRACHIN, SOA

ଶିକ୍ଷଣୀୟ ବକ୍ତୃତାମାନଙ୍କୁ ଆଲୋଚନା କରି ତାର ନବ ମୂଲ୍ୟାୟନ କରନ୍ତୁ, ଆଉ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପରି ମନୀଷୀ ଜନ୍ମ ହୋଇ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ସମନ୍ୱୟ ବିଧାନ କରି ପାରିବେ ନାହିଁ । ଏକଥା ସେମାନେ ମାନସ ପଟରୁ ନିର୍ମୂଳ କରନ୍ତୁ, ଏବଂ ଭବନ୍ତୁ ଯେ ନୀଳକଣ୍ଠ ଗୋପବନ୍ଧୁଙ୍କ ପରି ଲକ୍ଷ ଲକ୍ଷ ଓଡ଼ିଆ ଛାତ୍ର ଛାତ୍ରୀମାନଙ୍କର ମାନସିକ ବିକାଶ କଥା ସେମାନେ ଚିନ୍ତା କଲେ. ଏହା କରି ପାରିବେ । କୁହା ଯାଇପାରେ, 'ଚିନ୍ତା କରିବାକୁ ସେମାନଙ୍କୁ ବେଳ କାହିଁ ? ପରୀକ୍ଷାରେ ଅବୈଧ ଉପାୟ ଅବଲମ୍ବନ ନ କରିବା ନିମନ୍ତେ ସେମାନଙ୍କ ହାତରେ ଅଛି ପରୀକ୍ଷା ସମର ବାହିନୀ, ଆଉ ନୀତି ଶିକ୍ଷା ଉପଦେଶ, ଇତ୍ୟାଦିର ସ୍ଥାନ ବା କାହିଁ ? କିନ୍ତୁ ଏଥିରେ କ'ଣ ଛାତ୍ରମାନଙ୍କର ନୈତିକ ବିକାଶ ସମ୍ଭବ ?

## ଚରିତ୍ର ହିଁ ପରମ ବଳ—

ନୀଳକଣ୍ଠଙ୍କର ଆଉ ଗୋଟିଏ ବକ୍ତୃତା ହେଉଛି "ଚରିତ୍ର ହିଁ ପରମ ବଳ ।" ଏ ସମ୍ବନ୍ଧରେ ସେ ଯାହା ବକ୍ତବ୍ୟ ଦେଇଥିଲେ, ତାହାର ସାର ମର୍ମ ଛାତ୍ରମାନେ ଏକତ୍ର କରିଥିଲେ ଓ ସତ୍ୟବାଦୀ ପତ୍ରିକାର ୧୩୨୪ ସାଲ ଅଷ୍ଟମ ଠାରୁ ଦ୍ୱାଦଶ ସଂଖ୍ୟାରେ ପ୍ରକାଶ ପାଇଥିଲା । ଏହା 'ସତ୍ୟବାଦୀ'ରେ ୩୧୯ ପୃଷ୍ଠା ଠାରୁ ୩୩୬ ପୃଷ୍ଠା ପର୍ଯ୍ୟନ୍ତ ବ୍ୟାପି ରହିଥିଲା । ଚରିତ୍ର ଗଠନ ଓ ବ୍ରହ୍ମଚର୍ଯ୍ୟ ସାଧନ ଥିଲା ସତ୍ୟବାଦୀ ବିଦ୍ୟାଳୟର ମୂଳ ମନ୍ତ୍ର । କେବଳ ପାଠ୍ୟ ପୁସ୍ତକ କିମ୍ବା ପାଠ୍ୟ ବହିର୍ଭୂତ ପୁସ୍ତକ ପାଠ କରିବା ଛାତ୍ରମାନଙ୍କର ଏକମାତ୍ର ଅଭ୍ୟାସ ନ ଥିଲା । ସେମାନେ ନୀତି ଶିକ୍ଷା ମଧ୍ୟ ବିଦ୍ୟାଳୟରେ କେବଳ ଶିକ୍ଷକମାନଙ୍କ ଆଦର୍ଶ ଜୀବନରୁ ଲାଭ କରୁ ନ ଥିଲେ । ସେମାନଙ୍କର ନୀତି ଶିକ୍ଷାର ସ୍ଥାନ ଥିଲା, ତାଙ୍କର ବିସ୍ତୃତ ପ୍ରତିବେଶୀ ସମାଜ । ସେହି ସମାଜର ଲୋକମାନଙ୍କ ସହିତ ଓ ସେମାନଙ୍କର ସୁଖ, ଦୁଃଖ ସହିତ ନିଜ, ନିଜ କ୍ଷୁଦ୍ର ଜୀବନର ବ୍ୟାପାର ମିଳାଇ ମିଶାଇ ସେମାନେ ପର ଦୁଃଖ ମୋଚନ ତତ୍ପର ହେଉଥିଲେ । ଏହାହିଁ ଥିଲା ସେମାନଙ୍କର ମାନବ ସେବା । ଏହି ସେବାରେ ଉତ୍ପତ୍ତି ଆତ୍ମାର ନିଭୃତ ଗୁହାରେ ଥିବା ଚରିତ୍ରରେ । ଏହି ଚରିତ୍ରକୁ କେହି କେବେ ଦେଖି ନାହାନ୍ତି କିମ୍ବା କେହି କେବେ ଶୁଣି ନାହାନ୍ତି । ଏବେ କୌଣସି, କୌଣସି ବିଦ୍ୟାଳୟରେ Good character prize ଦିଆଯିବାର ଶୁଣାଯାଏ, କିନ୍ତୁ ସତ୍ୟବାଦୀର ଶିକ୍ଷକ ବୃନ୍ଦ ଏହି Good character prize ବିରୁଦ୍ଧରେ । ନୀଳକଣ୍ଠ କହନ୍ତି, "କାହାର ଚରିତ୍ର କିପରି, ସେହି କେବଳ ଜାଣେ, ତା ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ । କେବଳ ଦିଆହେଲେ Good conduct prize ଦିଆ ଯାଇପାରେ ।" ଏହି ଚରିତ୍ରବର୍ତ୍ତୀ ମନୁଷ୍ୟର ଅମୂଲ୍ୟ ସଂପଦ କେହି,

Digitized by PPRACHIN, SOA

କେହି ଏହାକୁ ନିମ୍ନଲିଖିତ ପ୍ରବଚନରେ ପ୍ରକାଶକରିଥାଆନ୍ତି–

"ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନଥିଲେ ସବୁ ଅସାର ।"

ପୂର୍ବ ଅଧ୍ୟାୟରେ କୁହା ଯାଇଚି, ନୀଳକଣ୍ଠ ସେତେବେଳେ ଛାତ୍ରମାନଙ୍କର ସାଧାରଣ ଜ୍ଞାନ ବଢାଇବା ନିମନ୍ତେ ପ୍ରତ୍ୟେକ କ୍ଲାସ ପାଇଁ ଗୋଟିଏ ଗୋଟିଏ ପୃଥକ୍ ପାଠାଗାରର ବ୍ୟବସ୍ଥା କରିଥିଲେ । ଆଜିକାଲି ଯଦି ସେପରି ବ୍ୟବସ୍ଥା କୌଣସି କୌଣସି ସ୍କୁଲରେ ଥିବାର ଦେଖାଯାଏ, ତେବେ ତାହା ନୀଳକଣ୍ଠଙ୍କର କୃତିତ୍ୱର ଫଳ ବୋଲି କହିବାକୁ ହେବ । କାରଣ ସେତେବେଳର ଗୋଘ ଇନ୍ସପେକ୍ଟର ସାହେବ, ସତ୍ୟବାଦୀ ବନବିଦ୍ୟାଳୟର ଏହି ଶ୍ରେଣୀ ପାଠାଗାର ଦେଖି ଓଡ଼ିଶାରେ ଥିବା ସମସ୍ତ ବିଦ୍ୟାଳୟମାନଙ୍କୁ ସତ୍ୟବାଦୀ ସ୍କୁଲର ଆଦର୍ଶରେ ପାଠାଗାର ପ୍ରତିଷ୍ଠା କରିବା ନିମନ୍ତେ କଠୋର ନିର୍ଦ୍ଦେଶ ଦେଇଥିଲେ ଓ ସେବେ ପ୍ରଥମ ହୋଇ ବିଦ୍ୟାଳୟମାନଙ୍କରେ ଶ୍ରେଣୀ ପାଠାଗାର ମାନ ଖୋଲିଥିଲା । ସତ୍ୟବାଦୀ ସ୍କୁଲର କ୍ଲାସ ପାଠାଗାର ନିମନ୍ତେ ଯେତେ ଯେତେ ବହି ସବୁ ଆସିଥିଲା, ତା ମଧ୍ୟରେ ଥିଲା Smith ସାହେବଙ୍କ ପ୍ରଣୀତ 'Character", "Thrift", "self help" ପ୍ରଭୃତି ଉପାଦେୟ ପୁସ୍ତକ ସବୁ । ଏହା ବ୍ୟତୀତ, ବିଦ୍ୟାଳୟର ଶିକ୍ଷକମାନେ କିମ୍ବା ବାହାରର ବିଶିଷ୍ଟ ବ୍ୟକ୍ତିମାନେ ଆସି ପ୍ରତି ଶନିବାର ସଂଧ୍ୟାରେ ବ୍ଲକ ମିଟିଂ ମାନଙ୍କରେ ବକ୍ତୃତା ମାଧ୍ୟମରେ ଛାତ୍ରମାନଙ୍କୁ ବହୁ କଥା ବୁଝାଇ ଯେଉଁ ବକ୍ତୃତା ମାନ ଦେଉଥିଲେ, ତାହା ଛାତ୍ରମାନଙ୍କର ନୈତିକ ଉତ୍କର୍ଷ ସାଧନରେ ବିଶେଷ ସାହାଯ୍ୟ କରୁଥିଲା । ସେଦିନ ସଂଧ୍ୟାରେ ନୀଳକଣ୍ଠ ଯେଉଁ ଦୀର୍ଘ ପ୍ରାଣସ୍ପର୍ଶୀ ବକ୍ତୃତା ଦେଇଥିଲେ, ତାହା ଏବେ ସୁଦ୍ଧା ଆମ୍ଭମାନଙ୍କ ହୃଦୟରେ ରେଖାଙ୍କିତ ହୋଇ ରହିଛି ଏବଂ Smith ସାହେବଙ୍କ Character ପଢି ଆମ୍ଭେ ବୁଝି ପାରିଛୁ–ସେହି ବହି ଓ ଏ ବକ୍ତୃତା ମଧ୍ୟରେ କି ଆକାଶ ପାତାଳ ପ୍ରଭେଦ । Smith ସାହେବ Characterର ସଂଜ୍ଞା ଦେବାକୁ ଯାଇ ଉଲ୍ଲେଖ କରି ଅଛନ୍ତି–

"Character is one of the greatest motive powers in the world. In its noblest embodiments, it exemplifies human nature in its highest forms, for it exhibits man at his best."

ନୀଳକଣ୍ଠ ଚରିତ୍ର ସମ୍ବନ୍ଧରେ କହି ଅଛନ୍ତି "ମୋଟାମୋଟି ଅଳ୍ପ କଥାରେ ମନେରଖ, ସୁସଂଯତ ଇଚ୍ଛା ଶକ୍ତି ହିଁ ଚରିତ୍ର । ଯାହାର ଆଭ୍ୟନ୍ତରୀଣ ଇଚ୍ଛା ଶକ୍ତି ବା କର୍ମ ପ୍ରୟାସ ଯେପରି ପରିମାଣରେ ସୁସଂଯତ, ସେ ସେହି ପରିମାଣରେ

Digitized by PPRACHIN, SOA

ଚରିତ୍ରବାନ, ମନ୍ଦ କାର୍ଯ୍ୟରୁ ନିବର୍ତ୍ତାଇ ଇଚ୍ଛାକୁ ଭଲ କାର୍ଯ୍ୟରେ ପ୍ରବର୍ତ୍ତାଇବାର ଚେଷ୍ଟା ଚରିତ୍ର ଗଠନର ମୂଳ ମନ୍ତ୍ର ।" ଏ ବିଷୟରେ ମୋ ଲିଖିତ (୧୯୮୨ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା 'ସମାଜ'ରେ "ସତ୍ୟବାଦୀ ବିଦ୍ୟାଳୟରେ ଚରିତ୍ର ଚର୍ଚ୍ଚା'—ପ୍ରକାଶିତ ପ୍ରବନ୍ଧ ଦର୍ଶନୀୟ ।

Smiths ସାହେବ ଚରିତ୍ର ଗଠନର ପ୍ରଧାନ ପ୍ରଧାନ, ଉପାଦାନ ଯଥା— ପାରିବାରିକ ଶକ୍ତି, ମହତ ଲୋକଙ୍କର ଆଦର୍ଶ, ଶ୍ରମର ମର୍ଯ୍ୟାଦା, ସାହସ, ଆତ୍ମ-ସଂଯମ, କର୍ତ୍ତବ୍ୟ ପରାୟଣତା, ତଥା ସତ୍ୟବାଦୀତା, ଆଚରଣ ଶିକ୍ଷା, ପୁସ୍ତକ-ମାନଙ୍କର ସାହଚର୍ଯ୍ୟ, ଶୃଙ୍ଖଳାବୋଧ ପ୍ରଭୃତି ବିଭିନ୍ନ ବିଭାଗରେ ବିଭକ୍ତ କରି ତାଙ୍କ ପୁସ୍ତକଟିକୁ ପ୍ରଣୟନ କରି ଅଛନ୍ତି । କିନ୍ତୁ ଏହି ବକ୍ତୃତାରେ ନୀଳକଣ୍ଠ ଆତ୍ମ ସଂଯମ କିମ୍ବା ସୁସଂଯତ ଇଚ୍ଛା ଶକ୍ତିକୁ ଚରିତ୍ର ଗଠନର ମୌଳିକ ଉପାଦାନ ରୂପେ ଗ୍ରହଣ କରି ଅଛନ୍ତି । ସେ ତାଙ୍କ ବକ୍ତୃତା ପ୍ରସଙ୍ଗରେ ପୁନର୍ବାର ଛାତ୍ରମାନଙ୍କର ଅବବୋଧ ନିମନ୍ତେ କହି ଅଛନ୍ତି "ଗାଈ ଆମ୍ଭର ଫସଲ ଖାଇବାକୁ ଆସୁଅଛି । ଭୟ ଦେଖାଇ ଦେଲେ ସେ ପଳାଇଯାଏ । ଭୟରେ ତାହା ଇଚ୍ଛା ବଦଳିଗଲା । ଏହିପରି ବାହାରରୁ କୌଣସି ସାକ୍ଷାତ୍ ବାଧା ନ ପାଇଲେ ସେମାନଙ୍କର ଇଚ୍ଛା ବଦଳେ ନାହିଁ । ନିଜେ ଭୂତ ଭବିଷ୍ୟତ ଓ ଫଳାଫଳ ଆଲୋଚନା କରି ସେମାନେ ଇଚ୍ଛା ବଦଳାଇ ପାରନ୍ତି ନାହିଁ । ଜୀବନର କୌଣସି କାର୍ଯ୍ୟରେ ସେମାନଙ୍କର ଦୂରଦୃଷ୍ଟି ମଧ୍ୟ ନାହିଁ । ଘାସ ଦେଖିଲେ ଛେଳିର ଖାଇବାକୁ ଇଚ୍ଛା ହୁଏ । ଲୋକେ ସେହି ଘାସ ଦେଖାଇ ଛେଳିକୁ ହାଣିବାକୁ ନେଇ ଯାଆନ୍ତି, ଘାସ ଦେଖି ଲୋଭରେ ଲୋକଟିର ଅନୁସରଣ କଲାବେଳେ ଛେଳି ବିଚାରି ପାରେ ନାହିଁ ଯେ ତାହାର ହଣା ହେବାହିଁ ଫଳ ହେବ । ତେବେ ବୁଝିଲ, ଇତର ଜନ୍ତୁମାନଙ୍କର ହୁଏତ ଇଚ୍ଛା ଶକ୍ତି ଅଛି, କିନ୍ତୁ ପୂର୍ବାପର ବିଚାରରେ ବା ଦୂରଦୃଷ୍ଟି ବଳରେ ସେହି ଇଚ୍ଛାକୁ ସଂଯତ କରିବାର ଅଧିକାର ନାହିଁ । ମନୁଷ୍ୟର ସେହି ଅଧିକାର ହିଁ ବିଶେଷତ୍ୱ । ଜାଣିଥିବ, ପୂର୍ବ ବିଚାର ବା ଦୂରଦୃଷ୍ଟି ବଳରେ ନିଜର ଇଚ୍ଛା ତଥା କ୍ରିୟାକୁ ଯେ ଯେତିକି ସଂଯତ କରିପାରେ, ସେ ସେତିକି ପ୍ରକୃତ ମନୁଷ୍ୟ ପଦବାଚ୍ୟ । ତାହାର ଚରିତ୍ର ସେତିକି ଦୃଢ଼ ଓ ଉନ୍ନତ । ଚରିତ୍ର କଥାଟି ଅନେକ ଦିନ ଶୁଣିଥିଲ । 'ଚରିତ୍ର ଭଲ କରିବାକୁ ହେବ ।" 'ଚରିତ୍ର ମାନବର ସର୍ବସ୍ୱ' 'ଚରିତ୍ର ନଥିଲେ ଜୀବନର ମୂଲ୍ୟ ନାହିଁ ।' ପ୍ରଭୃତି ଉପଦେଶ ସମସ୍ତେ ଶୁଣିଛୁ । ମାତ୍ର ସେ ଚରିତ୍ର କି ବସ୍ତୁ ? ମାନବ ଜୀବନରେ ତାହାର କ୍ରିୟା କିପରି ଲକ୍ଷ୍ୟ କରାଯିବ, ଅନେକ ଏ ସବୁ ସ୍ପଷ୍ଟତଃ ଜାଣି

Digitized by PPRACHIN, SOA

ନଥିବେ । ମୋଟାମୋଟି ଅଳ୍ପ କଥାରେ ମନେରଖ, 'ସୁସଂଯତ ଇଚ୍ଛା ଶକ୍ତି ହିଁ ଚରିତ୍ର ।"

ଏହିପରି ଭାବରେ ଜୀବ ଜଗତରୁ ସେ ବହୁ ଦୃଷ୍ଟାନ୍ତ ଦେଇ 'ଚରିତ୍ର' ପରି ଗୁଢ଼ ତତ୍ତ୍ୱ ରହସ୍ୟପୂର୍ଣ୍ଣ ବିଷୟଟିର ଅବତାରଣା କରି ଅଛନ୍ତି । ତାଙ୍କ ମତରେ ଯାହାର ସଦାଚରଣ ଦେଖାଯାଏ–ତାହାର ଚରିତ୍ର ଉତ୍ତମ ହୋଇପାରେ । କିନ୍ତୁ ନିଶ୍ଚୟ ଯେ ହୋଇଥିବ ତାହା କେହି କହି ପାରିବେ ନାହିଁ । ମାତ୍ର ସଚ୍ଚରିତ୍ର ହେଲେ ସଦାଚାର ତାହାର ଅବଶ୍ୟମ୍ଭାବୀ ଫଳ । ସେ ପୁଣି କହି ଅଛନ୍ତି "ଚରିତ୍ରର ବଳ ଅନନ୍ତ । ସେ ବଳ ପାଖେ ଅନ୍ୟ ବଳ ବଳ ନୁହେଁ । ମନୁଷ୍ୟ ଯାହା ହେବ ବା ଯାହା କରିବ, ସବୁ ତାହାର ଚରିତ୍ରର ଅନ୍ତର୍ଗତ । ଅର୍ଥାତ୍ ଚରିତ୍ରରେ ସ୍ଥିତି, ଚରିତ୍ରରେ ମୁକ୍ତି, ଅର୍ଥାତ୍ ମାନବ ଜୀବନର ସାର୍ଥକତା । ମନୁଷ୍ୟର ଆଉ କି ବଳ ଲୋଡ଼ା ? ଶରୀର ମନର ଅଧୀନ । କ୍ରିୟା ଇଚ୍ଛାର ଦାସ । ଶରୀର ବଳ ବଳ ନୁହେଁ । ଶାରୀରିକ କର୍ମ କର୍ମ ନୁହେ । ସବୁ ବଳର ଆଧାର ମନରେ । ତତ୍ ପରେ ଯେଉଁ ମନ ଲାଗି ମନୁଷ୍ୟ ଆଜି ଏତେ ବଡ ହୋଇ ଉଠିଛି, ସେହି ମନ ଭିତରେ ଜୀବନରେ ଉଦ୍ଦେଶ୍ୟ ଓ ଚରିତ୍ରର ନିଗୁଢ ତତ୍ତ୍ୱ ନିହିତ ଅଛି । ଅବଶ୍ୟ ସେ ସବୁ ବିଷୟ ବୁଝିବାର ବେଳ ତୁମ୍ଭ ପକ୍ଷରେ ଆସି ନାହିଁ ।"

## ମନ ଭିତରର ତିନୋଟି ବିଭାଗ

ନୀଳକଂଠ ପୁଣି କହି ଚାଲିଲେ "ମନ ଭିତରେ ତିନୋଟି ବିଭିନ୍ନ ବିଭାଗ ଲକ୍ଷ୍ୟ କରାଯାଇ ପାରେ । ସେଥି ମଧ୍ୟରୁ ଗୋଟିଏ ଅନୁଭବ । ଅପରଟି ଜ୍ଞାନ, ଓ ତୃତୀୟଟି ଇଚ୍ଛା । ଏ ତିନୋଟି ବିଭାଗ ମନ ଭିତରେ କେହି କାହାରିକୁ ଛାଡ଼ି ଏକାକୀ ଦେଖା ଦିଅନ୍ତି ନାହିଁ । କିନ୍ତୁ ବେଳେ ବେଳେ ଗୋଟିକର ପ୍ରାଧାନ୍ୟ ଥାଏ, ଅନୁଭବରେ ଜ୍ଞାନ ଅଛି ଓ ଇଚ୍ଛା ସେଥିରୁ ବାହାରେ । ଜ୍ଞାନରେ ଅନୁଭବ ଅଛି ଏବଂ ଇଚ୍ଛାର ମଧ୍ୟ ସେହିଠାରୁ ଉଦ୍ରେକ, ଇଚ୍ଛାରେ ଅନୁଭବ ଜ୍ଞାନ ରହିଅଛି । ଅଭାବରୁ ଇଚ୍ଛା ହୁଏ । ଅଭାବ ଗୋଟିଏ ଅନୁଭବ । ସେ ଅନୁଭବର ଜ୍ଞାନ ହେଲେ ଇଚ୍ଛା ଜାତ ହୁଏ ଅର୍ଥାତ ଆମ୍ଭେ ଅଭାବ ଦୂର କରିବାକୁ ଯାଉ ।" ନୀଳକଣ୍ଠ ଅବିଶ୍ରାନ୍ତ ଭାବରେ ଏକଥା କହୁ, କହୁ ଦୁଇ ଘଣ୍ଟାରୁ ଅଧିକ ସମୟ ବିତିଗଲା । ସମୟ ପ୍ରାୟ ଗତି ନଥଟା । ଖାଇବା ନିମନ୍ତେ ଘଣ୍ଟା ଦିଆଯିବା ସମୟ । କିନ୍ତୁ ସଭାରେ ସର୍ବତ୍ର ଘୋର ନୀରବତା ଓ ନିଷ୍ଫଳତା । ଆହୁରି ଉତ୍କୀର୍ଣ୍ଣ ହୋଇ ଶୁଣିବାକୁ ଶ୍ରୋତାମାନଙ୍କର ଇଚ୍ଛା, ଏଣେ ଠିକ ସମୟରେ ଖାଇବା ଘଣ୍ଟା ନ ବାଜିଲେ ଗୁରୁକୁଳ ଆଶ୍ରମର ନିୟମ ଲଂଘନ ହେବ, ତେଣେ ବକ୍ତୃତାଟିକୁ ମର୍ମସ୍ପର୍ଶୀ ଭାବରେ ଉପସଂହାରରେ ନ

Digitized by PPRACHIN, SOA

ପହଞ୍ଚାଇ ପାରିଲେ ଏଇ ଦୁଇ ଘଣ୍ଟାର ଶ୍ରମ ତାଙ୍କର ବ୍ୟର୍ଥ ହେବ । ଅତଏବ ବାଗ୍ମୀପ୍ରବର ନୀଳକଣ୍ଠ ବକ୍ତୃତାଟିକୁ ନିମ୍ନଲିଖିତ ଭାବରେ ଶେଷ କରି ତାଙ୍କର ଆସନ ଗ୍ରହଣ କଲେ, ତଥାପି ଚତୁର୍ଦ୍ଦିଗରେ ଅନନ୍ତ ଜିଜ୍ଞାସା ଓ ଜ୍ଞାନ ପିପାସୁ ଛାତ୍ରଗଣ ରହି ଥାଆନ୍ତି, ଆଉ ଚରିତ୍ର ସମ୍ବନ୍ଧରେ କି ଅମୃତମୟୀ ବାଣୀ ନୀଳକଣ୍ଠଙ୍କ ମନୀଷାରୁ ସ୍ଫୁରିତ ହେବ. ଆଉ କେଉଁ ସାର୍ଥକ ବାଣୀ ଶୁଣି ସେମାନେ ଜୀବନକୁ ଧନ୍ୟ କରିବେ ? ଏ ଉତ୍କଣ୍ଠାରେ ଛାତ୍ରମାନଙ୍କର ଶେଷ ନାହିଁ ।

## ଇଚ୍ଛାକୁ ଅଧୀନ କରିବା ହିଁ ଚରିତ୍ର ଗଠନର ମୂଳ ମନ୍ତ୍ର –

ଉପସଂହାରର ଶେଷ ଭାଗରେ ନୀଳକଣ୍ଠ ଆବେଗ କମ୍ପିତ କଣ୍ଠରେ କହିଲେ–

"ଅତଏବ ଏହି ଚରିତ୍ର କଥାଟିରେ ଜୀବନର ସମସ୍ତ ନୀତି, ସମସ୍ତ ଆଦର୍ଶ ନିହିତ ଅଛି । ତୁମ୍ଭେମାନେ ବାଳକ; ହୁଏତ ଜୀବନର ନୀତି ଓ ଆଦର୍ଶ ସମ୍ବନ୍ଧରେ ସ୍ପଷ୍ଟ କିଛି ତୁମ୍ଭଙ୍କୁ ବୁଝା ପଡୁ ନଥିବ । ସେଥିପାଇଁ କହେଁ, ଯାହା ତୁମର ନୀତି ତୁମ୍ଭର ଆଦର୍ଶ ବୋଲି, ତୁମ୍ଭଙ୍କୁ କୁହା ଯାଉଛି, ସେ ସବୁ ଅତି ଆଗ୍ରହରେ ସମସ୍ତ ପ୍ରାଣର ସହିତ ଗ୍ରହଣ କର, ସେ ସବୁକୁ ଏହି ବୟସରୁ ଜୀବନରେ ଅଙ୍ଗୀଭୂତ କର । ଉପଦେଶ ଗ୍ରହଣ କରିବାକୁ ପ୍ରାଣକୁ ସର୍ବଦା ପିପାସିତ ଓ ଉନ୍ମୁକ୍ତ ରଖ, ଯାହା କାର୍ଯ୍ୟରେ କରୁଅଛ ଇଚ୍ଛାକୁ ସର୍ବଦା ସର୍ବତୋ ଭାବେ ତାହାର ଅନୁଗାମୀ କରି ରଖ । ଥରେ ଇଚ୍ଛା ସଂଯମରେ ସିଦ୍ଧ ହେଲେ, ଜ୍ଞାନ ବଳରେ ତୁମ୍ଭର ଯେ ଉଦ୍ଦେଶ୍ୟ ଫିଟୁ, ଇଚ୍ଛା ଅତି ସହଜରେ ସେ ଆଡ଼କୁ ଯିବ । ପ୍ରତିଷ୍ଠିତ ଚରିତ୍ର ପକ୍ଷରେ ସେ କଥା କଷ୍ଟକର ନୁହେଁ । ଇଚ୍ଛାକୁ ଅଧୀନ କରିବା ହିଁ କଷ୍ଟ । ଥରେ ଅଧୀନ କରିବାକୁ ପ୍ରକୃତି କରିନେଲେ, ଚରିତ୍ର ଆସିଲା, ଆଉ ଚିନ୍ତା ନାହିଁ । ନିଜେ ନିଜେ ପ୍ରାଣରେ ପ୍ରେମ ଓ ବିସ୍ତୀର୍ଣ୍ଣତା ଆସିବ । ଜୀବନ ପୂର୍ଣ୍ଣ ଓ ମହନୀୟ ହେବ । ମାନବତ୍ୱ ତୁମ୍ଭ ଭିତରେ ଫୁଟି ଉଠିବ, ବିଧାତା ତୁମ୍ଭ ପ୍ରତି ବରଦ ହେବେ । ତୁମ୍ଭର ପଶୁତ୍ୱ ଛିନ୍ନ ହେବ । ଜୀବନ ଦେବତ୍ୱରେ ଉଦ୍ଭାସିତ ହେବ ।"

ଘଣ୍ଟା ବାଜିଲା, ଛାତ୍ରମାନେ ପଟି ପକାଇ ଭୋଜନରେ ବସିଲେ । ତାଙ୍କ ସମ୍ମୁଖରେ ବସିଲେ ଭୋଜନାର୍ଥୀ ଶିକ୍ଷକମାନେ । ସେମାନଙ୍କ ମଧ୍ୟରେ ଥଟ୍ଟା ପରିହାସରେ କଥା ପଡ଼ିଲା, ଆର ଶନିବାର ବୁକ ମିଟିଙ୍ଗରେ କିଏ ବକ୍ତୃତା ଦେବ । ଗୋଦାବରୀଶ ବାବୁ ହସି ଉଠି କହିଲେ "ନୀଳକଣ୍ଠ ବାବୁଙ୍କ ବକ୍ତୃତା ତ ଗଗନସ୍ପର୍ଶୀ ହେଲା । ଆଉ ଜଣେ ଶିକ୍ଷକ କହିଲେ "ନା, ନା ଗଗନସ୍ପର୍ଶୀ ନୁହେଁ ଏହା ପ୍ରାଣ ମନ୍ଦିର ବାସିନୀ ବାଣୀ ହେଲା ।" ଏ ସବୁ ଥଟ୍ଟା ପରିହାସ ମଧ୍ୟ

Digitized by PPRACHIN, SOA

କେତେବେଳେ ସ୍ଥିର ହୋଇଗଲା, ଯେ ତା' ପର ଶନିବାର ରାତିରେ ଏହି ଚରିତ୍ର-ବତ୍ତା ଫୁଟାଇଥିବା ଜଣେ ଇଂରେଜୀ ଆଦର୍ଶ ଶିକ୍ଷକଙ୍କର ଜୀବନୀ ଓ ମହତ୍ତ୍ୱ ସମ୍ବନ୍ଧରେ ଗୋଦାବରୀଶ ବାବୁ ବକ୍ତୃତା ଦେବେ । ସେ ହେଲେ, ଇଂଲଣ୍ଡର କବି ଓ ବିଖ୍ୟାତ ସମାଲୋଚକ ମାଥ୍ୟୁ ଆର୍‌ନଲ୍‌ଡ଼ଙ୍କ ପିତା ଥମାସ ଆର୍‌ନଲଡ । ୧୮୨୮ ଖ୍ରୀଷ୍ଟାବ୍ଦରେ ୨୫ ବର୍ଷ ବୟସ ବେଳେ ଶିକ୍ଷକତାକୁ ଜୀବନର ନୀତି ଓ ସୁଖ ରୂପେ ବରଣ କରି ଗୋଟିଏ ଉଚ୍ଚ ବିଦ୍ୟାଳୟର ସେ ପ୍ରଧାନ ଶିକ୍ଷକ କାର୍ଯ୍ୟ ଗ୍ରହଣ କରିଥିଲେ । ସେହି ସ୍କୁଲଟି ରୁଗବୀର ବର୍ତ୍ତମାନ ପ୍ରସିଦ୍ଧ ଓ ପ୍ରଧାନ ସ୍କୁଲ । ଗୋଦାବରୀଶ ତା' ପର ଶନିବାର ସଂଧ୍ୟାରେ ସେହି ଆର୍‌ନଲଡ଼ଙ୍କ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ ।

ଏହାହିଁ ଥିଲା ସତ୍ୟବାଦୀରେ କୋମଳମତି ଛାତ୍ରମାନଙ୍କୁ ଭବିଷ୍ୟତରେ ସୁନାଗରିକ ଗଢ଼ିବାର ସାଧନା ।

## ଉଦ୍ଭିଦବିତ୍ ନୀଳକଣ୍ଠ—

ଉଦ୍ଭିଦ ବିଜ୍ଞାନ ସମ୍ପର୍କରେ ନୀଳକଣ୍ଠଙ୍କ କାଳ ପର୍ଯ୍ୟନ୍ତ ବୈଜ୍ଞାନିକ ପଦ୍ଧତିରେ କୌଣସି ଲେଖା ପ୍ରାୟ ଓଡ଼ିଆ ଭଷାରେ ନଥିଲା । ସେତେବେଳକୁ ଯୋଗେଶ ଚନ୍ଦ୍ର ବିଦ୍ୟାନିଧି ରେଭେନ୍‌ସା କଲେଜର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଥିଲେ । ନୀଳକଣ୍ଠ ଅଧ୍ୟାପକ ଯୋଗେଶ ବାବୁଙ୍କ ଠାରୁ ଉଦ୍ଭିଦ ବିଦ୍ୟା ସମ୍ବନ୍ଧରେ କିଛି ତତ୍ତ୍ୱ ଆହରଣ କରିଥିଲେ । କାରଣ ଯୋଗେଶ ବାବୁ ଯେତେବେଳେ ଦିନେ ଶ୍ରୀପଞ୍ଚମୀ ପୂଜା ଉପଲକ୍ଷେ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସିଥିଲେ, ସେତେବେଳେ ତାଙ୍କର ପରିଦର୍ଶନ ମନ୍ତବ୍ୟ ବଙ୍ଗଳାର ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ଭରତ ବର୍ଷରେ ପ୍ରକାଶ କରିଥିଲେ । ସେହି ଦୀର୍ଘ ପ୍ରବନ୍ଧ ମଧ୍ୟରେ ସେ ଉଲ୍ଲେଖ କରିଥିଲେ "ରାତିର ଅନ୍ଧକାର ମଧ୍ୟରେ ଆସୁ, ଆସୁ ମନେ ହେଲା, ଦିଗ୍‌ଭ୍ରମ ହୋଇଅଛି । ଗୋଟିଏ ପିଲାକୁ ପଚାରିଲି କୁଆଡେ ଯାଉଁଥାଇଁ ? ସେ ତତ୍‌କ୍ଷଣାତ୍ କହିଲା 'ଉତ୍ତର ଦିଗକୁ ।' ପଚାରିଲି କିପରି ଜାଣିଲ ? ଛାତ୍ରଟି ଅବଲୀଳା କ୍ରମେ ଉତ୍ତର ଦେଲା, "ଏହି ଯେ ଆକାଶରେ ସପ୍ତର୍ଷି ନକ୍ଷତ୍ର ଦେଖା ଯାଉଛି ।" ଏହି ଉତ୍ତର ଶୁଣି ବୁଝିଲି ପିଲମାନେ କେବଳ ପାଠ୍ୟ ମୁଖସ୍ଥ କରନ୍ତି ନାହିଁ । ଗଛ ପତ୍ରରେ କେବଳ ଚଢନ୍ତି ନାହିଁ, କେବଳ ଯାତ୍ରୀମାନଙ୍କର ସେବା କରନ୍ତି ନାହିଁ, ବିଦ୍ୟା ବି ଶିଖନ୍ତି । ଶିକ୍ଷକମାନେ ଏବେ ମଧ୍ୟ ନବ୍ୟ, କିନ୍ତୁ ଯେଉଁମାନେ ସ୍ୱେଚ୍ଛାରେ ଶିକ୍ଷକ ହୋଇ ଅଛନ୍ତି ପର ପିଲାଙ୍କୁ ଶିଖାଇବାକୁ ପ୍ରସ୍ତୁତ ଅଛନ୍ତି, ସେମାନଙ୍କର ନିକଟରେ

Digitized by PPRACHIN, SOA

ଶିଖାଇବାର ରହସ୍ୟ ଅଜ୍ଞାତ ରହିବ ନାହିଁ । କିନ୍ତୁ ଏମାନେ ସମସ୍ତେ ମୋର ଛାତ୍ର, ଏଠାରେ ଏମାନଙ୍କୁ କି କଠିନ ପରିଶ୍ରମ ନ କରିବାକୁ ପଡୁଛି ? ନବ୍ୟ ଶିକ୍ଷକମାନେ ଛାତ୍ରାବସ୍ଥାରେ ଯେପରି ହୃଷ୍ଟପୁଷ୍ଟ ଥିଲେ, ସେପରି ସେମାନଙ୍କୁ ଦେଖିଲି ନାହିଁ । ସେଦିନ ସେମାନଙ୍କୁ ଶୀର୍ଣ୍ଣ ଦେଖି କଷ୍ଟ ହେଲା, ଆନନ୍ଦ ବି ହେଲା, ଗୋଟିଏ ଦିନରେ ଗୋଟିଏ ଗୋଟିଏ ବର୍ଷରେ ପରାର୍ଥପରତା ଆସେ ନାହିଁ । ଆମ୍ଭେମାନେ ନଗଣ୍ୟ, ନିର୍ଦ୍ଧନ ଅଥଚ କଅଣ କରିପାରୁ । ଏହି ଚିନ୍ତାରୁ ସତ୍ୟବାଦୀ ବିଦ୍ୟାଳୟର ପ୍ରତିଷ୍ଠା । କିନ୍ତୁ ଠିକ୍ ପ୍ରେମ ବ୍ୟତୀତ ଆମ୍ଭମାନଙ୍କର ଆଉ କିଛି ଦେବାର ନାହିଁ ।"

ଯେଉଁ ଯୋଗେଶ୍ ଚନ୍ଦ୍ର ରାୟ ବିଦ୍ୟାନିଧି ନୀଳକଣ୍ଠ ପ୍ରଭୃତି ଶିକ୍ଷକମାନଙ୍କୁ ଏତେ ଯତ୍ନ ଆଦରରେ ଦେଖି ପାରନ୍ତି, ତାଙ୍କରି ଠାରୁ ନୀଳକଣ୍ଠ ଉଦ୍ଭିଦ ବିଦ୍ୟା ସମ୍ପର୍କରେ ଯେଉଁ ତତ୍ତ୍ୱ ସବୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ରେଭେନ୍ସା କଲେଜରେ ଶିକ୍ଷା କରିଥିଲେ. ତାହା ସବୁ ଯେପରି ଆଜି ଫଳବତୀ ହୋଇ ଉଠିଛି ।

ସେତେବେଳେ ଅର୍ଥାତ ୧୯୧୫-୧୯୧୬ ମସିହାବେଳେ ବାମଣ୍ଡାର ମହାରାଜା ସୁରଲ ଦେବଙ୍କ ପୁତ୍ର ମହାରାଜ ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓଡ଼ିଶାରେ ଜଣେ ବିଜ୍ଞାନବିତ୍ ବ୍ୟକ୍ତି ଥିଲେ । ସେ ବୃଷ୍ଟି ଓ ଜଳ ପ୍ରବାହ ସମ୍ପର୍କରେ ରାଜକୀୟ ଉଦ୍ୟାନକୁ କିପରି ପରିପାଳନ ଓ ପରିବର୍ଦ୍ଧନ କରିଥିଲେ ସେ ସମ୍ପର୍କରେ ମଧ୍ୟ କେତେ ଖଣ୍ଡି ବହି ରଚନା କରିଥିଲେ । ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକ "କୋଣାର୍କ" ଗ୍ରନ୍ଥର ପ୍ରଣେତା ଶ୍ରୀ କୃପାସିନ୍ଧୁ ମିଶ୍ର ତାଙ୍କର ପୁସ୍ତକଟି ସେହି ମହାଶୟଙ୍କ ନାମରେ ଉତ୍ସର୍ଗ କରି ଲେଖିଥିଲେ "ଗୌରବାବହ ଗଙ୍ଗାବଂଶାବତଂଶ, ବାମଣ୍ଡାର ସୁପଣ୍ଡିତ ଗୁଣଗ୍ରାହୀ ରାଜା ସ୍ୱର୍ଗୀୟ ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ପବିତ୍ର ସ୍ମୃତିରେ ଉତ୍ସୃଷ୍ଟ ।" ନୀଳକଣ୍ଠ ସଚ୍ଚିଦାନନ୍ଦଙ୍କ ପିତା ବାସୁଦେବ ସୁରଲ ଦେବଙ୍କ ବଙ୍ଗ ଭାଷାରେ ଲିଖିତ ସୁଦୀର୍ଘ ଜୀବନୀ ଆଣି ଆମ୍ଭମାନଙ୍କୁ ଦଶମ ଶ୍ରେଣୀର ପାଠାଗାରରେ ପଢ଼ିବାକୁ ଦେଇଥିଲେ । ସେହି ବାମଣ୍ଡା ରାଜବଂଶ ସହିତ ସତ୍ୟବାଦୀ ବିଦ୍ୟାଳୟର ପ୍ରତ୍ୟକ୍ଷ ସମ୍ପର୍କ ବିଦ୍ୟମାନ ଥିଲା । ସେମାନଙ୍କର ବୈଜ୍ଞାନିକ ପ୍ରଚେଷ୍ଟା ଓ ପ୍ରକ୍ରିୟା ନୀଳକଣ୍ଠଙ୍କ ମନରେ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଏଣେ ସେତେବେଳର ଉଦ୍ଭିଦ ବିଶାରଦ ବଡ଼ାମ୍ବା ରାଜ୍ୟରୁ ବିତାଡ଼ିତ ସୁମନ୍ତ ପଟ୍ଟନାୟକଙ୍କ ଅକ୍ଳାନ୍ତ ଚେଷ୍ଟା ଫଳରେ ଛାତ୍ରମାନେ ବହୁ ପରିଶ୍ରମ କରି ନାନା ପ୍ରକାର ଶାକ୍ ଶବ୍‌ଜି ପ୍ରଭୃତି ଗଛ ଲଗାଇ ସେଥିରେ ଅପୂର୍ବ ପାରଦର୍ଶିତା ଲାଭ କରିଥିଲେ । ତେଣୁ ଛାତ୍ରମାନଙ୍କୁ ଉଦ୍ଭିଦ ବିଜ୍ଞାନ ସମ୍ବନ୍ଧରେ କିଛି ତାତ୍ତ୍ୱିକ

Digitized by PPRACHIN, SOA

ଶିକ୍ଷା ଦେବା ଆବଶ୍ୟକ ମନେକରି ନୀଳକଣ୍ଠ "ଉଦ୍ଭିଦ ରହସ୍ୟ" ନାମରେ ପ୍ରବନ୍ଧ ମାନ ରଚନା କରିବାକୁ ଲଗିଲେ । ବିଜ୍ଞାନର ଶିକ୍ଷା ପଦ୍ଧତି ଦୁଇ ଶ୍ରେଣୀରେ ବିଭକ୍ତ- Theoritical (ତାତ୍ତ୍ୱିକ) ଏବଂ Practical (ବୈଷୟିକ) । ସ୍ୱମନ୍ତ ପଟ୍ଟନାୟକଙ୍କ ଉପରେ ବୈଷୟିକ ବିଷୟଟିର ଦାୟିତ୍ୱ ଓ ନୀଳକଣ୍ଠଙ୍କ ଉପରେ ପଡ଼ିଲା ଏହାର ତାତ୍ତ୍ୱିକ ବିଚାର ।

ଏହି ସମୟରେ ପୃଥିବୀର ଅନ୍ୟତମ ଉଦ୍ଭିଦ ବିଜ୍ଞାନ ବେତ୍ତା ଅଧ୍ୟାପକ ଜଗଦୀଶ ଚନ୍ଦ୍ରଙ୍କର ଅଭ୍ୟୁଦୟ । ଏହି ଜଗଦୀଶଙ୍କ ମୃତ୍ୟୁରେ ଗୋପବନ୍ଧୁ ସତ୍ୟବାଦୀର ପ୍ରଥମ ଖଣ୍ଡ ୮ମ ୯ମ ସଂଖ୍ୟାରେ ଲେଖିଥିଲେ, "ଅଧ୍ୟାପକ ମହାତ୍ମା ଜଗଦୀଶ୍ ଚନ୍ଦ୍ର ବସୁ ଭାରତର ଗୌରବ, ଜଗତର ଜଣେ ଆଚାର୍ଯ୍ୟ ଏବଂ ପ୍ରକୃତିର ଏକ ପ୍ରଧାନ ପୁରୋଧା ।"

ସରକାରଙ୍କ ଖର୍ଚ୍ଚରେ ସେ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆମେରିକା ପ୍ରଭୃତି ଦେଶର ପ୍ରଧାନ ପ୍ରଧାନ ବିଦ୍ୟାନଗରୀ ଓ ଜ୍ଞାନକେନ୍ଦ୍ରମାନଙ୍କରେ ତାଙ୍କ ଆବିଷ୍କୃତ ଉଦ୍ଭିଦ ଓ ପ୍ରାଣୀ ତତ୍ତ୍ୱ ମାନ ବୁଝାଇ ପାଶ୍ଚାତ୍ୟ ଜଗତରେ ଭାରତୀୟ ମସ୍ତିଷ୍କର ସୂକ୍ଷ୍ମ ଗବେଷଣା, ଅସାମାନ୍ୟ ପ୍ରତିଭା ଓ କଳ୍ପନା ଶକ୍ତିର ପରିଚୟ ଦେଇଥିଲେ । ଜ୍ଞାନ ଓ ଧର୍ମ ଦାନ କରି ଭାରତ ମାନବ କାଳେ, କାଳେ ସଭ୍ୟତାର ଉନ୍ନତି ବିଧାନ କରିଅଛି । ତାହାହିଁ ଭାରତର ବିଧି ନିର୍ଦ୍ଦିଷ୍ଟ କାର୍ଯ୍ୟ ।

ଋଷି ଆଶ୍ରମ ଭାରତର ବିଭବ । ଜ୍ଞାନ ଭାରତର ଗୌରବ, ଧର୍ମ ଭାରତର ଶକ୍ତି, ଚିନ୍ତାରେ ଏବଂ ଅନୁଷ୍ଠାନରେ ସୁବିଧା, ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାଧୀନତା ପାଇଲେ ଜ୍ଞାନ ଧର୍ମ ବଳରେ ଭାରତ ଯେ ମାନବ ଜାତିର ଉନ୍ନତି ଏବଂ ବିଶ୍ୱ କଲ୍ୟାଣରେ ବହୁ ସାହାଯ୍ୟ କରି ପାରିବ, ଆଚାର୍ଯ୍ୟ ଜଗଦୀଶ୍ ଚନ୍ଦ୍ରଙ୍କର ଶକ୍ତି ଏବଂ କାର୍ଯ୍ୟ ତହିଁର ସ୍ପଷ୍ଟ ପ୍ରମାଣ ।"

ଏହି ପରିବେଶ ଓ ପରିମଣ୍ଡଳ ମଧ୍ୟରେ ନୀଳକଣ୍ଠ "ସତ୍ୟବାଦୀ"ରେ ପ୍ରତି ମାସରେ ଲେଖିବାକୁ ବସିଲେ 'ଉଦ୍ଭିଦ ରହସ୍ୟ ।' ଏହା ଧାରାବାହିକ ଭାବରେ ନିମ୍ନଲିଖିତ ଶିରୋନାମାରେ "ସତ୍ୟବାଦୀ"ର ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଉଥିଲା । ପ୍ରଥମ ବିଭାଗଟି ହେଉଛି, ବୃକ୍ଷାଦିର ବିବାହ । ସତେ ଯେପରି ବୃକ୍ଷ ଗୁଡ଼ିକ ମନୁଷ୍ୟ । ଏହାର କାର୍ଯ୍ୟ କାରଣ ଜ୍ଞାନ ଅଛି । ଏହାର ନାନା ପ୍ରକାର ସାମାଜିକ ରୀତି ନୀତି ଓ ଅନୁଷ୍ଠାନ ମାନ ପ୍ରଚଳିତ ଅଛି । ତେଣେ ସାର ଜଗଦୀଶ୍ ଚନ୍ଦ୍ର ବୋଷ ତାଙ୍କର ଅଦ୍ଭୁତ ବୈଜ୍ଞାନିକ ମନୀଷା ଓ ଯନ୍ତ୍ରପାତି ସାହାଯ୍ୟରେ ପ୍ରମାଣ

Digitized by PPRACHIN, SOA

କରି ସାରିଛନ୍ତି ଯେ ବୃକ୍ଷଲତାମାନେ ମନୁଷ୍ୟମାନଙ୍କ ପରି ପରସ୍ପର ମଧ୍ୟରେ ଆଳାପ ଆଲୋଚନା ପ୍ରଭୃତି କରି ପାରନ୍ତି, ଏବଂ ସେମାନଙ୍କ ମଧ୍ୟରୁ କେହି, କେହି ହସି ମଧ୍ୟ ପାରନ୍ତି । ଏହି ଭାବରେ ଅନୁପ୍ରାଣିତ ହୋଇ ନୀଳକଣ୍ଠ ବୃକ୍ଷମାନଙ୍କଠାରେ ମାନବତ୍ୱ ଆରୋପ କରି ସେମାନଙ୍କୁ ମନୁଷ୍ୟତ୍ୱର ଆଲୋକରେ ଉଦ୍ଭାସିତ କରି ଅଛନ୍ତି ତେଣୁ ଉଦ୍ଭିଦ ରହସ୍ୟର ପ୍ରଥମ ବିଭାଗ ସେ ଉଲ୍ଲେଖ କରି ଅଛନ୍ତି ।" ତେଣୁ ଉଦ୍ଭିଦ ରହସ୍ୟର ପ୍ରଥମ ବିଭାଗ ବୃକ୍ଷାଦିର ବିବାହ ସମ୍ବନ୍ଧରେ ସେ ଉଲ୍ଲେଖ କରି ଅଛନ୍ତି ।" ବୃକ୍ଷାଦି ଉଦ୍ଭିଦର ଯେ ଜୀବନ ଅଛି ଏକଥା ଧର୍ମପ୍ରାଣ ହିନ୍ଦୁକୁ ବୁଝାଇବାର ଆବଶ୍ୟକତା ନାହିଁ । କାଷ୍ଠ ପାଷାଣ ପର୍ଯ୍ୟନ୍ତ ସମସ୍ତ ସୃଷ୍ଟ ବସ୍ତୁ ସମ୍ବନ୍ଧରେ ଯାହାର ବିଶ୍ୱାସ "ଅନ୍ତଃସଜ୍ଞା, ଭବନ୍ତ୍ୟେତେ ସୁଖ ଦୁଃଖ ସମନ୍ୱିତାଃ" ଯାହାର ବିଶ୍ୱାସ "ଈଶ୍ୱର ସର୍ବ ଭୂତାନାଂ ହୃଦ୍ଦେଶେର୍ଜୁନ ତିଷ୍ଠତି", ସମସ୍ତ ସୃଷ୍ଟ ବସ୍ତୁରେ ସେ କହି ଅଛନ୍ତି, ଚେର ବହୁ ଅନ୍ୱେଷଣ କରି ମାଟି ଭିତରେ ଖୋଜି, ଖୋଜି ପାନୀୟ ସଙ୍ଗେ ଆହାର୍ଯ୍ୟ ଅନ୍ୱେଷଣ କରେ । ସେ ଏଠାରେ ବୈଜ୍ଞାନିକ ବୀର Darwinଙ୍କ ମତ ଉଦ୍ଧାର କରି କହି ଅଛନ୍ତି, "ଗଛର ମସ୍ତିଷ୍କ ତାହାର ଚେରରେ" । ବାସ୍ତବିକ କେଉଁଠାରେ ଗୋଡ଼ି ଓ ନୀରସା ମାଟି ଛାଡ଼ି ଯିବାକୁ ହେବ, କେଉଁଠାରେ କୋମଳ ମୃତ୍ତିକା ମଧ୍ୟରେ ବୃକ୍ଷର ଉପଯୋଗୀ ଦ୍ରବ୍ୟଯୁକ୍ତ ମାଟି ମିଳିବ, କେଉଁ ଆଡ଼କୁ କାହିଁକି ଗୋଟିଏ ସୂକ୍ଷ୍ମ ଶାଖା ଲମ୍ବାଇବାକୁ ହେବ, ଏ ସବୁ ଚେର ଜ୍ଞାନର ସହିତ କଲା ପରି ବୋଧ ହୁଏ ।

ମାତ୍ର ବୃକ୍ଷର ପାନୀୟ ସଂଗ୍ରହରେ ସାହାଯ୍ୟ କରିବା ଚେରର ମୁଖ୍ୟ କାର୍ଯ୍ୟ । ବୃକ୍ଷ ସ୍ଥାବର । ତାହାର ସ୍ଥିତିରେ ସାହାଯ୍ୟ କରିବା ହିଁ ଚେରର ମୁଖ୍ୟ କାର୍ଯ୍ୟ । ଏଥିରେ ହିଁ ଚେରର ମସ୍ତିଷ୍କର କାର୍ଯ୍ୟ କରିବା ବହୁତର ପରିମାଣରେ ଦେଖାଯାଏ ; ଝଡ଼ ତୋଫାନ ପ୍ରଭୃତି ଗଛର ଅନେକ ବହିଃ ଶତ୍ରୁଙ୍କ ଠାରୁ ଚେର ତାହାକୁ ରକ୍ଷା କରେ । ତଳେ ଉପରେ, ନାନା ଦିଗରେ ଶାଖା ଲମ୍ବାଇ ଚେର ଗଛକୁ ଭୂମି ଉପରେ ଦୃଢ଼ କରି ରଖି ନ ଥିଲେ, ପବନ ପ୍ରଭୃତିର ଆଘାତରେ ଗଛ ସମ୍ଭାଳି ହୋଇ ରହୁ ନଥାନ୍ତା । ଯେ ସର୍ବଦା ବିଶ୍ୱାତ୍ମାର ଜୀବନ୍ତ ଶକ୍ତି ପ୍ରତିଫଳିତ ଦେଖୁଅଛି, ବୃକ୍ଷାଦିର ଜୀବନ ଅଛି ଏକଥା ତାକୁ ନୂଆ କରି ବୁଝାଇବାର ପ୍ରୟୋଜନ ନାହିଁ । କିନ୍ତୁ ବୃକ୍ଷାଦିର ଯେ ଠିକ୍ ମନୁଷ୍ୟ, ପଶୁ, ପକ୍ଷୀ ପରି ଜୀବନ କ୍ରିୟା ଚଳୁଅଛି, ତାହା ଏଠାରେ ସ୍ପଷ୍ଟ କରି ବୁଝାଇବାକୁ ହେବ । ପ୍ରାଣୀ ପରି ସେମାନେ ଜନ୍ମୁଅଛନ୍ତି, ବଢୁ ଅଛନ୍ତି, ବୀଜ ବୃଦ୍ଧି ଓ ବଂଶ ବୃଦ୍ଧି ମଧ୍ୟ କରୁ

Digitized by PPRACHIN, SOA

ଅଛନ୍ତି, ଶୈଶବ, ବାଲ୍ୟ, ଯୌବନ, ଜରା, ଭୋଗ କରି ମରୁ ଅଛନ୍ତି, ଶସ୍ୟାଦି ବୃକ୍ଷ, ବିଛା, ଅସରପା, ତେଲୁଣୀ ପୋକ ପ୍ରଭୃତି ଜନ୍ତୁ ପରି ବୀଜ ପ୍ରସବର ସଙ୍ଗେ ସଙ୍ଗେ ଅର୍ଥାତ ପିଲା ଜନ୍ମ କରିବାର ଠିକ ପରେ ମରି ଯାଆନ୍ତି ।"

ଏହି ପ୍ରବନ୍ଧ ଗୁଡ଼ିକ ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ବିଜ୍ଞାନ ଏହାର ମୌଳିକ ପ୍ରକ୍ରିୟା । ବୃକ୍ଷର ବିବାହରେ କେତେବେଳେ ଫୁଲରେ ଶୋପାଏ ମହୁ, କେତେବେଳେ ନାରୀ ପୁଷ୍ପରେ ଯେଉଁ ଅଠା ଥାଏ, ସେ ଅଠା ପୁରୁଷ ପୁଷ୍ପର ରେଣୁ ପାଇବ ବୋଲି ଗ୍ରହିଁ ବସିଥାଏ । ପବନ ମଧ୍ୟ ଏହି ମିଳନରେ ଭାଗ ନିଏ, କିନ୍ତୁ ଏ ସବୁ ଆଲୋଚନା କରିବା ପୂର୍ବରୁ ବିବାହ କଅଣ ତାହାର କି ପ୍ରୟୋଜନ ତାହା ଜାଣି ରଖିବା ଉଚିତ ।

ଜୀବନ ଗୋଟିଏ ଶକ୍ତି । ଜଡ ଦେହରେ ତାହାର ପ୍ରାପ୍ତି ପର୍ଯ୍ୟାପ୍ତି ଓ ପ୍ରାରମ୍ଭ ପରିଣାମ ଦେଖାଯାଏ । ସେ ଶକ୍ତି ଚିରନ୍ତନ ।

ପୁରୁଣା ହେବା, ବିନଷ୍ଟ ହେବା, ସେ ଶକ୍ତିର ପ୍ରକୃତି ନୁହେଁ । ଜଡ ଦେହ ଜଳ, ବାୟୁ ତାପ, ମାଧ୍ୟାକର୍ଷଣ ପ୍ରଭୃତି ଜଗତର ଅନ୍ୟାନ୍ୟ ଶକ୍ତି ସଙ୍ଗେ ଚିର ସଂଗ୍ରାମରେ ଲିପ୍ତ ରହି ପରିଣତି ଲାଭ କରେ ଓ ଶେଷରେ ବିଲୀନ ହୁଏ । କିନ୍ତୁ ଯେଉଁ ଦେହର ଜୀବନ ଅଛି, ସେ ସେହିପରି ପରିଣତ ଓ ଶେଷରେ ବିଲୀନ ହେବା ସହିମାରେ ନାହିଁ । ଏହା ତାହାର ଇଚ୍ଛା ନୁହେଁ । ଯେଉଁ ନିତ୍ୟ ନୂତନ ଜୀବନ ସେ ଧରିଅଛି ନିଜେ ସେହିପରି ନିତ୍ୟ ନୂତନ ହୋଇ ରହିବାକୁ ଗ୍ରହେଁ । କିନ୍ତୁ ପ୍ରକୃତରେ ସେ ତାହା ପାରେ ନାହିଁ । ସେଥିପାଇଁ ସୃଷ୍ଟିରେ ଦେହୀର ବଂଶ ପରମ୍ପରା. ଦେହ ପୂର୍ଣ୍ଣ ବିକାଶ ପାଇଲେ ସେ ପୂର୍ଣ୍ଣ ନୂତନ ଦେହରେ ଜୀବନ ରୋପଣ କରିବାକୁ ଲୋଡୁଅଛି । ନିଜେ ଶରୀର ଧରି ଚିରଦିନ ରହି ପାରିବ ନାହିଁ । ସେଥି ନିମନ୍ତେ ପୁତ୍ର ପୌତ୍ରାଦିରେ ନିଜ ଜୀବନ ରୋପଣ କରି ପରମ୍ପରାରେ ଜୀବନର ନିତ୍ୟ ନୂତନତ୍ୱ ରକ୍ଷା କରିଅଛି । ଏଥିପାଇଁ ସୃଷ୍ଟିରେ ବିବାହର ପ୍ରୟୋଜନ ।

ବୃକ୍ଷାଦିର ବିବାହ ସମ୍ପର୍କରେ ଆହୁରି ଗୋଟିଏ ବିଚିତ୍ର କଥା ସେ ଆଲୋଚନା କରି ଅଛନ୍ତି । "ବୃକ୍ଷ ଯେତେ ଉନ୍ନତ, ପୁଷ୍ଟ, ବଳିଷ୍ଠ ହୋଇ ସୃଷ୍ଟିରେ ଯେତେ ବେଶି ଦିନ ପରମ୍ପରା ରଖିବାକୁ ଗ୍ରହେଁ, ସେ ସେତିକି ରକ୍ତ ସମ୍ପର୍କରେ ବିବାହ ପରିହାର କରେ । ସେଥିପାଇଁ ପବନ ବା ପତଙ୍ଗ ସୂତ୍ରରେ ପରାଗ ସଙ୍ଗମର ପ୍ରୟୋଜନ, ତାହା ନ ହେଲେ ସେ ଜାତୀୟ ବୃକ୍ଷ କ୍ରମେ ଦୁର୍ବଳ ହେବ । ଶେଷରେ ସୃଷ୍ଟିରେ ତାହାର ସ୍ଥାନ ରହିବ ନାହିଁ । ଫୁଲର ବିଚିତ୍ର ବର୍ଣ୍ଣ ଓ ମୁଗ୍ଧକର ସୁବାସ ସବୁ

Digitized by PPRACHIN, SOA

ଏହି ଶୁଭଙ୍କର ବିବାହରେ ସ୍ଥାବର ବୃକ୍ଷକୁ ସାହାଯ୍ୟ କରନ୍ତି । ବୃକ୍ଷ ଆମ୍ଭମାନଙ୍କ ପରି ବରକନ୍ୟା ପ୍ରସଙ୍ଗ ଘେନି ବର ଓ କନ୍ୟା ଖୋଜି ବୁଲି ପାରିବ ନାହିଁ । ସେଥିପାଇଁ ପରମ ପିତା ତାକୁ ଫୁଲରେ ସୁବାସ, ସୌନ୍ଦର୍ଯ୍ୟ ଓ ମଧୁ ଦେଇ ଅଛନ୍ତି । ସେଥିରେ ତାହାର ପରମ୍ପରା ଦୃଢ଼ତର ହେଉଅଛି ଏବଂ ସେହି ସୂତ୍ରରେ ସୃଷ୍ଟି ପ୍ରକ୍ରିୟା ଦିନକୁ ଦିନ ଉନ୍ନତି ବିକାଶ ଲଭୁଅଛି ।

ଉଦ୍ଭିଦ ବିଜ୍ଞାନ ବର୍ତ୍ତମାନ କେତେ ଅଗ୍ରଗତିଶୀଳ ତାହା ବୁଝାଇ କହିବା ନିଷ୍ପ୍ରୟୋଜନ । କେତେ ଯନ୍ତ୍ରପାତିର ଆବଶ୍ୟକତା ଏଥିପାଇଁ ଲୋଡ଼ା, ତାହା ସାର ଜଗଦୀଶ୍ ଏବଂ ତାଙ୍କର ସହକର୍ମୀମାନେ ବୁଝନ୍ତି । ଏ ବିଷୟରେ ନୀଳକଣ୍ଠ ଯେତିକି ବୈଜ୍ଞାନିକ ପଦ୍ଧତିରେ ବିଷୟଟି ଅନୁଧ୍ୟାନ କରିଥିଲେ, ସେତିକି ତାଙ୍କର ହୃଦୟସ୍ପର୍ଶୀ ଭାଷାରେ ଉଲ୍ଲେଖ କରି ଅଛନ୍ତି । ସେ ବର୍ତ୍ତମାନ ପ୍ରଥମ ପ୍ରଶ୍ନ ପଚାରି ଅଛନ୍ତି–"ଗଛ ଆଗ, କି ଜନ୍ତୁ ଆଗ । କାଠ ଆଗ, କି ନିଆଁ ଆଗ । ସଂଚିତ ସୌର ଶକ୍ତି କି ତାହାର ବିଶ୍ଳେଷଣ ବ୍ୟବହାର ଆଗ, ଏ କଥାର ଉତ୍ତର ଦେବା ବଡ଼ ସହଜ । ତାଙ୍କର କହିବାର ଉଦ୍ଦେଶ୍ୟ, "ବୃକ୍ଷ ନ ଥିଲେ ଜଗତରେ ଜୀବନ୍ତ ବସ୍ତୁ ନଥାନ୍ତା । ଅଚେତନ ବସ୍ତୁକୁ ଜୀବନ୍ତ ପଦାର୍ଥରେ ପରିଣତ କରିବାର ବିସ୍ମୟକର ଶକ୍ତି ବୃକ୍ଷରେ ଦେଖାଯାଏ । ସୌର ରଶ୍ମିକି ବ୍ୟବହାର କରି ତାହାକୁ କିପରି ସଞ୍ଚୟ କରିବାକୁ ହେବ, ତାହା କେବଳ ବୃକ୍ଷ ହିଁ ଜାଣେ । ବୃକ୍ଷ ଯାହା କରିଥାଏ, ଜନ୍ତୁ କେବଳ ତାକୁ ଖାଏ । ଏତେ ପରିଶ୍ରମ କରି ବୃକ୍ଷ ଯାହା ବାୟୁରୁ, ଜଳରୁ ସଂଗ୍ରହ କରିଥାଏ, ଜନ୍ତୁ ପୁଣି ତାହା ଫେରାଇ ଦିଏ । ଜୀବନ୍ତ ବସ୍ତୁକୁ ପୁଣି ନିର୍ଜୀବ ଅବସ୍ଥାକୁ ଘେନିଆସେ । ଏବେ ସୃଷ୍ଟି କ୍ରମେ ବୃକ୍ଷ ଯେ ଆଗ ସେଥିରେ ସନ୍ଦେହ କଅଣ ? ଆଗେ ଗଛ, ତାର ଉତ୍ତାରୁ ଜନ୍ତୁ । ଆଗେ ସ୍ଥାବର ପ୍ରାଣୀ, ତହିଁ ଉତ୍ତାରୁ ଜଙ୍ଗମ ପ୍ରାଣୀ, ପ୍ରଥମେ ଉଦ୍ଭିଦ ଛୋଟ ଛୋଟ ଆକାରରେ ଜଳରେ ଭାସୁଥିଲେ ଏବଂ ଜଳରେ ବଢୁଥିଲେ ।" ସେ ପୁଣି କହିଛନ୍ତି "ପ୍ରାଣୀ ଜଗତର କ୍ରମ ବିକାଶ ପର୍ଯ୍ୟାଲୋଚନା କଲେ ଦେଖାଯାଏ, ସ୍ଥଳରେ ରହୁଥିବା ପ୍ରାଣୀମାନେ ଜଳଜ ପ୍ରାଣୀମାନଙ୍କ ପରେ ବିକାଶ ପାଇ ଅଛନ୍ତି । ଅତଏବ ଜୀବ ସୃଷ୍ଟିରେ ଯେ ମହାସାଗରରେ ଆରମ୍ଭ ହୋଇ କ୍ରମେ ଦ୍ୱୀପ, ଦେଶ, ମହାଦେଶରେ ପ୍ରଚାରିତ ହୋଇଅଛି, ଏ ସିଦ୍ଧାନ୍ତରେ ଅଯୌକ୍ତିକତା କିଛି ନାହିଁ । ଏହିପରି ଜଳ ଉପରେ ଭାସୁଥିବା ଛୋଟ, ଛୋଟ ଉଦ୍ଭିଦ ବିନ୍ଦୁରୁ ଜଳ, ସ୍ଥଳ, ବ୍ୟାପୀ ଅନନ୍ତ ବଟ, ବକୁଳ ପ୍ରଭୃତିର ବିକାଶ ହୋଇଅଛି । ପରେ ତାହା ସବୁ ବିଚାର କରାଯିବ । କିନ୍ତୁ ବର୍ତ୍ତମାନ ମନେ ରଖିବା ଉଚିତ ଯେ ମହାର୍ଣ୍ଣବରେ ପ୍ରଥମେ ଜନ୍ମିଥିବା ଅତି ସୂକ୍ଷ୍ମ

Digitized by PPRACHIN, SOA

ଶ୍ୟାମଳ ବୃକ୍ଷ ବିନ୍ଦୁ ହିଁ ଅନନ୍ତ ବିସ୍ତୃତ, ବିଚିତ୍ର ବୃକ୍ଷ ଜଗତର ଆଦି ପିତା ।"

ତତ୍‌ପରେ ନୀଳକଣ୍ଠ ବୃକ୍ଷାଦିର ବିଭିନ୍ନତା ସମ୍ବନ୍ଧରେ ଆଲୋଚନା କରି ଅଛନ୍ତି । ସ୍ଥାନ ଓ ବେଷ୍ଟନୀ ଅନୁସାରେ ଗଛ ସବୁ ଜନ୍ମିଥିବାର ଦେଖି ପଣ୍ଡିତମାନେ ଏ ସବୁ ଘଟଣାର ସରଳ ବ୍ୟାଖ୍ୟା କରି ଅଛନ୍ତି । ସେହି ସବୁ ବୈଜ୍ଞାନିକ ତଥ୍ୟ ଏଠାରେ ବୁଝାଇ ହେବ ନାହିଁ । ପୃଥିବୀ ଜୀବଜନ୍ତୁ, ବୃକ୍ଷ, ଲତାଦିରେ ପୂର୍ଣ୍ଣ ରହିଅଛି । ସମସ୍ତେ ସବୁବେଳେ ଖାଦ୍ୟ, ଜଳ, ବାୟୁ ସୂର୍ଯ୍ୟ କିରଣ ନିମନ୍ତେ ଯେପରିକି ପରସ୍ପର ସଙ୍ଗେ ବିବାଦ କରୁ ଅଛନ୍ତି । ବିବାଦରେ ଯେ ପାରୁଅଛି ସେ ରହୁଅଛି । ଯେ ପାରୁନି ସେ ନଷ୍ଟ ହେଉଅଛି । ବହିଁଜଗତରେ ଏହି ସ୍ୱଭାବଜାତ ବିବାଦ ସର୍ବଦା ଲାଗି ରହିଅଛି । କେହି ଏହା ଜାଣି ଶୁଣି କରୁଅଛନ୍ତି ବୋଲି କହିବା ସଙ୍ଗତ ନୁହେଁ । ଏହା ସୃଷ୍ଟିର ନିୟମ, ପ୍ରକୃତିର ବିଧାନ । ଜଗତରେ ଏ ନିତ୍ୟ ଯୁଦ୍ଧ ଆମ୍ଭେମାନେ ଦେଖି ଦେଖୁ ନାହୁଁ । ପ୍ରବୃତ୍ତିରେ ସଂଯମ, ବିଶୃଙ୍ଖଳାରେ ଶୃଙ୍ଖଳା, ସ୍ୱପ୍ନରେ ଉଦ୍‌ବୋଧନ, ଅପଚିତରେ ବ୍ୟବହାର ମୃତ୍ୟୁ ମଧ୍ୟରେ ଜୀବନ, ଅନନ୍ତ ସୃଷ୍ଟିରେ ମରଣ ସମସ୍ତେ ଏହି ନିୟମର ବିଗ୍ରହକ । ଏ ନିୟମର ପ୍ରଚାର ଅନନ୍ତ ପ୍ରକୃତିରେ ଅଜ୍ଞାତ ଭାବରେ ଚାଲିଅଛି । ତା ନହେଲେ ସ୍ଥିତି ଅସମ୍ଭବ । ସୂର୍ଯ୍ୟରୁ ଅନନ୍ତ ରଶ୍ମି ରେଖା ନିର୍ଗତ ହୁଏ । କିନ୍ତୁ ସେ ସବୁର କି ପ୍ରୟୋଜନ ? ସେଥିରୁ କେତେ ବା ପୃଥିବୀ, ଗ୍ରହ, ଉପଗ୍ରହମାନେ ପାଆନ୍ତି । ଅନନ୍ତ ଦୀଧିତି ମାଳା, ଅନନ୍ତ ଶୂନ୍ୟ ଗର୍ଭରେ କାହିଁକି ବା ଅପଚିତ ହୁଏ । କେହି ଏହାର ଉତ୍ତର ଦେବେ କି ? କିନ୍ତୁ ତାହା ନ ହୋଇ, ମନେକର, ଯଦି ମୁହୂର୍ତ୍ତକ ପାଇଁ ସେ ସମସ୍ତ ରଶ୍ମି ଗ୍ରହ ଜଗତରେ ପଡନ୍ତା, ତେବେ ଗ୍ରହ ଜଗତର ଦଶା ପର ମୁହୂର୍ତ୍ତରେ କଅଣ ହୁଅନ୍ତା ? ଅନନ୍ତ ଅପଚିତିରେ ଏହି ବ୍ୟବହାର ହିଁ ସ୍ୱର୍ଗ ନିୟନ୍ତାଙ୍କର ଅଜ୍ଞାତ ବିଧାନ । ଏକା ବୃକ୍ଷ ଜଗତରେ କାହିଁକି, ସୃଷ୍ଟିରେ ଯାବତୀୟ ବସ୍ତୁରେ ଏହି ବିଧାନର ଲୀଳା ଦେଖିବାକୁ ମିଳେ । ଜୀବ ଜଗତର ଏହି ଲୀଳା ଦେଖି ପଣ୍ଡିତମାନେ ସ୍ଥିତିରେ ଗୋଟିଏ ନିରବଚ୍ଛିନ୍ନ ବିଗ୍ରହ, ବା ରହିବା ପାଇଁ ପ୍ରତ୍ୟେକ ବସ୍ତୁର ଅପର ସଙ୍ଗେ ବିବାଦ ଲକ୍ଷ୍ୟ କରି ଅଛନ୍ତି । ବୃକ୍ଷ ଜଗତର ଗୋଟିଏ ସାଧାରଣ କଥାରେ ଏ ଲୀଳା ଟିକିଏ ଦେଖିଲେ କଥାଟି ସ୍ପଷ୍ଟତର ହେବ ।" ନୀଳକଣ୍ଠଙ୍କର ବିଜ୍ଞାନ ସାଧନା କେବଳ ଏତିକିରେ ତୃପ୍ତ ହୋଇ ନଥିଲା । ସେ ଲୋକମାନଙ୍କର ଅଜ୍ଞାନ ଅନ୍ଧକାର ପୂର୍ଣ୍ଣ ଗତାନୁଗତିକ କ୍ରିୟା କଳାପକୁ ଛିନ୍ନ, ବିଚ୍ଛିନ୍ନ କରି ସେମାନଙ୍କୁ ଉଦ୍ଭିଦ ଲକ୍ଷ୍ମୀଙ୍କର ପ୍ରକୃତ ବୈଜ୍ଞାନିକ ଅନୁଶୀଳନୀର ପନ୍ଥା ପ୍ରଦର୍ଶନ କରି ଅଛନ୍ତି ।

Digitized by PPRACHIN, SOA

ଆଜିକାଲି ପରି ଅବଶ୍ୟ ସେତେବେଳେ "grow more food" କିମ୍ବା "ଅଧିକ ଶସ୍ୟ ଉତ୍ପାଦନ" ବିଭାଗ ଖୋଲି ନଥିଲା । ସ୍ଥାନେ, ସ୍ଥାନେ, ଗ୍ରାମ ସେବକ, ଓ ସେବିକା ବୃକ୍ଷମାନଙ୍କର ଉନ୍ନତି ନିମନ୍ତେ ଓ ଶସ୍ୟ କ୍ଷେତ୍ରମାନଙ୍କର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ନିମନ୍ତେ ପ୍ରଚାର କରୁ ନଥିଲେ । ଗ୍ରାମେ, ଗ୍ରାମେ, ଜଳସେଚନ ପ୍ରାରମ୍ଭ ହୋଇ ନଥିଲା । ଏହି ସମୟରେ ନୀଳକଣ୍ଠ ଉଦ୍ଭିଦ ଲକ୍ଷ୍ମୀ ସମ୍ପର୍କରେ ଯେଉଁ ନବାବିଷ୍କୃତ ତଥ୍ୟମାନ ଲୋକମାନଙ୍କୁ ସେମାନଙ୍କର ଶସ୍ୟର ଅଭିବୃଦ୍ଧି ନିମନ୍ତେ ଦେଇ ଅଛନ୍ତି ତାହା ଏବେ ସୁଦ୍ଧା ଉଦ୍ଭିଦ ବିଜ୍ଞାନର ମୌଳିକ ସତ୍ୟ ରୂପେ ନିହିତ ଅଛି । ଅବଶ୍ୟ ଛଅ ମାସର ଧାନ ଗଛକୁ କିପରି ତିନି ମାସରେ ପକ୍ୱଶାଳୀ କରିହେବ ଏବଂ କେଉଁ ବିଷ ଢ଼ାଳିଲେ ବୃକ୍ଷର କୌଣସି କ୍ଷତି ହେବ ନାହିଁ, ଏ ସବୁ ଚିନ୍ତା ସେତେବେଳେ ନୀଳକଣ୍ଠଙ୍କ ମାନସ ରାଜ୍ୟକୁ ସ୍ପର୍ଶ କରି ନଥିଲା । ସେ ସବିଶେଷରେ ଲେଖି ଅଛନ୍ତି "ପତ୍ର ବାଟେ ଗଛ ପବନରୁ ଅଙ୍ଗାର କାଢ଼ି ଖାଏ । ଅତଏବ ପତ୍ରକୁ ଟିକିଏ ଭଲ ପରୀକ୍ଷା କରି ଦେଖାଯାଉ । ଖାଲି ଆଖିରେ ପତ୍ରରେ କେତେ ଗୁଡ଼ିଏ ହଳଦିଆ ଶିର ଓ ଶାଗୁଆ ସମତଳ ଅଂଶ ଛଡ଼ା ଆଉ କିଛି ଦେଖିବାକୁ ମିଳେ ନାହିଁ । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପତ୍ରର ଭିନ୍ନ ଭିନ୍ନ ଅଂଶ ସ୍ପଷ୍ଟ ଦେଖାଯାଏ । ଗୋଟିଏ ପତ୍ରରୁ ସୋରିଷ ପ୍ରମାଣ ଟିକିଏ ଛିଣ୍ଡାଇ ସାଧାରଣ ଅଣୁବୀକ୍ଷଣରେ ଦେଖିଲେ ତାହା ଗୋଟିଏ ମାଣ କିମ୍ବା ଗୌଣୀ ପରି ବଡ ଦିଶିବ ଏବଂ ସେଥିରେ ପତ୍ରର ପ୍ରତ୍ୟେକ ସୂକ୍ଷ୍ମ ଅଂଶ ମଧ୍ୟ ସ୍ପଷ୍ଟ ବୁଝି ହେବ । ସେହିପରି ଦେଖିଲେ ଦେଖାଯିବ, ପତ୍ରର ସୂର୍ଯ୍ୟ ଆଡ଼କୁ ଥିବା ପିଠିରେ କେତେ ଗୁଡ଼ିଏ ଶ୍ୱେତ କଣିକା ପାଖକୁ ପାଖ ଲଗି, ଗୋଟିଏ ଆବରଣ ପରି ଥାଏ । ଏହି କଣିକା ଗୁଡ଼ିକ ଅତି କ୍ଷୁଦ୍ର ଓ ଅଣୁବୀକ୍ଷଣିକ ହେଲେହେଁ, ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଜଳ ଭଣ୍ଡ । ପ୍ରତ୍ୟେକର ଭିତରେ ଟିକିଏ ଜଳ ଓ ଗରି ପାଖେ ଗୋଟିଏ ସ୍ୱଚ୍ଛ ଆବରଣ । ସାଧାରଣତଃ ଅଣୁବୀକ୍ଷଣରେ ଏହି କଣିକା ଗୁଡ଼ିକ ପ୍ରାୟ ମୁଗ ପରି ବଡ଼ ଦିଶନ୍ତି । ପତ୍ର ଉପରେ ଏହି କଣିକାର ଆବରଣଟି କେତେ ଗୁଡ଼ିଏ ସ୍ୱଚ୍ଛ ମୁଗ ପାଖକୁ ପାଖ ଲଗି ରଖା ହେଲା ପରି ଦେଖାଯାଏ । ଏହି ଆବରଣ ତଳକୁ ଗୋଟିଏ ନୀଳ କଣିକାର ସ୍ତର । ଅଣୁବୀକ୍ଷଣରେ ଏହି ନୀଳ କଣିକା ଗୋଟିଏ ଗୋଟିଏ ଇନ୍ଦ୍ରଯବ ମଞ୍ଜି ପରି ପାଖକୁ ପାଖ ଲଗ ଛିଡ଼ା ହୋଇ ରହିଲା ପରି ଦେଖାଯାଏ । ଏହା ବର୍ଣ୍ଣରେ ଠିକ୍ ନୀଳ ନୁହେଁ, ହରିତ ବା ଶାଗୁଆ । ଏହାର ବର୍ଣ୍ଣ ଅନୁସାରେ ପତ୍ରର ହରିତ ବର୍ଣ୍ଣ ଦେଖାଯାଏ । ଏହି ସ୍ତର ତଳକୁ ଗୋଟିଏ

Digitized by PPRACHIN, SOA

ଫସଫସିଆ ଅର୍ଦ୍ଧ ସ୍ୱଚ୍ଛ ପଦାର୍ଥର ସ୍ତର । ଏ ସ୍ତରର ପଦାର୍ଥଟି ତୂଳା ବା ସ୍ପଞ୍ଜ ପରି, ସବା ତଳେ ପୁଣି ଜଳୀୟ ବାଷ୍ପ କଣିକାର ସ୍ତର । ଏହି ତଳ ସ୍ତରଟେ ଆମ୍ଭମାନଙ୍କ ଓଠ ପରି କେତେ ଗୁଡ଼ିଏ ଆଣୁବୀକ୍ଷଣିକ ପର୍ଦ୍ଦା ଅଛି ।" ଆଉ ଗୋଟିଏ କୌତୂକମୟ ବିଷୟ ସେ ଏଠାରେ ଉତ୍‌ଥାପନ କରିଅଛନ୍ତି । ସେ ଲେଖିଛନ୍ତି, "ଏ ପର୍ଯ୍ୟନ୍ତ ଲୋକଙ୍କର ବିଶ୍ୱାସ ଥିଲା ଚେର ସାହାଯ୍ୟରେ ବୃକ୍ଷ ତାହାର ଆହାର ଅନ୍ୱେଷଣ କରେ । କ୍ଷାର, ଜାନ ପ୍ରଭୃତି ବୃକ୍ଷର ଗୌଣ କାର୍ଯ୍ୟ । କାରଣ ଅନେକ ବୃକ୍ଷ ଚେରର ବିନା ସାହାଯ୍ୟରେ ଏହି ଜାତୀୟ ଖାଦ୍ୟ ସଂଗ୍ରହ କରିବାର ଦେଖାଯାଏ । ଆମେରିକା ପ୍ରଭୃତି ଦେଶରେ ଜଳ ଜମିରେ ଅନେକ ଚେରହୀନ ଗଛ ହୁଏ । ସେମାନେ ପତ୍ର ଦ୍ୱାରା ମକ୍ଷିକା କୀଟ ପତଙ୍ଗ ପ୍ରଭୃତି ଧରି ଖାଆନ୍ତି । ସେଥିରେ ତାଙ୍କର ଚେରର ଆବଶ୍ୟକତା ରହେ ନାହିଁ । ମାତ୍ର ଯେଉଁ ବୃକ୍ଷ ସବୁ ଭୂମିରେ ବଢ଼ନ୍ତି, ଚେର ବିନା ଭୂମିରେ ସ୍ଥିର ଓ ଦୃଢ଼ ହୋଇ ରହିବା ସେମାନଙ୍କ ପକ୍ଷରେ ସମ୍ଭବ କି ? ଆହୁରି ଆଶ୍ଚର୍ଯ୍ୟ କଥା ପୁଣି ବୃକ୍ଷ ଯେଉଁ ବାଷ୍ପ ଖାଏ, ମନୁଷ୍ୟ ତାହା ତ୍ୟାଗ କରେ ଏବଂ ବୃକ୍ଷ ଯାହା ତ୍ୟାଗ କରେ, ମନୁଷ୍ୟ ତାହା ଖାଇ ପ୍ରାଣ ଧାରଣ କରେ । ଏହିପରି ବୃକ୍ଷର ଜୀବିକା ସଙ୍ଗେ ମନୁଷ୍ୟ ବା ଜନ୍ତୁର ଜୀବିକାର ବିପରୀତ ସମ୍ବନ୍ଧ ହେଲେହେଁ, ଦୁହେଁ ଜୀବ ଜଗତର ଅର୍ନ୍ତଭୁକ୍ତ । ଦୁହିଁଙ୍କ ସମ୍ବନ୍ଧ ବିନା ସୃଷ୍ଟି ଅସମ୍ଭବ ।" ସ୍ଥୂଳତଃ ନୀଳକଣ୍ଠ ଜଡ଼ ବୃକ୍ଷ ଜଗତକୁ ଜୀବ ଜଗତର ଅନ୍ତର୍ଭୁକ୍ତ ନ କରି ରହି ପାରି ନାହାନ୍ତି । ଅଧିକନ୍ତୁ ଉଦ୍ଭିଦ ଜଗତର କ୍ରୀୟା ଅନ୍ୟ ଜୀବ ଜଗତ ସହିତ ଏହାର ସମ୍ପର୍କ ଅତି ପ୍ରାଞ୍ଜଳ ଭାବରେ ବ୍ୟକ୍ତ କରିଯାଇଚନ୍ତି ।

--*--

"ଆମ୍ଭ ସୁଖେ ମଜ୍ଜି କେତେ କରଂତି ଗରବ
ଧର୍ମ ନାମେ କାମନାର ଭୋଗ ପ୍ରସ୍ତରଣେ,
ବାସନାର ଏ ବିଶ୍ୱାସେ ସତେ କି ସଂଭବ
ପୁଣ୍ୟ ଦରଶନ ତବ ଅନଂତ ବିମାନେ ?"

—ନୀଳକଂଠ —

Digitized by PPRACHIN, SOA

# ୪ର୍ଥ ଅଧ୍ୟାୟ

## କବି ଓ କାବ୍ୟ

### କବିତା ଗୋଟିଏ କୋମଳ ଶିଳ୍ପକଳା—

ନୀଳକଣ୍ଠ ୧୯୧୨ ଖ୍ରୀଷ୍ଟାବ୍ଦରେ ଭକ୍ତ କବି ମଧୁସୂଦନଙ୍କର ତିରୋଧାନରେ ଉତ୍କଳ ସାହିତ୍ୟରେ ୧୯୨୭ ସାଲ ବୈଶାଖ, ଜ୍ୟେଷ୍ଠ ସଂଖ୍ୟାରେ 'ଓଡ଼ିଆ ସାହିତ୍ୟରେ ମଧୁସୂଦନ' ଶୀର୍ଷକ ଯେଉଁ ପ୍ରବନ୍ଧଟି ପ୍ରକାଶ କରିଥିଲେ, ମୂଳତଃ ସେହି ପ୍ରବନ୍ଧଟି ଉତ୍କଳ ସାହିତ୍ୟ ସମାଜରେ ମଧୁସୂଦନଙ୍କର ଶ୍ରାଦ୍ଧ ସଭାରେ ପଠିତ ହୋଇଥିଲା । ସେଥିରେ କବିତା ବିଷୟରେ ନିଜର ମତ ବ୍ୟକ୍ତ କରି ନୀଳକଣ୍ଠ ଲେଖି ଅଛନ୍ତି, 'କବିତ ଗୋଟିଏ କୋମଳ ଶିଳ୍ପ କଳା, କବିର ପ୍ରାଣ । ଏଥିରେ ସେ ବିଳାସ ଅନୁଭବ କରେ, ଅନୁଭୂତିରେ ପ୍ରାଣ ଭାସିଗଲେ ରସୋପଲବ୍ଧିରେ ମାନବ ଆତ୍ମ ବିସ୍ମୃତ ହେଲେ କବିତା ସ୍ୱତଃ ବିକଶିତ ହୁଏ । ଏଥିରେ ତରଙ୍ଗିତ ଚପଳତା, ନୀତିବନ୍ଧ ବିରୁଦ୍ଧରେ ଉଚ୍ଛୃଙ୍ଖଳତା, ରସାଣିତ ଭାଷା ବିନ୍ୟାସରେ ଅନବଧାନତା ପ୍ରଭୃତିର ଆଶଙ୍କା ଯଥେଷ୍ଟ ରହିଛି । କବିମାନେ ସମସ୍ତେ ପଦ୍ଧତିର ଅନୁସରଣ କରନ୍ତି ସତ, କିନ୍ତୁ ଭାବର ଉନ୍ମାଦ ବେଳେ ପଦ୍ଧତିର ବନ୍ଧ ସମୟ ବିଶେଷରେ ଭାଙ୍ଗିଯାଏ । ଅଜ୍ଞାତ ଭାବରେ କବିମାନେ ଉଚ୍ଛୃଙ୍ଖଳତାର ଅଧୀନ ହୋଇ ପଡନ୍ତି । ସଂଯମର ଅଙ୍କୁଶ ଭୁଲି ଯାଆନ୍ତି ।" ଉପେନ୍ଦ୍ର ଭଞ୍ଜଙ୍କର 'ଲାବଣ୍ୟବତୀ' କାବ୍ୟର ସମାଲୋଚନାରେ ନୀଳକଣ୍ଠ ଲେଖିଛନ୍ତି ଯେ, "ଆଉ ଗୋଟିଏ କଥା ! କବି ଶିଳ୍ପୀ । ମାନବ ହୃଦୟର ଭାବତରଙ୍ଗ ଚିତ୍ର କରିବା ତାହାର ଶିଳ୍ପ । ପ୍ରାଣର କୋମଳତା, ଚିତ୍ତ ବୃତ୍ତିର ତରଳତା, ଭାବ ରାଶିର କମ୍ପନ ଅନୁଭବ ଓ ଅନ୍ୱେଷଣ କରିବା ତାହାର ପ୍ରକୃତି । ଭାବମୟ ମାନବ ମାତ୍ରରେ ତାହାର ସମପ୍ରାଣତା । ତେଣୁ ତାହାର ପ୍ରାଣ କୋମଳ, କମନୀୟ ଏବଂ ସେହି ହେତୁରୁ ତରଳ ଓ ଦୁର୍ବଳ ହୃଦୟର ତରଳତା ଓ ଦୁର୍ବଳତାରେ ସେ ସ୍ୱତଃ ଅନୁପ୍ରାଣିତ ଓ ଆତ୍ମବିସ୍ମୃତ ହୁଏ । ମାନବ ହୃଦୟର ମହୀୟ, ଗମ୍ଭୀର ଓ ସ୍ଥିର ଭାବରାଶିରେ କବିର ଯେ ବରାବର ସମପ୍ରାଣତା ନାହିଁ, ତାହା କେହି କହିବେ ନାହିଁ । କିନ୍ତୁ ସାଧାରଣତଃ ମାନବ ହୃଦୟର ଦୁର୍ବଳ ତନ୍ତ୍ରୀରେ ଆଘାତ କରି ରସ ଉଦ୍ରେକ କରିବା କବିର ଗୋଟିଏ ସ୍ୱତନ୍ତ୍ର ପ୍ରକୃତି ।

Digitized by PPRACHIN, SOA

କେଉଁ କବି କେଉଁ ଦୁର୍ବଳତାରେ 'କିପରି ଭାବରେ ଆଘାତ କରନ୍ତି ସେ ସ୍ୱତନ୍ତ୍ର ବିଚାର । ମାତ୍ର ପ୍ରାଣର କୋମଳତାର ଅଲକ୍ଷ୍ୟ ଇଙ୍ଗିତରେ କବି ଯେ ଚାଳିତ ହୁଅନ୍ତି ଏଥିରେ ପ୍ରମାଣ ଆବଶ୍ୟକ ନାହିଁ । × × × × ×

କାବ୍ୟ ଗୋଟିଏ ଶିଳ୍ପ । ପ୍ରକୃତିକୁ ଯଥାର୍ଥ ଭାବରେ ଚିତ୍ର କରିବା ହିଁ ଶିଳ୍ପର ପୂର୍ଣ୍ଣତା । ସେଥିରେ ଶ୍ଳୀଳ ଓ ଅଶ୍ଳୀଳ ବିଚାର ଅଛି କି ? ଚିତ୍ରଶିଳ୍ପ ଓ ସ୍ଥାପତ୍ୟ ଦୃଷ୍ଟାନ୍ତରେ କଥାଟି ବିଚାର କରାଯାଉ–ଗ୍ରୀସ୍‌ଠାରୁ ଭାରତ ପର୍ଯ୍ୟନ୍ତ ସମସ୍ତ ଦେଶର ଶିଳ୍ପୀମାନେ ନଗ୍ନ ଭାବମୟ ମୂର୍ତ୍ତିର ପ୍ରାକୃତିକ ପେଶୀ ବିନ୍ୟାସ ଓ ଅଂଗ ସୌଷ୍ଠବ ଅଙ୍କନ କରିଯାଇ ଅଛନ୍ତି । ରୁଚି ଯାହା କହୁ, ସେ ଶିଳ୍ପର ଆଦର କମି ନାହିଁ । ସେଥିରେ ଅଶ୍ଳୀଳତା ଦେଖିନାହିଁ । ଅବଶ୍ୟ ଆର୍ଯ୍ୟ ଭୂମି ଭାରତର ଦୁର୍ଦ୍ଦଶା ଯେ କୃତ୍ରିମ ରୁଚିର ବଶବର୍ତ୍ତୀ ହୋଇ ମନ୍ଦିର ଗାତ୍ରରେ ଥିବା ଚିତ୍ରମାନଙ୍କୁ କେହି କେହି ଘୃଣା କରିବାର ଦେଖାଯାଏ । କିନ୍ତୁ କୌଣସି, କୌଣସି ରଜା ଯେଉଁଠାରେ ଲାଟ ସାହେବଙ୍କ ପରି ବଡ଼ ବଡ ଲୋକଙ୍କୁ ଭେଟି ଦିଅନ୍ତି, ସେହି ଘରେ ଶ୍ରଦ୍ଧା ନିମନ୍ତେ, ଗ୍ରୀସୀୟ ରୀତି ନିମିତ୍ତ ନଗ୍ନ ନାରୀ ମୂର୍ତ୍ତିଚୟ ଥିବାର ଦେଖାଯାଏ । ସେଠାରେ ଘୃଣା ଅଛି କି ? × × × ×

ବ୍ୟବହାର ରୁଚି ଓ ଶିଳ୍ପର ରୁଚି ଏକ ନୁହେଁ, ଯେଉଁମାନେ କବିତାର ଶିଳ୍ପ ଅନୁଭବ କରନ୍ତି, କବିତାରେ ଅଶ୍ଳୀଳତା ଦେଖିବା ପାଇଁ ସେମାନଙ୍କର ଅବକାଶ କାହିଁ, ଅଶ୍ଳୀଳତା ସାମାଜିକ ବ୍ୟବହାରର କଥା—କାବ୍ୟର, ଶିଳ୍ପର ସେଥିରେ କ୍ଷତି ବୃଦ୍ଧି ନାହିଁ ।"

ଏହି ଉଭୟ ଉକ୍ତିରୁ ନୀଳକଣ୍ଠଙ୍କର କବିତ୍ୱ ପ୍ରତି ଦୃଷ୍ଟିଭଙ୍ଗୀ କିପରି ଅନନ୍ୟ ସାଧାରଣ ଥିଲା, ତାହାର ପରିଚୟ ମିଳେ । ସେ ପ୍ରେରଣାବାଦୀ କବି ଥିଲେ, ମାନବ ପ୍ରତି ତାଙ୍କର ଯେଉଁ ଗଭୀର ସମବେଦନା ହୃଦୟରେ ବହୁ ପୂର୍ବରୁ ସଞ୍ଚିତ ହୋଇ ରହିଥିଲା, ସେ ତାରି ପରିପ୍ରକାଶ ନିମନ୍ତେ ନିତାନ୍ତ ବ୍ୟାକୁଳ ହୋଇଥିଲେ । କିନ୍ତୁ ଏଥିରେ ଅଶ୍ଳୀଳତା ଅରୁଚି, କିମ୍ବା ଅନୌଚିତ୍ୟର ଲେଶ ମାତ୍ର ଚିହ୍ନ ନଥିଲା । ସେ କାବ୍ୟରେ ଅଶ୍ଳୀଳ ଚିତ୍ରର ଏତେ ପ୍ରଶଂସା କଲେ ମଧ୍ୟ, ତାଙ୍କର କାବ୍ୟ କବିତାରେ କୌଣସି ଠାରେ ଅଶ୍ଳୀଳତାର ଲେଶ ମାତ୍ର ଗନ୍ଧ ନାହିଁ । ସେ ଆଧୁନିକ ଯୁଗର ଲେଖକଙ୍କ ପରି ଅଶ୍ଳୀଳତା ପୂର୍ଣ୍ଣ କାବ୍ୟ, କବିତା, ଗଳ୍ପ କିମ୍ବା ଉପନ୍ୟାସ ଲେଖି ନାହାନ୍ତି । ବରଂ ସେ ଯଦିବା ଭକ୍ତ କବି ମଧୁସୂଦନଙ୍କୁ ସମାଲୋଚନା କରି ସଂସ୍କୃତ ଓ ତତ୍‌ସମ ଶବ୍ଦର ବ୍ୟବହାର ଘେନି ତାଙ୍କର ଗଦ୍ୟ ପଦ୍ୟ ଲୋକ ରୁଚିକୁ

Digitized by PPRACHIN, SOA

ଆଘାତ ଦେଇଅଛି ବୋଲି କହିଛନ୍ତି । ସେ ନିଜେ ଅଜ୍ଞାତ ଭବରେ ସେହିପରି ଗୁରୁ ଗମ୍ଭୀର ଭଷ ରେ ତାଙ୍କର ଭବରାଶି ପ୍ରକାଶ କରି ଅଛନ୍ତି ।

## ରବୀନ୍ଦ୍ରନାଥ ଓ ସେଲିଙ୍କ ମତ —

"ଅନ୍ତରର ଜିନିଷକୁ ବାହାରର, ଭବର ଜିନିଷକୁ ଭଷାର, ନିଜର ଜିନିଷକୁ ବିଶ୍ୱ ମାନବର ଏବଂ କ୍ଷଣ କାଳର ଜିନିଷକୁ ଚିରକାଳର କରି ଗଢି ଥୋଇବା ସାହିତ୍ୟର କାର୍ଯ୍ୟ " ନୀଳକଣ୍ଠ ରବୀନ୍ଦ୍ରନାଥଙ୍କର ଏହି ମତବାଦରେ ଅତ୍ୟନ୍ତ ବିଶ୍ୱାସୀ ଥିଲେ । ଏହି ଯେଉଁ ପ୍ରେରଣା ବାଦର କଥା ମଧୁସୂଦନ ଓ ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ ଓ କବିତାରେ ଥିବା ସେ ଉଲ୍ଲେଖ କରି ଅଛନ୍ତି, ସେଥିରେ ସେ ଇଂଲଣ୍ଡର ରୋମାଣ୍ଟିକ୍ କବି ସେଲିଙ୍କ ମତ ପ୍ରତି ବହୁ ଭବରେ ପ୍ରଭବିତ ହୋଇଥିବାର ମନେହୁଏ । ସେଲି କବିର ପ୍ରତିଭ ଓ ପ୍ରେରଣା ସମ୍ବନ୍ଧରେ ତାଙ୍କର Defence of poetry ପ୍ରବନ୍ଧରେ ଲେଖିଥିଲେ, Poetry is not like reasoning a power to be exerted according to the determination of the will. A man cannot say, I will compose poetry. The greatest poet even cannot say it, for the mind in creation is as a fading coal, which some invisible influence like an inconstant mind, awaken to transitory brightness.

ସେଲି ପୁଣି କହନ୍ତି, କାବ୍ୟ ଓ କବିତା ରଚନା କରିବା ଏକ ଦୈବଶକ୍ତି । ଏହା କ୍ଷଣକ ନିମନ୍ତେ ଆବିର୍ଭୂତ ହୋଇ ପୁଣି ଅନ୍ତର୍ହିତ ହୁଏ । କେବଳ ସେହି ଦୈବ ବାଣୀର ପ୍ରତିଧ୍ୱନି ହିଁ ରହିଯାଏ । ସୁତରାଂ ଅନୁଶୀଳନ ଦ୍ୱାରା କିଛି ହୋଇ ପାରେନାହିଁ । ପୂର୍ବରୁ ସୂଚିତ ହୋଇଅଛି, ନୀଳକଣ୍ଠ ପ୍ରତିଭଶାଳୀ ଓ ପ୍ରେରଣାବାଦୀ କବି ଥିଲେ ହେଁ କବିତ୍ୱର ଦୈବ ବାଣୀରେ ତାଙ୍କର ବିଶ୍ୱାସ ନଥିଲା । ସେ ଅନୁଶୀଳନ ଓ ଅଧ୍ୟୟନକୁ କବିତାର ଚିର ସହଚର ବୋଲି ଜ୍ଞାନ କରୁଥିଲେ । ତେଣୁ ତାଙ୍କ କାବ୍ୟର ସଂଜ୍ଞା ଏହିପରି ଭବରେ କଲେ କୌଣସି ଅନ୍ୟାୟ କବିଙ୍କ ପ୍ରତି କରାଯିବ ନାହିଁ ।

ସେ ସଜ୍ଞାଟି ହେଉଛି "କବି ତାହାର ଅପୂର୍ବ ବସ୍ତୁ ନିର୍ମାଣରେ କ୍ଷମ । ପ୍ରତିଭ ବଳରେ ସହୃଦୟ ସାମାଜିକ ବା ପାଠକର ଅନ୍ତରରେ ଅଲୌକିକ ଆନନ୍ଦ ନିସ୍ୟନ୍ଦ ଅନ୍ତର୍ଜଗତ ଓ ବହିର୍ଜଗତର ବ୍ୟାପାରରେ ସେ ଯେଉଁ ଶବ୍ଦାର୍ଥର ସାହିତ୍ୟ ବା ସହଯୋଗ ସୃଷ୍ଟି କରେ ତାହାରି ନାମ ସାହିତ୍ୟ ବା କାବ୍ୟ । ଅନ୍ୟ ଅର୍ଥରେ ବୁଝିବାକୁ ଗଲେ କବିର ବାଙ୍ ନିର୍ମିତ ହିଁ କାବ୍ୟ, କବିର ନିପୁଣ କର୍ମ ବା ସୃଷ୍ଟି ବୋଲି

Digitized by PPRACHIN, SOA

ଶବ୍ଦମୟ ଶିଳ୍ପ ସୃଷ୍ଟିର ନାମ କାବ୍ୟ, ଏହିପରି ନାଟ୍ୟ ବା କାବ୍ୟ ଆସ୍ୱାଦନର ଅଧିକାରୀ ହେଉଚି ସେହି, ଯାହାର ହୃଦୟ ବିମଳ ପ୍ରତିଭନଶାଳୀ । କାବ୍ୟାନୁଶୀଳର ଅଭ୍ୟାସ ବଶରୁ ମନରୂପ ଦର୍ପଣ ନିର୍ମଳ ହେଲେ କାବ୍ୟର ବର୍ଣ୍ଣନୀୟ ବସ୍ତୁ ସହିତ ଯେଉଁମାନେ ତନ୍ମୟତା ଲଭ କରି ପାରନ୍ତି ସେମାନେ ହେଲେ ହୃଦୟ ସମ୍ବଦଶାଳୀ । ସେମାନଙ୍କୁ କୁହାଯାଏ ସହୃଦୟ—

"ତେ ହୃଦୟ ସମ୍ବାଦ ଭଜ ସହୃଦୟ"

ନୀଳକଣ୍ଠ ନିଜେ କବି । ସେ ନାନା କାବ୍ୟ, କବିତା ଓ ଭକ୍ତି ଗାଥା ରଚନା କରି ଅଛନ୍ତି । କିନ୍ତୁ ସେ ସର୍ବଦା ସାହିତ୍ୟର କାବ୍ୟ ରସିକ ସହୃଦୟମାନଙ୍କୁ ତାଙ୍କର ସାଙ୍ଗେ ସାଙ୍ଗେ ରଖି ଥାଆନ୍ତି । ସହୃଦୟମାନଙ୍କର ଯଦି ରସଭୋଗ୍ୟ ନ ହେଲା, ଯଦି କାଳକୁ ଅତିକ୍ରମ କରି ଏହି ଚିରନ୍ତନ କବିତା ମହାକାଳ ବକ୍ଷକୁ ଭେଦ କରି ତା ହୃଦୟରେ ପ୍ରବେଶ ନ କରେ, ତାହେଲେ ସେପରି କବିତା ରଚନା କରିବାରେ ଲଭ କଣ ? ମହାକବି ଦାନ୍ତେଙ୍କର ଆଲୋଚନା ପ୍ରସଙ୍ଗରେ ସେଲି ତାଙ୍କ Defence poetryରେ ଲେଖି.ଅଛନ୍ତି —

All high poetry is infinite. It is as the first a corn, which contained all oaks potentially, veil after veil may be undrawn and in most naked beauty of the meaning never expressed. A great poem is a fountain for ever, over.-flowing with the waters of wisdom and delight and after one person and age has exhausted its divine influence which their peculiar relations enable them to share, another and yet another succeeds and new relations are ever developed, the source of an unforeseen and unconceived delight.

ଅର୍ଥାତ ସକଳ ସମନ୍ୱିତ କବିତା ହିଁ ବିଶାଳ । ଏହା ଯେପରି ପ୍ରଥମେ ଓକ୍ ବୃକ୍ଷର ବୀଜ, ସକଳ ଓକ ଏହା ମଧ୍ୟରେ ଅବ୍ୟକ୍ତ ଭବରେ ରହିଅଛି, ଆବରଣ ପରେ ଆବରଣ ଉନ୍ମୋଚିତ ହୋଇପାରେ, କିନ୍ତୁ ଅର୍ଥର ଅନାହୂତ ଅନ୍ତରତମ ସୌନ୍ଦର୍ଯ୍ୟ କଦାପି ପ୍ରକାଶିତ ହେବ ନାହିଁ । ମହତ କାବ୍ୟ ଯେପରି ଗୋଟିଏ ପ୍ରସ୍ରବଣ । ନିତ୍ୟ କାଳ ତାହାଠାରୁ ପ୍ରଜ୍ଞା ଓ ଆନନ୍ଦର ସଲିଳ ଉଚ୍ଛ୍ୱସିତ ହେଉଅଛି ଏବଂ ଏକ ବ୍ୟକ୍ତି ଏବଂ ଏକ ଯୁଗ ତାହାର ବିଶିଷ୍ଟ ସମ୍ବନ୍ଧ ନୁଯାୟୀ ଏହାର ଦିବ୍ୟ ପ୍ରଭବ ନିଃଶେଷ ଭବରେ ଗ୍ରହଣ କଲେ ମଧ୍ୟ, ଗୋଟାକ ପରେ ଗୋଟାଏ ଯୁଗ ଆସେ ଓ ନୂତନ ସମ୍ବନ୍ଧ ସ୍ଥାପିତ ହୁଏ । ଏହା ଏକ ଅଦୃଷ୍ଟ ପୂର୍ବ ଏବଂ ଅଚିନ୍ତିତପୂର୍ବ

Digitized by PPRACHIN, SOA

ଆନନ୍ଦର ଉତ୍ସ ।” ଏ ମହାକାବ୍ୟର ଧ୍ୱନିର ଗୋଟିଏ ଚମତ୍କାର ବାଖ୍ୟା । ଏହି ଧ୍ୱନି ଅଛି ବୋଲି କାବ୍ୟ ସାହିତ୍ୟରେ ନବ, ନବ, ଆସ୍ୱାଦନ ସମ୍ଭବପର ହୋଇଅଛି । ଏହି ଆଲୋଚନା ବା ଆସ୍ୱାଦନା ଶେଷ ହୋଇଅଛି, ଏହା କୌଣସି ବ୍ୟକ୍ତି ବା ଯୁଗ ନିସଂଶୟରେ କହିପାରିବ ନାହିଁ । ମାନବର ଦୂର ଭବିଷ୍ୟତ ପୁରୁଷ ସେକସପିୟରଙ୍କ ନାଟକ ମଧ୍ୟରେ ଆବିଷ୍କାର କରିବ, ନୂତନ ଅର୍ଥ, ସେମାନଙ୍କର ନିଜ ମନୁଷ୍ୟ ସତ୍ତାର ନୂତନ ସ୍ୱଚ୍ଛ ବ୍ୟାଖ୍ୟାନ, ବିଶ୍ୱର ଅନନ୍ତ ଗଠନ ବୈଚିତ୍ର୍ୟର ସହିତ ନବ ସଂଗତି । ପରବର୍ତ୍ତୀ ଭାବଧାରାର ସହିତ ଐକ୍ୟମତ୍ୟ ମାନବର ଉନ୍ନତତର ଶକ୍ତି ଏବଂ ଜ୍ଞାନର ସହିତ ଘନିଷ୍ଠତା ଉପରେ ଦାନ୍ତେଙ୍କ ସମ୍ବନ୍ଧରେ ଯାହା ସେଲି କହିଛନ୍ତି କିମ୍ବା କାର୍ଲାଇଲ 'Hero as a poet' ସମ୍ବନ୍ଧରେ ଯେଉଁ ଉକ୍ତି ଲିପିବଦ୍ଧ କରି ଅଛନ୍ତି, ତାହା କବି ନୀଳକଣ୍ଠଙ୍କ ପ୍ରତି କେତେଦୂର ପ୍ରଯୁଜ୍ୟ, ଆମ୍ଭେମାନେ କହିପାରିବୁ ନାହିଁ ।' ଏମାନେ ହେଲେ ବିଶେଷ ଖ୍ୟାତିସମ୍ପନ୍ନ କବି ଓ ସମାଲୋଚକ । ନୀଳକଣ୍ଠ ଏମାନଙ୍କ ସହିତ ପ୍ରତିଯୋଗିତାରେ ସ୍ଥାନ ପାଇବେ କି ନାହିଁ କୁହାଯାଇ ପାରିବ ନାହିଁ । ସେ ଯେପରି ବିଶ୍ୱ ବିଶ୍ରୁତ କବି ଓ ମନୀଷୀ ନୁହନ୍ତି, କିନ୍ତୁ ଏହି ଉକ୍ତିଗୁଡ଼ିକ ସହିତ ଉପରେ ଦିଆ ଯାଇଥିବା ତାଙ୍କ ଉକ୍ତି ଦ୍ୱୟର କି ସମ୍ପର୍କ ଅଛି, ତାହା ପାଠକମାନଙ୍କୁ ବୁଝାଇ ଦେବା ଆମ୍ଭର ଉଦ୍ଦେଶ୍ୟ ।

## ଡକ୍ଟର ମାୟାଧର ମାନସିଂହଙ୍କ ମତ –

ଥରେ ଡଃ ମାୟାଧର ମାନସିଂହ ଆମ୍ଭମାନଙ୍କୁ କହିଥିଲେ, “ସମାଲୋଚକ ନିଜେ ମୌଳିକ ଭାବରେ ଅନ୍ୟ କବିର କାବ୍ୟ ଓ କବିତାର ଆଲୋଚନା ଓ ବିଶ୍ଳେଷଣ କରିବ, ଅନୁଶୀଳନ ଦ୍ୱାରା ଏହାର ରହସ୍ୟ ଉଦ୍‌ଘାଟନ କରି ପାଠକମାନଙ୍କ ଚିତ୍ତରେ ସଂକ୍ରମିତ କରିବ । ତାହା ନ କରି ପ୍ରସିଦ୍ଧ ସମାଲୋଚକମାନଙ୍କର ମତ ଉଦ୍ଧାର କରି ତାହା କେତେଦୂର ସମାଲୋଚିତବ୍ୟ କବି ଓ ସାହିତ୍ୟିକ ପ୍ରତି ପ୍ରଯୁଜ୍ୟ ତାହା ଦେଖାଇବାର ଆବଶ୍ୟକତା କଣ ?” ଡ଼ଃ ମାନସିଂହ ବର୍ତ୍ତମାନ ଜୀବିତ ନାହାନ୍ତି । ପ୍ରାଚୀନ ଯୁଗର ଭାରତୀୟ ଆଳଙ୍କାରିକମାନେ ଏବଂ ଏହି ଯୁଗର ବିଶିଷ୍ଟ ବିଶ୍ୱ ସାହିତ୍ୟିକ ରବୀନ୍ଦ୍ରନାଥ ଏବଂ Elliot ପ୍ରଭୃତି କବି ଓ ମନୀଷୀମାନଙ୍କର ସାହିତ୍ୟ ଉପରେ ଚିନ୍ତା ଗର୍ଭକ ବିଭିନ୍ନ ମତବାଦ ଯଦି ଉପର୍ଯ୍ୟୁକ୍ତ କବିଙ୍କ ପ୍ରତି ପ୍ରୟୋଗ କରା ନ ଯାଏ, ତାହାହେଲେ ତାହାର ମୂଲ୍ୟ ବା କଣ ? ଚିନ୍ତା ଓ ଭାବରାଶି ଏହି ଆକାଶ ମାର୍ଗରେ ପ୍ରବାହିତ ହେଉନାହିଁ ଯେ ତାକୁ ଯେ ଯେତିକି

Digitized by PPRACHIN, SOA

ପରିମାଣରେ ଧରି ଆୟତ୍ତ କରି ପାରିଲ ସେ ସେତିକି ବଡ଼ ସମାଲୋଚକ । ତାର କାବ୍ୟ ବିଗ୍ରହ ଯଥାର୍ଥ ଭବରେ ଉପଯୋଗିତା ଲଭ, ଯଦି ସେ ଉକ୍ତ ମନୀଷୀ-ମାନଙ୍କର ଚିନ୍ତାଧାରାକୁ ଅନୁସରଣ କରିବ । ଡ଼ଃ ମାନସିଂଙ୍କ ପରି ସମସ୍ତେ କିଛି ପ୍ରତିଭଶାଳୀ ଲେଖକ ନୁହନ୍ତି ଯେ, ସେମାନଙ୍କ ମନକୁ ଯାହା ଆସିବ, ସେ ତାହା କରିଯିବେ ଏବଂ ଅନ୍ୟମାନେ ତାହାକୁ ନତଶିର ହୋଇ ଗ୍ରହଣ କରିବେ । ଡ଼ଃ ମାୟାଧର ମାନସିଂହ ଥରେ ଲେଖିଥିଲେ—

"ସବୁ ସୁନ୍ଦରୀଙ୍କ ଚିବୁକ ଧରି" ଏବଂ ଏହିପରି ଅଶ୍ଳୀଳତା ଓ ଅଶାଳୀନତା ପୂର୍ଣ୍ଣ କବିତା ବହିଟିଏ ରଚନା କରି ତାକୁ ପାଠ୍ୟ ପୁସ୍ତକ ରୂପେ ମନୋନୀତ କରାଇ ପକାଇଥିଲେ । ବୋଧହୁଏ ଏହା କୋମଳମତି ଅଳ୍ପ ବୟସର ଛାତ୍ରମାନଙ୍କ ସକାଶେ ଉଦ୍ଦିଷ୍ଟ ଥିଲ । ସେମାନେ ଥିଲେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ର । ସେମାନଙ୍କୁ ପଢ଼େଇବା ସକାଶେ ଶିକ୍ଷକମାନେ ଘୋର ପ୍ରତିବାଦ ଆରମ୍ଭ କଲେ । ଫଳରେ ସେ ବହି ନାମରେ ଦୁର୍ନାମ ହୋଇଗଲ । ଏ କଣ ଡଃ ମାନସିଂ ପକ୍ଷରେ କମ୍ ଅପମାନ ।

ସେହିପରି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ବହୁ ପରିଶ୍ରମ ସହିତ ଲିଖିତ ତାଙ୍କର History of oriya litraturc ଗ୍ରନ୍ଥରେ ଆତ୍ମଶ୍ଳାଘା ପ୍ରକାଶ କରି ସେ ଲେଖିଥିଲେ, କାଳିନ୍ଦୀ ପାଣିଗ୍ରାହୀଙ୍କ କବିତା ଭ୍ରମ ପ୍ରମାଦପୂର୍ଣ୍ଣ; ପ୍ରତିଭଶାଳୀ କବି ଗୋଦାବରୀଶ ମହାପାତ୍ର ବର୍ତ୍ତମାନ କବିର ନ୍ୟାଯ୍ୟ ପଥରୁ ବିଚ୍ୟୁତ ହୋଇ ପଡ଼ିଛନ୍ତି ଏବଂ କାହ୍ନୁ ଚରଣ ମହାନ୍ତି ଯେତେଗୁଡ଼ିଏ ଉପନ୍ୟାସ ଲେଖି ଅଛନ୍ତି, ସେଥି ମଧ୍ୟରୁ ଗୁଣାତ୍ମକ ଯୋଗ୍ୟତା କୌଣସି ବହିର ନାହିଁ । କେବଳ ସଂଖ୍ୟା ପରେ ସଂଖ୍ୟା ବଢ଼ି ଚାଲିଛି । ଏହିପରି ଭବରେ ଯେଉଁ ଲେଖକ ଲେଖିପାରେ, ତାକୁ ଆମ୍ଭେମାନେ କିପରି ଶ୍ରେଷ୍ଠ କବି ଓ ସମାଲୋଚକ ରୂପେ ଗ୍ରହଣ କରି ପାରିବା ? ସେ ନୀଳକଣ୍ଠଙ୍କର 'କୋଣାର୍କେ' କାବ୍ୟର ଭୂମିକାଟିଏ ଲେଖି ଅଛନ୍ତି, ସେଥିରେ ସେ ଅବଶ୍ୟ ନୀଳକଣ୍ଠଙ୍କର ଭୂୟସୀ ପ୍ରଶଂସା କରି ଅଛନ୍ତି । ପ୍ରସଙ୍ଗ କ୍ରମେ ସେ କହିଅଛନ୍ତି "କାବ୍ୟ କଥା କହେ, ଏକଥା ମୁଁ ଅନ୍ୟ କୌଣସି ପାଶ୍ଚାତ୍ୟ ସାହିତ୍ୟରୁ ଲଭ କରି ନ ଥିଲି । ଏହି କଥା ମୁଁ 'କୋଣାର୍କେ' କାବ୍ୟରେ ଦେଖିବାକୁ ପାଇଲି ।" କିନ୍ତୁ କାବ୍ୟ କେଉଁଠାରେ କଥା କହିଛି, ସେ ତାହା ବିଶଦ ଭବରେ ବୁଝାଇ ଆମ୍ଭକୁ କହି ନାହାନ୍ତି । ସେ ଯାହାହେଉ ✓ ମାନସିଂହ ଆମ୍ଭମାନଙ୍କୁ ଯେଉଁ ଉପଦେଶ ଦେଇଥିଲେ, ଅନ୍ୟ ସମାଲୋଚକମାନଙ୍କର ମତ ସାହାଯ୍ୟରେ

Digitized by PPRACHIN, SOA

କବିଙ୍କର ଯଥାର୍ଥତା ପ୍ରତିପାଦନ କରିବା ସମାଲୋଚକର ହେୟ ମୂଲ୍ୟବୋଧର ପରିଗ୍ରୟକ । ଆମ୍ଭେମାନେ ଦୁଃଖର ସହିତ ସେ ଉପଦେଶକୁ ଆଗ୍ରହ୍ୟ କରୁଛୁ ଏବଂ ବାରମ୍ବାର ଆଳଙ୍କାରିକ ସମାଲୋଚକମାନଙ୍କର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭବଧାରାର ମାନଦଣ୍ଡରେ ଆମ୍ଭେମାନେ ଉପସ୍ଥିତ ଲେଖକଙ୍କର ସାହିତ୍ୟ ଆଲୋଚନା କରିବୁ ।

## କୁନ୍ତକଙ୍କ ଦୃଷ୍ଟିରେ କାବ୍ୟ —

କବି ନୀଳକଣ୍ଠଙ୍କର କାବ୍ୟ ଓ କବିତା ଆଲୋଚନା କଲାବେଳେ ଆମ୍ଭମାନଙ୍କର ସ୍ୱତଃ କାଶ୍ମୀରର ଆଳଙ୍କାରିକ କୁନ୍ତକଙ୍କ କେତୋଟି ଶ୍ଳୋକ ମନେପଡ଼େ । କୁନ୍ତକ କାବ୍ୟର ଯେଉଁ ସଂଜ୍ଞା ନିର୍ଦ୍ଦେଶ ଓ ବ୍ୟାଖ୍ୟାନ କରି ଅଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଅତୁଳନୀୟ । ସେ ପ୍ରାୟ ଏକାଦଶ ଶତାବ୍ଦୀରେ କାଶ୍ମୀରରେ ଜନ୍ମଗ୍ରହଣ କରିଥିଲେ । ସେ ସାହିତ୍ୟ ଅଥବା କାବ୍ୟର ସଂଜ୍ଞା ନିରୂପଣ କରିବାକୁ ଯାଇ ଲେଖିଅଛନ୍ତି "ସରସ୍ୱତୀଙ୍କର ହୃଦୟାରବିନ୍ଦର ମକରନ୍ଦ ବିନ୍ଦୁ ସମୂହର ସୌନ୍ଦର୍ଯ୍ୟ ନେଇ ଶୋଭା ପାଏ କବିମାନଙ୍କର ବାକ୍ୟଗର୍ଭ ଓ ସେମାନଙ୍କର ଅନ୍ତଃସ୍ଥିତ ପରିମଳର ମନୋହାରିତା ନେଇ ସ୍ଫୁରିତ ହୁଏ ସାହିତ୍ୟ । ଆଜି ତାହା ସହୃଦୟ ଭୃଙ୍ଗମାନଙ୍କର ଗୋଚରୀଭୂତ କରିବାକୁ ମୁଁ ସଚେଷ୍ଟ ଅଛି ।" ସେ ସମୟରେ ସାହିତ୍ୟ, କାବ୍ୟ, ଶବ୍ଦ ବା ମର୍ମାର୍ଥ ବାଚକ ଗଦ୍ୟ ପ୍ରାୟ ଲେଖା ହେଉ ନ ଥିଲା ; କାଦମ୍ବରୀ ପରି ଅଳ୍ପ କେତେ ଖଣ୍ଡ ଗଦ୍ୟ କାବ୍ୟ ରଚିତ ହୋଇଥିଲା । କୁନ୍ତକ ଅତ୍ୟନ୍ତ ଆତ୍ମଶ୍ଳାଘାର ସହିତ ଲେଖି ଅଛନ୍ତି "ସାହିତ୍ୟାର୍ଥ ସୁଧା ସିନ୍ଧୋ ସାରଂ ଉନ୍ମୀଳୟାମ୍ୟହମ୍ ଅର୍ଥାତ ସାହିତ୍ୟର ରୂପ ସୁଧା ସିନ୍ଧୁର ସାର ମୁଁ ଆଜି ପ୍ରକଟିତ କରିବି । ଶବ୍ଦ, ଅର୍ଥ ସର୍ବଥା ତୁଲ୍ୟ ଗୁଣ ଓ ସଜ୍ଜନ ଦୁଇ ମିଳିତ ସୁହୃଦ ପରି ପରସ୍ପରର ଶୋଭା ବୃଦ୍ଧି କରିବେ ।" ଶବ୍ଦ ଓ ଅର୍ଥର ପୃଥକ ସଂଜ୍ଞା ନିର୍ଦ୍ଦେଶ କରି କୁନ୍ତକ ଉଲ୍ଲେଖ କରି ଅଛନ୍ତି, ଅନ୍ୟ କେତେକ ବାଚକ ଥିଲେ ମଧ୍ୟ ଯାହା ଅଭିପ୍ରେତ ଅର୍ଥର ଏକମାତ୍ର ବାଚକ ହୁଏ, ତାହାହିଁ ଶବ୍ଦ । "ଅର୍ଥଃ ସହୃଦୟା ହ୍ଲାଦକାରୀ, ସ୍ୱଃ ସ୍ୱନ୍ଦ ସୁନ୍ଦରଃ ।" ସୁହୃଦୟ ହୃଦୟରେ ଆହ୍ଲାଦ ଉଦ୍ରେକ କରି ଯାହା ସ୍ୱଚ୍ଛନ୍ଦରେ ଅର୍ଥାତ ସ୍ୱଭାବରେ ଯାହା ସୁନ୍ଦର ହୁଏ, ତାହାହିଁ ଅର୍ଥ ।" ତାପରେ କୁନ୍ତକ କବି ପ୍ରତିଭାର ସ୍ୱରୂପ ବିଶ୍ଳେଷଣ କରି ଲେଖି ଅଛନ୍ତି "ପଦାର୍ଥ ସମୂହ କବି ପ୍ରତିଭାର ତତକାଳୀନ ଏକ ବିଶେଷ ପରିସ୍ପନ୍ଦ ଦ୍ୱାରା ପରିସ୍ଫୁରିତ ହୁଏ । ପ୍ରକୃତ ବସ୍ତୁର ଉପଯୁକ୍ତ ଗୋଟିଏ ବିଶେଷ ଉତ୍କର୍ଷ ଦ୍ୱାରା ସେମାନଙ୍କର ସ୍ୱଭାବ ସମାଚ୍ଛାଦିତ ହୁଏ । କବିର ଅଭିପ୍ରାୟ ପ୍ରକାଶ କରିପାରେ ବୋଲି ଏହାକୁ ଅର୍ଥ ବୋଲି କୁହାଯାଏ । କାବ୍ୟରେ ଯେଉଁ ଶବ୍ଦଟି କବି

Digitized by PPRACHIN, SOA

ବ୍ୟବହାର କରିଥାନ୍ତି ସେ ଶବ୍ଦଟି ହବ The unique word ତା ଅର୍ଥ—— ଅଦ୍ୱିତୀୟ ଶବ୍ଦ । ପେଟର ସାହେବ ଉଲ୍ଲେଖ କରି ଅଛନ୍ତି The one word for the one thing, the one thought the remind multitude of words; terms that might just do the unique word. phrase sentense, paragraph, essay or song absolutely proper to the single mental presentation or union within. ଅର୍ଥାତ କାମ ଚଳାଇ ପାରୁଥିବା ଏପରି ଏକ ରାଶି ଶବ୍ଦ ଓ ପଦ ମଧ୍ୟରେ ଗୋଟିଏ ବସ୍ତୁ ଗୋଟିଏ ଚିନ୍ତା ନିମନ୍ତେ ସେହି ଗୋଟିଏ ଶବ୍ଦ ଅଦ୍ୱିତୀୟ ଶବ୍ଦ ବାକ୍ୟାଂଶ, ବାକ୍ୟ, ଅନୁଚ୍ଛେଦ, ପ୍ରବନ୍ଧ, ଅଥବା ଗାନ ।

ଏ ସମସ୍ତରୁ ଗୋଟିଏ ମାତ୍ର ମାନସିକ ବ୍ୟାପାର ଅଥବା ଅନ୍ତରର ପ୍ରତିଧ୍ୱନିର ସମ୍ପୂର୍ଣ୍ଣ ରୂପେ ଉପଯୁକ୍ତ । କାର୍ଲଇଲ ମଧ୍ୟ କହି ଅଛନ୍ତି, ସକଳ ବାକ୍ୟରେ ଏପରିକି ଅତି ସାଧାରଣ ବାକ୍ୟରେ ସଙ୍ଗୀତର କିଛି ଅଂଶ ଅଛି । ଅତଏବ ସାହିତ୍ୟକୁ କହିବୁ ସଙ୍ଗୀତମୟ ଚିନ୍ତା ଅର୍ଥ ଓ ଶବ୍ଦ । ଉଭୟର ଯଥାର୍ଥ ସାହିତ୍ୟରେ କାବ୍ୟରେ ଉତ୍ପତ୍ତି । ଅର୍ଥ ଯେତେବେଳେ ସ୍ୱଚ୍ଛ ସୁନ୍ଦର ହୁଏ ସେତେବେଳେ କବିର ଅନ୍ତର୍ଲୋକରେ ଏବଂ ପରେ ବର୍ହିଲୋକରେ ଅନୁରୂପ ପ୍ରତି ସ୍ୱର୍ଦ୍ଧି ଶବ୍ଦର ସଞ୍ଚାର ହୋଇଥାଏ । ଅର୍ଥ ଯେପରି ଭାବମୟ ଶବ୍ଦ ବି ସେପରି ଭାବମୟ ହୋଇ ସହୃଦ ଯୁଗ ପରି ଅପୂର୍ବ ସାହିତ୍ୟ ରଚନା କରେ । ତାହାରି ଫଳରେ ଉଦ୍ଭକ୍ତ ହୁଏ "ଅଦ୍ଭୁତାମୋଦ ଚମତ୍କାର" ଏବାରକ୍ରମ୍ବୀ ଏହି ସମ୍ପର୍କରେ କହି ଅଛନ୍ତି, I lilw cell it compendiously, incantation the power of using words so as to produce in us a sort of enchantment; and by that I mean a power not merely to charm and delight, but to kindle our minds in to unusual, vitality, executely aware both of things and of the connexions of things. ଅର୍ଥାତ ମୁଁ ଏହାକୁ ସଂକ୍ଷେପରେ କହିବି "ମନ୍ତ୍ରଶକ୍ତି ଆମ୍ଭମାନଙ୍କ ଅନ୍ତରରେ ଏକ ପ୍ରକାର ସମ୍ମୋହନ ଉତ୍ପାଦନ କରିବା ନିମନ୍ତେ ଶବ୍ଦ ପ୍ରୟୋଗର ଶକ୍ତି ଏବଂ ଏହାଦ୍ୱାର ମୁଁ ବୁଝୁଛି ଯେ କେବଳ ମୁଗଧ ଏବଂ ହୃଷ୍ଟ କରିବାର ଶକ୍ତି ନୁହେଁ । ଆମ୍ଭମାନଙ୍କର ଚିତ୍ତକୁ ଅସାଧାରଣ ପ୍ରାଣ ପ୍ରାଚୁର୍ଯ୍ୟ ଦ୍ୱାର ଉଦ୍ଦୀପ୍ତ କରିବାର ଶକ୍ତି——ଏହା ବିଶେଷ ଭାବରେ ବସ୍ତୁ ବା ଅର୍ଥନିଚୟ ଏବଂ ସେମାନଙ୍କ ସମ୍ବନ୍ଧରେ ବା ବିଷୟରେ ସଜାଗ ଥାଏ ।

Digitized by PPRACHIN, SOA

## ନୀଳକଣ୍ଠଙ୍କ କାବ୍ୟର ଉତ୍କର୍ଷ

ନୀଳକଣ୍ଠଙ୍କର କାବ୍ୟ କବିତା କିପରି ଆମ୍ଭମାନଙ୍କୁ ମୁଗ୍ଧ ଓ ଉଦ୍ଦୀପ୍ତ କରି ଆମ୍ଭମାନଙ୍କ ଚିତ୍ତର ସମୋନ୍ନତି ଘଟାଏ, ତାହାର କେତୋଟି ଦୃଷ୍ଟାନ୍ତ ଦେଇ ଏ ବିଷୟଟିର ଉପସଂହାର କରିବୁ ।

### ଶବ୍ଦ ବିନ୍ୟାସ

ଯେଉଁ ଅଦ୍ୱିତୀୟ ଶବ୍ଦ କିମ୍ବା ଅର୍ଥର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଳଙ୍କାରିକ କୁନ୍ତକ ତାଙ୍କର ମନ୍ତବ୍ୟ ବ୍ୟାଖ୍ୟାନ କରି ଅଛନ୍ତି, ତାହାର ଭୂରି ଭୂରି ପ୍ରମାଣ ଓ ପରିଚୟ ଆମ୍ଭେମାନେ ନୀଳକଣ୍ଠଙ୍କର 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ଦେଖିବାକୁ ପାଉ । 'କୋଣାର୍କେ' କାବ୍ୟରେ କୋଣାର୍କ ମନ୍ଦିରର ଭଗ୍ନାବସ୍ଥା ଦେଖି କବିଙ୍କର ହୃଦୟ ମ୍ରିୟମାଣ ହୋଇ ପଡ଼ିଛି, ତେଣୁ ତାଙ୍କର ଅବସାଦଗ୍ରସ୍ତ ହୃଦୟରୁ ସ୍ୱତଃ ସ୍ଫୁର୍ତ୍ତ ଭାବରେ ପ୍ରକାଶ ପାଇଛି—

"ଘନଘଟା ଧର୍ମତାମସେ ପୁଣି ବିକଟ ଘୋର
ଦିଶେ ନାରଖାର ପୁରାଣ କିର୍ତ୍ତିକଂକାଳସାର,
ଦେଖି ଶିଶୁ ଫେରି ଅଛନ୍ତି ପ୍ରାଣ ସଂକୋଚେ ଆଜି
ଫାଟିଯାଉ ମେଘ ଜୋଛନା ଫୁଟି ଉଠୁ ବିରାଜି ।
କାଳ-ଦନ୍ତ-ଘାତ-ବିଭତ୍ସ-ପ୍ରତ୍ନ-ମୋହନ-କଳା
ସରସ ସିତାଂଶୁ ପରଶେ କରୁ ଜୀବନ୍ତ ଲୀଳା ।"

ଅର୍ଥାତ୍ କବି ଏଠାରେ ସ୍ପଷ୍ଟ ଛାତ୍ରମାନଙ୍କୁ କହୁ ଅଛନ୍ତି, ଏହି କୋଣାର୍କ କୀର୍ତ୍ତିର କଙ୍କାଳସାର ହୋଇ କି ନାରଖାର ଦେଖା ଯାଉଛି । ପୁଣି ଘୋର ତାମସମୟୀ ରଜନୀରେ ଏହି ଭଗ୍ନ ମନ୍ଦିର ଆହୁରି ଭୟଙ୍କର ଦେଖା ଯାଉଛି । ଶିଶୁ ଛାତ୍ରମାନେ ପ୍ରାଣର ସଂକୋଚରେ ଓଡ଼ିଆ କଳା ଓ ସ୍ଥାପତ୍ୟର ସୁନ୍ଦର ଛବି ଦେଖିପାରୁ ନାହାନ୍ତି । ଶୀଘ୍ର ଏ ମେଘ ଫାଟିଯାଉ, ଚନ୍ଦ୍ର କିରଣରେ ସାରା ବିଶ୍ୱ ଉଦ୍ଭାସିତ ହୋଇଉଠୁ । କାଳର ତୀକ୍ଷ୍ଣ ଦନ୍ତର ଆଘାତରେ କୋଣାର୍କର ଯେଉଁ ମୋହନ କଳା ଆଜି ବୀଭତ୍ସ ହୋଇଅଛି, ଚନ୍ଦ୍ର କିରଣର ପରଶରେ ଜୀବନ୍ତ ଭାବରେ ତାହା ଖେଳିଉଠୁ । ଏଠାରେ ଲକ୍ଷ୍ୟ କରିବାର କଥା କାଳ ଦନ୍ତ-ଘାତ ବିଭତ୍ସ-ପ୍ରତ୍ନ-ମୋହନ-କଳା ପ୍ରଭୃତି ପଦ ଅତ୍ୟନ୍ତ ମନମୁଗ୍ଧକର ଏବଂ ପ୍ରାଣସ୍ପର୍ଶୀ । ଏହି ଶବ୍ଦ ଗୁଡ଼ିକରୁ ଗୋଟିଏ ଶବ୍ଦ ଉଠାଇ ନେଇ ଆଉ ଗୋଟିଏ ଶବ୍ଦ ପ୍ରୟୋଗ

Digitized by PPRACHIN, SOA

କରିବାର ଶକ୍ତି କାହାର ଅଛି ? କେଉଁ ଓଡ଼ିଆ କବି ଏପରି ସୁଷମାନ୍ୱିତ ଶବ୍ଦ ଓ ଅର୍ଥର ସମ୍ମିଳନ କରି ଅଛନ୍ତି ? ଅର୍ଥ ଏଠାରେ ଶବ୍ଦ ସହିତ ସ୍ପର୍ଦ୍ଧା କରି ନୂତନ ଆଲୋକରେ ଝଲସି ଉଠୁଛି । ଏହାକୁ ହିଁ କୁହାଯାଏ ଅଦ୍ଭୁତ-ଆମୋଦ, ଚମତ୍କାର । ଏହା ପାଠକଲେ କୋଣାର୍କର ଅତୀତ ବିଭବ ହୃଦୟକୁ ମଥିତ କରେ ।

ସ୍ଥାପତ୍ୟର ଆହୁରି ବିଶଦ ଓ ବିସ୍ତୃତ ବିବରଣୀ ଦେବା ନିମନ୍ତେ କବି ଚନ୍ଦ୍ରଭଗା କୂଳରେ ସୂର୍ଯ୍ୟୋଦୟର ଚିତ୍ର ଯେପରି ଚମତ୍କାର ଭଙ୍ଗୀରେ ପ୍ରକାଶ କରିଛନ୍ତି, ତାହାର ପଟାନ୍ତର ନାହିଁ । ଓଡ଼ିଆ ସାହିତ୍ୟରେ ଏପରି ବର୍ଣ୍ଣନା ଭଙ୍ଗୀ ଓ ବୈଭବ ସମ୍ପୂର୍ଣ୍ଣ ରୂପେ ଅଭିନବ । ଏଠାରେ କବି-ପ୍ରାଣର ସ୍ପନ୍ଦନ ଓ ଅନୁଭୂତି ସୂକ୍ଷ୍ମ । ଅନୁଭୂତି କିପରି ରୂପାୟିତ ହୋଇଅଛି, ତାହା ଦର୍ଶାଇବା ଆମ୍ଭମାନଙ୍କର ଉଦ୍ଦେଶ୍ୟ । ଭକ୍ତ କବି ମଧୁସୂଦନଙ୍କୁ ଲକ୍ଷ୍ୟ କରି କବି ନୀଳକଣ୍ଠ ଲେଖିଥିଲେ, "କବିତା ଗୋଟିଏ କୋମଳ ଶିଳ୍ପକଳା, କବିର ପ୍ରାଣ ଏଥିରେ ବିଳାସ ଅନୁଭବ କରେ । ଅନୁଭୂତିରେ ପ୍ରାଣ ଭସିଗଲେ ରସୋପଲବ୍ଧିରେ ମାନବର ଆତ୍ମବିସ୍ମୃତ କବିତା ସ୍ୱତଃ ବିକାଶିତ ହୁଏ ।" କବି ମଧୁସୂଦନଙ୍କ ସମ୍ପର୍କରେ ସେ ଯାହା ଲେଖିଛନ୍ତି, ତାହା ନିଜ ପ୍ରତି କିପରି ପ୍ରଯୁଜ୍ୟ ହୋଇଅଛି, ତାହାର ନିଦର୍ଶନ ଦେଖାଇବା ନିମନ୍ତେ ଆମ୍ଭେମାନେ ଏଠାରେ 'କୋଣାର୍କେ'ରେ ସୂର୍ଯ୍ୟୋଦୟ ବର୍ଣ୍ଣନା ଉଦ୍ଧାର କରୁଅଛୁ ।

"ଫାଟିଯାଏ ଦେଖ କାଳିମା ଉଷା ରଜତ ପୁରେ
ପାରଦ-ଉପାନ୍ତ ପ୍ରସରେ ମେଘ ଚଳେ ଅମ୍ବରେ ।
ଭିତରେ ଗଗନ-ନୀଳିମା ଦିଶେ ରଜତ-ହାସେ,
ତାର-ଖଣ୍ଡ ଏବେ ଝୁଲୁଛି ଉଷା-ଜ୍ୟୋତି-ବିଭସେ ।
ପଧଣେ ପଗଣେ କହଇ ନବ-ଜୀବନ ଧାର,
ପଲକେ ପଲକେ ସ୍ଫୁରଇ ପ୍ରାଣ-ପୀରତି-ଭର ।
ଦିଗନ୍ତ-ପ୍ରସାରେ ଦିଶଇ ଦିଗ-ଚୂର୍ଣ୍ଣ-କୁନ୍ତଳ,
ନାରିକେଳ-କୁଂଜ-ଗହଳେ ଧୂମ୍ର ନୀଳ ପ୍ରାଚୀର ।
ନୀଳ-ଘନ କାଞ୍ଚି ବିମଳ ବେଳା ସୀମଂତ-ଶିଖେ,
ସୂର୍ଯ୍ୟ-ରଥ ଭେଦି ଉଠିବ ଏହି ତଟିନୀ-ମୁଖେ,
ନ ଦିଶିବ ସିନ୍ଧୁ-ପରଶେ ବାଳ-ଭାନୁ ବିଭବ,
ଅରୁଣ କଂପନେ ସାଗର-ପୂରେ ହାଟକ-ଦ୍ରବ ।"

Digitized by PPRACHIN, SOA

ଅର୍ଥାତ ସୂର୍ଯ୍ୟ ପୂର୍ବ ଦିଗରେ ରଜତ ପ୍ରବାହ ସୃଷ୍ଟି କରି ମେଘର କାଳିମାକୁ ବିଦୀର୍ଣ୍ଣ କରି କ୍ରମେ ଉପରକୁ ଉଠୁଛନ୍ତି । ତାରମାନେ ଉଷାର ଜ୍ୟୋତିରେ ଗଗନରେ ପ୍ରାୟ ବିଲୁପ୍ତ ହୋଇଛନ୍ତି । ଏହିଠାରେ କବି ଅନ୍ତରର ସ୍ପନ୍ଦନରେ ଅନୁପ୍ରାଣିତ ହୋଇ ଲେଖି ଅଛନ୍ତି, ଏପରି ସମୟରେ ମଣିଷର ପ୍ରାଣେ ପ୍ରାଣେ ନବ ଜୀବନର ଧାର ବହିଯାଉଛି । ମନୁଷ୍ୟର ପ୍ରାଣ ଅନନ୍ତ ପ୍ରୀତିରେ ଭରି ଉଠୁଛି । ସୂର୍ଯ୍ୟ ରଥ ଏହି ତଟିନୀ ମୁଖ ଭେଦି ଉପରକୁ ଉଠିବ । ସାଗରର ସ୍ପର୍ଶରେ ସୂର୍ଯ୍ୟର ଏହି ନବଦୀପ୍ତି ଦେଖାଯିବ ନାହିଁ । ଅରୁଣର କମ୍ପନରେ ସମୁଦ୍ର ପ୍ରବାହରେ କେବଳ ସୁନାର ଦ୍ରବୀଭୂତ ଅଂଶ ଦେଖାଯିବ । ଏହିପରି ଭାବରେ ନବ ନବ ଉପମା, ଅଳଙ୍କାର, ରୂପକଳ୍ପ ଏବଂ କଳ୍ପନା ବିଭବ ଦ୍ୱାରା ଚିତ୍ରକର ପରି ପ୍ରାତଃ କାଳରେ ସୂର୍ଯ୍ୟୋଦୟର ଯେଉଁ ଚିତ୍ର କବି ଅଙ୍କନ କରି ଅଛନ୍ତି, ତାହା ଅତ୍ୟନ୍ତ ଚମତ୍କାର-କାରୀ ହୋଇଅଛି ।

## ରସ ବିନ୍ୟାସ —

ତାପରେ କାବ୍ୟ କବିତାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ରସ ବିନ୍ୟାସ ଏବଂ ସହୃଦୟ ହୃଦୟରେ ଏହି ରସର ଯଥାଯଥ ସଞ୍ଚାର, ତା ନ ହେଲେ କାବ୍ୟ କବିତା ମୂଲ୍ୟହୀନ, ଜଣେ କେହି ଲେଖି ଅଛନ୍ତି. ଅରସିକ ଲୋକମାନଙ୍କ ନିକଟରେ ରସର ନିବେଦନ ବୃଥା—"ଅରସିକେଷୁ ରସସ୍ୟ ନିବେଦନମ୍, ଶିରଣି ମାଲିଖ୍, ମାଲିଖ୍, ମାଲିଖ୍ ।" ତେଣୁ ନୀଳକଣ୍ଠଙ୍କ କାବ୍ୟରେ କିପରି ଅଜ୍ଞାତ ଓ ଅଲକ୍ଷିତ ଭାବରେ ରସ ବିନ୍ୟାସ ହୋଇଅଛି, ତାହାର ଦୃଷ୍ଟାନ୍ତ ଏଠାରେ ଦିଆଯିବ ଓ ତା' ଗ୍ରହଣ କରିବାକୁ ହେଲେ, ଆମକୁ ରସଗ୍ରାହୀ ହେବାକୁ ପଡ଼ିବ । ଖାରବେଳ ପ୍ରଥମେ ପଟଳରେ ଛାଉଣୀ କରି ରହି କୃଷକମାନଙ୍କୁ ଯୁଦ୍ଧରେ ସାଥୀ ହେବାକୁ ଲୋଡୁଥାନ୍ତି । ଏହିପରି ସମୟରେ ଦିନେ ସନ୍ଧ୍ୟାରେ ଘୋଡାରେ ଚଢି ନଈର ପଶ୍ଚିମ ପାଖେ ବୁଲିବାକୁ ଯାଇ ଫେରିବା ବାଟ ଜାଣି ପାରିଲେ ନାହିଁ । ଅଦୂରରେ କେତେଗୁଡ଼ିଏ କୃଷକ ବାଳିକା ଖେଳୁଥିଲେ ଏବଂ ନଈ କୂଳ ପଥର ଉପରେ ଧୂସି ବସିଥିଲେ । ଖାରବେଳ ଯାଇ ଧୂସିକୁ ବାଟ ପଗ୍ଚରି ଫେରି ଆସିଲେ । ଖାରବେଳ ଫେରି ଆସିବା ପରେ ଧୂସି କେତେ କାଳ ସେହିପରି ପଥର ଉପରେ ଗୁହିଁ ବସି ରହିଲେ । ଏହି ଚିତ୍ରକୁ ଧରି କାବ୍ୟର ପ୍ରଥମ ଛାନ୍ଦ ଫିଟିଅଛି । କବି ଉଲ୍ଲେଖ କରି ଅଛନ୍ତି——

କୁଙ୍କୁମ ଝରିଲେ ବନେ କିରସ ମଧୁପବନେ
ଶୀର୍ଣ୍ଣ ପତ୍ର ରସବନ୍ତ ଦ୍ରୁମେ ?

Digitized by PPRACHIN, SOA

ଯଉବନ ଗଲେ ସଚି କାହୁଁ ସେ ଲବଣ୍ୟ-ଶିରୀ
ବିଭର୍ସିବ କପୋଳ-କୁଙ୍କୁମେ ?
ଦେଖାଅ ସେ କୁଙ୍କୁମର ଇଙ୍ଗିତ ତରଳ ଖେଳ
ନୟନର ରୁଚ୍ଛ ଚପଳତା;
ଯୌବନ-ଦୀପ ତ ଉର ଗୁଚ୍ଛ ଶ୍ୱାସ କରେ ଦୂର,
ନିମିଷେ କି ସହିବ କବିତା !
ବସିଛି ଚିତ୍ରିବି ମୁହିଁ ଅଳପେ ସୁଦୟ ବହି,
ଫେରଅ ସେ ବିଷାଦିତ ମୁଖ;
ସଙ୍ଗିନୀର ଦଳେ ମିଶି ଯାଅ ଗୋ କୁଟୀରେ ହସି
ଭତି ଉଠୁ ଯୌବନ ମୟୁଖ !
କାହାରେ ଗୁହିଁଛ ସତୀ, ଭଳି ଭଳି କି ନିୟତି ?
କଳିଙ୍ଗର ଯୁବରାଜ ସେହୁ,
ତୁଙ୍ଗ ବୀର ଖାରବେଳ ରଣେ ବହି କୁତୁହଳ
ଅବଳା ଗୋ କି ବୁଝିଲ ତହୁଁ ?
କିଏ ସେହି ଖାରବେଳ କହିଁ କଳିଙ୍ଗ ଉତ୍କଳ
କିମ୍ପାଇଁ ସେ ଆସିଲେ ପଟଳେ ?
ଏକାକିନୀ ବାଳା ପାଶେ ପରଣର କି ଆଭଷେ
ମିଳିଲେ ବା ସିନ୍ଧୁ ନଦୀ ତୀରେ ?

ଏପରି କାହାର ପ୍ରତ୍ୟୟ ଲୀଳାର ସୂଚନା ବ୍ୟଞ୍ଜନା ଧ୍ୱନି ପ୍ରକଟିତ ହୋଇ ପାଠକକୁ ରସ ସାଗରରେ ଅବଗାହନ କରିବାକୁ ଦେଇଛି ! ଏହାର ନାୟକ ହେଉଛନ୍ତି କଳିଙ୍ଗର ଚୈତ ବଂଶର ରଜା ମହାମହିମ ସମ୍ରାଟ ଖାରବେଳ, ଏବଂ ନାୟିକା ହେଉଛନ୍ତି ଭାରତର ସୁଦୂର ଉତ୍ତର ପଶ୍ଚିମରେ ଥିବା ବଣିକ ନଗରୀ ପଟଳର ଦ୍ରାବିଡ଼ କନ୍ୟା ଧୂସି । ଉଭୟଙ୍କର ସାକ୍ଷାତ ହୋଇଥିଲା ଗୋଟିଏ ନଇ କୂଳରେ । ଏଠାରେ

ଏକାକିନୀ ବାଳା ପାଶେ ପରଣର କି ଆଭଷେ
ମିଳିଲେ ବା ସିନ୍ଧୁ ନଦୀ ତୀରେ

ଏହି ଧ୍ୱନିର ମାଧ୍ୟମରେ କବି ଯେଉଁ ରସ ବିନ୍ୟାସ ଦେଖାଇଚନ୍ତି, ତାହା ତାଙ୍କର ସିଦ୍ଧ ହସ୍ତତାର ପରିଚ୍ୟକ । ସେହିପରି କୋମଳ ରସ ବିନ୍ୟାସରେ କବି

Digitized by PPRACHIN, SOA

ତାଙ୍କର ପାରଦର୍ଶିତା ଦେଖାଇବାକୁ ଯାଇ କାଶ୍ମୀରବ ମହିଷୀଙ୍କ ମୁହଁରେ କହି ଅଛନ୍ତି——

ପୁରଟ-ପ୍ରତିମା କେମା ମୋର ଏବେ
କଣ୍ଟା ପରି ଦିଶେ, ଚିନ୍ତାରେ ଶୁଖି;
କେଉଁ ରଇଜରେ ରହିବ ସେ କାହିଁ ?
ରହିବି ମୁଁ ଏଥି ତାରେ ଉପେକ୍ଷି ।

ଜାଣୁଛି ଦୁହିତା ନୁହେଁ ଘର-ଧନ,
ନ ରହନ୍ତା ଘରେ କାଳକ ଯାକ
ତେବେହେଁ ପରଣ ନ ସହେ କିମ୍ପାଇଁ ?
ମରମ-ଦହନେ ଉଠଇ ଶୋକ ।

ଭବ-ପାରେ ଯଥା କୃତାନ୍ତ-ନଗର,
ସିନ୍ଧୁ-ପାରେ କାହିଁ ସେ ନୀଳାଚଳ,
କେମନ୍ତେ ରଜନ ଫେଡ଼ି ମୁଁ କହିବି,
ଜନନୀ-ହୃଦୟ ଜନନୀ-ବଳ,

ଯେତେବେଳେ କବିରଜ ବିଶ୍ୱନାଥ ମହାପାତ୍ର କାଶ୍ମୀର ରଜକନ୍ୟାଙ୍କୁ ନରସିଂହ ଦେବଙ୍କ ସହିତ ବିବାହ କରଇବାକୁ ପ୍ରସ୍ତାବ ନେଇ ଯାଇଥିଲେ, ସେତିକିବେଳେ କାଶ୍ମୀର ଠାରୁ ନୀଳାଚଳର ବିରଟ ବ୍ୟବଧାନ କାଶ୍ମୀର ରଣୀଙ୍କ ହୃଦୟରେ ଅନ୍ତର୍ଘାତୀ ଶୋକର ଉଦ୍ରେକ କରିଥିଲା । ତେଣୁ ସେ କହିଲେ ମୁଁ ଜାଣେ ଝିଅର ଜନ୍ମ ପର ଘରକୁ; ସେ କାଳକ ଯାକ ଆମ ଘରେ ରହନ୍ତା ନାହିଁ । ତଥାପି ଏତେଦୂର ଝିଅ ମୋତେ ଛାଡ଼ି ଚାଲିଯିବ ଏହି ଦୁଃଖ ମୋର ଅସହ୍ୟ । ଏହିଠାରେ ବାତ୍ସଲ୍ୟ ସ୍ନେହ ଓ କରୁଣ ରସ ସମିଶ୍ରଣରେ ଯେଉଁ ପାନକ ରସ ରଚିତ ହୋଇଅଛି, ତାହା ସହୃଦୟ ଚିତ୍ତକୁ ନିଶ୍ଚୟ ଆନ୍ଦୋଳିତ କରିବ । ଏଠାରେ ସମାଲୋଚକ ପଚାରି ପାରେ ରଧାନାଥଙ୍କର 'ପାର୍ବତୀ' କାବ୍ୟରେ କୌଶଲ୍ୟାର ପ୍ରେତ ଜନନୀ ପାର୍ବତୀ ଆଗରେ ତାଙ୍କର ଯେଉଁ ମର୍ମଭେଦୀ ଦୁଃଖ ପ୍ରକାଶ କରି ଅଛନ୍ତି, ତାହାର କରୁଣ ରସ ଆମ୍ଭମାନଙ୍କ ଚିତ୍ତ ଦର୍ପଣରେ ପ୍ରତିବିମ୍ବିତ ହୁଏ ନାହିଁ କି ? ହୁଏ, କିନ୍ତୁ ତାହାର ଭାଷା ବିନ୍ୟାସ ଭିନ୍ନ ପ୍ରକାରର ଏବଂ ସେହି କାରୁଣ୍ୟ ରସର ଭିତ୍ତି ଭୂମି ଅନ୍ୟ ରକମର । ତେଣୁ ତାହା ସହିତ ଏହି କାରୁଣ୍ୟ ରସର ତୁଳନା କରଯାଇ ନ ପାରେ । ସହୃଦୟ ପାଠକମାନେ ଚିନ୍ତା କରି ଦେଖନ୍ତୁ !

Digitized by PPRACHIN, SOA

'ଅମୃତବାଣୀ' କବିତାରେ କବି ଶାନ୍ତି ରସର ଅପୂର୍ବ ଚିତ୍ର ପ୍ରଦାନ କରି ଅଛନ୍ତି । 'ଆମୃତବାଣୀ' କବିତାଟି ସତ୍ୟବାଦୀ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସତ୍ୟବାଦୀ ବିଦ୍ୟାଳୟରେ ଥିବା ସମୟରେ ନୀଳକଣ୍ଠ ସେହି ଅଦ୍ୱିତୀୟ ବ୍ରହ୍ମଙ୍କଠାରେ ନିଜକୁ ଲୀନ କରିଥିଲେ । ସେଥିପାଇଁ ସତ୍ୟବାଦୀ ବିଦ୍ୟାଳୟର ଦୈନିକ ଉପାସନା ପାଇଁ ଯେଉଁ କେତେକ ବୈଦିକ ଉପନିଷଦୀୟ ସ୍ତୋତ୍ର ମନ୍ତ୍ର ସଂଗ୍ରହ କରି ଅନୁବାଦ କରିଥିଲେ, ତାହା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଥିଲା । ଏହି 'ଆମୃତବାଣୀ' କବିତାରେ କବି ଶାନ୍ତି ରସ ବିନ୍ୟାସ କରି ବିଶ୍ୱବ୍ୟାପୀ ଏବଂ ବ୍ରହ୍ମାଣ୍ଡର ମୂଳାଧାର ସେହି ଭଗବାନଙ୍କୁ ନିର୍ଦ୍ଦେଶ କରି ଲେଖିଥିଲେ —

ରନ୍ଧ୍ରେ ରନ୍ଧ୍ରେ ବିଶ୍ୱସାର ମରଣ ମନ୍ଦିରେ
କି ଜୀବନ ଫୁଟଇ ଉନ୍ମାଦେ ?
ତାମସ ଅନ୍ତର ଭେଦି ଏ କି ମହାଜ୍ୟୋତି !
କି ସମ୍ପଦ ଫୁଟଇ ବିଷାଦେ !
ଅନନ୍ତ ଜୀବନ-ଧାର ବହିଯାଏ ବିଶ୍ୱ ସାର,
ମହାସ୍ରୋତ ବହେ କି ସେ ସ୍ଥିର ପାରାବାରେ !
ଶକ୍ତି ସ୍ୱର ଧ୍ୱନୀ ଖେଳେ ନିବଦ୍ଧ ଉଷରେ
ମହାସ୍ରୋତେ ଯାଏ ବହି, ଜଡ ସ୍ଥିତି ଭସେ ତହିଁ,
କି ମହା ବିଭୂତି ପୂରେ ଅନ୍ତରେ ବାହାରେ ।

ଏହିଠାରେ କବି ଶାନ୍ତି ରସ ସୃଷ୍ଟି କରି ଅଦ୍ୱିତୀୟ ଭଗବାନଙ୍କ ସହିତ ଅନ୍ୟମାନଙ୍କର ପ୍ରାଣ ସତ୍ତାକୁ ମିଶାଇଦେଇ ଏକାକାର ହୋଇ ଅଛନ୍ତି । ଇଂରାଜୀରେ କହିବାକୁ ଗଲେ "He forgets his own petty sufferings. He quits the narrow sphere of the individual."

ନୀଳକଣ୍ଠଙ୍କର କାବ୍ୟ କବିତାରୁ ଏଇପରି ଅପୂର୍ବ ଶବ୍ଦ ବିନ୍ୟାସ ଓ ରସ ବିନ୍ୟାସର ଅଜସ୍ର ଉଦାହରଣ ଦିଆଯାଇ ପାରେ । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ଆମ୍ଭେମାନେ ସେଥିରୁ ନିବୃତ୍ତ ହେଉଛୁ ।

Digitized by PPRACHIN, SOA

# ପୂଜା ଉପଲକ୍ଷେ ରଚିତ କବିତାବଳୀ

ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟର ଗଣେଶ ପୂଜା ଓ ସରସ୍ୱତୀ ପୂଜା ଉପଲକ୍ଷେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ବହୁ କବିତା ରଚନା କରିଥିଲେ । କିଏ ଜାଣିଥିଲା, ସେଗୁଡ଼ିକ କବିତା ଇତିହାସର ଚିରନ୍ତନ ସଂପଦ ହୋଇ ରହିବ । ଅନ୍ତରର ଜିନିଷକୁ ବାହାରେ ପ୍ରକାଶ କରିବା ଏବଂ କ୍ଷଣିକ ଭବୋଚ୍ଛ୍ୱାସକୁ ସହୃଦୟର ଚିରନ୍ତନ ସମ୍ପଦରେ ପରିଣତ କରିବା ଥିଲା ନୀଳକଣ୍ଠଙ୍କର କବିତା ଲେଖିବାର ଏକ ବିଶିଷ୍ଟ ଭଙ୍ଗୀ । ସେହି କବିତାମାନଙ୍କ ସହିତ ଆଧୁନିକ ଯୁଗର ପାଠକମାନଙ୍କୁ ପରିଚିତ କରାଇଦେବା ଏହି ଅଧ୍ୟାୟର ଉଦ୍ଦେଶ୍ୟ ।

ନୀଳକଣ୍ଠ ତାଙ୍କ ଗ୍ରନ୍ଥାବଳୀର ମୁଖବନ୍ଧରେ ଲେଖିଛନ୍ତି, ମୋର ଗ୍ରନ୍ଥାବଳୀ ଏବେ ବାହାରିବ, ମୋତେ ଏଥିରେ ମୁଖବନ୍ଧ ଲେଖିବାକୁ କୁହା ଯାଇଛି । ଏ ବଡ଼ ବିଚିତ୍ର କଥା । ସମସ୍ତଙ୍କ ଭାଗ୍ୟରେ ଏହା ଘଟେ ନାହିଁ । ସତ୍ୟବାଦୀ ସ୍କୁଲର ମୁଖପତ୍ର ବାହାରିବାରେ ମୋର ଅତି ପ୍ରାଚୀନ କାଳରୁ ଅଂଶ ଅଛି । ବିଶେଷରେ ସତ୍ୟବାଦୀରେ ଯେଉଁ ସରସ୍ୱତୀ ଓ ଗଣେଶ ପୂଜା ହୁଏ, ସେ ଗଣେଶ ଓ ସରସ୍ୱତୀ ବିସର୍ଜନ କରାହୁଏ, "କାଞ୍ଜିଆ ନଳା" ପାଖ ମୂଳ ଗଣ୍ଡଟିରେ । ସେ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନେ ମୂର୍ତ୍ତିଟି ନିଜେ କାନ୍ଧେଇ କରି ନିଅନ୍ତି ଓ ପାଣିରେ ଫିଙ୍ଗି ଦିଅନ୍ତି । ତାପରେ ସଂକୀର୍ତ୍ତନର ସ୍ୱର ଧରି ପୁଣି ସ୍କୁଲ ପର୍ଯ୍ୟନ୍ତ ଆସନ୍ତି । ସତ୍ୟବାଦୀ ବଜାର ବାଟେ ଏ ସବୁ ଯିବା ଆସିବା ହୁଏ । ସତ୍ୟବାଦୀ ବଜାର ସେତେବେଳେ ବଡ଼ ଅଳ୍ପ ଥାଏ, କିନ୍ତୁ ଏଇ ଯିବା ଆସିବା ଓ ସଂକୀର୍ତ୍ତନ ଘେନି ସେ ଦୁଇଦିନ ସେଠାରେ ବଡ଼ ଘଟା ହୁଏ । ଦୋକାନୀ ବଜାରୀମାନେ ସ୍କୁଲ ଶିକ୍ଷକ ଓ ପିଲାମାନଙ୍କର ମଧୁର ସଂକୀର୍ତ୍ତନରେ ବଡ଼ ମୁଗ୍ଧ ହୋଇ ଯାଆନ୍ତି । ଯେ ଦୃଶ୍ୟ ଯେ ଦେଖି ନାହିଁ ତାକୁ କହିବାରେ ବୁଝାଇ ହେବନାହିଁ ।" ସତ୍ୟବାଦୀ ସଂସ୍କୃତିର ଉତ୍ପତ୍ତି ତାଙ୍କରି ଭାଷାରେ ଏହି ସଂକୀର୍ତ୍ତନରୁ ।

## ସତ୍ୟବାଦୀର ପୂଜା—

ସତ୍ୟବାଦୀ ବିଦ୍ୟାଳୟର ଗଣେଶ ପୂଜା ଓ ସରସ୍ୱତୀ ପୂଜା ଏକ ଅନନ୍ୟ ସାଧାରଣ ବ୍ୟାପାର ଥିଲା । ଏଥିରେ ପ୍ରତ୍ୟେକ ଶିକ୍ଷକଙ୍କର ଆନ୍ତରିକ ସହଯୋଗ ଓ ପ୍ରତ୍ୟେକ ଛାତ୍ରଙ୍କର ସକ୍ରୀୟ ଅଂଶ ଥିଲା । ଶିକ୍ଷକମାନଙ୍କର ସାମାନ୍ୟ ଇଙ୍ଗିତରେ ମାତ୍ର, ଛାତ୍ରମାନେ ଏହି ପୂଜା ଉପଲକ୍ଷରେ ବିରାଟ ଉତ୍ସବ ଅନୁଷ୍ଠାନ କରୁଥିଲେ

Digitized by PPRACHIN, SOA

ଏବଂ ଶତ ଶତ ଅଭିଭବକ ଏପରିକି କଟକରୁ ତତକାଳୀନ ରେଭେନସା କଲେଜର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଶ୍ରୀ ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧିଙ୍କୁ ଆମନ୍ତ୍ରଣ କରା ଯାଉଥିଲା । ସମସ୍ତ ଛାତ୍ର ଦେବ ଦେବୀଙ୍କର ପୂଜା ମଣ୍ଡପ ସଜ୍ଜିତ କରିବାରେ, ଭୋଜି ନିମନ୍ତେ ନାନା ପ୍ରକାର ସାମଗ୍ରୀ ପ୍ରସ୍ତୁତ କରିବାରେ ଏବଂ ଶହ ଶହ ଅତିଥି ଓ ସଜ୍ଜନମାନଙ୍କୁ ଭୂରି ଭୋଜନ ଦେଇ ଆପ୍ୟାୟିତ କରିବାରେ ମନପ୍ରାଣ ଢାଳି ଦେଉଥିଲେ । ଏପରି ପୂଜା ଅନ୍ୟ କେଉଁଠାରେ ଦେଖା ନଥିଲା । ଏବେ ମଧ୍ୟ ତିନି ହଜାରରୁ ଊର୍ଦ୍ଧ୍ୱ ଛାତ୍ର ପାଠ କରୁଥିବା ଓଡ଼ିଶାର ସର୍ବଶ୍ରେଷ୍ଠ ରେଭେନ୍‌ସା କଲେଜରେ ସେହିପରି ପୂଜା ଉତ୍ସବ ପାଳନ କରିବା ଅସମ୍ଭବ ବ୍ୟାପାର । ଏହାର କାରଣ ହେଉଛି ଛାତ୍ରମାନଙ୍କର ଅନ୍ତରଙ୍ଗ ସହଯୋଗ ଏବଂ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ଶ୍ରୀ ବାସୁଦେବ ମହାପାତ୍ର, ଶ୍ରୀ ବାଞ୍ଛାନିଧି ମିଶ୍ର ପ୍ରଭୃତି ଶିକ୍ଷକମାନଙ୍କର ଆଧ୍ୟାତ୍ମିକ ପ୍ରେରଣା ତଥା ମୂର୍ତ୍ତି ଗଠନ ଶିଳ୍ପୀ ଶ୍ରୀ ଧନେଶ୍ୱର ମହାରଣା ଏବଂ ଶୁଦ୍ଧ ପୂତ ପୂଜକ ବିଦ୍ୟାଳୟର ହେଡ୍ ପଣ୍ଡିତ ଶ୍ରୀ ଭୁବନେଶ୍ୱର ରଥଙ୍କ ପୂଜା କରିବାର ଅଭିନବ ପ୍ରଣାଳୀ —ଏହାହିଁ ସତ୍ୟବାଦୀ ବିଦ୍ୟାଳୟ ପୂଜା ଉତ୍ସବକୁ ମହନୀୟ ଆଉ ଚମତ୍କାର କରିଥିଲା । ଏହି ପୂଜାକୁ କେନ୍ଦ୍ର କରି ପ୍ରଧାନ ଶିକ୍ଷକ ନୀଳକଣ୍ଠ କେତେଗୋଟି ସଂସ୍କୃତ ସ୍ତୋତ୍ର ଓ ଓଡ଼ିଆ ସଂକୀର୍ତ୍ତନ ରଚନା କରିଥିଲେ । ପୂଜାର ପରଦିନ ଯେତେବେଳେ ଛାତ୍ରମାନେ, ଗୋଦାବରୀଶ ପ୍ରଭୃତି ଶିକ୍ଷକମାନଙ୍କ ଗହଣରେ ପାଣିରେ ମୂର୍ତ୍ତି ବିସର୍ଜନ କରିବାକୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପଡନ୍ତି, ସେତେବେଳେ ଗଣେଶ ସରସ୍ୱତୀଙ୍କ ଉପଲକ୍ଷେ ରଚିତ ସଂକୀର୍ତ୍ତନ ସହିତ ଛାତ୍ର ଶିକ୍ଷକ ଓ ବାହାରର ସାଧାରଣ ଲୋକେ ମଧ୍ୟ ଖୋଳ କରତାଳ ଧରି ଏହି ସଂକୀର୍ତ୍ତନରେ ନିଜ ନିଜର ସ୍ୱର ମିଶାଇ ଦିଅନ୍ତି । ସଂକୀର୍ତ୍ତନର ମଧୁର ଝଙ୍କାରରେ ଜଳ ସ୍ଥଳ ଆକାଶ ପ୍ରକମ୍ପିତ ହୋଇଉଠେ ।

## ଗଣେଶ ପୂଜା—

ନୀଳକଣ୍ଠଙ୍କର ଗଣେଶ ପୂଜା ଉପଲକ୍ଷେ ରଚିତ ସ୍ତୋତ୍ର ଓ ସଂକୀର୍ତ୍ତନ ଏବେ ମଧ୍ୟ ସ୍ମରଣରେ ଆଣିଲେ, ରୋମାଞ୍ଚ ଜାତ ହୁଏ । ସ୍ତୋତ୍ରଟି ଏହିପରି—

ଜୟ ଜୟ ସୁରପତି ବିଘ୍ନ ବିନାଶୀ
ଜୟ ହେ ଚିନ୍ମୟ ଭକତ ନିବାସୀ (ଧ୍ରୁବ)

Digitized by PPRACHIN, SOA

ନବ ଶରଦେ ନବ ପୁଣ୍ୟ ପ୍ରକାଶେ ବିହଗ ନିକୂଜିତ କାନନ ଦେଶେ
ଗରୁ ଗଗନ ଛବି ସୁନ୍ଦର ଶସ୍ୟ ଭବ ଏ ସୁନ୍ଦର ଭରତ ବର୍ଷେ
ଆସ ପ୍ରଭେ, ଦିଶୁ ଜ୍ଞାନ ବିକାଶି । (୧)

ଅତୁଳିତ ସମ୍ପଦ ଭରତ ବନ୍ଦିତା ବ୍ୟାସ ନିମନ୍ତ୍ରଣ ଲେଖନ ପଟୁତା
ଜ୍ଞାନ ପ୍ରଗ୍ୱରଣ ଭବ ବିଳାସ ଭରତ ଗୌରବ ଦିବ୍ୟ ବିକାଶ
ଭୁଲିଲ କିହେ ପ୍ରଭୁ ଜ୍ଞାନ ବିଳାସୀ । (୨)

ଧ୍ୱାନ୍ତ ବିଦେଶେ ଜ୍ଞାନ ପ୍ରଗ୍ୱରୀ ଭରତ ତବସେ କରୁଣା ବାରି
ଲଭିବ କି ? ଉଚ୍ଛେ ଡ଼ାକଇ ଦେବ ବେଦ ବିଭଜନ ପୁଣ୍ୟ ବିଭବ
ଉଠ ତବ ଗଣପତି ଦେଶ ବିଭସି । (୩)

କେବଳ ଏତିକି ନୁହେଁ ଗଣେଶଙ୍କ ପାଖରେ ପୂଜା ହେବା ସମୟରେ ବସି ସ୍ତୋତ୍ର ପାଠ କରିବା ନିମନ୍ତେ ନୀଳକଣ୍ଠ ସଂସ୍କୃତରେ "ବିନାୟକ ସ୍ତୋତ୍ର" ମଧ୍ୟ ରଚନା କରିଥିଲେ । ଛାତ୍ରମାନେ ଯେତେବେଳେ ବିଶୁଦ୍ଧ ଭବରେ ଅଂଗ ଭଂଗୀ ଓ ସ୍ୱର ସଂଯେ ଜନାର ସହିତ ଏହି ସ୍ତୋତ୍ର ଗାନ କରୁଥିଲେ, ସେତେବେଳେ ସମଗ୍ର ବିଦ୍ୟାଳୟର ବିସ୍ତୃତ ପରିସର ଝଂକୃତ ହୋଇ ଉଠୁଥିଲ । ବାହାରର ଲେକେ ମୁହୂର୍ତ୍ତେ ଆବାକ ହୋଇ ଦଣ୍ଡାୟମାନ ରହି ଏହା ଶୁଣୁଥିଲେ ।

ଅପଗତ-ଘୋର ଘନାଗମ-ତ ମସ-ଶରଦ-ମୋହନ ବେଶେ
ସୁରତରୁ-କାନନ-କୁସୁମ-ସୁବାସିତ—ମୋହନ—ସୁରଭି-ସମୀରେ
ବିବୁଧ—ନିଷେବିତ—ପଦମମଳଂ—ତବ ପାତୟ ଦୀନ କୁଟୀରେ (୧)
ତବପଦ-ସେବନ-କୃତି ଭରତ ସୂତ ଉପଚିତ-ବିଘ୍ନ-ବିନାଶାତ୍
ଆତ୍ମ-ନିବୋଧନ ମପିତବ ପାଳନ ମିହଚିର ଭଗ୍ୟ ବିଶେଷାତ୍ । ୨ ।
ଉପବନ-ବିହିତ-ନିକେତନ-ଶିଶୁଜନ-ପୂଜନ-କରତା-ଉଦାରେ
ସୁଚରଳ-ଚେତସି ବିଶତୁ ଦୟାମୟ ବାଳକ-ଧୃତି-ଧନ-ସାରେ । (୩)—ଇତ୍ୟାଦ

ଏଥିରୁ ନୀଳକଣ୍ଠଙ୍କର ହୃଦୟ ଆସ୍ତିକତା ଶୂନ୍ୟ ଥିଲ, ଏହାର ପରିଚୟ ମିଳେ କି ? ସେ ଦେବ ଦେବୀମାନଙ୍କର ଯଥା ବିହିତ ପୂଜା ଓ ଆରାଧନା କରୁ ନଥିଲେ, ଏହାର ପ୍ରମାଣ ଏଥିରୁ କିଏ ଦେଇ ପାରିବ ?

ଗୋପବନ୍ଧୁ ସତ୍ୟବାଦୀ ପ୍ରଥମ ଖଣ୍ଡ ଅଷ୍ଟମ ଓ ନବମ ସଂଖ୍ୟାରେ ପ୍ରଥମ ଭଗରେ 'ଗଣେଶ ଚତୁର୍ଥୀ' ଶୀର୍ଷକ ଆଲୋଚନାରେ ନୀଳକଣ୍ଠଙ୍କର ଏ ଦୁଇଟି ରଚନା ପ୍ରକାଶ କରି ଉତ୍କଳୀୟ ପାଠକମାନଙ୍କର ଅଶେଷ କଲ୍ୟାଣ ସାଧନ କରି ଅଛନ୍ତି । ଆଜି ଯଦି ପ୍ରତ୍ୟେକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଉକ୍ତ ସ୍ତୋତ୍ରକୁ

Digitized by PPRACHIN, SOA

ମୁଖସ୍ଥ କରି ଛାତ୍ରମାନେ ଗଣେଶଙ୍କ ଆଗରେ ସମସ୍ୱରରେ ବୋଲନ୍ତେ କିମ୍ବା ନୀଳକଣ୍ଠଙ୍କ ରଚିତ ସଂକୀର୍ତ୍ତନକୁ ଖୋଳ କରତାଳ ସାହାଯ୍ୟରେ ଗାନ କରନ୍ତେ, ତାହାହେଲେ ଏହି ନବ୍ୟରୁଚି–ସମ୍ମତ ଯୁଗରେ ସେମାନେ ଦେଖିବାକୁ ପାଆନ୍ତେ ଗଣେଶ ପୂଜାର ମହତ ଆକର୍ଷଣ କେତେ ? ଏପରି କବିତା କେତେଜଣ ଶିକ୍ଷକ ରଚନା କରି ପାରନ୍ତି ? ଗୋପବନ୍ଧୁ 'ଗଣେଶ ପୂଜା ଆଲୋଚନା'ରେ ଉଲ୍ଲେଖ କରି ଅଛନ୍ତି—

"ଗଣେଶ ଚତୁର୍ଥୀ ଏକ ବିଶିଷ୍ଟ ପର୍ବ । ଗଣେଶ ଏ ପର୍ବର ଉପାସ୍ୟ ଦେବତା, ହିନ୍ଦୁ ଦେବ ଦେବୀ ସଂଘରେ ଏହି ଦେବତାଙ୍କର ଗୋଟିଏ ବିଶିଷ୍ଟ ସ୍ଥାନ ଅଛି–ଅଗ୍ର ଆସନ । ପୂଜା କର୍ମ ବା ଅନୁଷ୍ଠାନ ଆଦ୍ୟରେ ବିଘ୍ନ ବିନାଶନ ନିମନ୍ତେ ହିନ୍ଦୁ ବରବର କହେ "ଶ୍ରୀ ଗଣେଶାୟ ନମଃ, ଅବିଘ୍ନ ମସ୍ତୁ ।" ନୈର୍ଷ୍ଟିକ ଗଣପତ୍ୟ ଓ ହିନ୍ଦୁ ସାଧାରଣଙ୍କ ଛଡ଼ା ହିନ୍ଦୁ ବିଦ୍ୟାର୍ଥୀଙ୍କର ଗଣେଶ ପରମ ଦେବତା ହେବାର କଥା । ଛାତ୍ର ପ୍ରତି ଏତେ ଉଚ୍ଚ ଆଦର୍ଶ ଆଉ କେଉଁଠାରେ ? ଗଣେଶ ଋଦ୍ଧି ବୁଦ୍ଧିଗ୍ରରୀ, ସର୍ବଶାସ୍ତ୍ର ବିଶାରଦ, ସୁ-ଲେଖକ । ସୁଲେଖକ ଯେ ଜନନାୟକ ବା ବିନାୟକ ହେବା ନିମନ୍ତେ ସର୍ବୋତ୍କୃଷ୍ଟ ଅଧିକାରୀ, ହିନ୍ଦୁର ଏ ଆଦର୍ଶ ସ୍ୱତନ୍ତ୍ର । ଦୁଃଖର କଥା ଏବ କାଳର ସ୍କୁଲ କଲେଜମାନଙ୍କରେ ବହୁ କ୍ଷେତ୍ରରେ ଗଣପତି ପୂଜା ହେଉ ନାହିଁ । ତେବେ ସରକାରୀ ବିଦ୍ୟାଳୟମାନଙ୍କର ନାନା କାରଣରୁ ଏଥିର ବିଧାନ ନ ଥିଲେ ମଧ୍ୟ ହିନ୍ଦୁ ଛାତ୍ରମାନେ ଏଥିଲାଗି ସେମାନଙ୍କର ନିଜ ନିଜର ସ୍ୱତନ୍ତ୍ର ବ୍ୟବସ୍ଥା କଲେ ଅସତ୍ ବା ଦୋଷାବହ ହେବ ନାହିଁ ।

ବକ୍ରତୁଣ୍ଡ ଗ୍ରସ୍ତତୁନ୍ଦିଳ, ଲମ୍ବକାଶନ ମୂର୍ତ୍ତିର ପୂଜା କରିବା କାହାରି କାହାରି ପ୍ରତି ରୁଚିକର ନ ହୋଇପାରେ, କିନ୍ତୁ ମହାଭାରତ ଲେଖକ, ଉର୍ଦ୍ଧରେତା ଶାଶ୍ୱତ ଜ୍ଞାନ ବିନୋଦ, ବିନାୟକ, ଗଣେଶଙ୍କ ନାମ ଓ ଚରିତ୍ରରେ ଯେ ଉଚ୍ଚ ଆଦର୍ଶ ରହିଅଛି; ତାହା କେଉଁ ଦେଶର ଜ୍ଞାନ ପିପାସୁ ଉନ୍ନତି ପ୍ରୟାସୀ ଯୁବକମାନଙ୍କର ଅନୁସରଣୀୟ ନ ହେବ ?

ନୀଳକଣ୍ଠଙ୍କର ଗଣେଶ ପୂଜା ଉପଲକ୍ଷେ ବିରଚିତ ଏହି ଦୁଇଟି ସ୍ତୋତ୍ର ଏବଂ ସଂକୀର୍ତ୍ତନ ଗୋପବନ୍ଧୁଙ୍କ ଉକ୍ତିର ତାତ୍ପର୍ଯ୍ୟ ଯଥାର୍ଥ୍ୟ ଓ ପ୍ରାଞ୍ଜଳତା ପ୍ରକାଶ କରେ ନାହିଁକି ?

## ସରସ୍ୱତୀ ବନ୍ଦନା —

୧୩୨୩ ସାଲରେ ଯେଉଁ ସରସ୍ୱତୀ ପୂଜା ସତ୍ୟବାଦୀ ବିଦ୍ୟାଳୟରେ

Digitized by PPRACHIN, SOA

ସତ୍ୟବାଦୀର ବିସ୍ତୀର୍ଣ୍ଣ ମଞ୍ଜୁ ଛରିଆନା ଶୋଭିତ ବକୁଳ ବନରେ ଅନୁଷ୍ଠିତ ହୋଇଥିଲା ସେଥିରେ ନୀଳକଣ୍ଠ ଭବ ଗଦ୍‌ଗଦ ହୋଇ 'ବାଣୀ ବନ୍ଦନା' ଗାନ ରଚନା କରିଥିଲେ । ସେଥିରେ ଥିଲା—

ବିହଗ ନିକୂଜିତ ମଧୁକର ଗୁଞ୍ଜିତ
ମଞ୍ଜୁଳ ବକୁଳ ନିକୁଞ୍ଜେ,
କୃତ ନିଳୟା ନାମତ୍ର ଶିଶୂନାଂ
ବସନୋ ମାନସ କୁଞ୍ଜେ;
ଜ୍ଞାନ ବିକାଶନ କର୍ମଣି ନିରତା
ବୀଣା ତବ ଭୁବି ସାଗ,
ନୀରବ ଭବଂ ଭରତ ଭୁବନେ
ଭଜତ କଥଂ ସ୍ୱର ଧାରା;
ଶିଶୁ ସନ୍ତତୟୋ ମାତ ସ୍ତବବୟ
ମେତେ ଦ୍ରବ୍ୟ ବିହୀନାଃ
ଛାତ୍ରାଣାଂନୋଜୀବନ-ମଧୁକୁଞ୍ଜ
ଲଙ୍ଘିତଂ ବାଦୟ ବୀଣାଂ;
ବିନଦତୁ ବୀଣା ପ୍ରସରତୁ ବାଣୀ
ନିରବଧି ଭରତ ବର୍ଷେ,
ବାଳକାନାଂ ନୋ ସରଳ ମତୀନାଃ
ଯାତନ ମିହ ବନ ଦେଶେ ।

ଆଜିକାଲି ସେ ସରଳ ମତି ବାଳକ କାହାନ୍ତି ଏବଂ ସେମାନଙ୍କର ସରସ୍ୱତୀଙ୍କଠାରେ ଏକାନ୍ତ କାମ୍ୟ 'ବିନଦତୁ ବୀଣା, ପ୍ରସରତୁ ବାଣୀ, ନିରବଧି—ଭରତ ବର୍ଷେ' ଅର୍ଥାତ ଭରତ ବର୍ଷରେ ସରସ୍ୱତୀଙ୍କର ବୀଣା ବାଜୁଥାଉ, ତାଙ୍କର ବାଣୀ ଆମ୍ଭମାନଙ୍କ ପ୍ରାଣକୁ ପ୍ରସାରିତ ଓ ଉନ୍ମୁକ୍ତ କରୁ, ଏପରି ଭବୋଦ୍ଦୀପକ ଉପାସନା କାହିଁ ? ଆଜି ଷାଠିଏ ବର୍ଷ ପରେ ମଧ୍ୟ ସରସ୍ୱତୀ ପୂଜାର ଏହି "ବାଣୀ ବନ୍ଦନା" ପାଠକଲେ ଓ ହୃଦୟ ତାରି ଝଙ୍କାରରେ ଉଦ୍‌ବୋଧିତ ହେଲେ ମନୁଷ୍ୟ ଯେପରି ଅନନ୍ତ ଯୌବନ ଫେରି ପାଇଲା ଭଳି ଅନୁଭବ କରେ ।

ପୁଣି ୧୩୨୪ ସାଲର ସରସ୍ୱତୀ ପୂଜା ଉପଲକ୍ଷେ ନୀଳକଣ୍ଠ ଯେଉଁ "ଭବ ବିମଳ ଉନ୍ନତ ଛବି, ବିଶ୍ୱ ବିକଶି ଗୌରବ ରବି" ନାମକ 'ବାଣୀ ବନ୍ଦନା' ଗୀତିକା

Digitized by PPRACHIN, SOA

ରଚନା କରିଥିଲେ, ଯାହା ପୁସ୍ତକର ୨ୟ ପୃଷ୍ଠାରେ ଦିଆ ଯାଇଛି, ସେହି ସବୁ କବିତାମାନଙ୍କର ପ୍ରଭାବ ଏବଂ ସେଥିରେ ଯେଉଁ ମୌଳିକ ସତ୍ୟ ନିହିତ ଅଛି, ସେ ସମସ୍ତ ଗୋପବନ୍ଧୁଙ୍କର 'ଶ୍ରୀପଞ୍ଚମୀରେ ସରସ୍ୱତୀ ପୂଜା' ଆଲୋଚନାରେ 'ସତ୍ୟବାଦୀ'ର ତୃତୀୟ ଖଣ୍ଡ ଏକାଦଶ ଓ ଦ୍ୱାଦଶ ସଂଖ୍ୟାରେ ପ୍ରକାଶ ପାଇଥିଲା ।

କିନ୍ତୁ ନୀଳକଣ୍ଠଙ୍କ "ବାଣୀ ବିଜୟ ଗୀତିକା" ବିଦ୍ୟାଳୟର କେତେକ ଶିକ୍ଷକ ଓ ଛାତ୍ରଙ୍କ ଉପରେ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ସେମାନେ ନିଜେ ନିଜେ ଗୋଟିଏ ଗୋଟିଏ କବିତା କିମ୍ବା ସଂକୀର୍ତ୍ତନ ରଚନା କରିଥିଲେ । ଏଥି-ମଧ୍ୟରୁ କେତେକ ଛାତ୍ରଙ୍କ ଦ୍ୱାରା 'ବାଣୀ' ପତ୍ରିକାରେ ପ୍ରକାଶ ପାଇଥିଲା । କିନ୍ତୁ 'ବାଣୀ କୀର୍ତ୍ତନ' କବିତାଟି ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ନିକଟସ୍ଥ ବୀର ନରସିଂହପୁର ନିବାସୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ରଚିତ ହୋଇଥିଲା । ନୀଳକଣ୍ଠ ଏହି କବିତା ଉପରେ 'ଟିପ୍ପଣୀ" କରିଥିଲେ । ନୀଳକଣ୍ଠ କେବଳ ଯେ ଏଭଳି କବିତାର ରଚୟିତା ଥିଲେ ତା ନୁହେ, ସଂଶୋଧକ ଓ ପରିମାର୍ଜିକ ମଧ୍ୟ ଥିଲେ । ଏହି କବିତାରୁ ପଦେ, ଦିପଦ ଏଠାରେ ଉଦ୍ଧୃତ କଲେ ନୀଳକଣ୍ଠଙ୍କ ପ୍ରଭାବ ଏହି 'ବାଣୀ କୀର୍ତ୍ତନ' କବିତା ଉପରେ ସ୍ପଷ୍ଟ ରୂପେ ପ୍ରତିଭାତ ହେବ ।

ଦେଖ ମରମ ତବ ଭାରତବାସୀ
ସ୍ମର ରଚିତ କୃତି ହେ ବିଶ୍ୱାସୀ
ଆତ୍ମ ଗରବ ତବ ସୁନ୍ଦର ବିକଶିବ
ଶୌତ ରୁଚିର ଚିର ଜୈତ୍ର ଧନେ ।
ଲକ୍ଷ ମହତ ବିଭୁ କଳ୍ପିତ ଜାତି
ଶାଶ୍ୱତ ଧନ ତବ ବେଦର ଗୀତି
ବେଦ ବିପଞ୍ଚି ପାବନ ବିଚି
ପ୍ରସରଇ ଭାରତ ବେଦ ବନେ ।
ଭେଦି ହୃଦୟ ସେ ଶାଶ୍ୱତ ବାଣୀ
ପ୍ରେମ ଗରବ ଧରି ଭାରତ ରାଣୀ
ଉଠୁ ମନ୍ଦ୍ର ବିକଶି ଦେଖୁ ଜଗତ ହସି
ଘଟିବ, ଭାରତ ପ୍ରାଣ ପଣେ ।
ମୋହନ ସମ୍ପଦ ଋଷି ମୁଖ ଗୀତି
ଫିଟିବ ଦିଗନ୍ତେ ପାବନ ଗୀତି

Digitized by PPRACHIN, SOA

ପ୍ରାଣ ଦିଶିବ ଫୁଟି          ଶତ ବନ୍ଧନ ତୁଟି
ଜୟ, ଜୟ ଭରତୀ ବେଦ ଧ୍ୱନେ ।

ଏବେ ଶ୍ରୀ ଗଙ୍ଗାଧର ମହାପାତ୍ର ପୁରୀରେ ବାର୍ଦ୍ଧକ୍ୟ ଜର୍ଜରିତ ହେଲେହେଁ ଏହି ବିଷୟର ଜୀବନ୍ତ ସାକ୍ଷୀ ।

'ଶ୍ରୀପଞ୍ଚମୀରେ ସରସ୍ୱତୀ ପୂଜା' ଶୀର୍ଷକ ଆଲୋଚନାରେ ଗୋପବନ୍ଧୁ ଉଲ୍ଲେଖ କରିଥିଲେ "ପୁଣି ଜାତୀୟ ଭବରେ ଦେଖିଲେ ବିଦ୍ୟାଳୟର ଧର୍ମ ଶିକ୍ଷା ଭରତରେ ଏହିଭଳି ଅନୁଷ୍ଠାନମାନ ଛାଡ଼ି ତିଷ୍ଠି ପାରିବ ନାହିଁ । ହୃଦୟର ସ୍ଥିର ଅନୁଭବରେ ଯେଉଁ ଭବର ବିକାଶ ହୋଇ ନାହିଁ, ଉପଦେଶ ମୁଖରେ ମାନବ ତାହା ସହଜରେ ଶିଖେ ନାହିଁ । ବିଦ୍ୟାଳୟର ଶିଶୁ ସରସ୍ୱତୀ ପୂଜାରେ ପ୍ରାଣ ମିଶାଇ ଦିଏ । ବାସନ୍ତୀ ତଥା ପ୍ରାଣରେ ବିକଶିତ ଦେଖି ଅଜ୍ଞାତ ଭବରେ ଉଦ୍‌ଭ୍ରାନ୍ତ ଓ ପୁଲକିତ ହୁଏ । ସରସ୍ୱତୀଙ୍କ ପୂଜାରେ ତାହାର ଜ୍ଞାନ, ଦୀକ୍ଷା ସ୍ୱାଭବିକ ହୋଇପଡେ । ତାହାର ସମସ୍ତ ଜ୍ଞାନ ଲଭ ସ୍ୱାଭବିକ ଧର୍ମ ଭବରେ ପରିଣତ ହୁଏ ।ସେ ପୂଜା କରେ, ଉତ୍ସବ କରେ, ପ୍ରାଣର ଅନୁଭବରେ ଉଦ୍‌ଭ୍ରାନ୍ତ ହୁଏ । ବିଶ୍ୱ ବିଧାତାଙ୍କର ଅଲକ୍ଷିତ ପ୍ରେରଣାରେ ଅନୁପ୍ରାଣିତ ହୋଇ ସେହି ବିଶ୍ୱ ଭବରେ ପ୍ରାଣ ଭସାଇ ଦିଏ । ଭରତ ଶିଶୁ ନବ ଯୁଗର ଶିକ୍ଷାରେ ଏ ସବୁ ଜାତୀୟ ଭବ ଭୁଲି ଯାଉଥିଲେ । ସୁଖର କଥା ପୁଣି ଏ ଆଡ଼କୁ ଆଖି ପଡ଼ିଛି । ବିଦ୍ୟାଳୟ ମାନଙ୍କରେ ସରସ୍ୱତୀ ପୂଜା ସମାରୋହରେ ଆରମ୍ଭ ହୋଇଅଛି । ଏହି ପ୍ରତିମା ପୂଜାରେ ଭବର ଅଲକ୍ଷିତ ବିକାଶ ହେବା ସ୍ୱଭବିକ । ଏହାହିଁ ଭରତ ଜୀବନର ସ୍ୱାତନ୍ତ୍ର୍ୟ, ଭରତ ଶିଶୁ ଏଥିରେ ଅନୁପ୍ରାଣିତ ହେଲେ ବିଦ୍ୟାଳୟ ଅକ୍ଳେଶରେ ଧର୍ମ ମନ୍ଦିରରେ ପରିଣତ ହେବ । ଯେଉଁମାନଙ୍କ ଉପରେ ଶିକ୍ଷାର ଭର ନ୍ୟସ୍ତ, ଶିଶୁ ଜୀବନର ଗଠନା ପାଇଁ ଯେଉଁମାନେ ଦାୟୀ, ସେମାନେ ଏ ବିଭବ ଦେଖନ୍ତୁ ।"

ନୀଳକଣ୍ଠ ଏହି ବିଭବ ସ୍ପଷ୍ଟ ରୂପେ ଦେଖେଇ ପାରିଥିଲେ ବୋଲି ପୂଜା ଉପଲକ୍ଷେ ରଚିତ କବିତା ଓ ସ୍ତୋତ୍ରମାନ ତାଙ୍କ ହୃଦୟରୁ ଅନନ୍ତ ପ୍ରେରଣାରେ ଉଚ୍ଛ୍ୱସିତ ସଂକୀର୍ତ୍ତନର ଝଙ୍କାରରେ ଦଗ୍ ବିଦିଗ ମୁଖରିତ କରୁଥିଲା ।

## "କୋଣାର୍କେ" ଓ "ଖାରବେଳ" କାବ୍ୟର ଉତ୍କର୍ଷ

ପଣ୍ଡିତ ନୀଳକଣ୍ଠଙ୍କ ରଚିତ 'କୋଣାର୍କେ' ଓ 'ଖାରବେଳ' କାବ୍ୟ ଦୁଇଟିର ଉତ୍କର୍ଷ ପ୍ରତିପାଦନ କରିବା ପୂର୍ବରୁ ଏ ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ

Digitized by PPRACHIN, SOA

କୃତି ସଂପର୍କରେ ଯାହା ସବୁ ଆଲୋଚନା କରାଯାଇଛି, ସେଥିରୁ ମନେ ରଖିବା ଆବଶ୍ୟକ ଯେ ପଣ୍ଡିତ ନୀଳକଣ୍ଠ ଦାସ ଉତ୍କଳ ମାତାର ଜଣେ କୃତୀ ସନ୍ତାନ ପୁଅ । ତାଙ୍କର ସମଗ୍ର ଜୀବନ ଯାପିତ ହୋଇଥିଲା ଏକ ମହାନ୍ ଆଦର୍ଶର ଅନୁଧାବନରେ । ଭାରତୀୟ ସଂସ୍କୃତି, ଧର୍ମ ଓ ଦର୍ଶନର ଜଣେ ପ୍ରବୀଣ ପରିବେଷକ ଭାବରେ ସେ କାମନା କରୁଥିଲେ, ସମଗ୍ର ଭାରତର ଭୌତିକ, ନୈତିକ ଏବଂ ଆତ୍ମିକ ଉନ୍ନତି । ସମଗ୍ର ଭାରତ ବର୍ଷରେ ଏହି ଆଦର୍ଶର ବୈଜୟନ୍ତୀ ପତାକା ଉତ୍ତୋଳିତ କରିବାକୁ ହେଲେ ଭାରତର ସମସ୍ତ ଅଞ୍ଚଳ, ସମସ୍ତ ପ୍ରଦେଶ, ସମସ୍ତ ଜାତି ଏବଂ ସମସ୍ତ ଅଧିବାସୀଙ୍କୁ ଅନ୍ୟମାନଙ୍କ ସହିତ ସମତାଳରେ ଗତି କରିବାକୁ ହେବ, ଏହାହିଁ ଥିଲା ତାଙ୍କର ଅଭିମତ । ଗତ ଶତାବ୍ଦୀର ମଧ୍ୟଭାଗରୁ ଏକଦା ସମୁନ୍ନତ ଏବଂ ସେ ସମୟରେ ପରପଦାନତ ଓଡ଼ିଆମାନଙ୍କର ଜାତୀୟ ସଂହତି ମୂଳରେ କଠୋର କୁଠାରଘାତ କରିବା ପାଇଁ ଅଳ୍ପ ଅପଉଦ୍ୟମ ହୋଇନାହିଁ । ଓଡ଼ିଶାର କୌଣସି କୌଣସି ବରେଣ୍ୟ ସାହିତ୍ୟିକ ଅପୂର୍ବ କଳାବିଳାସର ମନୋଜ୍ଞ ମଞ୍ଚ ଉପରେ ଏ ଜାତିର ଯେଉଁ ଭବମୂର୍ତ୍ତି ପ୍ରତିଷ୍ଠା କରିଗଲେ, ତାହା ଥିଲା ଉଗ୍ର ଜାତୀୟବାଦୀ ସମାଜ ସେବକମାନଙ୍କ ପକ୍ଷରେ ଏକାନ୍ତ ଦୁର୍ବିସହ । ପଣ୍ଡିତ ନୀଳକଣ୍ଠ ଏଭଳି ସମାଜସେବୀମାନଙ୍କର ପୁରୋଭାଗରେ ସର୍ବଦା ଦଣ୍ଡାୟମାନ ଥିଲେ । ଇତର ଦେଶୀୟମାନଙ୍କର ଅଧଃକରଣ ନୁହେଁ, କିନ୍ତୁ ଉତ୍କଳୀୟମାନଙ୍କର ଆତ୍ମ ପ୍ରତ୍ୟୟ ପ୍ରତିଷ୍ଠା ମଳକ ଗୌରବ ଗାଥାର ପରିକୀର୍ତ୍ତନ କରିବା ପାଇଁ ସେଥିଲେ ସର୍ବଦା ଚେଷ୍ଟିତ । ସେଥିପାଇଁ, "କୋଣାର୍କେ" ଏବଂ "ଖାରବେଳ" ପରି କାବ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା । ଅନ୍ତଃସଲିଳା ଫଲ୍‌ଗୁ ପରି ନୁହେଁ, ଉଲ୍ଲୋଳ କଲ୍ଲୋଳ ମାଳିନୀ, ଅମନ୍ଦଗାମିନୀ ମନ୍ଦାକିନୀର ଭୀମକାନ୍ତ ପ୍ରବାହ ପରି ନୀଳକଣ୍ଠଙ୍କର ସ୍ୱଦେଶ ପ୍ରୀତି ତାଙ୍କର କାବ୍ୟମାନଙ୍କରେ ପ୍ରକଟିତ ହୋଇଥିଲା । 'କୋଣାର୍କେ'ର ବହୁ ଛନ୍ଦରେ ନୀଳକଣ୍ଠଙ୍କର ଏହି ମହୋଦାର ଦେଶ ପ୍ରୀତିର ଉତ୍ସ ଉତ୍ସାରିତ ହୋଇ ରହିଛି ।

ସୁତରାଂ, ପଣ୍ଡିତ ନୀଳକଣ୍ଠ ଅନେକଙ୍କ ପରି ବ୍ୟକ୍ତି ବିଶେଷ ନୁହନ୍ତି । ସେ ହେଉଛନ୍ତି ମହାଭାରତର ସମୁନ୍ନତକାମୀ, ଯଥାର୍ଥ ଦେଶସେବୀର ମୂର୍ତ୍ତିମନ୍ତ ପ୍ରତୀକ । ଓଡ଼ିଆକୁ ଛାଡ଼ି ଭାରତ ବର୍ଷର ସମୁନ୍ନତି କାମନା ଯେଉଁମାନଙ୍କଠାରେ ତରଙ୍ଗାୟିତ ସେମାନଙ୍କଠାରେ ନୀଳକଣ୍ଠଙ୍କର ତର୍ଜନୀ ସଙ୍କେତ ଚିରଉଦ୍ଦଣ୍ଡ ରହିଅଛି । ଆମର ବିଶ୍ୱାସ, ଓଡ଼ିଶାର ଜାତୀୟ ଜୀବନରେ ଯେତେବେଳେ ଗ୍ଲାନି

Digitized by PPRACHIN, SOA

ଆସିଯିବ, ସେତିକିବେଳେ ନୀଳକଣ୍ଠଙ୍କର ନାମ ସ୍ମରଣରେ ଓ ତାଙ୍କର 'କୋଣାର୍କେ' ଅଧ୍ୟୟନରେ ତାହା ବିଦୂରିତ ହୋଇଯିବ । ଭାରତ ବର୍ଷର ଜାତୀୟ ଜୀବନରେ କୌଣସି ଓଡ଼ିଆର ପ୍ରାଣ ଯେତେବେଳେ ସଙ୍କୁଚିତ କିମ୍ବା ଅବଦମିତ ହୋଇଉଠେ, ତାହାର ଆତ୍ମ ପ୍ରତିଷ୍ଠା ପାଇଁ ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟରେ ବହୁଳ ଭାବରେ ଅସ୍ତ୍ରଶସ୍ତ୍ର ସର୍ଜିତ ହୋଇ ରହିଛି, ଏହା ଆମର ଦୃଢ଼ ମତ । କାବ୍ୟ ଦୁଇଟିର ସାହିତ୍ୟିକ ଉତ୍କର୍ଷ ତାହାର ପ୍ରତି ପାଦରେ ହିଁ ଦେଖିବାକୁ ମିଳେ । ଏହାପରେ ଆମ୍ଭେମାନେ ତାହାର ସବିଶେଷ ଆଲୋଚନାରେ ମନୋନିବେଶ କରିବୁ । ଆଲୋଚନାର ପ୍ରାରମ୍ଭରେ ଆମେ ଏତିକି କହି ରଖିବା ସମୀଚୀନ ମନେ କରୁଛୁ ଯେ ଦାର୍ଶନିକ ନୀଳକଣ୍ଠ ଓ ରାଜନୀତିଜ୍ଞ ନୀଳକଣ୍ଠ ହୁଏତ କାଳ ପ୍ରଭାବରେ କୁଜ୍‌ଝଟିକା ସମାଛନ୍ନ ହୋଇଯାଇ ପାରନ୍ତି । କିନ୍ତୁ 'କୋଣାର୍କେ' କାବ୍ୟର ଭାସ୍ୱର ମୂର୍ତ୍ତି ମାଧ୍ୟମରେ ସେ ଏହି ଓଡ଼ିଆ ସାହିତ୍ୟ ଗଗନରେ ଚିର ଦେଦୀପ୍ୟମାନ ରହିଥିବେ । ଉତ୍କଳ ଜନନୀ ଏଭଳି ଆଉ ଜଣେ ମାତୃସେବକ କେବେ ପ୍ରସବ କରିବେ, ସେକଥା ଆମର କ୍ଷୁଦ୍ର ଶକ୍ତିରେ କଳ୍ପନା ମଧ୍ୟ କରି ହେଉନାହିଁ ।

## ପଣ୍ଡିତ ନୀଳକଣ୍ଠଙ୍କର ଅନ୍ୟାନ୍ୟ କାବ୍ୟ କବିତା—

'କୋଣାର୍କେ' ଓ 'ଖାରବେଳ' କାବ୍ୟ ଦୁଇଟି ବ୍ୟତୀତ ନୀଳକଣ୍ଠ ଲେଖିଥିଲେ, "ପ୍ରଣୟିନୀ" ଓ "ଦାସନାୟକ" ନାମକ ଦୁଇଟି କାବ୍ୟ ଓ ଅସଂଖ୍ୟ ଗଦ୍ୟ ଓ ପଦ୍ୟ କବିତା । 'ପୂଜା ଉପଲକ୍ଷେ ଲିଖିତ କବିତାବଳୀ' ପର୍ଯ୍ୟାୟରେ ନୀଳକଣ୍ଠଙ୍କ କବିତାର ସମ୍ୟକ୍ ଆଲୋଚନା ପୂର୍ବରୁ କରଯାଉଚି ।

## ପ୍ରଣୟିନୀ—

'ପ୍ରଣୟିନୀ' ପ୍ରସିଦ୍ଧ ଇଂରେଜ କବି ଟେନିସନ୍‌ଙ୍କ ପ୍ରଣୀତ 'ପ୍ରିନ୍‌ସେସ୍' ନାମକ କାବ୍ୟର ଅବଲମ୍ବନରେ ରଚିତ । ନୀଳକଣ୍ଠ କଲେଜ ଜୀବନରେ ଏହି ଇଂରେଜି କାବ୍ୟକୁ ପଢ଼ିବା ବେଳେ ଏଥିପ୍ରତି ଆକୃଷ୍ଟ ହୋଇଥିଲେ ଓ ସେତିକି-ବେଳେ ଏହା ରଚନା କରିଥିଲେ । ପରେ କେତେକ ପରିବର୍ତ୍ତନ ସହ ୧୯୧୯ ମସିହାରେ ଏହା ସତ୍ୟବାଦୀରୁ ପ୍ରକାଶିତ ହୋଇଥିଲା । ବସ୍ତୁତଃ ଏହା ପଣ୍ଡିତ ନୀଳକଣ୍ଠଙ୍କର ପ୍ରଥମ ଲେଖା । ଏହା ନୀଳକଣ୍ଠଙ୍କର ଏକ ମୌଳିକ କାବ୍ୟ ହେଲେହେଁ କବି ନୀଳକଣ୍ଠ ତହିଁରେ ନିଜର ଜାତୀୟତା ବୋଧ, କୋଣାର୍କର ସ୍ଥାପତ୍ୟ ଶକ୍ତକଳାର ସୂକ୍ଷ୍ମ ବର୍ଣ୍ଣନା, ନଭ-ରାଜ୍ୟରେ ଗ୍ରହମାନଙ୍କର ସ୍ଥିତି ଇତ୍ୟାଦିର ଅବତାରଣାକରି ଏଥିରେ ନିଜର ମୌଳିକତା ଦେଖାଇ ଯାଇଛନ୍ତି ।

Digitized by PPRACHIN, SOA

## 'ଦାସ ନାଏକ'

ପଣ୍ଡିତ ନୀଳକଣ୍ଠ ପ୍ରାଚ୍ୟ ଦର୍ଶନ ଓ ସଂସ୍କୃତିର ଜଣେ ଶ୍ରେଷ୍ଠ ପ୍ରବର୍ତ୍ତକ ଥିଲେ । ପରକୀୟା ପ୍ରେମ ପ୍ରତି ତାଙ୍କର ଯେତେ ଘୋର ବିତୃଷ୍ଣା, ଏକପତ୍ନୀବ୍ରତ ପ୍ରତି ତାଙ୍କର ସମଧିକ ଆଦର ଓ ଅନୁପମ ଅନୁରାଗ ଥିଲା !

ହଜାରିବାଗ ଜେଲରେ ଥିବା ବେଳେ ୧୯୨୨ ମସିହାରେ ନୀଳକଣ୍ଠ ପ୍ରସିଦ୍ଧ ଇଂରେଜ କବି ଟେନିସନ୍‌ଙ୍କର "ଇନକ୍‌-ଆଡ୍ରେନ୍' କାବ୍ୟଟି ପଢୁଥିଲେ । କାବ୍ୟର ବିଷୟବସ୍ତୁରେ ଏହି ପ୍ରାଚ୍ୟ ଆଦର୍ଶ ପ୍ରକୀର୍ତ୍ତିତ ହୋଇଥିବାର 'ଦେଖି ସେ ଉତ୍କଳୀୟ ଜନ ସମାଜରେ ଏହାର ପରିପ୍ରସାର ଲାଗି ଇଚ୍ଛା କଲେ ଓ ସେହି ଜେଲ ଭିତରେ କାବ୍ୟଟିର ବିଷୟବସ୍ତୁକୁ ଓଡ଼ିଶା ମୂଳକର ଚଳଣୀ ଅନୁକ୍ରମେ ଲେଖି ବସିଲେ । ଏହାର ସହଜ ଓ ବହୁଳ ପ୍ରସାର ଲାଗି ନୀଳକଣ୍ଠ ଏହି କାବ୍ୟଟିକୁ ଅତି ସାଧାରଣ ଗାଉଁଲି ଭାଷାରେ ଗ୍ରାମିଣ ପରିବେଶକୁ ଖାପ ଖୁଆଇ ଲେଖିବାର ପ୍ରୟାସ କରିଚନ୍ତି । ସେ ଲେଖିଚନ୍ତି, "ସାଧାରଣ ଲୋକେ ବୁଝିବା ଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା, ଏକଥା ବହୁ ଦିନରୁ ବିଚାରୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ଼ ଅଳ୍ପ । ସେ ଅଳ୍ପତା ବ୍ୟବହାରର ପ୍ରାସଙ୍ଗିକ ମାଧୁର୍ଯ୍ୟରେ କିପରି ଆଚ୍ଛାଦିତ ହୋଇ ପାରିଛି, ତାହା ପାଠକମାନେ ଦେଖିବେ ।"

ଆମ୍ଭେମାନେ ଏଠି କାବ୍ୟରୁ ମାତ୍ର ଦୁଇଟି ପଦ ଉଲ୍ଲେଖ କରିବୁ ।

"ଓଷା ଅଛି ମୋର ଏହି କେତେ ଦିନ;
ଯାଉ ତେବେ," ଥାକ ଦିଏ ମେଲା,
ଓଷା ପରେ ପର୍ବ, ପର୍ବ ପରେ ପୁଣି
ପିଲାଙ୍କର ସନିଖେତ୍ର ହେଲା ।

× × × ×

କେତେ ଅପସନ୍ଦ କଥା ମାନ କହି
ଥାକ ଦେଉଥାଏ ବାରମ୍ବାର;
ସତେ କି ବିଚାରି, ଲଇଖଣ ମନ
ପରଖୁ ଥାଏ ସେ ବରାବର !

ଏଥିରୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାଚ୍ୟ ଆଦର୍ଶର ପ୍ରସାରରେ କବି ନୀଳକଣ୍ଠ କେତେଦୂର ସଫଳକାମ ହୋଇଚନ୍ତି, ପାଠକମାନେ ଉପଲବ୍ଧି କରି ପାରିବେ ବୋଲି ଆଶା କରୁ ।

※※

Digitized by PPRACHIN, SOA

# "କୋଣାର୍କେ" ଏକ ଅଦ୍ୱିତୀୟ ଓ ଅଭିନବ କାବ୍ୟ

## ୧—ରାମଚଣ୍ଡୀଠାରେ ରାତି ଓ ସକାଳ

କୋଣାର୍କର ଶିଳ୍ପ ଓ ସ୍ଥାପତ୍ୟ ସମ୍ବନ୍ଧରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଯାହା ଉଲ୍ଲେଖ କରି ଅଛନ୍ତି, ତାହା ପଣ୍ଡିତ ନୀଳକଣ୍ଠଙ୍କ "କୋଣାର୍କେ" ପ୍ରତି ସଂପୂର୍ଣ୍ଣ ପ୍ରଯୋଜ୍ୟ । କୃପାସିନ୍ଧୁ ଲେଖି ଅଛନ୍ତି, "କୋଣାର୍କର ଦେବ ଓ ମାନବ ମୂର୍ତ୍ତିଗୁଡ଼ିକ ସ୍ଥାପତ୍ୟର ଚୂଡ଼ାନ୍ତ ନିଦର୍ଶନ । ମୂର୍ତ୍ତିର ଶରୀର ଯେପରି ଚିକ୍କଣ, ସେହିପରି ଜୀବନ୍ତମୟ ଦେଖାଯାଏ, କେତେ କାଳ ପୂର୍ବେ ଗଢ଼ା ହୋଇଥିଲେ ହେଁ, ବୋଧହୁଏ କାରିଗର ଯେପରି କାର୍ଯ୍ୟ ଶେଷ କରି ବିଶ୍ରାମ ନିମନ୍ତେ ଅନ୍ୟତ୍ର ଯାଇଅଛି । ଯୁଗ ଯୁଗ ବ୍ୟାପୀ ଖର ବର୍ଷା ଖାଇ ମଧ୍ୟ ମୂର୍ତ୍ତିଗୁଡ଼ିକ ଅବିକଳ ନୂତନ ପରି ବୋଧହୁଅନ୍ତି । କୋଣାର୍କ ଶିଳ୍ପୀଙ୍କର ସର୍ବଶେଷ କ୍ଷମତା ଏଇ କଳା ମୁଗୁନି ପଥର ମୂର୍ତ୍ତିଗୁଡ଼ିକରେ ପ୍ରଦର୍ଶିତ । ଭକ୍ତ, ଗାୟକ, ଶିକାରୀ, ଯୋଦ୍ଧା, ଗୁରୁ, ଶିଷ୍ୟ, ରସିକ ପ୍ରଭୃତି ନାନା ଶ୍ରେଣୀ ମଣିଷର ନାନା ଭାବଭଙ୍ଗୀ ମୂର୍ତ୍ତିଗୁଡ଼ିକର ମୁଖରେ ସୁନ୍ଦର ଭାବେ ଫୁଟି ବାହାରିଛି । ସ୍ଥାନେ ସ୍ଥାନେ ଦେବ ଓ ମାନବ ମୂର୍ତ୍ତିଗୁଡ଼ିକରେ ଯେଉଁ ଅଳଙ୍କାର ଦିଆ ଯାଇଛି, ସୂକ୍ଷ୍ମତାରେ ତାହା ସୁନାର କାମ ସହିତ ତୁଳନୀୟ । ସ୍ଥୂଳରେ, ମୂର୍ତ୍ତିଗୁଡ଼ିକର ସ୍ଥାପତ୍ୟର ପରାକାଷ୍ଠା ଯେପରି ଦେଖା ଯାଇଅଛି, ଶିଳ୍ପୀର ହୃଦୟର ଆବେଗ, ଭାବର ମହତ୍ତ୍ୱ ଓ ଅନୁଭବର ଗଭୀରତା ସେହିପରି ପ୍ରକଟିତ ହୋଇଅଛି । ଶ୍ରୀଯୁକ୍ତ ମନମୋହନ ଗାଙ୍ଗୁଲି କୋଣାର୍କ ମୂର୍ତ୍ତିଗୁଡ଼ିକର ଅଙ୍ଗ ପ୍ରତ୍ୟଙ୍ଗର ଅନୁପାତ ସ୍ଥିର କରି ଶୁକ୍ରନୀତି ଅନୁସାରେ ସମସ୍ତ ଅବିକଳ ଥିବାର ପ୍ରମାଣ କରି ଅଛନ୍ତି ।"

### କବି ନୀଳକଣ୍ଠ ଜଣେ ଉଚ୍ଚକୋଟୀର ସ୍ଥପତି –

ନୀଳକଣ୍ଠଙ୍କ "କୋଣାର୍କେ" ସମ୍ବନ୍ଧରେ ପ୍ରତ୍ୟେକ ଚିତ୍ର ଓ ଭାବକୁ ତୁଳନା କରି କୁହା ଯାଇପାରେ, କବି ଜଣେ ଉଚ୍ଚକୋଟୀର ସ୍ଥପତି । ତାଙ୍କର ଚିତ୍ର ବିନ୍ୟାସ, ଅଳଙ୍କାର ଯୋଜନା, ବିଶେଷତଃ ବିଜ୍ଞାନ ରାଜ୍ୟରୁ ଆହୃତ ଉପମାରାଜି, ତାଙ୍କ ଚିତ୍ରକଳ୍ପ ଓ ଭାଷାବିନ୍ୟାସ, ଏ ପ୍ରତ୍ୟେକ ଯେପରି ଜଣେ ଅଦ୍ଭୁତ ସ୍ଥପତିର କାର୍ଯ୍ୟ ଏ କାବ୍ୟ ନିତ୍ୟ ନୂତନ, ଏହାର ପ୍ରାଚୀନତା କାହିଁ ? କୋଣାର୍କ ଇତିହାସ ମାଧ୍ୟମରେ ଯେପରି ଗୋଟିଏ କବିତା ଶିଳ୍ପ, ସେହିପରି "କୋଣାର୍କେ" ଆମୂଳ-ଚୂଳ ଗୋଟିଏ ଅଦ୍ୱିତୀୟ ଓ ଅଭିନବ କାବ୍ୟ ଶିଳ୍ପ । କୋଣାର୍କ ଯେପରି ଆମ୍ଭମାନଙ୍କୁ ପ୍ରାଚୀନ ଉତ୍କଳ ବାଣୀ ଶୁଣାଇ କହେ, ଇଂଜିନିୟର ଶିବେଇ ସାଆନ୍ତରା

Digitized by PPRACHIN, SOA

ନାହାନ୍ତି, କି ବାରଶହ ବଢେଇ ନାହାନ୍ତି; ପ୍ରତ୍ୟେକଙ୍କର ବଂଶରେ କେହି ଉତ୍ତରାଧିକାରୀ ଅଛନ୍ତି କି ନାହିଁ ସନ୍ଦେହ । ସେ ରଜା ନରସିଂହ ନାହାନ୍ତି କିମ୍ବା ଆଉ ସେ ଯେଉଁ ଶତ ସହସ୍ର କାରୀଗର କୋଣାର୍କ କର୍ମରେ ମନ ପ୍ରାଣ ଢ଼ାଳି ଦେଇଥିଲେ, ସେମାନେ କେହି ନାହାନ୍ତି । ଅଛି; ଭୀମକାନ୍ତ ବିରଟ ଦିଶୁଥିବା କୋଣାର୍କ ମନ୍ଦିର–ବିଜନ ସୈକତ ପ୍ରାନ୍ତରରେ ଅଦ୍ୟାପି ଓଡ଼ିଆ ଜାତିର ଅବିନଶ୍ୱର କୀର୍ତ୍ତିସ୍ତମ୍ଭ । × × × ବାସ୍ତବରେ ଆଖି ଫିଟାଇ ଦେଖିଲେ, କାନ ଡେ଼ରି ଶୁଣିଲେ, ଏହିସବୁ ଶିଥାଳୀ ଶବଳିତ ଶୀଳା ରାଶି ନିର୍ଜୀବ ଜଡ଼ପିଣ୍ଡ ବୋଲି ପ୍ରତୀୟମାନ ହେବ ନାହିଁ । ସେ ସମସ୍ତ ଭିତରୁ ପୂର୍ବପୁରୁଷମାନଙ୍କର ପ୍ରାଣସ୍ପର୍ଶୀ ବାଣୀ ଅଦ୍ୟାପି ଅମୃତ ଧାରରେ ନିଃସୃତ ହେଉଅଛି । ସତେ କେବେ ଉତ୍କଳ ଜାତି ସେ ଅମର ବାଣୀ ଶୁଣିବ ଏବଂ ଜଗତକୁ ଶୁଣାଇବ !

କୋଣାର୍କର ଗୌରବମୟ ଅତୀତକୁ ସ୍ମରଣ କରି ନୀଳକଣ୍ଠ "ରମଚଣ୍ଡିଠାରେ ରତି"ରେ ପ୍ରାଣର କି ଗଭୀର ଆବେଗରେ ଛାତ୍ରମାନଙ୍କୁ ସ୍ୱପ୍ନରେ ଉଦ୍‌ବୋଧନ ଦେଇ ଲେଖି ଅଛନ୍ତି–

"କିଏ ଗଢିଥିଲା ଏ ଭୂମେ ଏଡ଼େ କଳା ବିଶାଳ,
କି ସାହସେ ନଦୀ ଗରଭେ ପୋତି ଏତେ ପଥର ?
କେଉଁ ତୁଙ୍ଗ ଗିରି କାଟି ସେ ଏଡ଼େ ବିଶାଳ ଶିଳା,
କେସନେ ବହିଲେ ଏ ଭୂମେ, ଏ ତ ସିକତା-ମାଳା ।"

× × × ×

ସବୁ ତ ଜୀବନ୍ତ ଖୋଦନେ, ରମଚଣ୍ଡୀ ତୁ କହ,
କିଏ ସେ, ସେ ଗୁରୁ, ଧରନ୍ତି ଶିଷ୍ୟେ ଏମନ୍ତ ସ୍ନେହ ?
କି ଆମୋଦ ରସେ ମାତିଣ ଏଥି ଅଛନ୍ତି ଲୋକେ,
କେଉଁ ଅଭିଯାନେ ଚାଲନ୍ତି, ରଜା ସଙ୍ଗେ ସୈନିକେ ?"

ସତ୍ୟବାଦୀ ଗୋଷ୍ଠୀର ଅତୀତ ପ୍ରୀତି ଅତି ବ୍ୟାପକ, ବିପୁଳ ଓ ଗଭୀର । ଏହି ଅଳ୍ପଦିନ ତଳେ ଭରତର ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଅଛନ୍ତି, "ତୁମ୍ଭେମାନେ ପ୍ରାଚୀନ ଓଡ଼ିଶାର ଐତିହ୍ୟକୁ ସମ୍ମୁଖରେ ରଖି ଆଗକୁ ମାଡ଼ିଚାଲ । ତୁମେ ପ୍ରତ୍ୟେକେ ଓଡ଼ିଶାର ମହାମେଘବାହନ ଖାରବେଳଙ୍କ ପରି ହୁଅ । ତାଙ୍କରି ବୀରତ୍ୱରେ ଦୀକ୍ଷିତ ହୁଅ ।" ସେହିପରି ଗୋପବନ୍ଧୁ ଥରେ ଏହି ଅତୀତ ପ୍ରୀତି ସମ୍ବନ୍ଧରେ ଉଲ୍ଲେଖ

Digitized by PPRACHIN, SOA

କରି କହିଥିଲେ, "ବିହାର ଓଡ଼ିଶା ଅନୁସନ୍ଧାନ ସମିତିର Research Society ଦ୍ୱାରା ସଂଗୃହୀତ ପ୍ରକାଶିତ ଗ୍ରନ୍ଥମାନଙ୍କରେ ଅନେକ ପ୍ରବନ୍ଧ ମୁଦ୍ରିତ ହୋଇଅଛି । ମାତ୍ର ଅତ୍ୟନ୍ତ ଆକ୍ଷେପର କଥା, କୌଣସି ଓଡ଼ିଶାବାସୀ ଏପର୍ଯ୍ୟନ୍ତ ଏ ଅନୁସନ୍ଧାନ କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ସେ ଦେଶର ଇତିହାସ ଓ ପ୍ରତ୍ନତତ୍ତ୍ୱ ସେହି ଦେଶର ପ୍ରବୀଣ ବ୍ୟକ୍ତିଙ୍କ ଅନୁସନ୍ଧାନର ବିଷୟ ହେଲେ ତାହାର ଭ୍ରମ ପ୍ରମାଦ ରହିବାର ଆଶଙ୍କା ତେତେ ଅଧିକ ନଥାଏ । ଓଡ଼ିଶାର ଇତିହାସ ଆଜିଯାଏ ଲେଖାହୋଇ ନାହିଁ । × × × × ଶିଳ୍ପ ଓ ସାହିତ୍ୟ ପ୍ରଭୃତିର କ୍ରମବିକାଶ ନିର୍ଦ୍ଦେଶ କରିବା ପ୍ରଭୃତି ନାନାବିଧ ଆୟାସସାଧ୍ୟ ଉଦ୍ୟମ ବିନା ଉତ୍କଳର ଇତିହାସ ଲେଖାଯାଇ ପାରେ କି ? ଏ ବିପୁଳ ଆୟୋଜନର ଆଶା ନିକଟରେ କାହିଁ ଦିଶୁନାହିଁ ।" ସେହି 'ସତ୍ୟବାଦୀ'ରେ ପ୍ରକାଶିତ ଗୋଦାବରୀଶଙ୍କର ସତ୍ୟବାଦୀ ବିଦ୍ୟାଳୟ ସ୍ଥାପନ ଦିବସ ଉତ୍ସବ ଉପଲକ୍ଷେ ରଚିତ ଉଦ୍‌ବୋଧନ କବିତା ସେଇ ପ୍ରଗାଢ ଅତୀତ ପ୍ରୀତିର ପରିଚୟ ପ୍ରଦାନ କରେ ।

"ବିପୁଳ ଓଡ଼ିଆ ସେନା ବାହୁ ବିକ୍ରମେ
ହିମାଚଳ ଚୁଲୁ ଦିନେ କୁମାରୀ ଯାଏ
ହୃଦୟ ଶୋଣିତ ଢ଼ାଳି
ଦେଇ ନିଜ ଶିର ବଳି
କୀର୍ତ୍ତିଧ୍ୱଜା ଉଡାଇଲେ କି ପୁଲକ ପରାଣେ ।"

ଏପରିକି ସତ୍ୟବାଦୀ ସ୍କୁଲରୁ ପ୍ରକାଶିତ 'ପ୍ରବନ୍ଧ ପ୍ରବେଶ' ବହିରେ ଛାତ୍ରମାନଙ୍କୁ ଓଡ଼ିଶାର ପ୍ରାଚୀନ ସାମରିକତାରେ ଉଦ୍‌ବୁଦ୍ଧ କରିବା ନିମନ୍ତେ ଉଲ୍ଲେଖ ଥିଲା, "ଆଶ୍ରିତ ପ୍ରତି ସାହଚର୍ଯ୍ୟ ଏବଂ ବନ୍ଧୁ ପ୍ରତି ପ୍ରୀତି ଦେଖାଇବାରେ ଓଡ଼ିଆ-ମାନେ କେବେ ତ୍ରୁଟି କରି ନାହାନ୍ତି । ବଙ୍ଗ ଦେଶର ଶେଷ ହିନ୍ଦୁ ରାଜା ଲକ୍ଷ୍ମଣ ସେନ ଶତ୍ରୁ ଦ୍ୱାରା ନିଜ ଦେଶରୁ ବିତାଡ଼ିତ ହୋଇ ଓଡ଼ିଶା ରାଜାଙ୍କଠାରେ ଶରଣ ପଶିଥିଲେ । ବଙ୍ଗର ସୁଲତାନ ଇବ୍ରାହିମ ଓଡ଼ିଆ ରାଜାଙ୍କ ଦ୍ୱାରରେ ଭିକ୍ଷାର୍ଥୀ ହୋଇ ଛିଡ଼ା ହେଲାବେଳେ ସେ ତାଙ୍କୁ ସାହାଯ୍ୟ ଦେଇ ଅଛନ୍ତି । ଏପରିକି ପ୍ରବଳ ପ୍ରତାପୀ ବାଦଶାହ ଆକବର ଶତ୍ରୁ ଦମନ କରିବା ପାଇଁ ଓଡ଼ିଆଙ୍କ ସାହାଯ୍ୟପ୍ରାର୍ଥୀ ହୋଇଥିଲେ । ପରକୁ ଅନୁଗ୍ରହ ଦେଖାଇବା ଓଡ଼ିଆ ସେ ଯୁଗର ଚିର ପ୍ରସିଦ୍ଧ ଜାତୀୟ ବୀର । ଓଡ଼ିଆମାନଙ୍କ ଶତ୍ରୁ ସାହାଯ୍ୟ ଇତିହାସ ପ୍ରସିଦ୍ଧ । (୧)

(୧) ପ୍ରବନ୍ଧ ପ୍ରବେଶ—ସତ୍ୟବାଦୀ ସ୍କୁଲ ପ୍ରକାଶିତ "ଓଡ଼ିଶାର ପ୍ରାଚୀନ ସାମରିକତା" ପୃ ୭୫-୭୬

Digitized by PPRACHIN, SOA

ନୀଳକଣ୍ଠଙ୍କର ଏ ଇତିହାସ ସ୍ପୃହା ସତ୍ୟବାଦୀ ବିଦ୍ୟାଳୟର ପରିଚାଳଣରେ ମଧ୍ୟ ଅବ୍ୟାହତ ଥିଲା । ଇତିହାସ ଥିଲା ତାଙ୍କ ଜୀବନର ସହଚର—ଆତ୍ମାର ଆତ୍ମା । ପ୍ରାଣର ଉଦ୍ଦୀପନାମୟୀ ଶକ୍ତି । ଏହି ଇତିହାସ ବୋଧରେ ସେ ଯେପରି ପ୍ରାଣିତ ହୋଇଥିଲେ, ସେହିପରି ଛାତ୍ର ତଥା ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବାକୁ ଯତ୍ନଶୀଳ ହେଲେ । "କୋଣାର୍କେ" ଓ "ଖାରବେଳ" ସେହି ପ୍ରାଣ ପ୍ରାଚୁର୍ଯ୍ୟର ଫଳ ।

୧୯୪୮ରେ ପ୍ରକାଶିତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ବହିରେ ନୀଳକଣ୍ଠ ଓଡ଼ିଆ ସାହିତ୍ୟର ଇତିହାସ ଓ ଉପଯୋଗିତା ସମ୍ବନ୍ଧରେ ଲେଖିଛନ୍ତି, 'ବୁଝି ରଖିବାର ଅଛି, ଆମ ସଭ୍ୟତାର ତୁଙ୍ଗ ଓ ବିଶାଳ ଇତିହାସ ଅଛି । ସାହିତ୍ୟରେ ତା ପ୍ରକାଶ ପାଇଛି । କାଳେ କାଳେ ଇତିହାସର ସେଇ ସାଧନାରେ ଆମ ସାହିତ୍ୟର ପରଂପରା ପ୍ରତିଷ୍ଠାରେ ଆତ୍ମାବାନ୍ । ବୈଷ୍ଣବୀର ପ୍ରେରଣା ପୁଣି ସେହି ବୈଷ୍ଣବୀକୁ ପ୍ରଭାବିତ କରି ଜୀବନ୍ତ ଓ ଜାଗ୍ରତ ମାନବ ସମାଜ ତଥା ଭାରତ ସମାଜରେ ଓଡ଼ିଆରେ ବର୍ଚ୍ଚସ୍ୱ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇ ଆସିଛି ।"

ଏପରିକି ଅନୁବାଦିତ "ପ୍ରଣୟିନୀ" କାବ୍ୟରେ ମଧ୍ୟ କବି Tennysonଙ୍କୁ ଅତିକ୍ରମ କରି ସେ ନିଜର ମୌଳିକତା ସ୍ଥାନେ ସ୍ଥାନେ ଦର୍ଶାଇ ଅଛନ୍ତି । ତାହା ତାଙ୍କର ସ୍ୱଦେଶ ପ୍ରେମର ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ବୋଲି ଆମର ବିଶ୍ୱାସ । ନିମ୍ନୋକ୍ତ କେତୋଟି ପଂକ୍ତି ତାଙ୍କର ମୌଳିକତା ତଥା ସ୍ୱଦେଶ ପ୍ରୀତିର ଉଦାହରଣ ମାତ୍ର—

(କ) ବହେ ଧୀର ଉପଳର ପ୍ରସଟ-ପ୍ରସାରେ
ଭେଟିବାର ସୁରଧୁନୀ ଗୋମୁଖୀର ସଙ୍ଗେ ।

[ଗୋମୁଖୀଠାରେ ସୁରଧୁନୀ (ଗଙ୍ଗା) ହିମାଳୟ ଛାଡ଼ି ନିର୍ଗତ ହୋଇଅଛି ।]

(ଖ) କହିପାରେ ଛଳି, ଆସି ପ୍ରହ୍ଲାଦ ବିଭବେ
ଦିନେ ରହି ବାହାରିଲେ ନହୁଷ—ବିପାକେ ।

(ଅସୁର ପ୍ରହ୍ଲାଦ ନିଜ ଗୁଣରେ ଇନ୍ଦ୍ରପଦ ଲାଭ କରିଥିଲେ । ସୂର୍ଯ୍ୟ ବଂଶର ରାଜା ନହୁଷ ଇନ୍ଦ୍ରପଦ ଲାଭ କରି ଅତ୍ୟାଚାରୀ ହେବାରୁ ଅଳ୍ପଦିନ ପରେ ପଦଚ୍ୟୁତି ଲଭି ମର୍ତ୍ତ୍ୟକୁ ଫେରିଥିଲେ ।)

(ଗ) ପଶିଲୁ ପ୍ରବେଶ ଦ୍ୱାରେ, ଦେଖିଲୁ ଉପରେ,
ବିଦ୍ୟାର ଭବନ ବୋଲି ପରିଚିବା ପାଇଁ,
ଜ୍ଞାନମୟୀ—ସରସ୍ୱତୀ—ମୂର୍ତ୍ତି ବିରାଜିତ;

Digitized by PPRACHIN, SOA

(ସରସ୍ୱତୀ ମୂର୍ତ୍ତିର ଦୁଇପାଖେ ସ୍ୱଚ୍ଛ ଗୋଲକ ଦ୍ୱୟ ମଧ୍ୟରୁ ଆଲୋକ ବିଶ୍ଚୁରିଥିଲା । ଗୋଟିଏ ଗୋଲକରେ ଆକାଶ, ଅନ୍ୟଟିରେ ପୃଥିବୀର ଚିତ୍ର ଥିଲା । ଯେପରିକି ଭୂଲୋକ ଦ୍ୟୁଲୋକ ସରସ୍ୱତୀଙ୍କ ପାଖେ ବିଜ୍ଞାନ ଆଲୋକରେ ଉଦ୍‌ଭାସିତ ।)

(ଘ) ଭାରତୀ-ପ୍ରତିମା-ଚୂଳେ ପ୍ରତୀଚି-ସଉଧେ
ମୃଦୁଳ-ପରଶେ ଉଷା ବିମଳ-ଶୋଭନା,
ବେଦ ଯୁଗ-ଆତ୍ମୀୟତା ସ୍ମରି ସତତ !

(ପଶ୍ଚିମ ପକା ଉପରେ ଥିବା ସରସ୍ୱତୀ ପ୍ରତିମା ମୁଣ୍ଡରେ ଉଷାର କିରଣ ସ୍ପର୍ଶ କରିଥିଲା । ବେଦରେ ଉଷା ଓ ସରସ୍ୱତୀ ଏ ଦୁହିଙ୍କ ସମ୍ବନ୍ଧରେ ବହୁତ ମନ୍ତ୍ର ଦେଖିବାକୁ ମିଳେ ।)

ନାଳନ୍ଦା ବିଶ୍ୱବିଦ୍ୟାଳୟ କଥା ତ ବହୁବାର ଏହି ବିଦେଶୀ କାବ୍ୟର ଅନୁବାଦରେ ଦେଖିବାକୁ ମିଳେ । ତେଣୁ ନୀଳକଣ୍ଠଙ୍କର ସ୍ୱଦେଶ ପ୍ରୀତିର ପଟାନ୍ତର ନାହିଁ ବୋଲି ବୁଝିବାରେ କ୍ଳେଶ ନାହିଁ ।

ଏହି ପ୍ରଗାଢ଼ ସ୍ୱଦେଶ ପ୍ରୀତିର ନିଦର୍ଶନ ହେଉଛି ତାଙ୍କର "କୋଣାର୍କେ" କାବ୍ୟର ପ୍ରଥମ ଓ ଦ୍ୱିତୀୟ ଭାଗ ଏବଂ ବୀର ମେଘବାହନ 'ଖାରବେଳ' କାବ୍ୟ । କେନ୍ଦ୍ର ମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କଠାରୁ "ଖାରବେଳ କଥା ଶୁଣି ସେ ଏହି କାବ୍ୟ ରଚନା କରି ନାହାନ୍ତି, କି ରାଧାନାଥଙ୍କ କାବ୍ୟରୁ ଏହି କାବ୍ୟର ଉପାଦାନ ସଂଗ୍ରହ କରି ନାହାନ୍ତି । ଏହା ଆମର ଏଠି ସୂଚାଇ ଦେବାର କଥା ।

## ଅତୀତର ଇତିହାସରେ ନୀଳକଣ୍ଠଙ୍କର ମମତା -

କିନ୍ତୁ ଏତେ ପ୍ରବଳ ମମତା ଏବଂ ପ୍ରଗାଢ଼ ଅନୁସନ୍ଧିତ୍ସା ଏହି ମୂକ, ମୌନ ଇତିହାସ ପ୍ରତି କାହିଁକି ? ଏହି ଉତ୍ତରର ପ୍ରତିଧ୍ୱନି ଶୁଣିବାକୁ ପାଉ, ଆମେ ବିଶିଷ୍ଟ ରାଜନୀତିଜ୍ଞ, ପୃଥିବୀ ବିଖ୍ୟାତ ପଣ୍ଡିତ ଜବାହରଲାଲ ନେହେରୁଙ୍କ "Glimpses of world History" ବହିରେ । ସେ ପାଶ୍ଚାତ୍ୟ ବିଜ୍ଞାନର ପୃଷ୍ଠପୋଷକ ଏବଂ ତାହାରି ଦ୍ୱାରା ପ୍ରଭାବିତ, ତଥାପି ଭାରତର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ସେ ଯେ ଭାରତ ତଥା ପୃଥିବୀର ଅତୀତ ଇତିହାସ ପ୍ରତି ଆକୃଷ୍ଟ ହୋଇଥିଲେ, Glimpses of world History" ତାହାର ଅଭ୍ରାନ୍ତ ପ୍ରମାଣ । ସେ ଅଗଷ୍ଟ ମାସ ୧୯୩୧ ମସିହା ୫ ତାରିଖରେ ଏହି ବିରାଟ ଓ ସର୍ବଜନପ୍ରୀୟ

Digitized by PPRACHIN, SOA

ପୁସ୍ତକର "The Lesson of History" ଅଧ୍ୟାୟରେ ଲେଖିଅଛନ୍ତି, "Man's growth from barbarism to tha civilization is supposed to be the theme of History." ମନୁଷ୍ୟର ଅସଭ୍ୟ ଆଦିମ ଅବସ୍ଥା ଠାରୁ ସଭ୍ୟତାର କ୍ରମ ବିକାଶ ପର୍ଯ୍ୟନ୍ତ ଏ ସବୁ ଇତିହାସର ସାମଗ୍ରୀ ।

ଓଡ଼ିଆ ଜାତିର ଏ ବିକାଶ ଦେଖାଇବା "କୋଣାର୍କେ"ର ଉଦ୍ଦେଶ୍ୟ । "ଏ ଜାତି ମରିନାହିଁ, ଏବେ ସୁଦ୍ଧା ବଞ୍ଚିଛି" – ଏହି ଉକ୍ତିର ସାରବତ୍ତା ପ୍ରତିପାଦନ କରିବା ନିମନ୍ତେ 'କୋଣାର୍କେ' କାବ୍ୟରେ "ଗମଚଣ୍ଡୀରେ ଗତି ଓ ସକାଳ" ବିଭାଗରେ ଯେଉଁ ସବୁ ରସର ଅବତାରଣା କରା ଯାଇଅଛି, ତାହା ଓଡ଼ିଆ କାବ୍ୟ ସାହିତ୍ୟରେ ଅପୂର୍ବ ଓ ଅନନୁଭୂତ ହୋଇ ରହିଛି । ଯେଉଁ ଦିନ ସତ୍ୟବାଦୀ ଛାତ୍ରାବାସରୁ "କୋଣାର୍କେ"ର ପ୍ରଥମ ସଂସ୍କରଣ ପ୍ରକାଶ ପାଇଲା, ସେହି ଦିନଠାରୁ ଉତ୍କଳର ପାଠକ ପାଠିକାମାନେ ବୁଝିଲେ, "ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଛି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କର "କୋଣାର୍କେ" କାବ୍ୟ ଯୁଗ୍ମରେ ପୁରାଣ ଉତ୍କଳର ପ୍ରାଣ ବାଣୀ ଯେପରି ସ୍ପଷ୍ଟ ଭାବରେ ମୋର ଶ୍ରୁତି ଗୋଚର ହୋଇଛି, ତାହା ଓଡ଼ିଆ ଇଂରେଜି ବା ଅନ୍ୟ କୌଣସି ଭାଷାର ଲେଖାରୁ ମୁଁ ପାଇନାହିଁ । କିନ୍ତୁ 'କୋଣାର୍କେ' କାବ୍ୟ ଇତିହାସ ନୁହେଁ, ମୁଖ୍ୟ ଭାବରେ କାବ୍ୟ । ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ-ଉତ୍କର୍ଷ ଫଳରେ ହିଁ ନୀରସ ଇତିହାସ ଜୀବନ୍ତ ହୋଇ ଉଠିଛି ।" (୧)

ଉତ୍କଳର ବାଣୀ–ଏହାର ଅତୀତ ଗୌରବମୟୀ ମହୀୟସୀ ବାଣୀ ମାନସିଂହ ଶୁଣି ଅଛନ୍ତି । କିନ୍ତୁ ସେ ବାଣୀ କଅଣ, ତାହାର ବିଶଦ ଆଲୋଚନା କରି ନାହାନ୍ତି । ତଥାପି ଭୂମିକାଟି ତାଙ୍କର ଲୋଭନୀୟ ଓ ଆସ୍ୱାଦନୀୟ ହୋଇଅଛି ।

କବିଙ୍କ ଦ୍ୱାରା ବିରଚିତ ଓ ପ୍ରକାଶିତ, 'ଆର୍ଯ୍ୟ ଜୀବନ' ପୁସ୍ତକଟି ଯେପରି ଆର୍ଯ୍ୟ ଜୀବନର ପୃଷ୍ଠପୋଷକ ଗୋପବନ୍ଧୁଙ୍କ ନାମରେ ଉତ୍ସର୍ଗ କରା ଯାଇଥିଲା, ସେହିପରି "କୋଣାର୍କେ" କାବ୍ୟର ଉତ୍ସର୍ଗ ପତ୍ରରେ କବି ଉଲ୍ଲେଖ କରିଛନ୍ତି, "କୋଣାର୍କ ଓ ବାରବାଟୀ ଦୁର୍ଗ ରଚୟିତା ଶ୍ରଦ୍ଧେୟ ଶ୍ରୀମାନ୍ କୃପାସିନ୍ଧୁ ଓ ଏହି ପୁସ୍ତକରେ ସଂଶ୍ଲିଷ୍ଟ କୋଣାର୍କ ଯାତ୍ରାରେ ଛାତ୍ରମାନଙ୍କ ସଙ୍ଗେ ମୋର ସହଯାତ୍ରୀ

---

(୧) ନୂତନ ସଂସ୍କରଣର ଭୂମିକା–"କୋଣାର୍କେ"ରେ ମାୟାଧର ମାନସିଂଙ୍କ ଉକ୍ତି ।

Digitized by PPRACHIN, SOA

ଶ୍ରଦ୍ଧେୟ ଶ୍ରୀମାନ୍ ଗୋଦାବରୀଶ—ଏହି ଦୁହିଁଙ୍କ ନାମରେ ଏ ପୁସ୍ତକଟି ଉତ୍ସର୍ଗ କଲି ।" କବି ଗୋଦାବରୀଶ ସତ୍ୟବାଦୀରେ ଆସି ଯୋଗଦେବା ପୂର୍ବରୁ "ଉତ୍କଳ ସାହିତ୍ୟ"ରେ କୋଣାର୍କ ସମ୍ବନ୍ଧରେ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲେ ।

କବୀନ୍ଦ୍ର ରବୀନ୍ଦ୍ରନାଥ ଲେଖିଅଛନ୍ତି,

"ହେ ଅତୀତ ତୁମି ଭୁବନେ ଭୁବନେ
କାଜ କରେ ଯାଅ, ଗୋପନେ ଗୋପନେ ।
ଯୁଗେର୍ ଦିନେର୍ ଚପଲତା ମାଝେ ସ୍ଥିର ହଏ ତୁମି ରଓ,
ହେ ଅତୀତ ତୁମି ଗୋପନ ହୃଦୟେ, କଥା କଓ କଥା କଓ ।"

ନୀଳକଣ୍ଠଙ୍କ ହୃଦୟରେ ଏ ମହିମାମୟ ଅତୀତ ଗୋପନେ ଗୋପନେ କି ମନ୍ତ୍ର ଗାନ କରିଥିଲା, ତାର ସବିଶେଷ ପରିଚୟ, "ଗମଚର୍ଣ୍ଣ ଠାରେ ଗତି ଓ ସକାଳ"ରେ ଦେଖିବାକୁ ମିଳେ । ଇଂରେଜିରେ ଗୋଟିଏ କଥା ଅଛି, "The Historian records where as the novelist (poet) mostly creats) ଐତିହାସିକ କେବଳ ତଥ୍ୟ ସଂଗ୍ରହ କରି ତାକୁ ଲିପିବଦ୍ଧ କରେ । କିନ୍ତୁ କବି ଓ ଔପନ୍ୟାସିକ ରସମୟ କାବ୍ୟ କିମ୍ବା ଉପନ୍ୟାସ ସୃଷ୍ଟି କରି ପାରନ୍ତି । ମାତ୍ର ଆଶ୍ଚର୍ଯ୍ୟର କଥା, ନୀଳକଣ୍ଠ ଏଥିରେ ଯେପରି ଓଡ଼ିଶା ଇତିହାସର ନୂତନ ନୂତନ ତଥ୍ୟ ପାଠକମାନଙ୍କୁ ସମ୍ପୂର୍ଣ୍ଣ ଅଭିନବ ରୂପରେ ଦେଇ ଯାଇଛନ୍ତି, ସେହିପରି ରସଗର୍ଭ କାବ୍ୟ ମଧ୍ୟ ସୃଷ୍ଟି କରିଅଛନ୍ତି । ଏଠାରେ କବି ଓ ମନୀଷୀ ନୀଳକଣ୍ଠ ଐତିହାସିକ ନବ ନବ ତଥ୍ୟର ବାର୍ତ୍ତାବହ । ଯେଉଁ ତଥ୍ୟ କୌଣସି ଓଡ଼ିଆ ଇତିହାସର ଲେଖକ ଦେଇ ନଥିଲେ, ନୀଳକଣ୍ଠ ନିର୍ଭୀକ ଭବରେ ସେ ସବୁ ତଥ୍ୟ ସ୍ୱପ୍ନ ପର୍ଯ୍ୟାୟରେ ଛାତ୍ରମାନଙ୍କୁ ଦେଇ ଅଛନ୍ତି ।

'କୋଣାର୍କେ' କାବ୍ୟ ପ୍ରକାଶ ପାଇବା ପୂର୍ବରୁ ଗୋପବନ୍ଧୁ 'ସତ୍ୟବାଦୀ' ପତ୍ରିକାର ୧ମ ଖଣ୍ଡ, ଦ୍ୱିତୀୟ ସଂଖ୍ୟାରେ 'ଗୁରୁକୁଳ' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ, "ଗୁରୁକୁଳ ଭରତର ସମ୍ପଦ । ସୁତରାଂ ଏହାର ପରିଚାଳନା ଭରତବାସୀ ହାତରେ ରହିବା ଉଚିତ । ଶିକ୍ଷା ବିତରଣର ଏ ପବିତ୍ର କ୍ଷେତ୍ରଗୁଡ଼ିକ ଅନ୍ୟ ଲୋକ ହସ୍ତରେ ନ୍ୟସ୍ତ କଲେ ଦେଶର ପ୍ରଧାନ ପ୍ରଧାନ ଶିକ୍ଷାତତ୍ତ୍ୱବିତ୍ ପଣ୍ଡିତମାନଙ୍କର ସ୍ୱାଧୀନ ଚିନ୍ତାଶକ୍ତି ଓ କାର୍ଯ୍ୟ ପ୍ରଭୃତି ଲୁପ୍ତ ହୋଇଯିବାର କଥା । ଛାତ୍ରମାନଙ୍କର ଶିକ୍ଷାର ଆଦର୍ଶ ବଦଳିଯିବ । ସେମାନଙ୍କ ଜୀବନ ଭିନ୍ନ ଛାଞ୍ଚରେ ଗଢ଼ା ହେବ । ସେମାନେ ଦେଶକୁ ଚିହ୍ନିବେ ନାହିଁ ଏବଂ ଦେଶର ଗୌରବ ସଂପଦରେ ଗର୍ବ

Digitized by PPRACHIN, SOA

ଅନୁଭବ କରିବେ ନାହିଁ । ଏହାହି ଦେଶର ପତନର ଏକମାତ୍ର କାରଣ । ଏଥିରେ ହିଁ ଦେଶର ଜାତୀୟ ଚରିତ୍ର ନଷ୍ଟ ହୁଏ । ଆଦର୍ଶ ଖସିଆସେ ।" × × × ×

'କିନ୍ତୁ ଦୁଃଖର କଥା, ଭରତବାସୀ ବର୍ତ୍ତମାନ ସୁଦ୍ଧା ଦେଶକୁ ଚିହ୍ନିଲେ ନାହିଁ । ଦେଶର ନଈ, ପୋଖରୀ, ବନ, ପର୍ବତ, ବିଲବାଡ଼ି ଓ ବାଟଘାଟ ସାଙ୍ଗରେ ତାଙ୍କର ପରିଚୟ ହେଲା ନାହିଁ । ଦେଶରେ କେଉଁଠାରେ କଅଣ ପ୍ରଚ୍ଛନ୍ନ ଭାବରେ ରହିଛି, ତାହା ସେ ଜାଣିଲେ ନାହିଁ । ଏପରି ସ୍ଥଳରେ ପ୍ରାଣର ସମସ୍ତ ଅଭିଳାଷ, ଉଦ୍ଦେଶ୍ୟ ଓ ଉଦ୍‌ବେଳତା ସତ୍ତ୍ୱେ ଦେଶର ମଙ୍ଗଳ ସାଧନ କିପରି ହୋଇପାରେ ? ଉତ୍କଳର ଦଶା ଆହୁରି ଶୋଚନୀୟ । ଉତ୍କଳବାସୀ ବର୍ତ୍ତମାନ ସୁଦ୍ଧା ନିଜର ଜନନୀକି ଚିହ୍ନି ନାହାନ୍ତି । ଉତ୍କଳର ମହେନ୍ଦ୍ର, ସେ ମହାନଦୀ, ସେ ଚିଲିକା, ସେହି ଗୁଳ୍ମ ବନମାନ ସେହିପରି ରହିଅଛି । ସେ ସବୁ ଉପରେ ଆଖି ପକାଇଲେ ନାହିଁ । ପ୍ରାନ୍ତରେ ପ୍ରାନ୍ତରେ କନ୍ଦରେ କନ୍ଦରେ ସେ ପ୍ରାଚୀନ ଶକ୍ତି ଫୁଟି ଉଠୁଅଛି । କିନ୍ତୁ ଉତ୍କଳବାସୀ ସେ କଥା ଦିନେ ପ୍ରାଣରେ ଉପଲବ୍ଧି କଲେ ନାହିଁ । ଉତ୍କଳବାସୀ, ବର୍ତ୍ତମାନ ତୁମର କର୍ତ୍ତବ୍ୟ—ଦେଶ ସଙ୍ଗେ ପରିଚିତ ହେବା । ଦେଶକୁ ଆଦର କରି ଶିଖିବା । ସେଥିପାଇଁ କବି କହିଛନ୍ତି,

"ଜନନୀର ଦେଖା କରିବାର ଇଚ୍ଛା
ହୋଇଥାଏ ଯେବେ ମନେ
ଉତ୍କଳର ମାଟି ଆଲିଙ୍ଗନ କରି
ତା ଧୂଳି ଲେପ ବଦନେ ।"

ଏହିପରି ନବୀନ ଚନ୍ଦ୍ରଙ୍କର 'ପଲାସିର ଯୁଦ୍ଧ' କାବ୍ୟ ଗ୍ରନ୍ଥର ପ୍ରଧାନ ରସ ହିଁ ଦେଶପ୍ରୀତି ରସ, ଜନ୍ମଭୂମି ସଂପର୍କରେ ଜାତ ବୋଲି ଏହାକୁ 'ଭୌମରସ' କୁହା ଯାଇପାରେ । ଏହି ରସଟି ଆଧିକାରିକ ରସ । ଏହା ବୃହତ୍ କାବ୍ୟ 'ପଲାସି ଯୁଦ୍ଧ', 'ପଦ୍ମିନୀ ଉପାଖ୍ୟାନ' ଅଥବା ବଙ୍କିମ ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଓ ରବୀନ୍ଦ୍ରନାଥଙ୍କର 'ଅୟି ଭୁବନ ମୋହିନୀ' ପ୍ରଭୃତି କବିତାରେ ସ୍ୱତନ୍ତ୍ର ଓ ପ୍ରଧାନ ହୋଇ ଦୀପ୍ତି ପାଇଅଛି । (୧)

## "କୋଣାର୍କେ"ରେ ଭୌମ ରସ—

ଏହି 'ଭୌମ' ରସ ଅତ୍ୟନ୍ତ ରମଣୀୟ ଭାବରେ ଅଭିବ୍ୟକ୍ତି ଲାଭ କରିଛି ନୀଳକଣ୍ଠଙ୍କର ନିମ୍ନଲିଖିତ ପଂକ୍ତିମାନଙ୍କରେ । ଯେଉଁଠାରେ ସେ ନିଜକୁ ଓ

(୧) କାବ୍ୟଲୋକ-ମର ଓ ଭବ । ସୁଧୀର କୁମାର ଦାସଗୁପ୍ତ, ପୃ ୯୫୯ ।

Digitized by PPRACHIN, SOA

ନିଦ୍ରାଭିଭୂତ ତାଙ୍କର ଶ୍ରଦ୍ଧେୟ ଛାତ୍ରମାନଙ୍କୁ କେବଳ ନିଜ ଦେଶର ଅତୀତ ଇତିହାସରେ ସୀମାବଦ୍ଧ ନ କରି ସେମାନଙ୍କୁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପ୍ରାଚୀନ ଅତୀତ ସହିତ ପ୍ରାଣ ମିଶାଇ ଦେଇ ବିଶ୍ୱ ପ୍ରୀତିରେ ଅନୁପ୍ରାଣିତ ହେବାକୁ ଇଙ୍ଗିତ ଦେଇ ଅଛନ୍ତି,

"ଐତିହାସିକ ଭୂମି ଏ, ଏଥି ବାଳକ କୁଳ
ଇତିହାସ-ସ୍ମୃତି-ମୂଳକେ ଲବେ ହେବେ ବିହ୍ୱଳ ।
ଗୁହିଁବେ କୋଣାର୍କ ଦେଉଳ ଦିଗ ପ୍ରାଚୀର-ତଳେ,
ବୁଲି ଆସୁଥିବେ ପଲକେ ରମଚଣ୍ଡୀ-ଶିଖରେ;
ବେଲେଶ୍ୱର-ବନ୍ତ ଅଦୂରେ ନାଚୁଥିବ ନୟନେ;
ଦେଖୁଥିବେ ବଡ଼ ଦେଉଳ କେବେ ନେତ୍ରକୁଂଚନେ ।
ଅତୀତ ବିଭବ-କାହାଣୀ କହି ବିବିଧ ରଙ୍ଗେ,
ଆମ୍ଭଙ୍କୁ ବିସୋରି ମିଶିବେ ପୂର୍ବ-ପୁରୁଷ-ସଙ୍ଗେ ।
ଅତୀତୁ ଅତୀତ ପ୍ରସାରେ ବହି ଜୀବନ ଧାର;
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର କାର ।"

ଯେତେବେଳେ ଓଡ଼ିଶାର ଶିକ୍ଷା-ଜଗତରେ 'Excursion'ର ନାମ ଶୁଣାଯାଇ ନଥିଲା ସେତେବେଳେ ନୀଳକଣ୍ଠ ଓ ଗୋଦାବରୀଶ ପ୍ରଭୃତି ଆମ୍ଭମାନଙ୍କୁ ନେଇ ଭୁବନେଶ୍ୱର, କୋଣାର୍କ ଓ ଖଣ୍ଡଗିରି ପ୍ରଭୃତି ଶିକ୍ଷାଗତ ଭ୍ରମଣରେ ପଦବ୍ରଜରେ ଯାଇଥିଲେ । ସେତେବେଳେ ଦୟାନଦୀ କୂଳରେ ଅବସ୍ଥିତ ଧଉଳିଗିରି ଦେଖାଇ ସ୍ୱଦେଶପ୍ରୀତି ଓ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ନୀଳକଣ୍ଠ ଆମମାନଙ୍କୁ ଅଶ୍ରୁ ଗଦ୍‌ଗଦ କଣ୍ଠରେ କହିଲେ, "ମହାରଜ ଅଶୋକ ଏହି ଧଉଳିଠାରେ ଯୁଦ୍ଧ କରିଥିଲେ । ଏହି ସ୍ଥାନରେ ଦୟାନଦୀ ରକ୍ତାକ୍ତ ହୋଇଥିଲା । ଏହିଠାରେ ଅଶୋକ ବୀତରାଗ ହୋଇ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ଏହାହିଁ ଉତ୍କଳର ଗୌରବ ଗାଥା ।"

ସତ୍ୟବାଦୀ ସ୍କୁଲର ଛାତ୍ର ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଲେଖିଛନ୍ତି,—ତହିଁ ପରଦିନ ସକାଳେ ଖଣ୍ଡଗିରି ଓ ଉଦୟଗିରି ଯାତ୍ରା କଲୁ । ଖଣ୍ଡଗିରିର ପାଦଦେଶରେ ବିଶାଳ ବଟବୃକ୍ଷ ମୂଳେ ଆମ୍ଭମାନଙ୍କର କ୍ୟାମ୍ପ ହେଲା । ସେ ଦିନର ଭ୍ରମଣ ବୃତାନ୍ତ ଚିର ସ୍ମରଣୀୟ । ଶିକ୍ଷକମାନଙ୍କର ଦେଶଭକ୍ତି-ପ୍ଲାବିତ ପ୍ରେରଣା ଓ ଉନ୍ମାଦନାମୟ ଶିକ୍ଷାଗୁଡ଼ିକ ଆମ୍ଭମାନଙ୍କ ତରୁଣ ଯୁବକ-ପ୍ରାଣରେ ପଶି ହୃଦୟ-ତନ୍ତ୍ରୀକୁ ଝଂକୃତ କରି ଦେଉଥିଲା । ରାଣୀଗୁମ୍ଫା ଆଦି ଅନୁଶାସନ ଦର୍ଶନ କାଳରେ ମହାବୀର ଉତ୍କଳ-ରାଜ-

Digitized by PPRACHIN, SOA

ଶିରୋମଣି ଖାରବେଳଙ୍କ ପୂର୍ବ କାହାଣୀ ଶ୍ରବଣ କରି ଆମ୍ଭେମାନେ ସେ କାଳର ବ୍ରିଟିଶ ପଦାନତ ଭୂମିର ଦୁର୍ଦ୍ଦଶା ତୁଳନା କଲୁଁ ଏବଂ ପରସ୍ପର କଥୋପକଥନ ଓ ଆଲୋଚନାରୁ ଜଣାଗଲା ଯେ ଉତ୍କଳ ମାତାର ସନ୍ତାନ ବୋଲି ସମସ୍ତେ ଗର୍ବୋତଫୁଲ ହେଉଥିଲେ ଏବଂ ମହାବୀର ଖାରବେଳଙ୍କ ଅନୁଶାସନ ଦେଖି କାଳ ସ୍ରୋତରେ ଉଜାଣି ଉଠି ଆମ୍ଭେମାନେ ଗୌରବମୟ ଖାରବେଳ ରାଜତ୍ୱ କାଳକୁ ଅଜ୍ଞାଣତରେ ଚାଲି ଯାଇଥିଲୁଁ । ସେତେବେଳେ ଭ୍ରମଣ ପାଇଁ ଖଣ୍ଡଗିରି ଓ ଉଦୟଗିରିର ବର୍ଣ୍ଣନା କରା ଯାଉଥିଲା ବୋଲି ବୁଝୁଥିଲୁଁ । ମାତ୍ର ପରିଣତ ବୟସରେ କି ଦୂରଦର୍ଶିତା ଏବଂ ଦେଶକୁ ନୂତନ ଭାବ ଓ ପ୍ରେରଣାରେ ଗଢିବା ଲାଗି ଆମ ଶିକ୍ଷକମାନଙ୍କର କି ଇଚ୍ଛା ଥିଲା, ତାହା ଉପଲବ୍ଧି କଲେ ଆଶ୍ଚର୍ଯ୍ୟ ଲାଗେ । ବର୍ତ୍ତମାନ ଶିଶୁ ହିଁ ନିକଟ ଭବିଷ୍ୟତରେ ଦେଶ-ମାତୃକାର ପୂଜକ ।" (୧)

ଏହି ସ୍ୱାଧୀନତାବୋଧ ଓ ବିପୁଳ ଦେଶପ୍ରୀତିରେ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ଗଢ଼ା ଯାଉଥିଲା ! ସେଥିପାଇଁ "କୋଣାର୍କ"ର ପ୍ରଥମ ସଂସ୍କରଣର ମୁଦ୍ରଣରେ ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ସାହିତ୍ୟରଥୀ ଶ୍ରୀ ବାସୁଦେବ ମହାପାତ୍ର ଉଲ୍ଲେଖ କରିଥିଲେ, "୧୯୧୭ ମସିହାରେ ଗ୍ରନ୍ଥକାର କେତେକ ଛାତ୍ରଙ୍କ ସଙ୍ଗେ ଶାରଦ ବିହାରରେ କୋଣାର୍କ ଦେଖିବାକୁ ଯାଇଥିଲେ । ପ୍ରଚଣ୍ଡ ବର୍ଷା ଓ ତୋଫାନ ହେଲା । ସେଇ ବର୍ଷାରେ କୁମାର ପୂର୍ଣ୍ଣିମା ଦିନ କୋଣାର୍କ ଦେଖି ଫେରିକି ଆସି ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେବାକୁ ହୋଇଥିଲା । ରାମଚଣ୍ଡୀ କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନି ମାଇଲ. ବିସ୍ତୀର୍ଣ୍ଣ କୁଶଭଦ୍ରା ମୁହାଣରେ ଗୋଟିଏ ଉଚ୍ଚ ବାଲିକୁଦ ଉପରେ ।"

"କୋଣାର୍କ ସୂର୍ଯ୍ୟ ମନ୍ଦିର । ସୁପ୍ରସିଦ୍ଧ ଦ୍ୱିତୀୟ ଅନଙ୍ଗ ଭୀମଦେବଙ୍କ ନାତି (ତୃତୀୟ ଅନଙ୍ଗ ଭୀମଦେବ)ଙ୍କ ପୁଅ ନରସିଂହ ଦେବ ଏହି ମନ୍ଦିର ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ତୋଳାଇଥିଲେ । କୋଣାର୍କ ମନ୍ଦିରର ଶିଳ୍ପ କଳା ଅତି କମନୀୟ ଓ ବିସ୍ମୟକର । ଗଠନର ଚାତୁରୀ ଓ ବିଶାଳତା ଅନେକ ପ୍ରାଚୀନ କାଳର ଦର୍ଶକଙ୍କୁ ମୁଗଧ କରୁଥିଲା । ଏବେ ମନ୍ଦିରଟି ଭାଙ୍ଗି ପଡ଼ିଅଛି । ମୁଖଶାଳା ମାତ୍ର ଅର୍ଦ୍ଧଭଗ୍ନ ଅବସ୍ଥାରେ ଭିତରେ ବାଲି ଭର୍ତ୍ତି କରାହୋଇ ରକ୍ଷିତ ହୋଇଅଛି । ବେଢାର ଚିହ୍ନ, ସିଂହଦ୍ୱାର ପ୍ରଭୃତି ବାଲି ଖୋଳାହୋଇ ବାହାରିଅଛି । ବେଢା ଭିତରେ ଗୋଟିଏ ମନ୍ଦିର ଅଛି । ତାକୁ ଏବେ ମଧ୍ୟ 'ମାୟାଦେବୀମନ୍ଦିର'

୧ । ସତ୍ୟବାଦୀରେ ସାତବର୍ଷ— ଲେଖକ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ପୃ–୪୯ ।

Digitized by PPRACHIN, SOA

କହନ୍ତି । × × × × × ଏବଂ ସ୍ଥାନେ ସ୍ଥାନେ ଯେଉଁ ସବୁ ବିଶାଳ ଲୁହାକଡ଼ି ପଡ଼ିଥିବାର ଦେଖାଯାଏ, ତାହା ଏବେ ମଧ୍ୟ ଦର୍ଶକର ବିସ୍ମୟ ଉତ୍ପାଦନ କରେ । ଅବଶିଷ୍ଟ ମନ୍ଦିରର ଖୋଦନ କଳାରେ ଏବେ ମଧ୍ୟ ପାରିଧି, ଅଭିଯାନ, ଗାନବାଦ୍ୟ ବିଳାସ, ଅଭିଷେକୋତ୍ସବ ପ୍ରଭୃତି ଏବଂ ଜୀବନ୍ତ ଦେବମୂର୍ତ୍ତି ସବୁ ଦର୍ଶକଙ୍କୁ ମୁଗ୍ଧ କରେ । × × × × ବେଢ଼ାରେ ଏବେ କେତେଗୁଡ଼ିଏ ମୂର୍ତ୍ତି ସୁରକ୍ଷିତ ଅଛି । ତହା ମଧ୍ୟରେ ଗୋଟିଏ ସୂର୍ଯ୍ୟନାରାୟଣ ମୂର୍ତ୍ତି ଅତି କମନୀୟ ।"

✓ ମାୟାଧର ମାନସିଂହଙ୍କ ଭୂମିକା ସମ୍ବଳିତ 'କୋଣାର୍କ'ର 'ପୁଣି ଏବେ ନିବେଦନ'ରେ ନୀଳକଣ୍ଠ ୨୪ । ୨ । ୧୯୪୭ ମସିହାରେ 'ନବ ଭାରତ' ଅଫିସ କଟକରେ ଲେଖିଅଛନ୍ତି "ନୂତନ ଓଡ଼ିଆ ସାହିତ୍ୟ ପ୍ରତି ସତ୍ୟବାଦୀ ସ୍କୁଲର ଶିକ୍ଷକ ଶ୍ରୀ ବାସୁଦେବ ମହାପାତ୍ର ଓ କିରଣୀ ଶ୍ରୀ ରଘୁନାଥ ମିଶ୍ରଙ୍କର ଅନେକ ସମୟରେ ଯୁକ୍ତିଯୁକ୍ତତାଠାରୁ ପ୍ରାଣର ପ୍ରତିଷ୍ଠିତ ଭାବ (Emotion) ଅଧିକ ପ୍ରବଳ ଥିବାର ମଧ୍ୟ ଅନୁମାନ କଲି । ଏହା ମୁଁ କେବଳ ସେମାନଙ୍କଠି ଅନୁମାନ କଲି ନୁହେଁ, ବୁଝିଲି, ଆମ ପାଠକେ ସାଧାରଣତଃ ଏହି ଭାବରେ ପ୍ରାଣିତ ଥିବେ ଓ ହେବେ ।

'ଶେଷକୁ (ଆଜି ମୋର ମନେ ପଡ଼ିଲେ ପ୍ରାଣରେ ସେହି ଯୌବନର ସରସତା ଏବେ ବି ଫୁଟି ଉଠୁଛି) ସେ ସବୁ ସମାଲୋଚନା ସ୍ରୋତ ଭିତରେ କେବେ ମୁଁ ଯେତେବେଳେ ଏକାକୀ ରହେ, କବିତାରେ ମୋର ବେଳେବେଳେ ସୃଷ୍ଟି କରିବାର ପ୍ରେରଣା ଜାଗିଉଠେ । ମୁଁ ବେଳେବେଳେ ଦିବା ସ୍ୱପ୍ନ ଦେଖେ—

ହୃଦ ଦରପଣେ ନ ଚିହ୍ନାଏ ଛବି ପଲକେ ପଲକେ ପରାଣ ପୁରି,
ଜାଗରଣେ କେବେ ଦେଖଇ ସ୍ୱପନେ, ସ୍ୱପନେ ଦେଖଇ ପାଷାଣ ଭରି ।

ଏହି ଚିନ୍ତା, ପ୍ରେରଣା ଓ ଦିବା-ସ୍ୱପ୍ନ ଭିତରେ ଏପରି ଏକ ସମୟ ଆସିଲା, ମୋତେ ଆଉ ଯଥାର୍ଥରେ ନିଦ ହେଲା ନାହିଁ । ପ୍ରାୟ ଦୁଇଦିନ ଅନିଦ୍ରାରେ କଟିଗଲା । ଶେଷକୁ କାହିଁକି କେଜାଣି 'ରାମଚଣ୍ଡୀଠାରେ ରାତି' କବିତାଟି ଲେଖିବାରେ ଲାଗିଗଲି । କହିଚି, ଦୁଇବର୍ଷ ତଳେ ପିଲାଙ୍କ ସଙ୍ଗେ କୋଣାର୍କ ଦେଖି ଆସିବା ପରେ ଏଇ ଲେଖାଟି ଆରମ୍ଭ କରିଥିଲି । ଏବେ ଏହା ପ୍ରାୟ ସପ୍ତାହକେ ଶେଷ କରିଦେଲି । ସମସ୍ତଙ୍କ ମନକୁ ଘେନିଲା । ମୋର ବି ଉତ୍ସାହ ବଢ଼ିଲା ।"

## ବାତ୍ସଲ୍ୟ ତଥା କରୁଣ ରସ –

'ରାମଚଣ୍ଡୀଠାରେ ରାତି' କବିତାଟି ବାତ୍ସଲ୍ୟ ରସ ତଥା କରୁଣରସାଶ୍ରୟୀ । ସେଦିନ ଥିଲା କୁମାର ପୂର୍ଣ୍ଣମୀ । ଏହିଦିନ ପୁତ୍ରପ୍ରତିମ ଛାତ୍ରମାନେ ପ୍ରତ୍ୟେକେ ନୂଆ

Digitized by PPRACHIN, SOA

ଲୁଗା ପିନ୍ଧିଥାନ୍ତେ, ଘରିରେ ପିଠାପଣା ଖାଇଥାନ୍ତେ । ଦୈବ ଦୁର୍ବିପାକରୁ ତାହା ହୋଇପାରିଲା ନାହିଁ । ରାମଚଣ୍ଡୀ ଏକ ନିର୍ଜନ ଜାଗା । କୁଶଭଦ୍ରାର ସୁବିସ୍ତୀର୍ଣ୍ଣ ମୁହାଣରେ ଏ କ୍ଷୁଦ୍ର ଦେଉଳଟି ଅବସ୍ଥିତ । ଛାତ୍ରମାନଙ୍କର ଏପରି ଦୟନୀୟ ଅବସ୍ଥାରେ ବ୍ୟଥିତ ହୋଇ ଗୁରୁ ନୀଳକଣ୍ଠ ମୂର୍ଚ୍ଛନାରେ ଗାଇଚନ୍ତି 'ରାମଚଣ୍ଡୀ ଠାରେ ରତି' । କବିତାର ଆରମ୍ଭ ହୋଇଛି –

"କି କରାଳ ଆଜି ରଜନୀ ? ବହେ ଝଞ୍ଜା ପବନ,
ତାର ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ–ଧାରାରେ ଝଟିକା ଦିଏ କରତ୍ରିଡ଼ି କେବେ,
ଶୋଇ ପଡ଼ିଛ ତ ବାପା ହେ, ଜାଣୁ ନଥିବ ଲବେ ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ-ସାଧ,
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା,
ମନେ ପଡୁନାହିଁ ତାକୁ ହେ ଲାଗି ଯାଇଚି ନିଦ;
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦି ଲଗାଇ ଗୃହିଁଥିବେ ଜନନୀ ।
ପିଠାପଣା ଖାଉ ନଥିବ ସୁଖେ ଆଜି ଭଗିନୀ ।
ପବନ ଝଙ୍କାରେ ଶୁଣୁ ସେ ଥିବେ ଡାକ ତୁମ୍ଭର ।
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ ।
ନିରାଶାରେ ଆଶା–ଚମକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭଙ୍ଗି ଯିବଟି ନିଦ ।
ଶୁଅ ଶୁଅ ଧନ, ଆରମେ ଶୋଇଥାଅରେ ଶିଶୁ;
ପଥଶ୍ରମ କରି ଆସିଛ, ଶ୍ରମେ ବିରମ ମିଶୁ ।"

ଓଡ଼ିଆ ସାହିତ୍ୟରେ ଏ କରୁଣରସର ପଟାନ୍ତର ନାହିଁ । ଅବଶ୍ୟ କୃଷ୍ଣଙ୍କୁ ବାହୁନି ଯଶୋଦା ବହୁ ଭାବରେ ବିଳାପ କରି ଅଛନ୍ତି । ସୀତାଙ୍କ ପଞ୍ଚବଟୀ ହରଣରେ ରାମଚନ୍ଦ୍ର ପ୍ରଚୁର ଅଶ୍ରୁ ବିସର୍ଜନ କରିଛନ୍ତି । ଦେହର ଏ ଅପାଂକ୍ତେୟ ଓ ଅପବିତ୍ର ଦଶାକୁ ଦେଖି ଆତ୍ମା ଶୋକାତୁର ହୋଇଅଛି । କିନ୍ତୁ ଗୁରୁର ଛାତ୍ର ପ୍ରତି ଏତେ ସିକ୍ତ ମମତା-ପ୍ରବାହ, ଏତେ କରୁଣରସପୂର୍ଣ୍ଣ ଉଦ୍‌ବେଳତା ପ୍ରାଚୀନ ଓଡ଼ିଆ ସାହିତ୍ୟରେ କେଉଁଠାରେ ବି ଦେଖିବାକୁ ମିଳେ ନାହିଁ । ଏ ଯେ ସଂପୂର୍ଣ୍ଣ ବାସ୍ତବ ଓ

Digitized by PPRACHIN, SOA

ନିଘଟ ସତ୍ୟ । ଏପରି ମମତାପୂର୍ଣ୍ଣ ବେଦନାର ବାଣୀ, ଏପରି ଅଶ୍ରୁବିଧୌତ କବିତା କେବଳ ଥରେ ନୁହେ, ବାରମ୍ବାର ଅଭିବ୍ୟକ୍ତି ଲାଭ କରିଛି, ସତ୍ୟବାଦୀର ଛାତ୍ରବତ୍ସଳ ଗୁରୁଙ୍କଠାରେ ।

ମାୟାଧର ମାନସିଂହ ତାଙ୍କ ଅଭିନନ୍ଦନୀୟ 'କୋଣାର୍କେ' କାବ୍ୟର ଭୂମିକାରେ ଲେଖିଛନ୍ତି, "ସତ୍ୟବାଦୀ ବିହାରର ଛାତ୍ରମାନଙ୍କୁ ଘେନି ନିଜେ କବି ଥରେ କୋଣାର୍କ ବୁଲି ଯାଇଥିଲେ । ସେଦିନ କୋଜାଗରୀ ପୂର୍ଣ୍ଣିମା । ଶାରଦ ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ କିନ୍ତୁ ବିଫଳ ହେଲା । କାରଣ ଏତେ ଝଡ଼ି ହେଲା ଯେ, ଛାତ୍ର ଓ ଶିକ୍ଷକ କୋଣାର୍କ ଆସି ଗ୍ରରି ମାଇଲ ଦୂରବର୍ତ୍ତୀ ରାମଚଣ୍ଡୀ ମନ୍ଦିରରେ ରାତିକ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ପିଲାମାନେ ଶୋଇ ପଡ଼ିଲେ । ତରୁଣ ଶିକ୍ଷକ କବିଙ୍କି ନିଦ ହେଲା ନାହିଁ । ଭଗ୍ନ କୋଣାର୍କକୁ ସ୍ମରଣ କରୁ କରୁ ଓଡ଼ିଆ ଜାତିର ଗୌରବମୟ ସମସ୍ତ ପ୍ରାଚୀନ ତାଙ୍କ ମନରେ ଖେଳିଗଲା । ସ୍ୱଜାତିର ମୂର୍ତ୍ତିମନ୍ତ ଆଶା ସ୍ୱରୂପ. ସୁପ୍ତ କିଶୋର ଛାତ୍ରମାନଙ୍କର ସ୍ୱପ୍ନ ପର୍ଯ୍ୟାୟ ଭବରେ କବିଙ୍କର ସେହି ଜାଗର ମୂହୂର୍ତ୍ତଗଡ଼ିକର ଭବନାରାଜି 'ରାମଚଣ୍ଡୀ ଠାରେ ରାତି'ରେ ବର୍ଣ୍ଣିତ ହୋଇଅଛି । ତାପରେ ହୋଇଛି 'ରାମଚଣ୍ଡୀରେ ସକାଳ' । ଶିକ୍ଷକ ଓ ଛାତ୍ର ସତୃଷ୍ଣ ନୟନରେ କୋଣାର୍କକୁ ଗ୍ରହିଁ ସତ୍ୟବାଦୀ ଫେରିଛନ୍ତି । ବକୁଳବନର ଛାଇ ତଳେ କବି କୁଳପତି କିଶୋରମାନଙ୍କର ପିପାସାକୁ ସନ୍ତୁଷ୍ଟ କରିବା ପାଇଁ 'କୋଣାର୍କେ' ରଚନା କରିଛନ୍ତି ଓ କୋଣାର୍କ ପାଠରେ ମାୟାଦେବୀ ମନ୍ଦିର ଗଠନ କିପରି, କାହିଁକି ହେଲା, ସେ ସମ୍ବନ୍ଧରେ ସେ ଥରେ ଗଡ଼ଜାତ ବୁଲି ଯାଇଥିଲା ବେଳେ ଜନୈକ ଭଟ ମୁଖରୁ ଯେଉଁ ଗଳ୍ପ ଶୁଣିଥିଲେ, ତାହା "ମାୟାଦେବୀ" କାବ୍ୟରେ ବର୍ଣ୍ଣିତ ହୋଇଅଛି ।

ଓଡ଼ିଆ ଜାତିର ଗୌରବରେ ସମଗ୍ର ପ୍ରାଚୀନ ଏବଂ ଜାଗର ମୁହୂର୍ତ୍ତର ଭବନାରାଜି କିପରି ମନୋଜ୍ଞ ପରିପାଟୀରେ କବିତ୍ୱ ଓ ମନୀଷାରେ ପରିବୃତ ହୋଇ, ଓଡ଼ିଆର ପ୍ରାଚୀନ ଇତିହାସ କିପରି ଐତିହାସିକର ବୈଜ୍ଞାନିକ ଗବେଷଣା ଓ ସତ୍ୟ ନିଷ୍ଠା ଉପରେ ପ୍ରତିଷ୍ଠିତ ହୋଇ ଅବ୍ୟାହତ ଗତିରେ ଅଗ୍ରସର ହୋଇଛି, ସେ ବିଷୟରେ ସମାଲୋଚକ ମାନସିଂହ ନୀରବ । ସେହି ନୀରବ ନିସ୍ତବ୍ଧତା ଭେଦ କରି ଆମ୍ଭେ ଗୁରୁ କୁଳପତିଙ୍କ ଶିଷ୍ୟଗଣ ସେହି ପ୍ରକାଶ ଭଙ୍ଗୀ ଓ ବର୍ଣ୍ଣନାର ଛଟାରେ ସେତେବେଳେ 'ରାମଚଣ୍ଡୀ ଠାରେ ରାତି' ଓ 'ସକାଳ' ପାଠ କରି, ଏବେ ସୁଦ୍ଧା ଏହି ଜରାଜର୍ଜ୍ଜର ଅବସ୍ଥାରେ ତାଙ୍କୁ ସ୍ମରଣ କରି ଅଶ୍ରୁମୋଚନ କରୁ । ପ୍ରାଚୀନ ଭରତୀୟ

Digitized by PPRACHIN, SOA

ସାହିତ୍ୟର ଆଳଙ୍କାରିକମାନେ ଯାହା କାବ୍ୟ ପାଠ ଓ କାବ୍ୟର ରସାସ୍ୱାଦନ ସମ୍ବନ୍ଧରେ ଉଲ୍ଲେଖ କରି ଅଛନ୍ତି, ସେହି କଥା ବାରମ୍ବାର ଆମ୍ଭମାନଙ୍କ ସ୍ମୃତିପଟରେ ପ୍ରବେଶ କରି ଆମ୍ଭମାନଙ୍କୁ ଚକିତ, ବିସ୍ମିତ, ସ୍ତମ୍ଭୀଭୁତ, ପୁଲକିତ ଓ ରୋମାଞ୍ଚିତ କରେ । ମାନସିଂହଙ୍କର ସେ ସୌଭାଗ୍ୟ କାହିଁ ବା ସେ ପ୍ରତ୍ୟକ୍ଷ ଅନୁଭୂତି କାହିଁ ? ସେ 'କୋଣାର୍କେ' ପ୍ରକାଶ ପାଇବାର ୧୯୧୯ରୁ ୧୯୪୭, ବା ୨୮ ବର୍ଷ ପରେ ତାଙ୍କର ଭୂମିକା ଲେଖି ଅଛନ୍ତି । ସେଥିରେ ନୀଳକଣ୍ଠଙ୍କ କାବ୍ୟର ଶିଳ୍ପ ଓ ସ୍ଥାପତ୍ୟ ସମ୍ବନ୍ଧରେ ସେ ଯାହା ଲେଖି ଅଛନ୍ତି, ତାହା ଆମ୍ଭମାନଙ୍କ ପକ୍ଷରେ ଓ ଦେଶବାସୀଙ୍କ ପକ୍ଷରେ ଅବଶ୍ୟ ପରମ ଗୌରବର ବିଷୟ ।

ଖ୍ରୀଷ୍ଟ ୯ମ ଶତାବ୍ଦୀର ପ୍ରାଚୀନ ଆଳଙ୍କାରିକ କୁନ୍ତକ ଆତ୍ମଶ୍ଲାଘାର ସହିତ ଲେଖି ଅଛନ୍ତି, "ତଦଦ୍ୟ ସରସ୍ୱତୀ ହୃଦୟାରବିନ୍ଦ ମକରନ୍ଦ ବିନ୍ଦୁ ସନ୍ଦୋହ-ସୁନ୍ଦରଣାଂ । ସତ୍ କବି ବଚସାଂ ଅନ୍ତର ମୋଦମନୋହରତ୍ୱେନ ପରିସ୍ଫୁରନ୍ ଏତ୍-ସହୃଦୟ-ଷଟ୍‌ଚରଣ ଗୋଚରତାଂ ନୀୟତେ" ଅର୍ଥାତ୍ ସରସ୍ୱତୀର ହୃଦୟାରବିନ୍ଦର ମକରନ୍ଦ ବିନ୍ଦୁ ସମୂହର ସୌନ୍ଦର୍ଯ୍ୟ ନେଇ ଶୋଭା ପାଏ ସତ୍‌କବିଗଣଙ୍କର ବାକ୍ୟରାଶି । ସେମାନଙ୍କର ଅନ୍ତଃସ୍ଥିତ ପରିମଳର ମନୋହାରିତ୍ୱ ନେଇ ସ୍ଫୁରିତ ହୁଏ ସାହିତ୍ୟ । ଆଜି ତାହା ସହୃଦୟ ବ୍ୟକ୍ତିଗଣଙ୍କର ଗୋଚର କରା ହେଉଛି ।

## କୁନ୍ତକଙ୍କର ମତ ସହ ତୁଳନା—

'କୋଣାର୍କେ' କାବ୍ୟର ସବିଶେଷ ପରିଚୟ ଦେବା ପୂର୍ବରୁ କାବ୍ୟରେ ଅର୍ଥର ବ୍ୟାଖ୍ୟାରେ କୁନ୍ତକ ଯାହା କହି ଅଛନ୍ତି, ତାହା ବିଶେଷ ଭାବରେ ଯୋଗ୍ୟ ବୋଲି ମନେକରୁ । ଅର୍ଥ ବା ବସ୍ତୁ ତତ୍‌କାଳୋଚିତ, ଏକ ବିଶେଷ ପରିସ୍ପନ୍ଦନ ଦ୍ୱାରା କବି ପ୍ରତିଭାରେ ପରିସ୍ଫୁରିତ ହୁଏ । ମନେହୁଏ, କୁନ୍ତକ କହିବାକୁ ଚାହାନ୍ତି, ପ୍ରତ୍ୟେକ ଯଥାସ୍ଥିତ ଓ ଯଥାଦୃଷ୍ଟ ରୂପ କୌଣସି ସମୟରେ କାବ୍ୟର ସାମଗ୍ରୀ ହୋଇ ଉଠେ ନାହିଁ । ପ୍ରତିଭାଶାଳୀ କବି ଚିତ୍ତରେ ବସ୍ତୁ ଭାବମୟ ରୂପ ଲାଭ କରେ । ଏହା ସର୍ବଥା ପରିଦୃଶ୍ୟମାନ ବହିର୍ବସ୍ତୁର ଅନୁରୂପ ନୁହେଁ । ଏଥିପାଇଁ କୁନ୍ତକ କହି ଅଛନ୍ତି, "ବସ୍ତୁ ଯେତେବେଳେ ଏକ ବିଶେଷ ଉତ୍କର୍ଷ ଲାଭ କରେ, ଏବଂ ତାହାର ସ୍ୱଭାବ ଯେପରି ସମାଚ୍ଛାଦିତ ହୋଇଥାଏ, ତାହାକୁ କୁହାଯାଏ ବସ୍ତୁର ବିଭାବତା ପ୍ରାପ୍ତି । ଏଥି ନିମନ୍ତେ, ଅର୍ଥ ସହୃଦୟର ହୃଦୟରେ ଆହ୍ଲାଦ ଜାତ କରେ ଏବଂ ସ୍ୱସ୍ପନ୍ଦରେ ସ୍ୱଭାବତଃ ସୁନ୍ଦର ହୁଏ । ଏଠାରେ ସ୍ୱସ୍ପନ୍ଦର ଅର୍ଥ ବସ୍ତୁର କବି ଚିତ୍ତଗତ ଭାବମୟ ଏବଂ ବୋଧମୟ ଯେ ରୂପ, ତାହାର ସ୍ପନ୍ଦ । ଏହାରି ଫଳରେ ରସାନୁକୂଳର

Digitized by PPRACHIN, SOA

ବିଚିତ୍ର ଚର୍ବଣା ହୁଏ । କୁନ୍ତକଙ୍କ ଭଷାରେ ଏହା ହେଲା "ସହୃଦୟାଂ ହୃଦୟାହ୍ଲାଦକାରୀ, ସ୍ୱନ୍ଦସୁନ୍ଦରଃ ।" ※

କିନ୍ତୁ "ଗମଚଣ୍ଡୀ ଠାରେ ଗତି ଓ ସକାଳ" କାବ୍ୟାଂଶରେ ପରିଦୃଶ୍ୟମାନ ବସ୍ତୁ କାହିଁ ? ଏ ଯେ ପ୍ରାଚୀନ କାଳର ଘଟଣାବଳୀ । ପରିଦୃଶ୍ୟମାନ ବସ୍ତୁ ସିନା କବିର କଳ୍ପନାରେ ବିଶେଷ ଉତ୍କର୍ଷ ଲାଭ କରି ବିଭବତା ପ୍ରାପ୍ତ ହୁଏ । ପାଠକ ରସାସ୍ୱାଦନ କରିବାର ସାମଗ୍ରୀ ଲାଭ କରେ କିନ୍ତୁ ଇତିହାସ ତ ଦେଖା କଥା ନୁହେ । ଦେଖା କଥ ନ ହେଲେ ତ ହେବ ସମସାମୟିକ ଚଳନ୍ତି ଇତିହାସ । ସେ ସ୍ୱନ୍ଦ ସୁନ୍ଦର କିପରି ହେବ ? କିନ୍ତୁ ଐତିହାସିକ ଘଟଣାବଳୀ ଯେତେବେଳେ କବି ପାଠ କରେ କିମ୍ବା କିମ୍ବଦନ୍ତୀ ଅଥବା ପ୍ରଚଳିତ ପ୍ରବାଦମାନଙ୍କରେ ପ୍ରଚ୍ଛନ୍ନ ଭାବରେ ଥିବାର ଶୁଣେ, ସେତେବେଳେ ତାର ରୋମାଣ୍ଟିକ ମନ କଳ୍ପନାର ଆବେଗରେ ଆନ୍ଦୋଳିତ ହୁଏ । ଏତିକିବେଳେ ସେ ଭୌମରସ ସୃଷ୍ଟି କରି ସ୍ୱଦେଶ ପ୍ରୀତିରେ ନିଜେ ଉଦ୍‌ବୁଦ୍ଧ ହୋଇ ଅନ୍ୟମାନଙ୍କୁ ଏଥିରେ ପ୍ରାଣିତ କରିବାକୁ ଚେଷ୍ଟା କରେ । ପ୍ରତିଭାବାନ ବ୍ୟକ୍ତି କିମ୍ବା ପ୍ରଜ୍ଞାବାନ କବି ଯେଉଁ ଯେ ଏହି ଅତୀତ ପ୍ରୀତିର ପ୍ରବାହକୁ ନିଜର କଳ୍ପନା ସଙ୍ଗରେ ରଂଜିତ କରି ଐତିହାସିକ ଅନୁସନ୍ଧିତ୍ସା ବ୍ୟକ୍ତ କରିପାରେ । "ଗମଚଣ୍ଡୀ ଠାରେ ଗତି ଓ ସକାଳ" କାବ୍ୟ ଖଣ୍ଡରେ ସେ ଏହି ଐତିହାସିକ ଗବେଷଣା ଓ ନିଷ୍କାର ଚୂଡ଼ାନ୍ତ ନିଦର୍ଶନ ଦେଖାଇ ଅଛନ୍ତି । ଯଥା – ଝଟିକାକୁ ଲକ୍ଷ୍ୟ କରି କବି କହୁ ଅଛନ୍ତି,

"ରହୁନାହୁଁ କିଂପାଁ ବତାସୀ ? ତୁ କି ନ ହେବୁ ଥୟ ?
ତୁହାଇ ହେଉଛ ବରଷା, ତୋର ନାହିଁ କି ଲୟ ?
ଡିଆଉଛୁ ଯେଉଁ ବାଲୁକା, ଦିନେ କି ଥିଲା ତହିଁ ?
କି ତୁଂଗ ଉତ୍କଳ-ବିଭବ ଦେଖିଅଛି ଏ ମହୀ ?
ଏହି ତ ସାଗରେ ଉଠୁଛି ପ୍ରଳୟର ତାଣ୍ଡବ;
ଉରସ–ବିସାରେ ତିଟିନୀ ରଚେ ଭୀମ ଆରବ ।
କେଉଁ ଗଇଜନ୍ମୁ ଆସୁଛୁ ? କହ ବତାସି ମୋରେ,
ଓଡ଼ିଆ-ବୋଇତ-ଖବର କିଛି ଆଣିଛୁ କିରେ ?
ନୀଳ ବୀଚି ଭଙ୍ଗି ଆଣୁଛୁ ତଡ଼ି ବରଷା ଧାର;
କାଳ ବୀଚି ଭଙ୍ଗି ସ୍ମରଣ ଦୂରେ ଯାଉଛି ପର !

※ ଶ୍ରୀ ସୁଧୀର କୁମାର ଦାସଙ୍କ 'କାବ୍ୟଲୋକ' – ପ୍ରଥମ ଖଣ୍ଡ ପୃ–୫୬୧ ।

Digitized by PPRACHIN, SOA

ଯିବୁ ଚହି ତୁହି ତାମସେ କହ କାହିଁ ସୁଦୂରେ ?
କି ବାରତା ଆଉ କହିବୁ ତହିଁ ସକୀର-ଘରେ ?
ପ୍ରଦେଶୁ ପ୍ରଦେଶେ ଭରତେ କେତେ ଦେଖିଛୁ ଲୀଳା;
ଭରତ ସାଗରୁ ହିମାଦ୍ରି-ଶିରେ କରିଛୁ ଖେଳା;
କୋଣାର୍କ ଶିଖର-ମଣ୍ଡନ-ଚୀନ-ଚିଗଲ-ବୀଚି
ତୋ' ଦେହେ ଦେଖିଛି ମଗଧ-ଜନ ପ୍ରାଣ ମୁରୁଛି;
ନୀଳାଚଳ-ବେଳା ଖବର କେବେ ବଙ୍ଗ-ମାନବେ
ଦେଇ, ପୁରଇଛୁ ପରଣ ତାର ଭକ୍ତି-ବିଭବେ; ।"

ଏଠାରେ ବର୍ଷା ସହଚର ଝଡ଼ ଓ ତୋଫାନ ହେଉଛି ବାହ୍ୟ ପରିଦୃଶ୍ୟମାନ ଘଟନା । କିନ୍ତୁ ଏହାର ଅନ୍ତଃସ୍ଥଳରେ କବିର ସ୍ୱଦେଶ ଭକ୍ତ ପରିପୂରିତ ହୃଦୟରେ ଯାହା ରୂପାନ୍ତର ଲଭ କରି ସ୍ଫୁରଣ ପାଇଛି, ତାହା ନାନା ଐତିହାସିକ ସତ୍ୟ । ଏହି ଝଡ଼ ଉତ୍କଳ-ଇତିହାସର କେତେ ଯେ ଗୌରବ-କେତନ ଦେଖିଅଛି । ଏହା କୋଣାର୍କ, ବଡ଼ ଦେଉଳ ଉପରେ ଚିକ୍‌କଣ ବସ୍ତ୍ରରେ ନିର୍ମିତ ପତାକା ଉଡୁଥିବାର ଦେଖିଛି । ଐର ବଂଶର ମହାମେଘବାହନ କଳିଙ୍ଗ ସମ୍ରାଟ ଖାରବେଳ କିପରି ପ୍ରବଳ ପରାକ୍ରାନ୍ତ ମଗଧ ସାମ୍ରାଜ୍ୟକୁ ବଶୀଭୂତ କରିଥିଲେ; ତାହାର ମୂକ ସାକ୍ଷୀ ହେଉଛି ଏହି ଝଡ଼ । ବ୍ୟଞ୍ଜନାମୟ ଶବ୍ଦମାନଙ୍କର ସୂକ୍ଷ୍ମ ସମାବେଶରେ ଉଦ୍ଧୃତାଂଶଟି ହୋଇ ପଡ଼ିଛି 'ଅନନ୍ଦ ସୁନ୍ଦର' ଏବଂ ସହୃଦୟ ହୃଦୟାହ୍ଲାଦକର । ଏଠାରେ କବି ଚିତ୍ତଗତ ବା ଭବମୟ ବା ବ୍ୟଞ୍ଜନାମୟ ଯେ ରୂପ ତାହାର ସ୍ପନ୍ଦ (ସ୍ୱଭବ), ଏହାରି ଫଳରେ ବିଚିତ୍ର ଭୌମରସର ସଂଗ୍ରହ ହୋଇଅଛି । ଝଡ଼ ଆଲମ୍ବନ ବିଭବ । ରସ ହେଉଛି ଭୌମ ଅଥବା ସ୍ୱଦେଶ ପ୍ରୀତି । ପରିପୂର୍ଣ୍ଣ କୁମ୍ଭରୁ ଜଳ ଯେପରି ଉଚ୍ଛୁଳିତ ହୋଇପଡ଼େ, ସେହିପରି ଏହି ରସ ସମୁଚିତ ଛନ୍ଦ କିମ୍ବା ବୃତ୍ତ ଦ୍ୱାରା ନିୟନ୍ତ୍ରିତ ହୋଇଅଛି । କାବ୍ୟ ମୀମାଂସାକାର ରାଜଶେଖର ଯଥାର୍ଥ କହି ଅଛନ୍ତି, 'ସ ଯତ୍ ସ୍ୱଭବଃ କବି ତଦନୁରୂପଂ କାବ୍ୟଂ ।" କୁନ୍ତକଙ୍କ ମତରେ ଅର୍ଥ ଯେତେବେଳେ ସ୍ୱସ୍ପନ୍ଦ-ସୁନ୍ଦର ହୁଏ, ସେତେବେଳେ କବିର ଅନ୍ତର୍ଲୋକରେ ପରେ ବହିର୍ଲୋକରେ ଅନୁରୂପ ପ୍ରତିସ୍ପର୍ଦ୍ଧୀ ଶବ୍ଦର ସଞ୍ଚାର ହୋଇଥାଏ । ଅର୍ଥ ଯେପରି ଭବମୟ, ଶବ୍ଦ ବି ସେହିପରି ଭବମୟ ହୋଇ ସୁସ୍ପନ୍ଦ-ଯୁଗଳ ପରି ଅପୂର୍ବ ସାହିତ୍ୟର ଉଦ୍‌ଭବ ହୁଏ । ସେଥିରୁ ଜାତ ହୁଏ 'ଅଦ୍‌ଭୁତ ମୋଦଚମତ୍କାର ।'

## କାବ୍ୟର ମନ୍ତ୍ରଶକ୍ତି ଓ ପ୍ରାଣ ପ୍ରାଚୁର୍ଯ୍ୟତା—

ଏବରକ୍ରମ୍ବି (Abercrombie) ଯାହାକୁ ପ୍ରାଣପୂତ ପ୍ରଥମ ପ୍ରୟୋଜନ

Digitized by PPRACHIN, SOA

ବୋଲି ନାମ ଦେଇଛନ୍ତି, ତାହା କାବ୍ୟର 'Incantation' ବା ମନ୍ତ୍ରଶକ୍ତି । ତାହାହିଁ କୁନ୍ତକଙ୍କର ଆଦର୍ଶଗତ ଶବ୍ଦାର୍ଥ ସାହିତ୍ୟ । ଏହି ମନ୍ତ୍ରଶକ୍ତି କେବଳ ଆମକୁ ମୁଗ୍ଧ ଏବଂ ହୃଷ୍ଟ କରିବାର ଶକ୍ତି ନୁହେ, ଏହା ଆମ୍ଭମାନଙ୍କର ଚିତ୍ତକୁ ପ୍ରାଣପ୍ରାଚୁର୍ଯ୍ୟ ଦ୍ୱାରା ଉଦ୍ଦୀପ୍ତ କରିବାର ଶକ୍ତି । ନୀଳକଣ୍ଠଙ୍କର 'ରମଚଣ୍ଡୀଠାରେ ରାତି ଓ ସକାଳ' କାବ୍ୟାଂଶରେ ଏପରି ପଂକ୍ତି ନାହିଁ ଯାହା ଆମର ଚିତ୍ତକୁ ଶବ୍ଦାର୍ଥର ଯୋଗବିନ୍ୟାସ ଭଙ୍ଗୀରେ ମୁଗ୍ଧ ଏବଂ ଏବଂ ହୃଷ୍ଟ କରେ ନାହିଁ, ଅସାଧାରଣ ପ୍ରାଣପ୍ରାଚୁର୍ଯ୍ୟ ଦ୍ୱାରା ଉଦ୍ଦୀପ୍ତ କରେ ନାହିଁ ଯଥା—

'ଦିଶେ ନାରଖାର ପୁରାଣ କୀର୍ତ୍ତି କଙ୍କାଳ-ସାର;
ଘନଘଟା-ଅର୍ଦ୍ଧ-ତାମସେ ପୁଣି ବିକଟ ଘୋର ।
ଦେଖି ଶିଶୁ ଫେରି ଅଛନ୍ତି ପ୍ରାଣ-ସଂକୋଚେ ଆଜି,
ଫାଟିଯାଉ ମେଘ, ଜୋଛନା ଫୁଟି ଉଠୁ ବିରାଜି ;
କାଳ-ଦନ୍ତ-ଘାତ-ବୀଭତ୍ସ-ପ୍ରନ୍ନ-ମୋହନ-କଳା
ସରସ-ଶିତାଂଶୁ-ପରଶେ କରୁ ଜୀବନ୍ତ ଲୀଳା ।

ଏବେ କୋଣାର୍କର ସେ ଅଙ୍ଗସୌଷ୍ଠବ ନାହିଁ । ମେଘ ଅନ୍ଧାରରେ ତାହା ପୁଣି ଭୟଙ୍କର ଦେଖା ଯାଉଛି । ଶିଶୁମାନେ ପ୍ରାଣର ସଂକୋଚରେ ତାହା ଦେଖି ଫେରି ଆସି ଅଛନ୍ତି । କବିଙ୍କର ଇଚ୍ଛା – ମେଘ ଫାଟିଯାଉ, ଆକାଶରେ ବିମଳ ପୂର୍ଣ୍ଣଚନ୍ଦ୍ର ଉଦିତ ହୁଅନ୍ତୁ ; ତେବେ ଶିଶୁମାନେ ସ୍ଥାପତ୍ୟ-କଳାର କିଛି ଆଭାସ ପାଇବେ । ପ୍ରାଚୀନ ସୁନ୍ଦର କଳା, କାଳର ଦନ୍ତାଘାତରେ ଅତ୍ୟନ୍ତ ଭୟଙ୍କର ଦେଖା ଯାଉଚି । ଚନ୍ଦ୍ର କିରଣ ସଂସ୍ପର୍ଶରେ ସେ ଜୀବନ୍ତ ଦେଖାଯାଉ !

କିମ୍ବା

ଉଠିଛ କି ବାପା, ଏବେ ତ ରାତି ହେଲା ପ୍ରଭାତ !
ଶୀକର ବିଂଛାଇ ସମୀରେ ବହେ ସିଂଧୁ-ମାରୁତ ।
ଫିଟି ଯାଇଅଛି ଗଗନେ ଘନ ମୁଦିର—ଘଟା;
ଲୁଚକାଳି—ଖେଳେ ଦେଖାନ୍ତି ତାର ମେଦୁରଛଟା ।
କୃଷ୍ଣ—ଘନ—ଚୁଳେ ଶୋଭଇ ଶୁଦ୍ଧ ବାରୁଣୀ—ଶିରେ ।
ଚଳ କୃଷ୍ଣ—ଘନେ ଲୁଗ୍ୱଇ କେବେ କଂପିତ—କରେ ।
ତାମସ—କଲୁଷ—ପୀଡ଼ନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ଢ଼ାଳି ପୁଣ୍ୟ ମୟୂଖ ।
ଦୂର—ଗିରି—ଧୂମ୍ର—ପ୍ରାଚୀର ଖୋଲେ ତରଳ ବିମ୍ବ

Digitized by PPRACHIN, SOA

ଶୁଭ୍ର ହାସେ ଫୁଟେ କି ଅବା, ଭେଦ ଶରଦ-ନଭ !
ଲୁଚିଯାଏ କେବେ ପ୍ରାଚୀର-ଚୂଳ-ଚଳ-ଜୀମୂତେ;
ଦେଖିନାହଁ ଯେବେ ସେ ଛବି, ଦେଖ ଆଜି ପ୍ରଭତେ ।
ସିନ୍ଧୁ ଭେଦି ଫୁଟେ ଫରଗ୍ଣ, ଜୁଆ ତାର ମର୍ଦ୍ଦିନ,
ଉତ୍ତାଳ ତରଙ୍ଗେ ଶୋଭଇ ନଦୀ–ମୁଖ–ପୁଳିନ;
ଗଗନ ମୁକୁର ତଟିନୀ-କମ୍ର-ଉର୍ମି ବିଳାସେ
କ୍ଷଣ ତାରକିତ କଂପନେ ଚଳ ନଭସ ଭସେ ।

× × × ×

ଦିଗନ୍ତ-ପ୍ରସାରେ ଦିଶଇ ଦିଗ-ଚୂର୍ଣ୍ଣ କୁନ୍ତଳ
ନାରିକେଳ-କୁଞ୍ଜ ଗହଳେ ଧୂମ୍ର ନୀଳ-ପ୍ରାଚୀର ।
ନୀଳ-ଘନ-କାନ୍ତି ବିମଳ ବେଳା ସୀମନ୍ତ-ଶିଖେ
ସୂର୍ଯ୍ୟଂରଥ ଭେଦି ଉଠିବ ଏହି ତଟିନୀ-ମୁଖେ ।
ନ ଦିଶିବ ସିଂଧୁ-ପରଶେ ବାଳ ଭନୁ ବିଭବ,
ଅରୁଣ-କଂପନେ ସାଗର-ପୂରେ ହାଟକ-ଦ୍ରବ ।

ଉପର୍ଯ୍ୟୁକ୍ତ ପଂକ୍ତିମାନଙ୍କରେ ବହୁ ପ୍ରତୀକ୍ଷିତ ପ୍ରଭତ ହୋଇଛି । କୋଣାର୍କ ମନ୍ଦିରର ସମୁଦ୍ର କୂଳରେ ଏହି ସୂର୍ଯ୍ୟୋଦୟର ବର୍ଣ୍ଣନାରେ କବି ଏ ଦେଶର ଅନ୍ୟାନ୍ୟ କବିମାନଙ୍କୁ କି ପ୍ରାଚୀନ କି ଆଧୁନିକ, ସମସ୍ତଙ୍କୁ ଏହି ଚିତ୍ର ଅଙ୍କନ କରିବାରେ ପରାଭୂତ କରି ଅଛନ୍ତି । କି ଅସାଧାରଣ ସୌଷ୍ଠବ ମଣ୍ଡିତ ଶବ୍ଦ-ବିନ୍ୟାସ ! କି ଜୀବନ୍ତ ଦୃଶ୍ୟର ବର୍ଣ୍ଣନା !

## ଶବ୍ଦ–ବିନ୍ୟାସର ବୈଶିଷ୍ଟ୍ୟ—

ଏପରି ଇତିହାସ-ପ୍ରୀତି ଓ ଶବ୍ଦ-ଅର୍ଥ ସମନ୍ୱିତ ସୁନ୍ଦର ଚିତ୍ର ଅନ୍ୟ କବିଙ୍କଠାରେ ଦୁଷ୍ପ୍ରାପ୍ୟ । କାହାର ଏପରି ଅପରିମେୟ ଅତୀତ ଶ୍ରଦ୍ଧା ଅଛି ? କେତେଜଣ ଲେଖକ କିମ୍ବା କବି ଫଟୋଗ୍ରାଫର ଭଳି ସୂର୍ଯ୍ୟୋଦୟର ଏ ବିଭବ ଦେଖାଇ ପାରିଛନ୍ତି ? ଶବ୍ଦ ଓ ଅର୍ଥର ଏହି "ସୌଭ୍ରାତ୍ର ସମ୍ବନ୍ଧ"ର ନିଗୂଢ଼ ଅର୍ଥ ହେଲା —ଯାହା କବିର ଅଭିପ୍ରେତ, ଅଥବା କବିର ଭବମୟ ବିଶେଷ ଅର୍ଥକୁ ବୁଝାଏ, ସେଇଟି ହେଉଛି 'ଅସଲ' ଶବ୍ଦ । ଏହି ଶବ୍ଦକୁ walter pater କହିଛନ୍ତି, "The unique word" ଅର୍ଥାତ୍ – ଅଦ୍ୱିତୀୟ ଶବ୍ଦ । ତଦ୍‌ବାଚକ ଅନେକ ଶବ୍ଦ ଥିଲେ ମଧ୍ୟ ସାଧାରଣ ଭବରେ କହିବା ନିମନ୍ତେ ଅଭିପ୍ରେତ ଯେଉଁ ଅର୍ଥ ତାହାର ବିଶେଷାଭିଧାୟୀ, ଅର୍ଥାତ୍ ବିଶିଷ୍ଟବାଚକ ଯାହା, ତାହାହିଁ ପ୍ରକୃତ ଶବ୍ଦ । 'ଘନ–

Digitized by PPRACHIN, SOA

ମୁଦିର ଘଟା', କୃଷ୍ଣ ଘନ ଚୂଳ', 'ତାମସ-କଲୁଷ-ପୀଡ଼ନେ ଯଥା ସ୍ୱଚ୍ଛ ବିବେକ', 'ଦୂର ଗିରି ଧୂମ୍ର ପ୍ରାଚୀର', 'ଦିଗନ୍ତ—ପ୍ରସାରେ ଦିଶଇ ଦିଗ ଚୂର୍ଣ୍ଣ-କୁନ୍ତଳ' ପ୍ରଭୃତି ଶବ୍ଦ ବିନ୍ୟାସ-ପ୍ରଣାଳୀରେ ଯେଉଁ ବୈଶିଷ୍ଟ୍ୟ ଦେଖାଯାଏ, ତା' ସ୍ଥାନରେ ଅନ୍ୟ ପଦ ବ୍ୟବହାର କରିବା ବିଡ଼ମ୍ବନା ମାତ୍ର । କେହି କେହି ଚିତ୍ରକର ସମୁଦ୍ର କୂଳରେ ସୂର୍ଯ୍ୟୋଦୟର ଛବି ଅଙ୍କନ କରି ପାରିଥାନ୍ତି, କିନ୍ତୁ ନୀଳକଣ୍ଠଙ୍କର ଏ ବର୍ଣ୍ଣନାରେ ବିଶେଷତ୍ୱ ଅଛି । ଏଠାରେ ସେହି ବିଶିଷ୍ଟ ତାତ୍ପର୍ଯ୍ୟବ୍ୟଂଜନ ଅର୍ଥକୁ ଅତି ସୁଷମାନ୍ୱିତ କରିଅଛି । କାମ ଚଳାଇବା ନିମନ୍ତେ ଏପରି ଏକ ସ୍ୱଶି, ଶବ୍ଦ ଓ ପଦ ମଧ୍ୟରେ ଗୋଟିଏ ବସ୍ତୁ, ଗୋଟିଏ ଚିନ୍ତା ନିମନ୍ତେ ଗୋଟିଏ ଶବ୍ଦ - ଅଦ୍ୱିତୀୟ ଶବ୍ଦ, ବାକ୍ୟାଂଶ, ବାକ୍ୟ, ଅନୁଚ୍ଛେଦ. ପ୍ରବନ୍ଧ ଏ ସମସ୍ତର ଗୋଟିଏ ମାତ୍ର ମାନସିକ ବ୍ୟାପାର । ଅଥବା ଅନ୍ତରର ପ୍ରତିଭାନରୁ ସଂପୂର୍ଣ୍ଣ ରୂପେ ଉପଯୁକ୍ତ । ଏହାର ଚୂଡ଼ାନ୍ତ ନିଦର୍ଶନ ତଥା ବିଶେଷାଭିଧ୍ୟାୟୀ ଶବ୍ଦର ପ୍ରୟୋଗ ନିମ୍ନଲିଖିତ ପଂକ୍ତି ଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରତିଭାତ । କବି କହିଛନ୍ତି,

"ଅରୁଣ-କିରଣ ବିତାନ ପଛେ ଉଠିଲେ ରବି,
ତରଳ-ସାଗର-କଂପନ-ପଛେ ହାଟକ-ଛବି;
ପରିଧି-ପ୍ରସାରେ ଚଞ୍ଚଳ ସିନ୍ଧୁ ଭେଦି କ୍ରମଶେ,
ଚପଳ-ହାଟକ-ଦ୍ରବେ କି ଖଣ୍ଡ-ମଣ୍ଡଳ ଭସେ ?
ବୃତ୍ତାଭାସ ପରି ଦିଶିଲା ଉଠି ଅର୍ଦ୍ଧ-ମଣ୍ଡଳ,
ବର୍ତ୍ତୁଳିତ-ପ୍ରାନ୍ତ-ଡ଼ମ୍ବରୁ କ୍ରମେ ଦିଶେ ସୁନ୍ଦର ।
ଉଠିଆସେ ବିମ୍ବ. ଅଳପ ଲାଗି ରହିଲା ନୀରେ;
ହାଟକ-କଳସ ଭାସିଲା ଛୁଇଁ ମୁଖେ ସାଗରେ ।
ଛିଡ଼ିଲା ଚମକେ କଳସି-କଣ୍ଠ, ଉଠିଲା ବିମ୍ବ;
ଦେଇଁପଡ଼ି କିବା ରଭସେ ରବି କଲେ ଗରବ ?
ହାଟକ-ତରଙ୍ଗ-ବିତାନେ ନୀଳ-ସାଗର-ନୀର,
ସିନ୍ଧୁ-ମଥାମଣି ପରାଏ ରବି-ଖଣ୍ଡ-ଶରୀର
ରହିଗଲା, ଏଣେ ଉଠିଲେ ଭାନୁ ଗଗନ-ଚୂଳେ,
ସ୍ୱର୍ଣ୍ଣ-ଖଣ୍ଡ ଭାସି ଉଠିଲା ନୀଳ-ଜଳଧି-ଜଳେ ।
ବାଳୁତ-ନୟନେ ବୁଝିଲି ନାହିଁ ବିଜ୍ଞାନ-ଗଣି,
ଏବେ ବି ବାଳକେ ସେ ଛବି ଝୁରି ହୁଅଇ ଗୁଣି ।"

Digitized by PPRACHIN, SOA

ଏଠାରେ କବି କେତେଗୁଡ଼ିଏ ଶବ୍ଦ-କଳ୍ପର ପ୍ରୟୋଗ କରି ଅଛନ୍ତି । ଆଧୁନିକ କବିମାନେ ଶବ୍ଦ-ଚିତ୍ର କିମ୍ବା ଶବ୍ଦ କଳ୍ପ (Imagery) ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି । କିନ୍ତୁ ଏ ଶବ୍ଦ କଳ୍ପର ସୂତ୍ରପାତ ଯେ ନୀଳକଣ୍ଠଙ୍କ ଲେଖନୀରୁ, ତାହା ଏ ପର୍ଯ୍ୟନ୍ତ ଅଳ୍ପ କବି ଓ ସମାଲୋଚକ ଧରି ପାରିଛନ୍ତି । ଏଠାରେ 'ଡମ୍ବରୁ" "ହାଟକକ-ଇସ" 'କଳସୀ-କଣ୍ଠ' ଓ 'ସିନ୍ଧୁ-ମଥାମଣି' ଏହି ନୂତନ ରୂପ କଳ୍ପରେ କବି ସୂର୍ଯ୍ୟୋଦୟକାଳୀନ ଦୃଶ୍ୟ ଚିତ୍ରଣ କରି ଅଛନ୍ତି । ବିଂବ ଯେତେବେଳେ ଆକାଶରେ ଦେଖାଗଲା, ସେତେବେଳେ ସମୁଦ୍ର-ବକ୍ଷରେ ସୁନା ତରଳାଇ ଢାଳି ଦେଲା. ବର୍ତ୍ତୁଳ ଡମ୍ବରୁର ପ୍ରାନ୍ତ ପରି ବିମ୍ବ ଦେଖାଗଲା । ଗୋଟିଏ ସୁନାର କଳସ ଯେପରି ମୁହଁ ମାଡ଼ି ସମୁଦ୍ରରେ ଭସୁଛି, ସେହିପରି ଦିଶିଲା । କଳସୀର କଣ୍ଠ କ୍ରମେ ଛିଡ଼ିଗଲା । ସୁବର୍ଣ୍ଣର ତରଙ୍ଗ ପ୍ରସାରରେ ନୀଳ ସାଗରର ନୀର ନାଚି ଉଠିଲା । ସୂର୍ଯ୍ୟ ପୂର୍ଣ୍ଣ ରୂପେ ଆକାଶରେ ପ୍ରତୀୟମାନ ହେଲେ । କିନ୍ତୁ ନୀଳ ଜଳଧି ଜଳରେ ସ୍ୱର୍ଣ୍ଣଖଣ୍ଡ ଭସି ରହିଲା । ଏ ସବୁର ଅବଶ୍ୟ ବୈଜ୍ଞାନିକ କାରଣ ଅଛି । କବି ସେତେବେଳେ ବାଳକ ଥିଲେ । ବର୍ତ୍ତମାନ ସେ ଛବି ମନେ ପକାଇ ଝୁରି ହେଉଛନ୍ତି । କାହିଁ ? ଓଡ଼ିଆ କାବ୍ୟ କବିତାରେ ଏହାର ପଟାନ୍ତର କାହିଁ ? ରାଧାନାଥ ତ ଏ ସୁବିଧା ପାଇଥିଲେ ଓ ତାଙ୍କର କାବ୍ୟ ନାୟିକା ଚନ୍ଦ୍ରଭାଗା ଏହି ସାଗର କୂଳରେ କନ୍ଦୁକ-କ୍ରୀଡ଼ାରେ ରତ ଥିଲେ । ସେ ଲେଖିଲେ,

"ନୀଳ ପାରାବାର ଅଦୂରେ ଗାଏ ଅମର ଗୀତ
ଅମର ତରଙ୍ଗେ ନର୍ତ୍ତନେ ବେଳା ହୁଏ ଧ୍ୱନିତ ।"

କିନ୍ତୁ ଏଠାରେ ପ୍ରଭାତ କାଳୀନ ଦୃଶ୍ୟର ବର୍ଣ୍ଣନା କାହିଁ ? ଚିତ୍ରକରର ଏ ଶାବ୍ଦିକ ଅଙ୍କନ କାହିଁ ? ଏହାହିଁ "ରମଚଣ୍ଡୀରେ ରାତି ଓ ସକାଳ" କାବ୍ୟାଂଶକୁ ଓଡ଼ିଆ ସାହିତ୍ୟରେ ଅପରୂପ ଲାବଣ୍ୟରେ ମଣ୍ଡିତ କରିଅଛି ।

## 'କୋଣାର୍କେ' ପ୍ରାଚୀନ ଗୌରବ ବିମଣ୍ଡିତ ରତ୍ନଗର୍ଭ

"'କୋଣାର୍କେ' କାବ୍ୟ ଆମୂଳଚୂଳ ନାଟକୀୟ ଛଟାରେ ପରିବୃତ । ନାଟ୍ୟକାର କେବଳ କବି ଯେ କି କାବ୍ୟାଂଶରେ ଏକମାତ୍ର କଥକ । ଚଳଚିତ୍ରରେ ବିଭିନ୍ନ ଛବି ପରଦା ଉପରେ ଦଣ୍ଡେ ମାତ୍ର ରହି ଉଭେଇ ଯାଏ, କିନ୍ତୁ ଦର୍ଶକ-ମାନଙ୍କ ପ୍ରାଣରେ ସ୍ମୃତି ରେଖା ଆଙ୍କିଦିଏ । ସେହିପରି କବି ଏଠାରେ ସ୍ୱପ୍ନ ପର୍ଯ୍ୟାୟ ମଧ୍ୟରେ ଏହି ଐତିହାସିକ ଭୂମିର ଘଟଣା ମାନ ଛାତ୍ରମାନଙ୍କୁ ବୁଝାଇ ଅଛନ୍ତି । ସେ ସ୍ୱପ୍ନ ବାଣୀର କେତେକ ଉଦାହରଣ ଦେବା ଏଠାରେ ନିତାନ୍ତ ଆବଶ୍ୟକ ବୋଲି ମନେହୁଏ ।

Digitized by PPRACHIN, SOA

"ଶୋଇଛ ତ ଏବେ ଶୁଣିବ, କେତେ ସ୍ୱପନ-ବାଣୀ,
କାଳ-ରୀତି ସବୁ ଦେଖିବ, ପ୍ରତି ଲୋମେ ଉଜାଣି ।
ଦେଖିବ ହେ କେତେ ବିଭବ ପ୍ରାଣ-ପୁଲକ-ଭରେ,
ସମର-ଦୁଂଦୁଭି ଶୁଣିବ ରୁଦ୍ଧ ଚଉଦୁଆରେ;
ଯାଜପୁର-କୁଣ୍ଡେ ପଡ଼ିବ ଅଶ୍ୱମେଧ-ଆହୁତି;
ତୋସାଲି କଟକେ ରମଣୀ-ତୁଙ୍ଗ-ରାଜନ୍ୟ-ନୀତି;
ଶିଳ୍ପୀ ପଣ୍ୟଜୀବୀ ପଣ୍ଡିତ, ପୁଣି ଦେଖିବ ବୀରେ;
ଭୀମ ରଣଭେରୀ ଶୁଣିବ ବାରବାଟୀ ଦୁଆରେ;
ଶତ ଗିରି ଦୁର୍ଗ ଉହ୍ଲେ ନାଚିଯିବ ନୟନେ;
କୃଷକ-ବାହିନୀ ଉଠିବେ ଗ୍ରାମ ନଗର ବନେ;

ଏହି ପଂକ୍ତିଗୁଡ଼ିକ କି ରତ୍ନଗର୍ଭ । ଅଳ୍ପ କଥାରେ ପ୍ରାଚୀନ ଉତ୍କଳର ଗୌରବ ମହିମାକୁ ରୂପାୟିତ କରିବାରେ କବି-ମନୀଷାର କି ଅପୂର୍ବ ଦକ୍ଷତା ! ଏଥିରେ ଐତିହାସିକ ସତ୍ୟର କୌଣସି ଅପଳାପ ନାହିଁ । ପୁଣି ନବ ନବ ଘଟଣାର କି ସୁନ୍ଦର ସନ୍ନିବେଶ । ଏହାର ଟୀକା ଲେଖିବାକୁ ଗଲେ ଗୋଟିଏ ଗ୍ରନ୍ଥ ହେବ । ଓଡ଼ିଶାର ପ୍ରାଚୀନ ଇତିହାସକୁ ଏତେ ବ୍ୟାକୁଳ ପ୍ରାଣରେ କିଏ ଗବେଷଣା ଓ ଅଧ୍ୟୟନ କରିଛି ? କିଏ ସେହି ଘଟଣା ସ୍ରୋତରେ ନିଜକୁ ଏପରି ଭାବରେ ମିଶାଇ ଦେଇ ଛାତ୍ରମାନଙ୍କୁ ଅତୀତ ପ୍ରୀତିରେ ଉଦ୍‌ବୁଦ୍ଧ କରିଛି ?

## 'କୋଣାର୍କ' ଓଡ଼ିଶାର ଇତିହାସ ଗାଥା –

ବାରବାଟୀ ପୂର୍ବରୁ ଚଉଦ୍ୱାର ଓଡ଼ିଶାର ରାଜଧାନୀ ଥିଲା । ଯାଜପୁର ଠାରେ କେଶରୀ ବଂଶର ପ୍ରଥମ ରାଜା ଯଯାତି କେଶରୀ ଦଶଟି ଅଶ୍ୱମେଧ ଯାଗ କରିଥିଲେ । ତୋଷାଳୀର କର ବଂଶରେ ଦଣ୍ଡ ମହାଦେବୀ ନାମକ ଜଣେ ଅତି ପ୍ରଖ୍ୟାତ ନାମ୍ନୀ ଗୁଣବତୀ ଓ ଓଜସ୍ୱିନୀ ରମଣୀ ସମ୍ରାଟ ହୋଇଥିଲେ । ବର୍ତ୍ତମାନ ଧଉଳିଗିରି ତୋଷାଳୀ ସାମ୍ରାଜ୍ୟର ରାଜଧାନୀ ଥିଲା ବୋଲି ପଣ୍ଡିତମାନେ ଅନୁମାନ କରନ୍ତି । ଓଡ଼ିଶାର ନାନା ସ୍ଥାନରୁ ଦଣ୍ଡି ମହାଦେବୀଙ୍କ ଶାସନ ବିଷୟରେ ତମ୍ବାପଟା ମିଳୁଅଛି । ଓଡ଼ିଶାର କୃଷକମାନେ ସର୍ବଦା ଶ୍ରମିକ ଶ୍ରେଣୀଭୁକ୍ତ ଥିଲେ (Peasant militia) ସାଧାରଣତଃ ମେଘାସନଠାରୁ ମହେନ୍ଦ୍ର ପର୍ଯ୍ୟନ୍ତ ଓଡ଼ିଶା ବ୍ୟାପିଥିଲା । ଗଙ୍ଗବଂଶୀୟ ରାଜାମାନେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଖାରବେଳଙ୍କ ସମୟରେ ମଗଧର ଉତ୍ତର ସୀମା ହିମାଳୟର ପାଦଦେଶରୁ କୁମା[illegible]ର୍ଯ୍ୟନ୍ତ ସବୁଟା କଳିଙ୍ଗ ରାଜ୍ୟ ଥିଲା । ଖଣ୍ଡଗିରିରେ

Digitized by PPRACHIN, SOA

ମିର୍ଜ ଥିବା ଖାରବେଳଙ୍କ ପଥର ଲେଖାରୁ ଏହା ସ୍ପଷ୍ଟ ବୋଲି ଗ୍ରନ୍ଥ ଟୀକାରେ ଦର୍ଶା ଯାଇଅଛି । ଏହି ଉକ୍ତି କେତେଦୂର ସତ୍ୟ, ଖାରବେଳଙ୍କ ଅନୁଶାସନ ଦ୍ୱାରା ତାହାର ଅଭ୍ରାନ୍ତ ପ୍ରମାଣ ପାଲିରୁ ସଂସ୍କୃତରେ ଅନୁବାଦିତ ହୋଇ ଏହା କଲିକତା ବିଶ୍ୱବିଦ୍ୟାଳୟର ପାଲି ଅଧ୍ୟାପକ ସ୍ୱର୍ଗତ ବେନିମାଧବ କରୁଆଁଙ୍କ ଦ୍ୱାରା ୫ ବର୍ଷର ପ୍ରଗାଢ଼ ପରିଶ୍ରମ ଫଳରେ ପାଠ କରା ଯାଇଅଛି ।

'ମାଗଧାନାଂ ଚ ବିପୁଳଭୟଂ ଜନୟତେ ହସ୍ତ୍ୟଶ୍ୱଂ ମଙ୍ଗାୟାଂ ପାୟୟତି ।" ଏହାର ଓଡ଼ିଆ ଅନୁବାଦ – ଦ୍ୱାଦଶ ବର୍ଷରେ ଉତ୍ତରପଥ ରଜାମାନଙ୍କର ଭୟ ଉତ୍ପାଦନ କରିଥିଲେ । ମଗଧବାସୀଙ୍କ ହୃଦୟରେ ବିପୁଳ ଭୟ ଜାତ କରାଇ ହସ୍ତୀ ଓ ଅଶ୍ୱମାନଙ୍କୁ ଗଙ୍ଗାଜଳ ପିଆଇଥିଲେ । ଅର୍ଥାତ୍ ମଗଧ ଆକ୍ରମଣ କରି ସୈନ୍ୟମାନଙ୍କୁ ଗଙ୍ଗା କୂଳରେ ରଖାଇଲେ । ମଗଧରାଜ ବୃହସ୍ପତି ମିତ୍ରକୁ ପରାସ୍ତ କରିଥିଲେ । ବହୁ ବର୍ଷ ପୂର୍ବରୁ କଳିଙ୍ଗରୁ ନନ୍ଦ ରଜାଙ୍କ ଦ୍ୱାରା ନୀତ 'ଜୀନାସନ'ଙ୍କୁ ଅଙ୍ଗମଗଧ ଦେଶରୁ ବିଜୟର ସ୍ମାରକୀ ସ୍ୱରୂପ ଅସଂଖ୍ୟ ସୈନ୍ୟବାହିନୀ ପଟୁଆର ମଧ୍ୟରେ କଳିଙ୍ଗକୁ ଘେନି ଆସିଥିଲେ । (*) ସେ ସବୁର ବର୍ଣ୍ଣନା ନିମ୍ନଲିଖିତ ପଂକ୍ତିମାନଙ୍କରେ ଅପରୂପ ଭଙ୍ଗୀ ଲାଭ କରିଅଛି ।

ଯଥା — "ସାମନ୍ତ-ରଜନେ ଆସିବେ ବୀର ସଇନି ଘେନି,
ଦୂତ ଅଶ୍ୱପତି-ନବରୁ ଦୂତ ଆସିବ ପୁଣି ।
ମନ୍ତ୍ରୀ-ସେନାପତି-ଗହଣେ ନୃପ ଗଲେ ଭିତରେ,
ଉନ୍ମାଦେ ବିଭବ ବଖାଣି ବନ୍ଦୀ ଗାଇଲେ ସ୍ୱରେ;
ବ୍ୟାଘ୍ର-ନରପତି-ସୁଯଶ; ଖାରବେଳ-କୀରତି;
ଧାର୍ମିକ ଅଇର ରଜନ, ତୁଙ୍ଗ-ବୀର ଯଯାତି;
କର-ନୃପ-କୁଳେ ଯୁବତୀ ରାଣୀ ମହିମାମୟୀ,
ଗିରି ବନ ନଦୀ ମହତ ଯାର ମହିମା ବହି;

ପ୍ରାଚୀନ ମହାନଦୀ ଓ ତାହାପରେ ତାହାର ଦି'ପାଶରେ ନିର୍ମିତ ଗୋଲକୁଣ୍ଡା ପ୍ରଭୃତି ପାଞ୍ଚଟି ରାଜ୍ୟର ରଜାମାନଙ୍କୁ ପ୍ରାଚୀନ ଐତିହାସିକମାନେ ଅଶ୍ୱପତି ନାମ ଦେଇ ଅଛନ୍ତି । ସେ କାଳର ବନ୍ଦୀମାନଙ୍କ ଗାଥାରେ ଏ ସବୁ ବିଷୟ ବର୍ଣ୍ଣିତ ହୋଇଅଛି । ପ୍ରାଚୀନ ଉତ୍କଳର ଇତିହାସ ଏତିକିରେ ଶେଷ ହୋଇନାହିଁ । ତାପରେ ଇତିହାସ ସହିତ କେତେ କିମ୍ବଦନ୍ତୀ ଓ ପ୍ରବାଦ ରହିଛି । ଏହି ପ୍ରବାଦମାନଙ୍କ ଭିତରେ

(*) ଖାରବେଳ – ଲେଖକ ଶ୍ରୀ କେଦାରନାଥ ମହାପାତ୍ର । ପୃ–୮୦

Digitized by PPRACHIN, SOA

ପ୍ରଚ୍ଛନ୍ନ ଭବରେ ରହିଛି ଐତିହାସିକ ସତ୍ୟ । ଗଙ୍ଗାନଦୀକୁ ଓଡ଼ିଶାକୁ ଆଣିବା ଅର୍ଥାତ୍ ତ୍ରିବେଣୀଠାରୁ କଟକ ପର୍ଯ୍ୟନ୍ତ ଆଣିବା ନିମନ୍ତେ ମୁକୁନ୍ଦଦେବ ତ୍ରିବେଣୀ ତଟରେ କିପରି ତପସ୍ୟା କରୁଥିଲେ, ଦାକ୍ଷିଣାତ୍ୟର ଉତ୍ତର ପଶ୍ଚିମ ଭଗରେ ଥିବା କନ୍ଦବର୍ତ୍ତକୁ ଅନଙ୍ଗଭୀମଦେବ କିପରି ଜୟ କରିଥିଲେ, ତାଙ୍କ କଳ୍ପିତ ଗଜପତି ଉପାଧିରେ କିପରି 'ବୀରଶ୍ରୀ ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ପ୍ରଭୃତି ଅଙ୍କିତ ହେଉଥିଲା ଏବଂ କିପରି ଗୋଟିଏ ବିଦ୍ରୋହ ଦମନ କରି ଓଡ଼ିଶାର କେତେକ କୈବର୍ତ୍ତ (ନାବିକ) ତାମ୍ରଲିପ୍ତିରେ ନୂତନ ନଗର ବସାଇଥିଲେ, ଏ ସବୁ କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ଏହି କୈବର୍ତ୍ତମାନଙ୍କ ବଂଶଧରମାନେ ଏବେ ମେଦିନୀପୁରରେ ମାହିତି ବୋଲି ପରିଚିତ । ଏହି ସବୁ ପ୍ରବାଦ ଅତି କ୍ଳୃପ୍ତ ଓ ରମଣୀୟ ଭବରେ ଏଥିରେ ବର୍ଣ୍ଣନା କରଯାଇଛି ।

"ତାମ୍ରଲିପ୍ତି-ପୁର ବିଦ୍ରୋହ କେହୁ ଏକାକୀ ବୀର
ବାଣିଜ୍ୟେ ବୋଇତେ ଆଦରି, ହେଲେ ଅଗତି-ଚର;
ଇର୍ଜ୍ଜିତ-ଗ୍ଲନେ ବଣିକେ ତରବାରୀ ଆସ୍ଫାଳି,
କୈବର୍ତ୍ତ-କୀରତି ଟେକିଲେ ଜଳଦସ୍ୟୁ ସଂହାରି;
ବିଦ୍ରୋହ ଭଜିଲା ନିଉନ, ତହିଁ କୈବର୍ତ୍ତେ ରହି,
ଉତ୍ତର-ଉତ୍କଳ-ପତନେ ଦେଲେ ପୁର ଫିଟାଇ ।

ଗ୍ରନ୍ଥ ଟୀକାରେ ଉଲ୍ଲେଖ ଅଛି, କେଉଁ ରଜାଙ୍କ ସମୟରେ ଏ ସବୁ କେବେ ଘଟିଥିଲା, ତାହା ଏ ପର୍ଯ୍ୟନ୍ତ ଐତିହାସିକମାନେ ଆବିଷ୍କାର କରି ନାହାନ୍ତି ।

ଯେତେବେଳେ ଧଳ ଭୂମିର ରଜକୁମାରୀ ରଣପୁର ରଜକୁମାରଙ୍କ ସହ ମପିଶା କୂକରେ ମଧୁଶଯ୍ୟା ବିଧାନରେ ଥିଲେ, ସେତେବେଳେ ସେମାନେ ଶୁଣିବାକୁ ପାଇଲେ ଗୌଡରେ ପଠାଣ ସେନା ଅଜ୍ଞାତ ଭବରେ ଉତ୍କଳରେ ପଶିବାକୁ କଳ୍ପନା କରୁଛନ୍ତି । ତେଣୁ ଏ ସମ୍ବାଦ କଟକକୁ ପଠାଇ ସେମାନେ ସମୁଦ୍ର କୂଳକୁ ଗଲେ । ସେଠାରେ ପଠାଣମାନଙ୍କୁ ପ୍ରତିରୋଧ କରିବା ନିମନ୍ତେ ତାମ୍ରଲିପ୍ତର ସେନାବାହିନୀକୁ ପ୍ରସ୍ତୁତ କଲେ ।

"ଗଙ୍ଗା ଭେଦି ଟାକି ରହିଲେ, ଯେବେ ଗଉଡ଼-ସେନା
ଗୋପନେ ବାହାର ହୋଇଲେ, ଗର୍ବେ ହୋଇ ଫୁରୁଣା
ତ୍ରିବେଣୀ-କଟକେ କୁମାର କଲେ ସଇନ ସଜ;
ପଛରୁ ଭେଟିଲେ ବଇରି ଧରି ଉତ୍କଳ-ଧ୍ୱଜ;
ବିଷମେ ପଠାଣ ଅଗତି ପଡ଼ି, ଅଳପ ଯୁଝି,

Digitized by PPRACHIN, SOA

ଛନ୍ଦ ଭଙ୍ଗେ ସନ୍ଧି ଆଚରି, ଗଲେ ରଢ ବରଜି ।
ନୃହନ୍ତି କୁମାର, କୁମାରୀ ସେହୁ. ପଡ଼ିଲା.ଜଣା;
ଉଛଳ ଗଜନ-ସହିତେ ଥିଲେ କୁମାର ସିନା ।
ଆସିଲେ କୁମାରୀ, ଉଛଳ ରଣୀ ତାହାଙ୍କୁ କୋଳେ
ଧରି, ସନମାନେ ବିହିଲେ ବିଧି ସୁତା-ସଂଭରେ;
ବିବାହ-ଉତ୍ସବ ବଢ଼ିଲା ବାରବାଟୀ-ମହଲେ;
ସାମନ୍ତ-ଶେଖର ପଦବୀ ଦେଲେ ସେ ରଣପୁରେ ।
'ନାଗମଣି' ଶାଢ଼ୀ ପାଇଲେ ଧଳଭୂମି ଦୁହିତା ।
'ମଣିନାଗ' ନାମ ବହିଲେ ରଣପୁର-ଦେବତା ।

ରଣପୁରର ଅଧିଷ୍ଠାତ୍ରୀ ଦେବତା ବର୍ତ୍ତମାନ ମଧ୍ୟ ଏହି 'ମଣିନାଗ' ନାମରେ ଅଭିହିତ ହୁଅନ୍ତି ।

ଏହିପରି ଭବରେ ନୀରବ ଇତିହାସର ଶୁଷ୍କ ଘଟଣାରଜିର ବର୍ଣ୍ଣନାରୁ କବି ନୀଳକଣ୍ଠଙ୍କର ଅପୂର୍ବ କାବ୍ୟ କଳା, ତାଙ୍କର ବିରଟ ମନୀଷା, ଅଦ୍ୱିତୀୟ ପଦ ବିନ୍ୟାସ ଭଙ୍ଗୀ ଏବଂ ଓଡ଼ିଶାର ପ୍ରାଚୀନ ଉତ୍କଳ ସହିତ ବହୁ ପ୍ରବାଦ ଓ କିମ୍ବଦନ୍ତୀ-ମାନଙ୍କ ସହିତ ତାଙ୍କର ପରିଚୟ ଏଠାରେ ସ୍ପଷ୍ଟ ଭବରେ ଅନୁମାନ କର ଯାଇପାରେ ।

ସର୍ବ ଶେଷରେ ପୁତ୍ରପ୍ରତିମ ଛାତ୍ରମାନଙ୍କର ଅଦମ୍ୟ ଜିଜ୍ଞାସା ପରିତୃପ୍ତ କରିବା ନିମନ୍ତେ ତାଙ୍କର ଶ୍ଳାଘନୀୟ ସ୍ପୃହା ଏହି କାବ୍ୟରେ ଯେପରି ଅଭିନବ ସୁଷମାରେ ମହିମୋଜ୍ଜ୍ୱଳ ହୋଇଅଛି, ସେହିପରି ପାଠକ ପାଠିକାମାନଙ୍କର ମଧ୍ୟ ଚିରକାଳ ନିମନ୍ତେ ନମସ୍ୟ ହୋଇ ରହିଛି ଓ ରହିବ ।

କାବ୍ୟାଂଶର ଉପସଂହାରରେ କବି ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହି ଅଛନ୍ତି,

'ବାଟ ଭଙ୍ଗି ଗଲ, ତଟିନୀ ମୁଖ-ବିସ୍ତାର ଏଡ଼ି,
ବନ୍ତ-ମୂଳେ-ମୂଳେ କୋମଳ-କୁଶ-ଅଙ୍କୁର ମାଡ଼ି ।
ହେଳାରେ ନ ମାଡ଼ ତଟିନୀ-ଚଳ-ପାବନ-ନୀର;
ଇତିହାସେ ଗଢ଼ା ଏହାର ପର ପୁଣ୍ୟ ଶରୀର !
ଶୁଣିନାହିଁ ବାପା ସେ କଥା, ଘରେ କହିବି ଗଲେ,
ସେ କିରତୀ—ଗାଥା ଅକପେ କୁଳ ଗୃହ-ମହଲେ ।

Digitized by PPRACHIN, SOA

କଳି-ସୁରଧୁନୀ ଏହାରି ପର ଜୀବନ୍ତ ମାତା !
ବିରସ-ବିହାରେ ଏହାରି ଜଳେ ସେ ନରସିଂହ
ଖୋଜି ଦେଖିଥିଲେ କୋଣାର୍କେ ମାୟାଦେବୀ-ବିଗ୍ରହ ।
ସେ ବିହାର-ଫଳେ କୋଣାର୍କ ହେଲା ନଦୀ-ଗରଭେ;
ମାୟା-ରୂପେ ଛାୟା ପରି ହେ ଏଥି ରହିଲେ ଭବେ !
ଏକାମ୍ର-କାନନେ ଭେଟିଲେ ସେହୁ ରାଜକୁମାର;
ପ୍ରଣୟ-ଗରବେ ବରିଲେ ସୁଖେ ଅନ୍ତିମ କାଳ ।
ଶୁଣି ନାହିଁ ବାପା ସେ କଥା, ଘରେ କହିବି ଗଲେ,
ସେ କିରତୀ-ଗାଥା ଅଛପେ କୁଞ୍ଜ ଗୃହ ମହଲେ ।

## ୨-ମାୟାଦେବୀ

'ମାୟାଦେବୀ' ଏକ ଅନବଦ୍ୟ ଓ ଅନିନ୍ଦ୍ୟ ସୁନ୍ଦର କାବ୍ୟ । ଏହା ବନ୍ଦୀ ବା ଭଟ ମୁଖରୁ ନିଃସୃତ ଏକ କିମ୍ବଦନ୍ତୀରୁ ଗୃହୀତ - କିନ୍ତୁ ଏହାର ପୂର୍ବବର୍ତ୍ତୀ କାବ୍ୟାଂଶ ଓଡ଼ିଶାର ପ୍ରାଚୀନ ଇତିହାସ ଉପରେ ପ୍ରତିଷ୍ଠିତ ।

ଏ ମାୟାଦେବୀ କିଏ ? ଏହା କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ବୋଲି କୃପାସିନ୍ଧୁ ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରି ଅଛନ୍ତି । ସେ କହି ଅଛନ୍ତି—"ମାୟା-ଦେବୀ – ଅଧିଷ୍ଠାତ୍ରୀ ଦେବୀ – କୋଣାର୍କ ମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣରେ ଯେଉଁ ମନ୍ଦିରର ଅବଶେଷ ବର୍ତ୍ତମାନ ଅଛି, ତାହା ମାୟାଦେବୀଙ୍କ ମନ୍ଦିର ଥିବାର ଶ୍ରୀ ବିଷନ୍ ସ୍ୱରୂପ କହନ୍ତି । କିନ୍ତୁ ମୋର ଦୁଇଥର କୋଣାର୍କ ଦର୍ଶନରେ ମୁଁ ଅନେକ ବ୍ୟକ୍ତିଙ୍କଠାରୁ ବୁଝିଲି ଯେ ଏହା ରାମଚଣ୍ଡୀଙ୍କ ମନ୍ଦିର ଥିଲା । ଶୁଣିଲି ଯେ ରାମଚଣ୍ଡୀ ଏହି ମନ୍ଦିରରୁ ଯାଇ ବର୍ତ୍ତମାନ ଲିଆଖିଆ ମୁହାଣରେ ପ୍ରତିଷ୍ଠିତ ଅଛନ୍ତି ।"

ଅନ୍ୟତ୍ର ସେ ଲେଖିଛନ୍ତି, "କୋଣାର୍କର ସୂର୍ଯ୍ୟ ନାରାୟଣ ମୂର୍ତ୍ତି ନିଜେ ବୁଦ୍ଧଦେବ ଏବଂ ମାୟାଦେବୀ ତାଙ୍କର ମାତା । ଏହା କିନ୍ତୁ ସଂପୂର୍ଣ୍ଣ ଭ୍ରମାତ୍ମକ ।" ସେ ଯାହାହେଉ – ମାୟାଦେବୀଙ୍କ ସଂପର୍କରେ ଏତେ କିମ୍ବଦନ୍ତୀ ଓ ପ୍ରବାଦ ପ୍ରଚଳିତ ଥିବା ଯୋଗୁ ସତ୍ୟବାଦୀ ଗୋଷ୍ଠୀ କଦାପି ମାୟାଦେବୀଙ୍କୁ ଇତିହାସ ବା କାବ୍ୟରୁ ବାଦ ଦେଇ ନ ପାରନ୍ତି । ତେଣୁ ନୀଳକଣ୍ଠ ଥରେ ଗଡ଼ଜାତ ଭ୍ରମଣରେ ଗଲାବେଳେ ଜଣେକ ନିଃସ୍ୱ ଭଟଠାରୁ ଅକସ୍ମାତ ଯେଉଁ ଗାନ ଶୁଣିଲେ, ସେହି ଗାନର ପ୍ରବାଦକୁ ଅବଲମ୍ବନ କରି ଯେଉଁ କାବ୍ୟ ରଚନା କଲେ, ତାହାହିଁ ହେଲା "ମାୟାଦେବୀ ।"

Digitized by PPRACHIN, SOA

ଏକଥା କବି ନିଜେ ମୁକ୍ତ କଣ୍ଠରେ ପ୍ରାରମ୍ଭରୁ ସ୍ୱୀକାର କରି ଅଛନ୍ତି । ତାଙ୍କ ପ୍ରାରମ୍ଭ ଭଷଣରେ ଅଛି,

"ବାଲ୍ୟ ତ ବୟସେ ସରଳ ବିହାରେ
ତରଳ-ବିଳାସେବୁଲୁଛ ବାପା,
ଗୁରୁ ଶୁଶ୍ରୁ ଭେଦି କୁଳପତି-ଭଷେ
କି ସୁଖ ଲଭିବ, ଶୁଣିବ କିମ୍ବା ?
× × × ×
ସରଳ ପୀରତି ପରଣ ତବ ହେ,
କି ଶୁଣିବ ? ମୁହିଁ କହିବି କିସ ?
ଜଗତର ଯେତେ ଅନୁଭବ ଜାଣେ
ଅମୃତରେ ତହିଁ ମିଶିଛି ବିଷ ।

ନୀଳକଣ୍ଠ ନିର୍ଭୀକ ଭବରେ କହି ଗ୍ଲିଛନ୍ତି, "ଥରେ ମୁଁ ଗଡ଼ଜାତକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲି । ସାଙ୍ଗରେ ଜଣେ ଆତ୍ମୀୟ ବନ୍ଧୁ ଥିଲେ, ଯେଉଁ ଗଡ଼ଜାତରେ "ପ୍ରେତ-ଛାୟା ପରି ପୁରଣ ଉତ୍କଳ ଉଡ଼େ ଯହିଁ ଏବେ ବିପିନ-ବାତେ" ସେହି ଗଡ଼ଜାତ ବାଟରେ ହାତୀ ଉପରେ ବସି ଯାଉଥିବା ବେଳେ ଘୋର ବର୍ଷା ହେଲ । ସନ୍ଧ୍ୟାରେ ଗୋଟିଏ 'ପାନ୍ଥ-ନିବାସ'ରେ ବିଶ୍ରାମ ନେଲୁ । ସେହି ପାନ୍ଥ-ନିବାସରେ ଭଟ ସହିତ ଆମର ଆଳାପ ହେଲ ।

ବସିଲ ଆସି ସେ ଛାୟା ପରି ପାଶେ
ଭ୍ରମଣ-ସୋହାଗେ ହେଲ ପରତେ,
ବିପିନ-ବିହାରୀ ପୁରଣ କୀରତି
ଆସି ମିଳିଲକି ଆପେ ପୁରତେ ?

ସେ ଆମକୁ କଣ ମାଗିବାକୁ ଗ୍ହୁଁଥିଲ । କିନ୍ତୁ ସଂକୋଚରେ ତା ପାଟିରୁ କଥା ବାହାରୁ ନଥାଏ । ମୁଁ ପଗ୍ଚରିଲି,

"କି ବେଉସା ତବ ଏ ଜଙ୍ଗଲ ଦେଶେ ?
ବିପଞ୍ଚୀରେ କିବା କର ହେ ଏଥି ?
ସଙ୍ଗୀତ-ରଭସେ ହେବାକୁ ସୋହାଗୀ
ସଙ୍ଗତରେ ଆଉ କାହନ୍ତି ସାଥୀ ?"

ସେ ବର୍ତ୍ତମାନ ମୁଖ ଫିଟାଇ କହିଲ, ସଙ୍ଗୀତ ତ ଆମ କୌଳିକ ବ୍ୟବସାୟ ; ସଙ୍ଗୀ ଆମର କଣ ହେବେ ।

Digitized by PPRACHIN, SOA

"ଭଟ ବୋଲି ଏବେ ବୋଲନ୍ତି ଆମ୍ଭଙ୍କୁ,
ଅଛି ନାମ, ନାହିଁ କୀରତି କଳା ।
ସ୍ୱାଧୀନ ସାମନ୍ତ— ଗଜନ ନାହାନ୍ତି
କର ବସି ଏବେ ଜାଗିରି ଗଲା ।"

ଆମେ ତ ବୀର ଗଜପତିଙ୍କ ସେନାମାନଙ୍କ ଆଗେ ଆଗେ ଚାଲୁଥିଲୁ । ଆମକୁ ଅଗ୍ରବନ୍ଦନା ଦିଆ ଯାଉଥିଲା । ଗଜପତି ଆମ ଗଡ଼ଙ୍କ ତକୁ ଆସିଲେ, ଆମକୁ ଡ଼ାକି ବନ୍ଦୀଗୀତ ଶୁଣି ପାଟଶାଢୀ ପ୍ରଭୃତି ଉପହାର ଦେଉଥିଲେ । ଆମ ବିବାହାଦିରେ ରଜାଙ୍କ ଘରୁ ହାତୀ ମିଳୁଥିଲା । ଆମପାଇଁ ରାଜପୁର ସର୍ବଦା ଉନ୍ମୁକ୍ତ ଥିଲା । ଏବେ ଆମ ବେଳକୁ ସବୁ ଶୂନ୍ୟ । ସେ ସ୍ୱାଧୀନ ଗଜପତି ନାହାନ୍ତି, କି ସେ ଜାଗିରି ନାହିଁ । କିଏ ଜାଣିଥିଲା, ଏପରି ନାରଖାର ! ଆମ କର୍ମରେ ଲେଖାଅଛି । ଏବେ **ବାରଦ୍ୱାର** ବୁଲି ଆମକୁ ଭିଖ ମାଗିବାକୁ ପଡୁଛି ।

ମୁଁ କହିଲି, "ଭାଇ ! ଭଲ କରି ସେ କାଳ କଥା ସ୍ମରଣ କରି ଗୀତଟିଏ ଗାଅ । ଆମର ଶୁଣିବାକୁ ଭାରି ଇଚ୍ଛା ହେଉଚି ।

"ପଲ୍ଲୀ-ବନ ଭେଦି ଉଠେ ଧୂମ ଲେଖା,
ମିଶିଯାଏ ଘନ-ନୀଳିମ-ଭାସେ;
କ୍ଷୀଣ ସ୍ମୃତି ତବ କବିତ୍ୱ-ବିଳାସେ
ମିଶିଯାଉ ପ୍ରାଣ-ତରଙ୍ଗ-ରସେ ।"

ଏହା ଶୁଣି ଦରିଦ୍ରୀଭୂତ ଭାଟର ମଳିନ ବିଗ୍ରହ ଜୀବନ୍ତ ଦିଶିଲା । ନୟନରେ ଜ୍ୟୋତି ଫୁଟି ଉଠିଲା । ପ୍ରଥମେ ପ୍ରଥମେ ଅବଶ୍ୟ ଭାଟ ବୀଣାର ତାରରେ ଆଙ୍ଗୁଠି ମାରି ମୁଖ ଭଙ୍ଗୀ କରି ମୁଣ୍ଡ ହଲାଇଲା । ସେହି ଭାଟର କଥା ଯାହା ମୁଁ ସେଦିନଠାରୁ ଲେଖି ରଖିଚି, ତାହା ଶୁଣ ବୋଲି, ନୀଳକଣ୍ଠ ଛାତ୍ରମାନଙ୍କୁ କହିଚନ୍ତି;

"ବହୁ-କ୍ଷଣ-ପରେ ନେତ୍ର-ବିସ୍ଫୋରଣେ
ସୁଖ-ହାସେ ହସି ଚାହିଁଲା ମୁଖେ;
ଲହରେ ଲହରେ ଫିଟିଲା କବିତା
ବାଜିଲା ବିପଞ୍ଚୀ ତରଳ-ସୁଖେ ।
ସେହି ଗାଥା ଶୁଣ, ଲେଖି ମୁଁ ରଖିଛି,
ବନ୍ଦି-ମୁଖ-ସ୍ୱର-କବିତ୍ୱ-ଭାଷେ,
ପୁରାଣ ବିଭବ କୀରତି-କାହାଣୀ
କୋଣାର୍କ-ଜାତକ ସ୍ମୃତି-ବିଳାସେ ।

Digitized by PPRACHIN, SOA

## ଅଧ୍ୟାପକ ଶତପଥୀଙ୍କ ସମାଲୋଚନା—

ପ୍ରଥମରୁ କୁହା ଯାଇଛି, 'ମାୟାଦେବୀ'ର ବିଷୟବସ୍ତୁ ବନ୍ଦୀ-ମୁଖ ନିସୃତ କଥା । ଏହା ଉପରେ କାହାର ପ୍ରଭାବ ପଡ଼ିନାହିଁ । ସେ ରାଧାନାଥଙ୍କୁ କୌଣସିଠାରେ ଅନ୍ଧ ଅନୁକରଣ କରି ନାହାନ୍ତି । ତେଣୁ ମାୟାଦେବୀ କାବ୍ୟ ପଢି ମାନସିକ ଦ୍ୱନ୍ଦ୍ୱ ହେବାର କୌଣସି ସମ୍ଭାବନା ନାହିଁ । ନୀଳକଣ୍ଠଙ୍କ 'ରାମଚଣ୍ଡୀରେ ଗତି ଓ ସକାଳ' କାବ୍ୟାଂଶରେ ରାଧାନାଥଙ୍କୁ ଉପେକ୍ଷା କରି ଯାହା ଲେଖି ଅଛନ୍ତି, ତାକୁ ପଢି କୌଣସି ଲେଖକ ନୀଳକଣ୍ଠଙ୍କୁ 'ପାଗଳ' ଆଖ୍ୟା ଦେଇ ଅଛନ୍ତି । କିନ୍ତୁ ସେ ଯାହା ଲେଖି ଅଛନ୍ତି, ତାହା ନିରଟ ସତ୍ୟ ଓ ଇତିହାସ ସିଦ୍ଧ । ସ୍ୱ ରାଧାନାଥଙ୍କ କାବ୍ୟର ବିଷୟବସ୍ତୁ ସବୁ ବିଜାତୀୟ ସାହିତ୍ୟରୁ ଆନୀତ । 'ମାୟାଦେବୀ' ଏକ ମାନସିକ ଦ୍ୱନ୍ଦ୍ୱ, ପ୍ରବନ୍ଧରେ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ ଦ୍ୱନ୍ଦରେ ପଡ଼ି ନୀଳକଣ୍ଠଙ୍କ ବିରୁଦ୍ଧରେ କେତେକ ପ୍ରତିବାଦ କରି ଅଛନ୍ତି । ଯଥା (କ) କାଳ୍ପନିକ କାବ୍ୟ 'ମାୟାଦେବୀ' ଏହିପରି ଏକ ସତ୍ୟର ସମୀରଣରେ ଆତ୍ମପ୍ରକାଶ କରିଛି । (ଖ) ପୁଣି ଅଧିକ କାଳ୍ପନିକ ପରମ୍ପରା ଅସିଦ୍ଧ । ରାଧାନାଥ ସାହିତ୍ୟ ବିରୁଦ୍ଧରେ ଉଗ୍ର ପ୍ରତିବାଦରୁ ଏହାର ଜନ୍ମ, ବିକାଶ ଏକ ସଂପୂର୍ଣ୍ଣ ଦ୍ୱନ୍ଦ୍ୱାତ୍ମକ ପରିବେଶରେ । (ଗ) କିନ୍ତୁ ଭବରାଜ୍ୟରେ ମୃତ୍ୟୁହୀନ ରାଧାନାଥ ସାହିତ୍ୟର ପ୍ରତିବାଦ କରିବାକୁ ଯାଇ କବି ରୋମାଣ୍ଟିକ୍ ଦୃଷ୍ଟି ବଳୟରେ ବନ୍ଦି ହୋଇଛନ୍ତି । (ଘ) ରାଧାନାଥଙ୍କ ପରି ଅତି ମାନବିକ ଓ ଆଧିଭୌତିକ ବହୁ ପଦ୍ଧତିର ନୀଳକଣ୍ଠ ଆଶ୍ରୟ ନେଇଛନ୍ତି । (ଙ) ସ୍ୱପ୍ନବାଣୀ ଓ ମୃତ୍ୟୁ ପରେ ଦୈବୀ ନିର୍ଦ୍ଦେଶ ପରି କେତେକ ଆର୍ମ୍ଭିକ ଓ କାବ୍ୟିକ ପଦ୍ଧତି ପାଖରେ ଆତ୍ମ ସମର୍ପଣ କରିଛନ୍ତି । (ଚ) ଯେଉଁ ଚିରନ୍ତନ ଜୈବିକ ସତ୍ୟ ପାଖରେ ରାଧାନାଥଙ୍କ ନାୟକ ନାୟିକା ଆତ୍ମୋଚ୍ଛ୍ୱାସ ଦେଇଛନ୍ତି ସେହି ସତ୍ୟର ଅନ୍ୟ ଏକ ପ୍ରସ୍ଥ ସାମାନ୍ୟ ସାମାଜିକ ଶାଳୀନତା ଭିତରେ ନୀଳକଣ୍ଠ ଜେଡ଼ିଛନ୍ତି ମାତ୍ର । (ଛ) ପ୍ରାରମ୍ଭର ପ୍ରତିବାଦ ଏଠାରେ କ୍ରମଶଃ କ୍ଷୀଣାବୟବ, ଅବଶେଷରେ ସମ୍ପୂର୍ଣ୍ଣ ବିଲୀନ । (୧)

ଏହି ଯୁକ୍ତି ଗୁଡ଼ିକ ପରେ ଯଥା ସ୍ଥାନରେ ବିଶ୍ଳେଷଣ କରଯିବ ।

## ସହୃଦୟ ପାଠକ କିଏ ?—

ଧ୍ୱନ୍ୟା ଲୋକକାର ଯଥାର୍ଥ କହିଛନ୍ତି— କାବ୍ୟାନୁଶୀଳନର ଅଭ୍ୟାସବଶରୁ

---

୧—'ନୀଳକଣ୍ଠ ସ୍ମରଣିକା'— ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ ।
'ମାୟାଦେବୀ ଏକ ମାନସିକ ଦ୍ୱନ୍ଦ୍ୱ'—ପୃ—୧୫୧-୧୫୮ ।

Digitized by PPRACHIN, SOA

ମନୋରୂପ ଦର୍ପଣ ନିର୍ମଳ ହେଲେ ଯେଉଁମାନେ କାବ୍ୟର ବର୍ଣ୍ଣନୀୟ ବିଷୟ ସହିତ ତନ୍ମୟତା ଲାଭ କରି ପାରନ୍ତି, ସେହିମାନେହିଁ ସହୃଦୟ ।

ପାଠକ ସହିତ କାବ୍ୟର ଆୟମନ୍ତ୍ର ବିଭବ ନରସିଂହ, ମାୟାଦେବୀ ଓ କମ୍ର ଗଜକେମାଙ୍କ ସହିତ ଏହି ସାଦୃଶ୍ୟ କିମ୍ବା ଏକରୂପତା ଦେଖିବାକୁ ମିଳେ ଓଡ଼ିଶାର ସୁପ୍ରସିଦ୍ଧ ବରେଣ୍ୟ କବି ମାୟାଧର ମାନସିଂହଙ୍କଠାରେ । ସେ ଏହି କାବ୍ୟର ଭୂମିକାରେ ଲେଖିଛନ୍ତି, "ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉ, ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କେ' କାବ୍ୟର ସ୍ଥାପତ୍ୟ ସମ୍ପୂର୍ଣ୍ଣ ଭିନ୍ନ । ଏହାର କାରୁଶିଳ୍ପ ଅନେକାଂଶରେ ନିଜର ହୋଇଥିବାରୁ ଏ କାବ୍ୟ ଜନସାଧାରଣଙ୍କ ପ୍ରିୟ ନ ହୋଇପାରେ । କିନ୍ତୁ ଠିକ୍ ସେଇ ସେଇ କାରଣରୁ ହିଁ ଚିହ୍ନସ ଗ୍ରାହକମାନଙ୍କ ନିକଟରେ ଏହାର ମୂଲ୍ୟ ବେଶି । ଗତାନୁଗତିକତାଠାରୁ ଭିନ୍ନ ହୋଇଥିବାରୁ ହିଁ, ଏଇ କାବ୍ୟ ପ୍ରତି ମୋର ସ୍ୱତନ୍ତ୍ର ଶ୍ରଦ୍ଧା ।

ସବୁ କାବ୍ୟ ପରି ଏ କାବ୍ୟରେ ମଧ୍ୟ ପ୍ରଣୟ ହି ମୂଳକଥା । କିନ୍ତୁ ଏ ପ୍ରଣୟରେ ଏପରି ଏକ ଶୁଚିତା, ପୌରୁଷ ଓ ଦୃଢ଼ତା ସୂଚିତ ହୋଇଛି, ଯାହା ଓଡ଼ିଆ ସାହିତ୍ୟର ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ ।"

ଏହି ଭୂମିକାକୁ ଆଗରେ ରଖି କାବ୍ୟର ପର୍ଯ୍ୟାଲୋଚନା କରିବାକୁ ହେବ— 'ମାନସିକ ଦ୍ୱନ୍ଦ୍ୱ'ରେ ନୁହେ ।

## କାବ୍ୟର ବିଷୟବସ୍ତୁ—

ପ୍ରଥମରୁ କାବ୍ୟର ବିଷୟବସ୍ତୁ ସଂକ୍ଷେପରେ ଦିଆଯାଉ—

ଅନଙ୍ଗଭୀମଦେବଙ୍କ ପୁତ୍ର ନରସିଂହ କୋଣାର୍କ ମନ୍ଦିରର ପ୍ରତିଷ୍ଠାତା । ଏ କାବ୍ୟରେ ସେ ଯୁବକ, କିନ୍ତୁ ଅବିବାହିତ । ସେ ବର୍ତ୍ତମାନ ଧଂକସଗଡ଼ ସାମନ୍ତରାଜ ଟଂକଙ୍କ ସହିତ ଯୁଦ୍ଧରେ ପ୍ରତିଦ୍ୱନ୍ଦୀ । ଟଂକ ଥିଲେ ଜଣେ ଐନ୍ଦ୍ରଜାଲିକ । ସେ ଇନ୍ଦ୍ରଜାଲରେ ସମସ୍ତଙ୍କ ଆଖିରେ ଧୂଳି ପକାଇ ଦେଉଥିଲେ । ଟଂକ ଓ ନରସିଂହଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ଚାଲିଥାଏ ।

ଅବଶେଷରେ ଦସ୍ୟୁ ବୃତ୍ତି କରୁଥିବା ଅଭିସ୍ୱରୀ ଟଂକକୁ ସୈନ୍ୟମାନେ ବନ୍ଦୀ କରି ନରସିଂହଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ଟଂକକୁ ନରସିଂହ କହିଲେ,

"ପର-ଧନ ହାରି, କାନନେ ବିହରି
ନ ମାନ ଗଞ୍ଜନ, ନ ମାନ ବିଧି;

Digitized by PPRACHIN, SOA

ପୁରଣ-ଉତ୍କଳ— ସାମନ୍ତ ଦାୟାଦେ
ମାନୁଛି କି ବୀର ଏ ନୀଚ ସନ୍ଧି ?
ବିଭବ ତସ୍କର— ଅପଯଶ ଲଭି,
ପର-ଧନେ କିମ୍ବା ପିପାସା ତବ ?
ସ୍ୱନ୍ତ-ନିଜ-ଧନେ ଗୃହ-କୋଣେ ପଡ଼ି,
ମରିବାଟି ସିନା ବୀର ବିଭବ ।"

ଏହି ତୀବ୍ର ଭର୍ତ୍ସନା ଶୁଣି ଟଂକର ନେତ୍ର ବିସ୍ଫୋରିତ ହୋଇଗଲା । ତାର ନୟନ-ତାର ଗର୍ବରେ ଉଜ୍ଜ୍ୱଳ ଦେଖାଗଲା ।

ଅଜେୟ ହୃଦୟ ଫୁଟଇ ଲପନେ,
ଦୁର୍ଦ୍ଦିନେ ଯେସନ ପ୍ରାନ୍ତର-ଧାର ।

ଟଂକ ବୀର ନରସିଂହଙ୍କୁ କହିଲେ, "ମୋର ବିଭବ ସବୁ ଯାଇଛି, ଏ ବିଶାଳ ଶ୍ୟାମଳ ଧର ବି ଯିବ । ମୁଣ୍ଡକାଟଟା କେବଳ ବାକି ଅଛି । ମୋର ପ୍ରିୟଜନମାନେ ଯେଉଁଠାକୁ ଯାଇଛନ୍ତି, ସେହି ଦେଶର କାର ମୋର ପ୍ରାସାଦ । କୁମାର, ଏ ଦେଶରେ କିଏ ସେ ତସ୍କର ? ପର-ଧନରେ ମତି କାହାର ? ତୁମେ ପର ଗ୍ରେଚଗଙ୍ଗଙ୍କ ବଂଶଧର ? ଏ ରଜ୍ୟର ଅପହରଣକାରୀ କିଏ ?"

ଏହିପରି ବୀରତ୍ୱ ରସାଣିତ ଭଷାରେ ଉତ୍ତର ପାଇ ନରସିଂହ ଧଂକସବୀର ଟଂକଙ୍କୁ ଗାଢ ଭବରେ ଆଲିଙ୍ଗନ କଲେ । ବୀର ଧର୍ମ ସଙ୍ଗେ ବିବେକ ମିଶିଗଲା ପରି ଏବଂ ଲବଣ୍ୟ ସହିତ ଜ୍ୟୋତି ମିଶିଗଲା ପରି ନରସିଂହଙ୍କ ସହିତ ଟଂକର ମିଳନ ହେଲା ।

ସେ ମିଳନେ ଫୁଟି ବିମଳ ପୀରତି,
ଭସିଗଲା ବନ, ଭସିଲା ଧର;
ଉତ୍ସାହ-ଉଲ୍ଲାସେ ଭସିଲେ ସଇନ
ମୁଂଝରି ଉଠିଲା ଉତ୍କଳ ସାର ।
ସେ ଉଲ୍ଲାସ-ଧାରେ ବହି ମହାନଦୀ
ଥରି ଥରିଗ୍ଲହେଁ ଧଂକସ-ଚୂଳେ;
ସେ କଂପନ-ଲୀଳା ନଗ୍ରଇ ସରରେ
ଯାଏ ବାରବାଟୀ ସଉଧ-ମୂଳେ ।
ମିଶିଯାଏ ଯାଇ ମହା ପାରବାରେ
ବିଶାଳ-ମହିମା-ଅନନ୍ତ-ତାନେ;

Digitized by PPRACHIN, SOA

ଏକାକାର ଯହିଁ ଭୁଲି ଜଳ-ଲକ୍ଷ୍ୟ
ଗିରି-ବନ-ଗଡ-ସଉଧ-ସନେ ।
ଏକାକାର ହେଲା କଟକଧଂକସ;
ଏକାକାର ହେଲା ବିପିନ ବିଲ;
ଏକାକାର ହେଲା ଗିରି ଟଂକ ବେଳା
ଉତ୍କଳେ ମିଶିଲା ଧଂକସ-ବଳା"

ନରସିଂହ ଯେତେବେଳେ ଏହିପରି ସନ୍ଧି ବିଗ୍ରହରେ ଧଂକସ (ଢେଙ୍କାନାଳ) ବୀର ଟଂକ ସହିତ ବ୍ୟାପୃତ, ସେତିକିବେଳେ ନରସିଂହଙ୍କ ଅଜ୍ଞାତରେ ଅନଙ୍ଗ-ଭୀମ ଦେବ ଉତ୍କଳର ପଣ୍ଡିତ ପ୍ରବର "ସାହିତ୍ୟ ଦର୍ପଣ" ରଚୟିତା ବିଶ୍ୱନାଥ କବିରାଜଙ୍କୁ କାଶ୍ମୀର ଦେଶକୁ ପୁତ୍ର ପାଇଁ କନ୍ୟାଦାନ ପ୍ରସ୍ତାବ ଦେଇ ପଠାଇଥିଲେ ।

## ନୀଳକଣ୍ଠଙ୍କ କାଶ୍ମୀର ବର୍ଣ୍ଣନା ଅଦ୍ୱିତୀୟ—

ଅଧ୍ୟାପକ ଶତପଥୀ ଉଲ୍ଲେଖ କରି ଅଛନ୍ତି, "ନୀଳକଣ୍ଠଙ୍କ ଉତ୍ତର-ଭରତ ବର୍ଣ୍ଣନା ରାଧାନାଥଙ୍କ ବର୍ଣ୍ଣନାର ଅନୁରୂପ ।" ଏଠାରେ କାଶ୍ମୀର ଓ ଅନ୍ୟାନ୍ୟ ସ୍ଥାନର ବର୍ଣ୍ଣନାରେ କବି ନୀଳକଣ୍ଠ ଯେଉଁ ଅଦ୍‌ଭୁତ ଐତିହାସିକ, ଭୌଗଳିକ ଓ ବୈଜ୍ଞାନିକ ତଥ୍ୟମାନ ଅଳଙ୍କାର ପ୍ରୟୋଗ ଛଳରେ ଦେଇଛନ୍ତି, ତାହା ଅପରୂପ, ଅଭିନବ, ଅନବଦ୍ୟ ଓ ଉତ୍କଳ ସାହିତ୍ୟରେ ଅତୁଳନୀୟ । 'ଜମ୍ବୁଦ୍ୱୀପେ ଭରତ-ବର୍ଷେ' ବୋଲି ଏବେ ସୁଦ୍ଧା ଆମ ଦେଶରେ ଗୋଟିଏ କଥା ପ୍ରଚଳିତ ଅଛି । ଜମ୍ବୁ ଦେଶ ହେଉଛି, ଦକ୍ଷିଣ ପୂର୍ବ କାଶ୍ମୀର । ସିନ୍ଧୁର ଉପନଦୀ ଚନ୍ଦ୍ରଭାଗା ଏହିଠାରେ ପ୍ରବାହିତ ହେଉଅଛି । ଏହା ପ୍ରାଚୀନ କାଳରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଥିଲା । ରାଧାନାଥ ଉତ୍ତର ଭରତ ବର୍ଣ୍ଣନା କଲାବେଳେ "ଅସ୍ମିତା ବିସ୍ମୟେ ହେଲା ନିମଗନ" ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ କାଶ୍ମୀର ବର୍ଣ୍ଣନା ବେଳେ କବି ନୀଳକଣ୍ଠ ବିସ୍ମୟରେ କିମ୍ବା ଭୟରେ କେଉଁଠାରେ ନିଜକୁ ଭୁଲିଯାଇ ନାହାନ୍ତି, ତାଙ୍କର କାଶ୍ମୀର ବର୍ଣ୍ଣନା ଅଦ୍ୱିତୀୟ ।

"ଗିରି ନଦୀ-ଧାରେ ତରଳ ତୁଷାରେ
ଲବଙ୍ଗ-ସୁମନ ଆସଇ ଭସି;
ଦଳେ ଦଳେ ତହିଁ ସୁରବାଳା-ହାସ୍ତୁ
ସ୍ୱର୍ଣ୍ଣ-ଶତଦଳ ଦିଶଇ ମିଶି ।
ପ୍ରଚଣ୍ଡ ତପନ ବିନ୍ଧ୍ୟ-ଚୂଳେ ରହି
କୋମଳ ପରଶେ ଛୁଅଁଇ ମହୀ;

Digitized by PPRACHIN, SOA

ତୁହିନ-କିରଣ ତୁହିନ-ରକ୍ଷଣେ
ଆସେ ବେଳେ ବେଳେ ନିକଟେ ତହିଁ ।
× × × ×
ସାରସ୍ୱତ ନେତ୍ରେ ସପ୍ତର୍ଷି ନିରତେ
ଭ୍ରମି ଭ୍ରମି ମେରୁ, ଅ'ଆନ୍ତି ଗୃହି;
ଅମାନିଶା ଭେଦି ଗନ୍ଧର୍ବ-ନଗର
ଅରୁଣ-ବିଭସେ ଭସଇ ତହିଁ ।

କାଶ୍ମୀରରେ ସପ୍ତର୍ଷି ମଣ୍ଡଳ ଦିନରେ ସୂର୍ଯ୍ୟ କିରଣରେ ଦେଖାଯାଏ ନାହିଁ ସତ, କିନ୍ତୁ କଦାପି ଅସ୍ତ ହୁଏ ନାହିଁ । 'ଗନ୍ଧର୍ବ ନଗର' ଅର୍ଥାତ୍ ମେରୁ ଜ୍ୟୋତି । ୟୁରୋପରେ ଏହାକୁ ଅରୋରବୋରିଆଲିସ୍ କହନ୍ତି । ମେରବ ମଣ୍ଡଳରେ ଅନେକ ଦିନ ଧରି ରତି ହୁଏ, ସେହି ସମୟରେ ଏହି ଜ୍ୟୋତି ଦେଖାଯାଏ ; କାଶ୍ମୀରରେ ଶୀତ କାଳର ଦୀର୍ଘ ରାତ୍ରିରେ ମଧ୍ୟ କେବେ କେବେ ଏହି ଜ୍ୟୋତି ଦେଖା ଯାଇଥାଏ । ପ୍ରାଚୀନ କାଳର ଆର୍ଯ୍ୟ ଜ୍ୟୋତିଷୀମାନେ ଏହି ଜ୍ୟୋତିକୁ ଲକ୍ଷ୍ୟ କରି ଏହାକୁ 'ଗନ୍ଧର୍ବ-ନଗର' ନାମ ଦେଇଥିଲେ । ସେହି କାଶ୍ମୀର ଦେଶ ରଜାଙ୍କର ଗୋଟିଏ ଅପୂର୍ବ-ସୁନ୍ଦରୀ କନ୍ୟା ଥିଲା ।

"ଅଙ୍ଗେ ଅଙ୍ଗେ ଥରି ଲବଣ୍ୟ ଝରଇ,
ରୂପେ ବଳି ଗୁଣେ ବିକାଶେ ଯୋଷା

ପୁନଶ୍ଚ : ଯୌବନରେ ସେ ହେମାମଣୀ,

"ଗଉରବେ ଯଥା ବିଭସେ କୀରତି,
ଯଉବନେ ତଥା ମୁରତି ହସେ;
ମାଧବ ସୁମନେ ମଧୁ ହାସ ଜିଣି
ବାଳମଣି ଶୋହେ ବିଭ୍ରସ-ରସେ ।
× × × ×
ବିପିନ-ବିହାରେ କନ୍ଦୁକ ଫୋପାଡ଼ି
ଶଇଳ ସାଗରେ ଖେଳଇ ବାଳା;
ରଜହଂସମାଳା ନଗ୍ରଇ ତରଙ୍ଗ
ଲେଉଟଇ, ଭେଟି ପୁଳିନ-ଶିଳା ।

## ରାଧାନାଥଙ୍କ ଅନୁକୃତ ନୁହେଁ—

କାଶ୍ମୀରର ରଜ-ହେମାଙ୍କର ଏ 'କନ୍ଦୁକ ଖେଳ ଦେଖି' ଅଧ୍ୟାପକ

Digitized by PPRACHIN, SOA

ଶତପଥୀଙ୍କୁ ବୋଧ ହେଉଛି, 'ଆରେ, ଏ ତ ରାଧାନାଥଙ୍କ ଅନୁକୃତି ।' କିନ୍ତୁ ଅଧ୍ୟାପକ ଶତପଥୀ ଏ ଦୁଇ କବିଙ୍କର କନ୍ଦୁକ ଖେଳର ଚିତ୍ରଣକୁ ଆଉରି ତଳେଇ କରି ଦେଖନ୍ତୁ । ନୀଳକଣ୍ଠଙ୍କ ବର୍ଣ୍ଣନାରେ—

ଦେବ ଦେବୀ-କୁଳ ଓହ୍ଲାଇ ସେ ଦେଶେ
ବେଳେ ବେଳେ ଆସି ମର୍ତ୍ତ୍ୟ-ବିଳାସେ,
ଅମୃତ-ଭୋଜନ ପାରିଜାତ-ବାସ
ଭୁଲନ୍ତି ସେ-ବନ-ବିହାର-ରସେ ।

ଏଠାରେ ଦେବ ଦେବୀମାନେ କାଶ୍ମୀରକୁ ଓହ୍ଲାଇ ଆସି ପାରିଜାତ ବାସ, ଅମୃତ ଭୋଜନ ଭୁଲି ବନ-ବିହାର କରନ୍ତି । କିନ୍ତୁ ରାଧାନାଥଙ୍କ 'ଉଷା' କାବ୍ୟରେ ଦେବଦେବୀ ରୂପେ 'ଜୟନ୍ତ ଓ ଉଷା' ଜନ୍ମ ପରିଗ୍ରହ କରିଥିଲେ । ଆଉ ରାଧାନାଥଙ୍କ ଚନ୍ଦ୍ରଭାଗା ତ କନ୍ଦୁକ କ୍ରୀଡ଼ାରେ ରତ ଥିଲେ । ସେ ଲେଖିଥିଲେ,

"କନ୍ଦୁକ-କ୍ରୀଡ଼ାରେ ସୁନ୍ଦରୀ
ଆଜି ରତ ଏ ସ୍ଥଳେ
ଉଠୁଛି ପଡ଼ୁଛି କନ୍ଦୁକ
ଶ୍ରସ୍ତ କର କମଳେ ।"

ଯଥାର୍ଥତଃ ନୀଳକଣ୍ଠ ଜଣେ ବାସ୍ତବ ଓ ମନୀଷାସଂପନ୍ନ ମନୀଷୀ କବି । ଦେବଦେବୀଙ୍କ ମର୍ତ୍ତ୍ୟ ଲୋକରେ ବିହାର କିମ୍ବା ରାଜ-ଜେମାଙ୍କର କନ୍ଦୁକ ଖେଳ ଗୋଟିଏ ଚିର ପ୍ରବାହିତ ପରଂପରା । ବହୁ କାବ୍ୟରେ ଦେବଦେବୀମାନେ ଏହିପରି ଭବରେ ଭ୍ରଷ୍ଟ ହୋଇ ମନୁଷ୍ୟ ରୂପ ଧାରଣ କରିଛନ୍ତି ଏବଂ ବହୁ ରାଜ-ଜେମା ବହୁ କାବ୍ୟ କବିତାରେ ଏହିପରି କନ୍ଦୁକ କ୍ରୀଡ଼ାରେ ରତ ଅଛନ୍ତି । ଏହା କେବଳ ରାଧାନାଥଙ୍କ ନିଜସ୍ୱ ନୁହେଁ । ଏ ସବୁ ବିଶ୍ୱାସ ଓ କଥନିକା ଆମ ସମାଜରେ ବହୁ ଆଗରୁ ପ୍ରଚଳିତ ଅଛି । ନୀଳକଣ୍ଠ ସେହି ପରଂପରାର ବାହକ । ଏହାର ଅନ୍ୟ କାରଣ ହେଉଛି ସ୍ୱର୍ଗତ କବି ମାନସିଂହଙ୍କ ଭାଷାରେ—"ଜାତୀୟ ଇତିହାସର ଘଟନା ସଙ୍ଗେ ଆଦି ଭୌତିକ କାଣ୍ଡର ସମାବେଶ କରି କାବ୍ୟ କବିତା ଲେଖିବା ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ ଇଂରେଜୀ ଭାଷାରେ ଏକ ରୀତି ହୋଇ ଉଠିଲା । ସ୍କଟ ଏହାର ପରା ଗୁରୁ । ତାମ୍ରଲିପ୍ତର ଜଳଯୁଦ୍ଧ ବର୍ଣ୍ଣନା, ନେଲସନ୍‌ଙ୍କ ଟ୍ରାଫାଲଗାର—ବିଜୟ ପରି ବୋଧହୁଏ ।"

ନୀଳକଣ୍ଠ ମାନସିଂହଙ୍କର ଏ ଭୂମିକା ପଢି ତାର ଉତ୍ତରରେ ଲେଖିଥିଲେ, "ଏଇ ଭଟ ସଙ୍ଗେ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା, କହିବା

Digitized by PPRACHIN, SOA

ଦରକାର ନାହିଁ । ସେତିକିବେଳେ ଇଂରେଜ କବି Scottଙ୍କ 'Lay of the Last Minstrel' କଥା ମୋ ମନେ ପଡ଼ିଥିଲା । ମୁଁ ଭାବିଲି, ଏଇପରି ଗୋଟିଏ ଘଟକୁ ଦେଖି ସ୍କଟ୍ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସିଲା ବେଳେ ମୋର ସେଇ ଘଟ କଥାଟି ମନେ ପଡ଼ିଲା ।" ସେ ପୁଣି ଲେଖିଛନ୍ତି, "ଶ୍ରୀ ମାୟାଧର ମାନସିଂହ ଯେ ମୋ 'କୋଣାର୍କେ' ଲେଖାରେ ସ୍କଟ ଓ ଟେନିସନ, ଏଇ ଦୁଇ କବିଙ୍କର ପ୍ରଚ୍ଛନ୍ନ ପ୍ରଭାବ ଅନୁମାନ କରୁଛନ୍ତି, ତା' ସତ୍ୟ ହୋଇପାରେ ।"

ଜନ୍ମଭୂମି ଉତ୍କଳର ଯେଉଁ ଗୌରବ-ଗାଥା, ଓଡ଼ିଶା ଇତିହାସର ଅବିଧାରରେ ଯାହା ସୁପରିକ୍ଷିତ, ବିଶ୍ୱନାଥ ସେହି ଯଶୋଗାଥା ଜମ୍ବୁରାଜାଙ୍କ ଆଗରେ ବର୍ଣ୍ଣନା କଲେ । "ଅନୁମାନର କଥା ବତାଇ ବହୁତ କୁହା ଯାଇପାରେ, କିନ୍ତୁ ଅନୁଭବ ବ୍ୟକ୍ତ କରିବା କଠିନ । ତେବେ ଯେତିକି ସମ୍ଭବ, ସେତିକି ମୁଁ ଆଜି ବ୍ୟକ୍ତ କରୁଛି । ଏହା କହି ବିଶ୍ୱନାଥଙ୍କ ମୁଖରେ ନୀଳକଣ୍ଠ ଉତ୍କଳର ଯେଉଁ ପ୍ରାକୃତିକ ବିଭବ ପୁଣି ଯେଉଁ ବୀରତ୍ୱ ଗାଥା ଗାଇ ଚାଲିଚନ୍ତି, ତାର ପଟାନ୍ତର ନାହିଁ । ସେ ଗାଇଚନ୍ତି, ଉତ୍କଳକୁ ବଙ୍ଗଳାର ମୁସଲମାନମାନେ ଜୟ କରିବାକୁ ଆସି ବ୍ୟର୍ଥ ହୋଇ ଅଛନ୍ତି । ଏବେ

'ଧର୍ମର ବିଭବେ ବୀରତ୍ୱ ଗରବେ
ଦୂରୁ ଦେଖି, ଡ଼ରି ରହେ ଯବନ ।
ଜ୍ଞାନେ ଘେରି ତାରେ ବିନୟ ସେ ହାରେ
ସାମନ୍ତ-ରଜନେ ଥାଆନ୍ତି ଭଜି,
କାମ-କ୍ରୋଧ-ଭଳି ତସ୍କର-ନିକର
ଶ୍ୟାମଳ ଉତ୍କଳ ଗଲେ ବରଜି ।"

ନରସିଂହ ଜ୍ଞାନୀ, ବିନୟୀ, କାମ, କ୍ରୋଧ ହୀନ ଏବଂ ସାମନ୍ତରଜାମାନେ ତାଙ୍କ ମିତ୍ର ଓ ଦସ୍ୟୁମାନେ ଦେଶରୁ ବିତାଡ଼ିତ । ମୁଁ ସେହି ରାଜପୁତଙ୍କର ସହଚର । ମୋତେ ଅନଙ୍ଗଭୀମଦେବ ତାହାଙ୍କ ପାଇ ଜମ୍ବୁଚେମାଙ୍କ ପରିଣୟ ପ୍ରସ୍ତାବ ଦେଇ ପଠାଇଛନ୍ତି ।" ଏହାଦ୍ୱାରା ନୀଳକଣ୍ଠ ଉତ୍କଳ ଓ ତା ରଜାଙ୍କ ସହିତ ସଖ୍ୟ ସ୍ଥାପନରେ କାଶ୍ମୀର ରଜାଙ୍କୁ ପ୍ରଲୁବ୍ଧ କରାଉଚନ୍ତି । ଯେହେତୁ ଏତିକିବେଳେ କାଶ୍ମୀର ମହା ବିପଦଗ୍ରସ୍ତ । ଯବନମାନଙ୍କ ଆକ୍ରମଣରେ ରଜା ଚିନ୍ତିତ ଓ ଭୟଭୀତ, ରାଜଜେମା ସୁନ୍ଦରୀ ଓ ଆକ୍ରମଣର ଉଦ୍ଦେଶ୍ୟ ତାଙ୍କୁ ଅପହରଣ କରିନେବା ।

"ଜଳସାର ବିଷ ସୁମରି, ଶୁଖଇ
ଜମ୍ବୁଦେଶ-ଜେମା ରମଣୀ-ମଣି;

Digitized by PPRACHIN, SOA

ବସିଥାଏ ସଦା ବିରସ ବଦନେ,
ବିଷମ ଲଲଟ-ଲେଖନ ଗଣି ।
ଅଯତନେ ଖସେ କବରୀ-ପ୍ରକର
ବସନ-ଭୂଷଣେ ନାହିଁ ସଂଭର;
ଅଲକ୍ଷେ ନୀରସ ସ୍ମିତ-ରେଖା ଫୁଟେ
ରୁକ୍ଷ ଶଇଳେ କି କଠିନୀ-ଗାର

ଜମ୍ବୁ ଚ୍ଛେମା ଦିନେ ସହଚରୀମାନଙ୍କୁ କହିଲ, "ସଖି ମୋ କପାଳରେ ବିଧାତା କଣ ଲେଖିଛି, ସେ ଜାଣେ ।" ପାଣି ବରଫ ହେଲେ ତାର ପରିମାଣ ବଢ଼ିଯାଏ । ହିମାଳୟ ପ୍ରଦେଶରେ ପଥର ଭିତରେ ଅବରୁଦ୍ଧ ହୋଇ ଯେଉଁ ପାଣି ଥାଏ, ସେ ଶୀତରେ ବରଫ ହୋଇ ଗଲବେଳେ ପଥର ଫାଟିଯାଏ ଏବଂ ସେହି ଫାଟିଯିବାରେ ଯେଉଁ ଉତ୍ତାପ ଜାତ ହୁଏ, ସେଥିରେ କେତେକ ବରଫ ତରଳି ପାଣି ହୋଇଯାଏ ।

ସେହି ସେ ନିର୍ମମେ ସହଚରୀ-ଜନେ
ଆବେଗ ଫିଟାଇ କହଇ କେବେ;
ଶୀତେ ପରବତ ଫଟାଇ ତୁହିନେ,
ରୁଦ୍ଧ ବାରି ସେ କି ଅଳପେ ସ୍ରବେ !

ଏପରି ଉପମା ଓ ରୂପକକୁ ଓଡ଼ିଆ କାବ୍ୟ-ସାହିତ୍ୟରେ ନୂତନ ବୋଲି କହିବାକୁ ହେବ । ପଣ୍ଡିତ ନୀଳକଣ୍ଠଙ୍କ ବୈଜ୍ଞାନିକ ତତ୍ତ୍ୱଜ୍ଞାନ ବି ଏଠି ଲକ୍ଷ୍ୟ କରିବାର କଥା ।

ଗଜଚ୍ଛେମା ପୁଣି ଗଭୀର ବିଷାଦରେ ଆଚ୍ଛନ୍ନ ହୋଇ ସଖୀମାନଙ୍କୁ କହୁ ଅଛନ୍ତି

"କି ବିଷମ ସଖି ଲଲଟ ଲେଖନ,
କି କରମ ଘେନି ଜନମ ମୋର
ଦୁହିତା ସମ୍ଭାଳି ଏ କନକ–ଧର
ଏ ବିଭବ ପୁରୀ, କି ନାରଖାର ?

ମୁଁ ହେଲେ ଆମ୍ବଘାତ ରୂପକ ମହାପାପ କରି ଯବନ ଆକ୍ରମଣରୁ ଏ ଦେଶକୁ ରକ୍ଷା କରି ପାରନ୍ତି ! ଯେବେ ଏ ଜୀବନ-ପ୍ରଦୀପ-ଶିଖା ଲିଭଇ ଦେଇ ପାରନ୍ତି ତେବେ ଅବା ଏ ରାଜ୍ୟର ସୋହାଗ ସଂପଦ ରକ୍ଷା ହୋଇ ପାରନ୍ତା !

Digitized by PPRACHIN, SOA

ପରବତ-ଚୂଳ ସହଇ ଝିଟିକା,
ଦରୀ-ମୁଖେ ଉଠେ ତଟୀନ ଫୁଲି;
ସେହି ନଦୀ ପୁଣି ଶିଶୁ ପଲ୍ଲବତେ
ସେହି ସେ ଯଲିଲେ ଦିଅଇ ଟୁରି ।

ଏହାପରେ କବି ଜମ୍ମୁଜେମାଙ୍କ ମୁଖରେ ଗୋଟିଏ ଅଭୁତ ସ୍ୱପ୍ନର ବୃତ୍ତାନ୍ତ ଉପସ୍ଥାପନ କରିଛନ୍ତି ।

"କେସନେ ସେକଥା କହିବି ସଜନି ?
ନାରୀ-କଣ୍ଠେ ମୋର କାହିଁ ସେ ଭଷ ?
ଦେଖିଲି କେସନେ ଜ୍ୟୋତି ପରିସରେ
ସ୍ୱପନେ ମୂରତି-ତପନ-ହାସ ?
ସ୍ୱପନେ ଆସି ସେ ଶ୍ରୀ କରେ ମୋ କର
ଧଇଲେ, ଗଲି ମୁଁ ପୁଲକେ ଥରି;
କହିଲେ, 'ସୁନ୍ଦରୀ ତରସ କିପାଁଇ
ଦୁରନ୍ତ, ଯବନ କି ପାରେ କରି ?
ଭଛୁଳି ପୁଲକ, ଖସିଲ ଶରୀର,
ଥରିଗଲ କର ପଲ୍ଲବ-ସୁଖେ ।
'ଦେଖ ଦେଖ, ଦୂରେ ନୀଳ ଗିରି-ଶିଖ,
ରହିବ ଆସ ଯେ ଶିଖରି-ଶିଖେ ।
ସେ ତୁଙ୍ଗ ମହିମେ ଲଳସୀ ଯବନ
କି କରିବ ତବ ଦେବତ୍ୱ-ଯଶେ ?'
ମୁଦି ହୋଇଗଲ ସଜଳ ନୟନ
ପୁଲକ-ବିସ୍ମୟ-ଭବ-ସାଧ୍ୱସେ ।
କେଉଁ ଦେଶେ ତହୁଁ କି ପୁଣ୍ୟ ଗଇଜେ
କେମନ୍ତେ ନ ଜାଣେ ଉଠିଲି ମୁହିଁ;
ଏହି ହିମାଚଳ— ତୁହିନ ଟଳନେ
ଗଲ ମୋର ସୁଖ-ସରଣୀ ବହି ।" ଇତ୍ୟାଦି
ନରସିଂହ ପୁଣି ତପନ ବିଭବ
ମହତ-ଅନଙ୍ଗ-ନୃପତି-ସୁତ;

Digitized by PPRACHIN, SOA

ପାଇଛନ୍ତି ରାଏ ପାଟରାଣୀ-ତୁଲେ
ବହୁକାଳ ପାଳି ତପନ-ବ୍ରତ ।
ତାଟକା ତପନେ ମିଶିବ ରାଜନ
ନ କର ଭାବନା ଏଥକୁ ତିଳେ ।" ଏହା କହି
ଏ ବିପ୍ରର-ଫଳେ ଶୁଭ କାଳ ବୁଝି,
ବାହାରିଲେ ଦ୍ୱିଜ ଶ୍ରୀଫଳ-ତୁଲେ

## ନୀଳକଣ୍ଠ ପ୍ରାଚୀନ ପରମ୍ପରାକୁ ଗ୍ରହଣ କରିଛନ୍ତି -

ଏହା ପାଠ କରି ଅଧ୍ୟାପକ ଶତପଥୀ ଉଲ୍ଲେଖ କରିଛନ୍ତି, "ଛୋଟ ପିଲାଙ୍କୁ ଭୁଲାଇବା ପରି ଏ କାହାଣୀ ନୀଳକଣ୍ଠଙ୍କ ଚିନ୍ତା, ମାନସର ଦ୍ୱନ୍ଦ୍ୱ ଓ ଦୈନ୍ୟର ପରିଚୟ ଦିଏ । ଏହି ଦ୍ୱନ୍ଦ୍ୱ ରାଧାନାଥ ସାହିତ୍ୟରୁ ଉଦଭୂତ । ଏହା 'ପାର୍ବତୀ' ଓ 'ଉଷା' କାବ୍ୟର ସ୍ୱପ୍ନର ନ୍ୟାଚୁରାଲ ପ୍ରକଳ୍ପନାର ଗୋଟିଏ ପ୍ରତିଧ୍ୱନି ମାତ୍ର ।" କିନ୍ତୁ ଆମ୍ଭେମାନେ କହୁଁ, ଯେଉଁ ନୀଳକଣ୍ଠ 'ରାମଚଣ୍ଡୀ ଠାରେ ରାତି ଓ ସକାଳ' କାବ୍ୟାଂଶରେ ରାଧାନାଥଙ୍କର ପ୍ରାୟ ପ୍ରତ୍ୟେକ କାବ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରି ବହୁ କାବ୍ୟରୁ ରାଧାନାଥ ବିଷୟମାନ ଅପହରଣ କରି ସ୍ୱୀକାର କରି ନାହାନ୍ତି, ଏବଂ ବିଜାତୀୟ ଭାବରେ ଏ ଦେଶର ପାଠକ ପାଠିକାଙ୍କ ମନକୁ ପ୍ଲାବିତ କରି ଅଛନ୍ତି, ତେଣୁ ସେ ରାଧାନାଥଙ୍କ ପ୍ରତି ଉଦାସୀନତା ଦେଖାଇ କହିଛନ୍ତି, "କବିଙ୍କି ସୁମରି ବିରାଗେ ମୁହଁ ଫେରାଅ ପଛେ," ସେହି ନୀଳକଣ୍ଠ କିପରି ରାଧାନାଥଙ୍କୁ ଅନୁକରଣ କଲେ, ତାହା ବୁଝିବା ଆମ ପକ୍ଷରେ କଷ୍ଟକର । ତେଣୁ ନୀଳକଣ୍ଠ କଦାପି ରାଧାନାଥଙ୍କର ସ୍ୱପ୍ନ ବୃତ୍ତାନ୍ତ ଗ୍ରହଣ କରି ନାହାନ୍ତି, ଏହା ତାଙ୍କର ଚିନ୍ତାର ଦୈନ୍ୟର ପରିଚାୟକ ନୁହେ । ବରଂ ରାଧାନାଥଙ୍କ ବିରୁଦ୍ଧରେ ତାଙ୍କର ପ୍ରତିବାଦ ଏଠାରେ ସ୍ପଷ୍ଟତର ହୋଇଅଛି । ଧରଯାଉ ମାଦଳା ପାଞ୍ଜିରେ ଲେଖାଅଛି, ରାଜା ଜଣେ ପଣ୍ଡିତଙ୍କୁ ପଚାରିଲେ, "ଯେ ଯେଉଁ ଗଛ ଲଗାଏ ସେ ତାହାର ଫଳ ଖାଏନାହିଁ କି ?' ପଣ୍ଡିତ ଏ ପ୍ରଶ୍ନରେ ରାଜାଙ୍କର ଇଙ୍ଗିତ ନ ବୁଝିପାରି କହିଲେ, 'ହଁ ମଣିମା !' ଏଥିରେ ଆତ୍ମତୃପ୍ତି ଲଭ କରି ଯେଉଁ ବିଭତ୍ସ କର୍ମ ରାଜା କଲେ, ତାହାର ସଦ୍ୟପ୍ରସୂତ ଫଳ ହେଲା, 'ପାର୍ବତୀ' । 'ଉଷା'ରେ ଅବଶ୍ୟ ସ୍ୱପ୍ନ ବୃତ୍ତାନ୍ତ ଅଛି । ଏହିପରି ବହୁ ଆଧିଭୌତିକ ଘଟଣା ଓ ସ୍ୱପ୍ନବାଣୀ ମାଦଳା ପାଞ୍ଜିରେ ଅଛି । ଜଗନ୍ନାଥ ବହୁ ରାଜାଙ୍କୁ ସ୍ୱପ୍ନରେ ବହୁ ଆଦେଶ ଦେଇ ଅଛନ୍ତି । ପୁରୁଷୋତ୍ତମ ଦେବ କାଞ୍ଚି ଯୁଦ୍ଧରୁ ପ୍ରଥମ ଥର ପରାସ୍ତ ହୋଇ ଫେରି ଆସିଲା ପରେ ଯେତେବେଳେ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ, ସେତେବେଳେ ଜଗନ୍ନାଥ ରାଜାଙ୍କୁ

Digitized by PPRACHIN, SOA

ସ୍ୱପ୍ନରେ ଆଦେଶ ଦେଲେ, 'ଯାଅ ରଜା ! ଆଉ ଥରେ କାଞ୍ଚି ଅଭିଯାନରେ ବାହାର ! ଏଥର ମୁଁ ଓ ବଳରାମ କାଞ୍ଚି ଅଭିଯାନରେ ଯିବୁ । ଏଥର ବିଜୟ ସୁନିଶ୍ଚିତ ।" ଆଉ ଏକ ଘଟଣା, ଫୁଲ ମାଳରେ ସେବକ ଦେଖିଲା — ଜଗନ୍ନାଥଙ୍କ ଅଙ୍ଗରେ ଗୋଟିଏ ବାଳ ଲାଗିଛି । ସେବକ ଏହା ଦେଖି ମାଳଟିକୁ ବର୍ଜନ କଲା । କିନ୍ତୁ ଜଗନ୍ନାଥ ରାତିରେ ସେହି ସେବକକୁ ସପନାଇଲେ, "ଆରେ ସେ ମୋର ଭକ୍ତର ବାଳ । ମାଳା ଗୁନ୍ଥୁ ଗୁନ୍ଥୁ ତା ମୁଣ୍ଡରୁ ଗୋଟିଏ ବାଳ ତା ଦେହରେ ଲାଗି ରହିଛି । ତୁ ତାକୁ ଆନନ୍ଦରେ ଗ୍ରହଣ କରି ମୋ ବେକରେ ଲମ୍ବାଇ ଦେ ।" ସେହି ଦିନଠାରୁ ବାଳଭୋଗ ବୋଲି ଗୋଟିଏ ଭୋଗ ମନ୍ଦିରରେ ପ୍ରଚଳିତ ଅଛି । ଅତଏବ ନୀଳକଣ୍ଠଙ୍କର ସୁପର ନ୍ୟାଚୁରାଲ ପରିକଳ୍ପନା ଓ ସ୍ୱପ୍ନ, ଏ ସବୁ ଓଡ଼ିଶାର ପ୍ରାଚୀନ ପରମ୍ପରାରୁ ଗୃହୀତ — ରାଧାନାଥଙ୍କ ଠାରୁ ନୁହେଁ । ପ୍ରାଚୀନ କବିମାନଙ୍କ କାବ୍ୟ ଗ୍ରନ୍ଥରେ ଏହା ଅନେକ ଦେଖିବାକୁ ମିଳେ । ଅଧ୍ୟାପକ ଶତପଥୀଙ୍କୁ ଆମର ଏତିକି କହିବା କଥା !

ତାପରେ 'ମାୟାଦେବୀ'ଙ୍କ କାହାଣୀ ଢେଙ୍କାନାଳରୁ ଗୋଟିଏ ଭାଟଠାରୁ ଗୃହୀତ । ସେ ଭାଟ ଏହି ଜମ୍ବୁଜେମାଙ୍କ ସ୍ୱପ୍ନ କାହାଣୀ ତା ନିଜ ଭାଷାରେ କବିଙ୍କୁ କହିଥିବ । କବି ଭାଟଠାରୁ ଯେପରି ଭାବରେ ଶୁଣିଛନ୍ତି, ସେହିପରି ଭାବରେ ତାକୁ ନିଜର ରୋମାଣ୍ଟିକ୍ କଳ୍ପନା ରଙ୍ଗରେ ରଂଜିତ କରି ତାଙ୍କ କାବ୍ୟରେ ସ୍ଥାନ ଦେଇଛନ୍ତି । ଏହିପରି ସ୍ୱପ୍ନ କାହାଣୀ ଭାଟ, ନୀଳକଣ୍ଠ ଓ ତାଙ୍କର ସଙ୍ଗୀ ନାରାୟଣ ରଥଙ୍କ ଆଗେ କହିଥିଲେ କି ନାହିଁ, ସେ କଥାର ସାକ୍ଷୀ ଦେବାକୁ କବି ଜୀବିତ ନାହାନ୍ତି, କି ତାଙ୍କ ବନ୍ଧୁ ମଧ୍ୟ ଇହ ସଂସାରରେ ନାହାନ୍ତି, ଓ ସ୍ୱପ୍ନ ପିଲା ଭଣ୍ଡାଣ କାହାଣୀ ନୁହେଁ । ଏ ସ୍ୱପ୍ନ ଏବଂ ଏହିପରି ଆଉ ଗୋଟିଏ ସ୍ୱପ୍ନର ବର୍ଣ୍ଣନା ବି ଏହି କାବ୍ୟରେ ଅଛି । ଜମ୍ବୁଜେମାଙ୍କ ସହିତ ତପନ ଅର୍ଥାତ୍ ସୂର୍ଯ୍ୟଙ୍କ ପରି ବୀର ନରସିଂହଙ୍କର ଏ ସଂସାରରେ ଆଉ ମିଳନ ହେବ କି ନାହିଁ ସନ୍ଦେହ । 'ମାୟାଦେବୀ' ପରି ମନୀଷୀ ମନୀଷା ସଂଭୂତ ଦୁଃସାଧ୍ୟ ଓ କେତେକାଂଶରେ ଦୁର୍ବୋଧ୍ୟ କାବ୍ୟ କେତେଜଣ ପଢିଛନ୍ତି କିମ୍ବା ପଢିଲେ ସୁଦ୍ଧା ବୁଝି ଅଛନ୍ତି ?

## ନୀଳକଣ୍ଠଙ୍କର 'ଚିନ୍ତା-ଦୈନ୍ୟ'ର ଚିନ୍ତା ହିଁ ଦୀନତା—

ନୀଳକଂଠଙ୍କର ଚିନ୍ତା–ଦୈନ୍ୟର ଦୃଷ୍ଟାନ୍ତ ଆଉରି ଯଦି ସମାଲୋଚକ ଏହି କାବ୍ୟରୁ ପାଇ ଏହା ରାଧାନାଥଙ୍କର ଅନୁକରଣ ବୋଲି ବାରମ୍ବାର କହନ୍ତି, ଘୋଷଣା କରନ୍ତି, ତାହାହେଲେ ଉଚ୍ଚକୋଟୀର ଆଭିଜାତ୍ୟ ସମ୍ପନ୍ନ ଚିନ୍ତା, ମାନସିକୃତ ପ୍ରଜ୍ଞା ଓ ପାଣ୍ଡିତ୍ୟ ଆଉ କେଉଁ କାବ୍ୟରୁ ପାଇବେ ?

Digitized by PPRACHIN, SOA

ଚୁମ୍ବକ-ଶକତି ପରଶେ ପଲକେ
ଲୋହେ ବିକାଶଇ ଚୁମ୍ବକ-ବଳ;
ଅୟସ୍କାନ୍ତ ଯଥା ଗ୍ରହେଁ ମେରୁ-ଚୂଳେ
ତରୁଣ ଲୋଡ଼ଇ ପରଶ ମେଳ ।

ସାଧାରଣତଃ ଲୁହା ଚୁମ୍ବକ ସ୍ପର୍ଶରେ ଆସିଲେ କିଂବା ଚୁମ୍ବକ ଶକ୍ତିର ଅଧୀନରେ ଆସିଲେ ଚୁମ୍ବକ ପାଲଟିଯାଏ । ଚୁମ୍ବକକୁ ଯେଉଁଆଡ଼େ ବୁଲାଇଦିଅ, ତାହା ଉତ୍ତର-ଦକ୍ଷିଣ ହୋଇ ରହେ ।

କିମ୍ବା

ଯେଉଁ ଅପୂର୍ବ ନିର୍ମାଣ କ୍ଷମ ପ୍ରଜ୍ଞା ନୀଳକଣ୍ଠଙ୍କ ଲେଖନୀରୁ ଉତ୍ସାରିତ ହୋଇଥିଲା, ତାର ଆଉ ଏକ ଦୃଷ୍ଟାନ୍ତ ଦେଖାଯାଉ : --

"କେତେ ଦୁର୍ଗେ ପଥେ ପ୍ରହରୀ ତିଳେ ଶିଙ୍ଗା ନିନ ଦି
ମିତ୍ର-ପ୍ରତି ଶିଙ୍ଗା ସାମନ୍ତେ ଶୁଣି, ଛାଡ଼ିଲେ ସାଦୀ ।
ଗୋଦାବରୀ-ଧାର ଡେଇଁଲେ ବୀର ଅରୁଣ କରେ;
କୃଷ୍ଣା-ପାରେ ପୁଣି ଦେଖିଲେ ରବି ବାରୁଣୀ-ଶିରେ !
ଭେଟିଲେ ଗଜନ, କହିଲେ ମାତ୍ର ସନ୍ଦେଶ ତହିଁ;
ବାଜି ସଙ୍ଗେ ପଡ଼ିଗଲେ ସେ ବୀର ଆଦରି ମହୀ ।
ଉଡ଼ିଗଲା ସେହି ନିମିଷେ ପିଣ୍ଡ ଛାଡ଼ି ପରଣ ।
ଉତ୍କଳ-ଭୁବନେ ପାରିଲା ନାହିଁ ପଶି ଯବନ ।

ଏପରି ଇତିହାସର ଲୁପ୍ତ ପୃଷ୍ଠାରେ ପ୍ରଚ୍ଛନ୍ନ ଥିବା ସୁନ୍ଦର ବୀରତ୍ୱ ଗାଥା ଯେ କବିତାକାରରେ ଏ ଜାତିକୁ ଦେଇ ଆମ୍ଭମାନଙ୍କର ଚିର ନମସ୍ୟ ଓ ବରେଣ୍ୟ ହୋଇପାରେ, ହାୟ, ଏ ଦେଶର ଜଣେ କୃତବିଦ୍ୟ ଲେଖକ ତାଙ୍କୁ ଆଖ୍ୟା ଦେଲେ "ଦୀନ ଓ ପିଲଟିଆ ।" ବଡ କ୍ଷୋଭର କଥା !

ଏହି ସ୍ୱପ୍ନ ନୀଳକଂଠଙ୍କର 'ଦୈନ୍ୟ'ର ପରିଚୟ ଦିଏ ନାହିଁ ଦିଏ ତାଙ୍କର କବିସୁଲଭ ମନୀଷା ଓ ଭବିଷ୍ୟତ ଦୃଷ୍ଟୀଭଙ୍ଗୀର ପରିଚୟ । ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଏହି ସ୍ୱପ୍ନ ନ ଥିଲେ ବିଷୟ-ବସ୍ତୁର ଗାମ୍ଭୀର୍ଯ୍ୟରେ ଘୋର ଅନ୍ତରାୟ ସୃଷ୍ଟି ହୋଇଥାନ୍ତା । ନରସିଂହଙ୍କୁ ଏଠାରେ 'ତପନ' ବୋଲି ଗ୍ରହଣ କରା ଯାଇଛି ଏବଂ ଜମ୍ବୁରାଜକୁମାରୀଙ୍କୁ 'ତାରା' ରୂପେ କଳ୍ପନା କରା ଯାଇଅଛି । ଦୂତ ବିଶ୍ୱନାଥ ଏହି ସ୍ୱପ୍ନର ବ୍ୟାଖ୍ୟାକାର । ବିଶ୍ୱନାଥ ଏହି ସ୍ୱପ୍ନ-ବୃତ୍ତାନ୍ତ ଶୁଣି କହି ଅଛନ୍ତି, "ଏ ସ୍ୱପ୍ନ ଶୁଭ ସୂଚକ ।" ଆନ ତାରକାରେ ମିଶିଲାର ଅର୍ଥ ହେଉଛି

Digitized by PPRACHIN, SOA

ତପନ ରୂପୀ ନରସିଂହଙ୍କର ପ୍ରେମିକା ଭଗ୍ନ ଶିଶୁପାଳଗଡ଼ର ଦରିଦ୍ରୀଭୂତ ସାମନ୍ତ କନ୍ୟା ମାୟାଦେବୀ । ସର୍ବଶେଷରେ ବିଶ୍ୱନାଥ ତଥା କବି ନୀଳକଂଠଙ୍କ ଭାଷାରେ ଏ ସ୍ୱପ୍ନର ଭବିଷ୍ୟତ ଇଙ୍ଗିତର ସୂଚନା ଦେଉ ଅଛନ୍ତି ।

"ଆସିଥିଲି ମୁହିଁ କହୁଛି ଫିଟାଇ
ନୀଳାଚଳ-ନାଥ ଆଦେଶ ଘେନି,

× × × ×

"ସେହି ଗଇଜରେ ଅଛନ୍ତି ଦୁହିତା
ବୀର ନରସିଂହ-ଦପନ ତାର

× × × ×

ତାରକା ତପନେ ମିଶିବ ଗଗନ,
ନ କର ଭାବନା ଏଥକୁ ତିଳେ ।"

ଜମ୍ବୁ ଗଜକେମାଙ୍କ ସହିତ ନରସିଂହଙ୍କର ବିବାହ ନିର୍ବନ୍ଧର ନିଦର୍ଶନ ସ୍ୱରୂପ ଦ୍ୱିଜ ବିଶ୍ୱନାଥ ମଙ୍ଗଳ ସୂଚକ ଶ୍ରୀଫଳ ନେଇ ବାରବାଟୀ ବାହାରିଲେ । ଏହି 'ସ୍ୱପ୍ନ' 'ମାୟାଦେବୀ'ରେ ସଞ୍ଚାର କରିଛି 'ଚମକ' । ଏଥିପାଇଁ ଏହି ବୃତ୍ତାନ୍ତର ଆବଶ୍ୟକତା । ଏଥି ମଧ୍ୟରେ ରାଧାନାଥ ନାହାନ୍ତି କିମ୍ବା ରାଧାନାଥଙ୍କର ଏହା 'ପ୍ରତିବନ୍ଧ' ବା 'ମୌନ ସମର୍ଥନ ନୁହେ । ରାଧାନାଥ ଯେଉଁଠାରେ ଲେଖିଛନ୍ତି,

"ଇତିହାସ ରଙ୍ଗ ସ୍ଥଳୀ ତୁ ଚିଲିକା
ତୋର ତୀରେ ପରା ଶ୍ରୀମତୀ ମାଣିକା ।"

ସେହିଠାରେ ନୀଳକଂଠ 'ମାୟାଦେବୀ'ରେ ନ ହେଲେ ସୁଦ୍ଧା ତାର ପୂର୍ବବର୍ତ୍ତୀ କାବ୍ୟ 'ରମଚଣ୍ଡୀରେ ରତି'ରେ ବ୍ୟାଘ୍ର ବଂଶର ରାଜତ୍ୱଠାରୁ ଉତ୍କଳର ସ୍ୱାଧୀନତାର ପତନ ପର୍ଯ୍ୟନ୍ତ ସମସ୍ତ ଘଟନାଚକ୍ରର ପୁଂଖାନୁପୁଂଖ ଓ ଅଣୁ ପରମାଣୁ ବ୍ୟାପୀ ସୁଦୀର୍ଘ ବର୍ଣ୍ଣନା, ଦେଇ ଅଛନ୍ତି । ଯାହା ରାଧାନାଥଙ୍କ ପୂର୍ବବର୍ତ୍ତୀ କବି କିମ୍ବା ପ୍ରତ୍ନତାତ୍ତ୍ୱିକ ପଣ୍ଡିତମାନେ ଆବିଷ୍କାର କରି ନଥିଲେ । 'ମାୟାଦେବୀ'ରେ କବି ଯେଉଁ ସବୁ ଐତିହାସିକ ଓ ଭୌଗଳିକ ବର୍ଣ୍ଣନା ଦେଇ ଅଛନ୍ତି, ତାହା ରାଧାନାଥଙ୍କଠାରୁ ଅନୁକରଣ ନୁହେ । ରାଧାନାଥଙ୍କର କେଉଁ କାବ୍ୟରେ ଆଲେକଜାଣ୍ଡାର, ପୁରୁ ଓ ଗଜନୀର ମାମୁଦ୍ ପ୍ରଭୃତିଙ୍କ ବର୍ଣ୍ଣନା ଅଛି ? ଏ କେବଳ 'ପୂଜ୍ୟ ପୂଜା' ଛଳରେ ନୀଳକଣ୍ଠଙ୍କର ନ୍ୟୂନତା ପ୍ରତିପାଦନ କରିବାର ଅପଚେଷ୍ଟା— ତାଙ୍କ ନିଜ ମାନସିକ ଦ୍ୱନ୍ଦ୍ୱର ପରିଚାୟକ ।

Digitized by PPRACHIN, SOA

'ମାୟାଦେବୀ'ର ବିଷୟବସ୍ତୁ ନାଟକୀୟ ଛଟାରେ ପରିବୃତ୍ତ । ଏ କଥା ତାଙ୍କର କଠୋର ସମାଲୋଚକମାନେ ବି ସ୍ୱୀକାର କରି ଅଛନ୍ତି । ନାରୀକେଳ ନେଇ ବିଶ୍ୱନାଥ ବାରବାଟୀରେ ପହଞ୍ଚିଲ ବେଳେ ସେଠାରେ ନାନା କୋଳାହଳ ଲଗିଅଛି । ଯେଉଁ ଯୁବରାଜଙ୍କୁ ନେଇ ଏଇ ସବୁ ଉତ୍ସବର କୋଳାହଳ, ସେ ଯୁବରାଜ କାହାନ୍ତି ? ସେ ବର୍ତ୍ତମାନ ଦସ୍ୟୁ-ଦଳନରେ ବ୍ୟସ୍ତ । ରାଜା ଓ ରାଜମହିଷୀ ଉଭୟେ କାନନ-ବିହାରୀ ନରସିଂହଙ୍କ ପାଇଁ ବ୍ୟାକୁଳ ।

ପରିବାରୀ-ଜନେ ଦେଖନ୍ତି ସୁହାସ,
ନ ଜାଣନ୍ତି ସେହୁ ବେଦନା ତିଳେ;
ଗ୍ରୀଷମ-ସନ୍ତାପେ ଶୁଖଇ ପଲ୍ଲବ;
ବାଧଇ କି ତାହା ପତତ୍ରି-ନୀଡ଼େ ?

ଗ୍ରୀଷ୍ମ ସନ୍ତାପରେ ପଲ୍ଲବ ପୋଡ଼ିଯାଉଛି । କିନ୍ତୁ ପକ୍ଷୀର ନୀଡ଼କୁ ସେ ସନ୍ତାପ ସ୍ପର୍ଶ କରେ କି ? ରାଜା ଶେଷରେ କହିଲେ—

ନାରିକେଳ ଘେନି ସମ୍ମତି ଭରିଲି
ଯୁବରାଣୀ ହେବେ କାଶ୍ମୀର-ଜେମା;
ଭରତେ ଜାହ୍ନବୀ- ସମ ବିରାଜିବେ
ବୀର ନରସିଂହେ ସେ ବରବାମା ।

ଏଣେ ନରସିଂହ ଶିଶୁପ ଲଗଡ଼ର ସାମନ୍ତ ରାଜାଙ୍କ କନ୍ୟାକୁ ଦେଖି ତାର ସୌନ୍ଦର୍ଯ୍ୟ ଓ ବିନୟରେ ଆକୃଷ୍ଟ ହୋଇଥିଲେ ; ଏକଥା ପିତା ଅନଙ୍ଗଭୀମ ଦେବ ଗୋପନରେ ଜାଣିଥିଲେ ଏବଂ ତାହାର ନାମ 'ମାୟାଦେବୀ' ଦେଇଥିଲେ । ତେବେ ଜମ୍ବୁଜେମା ଓ ମାୟାଦେବୀ ଏ ଉଭୟଙ୍କୁ ନରସିଂହ କିପରି ବରଣ କରିବେ ? କିନ୍ତୁ ମାତା ଭାବିଲେ, "ବିନୟୀ ଓ ବାଧ୍ୟ କୁମାର ସାମନ୍ତ ରାଜଜେମା ମାୟାଦେବୀଙ୍କୁ ଛାଡ଼ି ନିଶ୍ଚୟ ଜମ୍ବୁଜେମାଙ୍କୁ ଗ୍ରହଣ କରିବେ ।"

## ନୀଳକଣ୍ଠଙ୍କ ବିଜ୍ଞାନ ଚେତନା—

ଏଠାରେ ଯୁବକ ଯୁବତୀଙ୍କ ଅପରୂପ ଲୀଳା ରୂପାୟିତ କରିବାକୁ କବି ଅଲୌକିକ ଉପମା ଦେଇ କହିଛନ୍ତି,

"ତରୁଣେ ଚପଳ ପୀରତି ପରଣେ
ଜାଣନି କି ପ୍ରିୟେ ଭୀଷଣ ବଡ,
ଖର ସ୍ରୋତସ୍ୱତୀ ପାରବାରେ ଧାଏଁ,
ରୋଧି ନୁହେଁ ତାର ପ୍ରଚଣ୍ଡ ବଳ ।

Digitized by PPRACHIN, SOA

ବାହାର ନିଗେଧେ ବଢଇ ପ୍ରତାପ;
ବୃଦ୍ଧ ଗିରିନଦୀ କିଏ ସେ ବାନ୍ଧେ ?
ପ୍ରଚଣ୍ଡ ପ୍ଲାବନେ ଭସାଏ ଧରଣୀ,
ପଲକେ ତୁଟାଇ 'ଶଇଳ-ବନ୍ଧେ ।"

× × ×

ତରୁଣ-ତରୁଣୀ ପରଶ ପଲକେ
ମିଶଇ ପୀରତି-ଅନନ୍ତ-ସୁଖେ;
ଗଗନ-ମେଦିନୀ— ଶକତି ସେ କିବା
ମିଶଇ ବିଜୁଳି-ଚମକ-ଲେଖେ !
ବିଶାଳ ପବନ ଦେଉଥାଏ ବାଧା
ପ୍ରଚଣ୍ଡ ତାପନେ ଚମକେ ତୁଟେ;
ମିଶିଯାଏ କ୍ଷଣେ ମେଦିନୀ ଗଗନ
ଦିଗନ୍ତ-ବିଭସେ ଅନଳ ଫୁଟେ ।
ହୃଦ ଚିରି ଧର ଉଠଇ ଗଗନେ,
ମୁଦିର-ଶୀକରେ ପଡଇ ନଭ;
ଗୁରୁ ପ୍ରତିବନ୍ଧେ ପ୍ରଚଣ୍ଡ ତେସନ
ତରୁଣ ଇଙ୍ଗିତ-ତରଳ-ଭବ ।"

ଗ୍ରନ୍ଥ ଟୀକାରେ ଉଲ୍ଲେଖ ଅଛି, "ଏଠାରେ ବିଜୁଳି ଘଡଘଡ଼ିରେ ପୃଥିବୀ ଓ ଆକାଶର ବିଦ୍ୟୁତ୍ ପ୍ରଭବର ମିଳନ ସୂଚିତ ହୋଇଅଛି । ପୃଥିବୀ ଆକାଶ ଦୁହିଁଙ୍କର ବିଦ୍ୟୁତ୍ ଶକ୍ତି ବିପରୀତ ଗୁଣାତ୍ମକ । ସେମାନେ ସବୁବେଳେ ମିଳିଯିବାକୁ ଗ୍ରହାନ୍ତି । କିନ୍ତୁ ପବନ ଭିତର ଦେଇ ବିଦ୍ୟୁତ୍-ପ୍ରବାହ ଗତି କରିପାରେ ନାହିଁ । ସାଧାରଣ ଜଳ ଭିତରେବିଦ୍ୟୁତ୍-ପ୍ରବାହ ଅବାଧରେ ଚଳେ । ପବନ ମେଘର ଜଳକଣାରେ ଓଦା ହେଲେ ପୃଥିବୀ ଓ ଆକାଶର ବିଦ୍ୟୁତ୍ ଶକ୍ତି ଭେଦ କରି ମିଳିତ ହୁଏ । ସେହି ପବନ ଭେଦ କରିବା କ୍ରୀୟାରେ ଆମ୍ଭେମାନେ ବିଜୁଳି ଦେଖୁ ଓ ଘଡ଼ଘଡ଼ି ଶୁଣୁ । ପବନ ବାଧା ନଦେଲେ ବିଜୁଳି ଘଡ଼ଘଡ଼ି ନ ହୋଇ ଦୁଇ ଶକ୍ତି ମିଳିତ ହୁଅନ୍ତା ।"

ଏପରି ବିଜ୍ଞାନ ଜଗତର ଉପମା, ସାଦୃଶ୍ୟ ଯୋଜନା ଓ ରୂପକଳ୍ପ ଆଉ କେଉଁଠାରେ ମିଳିବ ? ଏଥିରୁ ବୁଝିବାକୁ ହେବ ଯେ ନୀଳକଣ୍ଠଙ୍କର ଇତିହାସ ଓ ଭୂଗୋଳ ଜ୍ଞାନ ବ୍ୟତୀତ ବିଜ୍ଞାନ ଚେତନା ମଧ୍ୟ ଅତ୍ୟନ୍ତ ବଳବତୀ ଥିଲା ।

Digitized by PPRACHIN, SOA

ଏଣେ ଶିଶୁପାଳଗଡ଼ର ସାମନ୍ତ ରଜା ନରସିଂହଙ୍କୁ ଚିହ୍ନନ୍ତି ନାହିଁ । ନରସିଂହ ବନରେ ଦସ୍ୟୁ ଦମନ କରି ବେଳେ ବେଳେ ଆସି ଶିଶୁପାଳ ଗଡ଼ର ଭଗ୍ନ ପ୍ରକୋଷ୍ଠ ମଧ୍ୟରେ ଆଶ୍ରୟ ନିଅନ୍ତି । ସେହି ଗଡ଼ର ଲୀଳା ଉପବନରେ ଦୁହିଙ୍କର ଦେଖାହୁଏ ଓ ପରେ ନରସିଂହଙ୍କ ସହିତ ମାୟାଦେବୀଙ୍କର ମିଳନ ହୁଏ ।

"ଶିଶୁପାଳ ଦୁର୍ଗ— ଲୀଳା ଉପବନ
ଜାଣିଲେ କୁମାର ସେ ବନସ୍ଥଳୀ
ଭରସି କହିଲେ କୁମାର, "ସେ ଟଙ୍କ
ଯାଇଛନ୍ତି ଏବେ ସମରେ ହାରି ।"

କଥା ହୋଇଥାଏ, ଯେଉଁ ବୀର ଟଙ୍କକୁ ପରାସ୍ତ କରିଦେବ, ତାହାକୁ ମାୟାଦେବୀ ବିବାହ କରିବେ । ଏହି କଥା ମାୟାଦେବୀଙ୍କ ଦରିଦ୍ରୀଭୂତ ବୃଦ୍ଧ ପିତା ନରସିଂହଙ୍କୁ କହିଥିଲେ, ଅବଶ୍ୟ ନରସିଂହଙ୍କର ପ୍ରକୃତ ପରିଚୟ ପାଇବା ପରେ ।

## ପ୍ରୀତିର ସ୍ୱରୂପ ଓ କାବ୍ୟରେ ମନୋବୈଜ୍ଞାନିକ ଉପମା—

ତାପରେ କବି ପ୍ରୀତିର ସ୍ୱରୂପ ନିର୍ଦ୍ଦେଶ କରି ତାଙ୍କର ଅନବଦ୍ୟ ପ୍ରକାଶ ଭଙ୍ଗୀରେ ଲେଖିଛନ୍ତି,

'ପରାଣର ଧ୍ୱନି ବାଜଇ ପରାଣେ,
ପ୍ରତିଧ୍ୱନି ଉଠେ ଅନନ୍ତ ନଭେ,
ଏକାକାର ହୁଏ ମେଦିନୀ ଗଗନ
ପୀରତି-ପ୍ରସାରେ ଅନନ୍ତ ଶୁଭେ;
ସମ୍ପଦ ବିପଦ କରମ ସଂଯମେ
ଫୁଟଇ ସେହି ସେ ପୀରତି-କଳା;
ପୁର ପଲ୍ଲୀ ଶ୍ୟାମ କେଦାର କାନ୍ତାର
ପୀରତି-ତରଙ୍ଗେ କରଇ ଖେଳା ।

× × ×

ବୀର-ନରସିଂହ— ତରୁଣ-ପରାଣେ
ବହୁଅଛି ସେହି ପୀରତି ପରା !
କରମ-କଠୋର— ଉରସ-ଉଷରେ
ଫୁଟିଛି ବିମଳ ପୀରତି-ଧାରା ।

ଏହିପରି ଭବରେ ପ୍ରୀତିର ଅନନ୍ତ ଲୀଳା ଦର୍ଶାଇ କବି ଅବଶେଷରେ ଏହି ପ୍ରୀତି କି ରୂପରେଖ ନେଇଚି ତାହା ବର୍ଣ୍ଣନା କରିଚନ୍ତି ।

Digitized by PPRACHIN, SOA

"ସ୍ମୃତିରେ ପ୍ରତୀତି— ପରି ସେହି ତାର
ଦେଖିଲେ ଏକାମ୍ରେ ବିପିନ-କୁଞ୍ଜେ;
ସେହି ଚନ୍ଦ୍ର ଆଜି ଧରି ହାତେ, ଯୁବା
ଶିଶୁପାଳ-ଗଡ଼େ ପଲଙ୍କେ ବିଜେ ।

ସ୍ମୃତିରେ ପ୍ରତୀତି ଆସି ମିଶିବାର ଏପରି ମନୋବୈଜ୍ଞାନିକ ଉପମା ଆଉ କେଉଁ କାବ୍ୟରେ ଅଛି ? ଉପେନ୍ଦ୍ରଭଞ୍ଜ, ରାଧାନାଥ, ଗଙ୍ଗାଧର, ନନ୍ଦକିଶୋର ଓ ଭକ୍ତକବି ମଧୁସୂଦନ କିମ୍ବା ଆଧୁନିକ ଯୁଗର ପ୍ରଥିତ ଯଶା କବି ଗୋଦାବରୀଶ ମହାପାତ୍ର କିମ୍ବା ମାୟାଧର ମାନସିଂହ କାହା କବିତାରେ ପ୍ରୀତିର ମୋହନମନ୍ତ୍ର ବ୍ୟାଖ୍ୟାରେ ଯାହା ନୀଳକଂଠ ରୂପାୟିତ କରି ଅଛନ୍ତି, ସେହି ଅବ୍ୟକ୍ତ ଧାରକୁ କିଏ ବ୍ୟକ୍ତ କରିଛି ? ଅବଶ୍ୟ ସ୍ୱୀକାର କରିବାକୁ ହେବ ଏହା ଅବୋଧ୍ୟ ଓ ଆମମାନଙ୍କ ପରି ସାଧାରଣ ବ୍ୟକ୍ତିଙ୍କର ଦୁରଧିଗମ୍ୟ – ତଥାପି ଏହାକୁ ବାରମ୍ବାର ପଢିବାକୁ ହେବ । ବାରମ୍ବାର ଚେଷ୍ଟା କରି ପଣ୍ଡିତ ନୀଳକଣ୍ଠଙ୍କ ଅଗାଧ ବିଦ୍ୟା ଓ ମନୀଷାକୁ ଭେଦ କରିବାକୁ ହେବ । ଡ଼ଃ ମାନସିଂହ ମଧ୍ୟ ବୁଝି ନ ପାରି ଲେଖିଛନ୍ତି, "ପୁସ୍ତକରେ ଅନେକତ୍ର ଏପରି ସମସ୍ତ-ପଦ ସବୁ ରହି ଯାଇଚି, ଯାହାକି ମୁଁ ନିଜେ ଏ ପର୍ଯ୍ୟନ୍ତ ପୁରା ସମଜି ପାରିନି ।" ଆମେ ବା କି ଛାର !

ଦିନେ ମାୟାଦେବୀ ଓ ନରସିଂହଙ୍କ ମଧ୍ୟରେ ମିଳନର କଥାବାର୍ତ୍ତା ଚାଲିଛି ।

"ଆସନ୍ତି କୁମାର, ଯାଇ ଜେମାପୁରେ
ଅବାରିତ-ଗତି ପଶନ୍ତି ସୁଖେ;
ଆଦରେ ଯୁବତୀ ବସାଇ ପଲଙ୍କେ
ଠିଆ ହୋଇଥାନ୍ତି ଅବନୀ ମୁଖେ ।

ଆଦରେ ବସାନ୍ତି କେବେ ଯୁବାମଣି,
ପଲଙ୍କେ ନ ବସି, ବସନ୍ତି ତଳେ;
ବହୁ ଯତ୍ନେ ଆଜି ବସାଇଲେ ଯୁବା,
ଜେମାମଣି ଆଣି ପଲଙ୍କ-ପରେ ।

ସମ୍ମାଦରେ ଅଙ୍କେ ପକାଇ ଶ୍ରୀଅଙ୍ଗ
ଆଉଁସି କପୋଳ ଛୁଇଁଲେ ସ୍ନେହେ,
ଉଷ୍ଣ-ବାରି ବିନ୍ଦୁ ପଡ଼ିଲା କପାଳେ,
ଉଠି ସେ ରମଣୀ, ଚମକି ଚାହେଁ ।"

Digitized by PPRACHIN, SOA

ସୁନ୍ଦରୀ ଜେମାମଣି ଅଶ୍ରୁ ସମ୍ବରଣ କରି ଯୁବରାଜଙ୍କୁ ପଚାରିଲେ, 'ପ୍ରାଣନାଥ, ଆଜି ତୁମର ଏ କି ରୀତି' ? ଯୁବରାଜ ଯାହା କହିଲେ, ଏବଂ ମାୟାଦେବୀ ଯେଉଁ ପ୍ରତ୍ୟୁତ୍ତର ଦେଲେ, ତାହା ଓଡ଼ିଆ କାବ୍ୟର କରୁଣ ରସକୁ ମ୍ଳାନ କରି ଦେଇଛି । ଏପରି ପ୍ରେମ କେଉଁଠାରେ ଚିତ୍ରିତ ହୋଇଛି ଯେ, ଏପରି କରୁଣ ରସ ଉତ୍ସାରିତ ହେବ ? ଏ ପ୍ରେମ ସ୍ୱାର୍ଥତ୍ୟାଗ ଉପରେ ପ୍ରତିଷ୍ଠିତ, ଉଦାର, ଗମ୍ଭୀର ଓ ମହୀୟାନ୍ । ଏଥିରେ ରାଧାନାଥଙ୍କ ପ୍ରେତାତ୍ମା କୌଶଲ୍ୟାର ଆତ୍ମକଥାର କରୁଣ ରସର ଅନୁକରଣ ନାହିଁ କି ନନ୍ଦିକାର ଆତ୍ମହତ୍ୟା ପାପର ଅବ୍ୟବହିତ ପୂର୍ବ କାରୁଣ୍ୟ ନାହିଁ, ଉଷାର ଜୟନ୍ତକୁ ଲାଭ କରିବାର ଆତ୍ମଦ୍ୱନ୍ଦ୍ୱ ମଧ୍ୟ ନାହିଁ । କେବଳ ନୀଳକଂଠଙ୍କ କାବ୍ୟରେ ଏପରି କରୁଣ ରସର ସଞ୍ଚାର ଅଛି, ଯାହା ଆତ୍ମତ୍ୟାଗ ଓ ସେବା ପରିପୂରିତ ଉପରେ ପ୍ରତିଷ୍ଠିତ—ଯାହା ପରପାଇଁ ଉତ୍ସର୍ଗୀକୃତ । କେଉଁଠାରେ ଦେହ-ପିପାସାର ନାମ, ଗନ୍ଧ, ଗୋତ୍ରର କାମନା ବି ନାହିଁ । ଏହା ନିଃସ୍ୱାର୍ଥପରତାର ଜୀବନ୍ତ ଓ ଜ୍ୱଳନ୍ତ ପରାକାଷ୍ଠା !

ଯୁବରାଜ ମାୟାଦେବୀଙ୍କୁ ଉତ୍ତରରେ କହିଲେ,

"କେତେ ତ ସହିଛି ଜୀବନେ ସୁନ୍ଦରୀ
କେସନେ କହିବି ଏ ସମାଚାର ?
ଫୁଙ୍କିବି କେସନେ ମରୁ-ବାତେ ଫୁଲ ?
ପରାଣ ସଜନି, ହୁଏ କାତର ।"

ଏକଥା ଶୁଣି ମାୟାଦେବୀ ପୁନର୍ବାର କହିଲେ, "ହେ ବୀର ପ୍ରାଣନାଥ, ଏ ଅଭାଗିନୀ ଯୋଗୁ କି ଦୁର୍ଗତି ଘଟିଛି, ହୃଦୟରେ ନିଶ୍ଚୟ ବେଦନା ଲାଗିଅଛି । ମୋତେ ନ କହି କିପରି ତୁମେ ଏହାକୁ ମୋ ଠାରୁ ଲୁଚାଇ ପାରୁଛ ?"

କାବ୍ୟରେ ସ୍ଥାପତ୍ୟର ପରାକାଷ୍ଠା ଦେଖାଇ କବି ଜେମାଦେଈଙ୍କ ମୁହଁରେ କହି ଅଛନ୍ତି—

"ନୁହେ ପ୍ରାଣନାଥ ରସାଳେ ଲତିକା
ମଳୟ-ସଙ୍ଗିନୀ ଭବେ କେବଳ,
ତୋଫାନେ ଭାଜିଲେ ଚୂତ-ଶାଖା ପରା,
ସେ ଡ଼ାଳେ ଛିଡ଼ଇ ଲତିକା-ମୂଳ !
କହ ଫେଡ଼ି ମୋରେ, ଏ ଗୁରୁ ବେଦନା
ସହି ନ ପାରଇ ଅଧିକ ଆଉ;

Digitized by PPRACHIN, SOA

ପରାଣେ ପରାଣ ମିଶାଇ କେସନ
ସହୁଚ ଗୋପନେ ଏସନ ଦାଉ !"

ଯୁବରାଜ ରାଜଜେମାଙ୍କର ଏହି ଉକ୍ତିର କିପରି ପ୍ରତ୍ୟୁତ୍ତର ଦେଲେ ତାହା ଲକ୍ଷ୍ୟ କରିବାର କଥା । ଯୁବରାଜ କହିଲେ—

"ଯହକାର ସିନା ସହଇ ଝଟିକା
ରଖଇ ଲତିକା ସମ୍ଭାଳି କୋଳେ;
ପରାଣ ସଜନି ନ ଫିଟାଇ ତୋରେ
ସହି ନ ପାରିବି ବେଦନା ତିଳେ ।"

ଜମ୍ବୁଦେଶ ରାଜା ନାରିକେଳ ଦେଇ ମୋର ବିବାହ ନିର୍ବନ୍ଧ ମାଗିଲେ । ମୋର ପିତା କଥା ଦେଇ ଏବେ ଘୋର ବିପଦରେ ପଡ଼ିଛନ୍ତି :—

"କଥା ଦେଇ ତହିଁ, ଅନଙ୍ଗ-ନୃପତି
ପଡ଼ିଛନ୍ତି ଏବେ ବିଷାଦେ ଘୋର ।"

ଏଇଠି ଜେମାମଣିଙ୍କ ଉତ୍ତର ଯଥାର୍ଥରେ ତାଙ୍କ ମହତ୍ତ୍ୱର ପରିଚାୟକ ଓ ନୀଳକଂଠଙ୍କ ଉତ୍କର୍ଷ ଚିନ୍ତାର ପ୍ରତିପାଦକ ।

ଉଜଳି ଉଠିଲା ଜେମା-ମୁଖ-ଛବି,
ଚମକେ ଦିଶିଲା ନୟନ-ବିମ୍ବ,
ବାରି-ବରଷଣ ବରଜି, ମୂଦିର
ତପନ-ବିମ୍ବସେ ଫିଟିଲା କିବା !
ଭାତୃଙ୍ଗ ଦିଶିଲା ରମଣୀ-ଗରିମା,
ବିସାରୀ କପାଳ ଦିଶିଲା ତୋର,
ତପନେ ହସିଲା ତାମରସ-ବିମ୍ବ
ଲାବଣ୍ୟ-ପୀରତି-ମହିମା-ଭର ।

ମାୟାଦେବୀଙ୍କର ଏ ପ୍ରସ୍ତାବରେ ଲେଶମାତ୍ର ଦୁଃଖ ନାହିଁ । ପଦ୍ମ ରବି କିରଣରେ ପ୍ରସ୍ଫୁଟିତ ହେଲା ଭଳି ତାଙ୍କର ନରସିଂହଙ୍କ ପ୍ରତି ପ୍ରେମ ଉଜ୍ଜ୍ୱଳତର ହୋଇ ଉଠିଲା । ସେ ସେହି ପ୍ରେମର ତୁଙ୍ଗ ଶିଖରରେ ଛିଡ଼ା ହୋଇ ପ୍ରେମିକ ଯୁବରାଜଙ୍କ ଦୁଃଖ ଦୂର କରିବା ପାଇଁ କହିଲେ—

"କି ହୋଇଛି ନାଥ ? ବିଷାଦ କିମ୍ପାଇ ?
ଆସନ୍ତୁ ସରଗେ ସେ ଜମ୍ବୁ-ଜେମା,
ଦାସୀ ହୋଇ ମୁହିଁ ରହିବି ଗହଣେ
ଏଥକୁ ବିଧାନେ ଅଛି କି ମନା ?

Digitized by PPRACHIN, SOA

ବାନ୍ଧି ଦେବି ବାଙ୍କ, ସଜାଡ଼ିବି ଶେଜ,
ନ ଭଜିବେ ବାଳା ବିଷାଦ ତିଳେ,
ଏ ପଦ ତ ମୋର ସରଗ ସମ୍ଭାର,
କିମ୍ପା ଏଥି ଏତେ ବେଦନା ବୀରେ ?
ଏଇଥି ପାଇଁକି ପଡ଼େ ଲୁହ ଝରି,
କି କଲ ମୋତେ, ମୋ ପରାଣ-ଧନ !
ଏଇଥି ପାଇଁକି ଏତେ ସରି ତୁମ୍ଭେ,
ଏଇଥି ପାଇଁକି ବିକଳ-ମନ ।”

ରାଜକେମା କହିଲେ. “ଏଇ ଛୋଟ କଥାରେ ତୁମେ ବିଚଳିତ ଓ ବିକଳ ହୋଇ ପଡ଼ୁଚ । ମୋର ଗୋଟିଏ ପ୍ରାର୍ଥନା ।”

“ମିନତି ମୋହର, ନ ଭଜିବ ଖେଦ
କନ୍ଧ-ଦେଶ-କେମା-ବରଣ-ବେଳେ ।”

ଯୁବରାଜ ମାୟାଦେବୀଙ୍କର ଜ୍ୱଳନ୍ତ ତ୍ୟାଗନିଷ୍ଠା ଦେଖି ମାୟାଦେବୀଙ୍କୁ କହିଲେ, “ମୁଁ ଜାଣେ ତୁମ୍ଭେ ଉର୍ଜସ୍ୱଳା ।”

“ଦେଇଥିଲ ବାଳା ପରାଣ ତ ମୋରେ,
ଚର୍ଖିଥିଲ କାଢି ବିବେକ କାହିଁ ?”

ପ୍ରେମ ଅନ୍ଧ, ବିବେକ ଶୂନ୍ୟ । କିନ୍ତୁ ଏଠାରେ କେମା ବିବେକୀର କାର୍ଯ୍ୟ କରିଛନ୍ତି ବୋଲି ନୀଳକଂଣ୍ଠ ଯୁବରାଜଙ୍କ ମୁହଁରେ କହୁଚନ୍ତି, ପ୍ରେମ ସହିତ ବିବେକର ସଂମିଶ୍ରଣ —ଏପରି ଦାର୍ଶନିକ ଭବ ଆଉ କୌଣସି କାବ୍ୟରେ ଅଛି କି ନାହିଁ ସନ୍ଦେହ । ଏହାହିଁ ନୀଳକଂଠଙ୍କ କାବ୍ୟର ମହତ୍ୱ !

ଯୁବାମଣି ଏତିକି କହି ଶିଶୁପାଳଗଡ଼ରୁ ସେଦିନ ବିଦାୟ ନେଲେ । ଯୁବରାଜଙ୍କ ସହିତ କନ୍ଧକେମାଙ୍କର ବିବାହ କଥା ସବୁଆଡେ ରାଷ୍ଟ୍ର ହୋଇଗଲା ।

କହିଲେ ସଖୀଏ, ‘ବୀର ନରସିଂହ
କିଏ ଜାଣିଥିଲା, ଚପଳ ସେହୁ ?’
କହିଲେ ସୁନ୍ଦରୀ, ନ ବୋଲ ସଜନୀ,
ବୀର ନରସିଂହେ ଚପଳ ଆଉ ।’

ଅନଙ୍ଗଭୀମଦେବ କନ୍ଧକେମାଙ୍କ ସହ ପୁତ୍ର ନରସିଂହର ବିବାହ-ନିର୍ବନ୍ଧ ରଚନା କରି ଅଳ୍ପଦିନ ମଧ୍ୟରେ ସଂସାର ତ୍ୟାଗ କରି ଗ୍ଲଲିଗଲେ । କନ୍ଧକେମା

Digitized by PPRACHIN, SOA

ଉତ୍କଳକୁ ଆସିଲେ । କେତେଦିନ ପରେ ମାୟାଦେବୀଙ୍କ ସଂଖୋଳି ଆସିବା ପାଇଁ ନରସିଂହ ଜମ୍ବୁଜେମାଙ୍କୁ ଅନୁମତି ଦେଲେ ।

ଚତୁରଙ୍ଗ-ସେନା– ଶବ୍ଦ ଶୁଭିଲା,
ପାଛୋଟିଲେ ମାୟା ଗଡ଼-ଦୁଆରେ;
ଜମ୍ବୁ-ଜେମା ଗଲେ ସେ ଗଡ଼-ଭିତରେ,
ବିଧୁ-ମୁଖେ ଫୁଟେ ବିଷାଦ ଭଲେ ।
ଚିର-ବିବାସିନୀ– ଭଗିନୀ-ସଂଭଷେ
ସତ୍କାର ରଚିଲେ ସେ ମାୟାଦେବୀ;
ଜମ୍ବୁଜେମା କିନ୍ତୁ ପରିଚର୍ଯ୍ୟା-ବିଧି
ନରୋଧି ନିରୋଧି, ଦିଅନ୍ତି ଦାବି ।

ଜମ୍ବୁଜେମା ମାୟାଦେବୀଙ୍କ ପରି ଜଣେ ମନସ୍ୱିନୀ ଓ ମହୀୟସୀ ନାରୀ । ସେ ମାୟାଦେବୀଙ୍କ ସକଳ ପରିଚର୍ଯ୍ୟାକୁ ଉପେକ୍ଷା କରି କହିଲେ,

"ଗ୍ଲଲ ବାରବାଟୀ– ଗଜ-ପୁରେ ଦେବୀ,
ଲଭିବ ସେବା ଏ ରମଣୀ କରେ ।
ବୀର ନରସିଂହେ ଜାଣି ମୁଁ ନଥିଲି
ଉଦାର-ମହିମା-ତପନ ଭବେ;
ତୁମ୍ଭେ ପଗ ତାଙ୍କ ପତ୍ନୀ ଉଜଳି,
ବିବେକ-ତାରକା ବୀରତ୍ୱ-ନଭେ ।
ସେବା କରିବି ମୁଁ, ଆସିଅଛି ଦୂରୁ,
ଗ୍ଲଲ ମହାଦେବୀ, ମହିଷୀ ତୁମ୍ଭେ;
ତାଗ ମୁଁ, ଦେଖିଚି ରୋହିଣୀ ସୁଧାଂଶୁ
ମାୟା-ନରସିଂହ-ମିଳନ-ଶୁଭେ ।
ଜୀବନେ ମୋହର ଏ ସମ୍ପଦ ସଖୀ,
ନ କର ବାରଣ, ନୁହ ବିମନା;
ଏ ତପ୍ତ ପରାଣେ ଦିଅ ସୁଧା ଢାଳି,
ବୀର-ଗରବିଣି ନ କର ମନା ।"

ରୋହିଣୀ ଚନ୍ଦ୍ରଙ୍କର ସ୍ତ୍ରୀ । ତାରାଙ୍କ ସଙ୍ଗେ ଚନ୍ଦ୍ର ବେଳେବେଳେ ମିଳିତ ହେବାର ପୁରାଣରେ ଅଛି । ମାତ୍ର ସେତେବେଳେ ଚନ୍ଦ୍ର ରୋହିଣୀଙ୍କି ଛାଡ଼ନ୍ତି ନାହିଁ । ପୁଣି ସାଧାରଣ ଭବରେ ଦେଖିଲେ, ଆକାଶରେ ରୋହିଣୀ ନକ୍ଷତ୍ର ମଧ୍ୟ ତାରା ।

Digitized by PPRACHIN, SOA

ସମସ୍ତ ତାରା ଚକ୍ରକୁ ବୁଲି ଚନ୍ଦ୍ର ରୋହିଣୀଙ୍କ ଥରେ ଆସନ୍ତି । ଚତୁର୍ଦ୍ଦିଗରେ ମଧ୍ୟ ଆକାଶରେ ଅଧିକାଂଶ ଉଜ୍ଜ୍ୱଳ ଓ ସୁନ୍ଦର ତାରା ଓ ନିକଟରେ ଛାୟାପଥ ଥିବାରୁ ରୋହିଣୀ ନିକଟରେ ଚନ୍ଦ୍ର ବଡ଼ ସୁନ୍ଦର ଦେଖାଯାଏ । ଏପରି ଉପମା ନୀଳକଣ୍ଠଙ୍କର ନଭୋମଣ୍ଡଳ ଜ୍ଞାନର ପରିଚାୟକ ମାତ୍ର ।

ମାୟାଦେବୀ ଜମ୍ବୁଜେମାଙ୍କୁ କହିଲେ, "ତୁମ୍ଭେ ତ ପ୍ରାଣ ଭଗିନୀ ! ପ୍ରୀତି ସମ୍ଭାଷଣରେ ମୁଁ ତୁମ୍ଭ ସହିତ ଭଗିନୀ ପରି ରହିଥାନ୍ତି । ପ୍ରସୂନ କନରେ ନରସିଂହଙ୍କର ସେବା କରିଥାନ୍ତି । ତଥାପି ତୁମ୍ଭକୁ ଏ ବିଷାଦ-ଗମ୍ଭୀର-ଗୋପନ କଥା ନ କହି, ଆଉ କାହା ଆଗେ କହିବି । ଦେଖିଲି, ନରସିଂହ ଯାଇ ମୋତେ ଶ୍ରୀକରରେ ଧରିଲେ । ମୁଁ ସେତେବେଳେ ସାଗର ଜଳରେ ଭାସୁଥିଲି । ସେତିକିବେଳେ ଶୂନ୍ୟବାଣୀ ହେଲା, 'ବୀର ତୁମ୍ଭେ ଏ ରମଣୀକୁ ଏ ସଂସାରରେ ଲଭ କରି ପାରିବ ନ ହିଁ ।' ଏ କଥା ଶୁଣି ମୁଁ ପଲଙ୍କରୁ ଉଠିଲି । ଘରେ ମୁଁ ସେହି ଦେବଜ୍ୟୋତି ଭରା ନରସିଂହଙ୍କ ବଦନଶ୍ରୀ ଦେଖିବାକୁ ପାଇଲି,—

କହିଲେ ସେ ମୋରେ, 'ଭବେ ନରସିଂହ
ନ ଲଭିବେ ତବ ଚରଣ-ସେବା ।'

ମୁଁ ଚାହୁଁ ଚାହୁଁ ଆଚମ୍ଭିତ ହେଲି । ଯୁବା କୁଆଡ଼େ ଅଦୃଶ୍ୟ ହୋଇଗଲେ । ଅନ୍ଧକାରରେ ଏହି ପ୍ରକୋଷ୍ଠ ଆଚ୍ଛନ୍ନ ହୋଇଗଲା । ସେହିଦିନ ଠାରୁ ସଖୀ, ମୁଁ ଟଙ୍କ, ବିଲ, ବନ, ପ୍ରାନ୍ତର ସବୁ ନରସିଂହମୟ ଦେଖୁଛି । ଦିନୁଦିନ ମୋତେ ଅବଶ ଲାଗୁଛି । ପିଣ୍ଡ ଫୁଟି ମୋ ପ୍ରାଣ ବାହାରି ଯାଉଛି । ଯଦି ଏ ସ୍ୱପ୍ନ ମୋର ସତ୍ୟ ହୁଏ, ନରସିଂହଙ୍କୁ ନ ଦେଖି ଯଦି ମୋର ପ୍ରାଣ ଚାଲିଯାଏ, ତେବେ—

'ଆସିବି' ବୋଲି ସେ ଯାଇଛନ୍ତି ଛାଡ଼ି,
ନ ଦେଖିବି ଯେବେ ଏ ଭବେ ତାରେ,
ମୋ ପାଇଁ ସଜନୀ ଦେଖୁଥିବ ନିତି
କହିବ ମୋ' କଥା ସେ ବୀରବରେ ।

ନରସିଂହ ମୋର ପରଣ ସଂପଦ । ତୁମ୍ଭେ ତ ମୋର ପରଣ ଦୋସର । ଏହି ଜୀବନ୍ତ ସ୍ମରଣକୁ ହୃଦୟରେ ଧରି ନରସିଂହଙ୍କ ଠାରେ ଆତ୍ମସମର୍ପଣ କରିବ । ଭଗ୍ନୀ, ତୁମ୍ଭେ ବିରସ ହେବ ନାହିଁ କି ନରସିଂହ ମଧ୍ୟ ବିରସ ହେବେ ନାହିଁ ।

"ବିରସ ନୋହିବ, ଭଗିନୀଟି ତୁମ୍ଭେ
ବିରସ ନୋହିବେ ସେ ନରସିଂହ;

Digitized by PPRACHIN, SOA

ଶରଦ-ଅରୁଣେ କନକ-ପ୍ରସୂନ
ସୁରଭି-ବିଳାସେ ଫୁଟିବ, କହ ।
ସେ ଶରଦେ ମୁହିଁ ଦିଶିବି ବିମଳ,
ସେ ସୁରଭି ହେବ ମୋହରି ସଖୀ,
ହୃଦୟେ ହୃଦୟ ମିଶାଅ ଭଗିନୀ,
ଏ ଜୀବନେ ଦିନେ କର ଗୋ ସୁଖୀ ।"

ଏହିପରି କହୁ କହୁ କମ୍ବୁଜେମା ମାୟାଦେବୀଙ୍କୁ ଗାଢ଼ ଆଲିଙ୍ଗନ କଲେ । ଆଲିଙ୍ଗନ କରୁ କରୁ ମାୟାଦେବୀଙ୍କର ପ୍ରାଣବାୟୁ ନିର୍ଗତ ହେଲା । କମ୍ବୁଜେମାଙ୍କର ସେଦିନର ସ୍ୱପ୍ନ ମନେ ପଡ଼ିଗଲା । ତାଙ୍କର ମନେ ପଡ଼ିଲା, ଯେତେବେଳେ ବିଶ୍ୱନାଥ କାଶ୍ମୀର ଯାଇଥିଲେ, ସେତେବେଳେ ଦିନେ କିପରି ଗତିରେ ସ୍ୱପ୍ନ ଦେଖି ପାଗବାର ମଧ୍ୟରେ ପଡ଼ିଗଲେ । ତାରା ହୋଇ କିପରି ଅନ୍ୟ ତାରକାରେ ଯାଇ ମିଶିଗଲେ, ସେ କଥା ବି ତାଙ୍କର ସ୍ମରଣ ହେଲା । ଶିଶୁପାଳ ଗଡ଼ରେ ବିଳାପର ଲହରୀ ଖେଳିଗଲା । ପ୍ରବୀଣ ସାମନ୍ତ ମାୟାଦେବୀଙ୍କ ପିତା ଆସି କନ୍ୟାର ଏହି ଆକସ୍ମିକ ମରଣ ଦେଖି ଥକ୍କା ମାରି ବସିଗଲେ । କମ୍ବୁ ଦୁହିତା ପ୍ରଚଣ୍ଡ ବିଷାଦରେ ସ୍ତବ୍ଧ ହୋଇ ରହିଥିଲେ । ତାଙ୍କୁ ପ୍ରବୋଧନା ଦେଇ ଜୀବନ ମରଣର ଦାର୍ଶନିକ ତତ୍ତ୍ୱ ଶୁଣାଇ ମାୟାଦେବୀଙ୍କ ବୃଦ୍ଧ ପିତା କହିଲେ,

"ବିହି-ଲେଖେ କିପାଁ ପାଅ ମା ବ୍ୟଥା ?"

ତୁମ୍ଭେ ମୋର ଧର୍ମ ଝିଅ । ତୁମେ ନରସିଂହଙ୍କୁ ପତି ରୂପେ ବରଣ କରିଛ । ସେଥିପାଇଁ ତୁମ ଦୁଃଖ ଦେଖି ମୋ ପ୍ରାଣ ବେଦନାରେ ଫାଟି ଯାଉଛି । ଜଗତରେ କେହି ସ୍ଥାୟୀ ନୁହେଁ—ତେଣୁ ଅଧୀର କିଆଁ ?

"ଥରି ଥରି ବାଳା ନୟନୁ କପୋଳେ
ତରଳି ବହିଲା ଶୋକର ଧାର;
କହିଲେ ସାମନ୍ତ, "କିମ୍ପା କର କୋହ ?
ଚିର କେହି ନୁହେଁ ଭୁବନ ସାର ।

× × ×

ଦୁଇଦିନ ପାଇଁ ଶରୀର-ବିଭବ,
ଅନନ୍ତ ଜୀବନ ଅନନ୍ତେ ମିଶେ;
ସବୁ ଦୁଃଖ ସୁଖ ସୋହାଗ ବିଷାଦ
ଏକାକାର ସେହି ଅନନ୍ତ ଦେଶେ ।"

Digitized by PPRACHIN, SOA

ଏଠାରେ କେହି କେହି ସମାଲୋଚକ କହି ପାରନ୍ତି, ଏହା ରାଧାନାଥଙ୍କର ଅନୁକରଣ । ମୃତ୍ୟୁ ସମ୍ବନ୍ଧରେ ଏପରି ଦାର୍ଶନିକ ତତ୍ତ୍ୱ କିଛି ରାଧାନାଥଙ୍କର ଆବିଷ୍କାର ନୁହେଁ । ଏ ସବୁ ବହୁ ପ୍ରାଚୀନ କାଳରୁ ବହୁ ଦେଶର ସାହିତ୍ୟରେ ସୁପ୍ରତିଷ୍ଠିତ ।

ସାମନ୍ତ ଶବ ସଂସ୍କାର କରିବାକୁ ଆଦେଶ ଦେଇ ସ୍ଥାନ ତ୍ୟାଗ କଲେ । କିନ୍ତୁ ହେମା ସହଚରୀ କହିଲା, ''ମାୟାଦେବୀ କହି ଅଛନ୍ତି, ଯଦି ରାଜାଙ୍କୁ ନ ଦେଖି ସେ ମୃତ୍ୟୁ ବରଣ କରନ୍ତି, ଯଦି ଏ ପୋଡ଼ା ନୟନରେ ସେ ତାଙ୍କୁ ଦେଖି ପାରିବେ ନାହିଁ, ତେବେ —

ନ ଦେଖିବି ଯେବେ ପରାଣ-ଦେବତା
ଏ ପୋଡ଼ା ନୟନେ ଏହି ମରତେ;
ଭାଙ୍ଗିଯିବ ଯେବେ ମୋ ସୁନା—ସଂସାର,
ଥିବେ ନରସିଂହ ଦୂର ବିଦେଶେ;
× × ×
ତପନେ ହସାଇ, ୧ ପୁର ଦେଖାଇ,
ଦେବ ପିଣ୍ଡ ମୋର ଭସାଇ ଜଳେ,
ଭେଟିବି ସାଗର, ସାଗରେ ସଜନୀ,
ରାଜନ-ଛୁଇଁବେ ମୋତେ ଶ୍ରୀକରେ' ।''

ମାୟାଦେବୀଙ୍କର ଆଦେଶ ପାଳନ କରି ସଖୀମାନେ ଶବକୁ ସିନ୍ଧୁକରେ ରଖି ଦୟାନଦୀ ଧାରରେ ମହା ସମାରୋହରେ ଭସାଇ ଦେଲେ । ଭୁବନେଶ୍ୱର, ବଡ଼ଦେଉଳ ଦେଖି ସିନ୍ଧୁକ ଭସିଲା ।

''ସେହି ସେ ଶ୍ରୀକରେ ଜମ୍ବୁ-ରାଜ-ହେମା
ଶୁଆଇଲେ ଶବ ସିନ୍ଧୁକେ ନେଇ
ସଜନୀ-ଗହଣେ ଦୟା-ଧାରେ ଧାରେ
ସମ୍ଭାରେ ନେଲେ ସ୍ୱେ ସିନ୍ଧୁକ ବହି ।
କାଠଯୋଡ଼ି ଯହିଁ ଯାଏ ନୀଳାଚଳେ
ଦିଶେ ବାରବାଟୀ ଉନ୍ନତି ଚୂଳେ,
ହସି ହସି ବାଳା କନକ ତପନେ,
ଥରି ଥରି ଭସେ ତଟିନୀ-ଜଳେ ।''

ଏଣେ ନରସିଂହ ତାମ୍ରଲିପ୍ତିରେ ଜଳଦସ୍ୟୁମାନଙ୍କୁ ଦମନ କରି ବାରବାଟୀ ଫେରୁଥାନ୍ତି । ଏହି ତାମ୍ରଲିପ୍ତିରେ ଯୁଦ୍ଧ ବର୍ଣ୍ଣନା, କାବ୍ୟରେ ଅନାବଶ୍ୟକ ନୁହେଁ —

Digitized by PPRACHIN, SOA

ନିତାନ୍ତ ପ୍ରୟୋଜନୀୟ । କାରଣ ନରସିଂହଙ୍କର ତୁଙ୍ଗ ବୀରତ୍ୱ ମହିମା ଏଥିରେ ପରିସ୍ଫୁଟ ହୋଇଅଛି ଏବଂ ଉତ୍କଳର ତତ୍କାଳୀନ ରାଜନୈତିକ ଚିତ୍ର ଏଥିରୁ ପ୍ରତୀୟମାନ ହୁଏ ।

ରାଜା ନରସିଂହ ଦୂର ଉପକୂଳରୁ ବାରବାଟୀ ସୌଧକୁ ଫେରିଲେ । ଶିଶୁପାଳଗଡର ସେ ଉପବନର ପ୍ରଦୋଷ ବିହାର, ମାୟାଦେବୀଙ୍କର ସେହି ନିବିଡ଼ ପ୍ରୀତିର ମୋହନ ଆକର୍ଷଣକୁ ଭୁଲିଯାଇ କିପରି ଜଳଦସ୍ୟୁ ଦମନ ରୂପକ କଠୋର କଠିନ କର୍ମରେ ମନ ଦେଇଅଛନ୍ତି, ସେ କଥା କେବଳ ତାଙ୍କୁ ହିଁ ଜଣା । ନରସିଂହଙ୍କର ସେହି ବିବେକ, ସେହି ଉନ୍ନତ ଗୌରବ ମହିମା ବେଳେବେଳେ ମ୍ଳାନ ହୋଇ ଶିଶୁପାଳଗଡ଼ ଅଭିମୁଖେ ଧାବିତ ହେଉଥାଏ । ରାଜାଙ୍କ ଆଖିକି ନିଦ ନାହିଁ । ଯେବେ ଟିକିଏ ଛାଇ ନିଦ ଲାଗିଆସେ, ଏକାମ୍ରରେ କି ଅଘଟଣ ଦେଖି ଚମକି ଉଠି ବସନ୍ତି । କେବେ ମଧ୍ୟ ଜମ୍ବୁଜେମା ତଳେ ଲେଟି ତାଙ୍କୁ କି ଅଶୁଭ ସମାଚାର ଦେଉ ଅଛନ୍ତି । ସତକୁ ସତ ସକାଳୁ ବନ୍ଦିଙ୍କ ଗୀତରେ ନିଦ ଭାଙ୍ଗିଲରୁ ବାହାରେ ଆସି ଦେଖିଲେ କଟକରୁ ଚର ଆସିଛି । ସେ ପତ୍ର ନେଇ ରାଜାଙ୍କୁ ଦେଲା ।

"ଦେଲା ଆସି-ଚର ବାରବାଟୀ-ପୁରୁ<br>
ଭୁର୍ଜପତ୍ର-ଲେଖ ରାଜନ-କରେ;<br>
ଧରୁ ଧରୁ ଲେଖ, ରୋମାଞ୍ଚ ରାଜନେ,<br>
ମରମେ ମରମେ ପରଶ ଥରେ ।<br>
ହେମନ୍ତ-ବରଷା ଶିଶିର-ପବନ<br>
ଜଳ-ବିନ୍ଦୁ-ଝରେ ସହଇ ଦ୍ରୁମ;<br>
ମଳୟ-ପରଶେ ଥରଇ ମରମ,<br>
ସୋହାଗେ ମୁଞ୍ଜରି ହସାଏ ବନ ।

ସେ ପତ୍ରରେ ଲେଖା ଥିଲା, "ପ୍ରାଣନାଥ, ସିଂହଳରୁ ବୋଇତ ଫେରିଲେ ତୁମେ କଟକ ଆସିବ ବୋଲି କହି ଯାଇଥିଲ । ତୁମ ଅନୁମତି ଅନୁସାରେ ମୁଁ ଆଜି ଶିଶୁପାଳ ଯାଉଛି, ମାୟାଦେବୀଙ୍କୁ ଆଣିବାକୁ ଚତୁରଙ୍ଗ ସେନା ସାଙ୍ଗରେ ନେଇ । କ୍ଷମା କରିବ ମୁଁ ଆଣିବା କଥା ନ କହି ଦେଖିବାକୁ ଯିବି ବୋଲି କହିଥିଲି । ସେ ଆଉ କେତେକାଳ ଦୂରରେ ରହିବେ । ଏବେ ତୁମେ ତାମ୍ରଲିପ୍ତିରୁ କଟକ ଆସିଲେ, ଆମେ ଦୁଇ ସହଚରୀ ଯାଇ ତୁମକୁ ବନ୍ଦାଇ ଆଣିବୁ ।

ଏହି ଲେଖା ପଢି ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ ।

Digitized by PPRACHIN, SOA

ଶିଶୁପାଳ-ଗଡ଼ ନାଚିଲା ନୟନେ,
ଉପବନ-ଗୀତ ପଡ଼ିଲା ମନେ;
ବିକଟ କଟକ ଛାଡ଼ି, ଯାଏ ଛୁଟି
ପ୍ରୀତି-ଛଳ ଛଳ ଏକାମ୍ର-ବନେ ।
ଜମ୍ବୁ-ରାଜ-ସୁତା ଉଦାର-ମହିମା
ମିଶି ପୁଣି ସେହି ପୀରତି ରସେ;
ତରଙ୍ଗେ ତରଙ୍ଗେ ନାଚଇ ପରାଣ,
ଫୁଟଇ ତପନ ତରଳ ହାସେ ।

× × ×

ସେ କିପରି ? ତାର ଶଙ୍କାକନ୍ତ କଣ ?
ବାରୁଣୀ-ଲଲାଟେ ବିଳସି ତପନ,
ଛୁଅଁଇ ପଗଡ଼ୀ ଅରୁଣ-କରେ;
ଭସିଯାଏ ତରୀ ମହା ପାରାବାରେ,
ବାଟ ବାରି ପୁଣି ଫେରଇ ତୀରେ ।

ଏହିପରି ଭାବରେ ରାଜା ଯେତେବେଳେ ଦୂରସ୍ଥ ଖବର ଶୁଣିଲେ, ପଥ ଦସ୍ୟୁଶୂନ୍ୟ ଓ ନିରାପଦ ଏବଂ ବାଲିଦ୍ୱୀପ ଓ ସିଂହଳ କୂଳରୁ ବୋଇତ ଫେରିଛି, ସେତେବେଳେ ସେ ଚତୁରଙ୍ଗ ସେନା ନେଇ କଟକ ଫେରିଲେ । ସେହି ଆସିବା ରାସ୍ତାରେ କିନ୍ତୁ ଡ଼ଗର ଠାରୁ ଦୁଃସମ୍ବାଦ ପାଇଁ ରାଜା ଦୁଃଖରେ ଅଜ୍ଞାନ ହୋଇଗଲେ ।

ପ୍ରଳୟେ ସତେ କି ଛିଡ଼ିଲା ତପନ
ଫାଟିଲା ସତେ କି ବିଶାଳ ମହୀ;
ଜଳିଗଲା ସିନ୍ଧୁ- ଅନନ୍ତ-ପ୍ରସାର,
ପଡ଼ିଲା ଗଗନୁ ତାରକା ତହିଁ !

ବହୁଚର୍ଯ୍ୟା ପରେ ରାଜା ସଂଜ୍ଞା ଲଭ କରି କଟକରୁ ଆସିବା ଡ଼ଗରକୁ ପଚାରିଲେ, "ମାୟାଦେବୀ ସତେ ଏ ସଂସାରରେ ନାହାନ୍ତି ? ସତ କହୁଛ ତ ?"

ବୁଡ଼ଇ ତପନ ପ୍ରଦୋଷେ ପ୍ରଦୋଷେ
ଫୁଲ ଦଳେ ଥାଏ କମଳ ରହି;
ଛାଡ଼ି ନ ପାରଇ ଆଶା ତରଙ୍ଗିଣୀ,
ଗିରି-ଚୂଳ ନିଏ ସଳିଳେ ଧୋଇ ।

Digitized by PPRACHIN, SOA

ବାରବାଟୀରେ ଜହ୍ନୁ-ନନ୍ଦିନୀ ଆସି ରଜାଙ୍କୁ ସମ୍ଭାଷଣ କରି କହିଲେ, "ମୁଁ ପିଶାଚୀ, ତୁମେ ପର ମୋ ପାଖରେ ତାକୁ ଛାଡ଼ି ଯାଇଥିଲ, ମୁଁ ତାକୁ ସଂଖୋଳି ଯାଇଥିଲି—"

ରାଣୀ ଏତିକି କହୁ କହୁ ରଜା ବେଦନ ବ୍ୟଥିତ କଣ୍ଠରେ କହିଲେ, "ଆସିବି ବୋଲି ମୁଁ କହି ଆସିଥିଲି । କିନ୍ତୁ ନିୟତିର ବଳକୁ କିଏ ରୋଧିବ ।" ଆଶା-ନିରଶାର ଏ ଗଭୀର ସଂଘାତ ମଧ୍ୟରେ ରଜାଙ୍କର ମନ ଆନ୍ଦୋଳିତ ହେଉଥାଏ ।

'କରମ-କଠୋର ସଂଯମ ତୁଟାଇ,
ବାଷ୍ପ ଗଦଗଦ ଫିଟିଲ ବେଳେ;
ରୁଦ୍ଧ ଗିରି-ନଦୀ ଆନ ଧାରେ ମିଶି,
ବନ୍ଧଦରୀ ଭେଦି ବୁଡାଏ ବିଲେ ।

ସେହିଦିନ ଠାରୁ ରଜା ଓ ଜହ୍ନୁଜେମା ସଂସାରକୁ ବିଷ ପରି ମଣି ସନ୍ୟାସ-ବିଧାନରେ କାଳ ଯାପନ କଲେ । ତାଙ୍କର ଦାମ୍ପତ୍ୟ ଜୀବନ ଅପୂର୍ଣ୍ଣ ରହିଲ । ରଜା ଶୁଣି ପାରିଲେ ମୈତ୍ରେୟ ବନରେ ସେ ଶବ ସେହିପରି ଜୀବନ୍ତ ରହିଛି । ନର-ଶବ ବୋଲି ତାକୁ କିଏ କହିବ ?

'ଆଚମ୍ବିତେ ଜଳେ ଭସଇ ସିନ୍ଧୁକ;
ବହୁ ଶ୍ରମେ ନୃହେ ଓଟାରି କୂଳେ,
ନୟନ-ତାରକା ଦିଶଇ ବିକାଶି,
ମଧୁ-ରୁଚି କି ସେ ମାଧବ ଫୁଲେ !'
ଯାଇ ନରସିଂହ ଛୁଇଁଲେ ଶରୀର,
ଶୁଣିଛି, ଉଠିଲ ଜୀବନେ ବାଳା;
ଅନ୍ଧାର ଦିଶିଲ ମଧ୍ୟାହ୍ନ ସେ ପୁରେ,
କେହି ନ ଜାଣିଲେ, କି ତହିଁ ହେଲା ।

ଜହ୍ନୁ-ବାଳା, ପୁଣି ନରସିଂହ-ରାଣ
ରହିଲେ ସେ ଦିନ ସିନ୍ଧୁକ ପାଶେ;
ଅରୁଣେ ସରବେ ଦେଖିଲେ ସେ ପୁରେ
ନଦୀ-ଧାରେ ଖାଲି ସିନ୍ଧୁକ ଭସେ ।

ନରସିଂହଙ୍କ ମନରେ ଆଉ ବିଷାଦର ରେଖା ନାହିଁ । ଜହ୍ନୁ-ଜେମା ମଧ୍ୟ ଉତ୍ଫୁଲ୍ଲ ।

Digitized by PPRACHIN, SOA

ବିଷାଦଟି ଆଜ ନାହିଁ ନରସିଂହେ,
ଜମ୍ବୁ-ଜେମା-ଜମ୍ବୁ ସୋହାଗେ ଭଗ;
ଝଟିକା ବରଜି, ମଧୁ ଉପବନ
ଦିଶେ କି ମାଧବ ଚପନେ ତୋଗ !

ଉଷତ ଭଜିଲେ ପୁରଜନେ ତହିଁ,
ଶୁଣି ବାରବାଟୀ କଟକ-ଲୋକେ;
ସୁରଧୁନୀ ଠାରୁ ଗୋଦାବରୀ-ଯାଏ
ମହେନ୍ଦ୍ର ଖେଳିଲ ମାଧବ ସୁଖେ ।
ଶିବେଇ ସାମନ୍ତ ହକର ଲଭିଲେ,
କୁଶଳ ସ୍ଥପତି ଆସିଲେ ଖରେ;
ମାୟାଦେବୀ ପୁରେ ମୂଜ କରି ଶୁଭ,
ତୋଳିଲେ କୋଣାର୍କ ତଟିନୀ ଢଙ୍କେ ।

## କାବ୍ୟରେ ସଙ୍ଗୀତର ପ୍ରୟୋଗ—

"ମାୟାଦେବୀ କାବ୍ୟର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି— କାବ୍ୟର ମଧ୍ୟେ ମଧ୍ୟେ ଗୋଟିଏ ଗୋଟିଏ କ୍ଷୁଦ୍ର କବିତା ବା ସଙ୍ଗୀତ । ଏମାନଙ୍କର ତାତ୍ପର୍ଯ୍ୟ ଓ ପ୍ରୟୋଜନୀୟତା ସଂପର୍କରେ କେହି କେହି ସନ୍ଦେହ ପୋଷଣ କରି ପାରନ୍ତି । ପ୍ରସିଦ୍ଧ ଇଂରେଜ କବି ଟେନିସନ୍‌ଙ୍କର ଏହା ସ୍ୱଷ୍ଟ ପ୍ରଭବ ହୋଇପାରେ । ନୀଳକଣ୍ଠ ପ୍ରଣୟିନୀ କାବ୍ୟରେ ମଧ୍ୟ ମଧ୍ୟେ ମଧ୍ୟେ! ଏହିପରି କବିତା ବା ସଙ୍ଗୀତ ସଂଯୋଜନା କରିଚନ୍ତି, ଯଥା—

"ବୁଡ଼ିଯାଏ ରବି ପଶ୍ଚିମ ଗଗନେ
ଗଡ଼ ପାଚିରରେ କିରଣ ମାଳା ।
ପୁରାଣ-ବିଭବ ସମର କାହାଣୀ
ଘେନି, ଗିରିଚୂଳ କନକେ ବୋଳା ।
କିମ୍ବା
ପ୍ରେୟସି, ତୋହର ବୀଣା-ଝିଣା-ସ୍ୱର
ରଣ-ଦୁନ୍ଦୁଭିରେ ଉଠଇ ବାଜି,
ନାଚିଯାଏ ଚାନ, ପୂରଇ ପରାଣ,
ଯହିଁ ବୀର-ଯୁବା ସମରେ ସାଜି ।

Digitized by PPRACHIN, SOA

ସେହିପରି 'ମାୟାଦେବୀ' କାବ୍ୟରେ କେତୋଟି କବିତା ଓ ସଙ୍ଗୀତର ସମାବେଶ ଦେଖିବାକୁ ମିଳେ । ପ୍ରଥମ ସଙ୍ଗୀତଟି ହେଉଚି, ଗୋପୀ ଭଷା ବୃତ୍ତରେ ରଚିତ ।

'କେଉଁ ବରେ ବରିବେ ଜେମାମଣି',
ରାଣୀ ବିଷାଦେ ହେଉଛନ୍ତି ଗୁଣି ।
'ଧନ ଦଉଲତ ଅଛଇ ବରେ,'
ଜେମା ଶୋଇଛନ୍ତି ପଲଙ୍କ ପରେ ।

ଏହି ଗୀତର ସାରମର୍ମ ହେଲା – ରାଣୀ ଗୋଟିଏ ଧନୀ ଲୋକ ସଙ୍ଗେ, ଯୁବରାଜ ବୀର ସଙ୍ଗେ ଓ ରାଜା ରାଜପୁରୁଷଙ୍କ ସଙ୍ଗେ ଦୁହିତାର ବିବାହର କଥା କଲେ । ଜେମା କାହିଁ ଭୁଲିଲେ ନାହିଁ । ସେ ଜଣେ ସାଧାରଣ ଲୋକକୁ ଗୋପନରେ ବରଣ କରି ତା' ପାଖକୁ ଗଲେ । ରାଜା, ରାଣୀ ଶୁଣି ତୁନି ହେଲେ । କିନ୍ତୁ ଯୁବରାଜ ନ ସହି ପଛରେ ଗୋଡାଇଗଲେ । ଜେମା ପୋଖରୀରେ ପଶିଯାଇ ପ୍ରାଣ ତ୍ୟାଗ କଲେ ।

## 'କୋଣାର୍କେ' ଏକ ଅଦ୍ଭୁତ କାବ୍ୟ—

'କୋଣାର୍କେ'ରେ ନୀଳକଣ୍ଠ ହେଉଛନ୍ତି ସବ୍ୟସାଚୀ । ଲୌକିକ ଓ ଅଲୌକିକ ସାହିତ୍ୟ ଓ ଶବ୍ଦ ଭଣ୍ଡାର ଏବଂ ପଦ ସମୂହର ସମିଶ୍ରଣରେ 'କୋଣାର୍କେ' ହୋଇ ପଡ଼ିଛି ଏକ ଅଦ୍‌ଭୁତ କାବ୍ୟ । ଏହି ଶବ୍ଦର ସଂକୋଚନ ପ୍ରସାରଣ ପ୍ରଣାଳୀରେ ନୀଳକଂଠ ଯେପରି ସିଦ୍ଧହସ୍ତ ଥିଲେ, ଆଉ ସତ୍ୟବାଦୀ ଯୁଗର କୌଣସି କବି ସେପରି ହୋଇ ପାରିଥିଲେ କି ନାହିଁ ସନ୍ଦେହ ।

ପ୍ରଥମ ଗୀତଟି ହେଲା –

"କି ଘେନି ଯାଅ, ସାଧବ-ପୁଅ, ଆସ ହେ ପାଶେ ମୋର;
ସିଂହଳ-କୂଳ-ମୁକୁତା-ଫଳ ଦିଅ, ରଚିବି ହାର ।'
'ଆଣିଛି ମୁହିଁ, ମୁକୁତା ବହି, ବିକୁଛି ଘରେ ଘରେ;
ଘେନିଛ କଟା; ଦେବ ମୁକୁତା, କେଉଁ ବନିତା ବରେ ?"

"ଖେଳିଗଲା ଭବ, ଖେଳିଯାଏ ଯଥା
ଆଷାଢ-କିଆରି ଭେଦି ପବନ;
ପଲକ-ସ୍ପନ୍ଦନେ କୁମାର ହୃଦୟ
ଥରିଗଲା, ଭେଦି ସେ ଅପଘନ ।"

Digitized by PPRACHIN, SOA

ଦ୍ୱିତୀୟ ଗୀତ ହେଲା -

"ଏକା ହୋଇ ଯାଅ ନାହିଁ, ନିଅ ମୋତେ ତୁଲେ;
ଅର୍ଦ୍ଧଅଙ୍ଗ କେସନେ ମୁଁ ରହିବଇଁ ଭଲେ ।
ଢ଼ାଲ ତୂଣୀର ବହିବି;
ଛାଡ଼ି ମୋ ପରାଣ ମୁଁ ତ ଏକା ନ ରହିବି' ।"

ଯୁବରାଜଙ୍କ ହୃଦୟରେ ପ୍ରେମର ସଞ୍ଚାର କରିବା ଭଟ ଦ୍ୱାରା ବୋଲା ହୋଇଥିବା ଏହି ସଙ୍ଗୀତର ଫଳ ! ଯୁବରାଜ ବନ୍ଦୀର ଏହି ସଙ୍ଗୀତ ଶୁଣି ପୁଲକିତ ହୋଇ ଉଠିଲେ ।

"ସଂଯମ-ପ୍ରାବୃଟେ ଆସିଲା ଏ କାହୁଁ
ପୀରତିର ଲୀଳା ଜ୍ୟୋତ୍ସ୍ନା-ମୁଦେ ?"

ତୃତୀୟ ଗୀତଟି ହେଲା - ପାରିଧି ଗୀତ (ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ । ଯେତେବେଳେ ସୈନ୍ୟମାନେ ପାରିଧିକି ଯାଉଥିଲେ, ସେତେବେଳେ ବନ୍ଦୀ (ଭଟ) ସୈନ୍ୟମାନଙ୍କ ସଙ୍ଗେ ଗାଇଲେ—

ତୁଙ୍ଗ ଶିରେ,
ଦେଖ ଶିଖର ନବ ଶୁଭ୍ର କରେ
ଉଠ ବୀର ଯୁବକ ତେଜି ସପନ-ସୁଖ;
ଶ୍ୟାମ ବିପିନ ଭରି ପୁଣ୍ୟ ଝରେ ।

ଏ ଗୀତ ନଥିଲେ ପାରିଧି ରଚନା ସେପରି ରମଣୀୟ କିମ୍ବା ହୃଦୟସ୍ପର୍ଶୀ ହୋଇ ପାରି ନଥାନ୍ତା ।

ନଗଜ ଠାରୁ ମହାନଦୀ ଭିନ୍ନ ଭିନ୍ନ ଶାଖାରେ ଅନୂପ ପ୍ରଦେଶ ଭେଦ କରି ସମୁଦ୍ରରେ ପଶୁଅଛି । ଏପରି ଉପମା ଦେବାର ଶକ୍ତି ଓ ସାମର୍ଥ୍ୟ କାହାର ଅଛି ? ଏହା କେବଳ ଉତ୍କଳର ପ୍ରଜ୍ଞାବାନ ଭୂଗୋଳବିତ୍ ନୀଳକଣ୍ଠଙ୍କ ଲେଖନୀରୁ ସମ୍ଭବ ।

ସେହି ପଦଟି ହେଲା –

'ବିଭାଗ ଆଦରି, ଦଳେ ଦଳେ ପଥେ
ଯାଉଛନ୍ତି ସେନା ବିପିନେ ମିଶି,
ନଗଜ ବରଜି ମହାନଦୀ ସେ କି
ଶାଖେ ଶାଖେ ଯାଏ ଅନୂପେ ପଶି !"

ଚତୁର୍ଥ ଗୀତଟି ହେଲା, କବିସୂର୍ଯ୍ୟ ବଳଦେବ ରଥଙ୍କ "ଜାଣିଛି ମୁଁ ଏତେ ମାତ୍ର ଗୋ ଲଳିତେ' ବୃତ୍ତରେ ରଚିତ ।

Digitized by PPRACHIN, SOA

କିମ୍ପାଇଁ ସୁମନ, ସହି ଏ କଷଣ, ତୁଙ୍ଗ ବିଧୁ ମୁଖେ ରହୁ ଗୁହିଁ ?
ସେ ତ ଏତେଦୂରେ, ବୁଲଇ ସଂସାରେ; ଗୁହିଁ କି ତୋ ମୁଖ ଯିବ ରହି ।

ନୀଳକଣ୍ଠ ନିଃସୃତ ଏହି ମାଧୁର୍ଯ୍ୟମୟ ସଙ୍ଗୀତ ଶୁଣି ନରସିଂହ ପଗ୍ଭରିଲେ,—

"କିଏ ତୁମେ ନାରୀ ? କିମ୍ପାଇଁ ବିପିନେ ?
କାହିଁକି ବିଷାଦ ସଙ୍ଗୀତ-ସ୍ୱର ?"
ପରିଗ୍ଭରି-ଜନେ କହିଲେ ଅଳପେ,
"ଆସିଛନ୍ତି କେମା ପ୍ରଦୋଷେ ବୁଲି;
ଶିଶୁପାଳ-ଗଡ ଏହି ଦିଶୁଅଛି;
ଏକାଟି ଏ କେମା ସେ-ଗଡ଼-ଶିରୀ ।"

ଏହିପରି ଭବରେ କ୍ଷୁଦ୍ର କ୍ଷୁଦ୍ର କବିତା, ଗୀତ ଓ ସଙ୍ଗୀତ କାବ୍ୟର ରସାସ୍ୱାଦନରେ ବିଶେଷ ସହାୟତା କରିଅଛି । ଭଷା ଓ ଉପକଳ୍ପର ବୈଭବ ମଧ୍ୟ ଜୀବନ୍ତ ହୋଇଅଛି । ଶେଷ ସଙ୍ଗୀତ ହେଉଛି (ରଗ–ମାୟାମାଳବଗୌଡ଼ା)

ସମୀରଣ ବହଇ ମରିମରି,
ମରମରେ ପୁରଇ ଗିରିଦରୀ;
ମରମରେ ପୁଛଇ ପଗଣ, ରହି ରହି,
କାହିଁ ଯାଉଛି ବହି ଥରି ଥରି ?

ଏହି ସଙ୍ଗୀତ ଶୁଣି ଶୁଣି ଯୁବଗଜ କେଉଁ ଅପୂର୍ବ ପୁଲକରେ ଭସି ଯାଉଛନ୍ତି ତ ହାର ଇୟତ୍ତା ନାହିଁ ।

## ଅଧ୍ୟାପକ ଶତପଥୀଙ୍କ ସମାଲୋଚନାର ଉତ୍ତର –

ଏହା ରାଧାନାଥଙ୍କ 'ଚିଲିକା'ର ଅନୁରୂପ ନୁହେଁ,—

"ଭବାନ୍ତର ପୁଣି କ୍ଷଣେ କରେ ଜାତ
"ଗଲଣି ତ ଗଲ କଥାରେ ସଙ୍ଗାତ,"
ସଙ୍ଗୀତ ଆବେଶେ ନାନା ରୂପେ ମନ
ଅତୀନ୍ଦ୍ରିୟ ଦେଶେ କରେ ବିଚରଣ
ଗ୍ଭଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲେଉଟିବା ଆଶେ ସେହି ତ ନ ଜାଣେ,"

ଅଧ୍ୟାପକ ଶତପଥୀ ପୁଣ ଲେଖି ଅଛନ୍ତି—"କାଳ୍ପନିକ ପରମ୍ପରା ଅସିଦ୍ଧ ରାଧାନାଥ ସାହିତ୍ୟ ବିରୁଦ୍ଧରେ ଉଗ୍ର ପ୍ରତିବାଦରୁ 'ମାୟାଦେବୀ' କାବ୍ୟର ଜନ୍ମ ।" ରାଧାନାଥ-ସାହିତ୍ୟର ଉଗ୍ର ପ୍ରତିବାଦ ନୀଳକଣ୍ଠ କେଉଁଠାରେ କରିଛନ୍ତି ? ରାଧାନାଥ ଯେଉଁଠାରେ ବିଜାତୀୟ ବିଷୟବସ୍ତୁ ଆଣ ଭରତ ଓ ଉତ୍କଳର ସଂସ୍କୃତିକୁ ବିବର୍ଣ୍ଣ

Digitized by PPRACHIN, SOA

କରି ଅଛନ୍ତି, ଅଥଚ ସେ କଥା ସେ କେଉଁଠାରେ ଉଲ୍ଲେଖ ମଧ୍ୟ କରି ନାହାନ୍ତି । ସତ୍ୟବାଦୀ–ସାହିତ୍ୟ ତଥା ନୀଳକଣ୍ଠଙ୍କ ସାହିତ୍ୟର ମୂଳମନ୍ତ୍ର ଥିଲା ଜାତୀୟ ଚେତନା ଓ ଅତୀତ ଇତିହାସ ଥିଲା, ତାଙ୍କ ପ୍ରତି ଅତି ବିରାଟ, ମହିମାମୟ । ସେ ତାହାରି ଭିତରେ ଉତ୍କଳୀୟମାନଙ୍କର ସଭ୍ୟତା ଓ ସଂସ୍କୃତି ଦେଖି ପାରୁଥିଲେ । ତାହା ଯେଉଁଠାରେ କ୍ଷୁର୍ଣ୍ଣ ହୋଇଛି, ସେହିଠା'ରେ ବାଜିଛି ନୀଳକଣ୍ଠଙ୍କର ସମାଲୋଚନାର ଅର୍ଘ । ଅନ୍ୟତ୍ର ରାଧାନାଥଙ୍କର ଉଚ୍ଚ ପ୍ରଶଂସା ଗାନରେ ତାଙ୍କର ଲେଖନୀ ମୁଖର ହୋଇଅଛି । 'ରାମଚଣ୍ଡୀ ଠାରେ ରତି' କାବ୍ୟାଂଶରେ ନୀଳକଣ୍ଠଙ୍କର ଯେଉଁ ପ୍ରତିବାଦ ଦେଖାଯାଏ. ତାହା "ମାୟାଦେବୀ"ରେ ଅଛି କି ? 'ମାୟାଦେବୀ'ରେ ତାଙ୍କର ଅତୀତ-ପ୍ରୀତି ଦିପ୍ତୀମନ୍ତ ହୋଇ ଉଠିଛି । ଏଥିରେ କବିଙ୍କର ଏକାନ୍ତ ଦୃଷ୍ଟି କେବଳ ମାୟାଦେବୀ-ପୀଠ ମୂଳରେ ନିର୍ମିତ କୋଣାର୍କ ଉପରେ । ସେ ନିଜେ କହିଛନ୍ତି, ଏହାକୁ ସେ ସାତଦିନ ମଧ୍ୟରେ ଲେଖି ଶେଷ କରିଦେଲେ । ଏହି ସାତଦିନ ତାଙ୍କୁ ରାତିରେ ନିଦ ଲାଗି ନ ଥିଲା ।

ରାଧାନାଥ ଯେପରି ବୈଦେଶିକ ସାହିତ୍ୟରୁ ବିଷୟ ସଂଗ୍ରହ କରି ତା ସ୍ୱୀକାର କରି ନାହାନ୍ତି, ନୀଳକଣ୍ଠ କେବଳ ସେତିକି ବର୍ଜନ କରି ଏହି କାବ୍ୟ ସୌଧ ନିର୍ମାଣ କରି ଅଛନ୍ତି । ଏ କାବ୍ୟ ରଚନାର ପ୍ରେରଣା ସେ ପାଇଛନ୍ତି ଜଣେ ବୃଦ୍ଧ ଭାଟ ଠାରୁ । ତାହା ପ୍ରଚଳିତ ପ୍ରବାଦ ହୋଇପାରେ । କିନ୍ତୁ ସଂପୂର୍ଣ୍ଣ ଭାବରେ ଭିତ୍ତିହୀନ ନୁହେ । ମାୟାଦେବୀ ମନ୍ଦିରର ଚିହ୍ନବର୍ଣ୍ଣ ନ ଥିଲା, ଏକଥା କିଏ କହି ପାରିବ ନାହିଁ । ସେ ନିଜେ ଉଲ୍ଲେଖ କରି ଅଛନ୍ତି, "ସେ ସବୁ ସମାଲୋଚନା ସ୍ରୋତ ଭିତରେ ମୁଁ ଯେତେବେଳେ ଏକାକୀ ରହେ, ମୋର କବିତାରେ ବେଳେ ବେଳେ ସୃଷ୍ଟି କରିବାର ପ୍ରେରଣା ଜାଗି ଉଠେ ।

ହୃଦ ଦରପଣେ ନାଚିଯାଏ ଛବି
ପଲକେ ପଲକେ ପରଶ ପୂରି,
ଜାଗରଣେ କେତେ ଦେଖଇ ସ୍ୱପନେ,
ସ୍ୱପନେ ଦେଖଇ ପରଶ ଭରି ।"

ଯେଉଁ କବିଙ୍କର ମାନସିକ ଅବସ୍ଥା ଏହିପରି, ତାଙ୍କର 'ମାୟାଦେବୀ'ରେ ରାଧାନାଥଙ୍କ ବିରୁଦ୍ଧରେ ପ୍ରତିବାଦ କରିବାର ଅବସର କାହିଁ ?

କିନ୍ତୁ ରାଧାନାଥଙ୍କ ପ୍ରତି ବିମୁଖ ବା ବିମନା ଥିବା ପୂର୍ବରୁ ସେ ୧୯୦୮ ମସିହାରେ, 'ରାଧାନାଥ ଓ ଉତ୍କଳ-ସାହିତ୍ୟ' ଶୀର୍ଷକ ପ୍ରବନ୍ଧରେ ଲେଖିଥିଲେ, "ରାଧାନାଥ ଉତ୍କଳ-ସାହିତ୍ୟକୁ ଯେଉଁ ନିରୁପମ ଜୀବନୀ ଶକ୍ତି ଦେଇ ଅଛନ୍ତି,

Digitized by PPRACHIN, SOA

ତାହା କବି ଓ ମନୀଷୀ ସାହିତ୍ୟ-ବିଶେଷଙ୍କୁ ଏକାବେଳେକେ ପ୍ରଦାନ କରନ୍ତି । ଅବଶ୍ୟ ଏହି ଆଶାର ଯୁଗରେ ସାହିତ୍ୟିକ କ୍ରମୋନ୍ନତି ଦ୍ରୁତଗତିରେ ଅଗ୍ରସର ହେବ ଏବଂ ଅଚିରେ ସାହିତ୍ୟ-ମୁକୁରରେ ଭିନ୍ନ ପ୍ରତିଭାର ବ୍ୟକ୍ତିତ୍ୱ ଓ ଆଦର୍ଶ ଇତର ବିଶେଷ ପରିମାଣରେ ପ୍ରତିବିମ୍ବିତ ହେବ । କିନ୍ତୁ ରାଧାନାଥଙ୍କ ଶକ୍ତି ଯେ, କେବଳ ବହୁକାଳ ପର୍ଯ୍ୟନ୍ତ ସେହି ସେହି ପ୍ରତିଭାର ସେହି ସେହି ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ କରିବ ସେତିକି ନୁହେଁ । ରାଧାନାଥ ଯୁଗ ପ୍ରବର୍ତ୍ତକ ରୂପେ ଉତ୍କଳ-ସାହିତ୍ୟରେ ଅମରତ୍ୱ ଲାଭ କରିବେ ।" (୧)

ଏହି ପରିପ୍ରେକ୍ଷୀରୁ ବିଚାର କଲେ, ରାଧାନାଥଙ୍କୁ ଯେତିକି ସମାଲୋଚନା କରିବାର କଥା, ସେତିକି ମାତ୍ର ହୋଇଛି । 'ମାୟାଦେବୀ'ଙ୍କୁ ସେହି ସମାଲୋଚନାର ଅଙ୍ଗାଙ୍ଗୀଭୂତ କାହିଁକି କରିବାକୁ ହେବ । ଏଥିରେ ତ 'ମାୟାଦେବୀ' ସମ୍ବଳିତ ପ୍ରବାଦକୁ ଲକ୍ଷ୍ୟ କରି କବି କହିଛନ୍ତି ।—

"ବଂଚିଥାଅ କବି ଆଉ କେତେ ଦିନ
ଇତିହାସ ଏହି ଶରୀରେ ଧରି !
ବିଜନ ପୁଳିନେ ଗାଉଥାଅ ଗୀତ,
ତରଙ୍ଗେ ଶୁଣିବ ତଟିନୀ-ବାରି !
ଶାଳମାଳେ ଘନ ତାମସ କନ୍ଦର;
ଗୁଳ୍ମ ଜଟା ଟୋକି ଶିଖରି-ଚୂଳ,
ଶିଶିର-ଲୋତକେ ଶୁଣିବ ଲତିକା,
ଭଗ୍ନ-ଭିତ୍ତି-କମ୍ପେ ଶୁଣିବ ଗଡ଼ !"

"ପ୍ରାରମ୍ଭରେ ପ୍ରତିବାଦ, ଏଠାରେ କ୍ରମଶଃ କ୍ଷୀଣାବୟବ, ଅବଶେଷରେ ସଂପୂର୍ଣ୍ଣ ବିଲୀନ ।" ଏହିପରି କହିବାର ଉଦ୍ଦେଶ୍ୟ କଣ ? ଅର୍ଥାତ ନୀଳକଣ୍ଠ ସଂପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରି ଅଛନ୍ତି । ନିରପେକ୍ଷ ଭାବରେ ଦେଖିଲେ ଦେଖାଯିବ, ପ୍ରାରମ୍ଭରେ ପ୍ରତିବାଦ ତ ନାହିଁ । ଯେଉଁ ବସ୍ତୁର ଅସ୍ତିତ୍ୱ ନାହିଁ, ସେ ପୁଣି କ୍ଷୀଣାବୟବ, ଏବଂ ଅବଶେଷରେ ବିଲୀନ ହେଲା କିପରି ? ପ୍ରାରମ୍ଭରେ ଆତ୍ମକଥା, ତାପରେ ଭାଟ ସହିତ କିପରି ଭାବରେ ସାକ୍ଷାତ ହେଲା ତାହାର ପୂର୍ଣ୍ଣ ବିବରଣୀ ଏବଂ ଶେଷରେ ସେହି ଭାଟଙ୍କ ସ୍ନେହ-ସମ୍ଭାଷଣ । ବୋଧହୁଏ ମାନସିକ ଦ୍ୱନ୍ଦ୍ୱରେ ପଡ଼ି ଅଧ୍ୟାପକ ଶତପଥୀ ଏଠାରେ ଅସନ୍ତୁଷ୍ଟ ଏବଂ ସ୍ୱର୍ଗରୁ ବିଚ୍ୟୁତ

(୧) ନୀଳକଣ୍ଠ-ଓଡ଼ିଆ ଭାଷା ଓ ସାହିତ୍ୟ, –'ରାଧାନାଥ ଓ ଉତ୍କଳ ସାହିତ୍ୟ ପୃଷ୍ଠା ୨୬୫ ୧ମ ସଂସ୍କରଣ ।

Digitized by PPRACHIN, SOA

ଦେବତାମାନଙ୍କ କଥା କହୁଛନ୍ତି । ୧୯୦୮ ମସିହାରେ ନୀଳକଣ୍ଠ ରାଧାନାଥଙ୍କ ସମ୍ବନ୍ଧରେ ଲେଖିଥିଲେ, "ନନ୍ଦିକେଶ୍ୱରୀରେ ଗଙ୍ଗା ତର୍ପଣ, ଉଷାରେ ନୃପପତ୍ନୀଙ୍କ ସ୍ୱପ୍ନ ଓ କାର୍ତ୍ତିକେୟ, ପାର୍ବତୀରେ କୌଶଲ୍ୟାର ପ୍ରେତାତ୍ମା, ମହାଯାତ୍ରାରେ ଅଗ୍ନି ପ୍ରଭୃତି ପାଠକଙ୍କୁ ଆଉ ଇହଜଗତରେ ଚିତ୍ରରେ ମୋହିତ କଲାପରି ବୋଧହୁଏ ନାହିଁ । ସେତେବେଳେ ପାଠକ ଇହଜଗତ ପରିତ୍ୟାଗ ପୂର୍ବକ କି ଏକ ଅଦ୍ଭୁତ ପୌରାଣିକତା ଅନୁଭବ କରି କାବ୍ୟର ପୌରାଣିକତା (Realism) ବିସ୍ମୃତ ହୁଅନ୍ତି । × × × କିନ୍ତୁ ପ୍ରାକୃତିକତା ବା ମାନବୀୟତା କାବ୍ୟର ପ୍ରଧାନ ଲକ୍ଷଣ । ଦେବତା, ମନୁଷ୍ୟ ତୁଳନାରେ ଉଚ୍ଚ; ରକ୍ଷଯ, ଜଘନ୍ୟ । ମନୁଷ୍ୟତା ବା ମାନବୀୟତା ଏ ଦୁଇଟିରୁ ଭିନ୍ନ । × × × ମନୁଷ୍ୟର କୋମଳ ବୃତ୍ତି ମନୁଷ୍ୟ ପ୍ରତି ସ୍ୱତଃ ଧାବିତ ହୁଏ । ମନୁଷ୍ୟ ପ୍ରକୃତ ମାନବ-ମାନବୀ ଓ ସଂସାରସ୍ଥ ଜନ୍ତୁ ଓ ଦୈନନ୍ଦିନ ବିଷୟ ବିଶେଷମାନଙ୍କର ସ୍ୱଭବ-ସୁଲଭ ବର୍ଣ୍ଣନାରେ ଯେପରି ଜଡ଼ିତ, ପୁଲକିତ, ଅନୁକମ୍ପିତ ଓ ଅନୁପ୍ରାଣିତ ହୁଏ, କୌଣସି ମନୁଷ୍ୟର ଅଲଭ୍ୟ ସ୍ୱର୍ଗୀୟ ଆଦର୍ଶ ବ ଅମାନୁଷ ଚରିତ୍ର ଚିତ୍ରଣରେ ସେପରି ହୁଏ ନାହିଁ । × × × ରଜାଙ୍କର ସ୍ୱପ୍ନ ଦର୍ଶନ ସତ୍ତ୍ୱେ, କେଦାର ଗୌରୀରେ ନାୟକ ନାୟିକା ଓ ତାଙ୍କର କ୍ରୀୟାକଳାପ ସଂପୂର୍ଣ୍ଣ ସ୍ୱାଭବିକ ଏବଂ 'ପାର୍ବତୀ' ପ୍ରଭୃତିରେ ପୌରାଣିକତା, ନୈସର୍ଗିକତାରେ ଲୁକ୍‌କାୟିତ ପ୍ରାୟ । × × × ତେବେ ଭଞ୍ଜ ଯୁଗରେ ଏ ସବୁ ନଥିଲା ନୁହେଁ; ଅନ୍ୟାନ୍ୟ ସ୍ଥଳ ଛାଡ଼ି କେବଳ କାବ୍ୟର ନାୟକ ନାୟିକାଙ୍କ ଜନ୍ମ ବୃତ୍ତାନ୍ତରେ ତାହାର ପ୍ରାଞ୍ଜଳ ଆଭସ ମିଳୁଅଛି । କିନ୍ତୁ ସେ ଅଂଶ କାବ୍ୟରୁ ବିଚ୍ଛିନ୍ନ ଏବଂ ସ୍ୱତନ୍ତ୍ର । ରାଧାନାଥଙ୍କ ଉଷା ଓ ଜୟନ୍ତର ଜନ୍ମ ବୃତ୍ତାନ୍ତ ଠିକ ସେହି ନ୍ୟାୟାରେ ଶବଳିତ ସତ୍ୟ, କିନ୍ତୁ ବିଶିଷ୍ଟ କଥା ଏହି ଯେ ରାଧାନାଥଙ୍କ ସ୍ୱପ୍ନ-ବୃତ୍ତାନ୍ତ କାବ୍ୟ ସଙ୍ଗେ ସଂଶ୍ଳିଷ୍ଟ ରହି ବିଷୟଚିତ୍ରକୁ ପୌରାଣିକତାରେ ଜଡ଼ିତ ରଖିଅଛି । ※

କିନ୍ତୁ ମାୟାଦେବୀଙ୍କୁ ନୀଳକଣ୍ଠ କେତେକାଂଶରେ ଐତିହାସିକ ରୂପ ପ୍ରଦାନ କରିଥିଲେ ମଧ୍ୟ ଐତିହାସିକମାନେ ଏହାକୁ କୋଣାର୍କ ମନ୍ଦିରର ଇତିହାସ ରୂପେ ଗ୍ରହଣ କରନ୍ତି ନାହିଁ, କି ଏହାକୁ ଗୋଟିଏ ପୌରାଣିକ ଉପାଖ୍ୟାନ ବୋଲି ଧରି ନିଅନ୍ତି ନାହିଁ । ଏହା ଏକ କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ତେଣୁ ଅବତରଣିକାରେ ନୀଳକଣ୍ଠ ଲେଖି ଅଛନ୍ତି, –

※ ନୀଳକଣ୍ଠ—ଓଡ଼ିଆ ଭଷା ଓ ସାହିତ୍ୟ । "ରାଧାନାଥ ଓ ଉତ୍କଳର ସାହିତ୍ୟ ପୃଷ୍ଠା-୨୪୬ ।

Digitized by PPRACHIN, SOA

"ଏବ କାଳ-ଲୋକେ ଯିବ କି ପରତେ ?
ଶୁଣିଛି ମୁଁ ଯାହା, ଶୁଣ ହେ ତେବେ;
ବେଳେ ବେଳେ ଆସି ସ୍ୱରଗୁ ଦେବତା,
ମାନବ-ବିହାର ରଚନ୍ତି ଭବେ ।
ଲଭନ୍ତି ମାନବ— ଜନମ ସେ ଏଥି,
ନରପରି ଭୁଲି ରହନ୍ତି ସୁଖେ;
ମରତ-ବିଳାସେ ବିଗ୍ରହ-ବିଭବେ
ରସନ୍ତି ସେ ଏହି ମାନବ—ଲୋକେ ।"

## ଉତ୍କଳର ବୈଭବ ବର୍ଣ୍ଣନା—

ପରିଶେଷରେ ଆମ୍ଭେମାନେ ଆଉ ଥରେ ନୀଳକଣ୍ଠ ଯେପରି ଉତ୍କଳର ବିଶାଳ ବିସ୍ତୃତି, ନୀଳାଚଳନାଥଙ୍କ ପ୍ରିୟ ଧାମର ମହତ୍ତ୍ୱ, ତାର ପ୍ରାକୃତିକ ବୈଭବ ଓ ଅତୀତର ବୀରତ୍ୱ ଗାଥା ଗର୍ବୋତ୍ଫୁଲ୍ଲ ଚିତ୍ତରେ 'ମାୟାଦେବୀ' କାବ୍ୟାଂଶରେ ବର୍ଣ୍ଣନା କରିଯାଇ ଅଛନ୍ତି, ସେ ସବୁ ପାଠକମାନଙ୍କୁ ଦର୍ଶାଇଦେବାର ଲୋଭ ସମ୍ବରଣ କରି ରହିପାରୁ ନାହୁଁ ।

"ଶ୍ୟାମଳ ଉତ୍କଳ— ଘଇଜ ବିସାରେ
ସୁରଧୁନୀ-କୂଳୁ କାବେରୀ—ଯାଏ;
ନୀଳାଚଳ-ବେଳା— ସମୀର ଉତ୍କଳେ
ଶ୍ୟାମଳ କଂପନେ ଦଶାର୍ଣ୍ଣେ ଯାଏ ।
ବୀଚିଳ-ଶିଖର— ବିକାଶେ ଶଇଳ
ଠାବେ ଠାବେ ଉଠେ ପ୍ରହରୀ ପରି,
ପ୍ରସର-ପ୍ରସାରେ ଗିରିନଦୀ-କୂଳ
ନୀଳାଚଳ-ତଟେ ଢାଳଇ ବାରି ।
ଅନୂପ କେଦାର ଶ୍ୟାମଳ ଉଠନ୍ତି
ବନ-ସ୍ତରେ-ସ୍ତରେ ମହେନ୍ଦ୍ର ମାଳେ;
ଶ୍ରୀଫଳ-ନିକୁଂଜେ ଆବରି ସିକତା,
ବେଳା-ଭୂମି ଭରି, ସଂପଦ ଝରେ ।
ଗିରିହୀନ ବେଳା ଶିଖରୀ—ଗରବେ
ଠାବେ ଠାବେ ଦିଶେ ମନ୍ଦିର-ଶିରେ;

Digitized by PPRACHIN, SOA

କୁଳ-ପରମ୍ପରା ଭେଦି ଗଉରବ
ବିକାଶେ ସତେ କି କୀରତି-ଭଲେ ?
ନୀଳ-ବୀଚି-ମାଳେ ମହା ପାରାବାର
ପଖାଳି ସିକତା ଧୁଅଇ ପଦ;
ବେଣୀ-କଂପେ ନଦୀ ଉରସ-ବିସାରେ
ଖେଳେ ଠାବେ ଠାବେ ନଗ୍ନଇ ହ୍ରଦ ।
ବିଲ-ବନ ମାଳେ ଦେବ-ଦେବୀ-କୁଳ
ଚରଇ—ଚଳନେ ଅରୁଣ ପଦେ;
ଦୀର୍ଘିକା କାସରେ ବିକଚ କମଳେ
ଉତ୍କଳ-କମଳା ହସଇ ମୁଦେ ।
ଶ୍ୱାପଦ ସନ୍ତାନେ ଗିରି-ଖୋଲେ-ଖୋଲେ
ନିବସନ୍ତି ଋଷି ଶଇଳ-ତଟେ;
ଗିରିଦୁର୍ଗେ ଶୂନ୍ୟ ପ୍ରହରୀ-ମନ୍ଦିରେ
ଉଠଇ ବିପିନ ତୁଙ୍ଗ-ମୁକୁଟେ ।
ମନ୍ଦିରେ ମନ୍ଦିରେ କଳା-ବଇଭବ,
ପୁର ଜନପଦେ ଶାନ୍ତିର ଲୀଳା;
ପଲ୍ଲବ ଦଶାର୍ଣ୍ଣ ଗଉଡ଼ କଟକେ
ଉଠେ ଚତୁରଙ୍ଗ-କୀରତି-କଳା ।
ବିଶ ଳ-ସେ-ମହୀ— ଉରସ-ବିସାରେ
ପୁଣ୍ୟ-ତୀର୍ଥ-ମାଳା ବହଇ ଝରି;
ବିହାର-ସଂପଦେ କେଶବ ଆପଣେ
ବୁଲନ୍ତି ସେ ବନେ ମୃଗୟୁ ପରି ।
ତପନେ ହସଇ ବିଶାଳ ଧରଣୀ,
ମେଘମାଳେ ଛତା ଧରଇ ନଭ;
ରବି ଘୁଞ୍ଜିଗଲେ ବିମଳ ଗଗନ
ଶିଶିର-ମୟୂଖେ ସିଂଚଇ ଭବ ।
ନିର୍ଝର-କଂପନେ ଖେଳନ୍ତି ଦେବତା
ଇନ୍ଦ୍ରଧନୁ ମାଳା ପ୍ରପାତ-ଭଙ୍ଗେ;

Digitized by PPRACHIN, SOA

ଉଠେ ବେଦ ଧ୍ୱନି କନ୍ଦରେ କନ୍ଦରେ
ସିନ୍ଧୁ-ସମୀରଣ-ତରଙ୍ଗ-ରଙ୍ଗେ ।
ଷଡ ଋତୁ-ଖେଳେ ଋତୁଗଣ ମଧ୍ୟ
ବିଳସେ ସରସ ବିଳାସେ ବନେ;
କଦମ୍ବ-କେଶରେ ବସେ ପ୍ରଜାପତି,
ଶିଶିର-ବିପିନ ହସେ ସୁମନେ ।
ନୀଳାଚଳ-ନାଥ– ପୁଷ୍ପ-ବନମାଳେ
ଷଡ଼ଋତୁ ଫୁଲ-ବାସ ଚହଟେ,
ସାତ ଊର୍ମି ଡେଇଁ ସାଗର ଆବରି
ବାଣିଜ୍ୟ-ବାହିନୀ ଭାସଇ ତଟେ ।"

ଏ ବର୍ଣ୍ଣନାର ପଟାନ୍ତର କାହିଁ ? କେଉଁ କବି ଓଡ଼ିଶାର ବନ, ଗିରି, ପ୍ରାନ୍ତର, କନ୍ଦର, ମନ୍ଦିର ସବୁର ଏପରି ପ୍ରାଞ୍ଜଳ ଓ ବିଶଦ ବ୍ୟାଖ୍ୟାନ କରି ପାରିଛନ୍ତି –

## ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ପ୍ରୀତ ସ୍ନିଗ୍ଧ –

ଶୁଣିବାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କର ୧୯୭୮ ମସିହାର କୋଣାର୍କ ପରିଦର୍ଶନ ବେଳେ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ କବି, ବାଗ୍ମୀ ପ୍ରବର ଶ୍ରଦ୍ଧେୟ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ତାଙ୍କୁ ମାୟାଦେବୀ ମନ୍ଦିର ଦେଖାଇବା ଅବସରରେ ଶ୍ରୀମତୀ ଗାନ୍ଧିଙ୍କ ପିତାମହଙ୍କର ସହକର୍ମୀ ନୀଳକଣ୍ଠଙ୍କର ବିରଚିତ ଉପରୋକ୍ତ ପଂକ୍ତି ତଥା ଓଡ଼ିଶାର ପ୍ରାଚୀନ ଐତିହାସିକ କାହାଣୀ ଯଥା–

"କହ ରାମଚଣ୍ଡି କହ ଗୋ, ସାକ୍ଷୀ ଏକା ତ ତୁହି ।
କେମନ୍ତେ ଏ ଭୂମି ଆସିଛି କାଳ–ତରଙ୍ଗେ ବହି ?
ଆସିଥିଲେ କି ସେ ଏ ଭୂମେ ଚୀନ-ପରିବ୍ରାଜକ ?
ଆବୁଲଫଜଲେ ଆଣି କି ଥିଲେ ଏଥି ବାହକ ?
ବାଲେଶ୍ୱର-ପୁର ବଣିକେ ଏଥି ସିଂହଳ-ପଥେ
ଭେଟିଥିଲେ କି ସେ ଡରସେ ଜଳଦସ୍ୟୁ-ବୋଇତେ ?
ଗୋରା–ଜଳଦସ୍ୟୁ ଥିଲେ କି ଏଥି ଲୁଚି ମନ୍ଦିରେ,
ଲୁଣ୍ଠନ–ସଂପଦ ସସ୍ତା ଲୁବ୍ଧ ଜୀର୍ଣ୍ଣ ପ୍ରାଚୀରେ ?
ଚୁମ୍ବକ କି ଏଥି ଓଟାରୁ ଥିଲା ଜାହାଜମାନ ?
ଦେବତା କି ଏଥି ଥିଲେ ଗୋ ଶୂନ୍ୟେ ବିଲମ୍ବମାନ ?"

Digitized by PPRACHIN, SOA

ପ୍ରଭୃତି ଆବୃତ୍ତି କରି ପ୍ରଧାନମନ୍ତ୍ରୀଙ୍କୁ ୫ ମିନିଟ ପର୍ଯ୍ୟନ୍ତ ପ୍ରୀତି ସ୍ନିଗ୍ଧ କରିଥିଲେ । କାହା ପ୍ରାଣରୁ ଐତିହ୍ୟର ଏପରି ଦେଶାତ୍ମବୋଧକ ମୂର୍ଚ୍ଛନା ବାହାରିଚି ? ଉତ୍କଳର ଐତିହ୍ୟ ଗ ନରେ କିଏ ଆଉ ଏପରି ମୁଖର ହୋଇଛି ?

## 'କୋଣାର୍କେ'ର ଲେଖକ ନୀଳକଂଠଙ୍କର ମୃତ୍ୟୁ ନାହିଁ—

ଡ଼ଃ ମାୟାଧର ମାନସିଂହ ଯଥାର୍ଥରେ ଲେଖିଛନ୍ତି, "ପ୍ରାଚୀନ ଉତ୍କଳ କେଉଁଠି କଥା କହୁଚି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଚି । ପଣ୍ଡିତ ନୀଳକଣ୍ଠ ଦାଶଙ୍କ 'କୋଣାର୍କେ' କାବ୍ୟ ଯୁଗୁରେ ପୁରଣ ଉତ୍କଳର ପ୍ରାଣ ବାଣୀ ଯେପରି ସ୍ପଷ୍ଟ ଭ ବରେ ମୋର ଶ୍ରୁତିଗୋଚର ହୋଇଚି, ତାହା ଓଡ଼ିଆ, ଇଂରଜୀ ବା ଅନ୍ୟ କୌଣସି ଭଷାର ଲେଖାଠାରୁ ମୁଁ ପାଇ ପାରିନି ।

କିନ୍ତୁ 'କୋଣାର୍କେ' କାବ୍ୟ ଇତିହାସ ନୁହେ ! ମୁଖ୍ୟ ଭବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ–ଉତ୍କର୍ଷ ଫଳରେ ହିଁ ନିରସ ଇତିହାସ ଜୀବନ୍ତ ହୋଇ ଉଠିଚି । ମୁଁ ଏ ପୁସ୍ତକ ବାରମ୍ବାର ପଢିଚି । କାବ୍ୟ ଭବରେ ମନୋଜ୍ଞ ହୋଇ ନଥିଲେ, ଏ ପୁସ୍ତକକୁ ଏତେ ଥର ପଢିବା ମୋ ପକ୍ଷରେ ସମ୍ଭବ ହେ ଇ ନଥାନ୍ତା । ଭଷା, ଭବ, ଚରିତ୍ର-ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା; ଅଳଙ୍କାରଦି ଯେ କୌଣସି ଦିଗରୁ ବିଗ୍ଭର କରି ବସିଲେ, 'କୋଣାର୍କେ' ଓଡ଼ିଆ ଭଷାରେ ଅନୁପମ କାବ୍ୟ । ସମୃଦ୍ଧ ବଙ୍ଗଳା ଭଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏ ପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାହିଁ ।" "ପଣ୍ଡିତଜୀଙ୍କୁ ମୁଁ ଯେତେବେଳେ କହେ, ମୁଁ ତାଙ୍କ 'କୋଣାର୍କେ' କାବ୍ୟକୁ ବାରମ୍ବାର ପଢିଛି, ସେ ବିସ୍ମିତ ହୁଅନ୍ତି—ତାଙ୍କ କାବ୍ୟ ଏ ଦେଶରେ ଲୋକେ ପୁଣି ପଢନ୍ତି ! ସେ ନିଜେ କହିଛନ୍ତି,

ଗ୍ରାହକତା ବିନା କବି-ସ୍ୱର୍ଗ-ସୁଖ
ଆନ ମୂଲେ କବି ତୋଷଇ କେହି ?

ଏହି ପରଶ୍ରୀକାତର ଦେଶରେ ଗ୍ରାହକତାର ପ୍ରକୃତ ଅଭବ । ତେଣେ ପଣ୍ଡିତ ନୀଳକଂଠ ନିଶ୍ଚିନ୍ତ ରହନ୍ତୁ ଯେ; ରାଜନୈତିକ ନୀଳକଂଠ କାଆଲି ଧୂଳିରେ ମିଶି ବିସ୍ମୃତ ହୋଇଯିବେ, କିନ୍ତୁ 'କୋଣାର୍କେ'ର ଲେଖକ ନୀଳକଂଠଙ୍କର ମୃତ୍ୟୁ ନାହିଁ ।"

●●

Digitized by PPRACHIN, SOA

# ଖାରବେଳ

## ଏହାର ଐତିହାସିକ ପରିକଳ୍ପନା ଓ ମୂଲ୍ୟାୟନ

'ଖାରବେଳ' କୌଣସି କିମ୍ବଦନ୍ତି କିମ୍ବା ପ୍ରବାଦ ଉପରେ ରଚିତ ହୋଇ ନାହିଁ । ଏହା ସଂପୂର୍ଣ୍ଣ ରୂପେ ଏକ ଐତିହାସିକ କାବ୍ୟ । ଇତିହାସ ଏହାର ପ୍ରାଣ । ଅବଶ୍ୟ ଇତିହାସରେ କବିର ଅନୁରଞ୍ଜନ ନ ଥିଲେ ତାହା କାବ୍ୟ ହୋଇ ପାରେ ନାହିଁ । ରସ ନ ଥିଲେ ଏହା କିପରି ବା ସହୃଦୟମାନଙ୍କର ହୃଦୟରେ ଆହ୍ଲାଦ ସୃଷ୍ଟି କରିବ ? ଖାରବେଳ ଯେପରି ଅତି ପ୍ରାଚୀନ କାଳର କଳିଙ୍ଗର ପ୍ରବଳ ସମ୍ରାଟ ଥିଲେ ଓ ସମଗ୍ର ଭାରତବର୍ଷ ବିଜୟ କରିଥିଲେ, ସେହିପରି ଏହା କଳିଙ୍ଗର ପ୍ରଥମ ଦୀପ୍ତିମନ୍ତ କାହାଣୀ । ଏହା ଏ ପର୍ଯ୍ୟନ୍ତ କୌଣସି ଉତ୍କଳୀୟଙ୍କ ପ୍ରାଣରେ ସ୍ପନ୍ଦନ ଓ ସୂକ୍ଷ୍ମ ଝଙ୍କାର ସୃଷ୍ଟି କରି ନ ଥିଲା । ଏହି ଗୌରବଦୀପ୍ତ ଖାରବେଳଙ୍କର ମହିମାକୁ ପ୍ରଥମେ କାବ୍ୟରେ ରୂପ ଦେଲେ ନୀଳକଂଠ । ତା'ପରେ ଅବଶ୍ୟ ଖାରବେଳଙ୍କ ହାତୀଗୁମ୍ଫା ଲେଖର ବିଭିନ୍ନ ସଂଶୋଧିତ ପାଠ ସମୂହ ଭବରେ ଉଦ୍ଧାର କରି ଶ୍ରୀ କେଦାରନାଥ ମହାପାତ୍ର 'ଖାରବେଳ' ନାମରେ ଗୋଟିଏ ମୂଲ୍ୟବାନ ଗ୍ରନ୍ଥ ଲେଖି ଅଛନ୍ତି । କିନ୍ତୁ ତାହା ନୀଳକଣ୍ଠଙ୍କ 'ଖାରବେଳ' କାବ୍ୟର ବହୁ ପରବର୍ତ୍ତୀ । 'ଖାରବେଳ' କାବ୍ୟ ପ୍ରକାଶ ପାଏ ଡ଼ିସେମ୍ବର ୧୯୨୦ ମସିହାରେ । ସେ ପର୍ଯ୍ୟନ୍ତ ଖାରବେଳଙ୍କ ହାତୀଗୁମ୍ଫା ଶୀଳାଲେଖ ଯେତିକି ପଣ୍ଡିତମାନେ ପାଠ କରିଥିଲେ, ତାହାରି ଉପରେ ନିର୍ଭର କରି ନୀଳକଣ୍ଠ 'ଖାରବେଳ' ରଚନା କଲେ । ଏହି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମଧ୍ୟରେ ଜୟସୱାଲ ଅନ୍ୟତମ । ସେଥିପାଇଁ ଶ୍ରୀ କେଦାରନାଥ ମହାପାତ୍ର କହି ଅଛନ୍ତି, "ସ୍ୱର୍ଗତ ପଣ୍ଡିତ ନୀଳକଂଠ କୃପାସିନ୍ଧୁ ଓ ଅନ୍ୟାନ୍ୟ ଐତିହାସିକମାନେ ଜୟସ୍ୱାଲଙ୍କ ଭ୍ରାନ୍ତ ମତ ନିର୍ବିଘ୍ନରେ ଗ୍ରହଣ କରି ଅଛନ୍ତି ।" (*) କିନ୍ତୁ କଲିକତା ବିଶ୍ୱବିଦ୍ୟାଳୟରୁ ଶିଳାଲିପି ଓ ତାମ୍ରଲିପି ପ୍ରଭୃତିରେ ସଂସ୍କୃତରେ ଏମ୍, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଗୋପବନ୍ଧୁଙ୍କ ଉପଯୁକ୍ତ ସହକର୍ମୀ ଶ୍ରୀ ଲିଙ୍ଗରାଜ ମିଶ୍ର କହୁଥିଲେ, "ହାତୀଗୁମ୍ଫା ଶିଳାଲିପିର ଉପଯୁକ୍ତ ବ୍ୟାଖ୍ୟାକାର ହେଉଛନ୍ତି ଜୟସ୍ୱାଲ ।"

---

(*) 'ଶ୍ରୀ ଖାରବେଳ'—୩ୟ ସଂସ୍କରଣ—କେଦାରନାଥ ମହାପାତ୍ର ।

Digitized by PPRACHIN, SOA

## ଜୟସ୍ୱାଲଙ୍କ ପାଠ—

ଜୟସ୍ୱାଲଙ୍କର ଦୁଇଟି ପାଠକୁ ଗ୍ରହଣ କରି ନୀଳକଂଠ ତାକୁ ତାଙ୍କ କାବ୍ୟର ଉପଜୀବ୍ୟ ବିଷୟବସ୍ତୁ କରି ଅଛନ୍ତି । ପ୍ରଥମଟି ହେଲା ଜୟସ୍ୱାଲ 'ଯବନରଜ' ଦିମିତ ପାଠ କରି ତାଙ୍କୁ ଗ୍ରୀକ୍‌ରଜ ଡ଼େମିଟ୍ରିୟସ୍‌ଙ୍କ ସହିତ ତୁଳନା କରି ଅଛନ୍ତି । ନୀଳକଣ୍ଠଙ୍କ ମତରେ ଖାରବେଳ ଡ଼େମିଟ୍ରିୟସ୍‌ଙ୍କୁ ପରାସ୍ତ କରିଥିଲେ । ଦ୍ୱିତୀୟତଃ ଖାରବେଳଙ୍କର ଅନେକ ପତ୍ନୀ ଥିଲେ । ଉଦୟଗିରିର ସ୍ୱର୍ଗପୁରୀ ଗୁମ୍ଫାରେ ଖୋଦିତ ଶିଳାଲିପିରୁ ଜଣାଯାଏ, ଉକ୍ତ ଗୁମ୍ଫା ତାଙ୍କର ଅଗ୍ରମହିଷୀ ବା ପାଟରାଣୀଙ୍କ ଦ୍ୱାରା ଖୋଦିତ ହୋଇଥିଲା । ପାଟରାଣୀଙ୍କ ନାମ ଧୁସି ଥିଲା ବୋଲି ସ୍ୱର୍ଗୀୟ ଜୟସ୍ୱାଲ ମତ ପ୍ରକାଶ କରିଥିଲେ । ଏହି ଉକ୍ତିର ପ୍ରତିଧ୍ୱନି ଶୁଣିବାକୁ ମିଳେ ସହକର୍ମୀ ସୁପଣ୍ଡିତ ଶ୍ରୀ ବାସୁଦେବ ମହାପାତ୍ରଙ୍କ ବର୍ଣ୍ଣିତ 'ଖାରବେଳ' କାବ୍ୟର ବିଷୟ ସୂଚନାରେ ।

"ଆଲେକ୍‌ଜାଣ୍ଡାର (ସିକନ୍ଦର) ଚାଲିଯିବା ପରେ ତାଙ୍କ ସେନା ଓ ସେନାପତିମାନେ ଆଫଗାନିସ୍ଥାନ ଓ ପାରସ୍ୟର ବକ୍‌ଟ୍ରିୟା (ବକତର) ରାଜ୍ୟ ବସାଇଥିଲେ । ଖାରବେଳଙ୍କ ସମୟରେ Demetrius (ଦତ୍ତାମି) ନାମକ ସେଠାରେ ଜଣେ ବିକ୍ରମଶାଳୀ ରାଜା, ବଜିର, 'ପୁର' ପ୍ରଭୃତି କୁଟ ଯୁଦ୍ଧରେ ଅଧିକାର କରି ବିଦେଶୀ ବଣିକମାନଙ୍କଠାରୁ ଦଣ୍ଡ ନେଉଥିଲେ ଏବଂ ବଜିର ରାଜା ଓ ଯୁବରାଜ ରାଜଧାନୀ ସିଂହପଥ ଛାଡ଼ି କୌଣସି ମିତ୍ର ରାଜା ପାଖେ ଆଶ୍ରୟ ନେଲେ । ବଜିର କନ୍ୟା ଧୂସିକୁ କୃଷକ ପତି ଆଦର କରି ପାଳିବାକୁ ଘେନି ଯାଇଥିଲେ ।

'ଗ୍ରନ୍ଥ-ପ୍ରବେଶ'ରେ କବି ଓ ପ୍ରତ୍ନତାତ୍ତ୍ୱିକ ନୀଳକଣ୍ଠ ଉଲ୍ଲେଖ କରି ଅଛନ୍ତି, 'ପଥର ଲେଖାରେ ଖାରବେଳଙ୍କ ଉପାଧି 'ଐର' ବୋଲି ଲେଖାଅଛି । ଖ୍ରୀଷ୍ଟପୂର୍ବ ଶତାବ୍ଦୀମାନଙ୍କରେ କଳିଙ୍ଗର ଅନେକ ରାଜବଂଶ 'ଐର' ଥିବାର ପ୍ରମାଣ ମିଳେ । ଖାରବେଳ ତୃତୀୟ ଐର ବା ଚେତରାଜଐର ବଂଶର ରାଜା ଥିଲେ ।"

ପଣ୍ଡିତ ନୀଳକଣ୍ଠ ନିଜେ "ରାମଚଣ୍ଡୀରେ ରାତି ଓ ସକାଳ" କାବ୍ୟାଂଶରେ ଲେଖି ଅଛନ୍ତି—

"ଅତୀତ ବିଭବ କାହାଣୀ କହି ବିବିଧ ରଙ୍ଗେ
ଆମ୍ଭାକୁ ବିସୋରି ମିଶିବେ ପୂର୍ବ ପୁରୁଷ ସଙ୍ଗେ
ଅତୀତୁ ଅତୀତ ପ୍ରସାରେ ବହି ଜୀବନ-ଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର-କାରା ।"

Digitized by PPRACHIN, SOA

ଏହି ଅତୀତ-ପ୍ରୀତି କିପରି ତାଙ୍କର ସୁଦୂର-ପ୍ରସାରୀ ହୋଇଅଛି ଏବଂ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନଙ୍କୁ ସେ କିପରି ଉତ୍କଳର ପ୍ରାଚୀନ ଗୌରବରେ ଅନୁପ୍ରାଣିତ କରି ଅଛନ୍ତି ଏବଂ କଳିଙ୍ଗର ପ୍ରାଚୀନ ସଭ୍ୟତା ଓ ସଂସ୍କୃତି କିପରି ଅଦ୍‌ଭୁତ ଧରଣର ଥିବାର ଏହି ଐତିହାସିକ କାବ୍ୟ 'ଖାରବେଳ'ରେ ବର୍ଣ୍ଣନା କରା ଯାଇଛି, ତାହା ଦର୍ଶାଇବା ଆମର ପ୍ରଧାନ ଲକ୍ଷ୍ୟ । କିନ୍ତୁ ଏଥିରେ କବି–କଳ୍ପନା ଓ ବର୍ଣ୍ଣନା ବୈଭବର ଯେଉଁ ଅପୂର୍ବ ଚିତ୍ର ପରିସ୍ଫୁଟ ହୋଇଅଛି, ଖାରବେଳଙ୍କର ଉତ୍ତର-ପଶ୍ଚିମ ଅଞ୍ଚଳରେ ଅଲୌକିକ ସାହାସ ଓ ସମର ନୈପୁଣ୍ୟର ଯେଉଁ ପ୍ରତିଛବି ଦିଆ ଯାଇଛି, ତାହା ଓଡ଼ିଶାରେ ଅଭିନବ । ଇତିହାସରେ ଏବଂ କାବ୍ୟରେ ମଧ୍ୟ । 'ଗ୍ରନ୍ଥ ପ୍ରବେଶ'ରେ ଉଲ୍ଲେଖ ଅଛି, ବୃଦ୍ଧ ପାଣ୍ଡରାଜ୍ୟ କଳିଙ୍ଗର ମିତ୍ର ହେଲେ । ସେଠାରୁ ବଣିକମାନଙ୍କ ସଙ୍ଗେ ଖାରବେଳଙ୍କ ଲୋକେ ଜାଭା ଓ ବାଲି ପ୍ରଭୃତି ଦ୍ୱୀପମାନ ବୁଲି ଆସିଲେ । କଳିଙ୍ଗ ବଣିକମାନେ ସିନ୍ଧୁନଦୀ ଉପକୂଳ ଠାରୁ ପଶ୍ଚିମକୁ ସୁଖରେ ବାଣିଜ୍ୟ କରି ପାରିଲେ ନାହିଁ; ବହୁତ ଦଣ୍ଡ ଦେଲେ, ପୀଡ଼ା ପାଇଲେ । ସେହି ହେତୁରୁ କଳିଙ୍ଗ, ଉତ୍କଳ, ଉଡ୍ର ଓ ପାଣ୍ଡ୍ୟର କେତେକ ସେନା ଧରି ପାଣ୍ଡ୍ୟ ରଜାଙ୍କ ସହିତ ଖାରବେଳ ସିନ୍ଧୁ ଦେଶ ଆଡକୁ ଯାତ୍ରା କଲେ ।

ଶ୍ରୀ କେଦାର ନାଥ ମହାପାତ୍ର ହାତୀ ଗୁମ୍ଫା ଶିଳା ଲିପିରୁ ଦୁଇଟି ତଥ୍ୟ ସଂଗ୍ରହ କରି ଅଛନ୍ତି । ସେ କହନ୍ତି, "ଭାରତର ସୁଦୂର ଦକ୍ଷିଣ ସୀମାନ୍ତବର୍ତ୍ତୀ ପାଣ୍ଡ୍ୟ ରାଜ୍ୟର ରଜା ଖାରବେଳଙ୍କ ପ୍ରବଳ ପ୍ରତାପ ଶ୍ରବଣରେ ଭୀତ ହୋଇ ତାଙ୍କ ନିକଟକୁ ନାନାବିଧ ଆବରଣ ଓ ମଣି, ମୁକ୍ତାଦି ରତ୍ନମାନ ଉପହାର ସ୍ୱରୂପ ପ୍ରେରଣ କରିଥିଲେ । (ଖାରବେଳ–ପୃଷ୍ଠା ୧୮) ଏବଂ ଦାକ୍ଷିଣାତ୍ୟର ନରପତିମାନଙ୍କ ମଧ୍ୟରେ ଏକମାତ୍ର ଶ୍ରୀ ଖାରବେଳ ସିନ୍ଧୁନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିବାକୁ ସମର୍ଥ ହୋଇଥିଲେ । ଏହା ଓଡ଼ିଆ ଜାତି ପକ୍ଷରେ କମ୍ ଗର୍ବ ଓ ଗୌରବର ବିଷୟ ନୁହେଁ ।"

ଐତିହାସିକ ଉପନ୍ୟାସର (କାବ୍ୟ) ଇତିହାସ ଓ କଳ୍ପନା ସମ୍ବନ୍ଧରେ ବିଶ୍ୱକବି ରବୀନ୍ଦ୍ରନାଥ ଉଲ୍ଲେଖ କରି ଅଛନ୍ତି, "ଲେଖକ ଇତିହାସକୁ ଅଖଣ୍ଡ ରଖି ଅଗ୍ରସର ହୁଅନ୍ତୁ, କିମ୍ବା ଖଣ୍ଡ କରି ରଖନ୍ତୁ, ସେହି ଐତିହାସିକ ରସର ଅବତାରଣାରେ ସଫଳ ହେଲେ ହୁଏ ।

"ବର୍ତ୍ତମାନ ଆମର କର୍ତ୍ତବ୍ୟ କଣ ? ଇତିହାସ ପଢିବା, ନା Ivanhoe (Scottଙ୍କ ଦ୍ୱାରା ପ୍ରଣୀତ ଏକ ଉପନ୍ୟାସ) ପଢିବା ? ଏହାର ଉତ୍ତର ଅତି ସହଜ । ସତ୍ୟ ଲାଭ କରିବା ନିମନ୍ତେ ଇତିହାସ ପଢ । ଆନନ୍ଦ ନିମନ୍ତେ Ivanhoe

Digitized by PPRACHIN, SOA

ପଢ଼ । ଦୁଇଟି ଯାକ ପାଠ୍ୟ । କାଳେ ଭୁଲ୍ ଶିକ୍ଷା ହେବ, ଏହି ସତର୍କତାରୁ ନିଜକୁ ବଂଚିତ କଲେ, ସ୍ୱଭବଟା ଶୁଖି ଶୀର୍ଣ୍ଣ ହୋଇଯାଏ । କାବ୍ୟରେ ଯଦି ଭୁଲ ଶିଖ, ଇତିହାସରେ ତାହା ସଂଶୋଧନ କରିନିଅ । କିନ୍ତୁ ଯେଉଁ ବ୍ୟକ୍ତି ଇତିହାସ ପଢ଼ିବାର ସୁଯୋଗ ପାଇବ ନାହିଁ, କାବ୍ୟ କେବଳ ପଢ଼ିବ, ସେ ହତଭାଗ୍ୟ । କିନ୍ତୁ ଯେଉଁ ବ୍ୟକ୍ତି କାବ୍ୟ ପଢ଼ିବାର ଅବସର ପାଇବେ ନାହିଁ, କେବଳ ଇତିହାସ ପଢ଼ିବେ, ସମ୍ଭବତଃ ତାହାର ଭାଗ୍ୟ ଆହୁରି ଖରାପ ।" (୧)

ନୀଳକଣ୍ଠଙ୍କ 'ଖାରବେଳ' କାବ୍ୟରେ ସତ୍ୟ ଓ ଆନନ୍ଦ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ବାସ୍ତବ ଓ କଳ୍ପନା ଏକାଧାରରେ ପ୍ରବାହିତ । ଏଥିରେ ଐତିହାସିକ ରସ ଯେପରି ପ୍ରକଟିତ, ସେହିପରି ପ୍ରଣୟ ରସର ଅଭିବ୍ୟକ୍ତି ଅତି ଚମତ୍କାର । ପ୍ରାଚୀନ ଆଳଙ୍କାରିକମାନେ କହି ଅଛନ୍ତି, "ରସେ ସାର ଶ୍ଚମତ୍କାର ।" ଅର୍ଥାତ୍ ଚମତ୍କାର, ରସର ସାରବସ୍ତୁ । "ବାସ୍ତବିକ୍, ଦେଶରେ ଯେ ଜାତୀୟ ଲେଖା ହେଉ, ବା ପକ୍ଷେ ତାହାକୁ ସାହିତ୍ୟ ବୋଲି ସ୍ୱୀକାର କରିନେଉ, ଯେତେବେଳେ ସେ ଚିତ୍ତକୁ ଦାନ କରେ ଗୋଟିଏ ଚମତ୍କାର । ଏହି ଚିତ୍ତ ଚମତ୍କୃତିର ଅର୍ଥ ଚିତ୍ତର ପ୍ରସାର । ଯେଉଁ ଜିନିଷ ଦ୍ୱାରା ଚିତ୍ତର ସଙ୍କୋଚନ ଆସେ, ତାହାହିଁ କାବ୍ୟେତର ବା ଅସାହିତ୍ୟ । × × × ରସ ଥିଲେ ଯେ କୌଣସ କାବ୍ୟ ସାହିତ୍ୟ ହୁଏ, ତାହାର କାରଣ ରସ ଭିତରେ ରହିଅଛି, ଚିତ୍ତର ବିଦ୍ରୁତି ଜନିତ ପ୍ରସାର । ରସର ଉଦ୍‌ବୋଧରେ ଚିତ୍ତ କେବଳ ବିଦ୍ରୁତ ହୁଏ ନାହିଁ, ସେହି ବିଦ୍ରୁତି ମଧ୍ୟରେ ଅଛି ଗୋଟିଏ ପ୍ରସାର । ଏହି ଚିତ୍ତପ୍ରସାରକ ଚମତ୍କୃତିକୁ ମୁଁ ରସର ସବୁଠାରୁ ବ୍ୟାପକତର ଫଳ ଦେଖେ । (୨)

ଆଉ ଜଣେ ସମାଲୋଚକଙ୍କ ମତ ହେଉଛି, "ଆମ୍ଭେମାନେ ଏଠାରେ ଚିତ୍ତର ଦୁଇଟି ବିଶେଷ ଗୁଣର ଉଲ୍ଲେଖ କରିପାରୁ—ଦ୍ରୁତି ଗୁଣ ଓ ଦୀପ୍ତିଗୁଣ । ଦ୍ରୁବ+କରଣ କାରକରେ କ୍ତି=ଦ୍ରୁତି । ଏହି ଦ୍ରୁତି ଗୁଣର ଫଳରେ ଭବାବେଶରେ ଚିତ୍ତ ଦ୍ରବୀଭୂତ କିମ୍ବା ବିଚଳିତ ହୁଏ । ସେତେବେଳେ ଚିତ୍ତରେ ଉଦ୍ରିକ୍ତ ଭବର ପ୍ରକାଶ ଓ ଆସ୍ୱାଦନ ଚଳେ । ଦୀପ୍+କରଣ କାରକରେ କ୍ତି=ଦୀପ୍ତି । ଏହି ଦୀପ୍ତିଗୁଣ ଫଳରେ ଅର୍ଥର ଆଲୋଡ଼ନରେ ଚିତ୍ତ ଦୀପ୍ତ ହୋଇ ଉଠେ; ଯେପରି ଜଳି ଉଠେ । ସେତେବେଳେ ଚିତ୍ତର ଆଶ୍ରିତ ଅର୍ଥର ପ୍ରକାଶ ଓ ଉପଲବ୍ଧି ହୁଏ । ଚିତ୍ତର ଦୀପ୍ତି

(୧) ରବୀନ୍ଦ୍ର ନାଥ ଠାକୁର—'ସାହିତ୍ୟ'—ଐତିହାସିକ ଉପନ୍ୟାସ—ପୃଷ୍ଠା ୧୭୧
(୨) ଶ୍ରୀ ଶଶିଭୂଷଣ ଦାସଗୁପ୍ତ—'ସାହିତ୍ୟର ସ୍ୱରୂପ' – ପୃଷ୍ଠା-୧୮୨-୧୮୩

Digitized by PPRACHIN, SOA

ଗୁଣ ମୁଖ୍ୟତଃ ହୃଦୟର ଧର୍ମ । ତାହା ଦ୍ୱାରା ଭାବଜାଗ୍ରତ ହୁଏ ଓ ଭାବର ଓ ରସର ଆସ୍ୱାଦନ ହୁଏ । ଚିତ୍ତର ଦୀପ୍ତିଗୁଣ ମୁଖ୍ୟତଃ ବୁଦ୍ଧିର ଧର୍ମ । (୩)

ଉପରେ ଉଦ୍ଧୃତ ହୋଇଥିବା ଉକ୍ତି ଗୁଡ଼ିକ ସଂପୂର୍ଣ୍ଣ ରୂପେ ନୀଳକଣ୍ଠଙ୍କ 'କୋଣାର୍କେ' ଓ 'ଖାରବେଳ' କାବ୍ୟ ପ୍ରତି ପ୍ରଯୋଜ୍ୟ । ଏହି ଦୁଇଟି କାବ୍ୟରେ ରସର ଚମତ୍କୃତ ଯେପରି ଅଛି, ସେହିପରି ଭାବରେ ଆମ ହୃଦୟର ଆସ୍ୱାଦନି ବୃତ୍ତିକି ବିଚଳିତ କରୁଅଛି ଏବଂ ଆମ୍ଭମାନଙ୍କର ବୁଦ୍ଧି କି ଉଦ୍ଦୀପ୍ତ ଓ ଜାଗ୍ରତ କରୁଅଛି । ଦୁଇଟି ଯାକ କାବ୍ୟ ଦ୍ରୁତି ଓ ଦୀପ୍ତି କାବ୍ୟ । ଗୋଟିକର ପ୍ରଥମାଂଶରେ ଚିତ୍ତ ଅତୀତ ଗୌରବର ସ୍ମୃତିରେ ଦୀପ୍ତ ହୋଇ ଉଠିଲା ବେଳକୁ, ଅନ୍ୟଟିରେ ଅର୍ଥାତ୍, 'ଖାରବେଳ'ରେ ଚିତ୍ତ ପ୍ରଣୟ-ରସରେ ଦ୍ରବୀଭୂତ ହୁଏ । 'ଖାରବେଳ' କାବ୍ୟରେ ବୀରତ୍ୱ ସହିତ ପ୍ରଣୟର ଅନନ୍ତ ରହସ୍ୟମୟୀ ଲୀଳା ଚିତ୍ତକୁ ଦ୍ରବୀଭୂତ ଓ ବିଚଳିତ କରେ । ଏହାହିଁ କବିଙ୍କର ମନୀଷା ଓ କବି ପ୍ରତିଭାର ଚୂଡ଼ାନ୍ତ ନିଦର୍ଶନ । ତିନୋଟି ଯାକ କାବ୍ୟରେ, ଅର୍ଥାତ୍ 'କୋଣାର୍କେ', 'ମାୟାଦେବୀ' ଓ 'ଖାରବେଳ' ସବୁଥିରେ ଇତିହାସ ରସ କିମ୍ବା ଭୌମରସ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ।

କାବ୍ୟର ବିଷୟବସ୍ତୁ ହେଉଛି – କଳିଙ୍ଗ ଚକ୍ରବର୍ତ୍ତୀ 'ଅପ୍ରତିହତ ଚକ୍ରଧର' 'ପ୍ରବର୍ତ୍ତ ଚକ୍ର' ଏବଂ 'ମହା ବିଜୟୀ' ପ୍ରଭୃତି ଉପାଧି ଭୂଷିତ ଶ୍ରୀ ଖାରବେଳ 'ମହାମେଘ ବାହନ' 'ଚେତରାଜବଂଶ ବର୍ଦ୍ଧନ' 'ପ୍ରଶସ୍ତ ଶୁଭ ଲକ୍ଷଣ' ପଞ୍ଚଦଶ ବର୍ଷ ବୟସ ପର୍ଯ୍ୟନ୍ତ କୁମାର ରୂପେ କ୍ରୀଡା-କୌତୁକରେ କାଳଯାପନ କଲେ । ନୀଳକଣ୍ଠ ନିଜେ 'ଗ୍ରନ୍ଥ ପ୍ରବେଶ'ରେ ଲେଖି ଅଛନ୍ତି, "ଭୁବନେଶ୍ୱର ନିକଟସ୍ଥ ଉଦୟଗିରିର ହାତୀଗୁମ୍ଫା ଓ ମଞ୍ଚପୁରୀ ନାମକ ସ୍ଥାନରେ ଦୁଇଟି ପ୍ରାଚୀନ ପଥର ଲେଖ ପଢ଼ା ହୋଇଅଛି । ସେଥିରୁ ଜଣାଯାଏ, ଆଜକୁ ପ୍ରାୟ ୨୧୦୦ ବର୍ଷ ତଳେ କଳିଙ୍ଗର ଚେତରାଜ ବଂଶରେ ଖାରବେଳ ନାମକ ଏକ ମହା ପରାକ୍ରାନ୍ତ ରାଜା ରାଜପଣ କରନ୍ତି । ତାଙ୍କର ବଣିକମାନେ ଅନ୍ତତଃ ପାରସ୍ୟ ଉପକୂଳ ପର୍ଯ୍ୟନ୍ତ ସମୁଦ୍ରରେ ବାଣିଜ୍ୟ କରୁଥିଲେ । ସେ ନିଜ ବଳରେ କୁମାରୀକା ଅନ୍ତରୀପ ପାଖ ପାଣ୍ଡ୍ୟ ରାଜ୍ୟଠାରୁ ହିମାଳୟ ତଳର ମଗଧ ପର୍ଯ୍ୟନ୍ତ, ପଶ୍ଚିମରେ ବୋମ୍ବାଇ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ ଜୈନ ଥିବାର ଅନୁମାନ ହୁଏ, କିନ୍ତୁ ରାଜସୂୟ ଯାଗ କରିଥିଲେ ।

ପୂର୍ବେ କୁହା ଯାଇଅଛି ଦତ୍ତିମ (Demetrius) ବଜିର ରାଜ୍ୟ ଜୟ କରିଥିଲେ । ବଜିର ରାଜା ଯୁବରାଜ ରାଜଧାନୀ ସିଂହପଥ ଛାଡ଼ି କୌଣସି ମିତ୍ର ରାଜାଙ୍କ ପାଖେ ଆଶ୍ରୟ ନେଲେ । ସେତେବେଳେ ଆଫଗାନିସ୍ଥାନର ପୂର୍ବ ପଟେ ବଜିର ରାଜ୍ୟ ଥିଲା ।

(୩) ଶ୍ରୀ ସୁଧୀର କୁମାର ଦାସ – 'କାବ୍ୟଲୋକ' — ପୃଷ୍ଠା — ୪୩-୪୮

Digitized by PPRACHIN, SOA

ଶ୍ରୀ ବାସୁଦେବ ମହାପାତ୍ର ପାଠକ ପାଠିକାମାନଙ୍କର ଅବବୋଧ ନିମନ୍ତେ ପୁଣି ଉଲ୍ଲେଖ କରି ଅଛନ୍ତି, "ବଜିର ରାଜ୍ୟ ମଧ୍ୟ ଏଥିପୂର୍ବେ ସିନ୍ଧୁ ଦେଶର ପଶ୍ଚିମ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସିନ୍ଧୁ ଦେଶରେ ପାତାଳ (ପଟଳ) ବୋଲି ବଣିକ ନଗରୀ ଥିଲା । ତାହାର ପଶ୍ଚିମକୁ ଯେଉଁ ଦେଶ ଥିଲା, ସେଠାରେ ବହୁ କାଳରୁ ଦ୍ରାବିଡ଼ମାନେ କୃଷକ ରୂପେ ବାସ କରୁଥିଲେ । ଏବେ ମଧ୍ୟ ସେହି ଦ୍ରାବିଡ଼ ବଂଶଧରମାନେ ଦକ୍ଷିଣ ବେଲୁଚିସ୍ଥାନରେ ଅଛନ୍ତି । ସେମାନେ ପୂର୍ବେ ବଜିର ରଜାଙ୍କ ଅଧୀନରେ ଥାଇ, ଦ୍ରାବିଡ଼ ରୀତି ଛାଡ଼ି, ଆର୍ଯ୍ୟ ବିଧାନ ଓ ଧର୍ମରେ ଚଳୁଥିଲେ । ସେହି କୃଷକ ଦେଶର ରଜା (ଗ୍ରାମଣୀ) ବଜିର ରଜାଙ୍କ ବଡ଼ ମିତ୍ର ଥିଲେ ।"

ଏହା ମନୀଷୀ ନୀଳକଣ୍ଠଙ୍କର ପ୍ରଗାଢ଼ ଗବେଷଣା ଓ ଅଧ୍ୟବସାୟର ଫଳ । ଏହା ହାତୀଗୁମ୍ଫା ବା ଶିଳାଲେଖାରେ ନାହିଁ । ତେଣୁ ବିଭିନ୍ନ ଇତିହାସ ପାଠ କରି ସେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତି । ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଖାରବେଳ 'ପଟଳ'ରେ ପହଂଚି ସେହି କୃଷକମାନଙ୍କୁ ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରିବାକୁ ରାଜି ହୁଅନ୍ତି । ଦିନେ ସଂଧ୍ୟାରେ ସିନ୍ଧୁ ନଦୀର ପଶ୍ଚିମକୁ ଯାଇ ସେ ଆଉ ଫେରି ପାରିଲେ ନାହିଁ । ଖାରବେଳ ଦିଗଭ୍ରାନ୍ତ ହୋଇଗଲେ । ବାଟରେ ସେ ଦେଖିଲେ ଦଳେ କୃଷକ ବାଳିକା ଆନନ୍ଦରେ କ୍ରୀଡ଼ା କରୁଛନ୍ତି । ନଈ କୂଳେ ପଥର ଉପରେ ବଜିର ରାଜକନ୍ୟା ବର୍ତ୍ତମାନ କୃଷକପାଳିତା ଧୂସି ବସିଥାନ୍ତି । ଏହିଠାରୁ କାବ୍ୟର ବିଷୟବସ୍ତୁର ଉପକ୍ରମ । କବି ଏହି 'ଖାରବେଳ' କାବ୍ୟ ରଚନା କରିବାରେ ମଧ୍ୟ ଯୁଗୀୟ କାବ୍ୟ ପଦ୍ଧତି କେତେକ ପରିମାଣରେ ଅବଲମ୍ବନ କରି ଅଛନ୍ତି । ପ୍ରଥମରୁ ରାଗ-ଭୂପାଳରେ ସେ ନମସ୍କ୍ରିୟାର ଅବତାରଣା କରିଛନ୍ତି ।

କାହା ଘେନି ଏ ଜୀବନ-ମନ୍ଦିରେ
ଫୁଟେ ବିଶ୍ୱ କଳା—ବଇଭବ ?
କାହା ଘେନି ନିଷ୍କଳ ଏ ଶୂନ୍ୟ ମହାକାଳେ
ନାଚିଯାଏ ଅନନ୍ତ ବିଭବ ?

× × × ×

କି ରହସ୍ୟେ ଉଚ୍ଛୁସଇ ଗୀର୍ବାଣ ବିଭୂତି,
ମାନବର ଭାରତୀ ବିକାଶ ?
କିବା ସେ ଭାରତୀ କଳା କି ବୁଝେ ତା' ନର
ମାନସର ସେ ମହା ବିଳାସ ?

Digitized by PPRACHIN, SOA

ସେ ବିଳାସେ ଫିଟୁ ମମ ସେଇ ସେ ଶକତି,
ସେ ରହସ୍ୟ ସେ ଅନନ୍ତ ଦୀପେ;
କାଳ ପରଂପରା ଫେଡ଼ି ଜୀବନ ପ୍ରସାରେ
ଭତି ଉଠୁ ପୁଣ୍ୟ ଆମୂତପେ ।"

କବିତାର କି ମହୀୟାନ ଉନ୍ମାଦରେ କବି ନୀଳକଣ୍ଠ ଯେହି ଅନନ୍ତକୁ ଉଦ୍‌ବୋଧନ କରି କାଳ ପରଂପରା ଭେଦ କରି ଏହି ଐତିହାସିକ ତତ୍ତ୍ୱ ସମ୍ବଳିତ କାବ୍ୟ ରଚନା କରି ଅଛନ୍ତି, ତାହା ରହସ୍ୟାତୀତ । ଐତିହାସିକ ଓ କବି ମଧ୍ୟରେ ଏହି ପାର୍ଥକ୍ୟ ଐତିହାସିକ ବହୁ ତଥ୍ୟ ସଂଗ୍ରହ କରି ତାକୁ ପାଠକ-ସମ୍ମୁଖରେ ଉପସ୍ଥାପନ କରେ । କିନ୍ତୁ କବି ସେହି ତଥ୍ୟ ମାନଙ୍କରୁ ଗୋଟିଏ ଘଟଣାକୁ ନିର୍ବାଚନ କରି ତାକୁ ତାର କଳ୍ପନା ଶକ୍ତି ଦ୍ୱାରା ଅନୁରଞ୍ଜିତ କରି ପ୍ରକାଶ କରେ । ତାହା ଏକ ସାର୍ବଜନୀନ ସତ୍ୟ ରୂପେ ପ୍ରତିଭାତ ହୁଏ । Aristotleଙ୍କର ନିମ୍ନଲିଖିତ ଉକ୍ତିକୁ ପ୍ରାମାଣ୍ୟ ରୂପେ ଗ୍ରହଣ କରା ଯାଇପାରେ । "The poet and the historian differ not by writing in prose on in verse the true difference is that one relates what has happened, the other what may happen. Poetry there-fore is a more philosophical and a higher thing than history, for poetry to express the universal, history the particulars. ଅତଏବ କାବ୍ୟ ଇତିହାସ ଅପେକ୍ଷା ଅଧିକତର ଦାର୍ଶନିକତା ପୂର୍ଣ୍ଣ ଏବଂ ଉଜ୍ଜ୍ୱଳତର ବସ୍ତୁ । କାରଣ କାବ୍ୟ ଯାହା ସାର୍ବଜନୀନ, ତାହା ପ୍ରକାଶ କରିବାକୁ ଚାହେଁ । ଇତିହାସ ଚାହେଁ ଘଟଣା ବିଶେଷକୁ ।

ବଜିର ରାଜକନ୍ୟା କୃଷକପତି ପାଳିତା ଧ୍ୱସି ସେହି ପଥର ଖଣ୍ଡ ଉପରେ ବସି ଭାବୁଛନ୍ତି, "ଆଶା ଓ ନିରାଶାର ଏକ ତୁମୁଳ ଦ୍ୱନ୍ଦ୍ୱ ଆସି ଆଜି ମୋ ପ୍ରାଣକୁ ଏପରି କାହିଁକି ତରଙ୍ଗାୟିତ କରୁଛି । ମୋ ହୃଦୟ ଆଜି ଏପରି କାହିଁକି ବ୍ୟାକୁଳ ହୋଇ ପଡ଼ିଲା । ଆମ୍ବ ତରୁ ତ ଶିଶିର ପାତରେ କଷ୍ଟ ସହି ବସନ୍ତର ଆରମ୍ଭରେ ମୁକୁଳିତ ହୁଏ । ଧୀର ବସନ୍ତ ସମୀରଣ ବହି ଆସେ, ତାହା ଦେଖି ଚୂତ ମୁକୁଳ ଯେପରି ବ୍ୟାକୁଳ ହୁଏ, ମୋ ଅବସ୍ଥା ବର୍ତ୍ତମାନ ଠିକ୍ ସେହିପରି ।

ଶିଶିର କଦନ ଗୁରୁ ସହି ଚୂତ ଲତା ଚାରୁ
ମଧୁଶ୍ୱାସେ ବିକାଶେ ମୁକୁଳ
ମୃଦୁ ମଧୁ ଯାଏ ବହି, ପୁଣି ସେ ଶିଶିରେ ରହି
ଚୂତ ଯଥା ହୁଅଇ ବିକଳ;

Digitized by PPRACHIN, SOA

ସରସ ପରଣ-ରସ ମୁକୁଳର ମଧୁ ହାସ
ଯିବ କି ଶିଶିର ହିମେ ପୋଡ଼ି
କିଂପା ଗୋ ସରଳା ତେବେ କି ଲଭି ପରଣେ ଲବେ
ନିରଶ ନୟନେ ଯାଅ ସଡ଼ି ?

ଚନ୍ଦ୍ରନଦୀ ସେହିପରି ପଟଳ ପାଖେ ବୋହି ଯାଉଚି । 'ନୀଳ ନଭପଟେ କିରଣମାଳା ଶୋଭା ପାଉଅଛି । ସାନ୍ଧ୍ୟ ସମୀର ସାଗରର ଶୀକରରେ ସୈକତ ଭୂମିକୁ ସେହିପରି ଲିପ୍ତ କରୁଛି । ସେହିପରି ତ ସରଳ ଦ୍ରାବିଡ଼ ବାଳିକାମାନେ ମନ ଆନନ୍ଦରେ ନିକଟରେ ଖେଳୁ ଅଛନ୍ତି, କିନ୍ତୁ ତୋର ଆଜି ଏ ଦୁର୍ଗତି କାହିଁକି ?

''ଅନ୍ଧାର ଆଗମ ପଥେ ପରଚୀ ଦିଗନ୍ତ ପଟେ
କି ନିରେଖି ରହିଚ ଗୋ ବାଳେ ?''

ଘୋଡ଼ାସବାର ବାଟବଣା ହୋଇ ନଈକୂଳେ ଗୁଲୁଥିବାର କଣ ଦେଖିନାହଁ ?

କିବା ଦେଖି ଥରେ ଥରେ ଚମକି ଉଠ ଅନ୍ତରେ
ଚଳ ଜଳ ପ୍ରତିକାଶ କମ୍ପେ ?
ଦୂରେ ଦେଖ କି ମାଧୁରୀ ? ଗୁହେଁ କି କେ ପଛେ ଫେରି
ନର ଯଥା କ୍ଷୁବ୍ଧ ଅନୁତାପେ ?
ଗୁହଁନା ରୂପସୀ ଏତେ ନିରଶ ନୟନ ପାତେ
ଗୁରୁ ଶ୍ୱାସେ ନ କର ବେଦନା ।
ତରୁ ଲତା ଗିରି ଝର ଉନ୍ନତ ଉପଳ ଶିର
ନୀରସ ଦିଶିବେ ବରାନନା ।

× × × ×

ବସିଛି ଚିନ୍ତିବି ମୁହିଁ ଅଳପେ ସୁଦୟା ବହି
ଫେରଅ ସେ ବିଷାଦିତ ମୁଖ;
ସଙ୍ଗିନୀର ଦଳେ ମିଶି, ଯାଅ ଗୋ କୁଟୀରେ ହସି,
ଉଠି ଉଠୁ ଯୌବନ ମୟୂଖ ।
କାହାରେ ଗୁହିଁଛ ସତି, ଉଳ୍କି ଉର୍ଦ୍ଧ କି ନିୟତି ?
କଳିଙ୍ଗର ଯୁବରାଜ ସେହୁ;
ତୁଙ୍ଗ ବୀର ଖାରବେଳ ରଣେ ବହି କୁତୂହଳ
ଅବଳା ଗୋ କି ବୁଝିଲ ତହୁଁ ?

Digitized by PPRACHIN, SOA

କିଏ ସେହି ଖାରବେଳ କାହିଁ କଳିଙ୍ଗ ଉଚ୍ଚ
କିମ୍ପାଇ ସେ ଆସିଲେ ପଟଳେ ?
ଏକାକିନୀ ବାଳା ପାଶେ ପଗଣର କି ଆଭଷେ
ମିଳିଲେ ବା ସିନ୍ଧୁ ନଦୀ ତୀରେ ?

ସନ୍ଧ୍ୟା ହୋଇ ଗତି ଆସିଲା । ଶାରଦ ଚନ୍ଦ୍ର ଧୀରେ ଧୀରେ ପୃଥିବୀକି ଧବଳିମାରେ ବିଶୋଭିତ କରି ଆକାଶରେ ଉଦିତ ହେଲେ । କିନ୍ତୁ ସୁନ୍ଦରୀ ଧୃସି ସେହି ପଥର ଉପରେ ସେହିପରି ନୀରବ ଓ ନିଶ୍ଚଳ ଭାବରେ ବସିଛନ୍ତି । ସଙ୍ଗିନୀମାନେ 'ଧୃସିକି ଅନ୍ୟମନସ୍କ' ଭାବରେ ବସି ଥିବାର ଦେଖି ପରିହାସ ବାକ୍ୟରେ କହିଲେ, "ଆମେ ସବୁ ଜାଣିଛୁ, ବାଟଚଣା ହୋଇ କିଏ ଜଣେ ଯୁବକ ତୋତେ କଣ ପଗ୍ରରି ଏଠାରୁ ଗ୍ଲଲିଗଲେ । ଗଜବାଳା ତୁହି, ଗଜସୁତ କି ସେ, ଦେଲେ କି ପ୍ରାଣ ବାରତା ।" ଧୃସି ସେମାନଙ୍କୁ ଉତ୍ତରରେ କହିଲା, "ମୁଁ ଗଜବାଳା ? କାହିଁକି ମୋତେ ତୁମେ ଆଜି ଏ ପରିହାସ କଲ ? ଏପରି ବକ୍ରୋକ୍ତିର କାରଣ କଣ ? ଏ ଜୀବନରେ ମଧୁମାସ ସରି ଯାଇଛି ।"

"ଅଳପ ବରଷେ ସରି ଯାଇଅଛି
ଏ ଜୀବନ ମଧୁ ମାସ;
ଅଳପ ପରଶେ ମଉଳି ପଡ଼ିବ
ଏ ଫୁଲର ମଧୁହାସ ।"

ଏତିକି ମାତ୍ର କହି ଧୃସି ପଣତ କାନିରେ ଆଖି ପୋଛିଲା । ଦ୍ରାବିଡ଼ ବାଳିକାମାନେ ବୁଝିଲେ, ଏ ପରିହାସ ଧୃସିଙ୍କର ହୃଦୟରେ ଲାଖି ଯାଇଛି ।

ପ୍ରାବୃଟ ନିଶିଥେ ଚନ୍ଦ୍ର ଦୀପ ସରି
ଫୁଟିଥିଲା ଅନୁରାଗ;
ମାରବ ସିକତା ଭରି, ଭାସିଗଲା
କ୍ଷୀଣ ବିନ୍ଦୁ–ପାତେ ମେଘ;
ଖର ରବିକରେ ଫାଟିଲା ସତେ କି
ନବ ପ୍ରେମ କୁହେଳିକା,
ସ୍ମରଣ ପଲକେ ଝାଉଁଳି ପଡ଼ିଲା
ବିଷାଦେ ଧୃସି ବାଳିକା ।

ସାହାର ପ୍ରଭୃତି ମରୁ-ଭୂମିରେ ମେଘ ଉଠାଏ; ମାତ୍ର ବିନ୍ଦୁପାତ ଛଡ଼ା ଆଉ କିଛି ହୁଏ ନାହିଁ । ଧୃସି ଗଜବାଳା ନୁହନ୍ତି, ଏହି କଥା ସ୍ମରଣ କରି ତାଙ୍କର ଅନୁରାଗ ଶୁଖିଗଲା ।

Digitized by PPRACHIN, SOA

ଧୁସିର ଏହି ବିଷାଦପୂର୍ଣ୍ଣ ମନୋଭାବର କାରଣ କଣ ଜାଣିବାକୁ କୃଷକ ପତି ଇଚ୍ଛା କଲେ । ସେ ଦୁଃଖରେ ଧୁସିର ସଙ୍ଗିନୀ ଝୀନ (ନିଜ ଝିଅ)କୁ ପଗ୍ଚରିଲେ, "ତୁମେ ସବୁ ତାର ପ୍ରାଣ-ସହୀ । ତା ପ୍ରାଣରେ ଆଜି କି ବ୍ୟଥା ଲାଗିଛି, ତାହା ବୁଝି ପାରିଲ ନାହିଁ, ସେ ତ ଗଜବାଳା ବୋଲି ଲୋକେ ଜାଣନ୍ତି । ସେ କଥାରେ ତାର କାହିଁକି ଦୁଃଖ ହେବ ? ଅଦୃଷ୍ଟ ଫଳରେ ସେ ଆଜି କୃଷକ ପତି ଘରେ ଅଛି ।

ଫାଟିଲା କପାଳ ଅଳପ ବୟସେ
କାହିଁଗଲେ ବାପ ଭାଇ କେଉଁ ଦେଶେ ?
ବଢ଼ୁଛି ସରଳା କୃଷକ ପାଖେ ।"

ନିୟତି ବଡ କଠୋର । ମନୁଷ୍ୟ ଜୀବନ ସଦାବେଳେ ସମାନ ନଥାଏ ।
ଝୀନ କୃଷକ ପତିଙ୍କୁ କହିଲା,

କାନ୍ଦି କହେ ବାଳା, "ଆସିଥିଲେ ଯୁବା,
ଘୋଡ଼ାରେ ବସି, ସେ କିବା ମନଲୋଭା;
ନଈକୂଳେ କିସ ପୁଛିଲେ ତାରେ ।
ଚାଲିଗଲେ ଯୁବା, ରହେ ଧୁସି ଚାହିଁ
ଏକ ଲୟେ ନଈ କୂଳେ ବସି ରହି;
କେତେକାଳେ ଆସେ ବିରସ ଭରେ ।

ଧୁସିର ବିରସ ଭାବ ଦେଖି ମୁଁ ତାକୁ ଇଙ୍ଗିତ କରି କହିଲି,

"ହେଲଣି ତ ଧୁସି ବିବାହ ବୟସେ
ଗଜବାଳା ତୁହି, ଗଜସୁତ କି ସେ ?
ଏତେକେ ଗଲା ସେ ମରମେ ସଢ଼ି ।"

ଜନକ ଏ ସବୁ କଥା ଝୀନଠାରୁ ଶୁଣି କିଛି ନ କହି ମୌନ ହୋଇ ରହିଲେ । ଗ୍ରାମପତି ଖାରବେଲଙ୍କୁ ଭେଟିବା ପାଇଁ ପଟଳକୁ ଯାଇଥିଲେ । ସେ ତାଙ୍କୁ ଯଥୋଚିତ ସମ୍ମାନ ଦେଖାଇ କହିଲେ, "ଦତ୍ତିମଙ୍କ ତ୍ରାସରେ ଆମେମାନେ ଖୁବ ଭୟଭୀତ ହୋଇ ଗଲୁଣି ।

ପଶ୍ଚିମର ଲୋକମାନଙ୍କୁ ସେତେବେଳେ 'ଯବନ' କୁହା ଯାଉଥିଲା । ବଜିର ପ୍ରଥମେ ଦତ୍ତିମଙ୍କ ସଙ୍ଗେ ସନ୍ଧି କରି ସୁଖରେ କାଳ କାଟୁଥିଲେ ଓ ଦ୍ରାବିଡ଼ମାନେ ବଜିର ଅଧୀନରେ ରହି ଦ୍ରାବିଡ଼ ରୀତି ଛାଡ଼ି, ଆର୍ଯ୍ୟ ବିଧାନ ଓ ଧର୍ମରେ କୃଷି ଓ

Digitized by PPRACHIN, SOA

ବାଣିଜ୍ୟ ପ୍ରଭୃତି କରି ବଜିର ଗଜାଙ୍କ ସାଥିରେ ଖୁବ୍ ସୁଖରେ ଚଳୁଥିଲେ ଓ ବଜିର ଗଜାଙ୍କର ବଡ଼ ମିତ୍ର ଥିଲେ ।

"ବଢ଼ି ପଶି ଛାଡ଼ି ଯାଏ ଅନୂପ ଭୂମେ,
ତେସନେ ସେ କାଳେ ଯାଉଥିଲେ ଯବନେ;
ମିଶଇ କି ସେ ଅନୂପ ସାଗର ପୂରେ ?
କିମ୍ବା ସେ ଦତ୍ତିମ ମନ ଦେଲେ ବଜିରେ ?
ଗଜନ ଛାଡ଼ିଲେ ଭୟେ ସେ ସିଂହପଥ;
ନ ଜାଣେ କପଟ ରଣ ଆର୍ଯ୍ୟ ମହତ ।

ଯବନମାନେ ସ୍ୱାର୍ଥ ସିଦ୍ଧି ପାଇଁ ଯେ କୌଣସି ନିମ୍ନ ଶ୍ରେଣୀର ଲୋକଙ୍କ ସଙ୍ଗେ ମିଶି ଯାଉଥିଲେ । କିନ୍ତୁ ବଜିର ଗଜା ମନସ୍ୱୀ ଆର୍ଯ୍ୟ ଆର୍ଯ୍ୟଙ୍କର ମହତରେ କପଟ ରଣ ନ ଥିଲା । ଦତ୍ତିମ କପଟ ଯୁଦ୍ଧ କରି ବଜିର ଅଧିକାର କଲା । ବଜିର ଗଜା ଓ ଯୁବଗଜ ସିଂହପଥ ଛାଡ଼ି କୃଷକ ପତିଙ୍କ ସଙ୍ଗେ ମିଳିତ ହେଲେ । କୃଷକ ପତି ଖାରବେଳଙ୍କ ସହିତ ଦତ୍ତିମଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତାବ କଲେ ।

ଖାରବେଳେ ଦେବେ ହେଳୁ କୃଷକ ସେନା
ଦାବ ଦାହେ ପ୍ରଭଞ୍ଜନ ମିଶଇ ସିନା !
କି କରିବେ, ସ୍ଥବିର ସେ ହୁଅନ୍ତି ଭଳି,
କିଏ ସେ ସମରେ ସେନା ଯିବଟି ଗ୍ରଳି ?

ଏବେ କିଏ ସେ ଯୁଦ୍ଧରେ ନେତୃତ୍ୱ ନେବ, ଏଇ ଚିନ୍ତାରେ ବୃଦ୍ଧ କୃଷକ ପତି ଅସ୍ଥିର ହେଉଥାନ୍ତି ପାଖରେ ବସିଥାନ୍ତି ଧୂସି । ତାଙ୍କ ମନରେ ଅପୂର୍ବ ଉତ୍ସାହ ଖେଳି ଉଠିଥିଲା । କବି ଧୂସିର ଏହି ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି କହୁ ଅଛନ୍ତି,

"କାହିଁକି ଗୋ ଧୂସି ବାଳା ଅଥୟ ଏତେ ?
କଟାକ୍ଷେ ଯୁଝିବ କି ସେ ଦତ୍ତିମ ସାଥେ ?
ସେ କଟାକ୍ଷ ଖାରବେଳ ସହିବେ କାହିଁ ?
କିବା ତେବେ ଭଳି ଭଳି ଯାଉଚ ରହି ।"

ହୃଦୟରେ ପ୍ରଣୟର ଏତେ ତୀବ୍ର ପିପାସା ଧରି ସେ ସେହି ଖାରବେଳଙ୍କ ସହିତ ଧୂସି ଦତ୍ତିମଙ୍କ ବିରୁଦ୍ଧରେ ଯୁଦ୍ଧ କରି ପାରିବ ତ ? ନେବେ ଶେଷରେ ସ୍ଥିର ହେଲା; 'ଗଜବାଳା ସଜାଡ଼ିବେ ବଜିର-ବୀର ।"

କେହି ନ ଜାଣିବେ ଏକା ବାଳିକା ବୋଲି;
ବଜିର ଯୁବକ ବୋଲି ରହିବେ ଭୁଲି ।

Digitized by PPRACHIN, SOA

ଭୁଲି ତ ପାରିବ ବାଳା ପଗଣ ତବ,
କ୍ଷଣେ କ୍ଷଣେ ଖାରବେଳ ଯେବେ ଦେଖିବ ?
ସଂକଳ୍ପର ଏ ସାହସ ଯିବଟି ତୁଟି;
ଅଲକ୍ଷ୍ୟ କଟାକ୍ଷ ଯିବ ମରମେ ଫୁଟି ।

× × × ×

ରମଣୀ ରହସ୍ୟ ଭବେ ବିଷମ ବଡ଼,
ସୁକୁମାରୀ ରମଣୀର ଅସୀମ ବଳ ।
କାଳୀ, ଚଣ୍ଡୀ ସେହି, ସେହି ଭୁବନେଶ୍ୱରୀ
ଗିରୀଶ-ସଂଯମ–ନାଶୀ ସେହି ଗଉରୀ ।
ଯାଅ ତେବେ ରଣରସେ ବଳିର ବାଳା,
ନ ସାଧି କରମ କେବେ ନ ଦେବ ଧଗ ।

କବିଙ୍କର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା ଅଦ୍ୱିତୀୟ—

ରମଣୀ ଚରିତ୍ରର ବିଭିନ୍ନ ରହସ୍ୟ ଭେଦ କରି କବି ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ କିପରି ଅଦ୍ୱିତୀୟ ଚିତ୍ର–ଶିଳ୍ପରେ ନୈପୁଣ୍ୟ ଦେଖାଇ ଅଛନ୍ତି, ତାହାର ଉଦାହରଣ ।

"ପଲ୍ଲୀ ବନ ଭେଦି ଘୋଟିଲା ରଜନୀ,
ତରୁ ତଳେ ତଳେ ଶବଳ ଗ୍ରନ୍ଦନୀ;
ଅସ୍ଫୁଟ ବିତାନେ ପ୍ରାନ୍ତର କେଦାର,
ଯତନ ଦିଶିଲା ବିଲ, ବାଟ, ବାଡ଼;
ଡେଣା ମେଲି ବୁଜି ପକ୍ଷୀ ଯାଏ ଉଡ଼ି,
ଶ୍ୟାମଳି ଗ୍ରନ୍ଦନୀ ଉଡ଼ଇ ଝାନ୍ଦୁଡ଼ି,
ତରୁ ଡ଼ାଳେ ଫୁଟେ ପତଙ୍ଗି ନିସ୍ୱନ,
ପ୍ରଣୟୀ ପଗଣେ ସ୍ମରଣ ଯେସନ,
କଳକଳେ ନଦୀ ଦୂରେ ବହିଯାଏ;
ନବ ଯୋଗି ହୃଦେ ବାସନା ପଗଏ,

ରାଧାନାଥ ଅବଶ୍ୟ ସୌନ୍ଦର୍ଯ୍ୟବାଦୀ କବି । ପ୍ରକୃତିର ସୌନ୍ଦର୍ଯ୍ୟ ଓ ପ୍ରାଚୀନ ଉତ୍କଳର ଗୌରବ–ଗାରିମା ବର୍ଣ୍ଣନା କରିବାରେ ସେ ଧୁରନ୍ଧର । କିନ୍ତୁ 'ତୁଳସୀ ସ୍ତବକ'ରେ ଯେଉଁ ଉପମା ମାନ ସେ ପ୍ରୟୋଗ କରି ଅଛନ୍ତି, କାହିଁ ସେ ଧାର ଉଧାର କଥା ତ କେଉଁଠାରେ ସେ ବ୍ୟକ୍ତ କରି ନାହାନ୍ତି ? ତଥାପି ନୀଳକଣ୍ଠ

Digitized by PPRACHIN, SOA

ଏ ବିଷୟରେ ଗଧାନାଥଙ୍କୁ ପ୍ରଶଂସା କରି ଅଛନ୍ତି, ସିନା ରୁକ୍ଷ ଭାବରେ ନିନ୍ଦା କରି ନାହାନ୍ତି । ଗଧାନାଥଙ୍କ ପ୍ରତି ତାଙ୍କର ବିତୃଷ୍ଣା ଯେ ଅନ୍ୟ କାରଣରୁ ଏଥିରୁ ତାହା ସ୍ପଷ୍ଟ ।

କୃଷକ ପତି ତାଙ୍କ ସୈନ୍ୟମାନଙ୍କ ସମ୍ମୁଖରେ ଖାରବେଳଙ୍କର ଗୁଣଗାନ କରୁଥିଲେ । ଖାରବେଳ ଦକ୍ଷିଣଙ୍କର ଅପରାଜୟ ଶତ୍ରୁ । ଏ ଚିତ୍ର ହାତୀଗୁମ୍ଫା ଶିଳାଲିପିର ବର୍ଣ୍ଣନା ପରି । ଇତିହାସ ଏଠାରେ ଜ୍ୱଳନ୍ତ ଓ ଜୀବନ୍ତ । କୃଷକ ପତି କହିଲେ, "ମୁଁ ଖାରବେଳଙ୍କୁ ଚିହ୍ନିଛି । ତାଙ୍କ ବୀରତ୍ୱର ଆଭାସ ପାଇଛି । ଯୁଦ୍ଧରେ ଜୟଲାଭ କରିବାରେ ତାଙ୍କର ଅସୀମ ସାହସ, ସେ କେଉଁଠାରେ ପରାଭବ ସ୍ୱୀକାର କରି ନାହାନ୍ତି । ଅନୁଭବରେ ତାଙ୍କର ବାହୁବଳ ପରୀକ୍ଷା କରିଛି । ତାଙ୍କୁ ସାମାନ୍ୟ ବୋଲି ମନେକର ନାହିଁ ।

"ଶୁଣିଛି ବିଷମ ସେ ବୀର ଯୁବକ,
ବାଲ୍ୟତେ ଜିଣିଛି ବିଷମ ମୁଲକ,
ବିଷମ ସଙ୍କଟ ଗିରିଦୁର୍ଗ ପଥେ;
ଉତ୍ର ସେନା ମାରି ଜିଣିଛି ନିଶୀଥେ,
ଦକ୍ଷିଣ ମୁଲକ କରି ଛାରଖାର,
ପୋତିଛି ସେ ଭୂମେ କଳିଙ୍ଗ ଚିହ୍ନ,
ବଣିକ ସଇନି ଧରି ସିନ୍ଧୁ ପଥେ,
ନାଶିଅଛି ଦସ୍ୟୁ କେତେ ସେ ବୋଇତେ,
ଖାରବେଳ ନାମେ ବିଜୟ ଅଛି ।"

କୃଷକ ପତିଙ୍କର ଏହି ଉତ୍ସାହ ଓ ଉଦ୍ଦୀପନାପୂର୍ଣ୍ଣ କଥା ଶୁଣି ସେନାମାନଙ୍କ ହୃଦୟରେ ଅପାର ଆନନ୍ଦ ଓ ଉତ୍ତେଜନା ଖେଳିଗଲା । ତୁଙ୍ଗ ଜ୍ୟୋତିର ଆଶାରେ ସମସ୍ତେ ଉଜ୍ଜଳି ଉଠିଲେ ।

ଯୁଦ୍ଧ ପାଇଁ ସମସ୍ତେ ପ୍ରସ୍ତୁତ । ଚନ୍ଦ୍ରପକ୍ଷ ରଜନୀ ଏପରି ଚନ୍ଦ୍ରିକା-ବିଧୌତ ରଜନୀରେ ଖାରବେଳ ଏକାକୀ ବସି କଣ ଭାବୁଛନ୍ତି । ବେଳବେଳେ ଆଶଙ୍କାରେ ତାଙ୍କର ପ୍ରାଣ ଥରି ଉଠୁଛି । କାହିଁକି ତାଙ୍କର ଏ ବୃଥା ଆଶଙ୍କା ।

ଏତ ନୁହେଁ ଖାରବେଳ କରମ,
ଭୀତି ନୁହେଁ ଖାରବେଳ ଧରମ ।

ତେବେ କାହାକୁ ସେ ଘନ ଘନ ଗୁହୁଁଛନ୍ତି । ସେ ତ ଗୁପ୍ତଚରକୁ ମଧ୍ୟ ଭୟ କରନ୍ତି ନାହିଁ । ତାଙ୍କର ଏ ଅବସ୍ଥା କାହିଁକି ?

Digitized by PPRACHIN, SOA

"ତେବେ କାହାରେ ଗୁହିଁଛ କୁମାର ?
କାହା ଆଗମନେ ଏତେ କାତର ?
ଗୁହିଁ ପୁଣି ରହିଯାଅ କାହିଁକି ?
କିବା ଭଲ ଥିଲ ମନେ ନାହିଁକି ?
ଶୂନ୍ୟ ପରଣ ପଡୁଛି ବା ଫିଟି
ଚିତ୍ତ ନିରୋଧ ଯାଉଅଛି ତୁଟି ?
ତୀବ୍ର ରଣ-ସାଜେ ଆସିଲ ଦେଶୁ,
ଜିଣି ତାରିବ ବଣିକ ବିନାଶୁ;
ବୀର ଧରମେ ଫେରିଯିବ ଘରେ,
ମନେ ରଖିବେ ଜନେ ଖାରବେଳେ ।"

ଏହିଠାରେ ହାତୀଗୁମ୍ଫା ଖୋଦନ ଲିପି ପ୍ରସିଦ୍ଧ ଖାରବେଳଙ୍କ ବୀରତ୍ୱ ସହିତ ତାଙ୍କ ଯୁବ-ହୃଦୟର ପ୍ରଣୟ-ରହସ୍ୟର ଦ୍ୱନ୍ଦ୍ୱ କିପରି ଅନବଦ୍ୟ ଭାବରେ ଫୁଟି ଉଠିଛି, ତାହା ଲକ୍ଷ୍ୟ କରିବାର କଥା । କେଉଁ ପ୍ରାଚ୍ୟ ବା ପାଶ୍ଚାତ୍ୟ କବିଙ୍କର ପ୍ରଭାବ ନୀଳକଣ୍ଠଙ୍କ ଉପରେ ପଡ଼ି ତାଙ୍କୁ ଏପରି ବିମୋହିତ କରିଛି, ସେ ପ୍ରଭାବବାଦୀ ସମାଲୋଚକମାନଙ୍କର ସମସ୍ୟା । ସେ ତାଙ୍କର କବି ବର୍ଣ୍ଣନାରେ ଲେଖି ଅଛନ୍ତି

ଜାଣି ନ ଥିଲକି ଯୁବକ ବୀର,
ହୃଦ ନିମିଷେ ହୋଇଯିବ ଜୁର ?
ଜିଣ ଆସିଥିଲ ଏହି ମୁଲକେ,
କିଏ ତୁମ୍ଭଙ୍କୁ ଜିଣିଲା ପଲକେ ?
ରଣ କଉଶଳ ଜାଣ ତ କେତେ
ଶତ୍ରୁ ସାଧନ କର କେତେମନ୍ତେ,
ହେଲା ଏବେ ଏ ବିଷମ ସମର,
କିବା ପ୍ରତିକାର ବିଗ୍ରହ ବୀର ?

## ପ୍ରଭାତର ବର୍ଣ୍ଣନା

ସକାଳ ହେଲା । ପ୍ରଭାତ ବର୍ଣ୍ଣନାରେ କିପରି ଅଭିନବ ଦୃଷ୍ଟିଭଙ୍ଗୀ କବି ଦର୍ଶାଇଛନ୍ତି, ତାହାର ଏକ ଉଦାହରଣ ଏଠାରେ ଦେଖିବାକୁ ମିଳେ ।

ଫିଟି ଆସୁଅଛି ଗଗନେ ନବ ସିନ୍ଦୁର ବିଭା,
ଫୁଟି ଉଠୁଅଛି ବିପିନେ ଶୁଭ୍ର ସଙ୍କେତେ ବିବା

Digitized by PPRACHIN, SOA

ତରୁ-ଚୂଳ ଛାଡ଼ି ଅନ୍ଧାର ଲୁଚି ଯାଉଛି କାହିଁ,
କୁଟଜ ବିଭବେ ଦୋଳଇ ବନ-ଧବଳ-ଶିଖା,
ଅନୁରାଗ-ରଙ୍ଗେ ଗୋଲାପେ ହର୍ଷେ ଉଠେ କଳିକା ।

× × × ×

ଧୀରେ ଚହଟଇ ସମୀରେ ମୁଗ୍ଧ-ମୋହନ-ବାସ;
ଅନୁରାଗ ସେ କି ବିକାଶେ ଲଜ୍ଜା ଭେଦି ସୁହାସ ।

ଅଭିଯାନ ଚାଲିଲା ଦତ୍ତିମଙ୍କ ବିରୁଦ୍ଧରେ । ସୈନ୍ୟମାନଙ୍କ ସାଙ୍ଗେ ଅଛନ୍ତି ଛଦ୍ମବେଶୀ ଧୂର୍ଜି । ସେ ତାଙ୍କର ସେନାପତି—ଆଉ ଦୀର୍ଘ କରବାଳ ଧରି ଚାଲିଛନ୍ତି । ଏଣେ ବିଜିଗୀଷା ତେଣେ ପ୍ରଣୟଲିପ୍ସା ହୃଦୟକୁ ତାଙ୍କର ଆଲୋଡିତ କରୁଛି । ଧୂର୍ଜି ଅଲକ୍ଷରେ ଖାରବେଳଙ୍କଠାରେ ଜୀବନ ଅର୍ପଣ କରିଛନ୍ତି । କିନ୍ତୁ ସେ ଖାରବେଳ କିଏ, ତାହା ଏ ପର୍ଯ୍ୟନ୍ତ ଜାଣି ନାହାନ୍ତି ।

ଯାଉଛ ଭେଟିବ ଖାରବେଳ ଆଜି
ଶକତି-ମହତ କଳିଙ୍ଗ-ସୁତ:
ଆସିଛନ୍ତି ସେହୁ କେତେ ଆଶା ଧରି
ଦତ୍ତିମ ଗଜନେ କରିବ ନତ !
ଦସ୍ୟୁଭୟ ଯିବ, କଳିଙ୍ଗ ବୋଇତ
ଚଳିବ ସାଗରେ ବାଣିଜ୍ୟ ରସେ
ସେହି ଖାରବେଳ ସଙ୍ଗେ ମିଶି ବୀରେ
ରଖିବ ବଜିର ବଜିର-ବାସେ ।
ଯାଅ ତେବେ ଭୟ ନାହିଁ ଖାରବେଳ
ଯାଅ ସେନାପତି ସରସ ମନେ;
ବୀର ତୁଙ୍ଗ ପ୍ରାଣ ଚୋରଇଛ ଧୂର୍ଜି,
ଯିବ କି ନ ପଡ଼ି ଧରା ହେ ଦିନେ ।

ଏ ସମସ୍ତ ଜଗତ୍—କି ପ୍ରକୃତି, କି ଜନ୍ତୁ, କି ମନୁଷ୍ୟ ସମସ୍ତେ ପ୍ରେମରେ ଢଳ ଢଳ । ଧୂର୍ଜି ଓ ଖାରବେଳଙ୍କ ପ୍ରଣୟକୁ ଲକ୍ଷ୍ୟ କରି କବି–ମନୀଷୀ ଏହି ରହସ୍ୟମୟ ବିଶ୍ୱତତ୍ତ୍ୱ ଏଠାରେ ପ୍ରକାଶ କରି ଅଛନ୍ତି ।

"ସୁନ୍ଦରୀର ଚାରୁହାସ ଜବାଫୁଲ ଅଧର
ପ୍ରେମିକର ଅନୁରାଗେ ଆହା କିବା ମଧୁର !

Digitized by PPRACHIN, SOA

ମଧୁରେ ଗବଇ ମିକ ମଧୁ ଋତୁ ଆଗମେ;
ଆଶାଟି ବିଶ୍ୱାସ ଧ୍ରୁବ ତରୁଣର ପରାଣେ ।
ସେହି ଆଶା ସେ ବିଶ୍ୱାସ ମିଶିଯାଏ ଯେସନ,
ତେସନ ପ୍ରଣୟ-ଲେଖା ବଶକରେ ପରାଣ ।
ପରାଣର କି ତାମସେ ଲୁଚଇ ସେ ପ୍ରଣୟ,
କାହୁଁ ଫଟି ପଡ଼ି, କରେ ପରାଣ ସେ ଅଥୟ !

× × ×

ଏ ବିଷମ ବିଶ୍ୱ-ଲୀଳା କେ କହିବ ବଖାଣି ?
ପ୍ରଣୟେ ପରାଣ-ବାଣୀ ବଖାଣିବ କେ ଜାଣି ?

ଏହା କେଉଁ ଦାର୍ଶନିକ, କେଉଁ କବି ଟେନିସନ୍ କି ସେକ୍ସପିଅର କାହାର ପ୍ରଭାବ ? ନୀଳକଣ୍ଠ ଏହି ଗ୍ରନ୍ଥସବୁ ପାଠ କରି ଅଛନ୍ତି । ତେବେ ପ୍ରଭାବ କିପରି ଅଜାତ ଭାବରେ ତାଙ୍କ ମନୀଷା ସହିତ ମିଶ୍ରିତ ହୋଇଅଛି, ସେ କଥା ଜାଣି ନଖିବା କଷ୍ଟକର । ରାଧାନାଥଙ୍କର ନିମ୍ନୋକ୍ତ ପଂକ୍ତିଟି ଏହା ସହିତ ତୁଳନୀୟ ।

"ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।"
"A thing of beauty is a joy for ever"

ତେବେ ଏପରି ଉପମା, ଏପରି ଚିନ୍ତା, ଏପରି ରୂପକଳ୍ପ ଏବଂ ଏପରି ଶବ୍ଦ ସମ୍ପଦରେ ପ୍ରାଚୀନ ଯୁଗଠାରୁ ଏ ପର୍ଯ୍ୟନ୍ତ କୌଣସି କବି ପ୍ରଣୟର ଦାର୍ଶନିକ ଚିତ୍ର ଦେଇ ନାହାନ୍ତି ବୋଲି ଆମମାନଙ୍କର ବିଶ୍ୱାସ ।

ଏଣେ ବହୁ ଦୂରବର୍ତ୍ତୀ କଳିଙ୍ଗ ରାଜ୍ୟର କଥା ଭାବିଲା ବେଳେ ତେଣେ ମଟଳର ପ୍ରଣୟ-ଲୀଳା ତାଙ୍କ ହୃଦୟରେ ସୃଷ୍ଟି କରୁଛି କମ୍ପନ-ଶିହରଣ । ଖାରବେଳଙ୍କର ପିପାସା କଣ ?

ପୁଣି ଶିଳାଲିପିର ପର୍ଯ୍ୟାଲୋଚନା । ଦିନେ ଖାରବେଳ ଭାବୁଛନ୍ତି, "ମୁଁ କାହିଁକି ଏଠାକୁ ଆସିଲି । ଦତ୍ତିମ ସଙ୍ଗେ ରଣ କରିବାର ଅଭିଳାଷ ମୋର କାହିଁକି ହେଲା ! ପାଣ୍ଡ୍ୟରାଜ୍ୟକୁ ଯାଇଥିଲି, ସେଠାରେ ପିତାଙ୍କ ପରି ବୃଦ୍ଧ ରାଜା କେତେ ରାଜ୍ୟ ବିଧାନ ମୋତେ ଶିଖାଇଲେ । ବଣିକମାନେ ମୋର କାହିଁ ଜାଭା, ସୁମାତ୍ରା, ବାଲି ପ୍ରଭୃତି ଦ୍ୱୀପମାନ ବୋଇତରେ ବସି ଦେଖି ଆସିଲେ ।

Digitized by PPRACHIN, SOA

ମୁଁ ଏ ଦୂର ଦେଶକୁ ଆସନ୍ତି କାହିଁକି ? ତା ସହିତ କଳ୍ପନାର ଅନୁରଞ୍ଜନ ମିଶି ଖାରବେଳଙ୍କୁ ବିଚଳିତ କରୁଛି । ସେ ନିଭୃତରେ ବସି ଭାବନ୍ତି,

"ପାରସ୍ୟ-କୂଳେ ଆସିଲେ ସେ ପୁଣି,
ପୁର-ବଜିର-ଗଣ ଗୁଣି ଗୁଣ ।
ଦୁରନ୍ତ ଦଭିମେ ଦେଖିଲେ ସେହୁ;
ବାଣିଜ୍ୟ ଘେନି ଦଣ୍ଡ ଦେଲେ ବହୁ ।
ଯୁବ-ପରାଣ ମୋ' ସହିଲା ନାହିଁ,
ନ ଜାଣି ହେଲି ମୁଁ ସମରେ ବାଇ ।
ଜାଣି ମୁଁ ନ ଥିଲି ତରୁଣ କାଳ,
ଜାଣି ନ ଥିଲି ପୀରତି ଜଞ୍ଜାଳ ।
କହିଥିଲେ ମୋତେ ପାଣ୍ଡ୍ୟ ରାଜନ
ଉପହାସେ ମୁଁ ନ କଲି ଗଣନ ।
ଜାଣି ନଥିଲି ମୁଁ ମହତ ବୀର,
ହୃଦୟ ହୁଅଇ ପଲକେ ଜୁର ॥"

ଏହିପରି ଯୁଦ୍ଧ କ୍ଷେତ୍ରରେ ନାନା ବିଚିତ୍ର ଚିନ୍ତାର ଉଦ୍ରେକ ହେଲା, ଖାରବେଳଙ୍କର ।

## ଜୈନ ଧର୍ମ ପ୍ରତି ନୀଳକଣ୍ଠଙ୍କର ଆଗ୍ରହ -

ସର୍ବଶେଷରେ ତାଙ୍କ ମନକୁ ଆଶ୍ୱାସନା ଦେଇ କବି କହୁଛନ୍ତି; —

"ବୀର ବୋଲି କର ଗରବ କେତେ
ଜିଣିବ ବୋଲି ମଣୁଛ ଜଗତେ ।
ଘରେ ବାହୁଡ଼ିବ ଘେନି ବିଜୟ,
କେସନେ ଛାଡ଼ିଯିବ ହେ ହୃଦୟ ?"

ଭାରତର ସେ ପ୍ରାଚୀନ ଗୌରବ ଅସ୍ତମିତ, ଯେତେବେଳେ ବୁଦ୍ଧଦେବ ଏବଂ ପରେଶ ନାଥ ପ୍ରଭୃତି ଅହିଂସା ଧର୍ମ ପ୍ରଚାର କରୁଥିଲେ, ଦିଗଦିଗନ୍ତ ବିଶ୍ୱମୈତ୍ରୀ ଭାବରେ ପୂର୍ଣ୍ଣ ଥିଲା । ସଂଯମ ରାଜ୍ୟ ଶାସନର ମୂଳ ମନ୍ତ୍ର ଥିଲା । ସୁଗତ ନାମକ ଜଣେ ଜୈନ ଗୁରୁ ଦଭିମ-ଖାରବେଳଙ୍କ ରଣକ୍ଷେତ୍ରରେ ବୁଲି ବୁଲି ଆହତମାନଙ୍କୁ ସାନ୍ତ୍ୱନା ଦେଉଥିଲେ ।

"ଛାଡ଼ି ବନ୍ଧନ ଘନ ଖେଳେ ଅମ୍ବରେ,
କେବେ ବା ଲଇଁ ପଡ଼େ ପର୍ବତ ଶିରେ,

Digitized by PPRACHIN, SOA

ତେସନେ ଛାଡ଼ି ଭବ-ସୁଖ-ବାସନା,
ରଜନେ ବୁଦ୍ଧ-ଜନେ କଲ୍ଲ ଶାସନା ।
ଶକ ଯବନ ହେଲେ ତହିଁ ମଗନ
ଆଶ୍ୱାସେ ହୁଏ ଯଥା ଶ୍ୱାପଦ ଶ୍ୱାନ ।
ଶିବିରେ ଆଜି ସେହି ସୁଗତବର
ଯୁଦ୍ଧ ନିବାରି କରୁଥିଲେ ବିଗ୍ରହ ।

× × × ×

ଇନ୍ଦ୍ରିୟ ଭୋଗ ଯଥା ନ ମାନେ ବାଧା,
ତେସନଟି ଖଡ଼ଗେ ଶୋଣିତ-କ୍ଷୁଧା ।
ସେହି ଇନ୍ଦ୍ରିୟ ଭୋଗେ ସଞ୍ଜମ ଶୁଭ,
ଖଡଗେ ରତି କରି ଭଜିବ କ୍ଷୋଭ ।"

ଏହିପରି ଭବରେ ଜୈନ ଧର୍ମର ନାନା ତତ୍ତ୍ୱ ଅବତାରଣା କରି ସୁଗତ ପ୍ରଗ୍ୱର କଲେ, ଦଉିମ ଏ ଯୁଦ୍ଧ ବନ୍ଦ କର । ଏ ହିଂସା ପ୍ରକୃତି ବଡ଼ ଜଘନ୍ୟ । ଏହା ମନୁଷ୍ୟକୁ ପଶୁରେ ପରିଣତ କରେ । ଯବନ-ଦେଶରେ ସକ୍ରେଟିସ ଆତ୍ମା ଅମର ଓ ଇଶ୍ୱର ଏକ ବୋଲି ପ୍ରଥମେ ପ୍ରଗ୍ୱର କରି ରାଜ୍ୟରେ ଦୋଷୀ ହୋଇ ପ୍ରାଣଦଣ୍ଡ ପାଇଥିଲେ । ପ୍ରାଣଦଣ୍ଡରେ ସେ କାଳେ ସେ ଦେଶରେ ବିଷ ପିଆଇ ଦିଆ ଯାଉଥିଲା । ସକ୍ରେଟିସ୍ ତାହା ଆନନ୍ଦରେ ପାନ କରି ମୃତ୍ୟୁ ବରଣ କରିଥିଲେ । କୂଟ ଯୁଦ୍ଧରେ ଯବନମାନେ ସାରା ଦେଶ ଜିଣିଯିବେ ବୋଲି ସ୍ଥିର କରିଛନ୍ତି ।

## ପଶ୍ଚିମ ସଭ୍ୟତା ଅହିଂସା ନୀତି ବୁଝିବାରେ ନୀଳକଣ୍ଠଙ୍କର ସନ୍ଦେହ –

ପଶ୍ଚିମ ସଭ୍ୟତାର ଏସନ ରୀତି,
କାହୁଁ ବୁଝିବେ ଯେହ୍ନୁ ସୁଗତ ନୀତି ?
ଜୀବନେ ଜାଣନ୍ତି ସେ ଆପଣା ସୁଖ;
କଥା କହନ୍ତି ସତେ ବକ ଧାର୍ମିକ ।

ଏହା ଇଂରେଜମାନଙ୍କ ବିରୁଦ୍ଧରେ ପ୍ରକାରାନ୍ତରେ ଏକ ବଳିଷ୍ଠ ପ୍ରତିବାଦ । 'ଖାରବେଳ' ନୀଳକଣ୍ଠଙ୍କର ୧୯୨୦ ମସିହାର ଲେଖା – ଏତେବେଳକୁ ମହାତ୍ମା-ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ଭାରତରେ ଜନ୍ମଲାଭ କରିନାହିଁ । ନୀଳକଣ୍ଠଙ୍କର ଜାତୀୟ ଭାବ ଚେତନାର ଏହା ଏକ ବଳିଷ୍ଠ ଦୃଷ୍ଟାନ୍ତ । ନୀଳକଣ୍ଠ ଆହୁରି କହୁଛନ୍ତି–

Digitized by PPRACHIN, SOA

ସୁଗତ ପଢ଼ିଛ କି ଯବନ-ପାଠ,
ପଶ୍ଚିମ-ଦେଶ-ନୀତି-ଖେଳର ନାଟ ?
ସମାଧା-କଥା ଶୁଣି ହସିବେ ସେହୁ;
ବୁଝି ପାରିବଟି କି ସେ ହାସ-ଦାଉ ?

ସୁଗତ କଣ ତାଙ୍କର ଅହିଂସା ନୀତି ପ୍ରୟୋଗ କରି ଯବନକୁ ବୁଝାଇ ପାରିବେ ? ଅବଶ୍ୟ ଯବନ ଖାରବେଳଙ୍କ ଦ୍ୱାରା ପରାଜିତ ହେବେ । ତେବେ ସୁଗତ ତାଙ୍କର ଧର୍ମ ଓ ନୀତି ପ୍ରୟୋଗ କରିବାକୁ ବାହାରିଛନ୍ତି, ସେ ଯାନ୍ତୁ,

"ମଙ୍ଗଳେ ଫେରି ଯଶ ରଖ ହେ ଭବେ ।"

ସୁଗତ ଦତ୍ତିମ ନଗରକୁ ଯାଇ ତାଙ୍କୁ ଭେଟିଲେ । ଅହିଂସାର ପ୍ରସ୍ତାବ ଦେଲେ । ଦତ୍ତିମ ସୁଗତଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ମାତ୍ର ଦେଖାଗଲା ଯେ ଏହା ଯବନ ରାଜାଙ୍କର ଏକ କୌଶଳ ଏବଂ ବଞ୍ଚକତା ମାତ୍ର । ତେଣୁ ଯୁଦ୍ଧର ଆୟୋଜନ ହେଲା ।

ଦତ୍ତିମର କଟରଣ ଦିଶିଲା ଅସାର;
ମଣିଲେ ଦତ୍ତିମେ ସୁଖେ ରଣେ ଜିଣିବାର ।
ମିଳିତ ବାହିନୀ ଏବେ ଚଳିଲେ ଉତ୍ତରେ,
ବାଲୁକା-ବିତାନେ ଖେଳି ମରୁ ପରିସରେ ।
ସଂଶୟ କି ତେବେ ତବ ପୀରତି-ଭିଆଣ ?
ବିରାଗେ ମଣୁଛ କି, 'ସେ ବଞ୍ଚକ ଦତ୍ତିମ' ?

ଖାରବେଳ ଦିଗ-ବିଜୟୀ ବୀର । ସେ ନିଶ୍ଚୟ ଏ ଯୁଦ୍ଧରେ ଜୟଲାଭ କରି ନିଜ ଜନ୍ମଭୂମିକି ଫେରିଯିବେ ।

ସତକୁ ସତ ଶୁଭ ସମ୍ବାଦ ଆସି ଖାରବେଳଙ୍କ ଶିବିରରେ ପହଂଚିଅଛି ।

ସୁଗତ ଶାସନେ ଭୁଲି,
ଦତ୍ତିମ ସମର ଛାଡ଼ି,
କରିଛନ୍ତି ପଣ, କେବେ ନ ଧରିବେ କୃପାଣ ।

ଦତ୍ତିମ ଖବର ଦେଇଛନ୍ତି, "ବଜ୍ରିର ବୀର ଆସନ୍ତୁ । ଖାରବେଳ ବି ତାଙ୍କ ସଙ୍ଗେ ଆସନ୍ତୁ । ଯେ ଯାହା ଘରେ ସୁଖରେ ରହନ୍ତୁ । ବକତର ବଣିକ-ତରୀ ସାଗରରେ ନିରାପଦରେ ଖେଳନ୍ତୁ । କିନ୍ତୁ ବଜ୍ରିର-ବୀରଙ୍କର ଏ ଖବରରେ ପୂରା ସନ୍ଦେହ । ସେ ଭଲ କରି ଜାଣନ୍ତି, ଦତ୍ତିମ ସନ୍ଧି କରିବ ନାହିଁ । ସେ କଳେ ବଳେ କୌଶଳେ ଯୁଦ୍ଧ କରିବ ।

Digitized by PPRACHIN, SOA

ଯବନ ସେହି ଗତିରେ ଲୁଚି ଲୁଚି ଆସି ଯୁଦ୍ଧ କରିବା ନିମନ୍ତେ ରଣ-ଭେରୀ ଦେଲେ ; ବାଟ ଘାଟ ଦିଶୁନାହିଁ ।

ସଜନେ ତରାସ-ଗେଲ

ହତବୁଦ୍ଧି ଖାରବେଳ;

ଯୁବକ ସେ କୁମାର, କି କପଟକୁ ଭଜନ ?

## ନୀଳକଣ୍ଠଙ୍କର ଅପୂର୍ବ ମନୀଷା ଓ କବିତ୍ୱ—

କବି ତରୁଣ କୁମାରଙ୍କୁ ଲକ୍ଷ୍ୟ କରି କହୁଛନ୍ତି —

ତରୁଣ ହେ ଖାରବେଳ,

ତରୁଣ ତବ ବିଗ୍ରହ;

ସାଗ ଏ ଜଗତେ ସବୁ ଅସମ୍ଭବ ଭିଆଣ ।

ଗୋପନେ ଲୁଚାଇ ଦଳେ;

ରଖେ ଦ୍ରୁମେ କଉଶଳେ,

ପ୍ରଜାପତି ଡ଼ିମ୍ବ; ତରୁ ରଖେ, କରି ଆଦର;

ସେହି ଡ଼ିମ୍ବ କୀଟ ପର,

ସେହି ପ୍ରଜାପତି ପିଲ;

ଖାଇ ସେହି ଦଳେ, କରେ ସେ ପାଦପେ ବିକଳ ।

ଦତ୍ତିମଙ୍କ କୂଟକାପଟ୍ୟର କି ଏକ ଅଭିନବ ରୂପକଳ୍ପ । 'ପ୍ରଜାପତି ପିଲ ଖାଇ ବଂଚିଲ ଭଳି ଗଛର ପତ୍ରରେ ଡ଼ିମ୍ବ ଲୁଚାଇ ରଖି ଦେଇ ଚାଲିଯାଏ । ଡ଼ିମ୍ବର ସମୟ ହେଲେ ତାହା ଫାଟେ । ଯେଉଁଥିରୁ ଶୁଆବାଳି ପରି ପିଲ ବାହାରେ । ସବୁ ପ୍ରଜାପତି ପିଲରେ ଅବଶ୍ୟ ଲୁମ ନଥାଏ । ସେହି ପିଲମାନେ ସେହି ଗଛର ପତ୍ରକୁ ଖାଇଯାଇ, ଗଛକୁ ଅସୁନ୍ଦର ଓ ରୁଗ୍ଣ କରି ଦିଅନ୍ତି ।

ସାଗରେ ଯିବାକୁ ଜଳ

ଅସମ୍ଭାଳେ ଖୋଜେ ବିଳ,

ଉରସେ ଫିଟାଇ ଦିଏ ଶିଳା-ଝରଣା;

ସେହି ସେ ଝରଣା ଝରି;

ସେ ପଥରେ ଦିଏ ଚିରି;

ପିଲ ତୁମ୍ଭେ ଖାରବେଳ, କରିଛ କି କଳ୍ପନା ?

ସେହିପରି ଦତ୍ତିମ ପଥ ଚିରି ଝରଣା ଫିଟାଇ ତୁମ୍ଭକୁ ସବୁ ଭସାଇଦେବ । ପଦାର୍ଥ ସହିତ ଅନ୍ୟ ପଦାର୍ଥର ନିବିଡ଼ ସାମଞ୍ଜସ୍ୟ କବିଙ୍କର କଳ୍ପନା ଓ ମାନସ

Digitized by PPRACHIN, SOA

ଚକ୍ଷୁ ପରିକ୍ରମା କରିଛି । କେତେବେଳେ ମୈରବ ଦେଶରେ, କେତେବେଳେ ଜାନ୍ତବ ଜଗତରେ, କେତେବେଳେ ଅବା ସୌର ଜଗତରେ, କେତେବେଳେ ପୁଣି ଉଦ୍‌ଭିଦ ଜଗତରେ, ସେ ବିଶ୍ୱ-ପରିକ୍ରମାର ଅନ୍ତ ନାହିଁ । ନୀଳକଣ୍ଠ ଅନ୍ୟାନ୍ୟ ବହୁ ଗ୍ରନ୍ଥ ପାଠ କରି ଏହି ଅମୂଲ୍ୟ ତଥ୍ୟ ସବୁ ସଂଗ୍ରହ କରି ଅଛନ୍ତି । ଏହିଠାରେ ହିଁ ତାଙ୍କର ଅପୂର୍ବ ନିର୍ମାଣକ୍ଷମ ପ୍ରଜ୍ଞା ଏବଂ ଏହିଠାରେ ତାଙ୍କର କବିତ୍ୱ ଓ ମନୀଷା ।

ଦତ୍ତିମର ଯୁଦ୍ଧ ମାଡ଼ି-ଆସିଲା । କିନ୍ତୁ ସେ ଦୁଇ ପଟରୁ ବାଧା ପାଇ ହାରି ପଳାଇଯିବା ବେଳକୁ ବିପକ୍ଷ ପକ୍ଷରୁ ଗୋଟିଏ ଶର ଆସି ଖାରବେଳଙ୍କ ହୃଦୟକୁ ଭେଦ କଲା,

"ପଡ଼ିଗଲେ ବୀର ତୁରଙ୍ଗ ଆଦରି,
ଯବନ ବଞ୍ଚକ ଗଲେ ପେବେ ହାରି ।

ଖାରବେଳ ଶରଘାତରେ ପ୍ରତାଡ଼ିତ ହୋଇ ପଡ଼ିଲେ ! ତାଙ୍କର ସେବ – ପରିଚର୍ଯ୍ୟାରେ ନିଯୁକ୍ତ ହେଲେ ଧୂସି, ବୃଦ୍ଧ ପଣ୍ଡ୍ୟରଜ ଓ ସୁଗତା ଧୂସିର ନୟନରୁ ଅଶ୍ରୁବିନ୍ଦୁ ଖସି ପଡ଼ୁଛି । ଏଠାରେ ବୀର ରମଣୀ ଧୂସିର ଯେଉଁ କରୁଣ ବିଳାପ, ତାହା ଗଧାନାଥଙ୍କ ନନ୍ଦିକେଶ୍ୱରୀଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁ ପୂର୍ବର କରୁଣ ରସ ନୁହେଁ, କି 'ପାର୍ବତୀ'ର କୌଶଲ୍ୟାଙ୍କ ପ୍ରେତାତ୍ମାର କରୁଣ କହାଣୀ ନୁହେ, ଉଷାର ଜୟନ୍ତ ସକାଶେ ହୃଦୟର ଦାରୁଣ ବ୍ୟଥା ନୁହେଁ । ଏଠାରେ ନନ୍ଦିକା ପିତାଙ୍କ ନିକଟକୁ ଲେଖି ନାହାନ୍ତି,

"ତାତ ! ଜୀବ ଲୀଳା ସରୁଛି ମୋହର
ଅନ୍ତିମେ ବନ୍ଦିଲି ତୁମ୍ଭ ଶ୍ରୀପୟର
କୁଳପାଂଶୁଳାକୁ ବହୁ ଦିନ ବହି
ପାପ ଭରୁଁ ଏବେ ମୁକ୍ତ ହେବ ମହୀ ।"

କିମ୍ବା

କୌଶଲ୍ୟାର ପ୍ରେତାତ୍ମା ଆର୍ତ୍ତନାଦରେ କାନ୍ଦି ନାହିଁ,

"ଯଥା କାଳେ କାଗ– ଗୃହେ ପ୍ରସବିଲା
ସୁତ ଦୁଷ୍କୃତ-କାରିଣୀ
ମୋହ ଭଗ୍ୟେ ଥିଲା ହେବାକୁ ଜନନୀ
ଜାରଜ ଗର୍ଭ ଧାରିଣୀ ।"

କିମ୍ବା

"ଆହା କାଲି ପ୍ରାଣ ବଞ୍ଚାଇଲା ବନେ ମୋର ଯେ ଜନ
ଧିକ୍, ଶତଧିକ୍, ମୋ ପାଇଁ ଆଜି ସେ ଦେବ ଜୀବନ ।"

Digitized by PPRACHIN, SOA

ଏହାର ଭଷା ସୁନ୍ଦର । ଏଥିରେ ଅବଶ୍ୟ କରୁଣ ରସ ପୂରି ରହିଛି । କିନ୍ତୁ ଏହା ପରମ୍ପରା–ଅସିଦ୍ଧ, ମାନବ ଇତିହାସର ଘୋର ଅପଳାପ କିମ୍ବା ଅଲୌକିକ ଗଜାର କାହାଣୀ । ଏହା ମନୁଷ୍ୟକୁ ଅନୁକମ୍ପା ରେ ପ୍ଳାଣିତ କରେ ନାହିଁ । 'ମାୟାଦେବୀ' କଥା ଅବଶ୍ୟ ସ୍ୱତନ୍ତ୍ର ଏବଂ ଏପରି ଆଦର୍ଶ ଇତିହାସରେ ବିରଳ !

ଖାରବେଳ ଶରବିଦ୍ଧ ହୋଇ ପଡ଼ି ଯିବାରୁ ଧୂର୍ସି କାତର କଣ୍ଠରେ କହୁଛନ୍ତି–

"କିମ୍ପାଇଁ ଆଣିଲି ବୀରେ ଏହି ମୂଳକେ ?
ଆସିଥିଲେ ସେ ଆହା କେତେ ପୁଲକେ !
ନ କହି ତେବେ କିମ୍ପା ଅନ୍ଧାରେ ଛାଡ଼ି,
କାହାକୁ ଦେଇ ଧନ, ଗଲି ବାହାରି ?
ଯାଇଛି ହୃଦ ଘେନି, ଫେରିବ ନାଇ;
ବଜ୍ରର-ବାମେ କିମ୍ପା ହେଲି ମୁଁ ବାଇ ?
ଜାଣି ତ ଥିଲି ମୁହିଁ ଦଉିମ-ଗୁଣ,
ଜାଣି ତ ଥିଲି ତା'ର ବଞ୍ଚକ ପଣ ।
ଏ ଦେଶେ ଆଣିଲି ମୁଁ ବୀରେ କି ଆଶେ ?
ଆସିଲେ ବନ୍ଧୁ ସତେ ପୀରତି-ପାଶେ ?
କି ଯୋଗେ ଦେଖିଥିଲେ ମୋତେ ସେ ବୀର !
କରୁଥିଲେ କିମ୍ପାଇଁ ଏତେ ଆଦର !
ଜୀବନେ ଦେଖିନାଇ ଜନନୀ-ସୁଖ;
ବାଲୁତ କାଳୁ ନେଲେ ମୋତେ କୃଷକ ।
ସଖା ବୋଲି ଜୀବନେ ଜାଣି ମୁଁ ନାହିଁ;
କିଣିଲେ ବୀର ମୋତେ ଜୀବନ ଦେଇ !
× × ×
ନ ଗଣି ବିପଦ ସେ ସଇନି ମୁଖେ,
ଆଶ୍ରିତ ରଖି ଶର ଧଇଲେ ବୁକେ !
× × × ×
ଆଉ ଜୀବନେ କିମ୍ପା କଳିଙ୍ଗେ ଯିବି ?
ଆଉ କି ଖାରବେଳ ଫେରି ପାଇବି ?
ଜାଣି ନାହାନ୍ତି ବୀର ମୋତେ ସ୍ୱରୂପେ;
ଜାଣି ନାହାନ୍ତି ଗୁରୁ ମରମ-ତାପେ ।

Digitized by PPRACHIN, SOA

ଚମକେ ଦେଖିଥିଲେ ତଟିନୀ-ତୀରେ,
ଜାଣି ମୁଁ ନାହିଁ, ମନେ ଅଛିକି ତିଳେ ।

× × × ×

ଏହି କାରୁଣ୍ୟ ରସରେ ସ୍ୱାତନ୍ତ୍ୟ କାହିଁକି ? ଏହା ପାଠକର ପ୍ରାଣକୁ ଅନୁକମ୍ପାରେ ଦ୍ରବୀଭୂତ କରିଦିଏ ନାହିଁକି ?

ବଜିର ରଜା ଓ ଯୁବରଜ ବଜିରକୁ ଫେରି ଆସିଛନ୍ତି । ବଜିର ପୁରରେ ବିଜୟର ଉତ୍ସବ ଚାଲିଛି । ସେନାପତି ଧର୍ସିଙ୍କି କେହି ଚିହ୍ନନ୍ତି ନାହିଁ । କିନ୍ତୁ ଖାରବେଳଙ୍କୁ ଧୂର୍ସି ଚିହ୍ନି ସାରିଛି । ସେ ତାଙ୍କ ରୋଗଶଯ୍ୟା ପାଖେ ରତିଯୀକ ବସିଛି । ବଜିର ରଜା ବଜିର ଯୁବକ କିଏ ବୋଲି ମନରେ ଭର୍ଚ୍ଚି ହେଉଛନ୍ତି । ସେହି ରତି ଶେଷ ପ୍ରହରକୁ କିଏ ଜଣେ 'ତରୁଣ ଯୁବକ' ଆସି ଚନ୍ଦ୍ରେର ରଜାଙ୍କୁ ପ୍ରଣାମ କରି, —

କାଢ଼ିଲେ ମୁକୁଟ ନାରୀ,
କଞ୍ଚୁକ ଦେଲେ ଉତାରି,
ଗଦଗଦେ ନୃପବର ହେଲେ ଅଧୀର ।
'ତୁହି କି ମୋ ଧୂର୍ସିବାଳା,
ବିଷ ଦେ ପ୍ରାଣ-ପସରା,
କାହିଁ ଥିଲୁ, କେମନ୍ତେ ତୁ, ଏ ରୂପ ଧରି ?
କାହାନ୍ତି କୃଷକ ପତି ?
ବିଧିର ଏ କି ନିୟତି ?"
ବୋଲି, କୋଳେ ଧରି ନୃପ ରଲେ ତରଳି ।

× × × ×

ସଙ୍କେତେ ସଙ୍କେତେ ପିତା
ବୁଝିଲେ ପ୍ରଣୟ କଥା,
ବୁଝିଲେ ସେ ଛଦ୍ମନାରୀ-ପ୍ରଣୟ-ଖେଳ ।

ଏହି ପ୍ରଣୟ ଯୋଗୁଁ ଜଡ଼ିମ ପରସ୍ତ ହେଲା । ବଜିର ରଜା ବୁଝିଲେ ପ୍ରୀତି—ଜଗତରେ କିଛି ଅଦ୍ଭୁତ ନାହିଁ । ଏହି ପ୍ରଣୟ-ଲୀଳାର ମହିମାକୁ କେବଳ କବି ମନୀଷୀ ରୂପ ଦେଇ ପାରନ୍ତି ।

ମୁକୁଟେ ପୀରତି ଜଳେ,
ପ୍ରୀତି, ବ୍ୟାପ୍ତ କରବାକେ;

Digitized by PPRACHIN, SOA

ପୀରତି-ଜଗତେ ନାହିଁ ଅଦ୍ଭୁତ କିଛି

× × × ×

ଭୀମକାନ୍ତ ଏ ପୀରତି,
ଅଦ୍ଭୁତ ଏହାର ଗତି;
କେ ଗାଇବ ସେ ପୀରତି-ଚିତ୍ର-ବିଧାନ ?

ଧର୍ଷିର ସେବାଶୁଶ୍ରୂଷାରେ ବୀର ଖାରବେଳ ଆରୋଗ୍ୟ ଲାଭ କଲେ । ଏଥର ତାଙ୍କର କଳିଙ୍ଗକୁ ଫେରି ଯିବାର କଥା । କବି ଏଠାରେ ଖାରବେଳଙ୍କୁ ଚେତାଇ ଦେଇ କହୁ ଅଛନ୍ତି,—

ଦେଖିଥିଲ ଯାହା ତଟିନୀ-ପୁଳିନେ,
ଅଛି କି ସେ ତହିଁ,
ଚଳ କାଳ-ସ୍ରୋତେ ଘଟନାର ବିମ୍ବ
ଭସଇ କି ରହି ।

ସେ ଦିନ ସିନ୍ଧୁନଦୀ କୂଳରେ ପଥର ଉପରେ ବସି ଯାହାକୁ ଧୂର୍ସି ଦେଖିଥିଲ, ମନ ଭିତରେ ତାର ଯେଉଁ ସ୍ପନ୍ଦନ ଜାଗି ଉଠିଥିଲା, ସେ କଣ ତାର ସେହିପରି ଅଛି, ନା ତାର ବହୁ ବିକାଶ ଘଟିଲଣି । ତେଣୁ ଧୂର୍ସି ଖାରବେଳଙ୍କୁ କହିଛି, "କଳିଙ୍ଗ ଫେରିଯିବାକୁ ଏଡ଼େ ବ୍ୟସ୍ତ ବ୍ୟାକୁଳ କାହିଁକି ! ଆଉ ଦିନାକେତେ ଏଠି ରହିଯାଅ ।"

କିମ୍ବା ମନେ ମନେ ଏ ବିଗ୍ରହ ତେବେ କୁମାର ତୁମ୍ଭରି ?
ଯୁବକଟି ତୁମ୍ଭେ, ମିଳିଛ ଯୁବକେ, ଆଚର ବିଗ୍ରହି ।"

ପ୍ରଦୋଷରେ ଖାରବେଳ ଘୋଡ଼ାରେ ଚଢ଼ି ବୁଲନ୍ତି । ଯେହି ପଥର ଖଣ୍ଡ ଯାହା ଉପରେ ଧୂର୍ସି ବସିଥିଲା, ସେହି ପଥରଟି ଜୀବନର ଦୋସର, କେତେ ଭାବନାର ଉତ୍ସ ହୋଇଛି । ମନରେ ନାନା ଦ୍ୱନ୍ଦ୍ୱ, ନାନା ଚିନ୍ତା, ଓ ନାନା ସଂଶୟ ।

ଫେରି ପୁଣି ଯେବେ ଗ୍ରହାନ୍ତି କୁମାର
ସେହି ସେ ଉପଳେ ଦୂରେ,
ବଂଶୀସ୍ୱନ ସେ କି ନିଗଣ୍ଣ ପଥିକେ
ବିପଦ—ତାମସ ପୂରେ ।

କଳିଙ୍ଗରୁ ଖବର ଆସିଛି, ଖାରବେଳ ଆଉ କେତେକାଳ ବିଦେଶରେ ଥିବେ । ଏବେ ସ୍ୱଦେଶକୁ ଫେରି ଆସନ୍ତୁ ।

Digitized by PPRACHIN, SOA

ସେ ପରାଣ ମମତାରେ ନ କର ସଂଶୟ
ପ୍ରଦୋଷ-ବିହାରେ ଏକା ନ କର ହେ ଭୟ
ଆଉ କେତେ ଦିନ ଅବା
ସିନ୍ଧୁ-ତଟେ କରିବ ହେ ଉପକର ସେବା ?

ସେନାପତି ଧୂର୍ସି ଖାରବେଳଙ୍କ ବିଦାୟ—ବାର୍ତ୍ତା ଶୁଣି ମହା ବ୍ୟଥିତ ।

"ଯିବେ ତ କୁମାର କଳିଙ୍ଗ ଦେଶେ;
ଗହଣେ ଯିବି ମୁଁ ଯୁବକ-ବେଶେ ।
କେତେ ଲୁଚାଇ ରଖିବି ପରାଣେ ?
କେତେ ଚାହିଁବି ଶୂନ୍ୟ ଅନୁମାନେ ?
କି ବୁଦ୍ଧି କରିବି ଅବଳା ମୁହିଁ ?
ବଳ ଦେବାକୁ ସାହା କେହି ନାହିଁ ।
କୁମାରେ ଚାହିଁଲେ ଆସଇ ବଳ,
ସେ ବଳେ ପରାଣ ହୁଏ ବିକଳ ।
ଏ କି ଅଦ୍ଭୁତ ଜନ୍ତ୍ର ଲଳନା !
ସାହସେ କିଛି ନ କଲି କଳନା ।
ଏତେ ତ ସାହସ ଥିଲା ପରାଣେ;
ପରାଣ କିମ୍ପା ଥରେ ଅନୁକ୍ଷଣେ ?
କେତେ ବିଚାର କରେ ନିରନ୍ତର;
ଭାବନାରେ ହୁଏ ଏଡେ କାତର ?"

ଧୂର୍ସି ଭାବୁଛନ୍ତି, ସାରା ଜୀବନଟା ସ୍ୱପ୍ନ ପରି ମତେ ପ୍ରତୀତ ହେଉଛି । କବି ତାର ଉତ୍ତରରେ କହୁଛନ୍ତି,

"ମଣଇ ସ୍ୱପନ ଜୀବନ ସାରା:
ଆଶାର ସାହସେ ଏତେ ପସରା ?"

କବି ଧୂର୍ସିଙ୍କୁ ସାନ୍ତ୍ୱନା ଦେଇ ଏଠାରେ କହୁ ଅଛନ୍ତି, "ଧୂର୍ସି ଏତେ ଭାବନା କରନାହିଁ । ପ୍ରଣୟର ରହସ୍ୟ ଅଦ୍ଭୁତ ।

"ଫିଟିବ ଅଦଭୂତ—ଅଦଭୁତେ"

ଜୀବନରେ ସ୍ୱପ୍ନ ସତ୍ୟ ହୁଏ । ଜୀବନଟା କେବଳ ସ୍ୱପ୍ନମୟ । ଆଉ କିଛି ନୁହେ । ତେଣୁ 'ମାୟାଦେବୀ'ରେ କବି ବାରମ୍ବାର ସ୍ୱପ୍ନର ଅବତାରଣା କରି ଅଛନ୍ତି । ଏ ସ୍ୱପ୍ନ କାହାର ଧାର ଉଧାର ନୁହେଁ । ଏ ତାଙ୍କର ନିଜସ୍ୱ ।

Digitized by PPRACHIN, SOA

ଖାରବେଳଙ୍କ ସହିତ ଧୂର୍ସିଙ୍କର ମିଳନ ନିକଟତର ହେଲା । ଖାରବେଳ ତୁରଙ୍ଗ ଫେରାଇ ଧୂର୍ସିଙ୍କ ପାଖକୁ ଆସିଲେ । ଧୂର୍ସିଙ୍କୁ କବି କହୁଛନ୍ତି,

"ଧୃତିଧର ଧୂର୍ସି, ନ ଯାଅ ସଢ଼ି,
ସଜନୀ—ଗହଣେ ଆପଣେ ଭୁଲି ।
ଦେଖୁଛି ଝୀନ, ସରଳା ବାଳିକା;
ମନେ ରଖିଥିବ ସେଦିନ ଦେଖା;
କହିବଟି ଛଳି,
ତବ ତରଳ ଲୋଚନେ ନ ଡ଼ରି ?

ଧୂର୍ସି ସମ୍ମୁଖରେ ତ ନେତ୍ର ପସରଙ୍କୁ ଦେଖିଲ । କୁମାର, ତୁମେ ବି ତ ସେ ବାଳାକୁ ଦେଖିବାକୁ ଲୋଡ଼ୁଥିଲ,—

"ଦୁହେଁ ଦୁହିଁଙ୍କୁ ତ ଦେଖିଲ ଏବେ;
ଛାଡ଼ିଲ କିମ୍ବା କି ନବୀନ ଭବେ ?
ଏହି କି ପୀରତି ?
ଆଶା କି ସତେ ନ ଲୋଡ଼େ ପ୍ରତୀତି ।"

ଆଜି ପ୍ରଦୋଷରେ କୃଷକ ପତି ଭବନରେ ଧୂର୍ସି ଓ ଖାରବେଳଙ୍କର ଦେଖା ହେବ ବୋଲି ସ୍ଥିର ହୋଇଅଛି । ଖାରବେଳ ଯିବେ କି ନାହିଁ, ଗଲେ ଧୂର୍ସିଙ୍କ ସହିତ କି ପ୍ରକାର ଆଳାପ କରିବେ—ଏ ବିଷୟରେ ବଡ଼ ସନ୍ଦେହରେ ପଡ଼ି ଅଛନ୍ତି । କବି କିନ୍ତୁ ଖାରବେଳଙ୍କୁ ପ୍ରୋତ୍ସାହ ଦେଇ କହୁଛନ୍ତି,—

'ସୁକୁମାର ତୁମ୍ଭେ ବୀର,
ଯାଅ ହେ କୃଷକ-ପୁର,
ସେ ଛଳନା ନାହିଁ ସେନା— ପତି ପଘଣେ ।
ମରମେ ମରମେ ଥରେ,
ବିଶ୍ୱାସେ ପୀରତି ଜଳେ,
ଶୁଭଟି ବିଶ୍ୱାସ ତବ ବଜିର-ଜନେ ।

କୃଷକପତିଙ୍କଠାରୁ ନିମନ୍ତ୍ରଣ ପାଇ ଆଜି କେତେ ସନ୍ତର୍ପଣରେ ସେ ତାଙ୍କ ଘରକୁ ଯାଇଛନ୍ତି; କିନ୍ତୁ ତାଙ୍କ ଗୋଡ଼ ପଡ଼ୁନାହିଁ । ତଥାପି କୃଷକ ପତିଙ୍କ ସଙ୍ଗେ ଅନ୍ଦର ମହଲରେ ପହଂଚିଛନ୍ତି । ସେହିଠାରେ ସେ ଧୂର୍ସିଙ୍କି ଚିହ୍ନିଲେ । ଧୂର୍ସି କିଏ ବୋଲି ସେ ଜାଣି ନ ଥିଲେ ।—

"ସ୍ମୃହିଁ ପାରିବ ତ କୁମାର ସଙ୍କଖେ ?
ପରତେ ତ ଯିବ ନୟନେ ଲବେ ?

Digitized by PPRACHIN, SOA

ଏହି କି ତବ ସେ ଉପଳ—ତରୁଣୀ ?
ବଜିର-ଯୁବକ କାହାନ୍ତି ଏବେ ?"

ଧୂସିଙ୍କ ଦେଖି ଖାରବେଳ ବିସ୍ମୟରେ ଗ୍ହିଁ ରହିଲେ । କୃଷକ ପତି ଧୂସିଙ୍କର ପରିଚୟ ଖାରବେଳଙ୍କୁ ଦେବାକୁ ଯାଇ କହିଲେ, 'ଏହି ଧୂସି ହେଉଛନ୍ତି ବଜିର ଯୁବକ । ଏହାଙ୍କୁ ଆବାଲ୍ୟରୁ ମୁଁ ପ୍ରତିପାଳନ କରି ଆସୁଅଛି । ସେ ଦଣ୍ଡିମଙ୍କ ବିପକ୍ଷରେ ଛଦ୍ମବେଶ ଧାରଣ କରି ତୁମ ସହିତ ମିଶି ଯୁଦ୍ଧ କରିଥିଲେ । କୃଷକ ପତି ଧୀର ନମ୍ର ଭବରେ ପୁଣି କହିଲେ,

"ବାଳିକାର ଦୋଷ ନ ଧରିବ ବୀର,
ଅଛି ଏ ବରଣେ ଜନକ ମତି ।"

ଏହା ଶୁଣୁ ଶୁଣୁ ଖାରବେଳଙ୍କ ଶରୀରରେ ରୋମାଞ୍ଚ ହେଲ ।

ଘନ ଧାରେ ଝରି ପାଟଳ କପୋଳେ,
ଗଦ ଗଦ ଫିଟି, ପଡ଼ଇ ତଳେ;
ତରୁଣୀ ଲପନେ ବହୁ ଯତ୍ନ ବହି;
କେବେ କେବେ ବୀର ଗ୍ହାନ୍ତି ଥରେ ।
ବହୁ ଯତ୍ନେ ଏବେ ଦକ୍ଷିଣ ଶ୍ରୀକରେ
ଧଇଲେ ରମଣୀ ଦକ୍ଷିଣ କର;
କମ୍ପନେ କମ୍ପନେ ଉଠିଲ ପଡ଼ିଲ,
ତରୁଣ—ତରୁଣୀ—ରୋମାଞ୍ଚ-ଖେଳ ।

× × × ×

ହାତ ଧରି ବୀର ଅଦୂରେ ତଳପେ
ଗୁରୁଶ୍ୱାସ ଛାଡ଼ି ବସିଲେ ଧୀରେ;
ଭେଟିଲ ଜନତା ସେ ନବ ଦମ୍ପତି
ଉତ୍ସବ—ବିଭବେ କୃଷକ—ପୁରେ ।

ଖାରବେଳ ଓ ଧୂସିଙ୍କର ପରିଣୟ-ବିଧି ସମ୍ପନ୍ନ ହେଲ କୃଷକ ପତିଙ୍କ ଘରେ । ଏହିଠାରେ ପ୍ରଥମ ଭଗର ବିଷୟବସ୍ତୁ ସମାପ୍ତ । ଦ୍ୱିତୀୟ ଭଗର ବିଷୟବସ୍ତୁ ହୋଇଥାନ୍ତା ଧୂସିଙ୍କି ଗ୍ରହଣ କରି ସେ କଳିଙ୍ଗର ରାଜଧାନୀକୁ ଫେରି ଆସିଥାନ୍ତେ । ଧୂସି ପାଟରାଣୀ ହୋଇ ନାନା କୀର୍ତ୍ତି ଅନୁଷ୍ଠାନ କରିଥାନ୍ତେ । ତାହା ନ ହେଲ । କାବ୍ୟଟି ଚିରକାଳ ନିମନ୍ତେ ଅପୂର୍ଣ୍ଣ ରହିଲ ।

Digitized by PPRACHIN, SOA

## 'ଖାରବେଳ' କାବ୍ୟରେ ପ୍ରଣୟର ଗଭୀର ଦାର୍ଶନିକ ରହସ୍ୟ—

ଏହି କାବ୍ୟରେ ଐତିହାସିକ ଚରିତ୍ରର ଯେପରି ଯଥାର୍ଥତା ପ୍ରତିପାଦନ କରା ଯାଇଅଛି, ଉତ୍ତର-ପଶ୍ଚିମ ସୀମାନ୍ତରେ, ଖାରବେଳଙ୍କର ଯେପରି ଅଲୌକିକ ସାହସ ଓ ପରାକ୍ରମର ଚିତ୍ର ଅଙ୍କନ କରା ଯାଇଛି, ତାହା ଅନନ୍ୟସାଧାରଣ । ଅବଶ୍ୟ ବେଳେ ବେଳେ ତାହା ସୁଖପାଠ୍ୟ ହୋଇ ପାରିନାହିଁ । କାରଣ ପ୍ରଣୟର ଗଭୀର ଦାର୍ଶନିକ ରହସ୍ୟରେ ସେ ନିଜକୁ ଆଚ୍ଛନ୍ନ କରି ରଖି ଅଛନ୍ତି । ଅବଶ୍ୟ 'ମାୟାଦେବୀ'ର ପ୍ରଣୟ-ଲୀଳ ଅତି କଷ୍ଟକର ହୋଇ ପଡ଼ିଛି । ଯଥା —

ଯଉବନ ଜଳେ ଅନନ୍ତ ବିଭାସେ,
ତତ୍ତ୍ୱଣ ବିକାଶେ ଅନନ୍ତ ମୁଖେ;
କରମ ସଞ୍ଚମ ଗରବ ବିନୟ
ତରୁଣେ ଖେଳଇ ଅନନ୍ତ ସୁଖେ ।

ଏହି ପଂକ୍ତିର ଅର୍ଥ ଉପଲବ୍ଧି କରିବା ଯେତେ ଦୁଃସାଧ୍ୟ, 'ଖାରବେଳ'ରେ ତାହା ନୁହେଁ । ଯଥା –

"ବଡ ବିଷମ କାଳ ଯଉବନ,
ବଡ଼ ଉନ୍ମାଦେ ଫୁଲଏ ପରାଣ,
ବଢେ ଅନନ୍ତ ପରାଣ-ପିପାସା,
ଦିଶେ ଜୀବନ୍ତ ପରାଣର ଆଶା ।

ପ୍ରଭୃତି ପଂକ୍ତିମାନ ସହଜ, ସରଳ ଓ ସୁବୋଧ୍ୟ ।

ଏହି ଦୁଃସାଧ୍ୟ ଓ ସୁସାଧ୍ୟର ସଂମିଶ୍ରଣକୁ ଛାଡ଼ିଦେଲେ ଆଉ ଗୋଟିଏ ନୂତନ ଉପାଦାନ ଏ କାବ୍ୟରେ ଅନୁସନ୍ଧେୟ ।

## ଖାରବେଳ ଏକ ଜାତୀୟ କାବ୍ୟ –

ଅଧ୍ୟାପକ ବିକ୍ରମ ଜେନା ଏହି ଐତିହାସିକ କାବ୍ୟଟି ପଢି ମୁଗ୍ଧ ହୋଇଛନ୍ତି । ଖାରବେଳର ଆଲୋଚନା ମୁଁ କେଉଁଠାରେ ଦେଖି ନ ଥିଲି । ଦେଖିଲି କେବଳ 'ନୀଳକଣ୍ଠ ସ୍ମରଣୀକା'ରେ । ସେ ଯଥାର୍ଥ ଲେଖିଅଛନ୍ତି, "ଏହି 'ଖାରବେଳ' କାବ୍ୟଟିର ବିଭିନ୍ନ ସର୍ଗ ଭୂପାଳ. ବିଭାସ ଗୁଜରୀ, ମଙ୍ଗୁଆରୀ, ଆହାରୀ ରାମକେରୀ ଖଣ୍ଡ ଭୂପାଳ, ପୂର୍ବ-ଭୈରବୀ, ମଙ୍ଗଳ ବରାଡ଼ି ଆଦି ବିଭିନ୍ନ ରାଗରେ ଲିଖିତ । ଏହି ରାଗରାଗିଣୀ ସଂଯୋଜନାରେ ନୀଳକଣ୍ଠଙ୍କର ସଙ୍ଗୀତ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟର ସୂଚନା ମିଳିଥାଏ । କାବ୍ୟରେ ଶାନ୍ତ, ଶୃଙ୍ଗାର,

Digitized by PPRACHIN, SOA

ବୀରରସ- ଆଦିର ଅବତାରଣା କବି ସୁସ୍ପଷ୍ଟରୂପେ ଉପଯୁକ୍ତ ରାଗ ରାଗିଣୀରେ ସମନ୍ୱିତ କରି ଅଛନ୍ତି । ଆଧୁନିକ ଓଡ଼ିଆ କାବ୍ୟଧାରାରେ ମୁକ୍ତ ଛନ୍ଦର ରାଜୁତିରେ ରାଗରାଗିଣୀ ଆ ଦି ପ୍ରାୟ ବିଦାୟ ନେଇଛନ୍ତି । କବି ନୀଳକଣ୍ଠଙ୍କ କୃତି ଯେପରି ସେହି ରାଗରାଗିଣୀ ସମନ୍ୱିତ ଅଳଙ୍କୃତ କାବ୍ୟଧାରାର ଶେଷ ରଶ୍ମି ।

ସ୍ଥୂଳତଃ ମହାମେଘବାହନ, ଗୁଣୋପେତ, ପ୍ରଶସ୍ତ ଶୁଭ ଲକ୍ଷଣ, ଦିଗ୍‌ବିଜୟୀ ଖାରବେଳଙ୍କର ଶୌର୍ଯ୍ୟ, ଐଶ୍ୱର୍ଯ୍ୟ, ପ୍ରଣୟର ଉପଯୁକ୍ତ ଚିତ୍ର ନୀଳକଣ୍ଠ ଏହି କାବ୍ୟରେ ଦେଇଛନ୍ତି । ବୀରବାଳା ଧୂସିଙ୍କର ଧୈର୍ଯ୍ୟ, ବୁଦ୍ଧିମତ୍ତା ଆଦି ମଧ୍ୟ କାବ୍ୟରେ ପ୍ରକୃଷ୍ଟ ରୂପେ ବର୍ଣ୍ଣିତ । ପ୍ରକୃତିର କମନୀୟ କାନ୍ତି, ଶୌର୍ଯ୍ୟ, ପ୍ରଣୟ, ସ୍ୱଦେଶ ପ୍ରୀତି ଆଦି ବର୍ଣ୍ଣନାରେ କାବ୍ୟଟି ମଞ୍ଜୁଳ । ଏହି 'ଖାରବେଳ' କାବ୍ୟରେ ପଣ୍ଡିତ ନୀଳକଣ୍ଠ କବି ନୀଳକଣ୍ଠ ରୂପେ ଆତ୍ମ ପ୍ରକାଶ କରି ଅଛନ୍ତି ।

ମହାମେଘବାହନ ଖାରବେଳ ଯେପରି କଳିଙ୍ଗର ଜାତୀୟ ବୀର । ସେହି ଶୂରଙ୍କର ଚରିତ ଗାନ କରି ଏହି 'ଖାରବେଳ' କାବ୍ୟ ଏକ ଜାତୀୟ କାବ୍ୟର ଆସନ ନେଇ ପାରିଛି ।

ପରାଣେ ପରାଣ ଡାକି ଯାଙ୍କ ତୁଳେ
ରହିଛି ଏ ମର ଜୀବନ ଧରି,
ବନ୍ଧୁତାରେ ଯାଙ୍କ ଭୁଲଇ ଜୀବନ
ଭସାଇ ଦେଇଛି ଜୀବନ-ତରୀ ।
ଛାଡ଼ି ଯେବେ ମୋତେ ଯିବେ ସେ ସରବେ
ମରୁମୟ ବିନା ହେବ ସଂସାର ।
ଜୀବନ୍ତ ମରଣେ ସେ ଘୋର ବିପଦେ
କେସନେ ସହିବ ଜୀବନ ଭାର ।

—ନୀଳକଂଠ—

# ୫ମ ଅଧ୍ୟାୟ

# ନୀଳକଣ୍ଠଙ୍କ ସାହିତ୍ୟରେ କ୍ଲାସିସିଜ୍‌ମ ଓ ରୋମାଣ୍ଟିସିଜ୍‌ମ

## କ୍ଲାସିକ୍ ସାହିତ୍ୟ କ'ଣ ?

କ୍ଲାସିକ୍ ସାହିତ୍ୟର ପ୍ରାଣଧର୍ମ ହେଲା ସଂଯମ ଓ ନିୟମାନୁବର୍ତ୍ତିତା। ସାହିତ୍ୟ, ସମାଜ, ମନୁଷ୍ୟ ଏମାନେ ସମସ୍ତେ ଯେ ଏକ ସୁକଠୋର ନିୟମର ବନ୍ଧନରେ ଆବଦ୍ଧ, ତାହାକୁ ସ୍ୱୀକାର କରିବା କ୍ଲାସିକ୍ ଦୃଷ୍ଟିଭଙ୍ଗୀର ବୈଶିଷ୍ଟ୍ୟ। ମନୁଷ୍ୟର ଆବେଗ ଉଚ୍ଛ୍ୱାସ ଓ ଆକାଂକ୍ଷା ପ୍ରକାଶ ପାଇବା ନିମନ୍ତେ ବ୍ୟାକୁଳ ହେଉଥାଏ। କିନ୍ତୁ 'କ୍ଲାସିକ୍' ଏହାକୁ ସଂଯତ କରେ। ଧୈର୍ଯ୍ୟ ଓ ଶକ୍ତି ଉପରେ ଦୃଢ ଆସ୍ଥା ସ୍ଥାପନାହିଁ କ୍ଲାସିକତାର ଉପାଦାନ। କଳ୍ପନାରେ ଭାସିଯାଇ ନିରୁଦ୍ଦେଶ ଭାବରେ ଲକ୍ଷ୍ୟହୀନ ଗତିରେ ଗଡ଼ିଯିବା କ୍ଲାସିକ ସାହିତ୍ୟର ଧର୍ମ ନୁହେଁ। ସେ ଜାଣେ ପ୍ରକୃତିକୁ ଅନୁସରଣ କରିବା ତାହାର ଧର୍ମ। ଏହି ପ୍ରକୃତି ବହିଃ ପ୍ରକୃତି ବା ନିସର୍ଗ ନୁହେଁ। କୌଣସି ବ୍ୟକ୍ତି ବିଶେଷର ପ୍ରକୃତି ବା ସ୍ୱଭାବ ମଧ୍ୟ ନହେଁ। ଏହା ସମଗ୍ର ଭାବରେ ସାଧାରଣ ମାନବ ପ୍ରକୃତି। ଇଂରାଜୀର ସୁ-ପ୍ରସିଦ୍ଧ କବି ଲେଖିଛନ୍ତି, "The proper study of mankind is man" ଅର୍ଥାତ୍ ମନୁଷ୍ୟତା ପ୍ରତି ଅନୁରାଗହିଁ କ୍ଲାସିକ ସାହିତ୍ୟର ଆଦର୍ଶ। ପ୍ରାଚୀନ ଗ୍ରୀକ୍ ସାହିତ୍ୟରେ ଏହାର ପ୍ରଚୁର ପ୍ରମାଣ ଦେଖିବାକୁ ମିଳେ। କ୍ଲାସିକ ସାହିତ୍ୟ ତାହାକୁହିଁ ରୂପ ଦେଇଛି—ଯାହା ମଧ୍ୟରେ ଅସମ୍ଭବ ବୋଲି କିଛି ନାହିଁ ଓ ଯାହା ବହୁଜନ ସ୍ୱୀକୃତ ଓ ବହୁଜନଗ୍ରାହ୍ୟ, ତାହାହିଁ କ୍ଲାସିକ ପଦବାଚ୍ୟ। ଗୋଟିଏ କଥାରେ କହିବାକୁ ଗଲେ କ୍ଲାସିକ ସାହିତ୍ୟରେ କଳ୍ପନାର ଅସଙ୍ଗତି ଦୃଷ୍ଟିଗୋଚର ହୁଏ ନାହିଁ। ପ୍ରଫେସର ଏବରକ୍ରମ୍ବିଙ୍କ ଭାଷାରେ

"There are elements which can join together in a concord of equilibrium, and such concord, such wealth is classicism.

ଅର୍ଥାତ୍ ଭିନ୍ନ ଭିନ୍ନ ଉପାଦାନର ସମନ୍ୱୟରେ ଗଠିତ ହୁଏ ଗୋଟିଏ ଐକ୍ୟ। ଏହି ଐକ୍ୟ ଓ ସଂହତି ହେଉଛି କ୍ଲାସିକ୍ ସାହିତ୍ୟ। ଏହାହିଁ ଇଂଲଣ୍ଡର ମହାକବି ମିଲ୍‌ଟନ୍‌ଙ୍କର ଦୃଷ୍ଟିଭଙ୍ଗୀ ଥିଲା। କବିବର ରାଧାନାଥ ବହିରଙ୍ଗ ଦୃଷ୍ଟିରୁ କ୍ଲାସିକ୍

Digitized by PPRACHIN, SOA

ହେଲେ ମଧ୍ୟ, ତାଙ୍କର ଭାବାନୁବେଗର ଦିଗଟି ଥିଲା ରୋମାଣ୍ଟିକ । କ୍ଲାସିକ ସାହିତ୍ୟର କାରବାର ମନୁଷ୍ୟର ହୃଦୟ ସହିତ । ଏହି ସାହିତ୍ୟ ମହାନ୍ ଚରିତ୍ର ବା ବିଷୟର ଅବତାରଣା କରି ଆମ୍ଭମାନଙ୍କ ଅନ୍ତରକୁ ଉଚ୍ଚସ୍ତରକୁ ନେଇଯାଏ । ଭାବାବେଗର ସ୍ଥାନ କୌଣସି କ୍ଲାସିକ ସାହିତ୍ୟରେ ନାହିଁ । କ୍ଲାସିକ ସାହିତ୍ୟରେ ଉପସ୍ଥାପିତ ସଂଯମ ଓ ସୁସ୍ପଷ୍ଟ ଭାବରେ ଅଙ୍କିତ ଚିତ୍ର, ଆମ୍ଭମାନଙ୍କର ହୃଦୟକୁ ସଂଯତ କରେ । ସକଳ ଇନ୍ଦ୍ରିୟ ଏହା ସମ୍ମୁଖରେ ସ୍ତବ୍ଧ ହୋଇଯାଏ ।

## ରୋମାଣ୍ଟିସିଜିମ୍

ଏହା ଆମ୍ଭମାନଙ୍କର ହୃଦୟକୁ ସ୍ପର୍ଶ କରେ, ଆମ୍ଭମାନଙ୍କର କଳ୍ପନାକୁ ଉଦ୍‌ବୁଦ୍ଧ କରେ ଏବଂ କୋମଳତା ପ୍ରତି ଆମ୍ଭମାନଙ୍କର ମନକୁ ଆକର୍ଷଣ କରେ । ଏହା କଳ୍ପନା-ସର୍ବସ୍ୱ ଏବଂ ମନୁଷ୍ୟର ଆବେଗ କମ୍ପିତ ହୃଦୟରୁ ଜାତ । ରୋମାଣ୍ଟିକ ସୁକୁମାର ସାହିତ୍ୟର ଉତ୍ପତ୍ତି କେବେ ହେଲା ତାହା କହିବା କଷ୍ଟକର । ରୋମାଣ୍ଟିକ ଭାବ କଳ୍ପନାର ସ୍ପର୍ଶ ଆମ୍ଭେମାନେ ଯେହି ଆଦିକାଳରୁ ପାଇଅଛୁ । ବେଦର ଗାନ ଗୁଡ଼ିକ ମଧ୍ୟରେ ରୋମାଣ୍ଟିକତା ଅଛି । Odessy ମଧ୍ୟରେ ତାହାର ସ୍ପଷ୍ଟ ଛାପ ଅଛି । କ୍ଲାସିକ୍ ସାହିତ୍ୟ ମଧ୍ୟରେ ରୋମାଣ୍ଟିକ ଭାବକଳ୍ପନା ସ୍ଥାନେ ସ୍ଥାନେ ଆତ୍ମପ୍ରକାଶ କରିଅଛି । ମନୁଷ୍ୟ ଖାଦ୍ୟ ବିନା ଯେପରି ତିଷ୍ଠିପାରେ ନାହିଁ, କଳ୍ପନା ନ କରିଲେ ସେ ବଂଚି ରହିପାରେ ନାହିଁ । । ଏ କଳ୍ପନା ସମୟ ଏବଂ ଅସମୟରେ ତାହାକୁ ବାସ୍ତବରୁ ଯଦି ଦୂରକୁ ନେଇଯାଏ । ତାହାହେଲେ ବିସ୍ମିତ ହେବାର ଆମ୍ଭର କୌଣସି କାରଣ ନାହିଁ । ସେହି କାରଣରୁ କୁହାଯାଇଛି କ୍ଲାସିକ ଓ ରୋମାଣ୍ଟିକ୍ ସାହିତ୍ୟ ପରସ୍ପର-ବିରୋଧୀ ନୁହନ୍ତି । ଏହି ଦୁଇଟି ମଧ୍ୟରେ କେତେକ ଲକ୍ଷଣ-ଗତ ବିରୋଧ ଥିଲେ ବି ଏ ଦୁହେଁ ପରସ୍ପରର ପରିପୂରକ ବୋଲି ବୋଧ ହେବା ଅଧିକତର ସଙ୍ଗତ ।

ବାସ୍ତବତାକୁ ବରଂ ରୋମାଣ୍ଟିସିଜିମ୍‌ର ବିପରୀତ ବୋଲା ଯାଇପାରେ । କାରଣ ବାସ୍ତବବାଦରେ ବସ୍ତୁହିଁ ମୁଖ୍ୟ ବିଷୟ ଏବଂ ବସ୍ତୁରେହିଁ ବସ୍ତୁର ଶେଷ । କିନ୍ତୁ ରୋମାଣ୍ଟିକ୍ କଳ୍ପନାରେ ବସ୍ତୁର ଆରମ୍ଭ ମାତ୍ର । କେବଳ ସେତିକି ନୁହେଁ, ଅନେକ ସମୟରେ ରୋମାଣ୍ଟିକ୍ ସାହିତ୍ୟରେ ବସ୍ତୁ ତାହାର ସତ୍ତାମଧ୍ୟ ହରାଇ ବସେ । ରେଣୁ ଏବରକ୍ରମି କହିଛନ୍ତି "ରୋମାଣ୍ଟିସିଜିମ୍ ଗୋଟିଏ ବିଶେଷ ଶିଳ୍ପ ଲକ୍ଷଣ ଏବଂ କ୍ଲାସିସିଜିମ୍ ବିଭିନ୍ନ ଶିଳ୍ପ ଲକ୍ଷଣକୁ ମିଳିତ କରିବାର ଗୋଟିଏ ବିଶେଷ ପଦ୍ଧତି ମାତ୍ର । ମନୁଷ୍ୟର ସ୍ୱାସ୍ଥ୍ୟ ନିମନ୍ତେ ତରଳ ରକ୍ତର ଯେପରି ପ୍ରୟୋଜନ, କଠିନ ଅସ୍ଥିର ମଧ୍ୟ ସେହିପରି ପ୍ରୟୋଜନ । ତେବେ ଉଭୟ

Digitized by PPRACHIN, SOA

ଜିନିଷ କେହି କାହାକୁ ଯେପରି ଅତିକ୍ରମ କରି ନ ଯାନ୍ତି । ଯଥାଯଥ ସ୍ଥାନରେ ଅସ୍ଥିର ସନ୍ନିବେଶ ହେବା ଉଚିତ ଏବଂ ରକ୍ତଚାପ ଯେପରି ଅତ୍ୟଧିକ ଭାବରେ ବୃଦ୍ଧି ନପାଏ, ତାହା ମଧ୍ୟ ହେବା ଉଚିତ । ତେଣୁ କ୍ଲାସିକ ସାହିତ୍ୟରେ ଆମ୍ଭେ-ମାନେ ଦେଖୁ – ରୋମାଣ୍ଟିକ୍ ବାସ୍ତବବାଦ ପ୍ରଭୃତି ଲକ୍ଷଣ ଗୁଡ଼ିକର ଯଥାଯଥ ସମାବେଶ । କୌଣସି ଗୋଟିଏ ଲକ୍ଷଣ ଅଧିକତର ଭାବରେ ସ୍ପଷ୍ଟ ହୋଇ ଉଠିଲେ ତାହାକୁ ଆମ୍ଭେମାନେ କ୍ଲାସିକ କହି ପାରିବା ନାହିଁ । କ୍ଲାସିକ, ସାହିତ୍ୟର ପରିପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ମନୁଷ୍ୟ ପରି । ତେଣୁ ସାହିତ୍ୟ ଜଗତରେ କ୍ଲାସିକ୍ ଖୁବ୍ ବେଶି ଦେଖିବାକୁ ମିଳେ ।

ରୋମାଣ୍ଟିକ୍ ସାହିତ୍ୟ ମଧ୍ୟରେ ବସ୍ତୁକୁ ଅତିକ୍ରମ କରିବାର ଯେଉଁ ପ୍ରୟାସ ଦେଖାଯାଏ, ତାହା ଦେଖି ଅନେକେ ମନେ କରନ୍ତି ଯେ ଏହା ବାସ୍ତବ–ବାଦର ବିରୋଧୀ । କିନ୍ତୁ ରୋମାଣ୍ଟିକଭାବର ସମର୍ଥକମାନେ ଏ କଥା ସ୍ୱୀକାର କରନ୍ତି ନାହିଁ । ସେମାନେ କହନ୍ତି, ଇନ୍ଦ୍ରିୟ ସାହାଯ୍ୟରେ ଆମ୍ଭେମାନେ ସତ୍ୟରେ ଉପନୀତ ହୋଇ ପାରିବା ନାହିଁ । ଜଗତର ସମସ୍ତ ବସ୍ତୁ ଇଲେକ୍‌ଟ୍ରୋନ୍, ପ୍ରୋଟୋନ୍‌ର ସମଷ୍ଟି ହେଲେ ଆମ୍ଭେମାନେ ତାହା ଇନ୍ଦ୍ରିୟ ଦ୍ୱାରା ବୁଝି ପାରୁଛି ? ସୁତରାଂ ଚକ୍ଷୁ ଦ୍ୱାରା ଯାହା ଦେଖୁ ତାହା ସବୁ ନୁହେଁ ବସ୍ତୁର ପାଶ୍ଚାତରେ ତାହାର ସାଧାରଣ ସତ୍ୟ ରୂପ ଲୁଚି ରହିବା କିଛି ଅସମ୍ଭବ ନୁହେଁ । ରୋମାଣ୍ଟିକ୍ ଭାବର ସମର୍ଥକମାନେ ତେଣୁ କହନ୍ତି 'ମନୁଷ୍ୟର ଯେଉଁ ରୂପ ତୁମ୍ଭେମାନେ ଦେଖୁଛ, ତାହାହିଁ ତାହାର ସତ୍ୟ ରୂପ ନୁହେଁ । ଆମ୍ଭମାନଙ୍କର କଳ୍ପନା ବଳରେ ତାହାର ପ୍ରକୃତ ରୂପ ଧରାପଡ଼େ । ପ୍ରକୃତିର ପାଶ୍ଚାତ୍‌ରେ ଯେଉଁ ଅତି ପ୍ରାକୃତର ହାତଟି ରହିଛି, ତାହା ଚର୍ମ ଚକ୍ଷୁରେ ଧରା ପଡ଼େ ନାହିଁ । ଅଥଚ ତାହା ଖାଣ୍ଟି ସତ୍ୟ । ଅନୁଭୂତିର ଜଗତରେ ଏହି ସତ୍ୟ ଆବିଷ୍କୃତ ହୁଏ । ସୁତରାଂ ରୋମାଣ୍ଟିକ୍ ଲେଖକ ଅଳୀକ ଜଗତରେ ବିଚରଣ କରନ୍ତି ନାହିଁ । ସେମାନେ ସତ୍ୟକୁ ସର୍ବ ସମକ୍ଷରେ ପ୍ରକାଶକରନ୍ତି । ରୋମାଣ୍ଟିକ ଶିଳ୍ପୀମାନେ ଦୃଶ୍ୟମାନ ଜଗତକୁ ସାହିତ୍ୟର ବିଷୟ ବୋଲି ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି । ଏହାକୁ ଅତିକ୍ରମ କରି ଗୋଟିଏ ନୂତନ ଜଗତ ସୃଷ୍ଟି କରନ୍ତି ଏବଂ ତାହାକୁ ହିଁ ସତ୍ୟବୋଲି ମନେ କରନ୍ତି । ବାସ୍ତବ ଜଗତ ସହିତ ସେମାନଙ୍କ ମନର ଆଦର୍ଶ ଆକାଂକ୍ଷା ଓ ଅନୁଭୂତିର ମିଶ୍ରଣରେ ଏହି ନୂତନ ଜଗତର ସୃଷ୍ଟି ।

ନିଜେ ନୀଳକଣ୍ଠ "ଚିତ୍ର ଓ କବିତାରେ କଳାର କ୍ରମ" ପ୍ରବନ୍ଧରେ ସତ୍ୟବାଦୀର ମିଥୁନ – କକଡ଼ା ୧୩୨୪ ସାଲ ତୃତୀୟ ଖଣ୍ଡ ତୃତୀୟ ଓ ଚତୁର୍ଥ

Digitized by PPRACHIN, SOA

ସଂଖ୍ୟାରେ ଉଲ୍ଲେଖ କରିଛନ୍ତି—"ଅନୁଭୂତିର ଅନୁରୂପ ନ ହେବାରୁ ସେ ଶିଳ୍ପ ତାଙ୍କୁ ଅପୂର୍ଣ୍ଣ ବୋଧ ହେଲା । ଅନୁଭୂତି ଆଧ୍ୟାତ୍ମିକ । ଶିଳ୍ପ ତାଙ୍କର ଭୌତିକ ବିକାଶ ମାତ୍ର । ଶିଳ୍ପରେ ଅନୁଭୂତିର ପର୍ଯ୍ୟାପ୍ତ ସମ୍ଭବ କି ? ତଥାପି ସେହି ଅନୁଭୂତିର ସମ୍ପୂର୍ଣ୍ଣ ଭୌତିକ ବିକାଶ ଲୋଡ଼ି ମାନବ ନାନା ଶିଳ୍ପ ନିୟମର ଆବିଷ୍କାର କଲା । ସେହି ନିୟମ ମଧ୍ୟରେ ପୁଣି ମହାବନ୍ଧନ । ବନ୍ଧନରୁ ପୁଣି ଆତ୍ମବିକାଶର ପ୍ରବୃତ୍ତି । ପୁଣି ଅସ୍ଥିରତା ଅନନ୍ତର ଉପଲବ୍ଧି ନିମନ୍ତେ ଘୋର ବ୍ୟାକୁଳତା । ସେଥିରେ ପୁଣି ଅନୁଭୂତି ନିୟମର ନିଗଡ଼ ଭେଦକରି ଉଠିଲା ଏବଂ ସମସ୍ତ ବିଧିବଦ୍ଧ ଶିଳ୍ପ ପୁଣି ନିୟମର ବନ୍ଧନ ଛିନ୍ନ ଭିନ୍ନ କରି ସେହି ବିଶ୍ୱବିମୋହନ ଇଙ୍ଗିତରେ ମାତ୍ର ସ୍ୱତଃ ପର୍ଯ୍ୟବସିତ ହେଲା । ଅଜ୍ଞାତ ଇଙ୍ଗିତହିଁ ଶିଳ୍ପର ମୂଳ, ପୂର୍ଣ୍ଣ ବିକଶିତ ଇଙ୍ଗିତହିଁ ଏହାର ଶେଷ । କ୍ରମ ବିକାଶର ଏ ଅଦ୍ଭୁତ ପଦ୍ଧତି ନିସର୍ଗ ନିୟମର ସର୍ବତ୍ର ଅନୁସନ୍ଧାନ କରାଯାଇ ପାରିବ । କେବଳ ମାନବ ଶିଳ୍ପରେ କୌଣସି ବିଶେଷତ୍ୱ ନାହିଁ ।

## କ୍ଲାସିକିମ୍

ଏହି ସ୍ୱାତନ୍ତ୍ର୍ୟ ଓ ଇଙ୍ଗିତର ପ୍ରଭେଦ ସମ୍ବନ୍ଧରେ ଗୋଟିଏ କଥା ଏଠାରେ କହି ରଖିବା ଉଚିତ । ନିୟମ ନ ମାନି ଶିଳ୍ପୀ ଯେତେବେଳେ ସ୍ୱାତନ୍ତ୍ର୍ୟ ଲୋଡ଼େ, ସେ ସେତେବେଳେ ଶିଳ୍ପରେ କେବଳ ଭାବମାତ୍ର ଚିତ୍ର କରି ବସେ ! ଏ ଚିତ୍ରିତ ଭାବ ଶିଳ୍ପର ନିଜଭାବ ଏବଂ ତାହାର ଏ ନିଜ ଭାବ ଯେ ପରିମାଣରେ ସାର୍ବଜନୀନ, ଶିଳ୍ପ ସେହି ପରିମାଣରେ ଜଗତରେ ହୃଦୟଗ୍ରାହୀ ହୁଏ । ଏ ଶିଳ୍ପରେ ଶିଳ୍ପୀ ନିଜ ଭାବ ପାଠକ ବା ଦର୍ଶକ ଆଗରେ ପକାଇ ଦିଅନ୍ତି । ମନେ କରି ଥାଆନ୍ତି, ପାଠକ ବା ଦର୍ଶକ ତାହା ଦେଖି ସମଭାବରେ ଭାବାନ୍ୱିତ ହେବେ । ରବିବର୍ମାଙ୍କ ରାବଣ ଜଟାୟୁ ଚିତ୍ରରେ ରାବଣର ମୁଖ ଭଙ୍ଗୀ ବିକାଶରେ ରବିବର୍ମା କ୍ରୋଧ ଅନାଦରର ଯେ ମିଶ୍ରିତ ଭାବ ବ୍ୟକ୍ତ କରିପାରି ଅଛନ୍ତି ଏବଂ ତାହା ଯେପରି ସମସ୍ତଙ୍କୁ ସେହି ଭାବରେ ଭାବାନ୍ୱିତ କରୁଅଛି—ସମସ୍ତ ଶିଳ୍ପୀ ତାହା ପାରିବେ ନାହିଁ । ଭାବାବେଶବେଳେ ସେହି ଭାବର ସାର୍ବଜନୀନତା କଳ୍ପନା କରି ତାହାକୁ ଫେଡ଼ି ଟିକି ଟିକି କରି ଶିଳ୍ପରେ ଦେଖାଇଦେବା ଅବଶ୍ୟ ସୁସାଧ୍ୟ ନୁହେଁ । ସବୁ ଶିଳ୍ପୀ ତାହା ପାରନ୍ତି ନାହିଁ । ସେଥିପାଇଁ ଏକଭାବ ଚିତ୍ର କରିବାକୁ ଯାଇ ଶିଳ୍ପୀ ଭେଦରେ କୃତିତ୍ୱର ଇତର ବିଶେଷ ଘଟେ ।

ଇଙ୍ଗିତ ଚିତ୍ରରେ କୁଶଳତା ଏଥିରୁ ସ୍ୱତନ୍ତ୍ର । ସେଥିରେ ଶିଳ୍ପୀ ମନର ଭାବ ସ୍ପଷ୍ଟ ଭାବରେ ଚିତ୍ର କରେ ନାହିଁ । ସେହି ଭାବ ଆଡକୁ ଇଙ୍ଗିତ ମାତ୍ର କରି

Digitized by PPRACHIN, SOA

ଦିଏ ଏବଂ ସର୍ବତୋଭାବରେ ପାଠକ ବା ଦର୍ଶକର ଆତ୍ମାନୁଭୂତି ଉପରେ ନିର୍ଭର କରି ନିଶ୍ଚିନ୍ତ ରହେ । ତେଣୁ ଶିଳ୍ପର ଏ ଇଙ୍ଗିତରେ ଭାବର ସାର୍ବଜନୀନତା ଆଣିବା ଏକ ପ୍ରକାର ଦୁଷ୍କର । ସମସ୍ତ ଇଙ୍ଗିତରେ ନିଯତନ୍ତ୍ର ପ୍ରକାରର ଅନୁଭୂତି ରାଜ୍ୟରେ ପ୍ରବେଶ କରିବେ । ଶିଳ୍ପୀର ବ୍ୟକ୍ତିତ୍ୱ ବିକାଶରେ ସେ ନିଜର ବ୍ୟକ୍ତିତ୍ୱ ମିଶାଇବାକୁ ବାଧ୍ୟ ହେବେ ନାହିଁ । ସେ ସ୍ୱତନ୍ତ୍ର ହେଲେହେଁ ଇଙ୍ଗିତ ମାତ୍ରରେ ଯଦି ଶିଳ୍ପୀର ଅନୁଭୂତିରେ ଭାବାନ୍ୱିତ ହୁଅନ୍ତି, ତେବେ ସେ ଶିଳ୍ପସିଦ୍ଧ ହେଲା । ପାଠକ ବା ଦର୍ଶକକୁ ଏପରି ଅନନ୍ତ ଉନ୍ମୁକ୍ତ ସ୍ୱାଧୀନତା ଭିତରେ ରଖି ସ୍ୱତନ୍ତ୍ର ଭାବରେ ଭାବାନ୍ୱିତ କରିବାକୁ ସମର୍ଥ ହେବା ଏହି ଇଙ୍ଗିତ ଶିଳ୍ପର ଆଦର୍ଶ । ଏଥିରେ ନିଜର ଭାବ ସବିଶେଷ ଚିତ୍ର କରି ପାଠକକୁ ସେହି ଭାବରେ ଭାବାନ୍ୱିତ ହେବାକୁ ବାଧ୍ୟ କରାହୁଏନାହିଁ । ଇଙ୍ଗିତ ମାତ୍ର ଦେଇ ପାଠକର ସ୍ୱାଧୀନ ଅନୁଭୂତିଉପରେ ନିର୍ଭର କରିବାକୁ ହୁଏ । ତେଣୁ ଏ ଇଙ୍ଗିତ ଚିତ୍ରର ସାର୍ବଜନୀନତା ଅନନ୍ତ ତୋର ଶିଳ୍ପ କୋଟେ ଏହା ଗୋଟିଏ ଭାବ ନିର୍ବନ୍ଧ ପ୍ରଜାତନ୍ତ୍ର । ଭାବ ଚିତ୍ରରେ ମଧ୍ୟ ଏହିଁ ପ୍ରଜାତନ୍ତ୍ରର ସାଦୃଶ୍ୟ ଅଛି । କିନ୍ତୁ ସେଥିରେ ଏହା ସ୍ୱଭାବ ନିୟମରେ ଆବଦ୍ଧ ନୁହେଁ । ସେ ତନ୍ତ୍ରରେ ଯେପରି କି ପ୍ରଜାତନ୍ତ୍ରର ସଭାପତିଙ୍କ ନିର୍ଦ୍ଦିଷ୍ଟବିଧି ଉପରେ ନିର୍ଭର କରି ପ୍ରଜା ମାନଙ୍କୁ ରାଜତନ୍ତ୍ର ଆଲୋଚନା କରିବାକୁ ହୁଏ । ପକ୍ଷାନ୍ତରେ ସ୍ଥୂଳ ଓ ଭୌତିକ ବିଧିବଦ୍ଧ ଶିଳ୍ପ ଗୋଟିଏ ନିୟମତନ୍ତ୍ର । ନିୟମ ଛଡା ସେଥିରେ ଅନ୍ୟ ପ୍ରକାର ଚିନ୍ତା କରିବାର ଅଧିକାର ନାହିଁ ।

ଶିଳ୍ପରେ ଏହି ନିୟମ ତନ୍ତ୍ରକୁ ଇଂରେଜୀରେ Classism ଏବଂ ସ୍ୱାଭାବିକ ଉଚ୍ଛୃଙ୍ଖଳତାକୁ Romanticism କହନ୍ତି । ପ୍ରଥମ ଅବସ୍ଥାରେ ନିୟମବଦ୍ଧ ଓ ଦ୍ୱିତୀୟରେ ବିସ୍ତୀର୍ଣ୍ଣ କଳାର ବିକାଶ ହୁଏ। ପ୍ରକ୍ରିୟା ବିଧାନ ବା ନିୟମ ମଧ୍ୟରେ ଭାବର ଉଲ୍ଲେଖ, ପ୍ରଥମଟିର ପ୍ରକୃତି । ଭାବର ଚିତ୍ର ବା ଇଙ୍ଗିତର ସ୍ଫୁରଣରେ ଅନୁଭୂତିର ଅନ୍ତର ଉନ୍ମେଷ କରାଇବ ଦ୍ୱିତୀୟର ଉଦ୍ଦେଶ୍ୟ । ଏହି ସୁଦୀର୍ଘ ପ୍ରବନ୍ଧର ଦ୍ୱିତୀୟଭାଗରେ ନୀଳକଣ୍ଠ କବିତା ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି, 'କବିତାରେ ମଧ୍ୟ ସେହିକଥା । ଅଳଙ୍କାର ଶାସ୍ତ୍ର ସମସ୍ତ ନିୟମ ବାନ୍ଧି ମଧ୍ୟ ଶେଷରେ "ବ୍ୟଞ୍ଜନା" ବା 'ଧ୍ୱନି'ର ଗୌରବରେ କାବ୍ୟର ମହତ୍ୱ ବୁଝିବାକୁ ଉପଦେଶ ଦେଇ ଅଛନ୍ତି । ଧ୍ୱନିର ବିଶ୍ଳେଷଣ କରଯାଇ ଅଛି ସତ୍ୟ, କିନ୍ତୁ ସେହିଠାରେହିଁ କବିର ସ୍ୱାଧୀନତା ଉନ୍ମୁକ୍ତ। କିନ୍ତୁ କବି ବିଶ୍ଳେଷଣରେ

Digitized by PPRACHIN, SOA

ଆବଦ୍ଧ ନୁହନ୍ତି । ଏହି ଧ୍ୱନିହିଁ କାବ୍ୟ କଳାର ଇଙ୍ଗିତ । ଏହି ଧ୍ୱନିହିଁ କବିତାର ପ୍ରାଣ । ଏହି ଧ୍ୱନିର ଗୌରବରେ କାଳିଦାସ ସୁନ୍ଦର ଓ ସୁକୁମାର । ଏହି ଧ୍ୱନିର ମହିମାରେ ଭବଭୂତି ଗମ୍ଭୀର ଓ ମହୀୟାନ୍ ।

ସଂସ୍କୃତ କାବ୍ୟ ତଥା ଚିତ୍ରକଳା ନିୟମତନ୍ତ୍ରତା ହେତୁରୁ କ୍ଲାସିକ୍ ଆଖ୍ୟା ପାଇପାରେ । କିନ୍ତୁ ରୋମାଣ୍ଟିସିଜିମ୍‌ରେ ପ୍ରଣୀତ ନହେଲେ କଳା କଳା ନୁହେଁ ଏବଂ Classic Romantic ସୋପାନ ବିଭାଗରେ କୌଣସି ନିଷେଧ ବିଚ୍ଛେଦ ଅଛି ବୋଲି ବୁଝିବା ଉଚିତ ନୁହେଁ ।

## ନୀଳକଣ୍ଠଙ୍କ ସାହିତ୍ୟର ବିଭାଗ—

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆମ୍ଭମାନଙ୍କୁ ବିଚାର କରିବାକୁ ହେବ ନୀଳକଣ୍ଠଙ୍କ ସାହିତ୍ୟ କ୍ଲାସିକ ନା ରୋମାଣ୍ଟିକ୍ ? ତତପୂର୍ବରୁ ଆମ୍ଭମାନଙ୍କୁ ରୋମାଣ୍ଟିକ କବିତାର ମର୍ମ ହୃଦୟଙ୍ଗମ କରିବା ନିମନ୍ତେ ନିମ୍ନଲିଖିତ କବିତାଟିର ଦୃଷ୍ଟାନ୍ତ ଦେବାକୁ ହେବ । ଏହି କବିତାଟିର ଲେଖକ ସତ୍ୟବାଦୀ ବନ ବିଦ୍ୟାଳୟର ଜଣେ ସ୍ୱର୍ଗତ ଅଥଚ ସୁପ୍ରସିଦ୍ଧ ଛାତ୍ର । ତାଙ୍କର କବିତା ରାଜ୍ୟରେ ଯେଉଁ ପ୍ରସିଦ୍ଧି ଓ ପ୍ରଭାବ ଅଛି, ତାହା କାହାକୁ ଅବିଦିତ ନୁହେଁ । ତାଙ୍କର ନାମ ଶ୍ରୀ ଗୋଦାବରୀଶ ମହାପାତ୍ର ଏବଂ ଯେଉଁ କବିତାଟି ବର୍ତ୍ତମାନ ଉଦ୍ଧାର କରାଯାଉଛି ତାହା ବନବିଦ୍ୟାଳୟ ପୃଷ୍ଠପୋଷକ ଓ ପ୍ରବର୍ତ୍ତକ ଗୋପବନ୍ଧୁ ଦାସଙ୍କ ସମ୍ପର୍କରେ । ନୀଳକଣ୍ଠଙ୍କର ସମ୍ପର୍କ ଏହି କବିତା ସହିତ ଅଛି, ତାହାପରେ ବୁଝାଇ ଦିଆଯିବ । ଗୋଦାବରୀଶ ମହାପାତ୍ର ଯେଉଁ କବିତାଟି ଗୋପବନ୍ଧୁଙ୍କର ସେବା ପରାୟଣତା ଓ ସ୍ୱଦେଶ ଭକ୍ତିକୁ କେନ୍ଦ୍ରକରି ରଚନା କରିଥିଲେ ତାହାର ନାମ ହେଲା "ଆଉ ଥରେ ଯେବେ ଉତ୍କଳମଣି ଆସିବେ"

"ଆଉଥରେ ଯେବେ ଉତ୍କଳମଣି
ଆସିବେ ଦେଶେ
ସେହିପରି ଦୀନ ବିକଳ ମଳିନ
ଗରୀବ ବେଶେ
ଝରି ପଡୁଥିବ ଲୋଚନ ଯୁଗଳୁ
ଲୋତକ ଧାର
ଆପଣା ବୁକୁରେ ପକାଇ ଅପର
ଦୁଃଖର ଗାର

Digitized by PPRACHIN, SOA

ମୁକୁଳ ଚରଣେ କଣ୍ଟକ ଗଳି
ରୁଧିର ଝରି
ହେଉଥିବ ସେହି ଗତିପଥ ସେଇ
ରୁଧିରେ ବାରି ।
ସେଇ ସେବାରତ କରଯୁଗ ଆନେ
ଆଶିଷ ଦାନେ
ଆଉ ଥରେ ଯେବେ ଆସିବେ ସେ ଫେରି
ଏହି ଭୁବନେ ।
କି ଦେଖିବେ କି କଥା ଘଟିବ
କହିବେ ଥୋକେ-
ଏହିପରି ... ଦିନ କେବେ
ଏହି ମୂଲକେ ।

× × × ×

ଦେଖିଥିଲି ମୁହିଁ ଜନସମାଗମ
ମୋର "ଢ଼ଙ୍ଗରେ"
ସେକଥା ବିଗ୍ଭରି ଠିଆ ହୋଇଥିଲି
ଚାଟକା ହୋଇ-"

ଏହି କବିତାଟି କ୍ଲାସିକ ନା ରୋମାଣ୍ଟିକ ? ଏଥିରେ କ୍ଲାସିକ ଭବଧାରଠାରୁ ରୋମାଣ୍ଟିକ ପ୍ରବଣତା ଅତ୍ୟନ୍ତ ଅଧିକ—ଏହା ସ୍ପଷ୍ଟ ପ୍ରତୀୟମାନ । ନୀଳକଣ୍ଠ ଯେପରି କହିଛନ୍ତି, Classic Romantic ସୋପାନ ବିଭାଗରେ କୌଣସି ନିଷେଧ ବିଚ୍ଛେଦ ଅଛି ବୋଲି ବୁଝିବା ନୁହେଁ ।"

ସେହିପରି ଭବରେ ଜୀବନ ସହିତ ଘନିଷ୍ଠ ଭବରେ ସଂଶ୍ଳିଷ୍ଟ, ଯେ ଆଧୁନିକ ଯୁଗର ଅତି ଆଧୁନିକ କବି ଏବଂ ଯେ ସାହିତ୍ୟ ସଂସ୍କାର ଓ ସାହିତ୍ୟ ସଂସ୍କୃତିର ଯେଉଁ ସ୍ପନ୍ଦନ ସତ୍ୟବାଦୀ ବିଦ୍ୟାଳୟରେ ନୀଳକଣ୍ଠଙ୍କ ନେତୃତ୍ୱରେ ବିକଶିତ ହୋଇଥିଲା, ତାହାରି ଉତ୍ତର ସାଧକ ଗୋଦାବରୀଶ ମହାପାତ୍ରଙ୍କ କବିତାରେ କ୍ଲାସିକ ଭବଧାରର ଅଭବ ପରିଲକ୍ଷିତ ହୁଏ ନାହିଁ । ନୀଳକଣ୍ଠ "ଚିତ୍ର କବିତାରେ କଳାର ଜନ୍ମ" ପ୍ରବନ୍ଧରେ କହି ଅଛନ୍ତି,—"ଅଳଙ୍କାର ଶାସ୍ତ୍ର ସମସ୍ତ ନିୟମ ବାନ୍ଧି ମଧ୍ୟ ଶେଷରେ ବ୍ୟଞ୍ଜନା ବା ଧ୍ୱନିର ଗୌରବରେ କାବ୍ୟର ମହତ୍ତ୍ୱ ବୁଝାଇବାକୁ ଉପଦେଶ ଦେଇଛନ୍ତି । ସେହି ଧ୍ୱନି ଓ ବ୍ୟଞ୍ଜନା କାବ୍ୟ କଳାର

Digitized by PPRACHIN, SOA

ପ୍ରାଣ ।" ସେହିପରି କବି ଗୋଦାବରୀଶଙ୍କ କବିତା ଯଥାର୍ଥତଃ ରୋମାଣ୍ଟିକ୍, ଅର୍ଥାତ କଳ୍ପନାପ୍ରବଣ,ଧ୍ୟାନ ପୂର୍ଣ୍ଣ ଓ ସ୍ୱର୍ଶକାତର ସଂବେଦନ,ଗର୍ଭିତ ହେଲେ ମଧ୍ୟ ଏଥିରେ ଗୋପବନ୍ଧୁଙ୍କ ପ୍ରାଣର ଗୌରବ ଗାରିମା ଓ ମହତ୍ୱ ପ୍ରକଟିତ ହୋଇଅଛି । ଗୋପବନ୍ଧୁଙ୍କର ପୁନରାଗମନକୁ କବି ସତୃଷ୍ଣ ନୟନରେ ଚାହିଁ ରହିଛନ୍ତି ।

୧୯୧୯—୨୦ରେ 'ଡ଼ଭାର' ଅଞ୍ଚଳରେ ଯେଉଁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା, ଗୋପବନ୍ଧୁ ନୀଳକଣ୍ଠ ପ୍ରଭୃତି ସେଠି ଯେଉଁ ଚାଉଳ ବଣ୍ଟନକେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ, ସେଠାରେ ପ୍ରତିଦିନ ଶହ ଶହ ନର କଙ୍କାଳ ଚାଉଳ ମୁଠିଏ ନେବା ସକାଶେ ସମବେତ ହେଉଥିଲେ । ସେହିକଥା ଦେଖି ଗୋପବନ୍ଧୁ ଭାବିଲେ —

"ଡ଼ଭାର ପାଲଟି ଗଲାକି
ଏ ମୋର ଓଡ଼ିଶା ଭୂଇଁ "

ଏହିପରି ମହତ୍ ଭାବ ଏହି କବିତାରେ ଗୋଦାବରୀଶଙ୍କର ସମ୍ବେଦନଶୀଳ ଓ ଭାବମୟ ସୁକୁମାର ହୃଦୟରୁ ଉଚ୍ଛରିତ ହୋଇଥିଲେ ମଧ୍ୟ ଏ କବିତା କ୍ଲାସିକ୍ ନୁହେଁ । ଏହା ରୋମାଣ୍ଟିକ୍ ଧର୍ମୀ । ଏହାର ଛନ୍ଦ ଯୋଜନା, ରଚନା ଶୈଳୀ, ଭାଷା ବିନ୍ୟାସ ଓ କଳ୍ପନା ଭଙ୍ଗୀ ଏ ସବୁ ରୋମାଣ୍ଟିକ୍ । ଏପରି କଳ୍ପନା ଖୁବ୍ କମ୍ କବି କରିପାରନ୍ତି ।

ଏଇଠି ନୀଳକଣ୍ଠଙ୍କର ଗୋପବନ୍ଧୁଙ୍କ ସଂବଂଧରେ ଲେଖିଥିବା କବିତା ବା ଶ୍ଳୋକଟି ସ୍ମରଣୀୟ । ଗୋପବନ୍ଧୁଙ୍କ ସମାଧି ପ୍ରତିଷ୍ଠାର ଉଦ୍‌ଘାଟନ ସମୟରେ କବିତାଟି ସଂସ୍କୃତରେ ରଚନା କରିଥିଲେ ଓ ସେଇଟି ତାଙ୍କରି ସମାଧି ପୀଠ ଉପରେ ସତ୍ୟବାଦୀର ମଞ୍ଜୁବକୁଳ ଛାଟିଅନା କୁଞ୍ଜରେ ଉତ୍‌କୀର୍ଣ୍ଣ ହୋଇ ରହିଅଛି । ଏହି ଶ୍ଳୋକଟିରେ ଗୋପବନ୍ଧୁଙ୍କର ବହୁମୁଖୀ ମହତ୍ୱ ରୂପାୟିତ ହୋଇଅଛି । ଏହାକୁ ପଢିଲେ ଗୋପବନ୍ଧୁଙ୍କର ଭାବମୂର୍ତ୍ତି ସାକ୍ଷାତ ମାନସ ଚକ୍ଷୁରେ ପ୍ରତିଭାତ ହୁଏ । ସେହି ଶ୍ଳୋକଟି ପ୍ରଥମ ଅଧ୍ୟାୟରେ ଉଲ୍ଲେଖ କରାଯାଇଥିଲେ ହେଁ ପାଠକ ମାନଙ୍କ ସୁବିଧା ନିମନ୍ତେ ଏଠାରେ ତାର ପୁନରୁଦ୍ଧାର କରାଗଲା—

"ଯସ୍ୟାପଲଭ୍ୟ କୃତିନୋ ବହୁଧା ପ୍ରଯତ୍ନାନ୍
ସନ୍ତାପିତା ଭୂମିହୋତ୍କଳ ଭୂମିରେଷା
ତେକ୍ୱାଃବସାଦ ମର୍ଚିରେଣ ବିଭୋଦିତାଃ ସିତ୍
ନିଶାମ୍ୟତୀବ ଚିରମତ୍ର ସ ଗୋପବନ୍ଧୁଃ ।"

Digitized by PPRACHIN, SOA

"ବସୁଧା ପ୍ରୟନ୍' ଏଇ ଦୁଇଟି ପଦରେ ଦେଶର ସେବାପାଇଁ ଗୋପବନ୍ଧୁଙ୍କର ଜୀବନର ସକଳ ସାଧନା ଯେପରି ଝଲସି ଉଠୁଚି, ଦ୍ୱିତୀୟ ପଦଟିରେ ସେହିପରି ତାଙ୍କର ପ୍ରିୟ ଉତ୍କଳବାସୀ ସମସ୍ତ ନରନାରୀ ତାଙ୍କ ମୃତ୍ୟୁରେ ଶୋକାକୁଳ ହୋଇ ପଡ଼ିଥିବାର ଚିତ୍ର ସ୍ପଷ୍ଟ ହୋଇ ଉଠୁଚି !

ଏହି ଶ୍ଳୋକଟିରେ କବିଙ୍କର କ୍ଲାସିକ୍ ଏବଂ ରୋମାଣ୍ଟିକ ଧର୍ମ ଏକତ୍ର ସମ୍ମିଳିତ ହୋଇ ବ୍ୟଞ୍ଜନା କିମ୍ବା ଧ୍ୱନିର ସାହାଯ୍ୟରେ ଅତ୍ୟନ୍ତ ବାସ୍ତବବାଦୀ, ରସମୟ ଓ ଭାବମୟ ହୋଇ ଉଠିଅଛି । ଏଠାରେ କବି ନୀଳକଣ୍ଠ କ୍ଲାସିକ୍ ଏବଂ ରୋମାଣ୍ଟିକ୍ ମଧ୍ୟରେ କୌଣସି ତାରତମ୍ୟ ଦେଖିନାହାନ୍ତି – ଯଦିଓ ସଂସ୍କୃତର ଶୈଳୀ ଓ ଛନ୍ଦରେ ଏହି ଶ୍ଳୋକଟି ବିରଚିତ ହୋଇଅଛି ।

ନୀଳକଣ୍ଠଙ୍କର ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ଅତି ଚମତ୍କାର ଭାବରେ ଅଭିବ୍ୟକ୍ତ ହୋଇଅଛି, ତାଙ୍କର "କୋଣାର୍କେ" କାବ୍ୟରେ । ପୂର୍ବ ଅଧ୍ୟାୟରେ ଏ କାବ୍ୟଟିର ବିଶଦ୍ ଆଲୋଚନା କରଯାଇଥିଲେହେଁ ବର୍ତ୍ତମାନର ଆଲୋଚ୍ୟ ବିଷୟ ପରିପେକ୍ଷୀରେ ତାର ବିଚାର କରଯାଉ, ବିଶେଷତଃ 'ରାମ ଚଣ୍ଡୀରେ ରାତି ଓ ସକାଳ' କାବ୍ୟଖଣ୍ଡରେ । ସେଦିନ ଥିଲା, କୁମାର ପୂର୍ଣ୍ଣିମା । ୧୯୧୭ ମସିହାରେ ଲେଖକ ସତ୍ୟବାଦୀ ବିଦ୍ୟାଳୟର କେତେକ ଛାତ୍ରଙ୍କ ସହିତ ଶାରଦ ବିହାରରେ କୋଣାର୍କ ଦେଖିବାକୁ ଯାଇଥିଲେ । ସେଦିନ ପ୍ରବଳ ବର୍ଷା ଓ ତୋଫାନ ହେଲା । ସେହି ବର୍ଷାରେ କୁମାର ପୂର୍ଣ୍ଣିମା ଦିନ କୋଣାର୍କ ଦେଖି ରାତିକି ଆସି ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେବାକୁ ହେଲା । ରାମଚଣ୍ଡୀ କୋଣାର୍କର ଦକ୍ଷିଣ ପଶ୍ଚିମକୁ ପ୍ରାୟ ତିନି ମାଇଲ ଦୂରରେ ବିସ୍ତୀର୍ଣ୍ଣ କୁଶଭଦ୍ରା ମୁହାଣରେ ଗୋଟିଏ ଉଚ୍ଚ ବାଲିକୁଦ । ସେଠାରେ ପିଲମାନେ ଘୋର ନିଦ୍ରାରେ ଅଭିଭୂତ ହୋଇପଡ଼ିଲେ । କିନ୍ତୁ ଶିକ୍ଷକ କବିଙ୍କୁ ସେଦିନ ଆଉ ନିଦ ହେଲାନାହିଁ । ପ୍ରାଚୀନ ଓଡ଼ିଶାର ସମଗ୍ର ଇତିହାସ ତାଙ୍କ ମାନସ ପଟରେ ସିନେମାର ଚିତ୍ରପରି ଖେଳି ଯିବାର, ସେ ଅନୁଭବ କଲେ । ସେହି ପ୍ରାଣର ବେଦନାରେ ଲେଖିଛନ୍ତି—

"କି କରାଳ ଆଜି ରଜନୀ ବହେ ଝଞ୍ଜା ପବନ,
ତାରା ନ ଦିଶଇ ଗଗନେ ଶୁଭେ ଘନ ଗର୍ଜନ ।।
ମୂଷଳ ଧାରରେ ଝଟକାଟି ଦିଏ କଣ୍ଢ଼ି କେବେ,
ଶୋଇ ପଡ଼ିଛତ ବାପାହେ ଜାଣୁ ନଥିବ ଲବେ ।।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ ସରଧା,
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା,

Digitized by PPRACHIN, SOA

ମନେ ପଡୁନାହିଁ ବାବୁ ହେ ଲଗି ଯାଉଛି ନିଦ,
ମାଆ ଭଉଣୀଏ ଭବନେ ଭଜିଥିବେ ବିଷଦ ।
ଲୁଗାରେ ହଳଦୀ ଲଗାଇ ଗୁହିଁଥିବେ ଜନନୀ
ପିଠା ପଣା ଖାଉ ନଥିବେ ସୁଖେ ଆଜି ଭଗିନୀ ।
ପବନ ଝଙ୍କାରେ ଶୁଣୁସେ ଥିବଡ଼ାକ ଡୁମ୍ଭତ
ପଲକେ ପଲକେ ଚମକି ହେଉଥିବେ କାତର !
ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ
ନିରଶାରେ ଆଶା—ଚଟକେ ଥିବେ ସେହୁ ଜାଗରେ ।
ଜନନୀର ଗୁରୁ ବେଦନା, ଭଗିନୀର ବିଷାଦ,
ସୁମରି ସପନେ ଚମକି ଭଙ୍ଗି ଯିବଟି ନିଦ ।
ଶୁଅ. ଶୁଅ, ଧନ, ଆଗମେ ଶୋଇ ଆଆରେ ଶିଶୁ,
ପଥଶ୍ରମ କରି ଆସିଛ, ଶ୍ରମେ ବିଗମ ମିଶୁ ।

[ନୀଳକଣ୍ଠ ଗ୍ରନ୍ଥାବଳୀ—ପୃ ୩୦୭]

କୁମାର ପୂର୍ଣ୍ଣିମାରେ ଛାତ୍ରମାନଙ୍କର ଉତ୍ସବରେ ଯୋଗ ନଦେଇ ପାରିବାରୁ କବିଙ୍କ ପ୍ରାଣରେ ଯେଉଁ ଉଦ୍‌ବେଗ ଓ ଅଶାନ୍ତି ଏବଂ ତାକୁ କେନ୍ଦ୍ର କରି ସେମାନଙ୍କର ଜନକ ଜନନୀ ପ୍ରାଣରେ ଯେଉଁ ଦୁଃଖ ଓ ବେଦନା ତାହାହିଁ ରୋମାଣ୍ଟିକତାର ଧର୍ମ । ଏହି ସମଗ୍ର କାବ୍ୟ ଖଣ୍ଡରେ କବି ବାସ୍ତବ ରାଜ୍ୟରୁ ଯାଇ ଅତୀତ ରାଜ୍ୟରେ ବିଚରଣ କରିଅଛନ୍ତି । ଏହି ଅତୀତ ପ୍ରୀତିରେ ଓ ଐତିହ୍ୟବାଦରେ କବିଙ୍କ ପ୍ରାଣରେ ପରମ ଉଲ୍ଲାସ ଜାଗି ଉଠିଛି । ରୋମାଣ୍ଟିକ୍ କଳ୍ପନାରେ ଅଭିଭୂତ ହୋଇ କବି ଛାତ୍ରମାନଙ୍କୁ କହି ଅଛନ୍ତି—

"ଐତିହାସିକ ଭୂମି ଏ ଏଥି ବ ଳକକଳ
ଇତିହାସ ସ୍ମୃତି—ପୁଲକେ ଲବେ ହେବେ ବିହ୍ୱଳ ।
ଗୁହିଁବେ କୋଣାର୍କ ଦେଉଳେ ଦିଗପ୍ରାଚୀର-ତଳେ;
ବୁଲି ଆସୁଥିବେ ପଇକେ ରାମଚଣ୍ଡୀ-ଶିଖରେ;
ବେଲେଶ୍ୱର-ବଂଶ ଅଦୂରେ ନାଚୁଥିବ ନୟନେ;
ଦେଖୁଥିବେ ବଡଦେଉଳେ କେବେ ନେତ୍ର-କୁଂଚନେ ।
ଅତୀତ-ବିଭବ-କାହାଣୀ କହି ବିବିଧ ରଙ୍ଗେ,
ଆମ୍ଭାକୁ ବିସୋରି ମିଶିବେ ପୂର୍ବ-ପୁରୁଷ-ସଙ୍ଗେ ।
ଅତୀତୁ ଅତୀତ ପ୍ରସାରେ ବହି ଜୀବନ ଧାର,
ବ୍ୟାପିଯିବେ ମହାବିସ୍ତାରେ ଭେଦି ଶରୀର କାର ।"

[ଏଜନ୍—ପୃ ୩୧୦]

Digitized by PPRACHIN, SOA

ବର୍ତ୍ତମାନ ସହ ଅତୀତକୁ ପ୍ରାଣରେ ମିଶାଇ ଦେଇ ଅତୀତର ଗୌରବରେ ଉଦବୁଦ୍ଧ ନହେଲେ ପ୍ରାଣ ସଂକୁଚିତ, ସେ ପ୍ରାଣର ବିସ୍ତାର ନାହିଁ । ଅତୀତ ସଂସ୍କୃତିର ଗୌରବ ଗାରିମାରେ ଚିତ୍ତବିସ୍ଫୋରିତ ନହେଲେ ଛାତ୍ରମାନଙ୍କର ମୁକ୍ତି ନାହିଁ । ସେମାନଙ୍କ ବିଦ୍ୟାର ସାର୍ଥକତା ନାହିଁ । ଅତୀତ ଉପରେ ଭବିଷ୍ୟତକୁ ଗଠନ କରିବାକୁ ହେବ । ପ୍ରତି ପଦକ୍ଷେପରେ ପଶ୍ଚାତ୍ ପ୍ରତି ଦୃଷ୍ଟି ନିକ୍ଷେପ କରିବାକୁ ହେବ । ତାହା ନହେଲେ ଭାରତର ରକ୍ଷା ନାହିଁ । କ୍ଲାସିକ୍ ରୋମାଣ୍ଟିକ୍ ସୋପାନ ବିଭାଗରେ ଯେପରି କୌଣସି ନିଷେଧ ବିଚ୍ଛେଦ ନାହିଁ, ସେହିପରି ଅତୀତ ଓ ବର୍ତ୍ତମାନ ମଧ୍ୟରେ କୌଣସି ବ୍ୟବଧାନର ସୀମାରେଖା ନାହିଁ । ଯେଉଁମାନେ କହନ୍ତି, ଅତୀତ ଅତୀତରେ ପରିଣତ ହୋଇଗଲାଣି, ଅତୀତର ସ୍ମୃତିରେ ବର୍ତ୍ତମାନ ସାହିତ୍ୟ ସଂସ୍କୃତିର କୌଣସି ଉନ୍ନତି ନାହିଁ, ସେମାନେ ଭ୍ରାନ୍ତ । ଆମ୍ଭେମାନେ କବିବର ରାଧାନାଥ ଚେତାଇ ଦେଇଥିବା ପଦଟି ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷ କରୁଛୁ ।

"ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର
ପାରିଲେ ଫିଙ୍ଗି ମୁଁ ପାଆନ୍ତି ନିସ୍ତାର" ।

କିନ୍ତୁ ପୂର୍ଣ୍ଣ କ୍ଲାସିକ୍ ଧର୍ମୀ ସାହିତ୍ୟର ପରାକାଷ୍ଠା ନୀଳକଣ୍ଠଙ୍କ "ଖାରବେଳ" ଐତିହାସିକ କାବ୍ୟରେ ଦେଖିବାକୁ ମିଳେ । ପୂର୍ବ ଅଧ୍ୟାୟରେ ଏହି କାବ୍ୟର ବିଶଦ ଆଲୋଚନା କରାଯାଇଥିଲେହେଁ କ୍ଲାସିକ ଧର୍ମର ସୂଚନା ଦେବା ନିମନ୍ତେ ଏଠି ତାହାର ଅବତାରଣା କରୁଛୁ । ପୂର୍ବରୁ କାବ୍ୟର କେତୋଟି ବିଭାଗ ନିର୍ଣ୍ଣୟ କରାଯାଇଥିଲା, ଏହା କିପରି କ୍ରମରେ ରଚନା କରାଯିବ ତାହାର ନିର୍ଦ୍ଦେଶ ଦିଆ ଯାଇଥିଲା । ପ୍ରଥମତଃ ଧର୍ମ ପ୍ରାଣ ହିନ୍ଦୁ ଦେବ ଦେବୀଙ୍କୁ ନମସ୍କାର ନ କରି କୌଣସି କାର୍ଯ୍ୟରେ ହାତ ଦେଉ ନଥିଲେ, ତେଣୁ "ନମସ୍କ୍ରିୟା" କାବ୍ୟ ରଚନାର ପ୍ରଥମ ସୋପାନ । ତାପରେ ବିଭିନ୍ନ ବିଷୟର ବର୍ଣ୍ଣନା ଓ ରସ ନିବେଦନର ପ୍ରଚେଷ୍ଟା । କବି ବିଶ୍ୱ ବିଧାତା ଭଗବାନଙ୍କୁ ଉଦ୍‌ବୋଧନ କରି ଲେଖିଛନ୍ତି –

'କାହାଘେନି ଏ ଜୀବନ-ମନ୍ଦିରେ
ଫୁଟେ ବିଶ୍ୱକଳା ବଇଭବ ?
କାହାଘେନି ନିଷ୍ଫଳ ଶୂନ୍ୟ ମହାକାଳ
ଲାଗିଯାଏ ଅନନ୍ତ ବିଭବ ?
କାହାଘେନି ଜଡ଼ପିଣ୍ଡେ ଫୁଟିଉଠେ ଦ୍ୟୁତି,
ବିଶ୍ୱତନ୍ତ୍ର ନିୟତି ଖେଳଇ ?

Digitized by PPRACHIN, SOA

କାହାଘେନି ବିଶାଳ ଏ ବିଶ୍ୱ ମହାଗୀତି
ରନ୍ଧ୍ରେ ରନ୍ଧ୍ରେ ବିଶ୍ୱେ ଯାଏ ବହି ।
× × × ×
× × × ×
ବହିଯାଏ କାଳଚକ୍ରେ ଯୁଗ ପରମ୍ପର
ମାନବତା ଲେଖୁଚି ଗରବେ;
ଅଚଳ ଭୂଧର କେତେ ଉଠେ ପଡ଼େ ନିତି
ବିଜ୍ଞାନ ତା ଗଣୁଚି ବିଭବେ ।
× × × × ×

[ଏକନ –୧ମଭାଗ ପୃ ୪୨୧]

ପଡ଼ିଯାଉ ବିଶ୍ୱରନ୍ଧ୍ରେ କବିତାର ଧାର
ଏ ଜୀବନ ଅନନ୍ତ ଉନ୍ମେଷେ;
ମିଶିଯାଉ କ୍ଷୀଣ ଏହି ମାନବ ସାଧନା
ସୃଷ୍ଟିର ପାସେ ଅନନ୍ତ ବିଳାସେ
ବିଷମ ଏ ସ୍ୱର୍ଗଲୀଳା, ସମ କିହେ ତୁମ୍ଭେ,
ରହସ୍ୟର ପୁଣ୍ୟ ଅନ୍ତରଳେ ?
ସେ ରହସ୍ୟ ପୁଣ୍ୟପୁରେ କ୍ଷୁଦ୍ର ଏ କଳ୍ପନା
ମିଶିଯାଉ ଅନନ୍ତ ସାଗରେ ।"

[ଏକନ –ପୃ ୪୨୧]

ଏହା ରୋମାଣ୍ଟିକ୍ ଧର୍ମୀ ହେଲେ ସୁଦ୍ଧା ଏଥିରେ ବିଶ୍ୱସ୍ରଷ୍ଟା ସେହି ବିଶ୍ୱ ବିଧାତାଙ୍କ ମହତ୍ତ୍ୱ ବିଚିତ୍ର ଭାବରେ ଓ ମହୀୟାନ ଗୌରବର ସହିତ ରୂପାୟିତ ହୋଇଅଛି । ମାନବର ଭାରତୀ ବିକାଶରେ ଗୀର୍ବାଣ ବିଭୂତି ସେହି ବିଶ୍ୱବିଧାତାଙ୍କର ମାୟାରେ କି ରହସ୍ୟରେ ଉଚ୍ଛ୍ୱସିତ ହୋଇଅଛି, ତାହା ଆମ୍ଭମାନଙ୍କୁ ଅଗୋଚର । ଏ ସବୁ ମହୀୟାନ ଭାବନାରାଜି କେବଳ କ୍ଲାସିକ୍ ସର୍ବସ୍ୱ ସାହିତ୍ୟର ପ୍ରାଣ । କିନ୍ତୁ ଭାରତୀୟ ଓ ୟୁରୋପୀୟ ପ୍ରାଚୀନ ସାହିତ୍ୟରେ ଏପରି ଜଟିଳ ଭାବରାଶି ଦ୍ୟୋତନା ବଡ଼ ଅଳ୍ପ କବି କରି ପାରିଛନ୍ତି । ଏଥିପାଇଁ କୁହାଯାଇ ପାରେ "ଖାରବେଳ" କାବ୍ୟର ନମସ୍କ୍ରିୟା ଛାନ୍ଦଟି ବିଶ୍ୱସାହିତ୍ୟରେ ଯେତିକି ଦୁର୍ବୋଧ୍ୟ, ସେତିକି ଅତୁଳନୀୟ ଓ ବିସ୍ମୟୋଦ୍ରେକକାରୀ । ଯେଉଁଠାରେ ବିଶ୍ୱ ବିସ୍ମୟ ବୋଧର ଉଦ୍ଭବ ଦେଖାଯାଏ, ସେହିଠାରେ ରୋମାଣ୍ଟିକ୍ ସାହିତ୍ୟର ସୃଷ୍ଟି ବୋଲି ମତ ବ୍ୟାଖ୍ୟାନ କରାଯାଇଛି । ତେଣୁ କ୍ଲାସିକ୍ ଓ ରୋମାଣ୍ଟିକ୍‌ର ମିଶ୍ରଣରେ ନୀଳକଣ୍ଠଙ୍କର କାବ୍ୟ ମହିମାନ୍ୱିତ ହୋଇ ଉଠିଛି ।

Digitized by PPRACHIN, SOA

କୋକିଳ ସମ୍ବନ୍ଧରେ ବହୁ ରୋମାଣ୍ଟିକ କବିତା ନାନା ଭାଷାରେ ଆମ୍ଭମାନଙ୍କର ଦୃଷ୍ଟି ଗୋଚର ହୁଏ । ଓ୍ୱାର୍ଡ଼ସଓ୍ୱାର୍ଥ ତାଙ୍କ କୋକିଳ କବିତାରେ ଲେଖି ଅଛନ୍ତି, "ରେ କୋକିଳ ! ତୁ କି ଅପୂର୍ବ ଜନ୍ତୁ । ତୋ ସ୍ଥିତି କାହିଁ, ତୁ କେଉଁଠାରେ ଅଛୁ । ଆଜି ଏ ଗଛରେ ତ କାଲି ସେ ଗଛରେ, ତାହା କେହି କହି ପାରିବ ନାହିଁ । କିନ୍ତୁ ତୋର ମଧୁର ମୋହନ ସଂଗୀତରେ ତୁ ଜଗତକୁ ଝଂକୃତ କରି ଦେଉ, ଏହି ତୋର ସ୍ଥିତି, ମୁଁ ଜୀବନଟା ଯାକ ତୋ ପଛରେ ଗୋଡ଼େଇଛି କିନ୍ତୁ ମୁଁ ତୋତେ ଦିନେ ସୁଦ୍ଧା ଦେଖି ପାରିଲି ନାହିଁ । ତଥାପି ତୁ ସୁଖମୟ ବସନ୍ତର ନବ ଅତିଥି ।"

ସତ୍ୟବାଦୀ ଯୁଗର ଅନ୍ୟତମ ବିଶିଷ୍ଟ କବି ଗୋଦାବରୀଶ ମିଶ୍ରଙ୍କର "ସତ୍ୟବାଦୀର ଦ୍ୱିତୀୟ ଖଣ୍ଡ ୧୩୨୪ ସାଲ ଅଷ୍ଟମ ଠାରୁ ଦ୍ୱାଦଶ ସଂଖ୍ୟାରେ "ପିକର ଆଦ୍ୟଗୀତି" ଶୀର୍ଷକ କବିତା ପ୍ରକାଶ ପାଇଥିଲା । ଗୋଦାବରୀଶ ରୋମାଣ୍ଟିକ କବି ଥିଲେ—କାବ୍ୟ ସେ ରଚନା କରି ନାହାନ୍ତି । ଯାହା ବି ରଚନା କରିଛନ୍ତି ତାହା ଗାଥା କବିତା । ଏହି "ପିକର ଆଦ୍ୟ ଗୀତି" କବିତାର ସାରମର୍ମ ହେଲା—କବି ସେତେବେଳେ କଲିକତାରେ ବି. ଟି. ପଢ଼ୁ ଥାନ୍ତି, ସେତିକିବେଳେ ଗୋଟିଏ ପୋଷା କୋଇଲିର ମଧୁର ଧ୍ୱନି ଦୂରରୁ ଭସି ଆସି ତାଙ୍କ କାନରେ ପଡ଼ିଲା । ଏହି ସଂଗୀତର ମୂର୍ଚ୍ଛନାରେ କବିଙ୍କର ରୋମାଣ୍ଟିକ ଭାବର କଳ୍ପନା ତାଙ୍କ ପ୍ରାଣରେ ଉଚ୍ଛ୍ୱସିତ ହୋଇ ଉଠିଲା । କବି ଲେଖିଲେ ।

"ଯୁବକ ଅନ୍ତରେ ପୂର୍ଣ ବାଣୀ ବିମୋହନ
ଶୁଣିଲି ନିମିଷ ଖେଳେ ଚପଳା ଯେସନ ।

ଜନତା ନିଦନା ଭେଦି ଏ ପୁର ପ୍ରବାସେ
କାହା କଣ୍ଠ ସ୍ୱର ଆହା ଭସି କାହୁଁ ଆସେ ।

ବନେ ବନେ ଉଡ଼ି ଉଡ଼ି ଗାଇଲୁ ଗାଇଲେ
ସରସେ ବରଷିବାର ସୁଧା ଅବହେଳେ ।"

କୋକିଳର ଦୁଇଟି ପଦ ଲୌହ ଶିକୁଳିରେ ଆବଦ୍ଧ । ବନରେ ଚରି ବୁଲିବାର ସ୍ୱାଧୀନତା, ତାର ନାହିଁ । ବନର ସୁଷମାରେ ମୁଗ୍ଧ ହୋଇ ଶ୍ୟାମଳ ବିପିନରେ ପଲ୍ଲବ ଗହଳରେ ତରୁ ଡ଼ାଳରେ ମଳୟାନିଳରେ, ସେ ତାର କଣ୍ଠଧାର ଢାଳି ଦେଉ ନାହିଁ । ଏତେ ସଂପଦ ଛାଡ଼ି କି ପରଣ ବାସନା ନେଇ ହେ ପିକ;

Digitized by PPRACHIN, SOA

ତୁ ଆଜି ଏ ଗାନ କରୁଛୁ । ଏପରି ଗାଇବା ତୋର ଉଚିତ ନୁହେଁ । ଉପସଂହାରରେ କବି ଲେଖି ଅଛନ୍ତି—

"ସେ ସୁଧା ସରଗ ଦେଶେ ନିମିଷେ ମାତର
ବିସୋରି ପରଣ ସୁଖେ ଖେଳି ବୁଲିବାର ।
ପିଞ୍ଜରେ ଗାଇବା ପିକ ମଣୁ କି ଉଚିତ
ତୁନି ହୁଅ, ତୁନି ହୁଅ ହେଲଣି ବହୁତ ।"

"ପିକର ଆଦ୍ୟଗୀତି" କବିତାର ତତ୍ପର୍ଯ୍ୟ ହେଲା, ପିକ ବନ ମଧ୍ୟରେ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ଭାବରେ ପ୍ରକୃତିର ମୋହନ ପରିବେଶ ମଧ୍ୟରେ ଯେଉଁ ସଂଗୀତର ମୂର୍ଚ୍ଛନା ଢ଼ାଳିଦିଏ, ତା' ତୁଳନାରେ ଆଜିର ଏ ପରାଧୀନ ଭାବରେ ଚରଣରେ ଶୃଙ୍ଖଳ ପିନ୍ଧି ଯେଉଁ ଗାନ କରୁଛି, ସେ ଗାନ କବିଙ୍କୁ ପରିତୃପ୍ତି ଦେଇ ପାରୁ ନାହିଁ ।

ନୀଳକଣ୍ଠ ତାଙ୍କର ଅନୁବାଦିତ "ପ୍ରଣୟିନୀ" କାବ୍ୟର ମଝିରେ ମଝିରେ ବିଷୟ ବସ୍ତୁକୁ ଉପଭୋଗ୍ୟ ଓ ମନୋଜ୍ଞ କରିବା ନିମନ୍ତେ ବେଳେବେଳେ ଯେଉଁ ସଂଗୀତଟିମାନ ରଚନା କରିଅଛନ୍ତି, ତାହା ତାଙ୍କର ମୌଳିକ ଚିନ୍ତାପ୍ରସୂତ । ସେ 'ପ୍ରଣୟିନୀ'ର ଚତୁର୍ଥ ସର୍ଗରେ କୋକିଳକୁ କେନ୍ଦ୍ର କରି ଗୋଟିଏ ପ୍ରୀତିକର କବିତା ରଚନା କରିଅଛନ୍ତି । ସେ କବିତାଟି ରୋମାଣ୍ଟିକ୍ ଧର୍ମୀ । ସେଥିରେ ଅଛି :—

"ଯାଅ ରେ କୋକିଳ, ସେ ଦକ୍ଷିଣ ଦେଶେ, ଯାଅ ପ୍ରଣୟିନୀ ପାଶେ,
ଅରୁଣ–ଧଉତ ବାତାୟନେ ତାର ବସି, ଗାଅ ମଧୁ ଭାଷେ ।
କଳ କଣ୍ଠେ ତବ ପିୟୁଷ ବରଷୁ, ସେ ଅରୁଣ ବାତାୟନେ,
ଗାଅ ତହିଁ ମୋର ପରାଣର ବାଣୀ ପ୍ରେମର ମଧୁର ସ୍ୱନେ ।
ଜାଣୁ ତରେ ପିକ, ପ୍ରଣୟି ଯୁଗଳେ, କହ ଯାଇ ସେ ବିଦେଶେ,
ସେ ଦେଶ ଏ ଦେଶ ଆଗ୍ରର ବିଗ୍ରର ଗାଅ ପ୍ରଣୟିନୀ ପାଶେ ।
ଉଜ୍ଜ୍ୱଳ ଦକ୍ଷିଣ କି ଭୀଷଣ ଦେଶ ! ଅବିଶ୍ୱାସୀ ଜନେ ତହିଁ,
ତମସ ଉତ୍ତରେ କୋମଳ ପରାଣେ ତିଳେ ଅବିଶ୍ୱାସ ନାହିଁ ।
ଥାଆନ୍ତାରେ ପିକ, ପତତ୍ର ମୋହର ତୋ' ତୁଲେ ଯାଆନ୍ତି ଉଡ଼ି,
ଓହ୍ଲାଇ ବସନ୍ତି ବାତାୟନ ଚୂଳେ ଯାଆନ୍ତା ପରାଣ ପୂରି !

× × ×

ପ୍ରଣୟ-ବନ୍ଧନେ ବାନ୍ଧି ଦିଅ ତାଙ୍କୁ, ହେଉ ସେ ଦୋସର ମମ;
କହ ତାଙ୍କୁ, ମୁହିଁ ଯାଉଛି ତୋ' ତୁଲେ, ହେବ ପ୍ରେମ ସମାଗମ ।

[ ଏଜନ୍—୫ମ ଭାଗ ପୃ ୨୪୭ ]

ଉଭୟ ନୀଳକଣ୍ଠ ଓ ଗୋଦାବରୀଶ କଟକ ଏବଂ କଲିକତାରେ ଘନିଷ୍ଠ ଭାବରେ ବନ୍ଧୁତା ବାନ୍ଧିଥିଲେ । ଦୁହିଁଙ୍କ ମଧ୍ୟରେ ଅଭେଦ୍ୟ ପ୍ରୀତି ଥିଲା । ଅବଶ୍ୟ ଗୋଦାବରୀଶ ନୀଳକଣ୍ଠଙ୍କ ଠାରୁ ବୟସରେ ଦୁଇ ବର୍ଷ ସାନ । ପାଠ ପଢ଼ାରେ ମଧ୍ୟ ସେହିପରି । ନୀଳକଣ୍ଠ ୧୯୧୧ ମସିହାରେ ଦର୍ଶନ ଶାସ୍ତ୍ରରେ ଏମ୍. ଏ, ପାଶ୍ କରି ସତ୍ୟବାଦୀ ବିଦ୍ୟାଳୟରେ ଆସି ଯୋଗ ଦେଲେ । କିନ୍ତୁ ଗୋଦାବରୀଶ ଏମ୍. ଏ ପାସ କରି ୧୯୧୩ ଖ୍ରୀଷ୍ଟାବ୍ଦରେ ଯୋଗଦେଲେ ନାହିଁ

Digitized by PPRACHIN, SOA

ଛାତ୍ରାବାସରେ ଏକତ୍ର ବାସ କରିବାକୁ ଲାଗିଲେ । ଦୁହିଁଙ୍କର ଚିନ୍ତା ଓ ସାହିତ୍ୟ ଚର୍ଚ୍ଚା ଏକାଧାରରେ ପ୍ରବାହିତ ହେଲା । ଦୁହେଁ ହେଲେ ସତ୍ୟବାଦୀର ନିଷ୍ଠାପର ଆଦର୍ଶ ଶିକ୍ଷକ । ଦୁହେଁ ହେଲେ ଉତ୍କଳ ଜନନୀଙ୍କର ପରମ ଭକ୍ତ । ଦୁହେଁ ଓଡ଼ିଶାରେ ସାହିତ୍ୟ ଚର୍ଚ୍ଚାର ନୂତନ ଆଭିମୁଖ୍ୟ ସୃଷ୍ଟି କଲେ । ଦୁହେଁ ଏକତ୍ର ବିଦ୍ୟାଳୟକୁ ଯାଆନ୍ତି, ବିଦ୍ୟାଳୟରୁ ଫେରନ୍ତି ଏକତ୍ର । ଗାଧୋଇବାକୁ ଯାଆନ୍ତି ଏକତ୍ର, ଏବଂ ନୀଳକଣ୍ଠଙ୍କର ଲୁଗା ମଧ୍ୟ ସମୟେ ସମୟେ ଗୋଦାବରୀଶ ଧୋଇ ଦିଅନ୍ତି । ସେ ଗାଧୋଇ ଆସିଲା ବେଳେ ତାଙ୍କ ଖଡମ ଦୁଇଟି ଆଣି ଯଥା ସ୍ଥାନରେ ଥୋଇ ଦିଅନ୍ତି । ପିଲାଏ କହନ୍ତି ଗୋଦାବରୀଶ ହେଉଛନ୍ତି ନୀଳକଣ୍ଠଙ୍କର "ବୁଢ଼ୁଗୁବୁହା ଗୁକର" । କିନ୍ତୁ ଏତେ ଘନିଷ୍ଠତା ଓ ଅନ୍ତରଙ୍ଗତା ସତ୍ତ୍ୱେ କବିତା ରଚନାର ବିଚିତ୍ର ଭଙ୍ଗୀରେ ଓ ରଚନା ଶୈଳୀର ଚମତ୍କାରିତାରେ ଦୁହିଁଙ୍କ ମଧ୍ୟରେ ଏତେ ପ୍ରଭେଦ କାହିଁକି ? ଏହାର କାରଣ ଆଉ କିଛି ନୁହେଁ, କେବଳ ଦୁଇଜଣଙ୍କର ପୂର୍ବ ଜନ୍ମାର୍ଜିତ କବି ପ୍ରତିଭା । ତେଣୁ ୧୩୨୪ ସାଲରେ ଯେତେବେଳେ ସତ୍ୟବାଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୁଏ ସେତେବେଳେ ନୀଳକଣ୍ଠ ଗୋଟିଏ ପ୍ରାରମ୍ଭିକ ସଂଗୀତ ଲେଖିଥିଲେ । ତାର ନାମ ଦେଲେ ସଂକୀର୍ତ୍ତନ । ଏହା ପ୍ରକାଶ ପାଇଥିଲା ସତ୍ୟବାଦୀର ତୃତୀୟ ଖଣ୍ଡର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ । କବିତାର ପାଦ ଟୀକାରେ ଲେଖାଥିଲା "ସତ୍ୟବାଦୀ ବିଦ୍ୟାଳୟର ସ୍ଥାପନ ଦିବସ" ଉତ୍ସବ ଉପଲକ୍ଷେ ରଚିତ ସଂକୀର୍ତ୍ତନଟି ହେଲା ।

ସୁନ୍ଦର ସେ ମଙ୍ଗଳମୟ ହରି ସତ୍ୟରସେ ବାଳକ ହୃଦୟ ଭରି ପୂଣ୍ୟ ବିଭବ ଧରି
ପ୍ରେମ ପୁଲକ ଉଠୁ ଭକ୍ତି ବଶେ ।
ଶୋଭନ ସଂପଦ ତବକୃତି ନିଖିଳା ସଂସ୍କୃତି ଚିର ତବ ମଙ୍ଗଳ ଲୀଳା
ଶୁଭ ସେ ବୋଧନ ଲଭୁ ଲବ ଶିଶୁଜନ
ଉଲ୍ଲସି ବିକଶି ବସେ ନିମିଷେ । ଇତ୍ୟାଦି ।

ଏହାର ଗାଢ଼ ଶବ୍ଦ ବିନ୍ୟାସ ଏହାର ଗମ୍ଭୀର ଭାବର ଉଦ୍‌ବୋଧନ, ସଂସ୍କୃତ ଗୁରୁଲଘୁ ନିୟମ ଏବଂ ସଂକୀର୍ତ୍ତନ ଛନ୍ଦରେ ବିରଚିତ ଏହି କବିତାଟି ଯେ ରଚନା ଶୈଳୀ କିମ୍ବା ପ୍ରକାଶ ଭଙ୍ଗୀ ଦୃଷ୍ଟିରୁ ନୀଳକଣ୍ଠଙ୍କର ଏଥିରେ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । କିନ୍ତୁ ଗୋଦାବରୀଶ କାହିଁକି ଏମିତି ସଂସ୍କୃତ ଗୁରୁ ଲଘୁ ନିୟମରେ ଉଦ୍‌ବୋଧନମୟୀ କବିତା ରଚନା କରି ପାରି ନଥିଲେ, ତାହାର କାରଣ ସ୍ପଷ୍ଟ । ଗୋଦାବରୀଶ କୋମଳ ପ୍ରାଣ ଓ କଳ୍ପନାପ୍ରବଣ କବି ଥିଲେ । ନୀଳକଣ୍ଠଙ୍କର ଅଗାଧ ମନୀଷା, ଓ ପାଣ୍ଡିତ୍ୟ ତାଙ୍କଠାରେ ନଥିଲା । ସଂସ୍କୃତ ସାହିତ୍ୟରେ ତାଙ୍କର ବ୍ୟୁତ୍ପତ୍ତି ନଥିଲା । ସତ୍ୟବାଦୀ ବିଦ୍ୟାଳୟର ସ୍ଥାପନ ବାର୍ଷିକ ଦିବସ ଉତ୍ସବ' ଉପଲକ୍ଷେ ତୁଙ୍ଗ 'ଶିଖରୀ ଚୂଳ' ବୋଲି ଯେଉଁ କବିତାଟି ଗୋଦାବରୀଶ ରଚନା କରିଥିଲେ ଓ ଯାହା ଏବେ ସୁଦ୍ଧା ଓଡ଼ିଆ ଜାତୀୟ ସମ୍ମିଳନୀ ଉଦ୍‌ବୋଧନ ଗୀତିକା ରୂପେ ସଭା ସମିତିରେ ପିଲାମାନେ ବୋଲନ୍ତି, ତାହା ଗୁରୁ ଲଘୁ ସ୍ୱରରେ ଗାଇବା ଲାଗି ଉଦ୍ଦିଷ୍ଟ ଥିଲେହେଁ, ତାହାର ରଚନା ଶୈଳୀ ସ୍ୱତନ୍ତ୍ର ଧରଣର ଓ ତାହା କେବଳ ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ କବି ପ୍ରାଣର ମୂର୍ଚ୍ଛନା ହିଁ ସୂଚିତ କରେ ।

Digitized by PPRACHIN, SOA

# ସାହିତ୍ୟ ଓ ସମାଲୋଚନା

## ନୀଳକଣ୍ଠଙ୍କ ଦୃଷ୍ଟିରେ ରାଧାନାଥ, ମଧୁସୂଦନ, ଫକୀର ମୋହନ ଓ ଉପେନ୍ଦ୍ର ଭଞ୍ଜ

### ନୀଳକଣ୍ଠଙ୍କ ଦୃଷ୍ଟିରେ ରାଧାନାଥ

ସତ୍ୟବାଦୀ ମାସିକ ପତ୍ରିକା ଦେଖିଲେ ଜଣାଯାଏ ଯେ "ଉଦ୍ଭିଦ ରହସ୍ୟ" "ଆର୍ଯ୍ୟଜୀବନ" ଓ ଭଞ୍ଜୀୟ କାବ୍ୟର ଅନୁଶୀଳନୀ ଏବଂ ଫକୀରମୋହନଙ୍କ ଉପନ୍ୟାସର ପର୍ଯ୍ୟାଲୋଚନା, ସବୁ ପ୍ରାୟ ଏକ ସମୟରେ ନୀଳକଣ୍ଠଙ୍କର ଲେଖନୀରୁ ଅବିଶ୍ରାନ୍ତ ଧାରରେ ନିର୍ଗତ ହୋଇ ଉତ୍କଳ-ସାହିତ୍ୟର ନୀରସ ଓ ଶୁଷ୍କ ଭୂମିକୁ ଉର୍ବର କରିଥିଲା । ସମାଲୋଚନା ସାହିତ୍ୟରେ ତାଙ୍କର ପ୍ରଥମ ପଥ-ପ୍ରଦର୍ଶକ ହେଲେ, ରାଧାନାଥ । ରାଧାନାଥଙ୍କ ଶ୍ରାଦ୍ଧ ଦିବସରେ ଅର୍ଥାତ୍ ୧୯୦୮ ମସିହାରେ 'ରାଧାନାଥ ଓ ଉତ୍କଳ ସାହିତ୍ୟ' ପ୍ରବନ୍ଧଟି ସେଣ୍ଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନ୍‌ର ଦ୍ୱାଦଶ ଅଧିବେଶନରେ ପଠିତ ହୋଇଥିଲା । ପରେ ଟିକିଏ ପରିବର୍ଦ୍ଧିତ ହୋଇ 'ମୁକୁର' ମାସିକ ପତ୍ରିକାର ତୃତୀୟ ବର୍ଷରେ (୧୯୦୮—୧୯୦୯) ଦ୍ୱିତୀୟ ଥର ପ୍ରକାଶିତ ହୋଇଥିଲା । ଏହା ପୂର୍ବରୁ ମଧ୍ୟ ସେ କେତେ ଗୁଡ଼ିଏ ପ୍ରବନ୍ଧରେ ତତ୍‌କାଳୀନ ସମାଜର କୁସଂସ୍କାର ବିରୁଦ୍ଧରେ ତୀବ୍ର ସମାଲୋଚନା ମାନ 'ଉତ୍କଳ ସାହିତ୍ୟ' ଓ 'ମୁକୁର'ରେ ପ୍ରକାଶ କରିଥିଲେ—ଏମାନଙ୍କ ମଧ୍ୟରେ 'ନିଶ', 'ମୋ ନିଶ' 'ଆମ୍ଭେ ଅଛୁଁ ଓ ହେବୁ" 'ପ୍ରତିମା ପୂଜା ଓ ପ୍ରତିଭା ପୂଜା ପ୍ରଭୃତି ପ୍ରବନ୍ଧ ଅନ୍ତର୍ଗତ । ସେ ସବୁର ଆଲୋଚନାର ଆବଶ୍ୟକତା ଏଠାରେ ଆମ୍ଭେମାନେ ଉପଲବ୍ଧି କରୁନାହୁଁ । ସେ ସବୁ ସାମାଜିକ ବିଷୟ । ସେଥିରେ ନୀଳକଣ୍ଠଙ୍କର ଅପରିପକ୍ୱ ବୟସରେ ବି ଯଥେଷ୍ଟ ସମାଜ ସଂସ୍କାର ଲିପ୍ସା ବିଦ୍ୟମାନ ଥିବାର ଏବଂ ସ୍ଥାନେ ସ୍ଥାନେ ଏହି ସବୁ ପ୍ରବନ୍ଧ, ସେତେବେଳର କଠୋର ବ୍ୟଙ୍ଗରେ ପରିପୂର୍ଣ୍ଣ ହୋଇ ଥିବାର ଦେଖିବାକୁ ମିଳେ । ସେ ବିଷୟ କେହି କେହି ଆଲୋଚନା କରିଅଛନ୍ତି । ତେଣୁ କେବଳ ତାଙ୍କର ସାହିତ୍ୟ ସମାଲୋଚନାର ଅନ୍ତରାଳରେ ଥିବା ଦିଗଦର୍ଶନ ଏଠାରେ ଆଲୋଚନା କରିବା ଆମ୍ଭମାନେ ଆବଶ୍ୟକ ମନେ କରୁଛୁ । ନୀଳକଣ୍ଠ ରାଧାନାଥଙ୍କ ସମ୍ବନ୍ଧରେ ଯାହା ଲେଖିଥିଲେ, ତାହା ଅତ୍ୟନ୍ତ ଚିନ୍ତା-ଗର୍ଭକ

Digitized by PPRACHIN, SOA

ଏବଂ ମନୀଷା ପୂର୍ଣ୍ଣ । ସେ ସେହି ପ୍ରବନ୍ଧରେ ଲେଖି ଅଛନ୍ତି "କବିତା ରସ ମାଧୁର୍ଯ୍ୟମ୍ କବିର୍ବେତ୍ତି ନ ତତ୍ କବି" । କବିଙ୍କ ମନର ଭାବ ଓ ଭାଷାର ପ୍ରଭାବ ସୁବୋଧ୍ୟ କରି ଦେଖାଇ ଦେବା ଯେ କୌଣସି ବ୍ୟକ୍ତିର କର୍ମ ନୁହେଁ । ପାଣ୍ଡିତ୍ୟର ବିଚକ୍ଷଣତ ଓ ବିଜ୍ଞାନର ଗବେଷଣାରେ ନିଷ୍ଠା ନଥିଲେ ରାଧାନାଥଙ୍କ କୃତିତ୍ୱ ଉପଲବ୍ଧି କରିବା ସମ୍ଭବପର ନୁହେଁ ଏବଂ ସେଥି ନିମନ୍ତେ 'କବି' ଲୋଡ଼ା ।ବିଦ୍ୟାଭ୍ୟାସରେ କବିତା ଆସେ ନାହିଁ । ପାଣ୍ଡିତ୍ୟରୁ ତାହାର ଉତ୍ପତ୍ତି ନୁହେଁ । ତାହା ହୃଦୟର ଏକ ସ୍ୱତନ୍ତ୍ର ବୃତ୍ତି ।" ଏହି ତତ୍ତ୍ୱପୂର୍ଣ୍ଣ ସମାଲୋଚନା ସେ ସତ୍ୟବାଦୀରେ ଯୋଗ ଦେବା ପୂର୍ବରୁ ଏପରି କି ବି.ଏ. କ୍ଲାସର ଛାତ୍ର ଥିବାବେଳେ ଲେଖିଥିଲେ, "ଆମ୍ଭେ ବାରମ୍ବାର କହୁଅଛୁ, ସତ୍ୟବାଦୀ ବିଦ୍ୟାଳୟର ପରିସର ମଧ୍ୟରେ ଆମ୍ଭର ଗ୍ରନ୍ଥ ଆବଦ୍ଧ ରହିବ ।" କିନ୍ତୁ 'ରାଧାନାଥ ଓ ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ପ୍ରବନ୍ଧର ଉପଯୋଗିତା ଏ ଗ୍ରନ୍ଥରେ ଅଛି । କାରଣ ନୀଳକଣ୍ଠ ରାଧାନାଥଙ୍କୁ ସଂପୂର୍ଣ୍ଣରୂପେ ବୈଦେଶିକ ସାହିତ୍ୟର ପ୍ରଭାବରେ ପ୍ରଭାବିତ ବୋଲି ପ୍ରମାଣ କରି ଏବଂ ରାଧାନାଥ ପ୍ରାଚ୍ୟ ତଥା ଉତ୍କଳୀୟ ସଂସ୍କୃତିକୁ କଳଙ୍କିତ କରିଥିବାର ଦର୍ଶାଇ କ୍ଷୋଭର ସହ ଲେଖିଅଛନ୍ତି,

"କବିଙ୍କି ସୁମରି ବିଭରେ ମୂର୍ଖ ଫେରଅ ପଛେ" । ଏଥିପାଇଁ ନୀଳକଣ୍ଠଙ୍କୁ ନାନା ସାହିତ୍ୟିକ ଓ ସାହିତ୍ୟ ସମାଲୋଚକମାନଙ୍କର ଶରବ୍ୟ ହେବାକୁ ପଡ଼ିଛି ଓ ତାଙ୍କ ମୃତ୍ୟୁପରେ ମଧ୍ୟ ପଡୁଛି । କେହି କେହି ମଧ୍ୟ କହନ୍ତି ନୀଳକଣ୍ଠ ନିଜେ ରାଧାନାଥଙ୍କୁ ଅବଲମ୍ବନ କରି ତାଙ୍କୁ ବୈଦେଶିକ ପ୍ରଭାବରେ ଅନୁପ୍ରାଣିତ ବୋଲି ପ୍ରମାଣ କରିବା ତାଙ୍କ ଧୃଷ୍ଟତାର ପରିଚାୟକ । ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ଭିନ୍ନ ଭିନ୍ନ ରୁଚିର ଲୋକ ଏ ସମାଜରେ ଅଛନ୍ତି ଏବଂ ଅପରିଣତ ଓ ପରିଣତ ବୟସର ରୁଚି ଭିନ୍ନ ହୋଇଥାଏ । ୧୯୦୮ ମସିହାରେ ନୀଳକଣ୍ଠ ରାଧାନାଥଙ୍କୁ ଲକ୍ଷ୍ୟ କରି ଲେଖିଥିଲେ, ଅବଶ୍ୟ ଏହି ଆଶାର ଯୁଗରେ ସାହିତ୍ୟିକ କ୍ରମୋନ୍ନତି ଦ୍ରୁତ ଗତିରେ ଅଗ୍ରସର ହେବ ଏବଂ ଅଚିରେ ସାହିତ୍ୟ ମୁକୁରରେ ଭିନ୍ନ ଭିନ୍ନ ପ୍ରତିଭାର ବ୍ୟକ୍ତିତ୍ୱ ଓ ଆଦର୍ଶ ଇତର ବିଶେଷ ପରିମାଣରେ ପ୍ରତିବିମ୍ବିତ ହେବ । କିନ୍ତୁ ରାଧାନାଥଙ୍କ ଶକ୍ତି ଯେ କେବଳ ବହୁକାଳ ପର୍ଯ୍ୟନ୍ତ ସେହି ସେହି ପ୍ରତିଭାର ସେହି ସେହି ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ କରିବ, ସେତିକି ନୁହେଁ, ରାଧାନାଥ ଯୁଗ ପ୍ରବର୍ତ୍ତକ ରୂପେ ଉତ୍କଳ ସାହିତ୍ୟରେ ଅମରତ୍ୱ ଲାଭ କରିବେ ।" ୧୯୦୮ ମସିହାରେ ଯେ ଏପରି ଭୂୟସୀ ପ୍ରଶଂସା ବାଣୀରେ ଉତ୍କଳ ସାହିତ୍ୟର ଗଗନ, ପବନକୁ ମୁଖରିତ କରିଥିଲେ, ସେ ୧୯୧୯ ବେଳକୁ ରାଧାନାଥଙ୍କ ପ୍ରତି ଏପରି

Digitized by PPRACHIN, SOA

ବିମନା ହେଲେ କାହିଁକି ? ଏ ସଂପର୍କରେ ସ୍ୱତନ୍ତ୍ର ପ୍ରବନ୍ଧରେ ବିଶେଷ ଆଲୋଚନା କରିବାର ଅଭୀପ୍‌ସା ରହିଲା । ନୀଳକଣ୍ଠଙ୍କର ଏହି ସମାଲୋଚନା ଯେ କି ସୁଗଭୀର ପାଣ୍ଡିତ୍ୟର ବିଚକ୍ଷଣତା ଓ ଗବେଷଣା ଉପରେ ପ୍ରତିଷ୍ଠିତ, ତାହା କହିବା ନିଷ୍ପ୍ରୟୋଜନ ।

## ମଧୁସୂଦନ—

ଏହାପରେ ଅବଶ୍ୟ, ୧୩୨୩ ସାଲରେ 'ଉତ୍କଳ ସାହିତ୍ୟ ୨୦ମ ଭାଗ ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ ତାଙ୍କର "ଓଡ଼ିଆ ସାହିତ୍ୟରେ ମଧୁସୂଦନ" ପ୍ରବନ୍ଧ ପ୍ରକାଶ ପାଇଥିଲା । ଏ ପ୍ରବନ୍ଧ ମଧ୍ୟ ପାଣ୍ଡିତ୍ୟପୂର୍ଣ୍ଣ ଓ ବୈଜ୍ଞାନିକ ଗବେଷଣା ସମ୍ମତ । ମଧୁସୂଦନ ସତ୍ୟ-ବାଦୀରେ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ ଇଙ୍ଗିତ ଦେଇଥିଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସତ୍ୟବାଦୀ ବକୁଳ ବନରେ ପୁରୀ ଜିଲ୍ଲା ସ୍କୁଲ ଶିକ୍ଷା ସମ୍ମିଳନୀ ହୋଇଥିଲା, ସେହି ସମୟରେ ପ୍ରଦତ୍ତ ମଧୁସୂଦନ-ଙ୍କର ମର୍ମସ୍ପର୍ଶୀ ବକ୍ତୃତା ଏବେ ମଧ୍ୟ ଆମ୍ଭମାନଙ୍କର ମନୋରାଜ୍ୟରେ ଦୀପ୍ତିମନ୍ତ ହୋଇ ରହିଛି । ନୀଳକଣ୍ଠ ମଧୁସୂଦନଙ୍କୁ କେବଳ ସାହିତ୍ୟ ଗୁରୁ ନୁହେଁ, ମନୁଷ୍ୟ-ତ୍ୱର ବିଶ୍ୱ-ଗୁରୁ ରୂପେ ପ୍ରତିପାଦନ କରି ଅଛନ୍ତି । ତଥାପି ନୀଳକଣ୍ଠ ଲେଖି ଅଛନ୍ତି, "ସମସ୍ତ ସମାଲୋଚନାରେ ସାହିତ୍ୟର ଅଭିବୃଦ୍ଧି ଆମ୍ଭମାନଙ୍କର କାମନା । ବ୍ୟବଚ୍ଛେଦର ବୀଭତ୍ସତାରେ ଯଦି କେବଳ ଚିତ୍ତ ବିକୃତି ଜନ୍ମିବାର ଆଶଙ୍କା ଥାଏ, ତେବେ ସେ ପ୍ରକାର ସମାଲୋଚନା ବେଳେ ଲେଖନୀର ଧୀରତା ସର୍ବାଦୌ ପ୍ରୟୋଜନୀୟ । ସମାଲୋଚନାର ତୀବ୍ରତାରେ ପାଣ୍ଡିତ୍ୟ ଓ ବିଚକ୍ଷଣତା ଥାଇ ପାରେ ! କିନ୍ତୁ ଉପଯୋଗିତାର ଅଭାବ ହେଲେ ତାହା ଗୋଟିଏ ବିଡ଼ମ୍ବନା ।" ଏତେ ଭକ୍ତି ଓ ସମାଦର ସତ୍ତ୍ୱେ ନୀଳକଣ୍ଠ ମଧୁସୂଦନଙ୍କୁ ପ୍ରଶଂସା କଲେ ମଧ୍ୟ ତାଙ୍କର ସଂସ୍କୃତ ଶବ୍ଦର ବହୁଳ ଦୀର୍ଘ ସମାସଯୁକ୍ତ ଓ ବିଜଡ଼ିତ ବାକ୍ୟ ମାନଙ୍କୁ ନିରପେକ୍ଷ ଭାବରେ ସମାଲୋଚନା କରି ଅଛନ୍ତି । ତାଙ୍କର ଗଦ୍ୟ ବୃଦ୍ଧ ଫକୀର ମୋହନଙ୍କ ଠାରୁ ପୃଥକ, ଏ କଥା ମଧ୍ୟ ସେ ସ୍ପଷ୍ଟ ଭାବରେ ସୂଚାଇ ଦେଇ ଅଛନ୍ତି । ସେ ଗୋଟିଏ ସ୍ଥାନରେ ଲେଖିଛନ୍ତି,—"ଲେଖନ ପଦ୍ଧତି ବିଗ୍ଭର କଲେ ମଧୁସୂଦନଙ୍କ ଗଦ୍ୟ, ପଦ୍ୟରେ ବିଶେଷ ପ୍ରଭେଦ ନାହିଁ । ତତ୍‌ସମ ଶବ୍ଦର ପ୍ରାଚୁର୍ଯ୍ୟ, ସାଧାରଣଙ୍କ ପକ୍ଷରେ ଦୁର୍ବୋଧ୍ୟତା, ଶବ୍ଦ ବିନ୍ୟାସ ଓ ସ୍ୱର ସଙ୍ଗୀତ ବିକାଶରେ ଶ୍ରମପରତା, ଭାବ ଓ ଯତି ନିୟମ ଆଦିର ପବିତ୍ରତା ପ୍ରଭୃତି ପଦ୍ୟରେ ସର୍ବତ୍ର ସ୍ପଷ୍ଟ । ଲେଖା ସର୍ବଦା ପ୍ରଣାଳୀବଦ୍ଧ ଓ ରୁଚି ସଂପନ୍ନ ।"

Digitized by PPRACHIN, SOA

ତଥାପି ସେ ମଧୁସୂଦନଙ୍କର ଦୋଷ ଦେଖାଇବାରୁ ମଧ୍ୟ ନିବୃତ୍ତ ହୋଇ ନାହାନ୍ତି । ଉଦାହରଣ ସ୍ୱରୂପ—

"ମା ନିଷାଦ ପ୍ରତିଷ୍ଠା ତ୍ୱମ୍ ଗମଃ ଶାଶ୍ୱତୀ ସମାଃ
ଯତ କ୍ରୌଞ୍ଚ ମିଥୁନା ଦେକ୍ ମବଧୀଃ କାମ ମୋହିତ ।

ଶ୍ଳୋକର ଅନୁବାଦ ହୋଇଅଛି,

ନ ପାଇବୁ ପ୍ରତିଷ୍ଠା ତୁରେ ବ୍ୟାଧ କାଳ ଶାଶ୍ୱତ
ବଧିଲୁ କ୍ରୌଞ୍ଚ ଯୁଗ୍ମ, ହା ଗୋଟିଏ କାମ ମୋହିତ ।

କିନ୍ତୁ ଅନୁବାଦ ଯାହାହେଉ, ଉଦ୍ଦେଶ୍ୟରେ ଏଥିରେ ଅପଳାପ ନାହିଁ ପଦ୍ମରେ କଣ୍ଟକ ଅଛି, ଚନ୍ଦ୍ରରେ କଳଙ୍କ ଅଛି, ସାଧନାରେ ଶ୍ରମ ଅଛି, ସୁଖ ସ୍ପୃହାରେ ବ୍ୟସନ ଅଛି । କାଳିଦାସ ସେଥିପାଇଁ କହିଅଛନ୍ତି—

"ପ୍ରାୟେଣସାମଗ୍ର୍ୟ ବିଧୌ ଗୁଣନାଂ
ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ ।"

ଏ ହେଲା ତାଙ୍କ ମଧୁସୂଦନଙ୍କ ସାହିତ୍ୟର ସମାଲୋଚନାର ଭୂମିକା ।

## ସାହିତ୍ୟର ସମାଲୋଚନା ଗୋପବନ୍ଧୁଙ୍କ ଦୃଷ୍ଟିରେ

ଓଡ଼ିଆ ସାହିତ୍ୟରେ ପ୍ରକୃତ ଗବେଷଣା ସମ୍ମତ ବୈଜ୍ଞାନିକ ପଦ୍ଧତିରେ ସମାଲୋଚନାର ଅଭାବ ଉପଲବ୍ଧି କରି ପୁଣ୍ୟାତ୍ମା ଗୋପବନ୍ଧୁ ଥରେ 'ସତ୍ୟବାଦୀ'ର ଷଷ୍ଠ ଖଣ୍ଡ (୧୩୨୮ ସାଲ ପ୍ରଥମ ଖଣ୍ଡ) ରେ 'ସତ୍ୟବାଦୀର ନବପ୍ରସ୍ଥ' ଶିରୋନାମାରେ ଲେଖିଥିଲେ, "ପରର ସାହିତ୍ୟ କଦାପି ଜାତୀୟ ସାହିତ୍ୟ ହୋଇ ନ ପାରେ । ତାହାର ବାଣୀ ପ୍ରାଣରେ ବାଜେ ନାହିଁ । ତାହା ସାଧାରଣ ଲୋକେ ଆମୋଦ ପାଇଁ ପଢନ୍ତି । ବଙ୍ଗଳା ସାହିତ୍ୟରେ ଗଳ୍ପ ଉପନ୍ୟାସ ମାନ ପଢି ଅନୁଚିକୀର୍ଷୁ ମାନଙ୍କର ଗୋଟିଏ ଧାରଣା ହେଲା, ସରଳ ଲେଖା ନହେଲେ ସାହିତ୍ୟ କଅଣ ? କିନ୍ତୁ ସେ ସତ୍ୟ ବିଶିଷ୍ଟ ଓ ଆଂଶିକ, ନିର୍ବିଶେଷ ବା ପୂର୍ଣ୍ଣ ନୁହେଁ । ବର୍ତ୍ତମାନ କେହି କେହି; ଏ କଥା ବୁଝିଲେଣି ସତ, ମାତ୍ର ଆଦର କରିବା ଏ ପର୍ଯ୍ୟନ୍ତ ଏ ଦେଶରେ ଦେଖା ଯାଇନାହିଁ । ଖାଇ ସାରି ଖଟ ଉପରେ ଶୋଇ ଚିନ୍ତା ହୀନ ଭାବରେ ଯେଉଁ ସାହିତ୍ୟ ପଢ଼ା ନ ଗଲା, ତାହା କେହି ପଢୁ ନାହାନ୍ତି । ସମାଲୋଚନା ସାହିତ୍ୟର ବିଶିଷ୍ଟ ଅଙ୍ଗ; ସେ ଅଙ୍ଗ ଉତ୍କଳ ସାହିତ୍ୟାକାଶରେ ବିକାଶ ପାଉନାହିଁ । ସମାଲୋଚନା କହିଲେ କେବଳ ପୁସ୍ତକର ସମାଲୋଚନା ନୁହେଁ; ପୁସ୍ତକ, ଶିଳ୍ପ, ସଭ୍ୟତା, ନୀତି ପ୍ରଭୃତିର ବିଭାଗ, ବିଭବ ପ୍ରଭୃତି ବିଶ୍ଳେଷଣ କରି ତୁଳନା, ଆଦାନ ବର୍ଜନର ଇଙ୍ଗିତାଦି ସହିତ ଯେଉଁ ସମାଲୋଚନା କରଯାଏ, ସେ ସବୁ ପ୍ରକୃତ

Digitized by PPRACHIN, SOA

ସମାଲୋଚନା । ସେ ସମାଲୋଚନା ନ ହେବାରୁ ସାହିତ୍ୟରେ ରୁଚି ବିକାଶ ପାଉନାହିଁ । ଯେଉଁଠାରେ ସାହିତ୍ୟକ ରୁଚି ନାହିଁ, ସେଠାରେ କାବ୍ୟ ଓ ଉପନ୍ୟାସ ଜାତୀୟ ସାହିତ୍ୟର ଅଙ୍ଗ ବୃଦ୍ଧି କରିପାରେ, କିନ୍ତୁ ସେ ଅଙ୍ଗ ବୃଦ୍ଧି ସ୍ୱାସ୍ଥ୍ୟର ଚିହ୍ନ ନୁହେଁ । ଜୀବନର ଉଚ୍ଛ୍ୱାସ, ଇଙ୍ଗିତରେ ଯେ କାବ୍ୟ ଉପନ୍ୟାସାଦିର ସ୍ଥାନ ନାହିଁ । ତାହା ଜାତୀୟ ଭବ ଜଗାଇବ ନାହିଁ ! ଫଳରେ ଜାତି ତାହା ପଢ଼ିବ ନାହିଁ ।''

## ଉପନ୍ୟାସ ସାହିତ୍ୟ—

ନୀଳକଣ୍ଠ ଏହାର ପାଞ୍ଚବର୍ଷ ପୂର୍ବରୁ ଉପନ୍ୟାସ ସାହିତ୍ୟ ବିଷୟରେ ଯାହା ଉଲ୍ଲେଖ କରିଥିଲେ, ସେଥିରେ ସେ ଉପନ୍ୟାସ ସାହିତ୍ୟର ନିନ୍ଦା ବିଶେଷ ଭବରେ କରି ନଥିଲେ । ସେ ଲେଖିଥିଲେ,''ଯେଉଁମାନେ ଗୁରୁତର ବିଷୟର ଚିନ୍ତାରେ ମନକୁ ଅଭ୍ୟସ୍ତ କରିବାକୁ ଲୋଡ଼ନ୍ତି, ସେମାନେ ଉପନ୍ୟାସ ପାଠ ପକ୍ଷପାତୀ ନୁହନ୍ତି । ଯାହାହେଉ, ବର୍ତ୍ତମାନ ଯୁଗରେ ସମସ୍ତ ଦେଶର ସାହିତ୍ୟରେ ଉପନ୍ୟାସ ଏକ ପ୍ରଧାନ ଅଂଶ । ଅଧୁନିକ ବଙ୍ଗଳା ସାହିତ୍ୟର ଉନ୍ନତି ବହୁ ପରିମାଣରେ ଉପନ୍ୟାସ ସାହିତ୍ୟ ଦ୍ୱାରା ହୋଇ ପାରିଛି । ବଙ୍ଗ ସାହିତ୍ୟ ରଥୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଦେଖିଲେ ଯେ ସମସ୍ତ ଜାତିକୁ ଉଠାଇବାକୁ ହେଲେ, ଜାତିର ସକଳ ସୋପାନର ବ୍ୟକ୍ତି ମାନଙ୍କୁ ପହଞ୍ଚି ପାରିବା ଭଳି ସାହିତ୍ୟ ସାହାଯ୍ୟରେ ନବୀନ, ଉନ୍ନତ ଭବମାନ ପ୍ରକାଶ କରିବା ପ୍ରୟୋଜନ ।''

## ଫକୀର ମୋହନଙ୍କ ଉପନ୍ୟାସ

ନୀଳକଣ୍ଠ କିପରି ମନୀଷା, ବୁଦ୍ଧି ବିଚକ୍ଷଣତା ଓ ବୈଜ୍ଞାନିକ ପଦ୍ଧତିରେ 'ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ'ର ସମାଲୋଚନା କରି ଅଛନ୍ତି, ତାହାର ଆଭସ ଦେବା ଏଠାରେ ପ୍ରୟୋଜନ । ପ୍ରଥମତଃ ଫକୀର ମୋହନ କିପରି ସାହିତ୍ୟ ପ୍ରେମୀ ଥିଲେ ତାହାର ସ୍ଥୂଳ ବିବରଣୀ ଦେଇ ସେ ତାଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅଗାଧ ସ୍ନେହ ଓ ମମତାର ପ୍ରମାଣ ଦେଇ ଅଛନ୍ତି । ଯେ କୌଣସି ପ୍ରତିଭଶାଳୀ ଲେଖକଙ୍କୁ ଦେଖିଲା ମାତ୍ରକେ ସେ ତାକୁ ପ୍ରାଣର ଆବେଗରେ କିପରି ଆଲିଙ୍ଗନ କରି ଆଶୀର୍ବାଦ କରନ୍ତି, ତାହା ଭୁକ୍ତଭୋଗୀ ନୀଳକଣ୍ଠ ଅନୁଭବ କରି ଅଛନ୍ତି । ରାଧାନାଥ ଓ ମଧୁସୂଦନଙ୍କ ପରି, ଫକୀର ମୋହନ ଥିଲେ ନୈଷ୍ଠିକ ସାହିତ୍ୟ ସାଧକ ; ଏ ତିନିଜଣଙ୍କୁ ନୀଳକଣ୍ଠ ଦେଖିଅଛନ୍ତି । ସେମାନଙ୍କ ସହିତ କଥାବାର୍ତ୍ତା ହୋଇଅଛନ୍ତି । ଏପରି ପରିସ୍ଥିତିରେ ଏମାନଙ୍କର ସାହିତ୍ୟକୁ ସମାଲୋଚନା କରିବା ତାଙ୍କ ପକ୍ଷରେ କିପରି ଅସମ୍ଭବ, ସେହି କଥା

Digitized by PPRACHIN, SOA

ବୁଝାଇ ସେ ଲେଖି ଅଛନ୍ତି । "ସତ୍ୟ ସନ୍ଧିତ୍ସା ଓ ତତ୍ତ୍ୱଲାଭର ପ୍ରଯାସ ଯେତେ ପ୍ରବଳ ହେଲେ ସୁଦ୍ଧା, ପିତା ମାତାଙ୍କ ସମାଧି ଚଉରରୁ ତୁଳସୀ ଗଛକୁ ଖଣ୍ଡ, ବିଖଣ୍ଡ କରି କାଟି ଉଦ୍ଭିଦ ବିଜ୍ଞାନ ଆଲୋଚନାରେ କେଉଁ ନିର୍ମମ ପାଷାଣ ହୃଦୟ ପ୍ରବୃତ୍ତ ହେବ ।"

ତତ୍ପରେ ଫକୀର ମୋହନ କିପରି ସାହିତ୍ୟର ନାନା ବିଭାଗରେ ହାତ ଦେଇ ଯଶସ୍ୱୀ ହୋଇ ଅଛନ୍ତି, ତାହାର ସବିଶେଷ ଆଲୋଚନା କରି ଅଛନ୍ତି । ସାହିତ୍ୟରେ ସର୍ବାଗ୍ରେ ଯେ ପଦ୍ୟର ଆବିର୍ଭାବ, ଏ କଥା ଫକୀର ମୋହନଙ୍କ ଠାରେ ଦର୍ଶାଇ ତାପରେ ନାଟ୍ୟ ସାହିତ୍ୟର ଆବଶ୍ୟକତା ବିଷୟରେ ସେ ସୂଚନା ଦେଇ ଅଛନ୍ତି । ନାଟକ ପରେ ଉପନ୍ୟାସର କଥା । କିନ୍ତୁ ଲୋକ ସାଧାରଣଙ୍କ ମଧ୍ୟରେ ଶିକ୍ଷା ଓ ସାହିତ୍ୟର ପ୍ରଚାର ନିମନ୍ତେ ପ୍ରାଣର ଆବେଗରେ ସେ ନାଟକ ନ ଲେଖି ମନୋରଞ୍ଜନ ଉପନ୍ୟାସ ରଚନା କରି ଅଛନ୍ତି ବୋଲି ନୀଳକଣ୍ଠ ଦର୍ଶାଇଛନ୍ତି ।

ଫକୀର ମୋହନ ସେତେବେଳକୁ ତିନିଖଣ୍ଡି ମାତ୍ର ଉପନ୍ୟାସ ରଚନା କରିଥିଲେ । ପାରିବାରିକ ଉପନ୍ୟାସ "ଛମାଣ ଆଠଗୁଣ୍ଠ" ଓ 'ମାମୁଁ', ଏବଂ ଅନ୍ୟଟି ହେଲା ଐତିହାସିକ ଉପନ୍ୟାସ 'ଲଛମା' ସମାଲୋଚନା କିପରି ସୁବୋଧ୍ୟ, ସାମଗ୍ରିକ ନିରପେକ୍ଷ ହୋଇପାରେ, ତାହା ଫକୀର ମୋହନଙ୍କ ଉପନ୍ୟାସ ପଢ଼ିଲେ ଜଣାଯାଏ । 'ମାମୁଁ' ଓ 'ଛମାଣ ଆଠଗୁଣ୍ଠ'ର ବିଷୟ ବସ୍ତୁ ପ୍ରାୟ ଏକ । ସେହି ଦୁର୍ବାର ଧନଲାଳସା, ଅନ୍ୟର ଧନ ସକାଶେ ମାନବ କିପରି ପଶୁ ବୃତ୍ତିର ଆଶ୍ରୟ ନିଏ, ତାହାର ଜ୍ୱଳନ୍ତ ସାକ୍ଷୀ ହେଉଛନ୍ତି "ଛମାଣ ଆଠଗୁଣ୍ଠ"ରେ ରାମଚନ୍ଦ୍ର ମଙ୍ଗରାଜ ଓ ଚମ୍ପା ଏବଂ 'ମାମୁଁ'ରେ ନାଜର ନଟବର ଦାସ । କିନ୍ତୁ ଏ ଦୁଇଟି ଉପନ୍ୟାସର ମୌଳିକ ଉପାଦାନ ହେଉଛି ପ୍ରକୃତ ଓଡ଼ିଆ ଭାଷା । କଲିକତା ଇମ୍ପିରିଆଲ ଲାଇବ୍ରେରୀର ପରିଚାଳକ ଶ୍ରୀଯୁକ୍ତ ହର ମୋହନ ଦେ ଏହାକୁ ତାଙ୍କର ଉଚ୍ଚ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ପାଠ୍ୟ ପୁସ୍ତକ ରୂପେ ପଢ଼ି ବିସ୍ମୟ ପ୍ରକାଶ କରି କହିଥିଲେ, "ଏହାର ପ୍ରକାଶ ଭଙ୍ଗୀ କି ସରଳ, କି ମଧୁର. କି ମନୋହର, କି ସ୍ୱାଭାବିକ ।" ନୀଳକଣ୍ଠ ନିଜେ ହରନାଥଙ୍କ ଠାରୁ ଏହି ପ୍ରଶଂସା ବାଣୀ ଶୁଣିଥିଲେ । ଅବଶ୍ୟ 'ମାମୁଁ', 'ଛମାଣ ଆଠଗୁଣ୍ଠ'ର ପନ୍ଦର ବର୍ଷ ପରର ଲେଖା । ଫକୀର ମୋହନଙ୍କ ପରି ଲେଖକ ତାଙ୍କର ପରିଣତ ବୟସରେ ଖଣ୍ଡିଏ ଉପନ୍ୟାସ ଲେଖିବାର ଦୀର୍ଘ ପନ୍ଦର ବର୍ଷ ପରେ 'ମାମୁଁ' ପ୍ରକାଶ କଲେ । ମାତ୍ର ଲୋକ ସମାଜରେ ଏହାର ଆଦର ବଢ଼ିଲା । ନାଜର ନଟବର ଦାସ ଜଣେ ସାଧାରଣ

Digitized by PPRACHIN, SOA

ମାମୁଁ ନ ଥିଲେ । ସେ ଥିଲେ ଜଣେ କଂସ ମାମୁଁ ବା ବାଘ ମାମୁଁ । ସେ ଦୁର୍ବାର ଅର୍ଥ ଲାଳସାର ଉତ୍ତେଜନାରେ ନିଜର ଭଉଣୀ ଚନ୍ଦ୍ରମଣୀର ସର୍ବସ୍ୱ ଲୁଣ୍ଠନ କରି ଏବଂ ଜମିଦାରର ସନ୍ତାନ ନଗ୍ଗବାବୁକୁ ମୁଠେ ଭଲ ଭାବେ ଖାଇବାକୁ ନ ଦେଇ, ଯେଉଁ ପାଶବିକ ଲୀଳା ଉପନ୍ୟାସରେ ଦେଖାଇ ଅଛନ୍ତି, ସେଥିରେ ଅବିଶ୍ୱାସ୍ୟ, ଅସମ୍ଭାବ୍ୟ ହୋଇ କିଛି ନାହିଁ । ନୀଳକଣ୍ଠଙ୍କ ଭାଷାରେ "ପ୍ରକୃତରେ ଏହିପରି ନିୟମ, ବେନିୟମ, ଶୃଙ୍ଖଳା, ବିଶୃଙ୍ଖଳା ଚାଲିଛି ଅନନ୍ତ ବିଚାର ଚରମ ପରିଣତିରେ କଅଣ ହେବ, ସେ ଭିନ୍ନ କଥା, ମନୁଷ୍ୟ ତାହା ଜାଣେ ନାହିଁ । କିନ୍ତୁ ଦେଖାଯାଏ, ଜଗତରେ ବେଳେ ବେଳେ ପାପ ବଢିଯାଏ, ଧର୍ମ ହଟିଯାଏ । ପୁଣି ସବୁବେଳେ ତାହା ନୁହେଁ । ପ୍ରକୃତିର ଏହି ଅନନ୍ତ ବିଚିତ୍ର ଗତିରେ ମନୁଷ୍ୟ ଫଳାଫଳ ଠିକ୍ କରି ପାରିବ ନାହିଁ । ଏହି ବେନିୟମ ଆମ୍ଭେମାନେ ନିତି ଦେଖୁଛୁ ଏବଂ ସବୁବେଳେ ମନୁଷ୍ୟର ବୁଦ୍ଧି ହାର ମାନୁଛି । ପ୍ରକୃତିର ଏହି ବୈଚିତ୍ର୍ୟ ଓ ବିଶୃଙ୍ଖଳାର ବିକାଶ ସାହିତ୍ୟ ରାଜ୍ୟରେ ନୂତନ । ଆଗେ, ଅଳଙ୍କାର ଶାସ୍ତ୍ର ଦ୍ୱାରା ପଦ ବିନ୍ୟାସ ବନ୍ଧା ଥିଲା । ଆଦର୍ଶରେ ଘଟଣାଗୁଡ଼ି ନିୟମିତ ଥିଲା—ପୁଣ୍ୟର ଜୟ ଓ ପାପର କ୍ଷୟ, ଏହା ଲେଖକଙ୍କୁ ଦେଖାଇବାକୁ ହେବ । ତା' ନହେଲେ, ଲୋକ ଶିକ୍ଷା ହେବ କିପରି ? ପ୍ରକୃତ ଜୀବନର ଘଟଣା ସଙ୍ଗେ ନ ମିଳୁ, ହାନି ନାହିଁ । ଏପରିକି କବି ପ୍ରସିଦ୍ଧିରେ ଯେଉଁ ଫୁଲ ଯେତେବେଳେ ଫୁଟେ, ତାକୁ ସେତେବେଳେ ଫୁଟାଇବାକୁ ହେବ । କାଣୀ ଆଖି ହେଉ ପଛକେ ପଦ୍ମ ପଲାଶର ଠାଣି ସେହିଠାରେ ରହିବ ।"

ଫକୀର ମୋହନଙ୍କ ଉପରେ ଛଅ, ସାତ ଖଣ୍ଡ ବହି ଲେଖା ଯାଇଛି ଏମାନଙ୍କ ମଧ୍ୟରେ ଶ୍ରୀ ସୁରେନ୍ଦ୍ର ନାଥ ମହାନ୍ତିକୃତ 'ଫକୀର ମୋହନ' ସର୍ବଶ୍ରେଷ୍ଠ ବୋଲି ଲୋକମାନଙ୍କ ମଧ୍ୟରେ ଗୋଟିଏ ସାଧାରଣ ମନ୍ତବ୍ୟ ପ୍ରଚଳିତ ଅଛି । ସେ କଥାରେ ସତ୍ୟତା ଥାଇପାରେ । କିନ୍ତୁ ଗୋଟିଏ ମାସିକ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ ପାଇଥିବା ନୀଳକଣ୍ଠଙ୍କର ପ୍ରବନ୍ଧାବଳୀରେ ସେହି ଫକୀର ମୋହନଙ୍କୁ ସେ ଯେପରି ବିଶେଷ ଭାବରେ ଭାବ ଓ ଭାଷାରେ ତାଙ୍କର ଉପନ୍ୟାସ ମାନଙ୍କର ବୈଜ୍ଞାନିକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ଅଛନ୍ତି, ଏହି ଦେଶର ଅଳ୍ପ ଚିନ୍ତାଶୀଳ ମନୀଷା ସଂପନ୍ନ ବ୍ୟକ୍ତି ସେପରି କରିପାରି ଥିବାର ମନେହୁଏ । ଫକୀର ମୋହନ ୧୯୧୮ ମସିହା ବେଳକୁ ସତ୍ୟବାଦୀ ଆସିଥିଲେ ଓ ବିଦ୍ୟାଳୟର ଶ୍ଳୋକାନ୍ତ ପ୍ରତିଯୋଗିତାରେ ସଭାପତିତ୍ୱ କରିଥିବା କଥା ପୂର୍ବ ଅଧ୍ୟାୟରେ କୁହାଯାଇଛି । ସେ ପିଲମାନଙ୍କୁ କହିଥିଲେ "ଆରେ ପିଲେ, ମୁଁ

Digitized by PPRACHIN, SOA

ଏ ବୟସରେ ତୁମ ସହିତ ଖେଳିବାକୁ ଓ ପଢିବାକୁ ଇଚ୍ଛୁକ ଅଛି ମୋତେ ତୁମର ସହପାଠୀ ରୂପେ ଗ୍ରହଣ କରିବ କି ?" ଏଥିରୁ ଜଣାଯାଏ ଫକୀର ମୋହନ କିପରି ସରଳ ପ୍ରକୃତିର ଲୋକ ଥିଲେ । ନୀଳକଣ୍ଠ ଏହିପରି ଜଣେ ଔପନ୍ୟାସିକଙ୍କର ଉପନ୍ୟାସ ସବୁ ବିଶ୍ଳେଷଣ କରି ବହୁ ଜ୍ଞାତବ୍ୟ ତଥ୍ୟ ପ୍ରକାଶ କରି ଅଛନ୍ତି । ସେ ଉଲ୍ଲେଖ କରିଛନ୍ତି,—"ରୁଚିର ଅନୁବୋଧରେ କବି ଘଟଣାର ବିଶେଷ ବ୍ୟାଖ୍ୟା ନ କରି ଯେ ଭଳି କୌଶଳରେ ପାଠକର ଅନୁମାନ ଏ କଳ୍ପନା ଭଙ୍ଗିରେ ନିର୍ଭର କରି ଅଛନ୍ତି, ସେଥିରେ ପାଠକର ଅଦ୍‌ଭୁତ ବିସ୍ମୟର ଉଦ୍ରେକ ନ ହେଲେ ହେଁ, ଏଇ ଭଳି ସୂଚନାମାନଙ୍କର ଚିତ୍ରଣରେ ଯେ ବିଶେଷତ୍ୱ ଅଛି, ତାହା ପାଠକ ମାନେ ଅନୁଭବ କରିବେ । ଏ ବିଶେଷତ୍ୱ ଆଂଶିକ ଭାବରେ କବିଙ୍କର ସମସ୍ତ ଲେଖାରେ ଦେଖାଯାଏ । ବାସ୍ତବ ଘଟଣାର ବର୍ଣ୍ଣନା ତାଙ୍କ ଉପନ୍ୟାସର ଆଉ ଏକ ପ୍ରଧାନ ବିଶେଷତ୍ୱ ।

ସେ ଯେପରି କୌଶଳରେ ବର୍ଣ୍ଣନା କରିଅଛନ୍ତି । ତାହା ଅଲୌକିକ ଓ ଅତୁଳନୀୟ । ମନୁଷ୍ୟକୁ ନାନା ପ୍ରାକୃତିକ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ରଙ୍ଗି ଚିତ୍ର କରିବାର ସୁଯୋଗ ସେ ଖୋଜି ନାହାନ୍ତି । ତାଙ୍କର ଘଟଣାବଳୀ ସରଳ ପାରିବାରିକ ଜୀବନରେ ପ୍ରାୟଶଃ ସୀମାବଦ୍ଧ । କିନ୍ତୁ ସେଥିରେ ସେ ଯେ କେବଳ ଅସାମାନ୍ୟ ଭୂୟୋ ଦର୍ଶନ, ଓ ସୂକ୍ଷ୍ମ ପରିଦର୍ଶନର ପରିଚୟ ଦେଇ ଅଛନ୍ତି ତାହା ନୁହେଁ, ସେ କ୍ଷେତ୍ରରେ ମଧ୍ୟ ସେ ମନୋବିଜ୍ଞାନର ଦୂରଧିଗମ୍ୟ ବିକାଶ ବର୍ଣ୍ଣନା କରିବାରେ ଶକ୍ତିର ବିଚିତ୍ର ବୈଭବ ଦେଖାଇ ଅଛନ୍ତି । ସଦ୍‌ବୃତ୍ତିର ସହଜ ବିକାଶ ତାଙ୍କ ଉପନ୍ୟାସରେ ତାଦୃଶ୍ୟ ସ୍ପଷ୍ଟ ନୁହେଁ ।'

ସେ ମଙ୍ଗରାଜଙ୍କୁ ଯେପରି ଧନ ଲୋଲୁପ ରୂପେ ଚିତ୍ରଣ କରିଅଛନ୍ତି, ତାହା ଅବଶ୍ୟ ଲୋକ ସାଧାରଣଙ୍କ ପକ୍ଷରେ ବୁଝିବା କଷ୍ଟକର । ସେ ବ୍ୟଙ୍ଗ ରସାତ୍ମକ କବି । ନୀଳକଣ୍ଠଙ୍କର ଗୋଟିଏ ବାକ୍ୟ ଫକୀର ମୋହନଙ୍କ ଉପରେ ଅତ୍ୟନ୍ତ ଉଲ୍ଲେଖ ଯୋଗ୍ୟ ଓ ମର୍ମସ୍ପର୍ଶୀ । ସେ ତାଙ୍କର ବ୍ୟଙ୍ଗରସ ବିଷୟରେ ଉଲ୍ଲେଖ କରିଅଛନ୍ତି, "ଭାବରେ ଅନୁପ୍ରାଣତା ଆସିଲେ ଯେପରି ଭାଷା ସ୍ୱତଃ ଉଦ୍‌ଗୀରିତ ହୁଏ, ସେହିପରି ଫକୀର ମୋହନଙ୍କର ଓଡ଼ିଆ ଜୀବନ ସଙ୍ଗେ ଘନିଷ୍ଠ ପରିଚୟ ଅନୁଭବ ଓ ଅଭିନିବେଶ ଯେପରିକି ଭାଷାରେ ସ୍ୱତଃ ପ୍ରକାଶିତ ହୋଇଅଛି ।"

ସ୍ୱାଭାବିକ ଭାଷାର ବ୍ୟବହାରରେ କବିଙ୍କର ଯେଉଁ ଦକ୍ଷତା ଦେଖାଯାଏ, ତାହା ଉତ୍କଳରେ ଆଉ କାହାର ଦେଖାଯାଇ ନାହିଁ । ଲୋକ ସାଧାରଣଙ୍କ ଭାଷାରେ

Digitized by PPRACHIN, SOA

କବି ଉପନ୍ୟାସ ଲେଖି ଅଛନ୍ତି । ରୁଚିର ଅଭାବ ନାହିଁ, ଗରିମା ଅଛି, ଅଥଚ ଗ୍ରାମ୍ୟତା ନାହିଁ । ଏହାକୁ ପାଠ କଲେ ବହୁ ପ୍ରାଚୀନ ଯୁଗର ଗ୍ରୀକ ସମାଲୋଚକ ଲଞ୍ଜିନସ୍‌ଙ୍କର ଗୋଟିଏ କଥା ଆମ୍ଭମାନଙ୍କ ମନରେ ଉଦ୍ରିକ୍ତ ହୁଏ । ଅବଶ୍ୟ ସେ ଏହି ବିଷୟଟି ମହାକବି ହୋମରଙ୍କୁ ଲକ୍ଷ୍ୟ କରି ଲେଖିଥିଲେ, ସମାଲୋଚନା ସାହିତ୍ୟ ପ୍ରତି ନୁହେଁ । କିନ୍ତୁ ଏଠାରେ ନୀଳକଣ୍ଠ ଫକୀର ମୋହନଙ୍କ ସମ୍ବନ୍ଧରେ ଯେଉଁ ତତ୍ତ୍ୱବାଣୀଟି ଲିପିବଦ୍ଧ କରି ଅଛନ୍ତି, ତାହା ଏବେ ସୁଦ୍ଧା ବହୁ ସମାଲୋଚକ ଫକୀର ମୋହନଙ୍କର ଉପନ୍ୟାସମାନ ଆଲୋଚନା କଲାବେଳେ କହି ଥାଆନ୍ତି । ଲଞ୍ଜିନସ୍‌ଙ୍କର ସେହି ବାକ୍ୟଟି ହୋଇଛି –

,'When it makes thc most demand on the attention. when it forces it self upon us importunately irresistibly, when it tekes so strong a hold on memory that it connot be for gotten. କିମ୍ବା In general, we may consider those passages which always please and ple ase all readers, contain the beauty and truth of the sub time," ଏ ଗୌଣ ଚରିତ୍ର କି ମୁଖ୍ୟ ଚରିତ୍ର, କି ବିଷୟ ବସ୍ତୁ ସହିତ ଦୂର ସଂପର୍କ-ଜଡ଼ିତ ଚରିତ୍ର ଏ ସବୁ ଚରିତ୍ର ଚିତ୍ରଣରେ ଫକୀର ମୋହନ ଅସାମାନ୍ୟ କଳା କୁଶଳତାର ପରିଚୟ ଦେଇ ଅଛନ୍ତି । ଏହା ତାଙ୍କର ନୈସର୍ଗିକ ପ୍ରତିଭାର ଫଳାଫଳ ।

## ଲଛମା

ଲଛମା ଗୋଟିଏ ଅର୍ଦ୍ଧ-ଐତିହାସିକ ଉପନ୍ୟାସ । ଏଥିରେ ମରହଟ୍ଟା ଭାସ୍କର ପଣ୍ଡିତ ଓ ବଙ୍ଗଳାର ନବାବ ଆଲିବର୍ଦ୍ଦିଖାଁଙ୍କ ମଧ୍ୟରେ ଘଟିଥିବା ସଂଘର୍ଷର ଚିତ୍ର ବର୍ଣ୍ଣିତ ହୋଇଅଛି । ନୀଳକଣ୍ଠ କହନ୍ତି, "ଐତିହାସିକ ବୋଲି 'ଲଛମା'ର ପରିଚୟ । ଅଥଚ ଆମ୍ଭେମାନେ ଯେତେଦୂର କହିପାରୁ, ଏହା ବର୍ଣ୍ଣିତ ସମୟରେ ଦେଶରେ ଐତିହାସିକ ଅବସ୍ଥାକୁ ଲକ୍ଷ୍ୟ କରି କଳ୍ପିତ ହୋଇଅଛି । ଭାସ୍କର ପଣ୍ଡିତ, ଆଲିବର୍ଦ୍ଦିଖାଁ ପ୍ରଭୃତି କୌଣସି କୌଣସି ଇତିହାସ-ପ୍ରସିଦ୍ଧ ବ୍ୟକ୍ତିଙ୍କର ଉଲ୍ଲେଖ ଏଥିରେ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେହି ଏଥିରେ ଐତିହାସିକ ବ୍ୟକ୍ତି ନୁହନ୍ତି । ବର୍ଣ୍ଣିତ ବିଷୟର କୌଣସି ଘଟଣା ସଙ୍ଗେ ଐତିହାସିକ ଭାବରେ ଏମାନଙ୍କର ସମ୍ବନ୍ଧ ଥିବାର ଆମ୍ଭମାନଙ୍କୁ ଜଣାନାହିଁ । ଶ୍ରୀ ଚିନ୍ତାମଣୀ ଦାଶଙ୍କର 'ସାହିତ୍ୟ ସାଧକ ଫକୀର ମୋହନ' ଦ୍ରଷ୍ଟବ୍ୟ ।

'ଲଛମା' ସହିତ ଆଲିବର୍ଦ୍ଦିଖାଁ ଓ ଭାସ୍କର ପଣ୍ଡିତ ଉଭୟଙ୍କର କି ଐତିହାସିକ ସଂପର୍କ ଅଛି ପୁସ୍ତକର ୧୧୮ରୁ ୧୩୦ ପୃଷ୍ଠାରେ ଆଲୋଚିତ ହୋଇଅଛି ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଏଠାରେ ଯାହା କହିଛନ୍ତି ତାହା ସ୍କଟ୍‌ଙ୍କ ଦ୍ୱାରା ପ୍ରଣୀତ ଐତିହାସିକ ଉପନ୍ୟାସ ପ୍ରତି ପ୍ରଯୋଜ୍ୟ ହୋଇପାରେ । "It is unwise too to unload too much history plot of a novel କିମ୍ବା It is not desirable to have real historical figures among the leading characters" ଅର୍ଥାତ୍ ପ୍ରକୃତ ଐତିହାସିକ ତଥ୍ୟ କିମ୍ବା ଐତିହାସିକ ପୁରୁଷର ସ୍ଥାନ ଉପନ୍ୟାସରେ ରହିବା ବିଜ୍ଞତା ନୁହେଁ । ବାଦଲ ସିଂ ଓ ତାହାର ସ୍ତ୍ରୀ ପାନେରା ମଧ୍ୟ ପ୍ରଦେଶରୁ ଓଡ଼ିଶା ବାଟେ ପୁରୀ ଆସି ଘଟଣା କ୍ରମେ ଏଇ ଦୁଇ ଛଦ୍ମବେଶ ଓ ଛଦ୍ମ ନାମରେ ସେମାନଙ୍କର ଉପରେ ଅତ୍ୟାଚାର କରିଥିବା ବର୍ଗୀଙ୍କ ପ୍ରତିଶୋଧ ନେବା ସକାଶେ ବଙ୍ଗ ନବାବ ଆଲିବର୍ଦ୍ଦିଖାଁଙ୍କର ଆଶ୍ରୟ ନେଲେ । ତା' ନ ହୋଇଥିଲେ, ସେମାନେ ନିଜର ପିତା ମାତାଙ୍କର ଆତ୍ମାକୁ ଚିରକାଳ ସକାଶେ କଳଙ୍କିତ କରି ରଖିଥାନ୍ତେ । ଏହିପରି ଭାବରେ ଲଛମା ଓ ତାହାର ସ୍ୱାମୀ କେହି କାହାକୁ ନ ଜାଣି ଉଭୟର ପଣ୍ଡିତଙ୍କ ହତ୍ୟାପରେ ଗୟାରେ ଯାଇ ପିତୃଶ୍ରାଦ୍ଧ କଲେ । ସେହିଠାରେ ଉଭୟଙ୍କର ସାକ୍ଷାତ ଘଟିଲା । ଏହିଠାରେ ନୀଳକଣ୍ଠ ଦୁଇଟି ଘଟଣା ଉପରେ ଗୁରୁତ୍ୱ ଦେଇ ଫକୀର ମୋହନଙ୍କର ଦୋଷ ଦର୍ଶାଇ ଅଛନ୍ତି । ପ୍ରଥମଟି ହେଲା ଲଛମାର ଚରିତ୍ର କେବଳ ଆକସ୍ମିକ ଓ ଅଦ୍ଭୁତ ଘଟଣା ଉପରେ ପ୍ରତିଷ୍ଠିତ । ସେ ବାଟରେ ଆକସ୍ମିକଭାବରେ ଯେ ରୂପେ ଦସ୍ୟୁମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଆତ୍ମୀୟ ମାନଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଲା; ସେହିପରି ଭାବରେ ସେ ଓଡ଼ିଶାର ସେତେବେଳର ପରାକ୍ରମଶାଳୀ 'ରାଇବଣୀଆ ଦୁର୍ଗର ଅଧୀପତିଙ୍କର ଆଶ୍ରୟ ପାଇଲା ଏବଂ ଯେପରି ସେଠାରେ ଆକସ୍ମିକ ଭାବରେ ଆଶ୍ରୟ ପାଇଛି, ସେହିପରି ବର୍ଗୀ ଆକ୍ରମଣରେ ଦୁର୍ଗ ଧୂଳିସାତ ହେବାରୁ ସେଠରୁ ପାଗଳିନୀ ହୋଇ ଶେଷରେ ଆଲିବର୍ଦ୍ଦିଖାଁଙ୍କ ତମ୍ବୁ ନିକଟରେ ଏଣେ, ତେଣେବୁଲିବାକୁ ଲାଗିଛି । ତେବେ ନୀଳକଣ୍ଠ ଉଲ୍ଲେଖ କରି ଅଛନ୍ତି, "ଜଣ ଜଣଙ୍କ ଭାଗ୍ୟରେ ଭଗବାନ ବାସ୍ତବିକ ଏଭଳି ଦୁର୍ଘଟଣା-ବଳି ଯେ ଘଟାଇ ନଥାନ୍ତି ତାହା ନୁହେଁ । ଘଟଣାର ଏପରି ଆକସ୍ମିକତା ବେଳେ ବେଳେ ମାନବ ସଂସାରରେ ଅତ୍ୟନ୍ତ ସ୍ୱାଭାବିକ୍ ଓ ସମୀଚୀନ । ଲେଖକ ଏପରି ଆକସ୍ମିକ ଘଟଣାମାନଙ୍କ ଉପରେ ନିର୍ଭର କରିବା ଏକାବେଳେକେ ଅସଙ୍ଗତ ବୋଲି କୁହାଯାଇ ନପାରେ । ଅବଶ୍ୟ ଏଠାରେ କହି ରଖିବା ଉଚିତ, ଶେଷରେ ବାଦଲସିଂହ ଓ ଲଛମାର ଅପୂର୍ବ ମିଳନ ଗୟା କ୍ଷେତ୍ରରେ ଏହିପରି ଗୋଟିଏ ଅଚିନ୍ତିତପୂର୍ବ ଆକସ୍ମିକ ଘଟଣାରେ ନ ହୋଇଥିଲେ ବିଷୟର ପ୍ରାକୃତିକ ବିକାଶରେ ସମାଲୋଚକର ଏତେ ସନ୍ଦେହ ହୁଅନ୍ତା ନାହିଁ ।

Digitized by PPRACHIN, SOA

ଔପନାସିକ ବୋଧହୁଏ ସେଥିପାଇଁ ଏହି ପୁସ୍ତକର ନାମ 'ଅପୂର୍ବମିଳନ' ରଖିଥିବେ ବୋଲି ପ୍ରଥମେ ଇଚ୍ଛା ପ୍ରକାଶ କରିଥିଲେ ।"

ତାପରେ ସେ ଉପନ୍ୟାସର ନାମ କରଣ ଉପରେ ଦୋଷାରୋପ କରି ଅଛନ୍ତି, "ବର୍ତ୍ତମାନ ଯୁଗରେ ଉପନ୍ୟାସ କୌଣସି ନାମ, ସ୍ଥାନ ପ୍ରଭୃତିକୁ ଗ୍ରହଣ କରି ଅତି ଅଦ୍ଭୁତ ନାମ ସବୁ ଅବଲମ୍ବନ କରୁଅଛି । ଯେପରିକି for par from the madding cronld 'କ୍ରୀତଦାସର କାବ୍ୟ' କିମ୍ବା 'ନୀଳଗଗନ ତଳ' । କିନ୍ତୁ ଫକୀର ମୋହନଙ୍କ ଉପନ୍ୟାସ ସାଧା ସିଧା ଭାବରେ କୌଣସି ଜଣେ ନାରୀ ନାମକୁ ଅବଲମ୍ବନ କରୁଅଛି, ଯଥା 'ଲଛମା'! ଏହିପରି ଜିଘାଂସା ପ୍ରଭୃତିର ବଶବର୍ତ୍ତିନୀ କରି ଜଣେ ନାରୀର ନାମରେ ଉପନ୍ୟାସକୁ ନାମିତ କରିବା କାହାରି କାହାରିକି ଅସୁବିଧା ଲାଗିପାରେ, ପୁରୁଷ ବେଶରେ ଭାସ୍କର ପଣ୍ଡିତଙ୍କ ଶିବିର ସଙ୍ଗେ ସଙ୍ଗେ ବୁଲିବା କାହାରି କାହାରି ରୁଚିର ପ୍ରତିକୂଳ ହୋଇପାରେ, ମାତ୍ର ଔପନ୍ୟାସିକର ସମସ୍ତ ଏକତ୍ର ବିଚାର କରି ବସିଲେ ଏପରି ସନ୍ଦେହର ସ୍ଥାନନାହିଁ । "ସାନ୍ତାଣୀ, ଚନ୍ଦ୍ରମଣି, ସରସ୍ୱତୀ, ଶାରୁଆ, ମରୁଆ, ବିଶାଖା, ଚମ୍ପା, ଚିତ୍ରା ପ୍ରଭୃତି ଚରିତ୍ର ପାଖେ, ଲଛମାର ଚରିତ୍ର କିଛି ଅସଙ୍ଗତ ନୁହେଁ । ଲଛମାକୁ ଗୋଟିଏ ସ୍ୱତନ୍ତ୍ର ଉପନ୍ୟାସର ନାୟିକା ବୋଲି ନ ଭାବି, ଔପନାସିକଙ୍କର ବିବିଧ ଜାତୀୟ ନାରୀ ଚିତ୍ର ମଧ୍ୟରେ ଗୋଟିଏ ବୋଲି ଭାବିଲେ ସେହି ଲଛମା ରୁଚିର ଅଭାବ ପରିବର୍ତ୍ତରେ ସେହି ନାରୀ ଚିତ୍ର କଳ୍ପନାରେ ବୈଭବ ବଢାଇବ । ଲଛମା ପରି ପୁରୁଷ ପ୍ରକୃତି ନାରୀ ମାନବ ସଂସାରରେ କଦାପି ଅତି–କଳ୍ପନା ନୁହେଁ । ତେବେ ଗଇବଣିଆ ଗଡ଼ରୁ ବାହାରିବା ପୂର୍ବରୁ ପାଠକ ଲଛମା ଚରିତ୍ର ଏ ପୁରୁଷ ଭାବ ଲକ୍ଷ୍ୟ କରିବାକୁ ସମର୍ଥ ହେବା ଉଚିତ ।" ଏହିପରି ଭାବରେ ନୀଳକଣ୍ଠ ପୁସ୍ତକର ନାମ କରଣ ଉପରେ ତାଙ୍କର ମତାମତ ବ୍ୟକ୍ତ କରି ପାଠକ ମାନଙ୍କୁ ଫକୀର ମୋହନଙ୍କ ପ୍ରତି ସ୍ନେହ ଓ ସାଦରର ଘନିଷ୍ଠ ବନ୍ଧନରେ ବାନ୍ଧିରଖି ଅଛନ୍ତି । ସେ ନିର୍ଭୀକ ଭାବରେ ଫକୀର ମୋହନଙ୍କର ଦୋଷ ଦର୍ଶାଇ ଅଛନ୍ତି । କିନ୍ତୁ ଏପରି ଚତୁରତାର ସହିତ ଦୋଷ ସହିତ ଗୁଣର ସାମଞ୍ଜସ୍ୟ ଉପସ୍ଥାପନ କରି ଅଛନ୍ତି ଯେ, ପଢିଲେ ମନେ ହେବ, ସତେ ଯେପରି ସେ ଫକୀର ମୋହନଙ୍କୁ ନବଯୁଗର ସାହିତ୍ୟରେ ନବପଦ୍ଧତିର ଆବିଷ୍କାରକ ରୂପେ ଚିତ୍ରଣ କରି ପାଠକମାନଙ୍କଠାରୁ ବିଦାୟ ଗ୍ରହଣ କରି ଅଛନ୍ତି ।

Digitized by PPRACHIN, SOA

## ଉପେନ୍ଦ୍ର ଭଞ୍ଜ

ଆଗରୁ କୁହାଯାଇଅଛି ଲବଣ୍ୟବତୀର ସମାଲୋଚନା, ୧୯୧୭ ମସିହାରେ 'ସତ୍ୟବାଦୀ'ର ପାଞ୍ଚୋଟି ସଂଖ୍ୟାରେ ପ୍ରକାଶ ପାଇଥିଲା । ଏହି ସମାଲୋଚନା ନୀଳକଣ୍ଠଙ୍କର ଅପୂର୍ଣ୍ଣ । ଏହା ସାମଗ୍ରିକ ନୁହେଁ । ଏଥିରେ ସମଗ୍ର ଲବଣ୍ୟବତୀର ଚିତ୍ର ଉଦଭାସିତ ହୋଇ ଉଠିନାହିଁ । ଏବେ ବହୁ ବକ୍ତା ଅଧ୍ୟାପକ ଓ ଅନ୍ୟାନ୍ୟ ମନୀଷୀଗଣ ଉପେନ୍ଦ୍ର ଭଞ୍ଜଙ୍କୁ ଉତ୍କଳର କବି ସମ୍ରାଟ ରୂପେ ଚିତ୍ରଣ କରିବାକୁ ଯାଇ ତାଙ୍କର ଭାବ ଓ ଭାଷା ସମ୍ବନ୍ଧରେ ନାନା ଅଦ୍ଭୁତ ତଥ୍ୟ ଆବିଷ୍କାର କରି ଅଛନ୍ତି । ସମସ୍ତେ ମଧ୍ୟ କବି ଗୋପବନ୍ଧୁଙ୍କର ସେହି ସର୍ବତ୍ର ଆବୃତ୍ତ ।

'ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟ ମନା,
ବିଲେ ବୋଲେ ଚଷା, ଅନ୍ତଃପୁରେ ଯୋଷା,
ନୃତ୍ୟ ରଙ୍ଗେ ବାରଙ୍ଗନା ।''

କିମ୍ବା

''ଜନ୍ମି ରାଜ କୁଳେ, ବଇଭବ କୋଳେ,
ଅତୁଳ ସୁଖ ସଦନେ.
ତେଜି ସେ ସମ୍ଭୋଗ, ଆରମ୍ଭିଲେ ଯୋଗ,
ବାଣୀପାଣି ଆରାଧନେ ।''

କବି ତାର ଉଲ୍ଲେଖ କରିଛନ୍ତି ।

ନୀଳକଣ୍ଠ କିନ୍ତୁ ଏହି ପଦ୍ୟାବୃତ୍ତି କରିଥିଲେହେଁ, ଭଞ୍ଜଙ୍କର ବିଶେଷତ୍ୱ ଏକ ତାତ୍ତ୍ୱିକ ଦୃଷ୍ଟି କୋଣରୁ ଦର୍ଶାଇଛନ୍ତି । ଏପରିକି ଭଞ୍ଜକବିଙ୍କର ବିରାଟକାୟ 'ବୈଦେହୀଶ ବିଳାସ' ଭଳିଆ କାବ୍ୟ ଥାଉ ଥାଉ, ସେ 'ଲବଣ୍ୟବତୀ'କୁ ତାଙ୍କର ସର୍ବଶ୍ରେଷ୍ଠ କାବ୍ୟ ରୂପେ ଗ୍ରହଣ କରିଛନ୍ତି ଏବଂ ଏଥିର କାରଣ ସ୍ୱରୂପ ସେ ନିମ୍ନଲିଖିତ ବିଷୟମାନଙ୍କ ଉପରେ ନିଜର ସ୍ୱଭାବ ସୁଲଭ ଯୁକ୍ତି ଉପସ୍ଥାପନ କରିଏହାର ଉତ୍କର୍ଷ ପ୍ରତିପାଦନ କରିଅଛନ୍ତି ।

୧—ଲବଣ୍ୟବତୀର ଶ୍ରେଷ୍ଠତ୍ୱ ।
୨—ଏଥିରେ ଶ୍ଳୀଳତା ଓ ଅଶ୍ଳୀଳତାର ପ୍ରଶ୍ନ ।
୩—ତତ୍କାଳୀନ ସାମାଜିକ ଅବସ୍ଥା ।
୪—ଶବ୍ଦ ବିନ୍ୟାସ ଓ ଛନ୍ଦ ଚାତୁରୀ ।
୫—ନାନାଦି ଭାବ ଆଦର୍ଶର ବିନ୍ୟାସ ।

Digitized by PPRACHIN, SOA

ସେ କହିଛନ୍ତି—

ସମାଲୋଚକ ନିଜକୁ ପୂର୍ଣ୍ଣ ପ୍ରାଣରେ ଲେଖକଙ୍କର ଜୀବନ ଭାବ ଓ ଆଦର୍ଶ ସହିତ ମିଶାଇ ନ ଦେଲେ ତାଙ୍କୁ ପ୍ରକୃତ ସମାଲୋଚକ କୁହାଯାଇ ପାରିବ ନାହିଁ । କିନ୍ତୁ ଏହା ବଡ ଦୂରୂହ ବ୍ୟାପାର । ଉପେନ୍ଦ୍ର ଭଞ୍ଜ ତିନିଶହ ବର୍ଷ ପୂର୍ବେ ତାଙ୍କର କାବ୍ୟ କବିତା ରଚନା କରିଥିଲେ । କିନ୍ତୁ ସମାଲୋଚକ ଆଜି କାଲି ସମାଜ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ତେଣୁ ଏଥିପାଇଁ ତାଙ୍କୁ ସେହି ସୁଦୂର ଅତୀତକୁ ଫେରି ଯାଇ ଉପେନ୍ଦ୍ର ଭଞ୍ଜଙ୍କ ସହିତ ଏକାନ୍ତ ହେବା ଅସମ୍ଭବ । ତଥାପି ଯେତିକି ସମ୍ଭବ ସେତିକି ସେ ଆପଣାର ଦୂର ଦର୍ଶି ସୁଲଭ ମନୀଷା ବଳରେ ସଂଗ୍ରହ କରି ପାରିବ, ସେ ତାହାର ଲେଖକଙ୍କ ସହିତ ସମପ୍ରାଣତା । "ସେଥିପାଇଁ ମ୍ୟାକ୍ସମୁଲର କ୍ଷୋଭ ପ୍ରକାଶ କରି କହିଥିଲେ, "ମୁଁ କାହିଁକି ଭାରତ ଯିବି, ଭାରତରେ ଏବେ ସେହି ଋଷି ଆଶ୍ରମର ଧ୍ୱଂସାବଶେଷ ସୁଦ୍ଧା ନାହିଁ । କଣ ଆଉ ଦେଖିବାକୁ ଭାରତ ଯିବି ?" ଏଥିରୁ ଲେଖକଙ୍କ ସହିତ ସମାଲୋଚକର ସମପ୍ରାଣତା ରହିବାର ଆବଶ୍ୟକତା ପରିସ୍ଫୁଟ ।

'ଲାବଣ୍ୟବତୀ' ଉପେନ୍ଦ୍ର ଭଞ୍ଜଙ୍କର ସର୍ବଶ୍ରେଷ୍ଠ କାବ୍ୟ ବୋଲି ମନୀଷୀ ନୀଳକଣ୍ଠଙ୍କର ମତ । ଏଥିରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ପରି କୃତ୍ରିମ ବିନ୍ୟାସ ନାହିଁ । ଏହା ତାଙ୍କର ମୌଳିକ କାବ୍ୟ । ଏଥିରେ ପୌରାଣିକତା ଯେତିକି ରହିବାର କଥା ସେତିକି ଅଛି । ସେ ସ୍ପଷ୍ଟ ଭାବରେ ବ୍ୟକ୍ତ କରି ଅଛନ୍ତି, "ନାନା ହିସାବରୁ ଦେଖିଲେ 'ଲାବଣ୍ୟବତୀ' କବିଙ୍କର ଶ୍ରେଷ୍ଠ କାବ୍ୟ । × × × × × "ସ୍ଥଳ ବିଶେଷରେ 'ପ୍ରେମ ସୁଧାନିଧି'ରେ ଉତ୍କୃଷ୍ଟ କବିତା ଦେଖାଯାଏ ସତ୍ୟ, କିନ୍ତୁ ଏହା ଲାବଣ୍ୟବତୀ ପରି ବୃହତ୍ ଓ ବହୁ ଘଟଣା ସମ୍ବଳିତ ନୁହେଁ । 'ସୁବର୍ଣ୍ଣରେଖା' ପ୍ରଭୃତି ଗ୍ରନ୍ଥରେ ସରଳ ବର୍ଣ୍ଣନା ଓ କାବ୍ୟ କଳାର ଆଭାସ ମିଳିଲେ ମଧ୍ୟ, ସେ ସବୁ ଅତି କ୍ଷୁଦ୍ର ଏବଂ ଲାବଣ୍ୟବତୀ ସଙ୍ଗେ ତୁଳନୀୟ ନୁହେଁ । ଭାଷାର କ୍ଲିଷ୍ଟତା ସଙ୍ଗେ ବିନ୍ୟାସ କୌଶଳ, ଆଲଙ୍କାରିକ କୃତ୍ରିମତା ମଧ୍ୟରେ ସରଳ ଭାବାନ୍ୱେଷ, ବିଷୟ କଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀ ଭାବରେ ବିକାଶ ନାନାବିଧ ଘଟଣାର ଅଙ୍ଗାଙ୍ଗୀ ଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀ ବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା, ବର୍ଣ୍ଣିତ ଘଟଣାରେ ଅନୁରୂପ ଚିତ୍ର ମାଧ୍ୟମରେ ଭାବର ଐକାନ୍ତିକତା, ବର୍ଣ୍ଣିତ ଆଦର୍ଶର ବିକାଶ ପ୍ରଭୃତି ଲାବଣ୍ୟବତୀରେ ଯେପରି ଦେଖାଯାଏ, କବିଙ୍କର ଅନ୍ୟ କାବ୍ୟ ମାନଙ୍କରେ ସେପରି ସ୍ପଷ୍ଟ ନୁହେଁ ।" ଏଥିପାଇଁ ନୀଳକଣ୍ଠ ଲାବଣ୍ୟବତୀକୁ

Digitized by PPRACHIN, SOA

ଭଞ୍ଜ କାବ୍ୟ ମାନଙ୍କରେ ଶୀର୍ଷ ସ୍ଥାନୀୟ ମନେକରି ତାର ସମାଲୋଚନାରେ ଅଗ୍ରସର ହୋଇଅଛନ୍ତି । ଏଥିରେ ଅନ୍ୟ ସମାଲୋଚକ ମାନଙ୍କ ସହିତ ତାଙ୍କର ବିରୋଧ ନାହିଁ । ସେ ବୈଦେହୀଶ ବିଳାସର ନ୍ୟୂନତା ପ୍ରତିପାଦନ କରି ନାହାନ୍ତି । ତାହା ସମାଲୋଚକମାନଙ୍କର ରୁଚି ସାପେକ୍ଷ ।

୨—'ଲାବଣ୍ୟବତୀ' କାବ୍ୟରେ ଅଶ୍ଳୀଳତାର ଚିତ୍ର ବହୁ ସ୍ଥଳରେ ଦେଖିବାକୁ ମିଳେ । କିନ୍ତୁ ଅଶ୍ଳୀଳ ବୋଲି ଲାବଣ୍ୟବତୀ ଘୃଣ୍ୟ କିମ୍ବା ଅପାଠ୍ୟ ନୁହେଁ । ନୀଳକଣ୍ଠ ବାରମ୍ବାର କହିଅଛନ୍ତି, ବ୍ୟବହାରର ଅଶ୍ଳୀଳତା ଓ କାବ୍ୟର ଅଶ୍ଳୀଳତା ମଧ୍ୟରେ ଢେର ପ୍ରଭେଦ । ଉପେନ୍ଦ୍ର ଭଞ୍ଜ କାବ୍ୟ ଶିଳ୍ପୀ । ସେ ତନ୍ମୟ ହୋଇ ଯେଉଁଠାରେ ଯେପରି ରସୋଦ୍‌ଭବ ହେବାର କଥା, ସେହିପରି କରିଅଛନ୍ତି । ଐକାନ୍ତିକ ପ୍ରେମ ନିଷ୍ଠା ମଧ୍ୟରେ କେଉଁଠାରେ ଯଦି କବିଙ୍କର ଶୃଙ୍ଗାର ବିଳାସ ଯଥାର୍ଥତାକୁ ଅତିକ୍ରମ କରିଅଛି, ସେ ବିଷୟ ସମାଲୋଚକର ବିଗ୍ଭର କରିବା କଥା ନୁହେଁ ।

"ଫିଜି ଦ୍ୱୀପରେ ନରହତ୍ୟାକୁ ସେତେ ଅପରାଧ ଯୋଗ୍ୟ ବୋଲି ବିବେଚନା କରାଯାଉ ନ ଥିଲା । ସେମାନେ ନରହତ୍ୟା କରି ଦେବ ଦେବୀଙ୍କଠାରେ ଏହା ସମର୍ପଣ କରୁଥିଲେ । ଏଥିପାଇଁ ନରହତ୍ୟା ଅପରାଧକୁ ଅକ୍ଷମଣୀୟ ବୋଲି ବିଗ୍ଭର କରିବା ଶୋଭନୀୟ କି ? ସ୍କୁଲ ଓ ବିଶ୍ୱବିଦ୍ୟାଳୟର ଛାତ୍ରଙ୍କ ନିମନ୍ତେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଏହି ଅଶ୍ଳୀଳତା ବାଦ୍ ଦିଆଯାଇପାରେ । କାବ୍ୟ ଶିଳ୍ପର କୌଣସି ହାନି ଏଥିରେ ହେବ ନାହିଁ । ସୌନ୍ଦର୍ଯ୍ୟର ଭଣ୍ଡାର 'ଲାବଣ୍ୟବତୀ'ରେ ପରିପୂର୍ଣ୍ଣ ହୋଇ ରହିଛି । ଏହି ଅଶ୍ଳୀଳତାକୁ ନେଇ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପରି ଘୋର ମତ ଭେଦରେ ସାହିତ୍ୟକୁ କଳଙ୍କିତ କରିବା କେତେଦୂର ଆବଶ୍ୟକ, ତାହା ପାଠକ ମାନେ ଜାଣନ୍ତି । ଇତିହାସ ମଧ୍ୟ ଏହି ମନ୍ତବ୍ୟକୁ ଦୃଢ଼ ଭାବରେ ସ୍ୱୀକାର କରେ । ପଣ୍ଡିତ କୃପାସିନ୍ଧୁ ମିଶ୍ର କୋଣାର୍କ ମନ୍ଦିରରେ ଅଶ୍ଳୀଳ ମୂର୍ତ୍ତି ମାନଙ୍କର ଅବସ୍ଥିତି ସମ୍ପର୍କରେ ଲେଖିଛନ୍ତି, ଆମ୍ଭେମାନେ ରୁଚି ଓ ଭାବ ଦ୍ୱାରା ଯାହାକୁ ଅଶ୍ଳୀଳ ଘୃଣା କରୁଥାଉ, ପୂର୍ବେ ଲୋକେ ତାହାଠାରେ କୌଣସି ଅଶ୍ଳୀଳତା ଆରୋପ କରି ନ ଥିଲେ । କେବଳ ଭାରତ ନୁହେଁ ପୃଥିବୀର ପ୍ରାୟ ସର୍ବତ୍ର ଲୋକଙ୍କର ବର୍ତ୍ତମାନର ଅଶ୍ଳୀଳତା ଜ୍ଞାନ ନ ଥିଲା । ପରନ୍ତୁ ଯାହାକୁ ଅଶ୍ଳୀଳ ବୋଲି ଆମ୍ଭେମାନେ ଆଜି ଘୃଣା କରୁଥାଇଁ, ସେହି ଜନନେନ୍ଦ୍ରିୟକୁ ପୂର୍ବେ ଅତ୍ୟନ୍ତ ଭକ୍ତି ସହକାରେ ଲୋକେ ପୂଜା କରୁଥିଲେ ଏବଂ ନାନା ଧର୍ମାନୁଷ୍ଠାନ ସହିତ ଏହାକୁ ଯୋଗ କରୁଥିଲେ ।" ସ୍ଥାପତ୍ୟ ସଂପର୍କରେ ଏ ଯେଉଁ ସତ୍ୟବାଦ ତାହାକୁ କାବ୍ୟ

Digitized by PPRACHIN, SOA

ଶିଳ୍ପର ସତ୍ୟବାଦ ରୂପେ ଗ୍ରହଣ କଲେ ଅସୁବିଧା ହେବ ନାହିଁ । ତେଣୁ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଶ୍ଳୀଳ ଓ ଅଶ୍ଳୀଳ ପ୍ରଶ୍ନ କାହିଁ ?

'ଲାବଣ୍ୟବତୀ'ରେ ଉପେନ୍ଦ୍ରଭଞ୍ଜ ତାଙ୍କ ସମାଜର ଚିତ୍ର ପରୋକ୍ଷ ଭାବରେ ଦେଇ ଅଛନ୍ତି । ସେତେବେଳେ କ୍ଷତ୍ରିୟମାନେ ଅତ୍ୟନ୍ତ ପରଦାରାସକ୍ତ ଥିଲେ । ରାଜପ୍ରସାଦର ରମଣୀମାନେ କେବଳ ବିଳାସ ଓ ଆମୋଦରେ କାଳ ହରଣ କରୁଥିଲେ । ରମଣୀମାନଙ୍କର ଗୃହ ଶିଳ୍ପରେ ମମତା କିମ୍ବା କାବ୍ୟାନୁଶୀଳନରେ ରୁଚି ନ ଥିଲା । ଏତିକି ବେଳେ ଭଞ୍ଜ କବି ତାଙ୍କର କାବ୍ୟ ରଚନା କଲେ । ଲାବଣ୍ୟବତୀର ସମାଲୋଚନାରେ ପ୍ରାରମ୍ଭରେ ନୀଳକଣ୍ଠ ଲେଖି ଅଛନ୍ତି "ଉପେନ୍ଦ୍ର ଭଞ୍ଜ ଲୋକ ସାଧାରଣଙ୍କ ଭାଷାରେ କାବ୍ୟ ଲେଖି ନାହାନ୍ତି । ତାଙ୍କ କାବ୍ୟରେ ଲାଙ୍ଗଳ ହସ୍ତ ଚଷାର ବର୍ଣ୍ଣନା ନାହିଁ । ବଢେଇ କାଠ କରତୁ ନାହିଁ । ଗଉଡ଼ ଗୋଠରେ ବଇଁଶୀ ବଜାଉ ନାହିଁ । ଦରିଦ୍ର ପଲ୍ଲୀ କୁମାରୀ ବିଲରେ ଧାନ ସାସା ଗୋଟାଉ ନାହିଁ । କନ୍ଧ ବିବାହ ନାହିଁ । ସନ୍ତାଳ ନାଚ ନାହିଁ । ଭୂୟାଁ ଧାଙ୍ଗଡ଼ ମାନଙ୍କ ଗତିରେ ଏକତ୍ର ବାସ ନାହିଁ । ପଲ୍ଲୀ ଦମ୍ପତିର ଆଳାପ ନାହିଁ, ପ୍ରେମ ନାହିଁ । କଳହ ନାହିଁ । ଫଳରେ ଲୋକ ସାଧାରଣଙ୍କର ଭାବ ବିକାଶ, ହୃଦୟର ଗତି, ଚିନ୍ତା, ସ୍ଫୁରଣ, ଆକାଂକ୍ଷା, ଆସକ୍ତି ପ୍ରଭୃତିର ସ୍ଥାନ ଭଞ୍ଜୀୟ କାବ୍ୟରେ ନାହିଁ ।

ଦର୍ଘି, ଗୁଡ, ଭକ୍ତ ଭୁକ୍ତ ଅନୁରକ୍ତ ବଶେ
କନ୍ୟା ଲବଣ ଚଉଁରୀ ପୂଜିଲା ହରଷେ ଯେ ।

କିମ୍ବା ଚଂନ୍ଦ୍ରଭାନୁର 'ରାମେଶ୍ୱର ଗମନ' ଛାନ୍ଦରେ କବି ଲେଖି ଅଛନ୍ତି —

ପାଶେ ଥାଇ ଦେଖା ଦେଖିନୋହି ଦୁଃଖୀ ଭୃଙ୍ଗୀ ଭୃଙ୍ଗ ଧ୍ୱନି ଘୋଷିଲେ,
ସଂକେତ ସ୍ଥାନେ ଯାଉଥିବା କାମିନୀ ଚମକି ହୃଦ ଆଉଁଶିଲେ ।
ଅର୍ପିତା ତରଗଣ ଏହି ଆର୍ତ୍ତରେ
ଧ୍ୱନି କରିବାର ଶୁଣି ବାରନାରୀ ଆଶାୟୀ ଅନାଇଁ ଦୁଆରେ ।

ଲାବଣ୍ୟବତୀର ଆଦର୍ଶ କଅଣ ? ନୀଳକଣ୍ଠ ତାଙ୍କର ଚିନ୍ତାଗର୍ଭକ ଉତ୍ତରରେ ଉଲ୍ଲେଖ କରିଅଛନ୍ତି "କବିତାରେ ଦୁଇ ପ୍ରଧାନ ପ୍ରକାର ଆଦର୍ଶ ଅନୁସନ୍ଧାନ କରାଯାଏ । ଗୋଟିଏ କବିତା ମଧ୍ୟରେ ଥିବା ପ୍ରାସଙ୍ଗିକ ସୂକ୍ତି ପ୍ରବଚନ ଓ ଅର୍ଥାନ୍ତର ନ୍ୟାସାଦିରେ । ସେ ଆଦର୍ଶଟି ସର୍ବଦା ସ୍ୱଷ୍ଟ ହେଲେହେଁ ସେଥିରେ ଯେ ବେଳେ ବେଳେ, କୃତ୍ରିମତା ଦେଖାଯାଏ । ଉଦାହରଣ ସ୍ୱରୂପ— ପ୍ରୀତି ଅଭେଦ୍ୟ, ଚନ୍ଦ୍ର ଓ କୁମୁଦିନୀ କାହିଁ କେତେ ଯୋଜନ ଦୂରରେ ଅବସ୍ଥିତ । କିନ୍ତୁ ଦୁଇ ଜଣଙ୍କ ମଧ୍ୟରେ ପ୍ରୀତି ଅମୋଘ ଓ ଅଭେଦ୍ୟ । ଏହି ଅର୍ଥାନ୍ତର ନ୍ୟାସରେ

Digitized by PPRACHIN, SOA

ପ୍ରୀତିର ଅଭେଦ୍ୟତା ପରିକଳ୍ପନା କରଯାଇଛି । କିନ୍ତୁ ଏହା ପ୍ରତ୍ୟକ୍ଷ ଆଦର୍ଶର ଉଦାହରଣ । କବି ମୁଖ୍ୟ ଭାବରେ ଗୋଟିଏ ଚିରନ୍ତନ ଆଦର୍ଶ କାବ୍ୟରେ ଇଙ୍ଗିତ କଳା ମାଧ୍ୟମରେ ପ୍ରକାଶ କରି ଅଛନ୍ତି । ତାହା ହେଉଛି, ଚନ୍ଦ୍ରଭାନୁର ଏକ ପତ୍ନୀବ୍ରତ ଓ ଲାବଣ୍ୟବତୀର ଅଚ୍ଛେଦ୍ୟ ଏକ ପତିବ୍ରତ । ଏପରି ଅଭିବ୍ୟକ୍ତି ଆଉ କେଉଁଠାରେ ନାହିଁ । କିନ୍ତୁ ସକଳ ଅରୁଚିକର ଶୃଙ୍ଗାର ବିଳାସ ମଧ୍ୟରେ ଫୁଟି ଉଠିଛି ଦୁଇଜଣଙ୍କର ଏହି ଅକାଟ୍ୟ ପ୍ରୀତି । ଯେଉଁ ପ୍ରୀତିର ଶେଷ ନାହିଁ, ଯେଉଁ ପ୍ରୀତିରେ କପୋତୀ କପୋତ ଲାଗି ପ୍ରାଣ ଉତ୍ସର୍ଗ କରିଅଛି । ତେଣୁ ନୀଳକଣ୍ଠ ଲେଖି ଅଛନ୍ତି, "ସୂକ୍ତିର ଉପଦେଶ ଅଧିକାଂଶ ସ୍ଥଳରେ ସ୍ପଷ୍ଟ ଉପଦେଶ । ଏହା ଅତ୍ୟନ୍ତ ଉପାଦେୟ ହେଲେହେଁ ପ୍ରାଣ ବେଳେ ବେଳେ ଗ୍ରହଣ କରିବାକୁ ଅନିଚ୍ଛୁକ । କିନ୍ତୁ ଚରିତ୍ର ଚିତ୍ରଣ ପଛରେ ଯେ ଅଜ୍ଞାତ ବ୍ୟକ୍ତିତ୍ୱ ଥାଏ, ତାହା ଅଲକ୍ଷିତ ଭାବରେ ପାଠକର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ । ଇଙ୍ଗିତ ମାତ୍ରକେ ପାଠକର ଭାବ ଓ ରସୋଦ୍ରେକ କରାଏ ଏବଂ ସ୍ଥାୟୀ ଭାବରେ ପାଠକକୁ ପ୍ରଣୋଦିତ କରେ । ଗୁରୁଙ୍କ ଠାରୁ ଆମ୍ଭେମାନେ ଉପଦେଶ ଶୁଣୁ । ସେଥିରେ ଜୀବନର ଗୋଟାଏ ଆଦର୍ଶ ବିକଶିତ ହେବାର କଥା । କିନ୍ତୁ ଏ ଉପଦେଶର ଆଦର୍ଶଠାରୁ ଅଧିକ ସ୍ଥାୟୀ ଗୁରୁଙ୍କର ବ୍ୟକ୍ତିତ୍ୱର ଆଦର୍ଶ । ଗୁରୁଙ୍କ ଉନ୍ନତ ଜୀବନ ସଂପର୍କରେ ଆସି ଅଜ୍ଞାତ ଭାବରେ ଶିଷ୍ୟ ଯେ ଆଦର୍ଶରେ ପ୍ରଭାବିତ ହୁଏ, ତାହା ଉପଦେଶର ଆଦର୍ଶଠାରୁ ବହୁ ଗୁଣରେ ଅଧିକ ସ୍ଥିର ଓ ଫଳ ପ୍ରଦାୟକ । କାବ୍ୟର ଚରିତ୍ର ଚିତ୍ରଣରେ ଯେଉଁ ଆଦର୍ଶ ଅଲକ୍ଷିତ ଭାବରେ ପ୍ରକାଶ ପାଏ, ତାହା ସେହିପରି ସୂକ୍ତିର ଆଦର୍ଶଠାରୁ ଶ୍ରେଷ୍ଠ ଓ ସ୍ଥାୟୀ । ଏହାହିଁ କାବ୍ୟର ଜୀବନ । ତାହା କେତେବେଳେ କିପରି ଭାବରେ ପାଠକକୁ କି ଇଙ୍ଗିତ କରେ ପାଠକ ତାହା ବୁଝିପାରେ ନାହିଁ । ମାତ୍ର ଫଳରେ ନାୟକ,ନାୟିକାଦିଙ୍କର ବ୍ୟକ୍ତିତ୍ୱରେ ପାଠକର ଭାବୋଦ୍ରେକ, ରସୋପଲବ୍ଧି ଓ ବେଳେ, ବେଳେ, ଆତ୍ମବିସ୍ମୃତି ହୁଏ । ଏଥିରେ ସନ୍ଦେହ ନାହିଁ । କହି ବୁଝାଇବାର ଆବଶ୍ୟକତା ନାହିଁ ଯେ ଏହା ପ୍ରତ୍ୟେକ ପାଠକ ଅନୁଭବ କରନ୍ତି ଏବଂ ପାଠକମାନେ ଅନେକ ସମୟରେ ଏହି ଭାବୋଦ୍ରେକରେ ଭୁଲି କାବ୍ୟ ପଢନ୍ତି । ତଥାପି ତାଙ୍କ ସମାଜର ଅବସ୍ଥା ଓ ପରିସ୍ଥିତି ତାଙ୍କ କାବ୍ୟରେ ଅଛି । ତା' ହେଉଛି ରାଜକୀୟ ପରିବାରର ବ୍ୟାପାର । ତାହା ସହିତ ଇତିହାସରୁ ଆମ୍ଭେମାନେ ଘନିଷ୍ଠ ଭାବରେ ପରିଚିତ ନ ହେଲେ ତାହା ବୁଝିବା କଠିନ ବ୍ୟାପାର ।

ଲାବଣ୍ୟବତୀ କାବ୍ୟରେ ବିଚିତ୍ର ଛନ୍ଦ ବୈଚିତ୍ର୍ୟ ଦେଖାଯାଏ, ଭାବ ବିଶେଷକୁ ଗ୍ରହି । ବିଶିଷ୍ଟ ଛାନ୍ଦର ପରିକଳ୍ପନା ଏଥିରେ ଭଞ୍ଜୀୟ ଚିନ୍ତାରେ ଅନ୍ଧ

Digitized by PPRACHIN, SOA

ଅନୁସରଣ ନାହିଁ ଏହା ମୌଳିକ ଓ ତାଙ୍କର ନିଜସ୍ୱ । ସଂସ୍କୃତର ଅନୁଗାମୀ ଏହା ନୁହେଁ । ସେ ଯେପରି ଭବର ଛାନ୍ଦ ଯୋଜନା କରି ଅଛନ୍ତି, ତାହା ଅନନ୍ୟ ସାଧାରଣ । ସେଥିରେ ସଂସ୍କୃତ ଶବ୍ଦ ବିଶେଷ ଭବରେ ଥିଲେ ମଧ୍ୟ ତାକୁ ପ୍ରକୃତ ରାଗ, ରାଗିଣୀରେ ବୋଲିଲେ ହୃଦୟରେ ସ୍ୱତଃ ସ୍ପନ୍ଦନ ଜାଗି ଉଠେ । ପ୍ରାଣ ଭବରେ ତନ୍ମୟ ହୁଏ । ଉଦାହରଣ ସ୍ୱରୂପ କେଳିପୁର ବାହୁଡ଼ା ଏବଂ ସଖୀ ମାନଙ୍କର ପରିହାସରେ ଚତୁଃତ୍ରିଂଶ ଛାନ୍ଦରେ କବି ଲେଖିଅଛନ୍ତି, —

(ରାଗ–କଲ୍ୟାଣ ଆହାରୀ ବା ଚିନ୍ତା ବରାଡ଼ି ବା ବସନ୍ତ ବରାଡ଼ି,
କେଳି ସଦନୁ ବାହୁଡ଼ି ପଥ ହୁଡ଼ି ଆସିବା ବେଳେ ସୁକେଶୀ, ଯେ
କୋକିଳ ଭଷୀକି ଭଷିଲ ଏମନ୍ତ କହିଁ ପରିହାସୀ ହସି ଯେ ।
ସୁନ୍ଦରୀ ! କହ କହ ମହୀ ଶୋଭିରେ
କରୁଛି ବିଗ୍ଭର କହିଁ ସୁକୃତରୁ ଭ୍ରମର କେତକୀ ଲଭିରେ ।

କିମ୍ବା

'ଲବଣ୍ୟବତୀ'ର ଷଡ଼ବିଂଶ ଛାନ୍ଦରେ ଚନ୍ଦ୍ରଭନୁଙ୍କର ଲବଣ୍ୟବତୀ ସହିତ ସ୍ତ୍ରୀବେଶରେ ସାକ୍ଷାତ ଓ ସିଂହଳ ମନ୍ତ୍ରୀ ସହ ଉତ୍ସବ ସ୍ଥାନକୁ ଗମନ ।

ରାଗ—ଚିନ୍ତା ଦେଶାକ୍ଷ
(ପଙ୍କଜ ବଦନ ଲୁଳେ କଜ୍ଜଳ ଜଳେ) ବାଣୀରେ ଲେଖିଅଛନ୍ତି
ମେଧାବିନୀ ଶୁଣି ଗତ ଅନ୍ତପୁରୀକି
ଭେଟିଲ ରାଜକୁମାରୀ ସୁକୁମାରୀ କି । ୧ ।
ପଗ୍ଭରିଲ ପ୍ରିୟ ସହଚରୀ କି ତହିଁ
ସାକ୍ଷାତ ଦର୍ଶନ ହେବ କେମନ୍ତ ହୋଇ । ୨ ।
ବିଗ୍ଭରି ମନ୍ତ୍ରୀ ନନ୍ଦନା କଲ ଉତର
ନାରୀ ବେଶ ଧରିବେ ମଦନ ସୁନ୍ଦର । ୩ ।

ଏତ ଗଲ ଭବ ବିନ୍ୟାସ ଉପଯୋଗୀ ଛାନ୍ଦ ଗ୍ଭତୁରୀର ଅପରିମେୟ ପରିକଳ୍ପନା । ସଂସ୍କୃତ ଶବ୍ଦ ସହିତ ସେ କିପରି ବିଶିଷ୍ଟ କଥା ଓଡ଼ିଆ ପ୍ରୟୋଗମାନଙ୍କୁ ମିଶାଇ ଦେଇ ଅଦ୍‌ଭୁତ କାବ୍ୟ କଳାର ନୈପୁଣ୍ୟ ପ୍ରକଟିତ କରି ଅଛନ୍ତି, ତାହା ମଧ୍ୟ ନୀଳକଣ୍ଠ ସୂଗ୍ଭଇ ଅଛନ୍ତି । ବୋଧହୁଏ ସେ 'ଲବଣ୍ୟବତୀ' କାବ୍ୟର ବିବାହ ଛାନ୍ଦ ଅନୁଶୀଳନ କରି ନାହାନ୍ତି । ସେଥିରେ ଯେପରି ଭବରେ ଭଞ୍ଜ କବି ସଂସ୍କୃତ ଶବ୍ଦ ସହିତ ଓଡ଼ିଆ ଶବ୍ଦର ମିଶ୍ରଣ କରି ଅଛନ୍ତି ତାହା ଅତି ଅଦ୍‌ଭୁତ । ଯଥା—

Digitized by PPRACHIN, SOA

ଏମନ୍ତେ ରଜନୀ ଶେଷ ସମୟରେ ତହିଁ
କୋକିଳସ୍ୱାନ ସେ ବର କନ୍ୟାକୁ କରଇ ଯେ ।

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ପଣ୍ଡିତ ନୀଳକଣ୍ଠ ଭଞ୍ଜୀୟ କାବ୍ୟ ଆଲୋଚନା କ୍ଷେତ୍ରରେ ନିରପେକ୍ଷ ସମାଲୋଚନାର ଧାରାକୁ ଅନୁସରଣ କରିଛନ୍ତି । ନୈତିକତାର ପୁରୋଧା ଭାବରେ ପଣ୍ଡିତ ନୀଳକଣ୍ଠ ଅତ୍ୟନ୍ତ ସୁପରିଚିତ ହେଲେ ମଧ୍ୟ ସାହିତ୍ୟର ଆଲୋଚନା କ୍ଷେତ୍ରରେ ସେ ନିରପେକ୍ଷ ସମାଲୋଚନାର ମାନଦଣ୍ଡ ପ୍ରତି ଅଧିକ ଆସ୍ଥାବାନ ହୋଇଛନ୍ତି ।

• • •

# ରାଧାନାଥ ଓ ନୀଳକଣ୍ଠ

## ନୀଳକଣ୍ଠଙ୍କର ରାଧାନାଥଙ୍କୁ ସମାଲୋଚନା –

ଗୋପବନ୍ଧୁ ଯେପରି ତାଙ୍କର ଛାତ୍ରାବସ୍ଥାରେ ରାଧାନାଥଙ୍କୁ ସମାଲୋଚନା କରି ଲେଖିଥିଲେ,

"ଧଡ଼ିଆ ପଣ୍ଡିତମନ୍ୟ
ବାଉରି ସାହିରେ ଶୃଗାଳ କେଶରୀ ପରି ହେଉଥାନ୍ତି ଗଣ୍ୟ"

ସେହିପରି ନୀଳକଣ୍ଠ ରାଧାନାଥଙ୍କ କାବ୍ୟର ନବ ମୂଲ୍ୟାୟନ କରି ଲେଖିଥିଲେ

(୧) "ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ
ଯବନାନୀ କବି ନାୟିକା ନାଟି ତକ ଆଚରି ।"

(୨)" କବିଙ୍କ କେଦାରଗଉରୀ ଆସି ଯବନ ଦେଶୁଁ
ନାଚି ଯିବେ ତିଳେ ସପନେ ତବ ଅଭ୍ୟାସ ବଶୁ ।"

(୩) "ଘର ଛାଡ଼ି କିମ୍ପା ଯିବେ ସେ ବୀର-ବାଳା ନନ୍ଦିକା,
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?"

(୪) "କଉଶଲ୍ୟା ଗଙ୍ଗ ଧଉଳି ଏହି ନୟନେ ନାଚେ,
କବିଙ୍କି ସୁମରି ବିରାଗେ ମୁଖ ଫେରାଅ ସଚେ "

(୫) " ସମୁଦ୍ର–ସଇନି ଚଳିବେ ସୁଖେ–ମହେନ୍ଦ୍ର ବାଟେ,
ସ୍ୱାଧୀନ ଯଯାତି ଟେକିବେ ଶିର ସାଗର ତଟେ,

Digitized by PPRACHIN, SOA

(୬୨) " କବି ରାଧାନାଥ ଆସିବେ କି ସେ ଯଯାତି ପାଶେ ।
ରାଣୀସନେ ସେ କି ହସିବେ ବିଦ୍ୟାସୁନ୍ଦର ହାସେ ?"

କିନ୍ତୁ ଏପରି ପ୍ରତିକୂଳ ମନ୍ତବ୍ୟ ଦେବା ସତ୍ତ୍ୱେ ରାଧାନାଥ ପରେ ଗୋପବନ୍ଧୁଙ୍କୁ କିପରି ଭଲ ପାଉଥିଲେ, ସେ ସମ୍ପର୍କରେ ଗୋପବନ୍ଧୁଙ୍କର ଜଣେ ଘନିଷ୍ଠ ବନ୍ଧୁ ଶ୍ରୀ ବାସୁଦେବ ରଥ କହନ୍ତି, 'ମୁକୁରରେ ଗୋପବନ୍ଧୁଙ୍କର ଗୋଟିଏ କବିତା ପ୍ରକାଶ ପାଇଥାଏ । ତାହାର ଗୋଟିଏ ପଦ ହେଉଛି—

ଅବନ୍ଧୁ ଜୀବନ ଅସହ୍ୟ ମହୀ
ଦେହ ଧରି କିଏ ପାରିବ ରହି ?

କବିବର ରାଧାନାଥ ମୁକୁର ଖଣ୍ଡି ହାତରେ ଧରି ସନ୍ଧ୍ୟା ସମୟରେ ଗୋପବନ୍ଧୁଙ୍କ ବସାରେ ଆସି ପହଞ୍ଚିଲେ ଏବଂ କାଠଯୋଡ଼ି କୂଳକୁ ତାଙ୍କ ସହିତ ବୁଲିଯିବା ପାଇଁ ତାଙ୍କୁ ଡ଼ାକିଲେ । ସେ କାଠଯୋଡ଼ି କୂଳେ ଗୋପବନ୍ଧୁଙ୍କୁ କୁଣ୍ଢାଇ ପକାଇ କହିଲେ "ମୁଁ ଏତେ ଦିନେ କବିତା ପଢ଼ିବାକୁ ପାଇଲି ।" ସେହି ଦିନୁ ସେ ଅନେକ ଥର ଗୋପବନ୍ଧୁଙ୍କ ବସାକୁ ଆସି ନଈକୂଳେ ବୁଲିବା ପାଇଁ ତାଙ୍କୁ ସାଙ୍ଗରେ ଡ଼ାକି ତାଙ୍କ ସାହିତ୍ୟ ସଂପର୍କରେ ଆଲୋଚନା କରୁଥିଲେ ।

ରାଧାନାଥଙ୍କର ମୃତ୍ୟୁ ହୁଏ ୧୯୦୮ ମସିହା ଏପ୍ରିଲ ୧୨ ତାରିଖରେ ସେ ଜୀବିତ ଥିଲେ, ନୀଳକଣ୍ଠଙ୍କର ତାଙ୍କ ପ୍ରତି ପ୍ରତିକୂଳ ସମାଲୋଚନା ଦେଖି ତାଙ୍କର କି ଧାରଣା ହୋଇଥାନ୍ତା, ତାହା ସହଜରେ ଅନୁମେୟ । ବୋଧହୁଏ ଗୁଣଗ୍ରାହୀ ରାଧାନାଥ ନୀଳକଣ୍ଠଙ୍କୁ ସାଦରେ ଆଲିଙ୍ଗନ କରି କହିଥାନ୍ତେ । "ବାଃ ବାଃ ରେ ନୀଳକଣ୍ଠ ! ତୁ ଯାହା ଲେଖିଛୁ ସବୁ ଠିକ୍ । ମୁଁ ଏ ସବୁ କଥା ଜାଣି ନଥିଲି । ମୁଁ ଓଡ଼ିଆ ଜାତୀୟ ଜୀବନକୁ କଳଙ୍କିତ କରି ଅଛି । ମୋ ପ୍ରତି ବିରାଗରେ ମୁହଁ ଫେରାଇ ଚାଲିବା ଉଚିତ୍ ।" ୧୯୦୮ ବେଳକୁ ନୀଳକଣ୍ଠ ବି. ଏ. କ୍ଲାସର ଛାତ୍ର । ଅକ୍‌ଟୋବର ୧୧ ତାରିଖ ୧୯୧୧ ମସିହାରେ ଏମ. ଏ ପାସ କରି ସେ ସତ୍ୟବାଦୀ ବିଦ୍ୟାଳୟକୁ ଆସିଲେ । ତା' ପୂର୍ବରୁ ୧୯୦୮ରେ ରାଧାନାଥଙ୍କ ଶ୍ରାଦ୍ଧ ଦିବସରେ ସେ "ରାଧାନାଥ ଓ ଉତ୍କଳ ସାହିତ୍ୟ" ଶୀର୍ଷକ ଏକ ଦୀର୍ଘ ପ୍ରବନ୍ଧ Central Young Utkal Associationର ଦ୍ୱାଦଶ ଅଧିବେଶନରେ ପାଠ କରିଥିଲେ, ଯେତେବେଳେ ସେ Ravenshaw Collegeର ଜଣେ ଉଦୀୟମାନ ଓ ପ୍ରତିଭାଶାଳୀ ଛାତ୍ରଥିଲେ । ସେ ପର୍ଯ୍ୟନ୍ତ ରାଧାନାଥଙ୍କ ପ୍ରତି ତାଙ୍କର ଭକ୍ତି, ଶ୍ରଦ୍ଧା ଓ ସମ୍ମାନ ସବୁ ଅପରିମେୟ ଭାବରେ ରହିଥିଲା । କିନ୍ତୁ ୧୯୧୮-୧୯୧୯ ମସିହା ବେଳକୁ ରାଧାନାଥଙ୍କ ପ୍ରତି ସେ ଯେ କାହିଁକି "ବିମନା" ହେଲେ ତାହାର କାରଣ

Digitized by PPRACHIN, SOA

ଖୋଜିବାକୁ ବହୁଦୂର ଯିବାକୁ ପଡ଼ିବ ନାଇ । ନିଜେ ନୀଳକଣ୍ଠ ତାର କାରଣ ଦର୍ଶାଇ ଯାଇଛନ୍ତି ୨୪-୨-୧୯୪୭ ତାରିଖରେ କବି ଡ଼ଃ ମୟାଧର ମାନସିଂହଙ୍କ ଭୂମିକା ସମ୍ବଳିତ 'କୋଣାର୍କେ'ର ନୂତନ ସଂସ୍କରଣରେ ।

## ନୀଳକଣ୍ଠ ରାଧାନାଥଙ୍କ ପ୍ରତି ବିମନା ହେବାର କାରଣ

ନୀଳକଣ୍ଠ ଲେଖିଛନ୍ତି—"୧୯୧୮ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସ୍କୁଲ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ଛାଡ଼ିଲା ପରେ ମୋର କାମ ବହୁତ କମିଗଲା । ମୁଁ ଏକ ପ୍ରକାର ପୁରାପୁରି ଲେଖା ପଢ଼ା ଧରି ବସିଲି ଏବଂ ଭଲ କରି ସାହିତ୍ୟ ଚର୍ଚ୍ଚା ଆରମ୍ଭ କଲି । × × × × × ନୂତନ ଓଡ଼ିଆ ସାହିତ୍ୟ ଭିତରେ ବିଶେଷରେ ରାଧାନାଥଙ୍କ କାବ୍ୟ ଓ କବିତାର ଚର୍ଚ୍ଚା ଚାଲିଲା । ମୁଁ ଦେଖିଲି ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲା ଦିନର ଅନେକ ଧାରଣା ବଦଳିଗଲା । ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା ପଣ୍ଡାମାନେ ଯାତ୍ରୀଙ୍କୁ କେଦାର ଗୌରୀ ଦର୍ଶନ କରାଇ ଦେଖାଉଛନ୍ତି । ଏହିଠାରେ କେଦାର ଜଳାବାଟେ ଗୌରୀ ସଙ୍ଗେ ଗୁପ୍ତ କଥାବାର୍ତ୍ତା କରୁଥିଲା । ଏହିଠାରେ କେଦାର, ଗୌରୀର ଲୁଗା ଦେଖିଲା । ଏହିଠାରେ ଗୌରୀ କେଦାର ଦୁହେଁ ଏକାଠି ମରି ପଡ଼ିଥିଲେ" ଇତ୍ୟାଦି ରାଧାନାଥଙ୍କ କେଦାର ଗୌରୀରୁ କଥା ଗୁଡ଼ିକ ପୁରାଣ କଥା ପରି କହି ଯାଉଛନ୍ତି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା । ଜାଣିଥିଲି, ପ୍ରାଚୀନ ରୋମୀୟ କବି Ovidଙ୍କ Metamorphosis ନାମକ କାବ୍ୟ ସଂଗ୍ରହରେ ଥିବା "Pyramus and Thysbe ନାମକ କାବ୍ୟର ମାତ୍ରକ ଓଡ଼ିଆ ସଂସ୍କରଣ ହେଉଛି 'କେଦାର ଗୌରୀ' । ତାର ଆଦର୍ଶ ଭାରତୀୟ ନୁହେଁ । ତା ପୁଣ ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପାଠର ମୂଳରୂପେ ଏପରି କୁହାଯାଉଛି । ରାଧାନାଥଙ୍କର "ଚନ୍ଦ୍ରଭାଗା", "ଉଷା" ପରି କାବ୍ୟ ମାନ ବି ପୁଣି ସେହି Ovidଙ୍କ ପୁସ୍ତକରୁ ଗୃହୀତ ଓ ତେଣିକି ପୁଣି ଏହିପରି ନାନା ଭାବରେ ବିଶ୍ଳେଷଣ, ଆଲୋଚନା, ସମାଲୋଚନା, ଅନ୍ୱାଲୋଚନା ବରାବର ଚାଲିଲା ।" ଏହିପରି ଭାବରେ ନୀଳକଣ୍ଠ ୧୯୦୮ ମସିହାରେ ରାଧାନାଥଙ୍କ ପ୍ରତି ଯେପରି ଧାରଣା ପୋଷଣ କରିଥିଲେ, ୧୯୧୮ ମସିହା ବେଳକୁ ତାର ବିପରୀତ ଧାରଣାର ବଶବର୍ତ୍ତୀ ହେଲେ ।

## ସତ୍ୟବାଦୀ ସାହିତ୍ୟର ଆଭିମୁଖ୍ୟ

ସମାଲୋଚକ ମାନେ ଏଥିପାଇଁ ନୀଳକଣ୍ଠଙ୍କ ପ୍ରତି ଯେତେ ଖଡ଼ଗ ହସ୍ତ ହୁଅନ୍ତୁ ପଛକେ, ଏ କଥାରେ ସମସ୍ତେ ଏକମତ ହେବେ ଯେ ସତ୍ୟବାଦୀ ସାହିତ୍ୟର ତିନୋଟି ପ୍ରଧାନ ଆଭିମୁଖ୍ୟ ଥିଲା । (କ) ସମାଜ ସଂସ୍କାର ମନୋବୃତ୍ତି (ଖ) ଜାତୀୟତା ବା ଦେଶ ପ୍ରୀତି ଓ (ଗ) ଜନସେବା/

Digitized by PPRACHIN, SOA

ଆର୍ଯ୍ୟଭୂମି ସଂସ୍କୃତି ଓ ଜାତୀୟତା ଉପରେ ଏହି ବନ ବିଦ୍ୟାଳୟ ପ୍ରତିଷ୍ଠିତ ଥିଲା । ତେଣୁ ରାଧାନାଥଙ୍କର ବିଜାତୀୟ ଭାବ ଉପରେ ନୀଳକଣ୍ଠଙ୍କର ଆକ୍ରୋଶ ହେବା ସ୍ୱାଭାବିକ । ୧୯୦୮ ମସିହା ବେଳକୁ ଜାତୀୟତାର ଯେଉଁ ବିକାଶ ହୋଇଥିଲା, ତାହା କ୍ରମେ କ୍ରମେ ୧୯୧୮ ବେଳକୁ ଉଗ୍ର ପ୍ରତାପ ଓ ଚେତନରେ ଉଦ୍ଦିପ୍ତ ହେଲା । ଏହାର କାରଣ ସ୍ୱରୂପ କୁହାଯାଇ ପାରେ, ଭାରତ ଜାତୀୟ କଂଗ୍ରେସର ଇଂରେଜମାନଙ୍କ ବିରୁଦ୍ଧରେ ପ୍ରବଳ ବିଦ୍ରୋହ, ବାଳ ଗଙ୍ଗାଧର ତିଳକ ଓ ଗୋପାଳକୃଷ୍ଣ ଗୋଖେଲଙ୍କ ମହିମାମୟ କାର୍ଯ୍ୟକଳାପ ଓ ଭାରତର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ସେମାନଙ୍କ ପ୍ରାଣର ଆବେଗ ଏବଂ ମଧୁସୂଦନଙ୍କ ପ୍ରେରଣାରେ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁଙ୍କର ପ୍ରଗାଢ଼ ଦେଶାତ୍ମବୋଧ । ଏହି ଦେଶାତ୍ମବୋଧ ନୀଳକଣ୍ଠଙ୍କ ହୃଦୟରେ "କବିଙ୍କି ସୁମରି ବିରାଗେ ମୁହଁ ଫେରାଅ ପଛେ"—ଏହି ପଂକ୍ତିର ପ୍ରକାଶରେ ରାଧାନାଥଙ୍କ ପ୍ରତି ତାଙ୍କର ଘୋର ବିତୃଷ୍ଣା ଜାତ ହୋଇ ଥିବାର ଭାବ ସ୍ପଷ୍ଟ ।

## ରାଧାନାଥଙ୍କର ସ୍ୱଦେଶ ପ୍ରୀତି

ରାଧାନାଥଙ୍କର ସ୍ୱଦେଶ ପ୍ରୀତିର ଅଭାବ ନଥିଲା । ତାଙ୍କ ରଚିତ 'ସର୍ବୋଧାଂନୋ ଜନନୀ ଭାରତ ଧରଣୀ କଲ୍ପଲତେୟମ୍" ଗୀତ ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ସଂଗୀତ ରୂପେ ୧୯୦୮ ପୂର୍ବରୁ ବୋଲାଯାଇଅଛି । ପୁଣି,

"ଦେବୀ ବୀଣା ପାଣି କେଉଁ ପାପ ଫଳେ,
କରୁଣା ତୋହର ଊଣା ଏ ଉତ୍କଳେ,
ସ୍ୱଭାବେ ଉତ୍କଳ ଶୋଭାର ନିଧାନ,
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ
ବିନୁ ସିନା ମାତ ହୋଇଛୁ ବିବଶା,
ଲଭିଛୁ ଅରଣ୍ୟ ପ୍ରସୂନର ଦଶା"—

ପ୍ରଭୃତି "ଚିଲିକାର" ସୁ-ପ୍ରସିଦ୍ଧ ପଂକ୍ତି ଗୁଡ଼ିକ ନୀଳକଣ୍ଠଙ୍କ ସହିତ ସତ୍ୟବାଦୀରେ ଏକ ପ୍ରକୋଷ୍ଠ ମଧ୍ୟରେ ରହୁଥିବା ଗୋଦାବରୀଶ ପ୍ରତ୍ୟେହ ଖାଇସାରି ରାତ୍ରିରେ ଅଶ୍ରୁ ଗଦ୍‌ଗଦ୍ କଣ୍ଠରେ ବୋଲୁଥିବା ଦେଖି ଆମ୍ଭେମାନେ ବିସ୍ମିତ ଓ ସ୍ତମ୍ଭିତ ହେଉଥିଲୁ । ଆଗରୁ କୁହାଯାଇଥିବା ରାଧାନାଥଙ୍କ ମୃତ୍ୟୁ ଉପଲକ୍ଷେ ପଠିତ "ରାଧାନାଥ ଓ ଉତ୍କଳ ସାହିତ୍ୟ" ପ୍ରବନ୍ଧରେ ନୀଳକଣ୍ଠ ଲେଖିଅଛନ୍ତି, "ଜାତୀୟ ସାହିତ୍ୟରେ ସ୍ୱଦେଶ ପ୍ରେମ ପଶ୍ଚିମରୁ ଆଉ ଗୋଟିଏ ଆମଦାନୀ ଏବଂ ଉତ୍କଳ ସାହିତ୍ୟରେ ଏହା ନୂତନ କଥା । ପୂର୍ବେ ଯେ ସ୍ୱଦେଶ ପ୍ରେମ ଏକାବେଳେକେ ନ ଥିଲା ତାହା ନୁହେଁ, ଯେତେ ଦିନରୁ ମନୁଷ୍ୟ ରାଜନୀତି ଓ

Digitized by PPRACHIN, SOA

ସମାଜନୀତି ଅଧୀନ ହୋଇ ବାସ କରୁଅଛି, ତେତେଦିନରୁ ସେ ସ୍ୱଦେଶ ସଙ୍ଗେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ରହିଅଛି ଏବଂ ତାକୁ ଆଦର କରି ଆସୁଅଛି । ସ୍ନେହବିନା ସଂହତି ସମ୍ଭବ ନୁହେଁ । ଏଣୁ ଦେଶବାସୀଙ୍କ ସ୍ୱଦେଶ ବତ୍ସଳତା ବ୍ୟତିରେକେ ରାଜନୀତିର ଅଧୀନ ହେବା ଅସମ୍ଭବ ଓ ସମାଜର ସ୍ଥାୟିତ୍ୱ ଅସ୍ୱାଭାବିକ ହେବ । ଅବଶ୍ୟ ପ୍ରାଚୀନ ଭାରତବାସୀ ଦେଶ ଓ ରାଜାଙ୍କ ସଙ୍ଗେ ଘନିଷ୍ଠ ଭାବରେ ସଂବଦ୍ଧ ଥିଲେ ଏବଂ ସ୍ଥାନେ ସ୍ଥାନେ ତାହା ଲିପିବଦ୍ଧ କରୁଥିଲେ; କିନ୍ତୁ ବର୍ତ୍ତମାନ ପରି ସ୍ୱଦେଶ ପ୍ରେମର ଦୀକ୍ଷା ତାଙ୍କର ନଥିଲା । × × ସେ ଯାହାହେଉ, ରାଧାନାଥଙ୍କ କବିତାରେ ସ୍ୱଦେଶ ପ୍ରେମ ପରିସ୍ଫୁଟ ଓ ପ୍ରାଞ୍ଜଳ । × × ତାଙ୍କର ସମସ୍ତ କାବ୍ୟ ଓ କବିତା ମଧ୍ୟରେ ସର୍ବତ୍ର ସ୍ୱଦେଶ ବତ୍ସଳତା ବର୍ଣ୍ଣନାର ଅନ୍ତରାଳରେ ଲେଖାକୁ ଗୋଟିଏ ଶକ୍ତି ଓ ଆକାର ପ୍ରଦାନ କରିଅଛି ଏବଂ ସ୍ୱଦେଶ ବତ୍ସଳତା ସୂତ୍ରରେ ଯେପରିକି ତାଙ୍କର ସମସ୍ତ କବିତା ଗ୍ରଥିତ ହୋଇଅଛି । × × × ରାଧାନାଥଙ୍କ ଲେଖାବଳୀରେ ଉତ୍କଳର ପ୍ରତ୍ୟେକ ନଦନଦୀ, ହ୍ରଦ, ନିର୍ଝର ଓ ଟଙ୍କ ପର୍ବତ, ଉପତ୍ୟକା ଦହ ପାଟ ପ୍ରଭୃତି କି ଅଭୁତ ଜୀବନୀ ଶକ୍ତିରେ ପ୍ରତ୍ୟେକ ଉତ୍କଳୀୟଙ୍କ ହୃଦୟକୁ ସ୍ପର୍ଶ କରୁଅଛି । ଚନ୍ଦ୍ରଭାଗାର ବାଲୁକାମୟ ଉପକୂଳ ଠାରୁ କେଦାର ଗୌରୀର କମନୀୟ ନିର୍ଝର ପର୍ଯ୍ୟନ୍ତ, ମହାନଦୀର ପଠା ଓ 'ବୀର ରକ୍ତ ପିଣ୍ଡେ ଗଢ଼ା ବାରବାଟୀ' ଠାରୁ 'ଉତ୍କଳ କମଳା ବିଳାସ ଦୀର୍ଘିକା' ଚିଲିକା ପର୍ଯ୍ୟନ୍ତ, କ୍ଷୁଦ୍ର ରନ୍ଟିଗଠାରୁ ସମୁନ୍ନତ ମେଘାସନ ପର୍ଯ୍ୟନ୍ତ ସମସ୍ତେ ଯେପରି ରାଧାନାଥଙ୍କ ପ୍ରତିଭାରେ ସଦ୍ୟସ୍ନାତ ହୋଇ ଏକ ଶକ୍ତିମୟ ଜୀବନ ଆଭାରେ ବିଭାସିତ ହୋଇଅଛନ୍ତି ।" (୧)

## "ଚିଲିକା" ରାଧାନାଥଙ୍କର ଏକମାତ୍ର ମୌଳିକ କାବ୍ୟ--

ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ନୀଳକଣ୍ଠଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ । ଦିନେ ସେ ନୀଳକଣ୍ଠଙ୍କୁ କହିଲେ, "ରାଧାନାଥ ବଡ କବି ।" କିନ୍ତୁ ସେତେବେଳକୁ ନୀଳକଣ୍ଠ ଆଉ ରାଧାନାଥଙ୍କ ପ୍ରତି ଆସକ୍ତ ନଥିଲେ । ସେ ରାଧାନାଥଙ୍କର ବିଜାତୀୟ ନାୟକ-ନାୟିକାମାନଙ୍କର ଅବତାରଣା ଦେଖି ବଡ଼ ଅସହିଷ୍ଣୁ ହୋଇ ପଡ଼ିଥିଲେ । ପରମାନନ୍ଦ ଆଚାର୍ଯ୍ୟ ପଚାରିଲେ, 'ରାଧାନାଥଙ୍କ ଚିଲିକା ସମ୍ବନ୍ଧରେ ଆପଣଙ୍କ ମତ କଣ ?' ନୀଳକଣ୍ଠ ଉତ୍ତର ଦେଲେ, "ପାର୍ବତୀ", "ନନ୍ଦିକେଶ୍ୱରୀ" ଓ 'ମହାଯାତ୍ରା',—ଏ ସବୁଥିରେ ମୌଳିକତା କାହିଁ ? ପଦେ ପଦେ ନକଲ ।"

(୧) ଓଡ଼ିଆ ଭାଷା ସାହିତ୍ୟ— ନୀଳକଣ୍ଠ ଦାସ, ପୃ ୨୪୯—୨୫୦

Digitized by PPRACHIN, SOA

"କଉଶଲ୍ୟା ଗଙ୍ଗ ଧଉଳି ଏହି ନୟନେ ନାଚେ,
କବିଙ୍କି ସୁମରି ବିରଗେ ମୁହଁ ଫେରଅ ପଛେ ।"

ଏହା ତ ପୁଣି ମୁଁ ଲେଖିଛି । ସେଥିରୁ ଆଗ୍ରର୍ଯ୍ୟ କହିଲେ, "ସେତ ବି Lady of the Lakeର ଅନୁକରଣରେ 'ଚିଲିକା" କାବ୍ୟ ଲେଖିଅଛନ୍ତି ।" କିନ୍ତୁ, ନୀଳକଣ୍ଠ କହିଲେ "ସେ Lady of the Lake ଅନୁକରଣ କରି ନାହାନ୍ତି । ସେ ନିଜ ମନକୁ ନିଜ କଳ୍ପନାରେ "ଚିଲିକା" କାବ୍ୟ ଲେଖିଅଛନ୍ତି । 'ଚିଲିକା ଖଣ୍ଡି ଏ ମୌଳିକ କାବ୍ୟ । ଏହା ବିଶ୍ୱ ସାହିତ୍ୟରେ ଅବଶ୍ୟ ସ୍ୱୀକୃତ ହେବ ।" ସେତେବେଳେ ନୀଳକଣ୍ଠ "ଓଡ଼ିଶା ସାହିତ୍ୟ ଏକାଡ଼େମୀ"ର ସଭପତି ଥିଲେ ଏବଂ 'ଚିଲିକା' କାବ୍ୟକୁ ଭରତର ବିଭିନ୍ନ ଭଷାରେ ଅନୁବାଦ କିରିବା ଲଗି ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀଙ୍କୁ ଅନୁରୋଧ କରିଥିଲେ ।

ନୀଳକଣ୍ଠ ପରମାନନ୍ଦ ଆଗ୍ରର୍ଯ୍ୟଙ୍କୁ 'ମହାଯାତ୍ରା'ରେ ମୌଳିକତା ନାହିଁ ବୋଲି କହିଲେ । କିନ୍ତୁ ସେହି 'ମହାଯାତ୍ରା' ସମ୍ବନ୍ଧରେ ୧୯୦୮ରେ ପଠିତ 'ଗଧାନାଥ ଓ ଉତ୍କଳ-ସାହିତ୍ୟ' ପ୍ରବନ୍ଧରେ ସେ ସ୍ପଷ୍ଟ ଲେଖିଅଛନ୍ତି, "ମହାଯାତ୍ରା ହେଲ କବିଙ୍କର ସର୍ବୋତ୍କୃଷ୍ଟ ଗ୍ରନ୍ଥ । ତାହାର ଆଦର୍ଶ ନୀତିଶିକ୍ଷା ଓ କବିତା ଘ୍ରତୁରୀ ଅତୁଳନୀୟ । ଲେଖନ ପଦ୍ଧତି ମହତ୍ ଓ ଉନ୍ନତ, କିନ୍ତୁ ଅଳ୍ପ କଥାରେ କହିବାକୁ ଗଲେ ସରଳ ଓ ମର୍ମସ୍ପର୍ଶୀ ନୁହେଁ । ଅବଶ୍ୟ ତାହା ଜନସାଧାରଣଙ୍କ ପାଇଁ ହୋଇ ନାହିଁ ଏବଂ ସେ ରୀତିର କାବ୍ୟ ମାନଙ୍କରେ ସେହି ପଦ୍ଧତି କ୍ରମଶଃ ଅନୁସୃତ ହୋଇଥାଏ । ଗଧାନାଥ ଆଧୁନିକ ଉତ୍କଳର ପ୍ରଥମ କବି, ଲେଖକ । ଏଣୁ ଏ ସବୁ କ୍ଷୁଦ୍ର ଓ ସାମାନ୍ୟ ଦୋଷ ଧର୍ତ୍ତବ୍ୟ ନୁହେଁ । "ମହାଯାତ୍ରା" ସେ ଉଦାହରଣ ଓ ତିତିକ୍ଷାର ଚିତ୍ର । ଭଷା ଲଳିତ୍ୟ ଓ ବହୁବିଧ ଗଠନ ପ୍ରବଣତା, ଭବର ମହତ୍ତ୍ୱ ଓ ନୀତିର ଉଚ୍ଚତା, ନାଟକୀୟ ଛଟା ବିକାଶ ଓ ସାମାଜିକ ଚିତ୍ର ବିଶେଷ-ମାନଙ୍କର ଅନୁଭୂତି କୌଶଳ କଳ୍ପନାର ବିସ୍ତାର ଓ ବର୍ଣ୍ଣନା ବିଚିତ୍ରତା, ଉପଲବ୍ଧିର ଗାରିମା ଓ ଲେକ ଚରିତ୍ରର ଗବେଷଣା ପ୍ରଭୃତି ସମ୍ମୁଖରେ ଏ ସବୁ ଅକିଞ୍ଚିତ୍କର ବୋଧହୁଏ । ଏ ସ୍ଥଳରେ ସେ ଲେଖା ପଦ୍ଧତିରେ ଯେଉଁ ଆଦର୍ଶ ଦେଖାଇ ଯାଇ ଅଛନ୍ତି, ତାହାହିଁ ଅନ୍ୟମାନଙ୍କ ପକ୍ଷରେ ଯଥେଷ୍ଟ । (୧) ଯେଉଁମାନେ ନୀଳକଣ୍ଠଙ୍କର "କବିଙ୍କ ସୁମରି ବିରଗେ ମୁହଁ ଫେରଅ ପଛେ" ପଢ଼ି କ୍ରୋଧରେ ଜର୍ଜରିତ ହୋଇ

(୧) ଓଡ଼ିଆ ଭଷା ଓ ସାହିତ୍ୟରେ ଗଧାନାଥ— "ଉତ୍କଳ ସାହିତ୍ୟ"— ପୃ ୨୬୮-୨୬୯

Digitized by PPRACHIN, SOA

ନୀଳକଣ୍ଠଙ୍କ ଉପରେ ଗାଳି ବର୍ଷଣ କରି ଯାଆନ୍ତି, ସେମାନେ ତାଂକ "ରାଧାନାଥ ଓ ଉତ୍କଳ ସାହିତ୍ୟ" ପ୍ରବନ୍ଧ ପାଠ କରି ନାହାନ୍ତି । ପାଠ କରିଥିଲେ ମଧ୍ୟ କିଛି ଅବବୋଧ କରି ନାହାନ୍ତି ।

## Sri S. N. Rathଙ୍କ ମତ

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ ଇଂରେଜୀ ସାହିତ୍ୟ ପତ୍ରିକାରେ Sri S. N. Rath ଙ୍କ ଦ୍ୱାରା October—December, 1975" ରେ ଲିଖିତ Influences on Radhanath Roy's Parvati" ପ୍ରବନ୍ଧ କିଏ ପାଠ କରିଛି କି ? ତାର ପ୍ରତିବାଦ ତ କିଏ ଲେଖିନାହିଁ । ସେଥିରେ ସେ କୌଶଲ୍ୟାଂକ ପ୍ରେତାତ୍ମାର କାହାଣୀ କିୟଦଂଶ ଇଂରେଜୀରେ ଅନୁବାଦ କରି ତା ଉପରେ ନିଜର ମନ୍ତବ୍ୟ ଦେଇ ଉଲ୍ଲେଖ କରି ଅଛନ୍ତି । "And the happening is a sexual union of a father with his daughter. Not writer. not even Ovid save Shelley in "The cenci" and Massinger in "The unnatural combat", could have imagined of such an uncanny theme for literature, Claudius' incest wtih his dead brother's wife, or Aegistus' with Clytemnestira does not seem as awful and depressing as Gangeswara's with Kausalya. The ovidian tale of Myraha's incest, another instance of animality, with her father doesnot' involve, atleast, machiavellian cruelty, though, as a tale of wicked sexuality, it is still unsurpssed in literature".

ନୀଳକଣ୍ଠଂକଠାରୁ ଏହି ଇଂରେଜୀ ପ୍ରବନ୍ଧରେ ହୀନ କର୍ମକୁ ବିଭତ୍ସ ରୂପେ ଚିତ୍ରଣ କରି ସେ କହନ୍ତି, "ପିତାଂକ ସହିତ ଦୁହିତାର ଏ ଯେଉଁ ସଂସର୍ଗ ତାହା ସେଲିଂକ "ଦି ସେନ୍‌ସି" ଏବଂ ମାର୍ସିଞ୍ଜରଂକ "ଦି ଅନ୍‌ନାଚରଲ କମ୍ବାଟ୍" ର ବିଭତ୍ସତା ଦେଖି ଏପରି ପିତା କନ୍ୟା ସମ୍ବନ୍ଧରେ କେହି କହି ପାରିବ ନାହିଁ । ଅନ୍ୟାନ୍ୟ କବିମାନେ ଏହିପରି ଯେତେକ କୁତ୍ସିତ ଚିତ୍ର ଅଂକନ କରି କାବ୍ୟ ଓ ନାଟକାଦି ପ୍ରଣୟନ କରି ଅଛନ୍ତି, ସେଥିରେ ଗଙ୍ଗେଶ୍ୱରଂକ ଅପକର୍ମ, ନିଷ୍ଠୁରତା ଓ କଦର୍ଯ୍ୟ ଆଚରଣ ପରି ବିଭତ୍ସତା ଆଉ କିଏ ଦେଖାଇ ପାରି ନାହାନ୍ତି ।

## ନୀଳକଣ୍ଠ ୧୯୦୮ ମସିହାରୁହିଁ ଦର୍ଶାଇଥିବା ରାଧାନାଥଙ୍କ ଦୋଷ ତ୍ରୁଟି

ନୀଳକଣ୍ଠ "କୋଣାର୍କେ" କାବ୍ୟରେ ରାଧାନାଥଂକର ଉପରୋକ୍ତ ଦୋଷ ଦର୍ଶାଇବା ବ୍ୟତୀତ ୧୯୦୮ ରେ ପଠିତ ପ୍ରବନ୍ଧ "ରାଧାନାଥ ଓ ଉତ୍କଳ ସାହିତ୍ୟ"ରେ ମଧ୍ୟ ତାଂକର ଅନ୍ୟାନ୍ୟ ଦୋଷତ୍ରୁଟି ଦେଖାଇଛନ୍ତି ।

(୧) ମନୀଷୀମାନେ କବିମାନଙ୍କୁ ଭବିଷ୍ୟତ ବକ୍ତା ବୋଲି ନିର୍ଦ୍ଦେଶ କରିନ୍ତି ଏବଂ ସେହି ଅଭାବନୀୟ ପରେଦୃଷ୍ଟିରେ କବିଂକର ଯୁଗ ପରିବର୍ତ୍ତନ କ୍ଷମତା ବିଶିଷ୍ଟ

Digitized by PPRACHIN, SOA

ଭବରେ ନିହିତ ଅଛି । ବର୍ତ୍ତମାନ ଯୁଗରେ ବି କବି ଏକ ଐଶୀ ପ୍ରେରଣାରେ ଭବିଷ୍ୟତ ଚିତ୍ର ଅନୁଭବ କରନ୍ତି ଏବଂ ସ୍ଥଳ ବିଶେଷରେ ନିଜର ପ୍ରତିଭବଳରେ ଭବିଷ୍ୟତ ସୃଷ୍ଟି କରି ଯାଆନ୍ତି । କିନ୍ତୁ ରାଧାନାଥଂକ କାବ୍ୟରେ ଏହି 'ଭବିଷ୍ୟତ ଦୃଷ୍ଟି'ର ସୁସ୍ପଷ୍ଟ ଆଭାସ ମିଳେ ନାହିଁ । ଏ ସବୁ ସତ୍ତ୍ୱେ ଏଠାରେ "ମହାଯାତ୍ରା"ରେ ଯେ ପୂର୍ବେଦୃଷ୍ଟିର ଆଭାସ ମିଳୁଥିଲା, ତାହା ଉଲ୍ଲେଖ ଯୋଗ୍ୟ । ଅବଶ୍ୟ "ମହାଯାତ୍ରା" ପୂର୍ଣ୍ଣତା ପାଇପାରି ନାହିଁ ।

(୧) ସ୍ଥଳ ବିଶେଷରେ ବାସ୍ତବ ରାଜ୍ୟ ପରିତ୍ୟାଗ କରି କ୍ଷଣକ ପାଇଁ ହେଲେ ଆଦର୍ଶ ରାଜ୍ୟରେ ବିଚରଣ କରିବା କବିଂକ ପକ୍ଷରେ ସଙ୍ଗତ ଓ ସ୍ୱାଭାବିକ । ଏଥିରେ କାବ୍ୟର ମହତ୍ତ୍ୱ ଓ ବୈଚିତ୍ର ପରିସ୍ଫୁଟ ହୁଏ । ରାଧାନାଥଂକ କାବ୍ୟରେ ଏହାର ଅଭାବ ଅଛି ।

(୩) ରାଧାନାଥଂକ କାବ୍ୟ ସାହିତ୍ୟରେ ନୀତିଶିକ୍ଷା ଓ ଅର୍ଥାନ୍ତରର ନ୍ୟାସର ମୌଳିକତା ନାହିଁ ।

(୪) ରାଧାନାଥଂକ କାବ୍ୟରେ ନାଟକୀୟ ଛଟାର ଅଭାବ ।

(୫) ରାଧାନାଥ ବର୍ଣ୍ଣନାତ୍ମକ କବି । ବହିଁ ଜଗତର ଚିତ୍ରବିଦ୍ୟାରେ ସୁନିପୁଣ, ପରିଦୃଶ୍ୟମାନ ପ୍ରକୃତ ଛବି ପ୍ରତି ତାଂକର ଅତ୍ୟନ୍ତ ଅନୁରକ୍ତି ଥିଲା । ସେହି ହେତୁରୁ ହେଉ ବା ଶକ୍ତି ବିଶେଷର ଅଭାବରୁ ହେଉ, ତାହାଂକର ବିଷୟ ଚିତ୍ରରେ ନାଟକୀୟ, ବୈଚିତ୍ର ବା ବର୍ଣ୍ଣନାରେ ଅନ୍ତର୍ଜଗତର ଅଭିବ୍ୟକ୍ତି ଅଦ୍ଭୁତ ନୁହେଁ । କବି ନିଜେ ନାୟକ ନାୟିକାଂକ ସ୍ଥାନରେ ନିଜକୁ ରଖି ସେମାନଂକର ମନୋଭାବ ବ୍ୟକ୍ତ କରି ନାହାନ୍ତି ।"

ଏହିପରି ଭାବରେ 'ରାଧାନାଥ ଓ ଉତ୍କଳ ସାହିତ୍ୟ" ପ୍ରବନ୍ଧଟି ଆମୂଳ-ଚଳ ଗବେଷଣାତ୍ମକ ଓ ବୈଜ୍ଞାନିକ ପଦ୍ଧତିରେ ଲିଖିତ ହୋଇଅଛି । ଏ ପ୍ରବନ୍ଧଟି ପଢ଼ି ଯେ କୌଣସି ପାଠକ ଆଚମ୍ବିତ ଓ ବିସ୍ମିତ ହେବେ । ଜଣେ ତୃତୀୟ ବର୍ଷୀୟ ଶ୍ରେଣୀର ଛାତ୍ର ପକ୍ଷରେ ଯେପରି ଏହା ଅଦ୍ଭୁତ, ବିସ୍ମୟକର ଏବଂ ମନୀଷା ଗର୍ଭିତ, ସେହିପରି ଏହାର ମୂଲ୍ୟ ଚିରନ୍ତନ । ଏହାର ବିଶ୍ଳେଷଣ ଦ୍ୱାରା ଆମର ମନେହୁଏ, ରାଧାନାଥ ସାହିତ୍ୟର ମୂଲ୍ୟବୃଦ୍ଧି ସଙ୍ଗେ ସଙ୍ଗେ ଏହି ସମାଲୋଚନାର ମହତ୍ତ୍ୱର ଅଭିବୃଦ୍ଧି ଘଟିବ । ଆମର ଅନୁରୋଧ ଆଧୁନିକ ପାଠକ ଈର୍ଷା ପରାୟଣତା ଓ ପରଶ୍ରୀକାତରତାର ଦୂରରେ ରହି ଏହି ପ୍ରବନ୍ଧରେ ପ୍ରକଟିତ ପ୍ରତିଭା ଓ ମନୀଷାର ନିରପେକ୍ଷ ବିଚାର କରନ୍ତୁ । ତାପରେ ୧୯୧୮–୧୯୨୯ରେ ଉଗ୍ରଜାତୀୟ ଚେତନା ବଶତଃ ନୀଳକଣ୍ଠଂକର 'କବିଂକି ସୁମରି ବିରାଗେ ମୁହଁ ଫେରାଅ ପଛେ' ପ୍ରଭୃତି ପ୍ରତିକୂଳ ପଂକ୍ତିମାନ "ରାଧାନାଥ ଓ ଉତ୍କଳ ସାହିତ୍ୟ" ପ୍ରବନ୍ଧରେ ଯଥାସ୍ଥାନରେ ସନ୍ନିବେଶିତ କରି ରାଧାନାଥ ସାହିତ୍ୟର ମୂଲ୍ୟାୟନ କରାଯାଉ ।

Digitized by PPRACHIN, SOA

# ନୀଳକଣ୍ଠଙ୍କର ଜାତୀୟ ଭାବଚେତନା

## ଅଧ୍ୟାପକ ଦାଶରଥୀ ଦାସଙ୍କ ପ୍ରବନ୍ଧ—

ନୀଳକଣ୍ଠଙ୍କର ଜାତୀୟ ଭାବଚେତନା ଯେ ବହୁ କବି ଓ ମନୀଷୀଙ୍କ ଠାରୁ ଅନେକ ଊର୍ଦ୍ଧ୍ୱରେ ଥିଲ, ଏହା କହି ବୁଝାଇବାର ଆବଶ୍ୟକତା ନାଇ, ଯେହେତୁ ଏହା ସର୍ବବାଦୀ ସମ୍ମତ ବୋଲି ଆମର ଧାରଣା। ମାତ୍ର ନିକଟରେ ଜଣେ ଯୁବ ସାହିତ୍ୟିକ ଅଧ୍ୟାପକ ଦାଶରଥି ଦାସ "ରାଧାନାଥ ଓ ନୀଳକଣ୍ଠଙ୍କ ଜାତୀୟ ଭାବଚେତନା" ଶୀର୍ଷକ ଗୋଟିଏ ପ୍ରବନ୍ଧରେ ନୀଳକଣ୍ଠଙ୍କର ଜାତୀୟ ଭାବକୁ ଗୌଣ ପ୍ରତିପାଦିତ କରିବାର ପ୍ରୟାସ କରିଥିବାର ଦେଖିଲି। ଏପରି ଗୋଟିଏ ଲଘୁ ଓ ଈର୍ଷା ଜର୍ଜ୍ଜରିତ ପ୍ରବନ୍ଧ ମୁଁ ଆଉ କେଉଁଠାରେ ଦେଖିବାକୁ ପାଇନାହିଁ। ଅବଶ୍ୟ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀଙ୍କ ପ୍ରବନ୍ଧରେ କେତେକ ସମାଲୋଚନା ଅଛି। କିନ୍ତୁ ତାହା ଧୀର, ଗମ୍ଭୀର ଓ ବିନୟତା ପୂର୍ଣ୍ଣ। ଏ ଦାସ ମହାଶୟଙ୍କର ସତ୍ୟବାଦୀ ସାହିତ୍ୟ ସମ୍ବନ୍ଧରେ ଜ୍ଞାନ ଅତି—ସଂକୀର୍ଣ୍ଣ ଏବଂ ନୀଳକଣ୍ଠଙ୍କ ନ୍ୟୂନତା ପ୍ରତିପାଦନ କରିବା ଏହାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନେହେଲା। ଅଧ୍ୟାପକ ମହାଶୟ ଏଥିରେ ମଧ୍ୟେ ମଧ୍ୟେ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶଙ୍କର ପ୍ରଶଂସା କରିଥିଲେ ମଧ୍ୟ, ଏହାଦ୍ୱାରା ସେ ରାଧାନାଥ ସାହିତ୍ୟକୁ ସମୁଜ୍ଜ୍ୱଳ ସ୍ଥାନ ପ୍ରଦାନ କରି ନୀଳକଣ୍ଠଙ୍କ ସାହିତ୍ୟକୁ ରସ ତଳଗାମୀ କରିବାର ଚେଷ୍ଟା କରିଛନ୍ତି ମାତ୍ର। ତେଣୁ ଆମକୁ ଏହି ଆଲୋଚନାର ଅବତାରଣା କରିବାକୁ ପଡ଼ୁଛି।

## ନୀଳକଣ୍ଠଙ୍କର ଜାତୀୟ ଭାବଚେତନା ରାଧାନାଥଙ୍କଠାରୁ ଉଦ୍‌ଭୂତ ନୁହେଁ—

ଏହା ସ୍ୱୀକାର୍ଯ୍ୟ ଯେ ନୀଳକଣ୍ଠଙ୍କ ଜାତୀୟ ଭାବଚେତନା ରାଧାନାଥଙ୍କ ଠାରୁ ଉଦ୍‌ଭୂତ ନୁହେଁ। ଏହା ତାଙ୍କର ନିଜସ୍ୱ ହୋଇପାରେ କିମ୍ବା କୁଳବୃଦ୍ଧ ମଧୁସୂଦନଙ୍କ ପ୍ରଭାବରେ ନୀଳକଣ୍ଠ ଅନୁପ୍ରାଣିତ ହୋଇପାରି ଥାନ୍ତି। କେବଳ ଉତ୍କଳକୁ ବଡ଼ ବୋଲି ଚିତ୍ର କଲେ, କେହି ତାଙ୍କୁ ଜାତୀୟ ଭାବାପନ୍ନ ବ୍ୟକ୍ତି ବୋଲି କହିବେ ନାହିଁ। ରାଧାନାଥ ଜଣେ ନିଷ୍କ୍ରିୟ ଜାତୀୟ କବି। ଅବଶ୍ୟ ତାଙ୍କ କାବ୍ୟରେ ଓଡ଼ିଶାକୁ ଓ ଭାରତକୁ ମଧ୍ୟ ସେ ବଡ଼ ବୋଲି ଚିତ୍ର କରି ଅଛନ୍ତି। କିନ୍ତୁ ଉତ୍କଳର

Digitized by PPRACHIN, SOA

ନେତା ମଧୁସୂଦନ ଦାସ କେବଳ ଜାତୀୟ ପ୍ରୀତି ମୂଳକ କବିତା ଲେଖି ନାହାନ୍ତି, ସେ ବହୁ ସମୟ ଉତ୍କଳର ନାନା ହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିଅଛନ୍ତି । ୧୯୧୩ ଖ୍ରୀଷ୍ଟାବ୍ଦରେ ପୁରୀରେ "ଉତ୍କଳ ସମ୍ମିଳନୀ"ର ଯେଉଁ ଅଧିବେଶନ ବସିଥିଲା, ସେଥିରେ ସେ ସତ୍ୟବାଦୀ ସ୍କୁଲର ବହୁ ପ୍ରଶଂସା କରି ପ୍ରସ୍ତାବ ମାନ ଆଗତ କରିଥିଲେ । ତାଙ୍କରି ଚେଷ୍ଟାରେ ପ୍ରଥମତଃ ସତ୍ୟବାଦୀ ବିଦ୍ୟାଳୟକୁ ଓଡ଼ିଶାର ନାନା ସ୍ଥାନରୁ ଆର୍ଥିକ ସାହାଯ୍ୟ ଆସି କୁଡେଇ ହୋଇ ପଡ଼ିଥିଲା । ବଙ୍ଗୀୟ ଶିକ୍ଷାବିତମାନେ ଏହି ବିଦ୍ୟାଳୟକୁ ଦେଖିବାକୁ ଆସି ଏହାର ଭୂୟସୀ ପ୍ରଶଂସା ଗାନ କରିଥିଲେ ।

ଅଧ୍ୟାପକ ଦାଶରଥି ଦାସ କାକତାଳିକ ନ୍ୟାୟରେ ରାଧାନାଥଙ୍କର କେତୋଟି ପଂକ୍ତି ସହିତ ଗୋଦାବରୀଶଙ୍କର କେତୋଟି ପଂକ୍ତିର ସାମଞ୍ଜସ୍ୟ ଦେଖାଇ କହି ଅଛନ୍ତି, "ଏଇମାନେ ଜାତୀୟ ଭାବରେ କିଛି ରାଧାନାଥଙ୍କ ଦ୍ୱାରା ପ୍ରଭାବିତ ।" ତେବେ ଗୋପବନ୍ଧୁ ଗଲେ କୁଆଡ଼େ ? ଗୋପବନ୍ଧୁ କ'ଣ ରାଧାନାଥଙ୍କର ସାହିତ୍ୟ ପଢି ସ୍ୱଦେଶ ପ୍ରେମରେ ଅନୁପ୍ରାଣିତ ହୋଇଥିଲେ ? ନୀଳକଣ୍ଠ ୧୯୧୧ରେ M.A ପାସ କରି ସତ୍ୟବାଦୀରେ ନିଜର ଯୋଗ୍ୟତା ଦେଖାଇବା ନିମନ୍ତେ ଅର୍ଥାତ୍ ସତ୍ୟବାଦୀରେ ନିଜର ଜ୍ଞାନଲୋକ ବିକୀରଣ କରିବା ଉଦ୍ଦେଶ୍ୟରେ ସେହି ବର୍ଷ ଅକଟୋବର ମାସରେ ଆସି ଏଠାରେ ଯୋଗ ଦେଲେ । ତା ପୂର୍ବରୁ ଅବଶ୍ୟ ବାରିପଦାଠାରେ ସେ ଗୋପବନ୍ଧୁଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଭକ୍ତକବି ମଧୁସୂଦନ ପ୍ରରୋଚନାରେ ରାଧାନାଥଙ୍କ

"ଦ୍ୱିଜ କନ୍ୟା ଲକ୍ଷ୍ମୀ ସ୍ନାନେ ପୁଣ୍ୟ ନୀର,
ସୌଗନ୍ଧିକ ଗନ୍ଧେ ଗୁରୁ ରନ୍ଧ୍ରିର ।" ନିକଟବର୍ତ୍ତୀ ମଞ୍ଜୁ-

ଛରିଅନା, ବକୁଳକୁଞ୍ଜରେ ୧୯୦୯ ମସିହାରୁ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ କରାଇ ଦେଇ ଗୋପବନ୍ଧୁଙ୍କ ପ୍ରରୋଚନାରେ M.A. ପଢ଼ିବାକୁ କଲିକତା ଚାଲି ଯାଇଥିଲେ । ଦୁଇବର୍ଷ ପରେ ନୀଳକଣ୍ଠ ଆସି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେଲେ । ସେତେବେଳକୁ ବଙ୍ଗର ଅଙ୍ଗଛେଦ ଆନ୍ଦୋଳନର ପ୍ରବାହ ! ତେଣୁ ସତ୍ୟବାଦୀ ବିଦ୍ୟାଳୟ ବଢ଼ିବା ସଙ୍ଗେ ସଙ୍ଗେ ସରକାରଙ୍କର ତୀବ୍ର ଦୃଷ୍ଟି ଏହା ପ୍ରତି ନିପତିତ ହେଲା । କାରଣ ବଙ୍ଗ ବିପ୍ଳବୀ ଖୁଦୀରାମଙ୍କ ସହିତ କଟକରେ କେଉଁଠି ଗୋପବନ୍ଧୁଙ୍କର ଦେଖା ହୋଇଥିଲା । ଗୋପବନ୍ଧୁ ଏହି ବିଦ୍ୟାଳୟର ସଂପାଦକ । ତେଣୁ ସରକାର ସନ୍ଦେହ କଲେ, ଏହିମାନେ ଆତଙ୍କବାଦୀ ଏବଂ ସତ୍ୟବାଦୀ

Digitized by PPRACHIN, SOA

ବିଦ୍ୟାଳୟରେ ଇଂରେଜମାନଙ୍କ ବିରୁଦ୍ଧରେ ବୋମା ତିଆରି କରୁଛନ୍ତି । ତେବେ ସରକାର ଯେତେ ଗୋଇନ୍ଦା ନିଯୁକ୍ତ କଲେ ମଧ୍ୟ ଏଠାରେ ସେପରି କୌଣସି ବିପ୍ଳବାତ୍ମକ କାର୍ଯ୍ୟର ସୂଚନା ପାଇଲେ ନାହିଁ । ଫଳରେ ୧୯୧୪ ମସିହାରେ ସ୍କୁଲକୁ ଯଥାରୀତି ସରକାରଙ୍କଠାରୁ ମଞ୍ଜୁରୀ ମିଳିଲା ଏବଂ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ଛୋଟ ଲାଟ ସାର୍ ଏଡ଼ୱାର୍ଡ ଗେଟ ଗୋପବନ୍ଧୁଙ୍କୁ ଲେଖିଲେ "ଗୋପବନ୍ଧୁ, ତୁମ ବିଦ୍ୟାଳୟ ବିରୁଦ୍ଧରେ ମୋ ପାଖରେ ଫାଇଲ୍ ଉପରେ ଫାଇଲ୍ ଆସି ଗଦା ହେଉଛି । କିନ୍ତୁ ମୁଁ ଭଲରୂପେ ତଦନ୍ତ କରି ଦେଖିବାକୁ ପାଇଛି ଏହା ସବୁ ମିଥ୍ୟା । ଏ କେବଳ ତୁମ ଶତ୍ରୁପକ୍ଷ ଲୋକଙ୍କର କାର୍ଯ୍ୟ ।"

## ସତ୍ୟବାଦୀ ଗୋପବନ୍ଧୁଙ୍କ ମାନସ ପ୍ରସୂତ ଏବଂ ନୀଳକଣ୍ଠଙ୍କ ପ୍ରଚେଷ୍ଟାର ଫଳ –

ଦାଶରଥି ବାବୁ ଯଦି ସତ୍ୟବାଦୀ ସ୍କୁଲ ବିଷୟରେ ଇଂରେଜିରେ ଲେଖା ରିପୋର୍ଟ ପଢିଥାନ୍ତେ, ତେବେ ଅବଶ୍ୟ ଏପରି ଲଘୁଚେତନା ମୂଳକ ମନ୍ତବ୍ୟ ତାଙ୍କ ପ୍ରବନ୍ଧରେ ଦେଇ ନଥାନ୍ତେ ସେହି ବିପ୍ଳବୀଙ୍କ ବିଦ୍ୟାଳୟ ସହିତ ସତ୍ୟବାଦୀ ବନ-ବିଦ୍ୟାଳୟର ଅନେକ ସାଧର୍ମ୍ୟ । ସେ ସାଧର୍ମ୍ୟର ପରିସର କଣ ? ରାଧାନାଥଙ୍କ ପରି ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ପ୍ରଭୃତି କେବଳ କାବ୍ୟ କବିତାରେ ଯେ ଉତ୍କଳର ଅତୀତ ଯଶ ଗାନ କରୁଥିଲେ ଓ ରାଧାନାଥଙ୍କର ଜାତୀୟ ଉଦ୍‌ବୋଧନାରେ ଉଦ୍‌ବୁଦ୍ଧ ହୋଇ କେବଳ ତାଙ୍କୁ ଅନୁକରଣ କରୁଥିଲେ ଏବଂ ସେମାନଙ୍କର ନିଜସ୍ୱ ବୁଦ୍ଧିବୃତ୍ତି କିମ୍ବା ସଂଗଠନ ଶକ୍ତି କିଛି ନଥିଲା, ଏପରି କହିବା ନିତାନ୍ତ ଅମୂଳକ, ସାଧର୍ମ୍ୟ ଅବଶ୍ୟ କୌଣସି ନା କୌଣସି ଅନୁଷ୍ଠାନ ସହିତ ଥିଲା କିନ୍ତୁ ବାଳଗଙ୍ଗାଧରଙ୍କ ଅନୁଷ୍ଠାନ ସହିତ ନଥିଲା । ଥିଲା, କିଞ୍ଚିତ ପରିମାଣରେ ପୁନା କଲେଜ ଏବଂ Deccan Education League ସହିତ । ମାତ୍ର ସେ ସାଧର୍ମ୍ୟ ନିତାନ୍ତ ଗୌଣ । ଏହା ଗୋପବନ୍ଧୁଙ୍କ ମାନସ ପ୍ରସୂତ ଏବଂ ନୀଳକଣ୍ଠଙ୍କର ପ୍ରଚେଷ୍ଟାର ଫଳ । ଏହି ବିଦ୍ୟାଳୟର ଭିତ୍ତି ଥିଲା ସଂପୂର୍ଣ୍ଣ-ରୂପେ ଭାରତୀୟ; କିନ୍ତୁ ଏଥିରେ ମିଶିଥିଲା ଇଂରେଜି ଶିକ୍ଷା । ପ୍ରାଚ୍ୟ ପାଶ୍ଚାତ୍ୟ ଶିକ୍ଷାର ସମ୍ମିଶ୍ରଣରେ ରୂପାୟିତ । ଏହି ଶିକ୍ଷା ପ୍ରଣାଳୀ ଥିଲା ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ପ୍ରଣାଳୀର ଅଗ୍ରଜ । ଏହି ସ୍କୁଲର ଛାତ୍ରମାନେ ସ୍ୱାବଲମ୍ବିତା ଶିକ୍ଷାକରି ନିଜର ଭରଣ ପୋଷଣ ସହିତ ଦରକାର ପଡ଼ିଲେ ଦେଶ ଓ ଦଶର ସେବାରେ ନିଜକୁ ନିୟୋଜିତ କରି ପାରୁଥିଲେ ।

Digitized by PPRACHIN, SOA

## ନୀଳକଣ୍ଠ ତଥା ସତ୍ୟବାଦୀର ସକ୍ରୀୟ ଜାତୀୟତା ବାଦ—

ରାଧାନାଥ କେବଳ କବି । ତାଙ୍କୁ ଜାତୀୟ କବି କୁହା ଯାଇପାରେ କିନ୍ତୁ ସକ୍ରିୟ ଦେଶାତ୍ମବୋଧ ତାଂକଠାରେ ନଥିଲା । ସେ ଓଡ଼ିଶାର ଚିରଭାସ୍ୱର କୀର୍ତ୍ତି କୋଣାର୍କକୁ ତିଆରି ହେଉ ହେଉ ଭଙ୍ଗି ଦେଇଛନ୍ତି । ନୀଳକଣ୍ଠଂକ ଜାତୀୟତା ବୋଧ, କୋଣାର୍କକୁ ଅଭିଶାପ ଦେଇ ଧୂଳିସାତ୍ କରି ଦେଇନାହିଁ । ତାଂକର ଐତିହ୍ୟବୋଧ ଥିଲା ସୁବିପୁଳ । ସ୍ୱଦେଶପ୍ରୀତି ଥିଲା ଅମାପ । ସେ ଛାତ୍ର ମାନଙ୍କୁ କେବଳ ଲେଖକଂକ 'ବିଶ୍ରାମାଳାପ' ମଧ୍ୟରେ କହି ନାହାନ୍ତି,— କହିଛନ୍ତି ସେମାନଂକ ସ୍ୱପ୍ନପର୍ଯାୟରେ, ଯେଉଁ ସ୍ୱପ୍ନ ଭାଜିଗଲେ ସେମାନେ କେବଳ ଯଥାର୍ଥ ନରସିଂହଦେବଙ୍କୁ ଦେଖିବେ ନାହିଁ, ତାଂକର ଅକ୍ଷୟ କୀର୍ତ୍ତି କୋଣାର୍କକୁ ମଧ୍ୟ ଦେଖିବେ । ତେଣୁ କବି ନୀଳକଣ୍ଠ ରାଧାନାଥଙ୍କୁ ବ୍ୟଙ୍ଗ ବିଦ୍ରୁପ କରି ଲେଖିଛନ୍ତି,

"ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରବାଙ୍କା— ସୁନ୍ଦରୀ
ଯବନାନୀ କବି ନାୟିକା ନାଟି ତବ ଆଚରି ।"

ପ୍ରାଚୀନ ଗ୍ରୀସ, ରୋମ ପ୍ରଭୃତିରେ ଲୋକମାନଙ୍କୁ ଏ ଦେଶରେ ଯବନ ବୋଲି କହୁଥିଲେ । ରାଧାନାଥଂକ 'ଚନ୍ଦ୍ରଭାଗା' କାବ୍ୟ ରୋମୀୟ କବି ଓଭିଡ଼ଙ୍କ କବିତାରୁ ଅବିକଳ ଗୃହୀତ । ଏ ବିଷୟ ପ୍ରବନ୍ଧକାର ଦାଶରଥୀଂକ ବ୍ୟତୀତ ବହୁ ଲୋକ ଜାଣନ୍ତି ଓ ଅବଜ୍ଞାରେ ରାଧାନାଥଂକ ପ୍ରତି ନାସିକା କୁଞ୍ଚନ କରନ୍ତି । ନୀଳକଣ୍ଠଂକ ଉପରୋକ୍ତ ବ୍ୟଙ୍ଗ ବିଦ୍ରୁପ ତାଂକ ଜାତୀୟ ଚେତନାରୁ ହିଁ ସମ୍ଭୂତ ।

ସତ୍ୟବାଦୀର ଗୋଷ୍ଠୀ ସକ୍ରିୟ ଜାତୀୟତା-ବାଦୀ । 'ଉତ୍କଳ ସମ୍ମିଳନୀ'ର ପ୍ରତ୍ୟେକ ଅଧିବେଶନରେ ଯୋଗ ଦେଇ ସେଠାରେ ବିଭିନ୍ନ ବିଷୟରେ ସାର ଗର୍ଭକ ବକ୍ତୃତାମାନ ଦେବାଠାରୁ ଓଡ଼ିଆ ଭାଷା ଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ରଖିବା ନିମନ୍ତେ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ ଫିଲିପ୍ ଡ଼ଫ ପରି କମିଶନଙ୍କ ଆଗରେ Memorandum ଦେବା ପର୍ଯ୍ୟନ୍ତ ବହୁ ଜାତୀୟ ଭବାପନ୍ନ ନିଷ୍ପାପର କର୍ମ କରି, ସର୍ବ ଶେଷରେ ସେମାନେ ଉତ୍କଳ ସମ୍ମିଳନୀକୁ Indian National Corgressରେ ଉତ୍ସର୍ଗ କରି ଅଛନ୍ତି । ତାଙ୍କ ଜାତୀୟତା ବୋଧ ସର୍ବବାଦୀ ସମ୍ମତ । ସେହି ହେତୁରୁ କେବଳ ଉତ୍କଳର ବା ପ୍ରାଚ୍ୟ ସଂସ୍କୃତିର ଅବମାନନାକୁ ସେମାନେ କେବେ ସହ୍ୟ କରିପାରନ୍ତି ନାହିଁ ।

Digitized by PPRACHIN, SOA

## ସତ୍ୟବାଦୀ ଗୋଷ୍ଠୀ ତଥା ନୀଳକଣ୍ଠଙ୍କର ଐତହ୍ୟ–ବୋଧ ବରିଷ୍ଠ ଓ ମହାନ୍—

ଶ୍ରଦ୍ଧେୟ ଦାଶରଥି ପୁଣି କହନ୍ତି, "ସତ୍ୟବାଦୀ ସାହିତ୍ୟରେ ନରସିଂହ ଦେବ, ମୁକୁନ୍ଦ ଦେବ ଓ ପୁରୁଷୋତ୍ତମ ଦେବଙ୍କର ଯେଉଁ ପରିଚୟ ଦିଆଯାଇଛି, ସେଥିରେ ରାଧାନାଥ ବାଣୀର ଉଜ୍ଜ୍ୱଳ ଚରିତ୍ରାୟନ ହୋଇଚି ମାତ୍ର । ଏହି ସବୁ ପ୍ରସଙ୍ଗରେ ରାଧାନାଥ ଲେଖିଛନ୍ତି ସଂକ୍ଷିପ୍ତ, କିନ୍ତୁ ସତ୍ୟବାଦୀ ସାହିତ୍ୟ ପ୍ରଗଲ୍‌ଭ ଓ ବାବଦୂକ ।"

ପୁରୁଷୋତ୍ତମ ଦେବ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କୁ ସଙ୍ଗରେ ନେଇ ଚିଲିକା ବାଟେ ଫେରିଲା ବେଳେ କବି ଗୋଦାବରୀଶ ତାହା ପାଠକରି 'ପୁରୁଷୋତ୍ତମ ଦେବ' ନାଟକ ଲେଖି ନାହାନ୍ତି କି ନୀଳକଣ୍ଠ କୋଣାର୍କେର ପ୍ରଥମ ଭାଗ "ରାମଚଣ୍ଡୀଠାରେ ରାତି ଓ ସକାଳ"ର ଅପରୂପ ଓ ଅନବଦ୍ୟ ଲାବଣ୍ୟ ଅଙ୍କନ କରି ନାହାନ୍ତି । ସେହିପରି କୃପାସିନ୍ଧୁ ମଧ୍ୟ ରାଧାନାଥଙ୍କଠାରୁ ମୁକୁନ୍ଦ ଦେବଙ୍କ ସମ୍ବନ୍ଧରେ ଅବହିତ ହୋଇ ବିରାଟ ଐତିହାସିକ ଗ୍ରନ୍ଥ ସୃଷ୍ଟି କରି ନାହାନ୍ତି । ତେଣୁ ସତ୍ୟବାଦୀ ଗୋଷ୍ଠୀ ବିରୁଦ୍ଧରେ ବ୍ୟବହୃତ "ରାଧାନାଥ ବାଣୀର ଉଜ୍ଜ୍ୱଳ ଚିତ୍ରାୟନ" ଓ 'ପ୍ରଗଲ୍‌ଭ' ଏବଂ 'ବାବଦୂକ' ଶବ୍ଦର ପ୍ରୟୋଗ ଅଧ୍ୟାପକ ଦାସଙ୍କର ଅସାର ଅହଂବୋଧର ପରିଚୟ ଦେଉଅଛି ମାତ୍ର !

ସତ୍ୟବାଦୀ ଗୋଷ୍ଠୀଙ୍କ ଭିତରେ କୃପାସିନ୍ଧୁ ଥିଲେ ଜଣେ ବିଶିଷ୍ଟ ଐତିହାସିକ । ସାର୍ ଯଦୁନାଥ ସରକାର, ରାଜେନ୍ଦ୍ର ଲାଲ ମିତ୍ର, ମନ ମୋହନ ଗାଙ୍ଗୁଲି, ବିଷନ ସ୍ୱରୂପ ପ୍ରଭୃତି ଓଡ଼ିଶାର ପ୍ରାଚୀନ ଭାସ୍କର୍ଯ୍ୟ ଓ ଚିତ୍ରାବଳୀର ଇତିହାସ ବିଷୟ ନୀଳକଣ୍ଠଙ୍କ ସହିତ ତନ୍ନ ତନ୍ନ କରି ଆଲୋଚନା କରିଥିଲେ । ନୀଳକଣ୍ଠଙ୍କର ମହାନ୍ ଐତିହ୍ୟ ବୋଧ ତାଙ୍କୁ 'ରାମଚଣ୍ଡୀଠାରେ ରାତି ଓ ସକାଳ'ର ବର୍ଣ୍ଣନା କରିବାରେ ଅନୁପ୍ରେରଣା ଦେଇଥିଲା ।

"ଏହି ଦିବାକର ମନ୍ଦିରେ କେତେ ଦେଖିବ ଲୀଳା,
ସାଗରେ ବୋଇତ ବନ୍ଦାଇ ଯିବେ ସାଧବ-ବାଳା ।

× × × ×

କାହିଁ ଯାବା କାହିଁ ବୋର୍ଣ୍ଣିଓ କାହିଁ ମଶଲା ଦ୍ୱୀପେ,
ଯିବ ଭାସି ସୁଖ ସ୍ୱପନେ, ମଣିବ ହେ ସମୀପେ ।"

Digitized by PPRACHIN, SOA

ଏ ସବୁ ଐତିହାସିକ ତଥ୍ୟ ଯାହା 'ଗମଚଣ୍ଡୀଠାରେ ଗଡି'ରେ ଦେଶାତ୍ମବୋଧ ସଂପନ୍ନ ଲେଖା ନୀଳକଣ୍ଠ କାବ୍ୟାକାରରେ ଲିପିବଦ୍ଧ କରି ଯାଇଛନ୍ତି, ତାହା ଯେ ରାଧାନାଥଙ୍କ ଜାତୀୟ ପ୍ରୀତିଠାରୁ ନିଶ୍ଚିତ ଭାବରେ ଭିନ୍ନ ପର୍ଯ୍ୟାୟର, ଏହା ସ୍ୱୀକାର୍ଯ୍ୟ ।

ମୁକୁନ୍ଦ ଦେବଙ୍କ ସଂବନ୍ଧରେ ରାଧାନାଥ ଯେଉଁ ସଂକ୍ଷିପ୍ତ ସୂଚନା ଦେଇଛନ୍ତି ଓ ତହିଁରୁ ସତ୍ୟବାଦୀ ଗୋଷ୍ଠୀ ଏହା ଆହରଣ କରିଛନ୍ତି ବୋଲି ଅଧ୍ୟାପକ ଦାସ ଯେଉଁ ସୂଚନା ଦେଇ ଅଛନ୍ତି, ତାହାର କୌଣସି ଭିତ୍ତି ଭୂମି ନାହିଁ । ମୁକୁନ୍ଦ ଦେବ ବାରବାଟୀ ଦୁର୍ଗର ନବତଳ ପ୍ରାସାଦର ନିର୍ମାତା । ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ କୃତିବିଦ୍ୟ ଯୁବକ କୃପାସିନ୍ଧୁ ମିଶ୍ର I.A. ଶ୍ରେଣୀରେ ପଢ଼ୁଥିଲା ବେଳେ "ମୁକୁର"ରେ 'ବାରବାଟୀ' ସଂପର୍କରେ ପ୍ରବନ୍ଧ ପ୍ରକାଶ କରୁଥିଲେ । ତା'ପରେ ୧୯୧୩ ମସିହାରେ ଆସି ସତ୍ୟବାଦୀ ସ୍କୁଲରେ ଯୋଗଦେବା ବେଳେ 'ବାରବାଟୀ' ପୁସ୍ତକାକାରରେ ମୁଦ୍ରିତ ହୋଇଥିଲା । ଏଥିରେ ସେ ତତ୍କାଳୀନ କଲିକତାର ବିଖ୍ୟାତ ପତି ସ୍ୱର୍ଗତ ସାରଦା ଚରଣ ମିତ୍ରଙ୍କୁ ଲେଖିଥିଲେ,

"But I cannot now lose the opportunity of pointing out to you a mistake quite serious indeed in the chapter devoted to the Description of Cuttack...describing the fort of Barabati, you have quoted in your Book "Utkale Srik risna Chaitanya" at Page- 41. I may be pardoned to say that it is a serious mistake. You may kindly refer to the Aine-Akbari. x x x You will find that it was not a two storied building, but a nine-storied building that Raja Mukunda Deb built."

ସାରଦା ବାବୁ ନିଜର ଭ୍ରମ ସ୍ୱୀକାର କରି ତାଙ୍କ ବହିର ପରବର୍ତ୍ତୀ ସଂସ୍କରଣରେ 'ନବତଳ ପ୍ରାସାଦ' ଲେଖିବେ ବୋଲି ଅଙ୍ଗୀକାର କରିଥିଲେ ।

ରାଧାନାଥଙ୍କ "କାଞ୍ଚି ଅଭିଯାନେ ଯେ ଦୁର୍ଗ ପ୍ରାଚୀର ବାଦ୍ୟନାଦେ ଦେଉଥିଲା ପ୍ରତିଗୀର"ର ଏହା ପ୍ରଗଲ୍ଭ ବା ବାବଦୂକ ରୂପାୟନ ନୁହେ । ଏହା ଯଥାର୍ଥ ଗବେଷଣା ପ୍ରସୂତ ଇତିହାସ । ଏଥିରେ କଲମ ଚଳାଇବାର ଶକ୍ତି କେଉଁ ପୁଅର ଅଛି ?

ନବତଳ ପ୍ରାସାଦ ବିଷୟରେ ନୀଳକଣ୍ଠ ଯେ ରାଧାନାଥଙ୍କର ଉତ୍ତର — ସାଧକ ହୋଇ ତାଙ୍କର 'ପ୍ରଗଳ୍ଭତା' ପ୍ରକାଶ କରି ଅଛନ୍ତି, ତାହାର ଅସାରଣ ଦର୍ଶାଇବା ଏଠାରେ ଆମ୍ଭମାନଙ୍କର ଉଦ୍ଦେଶ୍ୟ । ନୀଳକଣ୍ଠ ଲେଖି ଅଛନ୍ତି,

Digitized by PPRACHIN, SOA

"ସପନେ ଲାଗିବ ବିକଳ ବାପା ବାଲୁତ-ନିଦେ ।
ଲାଗିବ ଶିଖରୁ ପଡୁଛ କିବା ସାଗର ପଦେ !
ଧୀରେ ଧୀରେ ଆସି ସୁଷୁପ୍ତି ଘୋଟି ଯିବରେ ଧନ,
ରାହୁ ପୁଣି ଝଡ଼-ଝଙ୍କାରେ ଉଠିବ ହେ ସପନ ।
ଘଡ଼ ଘଡ଼ି ନାଦେ ମିଶିବ ତୀବ୍ର ଭେରୀ-ନିନାଦ,
ସପନେ ସପନ ମେଶିବ, ହେବ ପରାଣେ ମୁଦ ।
ଦେଖି ରାହୁଁ ପୁଣି ଆସିଲେ ରାଜା ଗଡ଼-ଦୁଆରେ
ପରିଖା ପ୍ରାକାର ଶୋହିଲା ତୁଙ୍ଗ-ସଉଧ-ଚୂଳେ ।
ଦେଖିବ ପ୍ରାଙ୍ଗଣ-ବିତାନ, ନାରୀ-ମହଲ ରାତ୍ରୁ,
ସଉଧ-ମୁକୁଟେ ମଂଦିରେ ଘଣ୍ଟା ବାଜଇ ଗୁରୁ ।
ପ୍ରାଙ୍ଗଣ ବରଜି ଆସିବ ବାପା ଚାଲ ସପନେ ।
ବୀର-ବାଳା ପଥ ଦେଖାଇ ଦେବେ ଭଦ୍ରଭଷଣେ ।
ସୁତ-ସନମାନେ ନୃପତି କରିବେ ହେ ଆଦର,
ସଇନି ଛାଉଣି ଦେଖାଇ ଦେବେ ବୁଲି ପ୍ରାନ୍ତର ।
ପେରି ଦେଖ, ସଙ୍ଗେ ନ ହାନ୍ତି ବାପା ଆଉ ରାଜନ !
ଚତୁରଙ୍ଗ-ସାଜେ ଶୁଭଇ ପୁଣି ଦୁନ୍ଦୁଭି-ଘନ ।"

ପଣ୍ଡିତ ନୀଳକଣ୍ଠଙ୍କର ଏହି ହୃଦ କନ୍ଦର-ନିର୍ଗତ ପ୍ରାଚୀନ ଐତିହ୍ୟର ବର୍ଣ୍ଣନାରେ ନୀଳକଣ୍ଠଙ୍କ 'ପ୍ରଗଲ୍ଭତା' ଓ 'ବାବଦୂକତା' କିପରି ଶ୍ରଦ୍ଧେୟ ଅଧ୍ୟାପକଙ୍କୁ ଦେଖାଗଲା ଓ ନୀଳକଣ୍ଠ ରାଧାନାଥଙ୍କର ଜାତୀୟ ଭବ ଚେତନାର କିପରି 'ଉତ୍ତର ସାଧକ' ହେଲେ, ବା ଆମେ ବୁଝିପାରୁ ଅକ୍ଷମ !

## ସତ୍ୟବାଦୀ ଗୋଷ୍ଠୀ ରାଧାନାଥଙ୍କ ପର ଭୀରୁ ବା ତୋଷାମଦକାରୀ ନଥିଲେ

ଲେଖକ ଜାଣନ୍ତି କି ରାଧାନାଥଙ୍କର ସର୍ବଶ୍ରେଷ୍ଠ 'ମହାଯାତ୍ରା' କାବ୍ୟ ଅସଂପୂର୍ଣ୍ଣ ରହିଲା କାହିଁକି ? ତାଙ୍କର ସମସାମୟିକ ସାହିତ୍ୟିକ ସ୍ୱର୍ଗତ ଚନ୍ଦ୍ର ମୋହନ ମହାରଣା କହନ୍ତି, "ରାଧାନାଥ 'ମହାଯାତ୍ରା' ୧୯ଟି ସର୍ଗରେ ଶେଷ କରିବେ ବୋଲି ସ୍ଥିର କରି କାର୍ଯ୍ୟ ପ୍ରାୟ ଶେଷ କରିଥିଲେ । କିନ୍ତୁ ସେ ସରକାରୀ ଚାକିରୀଆ । ଇଂରେଜ ମାନଙ୍କ ବିରୁଦ୍ଧରେ ଲେଖିଲେ, ସେମାନଙ୍କ ବିଷ ଚକ୍ଷୁରେ ପଡ଼ିବେ, ଏହି ଭୟରେ ତାକୁ ବନ୍ଦ କରିଦେଲେ । କେହି କେହି କହନ୍ତି, ପୋଡ଼ି ପକାଇଲେ ।" ଓଡ଼ିଶା ସଂସ୍କୃତିକୁ ସତ୍ୟବାଦୀ ଗୋଷ୍ଠୀ କିପରି ଜାବୋଡ଼ି ଧରିଥିଲେ.

Digitized by PPRACHIN, SOA

ତାହାର ଉଦାହରଣ ସ୍ୱରୂପ ଏ ବିଷୟ ଏଠାରେ ଅବତାରଣା କରାଯାଇଛି । ୧୯୦୮ ମସିହା ପ୍ରବନ୍ଧରେ ଏଇ ଲେଖକ ନୀଳକଣ୍ଠ ରାଧାନାଥଙ୍କର ଭୂୟସୀ ପ୍ରଶଂସା କରିବା ବ୍ୟତୀତ ଲେଖିଥିଲେ, "ଅବଶ୍ୟ ଅନ୍ୟ ଦିଗରେ ପ୍ରାଚୀନ ପଣ୍ଡିତଙ୍କ ନଗ୍ନ ତୋଷାମଦ ପରି ନ ହେଲେ ମଧ୍ୟ, ରାଧାନାଥ ସାହିତ୍ୟକୁ ଯେପରି ଗୋଟିଏ ହୀନ ତୋଷାମଦାତ୍ମକ ଉପାଦାନ ପ୍ରଦାନ କରି ଅଛନ୍ତ ,ତାହା ଦେଖିଲେ ବିସ୍ମିତ ହେବାକୁ ହୁଏ ।" ବାମଣ୍ଡାର ରାଜା ସୁଢ଼ଳ ଦେବ ଓ ମୟୂରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କର ଏତେ ତୋଷାମୋଦ କାହିଁକି ? ଏ କଣ ରାଧାନାଥଙ୍କ ଜାତୀୟ ଚେତନାର ନବ ଉନ୍ମେଷ ? ଦେଶ ପ୍ରୀତି ସହିତ ଏ ତୋଷାମଦର ସଂପର୍କ କଣ ? କାହିଁ ଅଧ୍ୟାପକ ଦାସ ତ ଏ ବିଷୟରେ ପାଟି ଫିଟାଇ ନାହାନ୍ତି ! ଅଥଚ ନୀଳକଣ୍ଠ ଉତ୍କଳ ଓ ଭାରତୀୟ ସଂସ୍କୃତିକୁ କିପରି 'ସମ୍ଭାଳି' ରଖିବାକୁ ଯତ୍ନଶୀଳ ଥିଲେ ତାହାର ଅଭ୍ରାନ୍ତ ପ୍ରମାଣ ତାଙ୍କର 'ଆର୍ଯ୍ୟଜୀବନ' ଏବଂ ଅନ୍ୟାନ୍ୟ ସାହିତ୍ୟ କୃତିରୁ ଜଣାପଡେ । ଏତିକି ନୁହେ, ଏହି ସଂସ୍କୃତିରେ ସତ୍ୟବାଦୀର ଛାତ୍ରମାନଙ୍କୁ ଅନୁପ୍ରାଣିତ କରିବା ଦିଗରେ ସେ ଥରେ ନୀଳମାଧବ ଭ୍ରମଣ କରି ଗଲାବେଳେ ଖଣ୍ଡପଡ଼ାର ରାଜା ସେମାନଙ୍କୁ ନେଇଯିବା ନିମନ୍ତେ ୪୦ଖଣ୍ଡ ଶଗଡ଼ ବେଠିରେ ପଠାଇଥିଲେ । ନୀଳକଣ୍ଠ ଏଥିରେ ଅସନ୍ତୁଷ୍ଟ ହୋଇ ଶଗଡ଼ିଆ ମାନଙ୍କୁ ଫେରିଯାଇ ରାଜାଙ୍କୁ କହିବାକୁ କହିଲେ ଯେ ସତ୍ୟବାଦୀର ଛାତ୍ର ଓ ଶିକ୍ଷକ ମାନଙ୍କୁ ନେବାଲାଗି ଯେଉଁ ରାଜା ବେଠି ଶଗଡ଼ ପଠାଇଛନ୍ତି, ସେ ରାଜାଙ୍କର ନିମନ୍ତ୍ରଣ ରକ୍ଷା କରିବାକୁ ସତ୍ୟବାଦୀ ବିଦ୍ୟାଳୟ ସେଠିକୁ ଯିବନାହିଁ ।

(ସତ୍ୟବାଦୀରେ ସାତବର୍ଷ— ପୃ—୧୦୩)

## ରାଧାନାଥଙ୍କ ରଚନାରେ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ଓ ବାଭତ୍ସତା

ନୀଳକଣ୍ଠଙ୍କର ରାଧାନାଥଙ୍କ ପ୍ରତି "କବିଙ୍କି ସୁମରି ବିରାଗେ ମୁଖ ପୋଛାଅ ପଛେ" ଏହି କଟୁ–କଷାୟ–ତିକ୍ତ ମଧୁର ସମୀକ୍ଷାକୁ ଅବଲମ୍ବନ କରି ବହୁ ଯୁବ ଲେଖକ କବି ରାଧାନାଥ କିପରି ଗେମାନ୍ କବି ଓଭିଡ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ବହିରୁ ମାଲ ମସଲା ଅପହରଣ କରି ନିଜର କାବ୍ୟ ସୌଧ ନିର୍ମାଣ କରି ଅଛନ୍ତି, ତାହା ଦର୍ଶାଇଛନ୍ତି । ଏ କ୍ଷେତ୍ରରେ ନୀଳକଣ୍ଠ ଏକକ ନୁହନ୍ତି, ଏବେ କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଥିବା Indian literature ନାମକ

Digitized by PPRACHIN, SOA

ପତ୍ରିକାରେ ଜଣେ ଓଡ଼ିଆ ଅଧ୍ୟାପକ Sri S. N. Rath ରାଧାନାଥଙ୍କ ସମ୍ବନ୍ଧରେ ତାଙ୍କ ପାର୍ବତୀ କାବ୍ୟକୁ ଲକ୍ଷ୍ୟ କରି, "And the happening is a sexual union of a Father with his daughter" ପ୍ରଭୃତି ନୀଳକଣ୍ଠ ଯାହା ଛନ୍ଦୋବଦ୍ଧ କବିତାରେ ପ୍ରକାଶ କରିଥିଲେ, ତାକୁ ଇଂରେଜୀରେ ଲେଖି ରାଧାନାଥଙ୍କର ସ୍ୱଦେଶ ପ୍ରୀତି ଓ ନୈତିକ ସାହସର ଯେଉଁ ଡ଼ିଣ୍ଡିମ ପିଟିଲେ, ଏକଥା 'ରାଧାନାଥ ଓ ନୀଳକଣ୍ଠ' ଅଧ୍ୟାୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରଯାଇଛି, କେବଳ ପାଠକମାନଙ୍କୁ ଚେତାଇ ଦେବା ନିମନ୍ତେ ଏଠାରେ ତାହାର ପୁନଃପୂରଣ କରଗଲା ।

ପ୍ରାବନ୍ଧିକ ଅଧ୍ୟାପକ ଦାସଙ୍କ ମତରେ ରାଧାନାଥ ନିର୍ଦ୍ଦୋଷ ଓ ନିରପରାଧ, ତାଙ୍କର କାବ୍ୟ ସବୁ ମୌଳିକ । ଏହାର ପ୍ରତିବାଦ ବ୍ୟତୀତ ବହୁ ସାହିତ୍ୟିକ ମଧ୍ୟ ପ୍ରମାଣ କରିଛନ୍ତି ଯେ, ରାଧାନାଥଙ୍କର ବହୁ ରଚନା ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ସୃଷ୍ଟି ହୋଇଥିଲେହେଁ ରାଧାନାଥ ତାହା କୌଣସି ଠାରେ ଉଲ୍ଲେଖ କରିନାହାନ୍ତି । ନେଇ ଆଣି ଥୋଇ ଜାଣିଲେ ଯଦି ସାହିତ୍ୟ ରଚନାରେ କିଛି ଅକଲ୍ୟାଣ ନାହିଁ, ତେବେ ରାଧାନାଥ ସ୍ୱଚ୍ଛନ୍ଦରେ ଉତ୍କଳର ମହାକବି ରୂପେ ଅମର ହୋଇ ରହିବେ ।

## ନୀଳକଣ୍ଠଙ୍କର ବୈଶିଷ୍ଟ୍ୟ

ନୀଳକଣ୍ଠଙ୍କର 'ପ୍ରଣୟିନୀ' ଓ 'ଦାସ ନାୟକ'ର ନାୟକ ନାୟିକା ବିଦେଶରୁ ଆସିଛନ୍ତି ବୋଲି ପ୍ରାବନ୍ଧିକ ଆକ୍ଷେପ କରିଛନ୍ତି । ଏମାନେ ଯବନ ଓ ଯବନାନା । ପୃଥିବୀର ଯେ କୌଣସି ଅଧିବାସୀ, ସେ ଯେତେ ହୀନ ଅବସ୍ଥାରେ ଥାନ୍ତୁ ପଛକେ, ସେମାନେ ସାହିତ୍ୟରେ ସ୍ଥାନ ପାଇବାର ଯଥେଷ୍ଟ ଅଧିକାରୀ, ଯେହେତୁ ସାହିତ୍ୟ ସମସ୍ତଙ୍କୁ ନେଇ ଗଢ଼ା । ପ୍ରସିଦ୍ଧ ଇଂରେଜ କବିଙ୍କ କାବ୍ୟରେ ମୁଗ୍ଧ ହୋଇ ନୀଳକଣ୍ଠ ଏହି ଦୁଇଟି ବହି ଅନୁବାଦ କରିଛନ୍ତି ବୋଲି ସେ ପ୍ରଥମରୁ ସ୍ୱୀକାର କରି ଅଛନ୍ତି । ଏଥିରେ ପୁଣି ଭାରତୀୟ ଏବଂ ଓଡ଼ିଆ ସଂସ୍କୃତିକୁ ଯଥାଯୋଗ୍ୟ ମୂଲ୍ୟ ଦିଆ ଯାଇଛି । ତେଣୁ 'କେଦାର ଗୌରୀ', 'ଚନ୍ଦ୍ରଭାଗା' ଓ 'ପାର୍ବତୀ' ଯେପରି ଘର ଭାଙ୍ଗିଛନ୍ତି, ଏ କାବ୍ୟ ଦିଓଟି ତାର ସଂପୂର୍ଣ୍ଣ ବିପରୀତ । 'ପ୍ରଣୟିନୀ ଓ 'ଦାସନାୟକ' ଭଙ୍ଗା ଘରକୁ ସଜାଡ଼ିଛନ୍ତି । ରାଧାନାଥ ନିଜ ରଚନାରେ ପ୍ରେରଣାର ଉତ୍ସ ଥିବା ଇଂରାଜୀ ସାହିତ୍ୟ ସଂପର୍କରେ କୌଣସି ସୂଚନା ଦେଇ ନଥିବା ସ୍ଥଳେ ନୀଳକଣ୍ଠ ନିର୍ଭୀକ ଭାବରେ ଏ ପୁସ୍ତକ ଦୁଇଟିର ଭୂମିକାରେ ଉଲ୍ଲେଖ କରି ଅଛନ୍ତି, 'ପ୍ରସିଦ୍ଧ ଇଂରେଜ କବି

Digitized by PPRACHIN, SOA

ଟେନିସନ୍‌ଙ୍କ ପ୍ରଣୀତ 'ପ୍ରିନ୍‌ସେସ୍' ନାମକ କୌତୁକ-କାବ୍ୟ ଅବଲମ୍ବନରେ ଏ ପୁସ୍ତକଟି ରଚିତ ହୋଇଅଛି" ଏବଂ 'ଦାସନାୟକ'ର ଭୂମିକାରେ ଅଛି, "ମୁଁ ଗତ ମାର୍ଚ୍ଚ, ଏପ୍ରିଲ, ମେ, ଜୁନ୍' ମଧ୍ୟରେ ହଜାରିବାଗ ଜେଲରେ ଥିବାବେଳେ ଇଂରେଜ କବି ଟେନିସନ୍‌ଙ୍କର 'ଇନକ୍ ଆଡେନ୍' କାବ୍ୟ ପଢୁଥିଲି । ହଠାତ୍ ମନେ ହେଲା, ସମସ୍ତ ଗର୍ତ୍ତି ଏକାକୀ ବନ୍ଦ ହେବାବେଳେ କିଛି ଲେଖିବାର ଆରମ୍ଭ କଲେ କାଳ କଟିଯିବ, ତେଣୁ ସେହି 'ଇନକ୍ ଆଡ଼େନ୍" ଆଶ୍ରୟରେ 'ଦାସନାୟକ' ବୋଲି ଏହି କାବ୍ୟଟି ଲେଖିଲି ।" ଏଇଠ ରାଧାନାଥ ଓ ନୀଳକଣ୍ଠଙ୍କ ଭିତରେ ପାର୍ଥକ୍ୟ ଓ ନୀଳକଣ୍ଠଙ୍କର ବୈଶିଷ୍ଟ୍ୟ ।

## ରାଧାନାଥ ଓ ସତ୍ୟବାଦୀ ଗୋଷ୍ଠୀଙ୍କର ଜାତୀୟ-ଭାବ ଚେତନାରେ ପାର୍ଥକ୍ୟ

ରାଧାନାଥଙ୍କ ଜାତୀୟ ଭାବ ଚେତନା ଭିତରେ ଗଭୀର ପାର୍ଥକ୍ୟ ରାଧାନାଥଙ୍କ ପ୍ରତିଭା କେବଳ ସୌନ୍ଦର୍ଯ୍ୟବୋଧ ଉପରେ ପ୍ରତିଷ୍ଠିତ ହେଲେ, ସତ୍ୟବାଦୀ ଗୋଷ୍ଠୀର ପ୍ରତିଭା ଓ ମନୀଷା ସତ୍ୟ, ଶିବ, ସୁନ୍ଦର, ଇତିହାସ, ପ୍ରବାଦ, କିମ୍ବଦନ୍ତୀ, ବିଜାତୀୟ ପ୍ରଭାବର ବିମୁକ୍ତି ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ସକ୍ରୀୟ ଭାଗ ଗ୍ରହଣ କରିବା ଆବେଗ ଉପରେ ପ୍ରତିଷ୍ଠିତ । ଏଇ ଦୁଇ ପ୍ରକାର ଜାତୀୟ ଭାବ-ଚେତନା ମଧ୍ୟରେ ସୀମାରେଖା ଟାଣି କିପରି ଅଧ୍ୟାପକ ଦାସ ନିଶ୍ଚିନ୍ତ ହୋଇ ରହିଲେ, ତାହା ବୁଝି ହୁଏ ନାହିଁ ।

ଯେଉଁ ମାୟାଧର ମାନସିଂହଙ୍କ ମର୍ତ୍ତ୍ୟ ପ୍ରେମରେ ଆକୃଷ୍ଟ ହୋଇ ଅଧ୍ୟାପକ ଦାଶରଥୀ ଦାସ ତାଙ୍କୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସହିତ ତୁଳନା କରି ଅଛନ୍ତି, ସେହି ପ୍ରଖ୍ୟାତ କବି ମାନସିଂହ ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟ ସମ୍ବନ୍ଧରେ ତାଙ୍କର ସୁପରିଚିତ ଭୂମିକାରେ ଯାହା ଉଲ୍ଲେଖ କରିଅଛନ୍ତି ତାହା ବୋଧହୁଏ ଲେଖକ ପଢିଥିବେ । କାହିଁ ତାଙ୍କର ସମାଲୋଚନା ସମ୍ବନ୍ଧରେ ତ ଦାଶ ମହାଶୟ କୌଣସି ମନ୍ତବ୍ୟ ପ୍ରକାଶ କରିନାହାନ୍ତି । ମାନସିଂହ 'କୋଣାର୍କେ' କାବ୍ୟର ଭୂମିକାରେ ସ୍ପଷ୍ଟ ଭାବରେ ଲେଖିଅଛନ୍ତି, ପ୍ରାଚୀନ ଉତ୍କଳ କେଉଁଠି କଥା କହୁଚି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଚି । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟ—ଯୁଗରେ ପୁରାଣ ଉତ୍କଳର ପ୍ରାଣ ବାଣୀ ଯେପରି ସ୍ପଷ୍ଟ ଭାବରେ ମୋତେ

Digitized by PPRACHIN, SOA

ଶ୍ରୁତିଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ, ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇ ପାରିନି ।

(ପୁସ୍ତକର ୧୫୭ ପୃଷ୍ଠା ଦେଖନ୍ତୁ ।

ଅଧ୍ୟାପକଦାସ ୧୯୬୯ ମସିହାରେ ପ୍ରକାଶିତ'ନୀଳକଣ୍ଠ ସ୍ମରଣୀକା'ରେ ପୂଜ୍ୟ ପୂଜା ସଂସଦର ସଭାପତି ଡ଼ଃ. କୁଞ୍ଜବିହାରୀ ଦାଶଙ୍କ ନୀଳକଣ୍ଠ ସମ୍ବନ୍ଧୀୟ ଉକ୍ତି ଅବଶ୍ୟ ଦେଖିଥିବେ । "ରାମଚଣ୍ଡୀଠାରେ ରାତି ଓ ସକାଳ" ଗୋଟିଏ ପଦ୍ୟାୟିତ ଭ୍ରମଣ କାହାଣୀ – ଗୋଟିଏ ଗୀତି କବିତା; ଇତିହାସର ଗୌରବ କାହାଣୀ ମଧ୍ୟରେ ମୂର୍ତ୍ତ କବିଙ୍କ ବ୍ୟକ୍ତିକ ପ୍ରାଣପ୍ରାଚୁର୍ଯ୍ୟର ସ୍ପର୍ଶ ଆମେ ପାଉଁ । କିନ୍ତୁ 'ମାୟାଦେବୀ' ପୂରାପୂରି ଇତିହାସ ବା କିମ୍ବଦନ୍ତୀର ଆଧାରରେ ରଚିତ, ଇତିହାସ ସାବାକ୍ ହୋଇଛି, କିମ୍ବଦନ୍ତୀ ସତ୍ୟ ଘଟଣା ପରି ପ୍ରତ୍ୟୟ ଆଣିବାକୁ ସମର୍ଥ ହୋଇଛି । ମାୟା ନନ୍ଦିକା ନୁହେଁ, କୌଶଲ୍ୟା ନୁହେ, ଗୌରୀ ନୁହେ, ସେ ନାରୀ ସମାଜର ମଥାମଣି; ବିଶ୍ୱ ସାହିତ୍ୟକୁ ଉତ୍କଳ—ସାହିତ୍ୟର ସେ ଏକ ମହନୀୟ ଦାନ । ମାୟା ଯୁବତୀ ସୁଲଭ ମାୟା ବିସ୍ତାର କରି ନାହିଁ; ତାର ପ୍ରୀତି ଓ ଆତ୍ମତ୍ୟାଗ ଯୋଗୁଁ ସେ ପ୍ରାଣେ ପ୍ରାଣେ ପ୍ରତିଷ୍ଠିତ ହୋଇ ପାରିଛି ।"

ଏଥି ପ୍ରତି ଯଦି ପ୍ରବନ୍ଧ ଲେଖକ ନିମିଳିତ ଚକ୍ଷୁ, ତେବେ ତରୁଣ ସାହିତ୍ୟିକ ମାନଙ୍କ ଲେଖାରୁ ଆଉରି ଗୋଟିଏ ଉଦାହରଣ ଦେବୁ । ତାଙ୍କର କିନ୍ତୁ ମନେରଖିବା ଉଚିତ ଏମାନଙ୍କର କାହାରି ହେଲେ ସତ୍ୟବାଦୀ କିମ୍ବା ସତ୍ୟବାଦୀ ସାହିତ୍ୟ ରଚନା ସହିତ ଲେଶମାତ୍ର ସଂପର୍କ ନ ଥିଲା । ୧୯୭୦ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ପାଠଚକ୍ର – ପ୍ରବନ୍ଧାବଳୀରେ ପ୍ରକାଶିତ 'ସତ୍ୟବାଦୀ ସାହିତ୍ୟର ପରିଚୟ' ପ୍ରବନ୍ଧରେ ନିରୋଜ କୁମାରୀ ମହାପାତ୍ର ନୀଳକଣ୍ଠଙ୍କ ସଂପର୍କରେ ଲେଖିଅଛନ୍ତି, "ପଣ୍ଡିତ ନୀଳକଣ୍ଠ କେବଳ ଓଡ଼ିଶାର ନୁହନ୍ତି, ସାରା ଭାରତର ପ୍ରତିଷ୍ଠିତ ପଣ୍ଡିତମାନଙ୍କ ମଧ୍ୟରେ ଅନ୍ୟତମ । ସେ ଏକାଧାରରେ କବି ଓ ସମାଲୋଚକ । ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ସୃଷ୍ଟି କରି ସେ ସମାଲୋଚନା ସାହିତ୍ୟର ମୂଳ ଭିତ୍ତି ସ୍ଥାପନ କରି ଅଛନ୍ତି । ତାଙ୍କ ପ୍ରଣୀତ 'କୋଣାର୍କେ' 'ପ୍ରଣୟିନୀ' ଖାରବେଳ' ପ୍ରଭୃତି ଓଡ଼ିଆ କାବ୍ୟ ରାଜ୍ୟର ଅମୂଲ୍ୟ ସଂପଦ । 'କୋଣାର୍କେ' ହିଁ ତାଙ୍କର ଜୀବନ୍ତ ପ୍ରତିଭାର ବିକଚ ଅଭିବ୍ୟକ୍ତି ଏବଂ ଏହା ତାଙ୍କର ସର୍ବଶ୍ରେଷ୍ଠ କୃତି । 'ମାୟାଦେବୀ' କାବ୍ୟ ପ୍ରଣୟ–ପ୍ରଧାନ ବସ୍ତୁ । ସେହି ପ୍ରଣୟର ଯେଉଁ ପବିତ୍ରତା

Digitized by PPRACHIN, SOA

ଓ ପୌରୁଷ ପ୍ରତିପାଦିତ ହୋଇଅଛି, ତାର ତୁଳନା ନାହିଁ । 'ଆର୍ଯ୍ୟଜୀବନ' ଭଳି ଦାର୍ଶନିକ ଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ବିରଳ । ପ୍ରତ୍ୟେକ ସୃଷ୍ଟି ତାଙ୍କର ଦାର୍ଶନିକତା -ପରିପୁଷ୍ଟ । ଉତ୍କଳର ପ୍ରାଚୀନ ଐତିହାସିକ କାବ୍ୟକୁ ଉପଜୀବ୍ୟ କରି ସେ ଯେଉଁ କାବ୍ୟାଦି ସୃଷ୍ଟି କରି ଯାଇଛନ୍ତ, ସେଥିରୁ ତାଙ୍କର ଦୂରଦୃଷ୍ଟିର ଯଥେଷ୍ଟ ପରିଚୟ ମିଳେ ।"

## ଅଧ୍ୟାପକ ଦାସଙ୍କୁ କେତୋଟି ଉତ୍ତର—

ଅଧ୍ୟାପକ ଦାସ ବ୍ୟଙ୍ଗ କରି ଗୋଟିଏ ଅତୁଳନୀୟ ଉପମା ଦେଇ ଲେଖିଅଛନ୍ତି, "ଏଥର ତାର ସଦ୍ୟମତାବସ୍ଥାକୁ ସତର୍କ ଦୃଷ୍ଟି ତଳେ ନିରପଦ ରଖିବାକୁ ଯେପରି ସଦ୍ୟ ଜାଗ୍ରତ ଓ ଉଦ୍ବୋଧହୀନ ରହିଥାଏ, ସେହିପରି ଏହି ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀ ଓଡ଼ିଆ ସାହିତ୍ୟକୁ ସମ୍ଭାଳି ରଖିବାକୁ ଚାହିଁଚନ୍ତି । କିନ୍ତୁ ନୀଳକଣ୍ଠ ପୂର୍ବେ ଯେଉଁ ଉପାୟରେ ଓଡ଼ିଶା ସଂସ୍କୃତିକୁ କୀର୍ତ୍ତିତ କରି ଯାଇଅଛନ୍ତି ଏବଂ ଠିକ୍ ସେହି ଉପାୟରେ ତାହାକୁ ଶ୍ରୀ ସମୃଦ୍ଧ କରିଛନ୍ତି, ରାଧାନାଥ ଆଉ ସବୁ ଯାହା କହିଛନ୍ତି, ତାହା ଯଦି ଦୋଷାବହ ହୁଏ, ତେବେ ନୀଳକଣ୍ଠଙ୍କର ମୁକ୍ତି କାହିଁ ?"

ରାଧାନାଥ ଯେଉଁ ଭଙ୍ଗୀରେ ଓଡ଼ିଶା ସଂସ୍କୃତିକୁ ବିକୃତ କରିଥିଲେ, ନୀଳକଣ୍ଠ ଠିକ୍ ତାର ବିପରୀତ ଦିଗରେ ଓଡ଼ିଆ ସଂସ୍କୃତିକୁ ଜୀବନ୍ତ ଓ ଜାଗ୍ରତ କରିଅଛନ୍ତି । ଏ ସମ୍ବନ୍ଧରେ ବହୁ ଦୃଷ୍ଟାନ୍ତ ପୂର୍ବରୁ ଦିଆ ଯାଇଛି । ଅଳମତି ବିସ୍ତରେଣ ।

୨) ଅଧ୍ୟାପକ ଦାସ ଲେଖିଛନ୍ତି, "ରାଧାନାଥ ଜାତୀୟ ଉପକରଣ ସାର ବିଶ୍ୱରୁ ସଂଗ୍ରହ କରିଛନ୍ତି ।" ତା' ଯଦି ହୁଏ, ତେବେ ସେ କଥା ସେ ନିର୍ଭୀକ ଭାବରେ ସ୍ୱୀକାର କରି ନାହାନ୍ତି କାହିଁକି ? ଅପହରଣ ଓ ସଂଗ୍ରହ ଭିତରେ ତାରତମ୍ୟ ଦେଖାଇବା ଏବଂ ଭାରତୀୟ ସଂସ୍କୃତିକୁ ରାଧାନାଥ କଳଙ୍କିତ କରିଥିବା ନିମନ୍ତେ ନୀଳକଣ୍ଠ କେବଳ, "କବିଙ୍କ ସ୍ମରି ବିରାଗେ ମୁଖ ଫେରାଅ ପନ୍ଥେ" ବୋଲି କହି ନିଜର ବିତୃଷ୍ଣା ପ୍ରକାଶ କରିଛନ୍ତି ମାତ୍ର ।

Digitized by PPRACHIN, SOA

ଏ ସମ୍ବନ୍ଧରେ ବହୁ ଆଲୋଚନା କରାଗଲାଣି । ଆମର ମନେହୁଏ, ରାଧାନାଥ ଆଜି ଯଦି ସ୍ୱଦେଶରେ ଥା'ନ୍ତେ ଲେଖକଙ୍କୁ ଏତେ ତୀବ୍ର ପ୍ରତିବାଦ କରିବାକୁ ପଡ଼ି ନ ଥାନ୍ତା ! ରାଧାନାଥଙ୍କୁ ଗୋପବନ୍ଧୁ କଟୁ ସମାଲୋଚନା କଲାପରେ ରାଧାନାଥ ଯେପରି ଗୋପବନ୍ଧୁଙ୍କ ପ୍ରତିଭାକୁ ସ୍ନେହ ଓ ଆଦର କରୁଥିଲେ, ବଞ୍ଚିଥିଲେ ସେ ନୀଳକଣ୍ଠଙ୍କୁ ମଧ୍ୟ ସେହିପରି ସସ୍ନେହ ବ୍ୟବହାର ଦେଖାଇଥାନ୍ତେ ବୋଲି ଆଗରୁ ସୂଚାଇ କୁହାଯାଇଛି ।

୩) ସର୍ବଶେଷରେ ପ୍ରାବନ୍ଧିକ ଗୋଟିଏ ନିଗଟ ସତ୍ୟ ଉଦ୍‌ଘାଟିତ କରି ପାଠକ ମାନଙ୍କୁ ସତ୍ୟବାଦୀ ସାହିତ୍ୟ ପ୍ରତି ବଡ଼ ବିମନା କରିବାକୁ ଚେଷ୍ଟା କରିଛନ୍ତି । ସେ ଲେଖିଛନ୍ତି, "ନୀଳକଣ୍ଠଙ୍କୁ ସତ୍ୟବାଦୀ ସାହିତ୍ୟ ସାଧନାରୁ ବିଚ୍ଛିନ୍ନ କରିଦେଇ ହେବ ନାହିଁ ।" ଯେ ସତ୍ୟବାଦୀ ସାହିତ୍ୟର ବିକାଶରେ ଶେଷ ପର୍ଯ୍ୟନ୍ତ କର୍ଣ୍ଣଧାର ଥିଲେ, ଯାହାଙ୍କ ଲେଖନୀକୁ ବାଦ ଦେଲେ ସତ୍ୟବାଦୀ ସାହିତ୍ୟର ଅସ୍ତିତ୍ୱ ରହିବ କି ନା ସନ୍ଦେହ, ଯେ ସତ୍ୟବାଦୀ ତଥା ଉତ୍କଳୀୟ, ଭାରତୀୟ ଏବଂ ବିଶ୍ୱ ସାହିତ୍ୟକୁ ତାଙ୍କ ଲେଖାରେ ଜୀବନ୍ତ କରି ଯାଇଛନ୍ତି, ଯାହାଙ୍କର କବିତ୍ୱ ଏବଂ କାବ୍ୟ ଆଜି ସର୍ବଜନ-ପୂଜ୍ୟ ହୋଇଅଛି,ଯେ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାଶ କରିଥିଲେ ମଧ୍ୟ କଲିକତା ବିଶ୍ୱ ବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ଯାହାଙ୍କୁ ଓଡ଼ିଆ ଅଧ୍ୟାପକ ରୂପେ ନିମନ୍ତ୍ରଣ କରି ନେଇଥିଲେ ଯେ ଶିକ୍ଷା ଓ ସାହିତ୍ୟର ଅବିଚ୍ଛେଦ୍ୟ ସଂପର୍କ ପ୍ରତିଷ୍ଠା କରିବା ନିମନ୍ତେ ସତ୍ୟବାଦୀ ସ୍କୁଲ ପକ୍ଷରୁ ମୂଲ୍ୟବାନ ପୁସ୍ତକମାନ ରଚନା କରି ଓ କରାଇ ପ୍ରକାଶ କରିଥିଲେ ସେ ଥିଲେ ସେତେବେଳେ ଓଡ଼ିଆ ସାହିତ୍ୟର ଅଫୁରନ୍ତ ଉତ୍ସ । ପୂର୍ବ ଅଧ୍ୟାୟରେ ଏ ସବୁର ବିସ୍ତୃତ ଆଲୋଚନା କରାଯାଇଚି । ତେଣୁ ନୀଳକଣ୍ଠଙ୍କୁ ସତ୍ୟବାଦୀ ସାହିତ୍ୟରୁ ବିଚ୍ଛିନ୍ନ କରିଦେବାର ପ୍ରଶ୍ନ କାହିଁ ? ଏ ଚିନ୍ତା ଅବାନ୍ତର ।

ଏ ସମ୍ବନ୍ଧରେ ତାଙ୍କର ଜଣେ ଅଧ୍ୟାପକ ଭାଇ ଯାହା ଲେଖିଛନ୍ତି, ତାହା ଏଠାରେ ଉଦ୍ଧାର କରାଗଲା । "ସାହିତ୍ୟ ସମାଲୋଚନା ମୂଳକ ରଚନା ଗୁଡ଼ିକରେ ନୀଳକଣ୍ଠଙ୍କ ଭାବୁକତା, ସହୃଦୟତା, ଭୂୟୋଦର୍ଶନ, ବିଶ୍ଳେଷଣ-ନୈପୁଣ୍ୟ ଓ ପରିପକ୍ୱ ବିଚାରର ପରିଚୟ ମିଳେ । ସର୍ବତ୍ର ଆଲୋଚନାର କ୍ରମିକତା ଓ ସର୍ବ-ସଙ୍ଗତି, ମୌଳିକ ବିଚାରଧାରା ଅନନ୍ୟ ରୂପ ଧାରଣ କରି ନୀଳକଣ୍ଠଙ୍କୁ ପ୍ରବୀଣ ସମାଲୋଚକର ଗୌରବ ଦେଇଅଛି । ବିଷୟ ନିଷ୍ଠା ସାଙ୍ଗକୁ ସମାଲୋଚକଙ୍କ ବ୍ୟକ୍ତିତ୍ୱର ସ୍ପର୍ଶ ହେତୁ, ଏହି ଆଲୋଚନା ଗୁଡ଼ିକର ସୃଷ୍ଟି ସଂପର୍କରେ ଲେଖକଙ୍କ

Digitized by PPRACHIN, SOA

ଆତ୍ମସ୍ୱୀକୃତି ତାତ୍ପର୍ଯ୍ୟପୂର୍ଣ୍ଣ ।" × × "ସତ୍ୟବାଦୀ ବିଦ୍ୟାଳୟ ଯେଉଁ ଉଦ୍‌ବୋଧ ଉପରେ ପ୍ରତିଷ୍ଠିତ ହୋଇଥିଲା, ଏହା ସେହି ଉଦବୋଧର ବହିଃପ୍ରକାଶ ମାତ୍ର। ଆତ୍ମପ୍ରତିଷ୍ଠାର କାମନା ଆତ୍ମମର୍ଯ୍ୟାଦାବୋଧର ଉତ୍ସାହକୁ କେନ୍ଦ୍ରକରି ଏହାର ବିକାଶ ଘଟିଥିଲା । ପରବର୍ତ୍ତୀ କାଳରେ ଏହି ପରଂପରରେ ପ୍ରଭାବିତ ହୋଇ ନୀଳକଣ୍ଠ ନିଜ ଆଲୋଚନା ଗୁଡ଼ିକୁ ସଂସ୍କୃତି ଭିତ୍ତିକ କରିଥିଲେ ।

୪) ପ୍ରାବନ୍ଧିକ ଶ୍ରଦ୍ଧେୟ ଦାଶରଥି ସତ୍ୟର ଘୋର ଅପଳାପ କରି ପୁଣି ଲେଖିଅଛନ୍ତି, "'ଖାରବେଳ' ଓ 'କୋଣାର୍କେ'ରେ ଐତିହାସିକ ପ୍ରାମାଣିକତା ପ୍ରତି କୌଣସି କୌତୂହଳ ପ୍ରକାଶ ନ କରି କେବଳ କିମ୍ବଦନ୍ତୀ ଓ ଲୋକ କଥାକୁ ନୀଳକଣ୍ଠ ବିଶ୍ୱାସ କରିଛନ୍ତି ।" ପ୍ରାବନ୍ଧିକ କେତେ ଐତିହାସିକ ଗ୍ରନ୍ଥ ଅଧ୍ୟୟନ କରିଅଛନ୍ତି, ତାହା ଆମକୁ ଜଣାନାହିଁ । ତେବେ ନୀଳକଣ୍ଠ ଜଣେ ଉତ୍କଳର ବିଶିଷ୍ଟ ଗବେଷକ, ଐତିହାସିକ । ଅନୁସନ୍ଧିତ୍ସାରେ ତାଙ୍କୁ କେହି ଟପିଯାଇ ପାରି ନାହାନ୍ତି । 'ଖାରବେଳ'ରେ ଐତିହାସିକ ତଥ୍ୟ ପୂର୍ଣ୍ଣ ମାତ୍ରାରେ ଅଛି । K. P. Jayaswarଙ୍କ ହାତୀଗୁମ୍ଫା ଶିଳାଲେଖ ପାଠ କରି ସେ ଖାରବେଳଙ୍କ ଉପରେ ଯେଉଁ ତଥ୍ୟ ଆବିଷ୍କାର କରିଥିଲେ, ତାହାରି ଉପରେ ସେ ଏହି 'ଅସପୂର୍ଣ୍ଣ' କାବ୍ୟ ରଚନା କରିଅଛନ୍ତି । ଇତିହାସ ଏହାର ଭିତ୍ତିଭୂମି ମାତ୍ର । ରବୀନ୍ଦ୍ରନାଥ କହିଲା ପରି, ଯଦି କାବ୍ୟରେ କିଛି ଭ୍ରମ ପ୍ରମାଦ ଥାଏ, ତେବେ ଇତିହାସ ପଢ଼ି ତାହା ସଂଶୋଧନ କରିନିଅ ।" କିନ୍ତୁ 'ଖାରବେଳରେ ଧୃର୍ସି ଏବଂ ଖାରବେଳାଙ୍କ ପ୍ରଣୟ କାହାଣୀ ବ୍ୟତୀତ ବାକି ସବୁ ଲେଖା ଯେ ଖାରବେଳଙ୍କ ଖୋଦିତ ଶିଳାଲେଖ ଉପରେ ପ୍ରତିଷ୍ଠିତ, ଏ ସତ୍ୟ 'ଖାରବେଳ'ରେ ନୀଳକଣ୍ଠଙ୍କର 'ଗ୍ରନ୍ଥପ୍ରବେଶ' ଏବଂ ବାସୁଦେବ ମହାପାତ୍ରଙ୍କର କାବ୍ୟ-ବର୍ଣ୍ଣିତ ବିଷୟର ସୂଚନା ପାଠ କଲେ ସ୍ପଷ୍ଟ ପ୍ରତୀୟମାନ ହେବ । ନୀଳକଣ୍ଠ ଉତ୍କଳରେ ସର୍ବ ପ୍ରଥମେ ଖାରବେଳଙ୍କ ମହତ୍ତ୍ୱ ପ୍ରତିପାଦନ କରିବା ନିମନ୍ତେ ଲେଖନୀ ଚାଳନା କରିଥିଲେ । 'ଖାରବେଳ' କାବ୍ୟ ସମ୍ବନ୍ଧରେ ଅନ୍ୟ ଜଣେ ଅଧ୍ୟାପକ ଶ୍ରୀ ବିକ୍ରମ ଜେନା ପ୍ରାବନ୍ଧିକଙ୍କୁ ଧିକ୍‌କାର କରି ଲେଖିଅଛନ୍ତି, "'ଖାରବେଳ' କାବ୍ୟ କଳିଙ୍ଗର ସର୍ବଶ୍ରେଷ୍ଠ ଶୂର ଦିଗ୍‌ବିଜୟୀ, ଚେତବଂଶ ତପନ, ମହାମେଘ ବାହନ ଖାରବେଳଙ୍କର ଐଶ୍ୱର୍ଯ୍ୟମୟ ଜୀବନର ଏକ ଅଧ୍ୟାୟ । × × × ସ୍ୱତଃ ମହାମେଘ ବାହନ, ଗୁଣୋପେତ, ଐଶ୍ୱର୍ଯ୍ୟ, ପ୍ରଣୟର ଉପଯୁକ୍ତ ଚିତ୍ର ନୀଳକଣ୍ଠ ଏହି କାବ୍ୟରେ ଦେଇଛନ୍ତି । ବୀରବାଳା ଧୃସିଙ୍କର ଧୈର୍ଯ୍ୟ ବୁଦ୍ଧିମତ୍ତା ଆଦି ମଧ୍ୟ କାବ୍ୟରେ ପ୍ରକୃଷ୍ଟରୂପେ ବର୍ଣ୍ଣିତ ।"

Digitized by PPRACHIN, SOA

କବିତ୍ୱର ସ୍ଫୁରଣ ଲାଗି ଲୋଡ଼ା ଅଦୃଷ୍ଟର ଆଶୀର୍ବାଦ । ଐଶୀ ପ୍ରେରଣା ଓ ଅନୁକୂଳ ପରିପ୍ରେକ୍ଷୀ କବିତ୍ୱର ବିକାଶ ପଥରେ ସହାୟକ ହୋଇଥାନ୍ତି । କବି ନୀଳକଣ୍ଠଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ଯଥେଷ୍ଟ ଥିଲ । ହେଲେ, ଜ୍ଞାନର ପ୍ରାଚୁର୍ଯ୍ୟ ଓ ଜୀବନ ପ୍ରତି ଗଭୀର ମାର୍ମିକ ଦୃଷ୍ଟିଭଙ୍ଗୀ ସେ ଦର୍ଶନରୁ ହିଁ ପାଇଥିଲେ । ନିଛକ କବିତ୍ୱ କବିତାରେ ଆଶାତୀତ ରସ ସଞ୍ଚାର କରେ ଓ ପ୍ରାଣ ସ୍ପନ୍ଦନର ଭଙ୍ଗୀରେ କବିତକୁ ଜନପ୍ରିୟ କରଏ । କିନ୍ତୁ ଦର୍ଶନ କବିତାକୁ ଦିବ୍ୟ ଚକ୍ଷୁ ଦାନକରେ ଓ କାଳାତୀତ ଗୌରବ ଦିଏ । ଆମମାନଙ୍କର ଦୃଢ଼ ମତ, 'କୋଣାର୍କେ'ରେ କବିତ୍ୱ ଓ ଦର୍ଶନର ମଧୁର ସମନ୍ୱୟ ଘଟିଛି ।

ପରିଶେଷରେ, ଏତିକି କୁହାଯିବ ଯେ ସତ୍ୟବାଦୀ ସାହିତ୍ୟ ସଂପର୍କରେ ପ୍ରାବନ୍ଧିକ ଦାଶରଥି ଦାସ ଯାହା ଉଲ୍ଲେଖ କରି ଅଛନ୍ତି, ତାହା ନୀଳକଣ୍ଠ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କର ଅଗଭୀର ଜ୍ଞାନର ସୂଚନା ଦିଏ ମାତ୍ର ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହେବ ଯେ ନୀଳକଣ୍ଠଙ୍କର ଜାତୀୟ-ଭବ ଚେତନା ସମୟୋପଯୋଗୀ, ଆଦର୍ଶଭିତ୍ତିକ ଓ ଏହାର ସ୍ୱରୂପକୁ ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମ ପରିପ୍ରେକ୍ଷୀରେ ହିଁ ବିଗ୍ଭର କରିବା ଆବଶ୍ୟକ । ରାଧାନାଥଂକ ଜାତୀୟବାଦୀ ସାହିତ୍ୟ ରଚନାର ଉତ୍ସ ଓ ଲକ୍ଷ୍ୟ ସୀମିତ । କିନ୍ତୁ ଓଡ଼ିଆ ସାହିତ୍ୟର ଇତିହାସରେ ଜାତୀୟବାଦୀ ଚିନ୍ତାଧାରର ଉଦ୍‌ଗାତା ରୂପେ ସତ୍ୟବାଦୀ ଗୋଷ୍ଠୀର ସାଧକ ମାନେ ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ପଣ୍ଡିତ ନୀଳକଣ୍ଠଂକର ସମଗ୍ର ସୃଷ୍ଟିରେ ପ୍ରତିଫଳିତ। ଅନ୍ୟଭବରେ କହିଲେ ମନୀଷୀ ନୀଳକଣ୍ଠଂକର ମନୀଷାର ପ୍ରାଣବିନ୍ଦୁ ଥିଲ ଜାତୀୟବାଦୀ ଚେତନା ।

Digitized by PPRACHIN, SOA

# ଶୁଦ୍ଧିପତ୍ର

ପୁସ୍ତକର ବହୁ ମୁଦ୍ରଣ ଦୋଷ ମଧ୍ୟରୁ ମାତ୍ର କେତୋଟି ବିଶେଷ ତ୍ରୁଟି ନିମନ୍ତେ ଶୁଦ୍ଧିପାଠ ନିମ୍ନରେ ଦିଆଗଲା ।

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ସୂଚୀପତ୍ର ୧୧ | ୧୭ | Radha Ballav | Rama Ballav |
| ୫ | ୯ | ଗଣୀମାନେ | ଗଣୀସନେ |
| ୮ | ୨୧ | Konark | Konarke |
| ୧୫ | ୧୫ | ଯେଉଁ | ଯେହୁ |
| ୧୭ | ୧୭ | ବଳୁଁ | ଦଳୁଁ |
| ୨୩ | ୧୦ତଳକୁ | (ପାରାଗ୍ରାଫ ହେଡ଼ିଙ୍ଗ୍ ନାହିଁ) | **ଶେଷ ଜୀବନରେ ମଧ୍ୟ ଜ୍ଞାନାହରଣ ତପସ୍ୟା** |
| ୨୮ | ୨ | ଶିବ, ସତ୍ୟ, ସୁନ୍ଦର | ସତ୍ୟ, ଶିବ, ସୁନ୍ଦର |
| ୩୫ | ୨୬ | ବିଭଗ | ବିଭବ |
| ୫୬ | ୨୦ | ବିଂଚି | ବିଚି |
| ୮୨ | ୨ | ଅଧିବେଶନ ନୀଳକଣ୍ଠଙ୍କର ସଭପତି | ଅର୍ଦ୍ଧବେଶନର ସଭପତି ଉତ୍କଳ ଗୌରବ ମଧୁସୂଦନ ନୀଳକଣ୍ଠଙ୍କର |
| ୧୨୭ | ୨ | ପ୍ରଭୃତ | ପ୍ରକୃତ |
| ୧୪୧ | ୨୫ | ଯଥାର୍ଥରେ ଅଛନ୍ତି | ଯଥାର୍ଥରେ ଲେଖି ଅଛନ୍ତି |
| ୧୫୦ | ୫ | ରିପୋର୍ଟଗିରି | ଡ଼ିପୋଟିଗିରି |
| ୧୭୭ | ୧୧ | ଧର୍ମ | ଅର୍ଧ |
| ୧୭୯ | ୨୮ | କୁଦମ | କୁସୁମ |
| ୧୮୭ | ୧୮ | ବାଙ୍କନାଂ | ବାଙ୍କାନାଂ |
| ୨୦୪ | ୧୨ | ତାକୁ | ବାବୁ |
| ୨୧୪ | ୪ | କବୁଆଁ | ବବୁଆଁ |

Digitized by PPRACHIN, SOA

| | | | |
|---|---|---|---|
| ୨୧୬ | ୨୭/୨୮ | ଶୁଣି ନାହିଁ ବାପା ସେ କଥା,<br>ଘରେ କହିବି ଗଲେ,<br>ସେ କିରତୀ–ଗାଥା ଅଙ୍କପେ<br>କୁଳ ଗୃହ ମହଲେ | କୋଣାର୍କ–ତୁଙ୍ଗିମା ବହିଲ<br>ପଗ ଭୁଦେ ଏ ଧାଗ !<br>ନରସିଂହେ ବହି ଆଦର,<br>ବୁଲି ଆସିଛି ପଗ !<br>ଚଂଦ୍ରଭଗା ପଗ ଏହାରି ପଣ୍ୟ<br>–ତୀର୍ଥ–ଦୁହିତା ! |
| ୨୫୦ | ୧୧ | ଉପକଳ୍ପ ବ | ରୂପକଳ୍ପର |
| ୨୫୪ | ୨୮ | ମନ୍ଦର ଶିରେ | ମନ୍ଦିର–ଶିରେ |
| ୨୫୬ | ୧୮ | ପଂକ୍ତି ତଥା | ପଂକ୍ତି ମାନ ତଥା |
| ୨୫୬ | ୨୫ | ଲୁଚି ମରିରେ | ଲୁଚି ମନ୍ଦିରେ |
| ୨୬୩ | ୨୦ | ଜୀବନ-ମନ୍ଦିରେ | ଜୀବନ-ମରଣ-ମନ୍ଦିରେ |
| ୨୭୨ | ୨ | (ଲେଖାଯିବ) | ବାଲୁକା ବିତାନେ ପବନ<br>ସୁଖେ ଯାଉଛି ବହି |
| ୨୮୦ | ୩ | କାହିଁକି | ନାହିଁକି |
| ୨୮୨ | ୨୧ | କବି!ତାର ଉତ୍ତରରେ କହୁଚନ୍ତି | (ଧାଡ଼ିଟି ପୁରା ଉଠିଯିବ) |
| ୨୮୮ | ୧୬ | କ୍ଷନା | ଏହି କଳ୍ପନା |
| ୨୯୦ | ୧୩ | କ୍ଲାସିଜିମ୍ | କ୍ଲାସିସିଜିମ୍ |
| ୨୯୦ | ୨୦ | ଖାଆନ୍ତି | ଯାଆନ୍ତି |
| ୨୯୧ | ୧୮ | Classism | Classicism |
| ୨୯୪ | ୧ | ବସୁଧା | ବହୁଧା |
| ୨୯୫ | ୨୬ | ଝଟକାଟି | ଝଟିକା |
| ୨୯୬ | ୧ | ଯାଉଛି | ଯାଇଛି |
| ୨୯୬ | ୮ | ଚଚକେ | ଚମକେ |
| ୨୯୭ | ୨୪ | ଜୀବନ–ମନ୍ଦିରେ | ଜୀବନ–ମରଣ–ମନ୍ଦିରେ |
| ୨୯୭ | ୨୭ | ନିଷ୍କଳ ଶୂନ୍ୟ ମହାକାଳ | ନିଷ୍କଳ ଏ ଶୂନ୍ୟ ମହାକାଳେ |
| ୨୯୯ | ୨୦ | ନିଦନା | ନିନାଦ |
| ୩୧୦ | ୮ | ହୋଇଛି | ହେଉଛି |
| ୩୧୦ | ୨୯ | ଅଛି ପୁସ୍ତକର | ଅଛି ସେହି ପୁସ୍ତକର |
| ୩୧୨ | ୫ | For par from the<br>mading cronld | Far from the<br>madding crowd |
| ୩୧୩ | ୭ | ଆବୃଉ | ଅଦ୍ଭୁତ |

Digitized by PPRACHIN, SOA

# କଳିଙ୍ଗ ଟ୍ରାନ୍ସଫର୍ମରସ, କଟକ

ଦେଶର ସର୍ବବିଧ ଉନ୍ନତି ପାଇଁ ଶିଳ୍ପ ପ୍ରସାରର ବିଶେଷ ଆବଶ୍ୟକତା ଉପଲବ୍ଧି କରି, ଯେଉଁ ଦୂରଦର୍ଶୀ ମହାପୁରୁଷ ସରକାରଙ୍କୁ ତହିଁରେ ସମ୍ମତ କରାଇ ପାରିଥିଲେ, ତାଙ୍କର ସେଇ ଆଦର୍ଶରେ ଅନୁପ୍ରାଣିତ ହୋଇ

**କଳିଙ୍ଗ ଟ୍ରାନ୍ସଫର୍ମରସ**

ତାର ଦୀର୍ଘ ୧୬ ବର୍ଷର ଧାରାବାହିକ ପ୍ରଚେଷ୍ଟା ଫଳରେ ଦ୍ରୁତ ଶିଳ୍ପ ବିକାଶ ଲାଗି ଆଜି ରାଜ୍ୟରେ ପଞ୍ଚଦଶ ସହସ୍ରାଧିକ ଓ ରାଜ୍ୟ ବାହାରେ ପଞ୍ଚ ସହସ୍ରାଧିକ ଟ୍ରାନ୍ସଫର୍‌ମର୍‌ସ ଯୋଗାଇ ଦେବାର ଗୌରବ ଅର୍ଜନ କରି ସେଇ ମହାମନୀଷୀ

**ପଣ୍ଡିତ ନୀଳକଣ୍ଠଙ୍କ**

ମହନୀୟ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

କଳିଙ୍ଗ ଟ୍ରାନ୍ସଫର୍ମରସ (ପି) ଲିମିଟେଡ
ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍—କଟକ-୧୦

Digitized by PPRACHIN, SOA

ORISSA STATE ELECTRICITY BOARD
ESTD. 1961

# ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ଼

## ପ୍ରଧାନମନ୍ତ୍ରୀଙ୍କର ନୂତନ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ସଂକଳ୍ପବଦ୍ଧ

* ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନ ପୂର୍ବବର୍ଷର ଅନୁରୂପ ସମୟର ଉତ୍ପାଦିତ ଶକ୍ତିଠାରୁ ଶତକଡ଼ା ୧୪ ଭାଗରୁ ଅଧିକ ବୃଦ୍ଧି କରାଯାଇଛି ।
* ଷଷ୍ଠ ଯୋଜନା କାଳ ଭିତରେ ଓଡ଼ିଶାର ସମୁଦାୟ ଗ୍ରାମ ସଂଖ୍ୟାର ଶତକଡ଼ା ୫୦ ଭାଗରୁ ଅଧିକ ଗ୍ରାମକୁ ବିଦ୍ୟୁତ କରଣ କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଛି ।
* ୨୦, ୪୮୧ଟି ସେନସସ୍ ଗ୍ରାମର ବିଦ୍ୟୁତ କରଣ କରାଯାଇ ମୋଟ ଜନ ସଂଖ୍ୟାର ଶତକଡ଼ା ୬୬ ଭାଗରୁ ଅଧିକ ଲୋକଙ୍କ ନିକଟରେ ଏବଂ ଗ୍ରାମ ସଂଖ୍ୟାର ଶତକଡ଼ା ପ୍ରାୟ ୪୩ ୬୦ ଗ୍ରାମରେ ବିଦ୍ୟୁତ ଶକ୍ତି ପହଞ୍ଚାଇ ଦିଆଯାଇଛି ।
* ୧୧୮ଟି ଆଦିବାସୀ ବ୍ଲକର ୫୨୦୯ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ବିଦ୍ୟୁତ କରଣ କରାଯାଇଛି ।
* ୬୨୨ଟି ହରିଜନ ବସ୍ତିରେ ରାସ୍ତା ଆଲୋକର ସୁବିଧା ଦିଆଯାଇଛି ଏବଂ ଏ ବର୍ଷ ଆହୁରି ୫୦୦ଟି ବସ୍ତିରେ ଏହା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।
* କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟର ୨୧ ୧୬୮ଟି ବିଦ୍ୟୁତ ଚାଳିତ ପମ୍ପକୁ ଶକ୍ତି ଯୋଗାଇ ଦିଆଯାଇଛି ।

**ବିଦ୍ୟୁତ ଶକ୍ତି ସଞ୍ଚୟ କରନ୍ତୁ – ଏହା ମୂଲ୍ୟବାନ**

**ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ**

**ଭୁବନେଶ୍ୱର**

Digitized by PPRACHIN, SOA

| YOUR QUESTION | WE ANSWER |
| --- | --- |
| Is there any Hot Springs in Orissa ? Which one do you recommend for a visit ? | Yes, there are as many as four Hot Springs in Orissa, notable among which are those at Taptapani, Atri and Deul jhari. Facilities for tourists are already existing at Taptapani while these are being created at Atri. Hence, we recommend Taptapani for a visit now ? |
| How shall we go there ? | If you come by rail, you may alight at Berhampur and drive only 50 kms. by road to reach Taptapani. Bhubaneswar, 185 Kms from Berhampur, is the nearest Air-Port. |
| Where shall we stay there ? | Panthanivas of the Orissa Tourism Development Corporation Ltd; with two double rooms. Six more cottages are being provided there in near future. For reservation, please contact the Manager (Tel. Digpahandi 21.) Dt. Ganjam. |
| Any special attraction ? | You will get the hot sulpher water of the spring in the bath tub of your room in the Panthanivas. This will provide a refreshing bath, especially durtng winter. |
| Where shall we get further information and assistance ? | Tourist Office, Station Road, Berhampur, Ph : 2770, Gram : ORISSATOUR. |

**DIRECTOR OF TOURISM,**
**ORISSA, BHUBANESWAR**

Digitized by PPRACHIN, SOA

*With Best Compliments From :*

# ORISSA WEAVERS COOP. SPINNING MILLS LIMITED

TORA
BARAGARH
SAMBALPUR

PH : 274, 278, 294, 426
GR : ORICOSPIN

AND

# KALINGA WEAVERS CO-OP. SPINNING MILLS LIMITED

GOVINDAPUR
DHENKANAL

PH : 178,
GR : KALICOSPIN

**PROJECTS IN PROGRESS FOR PRODUCTION IN 1983**

- **Utkkal Weavers Coop. Spining Mills Limited Mukunda Prasada, Khurda.**
- **Shree Jagannath Weavers Coop. Spinning Mills Limited, Nuapatna, Cuttack.**
- **Gangpur Weavers Coop. Spinning Mills Limited Kirei, Sundargarh.**

Liaison Office
Cooperative spinning Mills Of Orissa
Directorate of Textiles
Satyanagar, Bhubaneswar

Tlx : 293 Spin
Ph : 51888

S. RATH, I.A.S.
Chairman

Digitized by PPRACHIN, SOA

ଜାତୀୟ ସଂଗ୍ରାମର ମହାରଥୀ

ପ୍ରସିଦ୍ଧ ସାହିତ୍ୟିକ

ପଣ୍ଡିତ ନୀଳକଣ୍ଠଙ୍କ ସ୍ୱର୍ଗତ ଆତ୍ମାପ୍ରତି

ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି

ଓଡ଼ିଶା କଂକ୍ରିଟ୍ ପ୍ରଡ଼କ୍ଟ୍ସ
ରସୁଲଗଡ଼, ଭୁବନେଶ୍ୱର – ୨୦

ISCONS

*BRIDGE BUILDERS TO THE NATION*

INDERSONS CONSTRUCTION (P) LTD,

Iscon House
88, Industrial Area
Bhubaneswar–751001

T.F.—50496/50522/53944
Gram—ISCO.NS
Telex : 0675/223 ICO .IN

Pa s great tribute to Pt. **NILAKANTHA DAS**
one of the creators of Orissa Province.

Digitized by PPRACHIN, SOA

## ଓଡ଼ିଶା ଜାତୀୟ ସାହିତ୍ୟ ଓ ଇତିହାସର ଅଧ୍ୟାୟ ଜାଣିବାକୁ ପଢ଼ନ୍ତୁ

# ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର ପ୍ରକାଶନୀ

୧- ଓଡ଼ିଶାର ୬୦ଜଣରୁ ଊର୍ଦ୍ଧ୍ୱ ଲବ୍ଧ ପ୍ରତିଷ୍ଠ ଜନନେତା ସାହିତ୍ୟିକ ମାନଙ୍କ ଲେଖନୀ ପ୍ରସୂତ –

### ନୀଳକଣ୍ଠ ସ୍ମାରକୀ (୨ୟ ସଂସ୍କରଣ)

ଦାମ — ସାଧା ସିଲେଇ ଟ ୨୦ ୦୦

ବୋର୍ଡ ବନ୍ଧେଇ ଟ ୨୫-୦୦

୨- ବିଂଶ ଶତାବ୍ଦୀର ପ୍ରାରମ୍ଭ ଓ ସତ୍ୟବାଦୀ ଯୁଗର ଓଡ଼ିଶାର ଗୌରବ-ମୟ କାହାଣୀ, ସତ୍ୟବାଦୀର ପ୍ରାକ୍ତନ ଛାତ୍ର ଅଧ୍ୟାପକ ଚିନ୍ତାମଣି ଦାଶଙ୍କ ରଚିତ —

### ମନୀଷୀ ନୀଳକଣ୍ଠ

ଦାମ୍ ସାଧା ସିଲେଇ ଟ ୩୦-୦୦

ବୋର୍ଡ ବନ୍ଧେଇ ଟ ୩୬-୦୦

୩- ବିଶ୍ୱ ଭାରତୀର ପ୍ରାଧ୍ୟାପକ, ନରେନ୍ଦ୍ର ନାଥ ମିଶ୍ରଙ୍କ ଲିଖିତ—

### ପଣ୍ଡିତ ନୀଳକଣ୍ଠ— ଜୀବନୀ ଓ କୃତି (ଯନ୍ତ୍ରସ୍ଥ)

୪- **PANDIT NILAKANTHA**

(ପ୍ରକାଶ ଅପେକ୍ଷାରେ)

*By Smt. Lila Ray*

୫- **କାବ୍ୟ କବିତାରେ ନୀଳକଣ୍ଠ**

ଉତ୍କଳ ବିଶ୍ୱ ବିଦ୍ୟାଳୟରେ ନୀଳକଣ୍ଠ ସାହିତ୍ୟିକ କୃତିର ଗବେଷଣା ମୂଳକ *Manograph*—

(ପ୍ରକାଶ ଅପେକ୍ଷାରେ)

ପ୍ରାପ୍ତିସ୍ଥାନ **ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି**

ଭୁବନେଶ୍ୱର ୧

ଓ

ଓଡ଼ିଶାର ବଡ଼ ବଡ଼ ବହି ଦୋକାନ

Digitized by PPRACHIN, SOA